Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ପ୍ରଥମ ଭାଗ

ଅନୁବାଦ ଓ ସଂପାଦନା:

ଡକ୍ଟର ଧନେଶ୍ୱର ମହାପାତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गुरुकुल कांगड़ी विश्वविद्यालय, हरिद्वार
पुस्तकालय (विज्ञान विभाग)

विषय संख्या
पुस्तक संख्या
आगत पंजिका संख्या
पुस्तक पर किसी प्रकार का निशान लगाना वर्जित है। कृपया १५ दिन से अधिक समय तक पुस्तक अपने पास न रखें।

गुरुकुल कांगड़ी विश्वविद्यालय
कृपया पुस्तक के ऊपर कोई निशान आदि न लगायें।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Gurukul Kangri Vishwavidyalaya Library

पुस्तकालय
गुरुकुल कांगड़ी विश्वविद्यालय
हरिद्वार

वर्ग संख्या   आ.सं. ....

पुस्तक-वितरण की तिथि नीचे अंकित है। इस तिथि सहित १५वें दिन तक यह पुस्तक पुस्तकालय में वापिस आ जानी चाहिए। अन्यथा ५ पैसे प्रतिदिन के हिसाब से विलम्ब-दण्ड लगेगा।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

3008

03008

କାଳିଦାସ ଗ୍ରନ୍ଥାବଳୀ

ପ୍ରଥମ ଭାଗ

ରଘୁବଂଶମ୍

Gurukul Kangri Vishwavidyalaya Library

ଅନୁବାଦ ଓ ସଂପାଦନା :
ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ର
ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ),
ପିଏଚ୍. ଡି. , ସାହିତ୍ୟାଚାର୍ଯ୍ୟ, ବି. ଇଡି. କୋବିଦ

ପ୍ରକାଶିକା
ଶ୍ରୀମତୀ ଜୀବନକୁମାରୀ ମହାପାତ୍ର
କଲ୍ୟାଣନଗର, କଟକ-୩

ଭାରତସରକାରଙ୍କ ଶିକ୍ଷା ଓ ସମାଜମଙ୍ଗଳ
ମନ୍ତ୍ରଣାଳୟ ପ୍ରଦତ୍ତ ଆର୍ଥିକ ସହାୟତାରେ ପ୍ରକାଶିତ ।।

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

KALIDASA GRANTHAVALI

PART-I

RAGHUVAMSHAM

Translator and Editor
Dr. Dhaneswar Mahapatra
M. A. (Oriya), M. A. (Sanskrit),
Ph. D., Sahityacharya, B. Ed., Kovid

Publisher
Srimati Jivan Kumari Mahapatra
Kalyan nagar, Cuttack-3
ORISSA
1981

Printed at :
Kalyan Press ,
Kalyan nagar, Cuttack-3
ORISSA

Price :— **Rupees Thirtysix only**

Published with the financial assistance
from the Ministry of Education and Social welfare,
Government of India.

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

03008

कालिदास ग्रन्थावली

प्रथमो भागः

स्टाक प्रमाणीकरण १९८४-१९

रघुवंशम्

अध्यापकेन डक्टरधनेश्वरमहापात्रेण
उत्कलीयभाषयानूदितं संपादितं च ।

भारतसर्वकाराणां शिक्षासमाज-
मङ्गलमन्त्रणालयतो लब्धेनार्थिकसाहाय्येन प्रकाशितम् ।

प्रकाशिका
श्रीमती जीवनकुमारी महापात्र
कल्याणनगर, कटक-३
ओडिशा

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୁସ୍ତକ ସଂ०.......
ଆଗତ ସଂ० ....
ତିଥି ....
ଗୁରୁକୁଲ କାଂଗଡ଼ୀ ବିଶ୍ୱବିଦ୍ୟାଳୟ

03008

ଭୂମିକା

ଭାରତର ଅମର ଗୌରବ, କବିକୁଳଚୂଡ଼ାମଣି କାଳିଦାସଙ୍କର ପ୍ରଶସ୍ତି ଗାନ କରିବା ବାହୁଲ୍ୟ ମାତ୍ର । ଚନ୍ଦ୍ର ସ୍ୱଭାବତଃ ଶୀତଳ, ସୂର୍ଯ୍ୟ ସ୍ୱଭାବତଃ ଦୀପ୍ତିମାନ୍ । ସେମାନଙ୍କର ସ୍ନିଗ୍ଧତା ଓ ଦୀପ୍ତିମତ୍ତାର ପ୍ରଶଂସା ନ କଲେ ସେମାନଙ୍କର ଯେ ଗୁଣ ହ୍ରାସ ପାଇଯିବ, ତାହା ନୁହେଁ । ସେହିପରି କାଳିଦାସ ନିଜ ଗୁଣରେ କବିକୁଳର ଗୁରୁ ; କେହି ତାଙ୍କର ପ୍ରଶଂସା-ଗାନ ନ କଲେ ତାଙ୍କର ମହତ୍ତ୍ୱ କ୍ଷୁଣ୍ଣ ହୋଇଯିବ, ଏ ସମ୍ଭାବନା ଆଦୌ ନାହିଁ ।

ତଥାପି ଅସଂଖ୍ୟ ଗୁଣ ମୁଗ୍ଧ ପାଠକ କାଳିଦାସଙ୍କର ପ୍ରଶଂସାଗାନରେ ମୁଖର ହୋଇ ଉଠିଛନ୍ତି । ସେ ଭାରତୀୟ ବୋଲି ଭାରତର ଜନଗଣ ତ ତାଙ୍କର ଭୂୟସୀ ପ୍ରଶଂସା କରିବାର କଥା, କିନ୍ତୁ ପୃଥିବୀର ବିଭିନ୍ନ ଦେଶର ପାଠକମାନେ ମଧ୍ୟ ତାଙ୍କର ମୂଳ ସଂସ୍କୃତ ରଚନା କିମ୍ବା ସେଗୁଡ଼ିକର ଅନୁବାଦ ପଢ଼ି ଏପରି ମୁଗ୍ଧ ହେଉଛନ୍ତି ଯେ ସେମାନଙ୍କ ହୃଦୟରୁ ସ୍ୱତଃ ପ୍ରଶସ୍ତିଗାନ ନିଃସୃତ ହେଉଛି ।

"ପୁଷ୍ପେଷୁ ମଲ୍ଲୀ ନଗରୀଷୁ ଦିଲ୍ଲୀ
କାବ୍ୟେଷୁ ମାଘଃ କବିକାଳିଦାସଃ ।"

ଯେଉଁମାନେ ଏ କଥା ପ୍ରକାଶ କରି ଆତ୍ମହରା ହୁଅନ୍ତି, ସେମାନଙ୍କ ମଧ୍ୟରୁ ହୁଏତ ଅନେକେ ଦିଲ୍ଲୀନଗରୀ ଦେଖି ନଥିବେ, ମଲ୍ଲୀ ଫୁଲର ପ୍ରକୃତ ସୌନ୍ଦର୍ଯ୍ୟସୁଗନ୍ଧାନୁଭୂତି ଲଭ କରିନଥିବେ, ମାଘଙ୍କର 'ଶିଶୁପାଳ ବଧ' କାବ୍ୟ ପଢ଼ି ନ ଥିବେ କି କାଳିଦାସଙ୍କ ଗୁଣାର୍ଣ୍ଣବର ବେଳାଭୂମି ସୁଦ୍ଧା ସ୍ପର୍ଶ କରିନଥିବେ । ତେବେ ଏ କଥା ପ୍ରକାଶ କରନ୍ତି କାହିଁକି ? ଈଶ୍ୱରଙ୍କୁ ନ ଚିହ୍ନି ଈଶ୍ୱରଙ୍କର ମହିମାଗାନ କରିବା ଯେପରି ସମ୍ଭବ, କାଳିଦାସଙ୍କ ରଚନା ସଂପର୍କରେ ନ ଆସି ମଧ୍ୟ ତାଙ୍କର ଗୁଣକୀର୍ତ୍ତନ କରିବା ସେହିପରି ସମ୍ଭବ ହୋଇଅଛି । ଏହାର କାରଣ, କାଳିଦାସ ଭାରତୀୟ ସଂସ୍କୃତିର ଅଙ୍ଗ ହୋଇ-ଯାଇଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅନେକ କବି ନିଜ ନିଜର ରଚନାକୁ ଅକ୍ଷୟ ରଖିବା ପାଇଁ କାଳିଦାସଙ୍କ ନାମରେ ସେଗୁଡ଼ିକୁ ଆରୋପ କରିଯାଇଛନ୍ତି । ଫଳରେ, କାଳିଦାସଙ୍କ ରଚନା ରୂପେ ବର୍ତ୍ତମାନ ବହୁଗ୍ରନ୍ଥ ମିଳୁଅଛି । ଯଥା—

ଅମ୍ବାସ୍ତବ, କଲ୍ୟାଣସ୍ତବ, କାଳୀସ୍ତୋତ୍ର, କାବ୍ୟନାଟକାଲଙ୍କାର, ଗଙ୍ଗାଷ୍ଟକ, ଘଟକର୍ପର, ଚଣ୍ଡିକାଦଣ୍ଡକ ସ୍ତୋତ୍ର, ଚମ୍ପୂ ଭଗବତ, ଚର୍ଚ୍ଚାସ୍ତବ, ଜ୍ୟୋତିର୍ବିଦାଭରଣ, ଦୁର୍ଘଟ କାବ୍ୟ, ନଳୋଦୟ, ନବରତ୍ନମାଳା, ପୁଷ୍ପ-ବାଣ ବିଳାସ, ମକରନ୍ଦ ସ୍ତବ, ମଙ୍ଗଳାଷ୍ଟକ, ମହାପଦ୍ୟଷ୍ଟକ, ରତ୍ନକୋଶ, ରାକ୍ଷସ କାବ୍ୟ, ଲକ୍ଷ୍ମୀସ୍ତବ, ଲଘୁସ୍ତବ, ଲମ୍ବୋଦର ପ୍ରହସନ, ବିଦ୍ୱଦ୍‌ବିନୋଦ-କାବ୍ୟ, ବୃନ୍ଦାବନ କାବ୍ୟ, ବୈଦ୍ୟମନୋରମା, ଶଙ୍କରବିଜୟ କାବ୍ୟ, ଶୁଦ୍ଧି ଚନ୍ଦ୍ରିକା, ଶୃଙ୍ଗାର ତିଳକ, ଶୃଙ୍ଗାର ରସାଷ୍ଟକ, ଶୃଙ୍ଗାର ସାର କାବ୍ୟ, ଶ୍ୟାମଳାଦଣ୍ଡକ, ଶ୍ରୁତବୋଧ, ସପ୍ତଶ୍ଳୋକୀରାମାୟଣ, ସେତୁବନ୍ଧ ଇତ୍ୟାଦି ।

ବିଦ୍ୱାନ୍‌ମାନଙ୍କର ମତ, ଏହି ସମସ୍ତ ଗ୍ରନ୍ଥ ପ୍ରକୃତ କାଳିଦାସଙ୍କର ରଚନା ନୁହେଁ । ପ୍ରକୃତ କାଳିଦାସଙ୍କର ରଚନା ରୂପେ ଚାରିଗୋଟି କାବ୍ୟ ଓ ତିନିଗୋଟି ନାଟକ ସ୍ୱୀକୃତ । କାବ୍ୟଗୁଡ଼ିକ ହେଉଛି— ରଘୁବଂଶ, କୁମାରସମ୍ଭବ, ମେଘଦୂତ ଓ ଋତୁସଂହାର । ନାଟକଗୁଡ଼ିକ ହେଉଛି— ଅଭିଜ୍ଞାନଶାକୁନ୍ତଳ, ମାଳବିକାଗ୍ନିମିତ୍ର ଓ ବିକ୍ରମୋର୍ବଶୀୟ ।

ଅନ୍ୟାନ୍ୟ କାଳିଦାସଙ୍କଠାରୁ ପ୍ରକୃତ କାଳିଦାସଙ୍କୁ ପୃଥକ୍ କରି ଚିହ୍ନାଇବା ପାଇଁ କେହି କେହି ପ୍ରକୃତ କାଳିଦାସଙ୍କୁ 'ଦୀପଶିଖା କାଳିଦାସ' ବୋଲି କହନ୍ତି । ଇନ୍ଦୁମତୀଙ୍କ ସ୍ୱୟମ୍ବର ପ୍ରସଙ୍ଗରେ କବି ବର୍ଣ୍ଣନା କରିଛନ୍ତି—

"ସଂଚାରିଣୀ ଦୀପଶିଖେବ ରାତ୍ରୌ ଯଂ ଯଂ ବ୍ୟତୀୟାୟ ପତିମ୍ବରା ସା ।
ନରେନ୍ଦ୍ରମାର୍ଗାଟ୍ଟ ଇବ ପ୍ରପେଦେ ବିବର୍ଣ୍ଣଭାବଂ ସ ସ ଭୂମିପାଳଃ ॥"
(ରଘୁବଂଶ ୬-୬୭)

(ରାଜମାର୍ଗରେ କେହି ପ୍ରଦୀପ ନେଇ ଗଲାବେଳେ ପ୍ରଦୀପ ଯେଉଁ ଯେଉଁ ସୌଧକୁ ଅତିକ୍ରମ କରେ, ସେହି ସେହି ସୌଧ ଅନ୍ଧକାରରେ ଆଚ୍ଛନ୍ନ ହୁଅନ୍ତି । ସେହିପରି ଇନ୍ଦୁମତୀ ଯେଉଁ ଯେଉଁ ରାଜାଙ୍କୁ ଅତିକ୍ରମ କରି-ଯାଉଥିଲେ, ସେହି ସେହି ରାଜା ବିବର୍ଣ୍ଣ ହୋଇ ଯାଉଥିଲେ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

୮୦୩୦୦୪

ଏହି ଉପମାଟି ଏପରି ହୃଦୟଗ୍ରାହୀ ଯେ, କାବ୍ୟାମୋଦୀ ପାଠକ-ମାନେ କାଳିଦାସଙ୍କୁ 'ଦୀପଶିଖା କାଳିଦାସ' ନାମରେ ଅଭିହିତ କରିଛନ୍ତି ।

କିନ୍ତୁ କାଳିଦାସଙ୍କର ଯଶୋଗରିମା ଯେତିକି ବିସ୍ତୃତ, ତାଙ୍କର ଜୀବନ-ଇତିହାସ ସେତିକି ଅନ୍ଧକାରଛନ୍ନ । ସେ କେଉଁଠାରେ କେବେ ଜନ୍ମ-ଗ୍ରହଣ କରିଥିଲେ, ତାହା ଏ ପର୍ଯ୍ୟନ୍ତ ନିର୍ଦ୍ଧାର୍ଯ୍ୟ ଭାବେ ନିଶ୍ଚିତ ହୋଇପାରି-ନାହିଁ । ଏହାର କାରଣ, କାଳିଦାସ ନିଜ ରଚନାମାନଙ୍କର କୌଣସି ସ୍ଥାନରେ ନିଜ ସମ୍ବନ୍ଧରେ କିଛି ଉଲ୍ଲେଖ କରିନାହାଁନ୍ତି । କାଳିଦାସଙ୍କ କୃତି ଉପରେ ବର୍ତ୍ତମାନ ଯେତେ ଗ୍ରନ୍ଥ ମିଳୁଛି, ସେ ସମସ୍ତ ଅଧ୍ୟୟନ କରି ପଣ୍ଡିତମାନେ ବିଭିନ୍ନ ସମୟର ଅନ୍ତତଃ ନଅଜଣ କାଳିଦାସଙ୍କ ନାମ ଆବିଷ୍କାର କରନ୍ତି । ଏହି ନଅଜଣ କାଳିଦାସଙ୍କ ମଧ୍ୟରେ ପ୍ରକୃତ କାଳିଦାସ କିଏ, ତାହା ନିର୍ଣ୍ଣୟ କରିବାକୁ ଯାଇ ସେମାନେ ପ୍ରଧାନତଃ ତିନିଟି ମତ ପୋଷଣ କରନ୍ତି । କେତେକ ପ୍ରକୃତ କାଳିଦାସଙ୍କୁ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀର, ଆଉ କେତେକ ଖ୍ରୀ. ଚତୁର୍ଥ ଶତାବ୍ଦୀର ଏବଂ ଅନ୍ୟମାନେ ଖ୍ରୀ. ଷଷ୍ଠ ଶତାବ୍ଦୀର ଲୋକ ବୋଲି କହନ୍ତି । ଏଠାରେ ସେ ସବୁ ଯୁକ୍ତିଜାଲରେ ପଶିବା ଅନାବଶ୍ୟକ । ବର୍ତ୍ତମାନ ଅଧିକାଂଶ ବିଦ୍ୱାନ୍ ପ୍ରକୃତ କାଳିଦାସଙ୍କର ଜୀବନକାଳ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀ ବୋଲି ଗ୍ରହଣ କରନ୍ତି ।

ଭାରତ-ଇତିହାସରୁ ବିଭିନ୍ନ କାଳର ଅନ୍ତତଃ ଚାରିଜଣ ରାଜା 'ବିକ୍ରମ' 'ବିକ୍ରମାର୍କ' ବା 'ବିକ୍ରମାଦିତ୍ୟ' ଉପାଧି ଧାରଣ କରିଥିବାର ଜଣାଯାଏ । ସେମାନଙ୍କ ମଧ୍ୟରୁ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀର ମାଳବରାଜ ବିକ୍ରମାଦିତ୍ୟ ମହାକବି କାଳିଦାସଙ୍କର ପୃଷ୍ଠପୋଷକ ଥିଲେ, ଏହା ବହୁ ମତରେ ସ୍ୱୀକୃତ । କାଳିଦାସ ଓ ତାଙ୍କର ପୃଷ୍ଠପୋଷକ ବିକ୍ରମାଦିତ୍ୟଙ୍କୁ କେନ୍ଦ୍ର କରି ପୁରପଲ୍ଲୀରେ ଅନେକ କାହାଣୀ ପ୍ରଚଳିତ ଅଛି । କେତେ ରହସ୍ୟ-କଥା କାଳିଦାସଙ୍କ କାହାଣୀ ରୂପେ ପ୍ରସାର ଲାଭ କରିଛି । କିମ୍ବଦନ୍ତୀ ଅନୁସାରେ କାଳିଦାସ ପ୍ରଥମେ ମୂର୍ଖ ଥିଲେ । କୌଶଳରେ ଏକ ବିଦୁଷୀ ରାଜକନ୍ୟାଙ୍କ ସହିତ ତାଙ୍କର ବିବାହ କରିଦିଆଗଲା । ପତ୍ନୀଙ୍କଠାରୁ ଅପମାନ ପାଇ ସେ ଦେବୀ ସରସ୍ୱତୀଙ୍କର ଆରାଧନା କଲେ ଏବଂ ଦେବୀଙ୍କ କୃପାରେ ଅତୁଳନୀୟ କବିତ୍ୱ ଶକ୍ତିର ଅଧିକାରୀ ହେଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାଳିଦାସଙ୍କ ଜନ୍ମସ୍ଥାନ ସମ୍ବନ୍ଧରେ ମଧ୍ୟ ଆଲୋଚକମାନେ ବିଭିନ୍ନ ମତ ପୋଷଣ କରନ୍ତି । କେତେକ ତାଙ୍କୁ ଉଜ୍ଜୟିନୀର, କେତେକ ଉତ୍କଳର, କେତେକ ବଙ୍ଗର, କେତେକ କାଶ୍ମୀରର ଲୋକ ବୋଲି କହନ୍ତି । ଏହିପରି, ଭାରତର ବିଭିନ୍ନ ଅଞ୍ଚଳର ଅଧିବାସୀମାନେ ତାଙ୍କୁ ନିଜ ନିଜ ଅଞ୍ଚଳର ଲୋକ ବୋଲି ପ୍ରତିପାଦନ କରନ୍ତି । ସେ ଯାହାହେଉ, କାଳିଦାସ ଆକୁମାରୀ ହିମାଚଳ ଭାରତବର୍ଷର ସର୍ବଶ୍ରେଷ୍ଠ ଜାତୀୟ କବି । ସମ୍ଭବତଃ ସେ ଥିଲେ ଚାରଣ କବି । ନିଜ ଗୃହରେ ବିଚରଣ କଲା ପରି ସେ ସମଗ୍ର ଭାରତବର୍ଷରେ ବିଚରଣ କରିଥିଲେ । ସମଗ୍ର ଭାରତ ବର୍ଷର ମାର୍ଗ, ବନ, ପର୍ବତ, ନଦନଦୀ, ନଗରନଗରୀ, ତୀର୍ଥସ୍ଥଳ ପ୍ରଭୃତି ସହିତ ତାଙ୍କର ଆତ୍ମିକ ପରିଚୟ ଥିଲା ଏବଂ ଜନଜୀବନ ସହିତ ଗଭୀର ସମ୍ପର୍କ ଥିଲା । ସମଗ୍ର ଭାରତର ଓ ଭାରତୀୟତାର ଚିତ୍ର ତାଙ୍କ କାବ୍ୟ କବିତାରେ ଅଙ୍କିତ ହୋଇ-ଅଛି । 'କାଳିଦାସ' ତାଙ୍କର ଉପାଧି ଥିଲା କି ପ୍ରକୃତ ନାମ ଥିଲା, କହି ହେବନାହିଁ । କେବଳ ଏତିକି ଦୃଢ଼ତାର ସହିତ କହିହେବ ଯେ, କାଳିଦାସ ହେଉଛନ୍ତି ଆକୁମାରୀହିମାଚଳ ଭାରତବର୍ଷର, ଅଖଣ୍ଡ ଭାରତ-ବର୍ଷର ଶାଶ୍ୱତ ବାର୍ତ୍ତାବହ, ଦେଶକାଳାତୀତ ଅମର କବି ।

କାଳିଦାସ ଶୈବ ଥିଲେ, ଏହା ଅନୁମାନ କରାଯାଇ ପାରେ । କାରଣ, କାବ୍ୟ ଆରମ୍ଭ କରିବାକୁ ଯାଇ ସେ ଯେଉଁଠାରେ ଦେବସ୍ତୁତି-ମଙ୍ଗଳାଚରଣ କରିଛନ୍ତି, ସେଠାରେ ଶିବ ବା ଶିବପାର୍ବତୀଙ୍କର ବନ୍ଦନା କରିଛନ୍ତି । ଏତଦ୍‌ବ୍ୟତୀତ ସେ ଶିବପାର୍ବତୀଙ୍କର ଚରିତ ବର୍ଣ୍ଣନା କରି ଏକ ସ୍ୱତନ୍ତ୍ର କାବ୍ୟ (କୁମାରସମ୍ଭବ) ରଚନା କରିଛନ୍ତି । ଅନ୍ୟାନ୍ୟ ଦେବ-ଦେବୀଙ୍କ ପ୍ରତି ମଧ୍ୟ କାଳିଦାସଙ୍କର ଗଭୀର ଭକ୍ତି ଥିଲା, ଏହା ତାଙ୍କର ରଚନାବଳୀରୁ ସୁସ୍ପଷ୍ଟ ।

କାଳିଦାସଙ୍କର ସମୟ ଥିଲା ମହାମନା, ମହନୀୟଯଶା, ପ୍ରଜା-ପାଳନୈକବ୍ରତ, ନରପତିମାନଙ୍କ ଶାସନର ସମୟ । ସେମାନଙ୍କ ଶାସନରେ ଏ ଦେଶରେ କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା, ସାହିତ୍ୟ, ସଙ୍ଗୀତ ପ୍ରଭୃତି ସମସ୍ତ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ସାଧିତ ହୋଇଥିଲା । ଦେଶ ବହିଃଶତ୍ରୁ-ମାନଙ୍କ ଆକ୍ରମଣରୁ ମୁକ୍ତ ଥିଲା । ରଘୁବଂଶର ମହାରଜା ରଘୁ ଦିଗ୍‌ବିଜୟରେ ବାହାରି ସମଗ୍ର ଭାରତ ବର୍ଷକୁ ଏକ ଶାସନାଧୀନ କରିବା ସଙ୍ଗେ ସଙ୍ଗେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

୦୩୦୦୪

ପାରସୀକ, କାମ୍ବୋଜ, ହୂଣ, ପ୍ରଭୃତି ବୈଦେଶିକ ଜାତିମାନଙ୍କର ଗର୍ବ ଖର୍ବ କରିଥିଲେ । ଏହା ସମ୍ଭବତଃ କାଳିଦାସଙ୍କ ପୃଷ୍ଠପୋଷକ ମାଳବ-ସମ୍ରାଟ୍ ବିକ୍ରମାଦିତ୍ୟଙ୍କ ପରାକ୍ରମର ପ୍ରତିଛବି । କାଳିଦାସଙ୍କ ରଚନାବଳୀରେ ଯେଉଁ ସୁନ୍ଦର ସାମାଜିକ ଚିତ୍ର ଦେଖିବାକୁ ମିଳେ, ତାହା ତତ୍କାଳୀନ ସ୍ୱଚ୍ଛନ୍ଦ ଜନଜୀବନର ନିଦର୍ଶନ । ରାଜାମାନେ ପ୍ରଜାମାନଙ୍କ ମଧ୍ୟରେ ଉନ୍ନତ ମାନବିକ ମୂଲ୍ୟବୋଧ ଓ ନିର୍ଦ୍ଦିଷ୍ଟ ଜୀବନଯାପନ ପଦ୍ଧତି ଅକ୍ଷୁଣ୍ଣ ରଖୁଥିଲେ । ବିଦ୍ୱାନ, ଜ୍ଞାନୀ ତଥା ସଦାଚାରୀ ବ୍ୟକ୍ତିମାନଙ୍କ ନିକଟରେ ସେମାନେ ନତ-ମସ୍ତକ ହେଉଥିଲେ । ସେମାନେ ନିଜେ ଥିଲେ ବିଚାରବାନ୍ ଓ ଆଚାରବାନ୍, ତେଣୁ ପ୍ରଜାମାନଙ୍କୁ ବିଚାର ଓ ଆଚାରରେ ଚଳାଇ ସେମାନଙ୍କର କଲ୍ୟାଣ ସାଧନ କରିପାରୁଥିଲେ ।

କାଳିଦାସଙ୍କ କବିତାର ବୈଶିଷ୍ଟ୍ୟ କଅଣ ? କାହିଁକି ତାଙ୍କର ରଚନାବଳୀ ଶତାବ୍ଦୀ ଶତାବ୍ଦୀ ଧରି ନିତ୍ୟନୂତନଭାବେ ଆସ୍ୱାଦିତ ହୋଇ-ଆସୁଅଛି ? ଏହାର ଉତ୍ତର ହେଉଛି—କାଳିଦାସଂକ କବିତା ଜୀବନର କବିତା, ହୃଦୟର କବିତା, ମାନବିକ ମୂଲ୍ୟବୋଧର କବିତା । ଅନ୍ୟାନ୍ୟ ସଂସ୍କୃତ କାବ୍ୟକବିତାରେ ଯେପରି କୃତ୍ରିମତା, ବାଗାଡ଼ମ୍ବର, ଅଳଂକାରର ଦୁର୍ଭର ବିନ୍ୟାସ, ପୁନରୁକ୍ତି, କ୍ଲିଷ୍ଟତା, ଘଟନାର ମନ୍ଥରଗତା, ବର୍ଣ୍ଣନାର ବହୁଳତା ପ୍ରଭୃତି ଦେଖାଯାଏ, କାଳିଦାସଙ୍କ ରଚନାରେ ତାହା ନାହିଁ । ନିର୍ଝରିଣୀ ପରି ତାଂକର କବିତା ସ୍ୱଚ୍ଛନ୍ଦ, ସାବଲୀଳ ଗତିରେ ପ୍ରବାହିତା ।

ଉପମା ଅଳଂକାରର ମଞ୍ଜୁଳ ପ୍ରୟୋଗ କାଳିଦାସଙ୍କ କବିତାକୁ ଅତ୍ୟନ୍ତ ଆସ୍ୱାଦ୍ୟ କରିଛି । ସେଇଥିପାଇଁ ' ଉପମା କାଳିଦାସସ୍ୟ ' ଉକ୍ତି କାବ୍ୟାମୋଦୀମାନଂକ ଠାରେ ସୁପରିଚିତ । ତୁଳନାମୂଳକ ଉଦାହରଣ ଦ୍ୱାରା ବକ୍ତବ୍ୟ ସୁନ୍ଦର ତଥା ପ୍ରଭାବଯୁକ୍ତ ହୁଏ । କାଳିଦାସ ଏହି ପଦ୍ଧତି ଗ୍ରହଣ କରିଛନ୍ତି । କିନ୍ତୁ ଏଥିରେ ତାଂକର ଛଳନା ନାହିଁ କି କୃତ୍ରିମ କଳ୍ପନା ନାହିଁ । ତାଂକର ଉପମାନଂକରେ ସମାଜ-ରାଜନୀତି-ଅର୍ଥନୀତି-ଭୂଗୋଳ-ଇତିହାସ-ପୁରାଣ-ଦର୍ଶନ-ମନସ୍ତତ୍ତ୍ୱ ଆଦି ବିଭିନ୍ନ କ୍ଷେତ୍ରରୁ ରୂପକଳ୍ପମାନ ଗ୍ରହଣ କରାଯାଇଛି । ଉପମାର ଶେଷ ହୁଏ ନାହିଁ କି ପାଠକର ଅବସାଦ ଆସେ ନାହିଁ । କଳକଳନାଦିନୀ ତଟିନୀର ତରଙ୍ଗମାଳା ପରି ଗୋଟିକ ପରେ ଗୋଟିଏ ଉପମା ପାଠକପ୍ରାଣରେ ଆନନ୍ଦଲହରୀ ଖେଳାଇ ଚାଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜୀବନର ପ୍ରକୃତି ଚିତ୍ରଣରେ କାଳିଦାସ ଥିଲେ ସିଦ୍ଧହସ୍ତ । ସେ ଦୁଷ୍ୟନ୍ତ, ଶକୁନ୍ତଳା, ଦିଲୀପ, ରଘୁ, ଅଜ, ରାମଚନ୍ଦ୍ର, ଶିବ, ଉମା, ପ୍ରଭୃତି ଚରିତ୍ରମାନଙ୍କୁ ପୁରାଣ ବା ଇତିହାସରୁ ଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କୁ ଏଇ ଧରାତଳର ରଙ୍ଗରେ ରଞ୍ଜିତ କରିଛନ୍ତି ; ସେ ସେମାନଙ୍କୁ ଆଦର୍ଶ ସ୍ତରରେ ରଖିଛନ୍ତି, କିନ୍ତୁ ଅତିମାନବ ସ୍ତରକୁ ନେଇ ନାହାଁନ୍ତି । ବହିଃ ପ୍ରକୃତି ଚିତ୍ରଣରେ କାଳିଦାସ ତ ଅପ୍ରତିଦ୍ୱନ୍ଦ୍ୱୀ । 'କୁମାରସମ୍ଭବ' ରେ ନଗାଧିରାଜ ହିମାଳୟର ବର୍ଣ୍ଣନା, 'ରଘୁବଂଶ'ରେ ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟର ବର୍ଣ୍ଣନା ଏବଂ 'ମେଘଦୂତ'ରେ ଭାରତର ନଦନଦୀ, ନଗରନଗରୀ, ଗିରିବନ ପ୍ରଭୃତିର ବର୍ଣ୍ଣନା ତାଂକର ପ୍ରକୃତି-ପ୍ରିୟତାର ଗୋଟିଏ ଗୋଟିଏ ଉତ୍କୃଷ୍ଟ ନିଦର୍ଶନ । ବହିଃପ୍ରକୃତି ଅନ୍ତଃପ୍ରକୃତିର ସଙ୍ଗିନୀ କାଳିଦାସ ଏହା ଉପଲବ୍ଧି କରିଥିଲେ । ତେଣୁ ସେ ଅନ୍ତଃପ୍ରକୃତିର ଚିତ୍ରଣ ସ୍ଥଳରେ ବହିଃ-ପ୍ରକୃତିର ଉପଯୋଗ କରିଛନ୍ତି ।

କାଳିଦାସଂକ କବିତାର ଭାଷା ସତେ ଯେପରି ଅମୃତରେ ସିକ୍ତ, ଜ୍ୟୋତ୍ସ୍ନାରେ ବିଧୌତ, ଆଉ ମାଧୁର୍ଯ୍ୟରେ ରସାଣିତ ! ଅଳ୍ପ, ସରଳ, କମନୀୟ ଭାଷାରେ ସେ ବିପୁଳ ଭାବ ପ୍ରକାଶ କରି ଯାଇଛନ୍ତି । ତାଂକର ପଦ ଯୋଜନାରେ କୌଣସିଟି ପଦ ନିରର୍ଥକ ନୁହେଁ ; ବରଂ ଗଭୀର 'ଧ୍ୱନି'ର ଦ୍ୟୋତକ । ତାଂକର ରଚନା 'ଧ୍ୱନି' କାବ୍ୟର ଉତ୍କୃଷ୍ଟ ଉଦାହରଣ ।

'ରଘୁବଂଶ' କାଳିଦାସଂକର ଶ୍ରେଷ୍ଠ କାବ୍ୟ । ଏଥିରେ ରଘୁ-ବଂଶର ପୁଣ୍ୟଶ୍ଳୋକ ନରପତିମାନଂକର ଚରିତ ବର୍ଣ୍ଣନା କରାଯାଇଛି । ଏହି କାବ୍ୟରଚନାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସମାଜର କଲ୍ୟାଣସାଧନ । କାଳିଦାସ ଥିଲେ ଭାରତୀୟ ଆର୍ଯ୍ୟସଂସ୍କୃତିର ମୁଗ୍ଧ ପୃଷ୍ଠପୋଷକ । ଯେଉଁ-ମାନେ ସାହିତ୍ୟରୁ ଭାରତୀୟ ଆର୍ଯ୍ୟ ସଂସ୍କୃତିର ସ୍ୱରୂପ ଜାଣିବାକୁ ଚାହାଁନ୍ତି, ସେମାନେ କାଳିଦାସଂକର ରଘୁବଂଶ କାବ୍ୟଟି ପାଠ କଲେ ତାହାର ଏକ ମନୋଜ୍ଞ ଚିତ୍ର ପାଇପାରିବେ ।

ରଘୁବଂଶ ଚରିତ୍ରମାନଂକର ଏକ ଚାରୁ ଚିତ୍ରଶାଳା । ଦିଲୀପଂକ-ଠାରୁ ଆରମ୍ଭ କରି ଅଗ୍ନିବର୍ଣ୍ଣଂକ ପର୍ଯ୍ୟନ୍ତ ଚରିତ୍ରଗୁଡ଼ିକ ଗୋଟିଏ ପୁଷ୍ପ-ମାଳାରେ ପୁଷ୍ପଗୁଡ଼ିକ ପରି ସଂଯୋଜିତ ହୋଇଛନ୍ତି । ଦିଲୀପ, ରଘୁ, ଅଜ, ଦଶରଥ, ରାମଚନ୍ଦ୍ର, କୁଶ, ଅତିଥି, ଅତିଥିଂକ ପରେ କେତେକ ଅନାମଧେୟ ବଂଶଧର ଏବଂ ଶେଷରେ ଅଗ୍ନିବର୍ଣ୍ଣ, ଏହିପରି କ୍ରମିକଭାବରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

୦୩୦୦୪

ରଘୁବଂଶର ନରପତିମାନଙ୍କର ଜୀବନବୃତ୍ତାନ୍ତ ବର୍ଣ୍ଣନା କରାଯାଇଛି । କିନ୍ତୁ କାବ୍ୟଟି କେବଳ ବୃତ୍ତାନ୍ତ ବା ଘଟଣାର ସମାବେଶ ନୁହେଁ ; ଏହା କାବ୍ୟ-କଳାର ସୌରଭରେ ପରିପୂର୍ଣ୍ଣ । ରାଜାମାନଙ୍କ ଜୀବନର ଗୋଟିଏ ଗୋଟିଏ ବିଶିଷ୍ଟ ଘଟଣାକୁ କବି ଅତ୍ୟନ୍ତ ନିପୁଣତାର ସହିତ ଅଙ୍କନ କରିଛନ୍ତି । କେତେକ ଚରିତ୍ର ପ୍ରତି ତାଙ୍କର ଅଧିକ ଅନୁରାଗ ପ୍ରକାଶ ପାଇଛି । ଆଉ କେତେକକୁ ସେ ଛାୟାଚିତ୍ର ପରି ଉପସ୍ଥାପିତ କରି ସଙ୍ଗେ ସଙ୍ଗେ ଅନ୍ତରାଳକୁ ଘେନି ଯାଇଛନ୍ତି ।

Gurukul Kangri Vishwavidyalaya Library

ରଘୁବଂଶର ପ୍ରତ୍ୟେକଟି ଚରିତ୍ର ମାନବୀୟ । ଏଥିରେ ସନ୍ତାନ-କାମୀ ଦିଲୀପଙ୍କର ତପଃପୂତ ଗୋସେବା, ଦାନବୀର ରଘୁଙ୍କର ସର୍ବସ୍ୱଦାନ, ପିତୃଭକ୍ତ ରାମଚନ୍ଦ୍ରଙ୍କର ସ୍ୱାର୍ଥତ୍ୟାଗ, ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ, ନିରପରାଧା ସୀତାଙ୍କର ଲାଞ୍ଛନାଯାତନା ମଧ୍ୟରେ ବି ସ୍ୱାମୀଙ୍କ ପ୍ରତି ଏକନିଷ୍ଠ ଭକ୍ତି ପ୍ରଭୃତି ଅନେକ ଗୁଣ ଯେପରି ପ୍ରକାଶ ପାଇଛି, ସେହିପରି ପତ୍ନୀ-ବିୟୋଗରେ ଅଜଙ୍କର ଅଧୀରତା, ଦଶରଥଙ୍କର ମୃଗୟାସକ୍ତି ଓ ଅଗ୍ନି-ବର୍ଣ୍ଣଙ୍କର କାମୁକତା ପ୍ରଭୃତି ଦୁର୍ବଳ ପ୍ରବୃତ୍ତି ମଧ୍ୟ ସ୍ଥାନ ପାଇଛି । ପ୍ରିୟତମା ପତ୍ନୀ ଇନ୍ଦୁମତୀଙ୍କ ମୃତ୍ୟୁରେ ଅଜ କାନ୍ଦି କାନ୍ଦି ମ୍ରିୟମାଣ ହୋଇପଡ଼ିଛନ୍ତି, ବ୍ରହ୍ମର୍ଷି ବଶିଷ୍ଠଙ୍କ ତତ୍ତ୍ୱ ଉପଦେଶ ତାଙ୍କର ଏକ କର୍ଣ୍ଣରେ ପ୍ରବେଶ କରି ଅନ୍ୟ କର୍ଣ୍ଣରେ ଚାଲିଯାଇଛି ଏବଂ ଶେଷରେ ସେ ଅନ୍ନଜଳ ଛାଡ଼ିଦେଇ ମୃତ୍ୟୁ ବରଣ କରିଛନ୍ତି, ଏହାଠାରୁ ବଳି ମାନବୀୟ ମୋହ ପ୍ରବୃତ୍ତିର ଆଉ ଅଧିକ ଯଥାର୍ଥ ଚିତ୍ରଣ କଅଣ ହୋଇପାରେ ?

ଶୁଣାଯାଏ, ରଘୁବଂଶ ମହାକାବ୍ୟ ପଚିଶିସର୍ଗବିଶିଷ୍ଟ ଥିଲା ; ବର୍ତ୍ତମାନ ୧୯ ସର୍ଗ ମିଳୁଅଛି ; ଅବଶିଷ୍ଟ ଛଅଟି ସର୍ଗ କାଳକ୍ରମେ ଲୁପ୍ତ ହୋଇଯାଇଛି । ମାତ୍ର ଏହା ସତ୍ୟ ମନେହୁଏ ନାହିଁ । ପ୍ରସିଦ୍ଧ ଟୀକାକାର ମଲ୍ଲୀନାଥ ଓ ତାଙ୍କ ପୂର୍ବବର୍ତ୍ତୀ ଟୀକାକାର ବଲ୍ଲଭଦେବ ମଧ୍ୟ ରଘୁବଂଶର ୧୯ ସର୍ଗର ଟୀକା କରିଛନ୍ତି । ରଘୁବଂଶର ଅଯୋଗ୍ୟ ବଂଶଧର କାମୁକ ଅଗ୍ନିବର୍ଣ୍ଣ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଲେ ଏବଂ ତାଙ୍କର ଗର୍ଭବତୀ ପତ୍ନୀ ରାଜ୍ୟ ପରିଚାଳନାର ଭାର ଗ୍ରହଣ କଲେ, ଏହିଠାରେ କାବ୍ୟର ପରିସମାପ୍ତି ହୋଇଅଛି । ଏପରି ସମାପ୍ତିରେ ମହାକବିଙ୍କର ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଅଛି ବୋଲି ମନେହୁଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେଉଁ ପବିତ୍ର ରାଜବଂଶରେ ଦିଲୀପ, ରଘୁ, ରାମଚନ୍ଦ୍ର ଆଦି ମହାମନା ନରପତିଗଣ ଜନ୍ମଗ୍ରହଣ କରିଥିଲେ, ସେହି ବଂଶରେ କାମୁକ ଅଗ୍ନିବର୍ଣ୍ଣଙ୍କର ଉତ୍ପତ୍ତି ହେଲା ! ତାଙ୍କ ପରେ ଉକ୍ତ ମହାନ୍ ରାଜବଂଶର ଅବସ୍ଥା କଅଣ ହୋଇଥିବ, ତାହା ପାଠକମାନେ ଅନୁମାନ କରନ୍ତୁ ଏବଂ କାଳର କୁଟିଳ ଗତି ହୃଦୟଙ୍ଗମ କରନ୍ତୁ—ଏହା ସମ୍ଭବତଃ ମହାକବିଙ୍କର ଅଭିପ୍ରାୟ ଥିଲା ।

କାଳିଦାସ କବିକୁଳଚୂଡ଼ାମଣି । ସେ ସତ୍ୟ, ଶିବ, ସୁନ୍ଦରର କବି । ତାଙ୍କ ରଚନାବଳୀରେ ଯେଉଁ ଚିରନ୍ତନ ଉପାଦାନମାନ ନିହିତ ଅଛି, ତାହା ତାଙ୍କୁ ଚିରଦିନ ଅମର କରି ରଖିବ । ସେହି ଉପାଦାନ ଗ୍ରହଣ କରି କେବଳ ଭାରତର ନୁହେଁ, ସମଗ୍ର ପୃଥିବୀର ମାନବସମାଜ ଯଥାର୍ଥ ଜୀବନର ସନ୍ଧାନ ପାଉଥିବେ ।

ଭଗବାନଙ୍କ ଅପାର କରୁଣାରୁ ମୋ ପରି କ୍ଷୁଦ୍ରାତିକ୍ଷୁଦ୍ର ବ୍ୟକ୍ତି ମହାକବି କାଳିଦାସଙ୍କ ରଚନାବଳୀ ଓଡ଼ିଆରେ ପ୍ରକାଶ କରିବାକୁ ପ୍ରବୃତ୍ତ ହୋଇଅଛି । ଏହି ଗ୍ରନ୍ଥରେ ବାମ ପୃଷ୍ଠାଗୁଡ଼ିକରେ ମୂଳପାଠ ନାଗରୀ ଓ ଓଡ଼ିଆ ଲିପିରେ ରଖାଯାଇଛି ଏବଂ ଡାହାଣ ପୃଷ୍ଠାଗୁଡ଼ିକରେ ଓଡ଼ିଆ ଅନୁବାଦ ଦିଆଯାଇଛି । ଯେଉଁମାନେ କେବଳ ଓଡ଼ିଆ ଅନୁବାଦ ପଢ଼ିବାକୁ ଚାହିଁବେ, ସେମାନେ ଡାହାଣ ପୃଷ୍ଠାଗୁଡ଼ିକରେ ଧାରାବଦ୍ଧ ଭାବରେ ତାହା ପଢ଼ିବାର ସୁବିଧା ପାଇବେ । ଯେଉଁମାନେ ମୂଳପାଠ ପଢ଼ିବାକୁ ଚାହିଁବେ, ସେମାନେ ନାଗରୀ ଲିପି ଜାଣିଥିଲେ ନାଗରୀ ଲିପିରେ ପଢ଼ିବେ, ନହେଲେ ଓଡ଼ିଆ ଲିପିରେ ପଢ଼ିବେ । ପ୍ରକୃତରେ, ସଂସ୍କୃତ ଜାଣିବାକୁ ଆଗ୍ରହ ବୋଧ କରୁଥିବା ବ୍ୟକ୍ତି ନାଗରୀ ଲିପି ଜାଣିବା ନିତାନ୍ତ ଦରକାର । ଆମର ରାଷ୍ଟ୍ରଭାଷାର ଲିପି ମଧ୍ୟ ନାଗରୀ । ତେଣୁ ସଂସ୍କୃତ ସାହିତ୍ୟ ମାଧ୍ୟମରେ, ଅନ୍ତତଃ ମହାକବି କାଳିଦାସଂକ ରଚନା ମାଧ୍ୟମରେ ଓଡ଼ିଆ ପାଠକପାଠିକାମାନେ ନାଗରୀ ଲିପି ସହିତ ପରିଚିତ ହୁଅନ୍ତୁ, ଏହି ଉଦ୍ଦେଶ୍ୟରେ ହିଁ ମୂଳପାଠକୁ ଉଭୟ ଲିପିରେ ରଖିବା ପାଇଁ ମୁଁ ଉତ୍ସାହ ଅନୁଭବ କଲି । ଏହି ଉଦ୍ୟମ ନଗଣ୍ୟ ହେଲେ ମଧ୍ୟ ଭାରତବର୍ଷର ଐକ୍ୟ ଓ ସଂହତିକୁ ଦୃଢ଼ କରିବା ଦିଗରେ ସହାୟକ ହେବ କି ନାହିଁ, ସଜ୍ଜନମାନେ ହିଁ ଅବଧାରଣା କରିବେ । ମୂଳପାଠ ବୁଝିବା ସହଜ ହେବା ଉଦ୍ଦେଶ୍ୟରେ ଗ୍ରନ୍ଥର ଶେଷରେ ଶବ୍ଦାର୍ଥ ସୂଚୀ ମଧ୍ୟ ଦିଆଯାଇଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ପୁସ୍ତକର ପ୍ରକାଶନରେ ମୋର ପୁତ୍ରକଳ୍ପ ଛାତ୍ର ଶ୍ରୀମାନ୍ ସମରବଲ୍ଲଭ ମହାପାତ୍ର, ଆଇ. ଏ. ଏସ୍. ଏବଂ ମୋର ପରମସୁହୃଦ୍ ବନ୍ଧୁମାନେ—– ପଣ୍ଡିତ ଶ୍ରୀ ନୀଳମଣି ମିଶ୍ର, ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ, ଗଭର୍ଣ୍ଣମେଣ୍ଟ ପ୍ରେସ୍‌ର ଡାଇରେକ୍ଟର ଶ୍ରୀ ଦେବକୁମାର ରାଉତ, ସହକାରୀ ଡାଇରେକ୍ଟର ଶ୍ରୀ ଧନେଶ୍ୱର ଶତପଥୀ, ବାଣୀବିହାର ସଂସ୍କୃତ ବିଭାଗ ପ୍ରଫେସର ଡକ୍ଟର ଅନାମ ଚରଣ ସ୍ୱାଇଁ ଏବଂ ଅଧ୍ୟାପକ ଡ: ଅଲେଖଚନ୍ଦ୍ର ଷଡ଼ଙ୍ଗୀ ମୋତେ ଅକୃତ୍ରିମ ଉତ୍ସାହ, ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରିଛନ୍ତି । ଆୟୁଷ୍ମାନ୍ ସମରବଲ୍ଲଭଙ୍କୁ ମୁଁ ମୋର ଅନ୍ତରର ଆଶୀର୍ବାଦ ପ୍ରଦାନ କରୁଛି ଏବଂ ସୁହୃଦ୍ ବନ୍ଧୁମାନଙ୍କୁ ଅନ୍ତରର କୃତଜ୍ଞତା ଜଣାଉଛି ।

ଭାରତ ସରକାରଙ୍କ ଶିକ୍ଷା ଓ ସମାଜମଙ୍ଗଳ ବିଭାଗ ଏହି ଗ୍ରନ୍ଥଟିର ପ୍ରକାଶନ ଦିଗରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତେଣୁ ମୁଁ ଭାରତ-ସରକାରଙ୍କ ନିକଟରେ ବିନମ୍ର ଭାବରେ କୃତଜ୍ଞତା ଜ୍ଞାପନ କରୁଛି ।

ବିନୀତ

ଧନେଶ୍ୱର ମହାପାତ୍ର

ରେଭେନ୍‌ସା କଲେଜ
ତା ୮ । ୧୦ । ୮୧
ଦ ଶ ହ ରା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भूमिका

अनावश्यकमेवैतद् यन्महाकविकालिदासस्य प्रशस्तिप्रख्यापनम् । स्वभावाच्चन्द्रमाः स्निग्धांशुः सूर्यो दीप्तांशुश्च । तयोः स्निग्धताया दीप्तताया‌श्च प्रशंसा न क्रियेत चेत्तयो स्तत्तद्गुणह्रासो भवेदिति न । तथैव स्वगुणैर्यशःशिखरमारूढस्य कविकुलगुरोः कालिदासस्य केनाप्यप्रशंसितस्यापि न यशोह्रासो भविष्यति ।

तदप्यसंख्याः गुणमुग्धाः पाठकाः कालिदासस्य प्रशस्तिगाने शतमुखा भवन्ति । स भारतीय इति भारतीयानां तावत्तस्य गुणगानं स्वतःसिद्धमेव, पृथिव्या मन्यदेशीयैः पाठकैरपि तस्य मूलग्रन्थान् तदनुवादान् वा पठद्भि र्विमुग्धहृदयैस्तस्य प्रशस्तिर्गीयते ।

"पुष्पेषु मल्ली नगरीषु दिल्ली
काव्येषु माघः कविकालिदासः ॥"

इत्युक्तिं सोल्लासं वदत्सु जनेषु नूनं कतिपयै र्दिल्लीनगरी न दृष्टा, मल्लीपुष्पस्य सौन्दर्य्यसुगन्धानुभूति र्यथार्थतो न लब्धा, माघकवेः शिशुपालवधं काव्यं नाधीतम्, न कालिदासस्य गुणार्णववेलाऽपि स्पृष्टा । तत् कथं तैरियमुक्तिः सूक्तिरिवोद्गीयते ? भगवन्तं न जानन्तोऽपि जना यथा भगवतो महिमानं गायन्ति , तथा कालिदासस्य काव्यमनधीयाना अपि तस्य प्रशस्तिं कीर्त्तयन्ति । एतत्तावत् संभवति यतः कालिदासो भारतीयसंस्कृतेरङ्गतां गतः ।

बहुभिः कविभिः स्वग्रन्थानामक्षयत्व मभिलषितवद्भिस्तेषु कालिदासप्रणेतृत्व मारोपितम् । ततः कालिदासेन रचिता इति बहवो ग्रन्थाः संप्रत्युपलभ्यन्ते । तद् यथा—

अम्बास्तव- कल्याणस्तव-कालीस्तोत्र-काव्यनाटकालङ्कार-गङ्गाष्टक-चण्डिकादण्डकस्तोत्र - चम्पूभागवत - चर्चास्तव - ज्योतिर्विदाभरण-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दुर्घटकाव्य–नलोदय, नवरत्नमाला–पुष्पवाणविलास - मकरन्दस्तव-मङ्गलाष्टक - महापद्यषट्क - रत्नकोश - राक्षसकाव्य - लक्ष्मीस्तव-लघुस्तव - लम्बोदरप्रहसन - विद्वद्विनोदकाव्य - वृन्दावनकाव्य-वैद्यमनोरमा- शङ्करविजयकाव्य- शुद्धिचन्द्रिका- शृङ्गारतिलक-शृङ्गार-रसाष्टक-शृङ्गारसारकाव्य-श्यामलादण्डक-श्रुतवोध-सेतुबन्धादयः ।

एते सर्वे ग्रन्था न प्रकृतेन कालिदासेन रचिताः, प्रकृतस्य कालिदासस्य सप्तैव कृतय इत्यनेकेषां विदुषां मतम् । काव्यानि चत्वारि — रघुवंशम् , कुमारसम्भवम्, मेघदूतम्, ऋतुसंहारश्च । नाटकानि त्रीणि—अभिज्ञानशाकुन्तलम्, विक्रमोर्वशीयम्, मालविकाग्निमित्रम् च ।

कालिदासस्य यशोराशिर्यावान् विस्तृतस्तस्य जीवनेतिहासस्तावानन्धकाराच्छन्नः । स कुत्र कदा वाऽजायतेति न तावदद्यावध्यभ्रान्ततया निर्णीतम् । यतः कालिदासेन स्वरचनासु कुत्रापि स्वचरितं किमपि नोल्लिखितम् । कालिदासस्य रचयितृत्वे यावन्तो ग्रन्थाः लभ्यन्ते, तानधीत्य विद्वांसः पृथक्कालीनान् नव कालिदासानाविष्कुर्वन्ति । एषु नवसु यस्तावत् प्रकृतः कालिदासस्तं निर्णेतुं प्रवृत्तास्ते मुख्यतया त्रीणि मतानि पोषयन्ति । केचित्तं खीष्टपूर्वप्रथमशताब्दीयः केचित्तु खीष्टचतुर्थशताब्दीयः अपरे च खीष्टषष्ठशताब्दीय इति कथयन्ति । अत्र तेषां युक्तिजालानां विजृम्भणमनावश्यकम् । खीष्टपूर्वप्रथमशताब्द्येव कालिदासस्य जन्मकाल इत्येतन्मतं संप्रति बहुभिर्विद्वद्भिर्गृह्यते ।

इतिहासाद् ज्ञायते भारतवर्षे विभिन्नकालेषु विक्रमो विक्रमार्को विक्रमादित्यो वेतिनामधारिणो चत्वारो राजान आसन् । तेषु खीष्टपूर्वप्रथमशताब्दीयो मालवराजो विक्रमादित्य एव महाकविकालिदासस्याश्रय आसीदिति विदुषां मताधिक्यम् । कालिदासं तदाश्रयं विक्रमादित्यं चावलम्ब्य पुरपल्लीषु प्रचलन्त्यनेकानि कथा-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नकानि । वहूनि रहस्यचरितानि च कालिदासीयानि मन्यन्ते । कालिदास आसीदादौ मूर्खः, कयाचिद् राजसुतया सह तस्य विवाह आपादितः, पत्न्यावमानितः स वाग्देवीमाराध्य तत्कृपयाऽतुलनीयां कवित्वशक्तिमलभतेति जनश्रुतिः ।

कालिदासस्य जन्मस्थानमधिकृत्यापि विदुषामैकमत्यं नास्ति । केचित्तमौजयिन्यः केचिदुत्कलीयः केचिद् वङ्गीयः केचिच्च काश्मीरीय इति वदन्ति । इत्थं भारतानामधिवासिनस्तं स्वस्व-प्रान्तीयं प्रतिपादयितुं चेष्टन्ते । क्रियन्तां तादृशाः विचाराः सार्थकाः निरर्थका वा, परन्तु कालिदासोऽखिलभारतानां वरिष्ठो जातीयः कवि रित्युक्तौ नास्ति कस्यापि वैमनस्यावकाशः । कालिदास आसीन्नूनं चारणः कविः । आकुमारीहिमाचलेषु भारतेषु स स्वगृह इव विचचार । भारतानां मार्गवनपर्वतनदनदीनगरनगरीतीर्थस्थलादिभिः सहासी-त्तस्यात्मिकः परिचयः । भारतीयसंस्कृतेरालेख्यमङ्कितं तस्य काव्य-कृतिषु । कालिदास इति प्रकृततया नामोपाधिर्वाऽऽसीदिति न निर्णेतुं शक्यते । परन्तु आकुमारीहिमाचलानामखण्डभारतानां शाश्वत-वार्त्तावहो देशकालातीतोऽमरकविः कालिदास इति सर्वेऽविसंवा-दितया प्रतिपादयन्ति ।

अनुमीयते तावत् कालिदास आसीच्छैवः । यतः काव्या-रम्भेषु यत्र तेन देवस्तुतिरूपं मङ्गलाचरणं कृत तत्र परमेश्वरस्य पार्वती-परमेश्वरयो र्वा वन्दना कृता । अपरं च तेन पार्वतीपरमेश्वरयोश्चरित-मवलम्ब्य कुमारसम्भवाख्यं पृथक् काव्यं रचितम् । अन्यान् देवानन्यांश्च देवीः प्रत्यासीत्तस्याचला भक्तिरिति ज्ञायते तस्य काव्यकृतिभ्यः ।

महामनसां महौजसां महनीययशसां प्रजापालनैकव्रतानां नर-पतीनां शासनकाले कालिदास आविरभूत् । तेषां सुशासनेनास्य देशस्य कृषि-गोपालन-शिल्प-वाणिज्य-शिक्षा-साहित्य-संगीतादीनां सर्वेषां विषयाणां कर्मणाञ्च समुन्नतिः साधिता । वहिःशत्रूणां

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पराक्रमः प्रतिहन्यते स्मास्मिन् देशे महापराक्रमशालिभिर्नरपतिभिः। महाराजेन रघुणा दिग्विजयाय प्रस्थितेनाखिलेषु भारतेष्वेकशासनं प्रतिष्ठापितं, पारसीकहूणकाम्बोजादीनां वैदेशिकानामवलेप श्चूर्णितश्चैतन्नूनं कालिदासाश्रयभूतस्य मालवराजस्य विक्रमादित्यस्य पराक्रमप्रतिबिम्बनम्। कालिदासस्य रचनासु यन्मनोज्ञं सामाजिकमालेख्यं दृश्यते तत् तदानीन्तनस्य सुखमयजनजीवनस्य निदर्शनमेव। प्रजाधीशैः प्रजासु समुन्नता बोधिर्निर्दिष्टा जीवनयापनपद्धतिश्च निर्वाहिता। विपश्चितामाचारवतां चान्तिके सम्राजोऽपि नतशिरसो बभूवुः। ते आसन् स्वयं विचारवन्त आचारवन्तश्च, अतः प्रजावर्गं विचारे आचारे च चालयितुं तेषां समृद्धिं च साधयितुं समर्थाः आसन्निति संक्षेपतो वक्तुं शक्यते।

किं तावत् कालिदासकवितायाः वैशिष्ट्यम् कथं वा तस्य कृतयः शताब्दीष्वतीतास्वपि नित्यनूतनतयाऽऽस्वाद्यन्ते इत्यस्य प्रश्नस्य समुचितमुत्तरमस्ति। कालिदासस्य कविता जीवनस्य हृदयस्य च कविता मानविकबोधस्य च कविता। अन्यासु कविकृतिषु यादृशाः कृतकता-वागाडम्बर-दुर्भरालङ्कारविन्यास- पुनरुक्ति - क्लिष्टता -स्वल्प कथावस्तु-वर्णनबहुलतादयो दोषा लक्ष्यन्ते कालिदासकृतिषु न तादृशाः। निर्झरिणीव तस्य कविता सावलीलं प्रवहति।

उपमालङ्काराणां मनोज्ञविन्यासेन कालिदासस्य कविता नितरामास्वाद्यते। अतो यथार्थमुक्तमुपमा कालिदासस्येति। काव्यामोदिभिरेतत् समनुभूतं यत् सुविन्यस्तेनोपमालङ्कारेणाभिप्रेतार्थः समधिकं सुन्दरः प्रभावान्वितश्च भवति। अनयैव पद्धत्या कालिदासस्य कविता नितरामुपभोग्या संजाता। तस्योपमापद्धत्यां नास्ति व्याजबुद्धि र्नास्ति च कृच्छ्रकल्पना। तस्योपमास्तूपनिहिता रूपकल्पाः समाजराजनीतिवित्तनीतिभूविद्येतिहासपुराणदर्शनमनस्तत्त्वादिभ्यः परिसरेभ्यो गृहीताः। उपमाया नान्तो भवति, नावसादो जायते

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पाठकानाम् । कलनादिन्यास्तटिन्यास्तरङ्गमाला इवोत्तरोत्तरा उपमाः काव्यामोदिनां प्राणेष्वानन्दलहरीं वितन्वन्ति ।

जीवनप्रकृतेरालेखने कालिदास आसीत् सिद्धहस्तः । तेन दुष्यन्त शकुन्तला दिलीप रघु रामचन्द्र शिवपार्वत्यादयः पात्राः पात्र्यश्च पुराणेतिहासेभ्यो गृहीताः, परन्तु अस्यैव धरातलस्य वर्णेन वर्णिताः, आदर्शत्वं प्रापिताः नत्वतिमानवस्तरमुन्नमिताः । बहिःप्रकृतेरालेखने च कालिदासोऽप्रतिद्वन्द्वी । कुमारसम्भवे नगाधिराजस्य वर्णना रघुवंशे रामचन्द्रस्य साकेतप्रत्यावर्त्तनकालीनवर्णना, मेघदूते नदनदीगिरिवननगरनगर्यादीनां वर्णना, ऋतुसंहारे ऋतूनां वर्णना तस्य प्रकृतिप्रियत्वस्य निदर्शनमेव । बहिःप्रकृतिरन्तःप्रकृतेः सहचारिणीति कालिदासेनोपलभ्यते स्म । अतस्तेनान्तःप्रकृतेरालेखने बहिःप्रकृतेरुपयोगः कृतः ।

कालिदासस्य कविताऽमृतरसेन सिक्तेव, ज्योत्स्नया विधौतेव, माधुर्य्येण रसाणितेव । स्वल्पया कान्तया च गिरा तेन विपुलो भावराशिरुन्मोचितः । तस्य पदसंघटनायां नैकमपि पदं निरर्थकं, प्रत्युत गभीरस्य ध्वने द्योतकम् । तस्य कृतयः आलंकारिकाणां विवेचने ध्वनिवर्गान्तर्गताः ।

रघुवंशं कालिदासस्य सर्वोत्तमं काव्यमिति वक्तुं युज्यते । काव्येऽस्मिन् रघुवंशीयानां पुण्यश्लोकानां नरपतीनां चरितानि वर्णितानि । कालिदास आसीद् भारतवर्षस्यार्य्यसंस्कृते मुग्धः पोषकः समर्थकश्च । वाङ्मयाद् भारतीयार्य्यसंस्कृतेः स्वरूपमवगन्तुमिच्छद्भिर्जनैः काव्यमेतदवश्यं पठनीयम् ।

रघुवंशं चरित्राणां चारुचित्रशाला । आदिलीपादग्निवर्णं यावत् पुष्पमालायां पुष्पाणामिव चरित्राणां मनोरमो विन्यासः कृतः । दिलीपो रघुरजो दशरथो रामचन्द्रः कुशोऽतिथिस्तदनन्तरं कतिपया अनामधेया वंशधराश्चान्ते अग्निवर्णः—अनेन क्रमेण राजानो

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वर्णिताः । परन्तु नैतत् काव्यं चरितानां समाहारमात्रम्, काव्यकला-सौरभेण परिपूर्णमेवैतत् । राज्ञां जीवनेषु सघटित मेकैकं विशिष्टं चरितं कविना सुनिपुणमङ्कितम् । कतिपयानि चरितानि तेन सानुरागं सविस्तरमालेखितानि, कतिपयानि तु छायाचित्रवदुपस्थाप्य नेपथ्यं नीतानि ।

रघुवंशोपहितं प्रत्येकं चरितं मानवीयम् । अत्र पुत्रकामिनो दिलीपस्य गोचर्या, दानवीरस्य रघोः सर्वस्वदान, पितृभक्तस्य रामचन्द्रस्य स्वार्थत्यागो दुष्टदमनं शिष्टपालनं च, निरपराधायाः वैदेह्या अमाननायातनास्वपि पतिं प्रत्यचला भक्तिरित्यादयो सद्गुणा यथा प्रकाशिता स्तथा पत्नीवियोगेनाजस्याधीरता, दशरथस्य मृगयासक्ति रग्निवर्णस्य कामुकता चेत्यादयो दुर्गुणा दुर्वलगुणा वा प्रकाशिताः । प्रियतमाया इन्दुमत्या वियोगेन विलपताऽजेन ब्रह्मज्ञस्य वशिष्ठस्यापि तत्त्वोपदेशो नावधारितः, स तूपदेशस्तस्यैकेन कर्णेन प्रविश्य चापरेण वहिर्गतः, अन्ते चाजेनान्नजलं विहाय मृत्युर्वृत इत्यालेख्यं मानवीय-मोहवृत्तेर्यथार्थं निदर्शनमेव ।

श्रूयते तावत् रघुवंशमहाकाव्यं पञ्चविंशतिसर्गविशिष्ट-मासीदधुना तु एकोनविंशतिसर्गविशिष्टमुपलभ्यतेऽन्याः षट् सर्गा विलुप्ताश्चेति । परन्तु नैतत् सत्यं प्रतिभाति । सुप्रथितेन टीकाकारेण मल्लिनाथेन तत् पूर्वसूरिणा वल्लभदेवेन चैकोनविंशतिसर्गविशिष्टस्यैव रघुवंशस्य टीका कृता । रघुवंशस्यायोग्यो वंशधरोऽग्निवर्णः क्षया-मयेनाक्रान्तो मृत्युमुखे पतितस्तस्यान्तःसत्त्वा राज्ञी सिंहासनमारूढा चेत्यत्र काव्यपरिसमाप्तिः । अनुमीयते एवंविधायां परिसमाप्तौ महाकवेः कश्चित् प्रच्छन्नोऽभिप्रायः । यस्मिन् महनीये राजवंशे दिलीपरघुरामचन्द्रादयो महामनसो नरपतयः संजातास्तस्मिन्नपिवंशे कामुकस्याग्निवर्णस्याप्युत्पत्तिरभूत्, अहो कालस्य कुटिला गति र्विचिन्त्यतां सर्वैरिति नूनं महाकवेरभिप्राय आसीत् ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कालिदासः सत्यशिवसुन्दरानुरक्तः कविकुलतिलकः स्वकृतिषु निहितै श्चिरन्तनैरुपादानै मृत्युमतिक्रान्तः । तान्युपादानानि गृह्णन्तः न केवलं भारतानामपि त्वखिलायाः पृथिव्या मानवाः यथार्थजीवनमार्गमालोकयितुं शक्नुवन्ति ।

भगवतो जगदीश्वरस्यापारकरुणया मादृशः क्षुद्रातिक्षुद्रो जनः कालिदासस्य ग्रन्थावलीमुत्कलीयया भाषया प्रकाशयितुं प्रवृत्तोऽस्ति । प्रस्तुतेऽस्मिन् ग्रन्थे मूलपाठो वामपृष्ठासु नागर्या उत्कलीयया च लिप्या मुद्रितः, दक्षिणपृष्ठासूत्कलीयानुवादो मुद्रितः । उत्कलीयानुवादमात्रमध्येतु मिच्छन्तो जनाः केवलासु दक्षिणपृष्ठासु तत्पठने सौकर्यमनुभविष्यन्ति । मूलपाठमध्येतुमिच्छन्तो नागरीलिपिं जानन्तो जना नागर्या लिप्या, नागरीलिपिमजानन्तो जना उत्कलीयलिप्या च पठिष्यन्ति । वस्तुतस्तु संस्कृतमध्येतुमाग्रहवान् नागरीलिपिमवश्यं जानीयात् । नागर्यपि भारतानां राष्ट्रलिपिः । अतः महाकविकालिदासस्य काव्यकृतिमाध्यमेनोत्कलीयाः पाठकपाठिका नागरीलिप्या सह भवन्तु परिचिताः, अनेनैवाभिप्रायेणाहं मूलपाठमुभया लिप्या मुद्रयितुमुत्सहे । भारतवर्षस्य संहतेरैक्यस्य च दृढीकरणे क्षुद्रोऽप्ययमुद्यमः सहायको भवेन्न वा, सज्जना एवात्र प्रमाणम् । मूलपाठस्य सुबोधनाय ग्रन्थस्यान्ते च शब्दार्थसूची सन्निवेशिता ।

उत्कलेषु नागरीलिप्या संस्कृतग्रन्थानां शुद्धं सुन्दरं च मुद्रणमद्यावधि जटिलो व्ययापेक्षश्च व्यापारः । तदपि कल्याण प्रेस्-स्वत्वाधिकारिणा मुद्रकमहोदयेनास्य ग्रन्थस्य शुद्धं सुन्दरं च मुद्रणं संपादितमतो मे स साधुवादार्हः ।

भारतसर्वकाराणां शिक्षासमाजमङ्गलमन्त्रालयतो लब्धेनार्थिकसाहाय्येन प्रकाशितोऽयं ग्रन्थः । अतोऽहमवनतेन शिरसा तेषु कृतज्ञतामावहामीति शम् ।

विदुषां विधेयः
धनेश्वरमहापात्रः

रेभेन्सा महाविद्यालयः
ता ८ । १० । ८६
दशहरा

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁବଂଶ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रघुवंशम्

प्रथमः सर्गः

वागर्थाविव संपृक्तौ वागर्थप्रतिपत्तये ।
जगतः पितरौ वन्दे पार्वतीपरमेश्वरौ ॥ १ ॥
ବାଗର୍ଥାବିବ ସଂପୃକ୍ତୌ ବାଗର୍ଥପ୍ରତିପତ୍ତୟେ ।
ଜଗତଃ ପିତରୌ ବନ୍ଦେ ପାର୍ବତୀପରମେଶ୍ୱରୌ ॥ ୧ ॥

क्व सूर्यप्रभवो वंशः क्व चाल्पविषया मतिः ।
तितीर्षुर्दुस्तरं मोहादुडुपेनास्मि सागरम् ॥ २ ॥
କ୍ୱ ସୂର୍ଯ୍ୟପ୍ରଭବୋ ବଂଶଃ କ୍ୱ ଚାଲ୍ପବିଷୟା ମତିଃ ।
ତିତୀର୍ଷୁର୍ଦୁସ୍ତରଂ ମୋହାଦୁଡୁପେନାସ୍ମି ସାଗରମ୍ ॥ ୨ ॥

मन्दः कवियशः प्रार्थी गमिष्याम्युपहास्यताम् ।
प्रांशुलभ्ये फले लोभादुद्बाहुरिव वामनः ॥ ३ ॥
ମନ୍ଦଃ କବିଯଶଃପ୍ରାର୍ଥୀ ଗମିଷ୍ୟାମ୍ୟୁପହାସ୍ୟତାମ୍ ।
ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ବାହୁରିବ ବାମନଃ॥ ୩ ॥

अथवा कृतवाग्द्वारे वंशेऽस्मिन् पूर्वसूरिभिः ।
मणौ वज्रसमुत्कीर्णे सूत्रस्येवास्ति मे गतिः ॥ ४ ॥
ଅଥବା କୃତବାଗ୍‌ଦ୍ୱାରେ ବଂଶେଽସ୍ମିନ୍ ପୂର୍ବସୂରିଭିଃ ।
ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ ॥ ୪ ॥

सोऽहमाजन्मशुद्धानामाफलोदयकर्मणाम् ।
आसमुद्रक्षितीशानामानाकरथवर्त्मनाम् ॥ ५ ॥
ସୋଽହମାଜନ୍ମଶୁଦ୍ଧାନାମାଫଳୋଦୟକର୍ମଣାମ୍ ।
ଆସମୁଦ୍ରକ୍ଷିତୀଶାନାମାନାକରଥବର୍ତ୍ମନାମ୍ ॥ ୫ ॥

यथाविधिहुताग्नीनां यथाकामार्चितार्थिनाम् ।
यथापराधदण्डानां यथाकालप्रबोधिनाम् ॥ ६ ॥
ଯଥାବିଧିହୁତାଗ୍ନୀନାଂ ଯଥାକାମାର୍ଚ୍ଚିତାର୍ଥିନାମ୍ ।
ଯଥାପରାଧଦଣ୍ଡାନାଂ ଯଥାକାଳପ୍ରବୋଧିନାମ୍ ॥ ୬ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁବଂଶ

ପ୍ରଥମ ସର୍ଗ

ବାଣୀ, ଅର୍ଥ ପରି ନିତ୍ୟ ଜଡ଼ିତ-ଶରୀର,
ଜଗତର ମାତାପିତା ଉମା ମହେଶ୍ୱର ।
ବାଣୀ, ଅର୍ଥ ଆହରଣ କରିବା କାମନା,
ରଖି ହୃଦେ ତାଙ୍କ ପଦେ କରେ ମୁଁ ବନ୍ଦନା । ୧ ।

କାହିଁ ସୂର୍ଯ୍ୟଙ୍କଠାରୁ ଉପତ୍ତିଲାଭ କରିଥିବା ବଂଶ, କାହିଁ ମୋର ଅଳ୍ପଜ୍ଞ ମତି ! ମୁଁ ମୋହବଶତଃ ଅପାର ସମୁଦ୍ରକୁ ଭେଳାରେ ପାର ହେବାକୁ ଇଚ୍ଛା କରୁଛି ମାତ୍ର ! ୨

ଯେଉଁ ଫଳକୁ କେବଳ ଡେଙ୍ଗା ମଣିଷର ହାତ ପାଏ, ତାକୁ ପାଇବା ପାଇଁ ଯଦି ବାମନ ଉପରକୁ ହାତ ବଢ଼ାଏ, ତେବେ ସେ ଯେପରି ଉପହାସର ପାତ୍ର ହୁଏ, ମୁଁ ମୂଢ଼, କବିକୀର୍ତ୍ତି ପାଇବାକୁ ଆଶା କରି ସେହିପରି ହାସ୍ୟାସ୍ପଦ ହେବି ମାତ୍ର । ୩

(ବାଲ୍ମୀକି ପ୍ରମୁଖ) ପୂର୍ବ ମନୀଷୀମାନେ ଏହି ବଂଶର (ରାମାୟଣ ପ୍ରଭୃତି) ଗ୍ରନ୍ଥରୂପକ ଦ୍ୱାର ସୃଷ୍ଟି କରିଯାଇଛନ୍ତି । ମଣିଭେଦକ ଛୁଞ୍ଚି ମଣିକୁ ଭେଦ କଲା ପରେ ସୂତା ଯେପରି ତା' ଭିତରେ (ମଣି ଭିତରେ) ପ୍ରବେଶ କରିପାରେ, ମୁଁ ଅବା ସେହିପରି ଉକ୍ତ ଦ୍ୱାରବାଟେ ରଘୁ-ବଂଶରେ ପ୍ରବେଶ କରିପାରିବି ! ୪

ଯେଉଁ ରଘୁବଂଶର ରାଜାମାନେ ଜନ୍ମରୁ ଶୁଦ୍ଧମନା ଥିଲେ, ଫଳଲାଭ ହେବା ପର୍ଯ୍ୟନ୍ତ କର୍ମ କରୁଥିଲେ, ସସାଗର ପୃଥିବୀର ଅଧୀଶ୍ୱର ଥିଲେ, ସ୍ୱର୍ଗ ପର୍ଯ୍ୟନ୍ତ ରଥଚାଳନା କରୁଥିଲେ, ୫

ଅଗ୍ନିରେ ଯଥାବିଧି ଆହୁତି ପ୍ରଦାନ କରୁଥିଲେ, ପ୍ରାର୍ଥୀମାନଙ୍କୁ ସେମାନଙ୍କର ଅଭିଳାଷ ଅନୁଯାୟୀ ସନ୍ତୁଷ୍ଟ କରୁଥିଲେ, ଅପରାଧୀମାନଙ୍କୁ ସେମାନଙ୍କର ଅପରାଧ ଅନୁସାରେ ଦଣ୍ଡ ଦେଉଥିଲେ, ଯଥା ସମୟରେ ସାବଧାନ ରହୁଥିଲେ, ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्यागाय संभृतार्थानां सत्याय मितभाषिणाम् ।
यशसे विजिगीषूणां प्रजायै गृहमेधिनाम् ॥ ७ ॥
ତ୍ୟାଗାୟ ସଂଭୃତାର୍ଥାନାଂ ସତ୍ୟାୟ ମିତଭଷିଣାମ୍ ।
ଯଶସେ ବିଜିଗୀଷୂଣାଂ ପ୍ରଜାୟୈ ଗୃହମେଧିନାମ୍ ॥ ୭ ॥

शैशवेऽभ्यस्तविद्यानां यौवने विषयैषिणाम् ।
वार्द्धके मुनिवृत्तीनां योगेनान्ते तनुत्यजाम् ॥ ८ ॥
ଶୈଶବେଽଭ୍ୟସ୍ତବିଦ୍ୟାନାଂ ଯୌବନେ ବିଷୟୈଷିଣାମ୍ ।
ବାର୍ଦ୍ଧକେ ମୁନିବୃତ୍ତୀନାଂ ଯୋଗେନାନ୍ତେ ତନୁତ୍ୟଜାମ୍ ॥ ୮ ॥

रघूणामन्वयं वक्ष्ये तनुवाग्विभवोऽपि सन् ।
तद्गुणैः कर्णमागत्य चापलाय प्रचोदितः ॥ ९ ॥
ରଘୂଣାମନ୍ୱୟଂ ବକ୍ଷ୍ୟେ ତନୁବାଗ୍‌ବିଭବୋଽପି ସନ୍ ।
ତଦ୍‌ଗୁଣୈଃ କର୍ଣ୍ଣମାଗତ୍ୟ ଚାପଲାୟ ପ୍ରଚୋଦିତଃ ॥ ୯ ॥

तं सन्तः श्रोतुमर्हन्ति सदसद्व्यक्तिहेतवः ।
हेम्नः संलक्ष्यते ह्यग्नौ विशुद्धिः श्यामिकापि वा ॥ १० ॥
ତଂ ସନ୍ତଃ ଶ୍ରୋତୁମର୍ହନ୍ତି ସଦସଦ୍‌ବ୍ୟକ୍ତିହେତବଃ ।
ହେମ୍ନଃ ସଂଲକ୍ଷ୍ୟତେ ହ୍ୟଗ୍ନୌ ବିଶୁଦ୍ଧିଃ ଶ୍ୟାମିକାପି ବା ॥ ୧୦ ॥

वैवस्वतो मनुर्नाम माननीयो मनीषिणाम् ।
आसीन्महीक्षितामाद्यः प्रणवश्छन्दसामिव ॥ ११ ॥
ବୈବସ୍ୱତୋ ମନୁର୍ନାମ ମାନନୀୟୋ ମନୀଷିଣାମ୍ ।
ଆସୀନ୍ମହୀକ୍ଷିତାମାଦ୍ୟଃ ପ୍ରଣବଶ୍ଛନ୍ଦସାମିବ ॥ ୧୧ ॥

तदन्वये शुद्धिमति प्रसूतः शुद्धिमत्तरः ।
दिलीप इति राजेन्दुरिन्दुः क्षीरनिधाविव ॥ १२ ॥
ତଦନ୍ୱୟେ ଶୁଦ୍ଧିମତି ପ୍ରସୂତଃ ଶୁଦ୍ଧିମତ୍ତରଃ ।
ଦିଲୀପ ଇତି ରାଜେନ୍ଦୁରିନ୍ଦୁଃ କ୍ଷୀରନିଧାବିବ ॥ ୧୨ ॥

व्यूढोरस्को वृषस्कन्धः शालप्रांशुर्महाभुजः ।
आत्मकर्मक्षमं देहं क्षात्रो धर्म इवाश्रितः ॥ १३ ॥
ବ୍ୟୂଢୋରସ୍କୋ ବୃଷସ୍କନ୍ଧଃ ଶାଳପ୍ରାଂଶୁର୍ମହାଭୁଜଃ ।
ଆତ୍ମକର୍ମକ୍ଷମଂ ଦେହଂ କ୍ଷାତ୍ରୋ ଧର୍ମ ଇବାଶ୍ରିତଃ ॥ ୧୩ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସତ୍‌ପାତ୍ରରେ ଦାନ କରିବା ନିମନ୍ତେ ହିଁ ଧନ ସଞ୍ଚୟ କରୁଥିଲେ, ସତ୍ୟ କହିବା ନିମନ୍ତେ ହିଁ ସ୍ୱଳ୍ପଭାଷୀ ହେଉଥିଲେ, ଯଶୋଲାଭ ନିମନ୍ତେ ହିଁ ବିଜୟ ଇଚ୍ଛା କରୁଥିଲେ, ସନ୍ତାନ ଲାଭ ନିମନ୍ତେ ହିଁ ବିବାହ କରୁଥିଲେ, ୭

ଶୈଶବରେ ବିଦ୍ୟାର୍ଜନ କରୁଥିଲେ, ଯୌବନରେ ବିଷୟବାସନା ଭୋଗ କରୁଥିଲେ, ବାର୍ଦ୍ଧକ୍ୟରେ ମୁନିଙ୍କ ଭଳି ଜୀବନଯାପନ କରୁଥିଲେ ଏବଂ ଅନ୍ତିମ ସମୟରେ ଯୋଗ-ସାଧନ ଦ୍ୱାରା ଦେହତ୍ୟାଗ କରୁଥିଲେ, ୮

ମୋର ବାଣୀବିଭବ ଅଳ୍ପ ହେଲେ ମଧ୍ୟ ମୁଁ ସେହି ରଘୁବଂଶୀ ରାଜାମାନଙ୍କର ବଂଶଗାଥା ବର୍ଣ୍ଣନା କରିବି । କାରଣ,ସେମାନଙ୍କର ଗୁଣରାଶି ମୋର କର୍ଣ୍ଣପଥକୁ ଆସି ମୋତେ ଏପରି ଚପଳତା ନିମନ୍ତେ ପ୍ରେରଣା ଦେଉଛି । ୯

ଯେଉଁ ସଜ୍ଜନମାନେ ଗୁଣଦୋଷ ବିବେଚନା କରିପାରନ୍ତି, ସେଇମାନେ ହିଁ ଏହା ଶୁଣିବା ପାଇଁ ଯୋଗ୍ୟ ଅଟନ୍ତି । କାରଣ, ସୁନାର ବିଶୁଦ୍ଧି କିମ୍ବା ଅଶୁଦ୍ଧି କେବଳ ଅଗ୍ନିରେ ପରୀକ୍ଷା କରାଯାଏ । ୧୦

ମନୀଷୀମାନଙ୍କର ମାନନୀୟ ବୈବସ୍ୱତ ନାମକ ଜଣେ ମନୁ ଥିଲେ । ଓଁକାର ଯେପରି ବେଦମାନଙ୍କର ମୂଳ, ସେ ସେହିପରି ରାଜାମାନଙ୍କର ମୂଳ ଥିଲେ ।୧୧

କ୍ଷୀରସିନ୍ଧୁରେ ଚନ୍ଦ୍ର ଜାତ ହେଲା ପରି ବୈବସ୍ୱତ ମନୁଙ୍କର ଶୁଦ୍ଧ ବଂଶରେ ରାଜଶ୍ରେଷ୍ଠ ଦିଲୀପ ଜନ୍ମଗ୍ରହଣ କଲେ । ଦିଲୀପଙ୍କର ସ୍ୱଭାବ ଥିଲା ସେହି ଶୁଦ୍ଧବଂଶରେ ଆହୁରି ଅଧିକ ଶୁଦ୍ଧ । ୧୨

ତାଙ୍କର ବକ୍ଷ ଥିଲା ବିଶାଳ ଏବଂ ସ୍କନ୍ଧ ବୃଷଭର ସ୍କନ୍ଧ ପରି ଉନ୍ନତ । ସେ ଥିଲେ ଶାଳବୃକ୍ଷ ପରି ଉଚ୍ଚ ଏବଂ ତାଙ୍କର ଦୁଇ ବାହୁ ପ୍ରଲମ୍ବ ତଥା ବଳିଷ୍ଠ ଥିଲା । ତାଙ୍କୁ ଦେଖିଲେ ମନେ ହେଉଥିଲା ସତେ ଯେପରି ସ୍ୱୟଂ କ୍ଷତ୍ରିୟ ଧର୍ମ ନିଜର କର୍ମାନୁରୂପ ଶରୀର ଧାରଣ କରି ଅବତୀର୍ଣ୍ଣ ହୋଇଛି । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सर्वातिरिक्तसारेण सर्वतेजोऽभिभाविना ।
स्थितः सर्वोन्नतेनोर्वीं क्रान्त्वा मेरुरिवात्मना ॥ १४ ॥
ସର୍ବାତିରିକ୍ତସାରେଣ ସର୍ବତେଜୋଭିଭବିନା ।
ସ୍ଥିତଃ ସର୍ବୋନ୍ନତେନୋର୍ବୀଂ କ୍ରାନ୍ତ୍ୱା ମେରୁରିବାତ୍ମନା ॥ ୧୪ ॥

आकारसदृशप्रज्ञः प्रज्ञया सदृशागमः ।
आगमैः सदृशारम्भ आरम्भसदृशोदयः ॥ १५ ॥
ଆକାରସଦୃଶପ୍ରଜ୍ଞଃ ପ୍ରଜ୍ଞୟାସଦୃଶାଗମଃ ।
ଆଗମୈଃ ସଦୃଶାରମ୍ଭ ଆରମ୍ଭସଦୃଶୋଦୟଃ ॥ ୧୫ ॥

भीमकान्तैर्नृपगुणैः स बभूवोपजीविनाम् ।
अधृष्यश्चाभिगम्यश्च यादोरत्नैरिवार्णवः ॥ १६ ॥
ଭୀମକାନ୍ତୈର୍ନୃପଗୁଣୈଃ ସ ବଭୂବୋପଜୀବିନାମ୍ ।
ଅଧୃଷ୍ୟଶ୍ଚାଭିଗମ୍ୟଶ୍ଚ ଯାଦୋରତ୍ନୈରିବାର୍ଣ୍ଣବଃ ॥ ୧୬ ॥

रेखामात्रमपि क्षुण्णादामनोर्वर्त्मनः परम् ।
न व्यतीयुः प्रजास्तस्य नियन्तुर्नेमिवृत्तयः ॥ १७ ॥
ରେଖାମାତ୍ରମପି କ୍ଷୁଣ୍ଣାଦାମନୋର୍ବର୍ତ୍ମନଃ ପରମ୍ ।
ନ ବ୍ୟତୀୟୁଃ ପ୍ରଜାସ୍ତସ୍ୟ ନିୟନ୍ତୁର୍ନେମିବୃତ୍ତୟଃ ॥ ୧୭ ॥

प्रजानामेव भूत्यर्थं स ताभ्यो बलिमग्रहीत् ।
सहस्रगुणमुत्स्रष्टुमादत्ते हि रसं रविः ॥ १८ ॥
ପ୍ରଜାନାମେବ ଭୂତ୍ୟର୍ଥଂ ସ ତାଭ୍ୟୋ ବଳିମଗ୍ରହୀତ୍ ।
ସହସ୍ରଗୁଣମୁତ୍ସ୍ରଷ୍ଟୁମାଦତ୍ତେ ହି ରସଂ ରବିଃ ॥ ୧୮ ॥

सेना परिच्छदस्तस्य द्वयमेवार्थसाधनम् ।
शास्त्रेष्वकुण्ठिता बुद्धिर्मौर्वी धनुषि चातता ॥ १९ ॥
ସେନା ପରିଚ୍ଛଦସ୍ତସ୍ୟ ଦ୍ୱୟମେବାର୍ଥସାଧନମ୍ ।
ଶାସ୍ତ୍ରେଷ୍ୱକୁଣ୍ଠିତା ବୁଦ୍ଧିର୍ମୌର୍ବୀ ଧନୁଷି ଚାତତା ॥ ୧୯ ॥

तस्य संवृतमन्त्रस्य गूढाकारेङ्गितस्य च ।
फलानुमेयाः प्रारम्भाः संस्काराः प्राक्तना इव ॥ २० ॥
ତସ୍ୟ ସଂବୃତମନ୍ତ୍ରସ୍ୟ ଗୂଢାକାରେଙ୍ଗିତସ୍ୟ ଚ ।
ଫଳାନୁମେୟାଃ ପ୍ରାରମ୍ଭାଃ ସଂସ୍କାରାଃ ପ୍ରାକ୍ତନା ଇବ ॥ ୨୦ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କର ଶରୀର ଥିଲା ମେରୁ ପର୍ବତ ଭଳି ସର୍ବାଧିକ ବଳଶାଳୀ, ସର୍ବାଧିକ ତେଜପୂର୍ଣ୍ଣ ଓ ସର୍ବାଧିକ ଉନ୍ନତ । ମେରୁ ପର୍ବତ ଯେପରି ପୃଥିବୀକୁ ଆକ୍ରାନ୍ତ କରି ଅବସ୍ଥିତ, ସେ ମଧ୍ୟ ସେହିପରି ନିଜର ଶରୀର ଦ୍ୱାର ପୃଥିବୀକୁ ଆକ୍ରାନ୍ତ କରି ରହିଥିଲେ । ୧୪

ତାଙ୍କର ଆକୃତି-ଅନୁରୂପ ପ୍ରଜ୍ଞା (ବୁଦ୍ଧି) ଥିଲା, ପ୍ରଜ୍ଞା-ଅନୁରୂପ ଶାସ୍ତ୍ରପ୍ରବେଶ ଥିଲା, ଶାସ୍ତ୍ରପ୍ରବେଶ-ଅନୁରୂପ କାର୍ଯ୍ୟସମ୍ପାଦନ ହେଉଥିଲା ଏବଂ କାର୍ଯ୍ୟସମ୍ପାଦନ-ଅନୁରୂପ ଫଳଲାଭ ହେଉଥିଲା । ୧୫

ସମୁଦ୍ରକୁ ଜୀବିକା କରି ଯେଉଁମାନେ ଚଳନ୍ତି, ସେମାନେ ଜଳଜନ୍ତୁଙ୍କ ଯୋଗୁ ତା' ଭିତରକୁ ଯିବାପାଇଁ ସାହସ କରନ୍ତି ନାହିଁ, କିନ୍ତୁ ରତ୍ନ ଥିବା ହେତୁ ଯାଆନ୍ତି । କର୍ମଚାରୀମାନେ ସେହିପରି ଦିଲୀପଙ୍କର ରାଜୋଚିତ ଭୟଙ୍କର ଗୁଣ ଯୋଗୁ ତାଙ୍କ ପାଖକୁ ଯିବା ପାଇଁ ସାହସ କରୁ ନଥିଲେ, କିନ୍ତୁ ତାଙ୍କର ରାଜୋଚିତ କୋମଳ ଗୁଣ ଯୋଗୁ ଯାଉଥିଲେ । ୧୬

ଯେପରି ସାରଥିର ନିୟନ୍ତ୍ରଣ ଯୋଗୁ ରଥଚକ ରାସ୍ତାରେ ଚକ ଚିହ୍ନିତ ରେଖାରୁ ତିଳେମାତ୍ର ବାହାରକୁ ଯାଏନାହିଁ, ସେହିପରି ଦିଲୀପଙ୍କର ନିୟନ୍ତ୍ରଣ ଯୋଗୁ ପ୍ରଜାମାନେ ମନୁଙ୍କ ସମୟରୁ ପ୍ରଚଳିତ ଆଚରଣପଦ୍ଧତିରୁ ତିଳେମାତ୍ର ବିଚ୍ୟୁତ ହେଉ-ନ ଥିଲେ । ୧୭

ପ୍ରଜାମାନଙ୍କର ସମ୍ପଦ ବୃଦ୍ଧି ନିମନ୍ତେ ହିଁ ସେ ସେମାନଙ୍କଠାରୁ କର ଗ୍ରହଣ କରୁଥିଲେ । ସୂର୍ଯ୍ୟ ସହସ୍ର ଗୁଣରେ ଜଳ ବିତରଣ କରିବା ନିମନ୍ତେ ହିଁ ଜଳ ଗ୍ରହଣ କରନ୍ତି । ୧୮

ତାଙ୍କର ସେନା କେବଳ ଭୂଷଣ ସ୍ୱରୂପ ଥିଲେ । ଶାସ୍ତ୍ରରେ ତୀକ୍ଷ୍ଣ ବୁଦ୍ଧି ଏବଂ ଧନୁରେ ଆରୋପିତ ଗୁଣ—ଏଇ ଦୁଇଟି ହିଁ ତାଙ୍କର ସମସ୍ତ ପ୍ରୟୋଜନ ସାଧନ କରୁଥିଲେ । ୧୯

ସେ ତାଙ୍କର ମନ୍ତ୍ରଣା ଗୁପ୍ତ ରଖୁଥିଲେ ଏବଂ ଶାରୀରିକ ତଥା ମାନସିକ ବିକାର ବାହାରକୁ ପ୍ରକାଶ କରୁ ନଥିଲେ । ତେଣୁ ପୂର୍ବ ଜନ୍ମର ସଂସ୍କାର ଯେପରି ଫଳ-ଲାଭ ହେଲାପରେ ହିଁ ଅନୁମିତ ହୁଏ, ସେହିପରି ଦିଲୀପଙ୍କର କାର୍ଯ୍ୟାବଳୀ ଫଳଲାଭ ହେଲା-ପରେ ଅନୁମିତ ହେଉଥିଲା । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जुगोपात्मानमत्रस्तो भेजे धर्ममनातुरः ।
अगृध्नुराददे सोऽर्थमसक्तः सुखमन्वभूत् ॥ २१ ॥
ଜୁଗୋପାତ୍ମାନମତ୍ରସ୍ତୋ ଭେଜେ ଧର୍ମମନାତୁରଃ ।
ଅଗୃଧ୍ନୁରାଦଦେ ସୋଽର୍ଥମସକ୍ତଃ ସୁଖମନ୍ୱଭୂତ୍ ॥ ୨୧ ॥

ज्ञाने मौनं क्षमा शक्तौ त्यागे श्लाघाविपर्ययः ।
गुणा गुणानुबन्धित्वात् तस्य सप्रसवा इव ॥ २२ ॥
ଜ୍ଞାନେ ମୌନଂ କ୍ଷମା ଶକ୍ତୌ ତ୍ୟାଗେ ଶ୍ଲାଘାବିପର୍ଯ୍ୟୟଃ ।
ଗୁଣା ଗୁଣାନୁବନ୍ଧିତ୍ୱାତ୍ ତସ୍ୟ ସପ୍ରସବା ଇବ ॥ ୨୨ ॥

अनाकृष्टस्य विषयैर्विद्यानां पारदृश्वनः ।
तस्य धर्मरतेरासीद् वृद्धत्वं जरसा विना ॥ २३ ॥
ଅନାକୃଷ୍ଟସ୍ୟ ବିଷୟୈର୍ବିଦ୍ୟାନାଂ ପାରଦୃଶ୍ୱନଃ ।
ତସ୍ୟ ଧର୍ମରତେରାସୀଦ୍ ବୃଦ୍ଧତ୍ୱଂ ଜରସା ବିନା ॥୨୩ ॥

प्रजानां विनयाधानाद् रक्षणाद् भरणादपि ।
स पिता पितरस्तासां केवलं जन्महेतवः ॥ २४ ॥
ପ୍ରଜାନାଂ ବିନୟାଧାନାଦ୍ ରକ୍ଷଣାଦ୍ ଭରଣାଦପି ।
ସ ପିତା ପିତରସ୍ତାସାଂ କେବଳଂ ଜନ୍ମହେତବଃ ॥ ୨୪ ॥

स्थित्यै दण्डयतो दण्ड्यान् परिणेतुः प्रसूतये ।
अप्यर्थकामौ तस्यास्तां धर्म एव मनीषिणः ॥ २५ ॥
ସ୍ଥିତ୍ୟୈ ଦଣ୍ଡୟତୋ ଦଣ୍ଡ୍ୟାନ୍ ପରିଣେତୁଃ ପ୍ରସୂତୟେ ।
ଅପ୍ୟର୍ଥକାମୌ ତସ୍ୟାସ୍ତାଂ ଧର୍ମ ଏବ ମନୀଷିଣଃ ॥ ୨୫ ॥

दुदोह गां स यज्ञाय सस्याय मघवा दिवम् ।
सम्पद्विनिमयेनोभौ दधतुर्भुवनद्वयम् ॥ २६ ॥
ଦୁଦୋହ ଗାଂ ସ ଯଜ୍ଞାୟ ସସ୍ୟାୟ ମଘବା ଦିବମ୍ ।
ସମ୍ପଦ୍ୱିନିମୟେନୋଭୌ ଦଧତୁର୍ଭୁବନଦ୍ୱୟମ୍ ॥ ୨୬ ।

न किलानुययुस्तस्य राजानो रक्षितुर्यशः ।
व्यावृत्ता यत् परस्वेभ्यः श्रुतौ तस्करता स्थिता ॥ २७ ॥
ନ କିଲାନୁୟୟୁସ୍ତସ୍ୟ ରାଜାନୋ ରକ୍ଷିତୁର୍ଯଶଃ ।
ବ୍ୟାବୃତ୍ତା ଯତ୍ ପରସ୍ୱେଭ୍ୟଃ ଶ୍ରୁତୌ ତସ୍କରତା ସ୍ଥିତା ॥ ୨୭ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ନିଜକୁ ରକ୍ଷା କରୁଥିଲେ, କିନ୍ତୁ କାହାରିକୁ ଡରିକରି ନୁହେଁ; ଧର୍ମର ଆଶ୍ରୟ ନେଉଥିଲେ, କିନ୍ତୁ କାତର ହୋଇ ନୁହେଁ; ଧନ ଗ୍ରହଣ କରୁଥିଲେ, କିନ୍ତୁ ଲୋଭବଶତଃ ନୁହେଁ; ସୁଖ ଭୋଗ କରୁଥିଲେ, କିନ୍ତୁ ଆସକ୍ତ ହୋଇ ନୁହେଁ । ୨୧

ସେ ଜ୍ଞାନୀ ଥିଲେ, କିନ୍ତୁ ମୌନ ରହୁଥିଲେ ; ଦଣ୍ଡ ଦେବାପାଇଁ ସମର୍ଥ ଥିଲେ, କିନ୍ତୁ କ୍ଷମା ଆଚରଣ କରୁଥିଲେ; ଧନ ବିତରଣ କରୁଥିଲେ, କିନ୍ତୁ ଆତ୍ମପ୍ରଶଂସା କରୁ ନଥିଲେ । ଏହିପରି ତାଙ୍କର ଗୁଣାବଳୀ ବିରୁଦ୍ଧ ଗୁଣାବଳୀ ସହିତ ମିଶି ରହିଥିଲା । ତେଣୁ ଜଣାପଡୁଥିଲା, ସତେ ଯେପରି ସେଗୁଡ଼ିକ ପରସ୍ପର ସହୋଦର ଭାଇ ! ୨୨

ସେ ସାଂସାରିକ ବିଷୟରେ ଅନାସକ୍ତ, ସମସ୍ତ ବିଦ୍ୟାରେ ପାରଦର୍ଶୀ ଏବଂ ଧର୍ମ ପ୍ରତି ଅନୁରକ୍ତ ଥିଲେ । ତେଣୁ ବିନା ବାର୍ଦ୍ଧକ୍ୟରେ ତାଙ୍କଠାରେ ବୃଦ୍ଧତ୍ୱ (ଧୀରସ୍ଥିରତା) ପ୍ରକାଶ ପାଇଥିଲା । ୨୩

ସେ ପ୍ରଜାମାନଙ୍କର ବିନୟର (ଶିକ୍ଷା, ସଂସ୍କୃତିର) ବ୍ୟବସ୍ଥା କରି ଏବଂ ରକ୍ଷଣ ତଥା ପୋଷଣ କରି ସେମାନଙ୍କର ପିତା ଥିଲେ । ପ୍ରକୃତ ପିତାମାନେ କେବଳ ସେମାନଙ୍କର ଜନ୍ମର କାରଣ ଥିଲେ । ୨୪

ଜଗତର ସ୍ଥିତି ନିମନ୍ତେ ହିଁ ସେ ଅପରାଧୀମାନଙ୍କୁ ଦଣ୍ଡ ଦେଉଥିଲେ । ସନ୍ତାନ ଲାଭ ନିମନ୍ତେ ହିଁ ବିବାହ କରିଥିଲେ । ତେଣୁ ସେହି ମନୀଷୀ ରାଜାଙ୍କର ଅର୍ଥ ଓ କାମ ମଧ୍ୟ ଧର୍ମରେ ପରିଣତ ହୋଇଥିଲା । ୨୫

ରାଜା ଦିଲୀପ ଯଜ୍ଞ ସମ୍ପାଦନ ନିମନ୍ତେ ପୃଥିବୀଠାରୁ କର ଦୋହନ କରୁଥିଲେ ଏବଂ ଇନ୍ଦ୍ର ଶସ୍ୟବୃଦ୍ଧି ନିମନ୍ତେ ସ୍ୱର୍ଗଠାରୁ ବୃଷ୍ଟି ଦୋହନ କରୁଥିଲେ । ଏହିପରି ଇନ୍ଦ୍ର ଓ ଦିଲୀପ ପରସ୍ପର ସମ୍ପଦର (ବୃଷ୍ଟି ଓ ଧନର) ବିନିମୟ ଦ୍ୱାରା ସ୍ୱର୍ଗ ଓ ମର୍ତ୍ତ୍ୟକୁ ପାଳନ କରୁଥିଲେ । ୨୬

ସେହି ରକ୍ଷକ ରାଜାଙ୍କର ଯଶକୁ ଅନୁକରଣ କରିବା ପାଇଁ ଅନ୍ୟ କୌଣସି ରାଜା ସମର୍ଥ ହେଲେ ନାହିଁ । କାରଣ, ତାଙ୍କ ରାଜ୍ୟରେ ତସ୍କରତା ପର ଧନରୁ ସଂପୂର୍ଣ୍ଣ ନିବୃତ୍ତ ହୋଇ କେବଳ 'ତସ୍କର' ଶବ୍ଦରେ ରହିଲା । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वेष्योऽपि सम्मतः शिष्टस्तस्यार्तस्य यथौषधम् ।
त्याज्यो दुष्टः प्रियोऽप्यासीदङ्गुलीवोरगक्षता ॥ २८ ॥
ଦ୍ୱେଷ୍ୟୋଽପି ସମ୍ମତଃ ଶିଷ୍ଟସ୍ତସ୍ୟାର୍ତ୍ତସ୍ୟ ଯଥୌଷଧମ୍ ।
ତ୍ୟାଜ୍ୟୋ ଦୁଷ୍ଟଃ ପ୍ରିୟୋଽପ୍ୟାସୀଦଙ୍ଗୁଳୀବୋରଗକ୍ଷତା ॥ ୨୮ ॥

तं वेधा विदधे नूनं महाभूतसमाधिना ।
तथाहि सर्वे तस्यासन् परार्थैकफला गुणाः ॥ २९ ॥
ତଂ ବେଧା ବିଦଧେ ନୂନଂ ମହାଭୂତସମାଧିନା ।
ତଥାହି ସର୍ବେ ତସ୍ୟାସନ୍ ପରାର୍ଥୈକଫଳା ଗୁଣାଃ ॥ ୨୯ ॥

स वेलावप्रवलयां परिखीकृतसागराम् ।
अनन्यशासनामुर्वीं शशासैकपुरीमिव ॥ ३० ॥
ସ ବେଳାବପ୍ରବଳୟାଂ ପରିଖୀକୃତସାଗରାମ୍ ।
ଅନନ୍ୟଶାସନାମୁର୍ବୀଂ ଶଶାସୈକପୁରୀମିବ ॥ ୩୦ ॥

तस्य दाक्षिण्यरूढेन नाम्ना मगधवंशजा ।
पत्नी सुदक्षिणेत्यासीदध्वरस्येव दक्षिणा ॥ ३१ ॥
ତସ୍ୟ ଦାକ୍ଷିଣ୍ୟରୂଢ଼େନ ନାମ୍ନା ମଗଧବଂଶଜା ।
ପତ୍ନୀ ସୁଦକ୍ଷିଣେତ୍ୟାସୀଦଧ୍ୱରସ୍ୟେବ ଦକ୍ଷିଣା ॥ ୩୧ ॥

कलत्रवन्तमात्मानमवरोधे महत्यपि ।
तया मेने मनस्विन्या लक्ष्म्या च वसुधाधिपः । ३२ ॥
କଳତ୍ରବନ୍ତମାତ୍ମାନମବରୋଧେ ମହତ୍ୟପି ।
ତୟା ମେନେ ମନସ୍ୱିନ୍ୟା ଲକ୍ଷ୍ମ୍ୟା ଚ ବସୁଧାଧିପଃ ॥ ୩୨ ॥

तस्यामात्मानुरूपायामात्मजन्मसमुत्सुकः ।
विलम्बितफलैः कालं स निनाय मनोरथैः ॥ ३३ ॥
ତସ୍ୟାମାତ୍ମାନୁରୂପାୟାମାତ୍ମଜନ୍ମସମୁତ୍ସୁକଃ ।
ବିଳମ୍ବିତଫଳୈଃ କାଳଂ ସ ନିନାୟ ମନୋରଥୈଃ ॥ ୩୩ ॥

सन्तानार्थाय विधये स्वभुजादवतारिता ।
तेन धूर्जगतो गुर्वी सचिवेषु निचिक्षिपे ॥ ३४ ॥
ସନ୍ତାନାର୍ଥାୟ ବିଧୟେ ସ୍ୱଭୁଜାଦବତାରିତା ।
ତେନ ଧୂର୍ଜଗତୋ ଗୁର୍ବୀ ସଚିବେଷୁ ନିଚିକ୍ଷିପେ ॥ ୩୪ ॥

CC-0. In Public Domain. Gurukul Kangri Collection, Haridwar

Gurukul Kangri Vishwavidyalaya Library
Digitized by Arya Samaj Foundation Chennai and eGangotri

ଔଷଧ କଟୁ ହେଲେ ମଧ୍ୟ ରୋଗୀର ଯେପରି ପ୍ରିୟ, ସେହିପରି କୌଣସି ସଜ୍ଜନ ଶତ୍ରୁ ହେଲେ ମଧ୍ୟ ତାଙ୍କର ପ୍ରିୟ ଥିଲେ । ସର୍ପଦଂଷ୍ଟ ଅଙ୍ଗୁଳି ଯେପରି ପରିତ୍ୟାଜ୍ୟ, ସେହିପରି ଦୁଷ୍ଟଲୋକ ପ୍ରିୟ ହେଲେ ମଧ୍ୟ ତାଙ୍କର ପରିତ୍ୟାଜ୍ୟ ଥିଲେ । ୨୮

ବିଧାତା ସେହି ରାଜାଙ୍କୁ ପଞ୍ଚମହାଭୂତ (ପୃଥ୍ୱୀ, ଜଳ, ତେଜ, ବାୟୁ ଓ ଆକାଶ) ଉପାଦାନ ଦ୍ୱାରା ଯେ ନିର୍ମାଣ କରିଥିଲେ, ତାହା ଠିକ୍ । କାରଣ, ମହାଭୂତମାନଙ୍କର ରୂପ, ରସ, ଗନ୍ଧ ପ୍ରଭୃତି ଗୁଣ ଯେପରି ପ୍ରାଣୀମାନଙ୍କର ହିତ ନିମନ୍ତେ ହିଁ ଉଦ୍ଦିଷ୍ଟ, ଦିଲୀପଙ୍କର ଗୁଣାବଳୀ ସେହିପରି କେବଳ ଅନ୍ୟମାନଙ୍କ ହିତପାଇଁ ଉଦ୍ଦିଷ୍ଟ ଥିଲା । ୨୯

ସେ ପୃଥିବୀକୁ ଗୋଟିଏ ନଗରୀ ଭଳି ଶାସନ କରୁଥିଲେ । ସମୁଦ୍ର ତୀର ଥିଲା ସେହି ନଗରୀର ପ୍ରାଚୀର ମଣ୍ଡଳ ଏବଂ ସମୁଦ୍ର ଥିଲା ତା'ର ପରିଖା । ସେଥିରେ ଅନ୍ୟ କାହାରି ଶାସନ ଚାଲୁ ନଥିଲା । ୩୦

ଯଜ୍ଞର ପତ୍ନୀ ଯେପରି ଦକ୍ଷିଣା, ଦିଲୀପଙ୍କର ସେହିପରି ସୁଦକ୍ଷିଣା ନାମରେ ପତ୍ନୀ ଥିଲେ । ସୁଦକ୍ଷିଣା ମଗଧ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ସମସ୍ତଙ୍କ ପ୍ରତି ଦାକ୍ଷିଣ୍ୟ ଆଚରଣ ଯୋଗୁଁ ତାଙ୍କର ଏହି ନାମ ପ୍ରସିଦ୍ଧିଲାଭ କରିଥିଲା । ୩୧

ରାଜା ଦିଲୀପଙ୍କର ବହୁ ପତ୍ନୀ ଥିଲେ ମଧ୍ୟ କେବଳ ମନସ୍ୱିନୀ ସୁଦକ୍ଷିଣା ଏବଂ ରାଜଲକ୍ଷ୍ମୀଙ୍କ ଯୋଗୁଁ ସେ ନିଜକୁ ପତ୍ନୀବାନ୍ ବୋଲି ମନେ କରୁଥିଲେ । ୩୨

ଦିଲୀପ ନିଜର ଅନୁରୂପା ସ୍ତ୍ରୀ ସୁଦକ୍ଷିଣାଙ୍କ ଗର୍ଭରୁ ପୁତ୍ରଲାଭ କରିବା ପାଇଁ ଅତ୍ୟନ୍ତ ଆଶାୟୀ ଥିଲେ; କିନ୍ତୁ ପୁତ୍ରରୂପ ଫଳ ମିଳିବାରେ ବିଳମ୍ବ ଘଟିଲା । ତେଣୁ ସେ ସେହି ଅଭିଳାଷ ଘେନି କାଳଯାପନ କରିବାକୁ ଲାଗିଲେ । ୩୩

ସନ୍ତାନ ଲାଭ ଉଦ୍ଦେଶ୍ୟରେ ବ୍ରତାନୁଷ୍ଠାନ କରିବା ପାଇଁ ସେ ରାଜ୍ୟ-ପାଳନର ଗୁରୁଭାର ନିଜ ବାହୁରୁ ଓହ୍ଲାଇ ମନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ କଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथाभ्यर्च्य विधातारं प्रयतौ पुत्रकाम्यया ।
तौ दम्पती वसिष्ठस्य गुरोर्जग्मतुराश्रमम् ॥ ३५ ॥
ଅଥାଭ୍ୟର୍ଚ୍ୟ ବିଧାତାରଂ ପ୍ରଯତୌ ପୁତ୍ରକାମ୍ୟୟା ।
ତୌ ଦମ୍ପତୀ ବସିଷ୍ଠସ୍ୟ ଗୁରୋର୍ଜଗ୍ମତୁରାଶ୍ରମମ୍ ॥ ୩୫ ॥

स्निग्धगम्भीरनिर्घोषमेकं स्यन्दनमास्थितौ ।
प्रावृषेण्यं पयोवाहं विद्युदैरावताविव ॥ ३६ ॥
ସ୍ନିଗ୍ଧଗମ୍ଭୀରନିର୍ଘୋଷମେକଂ ସ୍ୟନ୍ଦନମାସ୍ଥିତୌ ।
ପ୍ରାବୃଷେଣ୍ୟଂ ପୟୋବାହଂ ବିଦ୍ୟୁଦୈରାବତାବିବ ॥ ୩୬ ॥

मा भूदाश्रमपीडेति परिमेयपुरःसरौ ।
अनुभावविशेषात् तु सेनापरिवृताविव ॥ ३७ ॥
ମା ଭୂଦାଶ୍ରମପୀଡ଼େତି ପରିମେୟପୁରଃସରୌ ।
ଅନୁଭବବିଶେଷାତ୍ ତୁ ସେନାପରିବୃତାବିବ ॥ ୩୭ ॥

सेव्यमानौ सुखस्पर्शैः सालनिर्यासगन्धिभिः ।
पुष्परेणूत्किरैर्वातैराधूतवनराजिभिः ॥ ३८ ॥
ସେବ୍ୟମାନୌ ସୁଖସ୍ପର୍ଶୈଃ ସାଲନିର୍ଯାସଗନ୍ଧିଭିଃ ।
ପୁଷ୍ପରେଣୂତ୍କିରୈର୍ବାତୈରାଧୂତବନରାଜିଭିଃ ॥ ୩୮ ॥

मनोभिरामाः शृण्वन्तौ रथनेमिस्वनोन्मुखैः ।
षड्जसम्वादिनीः केका द्विधा भिन्नाः शिखण्डिभिः ॥ ३९ ॥
ମନୋଭିରାମାଃ ଶୃଣ୍ୱନ୍ତୌ ରଥନେମିସ୍ୱନୋନ୍ମୁଖୈଃ ।
ଷଡ୍ଜସମ୍ବାଦିନୀଃ କେକା ଦ୍ୱିଧା ଭିନ୍ନାଃ ଶିଖଣ୍ଡିଭିଃ ॥ ୩୯ ॥

परस्पराक्षिसादृश्यमदूरोज्झितवर्त्मसु ।
मृगद्वन्द्वेषु पश्यन्तौ स्यन्दनाबद्धदृष्टिषु ॥ ४० ॥
ପରସ୍ପରାକ୍ଷିସାଦୃଶ୍ୟମଦୂରୋଜ୍ଝିତବର୍ତ୍ମସୁ ।
ମୃଗଦ୍ୱନ୍ଦ୍ୱେଷୁ ପଶ୍ୟନ୍ତୌ ସ୍ୟନ୍ଦନାବଦ୍ଧଦୃଷ୍ଟିଷୁ ॥ ୪୦ ॥

श्रेणीबन्धाद् वितन्वद्भिरस्तम्भां तोरणस्रजम् ।
सारसैः कलनिर्ह्रादैः क्वचिदुन्नमिताननौ ॥ ४१ ॥
ଶ୍ରେଣୀବନ୍ଧାଦ୍ ବିତନ୍ୱଦ୍ଭିରସ୍ତମ୍ଭାଂ ତୋରଣସ୍ରଜମ୍ ।
ସାରସୈଃ କଳନିର୍ହ୍ରାଦୈଃ କ୍ୱଚିଦୁନ୍ନମିତାନନୌ ॥ ୪୧ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ସେହି ଦମ୍ପତି ପୁତ୍ରଲାଭ ଆଶାରେ ଶୁଚି ହୋଇ ବିଧାତାଙ୍କୁ (ବ୍ରହ୍ମାଙ୍କୁ) ପୂଜା କରି କୁଳଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାତ୍ରା କଲେ । ୩୫

ସୁଦକ୍ଷିଣା ଓ ଦିଲୀପ ମଧୁର- ଗମ୍ଭୀର ଧ୍ୱନି କରୁଥିବା ରଥ ଉପରେ ବସି ଗମନ କଲେ । ସେମାନଙ୍କୁ ଦେଖିଲେ ମନେ ହେଉଥିଲା, ସତେ ଯେପରି ବର୍ଷାକାଳୀନ ମେଘ ଉପରେ ଆରୋହଣ କରି ବିଜୁଳି ଓ ଐରାବତ ଯାତ୍ରା କରୁଛନ୍ତି ! ୩୬

ଗୁରୁ ବଶିଷ୍ଠଙ୍କ ଆଶ୍ରମରେ କୌଣସି ପ୍ରକାର ବ୍ୟାଘାତ ନହେଉ, ଏହି ଉଦ୍ଦେଶ୍ୟରେ ସେ ଦୁହେଁ ଅଳ୍ପ କେତେଜଣ ମାତ୍ର ପରିଜନଙ୍କୁ ସଙ୍ଗରେ ନେଲେ; କିନ୍ତୁ ଅତ୍ୟଧିକ ତେଜ ଯୋଗୁଁ ସେହି ଅଳ୍ପ କେତେଜଣଙ୍କ ମଧ୍ୟରେ ବି ସେନା-ପରିବେଷ୍ଟିତ ହେଲା ଭଳି ଜଣାପଡୁଥିଲେ । ୩୭

ପବନ ସୁଖସ୍ପର୍ଶ ଦାନ କରି, ଶାଳବୃକ୍ଷ-ରସର ଗନ୍ଧ ବହନ କରି, ପୁଷ୍ପରେଣୁ ଉଡ଼ାଇ ଏବଂ ବନରାଜିକୁ ଦୋହଲାଇ ସେ ଦୁହିଁଙ୍କର ସେବାରେ ଲାଗିଲା । ୩୮

ମୟୂରମାନେ ରଥଚକର ଶବ୍ଦ ଶୁଣି ମେଘଗର୍ଜନ ଭ୍ରମରେ ଉପରକୁ ଚାହୁଁଥିଲେ ଏବଂ ଷଡ଼୍‌ଜ ସ୍ୱର ଭଳି ଦୁଇ ପ୍ରକାର କେକାରବ କରୁଥିଲେ । ଦିଲୀପ ଓ ସୁଦକ୍ଷିଣା ତାହା ଶୁଣି ଶୁଣି ଯାତ୍ରା କରୁଥିଲେ । ୩୯

ମୃଗ-ଯୁଗଳମାନେ ବାଟରୁ ଅଳ୍ପ ଦୂରକୁ ପଳାଇଯାଇ ରଥ ଉପରେ ଦୃଷ୍ଟି ନିବଦ୍ଧ କରି ଠିଆ ହେଉଥିଲେ । ଦିଲୀପ ଓ ସୁଦକ୍ଷିଣା ସେମାନଙ୍କ ଚକ୍ଷୁରେ ପରସ୍ପର ଚକ୍ଷୁର ସାଦୃଶ୍ୟ ଦେଖି ଦେଖି ଗମନ କରୁଥିଲେ । ୪୦

କେଉଁଠାରେ ସାରସ ପକ୍ଷୀମାନେ ଅସ୍ଫୁଟ ମଧୁର ରବ କରି ଦଳ ବାନ୍ଧି ଉଡ଼ିଯାଉଥିବାବେଳେ ବିନା ସ୍ତମ୍ଭରେ ତୋରଣମାଳା ଭଳି ଦିଶୁଥିଲେ । ଦିଲୀପ ଓ ସୁଦକ୍ଷିଣା କିଛି ସମୟ ଉପରକୁ ମୁହଁ କରି ସେମାନଙ୍କୁ ଦେଖୁଥିଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पवनस्यानुकूलत्वात् प्रार्थनासिद्धिशंसिनः ।
रजोभिस्तुरगोत्कीर्णैरस्पृष्टालकवेष्टनौ ॥ ४२ ॥
ପବନସ୍ୟାନୁକୂଳତ୍ୱାତ୍ ପ୍ରାର୍ଥନାସିଦ୍ଧିଶଂସିନଃ ।
ରଜୋଭିସ୍ତୁରଗୋତ୍କୀର୍ଣ୍ଣୈରସ୍ପୃଷ୍ଟାଳକବେଷ୍ଟନୌ ॥ ୪୨ ॥

सरसीष्वरविन्दानां वीचिविक्षोभशीतलम् ।
आमोदमुपजिघ्रन्तौ स्वनिःश्वासानुकारिणम् ॥ ४३ ॥
ସରସୀଷ୍ୱରବିନ୍ଦାନାଂ ବୀଚିବିକ୍ଷୋଭଶୀତଳମ୍ ।
ଆମୋଦମୁପଜିଘ୍ରନ୍ତୌ ସ୍ୱନିଃଶ୍ୱାସାନୁକାରିଣମ୍ ॥ ୪୩ ॥

ग्रामेष्वात्मविसृष्टेषु यूपचिह्नेषु यज्वनाम् ।
अमोघाः प्रतिगृह्णन्तावर्घ्यानुपदमाशिषः ॥ ४४ ॥
ଗ୍ରାମେଷ୍ୱାତ୍ମବିସୃଷ୍ଟେଷୁ ଯୂପଚିହ୍ନେଷୁ ଯଜ୍ୱନାମ୍ ।
ଅମୋଘାଃ ପ୍ରତିଗୃହ୍ଣନ୍ତାବର୍ଘ୍ୟାନୁପଦମାଶିଷଃ ॥ ୪୪॥

हैयङ्गवीनमादाय घोषवृद्धानुपस्थितान् ।
नामधेयानि पृच्छन्तौ वन्यानां मार्गशाखिनाम् ॥ ४५ ॥
ହୈୟଙ୍ଗବୀନମାଦାୟ ଘୋଷବୃଦ୍ଧାନୁପସ୍ଥିତାନ୍ ।
ନାମଧେୟାନି ପୃଚ୍ଛନ୍ତୌ ବନ୍ୟାନାଂ ମାର୍ଗଶାଖିନାମ୍ ॥ ୪୫ ॥

काप्यभिख्या तयोरासीद् व्रजतोः शुद्धवेषयोः ।
हिमनिर्मुक्तयोर्योगे चित्राचन्द्रमसोरिव ॥ ४६ ॥
କାପ୍ୟଭିଖ୍ୟା ତୟୋରାସୀଦ୍ ବ୍ରଜତୋଃ ଶୁଦ୍ଧବେଷୟୋଃ ।
ହିମନିର୍ମୁକ୍ତୟୋର୍ଯୋଗେ ଚିତ୍ରାଚନ୍ଦ୍ରମସୋରିବ ॥ ୪୬ ॥

तत् तद् भूमिपतिः पत्न्यै दर्शयन् प्रियदर्शनः ।
अपि लङ्घितमध्वानं बुबुधे न बुधोपमः ॥ ४७ ॥
ତତ୍ତଦ୍ ଭୂମିପତିଃ ପତ୍ନ୍ୟୈ ଦର୍ଶୟନ୍ ପ୍ରିୟଦର୍ଶନଃ ।
ଅପି ଲଙ୍ଘିତମଧ୍ୱାନଂ ବୁବୁଧେ ନ ବୁଧୋପମଃ ॥ ୪୭ ॥

स दुष्प्रापयशाः प्रापदाश्रमं श्रान्तवाहनः ।
सायं संयमिनस्तस्य महर्षेर्महिषीसखः ॥ ४८ ॥
ସ ଦୁଷ୍ପ୍ରାପଯଶାଃ ପ୍ରାପଦାଶ୍ରମଂ ଶ୍ରାନ୍ତବାହନଃ ।
ସାୟଂ ସଂଯମିନସ୍ତସ୍ୟ ମହର୍ଷେର୍ମହିଷୀସଖଃ ॥ ୪୮ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେତେବେଳେ ଅନୁକୂଳ ପବନ ବହୁଥିଲା, ଯାହା କି ସେମାନଙ୍କ ଅଭିଳାଷସିଦ୍ଧିର ସୂଚନା ଦେଉଥିଲା । କିନ୍ତୁ ଅଶ୍ୱମାନଙ୍କ ଖୁରରୁ ଯେଉଁ ଧୂଳି ଉଠୁଥିଲା, ତାହା ସୁଦକ୍ଷିଣାଙ୍କର କେଶ ଓ ଦିଲୀପଙ୍କର ପଗଡ଼ିକୁ ସ୍ପର୍ଶ କରିପାରୁ ନଥିଲା । ୪୨

ଦୁହେଁ ସରୋବରମାନଙ୍କରେ ଫୁଟିଥିବା ପଦ୍ମଫୁଲର ମନୋହର ସୁଗନ୍ଧ ଆଘ୍ରାଣ କରି କରି ଯାଉଥିଲେ । ତରଙ୍ଗ-ଦୋଳନ ଯୋଗୁଁ ସେହି ସୁଗନ୍ଧ ଥିଲା ଶୀତଳ ଏବଂ ତାହା ରାଜାରାଣୀଙ୍କର ନିଃଶ୍ୱାସକୁ ଅନୁକରଣ କରୁଥିଲା । ୪୩

ଯେଉଁ ଗ୍ରାମଗୁଡ଼ିକୁ ସେ ଦୁହେଁ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ, ସେହି ଯଜ୍ଞସ୍ତମ୍ଭ ଚିହ୍ନିତ ଗ୍ରାମମାନଙ୍କରେ ବିଧିପୂର୍ବକ ଯଜ୍ଞ ସମ୍ପାଦନ କରିଥିବା ବ୍ରାହ୍ମଣମାନେ ତାଙ୍କୁ ପ୍ରଥମେ ଅର୍ଘ୍ୟ ଓ ତା'ପରେ ଅବ୍ୟର୍ଥ ଆଶୀର୍ବାଦ ପ୍ରଦାନ କରୁଥିଲେ । ସେ ଦୁହେଁ ତାହା ଗ୍ରହଣ କରିକରି ଅଗ୍ରସର ହେଉଥିଲେ । ୪୪

ଗୋପାଳ-ବସ୍ତିର ବୃଦ୍ଧ ଗୋପାଳମାନେ ସଦ୍ୟ ଘୃତ (ଯୋହା କି ପୂର୍ବ ଦିନର ଦୁଗ୍ଧରୁ ଉତ୍ପନ୍ନ ହୋଇଥିଲା) ଘେନି ଉପସ୍ଥିତ ହେଉଥିଲେ । ରାଜାରାଣୀ ସେମାନଙ୍କୁ ବାଟରେ ଥିବା ବଣୁଆ ଗଛମାନଙ୍କର ନାମ ପଚାରୁଥିଲେ । ୪୫

ହିମମୁକ୍ତ ଚିତ୍ରା ନକ୍ଷତ୍ର ଏବଂ ଚନ୍ଦ୍ରଙ୍କ ସଂଯୋଗରେ ଯେପରି ଶୋଭା ପ୍ରକାଶିତ ହୁଏ, ସୁନ୍ଦର ବେଶ ପରିଧାନ କରିଥିବା ଦିଲୀପ ଓ ସୁଦକ୍ଷିଣାଙ୍କର ସେହିପରି ଅନିର୍ବଚନୀୟ ଶୋଭା ପ୍ରକାଶ ପାଉଥିଲା । ୪୬

ସେହି ସୌମ୍ୟଦର୍ଶନ, ବୁଧତୁଲ୍ୟ ରାଜା ପ ୀଙ୍କୁ ବିଭିନ୍ନ ଦୃଶ୍ୟ ଦେଖାଇ ଯାଉ ଯାଉ କେତେଦୂର ପଥ ଅତିକ୍ରମ କଲେଣି, ଜାଣିପାରୁ ନଥିଲେ । ୪୭

ଯାହାଙ୍କର ଯଶ ଅନ୍ୟମାନଙ୍କ ପକ୍ଷରେ ଦୁର୍ଲଭ ଥିଲା, ସେହି ରାଜା ଦିଲୀପ ସନ୍ଧ୍ୟା-ସମୟରେ ଏକମାତ୍ର ସୁଦକ୍ଷିଣାଙ୍କ ସହିତ ଜିତେନ୍ଦ୍ରିୟ ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ । ସେତେବେଳକୁ ତାଙ୍କର ଅଶ୍ୱମାନେ କ୍ଳାନ୍ତ ହୋଇ ପଡ଼ିଥିଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वनान्तरादुपावृत्तैः समित्कुशफलाहरैः ।
पूर्यमाणमदृश्याग्नि-प्रत्युद्यातैस्तपस्विभिः ॥ ४६ ॥
ବନାନ୍ତରଦୁପାବୃତ୍ତୈଃ ସମିତ୍‌କୁଶଫଲାହରୈଃ ।
ପୂର୍ଯ୍ୟମାଣମଦୃଶ୍ୟାଗ୍ନି ପ୍ରତ୍ୟୁଦ୍‌ଯାତୈସ୍ତପସ୍ୱିଭିଃ ।। ୪୯ ।।

आकीर्णमृषिपत्नीनामुटजद्वाररोधिभिः ।
अपत्यैरिव नीवारभागधेयोचितैर्मृगैः ॥ ५० ॥
ଆକୀର୍ଣ୍ଣମୃଷିପତ୍ନୀନାମୁଟଜଦ୍ୱାରରୋଧିଭିଃ ।
ଅପତ୍ୟୈରିବ ନୀବାରଭାଗଧେୟୋଚିତୈର୍ମୃଗୈଃ ।। ୫୦ ।।

सेकान्ते मुनिकन्याभिस्तत्क्षणोज्झितवृक्षकम् ।
विश्वासाय विहङ्गानामालवालाम्बुपायिनाम् ॥ ५१ ॥
ସେକାନ୍ତେ ମୁନିକନ୍ୟାଭିସ୍ତତ୍‌କ୍ଷଣୋଜ୍‌ଝିତବୃକ୍ଷକମ୍ ।
ବିଶ୍ୱାସାୟ ବିହଙ୍ଗାନାମାଲବାଲାମ୍ବୁପାୟିନାମ୍ ।। ୫୧ ।।

आतपात्ययसंक्षिप्तनीवारासु निषादिभिः ।
मृगैर्वर्तित-रोमन्थमुटजाङ्गन-भूमिषु ॥ ५२ ॥
ଆତପାତ୍ୟୟସଂକ୍ଷିପ୍ତନୀବାରାସୁ ନିଷାଦିଭିଃ ।
ମୃଗୈର୍ବର୍ତ୍ତିତରୋମନ୍ଥମୁଟଜାଙ୍ଗନଭୂମିଷୁ ।। ୫୨ ।।

अभ्युत्थिताग्निपिशुनैरतिथीनाश्रमोन्मुखान् ।
पुनानं पवनोद्धूतैर्धूमैराहुतिगन्धिभिः ॥ ५३ ॥
ଅଭ୍ୟୁତ୍‌ଥିତାଗ୍ନି ପିଶୁନୈରତିଥୀନାଶ୍ରମୋନ୍‌ମୁଖାନ୍ ।
ପୁନାନଂ ପବନୋଦ୍ଧୂତୈର୍ଧୂମୈରାହୁତିଗନ୍ଧିଭିଃ ।। ୫୩ ।।

अथ यन्तारमादिश्य धुर्यान् विश्रामयेति सः ।
तामवारोहयत् पत्नीं रथादवततार च ॥ ५४ ॥
ଅଥ ଯନ୍ତାରମାଦିଶ୍ୟ ଧୁର୍ଯ୍ୟାନ୍ ବିଶ୍ରାମୟେତି ସଃ ।
ତାମବାରୋହୟତ୍ ପତ୍ନୀଂ ରଥାଦବତତାର ଚ ।। ୫୪ ।।

तस्मै सभ्याः सभार्याय गोप्त्रे गुप्ततमेन्द्रियाः ।
अर्हणामर्हते चक्रुर्मुनयो नयचक्षुषे ॥ ५५ ॥
ତସ୍ମୈ ସଭ୍ୟାଃ ସଭାର୍ଯ୍ୟାୟ ଗୋପ୍ତ୍ରେ ଗୁପ୍ତତମେନ୍ଦ୍ରିୟାଃ ।
ଅର୍ହଣାମର୍ହତେ ଚକ୍ରୁର୍ମୁନୟୋ ନୟଚକ୍ଷୁଷେ ।। ୫୫ ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେତେବେଳେ ବନରୁ ସମିଧ, କୁଶ ଏବଂ ଫଳ ଆହରଣ କରି ତପସ୍ୱୀମାନେ ଆଶ୍ରମକୁ ଫେରି ଆସୁଥିଲେ । ଅଗ୍ନି ଅଦୃଶ୍ୟ ରୂପରେ ସେମାନଙ୍କୁ ପାଛୋଟି ଆଣୁଥିଲେ । ସେହି ତପସ୍ୱୀମାନଙ୍କ ଯୋଗୁଁ ଆଶ୍ରମ ପୂରି ଉଠୁଥିଲା । ୪୯

ମୃଗଗଣଙ୍କ ଦ୍ୱାରା ଆଶ୍ରମ ପୂର୍ଣ୍ଣ ହୋଇଥିଲା । ସେହି ମୃଗମାନେ ଥିଲେ ଋଷିପତ୍ନୀମାନଙ୍କ ସନ୍ତାନ ସଦୃଶ । ସେମାନେ ପତ୍ରକୁଡ଼ିଆର ଦ୍ୱାର ରୋଧ କରି ନିଜ ନିଜର ଶସ୍ୟଭାଗ ପାଉଥିଲେ । ୫୦

ଯେଉଁ ପକ୍ଷୀମାନେ ଗଛମୂଳର ମନ୍ଦାରୁ ଜଳପାନ କରନ୍ତି, ସେମାନଙ୍କର ବିଶ୍ୱାସ ଜନ୍ମାଇବା ନିମନ୍ତେ ମୁନି କନ୍ୟାମାନେ ଛୋଟ ଛୋଟ ଗଛ ମୂଳରେ ଜଳ ଢାଳି ସଙ୍ଗେ ସଙ୍ଗେ ସେହି ଗଛ ମୂଳରୁ ଚାଲିଯାଉଥିଲେ । ୫୧

ଖରା ଚାଲିଯାଇଥିବାରୁ ପତ୍ରକୁଡ଼ିଆ ଗୁଡ଼ିକର ଅଗଣାରେ ନୀବାରଧାନ୍ୟ ଏକତ୍ର କରାଯାଇଥିଲା । ସେହି ଅଗଣାରେ ମୃଗମାନେ ଶୋଇ ରୋମନ୍ଥନ କରୁଥିଲେ । ୫୨

ଆହୁତି-ସୁଗନ୍ଧପୂର୍ଣ୍ଣ ଧୂମରାଶି ପ୍ରଜ୍ୱଳିତ ଅଗ୍ନିର ସୂଚନା ଦେଇ ବାୟୁରେ ବିସ୍ତାରିତ ହୋଇ ଯାଉଥିଲା ଏବଂ ଯେଉଁ ଅତିଥିମାନେ ଉତ୍ସୁକତାର ସହିତ ଆଶ୍ରମକୁ ଆସୁଥିଲେ, ସେମାନଙ୍କୁ ପବିତ୍ର କରୁଥିଲା । ୫୩

ରାଜା ସାରଥିଙ୍କୁ "ଅଶ୍ୱମାନଙ୍କୁ ବିଶ୍ରାମ ଦିଅ" ଏହି ଆଦେଶ ଦେଇ ପତ୍ନୀଙ୍କୁ ରଥରୁ ଅବତରଣ କରିବାରେ ସାହାଯ୍ୟ କଲେ ଏବଂ ନିଜେ ଅବତରଣ କଲେ । ୫୪

ସଭ୍ୟ ସଂଯତ ମୁନିମାନେ ସେହି ପୂଜ୍ୟ ନ୍ୟାୟଶୀଳ ରକ୍ଷକ ରାଜାଙ୍କର ଏବଂ ତାଙ୍କ ପତ୍ନୀଙ୍କର ସାଦର ଅଭ୍ୟର୍ଥନା କଲେ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विधेः सायंतनस्यान्ते स ददर्श तपोनिधिम् ।
अन्वासितमरुन्धत्या स्वाहयेव हविर्भुजम् ॥ ५६ ॥
ବିଧେଃ ସାୟନ୍ତନସ୍ୟାନ୍ତେ ସ ଦଦର୍ଶ ତପୋନିଧିମ୍ ।
ଅନ୍ୱାସିତମରୁନ୍ଧତ୍ୟା ସ୍ୱାହୟେବ ହବିର୍ଭୁଜମ୍ ॥ ୫୬ ॥

तयोर्जगृहतुः पादान् राजा राज्ञी च मागधी ।
तौ गुरुर्गुरुपत्नी च प्रीत्या प्रतिननन्दतुः ॥ ५७ ॥
ତୟୋର୍ଜଗୃହତୁଃ ପାଦାନ୍ ରାଜା ରାଜ୍ଞୀ ଚ ମାଗଧୀ ।
ତୌ ଗୁରୁ ଗୁରୁପତ୍ନୀ ଚ ପ୍ରୀତ୍ୟା ପ୍ରତିନନନ୍ଦତୁଃ ॥ ୫୭ ॥

तमातिथ्यक्रियाशान्तरथक्षोभपरिश्रमम् ।
पप्रच्छ कुशलं राज्ये राज्याश्रममुनिं मुनिः ॥ ५८ ॥
ତମାତିଥ୍ୟକ୍ରିୟା ଶାନ୍ତ ରଥ କ୍ଷୋଭ ପରିଶ୍ରମମ୍ ।
ପପ୍ରଚ୍ଛ କୁଶଳଂ ରାଜ୍ୟେ ରାଜ୍ୟାଶ୍ରମମୁନିଂ ମୁନିଃ ॥ ୫୮ ॥

अथाथर्वनिधेस्तस्य विजितारिपुरः पुरः ।
अर्थ्यामर्थपतिर्वाचमाददे वदतां वरः ॥ ५९ ॥
ଅଥାଥର୍ବନିଧେସ୍ତସ୍ୟ ବିଜିତାରିପୁରଃ ପୁରଃ ।
ଅର୍ଥ୍ୟାମର୍ଥପତିର୍ବାଚମାଦଦେ ବଦତାଂ ବରଃ ॥ ୫୯ ॥

उपपन्नं ननु शिवं सप्तस्वङ्गेषु यस्य मे ।
दैवीनां मानुषीणां च प्रतिहर्ता त्वमापदाम् ॥ ६० ॥
ଉପପନ୍ନଂ ନନୁ ଶିବଂ ସପ୍ତସ୍ୱଙ୍ଗେଷୁ ଯସ୍ୟ ମେ ।
ଦୈବୀନାଂ ମାନୁଷୀଣାଂ ଚ ପ୍ରତିହର୍ତ୍ତା ତ୍ୱମାପଦାମ୍ ॥ ୬୦ ॥

तव मन्त्रकृतो मन्त्रैर्दूरात् प्रशमितारिभिः ।
प्रत्यादिश्यन्त इव मे दृष्टलक्ष्यभिदः शराः ॥ ६१ ॥
ତବ ମନ୍ତ୍ରକୃତୋ ମନ୍ତ୍ରୈର୍ଦୂରାତ୍ ପ୍ରଶମିତାରିଭିଃ ।
ପ୍ରତ୍ୟାଦିଶ୍ୟନ୍ତ ଇବ ମେ ଦୃଷ୍ଟଲକ୍ଷ୍ୟଭିଦଃ ଶରାଃ ॥ ୬୧ ॥

हविरावर्जितं होतस्त्वया विधिवदग्निषु ।
वृष्टिर्भवति सस्यानामवग्रहविशोषिणाम् ॥ ६२ ॥
ହବିରାବର୍ଜିତଂ ହୋତସ୍ତ୍ୱୟା ବିଧିବଦଗ୍ନିଷୁ ।
ବୃଷ୍ଟିର୍ଭବତି ସସ୍ୟାନାମବଗ୍ରହବିଶୋଷିଣାମ୍ ॥ ୬୨ ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସନ୍ଧ୍ୟା ସମୟରେ ବିଧି ସମାପ୍ତ ହେବା ପରେ ରଜା ତପୋନିଧି ବଶିଷ୍ଠଙ୍କୁ ଦର୍ଶନ କଲେ । ଅଗ୍ନି ସ୍ୱାହା ଦେବୀଙ୍କ ସହିତ ବସିଥିଲେ ଯେଭଳି ଦେଖାଯାନ୍ତି, ଅରୁନ୍ଧତୀଙ୍କ ସହିତ ବସିଥିବା ବଶିଷ୍ଠ ସେହିଭଳି ଦେଖା ଯାଉଥିଲେ । ୫୬

ରଜା ଏବଂ ରଣୀ ଗୁରୁ ଓ ଗୁରୁପତ୍ନୀଙ୍କର ପାଦ ଧରି ବନ୍ଦନା କଲେ । ଗୁରୁ ଓ ଗୁରୁପତ୍ନୀ ସ୍ନେହର ସହିତ ସେ ଦୁହିଁଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ୫୭

ଅତିଥି ସତ୍କାରଦ୍ୱାର ରଜାଙ୍କର ରଥାରୋହଣଜନିତ ପରିଶ୍ରମ ଦୂର ହେଲା । ତା'ପରେ ମୁନି ରଜ୍ୟ-ଆଶ୍ରମର ମୁନି ଦିଲୀପଙ୍କୁ ରଜ୍ୟର କୁଶଳ ବାର୍ତ୍ତା ପଗ୍ଚରିଲେ । ୫୮

ତା'ପରେ ଶତ୍ରୁପୁରଜୟୀ, ପ୍ରଭୂତବିତ୍ତଶାଳୀ, ବାଗ୍ମୀବର ରଜା ତପୋନିଧି ବଶିଷ୍ଠଙ୍କ ଆଗରେ ପ୍ରୟୋଜନୀୟ କଥାର ଅବତାରଣା କଲେ:– ୫୯

"ଗୁରୁଦେବ ! ମୋ ରଜ୍ୟରେ ରଷ୍ଟ୍ର, ରଜକୋଷ, ଦୁର୍ଗ, ସେନାବାହିନୀ ପ୍ରଭୃତି ସପ୍ତ ଅଙ୍ଗର ମଙ୍ଗଳ ସ୍ୱତଃ ସାଧିତ ହେଉଛି । ଯେହେତୁ ଆପଣ ମୋର ସମସ୍ତ ଦୈବୀ ବିପତ୍ତି ଏବଂ ସମସ୍ତ ମାନୁଷୀ ବିପତ୍ତିର ନିରକରଣ କରୁଛନ୍ତି । ୬୦

ଆପଣ ମନ୍ତ୍ରଦ୍ରଷ୍ଟା, ମନ୍ତ୍ରସ୍ରଷ୍ଟା । ଆପଣଙ୍କ ମନ୍ତ୍ର ଦ୍ୱାର ମୋର ଶତ୍ରୁବର୍ଗ ଦୂରରୁ ହିଁ ପ୍ରଶମିତ ହୋଇଯାଉ ଅଛନ୍ତି । ତେଣୁ ମୋର ଶରଗୁଡ଼ିକ, ଯାହା କି କେବଳ ପ୍ରତ୍ୟକ୍ଷ ଲକ୍ଷ୍ୟକୁ ଭେଦ କରିବାରେ ସମର୍ଥ, ନିରର୍ଥକ ହେଲା ଭଳି ରହିଛନ୍ତି । ୬୧

ହେ ହୋତା, ଯଦି ବୃଷ୍ଟି ଅଭାବରେ ଶସ୍ୟ ଶୁଖିଯାଉଥାଏ, ଆପଣ ଅଗ୍ନିରେ ବିଧିପୂର୍ବକ ଯେଉଁ ଆହୁତି ପ୍ରଦାନ କରନ୍ତି, ତାହା ବୃଷ୍ଟିରୂପେ ପରିଣତ ହୋଇ ପୃଥିବୀକୁ ଶସ୍ୟଶାଳିନୀ କରେ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुरुषायुषजीविन्यो निरातङ्का निरीतयः ।
यन्मदीयाः प्रजास्तस्य हेतुस्त्वद्ब्रह्मवर्चसम् ॥ ६३ ॥
ପୁରୁଷାୟୁଷଜୀବିନ୍ୟୋ ନିରତଙ୍କା ନିରୀତୟଃ ।
ଯନ୍ମଦୀୟାଃ ପ୍ରଜାସ୍ତସ୍ୟ ହେତୁସ୍ତ୍ୱଦ୍‌ବ୍ରହ୍ମବର୍ଚ୍ଚସମ୍ ॥ ୬୩ ॥

त्वयैव चिन्त्यमानस्य गुरुणा ब्रह्मयोनिना ।
सानुबन्धाः कथं न स्युः सम्पदा मे निरापदः ॥ ६४ ॥
ତ୍ୱୟୈବ ଚିନ୍ତ୍ୟମାନସ୍ୟ ଗୁରୁଣା ବ୍ରହ୍ମଯୋନିନା ।
ସାନୁବନ୍ଧାଃ କଥଂ ନ ସ୍ୟୁଃ ସମ୍ପଦୋ ମେ ନିରାପଦଃ ॥ ୬୪ ॥

किन्तु वध्वां तवैतस्यामदृष्टसदृशप्रजम् ।
न मामवति सद्वीपा रत्नसूरपि मेदिनी । ॥६५॥
କିନ୍ତୁ ବଧ୍ୱାଂ ତବୈତସ୍ୟାମଦୃଷ୍ଟସଦୃଶପ୍ରଜମ୍ ।
ନ ମାମବତି ସଦ୍‌ଦ୍ୱୀପା ରତ୍ନସୂରପି ମେଦିନୀ ॥୬୫॥

नूनं मत्तः परं वंश्याः पिण्डविच्छेददर्शिनः ।
न प्रकामभुजः श्राद्धे स्वधासंग्रहतत्पराः ॥६६॥
ନୂନଂ ମତ୍ତଃ ପରଂ ବଂଶ୍ୟାଃ ପିଣ୍ଡବିଚ୍ଛେଦଦର୍ଶିନଃ ।
ନ ପ୍ରକାମଭୁଜଃ ଶ୍ରାଦ୍ଧେ ସ୍ୱଧାସଂଗ୍ରହତତ୍‌ପରାଃ ॥୬୪॥

मत्परं दुर्लभं मत्वा नूनमावर्जितं मया ।
पयः पूर्वैः स्वनिःश्वासैः कवोष्णमुपभुज्यते ॥६७॥
ମତ୍‌ପରଂ ଦୁର୍ଲଭଂ ମତ୍ୱା ନୂନମାବର୍ଜ୍ଜିତଂମୟା ।
ପୟଃ ପୂର୍ବୈଃ ସ୍ୱନିଃଶ୍ୱାସୈଃ କବୋଷ୍ଣମୁପଭୁଜ୍ୟତେ ॥୬୭॥

सोऽहमिज्याविशुद्धात्मा प्रजालोपनिमीलितः ।
प्रकाशश्चाप्रकाशश्च लोकालोक इवाचलः ॥६८॥
ସୋଽହମିଜ୍ୟାବିଶୁଦ୍ଧାତ୍ମା ପ୍ରଜାଲୋପନିମୀଲିତଃ ।
ପ୍ରକାଶଶ୍ଚାପ୍ରକାଶଶ୍ଚ ଲୋକାଲୋକ ଇବାଚଳଃ ॥୬୮॥

लोकान्तरसुखं पुण्यं तपोदानसमुद्भवम् ।
सन्ततिः शुद्धवंश्या हि परत्रेह च शर्मणे ॥६९॥
ଲୋକାନ୍ତରସୁଖଂ ପୁଣ୍ୟଂ ତପୋଦାନସମୁଦ୍‌ଭବମ୍ ।
ସନ୍ତତିଃ ଶୁଦ୍ଧବଂଶ୍ୟା ହି ପରତ୍ରେହ ଚ ଶର୍ମଣେ ॥୬୦॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Gurukul Kangri Vishwavidyalaya Library

 03008

ମୋର ପ୍ରଜାମାନେ ଯେ ଏକପୁରୁଷ ପର୍ଯ୍ୟନ୍ତ (୧୦୦ ବର୍ଷ ପର୍ଯ୍ୟନ୍ତ) ବଞ୍ଚୁଛନ୍ତି, ଆତଙ୍କହୀନ ଭବରେ ବାସ କରୁଅଛନ୍ତି ଏବଂ ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ପତଙ୍ଗ ଓ ଶୁକପକ୍ଷୀମାନଙ୍କର ଉପଦ୍ରବ ତଥା ଶତ୍ରୁ ଆକ୍ରମଣର ସମ୍ମୁଖୀନ ହେଉନାହାନ୍ତି, ତାହାର ମୂଳରେ ଆପଣଙ୍କ ବ୍ରହ୍ମତେଜ ହିଁ ବିଦ୍ୟମାନ । ୬୩

ଆପଣ ବ୍ରହ୍ମାଙ୍କର ପୁତ୍ର । ଆପଣ ଯେତେବେଳେ ମୋର ଗୁରୁ ଏବଂ ଏହିଭଳି ଭବରେ ମୋର କଲ୍ୟାଣ ଚିନ୍ତା କରୁଛନ୍ତି, ସେତେବେଳେ ମୁଁ କାହିଁକି ବା ନିରାପଦ ନ ରହିବି ଏବଂ ମୋର ସମ୍ପତ୍ତି କାହିଁକି ବା ଅବିଚ୍ଛିନ୍ନ ଭବରେ ନ ବଢିବ ? ୬୪

କିନ୍ତୁ ଆପଣଙ୍କର ଏହି ବଧୂଙ୍କଠାରେ ମୁଁ ଏଯାଏଁ ଆତ୍ମାନୁରୂପ ପୁତ୍ରଟିଏ ଦେଖିବାକୁ ପାଇଲି ନାହିଁ । ତେଣୁ ବହୁଦ୍ୱୀପା ରତ୍ନପ୍ରସୂ ପୃଥିବୀ ମୋତେ ସନ୍ତୋଷ ଦେଇପାରୁ ନାହିଁ । ୬୫

ମୋ ପରେ ପିଣ୍ଡ ଦେବାକୁ କେହି ନାହାଁନ୍ତି, ଏହି ଦୁଃଖରେ ମୋର ପୂର୍ବ-ପୁରୁଷମାନେ ନିଶ୍ଚୟ ଭବିଷ୍ୟତ୍ ପାଇଁ ପିଣ୍ଡ ସଞ୍ଚୟ କରିବାରେ ଲାଗିଯାଇଥିବେ । ତେଣୁ ସେମାନେ ଶ୍ରାଦ୍ଧରେ ଭଲ ଭବରେ ଭୋଜନ କରୁ ନଥିବେ । ୬୬

ମୁଁ ପିତୃପୁରୁଷମାନଙ୍କୁ ଯେଉଁ ଜଳଦାନ କରୁଛି, ତାହା ସେମାନଙ୍କର ନିଃଶ୍ୱାସ ବାୟୁଦ୍ୱାରା ନିଶ୍ଚୟ ଉଷ୍ମ ହୋଇଯାଉଥିବ ଏବଂ ସେମାନେ ସେହି ଉଷ୍ମ ଜଳକୁ ପାନ କରୁଥିବେ । କାରଣ, ସେମାନେ ମନେ କରୁଥିବେ ଯେ ମୋ ପରେ ସେମାନଙ୍କୁ ଆଉ ଜଳ ମିଳିବ ନାହିଁ । ୬୭

ଯଜ୍ଞ ସମ୍ପାଦନ ଦ୍ୱାରା ମୋର ଅନ୍ତରାତ୍ମା ଆଲୋକିତ, କିନ୍ତୁ ସନ୍ତାନ ଅଭବରୁ ତମସାଛନ୍ନ । ତେଣୁ ଉଦୟପର୍ବତ ପରି ମୁଁ ଉଜ୍ଜ୍ୱଳ ତଥା ଅନୁଜ୍ଜ୍ୱଳ ଅବସ୍ଥାରେ ରହିଛି । ୬୮

ତପ ଓ ଦାନରୁ ଯେଉଁ ପୁଣ୍ୟ ଲଭ ହୁଏ, ତାହା ପରଲୋକରେ ସୁଖର କାରଣ ହୁଏ; କିନ୍ତୁ ପବିତ୍ର ବଂଶରୁ ଯେଉଁ ସନ୍ତାନ ଜନ୍ମ ହୁଏ, ସେ ଇହଲୋକ ତଥା ପରଲୋକରେ ସୁଖର କାରଣ ହୁଏ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तया हीनं विधातर्मां कथं पश्यन् न दूयसे ।
सिक्तं स्वयमिव स्नेहाद् वन्ध्यमाश्रमवृक्षकम् ॥७०॥
ତୟା ହୀନଂ ବିଧାତର୍ମାଂ କଥଂ ପଶ୍ୟନ୍ ନ ଦୂୟସେ ।
ସିକ୍ତଂ ସ୍ୱୟମିବ ସ୍ନେହାଦ୍ ବନ୍ଧ୍ୟମାଶ୍ରମବୃକ୍ଷକମ୍ ॥୭୦॥

असह्यपीडं भगवन्नृणमन्त्यमवेहि मे ।
अरुन्तुदमिवालानमनिर्वाणस्य दन्तिनः ॥७१॥
ଅସହ୍ୟପୀଡ଼ଂ ଭଗବନ୍ନୃଣମନ୍ତ୍ୟମବେହି ମେ ।
ଅରୁନ୍ତୁଦମିବାଲାନମନିର୍ବାଣସ୍ୟ ଦନ୍ତିନଃ ॥୭୧॥

तस्मान्मुच्ये यथा तात संविधातुं तथार्हसि ।
इक्ष्वाकूणां दुरापेऽर्थे त्वदधीना हि सिद्धयः ॥७२॥
ତସ୍ମାନ୍ମୁଚ୍ୟେ ଯଥା ତାତ ସମ୍ବିଧାତୁଂ ତଥାର୍ହସି ।
ଇକ୍ଷ୍ୱାକୂଣାଂ ଦୁରାପେଽର୍ଥେ ତ୍ୱଦଧୀନା ହି ସିଦ୍ଧୟଃ ॥୭୨॥

इति विज्ञापितो राज्ञा ध्यानस्तिमितलोचनः ।
क्षणमात्रमृषिस्तस्थौ सुप्तमीन इव ह्रदः ॥७३॥
ଇତି ବିଜ୍ଞାପିତୋ ରାଜ୍ଞା ଧ୍ୟାନସ୍ତିମିତଲୋଚନଃ ।
କ୍ଷଣମାତ୍ରମୃଷିସ୍ତସ୍ଥୌ ସୁପ୍ତମୀନ ଇବ ହ୍ରଦଃ ॥୭୩॥

सोऽपश्यत् प्रणिधानेन सन्ततेः स्तम्भकारणम् ।
भावितात्मा भुवो भर्तुरथैनं प्रत्यबोधयत् ॥७४॥
ସୋଽପଶ୍ୟତ୍ ପ୍ରଣିଧାନେନ ସନ୍ତତେଃ ସ୍ତମ୍ଭକାରଣମ୍ ।
ଭାବିତାତ୍ମା ଭୁବୋ ଭର୍ତ୍ତୁରଥୈନଂ ପ୍ରତ୍ୟବୋଧୟତ୍ ॥୭୪॥

पुरा शक्रमुपस्थाय तवोर्वीं प्रति यास्यतः ।
आसीत् कल्पतरुच्छायामाश्रिता सुरभिः पथि ॥७५॥
ପୁରା ଶକ୍ରମୁପସ୍ଥାୟ ତବୋର୍ବୀଂ ପ୍ରତି ଯାସ୍ୟତଃ ।
ଆସୀତ୍ କଳ୍ପତରୁଚ୍ଛାୟାମାଶ୍ରିତା ସୁରଭିଃ ପଥି ॥୭୫॥

धर्मलोपभयाद् राज्ञीमृतुस्नातामिमां स्मरन् ।
प्रदक्षिणक्रियार्हायां तस्यां त्वं साधु नाचरः ॥७६॥
ଧର୍ମଲୋପଭୟାଦ୍ ରାଜ୍ଞୀମୃତୁସ୍ନାତାମିମାଂ ସ୍ମରନ୍ ।
ପ୍ରଦକ୍ଷିଣକ୍ରିୟାର୍ହାୟାଂ ତସ୍ୟାଂ ତ୍ୱଂ ସାଧୁ ନାଚରଃ ॥୭୬॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣ ନିଜେ ସ୍ନେହରେ ଜଳସେଚନ କରି ଆଶ୍ରମର ଯେଉଁ କ୍ଷୁଦ୍ର ବୃକ୍ଷଟିକୁ ବଢ଼ାଇଥା'ନ୍ତି, ସେ ଯଦି ଫଳହୀନ ହୁଏ, ତାହାକୁ ଦେଖିଲେ ଆପଣ ଦୁଃଖ ଅନୁଭବ କରନ୍ତି । ମୋତେ ସେହିପରି ସନ୍ତାନହୀନ ଦେଖି ଆପଣ କ'ଣ ଦୁଃଖ ଅନୁଭବ କରୁନାହାନ୍ତି ? ୭୦

ହେ ଭଗବାନ୍ ! ଆପଣ ଜାଣନ୍ତୁ, ସ୍ନାନ କରିନଥିବା ହସ୍ତୀକୁ ବନ୍ଧନ ସ୍ତମ୍ଭ ଯେପରି ମର୍ମନ୍ତୁଦ ଦୁଃଖ ଦିଏ, ପିତୃ-ଋଣ ମୋତେ ସେହିପରି ଅସହ୍ୟ ଦୁଃଖ ଦେଉଛି । ୭୧

ହେ ପିତା, ମୁଁ ପିତୃ ଋଣରୁ ଯେପରି ମୁକ୍ତ ହେବି, ଆପଣ ସେହି ବ୍ୟବସ୍ଥା କରିବା ପାଇଁ ସମର୍ଥ ଅଟନ୍ତି । କାରଣ, ଇକ୍ଷ୍ୱାକୁବଂଶୀୟ ରାଜାମାନଙ୍କର କଠିନ କାର୍ଯ୍ୟରେ ଆପଣ ହିଁ ସିଦ୍ଧିଦାତା ।" ୭୨

ରାଜା ଏହିପରି ନିବେଦନ କରନ୍ତେ ମହର୍ଷି ଧ୍ୟାନରେ ଚକ୍ଷୁ ମୁଦ୍ରିତ କଲେ । ମତ୍ସ୍ୟମାନେ ଶୋଇଗଲେ ହ୍ରଦ ଯେପରି ସ୍ଥିର ହୋଇଯାଏ, ସେ ସେହିପରି କ୍ଷଣେ-ମାତ୍ର ସ୍ଥିର ହୋଇ ଧ୍ୟାନମଗ୍ନ ହେଲେ । ୭୩

ଶୁଦ୍ଧାତ୍ମା ମହର୍ଷି ଚିତ୍ତର ଏକାଗ୍ରତା ଦ୍ୱାରା ରାଜାଙ୍କର ସନ୍ତାନ ନ ହେବାର କାରଣ ଜାଣିପାରିଲେ ଏବଂ ତାହା ତାଙ୍କୁ ଜଣାଇଲେ :— ୭୪

"ଏଥିପୂର୍ବରୁ ଥରେ ତୁମେ ଇନ୍ଦ୍ରଙ୍କର କାର୍ଯ୍ୟ ସମ୍ପାଦନ କରି ପୃଥିବୀକୁ ଫେରି ଆସୁଥିଲ । ସେତେବେଳେ କାମଧେନୁ କଳ୍ପବୃକ୍ଷର ଛାୟାରେ ଶୟନ କରିଥିଲେ ।୭୫

ସେତେବେଳେ ତୁମେ ଋତୁସ୍ନାନ କରିଥିବା ଏଇ ରାଣୀ ସୁଦକ୍ଷିଣାଙ୍କୁ ଧର୍ମଲୋପ ଆଶଙ୍କାରେ ସ୍ମରଣ କରୁଥିଲ । ତେଣୁ କାମଧେନୁ ପ୍ରଦକ୍ଷିଣ ଆଦି ସତ୍କାର ପାଇବାର ଯୋଗ୍ୟା ହେଲେହେଁ ତୁମେ ତାଙ୍କ ପ୍ରତି ତାହା କଲ ନାହିଁ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अवजानासि मां यस्मादतस्ते न भविष्यति ।
मत्प्रसूतिमनाराध्य प्रजेति त्वां शशाप सा ॥७७॥
ଅବଜାନାସି ମାଂ ଯସ୍ମାଦତସ୍ତେ ନ ଭବିଷ୍ୟତି ।
ମତ୍ପ୍ରସୂତିମନାରାଧ୍ୟ ପ୍ରଜେତି ତ୍ୱାଂ ଶଶାପ ସା ॥୭୭॥

स शापो न त्वया राजन् न च सारथिना श्रुतः ।
नदत्याकाशगङ्गायाः स्रोतस्युद्दामदिग्गजे ॥७८॥
ସ ଶାପୋ ନ ତ୍ୱୟା ରାଜନ୍ ନ ଚ ସାରଥିନା ଶ୍ରୁତଃ ।
ନଦତ୍ୟାକାଶଗଙ୍ଗାୟାଃ ସ୍ରୋତସ୍ୟୁଦ୍ଦାମଦିଗ୍‌ଗଜେ ॥୭୮॥

ईप्सितं तदवज्ञानाद् विद्धि सार्गलमात्मनः ।
प्रतिबध्नाति हि श्रेयः पूज्यपूजाव्यतिक्रमः ॥७९॥
ଈପ୍‌ସିତଂ ତଦବଜ୍ଞାନାଦ୍ ବିଦ୍ଧି ସାର୍ଗଳମାତ୍ମନଃ ।
ପ୍ରତିବଧ୍ନାତି ହି ଶ୍ରେୟଃ ପୂଜ୍ୟପୂଜାବ୍ୟତିକ୍ରମଃ ॥୭୯॥

हविषे दीर्घसत्रस्य सा चेदानीं प्रचेतसः ।
भुजङ्गपिहितद्वारं पातालमधितिष्ठति ॥८०॥
ହବିଷେ ଦୀର୍ଘସତ୍ରସ୍ୟ ସା ଚେଦାନୀଂ ପ୍ରଚେତସଃ ।
ଭୁଜଙ୍ଗପିହିତଦ୍ୱାରଂ ପାତାଳମଧିତିଷ୍ଠତି ॥୮୦॥

सुतां तदीयां सुरभेः कृत्वा प्रतिनिधिं शुचिः ।
आराधय सपत्नीकः प्रीता कामदुघा हि सा ॥८१॥
ସୁତାଂ ତଦୀୟାଂ ସୁରଭେଃ କୃତ୍ୱା ପ୍ରତିନିଧିଂ ଶୁଚିଃ ।
ଆରାଧୟ ସପତ୍ନୀକଃ ପ୍ରୀତା କାମଦୁଘା ହି ସା ॥୮୧॥

इति वादिन एवास्य होतुराहुतिसाधनम् ।
अनिन्द्या नन्दिनी नाम धेनुराववृते वनात् ॥८२॥
ଇତି ବାଦିନ ଏବାସ୍ୟ ହୋତୁରାହୁତିସାଧନମ୍ ।
ଅନିନ୍ଦ୍ୟା ନନ୍ଦିନୀ ନାମ ଧେନୁରାବବୃତେ ବନାତ୍ ॥୮୨॥

ललाटोदयमाभुग्नं पल्लवस्निग्धपाटला ।
बिभ्रती श्वेतरोमाङ्कं सन्ध्येव शशिनं नवम् ॥८३॥
ଲଲାଟୋଦୟମାଭୁଗ୍ନଂ ପଲ୍ଲବସ୍ନିଗ୍ଧପାଟଳା ।
ବିଭ୍ରତୀ ଶ୍ୱେତରୋମାଙ୍କଂ ସନ୍ଧ୍ୟେବ ଶଶିନଂ ନବମ୍ ॥୮୩॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ତୁ ମୋତେ ଅବଜ୍ଞା କଲୁ । ତେଣୁ ମୋର ସନ୍ତାନସନ୍ତତିଙ୍କୁ ଆରାଧନା ନ କଲେ ତୋର ସନ୍ତାନସନ୍ତତି ହେବ ନାହିଁ ।" କାମଧେନୁ ତୁମକୁ ଏହି ଅଭିଶାପ ଦେଲେ । ୭୭

ଉନ୍ମତ୍ତ ଦିଗ୍‌ଗଜମାନେ ସେତେବେଳେ ସ୍ୱର୍ଗ ଗଙ୍ଗାରେ ସ୍ନାନ କରୁଥିବା ଯୋଗୁଁ ସ୍ୱର୍ଗ ଗଙ୍ଗାର ସ୍ରୋତ ଶବ୍ଦାୟିତ ହେଉଥିଲା । ତେଣୁ ତୁମେ କିମ୍ବା ତୁମର ସାରଥି କେହି ସେ ଅଭିଶାପ ବଚନ ଶୁଣିପାରିଲ ନାହିଁ । ୭୮

କାମଧେନୁଙ୍କର ଅବମାନା କରିଥିବାରୁ ତୁମ ଅଭିଳାଷ ଦିଗରେ ପ୍ରତିବନ୍ଧକ ସୃଷ୍ଟି ହୋଇଅଛି । କାରଣ, ପୂଜ୍ୟପୂଜାର ବ୍ୟତିକ୍ରମ ମଙ୍ଗଳ ନିରୋଧ କରେ । ୭୯

ବର୍ତ୍ତମାନ ବରୁଣ ଦୀର୍ଘକାଳବ୍ୟାପୀ ଏକ ଯଜ୍ଞ କରୁଛନ୍ତି । କାମଧେନୁ ସେହି ଯଜ୍ଞରେ ଦୁଗ୍‌ଧ ଘୃତ ପ୍ରଭୃତି ଆହୁତି-ପଦାର୍ଥ ଦେବା ପାଇଁ ପାତାଳପୁରରେ ଅବସ୍ଥାନ କରୁଛନ୍ତି, ବର୍ତ୍ତମାନ ପାତାଳପୁରର ଦ୍ୱାର ସର୍ପମାନଙ୍କ ଦ୍ୱାରା ରୁଦ୍ଧ ହୋଇଅଛି । ୮୦

ତୁମେ ପତ୍ନୀଙ୍କ ସହିତ ଶୁଦ୍ଧମନା ହୋଇ ତାଙ୍କ ଝିଅଙ୍କୁ ତାଙ୍କର ପ୍ରତିନିଧି-ସ୍ୱରୂପ ଆରାଧନା କର । କାରଣ, ସେ ମଧ୍ୟ ପ୍ରୀତା ହେଲେ ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ୮୧

ଏହିପରି କହୁଥିବା ବେଳେ ଯଜ୍ଞକର୍ମଶୀଳ ମହର୍ଷିଙ୍କର ଧେନୁ 'ନନ୍ଦିନୀ' ବନରୁ ଫେରିଲେ । ସେହି ନନ୍ଦିନୀ ଥିଲେ ସମସ୍ତଙ୍କର ପୂଜନୀୟା ଏବଂ ମହର୍ଷି ତାଙ୍କଠାରୁ ସକଳ ପ୍ରକାର ଆହୁତି-ଦ୍ରବ୍ୟ ଲାଭ କରୁଥିଲେ । ୮୨

ନନ୍ଦିନୀ ଥିଲେ ନବପଲ୍ଲବ ପରି ସ୍ନିଗ୍ଧ ପାଟଳବର୍ଣ୍ଣା । ତାଙ୍କର ଲଲାଟରେ ଈଷତ୍ ଧଳା ଲୋମର ବକ୍ର ଚିହ୍ନଟିଏ ଥିଲା । ତେଣୁ ସେ ଦ୍ୱିତୀୟା ଚନ୍ଦ୍ରକୁ ଧାରଣ କରିଥିବା ସନ୍ଧ୍ୟା ଭଳି ମନେ ହେଉଥିଲେ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भुवं कोष्णेन कुण्डोध्नी मेध्येनावभृथादपि ।
प्रस्रवेनाभिवर्षन्ती वत्सालोकप्रवर्त्तिना ॥८४॥
ଭୁବଂ କୋଷ୍ଣେନ କୁଣ୍ଡୋଧ୍ନୀ ମେଧ୍ୟେନାବଭୃଥାଦପି ।
ପ୍ରସ୍ରବେନାଭିବର୍ଷନ୍ତୀ ବତ୍ସାଲୋକପ୍ରବର୍ତ୍ତିନା ॥୮୪॥

रजःकणैः खुरोद्धूतैः स्पृशद्भिर्गात्रमन्तिकात् ।
तीर्थाभिषेकजां शुद्धिमादधाना महीक्षितः ॥८५॥
ରଜଃକଣୈଃ ଖୁରୋଦ୍ଧୂତୈଃ ସ୍ପୃଶଦ୍ଭିର୍ଗାତ୍ରମନ୍ତିକାତ୍ ।
ତୀର୍ଥାଭିଷେକଜାଂ ଶୁଦ୍ଧିମାଦଧାନା ମହୀକ୍ଷିତଃ ॥୮୫॥

तां पुण्यदर्शनां दृष्ट्वा निमित्तज्ञस्तपोनिधिः ।
याज्यमाशंसितावन्ध्यप्रार्थनं पुनरब्रवीत् ॥८६॥
ତାଂ ପୁଣ୍ୟଦର୍ଶନାଂ ଦୃଷ୍ଟ୍ୱା ନିମିତ୍ତଜ୍ଞସ୍ତପୋନିଧିଃ ।
ଯାଜ୍ୟମାଶଂସିତାବନ୍ଧ୍ୟପ୍ରାର୍ଥନଂ ପୁନରବ୍ରବୀତ୍ ॥୮୬॥

अदूरवर्त्तिनीं सिद्धिं राजन् विगणयात्मनः ।
उपस्थितेयं कल्याणी नाम्नि कीर्तित एव यत् ॥८७॥
ଅଦୂରବର୍ତ୍ତିନୀଂ ସିଦ୍ଧିଂ ରାଜନ୍ ବିଗଣୟାତ୍ମନଃ ।
ଉପସ୍ଥିତେୟଂ କଲ୍ୟାଣୀ ନାମ୍ନି କୀର୍ତ୍ତିତ ଏବ ଯତ୍ ॥୮୭॥

वन्यवृत्तिरिमां शश्वदात्मानुगमनेन गाम् ।
विद्यामभ्यसनेनेव प्रसादयितुमर्हसि ॥८८॥
ବନ୍ୟବୃତ୍ତିରିମାଂ ଶଶ୍ୱଦାତ୍ମାନୁଗମନେନ ଗାମ୍ ।
ବିଦ୍ୟାମଭ୍ୟସନେନେବ ପ୍ରସାଦୟିତୁମର୍ହସି ॥୮୮॥

प्रस्थितायां प्रतिष्ठेथाः स्थितायां स्थितिमाचरेः ।
निषण्णायां निषीदास्यां पीताम्भसि पिबेरपः ॥८९॥
ପ୍ରସ୍ଥିତାୟାଂ ପ୍ରତିଷ୍ଠେଥାଃ ସ୍ଥିତାୟାଂ ସ୍ଥିତିମାଚରେଃ ।
ନିଷଣ୍ଣାୟାଂ ନିଷୀଦାସ୍ୟାଂ ପୀତାମ୍ଭସି ପିବେରପଃ ॥୮୯॥

वधूर्भक्तिमती चैनामर्चितामातपोवनात् ।
प्रयता प्रातरन्वेतु सायं प्रत्युद्व्रजेदपि ॥९०॥
ବଧୂର୍ଭକ୍ତିମତୀ ଚୈନାମର୍ଚ୍ଚିତାମାତପୋବନାତ୍ ।
ପ୍ରୟତା ପ୍ରାତରନ୍ୱେତୁ ସାୟଂ ପ୍ରତ୍ୟୁଦ୍ବ୍ରଜେଦପି ॥୯୦॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କର ପହ୍ଲା ଥିଲା କୁଣ୍ଡ ପରି ବିଶାଳ । ବାଛୁରୀକୁ ଦେଖିବା ମାତ୍ରେ ସେଥିରୁ ଈଷତ୍ ଉଷ୍ଣ କ୍ଷୀର ନିଃସୃତ ହୋଇ ପୃଥିବୀକୁ ସିକ୍ତ କରୁଥିଲା । ଯଜ୍ଞ ଶେଷରେ ଯଥାନିୟମରେ ସମ୍ପାଦିତ ଅଭିଷେକ-ଜଳଠାରୁ ମଧ୍ୟ ସେହି କ୍ଷୀର ଥିଲା ଅଧିକ ପବିତ୍ର । ୮୪

ନନ୍ଦିନୀ ନିକଟବର୍ତ୍ତୀ ହେବାରୁ ତାଙ୍କର ଖୁରରୁ ଉଠୁଥିବା ଧୂଳି ଦିଲୀପଙ୍କର ଶରୀର ସ୍ପର୍ଶ କଲା । ଗାଈ ଖୁରରୁ ଉଠିବା ଧୂଳି ବାୟୁତୀର୍ଥ ସ୍ୱରୂପ । ସେଥିରେ ରାଜାଙ୍କର ଅଭିଷେକ ସମ୍ପାଦିତ ହୋଇ ତାଙ୍କର ଅଧିକ ପବିତ୍ରତା ବଢ଼ାଇଲା । ୮୫

ଶକୁନ ଶାସ୍ତ୍ରରେ ଅଭିଜ୍ଞ ମହର୍ଷି ପୁଣ୍ୟଦର୍ଶନା ନନ୍ଦିନୀଙ୍କୁ ଦେଖି ନିଜର ଯଜମାନ ରଜା ସଫଳକାମ ହେବେ ବୋଲି ସୂଚନା ପାଇଲେ ଏବଂ କହିଲେ :—୮୬

"ରଜନ୍, ତୁମର ସିଦ୍ଧି ନିକଟ ହେଲାଣ ବୋଲି ଜାଣ । କାରଣ ନାମ ଉଚ୍ଚାରଣ କରିବା ମାତ୍ରେ ହିଁ ଏ କଲ୍ୟାଣୀ (ନନ୍ଦିନୀ) ଆସି ଉପସ୍ଥିତ ହୋଇଗଲା । ୮୭

ବାରମ୍ବାର ଅଭ୍ୟାସ ଦ୍ୱାରା ଯେପରି ବିଦ୍ୟାକୁ ପ୍ରସନ୍ନ କରାଯାଏ, ତୁମେ ବନ୍ୟ ବୃତ୍ତି ଗ୍ରହଣ କରି (ବନର ଫଳମୂଳ ପ୍ରଭୃତିରେ ଉଦର ପୋଷଣ ତଥା ଅନ୍ୟାନ୍ୟ ବନବାସୀ-ଯୋଗ୍ୟ ଆଚରଣ କରି) ସେହିପରି ବାରମ୍ବାର ଅନୁସରଣ ଦ୍ୱାରା ଏହାଙ୍କୁ ପ୍ରସନ୍ନ କରିପାରିବ ।୮୮

ଇଏ ଚାଲିଲେ ତୁମେ ଚାଲିବ, ଇଏ ଠିଆହେଲେ ତୁମେ ଠିଆହେବ, ଇଏ ଶୋଇଲେ ତୁମେ ଶୋଇବ ଏବଂ ଇଏ ଜଳପାନ କଲେ ତୁମେ ଜଳପାନ କରିବ । ୮୯

ବଧୂ ସୁଦକ୍ଷିଣା ମଧ୍ୟ ଶ୍ରଦ୍ଧା ଓ ପବିତ୍ରତାର ସହିତ କୁସୁମ ଓ ଚନ୍ଦନ ପ୍ରଭୃତି ଦ୍ୱାରା ଏହାର ଅର୍ଚ୍ଚନା କରିବେ, ସକାଳେ ତପୋବନର ସୀମା ପର୍ଯ୍ୟନ୍ତ ଅନୁଗମନ କରିବେ ଏବଂ ସନ୍ଧ୍ୟାରେ ତପୋବନର ସୀମା ପର୍ଯ୍ୟନ୍ତ ଯାଇ ପାଛୋଟି ଆଣିବେ । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्याप्रसादादस्यास्त्वं परिचर्यापरो भव ।
अविघ्नमस्तु ते स्थेयाः पितेव धुरि पुत्रिणाम् ॥६१॥
ଇତ୍ୟାପ୍ରସାଦାଦସ୍ୟାସ୍ତ୍ୱଂ ପରିଚର୍ଯ୍ୟାପରୋ ଭବ ।
ଅବିଘ୍ନମସ୍ତୁ ତେ ସ୍ଥେୟାଃ ପିତେବ ଧୁରି ପୁତ୍ରିଣାମ୍ ॥୬୧॥

तथेति प्रतिजग्राह प्रीतिमान् सपरिग्रहः ।
आदेशं देशकालज्ञः शिष्यः शासितुरानतः ॥६२॥
ତଥେତି ପ୍ରତିଜଗ୍ରାହ ପ୍ରୀତିମାନ୍ ସପରିଗ୍ରହଃ ।
ଆଦେଶଂ ଦେଶକାଳଜ୍ଞଃ ଶିଷ୍ୟଃ ଶାସିତୁରାନତଃ ॥୬୨॥

अथ प्रदोषे दोषज्ञः संवेशाय विशाम्पतिम् ।
सूनुः सूनृतवाक् स्रष्टुर्विससर्जोर्जितश्रियम् ॥६३॥
ଅଥ ପ୍ରଦୋଷେ ଦୋଷଜ୍ଞଃ ସଂବେଶାୟ ବିଶାମ୍ପତିମ୍ ।
ସୂନୁଃ ସୂନୃତବାକ୍ ସ୍ରଷ୍ଟୁର୍ବିସସର୍ଜୋର୍ଜିତଶ୍ରିୟମ୍ ୬୩॥

सत्यामपि तपःसिद्धौ नियमापेक्षया मुनिः ।
कल्पवित् कल्पयामास वन्यामेवास्य संविधाम् ॥६४॥
ସତ୍ୟାମପି ତପଃସିଦ୍ଧୌ ନିୟମାପେକ୍ଷୟା ମୁନିଃ ।
କଳ୍ପବିତ୍ କଳ୍ପୟାମାସ ବନ୍ୟାମେବାସ୍ୟ ସଂବିଧାମ୍ ॥୬୪॥

निर्दिष्टां कुलपतिना स पर्णशालामध्यास्य प्रयतपरिग्रहद्वितीयः ।
तच्छिष्याध्ययननिवेदितावसानां संविष्टः कुशशयने निशां निनाय ॥६५॥
ନିର୍ଦ୍ଦିଷ୍ଟାଂ କୁଳପତିନା ସ ପର୍ଣ୍ଣଶାଳାମଧ୍ୟାସ୍ୟ ପ୍ରୟତପରିଗ୍ରହଦ୍ୱିତୀୟଃ ।
ତଚ୍ଛିଷ୍ୟାଧ୍ୟୟନନିବେଦିତାବସାନାଂ ସଂବିଷ୍ଟଃ କୁଶଶୟନେ ନିଶାଂ ନିନାୟ ॥୬୫

इति श्रीमहाकविकालिदासकृतौरघुवंशमहाकाव्येदिलीपसुदक्षिणयोः
वसिष्ठाश्रम-गमनो नाम पृथमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିଭଳି ଭବରେ ଏ ପ୍ରସନ୍ନା ହେବା ପର୍ଯ୍ୟନ୍ତ ତୁମେ ଏହାର ସେବା କର । ତୁମର ବିଘ୍ନ ଦୂର ହେଉ । ତୁମ ପିତାଙ୍କ ପରି ତୁମେ ସତ୍‌ପୁତ୍ରବାନ୍ ବ୍ୟକ୍ତି-ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୁଅ । ୯୧

ଦେଶକାଳଜ୍ଞ, ଶିଷ୍ୟ, ରଜା ପତ୍ନୀଙ୍କ ସହିତ ଆନନ୍ଦିତ ହୋଇ ବିନମ୍ର ଭବରେ 'ସେହିପରି କରିବୁଁ' ବୋଲି କହି ଉପଦେଷ୍ଟା ମହର୍ଷିଙ୍କର ଆଦେଶ ଗ୍ରହଣ କଲେ । ୯୨

ତା'ପରେ ରାତ୍ରିର ପ୍ରଥମ ପ୍ରହରରେ ବ୍ରହ୍ମାଙ୍କ ପୁତ୍ର, ପ୍ରିୟସତ୍ୟଭାଷୀ, ବିଦ୍ୱାନ୍, ମହର୍ଷି ଶ୍ରୀମାନ୍ ରଜାଙ୍କୁ ଶୋଇବା ନିମନ୍ତେ ଆଦେଶ ଦେଲେ । ୯୩

ତପୋବଳରେ ରଜାଙ୍କ ପାଇଁ ରଜଯୋଗ୍ୟ ଆହାର ପ୍ରଭୃତିର ବ୍ୟବସ୍ଥା କରିବାର ସାମର୍ଥ୍ୟ ମହର୍ଷିଙ୍କର ଯଥେଷ୍ଟ ଥିଲ, କିନ୍ତୁ ରଜା ବ୍ରତ ପାଳନ କରିବେ ବୋଲି ବ୍ରତ-ବିଧିରେ ଅଭିଜ୍ଞ ମହର୍ଷି ତାଙ୍କପାଇଁ ବନବାସୀ-ଯୋଗ୍ୟ ଶୟନ, ଭୋଜନ ପ୍ରଭୃତିର ବ୍ୟବସ୍ଥା କରଇଲେ । ୯୪

କୁଳପତି ବଶିଷ୍ଠଙ୍କ ନିର୍ଦ୍ଦେଶ ଅନୁସାରେ ରଜା ଏକ ପତ୍ରକୁଡ଼ିଆ ମଧ୍ୟରେ କୁଶ-ଶଯ୍ୟାରେ ଶୟନ କରି ପୁଣ୍ୟଶୀଳା ପତ୍ନୀଙ୍କ ସହିତ ରାତ୍ରି ଯାପନ କଲେ । ମହର୍ଷିଙ୍କ ଶିଷ୍ୟମାନେ ବେଦାଧ୍ୟୟନ କରନ୍ତେ ରାତ୍ରିର ଅବସାନ ସୂଚିତ ହେଲ ।୯୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वितीयः सर्गः

अथ प्रजानामधिपः प्रभाते जायाप्रतिग्राहितगन्धमाल्याम् ।
वनाय पीतप्रतिबद्धवत्सां यशोधनो धेनुमृषेर्मुमोच ॥१
ଅଥ ପ୍ରଜାନାମଧିପଃ ପ୍ରଭାତେ ଜାୟାପ୍ରତିଗ୍ରାହିତଗନ୍ଧମାଲ୍ୟାମ୍ ।
ବନାୟ ପୀତପ୍ରତିବଦ୍ଧବତ୍ସାଂ ଯଶୋଧନୋ ଧେନୁମୃଷେର୍ମୁମୋଚ ॥୧

तस्याः खुरन्यासपवित्रपांसुमपांसुलानां धुरि कीर्तनीया ।
मार्गं मनुष्येश्वरधर्मपत्नी श्रुतेरिवार्थं स्मृतिरन्वगच्छत् ॥२
ତସ୍ୟାଃ ଖୁରନ୍ୟାସପବିତ୍ରପାଂସୁମପାଂସୁଲାନାଂ ଧୁରି କୀର୍ତ୍ତନୀୟା ।
ମାର୍ଗଂ ମନୁଷ୍ୟେଶ୍ୱରଧର୍ମପତ୍ନୀ ଶ୍ରୁତେରିବାର୍ଥଂ ସ୍ମୃତିରନ୍ୱଗଚ୍ଛତ୍ ॥୨

निवर्त्य राजा दयितां दयालुस्तां सौरभेयीं सुरभिर्यशोभिः ।
पयोधरीभूतचतुःसमुद्रां जुगोप गोरूपधरामिवोर्वीम् ॥३
ନିବର୍ତ୍ତ୍ୟ ରାଜା ଦୟିତାଂ ଦୟାଳୁ ସ୍ତାଂ ସୌରଭେୟୀଂ ସୁରଭିର୍ଯଶୋଭିଃ ।
ପୟୋଧରୀଭୂତଚତୁଃସମୁଦ୍ରାଂ ଜୁଗୋପ ଗୋରୂପଧରାମିବୋର୍ବୀମ୍ ॥୩

व्रताय तेनानुचरेण धेनोर्न्यषेधि शेषोऽप्यनुयायिवर्गः ।
न चान्यतस्तस्य शरीररक्षा स्ववीर्यगुप्ता हि मनोः प्रसूतिः ॥४
ବ୍ରତାୟ ତେନାନୁଚରେଣ ଧେନୋର୍ନ୍ୟଷେଧି ଶେଷୋଽପ୍ୟନୁୟାୟିବର୍ଗଃ ।
ନ ଚାନ୍ୟତସ୍ତସ୍ୟ ଶରୀରରକ୍ଷା ସ୍ୱବୀର୍ଯ୍ୟଗୁପ୍ତା ହି ମନୋଃ-ପ୍ରସୂତିଃ ॥୪

आस्वादवद्भिः कवलैस्तृणानां कण्डूयनैर्दंशनिवारणैश्च ।
अव्याहतैः स्वैरगतैः स तस्याः सम्राट् समाराधनतत्परोऽभूत् ॥५
ଆସ୍ୱାଦବଦ୍ଭିଃ କବଳୈସ୍ତୃଣାନାଂ କଣ୍ଡୂୟନୈର୍ଦଂଶନିବାରଣୈଶ୍ଚ ।
ଅବ୍ୟାହତୈଃ ସ୍ୱୈରଗତୈଃ ସ ତସ୍ୟାଃ ସମ୍ରାଟ୍ ସମାରାଧନତତ୍ପରୋଽଭୂତ୍ ॥୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିତୀୟ ସର୍ଗ

ସକାଳେ ସୁଦକ୍ଷିଣା ନନ୍ଦିନୀଙ୍କୁ ଚନ୍ଦନ ଏବଂ ପୁଷ୍ପମାଳା ପିନ୍ଧାଇ ଦେଲେ । ବାଛୁରୀ ପିଇସାରିବା ପରେ ତାହାକୁ ବାନ୍ଧି ଦିଆଗଲା । ତା'ପରେ ପ୍ରଜାପାଳକ, ଯଶକୁ ହିଁ ଧନ ମନେ କରିଥିବା ରଜା ଦିଲୀପ ନନ୍ଦିନୀଙ୍କୁ ବନକୁ ଯିବା ପାଇଁ ଛାଡ଼ିଦେଲେ । ୧

ସ୍ମୃତି (ସ୍ମୃତିଶାସ୍ତ୍ର) ଯେପରି ଶ୍ରୁତିର (ବେଦର) ଅର୍ଥକୁ ଅନୁସରଣ କରେ, ପତିବ୍ରତା-ମାନଙ୍କର ଅଗ୍ରଗଣ୍ୟା ସୁଦକ୍ଷିଣା ସେହିପରି ନନ୍ଦିନୀଙ୍କର ପଥକୁ ଅନୁସରଣ କଲେ, ଯେଉଁ ପଥରେ କି ନନ୍ଦିନୀଙ୍କର ଖୁରପାତ ଯୋଗୁଁ ପବିତ୍ର ଧୂଳି ଉତ୍‌ଥିତ ହେଉଥିଲା । ୨

ଦୟାଳୁ, କୀର୍ତ୍ତି ସୁନ୍ଦର ରଜା ପତ୍ନୀଙ୍କୁ ଆଶ୍ରମକୁ ବାହୁଡ଼ାଇ ଦେଇ ନନ୍ଦିନୀଙ୍କୁ ରକ୍ଷା କରିବାରେ ତତ୍ପର ରହିଲେ । ସତେ ଯେପରି ନନ୍ଦିନୀ ଥିଲେ ଗୋ-ରୂପ-ଧାରିଣୀ ପୃଥିବୀ ! ଚାରି ସମୁଦ୍ର ସତେ ଯେପରି ତାଙ୍କର ଚାରିଗୋଟି ପୟୋଧର (ସ୍ତନ) ରୂପେ ପରିଣତ ହୋଇଥିଲା ! ୩

ରଜା ଗୋ-ସେବା ବ୍ରତ ପାଳନ କରିବାକୁ ଯାଉଥିବାରୁ ଅନ୍ୟାନ୍ୟ ଅନୁଚରବର୍ଗଙ୍କୁ ଆସିବାକୁ ନିଷେଧ କଲେ ଏବଂ ନିଜେ ଏକାକୀ ସେବକ ପରି ନନ୍ଦିନୀଙ୍କ ପଛେ ପଛେ ଚାଲିଲେ । ନିଜ ଶରୀର ରକ୍ଷା କରିବାକୁ ସେ ଅନ୍ୟର ସାହାଯ୍ୟ ଲୋଡୁ ନଥିଲେ । କାରଣ, ମନୁଙ୍କ ବଂଶଧର ରଜାମାନେ ନିଜ ପରାକ୍ରମରେ ହିଁ ନିଜକୁ ରକ୍ଷା କରୁଥିଲେ । ୪

ନନ୍ଦିନୀଙ୍କୁ ସୁସ୍ୱାଦୁ ଘାସ ଖାଇବାକୁ ଦେଇ, ତାଙ୍କର ଦେହକୁ କୁଣ୍ଡାଇ ଦେଇ, ମଶାମାଛି ବସିଲେ ସେମାନଙ୍କୁ ଘଉଡ଼ାଇ ଦେଇ, ଏବଂ ଇଚ୍ଛାନୁସାରେ ବୁଲିବାକୁ ଦେଇ ସମ୍ରାଟ୍ ଦିଲୀପ ତାଙ୍କର ସେବା କରିବାରେ ଅଭିନିବିଷ୍ଟ ରହିଲେ । ୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्थितः स्थितामुच्चलितः प्रयातां निषेदुषीमासनबन्धधीरः ।
जलाभिलाषी जलमाददानां छायेव तां भूपतिरन्वगच्छत् ॥६॥
ସ୍ଥିତଃ ସ୍ଥିତାମୁଚ୍ଚଳିତଃ ପ୍ରୟାତାଂ ନିଷେଦୁଷୀମାସନବନ୍ଧଧୀରଃ ।
ଜଳାଭିଳାଷୀ ଜଳମାଦଦାନାଂ ଛାୟେବ ତାଂ ଭୂପତିରନ୍ୱଗଚ୍ଛତ୍ ॥୬॥

स न्यस्तचिह्नामपि राजलक्ष्मीं तेजोविशेषानुमितां दधानः ।
आसीदनाविष्कृतदानराजिरन्तर्मदावस्थ इव द्विपेन्द्रः ॥७॥
ସ ନ୍ୟସ୍ତଚିହ୍ନାମପି ରାଜଲକ୍ଷ୍ମୀଂ ତେଜୋବିଶେଷାନୁମିତାଂ ଦଧାନଃ ।
ଆସୀଦନାବିଷ୍କୃତଦାନରାଜିରନ୍ତର୍ମଦାବସ୍ଥ ଇବ ଦ୍ୱିପେନ୍ଦ୍ରଃ ॥୭॥

लताप्रतानोद्ग्रथितैः स केशैरधिज्यधन्वा विचचार दावम् ।
रक्षापदेशान्मुनिहोमधेनोर्वन्यान् विनेष्यन्निव दुष्टसत्त्वान् ॥८॥
ଲତାପ୍ରତାନୋଦ୍‌ଗ୍ରଥିତୈଃ ସ କେଶୈରଧିଜ୍ୟଧନ୍ୱା ବିଚଚାର ଦାବମ୍ ।
ରକ୍ଷାପଦେଶାନ୍‌ମୁନିହୋମଧେନୋର୍ବନ୍ୟାନ୍‌ବିନେଷ୍ୟନ୍ନିବ ଦୁଷ୍ଟସତ୍ତ୍ୱାନ୍ ॥୮

विसृष्टपार्श्वानुचरस्य तस्य पार्श्वद्रुमाः पाशभृता समस्य ।
उदीरयामासुरिवोन्मदानामालोकशब्दं वयसां विरावैः ॥९॥
ବିସୃଷ୍ଟପାର୍ଶ୍ୱାନୁଚରସ୍ୟ ତସ୍ୟ ପାର୍ଶ୍ୱଦ୍ରୁମାଃ ପାଶଭୃତା ସମସ୍ୟ ।
ଉଦୀରୟାମାସୁରିବୋନ୍ମଦାନାମାଲୋକଶବ୍ଦଂ ବୟସାଂ ବିରାବୈଃ ॥୯॥

मरुत्प्रयुक्ताश्च मरुत्सखाभं तमर्च्यमारादभिवर्त्तमानम् ।
अवाकिरन् बाललताः प्रसूनैराचारलाजैरिव पौरकन्याः ॥१०॥
ମରୁତ୍‌ପ୍ରୟୁକ୍ତାଶ୍ଚ ମରୁତ୍‌ସଖାଭଂ ତମର୍ଚ୍ୟମାରାଦଭିବର୍ତ୍ତମାନମ୍ ।
ଅବାକିରନ୍ ବାଲଲତାଃ ପ୍ରସୂନୈରାଚାରଲାଜୈରିବ ପୌରକନ୍ୟାଃ ॥୧୦॥

धनुर्भृतोऽप्यस्य दयार्द्रभावमाख्यातमन्तःकरणैर्विशङ्कैः ।
विलोकयन्त्यो वपुरापुरक्ष्णां प्रकामविस्तारफलं हरिण्यः ॥११॥
ଧନୁର୍ଭୃତୋଽପ୍ୟସ୍ୟ ଦୟାର୍ଦ୍ରଭାବମାଖ୍ୟାତମନ୍ତଃକରଣୈର୍ବିଶଙ୍କୈଃ ।
ବିଲୋକୟନ୍ତ୍ୟୋ ବପୁରାପୁରକ୍ଷ୍ଣାଂ ପ୍ରକାମବିସ୍ତାରଫଳଂ ହରିଣ୍ୟଃ ॥୧୧॥

स कीचकैर्मारुतपूर्णरन्ध्रैः कूजद्भिरापादितवंशकृत्यम् ।
शुश्राव कुञ्जेषु यशः स्वमुच्चैरुद्गीयमानं वनदेवताभिः ॥१२॥
ସ କୀଚକୈର୍ମାରୁତପୂର୍ଣ୍ଣରନ୍ଧ୍ରୈଃ କୂଜଦ୍‌ଭିରାପାଦିତବଂଶକୃତ୍ୟମ୍ ।
ଶୁଶ୍ରାବ କୁଞ୍ଜେଷୁ ଯଶଃ ସ୍ୱମୁଚ୍ଚୈରୁଦ୍‌ଗୀୟମାନଂ ବନଦେବତାଭିଃ ॥୧୨॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନନ୍ଦିନୀ ଯଦି ଠିଆ ହେଉଥିଲେ, ରଜା ଠିଆ ହେଉଥିଲେ । ସେ ଚାଲିଲେ ରଜା ଚାଲୁଥିଲେ । ସେ ଶୋଇଲେ ରଜା ବସୁଥିଲେ ଏବଂ ସେ ଜଳ ପିଇ ସାରିଲେ ରଜା ଜଳପାନ କରୁଥିଲେ । ଏହିପରି ଭବରେ ରଜା ଛାଇ ପରି ତାଙ୍କର ଅନୁସରଣ କରିବାକୁ ଲଗିଲେ ।୬

ଐରବତ ଗଣ୍ଡ ସ୍ଥଳରେ ଯେତେବେଳେ ମଦଜଳଧାର ଉପରକୁ ଦେଖା-ଯାଉ ନଥାଏ, ସେତେବେଳେ ମଧ୍ୟ ସେ ଐରବତ ବୋଲି ଜାଣିହୁଏ । କାରଣ, ତା' ଦେହ ଭିତରେ ମଦ ଅବସ୍ଥା ନିହିତ ଥାଏ । ସେହିପରି ଦିଲୀପ ଛତ୍ର, ଚାମର ପ୍ରଭୃତି ରଜଚିହ୍ନ ଧାରଣ କରି ନଥିଲେ ମଧ୍ୟ ନିଜର ଅତିଶୟ ତେଜ ଯୋଗୁଁ ରଜା ବୋଲି ଜାଣି ହେଉଥିଲେ ।୭ (ମଦଜଳ—ହସ୍ତୀର ଗଣ୍ଡ ସ୍ଥଳରୁ ଯେଉଁ ଜଳ ଝରେ)

ବେଳେ ବେଳେ ସୂତା ପରି ସରୁସରୁ ଲତାରେ ତାଙ୍କର କେଶ ଛନ୍ଦି-ହୋଇ ଯାଉଥିଲା । ଧନୁରେ ଗୁଣ ଚଢ଼ାଇ ସେ ବନରେ ବିଚରଣ କରୁଥିଲେ । ମୁନିଙ୍କର ହୋମ-ଧେନୁକୁ ରକ୍ଷା କରିବା ଛଳରେ ସତେ ଯେପରି ବନର ହିଂସ୍ର ଜନ୍ତୁମାନଙ୍କୁ ଶାସନ କରିବା ତାଙ୍କର ଅଭିପ୍ରାୟ ଥିଲା !୮

ଦିଲୀପ ଥିଲେ ବରୁଣଙ୍କ ତୁଲ୍ୟ ପ୍ରଭବଶାଳୀ । ତାଙ୍କ ପାଖରେ ଅନୁଚର-ବର୍ଗ ନଥିଲେ ମଧ୍ୟ ପାର୍ଶ୍ୱବର୍ତ୍ତୀ ବୃକ୍ଷମାନେ ଉନ୍ମତ୍ତ ପକ୍ଷୀଗଣଙ୍କ କୂଜନ ଦ୍ୱାର ସତେ ଯେପରି ତାଙ୍କର ଜୟଗାନ କରୁଥିଲେ ।୯

ସେହି ଅଗ୍ନି ତୁଲ୍ୟ ତେଜସ୍ୱୀ ରଜା ନଗରରେ ଗଲବେଳେ ନଗର କନ୍ୟା-ମାନେ ଯେପରି ତାଙ୍କ ଉପରେ ଲଜାଞ୍ଜଳି (ଅଞ୍ଜଳିଭର ଖଇ) ବର୍ଷଣ କରନ୍ତି, ବନରେ ସେହିପରି କ୍ଷୁଦ୍ର ଲତାମାନେ ପବନରେ ଦୋହଲି ଦୋହଲି ତାଙ୍କ ଉପରେ ପୁଷ୍ପାଞ୍ଜଳି ବର୍ଷଣ କଲେ ।୧୦

ରଜା ଧନୁ ଧାରଣ କରିଥିଲେ ମଧ୍ୟ ହରିଣୀମାନେ ତାଙ୍କୁ ଚାହିଁ ନିଜ ନିଜ ବିଶାଳ ଚକ୍ଷୁର ଫଳ ଲଭ କରୁଥିଲେ । ସେ ରଜା ଯେ ଅତ୍ୟନ୍ତ ସଦୟ, ଏହା ସେମାନଙ୍କର ଶଙ୍କାଶୂନ୍ୟ ଅନ୍ତଃକରଣ ହିଁ ସେମାନଙ୍କୁ ଜଣାଇ ଦେଉଥିଲା ।୧୧

କୁଞ୍ଜମାନଙ୍କରେ ବନଦେବତାମାନେ ତାଙ୍କର ଯଶୋରଶି ଉଚ୍ଚ ସ୍ୱରରେ ଗାନ କରୁଥିବାର ସେ ଶୁଣିଲେ । ବାଉଁଶ ଗଛର ରନ୍ଧ୍ରରେ ପବନ ପଶି ଯେଉଁ ସ୍ୱର ସୃଷ୍ଟି ହେଉଥିଲା, ତାହା ସେହି ଗାନରେ ବଂଶୀ ସ୍ୱରର କାର୍ଯ୍ୟ କରୁଥିଲା ।୧୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पृक्तस्तुषारैर्गिरिनिर्झराणामनोकहाकम्पितपुष्पगन्धिः ।
तमातपक्लान्तमनातपत्रमाचारपूतं पवनः सिषेवे ॥१३॥
ପୃକ୍ତସ୍ତୁଷାରୈର୍ଗିରିନିର୍ଝରାଣାମନୋକହାକମ୍ପିତପୁଷ୍ପଗନ୍ଧିଃ ।
ତମାତପକ୍ଲାନ୍ତମନାତପତ୍ରମାଚାରପୂତଂ ପବନଃ ସିଷେବେ ॥୧୩॥

शशाम वृष्ट्यापि विना दवाग्निरासीद् विशेषा फलपुष्पवृद्धिः ।
ऊनं न सत्त्वेष्वधिको बबाधे तस्मिन् वनं गोप्तरि गाहमाने ॥१४॥
ଶଶାମ ବୃଷ୍ଟ୍ୟାପି ବିନା ଦବାଗ୍ନିରାସୀଦ୍ବିଶେଷା ଫଳପୁଷ୍ପବୃଦ୍ଧିଃ ।
ଊନଂ ନ ସତ୍ତ୍ୱେଷ୍ୱଧିକୋ ବବାଧେ ତସ୍ମିନ୍ ବନଂ ଗୋପ୍ତରି ଗାହମାନେ ॥୧୪

सञ्चारपूतानि दिगन्तराणि कृत्वा दिनान्ते निलयाय गन्तुम् ।
प्रचक्रमे पल्लवरागताम्रा प्रभा पतङ्गस्य मुनेश्च धेनुः ॥१५॥
ସଞ୍ଚାରପୂତାନି ଦିଗନ୍ତରାଣି କୃତ୍ୱା ଦିନାନ୍ତେ ନିଲୟାୟ ଗନ୍ତୁମ୍ ।
ପ୍ରଚକ୍ରମେ ପଲ୍ଲବରାଗତାମ୍ରା ପ୍ରଭା ପତଙ୍ଗସ୍ୟ ମୁନେଶ୍ଚ ଧେନୁଃ ॥୧୫॥

तां देवतापित्रतिथिक्रियार्थामन्वग्ययौ मध्यमलोकपालः ।
बभौ च सा तेन सतां मतेन श्रद्धेव साक्षाद् विधिनोपपन्ना ॥१६॥
ତାଂ ଦେବତାପିତ୍ରତିଥିକ୍ରିୟାର୍ଥାମନ୍ୱଗ୍ୟଯୌ ମଧ୍ୟମଲୋକପାଳଃ ।
ବଭୌ ଚ ସା ତେନ ସତାଂ ମତେନ ଶ୍ରଦ୍ଧେବ ସାକ୍ଷାଦ୍ବିଧିନୋପପନ୍ନା ॥୧୬॥

स पल्वलोत्तीर्णवराहयूथान्यावासवृक्षोन्मुखबर्हिणानि ।
ययौ मृगाध्यासितशाद्वलानि श्यामायमानानि वनानि पश्यन् ॥१७॥
ସ ପଲ୍ୱଲୋତ୍ତୀର୍ଣ୍ଣବରାହଯୂଥାନ୍ୟାବାସବୃକ୍ଷୋନ୍ମୁଖବର୍ହିଣାନି ।
ଯଯୌ ମୃଗାଧ୍ୟାସିତଶାଦ୍ୱଲାନି ଶ୍ୟାମାୟମାନାନି ବନାନି ପଶ୍ୟନ୍ ॥୧୭॥

आपीनभारोद्वहनप्रयत्नाद् गृष्टिर्गुरुत्वाद् वपुषो नरेन्द्रः ।
उभावलञ्चक्रतुरञ्चिताभ्यां तपोवनावृत्तिपथं गताभ्याम् ॥१८॥
ଆପୀନଭାରୋଦ୍ୱହନପ୍ରୟତ୍ନାଦ୍ ଗୃଷ୍ଟିର୍ଗୁରୁତ୍ୱାଦ୍ ବପୁଷୋ ନରେନ୍ଦ୍ରଃ ।
ଉଭାବଲଂଚକ୍ରତୁରଞ୍ଚିତାଭ୍ୟାଂ ତପୋବନାବୃତ୍ତିପଥଂ ଗତାଭ୍ୟାମ୍ ॥୧୮॥

वसिष्ठधेनोरनुयायिनं तमावर्त्तमानं वनिता वनान्तात् ।
पपौ निमेषालसपक्ष्मपङ्क्तिरुपोषिताभ्यामिव लोचनाभ्याम् ॥१९॥
ବସିଷ୍ଠଧେନୋରନୁଯାୟିନଂ ତମାବର୍ତ୍ତମାନଂ ବନିତା ବନାନ୍ତାତ୍ ।
ପପୌ ନିମେଷାଳସପକ୍ଷ୍ମପଂକ୍ତିରୁପୋଷିତାଭ୍ୟାମିବ ଲୋଚନାଭ୍ୟାମ୍ ॥୧୯॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Gurukul Kangri Vishwavidyalaya Library

ଛତ୍ର ନଥିବାରୁ ଆଚରଣଶୁଦ୍ଧ ରଜା ଖରରେ ଯେତେବେଳେ କ୍ଲାନ୍ତ ହୋଇ ପଡୁଥିଲେ, ବାୟୁ ତାଙ୍କର ସେବା କରୁଥିଲା । ଗିରି ନିର୍ଝର ମାନଙ୍କର ତୁଷାର-ବିନ୍ଦୁ ବହନ କରି ଏବଂ ବୃକ୍ଷ ମାନଙ୍କରୁ ପୁଷ୍ପରାଶି ଝଡ଼ାଇ ସେହି ବାୟୁ ଥିଲା ଶୀତଳ ଆଉ ସୁଗନ୍ଧଭରା ।୧୩

ରକ୍ଷକ ରଜା ବନ ଭିତରେ ପ୍ରବେଶ କରନ୍ତେ ବିନା ବୃଷ୍ଟିରେ ଦାବାଗ୍ନି ନିର୍ବାପିତ ହେଲା, ଫଳପୁଷ୍ପର ଅଭିବୃଦ୍ଧି ଘଟିଲା ଏବଂ ସବଳ ପ୍ରାଣୀମାନେ ଦୁର୍ବଳମାନଙ୍କୁ କଷ୍ଟ ଦେଲେ ନାହିଁ ।୧୪

ନବପଲ୍ଲବ ପରି ପାଟଳବର୍ଣ୍ଣା ସୂର୍ଯ୍ୟପ୍ରଭା ଏବଂ ନବପଲ୍ଲବ ପରି ପାଟଳ-ବର୍ଣ୍ଣା ନନ୍ଦିନୀ ନିଜ ନିଜର ବିଚରଣ ଦ୍ୱାରା ଦିଗମାନଙ୍କୁ ପବିତ୍ର କରି ସନ୍ଧ୍ୟା ସମୟରେ ନିଜ ନିଜର ଆଶ୍ରୟ ସ୍ଥଳକୁ ଯିବା ପାଇଁ ଉଦ୍ୟତ ହେଉଥିଲେ ।୧୫

ଭୂଲୋକର ପାଳନକର୍ତ୍ତା ରଜା ଦେବକାର୍ଯ୍ୟ, ପିତୃକାର୍ଯ୍ୟ ଓ ଅତିଥି କାର୍ଯ୍ୟର ସାଧନସ୍ୱରୂପା ସେହି ଧେନୁଙ୍କର ସର୍ବଦା ଅନୁଗମନ କରୁଥିଲେ । ଶ୍ରଦ୍ଧା ଯେପରି ସଜ୍ଜନମାନଙ୍କ କାର୍ଯ୍ୟ ସହିତ ଶୋଭା ପାଏ, ନନ୍ଦିନୀ ସେହିପରି ସଜ୍ଜନବନ୍ଦିତ ଦିଲୀପଙ୍କ ସହିତ ଶୋଭା ପାଉଥିଲେ ।୧୬

ସନ୍ଧ୍ୟା ସମୟରେ କ୍ଷୁଦ୍ର କ୍ଷୁଦ୍ର ଜଳପୂର୍ଣ୍ଣ ଖାଲରୁ ବରାହଯୂଥ ଉପରକୁ ଉଠି-ଆସୁଥିଲେ । ମୟୂରମାନେ ନିଜ ନିଜର ଆବାସ-ବୃକ୍ଷକୁ ଯିବାପାଇଁ ଉନ୍ମୁଖ ହେଉ-ଥିଲେ ଏବଂ ମୃଗଗଣ ଶ୍ୟାମଳ ତୃଣ ଉପରେ ଶୟନ କରୁଥିଲେ । ଶ୍ୟାମାୟମାନ ବନର ଏହିପରି ଦୃଶ୍ୟରାଜି ଦେଖିଦେଖି ରଜା ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।୧୭

ନନ୍ଦିନୀ ପ୍ରଥମ ଥର ପ୍ରସବ କରିଥିବାରୁ ଆୟାସର ସହିତ ନିଜର ବିଶାଳ ପହ୍ନାକୁ ବହନ କରି ଚାଲୁଥିଲେ ଏବଂ ରଜା ମଧ୍ୟ ନିଜର ବିଶାଳ ବପୁକୁ ବହନ-କରି ଚାଲୁଥିଲେ, ତେଣୁ ଉଭୟଙ୍କର ସୁନ୍ଦର ଚାଲିରେ ତପୋବନ-ପଥ ସୁଶୋଭିତ ହୋଇ ଉଠୁଥିଲା ।୧୮

ସୁଦକ୍ଷିଣା ବନର ଶେଷ ଭାଗରୁ ନନ୍ଦିନୀଙ୍କ ପଛେ ପଛେ ଆସୁଥିବା ସ୍ୱାମୀଙ୍କୁ ନିର୍ନିମେଷ ନୟନରେ ଚାହିଁ ରହୁଥିଲେ । ତାଙ୍କର ଚକ୍ଷୁ ଯୋଡ଼ିକ ସତେ ଯେପରି ଉପବାସ ରହୁଥିଲେ ଏବଂ ଦିଲୀପଙ୍କୁ ଦେଖିଲା ମାତ୍ରେ ତାଙ୍କୁ ପିଇ ଯାଉଥିଲେ ! ୧୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुरस्कृता वर्त्मनि पार्थिवेन प्रत्युद्गता पार्थिवधर्मपत्न्या ।
तदन्तरे सा विरराज धेनुर्दिनक्षपामध्यगतेव सन्ध्या ॥२०॥
ପୁରସ୍କୃତା ବର୍ତ୍ମନି ପାର୍ଥିବେନ ପ୍ରତ୍ୟୁଦ୍‌ଗତା ପାର୍ଥିବଧର୍ମପତ୍ନ୍ୟା ।
ତଦନ୍ତରେ ସା ବିରରାଜ ଧେନୁର୍ଦିନକ୍ଷପାମଧ୍ୟଗତେବ ସନ୍ଧ୍ୟା ॥୨୦॥

प्रदक्षिणीकृत्य पयस्विनीं तां सुदक्षिणा साक्षतपात्रहस्ता ।
प्रणम्य चानर्च विशालमस्याः शृङ्गान्तरं द्वारमिवार्थसिद्धेः ॥२१॥
ପ୍ରଦକ୍ଷିଣୀକୃତ୍ୟ ପୟସ୍ୱିନୀଂ ତାଂ ସୁଦକ୍ଷିଣା ସାକ୍ଷତପାତ୍ରହସ୍ତା ।
ପ୍ରଣମ୍ୟ ଚାନର୍ଚ୍ଚ ବିଶାଳମସ୍ୟାଃ ଶୃଙ୍ଗାନ୍ତରଂ ଦ୍ୱାରମିବାର୍ଥସିଦ୍ଧେଃ ॥୨୧॥

वत्सोत्सुकापि स्तिमिता सपर्यां प्रत्यग्रहीत् सेति ननन्दतुस्तौ ।
भक्त्योपपन्नेषु हि तद्विधानां प्रसादचिह्नानि पुरःफलानि ॥२२॥
ବତ୍ସୋତ୍ସୁକାପି ସ୍ତିମିତା ସପର୍ଯ୍ୟାଂ ପ୍ରତ୍ୟଗ୍ରହୀତ୍ ସେତି ନନନ୍ଦତୁସ୍ତୌ ।
ଭକ୍ତ୍ୟୋପପନ୍ନେଷୁ ହି ତଦ୍‌ବିଧାନାଂ ପ୍ରସାଦଚିହ୍ନାନି ପୁରଃଫଳାନି ॥୨୨॥

गुरोःसदारस्य निपीड्य पादौ समाप्य सान्ध्यं च विधिं दिलीपः ।
दोहावसाने पुनरेव दोग्ध्रीं भेजे भुजोच्छिन्नरिपुर्निषण्णाम् ॥२३॥
ଗୁରୋଃ ସଦାରସ୍ୟ ନିପୀଡ୍ୟ ପାଦୌ ସମାପ୍ୟ ସାନ୍ଧ୍ୟଂ ଚ ବିଧିଂ ଦିଲୀପଃ ।
ଦୋହାବସାନେ ପୁନରେବ ଦୋଗ୍‌ଧ୍ରୀଂ ଭେଜେ ଭୁଜୋଚ୍ଛିନ୍ନରିପୁର୍ନିଷଣ୍ଣାମ୍ ॥୨୩

तामन्तिकन्यस्तबलिप्रदीपामन्वास्य गोप्ता गृहिणीसहायः ।
क्रमेण सुप्तामनु संविवेश सुप्तोत्थितां प्रातरनूदतिष्ठत् ॥२४॥
ତାମନ୍ତିକନ୍ୟସ୍ତବଳିପ୍ରଦୀପାମନ୍ୱାସ୍ୟ ଗୋପ୍ତା ଗୃହିଣୀସହାୟଃ ।
କ୍ରମେଣ ସୁପ୍ତାମନୁ ସଂବିବେଶ ସୁପ୍ତୋତ୍‌ଥିତାଂ ପ୍ରାତରନୂଦତିଷ୍ଠତ୍ ॥୨୪॥

इत्थं व्रतं धारयतः प्रजार्थं समं महिष्या महनीयकीर्त्तेः ।
सप्त व्यतीयुस्त्रिगुणानि तस्य दिनानि दीनोद्धरणोचितस्य ॥२५॥
ଇତ୍‌ଥଂ ବ୍ରତଂ ଧାରୟତଃ ପ୍ରଜାର୍ଥଂ ସମଂ ମହିଷ୍ୟା ମହନୀୟକୀର୍ତ୍ତେଃ ।
ସପ୍ତ ବ୍ୟତୀୟୁସ୍ତ୍ରିଗୁଣାନି ତସ୍ୟ ଦିନାନି ଦୀନୋଦ୍ଧରଣୋଚିତସ୍ୟ ॥୨୫॥

अन्येद्युरात्मानुचरस्य भावं जिज्ञासमाना मुनिहोमधेनुः ।
गङ्गाप्रपातान्तविरूढशष्पं गौरीगुरोर्गह्वरमाविवेश ॥२६॥
ଅନ୍ୟେଦ୍ୟୁରାତ୍ମାନୁଚରସ୍ୟ ଭାବଂ ଜିଜ୍ଞାସମାନା ମୁନିହୋମଧେନୁଃ ।
ଗଙ୍ଗାପ୍ରପାତାନ୍ତବିରୂଢଶଷ୍ପଂ ଗୌରୀଗୁରୋର୍ଗହ୍ୱରମାବିବେଶ ॥୨୬॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା ନନ୍ଦିନୀଙ୍କର ପଛେ ପଛେ ଚାଲୁଥିଲେ, ବାଟରେ ରାଜପତ୍ନୀ ନନ୍ଦିନୀଙ୍କୁ ପାଛୋଟି ନେଇ ଆଗେ ଆଗେ ଚାଲୁଥିଲେ । ତେଣୁ ଦିନ ଓ ରାତିର ମଝିରେ ସନ୍ଧ୍ୟା ଯେପରି ଶୋଭପାଏ, ଉଭୟଙ୍କ ମଝିରେ ନନ୍ଦିନୀ ସେହିପରି ଶୋଭ ପାଉଥିଲେ ।୨୦

ସୁଦକ୍ଷିଣା ହସ୍ତରେ ଅକ୍ଷତପାତ୍ର ଧରି ସେହି ପ୍ରଭୂତ-କ୍ଷୀରବତୀ ଧେନୁଙ୍କୁ ପ୍ରଦକ୍ଷିଣ ପୂର୍ବକ ପ୍ରଣାମ କରୁଥିଲେ ଏବଂ ତାଙ୍କର ଦୁଇ ଶିଙ୍ଗର ମଧ୍ୟସ୍ଥଳକୁ ନିଜ ମନୋବାଞ୍ଛା-ସିଦ୍ଧିର ଦ୍ୱାର ସ୍ୱରୂପ ମନେକରି ପୁଷ୍ପ ଚନ୍ଦନ ପ୍ରଭୃତି ଦ୍ୱାରା ଅର୍ଚ୍ଚନା କରୁଥିଲେ ।୨୧

ନନ୍ଦିନୀ ନିଜ ବାଛୁରୀ ପାଇଁ ଉତ୍କଣ୍ଠିତା ଥିଲେ ହେଁ ନିଶ୍ଚଳ ଭବରେ ଠିଆ-ହୋଇ ରାଜାରାଣୀଙ୍କର ପୂଜା ଗ୍ରହଣ କରୁଥିଲେ । ତେଣୁ ରାଜାରାଣୀଙ୍କର ମନରେ ଅପାର ଆନନ୍ଦ ଜାତ ହେଉଥିଲା । ଯେହେତୁ, ଭକ୍ତି-ଅନୁଗତ ଲୋକମାନଙ୍କ ପ୍ରତି ମହାନ୍ ବ୍ୟକ୍ତିଙ୍କର ପ୍ରସନ୍ନତାର ଚିହ୍ନ ଅଚିରେ ଫଳଲାଭ ହେବାର ସୂଚନା ଦିଏ ।୨୨

ରାଜା ଦିଲୀପ ଯେଉଁ ହାତରେ ଶତ୍ରୁମାନଙ୍କୁ ବିମର୍ଦ୍ଦନ କରନ୍ତି, ସେହି ହାତରେ ଅରୁନ୍ଧତୀ ଏବଂ ବଶିଷ୍ଠଙ୍କର ପାଦ ଧରି ବନ୍ଦନା କରୁଥିଲେ ଏବଂ ତାପରେ ସନ୍ଧ୍ୟା ସମୟର ବିଧିସମାପ୍ତ କରୁଥିଲେ । ଦୁଗ୍ଧ ଦୋହନ ସରିବା ପରେ ନନ୍ଦିନୀ ଯେତେବେଳେ ଶୋଉଥିଲେ, ସେ ପୁଣି ତାଙ୍କ ନିକଟରେ ରହି ସେବା କରୁଥିଲେ ।୨୩

ସେହି ରକ୍ଷକ ରାଜା ପତ୍ନୀଙ୍କ ସହିତ ନନ୍ଦିନୀଙ୍କ ପାଖରେ ବିବିଧ ପୂଜାଦ୍ରବ୍ୟ ଏବଂ ପ୍ରଦୀପ ରଖି ତାଙ୍କ ପଛରେ ଉପବେଶନ କରୁଥିଲେ ଏବଂ ସେ ଶୋଇ-ସାରିବା ପରେ ଶୋଉଥିଲେ । ସକାଳେ ନନ୍ଦିନୀ ଉଠନ୍ତେ ସେ ଉଠୁଥିଲେ ।୨୪

ଏହିପରି ସନ୍ତାନ ନିମନ୍ତେ ପତ୍ନୀଙ୍କ ସହିତ ବ୍ରତପାଳନ କରିବାରେ ସେହି ମହନୀୟଯଶା ଦୀନଦୟାଳୁ ରାଜାଙ୍କର ଏକୋଇଶ ଦିନ ବିତିଗଲା ।୨୫

ତା'ପରେ ପରଦିନ (ଦ୍ୱାବିଂଶ ଦିବସରେ) ନନ୍ଦିନୀ ନିଜ ସେବକର ମନୋ-ଭବ ଜାଣିବା ଉଦ୍ଦେଶ୍ୟରେ ହିମାଳୟର ଏକ ଗୁହା ଭିତରକୁ ପ୍ରବେଶ କଲେ, ଯେଉଁ-ଠାରେ କି ଗଙ୍ଗାର ଜଳପତନ ଫଳରେ ପ୍ରଚୁର ତୃଣ ଜାତ ହୋଇଥିଲା ।୨୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा दुष्प्रधर्षा मनसापि हिंस्रैरित्यद्रिशोभाप्रहितेक्षणेन ।
अलक्षिताभ्युत्पतनो नृपेण प्रसह्य सिंहः किल तां चकर्ष ॥२७
ସା ଦୁଷ୍ପ୍ରଧର୍ଷା ମନସାପି ହିଂସ୍ରୈରିତ୍ୟଦ୍ରିଶୋଭାପ୍ରହିତେକ୍ଷଣେନ ।
ଅଲକ୍ଷିତାଭ୍ୟୁତ୍ପତନୋ ନୃପେଣ ପ୍ରସହ୍ୟ ସିଂହଃ କିଲ ତାଂ ଚକର୍ଷ ॥୨୭

तदीयमाक्रन्दितमार्तसाधो र्गुहानिबद्ध-प्रतिशब्ददीर्घम् ।
रश्मिष्विवादाय नगेन्द्रसक्तां निवर्तयामास नृपस्य दृष्टिम् ॥२८
ତଦୀୟମାକ୍ରନ୍ଦିତମାର୍ତ୍ତସାଧୋ ର୍ଗୁହାନିବଦ୍ଧପ୍ରତିଶବ୍ଦଦୀର୍ଘମ୍ ।
ରଶ୍ମିଷ୍ୱିବାଦାୟ ନଗେନ୍ଦ୍ରସକ୍ତାଂ ନିବର୍ତ୍ତୟାମାସ ନୃପସ୍ୟ ଦୃଷ୍ଟିମ୍ ॥୨୮

स पाटलायां गवि तस्थिवांसं धनुर्धरः केसरिणं ददर्श ।
अधित्यकायामिव धातुमय्यां लोध्रद्रुमं सानुमतः प्रफुल्लम् ॥२९
ସ ପାଟଳାୟାଂ ଗବି ତସ୍ଥିବାଂସଂ ଧନୁର୍ଦ୍ଧରଃ କେସରିଣଂ ଦଦର୍ଶ ।
ଅଧିତ୍ୟକାୟାମିବ ଧାତୁମୟ୍ୟାଂ ଲୋଧ୍ରଦ୍ରୁମଂ ସାନୁମତଃ ପ୍ରଫୁଲ୍ଲମ୍ ॥୨୯

ततो मृगेन्द्रस्य मृगेन्द्रगामी वधाय वध्यस्य शरं शरण्यः ।
जाताभिषङ्गो नृपतिर्निषङ्गादुद्धर्तुमैच्छन् प्रसभोद्धृतारिः ॥३०
ତତୋ ମୃଗେନ୍ଦ୍ରସ୍ୟ ମୃଗେନ୍ଦ୍ରଗାମୀ ବଧାୟ ବଧ୍ୟସ୍ୟ ଶରଂ ଶରଣ୍ୟଃ ।
ଜାତାଭିଷଙ୍ଗୋ ନୃପତିର୍ନିଷଙ୍ଗାଦୁଦ୍ଧର୍ତ୍ତୁମୈଚ୍ଛତ୍ ପ୍ରସଭୋଦ୍ଧୃତାରିଃ ॥୩୦

वामेतरस्तस्य करः प्रहर्तुर्नखप्रभाभूषितकङ्कपत्रे ।
सक्ताङ्गुलिः सायकपुङ्ख एव चित्रार्पितारम्भ इवावतस्थे ॥३१
ବାମେତରସ୍ତସ୍ୟ କରଃ ପ୍ରହର୍ତ୍ତୁର୍ନଖପ୍ରଭାଭୂଷିତକଙ୍କପତ୍ରେ ।
ସକ୍ତାଙ୍ଗୁଳିଃ ସାୟକପୁଙ୍ଖ ଏବ ଚିତ୍ରାର୍ପିତାରମ୍ଭ ଇବାବତସ୍ଥେ ॥୩୧

बाहुप्रतिष्टम्भविवृद्धमन्युरभ्यर्णमागस्कृतमस्पृशद्भिः ।
राजा स्वतेजोभिरदह्यतान्तर्भोगीव मन्त्रौषधिरुद्धवीर्यः ॥३२
ବାହୁପ୍ରତିଷ୍ଟମ୍ଭବିବୃଦ୍ଧମନ୍ୟୁରଭ୍ୟର୍ଣ୍ଣମାଗସ୍କୃତମସ୍ପୃଶଦ୍ଭିଃ ।
ରାଜା ସ୍ୱତେଜୋଭିରଦହ୍ୟତାନ୍ତର୍ଭୋଗୀବ ମନ୍ତ୍ରୌଷଧିରୁଦ୍ଧବୀର୍ଯ୍ୟଃ ୩୨

तमार्यगृह्यं निगृहीतधेनुर्मनुष्यवाचा मनुवंशकेतुम् ।
विस्माययन् विस्मितमात्मवृत्तौ सिंहोरुसत्त्वं निजगाद सिंहः ॥३३
ତମାର୍ଯ୍ୟଗୃହ୍ୟଂ ନିଗୃହୀତଧେନୁର୍ମନୁଷ୍ୟବାଚା ମନୁବଂଶକେତୁମ୍ ।
ବିସ୍ମାୟୟନ୍ ବିସ୍ମିତମାତ୍ମବୃତ୍ତୌ ସିଂହୋରୁସତ୍ତ୍ୱଂ ନିଜଗାଦ ସିଂହଃ ॥୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

'ନନ୍ଦିନୀଙ୍କୁ ହିଂସ୍ରଜନ୍ତୁମାନେ ଆକ୍ରମଣ କରିବାକୁ ମନରେ ଚିନ୍ତା ମଧ୍ୟ କରିପାରିବେ ନାହିଁ' ଏହି ଧାରଣାରେ ରଜା ପର୍ବତର ଶୋଭା ଦେଖିବାରେ ଦୃଷ୍ଟି ନିବଦ୍ଧ କରିଥିଲେ । ଏହି ସମୟରେ ହଠାତ୍ ଏକ ସିଂହ ତାଙ୍କର ଅଲକ୍ଷିତ ଭବରେ ଲମ୍ଫ ଦେଇ ନନ୍ଦିନୀଙ୍କୁ ବିଦାରଣ କରିବାକୁ ଆରମ୍ଭ କଲା ।୨୭

ନନ୍ଦିନୀଙ୍କର ଆର୍ତ୍ତନାଦ ଗୁହାର ପ୍ରତିଧ୍ୱନି ଦ୍ୱାର ଅଧିକ ଦୀର୍ଘ ହୋଇ-ଉଠିଲା ଏବଂ ସଙ୍ଗେ ସଙ୍ଗେ ଆର୍ତ୍ତରକ୍ଷକ ରଜାଙ୍କର ପର୍ବତ-ଶୋଭା-ନିବଦ୍ଧ ଦୃଷ୍ଟିକୁ ଦଉଡ଼ା ଲଗାଇ ଟାଣିଆଣିଲା ପରି ଟାଣିଆଣିଲା ।୨୮

ଧନୁର୍ଦ୍ଧର ରଜା ଦେଖିଲେ, ପାଟଳବର୍ଣ୍ଣର ଗାଈ ଉପରେ ଏକ ସିଂହ ବସି ପାଟଳଧାତୁମୟ ଅଧିତ୍ୟକା ଉପରେ ଏକ ବିକଶିତ ଲୋଧ୍ରବୃକ୍ଷ ଭଳି ଦେଖା-ଯାଉଛି ।୨୯

ଶତ୍ରୁହନ୍ତା, ସିଂହଗତି, ଶରଣରକ୍ଷକ ରଜା ଏପରି ପରଭବ (ଲାଞ୍ଛନା) ପାଇ ସଙ୍ଗେ ସଙ୍ଗେ ସେହି ବଧଯୋଗ୍ୟ ସିଂହକୁ ବଧ କରିବା ଲାଗି ତୂଣୀରରୁ ଶର କାଢିବାକୁ ଉଦ୍ୟତ ହେଲେ ।୩୦

କିନ୍ତୁ ରଜାଙ୍କର ଡାହାଣ ହାତ ତୂଣୀରରୁ ଶର ବାହାର କରୁଥିବାବେଳେ ଶରମୂଳରେ ଲାଖି ରହିଗଲା ଏବଂ ତାଙ୍କ ଅଙ୍ଗୁଳିଗୁଡ଼ିକର ନଖଜ୍ୟୋତି ଶରମୂଳରେ ଲାଗିଥିବା ପକ୍ଷୀପରଗୁଡ଼ିକରେ ପ୍ରତିଫଳିତ ହୋଇ ଶୋଭା ବଢ଼ାଇବାରେ ଲାଗିଲା । ତେଣୁ ସେ ତୂଣୀରରୁ ଶର ବାହାର କରୁଥିବା ଏକ ମନୁଷ୍ୟର ଚିତ୍ର ଭଳି ନିଶ୍ଚଳ ଦେଖାଗଲେ ।୩୧

ହାତ ବନ୍ଦ ହୋଇଯିବାରୁ ରଜାଙ୍କର କ୍ରୋଧାଗ୍ନି ପ୍ରଜ୍ୱଳିତ ହୋଇଉଠିଲା । କିନ୍ତୁ ନିକଟରେ ଅପରାଧୀ ଥିଲେ ସୁଦ୍ଧା ତାଙ୍କର ତେଜ ତାକୁ ସ୍ପର୍ଶ ମଧ୍ୟ କରିପାରିଲା-ନାହିଁ । ତେଣୁ ସେ, ମନ୍ତ୍ର ଓ ଔଷଧ ବଳରେ ରୁଦ୍ଧବୀର୍ଯ୍ୟ ହୋଇଯାଇଥିବା ସର୍ପ ଭଳି ନିଜ ତେଜରେ ନିଜେ ଜଳିବାକୁ ଲାଗିଲେ ।୩୨

ମନୁବଂଶର ମଣି, ସିଂହପରି ବଳବାନ୍, ସଜ୍ଜନମାନଙ୍କର ସହାୟ ରଜା ଯେତେବେଳେ ନିଜର ଏପରି ଅବସ୍ଥା ଦେଖି ବିସ୍ମିତ ହୋଇପଡ଼ିଲେ, ସେତେବେଳେ ନନ୍ଦିନୀଙ୍କୁ କଷ୍ଟ ଦେଉଥିବା ସିଂହ ମନୁଷ୍ୟ-ଭାଷାରେ ତାଙ୍କୁ ଅଧିକ ବିସ୍ମିତ କରି କହିଲା :— ୩୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अलं महीपाल तव श्रमेण प्रयुक्तमप्यस्त्रमितो वृथा स्यात् ।
न पादपोन्मूलनशक्ति रंहः शिलोच्चये मूर्च्छति मारुतस्य ॥३४॥
ଅଲଂ ମହୀପାଳ ତବ ଶ୍ରମେଣ ପ୍ରଯୁକ୍ତମପ୍ୟସ୍ତ୍ରମିତୋ ବୃଥା ସ୍ୟାତ୍ ।
ନ ପାଦପୋନ୍ମୂଳନଶକ୍ତି ରଂହଃ ଶିଳୋଚ୍ଚୟେ ମୂର୍ଛତି ମାରୁତସ୍ୟ ॥୩୪

कैलासगौरं वृषमारुरुक्षोः पादार्पणानुग्रहपूतपृष्ठम् ।
अवेहि मां किङ्करमष्टमूर्त्तेः कुम्भोदरं नाम निकुम्भमित्रम् ॥३५॥
କୈଳାସଗୌରଂ ବୃଷମାରୁରୁକ୍ଷୋଃ ପାଦାର୍ପଣାନୁଗ୍ରହପୂତପୃଷ୍ଠମ୍ ।
ଅବେହି ମାଂ କିଙ୍କରମଷ୍ଟମୂର୍ତ୍ତେଃ କୁମ୍ଭୋଦରଂ ନାମ ନିକୁମ୍ଭମିତ୍ରମ୍ ॥୩୫

अमुं पुरः पश्यसि देवदारुं पुत्रीकृतोऽसौ वृषभध्वजेन ।
यो हेमकुम्भस्तननिःसृतानां स्कन्दस्य मातुः पयसां रसज्ञः ॥३६॥
ଅମୁଂ ପୁରଃ ପଶ୍ୟସି ଦେବଦାରୁଂ ପୁତ୍ରୀକୃତୋଽସୌ ବୃଷଭଧ୍ୱଜେନ ।
ଯୋ ହେମକୁମ୍ଭସ୍ତନନିଃସୃତାନାଂ ସ୍କନ୍ଦସ୍ୟ ମାତୁଃ ପୟସାଂ ରସଜ୍ଞଃ ॥୩୬

कण्डूयमानेन कटं कदाचिद् वन्यद्विपेनोन्मथिता त्वगस्य ।
अथैनमद्रेस्तनया शुशोच सेनान्यमालीढमिवासुरास्त्रैः ॥३७॥
କଣ୍ଡୂୟମାନେନ କଟଂ କଦାଚିଦ୍ ବନ୍ୟଦ୍ୱିପେନୋନ୍ମଥିତା ତ୍ୱଗସ୍ୟ ।
ଅଥୈନମଦ୍ରେସ୍ତନୟା ଶୁଶୋଚ ସେନାନ୍ୟମାଲୀଢମିବାସୁରାସ୍ତ୍ରୈଃ ॥୩୭

तदाप्रभृत्येव वनद्विपानां त्रासार्थमस्मिन्नहमद्रिकुक्षौ ।
व्यापारितः शूलभृता विधाय सिंहत्वमङ्कागतसत्त्ववृत्ति ॥३८॥
ତଦାପ୍ରଭୃତ୍ୟେବ ବନଦ୍ୱିପାନାଂ ତ୍ରାସାର୍ଥମସ୍ମିନ୍ନହମଦ୍ରିକୁକ୍ଷୌ ।
ବ୍ୟାପାରିତଃ ଶୂଳଭୃତା ବିଧାୟ ସିଂହତ୍ୱମଙ୍କାଗତସତ୍ତ୍ୱବୃତ୍ତି ॥୩୮

तस्यालमेषा क्षुधितस्य तृप्त्यै प्रदिष्टकाला परमेश्वरेण ।
उपस्थिता शोणितपारणा मे सुरद्विषश्चान्द्रमसी सुधेव ॥३९॥
ତସ୍ୟାଳମେଷା କ୍ଷୁଧିତସ୍ୟ ତୃପ୍ତ୍ୟୈ ପ୍ରଦିଷ୍ଟକାଳା ପରମେଶ୍ୱରେଣ ।
ଉପସ୍ଥିତା ଶୋଣିତପାରଣା ମେ ସୁରଦ୍ୱିଷଶ୍ଚାନ୍ଦ୍ରମସୀ ସୁଧେବ ॥୩୯

स त्वं निवर्तस्व विहाय लज्जां गुरोर्भवान् दर्शितशिष्यभक्तिः ।
शस्त्रेण रक्ष्यं यदशक्यरक्षं न तद् यशः शस्त्रभृतां क्षिणोति ॥४०॥
ସ ତ୍ୱଂ ନିବର୍ତ୍ତସ୍ୱ ବିହାୟ ଲଜ୍ଜାଂ ଗୁରୋର୍ଭବାନ୍ ଦର୍ଶିତଶିଷ୍ୟଭକ୍ତିଃ ।
ଶସ୍ତ୍ରେଣ ରକ୍ଷ୍ୟଂ ଯଦଶକ୍ୟରକ୍ଷଂ ନ ତଦ୍ ଯଶଃ ଶସ୍ତ୍ରଭୃତାଂ କ୍ଷିଣୋତି ॥୪୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ହେ ରଜା ! ତୁମର ଏହି ପରିଶ୍ରମ ବୃଥା । ତୁମେ ଯଦି ବା ଶର ନିକ୍ଷେପ କରିବ, ତାହା ମଧ୍ୟ ବୃଥା ହେବ । କାରଣ, ପବନର ବେଗ ବୃକ୍ଷମାନଙ୍କୁ ସିନା ଉତ୍ପାଟନ କରିପାରେ, ମାତ୍ର ପର୍ବତର କିଛି କରିପାରେନାହିଁ । ୩୪

ଭଗବାନ୍ ଶିବ ମୋ ପିଠି ଉପରେ ପାଦ ରଖି କୈଳାସ ପର୍ବତ ତୁଲ୍ୟ ଶୁଭ୍ର ବୃଷଭ ଉପରେ ଆରୋହଣ କରନ୍ତି । ତାଙ୍କର ଏହି ଅନୁଗ୍ରହରୁ ମୋର ଶରୀର ପବିତ୍ର । ମୁଁ ତାଙ୍କର ଭୃତ୍ୟ । ମୋର ନାମ କୁମ୍ଭୋଦର । ମୁଁ ନିକୁମ୍ଭର ମିତ୍ର ।୩୫

ଆଗରେ ଏହି ଯେଉଁ ଦେବଦାରୁ ଗଛଟିଏ ଦେଖୁଛ, ତାହାକୁ ଶିବ ପୁତ୍ର ଦୃଷ୍ଟିରେ ଦେଖନ୍ତି । ନିଜେ କାର୍ତ୍ତିକେୟଙ୍କ ମାତା (ପାର୍ବତୀ) ତାଙ୍କର ସୁବର୍ଣ୍ଣ କଳସୀରୂପକ ସ୍ତନରୁ ଯେଉଁ ସ୍ତନ୍ୟ ଏହାକୁ ଦାନ କରିଛନ୍ତି, ଏ ତାହାର ରସ ଆସ୍ୱାଦନ କରିଛି ।୩୬

ଥରେ ଏକ ବନ୍ୟହସ୍ତୀ ଏହି ଗଛରେ ଗଣ୍ଡ ଘଷି ଏହାର ଛାଲି ବାହାର କରି ପକାଇଲା । କାର୍ତ୍ତିକେୟଙ୍କୁ ଅସୁରମାନଙ୍କ ଅସ୍ତ୍ରରେ ଆହତ ହୋଇଥିବାର ଦେଖିଲେ ପାର୍ବତୀ ଯେପରି କାନ୍ଦି ପକାନ୍ତି, ଏହାକୁ ଦେଖି ସେ ସେହିପରି କାନ୍ଦି ପକାଇଲେ ।୩୭

ସେହି ଦିନଠାରୁ ବନ୍ୟ ହସ୍ତୀମାନଙ୍କୁ ଡରଇବା ପାଇଁ ଶିବ ମୋତେ ସିଂହ କରି ଏହି ପର୍ବତ ଗୁହାରେ ଅବସ୍ଥାପିତ କରିଛନ୍ତି । ସେ ମୋତେ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁ ପ୍ରାଣୀ ନିକଟକୁ ଆସିବ, ତାହାକୁ ଖାଇ ମୁଁ ପ୍ରାଣ ଧାରଣ କରିବି ।୩୮

ଶିବ ମୋର ଭୋଜନ ପାଇଁ ଯେଉଁ ସମୟ ନିର୍ଦ୍ଦିଷ୍ଟ କରିଥିଲେ, ଏ ଗାଈ ଠିକ୍ ସେହି ସମୟରେ ଆସି ପହଞ୍ଚିଛି । ମୁଁ କ୍ଷୁଧିତ । ରାହୁକୁ ଚନ୍ଦ୍ରର ଅମୃତ ମିଳିଲା ପରି ଏହି ଗାଈର ରକ୍ତ ମୋର ତୃପ୍ତି ନିମନ୍ତେ ଯଥେଷ୍ଟ ।୩୯

ତେଣୁ ତୁମେ ଲଜ୍ଜା ତ୍ୟାଗ କରି ଫେରିଯାଅ । ତୁମେ ଗୁରୁଙ୍କ ପ୍ରତି ଯଥେଷ୍ଟ ଶିଷ୍ୟ-ଭକ୍ତି ଦେଖାଇଛ । ଯେଉଁ ଧନକୁ ଶସ୍ତ୍ରଦ୍ୱାରା ରକ୍ଷା କରଯାଏ, ତାହାକୁ ଯଦି ଶସ୍ତ୍ରଦ୍ୱାରା ରକ୍ଷା କରିବା ସମ୍ଭବ ନହୁଏ, ତା'ହେଲେ ସେଥିରେ ଶସ୍ତ୍ରଧାରୀର ଯଶ କ୍ଷୀଣ ହୁଏନାହିଁ ।" ୪୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इति प्रगल्भं पुरुषाधिराजो मृगाधिराजस्य वचो निशम्य ।
प्रत्याहतास्त्रो गिरिशप्रभावादात्मन्यवज्ञां शिथिलीचकार ॥४१
ଇତି ପ୍ରଗଲ୍‌ଭଂ ପୁରୁଷାଧିରାଜୋ ମୃଗାଧିରାଜସ୍ୟ ବଚୋ ନିଶମ୍ୟ ।
ପ୍ରତ୍ୟାହତାସ୍ତ୍ରୋ ଗିରିଶପ୍ରଭାବାଦାତ୍ମନ୍ୟବଜ୍ଞାଂ ଶିଥିଳୀଚକାର ।।୪୧

प्रत्यब्रवीच्चैनमिषुप्रयोगे तत्पूर्वभङ्गे बितथप्रयत्नः ।
जडीकृतस्त्र्यम्बकवीक्षणेन वज्रं मुमुक्षन्निव वज्रपाणिः ॥४२
ପ୍ରତ୍ୟବ୍ରବୀଚ୍ଚୈନମିଷୁପ୍ରୟୋଗେ ତତ୍‌ପୂର୍ବଭଙ୍ଗେ ବିତଥପ୍ରଯତ୍ନଃ ।
ଜଡୀକୃତସ୍ତ୍ର୍ୟମ୍ବକବୀକ୍ଷଣେନ ବଜ୍ରଂ ମୁମୁକ୍ଷନ୍ନିବ ବଜ୍ରପାଣିଃ ।।୪୨

संरुद्धचेष्टस्य मृगेन्द्र कामं हास्यं वचस्तद् यदहं विवक्षुः ।
अन्तर्गतं प्राणभृतां हि वेद सर्वं भवान् भावमतोऽभिधास्ये ॥४३
ସଂରୁଦ୍ଧଚେଷ୍ଟସ୍ୟ ମୃଗେନ୍ଦ୍ର କାମଂ ହାସ୍ୟଂ ବଚସ୍ତଦ୍‌ ଯଦହଂ ବିବକ୍ଷୁଃ ।
ଅନ୍ତର୍ଗତଂ ପ୍ରାଣଭୃତାଂ ହି ବେଦ ସର୍ବଂ ଭବାନ୍ ଭାବମତୋଽଭିଧାସ୍ୟେ ।।୪୩

मान्यः स मे स्थावरजङ्गमानां सर्गस्थितिप्रत्यवहारहेतुः ।
गुरोरपीदं धनमाहिताग्नेर्नश्यन् पुरस्तादनुपेक्षणीयम् ॥४४
ମାନ୍ୟଃ ସ ମେ ସ୍ଥାବରଜଙ୍ଗମାନାଂ ସର୍ଗସ୍ଥିତିପ୍ରତ୍ୟବହାରହେତୁଃ ।
ଗୁରୋରପୀଦଂ ଧନମାହିତାଗ୍ନେର୍ନଶ୍ୟତ୍ ପୁରସ୍ତାଦନୁପେକ୍ଷଣୀୟମ୍ ।।୪୪

स त्वं मदीयेन शरीरवृत्तिं देहेन निर्वर्तयितुं प्रसीद ।
दिनावसानोत्सुकबालवत्सा विसृज्यतां धेनुरियं महर्षेः ॥४५
ସ ତ୍ୱଂ ମଦୀୟେନ ଶରୀରବୃତ୍ତିଂ ଦେହେନ ନିର୍ବର୍ତ୍ତୟିତୁଂ ପ୍ରସୀଦ ।
ଦିନାବସାନୋତ୍ସୁକବାଳବତ୍ସା ବିସୃଜ୍ୟତାଂ ଧେନୁରିୟଂ ମହର୍ଷେଃ ।।୪୫

अथान्धकारं गिरिगह्वराणां दंष्ट्रामयूखैः शकलानि कुर्वन् ।
भूयः स भूतेश्वरपार्श्ववर्ती किञ्चिद् विहस्यार्थपतिं बभाषे ॥४६
ଅଥାନ୍ଧକାରଂ ଗିରିଗହ୍ୱରାଣାଂ ଦଂଷ୍ଟ୍ରାମୟୂଖୈଃ ଶକଳାନି କୁର୍ବନ୍ ।
ଭୂୟଃ ସ ଭୂତେଶ୍ୱରପାର୍ଶ୍ୱବର୍ତ୍ତୀ କିଞ୍ଚିଦ୍‌ ବିହସ୍ୟାର୍ଥପତିଂ ବଭାଷେ ।।୪୬

एकातपत्रं जगतः प्रभुत्वं नवं वयः कान्तमिदं वपुश्च ।
अल्पस्य हेतोर्बहु हातुमिच्छन् विचारमूढः प्रतिभासि मे त्वम् ॥४७
ଏକାତପତ୍ରଂ ଜଗତଃ ପ୍ରଭୁତ୍ୱଂ ନବଂ ବୟଃ କାନ୍ତମିଦଂ ବପୁଶ୍ଚ ।
ଅଳ୍ପସ୍ୟ ହେତୋର୍ବହୁ ହାତୁମିଚ୍ଛନ୍ ବିଚାରମୂଢଃ ପ୍ରତିଭାସି ମେ ତ୍ୱମ୍ ।।୪୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଜା ସିଂହର ଏହିପରି ପ୍ରଗଲ୍‌ଭ ବଚନ ଶୁଣି, ଶିବଙ୍କ ପ୍ରଭବରୁ ତାଙ୍କର ଅସ୍ତ୍ର ପ୍ରତିହତ ହୋଇଛି ବୋଲି ଜାଣିଲେ । ତେଣୁ ସେ ନିଜକୁ ଆଉ ନିନ୍ଦା କଲେ ନାହିଁ ।୪୧

ଶର ମାରିବାରେ ଏପରି ପ୍ରତିବନ୍ଧକ ସୃଷ୍ଟି ହେବା ରଜାଙ୍କ ପକ୍ଷରେ ଥିଲା ପ୍ରଥମ । ଇନ୍ଦ୍ର ହସ୍ତରେ ବଜ୍ର ଧରି ଶିବଙ୍କ ଉପରେ ପ୍ରହାର କରିବାକୁ ଉଦ୍ୟତ ହେଲାବେଳେ ଶିବଙ୍କୁ ଦେଖି ଯେପରି ଜଡ଼ ହୋଇଯାଇଥିଲେ, ସେହିପରି ନିଷ୍ଫଳ-ପ୍ରଯତ୍ନ ହୋଇ ରଜା ସିଂହକୁ କହିଲେ :– ୪୨

"ହେ ସିଂହ ! ବର୍ତ୍ତମାନ ମୋର ସମସ୍ତ ଶକ୍ତି ବ୍ୟାହତ । ତେଣୁ ମୁଁ ଯାହା କହିବାକୁ ଚାହୁଁଛି, ତାହା ଉପହାସ୍ୟ ହେବାର କଥା । ମାତ୍ର ଆପଣ ପ୍ରାଣୀମାନଙ୍କର ଅନ୍ତର୍ଗତ ଭବ ଜାଣନ୍ତି, ତେଣୁ କହିବି ।" ୪୩

ସ୍ଥାବରଜଙ୍ଗମମାନଙ୍କର ସୃଷ୍ଟି, ସ୍ଥିତି ଓ ଲୟର କାରଣ ଭଗବାନ୍ ଶିବ ମୋର ବନ୍ଦନୀୟ । କିନ୍ତୁ ସମ୍ମୁଖରେ ମୋର ଯଜ୍ଞକର୍ମପରାୟଣ ଗୁରୁଙ୍କର ଧନ ନଷ୍ଟ ହୋଇଯାଉଛି, ଏହା ମଧ୍ୟ ମୋର ଉପେକ୍ଷଣୀୟ ନୁହେଁ ।୪୪

ଯଦି ନିକଟକୁ ଆସିବା ପ୍ରାଣୀକୁ ଖାଇ ଆପଣଙ୍କର ଜୀବନ ଧାରଣ କରିବାର କଥା, ତାହାହେଲେ ଆପଣ ମୋର ଶରୀରକୁ ଖାଇ ଜୀବନଧାରଣ କରନ୍ତୁ । ଦୟାକରି ଆପଣ ପ୍ରସନ୍ନ ହୁଅନ୍ତୁ । ଦିନ ଶେଷ ହୋଇ ଆସିଲାଣି । ମହର୍ଷିଙ୍କର ଏହି ଗାଈର ଶିଶୁ ବାଛୁରୀଟି ଉତ୍କଣ୍ଠିତ ହୋଇ ଉଠିବଣି । ଆପଣ ଏହାକୁ ଛାଡ଼ିଦିଅନ୍ତୁ ।"୪୫

ତା'ପରେ ଶିବଙ୍କ ଭୃତ୍ୟ ସିଂହ ନିଜର ଦନ୍ତପ୍ରଭା ଦ୍ୱାରା ଗିରିଗୁହାର ଅନ୍ଧକାରକୁ ବିଦୀର୍ଣ୍ଣ କରି ଈଷତ୍ ହାସ୍ୟପୂର୍ବକ ପୁଣି କହିଲା :– ୪୬

"ହେ ରଜା, ଜଗତର ଏକଛତ୍ର-ପ୍ରଭୁତ୍ୱ, ଯୌବନ-ବୟସ, ସୁନ୍ଦର-ଶରୀର, ଏ ସମସ୍ତ ତୁମର ଅଛି । ତୁମେ ଯେ ଅଳ୍ପ ପାଇଁ ବହୁତ ଛାଡ଼ିବାକୁ ଇଚ୍ଛା କରୁଛ, ତେଣୁ ବିଚାରବୁଦ୍ଧିହୀନ ବୋଲି ଜଣାପଡୁଛ ।୪୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भूतानुकम्पा तव चेदियं गौरेका भवेत् स्वस्तिमती त्वदन्ते ।
जीवन् पुनः शश्वदुपप्लवेभ्यः प्रजाः प्रजानाथ पितेव पासि ॥४८
ଭୂତାନୁକମ୍ପା ତବ ଚେଦିୟଂ ଗୌରେକା ଭବେତ୍ ସ୍ୱସ୍ତିମତୀ ତ୍ୱଦନ୍ତେ ।
ଜୀବନ୍ ପୁନଃ ଶଶ୍ୱଦୁପପ୍ଲବେଭ୍ୟଃ ପ୍ରଜାଃ ପ୍ରଜାନାଥ ପିତେବ ପାସି ॥୪୮

अथैकधेनोरपराधचण्डाद् गुरोः कृशानुप्रतिमाद् बिभेषि ।
शक्योऽस्य मन्युर्भवता विनेतुं गाः कोटिशः स्पर्शयता घटोध्नीः ॥४९
ଅଥୈକଧେନୋରପରାଧଚଣ୍ଡାଦ୍ ଗୁରୋଃ କୃଶାନୁପ୍ରତିମାଦ୍ ବିଭେଷି ।
ଶକ୍ୟୋଽସ୍ୟ ମନ୍ୟୁର୍ଭବତା ବିନେତୁଂ ଗାଃ କୋଟିଶଃ ସ୍ପର୍ଶୟତା ଘଟୋଧ୍ନୀଃ ॥୪୯

तद् रक्ष कल्याणपरम्पराणां भोक्तारमुर्जस्वलमात्मदेहम् ।
महीतलस्पर्शनमात्रभिन्नमृद्धं हि राज्यं पदमैन्द्रमाहुः ॥५०
ତଦ୍ ରକ୍ଷ କଲ୍ୟାଣପରମ୍ପରାଣାଂ ଭୋକ୍ତାରମୂର୍ଜସ୍ୱଲମାତ୍ମଦେହମ୍ ।
ମହୀତଳସ୍ପର୍ଶନମାତ୍ରଭିନ୍ନମୃଦ୍ଧଂ ହି ରାଜ୍ୟଂ ପଦମୈନ୍ଦ୍ରମାହୁଃ ॥୫୦

एतावदुक्त्वा विरते मृगेन्द्रे प्रतिस्वनेनास्य गुहागतेन ।
शिलोच्चयोऽपि क्षितिपालमुच्चैः प्रीत्या तमेवार्थमभाषतेव ॥५१
ଏତାବଦୁକ୍ତ୍ୱା ବିରତେ ମୃଗେନ୍ଦ୍ରେ ପ୍ରତିସ୍ୱନେନାସ୍ୟ ଗୁହାଗତେନ ।
ଶିଳୋଚ୍ଚୟୋଽପି କ୍ଷିତିପାଳମୁଚ୍ଚୈଃ ପ୍ରୀତ୍ୟା ତମେବାର୍ଥମଭାଷତେବ ॥୫୧

निशम्य देवानुचरस्य वाचं मनुष्यदेवः पुनरप्युवाच ।
धेन्वा तदध्यासितकातराक्ष्या निरीक्ष्यमाणः सुतरां दयालुः ॥५२
ନିଶମ୍ୟ ଦେବାନୁଚରସ୍ୟ ବାଚଂ ମନୁଷ୍ୟଦେବଃ ପୁନରପ୍ୟୁବାଚ ।
ଧେନ୍ୱା ତଦଧ୍ୟାସିତକାତରାକ୍ଷ୍ୟା ନିରୀକ୍ଷ୍ୟମାଣଃ ସୁତରାଂ ଦୟାଳୁଃ ॥୫୨

क्षतात् किल त्रायत इत्युदग्रः क्षत्रस्य शब्दो भुवनेषु रूढः ।
राज्येन किं तद्विपरीतवृत्तेः प्राणैरुपक्रोशमलीमसैर्वा ॥५३
କ୍ଷତାତ୍ କିଲ ତ୍ରାୟତ ଇତ୍ୟୁଦଗ୍ରଃ କ୍ଷତ୍ରସ୍ୟ ଶବ୍ଦୋ ଭୁବନେଷୁ ରୂଢଃ ।
ରାଜ୍ୟେନ କିଂ ତଦ୍ ବିପରୀତବୃତ୍ତେଃ ପ୍ରାଣୈରୁପକ୍ରୋଶମଲୀମସୈର୍ବା ॥୫୩

कथं नु शक्योऽनुनयो महर्षेर्विश्राणनाच्चान्यपयस्विनीनाम् ।
इमामनूनां सुरभेरवेहि रुद्रौजसा तु प्रहृतं त्वयाऽस्याम् ॥५४
କଥଂ ନୁ ଶକ୍ୟୋଽନୁନୟୋ ମହର୍ଷେର୍ବିଶ୍ରାଣନାଚ୍ଚାନ୍ୟପୟସ୍ୱିନୀନାମ୍ ।
ଇମାମନୂନାଂ ସୁରଭେରବେହି ରୁଦ୍ରୌଜସା ତୁ ପ୍ରହୃତଂ ତ୍ୱୟାଽସ୍ୟାମ୍ ॥୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରାଣୀମାନଙ୍କ ଉପରେ ଏପରି ଦୟା ଦେଖାଇ ତୁମେ ଯଦି ମୃତ୍ୟୁ ବରଣ କରିବ, ତାହାହେଲେ ଏହି ଏକମାତ୍ର ଗାଈଟି ବିପଦରୁ ରକ୍ଷା ପାଇବ। ମାତ୍ର ହେ ପ୍ରଜାପାଳକ ! ତୁମେ ବଞ୍ଚିରହିଲେ କେତେ ପ୍ରଜାଙ୍କୁ ପିତା ଭଳି କେତେ ବିପଦରୁ ରକ୍ଷା କରିପାରିବ ! ୪୮

ତୁମ ଗୁରୁଙ୍କର ଏହି ଗୋଟିଏ ମାତ୍ର ଗାଈ । ଏହାକୁ ରକ୍ଷା କରି ନ-ପାରିଲେ ସେ ତୁମ ଉପରେ ରାଗି ଅଗ୍ନିଶର୍ମା ହୋଇଯିବେ—ଏହା ଭାବି ତୁମେ ଭୟ କରୁଛ କି ? ଯଦି ଭୟ କରୁଥାଅ, ତେବେ ଯେଉଁ ଗାଈମାନଙ୍କର ପହ୍ଲା କଳସ ପରି ପୃଥୁଳ, ସେଭଳି କୋଟି କୋଟି ଗାଈ ଦେଇ ତୁମେ କ'ଣ

୪୯ ତାଙ୍କର କ୍ରୋଧ ଦୂର କରିପାରିବ ନାହିଁ ? ୪୯

ତୁମର ସୁସ୍ଥ, ସୁନ୍ଦର ଶରୀର ପକ୍ଷରେ ଉତ୍ତରୋତ୍ତର ବହୁ ସୁଖ ଭୋଗ କରିବାର ଅଛି, ତେଣୁ ନିଜର ଶରୀରକୁ ରକ୍ଷା କରି ରାଜ୍ୟ ପାଳନ କର । ସମୃଦ୍ଧିଶାଳୀ ରାଜ୍ୟ ହିଁ ସ୍ୱର୍ଗ, କେବଳ ପୃଥିବୀରେ ଥିବାରୁ ତାହା ସ୍ୱର୍ଗଠାରୁ ଭିନ୍ନ ମାତ୍ର ।” ୫୦

ସିଂହ ଏହା କହି ବିରତ ହୁଅନ୍ତେ ଗହ୍ୱାରୁ ଉତ୍‌ଥିତ ପ୍ରତିଧ୍ୱନି ଦ୍ୱାରା ସତେ ଯେପରି ପର୍ବତ ଆଦର ସହକାରେ ରାଜାଙ୍କୁ ସେହିକଥା ଆଉ ଥରେ କହିଦେଲା ।୫୧

ସିଂହଦ୍ୱାରା ଉତ୍‌ପୀଡ଼ିତ ନନ୍ଦିନୀ କାତର ଚକ୍ଷୁରେ ରାଜାଙ୍କୁ ଚାହୁଁ-ଥାଆନ୍ତି, ତେଣୁ ରାଜା ଅଧିକ ଦୟାପରବଶ ହୋଇ, ସିଂହର କଥା ଶୁଣି ପୁନର୍ବାର କହିଲେ :— ୫୨

“ହେ ସିଂହ, କ୍ଷତରୁ (ଆଘାତରୁ) ଯେ ତ୍ରାଣ କରେ, ସେ କ୍ଷତ୍ରିୟ । ଏହି ଅର୍ଥରେ ଉନ୍ନତ ‘କ୍ଷତ୍ରିୟ’ ଶବ୍ଦ ଜଗତରେ (ପଙ୍କଜ, ଜଳଦ ପ୍ରଭୃତି ଶବ୍ଦ ପରି) ରୂଢ଼ । କିନ୍ତୁ ଯେ କ୍ଷତରୁ ରକ୍ଷା କରି ନପାରିଲା, ତାର ରାଜ୍ୟରେ କି ପ୍ରୟୋଜନ ? ଯେଉଁ ଜୀବନ ଅପକୀର୍ତ୍ତିରେ ମଳିନ, ସେଥିରେ ବା କି

୩ ପ୍ରୟୋଜନ ? ୫୩

ଅନ୍ୟାନ୍ୟ ବହୁ କ୍ଷୀରବତୀ ଗାଈ ପ୍ରଦାନ କରି ମହର୍ଷିଙ୍କର କ୍ରୋଧକୁ କିପରି ବା ଉପଶମ କରାଯାଇ ପାରିବ ? କାରଣ, ଏହି ଧେନୁ କାମଧେନୁଠାରୁ କୌଣସି ଗୁଣରେ ନ୍ୟୂନ ନୁହନ୍ତି । ଆପଣ ଯେ ଏହାଙ୍କୁ ଆକ୍ରମଣ କରିପାରିଲେ, ତାହା କେବଳ ରୁଦ୍ରଙ୍କର ପ୍ରଭାବରୁ ସମ୍ଭବ ହୋଇ ପାରିଲା ।୫୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सेयं स्वदेहार्पणनिष्क्रयेण न्याय्या मया मोचयितुं भवत्तः ।
न पारणा स्याद् विहता तवैवं भवेदलुप्तश्च मुनेः क्रियार्थः ॥५५
ସେୟଂ ସ୍ୱଦେହାର୍ପଣନିଷ୍କ୍ରୟେଣ ନ୍ୟାଯ୍ୟା ମୟା ମୋଚୟିତୁଂ ଭବତ୍ତଃ ।
ନ ପାରଣା ସ୍ୟାଦ୍ ବିହତା ତବୈବଂ ଭବେଦଲୁପ୍ତଶ୍ଚ ମୁନେଃ କ୍ରିୟାର୍ଥଃ ୫୫

भवानपीदं परवानवैति महान् हि यत्नस्तव देवदारौ ।
स्थातुं नियोक्तुर्नहि शक्यमग्रे विनाश्य रक्ष्यं स्वयमक्षतेन ॥५६
ଭବାନପୀଦଂ ପରବାନବୈତି ମହାନ୍ ହି ଯତ୍ନସ୍ତବ ଦେବଦାରୌ ।
ସ୍ଥାତୁଂ ନିୟୋକ୍ତୁର୍ନ ହି ଶକ୍ୟମଗ୍ରେ ବିନାଶ୍ୟ ରକ୍ଷ୍ୟଂସ୍ୱୟମକ୍ଷତେନ ॥୫୬

किमप्यहिंस्यस्तव चेन्मतोऽहं यशःशरीरे भव मे दयालुः ।
एकान्तविध्वंसिषु मद्विधानां पिण्डेष्वनास्था खलु भौतिकेषु॥५७
କିମପ୍ୟହିଂସ୍ୟସ୍ତବଚେନ୍ମତୋଽହଂ ଯଶଃଶରୀରେ ଭବ ମେ ଦୟାଳୁଃ ।
ଏକାନ୍ତବିଧ୍ୱଂସିଷୁ ମଦ୍ବିଧାନାଂ ପିଣ୍ଡେଷ୍ୱନାସ୍ଥା ଖଲୁ ଭୌତିକେଷୁ ॥୫୭

सम्बन्धमाभाषणपूर्वमाहुर्वृत्तः स नौ सङ्गतयोर्वनान्ते ।
तद् भूतनाथानुग नार्हसि त्वं सम्बन्धिनो मे प्रणयं विहन्तुम् ॥५८
ସମ୍ବନ୍ଧମାଭାଷଣପୂର୍ବମାହୁର୍ବୃତ୍ତଃ ସ ନୌ ସଙ୍ଗତୟୋର୍ବନାନ୍ତେ ।
ତଦ୍ଭୂତନାଥାନୁଗ ନାର୍ହସି ତ୍ୱଂ ସମ୍ବନ୍ଧିନୋ ମେ ପ୍ରଣୟଂବିହନ୍ତୁମ୍ ॥୫୮

तथेति गामुक्तवते दिलीपः सद्यःप्रतिष्टम्भविमुक्तबाहुः ।
स न्यस्तशस्त्रो हरये स्वदेहमुपानयन् पिण्डमिवामिषस्य ॥५९
ତଥେତି ଗାମୁକ୍ତବତେ ଦିଲୀପଃ ସଦ୍ୟଃ ପ୍ରତିଷ୍ଟମ୍ଭବିମୁକ୍ତବାହୁଃ ।
ସ ନ୍ୟସ୍ତଶସ୍ତ୍ରୋ ହରୟେ ସ୍ୱଦେହମୁପାନୟତ୍ ପିଣ୍ଡମିବାମିଷସ୍ୟ ॥୫୯

तस्मिन् क्षणे पालयितुः प्रजानामुत्पश्यतः सिंहनिपातमुग्रम् ।
अवाङ्मुखस्योपरि पुष्पवृष्टिः पपात विद्याधरहस्तमुक्ता ॥६०
ତସ୍ମିନ୍ କ୍ଷଣେ ପାଳୟିତୁଃ ପ୍ରଜାନାମୁତ୍ପଶ୍ୟତଃ ସିଂହନିପାତମୁଗ୍ରମ୍ ।
ଅବାଙ୍ମୁଖସ୍ୟୋପରି ପୁଷ୍ପବୃଷ୍ଟିଃ ପପାତ ବିଦ୍ୟାଧରହସ୍ତମୁକ୍ତା ॥୬୦

उत्तिष्ठ वत्सेत्यमृतायमानं वचो निशम्योत्थितमुत्थितः सन् ।
दद‍र्श राजा जननीमिव स्वां गामग्रतः प्रस्राविणीं न सिंहम् ॥६१
ଉତ୍ତିଷ୍ଠ ବତ୍ସେତ୍ୟମୃତାୟମାନଂ ବଚୋ ନିଶମ୍ୟୋତ୍ଥିତମୁତ୍ଥିତଃ ସନ୍ ।
ଦଦର୍ଶ ରାଜା ଜନନୀମିବ ସ୍ୱାଂ ଗାମଗ୍ରତଃ ପ୍ରସ୍ରବିଣୀଂ ନ ସିଂହମ୍ ॥୬୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମଧେନୁ-ତୁଲ୍ୟା ଏହି ଧେନୁଙ୍କୁ ମୋ ଦେହ ବିନିମୟରେ ଆପଣଙ୍କ-ଠାରୁ ରକ୍ଷା କରିବା ମୋର କର୍ତ୍ତବ୍ୟ । ଏହାଦ୍ୱାରା ଆପଣଙ୍କର ଭୋଜନ ବ୍ୟାହତ ହେବ ନାହିଁ ।୫୫

ଆପଣ ଯେହେତୁ ନିଜେ ପରାଧୀନ ଏବଂ ଏହି ଦେବଦାରୁ ଗଛଟିକୁ ରକ୍ଷା କରିବାରେ ଖୁବ୍ ଯତ୍ନବାନ୍, ତେଣୁ ମୋ କଥା ଆପଣ ଭଲଭବେ ହୃଦୟଙ୍ଗମ କରିପାରୁଥିବେ । ମାଲିକର ରକ୍ଷଣୀୟ ଧନକୁ ରକ୍ଷା କରି ନପାରି ନିଜେ ଅକ୍ଷତ ଦେହରେ ମାଲିକ ଆଗରେ ଠିଆହେବା ଭୃତ୍ୟ ପକ୍ଷରେ କ'ଣ ସମ୍ଭବ ? ୫୬

ଆଉ ମଧ୍ୟ ଆପଣ ଯଦି ମୋ ପ୍ରତି ସଦୟ ଭବ ପୋଷଣ କରୁଥାଆନ୍ତି, ତାହାହେଲେ ମୋର ଯଶରୂପକ ଶରୀର ପ୍ରତି ହିଁ ସଦୟ ହୁଅନ୍ତୁ, ଏହି ଭୌତିକ ଶରୀର ପ୍ରତି ନୁହେଁ । ଏହି ଭୌତିକ ଶରୀର ନିଶ୍ଚିତଭବେ ବିନାଶ-ଶୀଳ । ତେଣୁ ମୋ ପରି ଲୋକମାନେ ଏହା ପ୍ରତି ଆସ୍ଥା ରଖନ୍ତି ନାହିଁ ।୫୭

ପରସ୍ପର ଆଳାପରୁ ସମ୍ବନ୍ଧ ସୃଷ୍ଟି ହୁଏ ବୋଲି ଲୋକେ କହନ୍ତି । ଏହି ବନରେ ପରସ୍ପର ଆଳାପ ଫଳରେ ଆମ ଦୁହିଁଙ୍କ ମଧ୍ୟରେ ସମ୍ବନ୍ଧ ପ୍ରତିଷ୍ଠିତ ହୋଇଗଲାଣି । ତେଣୁ ହେ ଶିବଙ୍କ ଅନୁଚର ! ମୋର ଅନୁରୋଧ ନିଷ୍ଫଳ କରିବା ଆପଣଙ୍କ ପକ୍ଷରେ ଉଚିତ ହେବ ନାହିଁ ।୫୮

ସିଂହ 'ଆଚ୍ଛା, ତାହା ହେଉ' ବୋଲି କହନ୍ତେ ସହସା ଦିଲୀପଙ୍କର ରୁଦ୍ଧ ହସ୍ତ ମୁକ୍ତ ହୋଇଗଲା । ସେ ଶସ୍ତ୍ର ଛାଡ଼ିଦେଇ ନିଜର ଦେହକୁ ମାଂସ-ପିଣ୍ଡୁଳା ପରି ସିଂହକୁ ଅର୍ପଣ କରିଦେଲେ ।୫୯

ପ୍ରଜାପାଳକ ରାଜା ତଳକୁ ମୁହଁ କରି ସିଂହର ଭୟଙ୍କର ଲମ୍ଫକୁ ମନେ ମନେ ଅପେକ୍ଷା କରୁଥାଆନ୍ତି, ସହସା ବିଦ୍ୟାଧରମାନେ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କରିବାକୁ ଲାଗିଲେ ।୬୦

'ଉଠ ବତ୍ସ' ଏହି ଅମୃତମୟ କଥା ଶୁଣି ରାଜା ଉଠି ଦେଖିଲେ ଯେ ନନ୍ଦିନୀ ଜନନୀ ଭଳି ଆଗରେ ଦଣ୍ଡାୟମାନା । ତାଙ୍କ ସ୍ତନରୁ କ୍ଷୀର ବହି-ଯାଉଛି । କିନ୍ତୁ ରାଜା ସିଂହକୁ ଦେଖିବାକୁ ପାଇଲେ ନାହିଁ ।୬୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तं विस्मितं धेनुरुवाच साधो मायां मयोद्भाव्य परीक्षितोऽसि ।
ऋषिप्रभावान्मयि नान्तकोऽपि प्रभुः प्रहर्तुं किमुतान्यहिंस्राः ॥६२
ତଂ ବିସ୍ମିତଂ ଧେନୁରୁବାଚ ସାଧୋ ମାୟାଂ ମୟୋଦ୍ଭାବ୍ୟ ପରୀକ୍ଷିତୋଽସି ।
ଋଷିପ୍ରଭବାନ୍ମୟି ନାନ୍ତକୋଽପି ପ୍ରଭୁଃ ପ୍ରହର୍ତ୍ତୁଂ କିମୁତାନ୍ୟହିଂସ୍ରାଃ ॥୬୨

भक्त्या गुरौ मय्यनुकम्पया च प्रीतास्मि ते पुत्र वरं वृणीष्व ।
न केवलानां पयसां प्रसूतिमवेहि मां कामदुघां प्रसन्नाम् ॥६३
ଭକ୍ତ୍ୟା ଗୁରୌ ମୟ୍ୟନୁକମ୍ପୟା ଚ ପ୍ରୀତାସ୍ମି ତେ ପୁତ୍ର ବରଂ ବୃଣୀଷ୍ୱ ।
ନ କେବଳାନାଂ ପୟସାଂ ପ୍ରସୂତିମବେହି ମାଂ କାମଦୁଘାଂ ପ୍ରସନ୍ନାମ୍ ॥୬୩

ततः समानीय स मानितार्थी हस्तौ स्वहस्तार्जितवीरशब्दः ।
वंशस्य कर्तारमनन्तकीर्त्तिं सुदक्षिणायां तनयं ययाचे ॥६४
ତତଃ ସମାନୀୟ ସ ମାନିତାର୍ଥୀ ହସ୍ତୌ ସ୍ୱହସ୍ତାର୍ଜିତବୀରଶବ୍ଦଃ ।
ବଂଶସ୍ୟ କର୍ତ୍ତାରମନନ୍ତକୀର୍ତ୍ତିଂ ସୁଦକ୍ଷିଣାୟାଂ ତନୟାଂ ଯଯାଚେ ॥୬୪

सन्तानकामाय तथेति कामं राज्ञे प्रतिश्रुत्य पयस्विनी सा ।
दुग्ध्वा पयः पत्रपुटे मदीयं पुत्रोपभुङ्क्ष्वेति तमादिदेश ॥६५
ସନ୍ତାନକାମାୟ ତଥେତି କାମଂ ରାଜ୍ଞେ ପ୍ରତିଶ୍ରୁତ୍ୟ ପୟସ୍ୱିନୀ ସା ।
ଦୁଗ୍ଧ୍ୱା ପୟଃ ପତ୍ରପୁଟେ ମଦୀୟଂ ପୁତ୍ରୋପଭୁଂକ୍ଷ୍ୱେତି ତମାଦିଦେଶ ॥୬୫

वत्सस्य होमार्थविधेश्च शेषमृषेरनुज्ञामधिगम्य मातः ।
औधस्यमिच्छामि तवोपभोक्तुं षष्ठांशमुर्व्या इव रक्षितायाः ॥६६
ବତ୍ସସ୍ୟ ହୋମାର୍ଥବିଧେଶ୍ଚ ଶେଷମୃଷେରନୁଜ୍ଞାମଧିଗମ୍ୟ ମାତଃ ।
ଔଧସ୍ୟମିଚ୍ଛାମି ତବୋପଭୋକ୍ତୁଂ ଷଷ୍ଠାଂଶ ର୍ବ୍ୟା ଇବ ରକ୍ଷିତାୟାଃ ॥୬୬

इत्थं क्षितीशेन वसिष्ठधेनुर्विज्ञापिता प्रीततरा बभूव ।
तदन्विता हैमवताच्च कुक्षेः प्रत्याययावाश्रममश्रमेण ॥६७
ଇତ୍ଥଂ କ୍ଷିତୀଶେନ ବସିଷ୍ଠଧେନୁର୍ବିଜ୍ଞାପିତା ପ୍ରୀତତରା ବଭୂବ ।
ତଦନ୍ୱିତା ହୈମବତାଚ୍ଚ କୁକ୍ଷେଃ ପ୍ରତ୍ୟାଯଯାବାଶ୍ରମମଶ୍ରମେଣ ॥୬୭

तस्याः प्रसन्नेन्दुमुखः प्रसादं गुरुर्नृपाणां गुरवे निवेद्य ।
प्रहर्षचिह्नानुमितं प्रियायै शशंस वाचा पुनरुक्तयेव ॥६८
ତସ୍ୟାଃ ପ୍ରସନ୍ନେନ୍ଦୁମୁଖଃ ପ୍ରସାଦଂ ଗୁରୁର୍ନୃପାଣାଂ ଗୁରବେ ନିବେଦ୍ୟ ।
ପ୍ରହର୍ଷଚିହ୍ନାନୁମିତଂ ପ୍ରିୟାୟୈ ଶଶଂସ ବାଚା ପୁନରୁକ୍ତୟେବ ॥୬୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନନ୍ଦିନୀ ବିସ୍ମୟାଭିଭୂତ ରଜାଙ୍କୁ କହିଲେ, "ହେ ସାଧୁ ! ମୁଁ ମାୟା ସୃଷ୍ଟି କରି ତୁମକୁ ପରୀକ୍ଷା କରୁଥିଲି । ମହର୍ଷିଙ୍କ ପ୍ରଭାବରୁ ଯମ ମଧ୍ୟ ମୋର ଅନିଷ୍ଟ କରିବାକୁ ଅସମର୍ଥ ; ହିଂସ୍ର ଜନ୍ତୁମାନଙ୍କ କଥା ବା କଅଣ ? ୬୨

ବତ୍ସ ! ଗୁରୁଙ୍କ ପ୍ରତି ତୁମର ଭକ୍ତି ଏବଂ ମୋ ପ୍ରତି ଦୟା ଯୋଗୁଁ ମୁଁ ତୁମ ଉପରେ ପ୍ରୀତ ହୋଇଛି ! ତେଣୁ ତୁମେ ମୋଠାରୁ ବର ଗ୍ରହଣ କର । ମୋତେ କେବଳ କ୍ଷୀରଦାତ୍ରୀ ବୋଲି ମନେକର ନାହିଁ । ମୁଁ ପ୍ରସନ୍ନ ହେଲେ ସବୁ ପ୍ରକାର ଅଭିଳାଷ ପୂର୍ଣ୍ଣ କରିପାରେଁ ।" ୬୩

ତା'ପରେ ପ୍ରାର୍ଥୀମାନଙ୍କର ଅଭିଳାଷପୂରଣକାରୀ, ବାହୁବଳରେ 'ବୀର' ଶବ୍ଦ ଉପାର୍ଜନକାରୀ ରଜା ସୁଦକ୍ଷିଣାଙ୍କ ଗର୍ଭରୁ ବଂଶରକ୍ଷକ, ଅନନ୍ତ-କୀର୍ତ୍ତିଶାଳୀ ପୁତ୍ରଟିଏ ପାଇବା ପାଇଁ ପ୍ରାର୍ଥନା କଲେ ।୬୪

ନନ୍ଦିନୀ ପୁତ୍ରକାମୀ ରଜାଙ୍କୁ 'ତଥାସ୍ତୁ' ବୋଲି କହି ବର ପ୍ରଦାନ କଲେ ଏବଂ ତାଙ୍କୁ ଆଦେଶ ଦେଲେ–"ପୁତ୍ର ! ପତ୍ରପୁଟରେ ମୋର କ୍ଷୀର ଦୋହନ କରି ପାନ କର ।" ୬୫

"ମା, ମୁଁ ପୃଥିବୀକୁ ପାଳନ କରି ଯେପରି ଷଷ୍ଠାଂଶ ମାତ୍ର କର ଗ୍ରହଣ କରେ, ସେହିପରି ବାଛୁରୀ ପିଇସାରିଲା ପରେ ଏବଂ ଗୁରୁଙ୍କର ହୋମବିଧି ସରିଲା ପରେ ତୁମର କ୍ଷୀର ଯାହା ଅବଶିଷ୍ଟ ରହିବ, ଗୁରୁଙ୍କର ଆଦେଶ ନେଇ ମୁଁ ତାହା ଗ୍ରହଣ କରିବାକୁ ଚାହେଁ ।" ୬୬

ରଜା ଏହିପରି ନିବେଦନ କରନ୍ତେ ନନ୍ଦିନୀ ଆହୁରି ପ୍ରୀତା ହେଲେ ! ତା'ପରେ ରଜାଙ୍କ ସହିତ ହିମାଳୟ ଗୁହାରୁ ବିନା କ୍ଳାନ୍ତିରେ ଆଶ୍ରମକୁ ଫେରି ଆସିଲେ ।୬୭

ଚନ୍ଦ୍ରତୁଲ୍ୟ ପ୍ରସନ୍ନ ମୁଖ, ରଜଶ୍ରେଷ୍ଠ ଦିଲୀପ ନନ୍ଦିନୀଙ୍କର ଅନୁଗ୍ରହ ବିଷୟ ପ୍ରଥମେ ଗୁରୁଙ୍କୁ ଏବଂ ତା'ପରେ ପ୍ରିୟତମା ପତ୍ନୀଙ୍କୁ ଜଣାଇଲେ । ମାତ୍ର, ଜଣାଇବା ପୂର୍ବରୁ ତାଙ୍କ ମୁଖର ହର୍ଷ-ଚିହ୍ନରୁ ତାହା ଅନୁମିତ ହୋଇ-ସାରିଥିଲା । ତେଣୁ ଜଣାଇବା ପୁନରୁକ୍ତ ହେଲାଭଳି ବୋଧହେଲା ।୬୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स नन्दिनीस्तन्यमनिन्दितात्मा सद्वत्सलो वत्सहुतावशेषम् ।
पपौ वसिष्ठेन कृताभ्यनुज्ञः शुभ्रं यशो मूर्त्तमिवातितृष्णः ॥६९
ସ ନନ୍ଦିନୀସ୍ତନ୍ୟମନିନ୍ଦିତାତ୍ମା ସଦ୍‌ବତ୍ସଲୋ ବତ୍ସହୁତାବଶେଷମ୍ ।
ପପୌ ବସିଷ୍ଠେନ କୃତାଭ୍ୟନୁଜ୍ଞଃ ଶୁଭ୍ରଂଯଶୋ ମୂର୍ତ୍ତମିବାତିତୃଷ୍ଣଃ ॥୬୯

प्रातर्यथोक्तव्रतपारणान्ते प्रास्थानिकं स्वस्त्ययनं प्रयुज्य ।
तौ दम्पती स्वां प्रति राजधानीं प्रस्थापयामास वशी वसिष्ठः ॥७०
ପ୍ରାତର୍ଯଥୋକ୍ତବ୍ରତପାରଣାନ୍ତେ ପ୍ରାସ୍ଥାନିକଂ ସ୍ୱସ୍ତ୍ୟୟନଂ ପ୍ରଯୁଜ୍ୟ ।
ତୌ ଦମ୍ପତୀ ସ୍ୱାଂ ପ୍ରତି ରାଜଧାନୀଂ ପ୍ରସ୍ଥାପୟାମାସ ବଶୀ ବସିଷ୍ଠଃ ॥୭୦

प्रदक्षिणीकृत्य हुतं हुताशमनन्तरं भर्तुररुन्धतीं च ।
धेनुं सवत्सां च नृपः प्रतस्थे सन्मङ्गलोदग्रतरप्रभावः ॥७१
ପ୍ରଦକ୍ଷିଣୀକୃତ୍ୟ ହୁତଂ ହୁତାଶମନନ୍ତରଂ ଭର୍ତ୍ତୁରରୁନ୍ଧତୀଂ ଚ ।
ଧେନୁଂ ସବତ୍ସାଂ ଚ ନୃପଃ ପ୍ରତସ୍ଥେ ସନ୍‌ମଙ୍ଗଳୋଦଗ୍ରତରପ୍ରଭବଃ ॥୭୧

श्रोत्राभिरामध्वनिना रथेन स धर्मपत्नीसहितः सहिष्णुः ।
ययावनुद्घातसुखेन मार्गं स्वेनेव पूर्णेन मनोरथेन ॥७२
ଶ୍ରୋତ୍ରାଭିରାମଧ୍ୱନିନା ରଥେନ ସ ଧର୍ମପତ୍ନୀସହିତଃ ସହିଷ୍ଣୁଃ ।
ଯଯାବନୁଦ୍‌ଘାତସୁଖେନ ମାର୍ଗଂ ସ୍ୱେନେବ ପୂର୍ଣ୍ଣେନ ମନୋରଥେନ ॥୭୨

तमाहितोत्सुक्यमदर्शनेन प्रजाः प्रजार्थव्रतकर्शिताङ्गम् ।
नेत्रैः पपुस्तृप्तिमनाप्नुवद्भिर्नवोदयं नाथमिवौषधीनाम् ॥७३
ତମାହିତୌତ୍ସୁକ୍ୟମଦର୍ଶନେନ ପ୍ରଜାଃ ପ୍ରଜାର୍ଥବ୍ରତକର୍ଶିତାଙ୍ଗମ୍ ।
ନେତ୍ରୈଃ ପପୁସ୍ତୃପ୍ତିମନାପ୍ନୁବଦ୍‌ଭିର୍ନବୋଦୟଂ ନାଥମିବୌଷଧୀନାମ୍ ॥୭୩

पुरन्दरश्रीः पुरमुत्पताकं प्रविश्य पौरैरभिनन्द्यमानः ।
भुजे भुजङ्गेन्द्रसमानसारे भूयः स भूमेर्धुरमाससञ्ज ॥७४
ପୁରନ୍ଦରଶ୍ରୀଃ ପୁରମୁତ୍ପତାକଂ ପ୍ରବିଶ୍ୟ ପୌରୈରଭିନନ୍ଦ୍ୟମାନଃ ।
ଭୁଜେ ଭୁଜଙ୍ଗେନ୍ଦ୍ରସମାନସାରେ ଭୂୟଃ ସ ଭୂମେର୍ଧୁରମାସସଞ୍ଜେ ॥୭୪

अथ नयनसमुत्थं ज्योतिरत्रेरिव द्यौः
सुरसरिदिव तेजो वह्निनिष्ठ्यूतमैशम् ।
नरपतिकुलभूत्यै गर्भमाधत्त राज्ञी
गुरुभिरभिनिविष्टं लोकपालानुभावैः ॥७५ ॥

इति श्रीमहाकविकालिदासकृतौ रघुवंश महाकाव्ये
सुदक्षिणागर्भाधानो नाम द्वितीयः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

Gurukul Kangri Vishwavidyalaya Library

ବାଛୁରୀ ପିଇସାରିବା ପରେ ଏବଂ ଯଜ୍ଞବିଧି ସମାପ୍ତ ହେବା ପରେ ନନ୍ଦିନୀଙ୍କର ଯାହା ଅବଶିଷ୍ଟ କ୍ଷୀର ରହିଲା, ସତ୍‌ସ୍ୱଭାବ, ସଜ୍ଜନମାନଙ୍କର ପ୍ରିୟ ରାଜା ଦିଲୀପ ବଶିଷ୍ଠଙ୍କର ଅନୁମତି ନେଇ ଅତ୍ୟନ୍ତ ତୃଷିତ ଭାବରେ ତାହା ପାନ କଲେ । ସତେ ଯେପରି ସେ ମୂର୍ତ୍ତିମନ୍ତ ଶୁଭ୍ର ଯଶ ହିଁ ପାନକଲେ ।୬୯

ସକାଳେ ଯଥାବିଧି ବ୍ରତାନ୍ତ ଭୋଜନ ପରେ ପ୍ରସ୍ଥାନ-କାଳୋଚିତ ମାଙ୍ଗଳିକ ବିଧି ସମ୍ପନ୍ନ କରି ଜିତେନ୍ଦ୍ରିୟ ବଶିଷ୍ଠ ସେହି ଦମ୍ପତିଙ୍କୁ ରାଜଧାନୀକୁ ଯିବା ପାଇଁ ଅନୁମତି ଦେଲେ ।୭୦

ରାଜା ଆହୁତିପ୍ରାପ୍ତ ଅଗ୍ନିଙ୍କୁ, ବଶିଷ୍ଠଙ୍କୁ, ଅରୁନ୍ଧତୀଙ୍କୁ ଏବଂ ସବତ୍ସା ନନ୍ଦିନୀଙ୍କୁ ପ୍ରଦକ୍ଷିଣ କରି ପ୍ରସ୍ଥାନ କଲେ । ଆଶ୍ରମର ମାଙ୍ଗଳିକ ବିଧାନ ଦ୍ୱାରା ତାଙ୍କର ତେଜ ଆହୁରି ଅଧିକ ବଢି ଉଠିଲା ।୭୧

ସହିଷ୍ଣୁ ରାଜା ନିଜ ଧର୍ମପତ୍ନୀଙ୍କ ସହିତ ରଥରେ ବସି ପଥ ଅତିକ୍ରମ କରିବାକୁ ଲାଗିଲେ । ତାଙ୍କର ମନୋରଥ ସଫଳ ହେବା ସମ୍ବାଦ ଲୋକମାନଙ୍କୁ ଯେପରି ଶ୍ରୁତିସୁଖକର ବୋଧହେଲା, ରଥଶବ୍ଦ ସେହିପରି ଶ୍ରୁତିସୁଖକର ବୋଧହେଲା । ତାଙ୍କର ମନୋରଥରେ ଯେପରି ବିଚଳିତ ଭାବ ନଥିଲା, ରଥର ଗତିରେ ମଧ୍ୟ ସେହିପରି ବିଚଳିତ ଭାବ (ଉତ୍‌ଥାନ ପତନ) ନଥିଲା ।୭୨

ପ୍ରଜାମାନେ ତାଙ୍କୁ ଦେଖିବାକୁ ଉତ୍କଣ୍ଠିତ ଭାବରେ ଅପେକ୍ଷା କରି-ଥିଲେ । ପୁତ୍ର ନିମନ୍ତେ ବ୍ରତ ପାଳନ କରି ରାଜା କ୍ଷୀଣ ହୋଇ ଯାଇଥିଲେ । ପ୍ରଜାମାନେ ନବୋଦିତ ଚନ୍ଦ୍ରକୁ ଦେଖିଲା ଭଳି ତାଙ୍କୁ ଯେତେ ଦେଖିଲେ ମଧ୍ୟ ନେତ୍ରତୃପ୍ତି ଲାଭ କଲେ ନାହିଁ ।୭୩

ଇନ୍ଦ୍ରଙ୍କ ସମାନ ବୀର୍ଯ୍ୟଶାଳୀ ରାଜା ପୁରବାସୀମାନଙ୍କ ଦ୍ୱାରା ଅଭି-ନନ୍ଦିତ ହୋଇ ପତାକା ଉଡୁଥିବା ପ୍ରାସାଦରେ ପ୍ରବେଶ କଲେ ଏବଂ ବାସୁକି ସମାନ ବଳିଷ୍ଠ ବାହୁରେ ପୃଥିବୀ ପାଳନର ଭାର ପୁଣି ବହନ କଲେ ।୭୪

ତା'ପରେ ଆକାଶ ଯେପରି ଅତ୍ରି ମୁନିଙ୍କର ନୟନଜାତ ଜ୍ୟୋତିକୁ (ଚନ୍ଦ୍ରକୁ) ଧାରଣ କରିଥିଲେ, ଏବଂ ଦେବନଦୀ ଗଙ୍ଗା ଯେପରି ଅଗ୍ନିଙ୍କ ଦ୍ୱାରା ନିକ୍ଷିପ୍ତ ଶିବଙ୍କର ବୀର୍ଯ୍ୟକୁ (କାର୍ତ୍ତିକେୟଙ୍କୁ) ଧାରଣ କରିଥିଲେ, ସେହି-ପରି ସୁଦକ୍ଷିଣା ରାଜାଙ୍କର କୁଳସମ୍ପଦ-ବୃଦ୍ଧି ନିମନ୍ତେ ଗର୍ଭ ଧାରଣ କଲେ । ତାଙ୍କର ଗର୍ଭ ଲୋକପାଳମାନଙ୍କର ମହାନ୍ ତେଜରେ ପରିପୂର୍ଣ୍ଣ ହେଲା ।୭୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तृतीयः सर्गः

अथेप्सितं भर्तुरुपस्थितोदयं सखीजनोद्वीक्षणकौमुदीमुखम् ।
निदानमिक्ष्वाकुकुलस्य सन्ततेः सुदक्षिणा दौर्हृदलक्षणं दधौ ॥१
ଅଥେପ୍ସିତଂ ଭର୍ତ୍ତୁରୁପସ୍ଥିତୋଦୟଂ -ସଖୀଜନୋଦ୍ ବୀକ୍ଷଣକୌମୁଦୀମୁଖମ୍ ।
ନିଦାନମିକ୍ଷ୍ୱାକୁକୁଳସ୍ୟ ସନ୍ତତେଃ ସୁଦକ୍ଷିଣା ଦୌର୍ହୃଦଲକ୍ଷଣଂ ଦଧୌ ॥୧

शरीरसादादसमग्रभूषणा मुखेन सालक्ष्यत लोध्रपाण्डुना ।
तनुप्रकाशेन विचेयतारका प्रभातकल्पा शशिनेव शर्वरी ॥२
ଶରୀରସାଦାଦସମଗ୍ରଭୂଷଣା ମୁଖେନ ସାଲକ୍ଷ୍ୟତ ଲୋଧ୍ରପାଣ୍ଡୁନା ।
ତନୁପ୍ରକାଶେନ ବିଚେୟତାରକା ପ୍ରଭତକଳ୍ପା ଶଶିନେବ ଶର୍ବରୀ ॥୨

तदाननं मृत्सुरभि क्षितीश्वरो रहस्युपाघ्राय न तृप्तिमाययौ ।
करीव सिक्तं पृषतैः पयोमुचां शुचिव्यपाये वनराजिपल्वलम् ॥३
ତଦାନନଂ ମୃତ୍ସୁରଭି କ୍ଷିତୀଶ୍ୱରୋ ରହସ୍ୟୁପାଘ୍ରାୟ ନ ତୃପ୍ତିମାୟଯୌ ।
କରୀବ ସିକ୍ତଂ ପୃଷତୈଃ ପୟୋମୁଚାଂ ଶୁଚିବ୍ୟପାୟେ ବନରଜିପଲ୍ୱଲମ୍ ॥୩

दिवं मरुत्वानिव भोक्ष्यते भुवं दिगन्तविश्रान्तरथो हि मत्सुतः ।
अतोऽभिलाषे प्रथमं तथाविधे मनो बबन्धान्यरसान् विलङ्घ्य सा ॥४
ଦିବଂ ମରୁତ୍ୱାନିବ ଭୋକ୍ଷ୍ୟତେ ଭୁବଂ ଦିଗନ୍ତବିଶ୍ରାନ୍ତରଥୋ ହି ମତ୍ସୁତଃ ।
ଅତୋଽଭିଲାଷେ ପ୍ରଥମଂ ତଥାବିଧେ ମନୋ ବବନ୍ଧାନ୍ୟରସାନ୍ ବିଲଙ୍ଘ୍ୟ ସା ॥୪

न मे ह्रिया शंसति किञ्चिदीप्सितं स्पृहावती वस्तुषु केषु मागधी ।
इति स्म पृच्छत्यनुवेलमादृतः प्रियासखीरुत्तरकोसलेश्वरः ॥५
ନ ମେ ହ୍ରିୟା ଶଂସତି କିଞ୍ଚିଦୀପ୍ସିତଂ ସ୍ପୃହାବତୀ ବସ୍ତୁଷୁ କେଷୁ ମାଗଧୀ ।
ଇତି ସ୍ମ ପୃଚ୍ଛତ୍ୟନୁବେଲମାଦୃତଃ ପ୍ରିୟାସଖୀରୁତ୍ତରକୋସଳେଶ୍ୱରଃ ॥୫

उपेत्य सा दोहददुःखशीलतां यदेव वव्रे तदपश्यदाहृतम् ।
न हीष्टमस्य त्रिदिवेऽपि भूपतेरभूदनासाद्यमधिज्यधन्वनः ॥६
ଉପେତ୍ୟ ସା ଦୋହଦଦୁଃଖଶୀଳତାଂ ଯଦେବ ବବ୍ରେ ତଦପଶ୍ୟଦାହୃତମ୍ ।
ନ ହୀଷ୍ଟମସ୍ୟ ତ୍ରିଦିବେଽପି ଭୂପତେରଭୂଦନାସାଦ୍ୟମଧିଜ୍ୟଧନ୍ୱନଃ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୃତୀୟ ସର୍ଗ

ତାହାପରେ ଯଥାସମୟରେ ରାଣୀ ସୁଦକ୍ଷିଣା ଗର୍ଭ ଲକ୍ଷଣ ଧାରଣ କଲେ, ଯାହା କି ଥିଲା ସ୍ୱାମୀଙ୍କର ଅଭିଳଷିତ, ସଖୀମାନଙ୍କର ନେତ୍ର-ଆନନ୍ଦ-ଜ୍ୟୋତ୍ସ୍ନାର ପ୍ରଥମ ଆବିର୍ଭାବ ଏବଂ ଇକ୍ଷ୍ୱାକୁ ବଂଶର ଅବିଚ୍ଛିନ୍ନତାର କାରଣ ।୧

ଶରୀର କ୍ଷୀଣ ହୋଇ ଆସିବାରୁ ରାଣୀ ଅଳ୍ପ କେତୋଟି ମାତ୍ର ଆଭରଣ ପରିଧାନ କଲେ । ତାଙ୍କର ମୁଖ ଲୋଧ୍ର-ପୁଷ୍ପପରି ପାଣ୍ଡୁରବର୍ଣ୍ଣ ଧାରଣ କଲା । ତେଣୁ ପାହି ଆସୁଥିବା ରାତ୍ରି ଅଳ୍ପ-ଉଜ୍ଜ୍ୱଳ ଚନ୍ଦ୍ର ଏବଂ ଅଳ୍ପ କେତେକ ତାରକାଙ୍କୁ ଘେନି ଯେପରି ଦେଖାଯାଏ, ସେ ସେହିପରି ଦେଖାଗଲେ ।୨

ଗ୍ରୀଷ୍ମକାଳ ଶେଷରେ ହସ୍ତୀ ବନ ମଧ୍ୟରେ ବର୍ଷାବିନ୍ଦୁସିକ୍ତ କ୍ଷୁଦ୍ର ନିମ୍ନ ଭୂମିକୁ ଶୁଙ୍ଘି ଶୁଙ୍ଘି ଯେପରି ତୃପ୍ତିଲାଭ କରେ ନାହିଁ, ସେହିପରି ରାଜା ସୁଦକ୍ଷିଣାଙ୍କର ମୃତ୍ତିକା-ଭକ୍ଷଣ-ସୁଗନ୍ଧିତ ମୁଖକୁ ଗୋପନରେ ଯେତେ ଆଘ୍ରାଣ କଲେ ମଧ୍ୟ ତୃପ୍ତିଲାଭ କଲେ ନାହିଁ ।୩

"ଇନ୍ଦ୍ର ଯେପରି ସ୍ୱର୍ଗ ଭୋଗ କରନ୍ତି, ମୋ ପୁତ୍ର ସେହିପରି ଚକ୍ର-ବର୍ତ୍ତୀ ରାଜା ହୋଇ ପୃଥିବୀ ଭୋଗ କରୁ"—ସତେ ଯେପରି ଏହି କାମନାରେ ସୁଦକ୍ଷିଣା ଅନ୍ୟାନ୍ୟ ସ୍ୱାଦୁ ପଦାର୍ଥ ଛାଡ଼ି ପ୍ରଥମେ ମୃତ୍ତିକା ଭକ୍ଷଣରେ ମନ ବଳାଇଲେ ।୪

"ପ୍ରିୟା ଲଜ୍ଜାରେ ମୋ ଆଗରେ କୌଣସି ଅଭିଳାଷ ପ୍ରକାଶ କରୁନାହାନ୍ତି, ତାଙ୍କର କେଉଁ କେଉଁ ବସ୍ତୁରେ ଇଚ୍ଛା ଅଛି ?" ଏହା ଜାଣିବା ପାଇଁ ଉତ୍ତର-କୋଶଳର ଅଧିପତି ଦିଲୀପ ଅତ୍ୟନ୍ତ ଆଦର ସହକାରେ ପ୍ରିୟାଙ୍କର ସଖୀମାନଙ୍କୁ ବାରମ୍ବାର ପଚାରୁଥିଲେ ।୫

ଗର୍ଭବତୀମାନେ ଯେଉଁ ଅବସ୍ଥାରେ ମନରେ ନାନା ପ୍ରକାର ଲାଳସା ପୋଷଣ କରି ଦୁଃଖ ପାଆନ୍ତି, ସୁଦକ୍ଷିଣାଙ୍କର ସେହି ଅବସ୍ଥା ଆସିବାରୁ ସେ ଯାହା କାମନା କଲେ, ସଙ୍ଗେ ସଙ୍ଗେ ତାହା ଲାଭ କଲେ । କାରଣ, ସ୍ୱର୍ଗସ୍ଥିତ ପଦାର୍ଥ ମଧ୍ୟ ତାଙ୍କ ବୀର ସ୍ୱାମୀଙ୍କ ପକ୍ଷରେ ଦୁର୍ଲଭ ନଥିଲା ।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

क्रमेण निस्तीर्य च दोहदव्यथां प्रचीयमानावयवा रराज सा ।
पुराणपत्रापगमादनन्तरं लतेव संनद्धमनोज्ञपल्लवा ॥७
କ୍ରମେଣ ନିସ୍ତୀର୍ଯ୍ୟ ଚ ଦୋହଦବ୍ୟଥାଂ ପ୍ରଚୀୟମାନାବୟବା ରରାଜ ସା ।
ପୁରାଣପତ୍ରାପଗମାଦନନ୍ତରଂ ଲତେବ ସନ୍ନଦ୍ଧମନୋଜ୍ଞପଲ୍ଲବା ॥୭

दिनेषु गच्छत्सु नितान्तपीवरं तदीयमानीलमुखं स्तनद्वयम् ।
तिरश्चकार भ्रमराभिलीनयोः सुजातयोः पङ्कजकोशयोः श्रियम् ॥८
ଦିନେଷୁ ଗଚ୍ଛତ୍ସୁ ନିତାନ୍ତପୀବରଂ ତଦୀୟମାନୀଳମୁଖଂ ସ୍ତନଦ୍ୱୟମ୍ ।
ତିରଶ୍ଚକାର ଭ୍ରମରାଭିଲୀନୟୋଃ ସୁଜାତୟୋଃ ପଙ୍କଜକୋଶୟୋଃ ଶ୍ରିୟମ୍ ॥୮

निधानगर्भामिव सागराम्बरां शमीमिवाभ्यन्तरलीनपावकाम् ।
नदीमिवान्तःसलिलां सरस्वतीं नृपः ससत्त्वां महिषीममन्यत ॥९
ନିଧାନଗର୍ଭମିବ ସାଗରମ୍ବରାଂ ଶମୀମିବାଭ୍ୟନ୍ତରଲୀନପାବକାମ୍ ।
ନଦୀମିବାନ୍ତଃସଲିଲାଂ ସରସ୍ୱତୀଂ ନୃପଃ ସସତ୍ତ୍ୱାଂ ମହିଷୀମମନ୍ୟତ ॥୯

प्रियानुरागस्य मनःसमुन्नतेर्भुजार्जितानां च दिगन्तसम्पदाम् ।
यथाक्रमं पुंसवनादिकाः क्रिया धृतेश्च धीरः सदृशीर्व्यधत्त सः ॥१०
ପ୍ରିୟାନୁରାଗସ୍ୟ ମନଃସମୁନ୍ନତେ ର୍ଭୁଜାର୍ଜ୍ଜିତାନାଂ ଚ ଦିଗନ୍ତସମ୍ପଦାମ୍ ।
ଯଥାକ୍ରମଂ ପୁଂସବନାଦିକାଃ କ୍ରିୟା ଧୃତେଶ୍ଚଧୀରଃ ସଦୃଶୀର୍ବ୍ୟଧତ୍ତ ସଃ ॥୧୦

सुरेन्द्रमात्राश्रितगर्भगौरवात् प्रयत्नमुक्तासनया गृहागतः ।
तयोपचाराञ्जलिखिन्नहस्तया ननन्द पारिप्लवनेत्रया नृपः ॥११
ସୁରେନ୍ଦ୍ରମାତ୍ରାଶ୍ରିତଗର୍ଭଗୌରବାତ୍ ପ୍ରଯତ୍ନମୁକ୍ତାସନୟା ଗୃହାଗତଃ ।
ତୟୋପଚାରାଞ୍ଜଳିଖିନ୍ନହସ୍ତୟା ନନନ୍ଦ ପାରିପ୍ଲବନେତ୍ରୟା ନୃପଃ ॥୧୧

कुमारभृत्याकुशलैरनुष्ठिते भिषग्भिराप्तैरथ गर्भभर्मणि ।
पतिः प्रतीतः प्रसवोन्मुखीं प्रियां ददर्श काले दिवमभ्रितामिव ॥१२
କୁମାରଭୃତ୍ୟାକୁଶଳୈରନୁଷ୍ଠିତେ ଭିଷଗ୍ଭିରାପ୍ତୈରଥ ଗର୍ଭଭର୍ମଣି ।
ପତିଃ ପ୍ରତୀତଃ ପ୍ରସବୋନ୍ମୁଖୀଂ ପ୍ରିୟାଂ ଦଦର୍ଶ କାଳେ ଦିବମଭ୍ରିତାମିବ॥୧୨

ग्रहैस्ततः पञ्चभिरुच्चसंश्रयैरसूर्यगैः सूचितभाग्यसम्पदम् ।
असूत पुत्रं समये शचीसमा त्रिसाधना शक्तिरिवार्थमक्षयम् ॥१३
ଗ୍ରହୈସ୍ତତଃ ପଞ୍ଚଭିରୁଚ୍ଚସଂଶ୍ରୟୈରସୂର୍ଯ୍ୟଗୈଃ ସୂଚିତଭାଗ୍ୟସମ୍ପଦମ୍ ।
ଅସୂତ ପୁତ୍ରଂ ସମୟେ ଶଚୀସମା ତ୍ରିସାଧନା ଶକ୍ତିରିବାର୍ଥମକ୍ଷୟମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ରମେ ସୁଦକ୍ଷିଣାଙ୍କର ଲଳସାଜନିତ ଦୁଃଖ-ସମୟ ଅତିବାହିତ ହୋଇ-ଗଲା । ପୁରୁଣା ପତ୍ର ଝଡ଼ିପଡ଼ିବା ପରେ ଲତା ଯେପରି ସୁନ୍ଦର ନୂତନ ରୂପ ଧାରଣ କରେ, ତାଙ୍କର ଶରୀର ସେହିପରି ପରିପୁଷ୍ଟ ହୋଇ ଅଭିନବ ଶୋଭା ଧାରଣ କଲା ।୭

କିଛିଦିନ ଯାଆନ୍ତେ ତାଙ୍କର ସ୍ତନ ଦୁଇଟି ପୃଥୁଳ ହୋଇ ଉଠିଲା ଏବଂ ସ୍ତନ ଉପରେ ଚୁଚୁକ ଚାରିପାଖ ନୀଳବର୍ଣ୍ଣ ଧାରଣ କଲା । ତେଣୁ ଉପରେ ଭ୍ରମର ବସିଥିଲେ ସୁନ୍ଦର ପଦ୍ମକଳିକା ଯେପରି ଶୋଭା ପାଏ, ସ୍ତନଦ୍ୱୟ ତା'ଠାରୁ ଅଧିକ ଶୋଭା ପାଇଲା ।୮

ପୃଥିବୀ ଯେପରି ଭିତରେ ରତ୍ନରାଶି ଧାରଣ କରିଥାଏ, ଶମୀଲତା ଯେପରି ଭିତରେ ଅଗ୍ନି ଧାରଣ କରିଥାଏ ଏବଂ ସରସ୍ୱତୀ ନଦୀ ଯେପରି ଭିତରେ ଜଳ ଧାରଣ କରିଥାଏ, ଅନ୍ତଃସତ୍ତ୍ୱା ରାଣୀ ରାଜାଙ୍କୁ ସେହିପରି ବୋଧ ହେଲେ ।୯

ରାଜାଙ୍କର ପ୍ରିୟା ପ୍ରତି ଯେଉଁ ଅନୁରାଗ ଥିଲା, ମନରେ ଯେପରି ଉଦାରତା ଥିଲା, ବାହୁବଳରେ ଚତୁର୍ଦ୍ଦିଗ ଜୟ କରି ସେ ଯେଉଁ ବିଭବ ଅର୍ଜନ କରି-ଥିଲେ, ସେ ସମସ୍ତର ଅନୁରୂପ ଭାବରେ ପୁଂସବନ ପ୍ରଭୃତି ବିଧି ଯଥାକ୍ରମରେ ସମ୍ପାଦନ କଲେ ।୧୦

ରାଜା ନିକଟକୁ ଆସିଲେ ସୁଦକ୍ଷିଣା ଗର୍ଭର ଗୁରୁଭାର ବହନ କରି ଆୟାସ ସହକାରେ ଆସନରୁ ଉଠୁଥିଲେ । ଗୁରୁଭାରର କାରଣ—ସେଥିରେ ଲୋକପାଳମାନଙ୍କର ଅଂଶ ପରିପୂର୍ଣ୍ଣ ଥିଲା । ରାଜାଙ୍କୁ ପ୍ରଣାମ କରିବା ପାଇଁ ଅଞ୍ଜଳି କରୁ କରୁ ତାଙ୍କର ହସ୍ତ ଶିଥିଳ ହୋଇ ପଡୁଥିଲା ଏବଂ ଚକ୍ଷୁ ଚଞ୍ଚଳ ହୋଇ ଉଠୁଥିଲା । ତାଙ୍କର ଏ ଅବସ୍ଥା ଦେଖି ରାଜା ଆନନ୍ଦ ଲାଭ କରୁ-ଥିଲେ ।୧୧

ପ୍ରସବ-ସମୟ ଆସନ୍ନ ହେବାରୁ ରାଜା ଶିଶୁ-ଚିକିତ୍ସାରେ ଅଭିଜ୍ଞ ବିଶ୍ୱସ୍ତ ବୈଦ୍ୟମାନଙ୍କୁ ଗର୍ଭ ରକ୍ଷାରେ ନିଯୁକ୍ତ କଲେ । ଆସନ୍ନପ୍ରସବା ପ୍ରିୟା ହର୍ଷ-ମନା ସ୍ୱାମୀଙ୍କୁ ଗ୍ରୀଷ୍ମ ଶେଷରେ ବର୍ଷଣୋନ୍ମୁଖ ମେଘ ଦ୍ୱାରା ଆଚ୍ଛାଦିତା ନଭଃ-ସ୍ଥଳୀ ପରି ବୋଧହେଲେ ।୧୨

ସମଷ୍ଟିଗତା ଶକ୍ତି (ପ୍ରଭୁତ୍ୱ ଶକ୍ତି, ଉତ୍ସାହ ଶକ୍ତି ଏବଂ ମନ୍ତ୍ରଣା ଶକ୍ତି) ଯେପରି ଅକ୍ଷୟ ସିଦ୍ଧି ଉତ୍ପନ୍ନ କରେ, ଶଚୀତୁଲ୍ୟା ସୁଦକ୍ଷିଣା ସେହିପରି ଯଥା-ସମୟରେ ଏକ ପୁତ୍ର ପ୍ରସବ କଲେ । ସେତେବେଳେ ପାଞ୍ଚଟି ଗ୍ରହ ଉଚ୍ଚ ସ୍ଥାନରେ ଥିଲେ ଏବଂ ନିକଟରେ ସୂର୍ଯ୍ୟ ଥିବାରୁ ସେମାନେ ଅସ୍ତ ହୋଇ ନ ଥିଲେ । ଏହାଦ୍ୱାରା ପୁତ୍ରର ପରମ ସୌଭାଗ୍ୟ ସୂଚିତ ହେଉଥିଲା ।୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दिशः प्रसेदुर्मरुतो ववुः सुखाः प्रदक्षिणार्चिर्हविरग्निराददे ।
वभूव सर्वं शुभशंसि तत्क्षणं भवो हि लोकाभ्युदयाय तादृशाम् ॥१४
ଦିଶଃ ପ୍ରସେଦୁର୍ମରୁତୋ ବବୁଃ ସୁଖାଃ ପ୍ରଦକ୍ଷିଣାର୍ଚ୍ଚିର୍ହବିରଗ୍ନିରାଦଦେ ।
ବଭୂବ ସର୍ବଂ ଶୁଭଶଂସି ତତ୍କ୍ଷଣଂ ଭବୋ ହି ଲୋକାଭ୍ୟୁଦୟାୟ ତାଦୃଶାମ୍ ॥୧୪

अरिष्टशय्यां परितो विसारिणा सुजन्मनस्तस्य निजेन तेजसा ।
निशीथदीपाः सहसा हतत्विषो वभूवुरालेख्यसमर्पिता इव ॥१५
ଅରିଷ୍ଟଶୟ୍ୟାଂ ପରିତୋ ବିସାରିଣା ସୁଜନ୍ମନସ୍ତସ୍ୟ ନିଜେନ ତେଜସା ।
ନିଶୀଥଦୀପାଃ ସହସା ହତତ୍ୱିଷୋ ବଭୂବୁରାଲେଖ୍ୟସମର୍ପିତା ଇବ ॥୧୫

जनाय शुद्धान्तचराय शंसते कुमारजन्मामृतसंमिताक्षरम् ।
अदेयमासीत् त्रयमेव भूपतेः शशिप्रभं छत्रमुभे च चामरे ॥१६
ଜନାୟ ଶୁଦ୍ଧାନ୍ତଚରାୟ ଶଂସତେ କୁମାରଜନ୍ମାମୃତସମ୍ମିତାକ୍ଷରମ୍ ।
ଅଦେୟମାସୀତ୍ ତ୍ରୟମେବ ଭୂପତେଃ ଶଶିପ୍ରଭଂ ଛତ୍ରମୁଭେ ଚ ଚାମରେ ॥୧୬

निवातपद्मस्तिमितेन चक्षुषा नृपस्य कान्तं पिबतः सुताननम् ।
महोदधेः पूर इवेन्दुदर्शनाद् गुरुः प्रहर्षः प्रबभूव नात्मनि ॥१७
ନିବାତପଦ୍ମସ୍ତିମିତେନ ଚକ୍ଷୁଷା ନୃପସ୍ୟ କାନ୍ତଂ ପିବତଃ ସୁତାନନମ୍ ।
ମହୋଦଧେଃ ପୂର ଇବେନ୍ଦୁଦର୍ଶନାଦ୍ ଗୁରୁଃ ପ୍ରହର୍ଷଃ ପ୍ରବଭୂବ ନାତ୍ମନି ॥୧୭

स जातकर्मण्यखिले तपस्विना तपोवनादेत्य पुरोधसा कृते ।
दिलीपसूनुर्मणिराकरोद्भवः प्रयुक्तसंस्कार इवाधिकं वभौ ॥१८
ସ ଜାତକର୍ମଣ୍ୟଖିଳେ ତପସ୍ୱିନା ତପୋବନାଦେତ୍ୟ ପୁରୋଧସା କୃତେ ।
ଦିଲୀପସୂନୁର୍ମଣିରାକରୋଦ୍ଭବଃ ପ୍ରଯୁକ୍ତସଂସ୍କାର ଇବାଧିକଂ ବଭୌ ॥୧୮

सुखश्रवा मङ्गलतूर्यनिस्वनाः प्रमोदनृत्यैः सह वारयोषिताम् ।
न केवलं सद्मनि मागधीपतेः पथि व्यजृम्भन्त दिवौकसामपि ॥१९
ସୁଖଶ୍ରବା ମଙ୍ଗଳତୂର୍ଯ୍ୟନିସ୍ୱନାଃ ପ୍ରମୋଦନୃତ୍ୟୈଃ ସହ ବାରଯୋଷିତାମ୍ ।
ନ କେବଳଂ ସଦ୍ମନି ମାଗଧୀପତେଃ ପଥି ବ୍ୟଜୃମ୍ଭନ୍ତ ଦିବୌକସାମପି ॥୧୯

न संयतस्तस्य वभूव रक्षितुर्विसर्जयेद् यं सुतजन्महर्षितः ।
ऋणाभिधानात् स्वयमेव केवलं तदा पितॄणां मुमुचे स बन्धनात् ॥२०
ନ ସଂଯତସ୍ତସ୍ୟ ବଭୂବ ରକ୍ଷିତୁର୍ବିସର୍ଜୟେଦ୍ ଯଂ ସୁତଜନ୍ମହର୍ଷିତଃ ।
ଋଣାଭିଧାନାତ୍ ସ୍ୱୟମେବ କେବଳଂ ତଦା ପିତୃଣାଂ ମୁମୁଚେ ସ ବନ୍ଧନାତ୍ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ସମୟରେ ସମସ୍ତ ଦିଗ ନିର୍ମଳ ହୋଇଗଲା, ସୁଖକର ପବନ ବହିଲା ଏବଂ ଅଗ୍ନି ଶିଖାକୁ କୁଣ୍ଡଳିତ କରି ଆହୁତି ଗ୍ରହଣ କଲେ । ଏହିପରି ସେହି ସମୟ ସମସ୍ତ ଶୁଭର ସୂଚନା ଦେଲା । କାରଣ, ଜଗତର କଲ୍ୟାଣ ନିମନ୍ତେ ହିଁ ସେଭଳି ମହାନ୍‌ପୁରୁଷ ଜନ୍ମଗ୍ରହଣ କରନ୍ତି । ୧୪

ସେହି ଶୋଭନଜନ୍ମା ଶିଶୁର ଶରୀରତେଜ ପ୍ରସୂତିଗୃହର ଚତୁର୍ଦ୍ଦିଗରେ ପ୍ରସରିଯା'ନ୍ତେ ଗର୍ଭର ପ୍ରଦୀପଗୁଡ଼ିକ ନିଷ୍ପ୍ରଭ ହୋଇଯାଇ ଚିତ୍ରପ୍ରଦୀପ ଭଳି ଦେଖାଗଲେ । ୧୫

ଅନ୍ତଃପୁରର ଯେଉଁମାନେ ରଜା ଦିଲୀପଙ୍କୁ ପୁତ୍ରଜନ୍ମ ହେବାର ଅମୃତତୁଲ୍ୟ ସମ୍ବାଦ ଜଣାଇଲେ, ସେମାନଙ୍କୁ ରଜାଙ୍କର ତିନୋଟି ପଦାର୍ଥ ଅଦେୟ ରହିଲା, ତାହା ହେଉଛି—ଚନ୍ଦ୍ରୋଜ୍ଜ୍ୱଳ ରାଜଛତ୍ର ଏବଂ ଦୁଇଟି ରାଜକୀୟ ଚାମର । ୧୬

ରଜା ପବନରହିତ ସ୍ଥାନରେ ଫୁଟିଥିବା ପଦ୍ମ-ସଦୃଶ ଚକ୍ଷୁରେ ପୁତ୍ରର ସୁନ୍ଦର ମୁଖ ସତୃଷ୍ଣଭାବରେ ଦେଖିବାକୁ ଲାଗିଲେ । ଚନ୍ଦ୍ରଦର୍ଶନରେ ସମୁଦ୍ରର ଜଳରାଶି ଉଚ୍ଛ୍ୱସିତ ହେଲା ପରି ରଜାଙ୍କର ହର୍ଷ ଶରୀରଭିତରେ ଆବଦ୍ଧ ହୋଇ ରହିପାରିଲା ନାହିଁ । ୧୭

ତପସ୍ୱୀ, ପୁରୋହିତ (ବଶିଷ୍ଠ) ତପୋବନରୁ ଆସି ଜାତକର୍ମ-ବିଧି ସମ୍ପାଦନ କଲେ । ଖଣିରୁ ବାହାରିଥିବା ମଣି ଶାଣ ଦିଆହେଲେ ଯେପରି ଅଧିକ ଶୋଭପାଏ, ଦିଲୀପଙ୍କ ପୁତ୍ର ସଂସ୍କାରଯୁକ୍ତ ହୋଇ ସେହିପରି ଅଧିକ ଶୋଭପାଇଲା । ୧୮

ବାରାଙ୍ଗନାମାନଙ୍କର ଆନନ୍ଦନୃତ୍ୟ ସହିତ ଶ୍ରୁତିସୁଖକର ମଙ୍ଗଳବାଦ୍ୟ କେବଳ ଯେ ଦିଲୀପଙ୍କ ଗୃହକୁ ନିନାଦିତ କଲା, ତାହା ନୁହେଁ; ସ୍ୱର୍ଗକୁ ମଧ୍ୟ ନିନାଦିତ କଲା । ୧୯

ସେହି ପ୍ରଜାପାଳକ ରଜାଙ୍କ ରାଜ୍ୟରେ କେହି ଜଣେ ମାତ୍ର ବନ୍ଦୀ ନ ଥିଲେ, ଯାହାକୁ କି ପୁତ୍ରଜନ୍ମ ଉତ୍ସବରେ ସେ ମୁକ୍ତ କରି ଦେଇଥାନ୍ତେ । କିନ୍ତୁ ସେ ନିଜେ ହିଁ ନିଜକୁ ପିତୃଋଣ—ରୂପକ ବନ୍ଧନରୁ ମୁକ୍ତ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

श्रुतस्य यायादयमन्तमर्भकस्तथा परेषां युधि चेति पार्थिवः ।
अवेक्ष्य धातोर्गमनार्थमर्थविच्चकार नाम्ना रघुमात्मसंभवम् ॥२१
ଶ୍ରୁତସ୍ୟ ଯାୟାଦୟମନ୍ତମର୍ଭକସ୍ତଥା ପରେଷାଂ ଯୁଧି ଚେତି ପାର୍ଥିବଃ ।
ଅବେକ୍ଷ୍ୟଧାତୋର୍ଗମନାର୍ଥମର୍ଥବିଚ୍ଚକାର ନାମ୍ନା ରଘୁମାତ୍ମସଂଭବମ୍ ॥ ୨୧

पितुः प्रयत्नात् स समग्रसम्पदः शुभैः शरीरावयवैर्दिने दिने ।
पुपोष वृद्धिं हरिदश्वदीधितेरनुप्रवेशादिव बालचन्द्रमाः ॥२२
ପିତୁଃପ୍ରଯତ୍ନାତ୍ ସ ସମଗ୍ରସଂପଦଃ ଶୁଭୈଃଶରୀରବୟବୈର୍ଦିନେ ଦିନେ ।
ପୁପୋଷ ବୃଦ୍ଧିଂ ହରିଦଶ୍ୱଦୀଧିତେରନୁପ୍ରବେଶାଦିବ ବାଲଚନ୍ଦ୍ରମାଃ ॥ ୨୨

उमावृषाङ्कौ शरजन्मना यथा यथा जयन्तेन शचीपुरन्दरौ ।
तथा नृपः सा च सुतेन मागधी ननन्दतुस्तत्सदृशेन तत्समौ ॥२३
ଉମାବୃଷାଙ୍କୌ ଶରଜନ୍ମନା ଯଥା ଯଥା ଜୟନ୍ତେନ ଶଚୀପୁରନ୍ଦରୌ ।
ତଥା ନୃପଃ ସା ଚ ସୁତେନ ମାଗଧୀ ନନନ୍ଦତୁସ୍ତତ୍ସଦୃଶେନ ତତ୍ସମୌ ॥ ୨୩

रथाङ्गनाम्नोरिव भावबन्धनं बभूव यत् प्रेम परस्पराश्रयम् ।
विभक्तमप्येकसुतेन तत् तयोः परस्परस्योपरि पर्यचीयत ॥२४
ରଥାଙ୍ଗନାମ୍ନୋରିବ ଭବବନ୍ଧନଂ ବଭୂବ ଯତ୍ ପ୍ରେମ ପରସ୍ପରାଶ୍ରୟମ୍ ।
ବିଭକ୍ତମପ୍ୟେକସୁତେନ ତତ୍ତୟୋଃ ପରସ୍ପରସ୍ୟୋପରି ପର୍ଯଚୀୟତ ॥ ୨୪

उवाच धात्र्या प्रथमोदितं वचो ययौ तदीयामवलम्ब्य चाङ्गुलिम् ।
अभूच्च नम्रः प्रणिपातशिक्षया पितुर्मुदं तेन ततान सोऽर्भकः ॥२५
ଉବାଚ ଧାତ୍ର୍ୟା ପ୍ରଥମୋଦିତଂ ବଚୋ ଯଯୌ ତଦୀୟାମବଲମ୍ବ୍ୟ ଚାଙ୍ଗୁଲିମ୍ ।
ଅଭୂଚ୍ଚ ନମ୍ରଃ ପ୍ରଣିପାତଶିକ୍ଷୟା ପିତୁର୍ମୁଦଂ ତେନ ତତାନ ସୋଽର୍ଭକଃ ॥୨୫

तमङ्कमारोप्य शरीरयोगजैः सुखैर्निषिञ्चन्तमिवामृतं त्वचि ।
उपान्तसंमीलितलोचनो नृपश्चिरात् सुतस्पर्शरसज्ञतां ययौ ॥२६
ତମଙ୍କମାରୋପ୍ୟ ଶରୀରଯୋଗଜୈଃ ସୁଖୈର୍ନିଷିଞ୍ଚନ୍ତମିବାମୃତଂ ତ୍ୱଚି ।
ଉପାନ୍ତସଂମୀଲିତଲୋଚନୋ ନୃପଶ୍ଚିରାତ୍ ସୁତସ୍ପର୍ଶରସଜ୍ଞତାଂ ଯଯୌ ॥୨୬

अमंस्त चानेन परार्ध्यजन्मना स्थितेरभेत्ता स्थितिमन्तमन्वयम् ।
स्वमूर्तिभेदेन गुणाग्र्यवर्तिना पतिः प्रजानामिव सर्गमात्मनः ॥२७
ଅମଂସ୍ତ ଚାନେନ ପରାର୍ଧ୍ୟଜନ୍ମନା ସ୍ଥିତେରଭେତ୍ତା ସ୍ଥିତିମନ୍ତମନ୍ୱୟମ୍ ।
ସ୍ୱମୂର୍ତ୍ତିଭେଦେନ ଗୁଣାଗ୍ର୍ୟବର୍ତ୍ତିନା ପତିଃ ପ୍ରଜାନାମିବ ସର୍ଗମାତ୍ମନଃ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ଏ ପୁତ୍ର ବିଦ୍ୟାର ଶେଷ ସୀମାକୁ ଯାଇପାରିବ ଏବଂ ଶତ୍ରୁମାନଙ୍କର ଶେଷସୀମାକୁ ବି ଯାଇପାରିବ (ଶତ୍ରୁମାନଙ୍କୁ ଧ୍ୱଂସ କରିପାରିବ)"– ଏହି ଦୃଷ୍ଟିରୁ ଶବ୍ଦାର୍ଥବିତ୍ ରଜା 'ଲଘି' ଧାତୁର ଗମନ ଅର୍ଥକୁ ବିଗ୍ରହ କରି ତା'ର ନାମ ଦେଲେ 'ରଘୁ' । ('ଲଘି' ଧାତୁରୁ 'ରଘୁ ଶବ୍ଦ ନିଷ୍ପନ୍ନ । 'ରଘୁ' ଶବ୍ଦର ଅର୍ଥ ଗତିଶୀଳ) । ୨୧

ସୂର୍ଯ୍ୟଙ୍କ ରଶ୍ମି ଭିତରେ ବାଳଚନ୍ଦ୍ର ଯେପରି ଦିନକୁଦିନ ବୃଦ୍ଧିପ୍ରାପ୍ତ ହୁଏ, ସେହିପରି ପ୍ରଭୂତଧନଶାଳୀ ପିତାଙ୍କ ଯତ୍ନ ମଧ୍ୟରେ ପୁତ୍ରର ସୁନ୍ଦର ଶରୀର ଦିନକୁ ଦିନ ବୃଦ୍ଧିପ୍ରାପ୍ତ ହେଲା । ୨୨

Gurukul Kangri Vishwavidyalaya Library

କାର୍ତ୍ତିକେୟଙ୍କୁ ପାଇ ପାର୍ବତୀ ଓ ଶିବ ଏବଂ ଜୟନ୍ତକୁ ପାଇ ଶଚୀ ଓ ଇନ୍ଦ୍ର ଯେପରି ଆନନ୍ଦିତ ହୋଇଥିଲେ, ରଘୁଙ୍କୁ ପାଇ ସୁଦକ୍ଷିଣା ଓ ଦିଲୀପ ସେହିପରି ଆନନ୍ଦିତ ହେଲେ । ୨୩

ସେ ଦୁହେଁ ଥିଲେ ଚକ୍ରବାକ ଓ ଚକ୍ରବାକୀ ପରି । ଦୁହିଁଙ୍କର ପରସ୍ପର ହୃଦୟାକର୍ଷକ ପ୍ରେମ ପୁତ୍ରଦ୍ୱାର ବିଭକ୍ତ ହୋଇଗଲା । ତଥାପି ତାହା ପରସ୍ପର ପ୍ରତି ଅଧିକ ବୃଦ୍ଧି ପାଇବାରେ ଲାଗିଲା । ୨୪

ସେହି ଶିଶୁ ଯେତେବେଳେ ଧାତ୍ରୀର କଥାକୁ ଉଚ୍ଚାରଣ କଲା, ତାହାର ଅଙ୍ଗୁଳି ଧରି ଚାଲିଲା ଏବଂ ପ୍ରଣାମ ଶିଖି ଗୁରୁଜନମାନଙ୍କୁ ପ୍ରଣାମ କଲା, ସେ ସମସ୍ତ ଦେଖି ରଜା ଅତ୍ୟନ୍ତ ଆନନ୍ଦଲାଭ କଲେ । ୨୫

ରଜା ପୁତ୍ରକୁ କୋଳରେ ଧରିଲାବେଳେ ତା'ର ଶରୀର ସ୍ପର୍ଶ ତାଙ୍କ ଦେହରେ ସତେ ଯେପରି ଅମୃତ ବୋଳି ଦେଲା । ଚକ୍ଷୁପ୍ରାନ୍ତକୁ ମୁଦ୍ରିତ କରି ସେ ବହୁ ଦିନରୁ ଆକାଂକ୍ଷିତ ପୁତ୍ରସ୍ପର୍ଶସୁଖର ରସ ଆସ୍ୱାଦନ କଲେ । ୨୬

ପ୍ରଜାପତି ବ୍ରହ୍ମା ଯେପରି ସର୍ବଗୁଣଶାଳୀ ବିଷ୍ଣୁଙ୍କ ଯୋଗୁ ନିଜ ସୃଷ୍ଟିକୁ ସ୍ଥିର ମନେ କରନ୍ତି, ଯେଉଁ ବିଷ୍ଣୁ କି ତାଙ୍କରି ଅବତାରବିଶେଷ, ସେହିପରି ପ୍ରଜାପାଳକ ଦିଲୀପ ଯୋଗଜନ୍ମା ପୁତ୍ରଟିଯୋଗୁ ନିଜର ବଂଶକୁ ସ୍ଥିର ମନେ କଲେ, ଯେଉଁ ପୁତ୍ର କି ତାଙ୍କରି ଭିନ୍ନ ରୂପ ମାତ୍ର ଥିଲା । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स वृत्तचूलश्चलकाकपक्षकैरमात्यपुत्रैः सवयोभिरन्वितः ।
लिपेर्यथावद् ग्रहणेन वाङ्मयं नदीमुखेनेव समुद्रमाविशत् ॥२८
ସ ବୃତ୍ତଚୂଳଶ୍ଚଳକାକପକ୍ଷକୈରମାତ୍ୟପୁତ୍ରୈଃ ସବୟୋଭିରନ୍ୱିତଃ ।
ଲିପେର୍ଯଥାବଦ୍‌ଗ୍ରହଣେନ ବାଙ୍‌ମୟଂନଦୀମୁଖେନେବ ସମୁଦ୍ରମାବିଶତ୍ ॥୨୮

अथोपनीतं विधिवद् विपश्चितो विनिन्युरेनं गुरवो गुरुप्रियम् ।
अवन्ध्ययत्नाश्च बभूवुरत्र ते क्रिया हि वस्तूपहिता प्रसीदति ॥२९
ଅଥୋପନୀତଂ ବିଧିବଦ୍‌ବିପଶ୍ଚିତୋ ବିନିନ୍ୟୁରେନଂ ଗୁରବୋ ଗୁରୁପ୍ରିୟମ୍ ।
ଅବନ୍ଧ୍ୟଯତ୍ନାଶ୍ଚ ବଭୂବୁରତ୍ର ତେ କ୍ରିୟା ହି ବସ୍ତୂପହିତା ପ୍ରସୀଦତି ॥୨୯

धियः समग्रैः स गुणैरुदारधीः क्रमाच्चतस्रश्चतुरर्णवोपमाः ।
ततार विद्याः पवनातिपातिभिर्दिशो हरिद्भिर्हरितामिवेश्वरः ॥३०
ଧିୟଃ ସମଗ୍ରୈଃ ସ ଗୁଣୈରୁଦାରଧୀଃ କ୍ରମାଚ୍ଛତସ୍ରଶ୍ଚତୁରର୍ଣ୍ଣବୋପମାଃ ।
ତତାର ବିଦ୍ୟାଃ ପବନାତିପାତିଭିର୍ଦିଶୋ ହରିଦ୍‌ଭିର୍ହରିତାମିବେଶ୍ୱରଃ ॥୩୦

त्वचं स मेध्यां परिधाय रौरवीमशिक्षतास्त्रं पितुरेव मन्त्रवत् ।
न केवलं तद्गुरुरेकपार्थिवः क्षितावभूदेकधनुर्धरोऽपि सः ॥३१
ତ୍ୱଚଂ ସ ମେଧ୍ୟାଂ ପରିଧାୟ ରୌରବୀମଶିକ୍ଷତାସ୍ତ୍ରଂ ପିତୁରେବ ମନ୍ତ୍ରବତ୍ ।
ନ କେବଳଂ ତଦ୍‌ଗୁରୁରେକପାର୍ଥିବଃ କ୍ଷିତାବଭୂଦେକଧନୁର୍ଦ୍ଧରୋଽପି ସଃ ॥୩୧

महोक्षतां वत्सतरः स्पृशन्निव द्विपेन्द्रभावं कलभः श्रयन्निव ।
रघुः क्रमाद् यौवनभिन्नशैशवः पुपोष गाम्भीर्यमनोहरं वपुः ॥३२
ମହୋକ୍ଷତାଂ ବତ୍ସତରଃ ସ୍ପୃଶନ୍ନିବ ଦ୍ୱିପେନ୍ଦ୍ରଭାବଂ କଳଭଃ ଶ୍ରୟନ୍ନିବ ।
ରଘୁଃ କ୍ରମାଦ୍ ଯୌବନଭିନ୍ନଶୈଶବଃ ପୁପୋଷ ଗାମ୍ଭୀର୍ଯମନୋହରଂ ବପୁଃ ॥୩୨

अथास्य गोदानविधेरनन्तरं विवाहदीक्षां निरवर्तयद् गुरुः ।
नरेन्द्रकन्यास्तमवाप्य सत्पतिं तमोनुदं दक्षसुता इवाबभुः ॥३३
ଅଥାସ୍ୟ ଗୋଦାନବିଧେରନନ୍ତରଂ ବିବାହଦୀକ୍ଷାଂ ନିରବର୍ତ୍ତୟଦ୍ ଗୁରୁଃ ।
ନରେନ୍ଦ୍ରକନ୍ୟାସ୍ତମବାପ୍ୟ ସତ୍‌ପତିଂ ତମୋନୁଦଂ ଦକ୍ଷସୁତା ଇବାବଭୁଃ ॥୩୩

युवा युगव्यायतबाहुरंसलः कपाटवक्षाः परिणद्धकन्धरः ।
वपुःप्रकर्षादजयद् गुरुं रघुस्तथापि नीचैर्विनयाददृश्यत ॥३४
ଯୁବା ଯୁଗବ୍ୟାୟତବାହୁରଂସଳଃ କପାଟବକ୍ଷାଃ ପରିଣଦ୍ଧକନ୍ଧରଃ ।
ବପୁଃପ୍ରକର୍ଷାଦଜୟଦ୍‌ଗୁରୁଂ ରଘୁସ୍ତଥାପି ନୀଚୈର୍ବିନୟାଦଦୃଶ୍ୟତ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବାଳକ ରଘୁଙ୍କର ଚୂଡାକର୍ମ ସମ୍ପାଦିତ ହେଲା । ମନ୍ତ୍ରୀ-ପୁତ୍ରମାନଙ୍କ ସହିତ ସେ ଅକ୍ଷର ଶିକ୍ଷା ଆରମ୍ଭ କଲେ । ମନ୍ତ୍ରୀ-ପୁତ୍ରମାନେ ଥିଲେ ସମବୟସ୍କ ଏବଂ ସେମାନଙ୍କ ମସ୍ତକରେ କେଶଶିଖା ଦୋଳାୟମାନ ହେଉଥିଲା । ସମୁଦ୍ର ଭିତରକୁ ଯେପରି ନଦୀ-ମାଧ୍ୟମରେ ପ୍ରବେଶ କରାଯାଏ, ରଘୁ ସେହିପରି ବର୍ଣ୍ଣମାଳା ମାଧ୍ୟମରେ ବାଙ୍ମୟ (ସମସ୍ତ ବିଦ୍ୟା) ଭିତରକୁ ପ୍ରବେଶ କଲେ । ୨୮

ତାପରେ ରଘୁଙ୍କର ଉପନୟନ ସଂସ୍କାର ଯଥାବିଧି ସଂପନ୍ନ କରାଗଲା । ବିଦ୍ୱାନ୍ ଗୁରୁମାନେ ଗୁରୁପ୍ରିୟ ରଘୁଙ୍କୁ ବିଦ୍ୟାଶିକ୍ଷା ଦେଲେ । ସେମାନଙ୍କର ଯତ୍ନ ସଫଳ ହେଲା । ଯେହେତୁ ଯୋଗ୍ୟ ଛାତ୍ରକୁ ଯେଉଁ ଶିକ୍ଷା ଦିଆଯାଏ, ତାହା ନିଶ୍ଚିତ ଭାବେ ସଫଳ ହୁଏ । ୨୯

ସୂର୍ଯ୍ୟ ଯେପରି ନିଜର ଅତି ଦ୍ରୁତଗାମୀ ଅଶ୍ୱମାନଙ୍କଦ୍ୱାରା ଚାରି-ଦିଗକୁ ଅତିକ୍ରମ କରନ୍ତି, ତୀକ୍ଷ୍ଣବୁଦ୍ଧି ରଘୁ ସେହିପରି ନିଜର ସମସ୍ତ ବୁଦ୍ଧି-ଗୁଣଦ୍ୱାରା ଚାରି ସମୁଦ୍ରତୁଲ୍ୟ ଚାରି ବିଦ୍ୟାକୁ ଅତିକ୍ରମ କରିଗଲେ । ୩୦

ସେ ପବିତ୍ର ମୃଗଚର୍ମ ପରିଧାନ କରି ପିତାଙ୍କଠାରୁ ହିଁ ମନ୍ତ୍ର ସହିତ ଅସ୍ତ୍ରପ୍ରୟୋଗ ଶିକ୍ଷା କଲେ । କାରଣ, ତାଙ୍କର ପିତା ଦିଲୀପ ପୃଥିବୀରେ ଯେ କେବଳ ଅଦ୍ୱିତୀୟ ଚକ୍ରବର୍ତ୍ତୀ ରାଜା ଥିଲେ, ତାହା ନୁହେଁ, ସେ ଅଦ୍ୱିତୀୟ ଧନୁର୍ଦ୍ଧର ମଧ୍ୟ ଥିଲେ ୩୧

ବାଛୁରୀ ଯେପରି ବଢି କ୍ରମେ କ୍ରମେ ପ୍ରକାଣ୍ଡ ବୃଷଭରେ ପରିଣତ ହୁଏ, ହସ୍ତୀ ଶାବକ ଯେପରି କ୍ରମେ କ୍ରମେ ବିରାଟ ହସ୍ତୀ ହୁଏ, ରଘୁ ସେହିପରି କ୍ରମେ କ୍ରମେ ଶୈଶବ ଛାଡ଼ି ଯୌବନରେ ପଦାର୍ପଣ କଲେ । ତାଙ୍କର ଗମ୍ଭୀର ସୁନ୍ଦର ଶରୀର ହୃଷ୍ଟ ପୁଷ୍ଟ ହେବାରେ ଲାଗିଲା । ୩୨

ରଘୁଙ୍କର 'କେଶାନ୍ତ' ସଂସ୍କାର ସମ୍ପନ୍ନ ହେବା ପରେ ପିତା ତାଙ୍କର ବିବାହ କରାଇଲେ । ରୋହିଣୀ ପ୍ରଭୃତି ଦକ୍ଷକନ୍ୟାମାନେ ଚନ୍ଦ୍ରଙ୍କୁ ପତିରୂପେ ଲାଭ କରି ଯେପରି ଶୋଭା ପାଆନ୍ତି, ରାଜକନ୍ୟାମାନେ ରଘୁଙ୍କୁ ପତିରୂପେ ପାଇ ସେହିପରି ସୁଶୋଭିତା ହେଲେ । ୩୩

ଯୁବକ ରଘୁଙ୍କର ଦୁଇ ବାହୁ ଯୁଆଳି ଭଳି ଦୀର୍ଘ, ସ୍କନ୍ଧ ବଳିଷ୍ଠ ତଥା ମାଂସଳ, ଛାତି କବାଟ ପରି ବିସ୍ତୀର୍ଣ୍ଣ ଏବଂ କଣ୍ଠ ବିଶାଳ ଥିଲା । ଶରୀରର ବିଶାଳତାରେ ଯଦ୍ୟପି ସେ ପିତାଙ୍କୁ ବଳିପଡ଼ିଲେ, ତଥାପି ବିନୟ ଯୋଗୁଁ ସାନ ଦେଖାଗଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततः प्रजानां चिरमात्मना धृतां नितान्तगुर्वीं लघयिष्यता धुरम् ।
निसर्गसंस्कारविनीत इत्यसौ नृपेण चक्रे युवराजशब्दभाक् ॥३५
ତତଃ ପ୍ରଜାନାଂ ଚିରମାତ୍ମନା ଧୃତାଂ ନିତାନ୍ତଗୁର୍ବୀଂ ଲଘୟିଷ୍ୟତା ଧୁରମ୍ ।
ନିସର୍ଗସଂସ୍କାରବିନୀତ ଇତ୍ୟସୌ ନୃପେଣ ଚକ୍ରେ ଯୁବରାଜଶବ୍ଦଭାକ୍ ॥୩୫

नरेन्द्रमूलायतनादनन्तरं तदास्पदं श्रीर्युवराजसंज्ञितम् ।
अगच्छदंशेन गुणाभिलाषिणी नवावतारं कमलादिवोत्पलम् ।३६
ନରେନ୍ଦ୍ରମୂଳାୟତନାଦନନ୍ତରଂ ତଦାସ୍ପଦଂ ଶ୍ରୀର୍ଯୁବରାଜସଂଜ୍ଞିତମ୍ ।
ଅଗଚ୍ଛଦଂଶେନ ଗୁଣାଭିଲାଷିଣୀ ନବାବତାରଂ କମଳାଦିବୋତ୍ପଳମ୍ ॥୩୬

विभावसुः सारथिनेव वायुना घनव्यपायेन गभस्तिमानिव ।
बभूव तेनातितरां सुदुःसहः कटप्रभेदेन करीव पार्थिवः ॥३७
ବିଭାବସୁଃ ସାରଥିନେବ ବାୟୁନା ଘନବ୍ୟପାୟେନ ଗଭସ୍ତିମାନିବ ।
ବଭୂବ ତେନାତିତରାଂ ସୁଦୁଃସହଃ କଟପ୍ରଭେଦେନ କରୀବ ପାର୍ଥିବଃ ॥୩୭

नियुज्य तं होमतुरङ्गरक्षणे धनुर्धरं राजसुतैरनुद्रुतम् ।
अपूर्णमेकेन शतक्रतूपमः शतं क्रतूनामविघ्नमाप सः ॥३८
ନିଯୁଜ୍ୟ ତଂ ହୋମତୁରଙ୍ଗରକ୍ଷଣେ ଧନୁର୍ଦ୍ଧରଂ ରାଜସୁତୈରନୁଦ୍ରୁତମ୍ ।
ଅପୂର୍ଣ୍ଣମେକେନ ଶତକ୍ରତୂପମଃ ଶତଂ କ୍ରତୂନାମବିଘ୍ନମାପ ସଃ ॥୩୮

ततः परं तेन मखाय यज्वना तुरङ्गमुत्सृष्टमनर्गलं पुनः ।
धनुर्भृतामग्रत एव रक्षिणां जहार शक्रः किल गूढविग्रहः ॥३९
ତତଃ ପରଂ ତେନ ମଖାୟ ଯଜ୍ୱନା ତୁରଙ୍ଗମୁତ୍ସୃଷ୍ଟମନର୍ଗଳଂ ପୁନଃ ।
ଧନୁର୍ଭୃତାମଗ୍ରତଏବ ରକ୍ଷିଣାଂ ଜହାର ଶକ୍ରଃ କିଳ ଗୂଢବିଗ୍ରହଃ ॥୩୯

विषादलुप्तप्रतिपत्ति विस्मितं कुमारसैन्यं सपदि स्थितं च तत् ।
वसिष्ठधेनुश्च यदृच्छयाऽऽगता श्रुतप्रभावा ददृशेऽथ नन्दिनी ॥४०
ବିଷାଦଲୁପ୍ତପ୍ରତିପତ୍ତି ବିସ୍ମିତଂ କୁମାରସୈନ୍ୟଂ ସପଦି ସ୍ଥିତଂ ଚ ତତ୍ ।
ବସିଷ୍ଠଧେନୁଶ୍ଚ ଯଦୃଚ୍ଛୟାଗତା ଶ୍ରୁତପ୍ରଭାବା ଦଦୃଶେଽଥ ନନ୍ଦିନୀ ॥୪୦

तदङ्गनिस्यन्दजलेन लोचने प्रमृज्य पुण्येन पुरस्कृतः सताम् ।
अतीन्द्रियेष्वप्युपपन्नदर्शनो बभूव भावेषु दिलीपनन्दनः ॥४१
ତଦଙ୍ଗନିସ୍ୟନ୍ଦଜଳେନ ଲୋଚନେ ପ୍ରମୃଜ୍ୟ ପୁଣ୍ୟେନ ପୁରସ୍କୃତଃ ସତାମ୍ ।
ଅତୀନ୍ଦ୍ରିୟେଷ୍ୱପ୍ୟୁପପନ୍ନଦର୍ଶନୋ ବଭୂବ ଭାବେଷୁ ଦିଲୀପନନ୍ଦନଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁ ଥିଲେ ସ୍ୱଭାବତଃ ବିନମ୍ର ଏବଂ ବିଦ୍ୟାଶିକ୍ଷା ଫଳରେ ଅଧିକ ବିନମ୍ର । ଦିଲୀପ ବହୁକାଳରୁ ବହନ କରି ଆସୁଥିବା ପ୍ରଜାପାଳନରୂପ ଗୁରୁ-ଭାର ଲାଘବ କରିବା ଅଭିପ୍ରାୟରେ ତାଙ୍କୁ ଯୁବରାଜ ପଦରେ ଭୂଷିତ କଲେ ।୩୫

ସୁଗନ୍ଧ ପ୍ରଭୃତି ଗୁଣରେ ଆକୃଷ୍ଟା ହୋଇ ପଦ୍ମ-ଲକ୍ଷ୍ମୀ(ପଦ୍ମର ଶୋଭା) ଯେପରି ପୁରୁଣା ପଦ୍ମକୁ ଛାଡ଼ି ସେଥିରୁ ଉତ୍ପନ୍ନ ହୋଇଥିବା ନୂତନ ପଦ୍ମକୁ କିଛି ଅଂଶରେ ଚାଲିଯାଏ, ରାଜଲକ୍ଷ୍ମୀ ସେହିପରି ରଘୁଙ୍କର ବିନୟ ପ୍ରଭୃତି ଗୁଣରେ ଆକୃଷ୍ଟା ହୋଇ ଦିଲୀପରୂପକ ମୂଳ ସ୍ଥାନକୁ ଛାଡ଼ି ଯୁବରାଜ ପଦରେ ଭୂଷିତ ରଘୁରୂପକ ନୂତନ ସ୍ଥାନକୁ କେତେକାଂଶରେ ଚାଲିଗଲେ । ୩୬

ବାୟୁକୁ ସାହାଯ୍ୟକାରୀ ପାଇଲେ ଅଗ୍ନି, ଶରତ୍ କାଳକୁ ସାହାଯ୍ୟକାରୀ ପାଇଲେ ସୂର୍ଯ୍ୟ ଏବଂ ନିଜ ଗଣ୍ଡସ୍ଥଳରେ ମଦ ଜଳର ସାହାଯ୍ୟ ପାଇଲେ ହସ୍ତୀ ଯେପରି ଅଜେୟ ହୋଇଉଠନ୍ତି, ଦିଲୀପ ସେହିପରି ରଘୁଙ୍କୁ ସାହାଯ୍ୟ-କାରୀ ପାଇ ସଂପୂର୍ଣ୍ଣ ଅଜେୟ ହୋଇ ଉଠିଲେ । ୩୭

ଇନ୍ଦ୍ରତୁଲ୍ୟ ରାଜା ଦିଲୀପ ରାଜକୁମାରମାନଙ୍କ ସହିତ ଧନୁର୍ଦ୍ଧର ରଘୁଙ୍କୁ ଅଶ୍ୱମେଧ ଯଜ୍ଞର ଅଶ୍ୱ ରକ୍ଷା କରିବାରେ ନିଯୁକ୍ତ କରି ଊନଶତ ଯଜ୍ଞ ନିର୍ବିଘ୍ନରେ ସମ୍ପାଦନ କଲେ । ୩୮

ତା'ପରେ (ଊନଶତ ଯଜ୍ଞ ସମ୍ପାଦନ ପରେ) ଯଜ୍ଞକର୍ତ୍ତା ଦିଲୀପ ପୁନଶ୍ଚ ଯଜ୍ଞ କରିବା ପାଇଁ ଅଶ୍ୱ ଛାଡ଼ିଲେ । ସେହି ଅଶ୍ୱ ଅନିବାରିତ ଭାବରେ ବୁଲିଲା । ଧନୁର୍ଦ୍ଧର ବୀରମାନେ ତାହାକୁ ଜଗି ରହିଲେ । କିନ୍ତୁ ଇନ୍ଦ୍ର ଅଦୃଶ୍ୟ ଭାବରେ ସେମାନଙ୍କ ସମ୍ମୁଖରୁ ଅଶ୍ୱକୁ ହରଣ କରିନେଲେ । ୩୯

ରଘୁଙ୍କର ସୈନ୍ୟମାନେ ଯେତେବେଳେ ବିସ୍ମିତ, କିଂକର୍ତ୍ତବ୍ୟ-ବିମୂଢ଼ ହୋଇପଡ଼ିଲେ, ସେତେବେଳେ ବଶିଷ୍ଠଙ୍କର ବିଖ୍ୟାତ-ପ୍ରଭାବଶାଳିନୀ ଧେନୁ (ନନ୍ଦିନୀ) ସ୍ୱେଚ୍ଛାରେ ସେଠାକୁ ଆସୁଥିବାର ଦେଖାଗଲେ । ୪୦

ସଜ୍ଜନମାନଙ୍କର ପୂଜ୍ୟ ରଘୁ ନନ୍ଦିନୀଙ୍କର ଅଙ୍ଗନିଃସୃତ ପବିତ୍ର ଜଳରେ (ମୂତ୍ରରେ) ନିଜର ଚକ୍ଷୁ ଧୌତ କରନ୍ତେ, ଇନ୍ଦ୍ରିୟାତୀତ ବିଷୟ-ମାନଙ୍କୁ ମଧ୍ୟ ଦେଖିବାର ସାମର୍ଥ୍ୟ ଲାଭ କଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स पूर्वतः पर्वतपक्षशातनं ददर्श देवं नरदेवसंभवः ।
पुनः पुनः सूतनिषिद्धचापलं हरन्तमश्वं रथरश्मिसंयतम् ॥४२
ସ ପୂର୍ବତଃ ପର୍ବତପକ୍ଷଶାତନଂ ଦଦର୍ଶ ଦେବଂ ନରଦେବସମ୍ଭବଃ ।
ପୁନଃ ପୁନଃ ସୂତନିଷିଦ୍ଧଚାପଲଂ ହରନ୍ତମଶ୍ୱଂ ରଥରଶ୍ମିସଂଯତମ୍ ॥୪୨

शतैस्तमक्ष्णामनिमेषवृत्तिभिर्हरिं विदित्वा हरिभिश्च वाजिभिः ।
अवोचदेनं गगनस्पृशा रघुः स्वरेण धीरेण निवर्तयन्निव ॥४३
ଶତୈସ୍ତମକ୍ଷ୍ଣାମନିମେଷବୃତ୍ତିଭିର୍ହରିଂ ବିଦିତ୍ୱା ହରିଭିଶ୍ଚ ବାଜିଭିଃ ।
ଅବୋଚଦେନଂ ଗଗନସ୍ପୃଶା ରଘୁଃ ସ୍ୱରେଣ ଧୀରେଣ ନିବର୍ତ୍ତୟନ୍ନିବ ॥୪୩

मखांशभाजां प्रथमो मनीषिभिस्त्वमेव देवेन्द्र सदा निगद्यसे ।
अजस्रदीक्षाप्रयतस्य मद्गुरोः क्रियाविघाताय कथं प्रवर्तसे ॥४४
ମଖାଂଶଭାଜାଂ ପ୍ରଥମୋ ମନୀଷିଭିସ୍ତ୍ୱମେବ ଦେବେନ୍ଦ୍ର ସଦା ନିଗଦ୍ୟସେ ।
ଅଜସ୍ରଦୀକ୍ଷାପ୍ରୟତସ୍ୟ ମଦ୍‌ଗୁରୋଃ କ୍ରିୟାବିଘାତାୟ କଥଂ ପ୍ରବର୍ତ୍ତସେ ॥୪୪

त्रिलोकनाथेन सदा मखद्विषस्त्वया नियम्या ननु दिव्यचक्षुषा ।
स चेत् स्वयं कर्मसु धर्मचारिणां त्वमन्तरायो भवसि च्युतो विधिः ॥४५
ତ୍ରିଲୋକନାଥେନ ସଦା ମଖଦ୍ୱିଷସ୍ତ୍ୱୟା ନିୟମ୍ୟା ନନୁ ଦିବ୍ୟଚକ୍ଷୁଷା ।
ସ ଚେତ୍ ସ୍ୱୟଂ କର୍ମସୁ ଧର୍ମଚାରିଣାଂ ତ୍ୱମନ୍ତରାୟୋ ଭବସି ଚ୍ୟୁତୋ ବିଧିଃ ॥୪୫

तदङ्गमग्र्यं मघवन् महाक्रतोरमुं तुरङ्गं प्रतिमोक्तुमर्हसि ।
पथः श्रुतेर्दर्शयितार ईश्वरा मलीमसामाददते न पद्धतिम् ॥४६
ତଦଙ୍ଗମଗ୍ର୍ୟଂ ମଘବନ୍ ମହାକ୍ରତୋରମୁଂ ତୁରଙ୍ଗଂ ପ୍ରତିମୋକ୍ତୁମର୍ହସି ।
ପଥଃ ଶ୍ରୁତେର୍ଦର୍ଶୟିତାର ଈଶ୍ୱରା ମଲୀମସାମାଦଦତେ ନ ପଦ୍ଧତିମ୍ ॥୪୬

इति प्रगल्भं रघुणा समीरितं वचो निशम्याधिपतिर्दिवौकसाम् ।
निवर्तयामास रथं सविस्मयः प्रचक्रमे च प्रतिवक्तुमुत्तरम् ॥४७
ଇତି ପ୍ରଗଲ୍‌ଭଂ ରଘୁଣା ସମୀରିତଂ ବଚୋ ନିଶମ୍ୟାଧିପତିର୍ଦିବୌକସାମ୍ ।
ନିବର୍ତ୍ତୟାମାସ ରଥଂ ସବିସ୍ମୟଃ ପ୍ରଚକ୍ରମେ ଚ ପ୍ରତିବକ୍ତୁମୁତ୍ତରମ୍ ॥୪୭

यदात्थ राजन्यकुमार तत् तथा यशस्तु रक्ष्यं परतो यशोधनैः ।
जगत्प्रकाशं तदशेषमिज्यया भवद्गुरुर्लङ्घयितुं ममोद्यतः ॥४८
ଯଦାତ୍ଥ ରାଜନ୍ୟକୁମାର ତତ୍ ତଥା ଯଶସ୍ତୁ ରକ୍ଷ୍ୟଂ ପରତୋ ଯଶୋଧନୈଃ ।
ଜଗତ୍‌ପ୍ରକାଶଂ ତଦଶେଷମିଜ୍ୟୟା ଭବଦ୍‌ଗୁରୁର୍ଲଙ୍ଘୟିତୁଂ ମମୋଦ୍ୟତଃ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ଦେଖିଲେ—ପୂର୍ବଦିଗରେ ଦେବରାଜ ଇନ୍ଦ୍ର ସେହି ଅଶ୍ୱକୁ ରଥ-ରଜ୍ଜୁରେ ବାନ୍ଧି ଘେନିଯାଉଛନ୍ତି, ସାରଥି ତାହାର (ଅଶ୍ୱର) ଔଦ୍ଧତ୍ୟକୁ ବାରମ୍ବାର ବାଧା ଦେଉଛି । ୪୨

ପଲକହୀନ ଶତ ଶତ ଚକ୍ଷୁ ଏବଂ ନୀଳବର୍ଣ୍ଣର ଅଶ୍ୱମାନଙ୍କ ଯୋଗୁଁ ରଘୁ ତାହାଙ୍କୁ ଇନ୍ଦ୍ର ବୋଲି ଜାଣିପାରିଲେ ଏବଂ ଗଗନସ୍ପର୍ଶୀ ଗମ୍ଭୀରସ୍ୱରରେ ତାଙ୍କୁ ଫେରାଇ ଆଣିଲା ଭଳି କହିଲେ :—୪୩

"ହେ ଇନ୍ଦ୍ର, ବିଦ୍ୱାନ୍‌ମାନେ କହନ୍ତି—ଯେଉଁ ଦେବତାମାନେ ଯଜ୍ଞଭାଗ ଗ୍ରହଣ କରନ୍ତି, ସେମାନଙ୍କ ମଧ୍ୟରେ ଆପଣ ହେଉଛନ୍ତି ପ୍ରଥମ । କିନ୍ତୁ ଆପଣ ମୋ ପିତାଙ୍କର ଯଜ୍ଞ ନଷ୍ଟ କରିବାକୁ କାହିଁକି ପ୍ରବୃତ୍ତ ହେଉଛନ୍ତି ? ସେ ତ ସର୍ବଦା ଯଜ୍ଞକର୍ମରେ ଦୀକ୍ଷିତ ! ୪୪

ଆପଣ ତ୍ରିଭୁବନର ଅଧିପତି । ଯେଉଁମାନେ ଯଜ୍ଞରେ ବିଘ୍ନ ସୃଷ୍ଟି କରନ୍ତି, ଆପଣ ଦିବ୍ୟ ଚକ୍ଷୁରେ ଦେଖି ସେମାନଙ୍କୁ ଦଣ୍ଡ ଦେବାର କଥା । କିନ୍ତୁ ଆପଣ ଯଦି ନିଜେ ଧାର୍ମିକ ବ୍ୟକ୍ତିମାନଙ୍କର କର୍ମରେ ପ୍ରତିବନ୍ଧକ ହେବେ, ତାହାହେଲେ ସତ୍ କର୍ମତଲ୍ଲେପ ପାଇଯିବ ! ୪୫

ତେଣୁ ହେ ଦେବରାଜ, ଅଶ୍ୱମେଧ-ଯଜ୍ଞର ପ୍ରଧାନ ଅଙ୍ଗ ଏହି ଅଶ୍ୱକୁ ଛାଡ଼ିଦେବା ଆପଣଙ୍କ ପକ୍ଷରେ ଉଚିତ । ବେଦବିହିତ ପଥର ପ୍ରଦର୍ଶକ ମହାନ୍ ବ୍ୟକ୍ତିମାନେ ନିନ୍ଦନୀୟ ପଥ ଅବଲମ୍ବନ କରନ୍ତି ନାହିଁ ।" ୪୬

ଦେବାଧିରାଜ ଇନ୍ଦ୍ର ରଘୁଙ୍କରଏପରି ପ୍ରଗଲ୍‌ଭ ବଚନ ଶୁଣି ବିସ୍ମୟର ସହିତ ରଥ ଫେରାଇଲେ ଏବଂ ଉତ୍ତର ଦେବାକୁ ଆରମ୍ଭ କଲେ :—୪୭

"ହେ କ୍ଷତ୍ରିୟ କୁମାର ! ତୁମେ ଯାହା କହୁଛ, ତାହା ଠିକ୍ । କିନ୍ତୁ ଯଶକୁ ଯେଉଁମାନେ ଧନ ମନେ କରନ୍ତି, ସେମାନଙ୍କ ପକ୍ଷରେ ଯଶ ସର୍ବଥା ରକ୍ଷଣୀୟ । ତୁମର ପିତା ମୋର ବିଶ୍ୱପ୍ରସିଦ୍ଧ ଯଶକୁ ଯଜ୍ଞଦ୍ୱାରା ଅପହରଣ କରିନେବାକୁ ଉଦ୍ୟତ ହୋଇଛନ୍ତି । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

हरिर्यथैकः पुरुषोत्तमः स्मृतो महेश्वरस्त्र्यम्बक एव नापरः ।
तथा विदुर्मां मुनयः शतक्रतुं द्वितीयगामी न हि शब्द एष नः ॥४९
ହରିର୍ଯଥୈକଃ ପୁରୁଷୋତ୍ତମଃ ସ୍ମୃତୋ ମହେଶ୍ୱରସ୍ତ୍ର୍ୟମ୍ବକ ଏବ ନାପରଃ ।
ତଥା ବିଦୁର୍ମାଂମୁନୟଃ ଶତକ୍ରତୁଂ ଦ୍ୱିତୀୟଗାମୀ ନ ହି ଶବ୍ଦ ଏଷ ନଃ ॥୪୯

अतोऽयमश्वः कपिलानुकारिणा पितुस्त्वदीयस्य मयापहारितः ।
अलं प्रयत्नेन तवात्र मा निधाः पदं पदव्यां सगरस्य सन्ततेः ॥५०
ଅତୋଽୟମଶ୍ୱଃ କପିଳାନୁକାରିଣା ପିତୁସ୍ତ୍ୱଦୀୟସ୍ୟ ମୟାପହ ରିତଃ ।
ଅଲଂ ପ୍ରୟତ୍ନେନ ତବାତ୍ର ମା ନିଧାଃ ପଦ ପଦବ୍ୟାଂ ସଗରସ୍ୟ ସନ୍ତତେଃ ॥୫୦

ततः प्रहस्यापभयः पुरन्दरं पुनर्बभाषे तुरगस्य रक्षिता ।
गृहाण शस्त्रं यदि सर्ग एष ते न खल्वनिर्जित्य रघुं कृती भवान् ॥५१
ତତଃ ପ୍ରହସ୍ୟାପଭୟଃ ପୁରନ୍ଦରଂ ପୁନର୍ବଭଷେ ତୁରଗସ୍ୟ ରକ୍ଷିତା ।
ଗୃହାଣ ଶସ୍ତ୍ରଂ ଯଦି ସର୍ଗ ଏଷ ତେ ନ ଖଲ୍ୱନିର୍ଜିତ୍ୟ ରଘୁଂ କୃତୀ ଭବାନ୍ ॥୫୧

स एवमुक्त्वा मघवन्तमुन्मुखः करिष्यमाणः सशरं शरासनम् ।
अतिष्ठदालीढविशेषशोभिना वपुःप्रकर्षेण विडम्बितेश्वरः ॥५२
ସ ଏବମୁକ୍ତ୍ୱା ମଘବନ୍ତମୁନ୍ମୁଖଃ କରିଷ୍ୟମାଣଃ ସଶରଂ ଶରାସନମ୍ ।
ଅତିଷ୍ଠଦାଲୀଢବିଶେଷଶୋଭିନା ବପୁଃପ୍ରକର୍ଷେଣ ବିଡମ୍ବିତେଶ୍ୱରଃ ॥୫୨

रघो रवष्टम्भमयेन पत्त्रिणा हृदि क्षतो गोत्रभिदप्यमर्षणः ।
नवाम्बुदानीकमुहूर्तलाञ्छने धनुष्यमोघं समधत्त सायकम् ॥५३
ରଘୋରବଷ୍ଟମ୍ଭମୟେନ ପତ୍ତ୍ରିଣା ହୃଦି କ୍ଷତୋ ଗୋତ୍ରଭିଦପ୍ୟମର୍ଷଣଃ ।
ନବାମ୍ବୁଦାନୀକ ହୂର୍ତ୍ତଲାଞ୍ଛନେ ଧନୁଷ୍ୟମୋଘଂ ସମଧତ୍ତ ସାୟକମ୍ ॥୫୩

दिलीपसूनोः स बृहद् भुजान्तरं प्रविश्य भीमासुरशोणितोचितः ।
पपावनास्वादितपूर्वमाशुगः कुतूहलेनेव मनुष्यशोणितम् ॥५५
ଦିଲୀପସୂନୋଃ ସ ବୃହଦ୍ ଭୁଜାନ୍ତରଂ ପ୍ରବିଶ୍ୟ ଭୀମାସୁରଶୋଣିତୋଚିତଃ ।
ପପାବନାସ୍ୱାଦିତପୂର୍ବମାଶୁଗଃ କୁତୂହଳେନେବ ମନୁଷ୍ୟଶୋଣିତମ୍ ॥୫୪

हरेः कुमारोऽपि कुमारविक्रमः सुरद्विपास्फालनकर्कशाङ्गुलौ ।
भुजे शचीपत्रविशेषकाङ्किते स्वनामचिह्नं निचखान सायकम् ॥५५
ହରେଃ କୁମାରୋଽପି କୁମାରବିକ୍ରମଃ ସୁରଦ୍ୱିପାସ୍ଫାଳନକର୍କଶାଙ୍ଗୁଳୌ ।
ଭୁଜେ ଶଚୀପତ୍ରବିଶେଷକାଙ୍କିତେ ସ୍ୱନାମଚିହ୍ନଂ ନିଚଖାନ ସାୟକମ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେବଳ ବିଷ୍ଣୁ 'ପୁରୁଷୋତ୍ତମ' ନାମରେ ବିଖ୍ୟାତ ଏବଂ କେବଳ ଶିବ 'ତ୍ରିଲୋଚନ' ନାମରେ ବିଖ୍ୟାତ । ଏ ନାମ ଆଉ କାହାରିକୁ ବୁଝାଏ-ନାହିଁ । ସେହିପରି ବିଦ୍ୱାନ୍ ମାନେ କେବଳ ମୋତେ 'ଶତକ୍ରତୁ' (ଶହେ ଯଜ୍ଞର ସମ୍ପାଦକ) ବୋଲି କହନ୍ତି । ଏ ଶବ୍ଦ ମୋ ଛଡ଼ା ଦ୍ୱିତୀୟ ବ୍ୟକ୍ତିକୁ ବୁଝାଏ ନାହିଁ । ୪୯

ମୁଁ ଯେପରି ସଗର ରଜାଙ୍କ ଯଜ୍ଞ–ଅଶ୍ୱକୁ ଅପହରଣ କରି ଆଣି କପିଳ ମୁନିଙ୍କ ଆଶ୍ରମରେ ରଖିଥିଲି, ସେହିପରି ତୁମ ପିତାଙ୍କର ଏହି ଅଶ୍ୱକୁ ମୁଁ ଅପହରଣ କରି ଆଣିଛି । ତୁମେ ଏହାକୁ ନେବାପାଇଁ ଚେଷ୍ଟା କର ନାହିଁ କି ସଗରରଜାଙ୍କ ପୁତ୍ରମାନଙ୍କର ପଥ ଅନୁସରଣ କରନାହିଁ ।" ୫୦

ତାହା ଶୁଣି ଅଶ୍ୱର ରକ୍ଷକ ରଘୁ ନିର୍ଭୟରେ ହସି ପୁଣି କହିଲେ, "ଆପଣ ଯଦି ଏପରି ସିଦ୍ଧାନ୍ତ କରିଛନ୍ତି, ତାହା ହେଲେ ଅସ୍ତ୍ର ଧରନ୍ତୁ । ରଘୁକୁ ଜୟ ନ କରି ଆପଣ ଅଶ୍ୱ–ଅପହରଣରେ ସଫଳ ହୋଇପାରିବେ ନାହିଁ ।" ୫୧

ସେ ଇନ୍ଦ୍ରଙ୍କୁ ଏହିପରି କହି, ଉପରକୁ ଦୃଷ୍ଟି କରି ଧନୁରେ ଶର ସଂଯୋଗ କରିବାକୁ ଉଦ୍ୟତ ହେଲେ । ସେତେବେଳେ ଆଲୀଢ଼ ସ୍ଥିତିଦ୍ୱାରା ତାଙ୍କର ବିଶାଳ ବପୁ ଅଧିକ ଶୋଭା ପାଇବାରୁ ସେ ଶିବଙ୍କ ଭଳି ଦେଖା ଗଲେ । (ଆଲୀଢ଼–ଯୁଦ୍ଧରେ ଠିଆ ହୋଇ ଶର ମାରିବାର ଏକ ପ୍ରକାର ଠାଣି) । ୫୨

ରଘୁଙ୍କର 'ସ୍ତମ୍ଭ' ଶର ଇନ୍ଦ୍ରଙ୍କ ଛାତିରେ ବାଜି କ୍ଷତ କରିବାରୁ ଇନ୍ଦ୍ର କ୍ରୁଦ୍ଧ ହୋଇ ଉଠିଲେ ଏବଂ ଦିବ୍ୟ ଧନୁରେ ଅବ୍ୟର୍ଥ ଶର ସଂଯୋଗ କଲେ, ଯେଉଁ ଧନୁ କି ନବୀନ ମେଘମାଳା ଉପରେ କ୍ଷଣେମାତ୍ର ଚିହ୍ନ ସ୍ୱରୂପ ରହେ । ୫୩

ଉକ୍ତ ଶର, ଯାହା କି ଭୟଙ୍କର ଅସୁରମାନଙ୍କ ରକ୍ତ ପିଇବାରେ ଅଭ୍ୟସ୍ତ ଥିଲା, ରଘୁଙ୍କର ବିସ୍ତୃତ ବକ୍ଷସ୍ଥଳରେ ବିଦ୍ଧ ହୋଇ ମନୁଷ୍ୟରକ୍ତକୁ ସତେ ଯେପରି କୌତୂହଳରେ ପାନ କଲା । କାରଣ ପୂର୍ବରୁ ସେ ତାହା ପାନ କରି ନ ଥିଲା । ୫୪

କାର୍ତ୍ତିକେୟଙ୍କ ପରି ପରାକ୍ରମଶାଳୀ ଯୁବରାଜ ରଘୁ ମଧ୍ୟ ଇନ୍ଦ୍ରଙ୍କ ବାହୁରେ ସ୍ୱନାମାଙ୍କିତ ଏକ ଶର ବିଦ୍ଧ କଲେ, ଯେଉଁ ବାହୁ କି ଐରାବତକୁ ଶୀଘ୍ର ଚଳାଇବା ପାଇଁ ତା'ର ଦେହ ମର୍ଦ୍ଦନ କରି କରି କର୍କଶ ହୋଇ-ଯାଇଥିଲା ଏବଂ ଯହିଁରେ ଶଚୀଙ୍କର ତିଳକ ଚିହ୍ନ ଲାଗି ରହିଥିଲା । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जहार चान्येन मयूरपत्त्रिणा शरेण शक्रस्य महाशनिध्वजम् ।
चुकोप तस्मै स भृशं सुरश्रियः प्रसह्य केशव्यपरोपणादिव ॥५६
ଜହାର ଚାନ୍ୟେନ ମୟୂରପତ୍ତ୍ରିଣା ଶରେଣ ଶକ୍ରସ୍ୟ ମହାଶନିଧ୍ୱଜମ୍ ।
ଚୁକୋପ ତସ୍ମୈ ସ ଭୃଶଂ ସୁରଶ୍ରିୟଃ ପ୍ରସହ୍ୟ କେଶବ୍ୟପରୋପଣାଦିବ ॥୫୬

तयोरुपान्तस्थितसिद्धसैनिकं गरुत्मदाशीविषभीमदर्शनैः ।
बभूव युद्धं तुमुलं जयैषिणोरधोमुखैरुर्ध्वमुखैश्च पत्त्रिभिः ॥५७
ତୟୋରୁପାନ୍ତସ୍ଥିତସିଦ୍ଧସୈନିକଂ ଗରୁତ୍ମଦାଶୀବିଷଭୀମଦର୍ଶନୈଃ ।
ବଭୂବ ଯୁଦ୍ଧଂ ତୁମୁଳଂ ଜୟୈଷିଣୋରଧୋମୁଖୈରୁର୍ଦ୍ଧ୍ୱମୁଖୈଶ୍ଚ ପତ୍ତ୍ରିଭିଃ ॥୫୭

अतिप्रबन्धप्रहितास्त्रवृष्टिभिस्तमाश्रयं दुष्प्रसहस्य तेजसः ।
शशाक निर्वापयितुं न वासवः स्वतश्च्युतं वह्निमिवाद्भिरम्बुदः ॥५८
ଅତିପ୍ରବନ୍ଧପ୍ରହିତାସ୍ତ୍ରବୃଷ୍ଟିଭିସ୍ତମାଶ୍ରୟଂ ଦୁଷ୍ପ୍ରସହସ୍ୟ ତେଜସଃ ।
ଶଶାକ ନିର୍ବାପୟିତୁଂ ନ ବାସବଃ ସ୍ୱତଶ୍ଚ୍ୟୁତଂ ବହ୍ନିମିବାଦ୍ଭିରମ୍ବୁଦଃ ॥୫୮

ततः प्रकोष्ठे हरिचन्दनाङ्किते प्रमथ्यमानार्णवधीरनादिनीम् ।
रघुः शशाङ्कार्धमुखेन पत्त्रिणा शरासनज्यामलुनाद् बिडौजसः ॥५६
ତତଃ ପ୍ରକୋଷ୍ଠେ ହରିଚନ୍ଦନାଙ୍କିତେ ପ୍ରମଥ୍ୟମାନାର୍ଣ୍ଣବଧୀରନାଦିନୀମ୍ ।
ରଘୁଃ ଶଶାଙ୍କାର୍ଦ୍ଧମୁଖେନ ପତ୍ତ୍ରିଣା ଶରାସନଜ୍ୟାମଲୁନାଦ୍ ବିଡୌଜସଃ ॥୫୯

स चापमुत्सृज्य विवृद्धमत्सरः प्रणाशनाय प्रबलस्य विद्विषः ।
महीध्रपक्षव्यपरोपणोचितं स्फुरत्प्रभामण्डलमस्त्रमाददे ॥६७
ସ ଚାପମୁତ୍ସୃଜ୍ୟ ବିବୃଦ୍ଧମତ୍ସରଃ ପ୍ରଣାଶନାୟ ପ୍ରବଳସ୍ୟ ବିଦ୍ୱିଷଃ ।
ମହୀଧ୍ରପକ୍ଷବ୍ୟପରୋପଣୋଚିତଂ ସ୍ଫୁରତ୍ପ୍ରଭାମଣ୍ଡଳମସ୍ତ୍ରମାଦଦେ ॥୬୦

रघुर्भृशं वक्षसि तेन ताडितः पपात भूमौ सह सैनिकाश्रुभिः ।
निमेषमात्रादवधूय तद्व्यथां सहोत्थितः सैनिकहर्षनिःस्वनैः ॥६१
ରଘୁର୍ଭୃଶଂ ବକ୍ଷସି ତେନ ତାଡ଼ିତଃ ପପାତ ଭୂମୌ ସହ ସୈନିକାଶ୍ରୁଭିଃ ।
ନିମେଷମାତ୍ରାଦବଧୂୟ ତଦ୍ ବ୍ୟଥାଂ ସହୋତ୍ଥିତଃ ସୈନିକହର୍ଷଧ୍ୱନିଭିଃ ॥୬୧

तथापि शस्त्रव्यवहारनिष्ठुरे विपक्षभावे चिरमस्य तस्थुषः ।
तुतोष वीर्यातिशयेन वृत्रहा पदं हि सर्वत्र गुणैर्निधीयते ॥६१
ତଥାପି ଶସ୍ତ୍ରବ୍ୟବହାରନିଷ୍ଠୁରେ ବିପକ୍ଷଭାବେ ଚିରମସ୍ୟ ତସ୍ଥୁଷଃ ।
ତୁତୋଷ ବୀର୍ଯ୍ୟାତିଶୟେନ ବୃତ୍ରହା ପଦଂ ହି ସର୍ବତ୍ର ଗୁଣୈର୍ନିଧୀୟତେ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ପୁଣି ଏକ ମୟୂରପକ୍ଷଲଗା ଶରରେ ଇନ୍ଦ୍ରଙ୍କର ବଜ୍ରଚିହ୍ନିତ ବିଗଟ ପତାକାକୁ କାଟି ପକାଇଲେ । ଇନ୍ଦ୍ର ଏହାକୁ ଦେବଲକ୍ଷ୍ମୀଙ୍କର ବଳାତ୍କାର କେଶକର୍ତ୍ତନ ବୋଲି ମନେ କରି ରଘୁଙ୍କ ଉପରେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠିଲେ । ୫୬

ସେ ଦୁହେଁ ନିଜ ନିଜର ଜୟ ଇଚ୍ଛା କରି ପକ୍ଷଯୁକ୍ତ ସର୍ପ ତୁଲ୍ୟ ଭୟଙ୍କର, ଅଧୋମୁଖ ଓ ଊର୍ଦ୍ଧ୍ୱମୁଖ ଶରମାନ ଘେନି ତୁମୁଳ ଯୁଦ୍ଧ କଲେ । ଇନ୍ଦ୍ରଙ୍କର ସିଦ୍ଧଗଣ ଏବଂ ରଘୁଙ୍କର ସୈନିକଗଣ ପାଖରେ ଠିଆ ହୋଇ ସେହି ଯୁଦ୍ଧ ଦେଖିବାକୁ ଲାଗିଲେ । (ଇନ୍ଦ୍ରଙ୍କ ଶର ଅଧୋମୁଖ ଓ ରଘୁଙ୍କ ଶର ଊର୍ଦ୍ଧ୍ୱ-ମୁଖ ଥିଲା ।) ୫୭

ମେଘ ଯେପରି ନିଜ ଦେହରୁ ଉତ୍ପନ୍ନ ଅଗ୍ନିକୁ (ବିଜୁଳିକୁ) ବୃଷ୍ଟି-ଦ୍ୱାରା ଲିଭାଇବାକୁ ସମର୍ଥ ହୁଏ ନାହିଁ, ସେହିଭଳି ଅତି ଆୟାସରେ ଶରବୃଷ୍ଟି କଲେ ମଧ୍ୟ ଇନ୍ଦ୍ର ଦୁଃସହ ତେଜର ଭଣ୍ଡାର ରଘୁଙ୍କୁ ଦମନ କରି ପାରିଲେ-ନାହିଁ । କାରଣ, ରଘୁ ତାଙ୍କରି ହିଁ ଅଂଶବିଶେଷ ଥିଲେ । ୫୮

ଇନ୍ଦ୍ରଙ୍କର ଧନୁର୍ଗୁଣ ମନ୍ଥା ହେଉଥିବା ସମୁଦ୍ର ଭଳି ଗମ୍ଭୀର ଗର୍ଜନ କରୁଥିଲା । ରଘୁ ଅର୍ଦ୍ଧଚନ୍ଦ୍ରତୁଲ୍ୟ ଫଳକଯୁକ୍ତ ଶରରେ ତାହାକୁ ତାଙ୍କର ହରିଚନ୍ଦନଲିପ୍ତ ହାତର ମଣିବନ୍ଧ ସ୍ଥାନରେ କାଟି ପକାଇଲେ । ୫୯

ଇନ୍ଦ୍ର ଅତ୍ୟନ୍ତ କ୍ରୁଦ୍ଧ ହୋଇ ଧନୁ ଛାଡ଼ିଦେଇ ଦୁର୍ଦ୍ଦାନ୍ତ ଶତ୍ରୁଙ୍କୁ ବିନାଶ କରିବାପାଇଁ ବଜ୍ର ଧାରଣ କଲେ, ଯେଉଁ ବଜ୍ର କି ପର୍ବତମାନଙ୍କ ପକ୍ଷ ଛେଦନ କରିବାରେ ପ୍ରବୀଣ ଥିଲା ଏବଂ ଯହିଁରୁ ରଶ୍ମିମଣ୍ଡଳ ଝଲସି ଉଠୁଥିଲା ।

ରଘୁ ଛାତିରେ ସେହି ବଜ୍ରର ଆଘାତ ପାଇ ଭୂମିରେ ପଡ଼ିଗଲେ । ତାଙ୍କ ସହିତ ସୈନିକମାନଙ୍କର ଅଶ୍ରୁବିନ୍ଦୁମାନ ମଧ୍ୟ ଭୂମିରେ ପଡ଼ିଲା । କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ସେ ପୁଣି ପୀଡାକୁ ଭ୍ରୂକ୍ଷେପ ନ କରି ସୈନିକମାନଙ୍କ ହର୍ଷଧ୍ୱନି ସହିତ ଉଠିଲେ । ୬୧

ବଜ୍ରପାତ ସତ୍ତ୍ୱେ ଅସ୍ୱସ୍ତଳନା କରି ସେ ଯେ ଦୀର୍ଘ ସମୟ କଠୋର ଶତ୍ରୁତା ବଜାୟ ରଖିପାରିଲେ, ତାଙ୍କର ଏହି ଅତିଶୟ ବୀରତ୍ୱରେ ଇନ୍ଦ୍ର ସନ୍ତୁଷ୍ଟ ହୋଇଗଲେ । କାରଣ, ଗୁଣ ସର୍ବତ୍ର ଆଦର ପାଏ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

असङ्गमद्रिष्वपि सारवत्तया न मे त्वदन्येन विसोढमायुधम् ।
अवेहि मां प्रीतमृते तुरङ्गमात् किमिच्छसीति स्फुटमाह वासवः ॥६३

ଅସଙ୍ଗମଦ୍ରିଷ୍ୱପି ସାରବତ୍ତୟା ନ ମେ ତ୍ୱଦନ୍ୟେନ ବିସୋଢମାୟୁଧମ୍ ।
ଅବେହି ମାଂ ପ୍ରୀତମୃତେ ତୁରଙ୍ଗମାତ୍ କିମିଚ୍ଛସୀତି ସ୍ଫୁଟମାହ ବାସବଃ ॥୬୩

ततो निषङ्गादसमग्रमुद्धृतं सुवर्णपुङ्खद्युतिरञ्जिताङ्गुलिम् ।
नरेन्द्रसूनुः प्रतिसंहरन्निषुं प्रियंवदः प्रत्यवदत् सुरेश्वरम् ॥६४

ତତୋ ନିଷଙ୍ଗାଦସମଗ୍ରମୁଦ୍ଧୃତଂ ସୁବର୍ଣ୍ଣପୁଙ୍ଖଦ୍ୟୁତିରଞ୍ଜିତାଙ୍ଗୁଲିମ୍ ।
ନରେନ୍ଦ୍ରସୂନୁଃ ପ୍ରତିସଂହରନ୍ନିଷୁଂ ପ୍ରିୟଂବଦଃ ପ୍ରତ୍ୟବଦତ୍ ସୁରେଶ୍ୱରମ୍ ॥୬୪

अमोच्यमश्वं यदि मन्यसे प्रभो ततः समाप्ते विधिनैव कर्मणि ।
अजस्रदीक्षाप्रयतः स मद्गुरुः क्रतोरशेषेण फलेन युज्यताम् ॥६५

ଅମୋଚ୍ୟମଶ୍ୱଂ ଯଦି ମନ୍ୟସେ ପ୍ରଭୋ ତତଃ ସମାପ୍ତେ ବିଧିନୈବ କର୍ମଣି ।
ଅଜସ୍ରଦୀକ୍ଷାପ୍ରୟତଃ ସ ମଦ୍‌ଗୁରୁଃ କ୍ରତୋରଶେଷେଣ ଫଳେନ ଯୁଜ୍ୟତାମ୍ ॥୬୫

यथा च वृत्तान्तमिमं सदोगतस्त्रिलोचनैकांशतया दुरासदः ।
तवैव संदेशहराद् विशांपतिः शृणोति लोकेश तथा विधीयताम् ॥६६

ଯଥା ଚ ବୃତ୍ତାନ୍ତମିମଂ ସଦୋଗତସ୍ତ୍ରିଲୋଚନୈକାଂଶତୟା ଦୁରାସଦଃ ।
ତବୈବ ସନ୍ଦେଶହରାଦ୍‌ବିଶାଂପତିଃ ଶୃଣୋତି ଲୋକେଶ ତଥା ବିଧୀୟତାମ୍ ॥୬୬

तथेति कामं प्रतिशुश्रुवान् रघोर्यथागतं मातलिसारथिर्ययौ ।
नृपस्य नातिप्रमनाः सदोगृहं सुदक्षिणासूनुरपि न्यवर्तत ॥६७

ତଥେତି କାମଂ ପ୍ରତିଶୁଶ୍ରୁବାନ୍ ରଘୋର୍ଯଥାଗତଂ ମାତଳିସାରଥିର୍ଯଯୌ ।
ନୃପସ୍ୟ ନାତିପ୍ରମନାଃ ସଦୋଗୃହଂ ସୁଦକ୍ଷିଣାସୂନୁରପି ନ୍ୟବର୍ତ୍ତତ ॥୬୭

तमभ्यनन्दत् प्रथमं प्रबोधितः प्रजेश्वरः शासनहारिणा हरेः ।
परामृशन् हर्षजडेन पाणिना तदीयमङ्गं कुलिशव्रणाङ्कितम् ॥६८

ତମଭ୍ୟନନ୍ଦତ୍ ପ୍ରଥମଂ ପ୍ରବୋଧିତଃ ପ୍ରଜେଶ୍ୱରଃ ଶାସନହାରିଣା ହରେଃ ।
ପରାମୃଶନ୍ ହର୍ଷଜଡେନ ପାଣିନା ତଦୀୟମଙ୍ଗଂ କୁଳିଶବ୍ରଣାଙ୍କିତମ୍ ॥୬୮

इति क्षितीशो नवतिं नवाधिकां महाक्रतूनां महनीयशासनः ।
समारुरुक्षुर्दिवमायुषः क्षये ततान सोपानपरम्परामिव ॥६९

ଇତି କ୍ଷିତୀଶୋ ନବତିଂ ନବାଧିକାଂ ମହାକ୍ରତୂନାଂ ମହନୀୟଶାସନଃ ।
ସମାରୁରୁକ୍ଷୁର୍ଦ୍ଦିବମାୟୁଷଃ କ୍ଷୟେ ତତାନ ସୋପାନପରଂପରାମିବ ॥୬୯

अथ स विषयव्यावृत्तात्मा यथाविधि सूनवे
नृपतिककुदं यूने दत्त्वा सितातपवारणम् ।
मुनिवनतरुच्छायां देव्या तया सह शिश्रिये
गलितवयसामिक्ष्वाकूणामिदं हि कुलव्रतम् ॥७०

॥ इति श्रीमहाकविकालिदासकृतौ रघुवंश महाकाव्ये
रघुराज्याभिषेको नाम तृतीयः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ମୋର ଏହି ଅତି କଠୋର ବଜ୍ର ପର୍ବତମାନଙ୍କରେ ମଧ୍ୟ ବାଧା ପାଏ-ନାହିଁ । ତୁମ ଛଡା ଆଉ କେହି ଏହାକୁ ସହ୍ୟ କରି ପାରି ନାହାନ୍ତି । ତେଣୁ ମୁଁ ତୁମ ଉପରେ ସନ୍ତୁଷ୍ଟ ହୋଇଛି । ଅଶ୍ୱକୁ ଛାଡ଼ି ତମେ ଅନ୍ୟ କ'ଣ ଗ୍ରହଁ ? ଇନ୍ଦ୍ର ରଘୁଙ୍କୁ ସ୍ପଷ୍ଟ ଭବରେ ଏହା ପଗ୍ଚରିଲେ । ୬୩

ରଜପୁତ୍ର ସେତେବେଳେ ତୂଣୀରରୁ ଏକ ଶର ବାହାର କରି ଆଣୁଥିଲେ । ସେହି ଅଧା ବାହାରିଥିବା ଶରର ସୁବର୍ଣ୍ଣମୟ ମୂଳଦ୍ୱାଗ ତାଙ୍କର ଅଙ୍ଗୁଳିଗୁଡ଼ିକ ରଞ୍ଜିତ ହୋଇଉଠୁଥିଲ । ସେ ତାହାକୁ ତୂଣୀରରେ ରଖିଦେଇ ପ୍ରିୟ ଭଷାରେ ଇନ୍ଦ୍ରଙ୍କୁ ଉତ୍ତର ଦେଲେ:– ୬୪

"ହେ ପ୍ରଭୁ ! ଆପଣ ଯଦି ଅଶ୍ୱକୁ ଛାଡ଼ିବାର ନୁହେଁ ବୋଲି ମନେ କରୁଛନ୍ତି, ତାହାହେଲେ ଅଶ୍ୱମେଧ ଯଜ୍ଞ ଯଥାବିଧି ସମ୍ପନ୍ନ ହେଲେ ଯେଉଁ ଫଳ ମିଳିବାର କଥା, ସର୍ବଦା ଯଜ୍ଞଦୀକ୍ଷାରତ ମୋର ପିତା ସେହି ସମସ୍ତ ଫଳ ଲଭ କରନ୍ତୁ । ୬୫

ଆଉ ମଧ୍ୟ ଯଜ୍ଞ-ମଣ୍ଡପସ୍ଥିତ ମହାରଜ ଦିଲୀପ ଅଷ୍ଟମୂର୍ତ୍ତିଧାରୀ ଶିବଙ୍କର ଅଂଶବିଶେଷ ହୋଇଥିବାରୁ ଆମ୍ଭମାନଙ୍କ ପକ୍ଷରେ ତାଙ୍କ ନିକଟକୁ ଯିବା ବର୍ତ୍ତମାନ ସମ୍ଭବ ନୁହେଁ । ତେଣୁ ଆପଣଙ୍କ ଦୂତଠାରୁ ସେ ଯେପରି ଏ ସମ୍ବାଦ ଶୁଣିପାରିବେ, ଆପଣ ସେହିପରି ବ୍ୟବସ୍ଥା କରନ୍ତୁ ।" ୬୬

ରଘୁଙ୍କର ଇଚ୍ଛା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ଇନ୍ଦ୍ର ନିଜ ବାଟରେ ଗ୍ଲଲିଗଲେ । ରଜପୁତ୍ର ମଧ୍ୟ ବିଜୟ ସତ୍ତ୍ୱେ ଅଶ୍ୱ ନ ପାଇବାରୁ ବିଶେଷ ହୃଷ୍ଟ ନ ହୋଇ ରଜାଙ୍କର ସଭଗୃହକୁ ଫେରିଲେ । ୬୭

ପ୍ରଜା-ପାଳକ ରଜା ଦିଲୀପ ଆଗରୁ ଇନ୍ଦ୍ରଙ୍କ ଦୂତଠାରୁ ସମସ୍ତ ବୃତ୍ତାନ୍ତ ଜାଣି ସାରିଥିଲେ । ସେ ପୁତ୍ରର ବଜ୍ରକ୍ଷତ ଅଙ୍ଗକୁ ହର୍ଷଶୀତଳ ହସ୍ତରେ ଆଉଁଷି ଦେଇ ତାଙ୍କୁ ଅଭିନନ୍ଦିତ କଲେ । ୬୮

ମହାରଜ ଦିଲୀପ, ଯାହାଙ୍କର ଆଜ୍ଞା ସର୍ବତ୍ର ପାଳିତ ହେଉଥିଲ, ଏହିପରି ଭବରେ ଊନଶତ ମହାଯଜ୍ଞ ସମ୍ପାଦନ କଲେ । ଜୀବନକାଳ ପରେ ସ୍ୱର୍ଗକୁ ଆରୋହଣ କରିବା ଅଭିପ୍ରାୟରେ ସେହି ଯଜ୍ଞଗୁଡ଼ିକ ଥିଲ ସତେ ଯେପରି ସୋପାନ ଶ୍ରେଣୀ ! ୬୯

ତା' ପରେ ମହାରଜ ଦିଲୀପ ସାଂସାରିକ ବିଷୟରୁ ଚିତ୍ତ ନିବୃତ୍ତ କରି, ଯୁବକ ପୁତ୍ରକୁ ରଜଚିହ୍ନ ଶ୍ୱେତଛତ୍ର ଯଥାବିଧି ଅର୍ପଣ କରି ସୁଦକ୍ଷିଣାଙ୍କ ସହିତ ମୁନିମାନଙ୍କ ତପୋବନରେ ତରୁଛାୟାରେ ଆଶ୍ରୟ ନେଲେ (ବାନପ୍ରସ୍ଥ ଗ୍ରହଣ କଲେ) । କାରଣ, ବୃଦ୍ଧ ଇକ୍ଷ୍ୱାକୁବଂଶୀୟ ରଜା-ମାନଙ୍କର ଏହାହିଁ ଥିଲ କୁଳାଗ୍ଚର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चतुर्थः सर्गः

स राज्यं गुरुणा दत्तं प्रतिपद्याधिकं बभौ ।
दिनान्ते निहितं तेजः सवित्रेव हुताशनः ॥१
ସ ରାଜ୍ୟଂ ଗୁରୁଣା ଦତ୍ତଂ ପ୍ରତିପଦ୍ୟାଧିକଂ ବଭୌ ।
ଦିନାନ୍ତେ ନିହିତଂ ତେଜଃ ସବିତ୍ରେବ ହୁତାଶନଃ ।।୧

दिलीपानन्तरं राज्ये तं निशम्य प्रतिष्ठितम् ।
पूर्वं प्रधूमितो राज्ञां हृदयेऽग्निरिवोत्थितः ॥२
ଦିଲୀପାନନ୍ତରଂ ରାଜ୍ୟେ ତଂ ନିଶମ୍ୟ ପ୍ରତିଷ୍ଠିତମ୍ ।
ପୂର୍ବଂ ପ୍ରଧୂମିତୋ ରାଜ୍ଞାଂ ହୃଦୟେଽଗ୍ନିରିବୋତ୍ଥିତଃ ।।୨

पुरुहूतध्वजस्येव तस्योन्नयनपङ्क्तयः ।
नवाभ्युत्थानदर्शिन्यो ननन्दुः सप्रजाः प्रजाः ॥३
ପୁରୁହୂତଧ୍ୱଜସ୍ୟେବ ତସ୍ୟୋନ୍ନୟନପଂକ୍ତୟଃ ।
ନବାଭ୍ୟୁତ୍ଥାନଦର୍ଶିନ୍ୟୋ ନନନ୍ଦୁଃ ସପ୍ରଜାଃ ପ୍ରଜାଃ ।।୩

सममेव समाक्रान्तं द्वयं द्विरदगामिना ।
तेन सिंहासनं पित्र्यमखिलं चारिमण्डलम् ॥४
ସମମେବସମାକ୍ରାନ୍ତଂ ଦ୍ୱୟଂ ଦ୍ୱିରଦଗାମିନା ।
ତେନ ସିଂହାସନଂ ପିତ୍ର୍ୟମଖିଳଂ ଚାରିମଣ୍ଡଳମ୍ ।।୪

छायामण्डललक्ष्येण तमदृश्या किल स्वयम् ।
पद्मा पद्मातपत्रेण भेजे साम्राज्यदीक्षितम् ॥५
ଛାୟାମଣ୍ଡଳଲକ୍ଷ୍ୟେଣ ତମଦୃଶ୍ୟା କିଳ ସ୍ୱୟମ୍ ।
ପଦ୍ମା ପଦ୍ମାତପତ୍ରେଣ ଭେଜେ ସାମ୍ରାଜ୍ୟଦୀକ୍ଷିତମ୍ ।।୫

परिकल्पितसान्निध्या काले काले च वन्दिषु ।
स्तुत्यं स्तुतिभिरर्थ्याभिरुपतस्थे सरस्वती ॥६
ପରିକଳ୍ପିତସାନ୍ନିଧ୍ୟା କାଳେ କାଳେ ଚ ବନ୍ଦିଷୁ ।
ସ୍ତୁତ୍ୟଂ ସ୍ତୁତିଭିରର୍ଥ୍ୟାଭିରୁପତସ୍ଥେ ସରସ୍ୱତୀ ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚତୁର୍ଥ ସର୍ଗ

ସନ୍ଧ୍ୟା ସମୟରେ ସୂର୍ଯ୍ୟ ଅଗ୍ନିଙ୍କଠାରେ ନିଜର ତେଜ ନିହିତ କଲେ ଅଗ୍ନି ଯେପରି ଅଧିକ ଶୋଭା ପାଆନ୍ତି, ପିତୃ-ପ୍ରଦତ୍ତ ରାଜ୍ୟ ଲାଭ କରି ରଘୁ ସେହିପରି ଅଧିକ ଶୋଭା ପାଇଲେ । ୧

ଦିଲୀପଙ୍କ ରାଜତ୍ୱକାଳରେ ଶତ୍ରୁମାନଙ୍କ ହୃଦୟରେ ଭୟାଗ୍ନି ଜୁହୁଳୁ-ଥିଲା । କିନ୍ତୁ ତାଙ୍କ ପରେ ରଘୁ ରାଜପଦରେ ଅଧିଷ୍ଠିତ ହେବାର ଶୁଣି ସେମାନଙ୍କର ସେହି ଭୟାଗ୍ନି ସତେ ଯେପରି ପ୍ରଜ୍ୱଳିତ ହୋଇଉଠିଲା । ୨

ଲୋକମାନେ ଉପରକୁ ଦୃଷ୍ଟି କରି ଯେପରି ଇନ୍ଦ୍ରଧ୍ୱଜକୁ ଦେଖନ୍ତି ଏବଂ ଆନନ୍ଦିତ ହୁଅନ୍ତି, ରଘୁଙ୍କର ନବୀନ ଅଭ୍ୟୁଦୟକୁ ଦେଖି ପ୍ରଜାମାନେ ସେହି-ପରି ସପରିବାର ଆନନ୍ଦିତ ହେବାରେ ଲାଗିଲେ । (ଇନ୍ଦ୍ରଧ୍ୱଜ—ରାଜପ୍ରାସାଦ—ସମ୍ମୁଖସ୍ଥ ପତାକାସ୍ତମ୍ଭ । ପୁରବାସୀଙ୍କ ପକ୍ଷରେ ଏହା ଶୁଭସୂଚକ ଥିଲା ।) ୩

ରାଜଗାମୀ ରଘୁ ଏକ ସମୟରେ ଦୁଇଟିକୁ ଆକ୍ରାନ୍ତ କଲେ—ପୈତୃକ ସିଂହାସନକୁ ଏବଂ ଶତ୍ରୁବର୍ଗଙ୍କ ମନକୁ । ୪

ରାଜଲକ୍ଷ୍ମୀ ଅଦୃଶ୍ୟ ରୂପରେ ପଦ୍ମଛତ୍ର ଧରି ସାମ୍ରାଜ୍ୟପାଳନ କର୍ମରେ ଦୀକ୍ଷିତ ରଘୁଙ୍କୁ ସେବା କରିବାରେ ଲାଗିଲେ । ତାଙ୍କ (ରଘୁଙ୍କ) ଶରୀର-ଚାରିପାଖରେ ଯେଉଁ ପ୍ରଭାମଣ୍ଡଳ ବିରାଜୁଥିଲା, ସେଥିରୁ ରାଜଲକ୍ଷ୍ମୀ ପଦ୍ମଛତ୍ର ଧରିଛନ୍ତି ବୋଲି ଅନୁମିତ ହେଉଥିଲା । ୫

ସରସ୍ୱତୀ ସ୍ତୁତିପାଠକମାନଙ୍କ କଣ୍ଠରେ ଅବସ୍ଥାନ କରି ପ୍ରଶସ୍ତ ଭାବପୂର୍ଣ୍ଣ ସ୍ତୁତିରେ ସେହି ସ୍ତୁତିଯୋଗ୍ୟ ରାଜାଙ୍କର ସେବା କଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मनुप्रभृतिभिर्मान्यैर्भुक्ता यद्यपि राजभिः ।
तथाप्यनन्यपूर्वेव तस्मिन्नासीद् वसुन्धरा ॥७
ମନୁପ୍ରଭୃତିଭିର୍ମା ର୍ଭୁକ୍ତା ଯଦ୍ୟପି ରାଜଭିଃ ।
ତଥାପ୍ୟନନ୍ୟପୂର୍ବେବ ତସ୍ମିନ୍ନାସୀଦ୍ ବସୁନ୍ଧରା ॥୭

स हि सर्वस्य लोकस्य युक्तदण्डतया मनः ।
आददे नातिशीतोष्णो नभस्वानिव दक्षिणः ॥८
ସ ହି ସର୍ବସ୍ୟ ଲୋକସ୍ୟ ଯୁକ୍ତଦଣ୍ଡତୟା ମନଃ ।
ଆଦଦେ ନାତିଶୀତୋଷ୍ଣୋ ନଭସ୍ୱାନିବ ଦକ୍ଷିଣଃ ॥୮

मन्दोत्कण्ठाः कृतास्तेन गुणाधिकतया गुरौ ।
फलेन सहकारस्य पुष्पोद्गम इव प्रजाः ॥९
ମନ୍ଦୋତ୍କଣ୍ଠାଃ କୃତାସ୍ତେନ ଗୁଣାଧିକତୟା ଗୁରୌ ।
ଫଳେନ ସହକାରସ୍ୟ ପୁଷ୍ପୋଦ୍ଗମ ଇବ ପ୍ରଜାଃ ॥୯

नयविद्भिर्नवे राज्ञि सदसच्चोपदर्शितम् ।
पूर्व एवाभवत् पक्षस्तस्मिन्नाभवदुत्तरः ॥१०
ନୟବିଦ୍ଭିର୍ନବେ ରାଜ୍ଞି ସଦସଚ୍ଚୋପଦର୍ଶିତମ୍ ।
ପୂର୍ବ ଏବାଭବତ୍ ପକ୍ଷସ୍ତସ୍ମିନ୍ନାଭବଦୁତ୍ତରଃ ॥୧୦

पञ्चानामपि भूतानामुत्कर्षं पुपुषुर्गुणाः ।
नवे तस्मिन् महीपाले सर्वं नवमिवाभवत् ॥११
ପଞ୍ଚାନାମପି ଭୂତାନାମୁତ୍କର୍ଷଂ ପୁପୁଷୁର୍ଗୁଣାଃ ।
ନବେ ତସ୍ମିନ୍ ମହୀପାଳେ ସର୍ବଂ ନବମିବାଭବତ୍ ॥୧୧

यथा प्रह्लादनाच्चन्द्रः प्रतापात् तपनो यथा ।
तथैव सोऽभूदन्वर्थो राजा प्रकृतिरञ्जनात् ॥१२
ଯଥା ପ୍ରହ୍ଲାଦନାଚ୍ଚନ୍ଦ୍ରଃ ପ୍ରତାପାତ୍ ତପନୋ ଯଥା ।
ତଥୈବ ସୋଽଭୂଦନ୍ୱର୍ଥୋ ରାଜା ପ୍ରକୃତିରଞ୍ଜନାତ୍ ॥୧୨

कामं कर्णान्तविश्रान्ते विशाले तस्य लोचने ।
चक्षुष्मत्ता तु शास्त्रेण सूक्ष्मकार्यार्थदर्शिना ॥१३
କାମଂ କର୍ଣ୍ଣାନ୍ତବିଶ୍ରାନ୍ତେ ବିଶାଳେ ତସ୍ୟ ଲୋଚନେ ।
ଚକ୍ଷୁଷ୍ମତ୍ତା ତୁ ଶାସ୍ତ୍ରେଣ ସୂକ୍ଷ୍ମକାର୍ଯ୍ୟାର୍ଥଦର୍ଶିନା ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୂର୍ବରୁ ମନୁ ପ୍ରଭୃତି ମାନନୀୟ ରାଜାମାନେ ଯଦ୍ୟପି ପୃଥିବୀକୁ ଭୋଗ କରି ଯାଇଥିଲେ, ତଥାପି ପୃଥିବୀ ରଘୁଙ୍କ ପ୍ରତି ବିଶେଷ ଅନୁରକ୍ତା ହେଲା । ସତେ ଯେପରି ତାକୁ ପୂର୍ବରୁ କେହି ଭୋଗ କରି ନଥିଲେ ! ୭

ଦକ୍ଷିଣା ପବନ ଅତି ଶୀତଳ କିମ୍ବା ଅତି ଉଷ୍ଣ ନୁହେଁ । ତେଣୁ ତାହା ସମସ୍ତଙ୍କୁ ପ୍ରୀତିକର ବୋଧହୁଏ । ସେହିପରି ରଘୁ ଅତି କଠୋର କିମ୍ବା ଅତି କୋମଳ ଦଣ୍ଡ ପ୍ରୟୋଗ ନ କରିବାରୁ ସମସ୍ତଙ୍କ ମନକୁ ଆକୃଷ୍ଟ କଲେ । ୮

ଆମ୍ବ ଫଳିଲେ ଲୋକେ ଯେପରି ତା' ବଉଳକୁ ଭୁଲିଯାଆନ୍ତି, ସେହିପରି ଅଧିକ ଗୁଣଶାଳୀ ରଘୁଙ୍କୁ ପାଇ ପ୍ରଜାମାନଙ୍କର ଦିଲୀପଙ୍କ ପ୍ରତି ଉତ୍କଣ୍ଠା କ୍ରମେ କ୍ରମେ ହ୍ରାସ ପାଇଲା । ୯

ନୀତିଶାସ୍ତ୍ରଜ୍ଞ ମନ୍ତ୍ରୀମାନେ ସେହି ନବୀନ ମହାରାଜାଙ୍କ ଆଗରେ ଧର୍ମଯୁଦ୍ଧ ଓ କପଟ ଯୁଦ୍ଧ ପ୍ରଭୃତି ଯେତେ ସତ୍ ଓ ଅସତ୍ ବିଷୟ ଉପସ୍ଥାପନ କରୁଥିଲେ, ସେଥିରୁ ସେ କେବଳ ସତ୍‌କୁ ହିଁ ଗ୍ରହଣ କରୁଥିଲେ ଏବଂ ଅସତ୍‌କୁ କେବଳ ଜାଣୁଥିଲେ । ୧୦

ରଘୁ ନବୀନ ରାଜା ହୁଅନ୍ତେ ସବୁ ନବୀନ ଭଳି ବୋଧହେଲା । ପୃଥ୍ୱୀ, ଜଳ, ତେଜ, ବାୟୁ ଓ ଆକାଶ ଏହି ପଞ୍ଚମହାଭୂତର ଗୁଣ (ଗନ୍ଧ, ରସ, ରୂପ, ସ୍ପର୍ଶ ଓ ଶବ୍ଦ) ଅଧିକ ଉତ୍କର୍ଷ ଲାଭ କଲେ । ୧୧

ଯେପରି ଆହ୍ଲାଦ ଦାନ କରୁଥିବାରୁ ଚନ୍ଦ୍ରର 'ଚନ୍ଦ୍ର' ନାମ ସାର୍ଥକ, ତାପ ଦାନ କରୁଥିବାରୁ ସୂର୍ଯ୍ୟର 'ତପନ' ନାମ ସାର୍ଥକ, ସେହିପରି ପ୍ରଜା-ମାନଙ୍କର ରଞ୍ଜନ କରିବାରୁ ରଘୁଙ୍କର 'ରାଜା' ନାମ ସାର୍ଥକ ହେଲା । ୧୨

ରଘୁଙ୍କର ଆକର୍ଣ୍ଣବିସ୍ତୃତ ଯୋଡ଼ିଏ ବିଶାଳ ଚକ୍ଷୁ ଥିଲା ସତ, କିନ୍ତୁ ଶାସ୍ତ୍ର ହିଁ ତାଙ୍କୁ ସୂକ୍ଷ୍ମତତ୍ତ୍ୱ ଦର୍ଶାଇ ତାଙ୍କର ଚକ୍ଷୁର କାର୍ଯ୍ୟ ସାଧନ କରୁଥିଲା । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

लब्धप्रशमनस्वस्थमथैनं समुपस्थिता ।
पार्थिवश्रीर्द्वितीयेव शरत् पङ्कजलक्षणा ॥१४

ଲବ୍ଧପ୍ରଶମନସ୍ୱସ୍ଥମଥୈନଂ ସମୁପସ୍ଥିତା ।
ପାର୍ଥିବଶ୍ରୀର୍ଦ୍ୱିତୀୟେବ ଶରତ୍‌ପଙ୍କଜଲକ୍ଷଣା ॥୧୪

निर्वृष्टलघुभिर्मेघैर्मुक्तवर्त्मा सुदुःसहः ।
प्रतापस्तस्य भानोश्च युगपद् व्यानशे दिशः ॥१५

ନିର୍ବୃଷ୍ଟଲଘୁଭିର୍ମେଘୈର୍ମୁକ୍ତବର୍ତ୍ମା ସୁଦୁଃସହଃ ।
ପ୍ରତାପସ୍ତସ୍ୟ ଭାନୋଶ୍ଚ ଯୁଗପଦ୍ ବ୍ୟାନଶେ ଦିଶଃ ॥୧୫

वार्षिकं संजहारेन्द्रो धनुर्जैत्रं रघुर्दधौ ।
प्रजार्थसाधने तौ हि पर्यायोद्यतकार्मुकौ ॥१६

ବାର୍ଷିକଂ ସଂଜହାରେନ୍ଦ୍ରୋ ଧନୁର୍ଜୈତ୍ରଂ ରଘୁର୍ଦଧୌ ।
ପ୍ରଜାର୍ଥସାଧନେ ତୌ ହି ପର୍ଯ୍ୟାୟୋଦ୍ୟତକାର୍ମୁକୌ ॥୧୬

पुण्डरीकातपत्रस्तं विकसत्काशचामरः ।
ऋतुर्विडम्बयामास न पुनः प्राप तच्छ्रियम् ॥१७

ପୁଣ୍ଡରୀକାତପତ୍ରସ୍ତଂ ବିକସତ୍‌କାଶଚାମରଃ ।
ଋତୁର୍ବିଡ଼ମ୍ବୟାମାସ ନ ପୁନଃ ପ୍ରାପ ତଚ୍ଛ୍ରିୟମ୍ ॥୧୭

प्रसादसुमुखे तस्मिंश्चन्द्रे च विशदप्रभे ।
तदा चक्षुष्मतां प्रीतिरासीत् समरसा द्वयोः ॥१८

ପ୍ରସାଦସୁମୁଖେ ତସ୍ମିଂ ଶ୍ଚନ୍ଦ୍ରେ ଚ ବିଶଦପ୍ରଭେ ।
ତଦା ଚକ୍ଷୁଷ୍ମତାଂ ପ୍ରୀତିରାସୀତ୍ ସମରସା ଦ୍ୱୟୋଃ ॥୧୮

हंसश्रेणीषु तारासु कुमुदवत्सु च वारिषु ।
विभूतयस्तदीयानां पर्यस्ता यशसामिव ॥१९

ହଂସଶ୍ରେଣୀଷୁ ତାରାସୁ କୁମୁଦବତ୍‌ସୁ ଚ ବାରିଷୁ ।
ବିଭୂତୟସ୍ତଦୀୟାନାଂ ପର୍ଯ୍ୟସ୍ତା ଯଶସାମିବ ॥୧୯

इक्षुच्छायनिषादिन्यस्तस्य गोप्तुर्गुणोदयम् ।
आकुमारकथोद्घातं शालिगोप्यो जगुर्यशः ॥२०

ଇକ୍ଷୁଚ୍ଛାୟନିଷାଦିନ୍ୟ ସ୍ତସ୍ୟ ଗୋପ୍ତୁର୍ଗୁଣୋଦୟମ୍ ।
ଆକୁମାରକଥୋଦ୍‌ଘାତଂ ଶାଳିଗୋପ୍ୟୋ ଜଗୁର୍ଯଶଃ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁ ରଜା ହେଲା ପରେ ରଜ୍ୟରେ ସୁଖଶାନ୍ତି ପ୍ରତିଷ୍ଠା କରି ନିଶ୍ଚିନ୍ତ ରହିଲେ । ଏବା ପରେ ପୃଥିବୀରେ ଶରତ୍‌ଋତୁ ପ୍ରବେଶ କଲା । ଶରତ୍ ପଦ୍ମଭୂଷିତା ହୋଇଥିବାରୁ ବୋଧ ହେଲା, ସତେ ଯେପରି ପଦ୍ମଧାରିଣୀ ଆଉ ଏକ ରଜଲକ୍ଷ୍ମୀ ରଘୁଙ୍କ ନିକଟକୁ ଆସିଛନ୍ତି !

ରଘୁ ଓ ସୂର୍ଯ୍ୟଙ୍କର ଦୁଃସହ ପ୍ରତାପ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେଲା । ଜଳବର୍ଷଣ କରିସାରି ହାଲୁକା ହୋଇଯାଇଥିବା ମେଘମାନେ ଦୁହିଁଙ୍କର ପ୍ରତାପକୁ ବାଟ ଛାଡ଼ି ଦେଲେ । ୧୫

ଇନ୍ଦ୍ର ତାଙ୍କର ବର୍ଷାକାଳୀନ ଧନୁକୁ (ଇନ୍ଦ୍ରଧନୁକୁ) ରଖିଦେଲେ ଏବଂ ରଘୁ ତାଙ୍କର ଜୟଶୀଳ ଧନୁକୁ ଧାରଣ କଲେ । ପ୍ରଜାମାନଙ୍କର ମଙ୍ଗଳସାଧନ ନିମନ୍ତେ ସେ ଦୁଇଜଣ ଏହିପରି ପର୍ଯ୍ୟାୟକ୍ରମେ (ପାଳି କରି) ଧନୁଧାରଣ କରୁଥିଲେ । ୧୬

ଶରତ୍‌କାଳ ଧବଳ ପଦ୍ମକୁ ଛତ୍ର କରି ଏବଂ କାଶତଣ୍ଡୀଫୁଲକୁ ଚାମର କରି ମହାରଜା ରଘୁଙ୍କର ଅନୁକରଣ କଲା, କିନ୍ତୁ ତାଙ୍କ ଭଳି ସୌନ୍ଦର୍ଯ୍ୟ ପାଇପାରିଲା ନାହିଁ । ୧୭

ପ୍ରସନ୍ନମୁଖ, ପ୍ରଜାମାନଙ୍କ ପ୍ରତି ଅପାର-ଅନୁଗ୍ରହଶୀଳ ରଘୁ ଏବଂ ନିର୍ମଳକାନ୍ତି ଚନ୍ଦ୍ର—ଏ ଦୁହିଁଙ୍କୁ ଯେଉଁମାନେ ଦେଖୁଥିଲେ, ସେମାନେ ଦୁହିଁଙ୍କ ପ୍ରତି ସମାନ ଅନୁରଗ ପୋଷଣ କରୁଥିଲେ । ୧୮

ହଂସପଂକ୍ତିରେ, ତାରଗଣରେ ଏବଂ କୁମୁଦପୂର୍ଣ୍ଣ ଜଳରେ ସତେ ଯେପରି ରଘୁଙ୍କର ଯଶସଂପଦ ହିଁ ବିଚ୍ଛୁରିତ ହୋଇପଡ଼ିଲା । ୧୯

ଆଖୁକିଆରୀର ଛାଇରେ ବସି ଶସ୍ୟ ଜଗିଥିବା ସ୍ତ୍ରୀଲୋକମାନେ ପ୍ରଜାପାଳକ ରଘୁଙ୍କର କୁମାର ବୟସରୁ ଆରମ୍ଭ କରି ଶୂରତା, ଉଦାରତା ପ୍ରଭୃତି ଗୁଣବହୁଳ ଯଶ ଗାନ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रससादोदयादम्भः कुम्भयोनेर्महौजसः ।
रघोरभिभवाशङ्कि चुक्षुभे द्विषतां मनः ॥२१
ପ୍ରସସାଦୋଦୟାଦମ୍ଭଃ କୁମ୍ଭଯୋନେର୍ମହୌଯଶଃ ।
ରଘୋରଭିଭବାଶଙ୍କି ଚୁକ୍ଷୁଭେ ଦ୍ୱିଷତାଂ ମନଃ ॥୨୧

मदोदग्राः ककुद्मन्तः सरितां कूलमुद्रुजाः ।
लीलाखेलमनुप्रापुर्महोक्षास्तस्य विक्रमम् ॥२२
ମଦୋଦଗ୍ରାଃ କକୁଦ୍ମନ୍ତଃ ସରିତାଂ କୂଳମୁଦ୍ରୁଜାଃ ।
ଲୀଲାଖେଳମନୁପ୍ରାପୁର୍ମହୋକ୍ଷାସ୍ତସ୍ୟ ବିକ୍ରମମ୍ ॥୨୨

प्रसवैः सप्तपर्णानां मदगन्धिभिराहताः ।
असूययेव तन्नागाः सप्तधैव प्रसुस्रुवुः ॥२३
ପ୍ରସବୈଃ ସପ୍ତପର୍ଣ୍ଣାନାଂ ମଦଗନ୍ଧିଭିରାହତାଃ ।
ଅସୂୟୟେବ ତନ୍ନାଗାଃ ସପ୍ତଧୈବ ପ୍ରସୁସ୍ରୁବୁଃ ॥୨୩

सरितः कुर्वती गाधाः पथश्चाश्यानकर्दमान् ।
यात्रायै चोदयामास तं शक्तेः प्रथमं शरत् ॥२४
ସରିତଃ କୁର୍ବତୀ ଗାଧାଃ ପଥଶ୍ଚାଶ୍ୟାନକର୍ଦ୍ଦମାନ୍ ।
ଯାତ୍ରାୟୈ ଚୋଦୟାମାସ ତଂ ଶକ୍ତେଃ ପ୍ରଥମଂ ଶରତ୍ ॥୨୪

तस्मै सम्यग्धूतो वह्निर्वाजिनीराजनाविधौ ।
प्रदक्षिणार्चिर्व्याजेन हस्तेनेव जयं ददौ ॥२५
ତସ୍ମୈ ସମ୍ୟଗ୍ଧୂତୋ ବହ୍ନିର୍ବାଜିନୀରାଜନାବିଧୌ ।
ପ୍ରଦକ୍ଷିଣାର୍ଚ୍ଚିର୍ବ୍ୟାଜେନ ହସ୍ତେନେବ ଜୟଂ ଦଦୌ ॥୨୫

स गुप्तमूलप्रत्यन्तः शुद्धपार्ष्णिरयान्वितः ।
षड्विधं बलमादाय प्रतस्थे दिग्जिगीषया ॥२६
ସ ଗୁପ୍ତମୂଳପ୍ରତ୍ୟନ୍ତଃ ଶୁଦ୍ଧପାର୍ଷ୍ଣିରୟାନ୍ୱିତଃ ।
ଷଡ୍ବିଧଂ ବଳମାଦାୟ ପ୍ରତସ୍ଥେ ଦିଗ୍ଜିଗୀଷୟା ॥୨୬

अवाकिरन् वयोवृद्धास्तं लाजैः पौरयोषितः ।
पृषतैर्मन्दरोद्धूतैः क्षीरोर्मय इवाच्युतम् ॥२७
ଅବାକିରନ୍ ବୟୋବୃଦ୍ଧାସ୍ତଂ ଲାଜୈଃ ପୌରଯୋଷିତଃ ।
ପୃଷତୈର୍ମନ୍ଦରୋଦ୍ଧୂତୈଃ କ୍ଷୀରୋର୍ମୟ ଇବାଚ୍ୟୁତମ୍ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନକ୍ଷତ୍ରରୂପରେ ମହାତେଜସ୍ୱୀ ଅଗସ୍ତି ମୁନି ଆବିର୍ଭୂତ ହୁଅନ୍ତେ ଜଳ ନିର୍ମଳ ହେଲା । କିନ୍ତୁ ମହାବଳଶାଳୀ ରଘୁଙ୍କର ଉଦୟ ହୁଅନ୍ତେ (ଦିଗ୍‌ବିଜୟ ଆରମ୍ଭ ହୁଅନ୍ତେ) ଶତ୍ରୁମାନଙ୍କର ମନ ବ୍ୟାକୁଳ ହୋଇଉଠିଲା ।୨୧

ମଦମତ୍ତ, ଉଚ୍ଚସ୍କନ୍ଧ ବୃଷଭମାନେ ଶିଙ୍ଗରେ ନଦୀମାନଙ୍କର କୂଳ ବିଦାରଣ କରି ସତେ ଯେପରି କୌତୁକରେ ମହାରଜା ରଘୁଙ୍କର ପରା-କ୍ରମକୁ ଅନୁକରଣ କଲେ । ୨୨

ସପ୍ତପର୍ଣ୍ଣ ଫୁଲର ଗନ୍ଧ ମଦଗନ୍ଧ ପରି । ଉକ୍ତ ଫୁଲ ହାତୀମାନଂକ ଉପରେ ପଡ଼ିବାରୁ ସତେ ଯେପରି ସେଥିରେ ସେମାନେ ଆହତ ହେଲେ ଏବଂ ସ୍ପର୍ଦ୍ଧାର ସହିତ ସପ୍ତ ଅଙ୍ଗରୁ ମଦଜଳ ବୁହାଇବାକୁ ଲାଗିଲେ । ୨୩

ଶରତ୍‌କାଳ ନଦୀମାନଂକୁ ସହଜରେ ପାରହେବାର ଯୋଗ୍ୟା କରି ଏବଂ ରାସ୍ତାମାନଂକରୁ କାଦୁଅ ଶୁଖାଇ ପ୍ରଥମେ ହିଁ ରଘୁଂକୁ ଦିଗ୍‌ବିଜୟ ପାଇଁ ଉତ୍ସାହ ପ୍ରଦାନ କଲା । ୨୪

ଅଶ୍ୱମାନଂକର ନୀରଜନା ନାମକ ବିଧିରେ ଆହୁତି ପାଇ ଅଗ୍ନି ଦକ୍ଷିଣ ଆଡକୁ ଶିଖା ଲମ୍ବାଇଲେ ଏବଂ ଶିଖା ଲମ୍ବାଇବା ଛଳରେ ସତେ ଯେପରି ନିଜ ହାତରେ ହିଁ ରଘୁଙ୍କୁ ବିଜୟ ପ୍ରଦାନ କଲେ ।୨୫

ମହାରଜ ରଘୁ ନିଜର ରଜଧାନୀ ଏବଂ ରଜ୍ୟର ପ୍ରାନ୍ତ-ଦୁର୍ଗ-ଗୁଡ଼ିକର ସୁରକ୍ଷାର ବ୍ୟବସ୍ଥା କରି, ସୈନ୍ୟବାହିନୀର ପଛ ଭାଗକୁ ସୁରକ୍ଷିତ ରଖି ଏବଂ ଯାତ୍ରାକାଳୀନ ମଙ୍ଗଳବିଧାନ ସମ୍ପନ୍ନ କରି ଛଅ ପ୍ରକାର ସୈନ୍ୟବାହିନୀ ଘେନି ଦିଗ୍‌ବିଜୟରେ ବାହାରିଲେ । ୨୬

କ୍ଷୀରସମୁଦ୍ର ମନ୍ଦର-ପର୍ବତଦ୍ୱାରା ମନ୍ଥା ହେଉଥିଲାବେଳେ ଲହରୀ-ମାଳା ଯେପରି ବିଷ୍ଣୁଂକ ଉପରେ ଅଜସ୍ର କ୍ଷୀରବିନ୍ଦୁ ବର୍ଷଣ କରିଥିଲେ, ବୃଦ୍ଧା ପୁରଙ୍ଗନାମାନେ ସେହିପରି ଦିଗ୍‌ବିଜୟରେ ଯାଉଥିବା ରଘୁଂଙ୍କ ଉପରେ ଅଜସ୍ର ଲାଜାଞ୍ଜଳି ବର୍ଷଣ କଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स ययौ प्रथमं प्राचीं तुल्यः प्राचीनबर्हिषा ।
अहिताननिलोद्धूतैस्तर्जयन्निव केतुभिः ॥२८
ସ ଯଯୌ ପ୍ରଥମଂ ପ୍ରାଚୀଂ ତୁଲ୍ୟଃ ପ୍ରାଚୀନବର୍ହିଷା ।
ଅହିତାନନିଲୋଦ୍ଧୂତୈସ୍ତର୍ଜୟନ୍ନିବ କେତୁଭିଃ ।।୨୮

रजोभिः स्यन्दनोद्धूतैर्गजैश्च घनसंनिभैः ।
भुवस्तलमिव व्योम कुर्वन् व्योमेव भूतलम् ॥२९
ରଜୋଭିଃ ସ୍ୟନ୍ଦନୋଦ୍ଧୂତୈର୍ଗଜୈଶ୍ଚ ଘନସନ୍ନିଭୈଃ ।
ଭୁବସ୍ତଲମିବ ବ୍ୟୋମ କୁର୍ବନ୍ ବ୍ୟୋମେବ ଭୂତଲମ୍ ।।୨୯

प्रतापोऽग्रे ततः शब्दः परागस्तदनन्तरम् ।
ययौ पश्चाद् रथादीति चतुःस्कन्धेव सा चमूः ॥३०
ପ୍ରତାପୋଽଗ୍ରେ ତତଃ ଶବ୍ଦଃ ପରାଗସ୍ତଦନନ୍ତରମ୍ ।
ଯଯୌ ପଶ୍ଚାଦ୍ ରଥାଦୀତି ଚତୁଃସ୍କନ୍ଧେବ ସା ଚମୂଃ ।।୩୦

मेरुपृष्ठान्युदम्भांसि नाव्याः सुप्रतरा नदीः ।
विपिनानि प्रकाशानि शक्तिमत्त्वाच्चकार सः ॥३१
ମେରୁପୃଷ୍ଠାନ୍ୟୁଦମ୍ଭାଂସି ନାବ୍ୟାଃ ସୁପ୍ରତରା ନଦୀଃ ।
ବିପିନାନି ପ୍ରକାଶାନି ଶକ୍ତିମତ୍ତ୍ୱାଚ୍ଚକାର ସଃ ।।୩୧

स सेनां महतीं कर्षन् पूर्वसागरगामिनीम् ।
बभौ हरजटाभ्रष्टां गङ्गामिव भगीरथः ॥३२
ସ ସେନାଂ ମହତୀଂ କର୍ଷନ୍ ପୂର୍ବସାଗରଗାମିନୀମ୍ ।
ବଭୌ ହରଜଟାଭ୍ରଷ୍ଟାଂ ଗଙ୍ଗାମିବ ଭଗୀରଥଃ ।।୩୨

त्याजितैः फलमुत्खातैर्भग्नैश्च बहुधा नृपैः ।
तस्यासीदुल्बणो मार्गः पादपैरिव दन्तिनः ॥३३
ତ୍ୟାଜିତୈଃ ଫଲମୁତ୍ଖାତୈର୍ଭଗ୍ନୈଶ୍ଚ ବହୁଧା ନୃପୈଃ ।
ତସ୍ୟାସୀଦୁଲ୍ବଣୋ ମାର୍ଗଃ ପାଦପୈରିବ ଦନ୍ତିନଃ ।।୩୩

पौरस्त्यानेवमाक्रामंस्ताँस्ताञ्जनपदाञ्जयी ।
प्राप तालीवनश्यामुपकण्ठं महोदधेः ॥३४
ପୌରସ୍ତ୍ୟାନେବମାକ୍ରାମଂସ୍ତାଂସ୍ତାଞ୍ଜନପଦାଞ୍ଜୟୀ ।
ପ୍ରାପ ତାଲୀବନଶ୍ୟାମମୁପକଣ୍ଠଂ ମହୋଦଧେଃ ।।୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରାଚୀନବର୍ହି (ଇନ୍ଦ୍ର)ଙ୍କ ସମକକ୍ଷ ମହାରାଜ ରଘୁ ପ୍ରଥମେ ପୂର୍ବଦିଗକୁ ଅଭିଯାନ କଲେ । ତାଙ୍କର ପତାକାଗୁଡ଼ିକ ଅନୁକୂଳ ପବନରେ ଉଡ଼ି ସତେ ଯେପରି ଶତ୍ରୁମାନଙ୍କୁ ଭର୍ତ୍ସନା କରିବାରେ ଲାଗିଲା । ୨୮

ମହାରାଜ ରଘୁ ରଥର ଗତିରୁ ଉଠୁଥିବା ଧୂଳିଦ୍ୱାରା ଏବଂ ମେଘ-ତୁଲ୍ୟ ହସ୍ତୀମାନଙ୍କଦ୍ୱାରା ଆକାଶକୁ ଭୂତଳ ଏବଂ ଭୂତଳକୁ ଆକାଶ ପରି କରି ପୂର୍ବଦିଗକୁ ଯାତ୍ରା କଲେ । ୨୯

ପ୍ରଥମେ ରଘୁଙ୍କର ପ୍ରତାପ, ତା'ପରେ ସୈନ୍ୟମାନଙ୍କର କୋଳାହଳ, ତା'ପରେ ଧୂଳି ଏବଂ ତା'ପରେ ରଥ, ଗଜ ପଦାତିପ୍ରଭୃତି – ଏହିପରି ଭାବରେ ତାଙ୍କର ସୈନ୍ୟବାହିନୀ ସତେ ଯେପରି ଚାରି ବ୍ୟୂହରେ (ଦଳରେ) ବିଭକ୍ତ ହୋଇ ଚାଲିଲେ । ୩୦

ରଘୁ ଅତ୍ୟନ୍ତ ପରାକ୍ରମରେ ମରୁସ୍ଥଳକୁ ଜଳପୂର୍ଣ୍ଣ କଲେ, ଯେଉଁ ନଦୀମାନଙ୍କୁ କେବଳ ନୌକାରେ ପାର ହେବା ସମ୍ଭବପର, ସେମାନଙ୍କୁ ସହଜରେ ପାରହେବାର ଯୋଗ୍ୟ କଲେ ଏବଂ ଜଙ୍ଗଲକୁ ପରିଷ୍କୃତ ଭୂମିରେ ପରିଣତ କଲେ । ୩୧

ଭଗୀରଥ ଶିବଙ୍କ ଜଟାରୁ ନିଃସୃତା ଏବଂ ସମୁଦ୍ର ଆଡକୁ ପ୍ରବାହିତା ଗଙ୍ଗାଙ୍କୁ ଘେନି ଯାଉଥିବାବେଳେ ଯେପରି ଶୋଭା ପାଉଥିଲେ, ରଘୁ ପୂର୍ବସମୁଦ୍ର ଆଡକୁ ସୈନ୍ୟବାହିନୀକୁ ଘେନି ଗଲାବେଳେ ସେହିପରି ଶୋଭା ପାଇଲେ । ୩୨

ହସ୍ତୀ ଯେପରି ଗଛମାନଙ୍କୁ ଭାଙ୍ଗି, ଫଳହୀନ କରି ନିଜର ଗତିପଥକୁ ପରିଷ୍କୃତ କରିଦିଏ, ରଘୁ ସେହିପରି ରାଜାମାନଙ୍କୁ ପରାସ୍ତ କରି, ସେମାନଙ୍କୁ ରାଜପଦ-ଉପଭୋଗରୁ ବଞ୍ଚିତ କରି ଦିଗ୍ବିଜୟର ପଥ ନିଷ୍କଣ୍ଟକ କଲେ । ୩୩

ଏହିପରି ଭାବରେ ବିଜୟୀ ରଘୁ ପୂର୍ବଦିଗର ସମସ୍ତ ଦେଶ-ଉପରେ ଆଧିପତ୍ୟ ବିସ୍ତାର କରି ତାଳବନ-ଶ୍ୟାମଳ ସମୁଦ୍ର କୂଳରେ ଉପସ୍ଥିତ ହେଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अनम्राणां समुद्धर्तुस्तस्मात् सिन्धुरयादिव ।
आत्मा संरक्षितः सुह्मैर्वृत्तिमाश्रित्य वैतसीम् ॥ ३५
ଅନମ୍ରାଣାଂ ସମୁଦ୍ଧର୍ତ୍ତୁସ୍ତସ୍ମାତ୍ ସିନ୍ଧୁରୟାଦିବ ।
ଆତ୍ମା ସଂରକ୍ଷିତଃ ସୁହ୍ମୈର୍ବୃତ୍ତିମାଶ୍ରିତ୍ୟ ବୈତସୀମ୍ ॥୩୫

वङ्गानुत्खाय तरसा नेता नौसाधनोद्यतान् ।
निचखान जयस्तम्भान् गङ्गास्रोतोऽन्तरेषु सः ॥ ३६
ବଙ୍ଗାନୁତ୍ଖାୟ ତରସା ନେତା ନୌସାଧନୋଦ୍ୟତାନ୍ ।
ନିଚଖାନ ଜୟସ୍ତମ୍ଭାନ୍ ଗଙ୍ଗାସ୍ରୋତୋଽନ୍ତରେଷୁ ସଃ ॥୩୬

आपादपद्मप्रणताः कलमा इव ते रघुम् ।
फलैः सम्वर्धयामासुरुत्खातप्रतिरोपिताः ॥३७
ଆପାଦପଦ୍ମପ୍ରଣତାଃ କଲମା ଇବ ତେ ରଘୁମ୍ ।
ଫଳୈଃ ସଂବର୍ଦ୍ଧୟାମାସୁରୁତ୍ଖାତପ୍ରତିରୋପିତାଃ ॥୩୭

स तीर्त्वा कपिशां सैन्यैर्बद्धद्विरदसेतुभिः ।
उत्कलादर्शितपथः कलिङ्गाभिमुखो ययौ ॥३८
ସ ତୀର୍ତ୍ତ୍ୱା କପିଶାଂ ସୈନ୍ୟୈର୍ବଦ୍ଧଦ୍ୱିରଦସେତୁଭିଃ ।
ଉତ୍କଳାଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ ॥୩୮

स प्रतापं महेन्द्रस्य मूर्ध्नि तीक्ष्णं न्यवेशयत् ।
अङ्कुशं द्विरदस्येव यन्ता गम्भीरवेदिनः ॥३९
ସ ପ୍ରତାପଂ ମହେନ୍ଦ୍ରସ୍ୟ ମୂର୍ଦ୍ଧ୍ନି ତୀକ୍ଷ୍ଣଂ ନ୍ୟବେଶୟତ୍ ।
ଅଙ୍କୁଶଂ ଦ୍ୱିରଦସ୍ୟେବ ଯନ୍ତା ଗମ୍ଭୀରବେଦିନଃ ॥୩୯

प्रतिजग्राह कालिङ्गस्तमस्त्रैर्गजसाधनः ।
पक्षच्छेदोद्यतं शक्रं शिलावर्षीव पर्वतः ॥४०
ପ୍ରତିଜଗ୍ରାହ କାଳିଙ୍ଗସ୍ତମସ୍ତ୍ରୈର୍ଗଜସାଧନଃ ।
ପକ୍ଷଛେଦୋଦ୍ୟତଂ ଶକ୍ରଂ ଶିଳାବର୍ଷୀବ ପର୍ବତଃ ॥୪୦

द्विषां विषह्य काकुत्स्थस्तत्र नाराचदुर्दिनम् ।
सन्मङ्गलस्नात इव प्रतिपेदे जयश्रियम् ॥४१
ଦ୍ୱିଷାଂ ବିଷହ୍ୟ କାକୁତ୍ସ୍ଥସ୍ତତ୍ର ନାରାଚଦୁର୍ଦ୍ଦିନମ୍ ।
ସନ୍ମଙ୍ଗଳସ୍ନାତ ଇବ ପ୍ରତିପେଦେ ଜୟଶ୍ରିୟମ୍ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନଦୀ ଉପରକୁ ମାଡ଼ିଥିବା ବେତଲତା ନଦୀର ପ୍ରବାହଦ୍ୱାରା ଯେପରି ନମ୍ର (ବଙ୍କା) ହୋଇଯାଏ, ସୁହ୍ମଦେଶର ରାଜାମାନେ ସେହିପରି ନମ୍ର ହୋଇ ଅନମ୍ରମାନଙ୍କର ବିଧ୍ୱଂସକ ରଘୁଙ୍କଠାରୁ ରକ୍ଷା ପାଇଲେ । ୩୫

ବଙ୍ଗଦେଶର ରାଜାମାନେ ନୌବାହିନୀ ଘେନି ଯୁଦ୍ଧ କରିବାକୁ ପ୍ରସ୍ତୁତ ଥିଲେ । ବିରାଟ ସୈନ୍ୟବାହିନୀର ସେନାପତି ରଘୁ ସେମାନଙ୍କୁ ବଳରେ ପରାସ୍ତ କରି ଗଙ୍ଗାନଦୀର ଦ୍ୱୀପମାନଙ୍କରେ ବିଜୟସ୍ତମ୍ଭ ପୋତିଲେ । ୩୬

ଶାଳିଧାନର ଗଛ (ବର୍ଷାଋତୁରେ ଯେଉଁ ଧାନ ଚାଷ କରଯାଏ) ଯେପରି ପ୍ରଥମେ ଉପୁଡା ହୋଇ ଏବଂ ତା'ପରେ ରୁଆହୋଇ ଫଳଭରରେ ମୂଳପର୍ଯ୍ୟନ୍ତ ନଇଁଆସେ ଏବଂ ପ୍ରଚୁର ଶସ୍ୟ ଦାନ କରେ, ବଙ୍ଗଦେଶର ରାଜାମାନେ ସେହିପରି ରଘୁଙ୍କଦ୍ୱାରା ପ୍ରଥମେ ରାଜପଦରୁ ବିଚ୍ୟୁତ ଏବଂ ତା'ପରେ ରାଜପଦରେ ପ୍ରତିଷ୍ଠିତ ହୋଇ ଧନୋପହାର ପୂର୍ବକ ତାଙ୍କ ପାଦପଦ୍ମରେ ମସ୍ତକ ଅବନତ କଲେ । ୩୭

ରଘୁଙ୍କର ସୈନ୍ୟମାନେ କପିଶାନଦୀରେ ଏକ ହସ୍ତୀ-ସେତୁ ନିର୍ମାଣ କରି (ହସ୍ତୀମାନଙ୍କୁ ସେତୁ ଆକାରରେ ଠିଆ କରାଇ) ସେଥିରେ ନଦୀ ପାର ହେଲେ । ଉତ୍କଳର ରାଜାମାନେ ତାଙ୍କୁ ପଥ ଦେଖାଇଦେଲେ; ସେ ସେହି ପଥରେ କଳିଙ୍ଗ ଅଭିମୁଖରେ ଯାତ୍ରା କଲେ । ୩୮

ଯେଉଁ ହସ୍ତୀ ମାହୁନ୍ତର କଥାକୁ ଡେରିରେ ବୁଝେ, ମାହୁନ୍ତ ଯେପରି ତା ମୁଣ୍ଡରେ ଅଙ୍କୁଶ ବିଦ୍ଧ କରେ, ରଘୁ ସେହିପରି ମହେନ୍ଦ୍ରପର୍ବତର ଶୃଙ୍ଗରେ ନିଜର ତୀକ୍ଷ୍ଣ ପ୍ରତାପକୁ ବିଦ୍ଧ କଲେ । ୩୯

ଏକ ପର୍ବତ ଶିଳାବୃଷ୍ଟି କରି ଯେପରି ପର୍ବତପକ୍ଷଚ୍ଛେଦନ-ଉଦ୍ୟତ ଇନ୍ଦ୍ରଙ୍କର ପ୍ରତିରୋଧ କରିଥିଲା, ସେହିପରି କଳିଙ୍ଗଦେଶର ରାଜା ବିରାଟ ହସ୍ତୀବାହିନୀ ଏବଂ ଅସ୍ତ୍ରଶସ୍ତ୍ର ଘେନି ରଘୁଙ୍କର ପ୍ରତିରୋଧ କଲେ । ୪୦

ସେହି ମହେନ୍ଦ୍ର ପର୍ବତରେ ରଘୁ ଶତ୍ରୁମାନଙ୍କ ନାରାଚ-ବୃଷ୍ଟିରେ ସତେ ଯେପରି ବିଜୟମଙ୍ଗଳ ପାଇଁ ସ୍ନାନ କଲେ ଏବଂ ତା'ପରେ ବିଜୟଲକ୍ଷ୍ମୀଙ୍କୁ ଲାଭ କଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ताम्बूलीनां दलैस्तत्र रचिताऽऽपानभूमयः ।
नारिकेलासवं योधाः शात्रवं च पपुर्यशः ॥४२
ତାମ୍ବୂଲୀନାଂ ଦଳୈସ୍ତତ୍ର ରଚିତାପାନଭୂମୟଃ ।
ନାରିକେଳାସବଂ ଯୋଧାଃ ଶାତ୍ରବଂ ଚ ପପୁର୍ଯଶଃ ॥୪୨

गृहीतप्रतिमुक्तस्य स धर्मविजयी नृपः ।
श्रियं महेन्द्रनाथस्य जहार न तु मेदिनीम् ॥४३
ଗୃହୀତପ୍ରତିମୁକ୍ତସ୍ୟ ସ ଧର୍ମବିଜୟୀ ନୃପଃ ।
ଶ୍ରିୟଂ ମହେନ୍ଦ୍ରନାଥସ୍ୟ ଜହାର ନ ତୁ ମେଦିନୀମ୍ ॥୪୩

ततो वेलातटेनैव फलवत्पूगमालिना ।
अगस्त्याचरितामाशामनाशास्यजयो ययौ ॥४४
ତତୋ ବେଳାତଟେନୈବ ଫଳବତ୍ପୂଗମାଳିନା ।
ଅଗସ୍ତ୍ୟାଚରିତାମାଶାମନାଶାସ୍ୟଜୟୋ ଯୟୌ ॥୪୪

स सैन्यपरिभोगेण गजदानसुगन्धिना ।
कावेरीं सरितां पत्युः शङ्कनीयामिवाकरोत् ॥४५
ସ ସୈନ୍ୟପରିଭୋଗେଣ ଗଜଦାନସୁଗନ୍ଧିନା ।
କାବେରୀଂ ସରିତାଂ ପତ୍ୟୁଃ ଶଙ୍କନୀୟାମିବାକରୋତ୍ ॥୪୫

बलैरध्युषितास्तस्य विजिगीषोर्गताध्वनः ।
मारीचोद्भ्रान्तहारीता मलयाद्रेरुपत्यकाः ॥४६
ବଳୈରଧ୍ୟୁଷିତାସ୍ତସ୍ୟ ବିଜିଗୀଷୋର୍ଗତାଧ୍ୱନଃ ।
ମାରୀଚୋଦ୍ଭ୍ରାନ୍ତହାରୀତା ମଳୟାଦ୍ରେରୁପତ୍ୟକାଃ ॥୪୬

ससञ्जुरश्वक्षुण्णानामेलानामुत्पतिष्णवः ।
तुल्यगन्धिषु मत्तेभकटेषु फलरेणवः ॥४७
ସସଞ୍ଜୁରଶ୍ୱକ୍ଷୁଣ୍ଣାନାମେଳାନାମୁତ୍ପତିଷ୍ଣବଃ ।
ତୁଲ୍ୟଗନ୍ଧିଷୁ ମତ୍ତେଭକଟେଷୁ ଫଳରେଣବଃ ॥୪୭

भोगिवेष्टनमार्गेषु चन्दनानां समर्पितम् ।
नास्रसत् करिणां ग्रैवं त्रिपदीछेदिनामपि ॥४८
ଭୋଗିବେଷ୍ଟନମାର୍ଗେଷୁ ଚନ୍ଦନାନାଂ ସମର୍ପିତମ୍ ।
ନାସ୍ରସତ୍ କରିଣାଂ ଗ୍ରୈବଂ ତ୍ରିପଦୀଛେଦିନାମପି ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ (ମହେନ୍ଦ୍ର ପର୍ବତରେ) ତାଙ୍କର ଯୋଦ୍ଧା ସୈନ୍ୟମାନେ ମଦ୍ୟପାନଯୋଗ୍ୟ ସ୍ଥାନ ପ୍ରସ୍ତୁତ କରି ତାମ୍ବୁଳ ପତ୍ରରେ (ପାନପତ୍ର-ପାତ୍ରରେ) ନାରିକେଳ-ମଦ୍ୟ ପାନ କଲେ ଏବଂ ତା'ସହିତ ଶତ୍ରୁମାନଙ୍କର ଯଶକୁ ମଧ୍ୟ ପାନ କଲେ । (ଶତ୍ରୁମାନଙ୍କୁ ପରାସ୍ତ କଲେ ।) ୪୨

ଧର୍ମ ନିମନ୍ତେ ଦିଗ୍‌ବିଜୟରେ ବାହାରିଥିବା ମହାରାଜା ରଘୁ ମହେନ୍ଦ୍ର ପର୍ବତର ଅଧିପତିଙ୍କୁ (କଳିଙ୍ଗରାଜାଙ୍କୁ) ବନ୍ଦୀ କରି ପୁଣି ମୁକ୍ତ କରିଦେଲେ । ସେ କେବଳ ତାଙ୍କର ଯଶକୁ ହରଣ କରିନେଲେ, ରାଜ୍ୟ ହରଣ କଲେ ନାହିଁ ।୪୩

ତା'ପରେ ରଘୁ ସମୁଦ୍ର କୂଳେ କୂଳେ, ଯେଉଁଠାରେ କି ଅସଂଖ୍ୟ ଗୁଆଗଛ ଫଳଭରରେ ପୂର୍ଣ୍ଣ ହୋଇଥିଲା, ଦକ୍ଷିଣ ଦିଗକୁ ଗଲିଲେ ଏବଂ ଅନାୟାସରେ ରାଜ୍ୟମାନ ଜୟ କରିବାରେ ଲାଗିଲେ । ୪୪

ହସ୍ତୀମାନଙ୍କର ମଦଜଳ ଦ୍ୱାରା କାବେରୀ ନଦୀର ଜଳକୁ ସୁଗନ୍ଧିତ କରି ତାଙ୍କର ସୈନ୍ୟମାନେ ଉକ୍ତ ନଦୀରେ ବିହାର କଲେ । ତେଣୁ ରଘୁ କାବେରୀକୁ ନଦୀମାନଙ୍କର ସ୍ୱାମୀ ସମୁଦ୍ର ନିକଟରେ ସତେ ଯେପରି ଅବିଶ୍ୱାସର ପାତ୍ରୀ କରିଦେଲେ ! ୪୫

ତା'ପରେ ବିଜୟ-ଇଚ୍ଛୁକ ରଘୁଙ୍କର ସୈନ୍ୟବାହିନୀ କିଛି ଦୂର ପଥ ଅତିକ୍ରମ କରି ମଳୟ ପର୍ବତର ଉପତ୍ୟକାରେ [ପର୍ବତର ପାଦଦେଶରେ] ଶିବିର ସ୍ଥାପନ କଲେ, ଯେଉଁଠାରେ କି ମରୀଚବନମାନଙ୍କରେ 'ହାରୀତ' ପକ୍ଷୀଗଣ ଆନନ୍ଦରେ ଉଡୁଥିଲେ । ୪୬

ଅଶ୍ୱମାନଙ୍କ ଖୁରରେ ଦଳି ହୋଇ ଅଳେଇଚ ଗଛର ଫଳମାନଙ୍କରୁ ଯେଉଁ ଧୂଳି ଉଠିଲା, ତାହା ମତ୍ତହସ୍ତୀମାନଙ୍କର ଅଳେଇଚ ପରି ସୁଗନ୍ଧିତ ଗଣ୍ଡସ୍ଥଳରେ ଲାଖିରହିଲା । ୪୭

ସାପମାନେ ଗୁଡାଇ ହୋଇ ରହିବା ଫଳରେ ଚନ୍ଦନବୃକ୍ଷମାନଙ୍କରେ ଯେଉଁ ଗୋଲାକାର ତଥା ଗଭୀର ଖାଲମାନ ସୃଷ୍ଟି ହୋଇଥିଲା, ସେଥିରେ ହାତୀମାନଙ୍କର ଶୁଣ୍ଢ ପଶି ବାହାରିବା କଷ୍ଟକର ହେଲା । ତେଣୁ ହାତୀମାନେ ପାଦରେ ଶୃଙ୍ଖଳ ଛିନ୍ନ କଲେ ମଧ୍ୟ ଶୁଣ୍ଢରେ ଶୃଙ୍ଖଳରେ ବନ୍ଧା ହୋଇ ରହିଲେ ।୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दिशि मन्दायते तेजो दक्षिणस्यां रवेरपि ।
तस्यामेव रघोः पाण्ड्याः प्रतापं न विषेहिरे ॥४९
ଦିଶି ମନ୍ଦାୟତେ ତେଜୋ ଦକ୍ଷିଣସ୍ୟାଂ ରବେରପି ।
ତସ୍ୟାମେବ ରଘୋଃ ପାଣ୍ଡ୍ୟାଃ ପ୍ରତାପଂ ନ ବିଷେହିରେ ॥୪୯

ताम्रपर्णीसमेतस्य मुक्तासारं महोदधेः ।
ते निपत्य ददुस्तस्मै यशः स्वमिव सञ्चितम् ॥५०
ତାମ୍ରପର୍ଣ୍ଣୀସମେତସ୍ୟ ମୁକ୍ତାସାରଂ ମହୋଦଧେଃ ।
ତେ ନିପତ୍ୟ ଦଦୁସ୍ତସ୍ମୈ ଯଶଃ ସ୍ୱମିବ ସଂଚିତମ୍ ॥୫୦

स निर्विश्य यथाकामं तटेष्वालीनचन्दनौ ।
स्तनाविव दिशस्तस्याः शैलौ मलयदर्दुरौ ॥५१
ସ ନିର୍ବିଶ୍ୟ ଯଥାକାମଂ ତଟେଷ୍ୱାଲୀନଚନ୍ଦନୌ ।
ସ୍ତନାବିବ ଦିଶସ୍ତସ୍ୟାଃ ଶୈଳୌ ମଳୟଦର୍ଦ୍ଦୁରୌ ॥୫୧

असह्यविक्रमः सह्यं दूरान् मुक्तमुदन्वता ।
नितम्बमिव मेदिन्याः स्रस्तांशुकमलङ्घयत् ॥५२
ଅସହ୍ୟବିକ୍ରମଃ ସହ୍ୟଂ ଦୂରନ୍ମୁକ୍ତମୁଦନ୍ୱତା ।
ନିତମ୍ବମିବ ମେଦିନ୍ୟାଃ ସ୍ରସ୍ତାଂଶୁକମଲଙ୍ଘୟତ୍ ॥୫୨

तस्यानीकैर्विसर्पद्भिरपरान्तजयोद्यतैः ।
रामास्त्रोत्सारितोऽप्यासीत् सह्यलग्न इवार्णवः ॥५३
ତସ୍ୟାନୀକୈର୍ବିସର୍ପଦ୍ଭିରପରାନ୍ତଜୟୋଦ୍ୟତୈଃ ।
ରାମାସ୍ତ୍ରୋତ୍ସାରିତୋଽପ୍ୟାସୀତ୍ ସହ୍ୟଲଗ୍ନ ଇବାର୍ଣ୍ଣବଃ ॥୫୩

भयोत्सृष्टविभूषाणां तेन केरलयोषिताम् ।
अलकेषु चमूरेणुश्चूर्णप्रतिनिधीकृतः ॥५४
ଭୟୋତ୍ସୃଷ୍ଟବିଭୂଷାଣାଂ ତେନ କେରଳଯୋଷିତାମ୍ ।
ଅଳକେଷୁ ଚମୂରେଣୁଶ୍ଚୂର୍ଣ୍ଣପ୍ରତିନିଧୀକୃତଃ ॥୫୪

मुरलामारुतोद्धूतमगमत् कैतकं रजः ।
तद्योधवारबाणानामयत्नपटवासताम् ॥५५
ମୁରଲାମାରୁତୋଦ୍ଧୂତମଗମତ୍ କୈତକଂ ରଜଃ ।
ତଦ୍ୟୋଧବାରବାଣାନାମୟତ୍ନପଟବାସତାମ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦକ୍ଷିଣ ଦିଗରେ ସୂର୍ଯ୍ୟଙ୍କର ମଧ୍ୟ ତେଜ ହ୍ରାସ ପାଏ । କିନ୍ତୁ ସେହି ଦିଗରେ ଅବସ୍ଥିତ ପାଣ୍ଡ୍ୟଦେଶର ରଜାମାନେ ରଘୁଙ୍କ ତେଜ ସହ୍ୟ କରିପାରିଲେ ନାହିଁ । ୪୯

ପାଣ୍ଡ୍ୟଦେଶର ରଜାମାନେ ତାମ୍ରପର୍ଣ୍ଣୀ ନଦୀ ଓ ତା'ର ମୁହାଣରୁ ସଂଗୃହୀତ ମହୋଦଧିର ମୁକ୍ତାରାଶିକୁ ପ୍ରଣତିପୂର୍ବକ ରଘୁଙ୍କ ପାଦତଳେ ଅର୍ପଣ କଲେ । ସତେ ଯେପରି ସେମାନେ ନିଜର ସଞ୍ଚିତ ଯଶରାଶିକୁ ହିଁ ଅର୍ପଣ କରିଦେଲେ ! ୫୦

ସ୍ତ୍ରୀର ଚନ୍ଦନଲିପ୍ତ ସ୍ତନଦ୍ୱୟକୁ ପୁରୁଷ ଯେପରି ମନଇଚ୍ଛା ଉପଭୋଗ କରେ, ରଘୁ ସେହିପରି ଦକ୍ଷିଣ ଦିଗ୍‌ବଧୂର ଦୁଇ ସ୍ତନସଦୃଶ, ଚନ୍ଦନବୃକ୍ଷପରିପୂର୍ଣ୍ଣ ମଳୟ ଓ ଦର୍ଦ୍ଦୁର ନାମକ ଦୁଇଟି ପର୍ବତକୁ ମନଇଚ୍ଛା ଉପଭୋଗ କଲେ । (ଦୁଇ ପର୍ବତରେ ବିହାର କଲେ) । ୫୧

ତା'ପରେ, ଯେଉଁ ସହ୍ୟାଦ୍ରି ପୃଥିବୀରୂପିଣୀ ନାୟିକାର ନଗ୍ନ ନିତମ୍ବ ପରି ଦେଖାଯାଏ, ଅର୍ଥାତ୍ ସମୁଦ୍ରରୂପକ ବସ୍ତ୍ର ସେଥିରୁ ଖସିଯାଇଥିବା ଭଳି ବୋଧହୁଏ, ତାହାକୁ ଅସହ୍ୟ-ବିକ୍ରମଶାଳୀ ରଘୁ ଉପଭୋଗପୂର୍ବକ ଅତିକ୍ରମ କରିଗଲେ । ୫୨

ରଘୁଙ୍କ ସୈନ୍ୟବାହିନୀ ପଶ୍ଚିମ ଦିଗର ରଜାମାନଙ୍କୁ ଜୟ କରିବା-ପାଇଁ ପଶ୍ଚିମ ସମୁଦ୍ରର କୂଳେ କୂଳେ ଗଲୁଥିବାବେଳେ ମନେ ହେଲା— ପରଶୁରାମଙ୍କ ଅସ୍ତ୍ରବଳରେ ସମୁଦ୍ର ସହ୍ୟାଦ୍ରିଠାରୁ ଦୂରକୁ ଘୁଞ୍ଚିଯାଇଥିଲେ ମଧ୍ୟ ସତେଯେପରି ପୁଣି ସହ୍ୟାଦ୍ରି ସହିତ ଲାଗିଯାଇଛି ! ୫୩

କେରଳ ରମଣୀମାନେ ଭୟରେ ଭୂଷଣ ପରିତ୍ୟାଗ କରି ପଳା-ୟନ କଲେ ! ରଘୁ ସେମାନଙ୍କ କେଶରେ କୁଙ୍କୁମପ୍ରଭୃତି ସୁଗନ୍ଧଚୂର୍ଣ୍ଣ ବଦଳରେ ସୈନ୍ୟମାନଙ୍କ ପଦୋତ୍‌ଥିତ ଧୂଳି ହିଁ ଲେପନ କଲେ । ୫୪

ମୂରଲା ନଦୀର ପବନରେ ଉଡୁଥିବା କେତକୀପରାଗ ତାଙ୍କ ଯୋଦ୍ଧାମାନଙ୍କ ସାଞ୍ଜୁରେ ଲିପ୍ତ ହୋଇ ଅଯତ୍‌ନଲବ୍ଧ ବସ୍ତ୍ରବାସନା-ଚୂର୍ଣ୍ଣ ଭଳି ଶୋଭା ପାଇଲା । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अभ्यभूयत वाहानां चरतां गात्रशिञ्जितैः ।
वर्मभिः पवनोद्धूत-राजतालीवनध्वनिः ॥५६
ଅଭ୍ୟଭୂୟତ ବାହାନାଂ ଚରତାଂ ଗାତ୍ରଶିଞ୍ଜିତୈଃ ।
ବର୍ମଭିଃ ପବନୋଦ୍ଧୂତରଜତାଳୀବନଧ୍ୱନିଃ ॥୫୬

खर्जुरीस्कन्धनद्धानां मदोद्‌गारसुगन्धिषु ।
कटेषु करिणां पेतुः पुन्नागेभ्यः शिलीमुखाः ॥५७
ଖର୍ଜୁରୀସ୍କନ୍ଧନଦ୍ଧାନାଂ ମଦୋଦ୍‌ଗାରସୁଗନ୍ଧିଷୁ ।
କଟେଷୁ କରିଣାଂ ପେତୁଃ ପୁନ୍ନାଗେଭ୍ୟଃ ଶିଳୀମୁଖାଃ ॥୫୭

अवकाशं किलोदन्वान् रामायाभ्यर्थितो ददौ ।
अपरान्तमहीपालव्याजेन रघवे करम् ॥५८
ଅବକାଶଂ କିଲୋଦନ୍ୱାନ୍ ରାମାୟାଭ୍ୟର୍ଥିତୋ ଦଦୌ ।
ଅପରାନ୍ତମହୀପାଳବ୍ୟାଜେନ ରଘବେ କରମ୍ ॥୫୮

मत्तेभ रदनोत्कीर्णव्यक्तविक्रमलक्षणम् ।
त्रिकूटमेव तत्रोच्चैर्जयस्तम्भं चकार सः ॥५९
ମତ୍ତେଭରଦନୋତ୍କୀର୍ଣ୍ଣବ୍ୟକ୍ତବିକ୍ରମଲକ୍ଷଣମ୍ ।
ତ୍ରିକୂଟମେବ ତତ୍ରୋଚ୍ଚୈର୍ଜୟସ୍ତମ୍ଭଂ ଚକାର ସଃ ॥୫୯

पारसीकाँस्ततो जेतुं प्रतस्थे स्थलवर्त्मना ।
इन्द्रियाख्यानिव रिपूँस्तत्त्वज्ञानेन संयमी ॥६०
ପାରସୀକାଂସ୍ତତୋ ଜେତୁଂ ପ୍ରତସ୍ଥେ ସ୍ଥଳବର୍ତ୍ମନା ।
ଇନ୍ଦ୍ରିୟାଖ୍ୟାନିବ ରିପୂଂସ୍ତତ୍ତ୍ୱଜ୍ଞାନେନ ସଂଯମୀ ॥୬୦

यवनीमुखपद्मानां सेहे मधुमदं न सः ।
बालातपमिवाब्जानामकालजलदोदयः ॥६१
ଯବନୀମୁଖପଦ୍ମାନାଂ ସେହେ ମଧୁମଦଂ ନ ସଃ ।
ବାଲାତପମିବାବ୍‌ଜାନାମକାଳଜଳଦୋଦୟଃ ॥୬୧

संग्रामस्तुमुलस्तस्य पाश्चात्त्यैरश्वसाधनैः ।
शार्ङ्गकूजितविज्ञेयप्रतियोधे रजस्यभूत् ॥ ६२
ସଂଗ୍ରାମସ୍ତୁମୁଳସ୍ତସ୍ୟ ପାଶ୍ଚାତ୍ତ୍ୟୈରଶ୍ୱସାଧନୈଃ ।
ଶାର୍ଙ୍ଗକୂଜିତବିଜ୍ଞେୟ ପ୍ରତିଯୋଧେ ରଜସ୍ୟଭୂତ୍ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଶ୍ୱମାନଙ୍କ ଦେହରେ ଲଗିଥିବା କବଚଗୁଡ଼ିକରୁ ଯେଉଁ ଧ୍ୱନି ଉଠୁଥିଲା, ସେଥିରେ ବାୟୁକମ୍ପିତ ତାଳବନର ଧ୍ୱନି ଲୀନ ହୋଇଯାଉଥିଲା ।

ଭ୍ରମରମାନେ ପୋଲଙ୍ଗ ଗଛରୁ ଉଡ଼ିଆସି ଖଜୁରୀଗଛରେ ବନ୍ଧା-ହୋଇଥିବା ହସ୍ତୀମାନଙ୍କର ମଦଜଳ-ସୁଗନ୍ଧିତ ଗଣ୍ଡସ୍ଥଳରେ ବସୁଥିଲେ ।୫୭

Gurukul Kangri Vishwavidyalaya Library

ପରଶୁରାମ ସମୁଦ୍ରକୁ ସ୍ଥାନ ମାଗିବାରୁ ହିଁ ସମୁଦ୍ର ତାଙ୍କୁ କିଛି ସ୍ଥାନ ଦେଇଥିଲା; ଅଥଚ ସେହି ସମୁଦ୍ର ପଶ୍ଚିମ ପ୍ରାନ୍ତର ରାଜାମାନଙ୍କ ରୂପରେ ରଘୁଙ୍କୁ ଆପେ ଆପେ କର ଦେଲା । ୫୮

କେରଳରେ ରଘୁ ତ୍ରିକୂଟ ପର୍ବତକୁ ନିଜ ବିଜୟର ସ୍ମୃତିସ୍ତମ୍ଭ କଲେ । ଉକ୍ତ ପର୍ବତରେ ତାଙ୍କର ମତ୍ତହସ୍ତୀମାନେ ଦନ୍ତ ଭୁଷି ଯେଉଁ ଗର୍ତ୍ତଗୁଡ଼ିକ ସୃଷ୍ଟି କଲେ, ସେଗୁଡ଼ିକ ତାଙ୍କ ବିଜୟପ୍ରଶସ୍ତିର ଅକ୍ଷର ସଦୃଶ ଦେଖାଗଲା । ୫୯

ତା'ପରେ, ସଂଯମୀ ବ୍ୟକ୍ତି ଯେପରି ଇନ୍ଦ୍ରିୟରୂପକ ଶତ୍ରୁମାନଙ୍କୁ ଜୟ କରିବାପାଇଁ ତତ୍ତ୍ୱପଥରେ ଗତି କରନ୍ତି, ରଘୁ ସେହିପରି ପାରସ୍ୟର ରାଜାମାନଙ୍କୁ ଜୟ କରିବାପାଇଁ ସ୍ଥଳପଥରେ ଯାତ୍ରା କଲେ । ୬୦

ଅକାଳ ମେଘ ଯେପରି ପଦ୍ମ ଉପରେ ସୂର୍ଯ୍ୟଙ୍କର ବାଳରଶ୍ମିକୁ ବରଦାସ୍ତ କରେ ନାହିଁ, ରଘୁ ସେହିପରି ଯବନୀମାନଙ୍କ ମୁଖପଦ୍ମର ସୁଗନ୍ଧକୁ ବରଦାସ୍ତ କଲେ ନାହିଁ । ୬୧

ପାରସ୍ୟର ରାଜାମାନେ, ଯେଉଁମାନଙ୍କର ଅଶ୍ୱବଳ ଥିଲା ପ୍ରଧାନ ବଳ, ରଘୁଙ୍କ ସହିତ ତୁମୁଳ ସଂଗ୍ରାମ କଲେ । ସେହି ଯୁଦ୍ଧରେ ଏତେ ଧୂଳି ଉଡ଼ିଲା ଯେ କେବଳ ଧନୁର ଟଙ୍କାର ଦ୍ୱାରା ହିଁ ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧା-ମାନଙ୍କୁ ଚିହ୍ନିବାକୁ ପଡ଼ିଲା । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भल्लापवर्जितैस्तेषां शिरोभिः श्मश्रुलैर्महीम् ।
तस्तार सरघाव्याप्तैः स क्षौद्रपटलैरिव ॥६३
ଭଲ୍ଲାପବର୍ଜ୍ଜିତୈ ସ୍ତେଷାଂ ଶିରୋଭିଃ ଶ୍ମଶ୍ରୁଲୈର୍ମହୀମ୍ ।
ତସ୍ତାର ସରଘାବ୍ୟାପ୍ତୈଃ ସ କ୍ଷୌଦ୍ରପଟଳୈରିବ ।।୬୩

अपनीतशिरस्त्राणाः शेषास्तं शरणं ययुः ।
प्रणिपातप्रतीकारः संरम्भो हि महात्मनाम् ॥६४
ଅପନୀତଶିରସ୍ତ୍ରାଣାଃ ଶେଷାସ୍ତଂ ଶରଣଂ ଯଯୁଃ ।
ପ୍ରଣିପାତପ୍ରତୀକାରଃ ସଂରମ୍ଭୋ ହି ମହାତ୍ମନାମ୍ ।।୬୪

विनयन्ते स्म तद्योधा मधुभिर्विजयश्रमम् ।
आस्तीर्णाजिनरत्नासु द्राक्षावलयभूमिषु ॥६५
ବିନୟନ୍ତେ ସ୍ମ ତଦ୍‌ଯୋଧା ମଧୁଭିର୍ବିଜୟଶ୍ରମମ୍ ।
ଆସ୍ତୀର୍ଣ୍ଣାଜିନରତ୍ନାସୁ ଦ୍ରାକ୍ଷାବଳୟଭୂମିଷୁ ।।୬୫

ततः प्रतस्थे कौवेरीं भास्वानिव रघुर्दिशम् ।
शरैरुस्रैरिवोदीच्यानुद्धरिष्यन् रसानिव । ६६
ତତଃ ପ୍ରତସ୍ଥେ କୌବେରୀଂ ଭାସ୍ୱାନିବ ରଘୁର୍ଦ୍ଦିଶମ୍ ।
ଶରୈରୁସ୍ରୈରିବୋଦୀଚ୍ୟାନୁଦ୍ଧରିଷ୍ୟନ୍ ରସାନିବ ।।୬୬

विनीताध्वश्रमास्तस्य सिन्धुतीरविचेष्टनैः ।
दुधुवुर्वाजिनः स्कन्धाँल्लग्नकुङ्कुमकेसरान् ॥६७
ବିନୀତାଧ୍ୱଶ୍ରମାସ୍ତସ୍ୟ ସିନ୍ଧୁତୀରବିଚେଷ୍ଟନୈଃ ।
ଦୁଧୁବୁର୍ବାଜିନଃ ସ୍କନ୍ଧାଂଲ୍ଲଗ୍ନକୁଙ୍କୁମକେସରାନ୍ ।।୬୭

तत्र हूणावरोधानां भर्तृषु व्यक्तविक्रमम् ।
कपोल-पाटलादेशि बभूव रघुचेष्टितम् ॥६८
ତତ୍ର ହୂଣାବରୋଧାନାଂ ଭର୍ତ୍ତୃଷୁ ବ୍ୟକ୍ତବିକ୍ରମମ୍ ।
କପୋଳପାଟଳାଦେଶି ବଭୂବ ରଘୁଚେଷ୍ଟିତମ୍ ।।୬୮

काम्बोजाः समरे सोढुं तस्य वीर्यमनीश्वराः ।
गजालानपरिक्लिष्टैरक्षोटैः सार्धमानताः ॥६९
କାମ୍ବୋଜାଃ ସମରେ ସୋଢୁଂ ତସ୍ୟ ବୀର୍ଯ୍ୟମନୀଶ୍ୱରାଃ ।
ଗଜାଳାନପରିକ୍ଲିଷ୍ଟୈରକ୍ଷୋଟୈଃ ସାର୍ଦ୍ଧମାନତାଃ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁ ଭଲ୍ଲନାମକ ଅସ୍ତ୍ରରେ ଯବନମାନଙ୍କର ଶ୍ମଶ୍ରୁଳ (ନିଶ ଦାଢିଯୁକ୍ତ) ମୁଣ୍ଡମାନ କାଟି ଭୂମିରେ ଗଡ଼ାଇଦେଲେ । ସେହି ମୁଣ୍ଡମାନ ମହୁମାଛିଘେର ଅଗଣିତ ମହୁଫେଣା ପରି ଦେଖାଗଲା । ୬୩

ଯେଉଁ ଯବନମାନେ ଜୀବିତ ଥିଲେ, ସେମାନେ ମସ୍ତକରୁ ଶିରସ୍ତ୍ରାଣ (ପଗଡ଼ି) ବାହାର କରି ରଘୁଙ୍କଠାରେ ଶରଣ ପଶିଲେ । କାରଣ, ପ୍ରଣତି ହିଁ ମହାନ୍ ବ୍ୟକ୍ତିମାନଙ୍କର କ୍ରୋଧର ପ୍ରତିକାର । ୬୪

ଦ୍ରାକ୍ଷାଲତାର (ଅଙ୍ଗୁରଲତାର) କୁଞ୍ଜମାନଙ୍କରେ ଉତ୍କୃଷ୍ଟ ମୃଗଚର୍ମମାନ ବିଛାଇ, ଦ୍ରାକ୍ଷାଫଳର ମଦ୍ୟ ପାନ କରି ତାଙ୍କର ଯୋଦ୍ଧାମାନେ ଯୁଦ୍ଧକ୍ଲାନ୍ତି ଅପନୋଦନ କଲେ । ୬୫

ସୂର୍ଯ୍ୟ ଯେପରି କିରଣଦ୍ୱାରା ଜଳ ଶୋଷଣ କରିବାପାଇଁ ଉତ୍ତର ଦିଗକୁ ଗତି କରନ୍ତି (ଉତ୍ତରାୟଣ ହୁଅନ୍ତି), ରଘୁ ସେହିପରି ରଜାମାନଙ୍କୁ ଅସ୍ତ୍ରଦ୍ୱାରା ଜୟ କରିବାପାଇଁ ଉତ୍ତର ଦିଗକୁ ଗତି କଲେ । ୬୬

ତାଙ୍କର ଅଶ୍ୱମାନେ ସିନ୍ଧୁନଦୀ କୂଳରେ ଦେହ ଭିଡ଼ିମୋଡ଼ି ହୋଇ କ୍ଳାନ୍ତି ଦୂର କଲେ ଏବଂ କୁଙ୍କୁମ ତଥା ପୁଷ୍ପରେଣୁ ଲାଗିଥିବା କାନ୍ଧକୁ ହଲାଇ ଝାଡ଼ିଦେଲେ । ୬୭

ଉତ୍ତର ଦିଗରେ ରଘୁଙ୍କର କାର୍ଯ୍ୟକଳାପ ହୂଣସ୍ତ୍ରୀମାନଙ୍କ କପୋଳକୁ ପାଟଳବର୍ଣ୍ଣ କରିଦେଲା । କାରଣ ସେହି କାର୍ଯ୍ୟକଳାପ ସେମାନଙ୍କ ସ୍ୱାମୀମାନଙ୍କ ଉପରେ ପରାକ୍ରମ ଜାହିର କଲା । (ଯୁଦ୍ଧରେ ହୂଣମାନେ ମରିବାରୁ ସେମାନଙ୍କ ସ୍ତ୍ରୀମାନେ ଶୋକରେ ମୁଣ୍ଡ ବାଡ଼େଇଲେ, ତା' ଫଳରେ ସେମାନଙ୍କର ମୁଣ୍ଡ ରକ୍ତାକ୍ତ ହୋଇଗଲା) । ୬୮

କମ୍ବୋଜ ଦେଶର ରଜାମାନେ ତାଙ୍କର ପ୍ରତାପ ସହିବାକୁ ସମର୍ଥ ହେଲେ ନାହିଁ । ଉକ୍ତ ଦେଶରେ 'ଅକ୍ଷୋଟ' ଗଛମାନଂକରେ ରଘୁଂକର ହାତୀମାନେ ବନ୍ଧା ହୁଅନ୍ତେ ସେହି ଗଛମାନେ ନଇଁଲେ ଏବଂ ସେମାନଂକ ସହିତ ରଜାମାନେ ମଧ୍ୟ ନଇଁଲେ । (ରଘୁଂକ ପାଖରେ ମୁଣ୍ଡ ନୁଆଁଇଲେ ।) ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तेषां सदश्वभूयिष्ठास्तुङ्गा द्रविणराशयः ।
उपदा विविशुः शश्वन्नोत्सेकाः कोसलेश्वरम् ॥७०
ତେଷାଂ ସଦଶ୍ୱଭୂୟିଷ୍ଠାସ୍ତୁଙ୍ଗା ଦ୍ରବୀଣରାଶୟଃ ।
ଉପଦା ବିବିଶୁଃ ଶଶ୍ୱନ୍ ନୋତ୍ସେକାଃକୋସଳେଶ୍ୱରମ୍ ॥୭୦

ततो गौरीगुरुं शैलमारुरोहाश्वसाधनः
वर्धयन्निव तत्कूटानुद्धूतैर्धातुरेणुभिः ॥७१
ତତୋ ଗୌରୀଗୁରୁଂ ଶୈଳମାରୁରୋହାଶ୍ୱସାଧନଃ ।
ବର୍ଦ୍ଧୟନ୍ନିବ ତତ୍କୂଟାନୁଦ୍ଧୂତୈର୍ଧାତୁରେଣୁଭିଃ ॥୭୧

शशंस तुल्यसत्त्वानां सैन्यघोषेऽप्यसंभ्रमम् ।
गुहाशयानां सिंहानां परिवृत्त्य विलोकितम् ॥७२
ଶଶଂସ ତୁଲ୍ୟସତ୍ତ୍ୱାନାଂ ସୈନ୍ୟଘୋଷେଽପ୍ୟସଂଭ୍ରମମ୍ ।
ଗୁହାଶୟାନାଂ ସିଂହାନାଂ ପରିବୃତ୍ୟ ବିଲୋକିତମ୍ ॥୭୨

भूर्जेषु मर्मरीभूताः कीचकध्वनिहेतवः ।
गङ्गासीकरिणो मार्गे मरुतस्तं सिषेविरे ॥७३
ଭୂର୍ଜେଷୁ ମର୍ମରୀଭୂତାଃ କୀଚକଧ୍ୱନିହେତବଃ ।
ଗଙ୍ଗାଶୀକରିଣୋ ମାର୍ଗେ ମରୁତସ୍ତଂ ସିଷେବିରେ ॥୭୩

विशश्रमुर्नमेरूणां छायास्वध्यास्य सैनिकाः ।
दृषदो वासितोत्सङ्गा निषण्णमृगनाभिभिः ॥७४
ବିଶଶ୍ରମୁର୍ନମେରୂଣାଂ ଛାୟାସ୍ୱଧ୍ୟାସ୍ୟ ସୈନିକାଃ ।
ଦୃଷଦୋ ବାସିତୋତ୍ସଙ୍ଗା ନିଷଣ୍ଣମୃଗନାଭିଭିଃ ॥୭୪

सरलासक्त-मातङ्ग-ग्रैवेयस्फुरित-त्विषः ।
आसन्नौषधयोनेतुर्नक्तमस्नेहदीपिकाः ॥७५
ସରଳାସକ୍ତମାତଙ୍ଗଗ୍ରୈବେୟସ୍ଫୁରିତତ୍ୱିଷଃ ।
ଆସନ୍ନୌଷଧୟୋ ନେତୁର୍ନକ୍ତମସ୍ନେହଦୀପିକାଃ ॥୭୫

तस्योत्सृष्टनिवेशेषु कण्ठरज्जुक्षतत्वचः ।
गजवर्ष्म किरातेभ्यः शशंसुर्देवदारवः ॥७६
ତସ୍ୟୋତ୍ସୃଷ୍ଟନିବେଶେଷୁ କଣ୍ଠରଜ୍ଜୁକ୍ଷତତ୍ୱଚଃ ।
ଗଜବର୍ଷ୍ମ କିରାତେଭ୍ୟଃ ଶଶଂସୁର୍ଦେବଦାରବଃ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାମ୍ବୋଜଦେଶର ରଜାମାନେ ଅନେକ ଉତ୍କୃଷ୍ଟ ଅଶ୍ୱ ଏବଂ ଅଜସ୍ର ଧନରତ୍ନ କୋଶଳାଧିପତି ରଘୁଙ୍କୁ ଉପହାର ଦେଲେ; କିନ୍ତୁ ସେ ସମସ୍ତ ପାଇଲେ ମଧ୍ୟ ରଘୁଙ୍କ ମନରେ ତିଳେ ମାତ୍ର ଗର୍ବ ଜାତ ହେଲା ନାହିଁ । ୭୦

ତା'ପରେ ରଘୁ ଅଶ୍ୱାରୋହୀ ସୈନ୍ୟମାନଙ୍କୁ ଘେନି ହିମାଳୟ-ପର୍ବତ ଆରୋହଣ କଲେ । ଅଶ୍ୱମାନଙ୍କ ଖୁରଘାତରୁ ଉଠୁଥିବା ଗୈରିକ ଧୂଳିରାଶିଦ୍ୱାରା ସତେ ଯେପରି ସେ ହିମାଳୟର ଶୃଙ୍ଗମାନଙ୍କୁ ଅଧିକ ବଢ଼ାଇ-ଦେଲେ ! ୭୧

ହିମାଳୟର ଗୁହାମାନଙ୍କରେ ସିଂହମାନେ ସେନାବାହିନୀର କୋଳାହଳ ସତ୍ତ୍ୱେ ଶୋଇରହି ମୁହଁ ବୁଲାଇ ଚାହୁଁଥିଲେ । ପ୍ରତ୍ୟେକ ସିଂହର ବଳ ପ୍ରତ୍ୟେକ ସୈନିକର ବଳ ସହିତ ସମକକ୍ଷ ଥିଲା ଏବଂ ସେମାନଙ୍କର ଶୋଇରହି ମୁହଁ ବୁଲାଇ ଚାହିଁବା ନିର୍ଭୀକତାର ସୂଚନା ଦେଉଥିଲା । ୭୨

ବାୟୁ ଭୂର୍ଜପତ୍ରରେ ମର୍ମର ଶବ୍ଦ ସୃଷ୍ଟି କରି, ବାଉଁଶଗଛର ରନ୍ଧ୍ରରେ ଧ୍ୱନି ସୃଷ୍ଟି କରି ଏବଂ ଗଙ୍ଗାନଦୀର ଜଳବିନ୍ଦୁ ବହନ କରି ତାଙ୍କର ସେବା କରିବାକୁ ଲାଗିଲା । ୭୩

ସୈନିକମାନେ ସୁରପୁନ୍ନାଗ ଗଛମାନଙ୍କର ଛାଇରେ ପଥର ଉପରେ ବସି ବିଶ୍ରାମ ନେଲେ । କସ୍ତୂରୀ-ମୃଗମାନଙ୍କ କସ୍ତୂରୀଦ୍ୱାରା ସେହି ପଥର-ମାନଙ୍କର ଉପରଭାଗ ମହକି ଉଠୁଥିଲା । ୭୪

ରଘୁ ରାତିରେ ସୈନ୍ୟଚାଳନା କଲାବେଳେ ନିକଟବର୍ତ୍ତୀ ଆଲୋକ-ମୟ ଔଷଧ-ଲତା ଗୁଡ଼ିକ ତୈଳଶୂନ୍ୟ ପ୍ରଦୀପର କାର୍ଯ୍ୟ କରୁଥିଲେ । ସରଳ-ନାମକ ବୃକ୍ଷମାନଙ୍କରେ ହସ୍ତୀମାନଙ୍କର କଣ୍ଠବନ୍ଧନ ରଜ୍ଜୁ ଯେତେବେଳେ ଛନ୍ଦି-ହୋଇଯାଉଥିଲା, ସେତେବେଳେ ସେହି ଔଷଧ-ଲତାଗୁଡ଼ିକର ଆଲୋକ ସେଥିରେ ପ୍ରତିଫଳିତ ହେଉଥିଲା । ୭୫

ତାଙ୍କର ସୈନ୍ୟବାହିନୀ କୌଣସି ସ୍ଥାନରେ ଶିବିର ପକାଇ ରହି ଚାଲିଗଲା ପରେ ସେହି ସ୍ଥାନର ଦେବଦାରୁ ଗଛଗୁଡ଼ିକ ତାଙ୍କ ହାତୀମାନଙ୍କର ଉଚ୍ଚତା ସମ୍ବନ୍ଧରେ ଶବରମାନଙ୍କୁ ସୂଚନା ଦେଉଥିଲେ । କାରଣ, ସେହି ଗଛଗୁଡ଼ିକର ଯେଉଁ ସ୍ଥାନରେ ହାତୀମାନଙ୍କର କଣ୍ଠ-ବନ୍ଧନ ରଜ୍ଜୁ ବନ୍ଧା ହୋଇଥିଲା, ସେଠାରେ ଛାଲି ବାହାରିଯାଇଥିଲା । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तत्र जन्यं रघोर्घोरं पर्वतीयैर्गणैरभूत् ।
नाराच-क्षेपणीयाश्म-निष्पेषोत्पतितानलम् ॥७७
ତତ୍ର ଜନ୍ୟଂ ରଘୋର୍ଘୋରଂ ପର୍ବତୀୟୈର୍ଗଣୈରଭୂତ୍ ।
ନାରଚକ୍ଷେପଣୀୟାଶ୍ମନିଷ୍ପେଷୋତ୍ପତିତାନଲମ୍ ॥୭୭

शरैरुत्सवसंकेतान् स कृत्वा विरतोत्सवान् ।
जयोदाहरणं बाह्वोर्गापयामास किन्नरान् ॥७८
ଶରୈରୁତ୍ସବସଂକେତାନ୍ ସ କୃତ୍ୱା ବିରତୋତ୍ସବାନ୍ ।
ଜୟୋଦାହରଣଂ ବାହ୍ୱୋର୍ଗାପୟାମାସ କିନ୍ନରାନ୍ ॥୭୮

परस्परेण विज्ञातस्तेषूपायनपाणिषु ।
राज्ञा हिमवतः सारो राज्ञः सारो हिमाद्रिणा ॥७९
ପରସ୍ପରେଣ ବିଜ୍ଞାତସ୍ତେଷୂପାୟନପାଣିଷୁ ।
ରାଜ୍ଞା ହିମବତଃ ସାରୋ ରାଜ୍ଞଃ ସାରୋ ହିମାଦ୍ରିଣା ॥୭୯

तत्राक्षोभ्यं यशोराशिं निवेश्यावरुरोह सः ।
पौलस्त्यतुलितस्याद्रेरादधान इव ह्रियम् ॥८०
ତତ୍ରାକ୍ଷୋଭ୍ୟଂ ଯଶୋରାଶିଂ ନିବେଶ୍ୟାବରୁରୋହ ସଃ ।
ପୌଲସ୍ତ୍ୟତୁଳିତସ୍ୟାଦ୍ରେରାଦଧାନ ଇବ ହ୍ରିୟମ୍ ॥୮୦

चकम्पे तीर्णलौहित्ये तस्मिन् प्राग्ज्योतिषेश्वरः ।
तद्गजालानतां प्राप्तैः सह कालागुरुद्रुमैः ॥८१
ଚକମ୍ପେ ତୀର୍ଣ୍ଣଲୌହିତ୍ୟେ ତସ୍ମିନ୍ ପ୍ରାଗ୍ଜ୍ୟୋତିଷେଶ୍ୱରଃ ।
ତଦ୍ଗଜାଲାନତାଂ ପ୍ରାପ୍ତୈଃ ସହ କାଲାଗୁରୁଦ୍ରୁମୈଃ ॥୮୧

न प्रसेहे स रुद्धार्कमधारावर्षदुर्दिनम् ।
रथवर्त्मरजोऽप्यस्य कुत एव पताकिनीम् ॥८२
ନ ପ୍ରସେହେ ସ ରୁଦ୍ଧାର୍କମଧାରାବର୍ଷଦୁର୍ଦ୍ଦିନମ୍ ।
ରଥବର୍ତ୍ମରଜୋଽପ୍ୟସ୍ୟ କୁତ ଏବ ପତାକିନୀମ୍ ॥୮୨

तमीशः कामरूपाणामत्याखण्डलविक्रमम् ।
भेजे भिन्नकटैर्नागैरन्यानुपरुरोध यैः ॥८३
ତମୀଶଃ କାମରୂପାଣାମତ୍ୟାଖଣ୍ଡଲବିକ୍ରମମ୍ ।
ଭେଜେ ଭିନ୍ନକଟୈର୍ନାଗୈରନ୍ୟାନୁପରୁରୋଧ ଯୈଃ ॥ ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହିମାଳୟର ପାଦଦେଶରେ 'ଗଣ' ମାନଙ୍କ ସହିତ ତାଙ୍କର ତୁମୁଳ ଯୁଦ୍ଧ ଲଗିଲା । ଉକ୍ତ ଯୁଦ୍ଧରେ ନାରାଚ, ବର୍ଚ୍ଛା ଓ ପଥରମାନଙ୍କର ପରସ୍ପର ସଂଘର୍ଷ ଫଳରେ ପ୍ରବଳ ଅଗ୍ନି ଉଦ୍‌ଗିରଣ ହେଲା । (ପୂର୍ବେ ଭାରତରେ କେତେକ ଗଣରାଜ୍ୟ ଥିଲା । ଗଣରାଜ୍ୟରେ ବହୁ ଲୋକ ମିଳି ଶାସନ କରୁଥିଲେ ।) ୭୭

ରଘୁ ଅସ୍ତ୍ରବଳରେ 'ଉତ୍ସବସଙ୍କେତ' ନାମକ ଗଣମାନଙ୍କୁ ପରାସ୍ତ କଲେ ଏବଂ କିନ୍ନରମାନଙ୍କଦ୍ୱାରା ନିଜ ବାହୁବଳର ଯଶ ଗାନ କରାଇଲେ । ୭୮

ସେହି ଗଣମାନେ ଉପହାରସ୍ୱରୂପ ଧନରତ୍ନ ଧରି ରଘୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ରଘୁ ଓ ହିମାଳୟ ପରସ୍ପରର ଶ୍ରେଷ୍ଠତ୍ୱ ଜାଣି ପାରିଲେ । (ରଘୁ ବହୁମୂଲ୍ୟ ଧନରତ୍ନ ଉପହାର ଦେଖି ହିମାଳୟ ଯେ କିପରି ଧନରତ୍ନର ଭଣ୍ଡାର, ତାହା ଜାଣିଲେ ଏବଂ ହିମାଳୟ ମଧ୍ୟ ଗଣବୀର-ମାନଙ୍କୁ ପରାଜିତ ହେବାର ଦେଖି ରଘୁ ଯେ କିପରି ବୀରତ୍ୱର ଭଣ୍ଡାର, ତାହା ଜାଣିଲେ ।) ୭୯

ହିମାଳୟରେ ରଘୁ ନିଜର ଅକ୍ଷୟ ଯଶୋରାଶିକୁ ପ୍ରତିଷ୍ଠିତ କରି, କୈଳାସପର୍ବତକୁ ନ ଯାଇ ତଳକୁ ଓହ୍ଲାଇଲେ । କାରଣ, କୈଳାସ-ପର୍ବତକୁ ରାବଣ ହଲାଇ ଦେଇଥିଲା । ସେହି ପର୍ବତ ବୋଧହୁଏ ରଘୁଙ୍କୁ ଦେଖି ଆହୁରି ଲଜ୍ଜିତ ହେଲା । ୮୦

ରଘୁ ଲୌହିତ୍ୟା ନଦୀ ପାର ହୋଇ ପ୍ରାଗ୍‌ଜ୍ୟୋତିଷ ପୁରରେ କୃଷ୍ଣ ଅଗୁରୁ ବୃକ୍ଷମାନଙ୍କରେ ହସ୍ତୀମାନଙ୍କୁ ବାନ୍ଧନ୍ତେ ସେହି ବୃକ୍ଷମାନେ କମ୍ପିତ ହେଲେ । ସେମାନଙ୍କ ସହିତ ପ୍ରାଗ୍‌ଜୋତିଷପୁରର ରାଜା ମଧ୍ୟ କମ୍ପିତ ହେଲେ । ୮୧

ରଘୁଙ୍କ ରଥମାର୍ଗରୁ ଉଠୁଥିବା ଧୂଳି ସୂର୍ଯ୍ୟରଶ୍ମିକୁ ମଧ୍ୟ ନିରୋଧ କଲା । ତେଣୁ ବିନା ବର୍ଷାରେ ବର୍ଷାଦିନ ଭଳି ଜଣାପଡ଼ିଲା । ପ୍ରାଗ୍‌ଜ୍ୟୋତିଷ-ପୁରରାଜା ସେହି ଧୂଳିକୁ ମଧ୍ୟ ସହ୍ୟ କରିପାରିଲେ ନାହିଁ, ସୈନ୍ୟବାହିନୀର ପ୍ରତାପ ସହିବା ତ ଦୂରର କଥା ୮୨

କାମରୂପ ଦେଶର ରାଜା ଯେଉଁ ମଦଜଳସ୍ରାବୀ ହସ୍ତୀମାନଙ୍କ ସାହାଯ୍ୟରେ ଅନ୍ୟାନ୍ୟ ରାଜାଙ୍କୁ ଜୟ କରିଥିଲେ, ସେ ପୁଣି ସେହି ହସ୍ତୀ-ମାନଙ୍କୁ ଉପହାରସ୍ୱରୂପ ଦେଇ ଇନ୍ଦ୍ରଙ୍କଠାରୁ ଅଧିକ ପରାକ୍ରମଶାଳୀ ରଘୁଙ୍କର ଶରଣାପନ୍ନ ହେଲେ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कामरूपेश्वरस्तस्य हेमपीठाधिदेवताम् ।
रत्नपुष्पोपहारेण च्छायामानर्च पादयोः ॥८४

କାମରୂପେଶ୍ୱରସ୍ତସ୍ୟ ହେମପୀଠାଧିଦେବତାମ୍ ।
ରତ୍ନପୁଷ୍ପୋପହାରେଣ ଛାୟାମାନର୍ଚ୍ଚ ପାଦୟୋଃ ॥୮୪

इति जित्वा दिशो जिष्णुर्न्यवर्तत रथोद्धूतम् ।
रजो विश्रामयन् राज्ञां छत्रशून्येषु मौलिषु ॥८५

ଇତି ଜିତ୍ୱା ଦିଶୋ ଜିଷ୍ଣୁର୍ନ୍ୟବର୍ତ୍ତତ ରଥୋଦ୍ଧୂତମ୍ ।
ରଜୋ ବିଶ୍ରାମୟନ୍ ରାଜ୍ଞାଂ ଛତ୍ରଶୂନ୍ୟେଷୁ ମୌଳିଷୁ ॥୮୫

स विश्वजितमाजह्रे यज्ञं सर्वस्वदक्षिणम् ।
आदानं हि विसर्गाय सतां वारिमुचामिव ॥८६

ସ ବିଶ୍ୱଜିତମାଜହ୍ରେ ଯଜ୍ଞଂ ସର୍ବସ୍ୱଦକ୍ଷିଣମ୍ ।
ଆଦାନଂ ହି ବିସର୍ଗାୟ ସତାଂ ବାରିମୁଚାମିବ ॥୮୬

सत्रान्ते सचिवसखः पुरस्क्रियाभिर्गुर्वीभिः शमितपराजयव्यलीकान् ।
काकुत्स्थश्चिरविरहोत्सुकावरोधान् राजन्यान् स्वपुरनिवृत्तयेऽनुमेने ॥७७

ସତ୍ରାନ୍ତେ ସଚିବସଖଃ ପୁରସ୍କ୍ରିୟାଭିର୍ଗୁର୍ବୀଭିଃ ଶମିତପରାଜୟବ୍ୟଲୀକାନ୍ ।
କାକୁତ୍ସ୍ଥ ଶ୍ଚିରବିରହୋତ୍ସୁକାବରୋଧାନ୍ ରାଜନ୍ୟାନ୍ ସ୍ୱପୁରନିବୃତ୍ତୟେଽନୁମେନେ ॥

ते रेखाध्वजकुलिशातपत्रचिह्नं सम्राजश्चरणयुगं प्रसादलभ्यम् ।
प्रस्थानप्रणतिभिरङ्गुलीषु चक्रुर्मौलिस्रक्च्युतमकरन्दरेणुगौरम् ॥८८

ତେ ରେଖାଧ୍ୱଜକୁଳିଶାତପତ୍ରଚିହ୍ନଂ ସମ୍ରାଜଶ୍ଚରଣଯୁଗଂ ପ୍ରସାଦଲଭ୍ୟମ୍ ।
ପ୍ରସ୍ଥାନପ୍ରଣତିଭିରଙ୍ଗୁଳୀଷୁ ଚକ୍ରୁଃ ମୌଳିସ୍ରକ୍ଚ୍ୟୁତମକରନ୍ଦରେଣୁଗୌରମ୍ ॥୮୮

॥ इति श्रीमहाकविकालिदासकृतौ रघुवंशे महाकाव्ये
रघुदिग्विजयो नाम चतुर्थः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁଙ୍କର ପାଦଛାୟା ଥିଲା ସୁବର୍ଣ୍ଣ-ପାଦପୀଠରର ଅଧିଷ୍ଠାତ୍ରୀ ଦେବୀ-ସ୍ୱରୂପା । କାମରୂପର ରଜା ସେହି ଦେବୀଙ୍କୁ ରତ୍ନ ଉପହାର ଦେଇ ପୂଜା କଲେ । ୮୪

ଏହିଭଳି ବିଜୟୀ ରଘୁ ସମସ୍ତ ଦିଗ ଜୟ କରି, ରଥମାନଙ୍କ ଗତିରୁ ଉଠୁଥିବା ଧୂଳିକୁ ରଜାମାନଙ୍କ ଛତ୍ରହୀନ ମସ୍ତକ ଉପରେ ପକାଇ ଦିଗ୍‌ବିଜୟରୁ ନିବୃତ୍ତ ହେଲେ । ୮୫

ତା' ପରେ ସେ ବିଶ୍ୱଜିତ୍ ନାମକ ଯଜ୍ଞ ସଂପାଦନ କରି ଦକ୍ଷିଣା-ସ୍ୱରୂପ ସର୍ବସ୍ୱ ଦାନ କରିଦେଲେ । କାରଣ ସଜ୍ଜନମାନେ ମେଘମାନଙ୍କ ପରି ଦାନ କରିବାନିମନ୍ତେ ହିଁ ଧନ ସଂଗ୍ରହ କରିଥା'ନ୍ତି । ୮୬

ଯଜ୍ଞପରେ, ଯେଉଁ ରଜାମାନେ ପରାଜୟଯୋଗୁଁ ଦୁଃଖିତ ବା ଲଜ୍ଜିତ ହୋଇଥିଲେ ତଥା ଦୀର୍ଘ ସମୟର ବିଚ୍ଛେଦ ଫଳରେ ଯେଉଁମାନଙ୍କର ରାଣୀ-ମାନେ ତେଣେ ଉତ୍‌କଣ୍ଠିତା ହୋଇ ରହିଥିଲେ, ରଘୁ ମନ୍ତ୍ରୀମାନଙ୍କ ସହଣରେ ସେମାନଙ୍କର ଉପଯୁକ୍ତ ଅଭ୍ୟର୍ଥନା କରି ଦୁଃଖ ଦୂର କଲେ ଏବଂ ନିଜ ନିଜ ରାଜ୍ୟକୁ ଯିବାପାଇଁ ଅନୁମତି ଦେଲେ । ୮୭

ଯିଲାବେଳେ ରଜାମାନେ ସମ୍ରାଟ୍ ରଘୁଙ୍କର ପତାକା-ବଜ୍ର-ଛତ୍ର-ଚିହ୍ନ ଚିହ୍ନିତ, ଅନୁଗ୍ରହଲଭ୍ୟ ପଦଯୁଗଳରେ ମସ୍ତକ ରଖି ପ୍ରଣାମ କଲେ । ସେମାନଙ୍କ ମସ୍ତକର ପୁଷ୍ପମାଳାରୁ ଯେଉଁ ମଧୁ ଓ ପରାଗ ପତିତ ହେଲା, ତାହାଦ୍ୱାରା ତାଙ୍କର (ରଘୁଙ୍କର) ପାଦଦ୍ୱୟର ଅଙ୍ଗୁଳିଗୁଡ଼ିକ ଗୌରବର୍ଣ୍ଣ ଧାରଣ କଲା । ୮୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पञ्चमः सर्गः

तमध्वरे विश्वजिति क्षितीशं निःशेषविश्राणितकोषजातम् ।
उपात्तविद्यो गुरुदक्षिणार्थी कौत्सः प्रपेदे वरतन्तुशिष्यः ॥१
ତମଧ୍ୱରେ ବିଶ୍ୱଜିତି କ୍ଷିତୀଶଂ ନିଃଶେଷବିଶ୍ରାଣିତକୋଷଜାତମ୍ ।
ଉପାତ୍ତବିଦ୍ୟୋ ଗୁରୁଦକ୍ଷିଣାର୍ଥୀ କୌତ୍ସଃ ପ୍ରପେଦେ ବରତନ୍ତୁଶିଷ୍ୟଃ ।୧

स मृण्मये वीतहिरण्मयत्वात् पात्रे निधायार्घ्यमनर्घशीलः ।
श्रुतप्रकाशं यशसा प्रकाशः प्रत्युज्जगामातिथिमातिथेयः ॥२
ସ ମୃଣ୍ମୟେ ବୀତହିରଣ୍ମୟତ୍ୱାତ୍ ପାତ୍ରେ ନିଧାୟାର୍ଘ୍ୟମନର୍ଘଶୀଳଃ ।
ଶ୍ରୁତପ୍ରକାଶଂ ଯଶସା ପ୍ରକାଶଃ ପ୍ରତ୍ୟୁଜ୍ଜଗାମାତିଥିମାତିଥେୟଃ ॥୨

तमर्चयित्वा विधिवद् विधिज्ञस्तपोधनं मानधनाग्रयायी ।
विशांपतिर्विष्टरभाजमारात् कृताञ्जलिः कृत्यविदित्युवाच ॥३
ତମର୍ଚ୍ଚୟିତ୍ୱା ବିଧିବଦ୍‌ବିଧିଜ୍ଞସ୍ତପୋଧନଂ ମାନଧନାଗ୍ରୟାୟୀ ।
ବିଶାଂପତିର୍ବିଷ୍ଟରଭଜମାରାତ୍ କୃତାଞ୍ଜଳିଃ କୃତ୍ୟବିଦିତ୍ୟୁବାଚ ॥

अप्यग्रणीर्मन्त्रकृतामृषीणां कुशाग्रबुद्धे कुशली गुरुस्ते ।
यतस्त्वया ज्ञानमशेषमाप्तं लोकेन चैतन्यमिवोष्णरश्मेः ॥४
ଅପ୍ୟଗ୍ରଣୀର୍ମନ୍ତ୍ରକୃତାମୃଷୀଣାଂ କୁଶାଗ୍ରବୁଦ୍ଧେ କୁଶଳୀ ଗୁରୁସ୍ତେ ।
ଯତସ୍ତ୍ୱୟା ଜ୍ଞାନମଶେଷମାପ୍ତଂ ଲୋକେନ ଚୈତନ୍ୟମିବୋଷ୍ଣରଶ୍ମେଃ ॥୪

कायेन वाचा मनसापि शश्वद् यत् संभृतं वासवधैर्यलोपि ।
आपाद्यते न व्ययमन्तरायैः कच्चिन्महर्षेस्त्रिविधं तपस्तत् ॥५
କାୟେନ ବାଚା ମନସାପି ଶଶ୍ୱଦ୍ ଯତ୍ ସଂଭୃତଂ ବାସବଧୈର୍ଯ୍ୟଲୋପି ।
ଆପାଦ୍ୟତେ ନ ବ୍ୟୟମନ୍ତରାୟୈଃ କଚ୍ଚିନ୍ମହର୍ଷେସ୍ତ୍ରିବିଧଂ ତପସ୍ତତ୍ ॥୫

आधारबन्धप्रमुखैः प्रयत्नैः सम्बर्धितानां सुतनिर्विशेषम् ।
कच्चिन्न वाय्वादिरुपप्लवो वः श्रमच्छिदामाश्रमपादपानाम् ॥६
ଆଧାରବନ୍ଧପ୍ରମୁଖୈଃ ପ୍ରୟତ୍ନୈଃ ସଂବର୍ଦ୍ଧିତାନାଂ ସୁତନିର୍ବିଶେଷମ୍ ।
କଚ୍ଚିନ୍ନ ବାୟ୍ୱାଦିରୁପପ୍ଲବୋ ବଃ ଶ୍ରମଚ୍ଛିଦାମାଶ୍ରମପାଦପାନାମ୍ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚମ ସର୍ଗ

'ବରତନ୍ତୁ' ମହର୍ଷିଙ୍କର ଶିଷ୍ୟ 'କୌତ୍ସ' ସମସ୍ତ ବିଦ୍ୟା ଶିକ୍ଷା କରିସାରି ଗୁରୁଙ୍କୁ ଦକ୍ଷିଣା ଦେବାକୁ ଧନ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ମହାରାଜ ରଘୁଙ୍କ ନିକଟରେ ଉପସ୍ଥିତ ହେଲେ । ସେତେବେଳକୁ ରଘୁ ବିଶ୍ୱଜିତ୍ ଯଜ୍ଞ ସମ୍ପାଦନ କରି ସର୍ବସ୍ୱ ଦାନ କରି ସାରିଥିଲେ । ୧

ଅସାଧାରଣଚରିତ୍ରବାନ୍, କୀର୍ତ୍ତିପ୍ରସିଦ୍ଧ, ଅତିଥିପରାୟଣ ରଘୁ ସୁବର୍ଣ୍ଣପାତ୍ରର ଅଭାବରେ ଏକ ମୃତ୍ତିକାପାତ୍ରରେ ପୂଜାଦ୍ରବ୍ୟ ଧରି ପୂଜ୍ୟ ଅତିଥି କୌତ୍ସଙ୍କୁ ପାଛୋଟି ଆଣିବାକୁ ଗଲେ । ୨

ଯଶୋଧନମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ଶାସ୍ତ୍ରଜ୍ଞ, କାର୍ଯ୍ୟବିତ୍ ରାଜା ତପୋଧନଙ୍କୁ ଆସନରେ ବସାଇ ଯଥାବିଧି ପୂଜା କଲେ ଏବଂ ନିକଟରେ କୃତାଞ୍ଜଳିପୁଟରେ ଠିଆ ହୋଇ କହିଲେ :— ୩

"ହେ ତୀକ୍ଷ୍ଣବୁଦ୍ଧି ଋଷି, ଲୋକମାନେ ଯେପରି ସୂର୍ଯ୍ୟଙ୍କଠାରୁ ଚୈତନ୍ୟ (ଚିତ୍‌ଶକ୍ତି) ପ୍ରାପ୍ତ ହୁଅନ୍ତି, ଆପଣ ସେହିପରି ଆପଣଙ୍କ ଗୁରୁଙ୍କଠାରୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇଛନ୍ତି । ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଆପଣଙ୍କର ଗୁରୁ କୁଶଳରେ ଅଛନ୍ତି ତ ? ୪

ମହର୍ଷି କାୟମନୋବାକ୍ୟରେ ଯେଉଁ ତ୍ରିବିଧ ତପ ସଞ୍ଚୟ କରୁଛନ୍ତି, ଯାହା କି ଇନ୍ଦ୍ରଙ୍କର ମଧ୍ୟ ଧୈର୍ଯ୍ୟ ଲୋପ କରିବାକୁ ସମର୍ଥ, ତାହାକୁ କେହି ବିଘ୍ନ ସୃଷ୍ଟି କରି ନଷ୍ଟ କରୁନାହାନ୍ତି ତ ? ୫

ଆଶ୍ରମରେ ତପସ୍ୱୀମାନଙ୍କଦ୍ୱାରା ମୂଳରେ ମନ୍ଦା କରିବା, ପାଣି ଦେବା ପ୍ରଭୃତି ଯତ୍ନରେ ବୃକ୍ଷମାନେ ପୁତ୍ରସମାନ ବର୍ଦ୍ଧିତ ହୋଇଛନ୍ତି ଏବଂ କ୍ଳାନ୍ତ ଲୋକମାନଙ୍କର କ୍ଳାନ୍ତି ଦୂର କରୁଛନ୍ତି । ସେମାନଙ୍କ ଉପରେ ବାତ୍ୟା, ବନାଗ୍ନି ପ୍ରଭୃତି ବିପଦ ପଡୁନାହିଁ ତ ? ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

क्रियानिमित्तेष्वपि वत्सलत्वादभग्नकामा मुनिभिः कुशेषु ।
तदङ्कशय्याच्युतनाभिनाला कच्चिन्मृगीणामनघा प्रसूतिः ॥७
କ୍ରିୟାନିମିତ୍ତେଷ୍ୱପି ବତ୍ସଳତ୍ୱାଦଭଗ୍ନକାମା ମୁନିଭିଃ କୁଶେଷୁ ।
ତଦଙ୍କଶଯ୍ୟାଚ୍ୟୁତନାଭିନାଳା କଚ୍ଚିନ୍ ମୃଗୀଣାମନଘା ପ୍ରସୂତିଃ ॥୭

निर्वर्त्यते यैर्नियमाभिषेको येभ्यो निवापाञ्जलयः पितॄणाम् ।
तान्युञ्छषष्ठाङ्कितसैकतानि शिवानि वस्तीर्थजलानि कच्चित् ॥८
ନିର୍ବର୍ତ୍ତ୍ୟତେ ଯୈର୍ନିୟମାଭିଷେକୋ ଯେଭ୍ୟୋ ନିବାପାଞ୍ଜଳୟଃ ପିତୄଣାମ୍ ।
ତାନ୍ୟୁଞ୍ଛଷଷ୍ଠାଙ୍କିତସୈକତାନି ଶିବାନି ବସ୍ତୀର୍ଥଜଳାନି କଚ୍ଚିତ୍ ॥୮

नीवारपाकादि कडङ्गरीयैरामृश्यते जानपदैर्न कच्चित् ।
कालोपपन्नातिथिकल्प्यभागं वन्यं शरीरस्थितिसाधनं वः ॥९
ନୀବାରପାକାଦି କଡଙ୍ଗରୀୟୈରାମୃଶ୍ୟତେ ଜାନପଦୈର୍ନ କଚ୍ଚିତ୍ ।
କାଳୋପପନ୍ନାତିଥିକଳ୍ପ୍ୟଭାଗଂ ବନ୍ୟଂ ଶରୀରସ୍ଥିତିସାଧନଂ ବଃ ॥୯

अपि प्रसन्नेन महर्षिणा त्वं सम्यग् विनीयानुमतो गृहाय ।
कालो ह्ययं संक्रमितुं द्वितीयं सर्वोपकारक्षममाश्रमं ते ॥१०
ଅପି ପ୍ରସନ୍ନେନ ମହର୍ଷିଣା ତ୍ୱଂ ସମ୍ୟଗ୍ ବିନୀୟାନୁମତୋ ଗୃହାୟ ।
କାଳୋ ହ୍ୟୟଂ ସଂକ୍ରମିତୁଂ ଦ୍ୱିତୀୟଂ ସର୍ବୋପକାରକ୍ଷମମାଶ୍ରମଂ ତେ ॥୧୦

तवार्हतो नाभिगमेन तृप्तं मनो नियोगक्रिययोत्सुकं मे ।
अप्याज्ञया शासितुरात्मना वा प्राप्तोऽसि सम्भावयितुं वनान्माम् ॥११
ତବାର୍ହତୋ ନାଭିଗମେନ ତୃପ୍ତଂ ମନୋ ନିୟୋଗକ୍ରିୟୟୋତ୍ସୁକଂ ମେ ।
ଅପ୍ୟାଜ୍ଞୟା ଶାସିତୁରାତ୍ମନା ବା ପ୍ରାପ୍ତୋଽସି ସମ୍ଭାବୟିତୁଂ ବନାନ୍ମାମ୍ ॥୧୧

इत्यर्घ्यपात्रानुमितव्ययस्य रघोरुदारामपि गां निशम्य ।
स्वार्थोपपत्तिं प्रति दुर्बलाशस्तमित्यवोचद् वरतन्तुशिष्यः ॥१२
ଇତ୍ୟର୍ଘ୍ୟପାତ୍ରାନୁମିତବ୍ୟୟସ୍ୟ ରଘୋରୁଦାରାମପି ଗାଂ ନିଶମ୍ୟ ।
ସ୍ୱାର୍ଥୋପପତ୍ତିଂ ପ୍ରତି ଦୁର୍ବଳାଶସ୍ତମିତ୍ୟବୋଚଦ୍ ବରତନ୍ତୁଶିଷ୍ୟଃ ॥୧୨

सर्वत्र नो वार्तमवेहि राजन् नाथे कुतस्त्वय्यशुभं प्रजानाम् ।
सूर्ये तपत्यावरणाय दृष्टेः कल्पेत लोकस्य कथं तमिस्रा ॥१३
ସର୍ବତ୍ର ନୋ ବାର୍ତ୍ତମବେହି ରାଜନ୍ ନାଥେ କୁତସ୍ତ୍ୱୟ୍ୟଶୁଭଂ ପ୍ରଜାନାମ୍ ।
ସୂର୍ଯ୍ୟେ ତପତ୍ୟାବରଣାୟ ଦୃଷ୍ଟେଃ କଳ୍ପେତ ଲୋକସ୍ୟ କଥଂ ତମିସ୍ରା ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୃଗୀମାନଙ୍କର ନବଜାତ ଶାବକମାନେ କାର୍ଯ୍ୟ ଉଦ୍ଦେଶ୍ୟରେ ଥିବା କୁଶକୁ ଖାଇ ଯାଆନ୍ତି, ମୁନିମାନଙ୍କ କ୍ରୋଡଶଯ୍ୟାରେ ନାଭିନାଳ ମଧ୍ୟ ତ୍ୟାଗ କରନ୍ତି; ତଥାପି ସ୍ନେହଶୀଳ ମୁନିମାନେ ସେମାନଙ୍କୁ ବାଧା ଦିଅନ୍ତି-ନାହିଁ । ସେହି ନବଜାତ ମୃଗଶାବକମାନେ ନିରାପଦରେ ଅଛନ୍ତି ତ ? ୭

ଆଶ୍ରମର ପୁଣ୍ୟ ଜଳାଶୟର ଜଳଦ୍ୱାରା ଆପଣମାନେ ପ୍ରତିଦିନ ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରନ୍ତି ଏବଂ ପିତୃଗଣଙ୍କୁ ତର୍ପଣ-ଅଞ୍ଜଳି ଦାନ କରନ୍ତି । ତାହାର ବାଲୁକାମୟ କୂଳରେ 'ଉଞ୍ଛ'ର (ସାଉଁଟା ଧାନର) ଷଷ୍ଠାଂଶ (ରାଜାଙ୍କୁ କରଦେବା ଉଦ୍ଦେଶ୍ୟରେ) ରଖିଥାଆନ୍ତି । ସେହି ପବିତ୍ର ଜଳାଶୟର ଜଳ ଆପଣଙ୍କୁ ସୁଖଶାନ୍ତିପ୍ରଦ ହେଉଛି ତ ? ୮

ନୀବାର ଧାନ (ବିନା କର୍ଷଣରେ ଉତ୍ପନ୍ନ ଧାନ) ଆପଣମାନଙ୍କର ଶରୀରରକ୍ଷାର କାରଣ । ଅତିଥିମାନେ ଉପଯୁକ୍ତ ସମୟରେ ପହଞ୍ଚିଲେ ତାହାର (ନୀବାରଧାନର) ଅନ୍ନରୁ ସେମାନଙ୍କୁ ଭାଗ ମିଳେ । ଗୋରୁ, ମହିଷ ପ୍ରଭୃତି ଗ୍ରାମ୍ୟ ପଶୁମାନେ ଆସି ସେହି ଧାନକୁ ଖାଇ ଯାଉ- ନାହାନ୍ତି ତ ? ୯

ମହର୍ଷି ଆପଣଙ୍କୁ ଉତ୍ତମରୂପେ ଶିକ୍ଷା ଦେଇ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ପ୍ରସନ୍ନଚିତ୍ତରେ ଅନୁମତି ଦେଇଛନ୍ତି ତ ? କାରଣ, ଯେଉଁ ଗୃହସ୍ଥାଶ୍ରମ ସବୁ ଆଶ୍ରମର ମଙ୍ଗଳ କରିବାକୁ ସମର୍ଥ, ସେଥିରେ ଆପଣଙ୍କର ପ୍ରବେଶ କରିବାର ସମୟ ହୋଇଗଲାଣି । ୧୦

"ଆପଣ ମୋର ପୂଜ୍ୟ । ଆପଣଙ୍କର କେବଳ ଆଗମନଦ୍ୱାରା ମୋର ମନ ତୃପ୍ତି ଲାଭ କରୁନାହିଁ; କିନ୍ତୁ ଆପଣଙ୍କର ଆଜ୍ଞା ପାଳନ କରିବାକୁ ମନ ଉତ୍ସୁକ ହେଉଛି । ତେବେ ଆପଣ ଗୁରୁଙ୍କ ଆଜ୍ଞାରେ ନା ନିଜ ଇଚ୍ଛାରେ ମୋତେ କୃତାର୍ଥ କରିବାକୁ ବନରୁ ଆସିଛନ୍ତି, କହନ୍ତୁ ।" ୧୧

କୌତ୍ସ ରଘୁଙ୍କର ଏହିପରି ଉଦାର ବଚନ ଶୁଣିଲେ, କିନ୍ତୁ ମାଟି-ପାତ୍ର ଦେଖି ତାଙ୍କର ସମସ୍ତ ଧନ ନିଃଶେଷ ହୋଇଥିବାର ବୁଝିପାରିଲେ । ତେଣୁ ନିଜର କାର୍ଯ୍ୟ ସିଦ୍ଧ ହେବ ନାହିଁ ବୋଲି ଭାବି, ନିରାଶ ହୋଇ ରାଜାଙ୍କୁ କହିଲେ :—୧୨

"ରାଜନ୍, ଆମ୍ଭମାନଙ୍କର ସମସ୍ତ ମଙ୍ଗଳ । ଆପଣ ଥାଉଁ ଥାଉଁ ପ୍ରଜାମାନଙ୍କର ଅମଙ୍ଗଳ ବା ଆସିବ କାହୁଁ ? ସୂର୍ଯ୍ୟ କିରଣ ଦେଉଥିବାବେଳେ ଅନ୍ଧକାର କଅଣ ଲୋକମାନଙ୍କର ଦୃଷ୍ଟି ନିରୋଧ କରିପାରେ ? ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भक्तिः प्रतीक्ष्येषु कुलोचिता ते पूर्वान् महाभाग तयातिशेषे ।
व्यतीतकालस्त्वहमभ्युपेतस्त्वामर्थिभावादिति मे विषादः ॥१४
ଭକ୍ତିଃ ପ୍ରତୀକ୍ଷ୍ୟେଷୁ କୁଳୋଚିତା ତେ ପୂର୍ବାନ୍ ମହାଭାଗ ତୟାତିଶେଷେ ।
ବ୍ୟତୀତକାଲସ୍ତ୍ୱହମଭ୍ୟୁପେତସ୍ତ୍ୱାମର୍ଥିଭାବାଦିତି ମେ ବିଷାଦଃ ॥୧୪

शरीरमात्रेण नरेन्द्र तिष्ठन्नाभासि तीर्थप्रतिपादितर्द्धिः ।
आरण्यकोपात्तफलप्रसूतिः स्तम्बेन नीवार इवावशिष्टः ॥१५
ଶରୀରମାତ୍ରେଣ ନରେନ୍ଦ୍ର ତିଷ୍ଠନ୍ନାଭାସି ତୀର୍ଥପ୍ରତିପାଦିତର୍ଦ୍ଧିଃ ।
ଆରଣ୍ୟକୋପାତ୍ତଫଳପ୍ରସୂତିଃ ସ୍ତମ୍ବେନ ନୀବାର ଇବାବଶିଷ୍ଟଃ ॥୧୫

स्थाने भवानेकनराधिपः सन्नकिञ्चनत्वं मखजं व्यनक्ति ।
पर्य्यायपीतस्य सुरैर्हिमांशोः कलाक्षयः श्लाघ्यतरो हि वृद्धेः ॥१६
ସ୍ଥାନେ ଭବାନେକନରାଧିପଃ ସନ୍ନକିଞ୍ଚନତ୍ୱଂ ମଖଜଂ ବ୍ୟନକ୍ତି ।
ପର୍ଯ୍ୟାୟପୀତସ୍ୟ ସୁରୈର୍ହିମାଂଶୋଃ କଳାକ୍ଷୟଃ ଶ୍ଳାଘ୍ୟତରୋ ହି ବୃଦ୍ଧେଃ ॥୧୬

तदन्यतस्तावदनन्यकार्य्यो गुर्वर्थमाहर्त्तुमहं यतिष्ये ।
स्वस्त्यस्तु ते निर्गलिताम्बुगर्भं शरद्घनं नार्दति चातकोऽपि ॥१७
ତଦନ୍ୟତସ୍ତାବଦନନ୍ୟକାର୍ଯ୍ୟୋ ଗୁର୍ବର୍ଥମାହର୍ତ୍ତୁମହଂ ଯତିଷ୍ୟେ ।
ସ୍ୱସ୍ତ୍ୟସ୍ତୁ ତେ ନିର୍ଗଳିତାମ୍ବୁଗର୍ଭଂ ଶରଦ୍ଘନଂ ନାର୍ଦତି ଚାତକୋଽପି ॥୧୭

एतावदुक्त्वा प्रतियातुकामं शिष्यं महर्षेर्नृपतिर्निषिध्य ।
किं वस्तु विद्वन् गुरवे प्रदेयं त्वया कियद्वेति तमन्वयुङ्क्त ॥१८
ଏତାବଦୁକ୍ତ୍ୱା ପ୍ରତିଯାତୁକାମଂ ଶିଷ୍ୟଂ ମହର୍ଷେର୍ନୃପତିର୍ନିଷିଧ୍ୟ ।
କିଂ ବସ୍ତୁ ବିଦ୍ୱନ୍ ଗୁରବେ ପ୍ରଦେୟଂ ତ୍ୱୟା କିୟଦ୍ୱେତି ତମନ୍ୱୟୁଙ୍କ୍ତ ॥୧୮

ततो यथावद्विहिताध्वराय तस्मै स्मयावेशविवर्जिताय ।
वर्ण्णाश्रमाणां गुरवे स वर्ण्णी विचक्षणः प्रस्तुतमाचचक्षे ॥१६
ତତୋ ଯଥାବଦ୍ ବିହିତାଧ୍ୱରାୟ ତସ୍ମୈ ସ୍ମୟାବେଶବିବର୍ଜିତାୟ ।
ବର୍ଣ୍ଣାଶ୍ରମାଣାଂ ଗୁରବେ ସ ବର୍ଣ୍ଣୀ ବିଚକ୍ଷଣଃ ପ୍ରସ୍ତୁତମାଚଚକ୍ଷେ ॥୧୯

समाप्तविद्येन मया महर्षिर्विज्ञापितोऽभूद् गुरुदक्षिणायै ।
स मे चिरायास्खलितोपचारां तां भक्तिमेवागणयत् पुरस्तात् ॥ २०
ସମାପ୍ତବିଦ୍ୟେନ ମୟା ମହର୍ଷିର୍ବିଜ୍ଞାପିତୋଽଭୂଦ୍ ଗୁରୁଦକ୍ଷିଣାୟୈ ।
ସ ମେ ଚିରାୟାସ୍ଖଳିତୋପଚାରାଂ ତାଂ ଭକ୍ତିମେବାଗଣୟତ୍ ପୁରସ୍ତାତ୍ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୂଜ୍ୟମାନଙ୍କୁ ପୂଜା କରିବା ଆପଣଙ୍କର ବଂଶପରଂପରାଗତ ଧର୍ମ । ଅଧିକନ୍ତୁ ଆପଣ ପୂର୍ବପୁରୁଷମାନଙ୍କୁ ଏ ବିଷୟରେ ବଳିଯାଇଛନ୍ତି । ମାତ୍ର ମୁଁ ଯେ ବିଳମ୍ବରେ ଆପଣଙ୍କ ନିକଟକୁ ପ୍ରାର୍ଥୀ ହୋଇ ଆସିଲି, ଏଥିପାଇଁ ମୋ ମନରେ ବିଷାଦ ଜାତ ହେଉଅଛି । ୧୪

ମୁନିମାନେ ନୀବାରଧାନର ଗଛରୁ ଶସ୍ୟ ତୋଳିନେଲା ପରେ ସେହି ଗଛ କେବଳ ନଡ଼ାରୂପେ ରହି ଯେପରି ସାର୍ଥକସୁନ୍ଦର ଦିଶେ, ଆପଣ ସତ୍‌ପାତ୍ରମାନଙ୍କୁ ସମସ୍ତ ସମ୍ପଦ ଦାନ କରିଦେଇ, ଶରୀରମାତ୍ର ଧରି ସେହି-ପରି ଶୋଭ ପାଉଛନ୍ତି । ୧୫

ଆପଣ ଚକ୍ରବର୍ତ୍ତୀ ରଜା ହୋଇ ମଧ୍ୟ ଯଜ୍ଞରେ ସର୍ବସ୍ୱ ଦାନ କରି ଦରିଦ୍ର ହୋଇଛନ୍ତି; କିନ୍ତୁ ଆପଣଙ୍କର ଦରିଦ୍ରତା ଆମ୍ଭମାନଙ୍କୁ ଅଧିକ ଉତ୍ତମ ବୋଧ ହେଉଅଛି । ଦେବତାମାନେ ଚନ୍ଦ୍ରର ଅମୃତ ପାନ କରିବା ଫଳରେ ଚନ୍ଦ୍ର କ୍ଷୀଣ ହୋଇଯାଏ ସତ, ମାତ୍ର ସେହି କ୍ଷୀଣତା ତାହାର ବୃଦ୍ଧିଠାରୁ ଅଧିକ ପ୍ରଶଂସନୀୟ । ୧୬

ତେଣୁ ମୁଁ ଅନ୍ୟ କାହାରିଠାରୁ ଗୁରୁଙ୍କ ନିମନ୍ତେ ଅର୍ଥ ପାଇବାକୁ ଯତ୍ନ କରିବି । ଏହା ଛଡା ମୋର ଅନ୍ୟ କୌଣସି କାର୍ଯ୍ୟ ନାହିଁ । ଆପଣଙ୍କର ମଙ୍ଗଳ ହେଉ । ଯେଉଁ ଶରତ୍‌କାଳୀନ ମେଘ ଜଳ ବର୍ଷିବର୍ଷି ଜଳ ସାରିଦେଇ-ଥାଏ, ତାହାକୁ ଚାତକ ମଧ୍ୟ ଜଳ ମାଗେ ନାହିଁ ।" ୧୭

ଏହା କହି ବରତନ୍ତୁ ମହର୍ଷିଙ୍କର ଶିଷ୍ୟ ଯିବାପାଇଁ ବାହାରନ୍ତେ ରଜା ତାହାଙ୍କୁ ବାରଣ କରି ପଚାରିଲେ, "ହେ ବିଦ୍ୱାନ୍, ଗୁରୁଙ୍କୁ ଆପଣଙ୍କର କି ପଦାର୍ଥ କେତେ ଦେବାର କଥା ?" ୧୮

ତା'ପରେ ଯଥାବିଧି-ଯଜ୍ଞସମ୍ପାଦନକାରୀ, ଅହଙ୍କାରଶୂନ୍ୟ, ସମସ୍ତ ବର୍ଣ୍ଣାଶ୍ରମର ରକ୍ଷକ ରଜାଙ୍କୁ ବିଦ୍ୱାନ ବ୍ରହ୍ମଚାରୀ ପ୍ରକୃତ କଥା ଜଣାଇଲେ :— ୧୯

"ମୁଁ ସମସ୍ତ ବିଦ୍ୟା ଶିକ୍ଷା କରିସାରି ମହର୍ଷିଙ୍କୁ ଗୁରୁଦକ୍ଷିଣା ଗ୍ରହଣ କରିବାକୁ ଜଣାଇଲି । ସେ ମୋର ବହୁକାଳର ତ୍ରୁଟିହୀନ ସେବାକୁ ହିଁ ଯଥେଷ୍ଟ ମନେ କଲେ । (ସେ ମୋର ସେବାରେ ହିଁ ସନ୍ତୁଷ୍ଟ ହୋଇଥିଲେ, ଦକ୍ଷିଣା ଦରକାର ନାହିଁ ବୋଲି କହିଲେ ।) ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निर्बन्धसञ्जातरुषार्थकार्श्यमचिन्तयित्वा गुरुणाहमुक्तः ।
वित्तस्य विद्यापरिसंख्यया मे कोटीश्चतस्रो दश चाहरेति ॥ २१
ନିର୍ବନ୍ଧସଂଜାତରୁଷାର୍ଥକାର୍ଶ୍ୟମଚିନ୍ତୟିତ୍ୱା ଗୁରୁଣାହମୁକ୍ତଃ ।
ବିତ୍ତସ୍ୟ ବିଦ୍ୟାପରିସଂଖ୍ୟୟା ମେ କୋଟୀଶ୍ଚତସ୍ରୋ ଦଶ ଚାହରେତି ॥୨୧

सोऽहं सपर्याविधिभाजनेन मत्वा भवन्तं प्रभुशब्दशेषम् ।
अभ्युत्सहे संप्रति नोपरोद्धुमल्पेतरत्वाच्छ्रुतनिष्क्रयस्य ॥२२
ସୋଽହଂ ସପର୍ଯ୍ୟାବିଧିଭାଜନେନ ମତ୍ୱା ଭବନ୍ତଂ ପ୍ରଭୁଶବ୍ଦଶେଷମ୍ ।
ଅଭ୍ୟୁତ୍ସହେ ସଂପ୍ରତି ନୋପରୋଦ୍ଧୁମଲ୍ପେତରତ୍ୱାଚ୍ଛ୍ରୁତନିଷ୍କ୍ରୟସ୍ୟ ॥୨୨

इत्थं द्विजेन द्विजराजकान्तिरावेदितो वेदविदां वरेण ।
एनोनिवृत्तेन्द्रियवृत्तिरेनं जगाद भूयो जगदेकनाथः ॥२३
ଇତ୍ଥଂ ଦ୍ୱିଜେନ ଦ୍ୱିଜରାଜକାନ୍ତିରାବେଦିତୋ ବେଦବିଦାଂ ବରେଣ ।
ଏନୋନିବୃତ୍ତେନ୍ଦ୍ରିୟବୃତ୍ତିରେନଂ ଜଗାଦ ଭୂୟୋ ଜଗଦେକନାଥଃ ॥୨୩

गुर्वर्थमर्थी श्रुतपारदृश्वा रघोः सकाशादनवाप्य कामम् ।
गतो वदान्यान्तरमित्ययं मे मा भूत् परीवादनवावतारः ॥२४
ଗୁର୍ବର୍ଥମର୍ଥୀ ଶ୍ରୁତପାରଦୃଶ୍ୱା ରଘୋଃ ସକାଶାଦନବାପ୍ୟ କାମମ୍ ।
ଗତୋ ବଦାନ୍ୟାନ୍ତରମିତ୍ୟୟଂ ମେ ମାଭୂତ୍ ପରୀବାଦନବାବତାରଃ ॥୨୪

स त्वं प्रशस्ते महिते मदीये वसंश्चतुर्थोऽग्निरिवाग्न्यगारे ।
द्वित्राण्यहान्यर्हसि सोढुमर्हन् यावद् यते साधयितुं त्वदर्थम् ॥२५
ସ ତ୍ୱଂ ପ୍ରଶସ୍ତେ ମହିତେ ମଦୀୟେ ବସଂଶ୍ଚତୁର୍ଥୋଽଗ୍ନିରିବାଗ୍ନ୍ୟଗାରେ ।
ଦ୍ୱିତ୍ରାଣ୍ୟହାନ୍ୟର୍ହସି ସୋଢୁମର୍ହନ୍ ଯାବଦ୍ ଯତେ ସାଧୟିତୁଂ ତ୍ୱଦର୍ଥମ୍ ॥୨୫

तथेति तस्यावितथं प्रतीतः प्रत्यग्रहीत् सङ्गरमग्रजन्मा ।
गामात्तसारां रघुरप्यवेक्ष्य निष्क्रष्टुमर्थं चकमे कुबेरात् ॥२६
ତଥେତି ତସ୍ୟାବିତଥଂ ପ୍ରତୀତଃ ପ୍ରତ୍ୟଗ୍ରହୀତ୍ ସଙ୍ଗରମଗ୍ରଜନ୍ମା ।
ଗାମାତ୍ତସାରାଂ ରଘୁରପ୍ୟବେକ୍ଷ୍ୟ ନିଷ୍କ୍ରଷ୍ଟୁମର୍ଥଂ ଚକମେ କୁବେରାତ୍ ॥୨୬

वसिष्ठमन्त्रोक्षणजात् प्रभावादुदन्वदाकाशमहीधरेषु ।
मरुत्सखस्येव बलाहकस्य गतिर्विजघ्ने न हि तद्रथस्य ॥२७
ବସିଷ୍ଠ ମନ୍ତ୍ରୋକ୍ଷଣଜାତ୍ ପ୍ରଭବାଦୁଦନ୍ୱଦାକାଶମହୀଧରେଷୁ ।
ମରୁତ୍ସଖସ୍ୟେବ ବଲାହକସ୍ୟ ଗତିର୍ବିଜଘ୍ନେ ନ ହି ତଦ୍ରଥସ୍ୟ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା ପରେ ମୁଁ ତାଙ୍କୁ କିଛି ଦକ୍ଷିଣା ଗ୍ରହଣ କରିବାପାଇଁ ବାରମ୍ବାର ଅନୁରୋଧ କରିବାରୁ ସେ କ୍ରୁଦ୍ଧ ହୋଇଗଲେ ଏବଂ ମୋର ଦାରିଦ୍ର୍ୟ ପ୍ରତି ଧ୍ୟାନ ନ ଦେଇ କହିଲେ–"ତା' ହେଲେ ତୁମେ ମୋଠାରୁ ଚତୁର୍ଦ୍ଦଶ ବିଦ୍ୟା ଶିକ୍ଷା କରିଛ, ତେଣୁ ଚତୁର୍ଦ୍ଦଶ କୋଟି ଦ୍ରବ୍ୟ ଦକ୍ଷିଣା ଦିଅ । ୨୧"

ତେଣୁ ମୁଁ ଗୁରୁଙ୍କ ନିମନ୍ତେ ଦକ୍ଷିଣା ମାଗିବାକୁ ଆପଣଙ୍କ ନିକଟକୁ ଆସିଥିଲି । ଆପଣ ଯେଉଁ ମାଟିପାତ୍ରରେ ମୋର ଅର୍ଚ୍ଚନା କଲେ, ସେଥିରୁ ଜାଣିଲି ଯେ ଆପଣଙ୍କର 'ପ୍ରଭୁ' ଶବ୍ଦ ମାତ୍ରହିଁ ଅବଶିଷ୍ଟ ରହିଛି (ଆପଣ ବର୍ତ୍ତମାନ ନିଃସ୍ୱ) । ମୋର ଗୁରୁଦକ୍ଷିଣାର ପରିମାଣ ମଧ୍ୟ ବହୁତ । ତେଣୁ ଆପଣଙ୍କୁ ଆଉ ଏ ବିଷୟରେ ଅନୁରୋଧ କରିବାକୁ ମୋର ଉତ୍ସାହ ଆସୁନାହିଁ ।" ୨୨

ଶ୍ରେଷ୍ଠ ବେଦଜ୍ଞ, ବ୍ରାହ୍ମଣ କୌତ୍ସ ଏହିପରି କହନ୍ତେ, ଚନ୍ଦ୍ର ସଦୃଶ କାନ୍ତିମାନ୍, ଜଗତର ସାର୍ବଭୌମ ରାଜା, ସମସ୍ତ ପାପ-ଇନ୍ଦ୍ରିୟବୃତ୍ତିରୁ ନିବୃତ୍ତ ରଘୁ ତାଙ୍କୁ କହିଲେ– ୨୩

"ହେ ପୂଜ୍ୟ ! ସର୍ବବିଦ୍ୟାରେ ପାରଦର୍ଶୀ କୌତ୍ସ ରଘୁଙ୍କୁ ଗୁରୁଦକ୍ଷିଣା ମାଗି ଅନ୍ୟ ଦାତାଙ୍କ ନିକଟକୁ ଗଲେ–ଏହି ନୂତନ ନିନ୍ଦା ମୋତେ ନ ମିଳୁ । ୨୪

ତେଣୁ ଆପଣ ମୋର ସର୍ବଜନପୂଜିତ, ପ୍ରଶସ୍ତ ଅଗ୍ନିଗୃହରେ (ଯେଉଁଠାରେ ଦକ୍ଷିଣା, ଗାର୍ହପତ୍ୟ ଓ ଆହବନୀୟ–ଏହି ତିନି ଅଗ୍ନି ରହିଛନ୍ତି) ଚତୁର୍ଥ ଅଗ୍ନିଭଳି ରହି ଦୁଇ ତିନି ଦିନ ଅପେକ୍ଷା କରନ୍ତୁ । ହେ ପୂଜ୍ୟ, ମୁ ସେହି ସମୟ ମଧ୍ୟରେ ଆପଣଙ୍କର ପ୍ରୟୋଜନ ପୂର୍ଣ୍ଣ କରିବାପାଇଁ ଯତ୍ନ କରିବି ।" ୨୫

ବ୍ରାହ୍ମଣ କୌତ୍ସ ରଘୁଙ୍କ ପ୍ରତିଜ୍ଞା କେବେ ନିଷ୍ଫଳ ହୁଏ ନାହିଁ ବୋଲି ଜାଣିଥିଲେ, ତେଣୁ ସେଥିରେ ସମ୍ମତ ହେଲେ । ରଘୁ ମଧ୍ୟ ପୃଥିବୀରୁ ଧନ ସଂଗୃହୀତ ହୋଇ ସାରିଥିବାର ଜାଣିଥିଲେ । ତେଣୁ ସେ କୁବେରଙ୍କଠାରୁ ଧନ ଆଣିବାକୁ ଇଚ୍ଛା କଲେ । ୨୬

ବାୟୁର ସହାୟତାରେ ମେଘର ଗତି ଯେପରି କେଉଁଠାରେ ବ୍ୟାହତ ହୁଏ ନାହିଁ, ବଶିଷ୍ଠଙ୍କ ଅଭିମନ୍ତ୍ରିତ ଜଳସିଞ୍ଚନର ପ୍ରଭାବରେ ରଘୁଙ୍କ ରଥର ଗତି ସେହିପରି ସମୁଦ୍ର, ଆକାଶ କିମ୍ବା ପର୍ବତ–କେଉଁଠାରେ ବ୍ୟାହତ ହେଉ ନ ଥିଲା । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथाधिशिश्ये प्रयतः प्रदोषे रथं रघुः कल्पितशस्त्रगर्भम् ।
सामन्तसंभावनयैव धीरः कैलासनाथं तरसा जिगीषुः ॥२८
ଅଥାଧିଶିଶ୍ୟେ ପ୍ରୟତଃ ପ୍ରଦୋଷେ ରଥଂ ରଘୁଃ କଳ୍ପିତଶସ୍ତ୍ରଗର୍ଭମ୍ ।
ସାମନ୍ତସଂଭବନେୟୈବ ଧୀରଃ କୈଳାସନାଥଂ ତରସା ଜିଗୀଷୁଃ ॥୨୮

प्रातः प्रयाणाभिमुखाय तस्मै सविस्मयाः कोषगृहे नियुक्ताः ।
हिरण्मयीं कोषगृहस्य मध्ये वृष्टिं शशंसुः पतितां नभस्तः ॥२९
ପ୍ରାତଃ ପ୍ରୟାଣାଭିମୁଖାୟ ତସ୍ମୈ ସବିସ୍ମୟାଃ କୋଷଗୃହେ ନିଯୁକ୍ତାଃ ।
ହିରଣ୍ମୟୀଂ କୋଷଗୃହସ୍ୟ ମଧ୍ୟେ ବୃଷ୍ଟିଂ ଶଶଂସୁଃ ପତିତାଂ ନଭସ୍ତଃ ॥୨୯

तं भूपतिर्भासुरहेमराशिं लब्धं कुबेरादभियास्यमानात् ।
दिदेश कौत्साय समस्तमेव शृङ्गं सुमेरोरिव वज्रभिन्नम् ॥३०
ତଂ ଭୂପତିର୍ଭସୁରହେମରାଶିଂ ଲବ୍ଧଂ କୁବେରାଦଭିଯାସ୍ୟମାନାତ୍ ।
ଦିଦେଶ କୌତ୍ସାୟ ସମସ୍ତମେବ ଶୃଙ୍ଗଂ ସୁମେରୋରିବ ବଜ୍ରଭିନ୍ନମ୍ ॥୩୦

जनस्य साकेतनिवासिनस्तौ द्वावप्यभूतामभिनन्द्यसत्त्वौ ।
गुरुप्रदेयाधिकनिःस्पृहोऽर्थी नृपोऽर्थिकामादधिकप्रदश्च ॥३१
ଜନସ୍ୟ ସାକେତନିବାସିନସ୍ତୌ ଦ୍ୱାବପ୍ୟଭୂତାମଭିନନ୍ଦ୍ୟସତ୍ତ୍ୱୌ ।
ଗୁରୁପ୍ରଦେୟାଧିକନିଃସ୍ପୃହୋଽର୍ଥୀ ନୃପୋଽର୍ଥିକାମାଦଧିକପ୍ରଦଶ୍ଚ ॥୩୧

अथोष्ट्रवामीशतवाहितार्थं प्रजेश्वरं प्रीतमना महर्षिः ।
स्पृशन् करेणानतपूर्वकायं संप्रस्थितो वाचमुवाच कौत्सः ॥३२
ଅଥୋଷ୍ଟ୍ରବାମୀଶତବାହିତାର୍ଥଂ ପ୍ରଜେଶ୍ୱରଂ ପ୍ରୀତମନା ମହର୍ଷିଃ ।
ସ୍ପୃଶନ୍ କରେଣାନତପୂର୍ବକାୟଂ ସଂପ୍ରସ୍ଥିତୋ ବାଚମୁବାଚ କୌତ୍ସଃ ॥୩୨

किमत्र चित्रं यदि कामसूर्भूर्वृत्ते स्थितस्याधिपतेः प्रजानाम् ।
अचिन्तनीयस्तु तव प्रभावो मनीषितं द्यौरपि येन दुग्धा ॥३३
କିମତ୍ର ଚିତ୍ରଂ ଯଦି କାମସୂର୍ଭୂର୍ବୃତ୍ତେ ସ୍ଥିତସ୍ୟାଧିପତେଃ ପ୍ରଜାନାମ୍
ଅଚିନ୍ତନୀୟସ୍ତୁ ତବ ପ୍ରଭବୋ ମନୀଷିତଂ ଦ୍ୟୌରପି ଯେନ ଦୁଗ୍ଧା ॥୩୩

आशास्यमन्यन् पुनरुक्तभूतं श्रेयांसि सर्वाण्यधिजग्मुषस्ते ।
पुत्रं लभस्वात्मगुणानुरूपं भवन्तमीड्यं भवतः पितेव ॥३५
ଆଶାସ୍ୟମନ୍ୟତ୍ ପୁନରୁକ୍ତଭୂତଂ ଶ୍ରେୟାଂସି ସର୍ବାଣ୍ୟଧିଜଗ୍ମୁଷସ୍ତେ ।
ପୁତ୍ରଂ ଲଭସ୍ୱାତ୍ମଗୁଣାନୁରୂପଂ ଭବନ୍ତମୀଡ୍ୟଂ ଭବତଃ ପିତେବ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା' ପରେ ଧୈର୍ଯ୍ୟଶାଳୀ ରଘୁ କୈଳାସ-ଅଧିପତି କୁବେରଙ୍କୁ ଏକ ସାଧାରଣ ସାମନ୍ତରାଜା ବୋଲି ମନେକରି (କୁବେର ଯେ ଯକ୍ଷମାନଙ୍କର ରାଜା ଏବଂ ଜଣେ ଲୋକପାଳ, ଏହା ମନେ ନ କରି) ଜୟ କରିବାକୁ ଇଚ୍ଛା କଲେ ଏବଂ ସନ୍ଧ୍ୟା ସମୟରେ ରଥମଧ୍ୟରେ ସମସ୍ତ ଅସ୍ତ୍ରଶସ୍ତ୍ର ରଖି ତା' ମଧ୍ୟରେ ଶୟନ କଲେ । ୨୮

ସକାଳେ ରାଜା ଯେତେବେଳେ ଅଭିଯାନ କରିବାକୁ ବାହାରିଲେ, ସେତେବେଳେ ରାଜକୋଷ—ଦାୟିତ୍ୱରେ ଥିବା କର୍ମଚାରୀମାନେ ବିସ୍ମୟର ସହିତ ତାଙ୍କୁ ଜଣାଇଲେ, "ମହାରାଜ, ରାଜକୋଷରେ ସ୍ୱର୍ଗରୁ ସୁବର୍ଣ୍ଣ ବୃଷ୍ଟି ହୋଇଛି ।" ୨୯

ରାଜା ଯେହେତୁ କୁବେରଙ୍କୁ ଆକ୍ରମଣ କରିବାକୁ ବାହାରିଥିଲେ, ତେଣୁ କୁବେର ତାହା ଜାଣି ରାତିରେ ଉଜ୍ଜ୍ୱଳ ସୁବର୍ଣ୍ଣରାଶି ତାଙ୍କୁ ଦାନ କରିଥିଲେ । ସେ ସମସ୍ତ ଜମା ହୋଇ ବଜ୍ରବିଦୀର୍ଣ୍ଣ ସୁମେରୁ ପର୍ବତର ଏକ ଛୋଟ ପଥର-ଗଦା ପରି ଦେଖାଯାଉଥିଲା । ରାଜା ସେ ସମସ୍ତ କୌତ୍ସ ମୁନିଙ୍କୁ ଅର୍ପଣ କରିଦେଲେ । ୨୯

ଗୁରୁ ଯେତିକି ଦକ୍ଷିଣା ନେବାର କଥା, ତାଠାରୁ ଅଧିକ ନେବାକୁ ଜଣେ ନିଃସ୍ପୃହ ଏବଂ ପ୍ରାର୍ଥୀ ଯେତିକି ମାଗୁଛି, ତାଠାରୁ ଅଧିକ ଦେବାକୁ ଅନ୍ୟ ଜଣେ ଆଗ୍ରହୀ । ତେଣୁ ପ୍ରାର୍ଥୀ କୌତ୍ସ ଏବଂ ଦାତା ରଘୁଙ୍କର କାର୍ଯ୍ୟକୁ ସାକେତର (ଅଯୋଧ୍ୟାର) ସମସ୍ତ ଲୋକ ଅତ୍ୟନ୍ତ ପ୍ରଶଂସା କରି-ବାକୁ ଲାଗିଲେ । ୩୦

ତା' ପରେ ପ୍ରୀତମନା କୌତ୍ସ ଯେତେବେଳେ ଯିବାକୁ ବାହାରିଲେ, ରାଜା ଶତ ଶତ ଓଟ ଏବଂ ଅଶ୍ୱମାନଙ୍କଦ୍ୱାରା ତାଙ୍କ ଧନକୁ ଦେଇଆସିବାର ବନ୍ଦୋବସ୍ତ କରିଦେଲେ । କୌତ୍ସ ବିନୟାବନତ ରାଜାଙ୍କୁ ହସ୍ତରେ ଆଉଁଷି-ଦେଇ କହିଲେ :— ୩୧

"କର୍ତ୍ତବ୍ୟପାଳନଶୀଳ ରାଜାଙ୍କପାଇଁ ଯଦି ପୃଥିବୀ ଅଭିଳଷିତ ଧନ ପ୍ରସବ କରେ, ସେଥିରେ ଆଶ୍ଚର୍ଯ୍ୟ କଅଣ ଅଛି ? କିନ୍ତୁ ଆପଣଙ୍କର ପ୍ରଭାବ ହିଁ ଆଶ୍ଚର୍ଯ୍ୟଜନକ, ଯାହାଦ୍ୱାରା ଆପଣ ସ୍ୱର୍ଗକୁ ମଧ୍ୟ ଦୋହନ କରିପାରୁଛନ୍ତି । ୩୩

"ଆପଣ ସବୁପ୍ରକାର ମଙ୍ଗଳ ଲାଭ କରିସାରିଲେଣି । ଆପଣଙ୍କୁ ଅନ୍ୟ କୌଣସି ବିଷୟରେ ଆଶୀର୍ବାଦ ଦେବା ବାହୁଲ୍ୟ ମାତ୍ର ହେବ । ତେଣୁ ଆପଣଙ୍କ ପିତା ଯେପରି ଆପଣଙ୍କ ପରି ଯୋଗ୍ୟପୁତ୍ର ପାଇ ଧନ୍ୟ ହୋଇ-ଛନ୍ତି, ଆପଣ ସେହିପରି ନିଜ ଅନୁରୂପ ପୁତ୍ରଟିଏ ଲାଭ କରନ୍ତୁ ।" ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्थं प्रयुज्याशिषमग्रजन्मा राज्ञे प्रतीयाय गुरोः सकाशम् ।
राजापि लेभे सुतमाशु तस्मादालोकमर्कादिव जीवलोकः ॥३५
ଇତ୍ଥଂ ପ୍ରଯୁଜ୍ୟାଶିଷମଗ୍ରଜନ୍ମା ରାଜ୍ଞେ ପ୍ରତୀୟାୟ ଗୁରୋଃ ସକାଶମ୍ ।
ରାଜାପି ଲେଭେ ସୁତମାଶୁ ତସ୍ମାଦାଲୋକମର୍କାଦିବ ଜୀବଲୋକଃ ॥୩୫

ब्राह्मे मुहूर्त्ते किल तस्य देवी कुमारकल्पं सुषुवे कुमारम् ।
अतः पिता ब्रह्मण एव नाम्ना तमात्मजन्मान मजं चकार ॥३६
ବ୍ରାହ୍ମେ ମୁହୂର୍ତ୍ତେ କିଳ ତସ୍ୟ ଦେବୀ କୁମାରକଳ୍ପଂ ସୁଷୁବେ କୁମାରମ୍ ।
ଅତଃ ପିତା ବ୍ରହ୍ମଣ ଏବ ନାମ୍ନା ତମାତ୍ମଜନ୍ମାନ ମଜଂ ଚକାର ॥୩୬

रूपं तदोजस्वि तदेव वीर्यं तदेव नैसर्गिकमुन्नतत्वम् ।
न कारणात् स्वाद् बिभिदे कुमारः प्रवर्त्तितो दीप इव प्रदीपात् ॥३७
ରୂପଂ ତଦୋଜସ୍ୱି ତଦେବ ବୀର୍ଯ୍ୟଂ ତଦେବ ନୈସର୍ଗିକମୁନ୍ନତତ୍ୱମ୍ ।
ନ କାରଣାତ୍ ସ୍ୱାଦ୍ ବିଭିଦେ କୁମାରଃ ପ୍ରବର୍ତ୍ତିତୋ ଦୀପ ଇବ ପ୍ରଦୀପାତ୍ ॥୩୭

उपात्तविद्यं विधिवद् गुरुभ्यस्तं यौवनोद्भेदविशेषकान्तम् ।
श्रीः साभिलाषापि गुरोरनुज्ञां धीरेव कन्या पितुराचकाङ्क्ष ॥ ३८
ଉପାତ୍ତବିଦ୍ୟଂ ବିଧିବଦ୍ ଗୁରୁଭ୍ୟସ୍ତଂ ଯୌବନୋଦ୍ଭେଦବିଶେଷକାନ୍ତମ୍ ।
ଶ୍ରୀଃ ସାଭିଳାଷାପି ଗୁରୋରନୁଜ୍ଞାଂ ଧୀରେବ କନ୍ୟା ପିତୁରାଚକାଂକ୍ଷ ॥୩୮

अथेश्वरेण क्रथकैशिकानां स्वयंवरार्थं स्वसुरिन्दुमत्याः ।
आप्तः कुमारानयनोत्सुकेन भोजेन दूतो रघवे विसृष्टः ॥३९
ଅଥେଶ୍ୱରେଣ କ୍ରଥକୈଶିକାନାଂ ସ୍ୱୟମ୍ବରାର୍ଥଂ ସ୍ୱସୁରିନ୍ଦୁମତ୍ୟାଃ ।
ଆପ୍ତଃ କୁମାରାନୟନୋତ୍ସୁକେନ ଭୋଜେନ ଦୂତୋ ରଘବେ ବିସୃଷ୍ଟଃ ॥୩୯

तं श्लाघ्यसंबन्धमसौ विचिन्त्य दारक्रियायोग्यदशं च पुत्रम् ।
प्रस्थापयामास ससैन्यमेनमृद्धां विदर्भाधिपराजधानीम् ॥४०
ତଂ ଶ୍ଳାଘ୍ୟସଂବନ୍ଧମସୌ ବିଚିନ୍ତ୍ୟ ଦାରକ୍ରିୟାଯୋଗ୍ୟଦଶଂ ଚ ପୁତ୍ରମ୍ ।
ପ୍ରସ୍ଥାପୟାମାସ ସସୈନ୍ୟମେନମୃଦ୍ଧାଂ ବିଦର୍ଭାଧିପରାଜଧାନୀମ୍ ॥୪୦

तस्योपकार्यारचितोपचारा वन्येतरा जानपदोपदाभिः ।
मार्गे निवासा मनुजेन्द्रसूनोर्बभूवुरुद्यानविहारकल्पाः ॥४१
ତସ୍ୟୋପକାର୍ଯ୍ୟାରଚିତୋପଚାରା ବନ୍ୟେତରା ଜାନପଦୋପଦାଭିଃ ।
ମାର୍ଗେ ନିବାସା ମନୁଜେନ୍ଦ୍ରସୂନୋର୍ବଭୂବୁରୁଦ୍ୟାନବିହାରକଳ୍ପାଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ରାହ୍ମଣ କୌତ୍ସ ରାଜାଙ୍କୁ ଏହିପରି ଆଶୀର୍ବାଦ ଦେଇ ଗୁରୁଙ୍କ ନିକଟକୁ ଗମନ କଲେ । ଜୀବଜଗତ୍ ସୂର୍ଯ୍ୟଙ୍କଠାରୁ ଆଲୋକ ପାଇଲା ପରି ରାଜା ଯଥାସମୟରେ କୌତ୍ସଙ୍କ ଆଶୀର୍ବାଦରୁ ପୁତ୍ରଟିଏ ଲାଭ କଲେ । ୩୫

ତାଙ୍କର ମହିଷୀ ବ୍ରାହ୍ମମୁହୂର୍ତ୍ତରେ କାର୍ତ୍ତିକେୟଙ୍କ ସଦୃଶ ସେହି ପୁତ୍ରଟି ପ୍ରସବ କଲେ । ବ୍ରାହ୍ମମୁହୂର୍ତ୍ତରେ ଜାତ ହେବାରୁ ପିତା ବ୍ରହ୍ମାଙ୍କ ନାମ ଅନୁସାରେ ପୁତ୍ରର ନାମ ଦେଲେ 'ଅଜ' । ୩୬

ସେହିପରି ତେଜୋମୟ ବଳିଷ୍ଠ ଶରୀର, ସେହିପରି ବୀରତ୍ୱ, ସେହିପରି ସ୍ୱାଭାବିକ ଉନ୍ନତ ଚିତ୍ତ । ପ୍ରଦୀପରୁ ପ୍ରଜ୍ୱଳିତ ଆଉ ଏକ ପ୍ରଦୀପ ଭଳି ପୁତ୍ର ପିତାଙ୍କଠାରୁ କୌଣସି ଗୁଣରେ ଭିନ୍ନ ନ ଥିଲା । ୩୭

ଅଜ ସମସ୍ତ ବିଦ୍ୟା ଯଥାବିଧି ଶିକ୍ଷା କରି ଯୌବନର ଆଗମନରେ ଅଧିକ ଶୋଭା ପାଇଲେ । ରାଜଲକ୍ଷ୍ମୀ ତାଙ୍କ ପ୍ରତି ଅତିଶୟ ଅନୁରକ୍ତା ହେଲେ ମଧ୍ୟ, ଧୀରା କନ୍ୟା ଯୋଗ୍ୟ ପତି ବରଣ କରିବାପାଇଁ ଯେପରି ପିତାଙ୍କର ଅନୁମତି ଅପେକ୍ଷାରେ ରହେ, ସେହିପରି ଅଜଙ୍କୁ ବରଣ କରିବାପାଇଁ ରଘୁଙ୍କର ଅନୁମତି ଅପେକ୍ଷାରେ ରହିଲେ । ୩୮

ଏହାପରେ କ୍ରଥକୈଶିକ (ବିଦର୍ଭ) ଦେଶର ଅଧିପତି 'ଭୋଜ' ନିଜ ଭଉଣୀ ଇନ୍ଦୁମତୀଙ୍କର ସ୍ୱୟମ୍ବରକୁ କୁମାର ଅଜଙ୍କୁ ନେବାପାଇଁ ମହାରାଜ ରଘୁଙ୍କ ନିକଟକୁ ବିଶ୍ୱସ୍ତ ଦୂତ ପଠାଇଲେ । ୩୯

ରଘୁ ଭୋଜଙ୍କ ସହିତ ସମ୍ବନ୍ଧକୁ ଉତ୍ତମ ମନେ କରି ଏବଂ ପୁତ୍ରର ବିବାହଯୋଗ୍ୟ ବୟସ ଉପସ୍ଥିତ ହୋଇଥିବାର ଦେଖି ତାଙ୍କୁ ସୈନ୍ୟ ସହିତ ବିଦର୍ଭର ସମୃଦ୍ଧିଶାଳୀ ରାଜଧାନୀକୁ ପଠାଇଲେ । ୪୦

ବିଦର୍ଭକୁ ଯିବା ବାଟରେ ଅଜଙ୍କପାଇଁ କେତେକ ରହଣି ସ୍ଥାନ ପ୍ରସ୍ତୁତ କରାଯାଇଥିଲା । ସେଥିରେ ତମ୍ବୁ ପକାଯାଇ ରାଜୋଚିତ ଭୋଜନ, ଶୟନ ପ୍ରଭୃତିର ବ୍ୟବସ୍ଥା କରାଯାଇଥିଲା । ନଗରରୁ ଆନୀତ ଉପହାର-ସାମଗ୍ରୀଦ୍ୱାରା ସେହି ସ୍ଥାନଗୁଡ଼ିକୁ ସଜ୍ଜିତ କରାଯାଇଥିଲା । ତେଣୁ ତାହା ବନ-ଭୂମି ବୋଲି ଜାଣି ହେଉନଥିଲା, ବରଂ ବିହାର–ଉଦ୍ୟାନ ଭଳି ଜଣା-ପଡ଼ୁଥିଲା । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स नर्मदारोधसि सीकरार्द्रैर्मरुद्भिरानर्त्तितनक्तमाले ।
निवेशयामास विलङ्घिताध्वा क्लान्तं रजोधूसरकेतु सैन्यम् ॥४२
ସ ନର୍ମଦାରୋଧସି ସୀକରାର୍ଦ୍ରୈର୍ମରୁଦ୍‌ଭିରାନର୍ତ୍ତିତନକ୍ତମାଳେ ।
ନିବେଶୟାମାସ ବିଲଙ୍ଘିତାଧ୍ୱା କ୍ଲାନ୍ତଂ ରଜୋଧୂସରକେତୁ ସୈନ୍ୟମ୍ ॥୪୨

अथोपरिष्टाद् भ्रमरैर्भ्रमद्भिः प्राक्सूचितान्तःसलिलप्रवेशः ।
निर्धौतदानामलगण्डभित्तिर्वन्यः सरित्तो गज उन्ममज्ज ॥४३
ଅଥୋପରିଷ୍ଟାଦ୍ ଭ୍ରମରୈର୍ଭ୍ରମଦ୍‌ଭିଃ ପ୍ରାକ୍‌ସୂଚିତାନ୍ତଃସଲିଳପ୍ରବେଶଃ ।
ନିର୍ଧୌତଦାନାମଳଗଣ୍ଡଭିତ୍ତିର୍ବନ୍ୟଃ ସରିତ୍ତୋ ଗଜ ଉନ୍ମମଜ୍ଜ ॥୪୩

निःशेषविक्षालितधातुनापि वप्रक्रियामृक्षवतस्तटेषु ।
नीलोर्ध्वरेखाशबलेन शंसन् दन्तद्वयेनाश्मविकुण्ठितेन ॥४४
ନିଃଶେଷବିକ୍ଷାଳିତଧାତୁନାପି ବପ୍ରକ୍ରିୟାମୃକ୍ଷବତସ୍ତଟେଷୁ ।
ନୀଳୋର୍ଦ୍ଧ୍ୱରେଖାଶବଳେନ ଶଂସନ୍ ଦନ୍ତଦ୍ୱୟେନାଶ୍ମବିକୁଣ୍ଠିତେନ ॥୪୪

संहारविक्षेपलघुक्रियेण हस्तेन तीराभिमुखः सशब्दम् ।
बभौ स भिन्दन् बृहतस्तरङ्गान् वार्यर्गलाभङ्ग इव प्रवृत्तः ॥४५
ସଂହାରବିକ୍ଷେପଲଘୁକ୍ରିୟେଣ ହସ୍ତେନ ତୀରାଭିମୁଖଃ ସଶବ୍ଦମ୍ ।
ବଭୌ ସ ଭିନ୍ଦନ୍ ବୃହତସ୍ତରଙ୍ଗାନ୍ ବାର୍ଯର୍ଗଳାଭଙ୍ଗ ଇବ ପ୍ରବୃତ୍ତଃ ॥୪୫

शैलोपमः शैवलमञ्जरीणां जालानि कर्षन्नुरसा स पश्चात् ।
पूर्वं तदुत्पीडितवारिराशिः सरित्प्रवाहस्तटमुत्ससर्प ॥४६
ଶୈଳୋପମଃ ଶୈବଳମଞ୍ଜରୀଣାଂ ଜାଲାନି କର୍ଷନ୍ନୁରସା ସ ପଶ୍ଚାତ୍ ।
ପୂର୍ବଂ ତଦୁତ୍‌ପୀଡ଼ିତବାରିରାଶିଃ ସରିତ୍‌ପ୍ରବାହସ୍ତଟମୁତ୍‌ସସର୍ପ ॥୪୬

तस्यैकनागस्य कपोलभित्त्योर्जलावगाहक्षणमात्रशान्ता ।
वन्येतरानेकपदर्शनेन पुनर्दिदीपे मददुर्दिनश्रीः ॥४७
ତସ୍ୟୈକନାଗସ୍ୟ କପୋଳଭିତ୍ତ୍ୟୋର୍ଜଳାବଗାହକ୍ଷଣମାତ୍ରଶାନ୍ତା ।
ବନ୍ୟେତରାନେକପଦର୍ଶନେନ ପୁନର୍ଦିଦୀପେ ମଦଦୁର୍ଦ୍ଦିନଶ୍ରୀଃ ॥୪୭

सप्तच्छदक्षीरकटुप्रवाहमसह्यमाघ्राय मदं तदीयम् ।
विलङ्घिताधोरण तीव्रयत्नाः सेनागजेन्द्रा विमुखा बभूवुः ॥४८
ସପ୍ତଛଦକ୍ଷୀରକଟୁପ୍ରବାହମସହ୍ୟମାଘ୍ରାୟ ମଦଂ ତଦୀୟମ୍ ।
ବିଲଙ୍ଘିତାଧୋରଣତୀବ୍ରଯତ୍ନାଃ ସେନାଗଜେନ୍ଦ୍ରା ବିମୁଖା ବଭୂବୁଃ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କିଛି ଦୂର ପଥ ଅତିକ୍ରମ କଲାପରେ ସୈନ୍ୟବାହିନୀ କ୍ଳାନ୍ତ ହୋଇ-ପଡ଼ିଲେ; ସେମାନଙ୍କର ପତାକାମାନ ଧୂଳିରେ ଧୂସରିତ ହୋଇଗଲା । ତେଣୁ ଅଜ ସେମାନଙ୍କୁ ନର୍ମଦା-କୂଳରେ ରଖାଇଲେ । ସେହି ସ୍ଥାନରେ 'ଚିରବିଲ୍ୱ' ବୃକ୍ଷମାନଙ୍କୁ ଦୋହଲାଇ ଜଳବିନ୍ଦୁ-ଶୀତଳ ପବନ ବହୁଥିଲା । ୪୨

ସେତେବେଳେ ନର୍ମଦାର ଜଳଭିତରୁ ଏକ ବନ୍ୟ ହସ୍ତୀ ଉଠିଲା । ତାହାର ବିଶାଳ ଗଣ୍ଡସ୍ଥଳରୁ ମଦଜଳ ଧୋଇହୋଇଯାଇଥିବାରୁ ତାହା (ଗଣ୍ଡସ୍ଥଳ) ସ୍ୱଚ୍ଛ ଦିଶୁଥିଲା । ସେ ଯେତେବେଳେ ଜଳଭିତରେ ବୁଡ଼ିଥିଲା, ଜଳଉପରେ ଭ୍ରମରମାନେ ମଦଗନ୍ଧ ଲୋଭରେ ଉଡ଼ି ତାହାର ବୁଡ଼ିଥିବାର ସୂଚନା ଦେଉଥିଲେ । ୪୩

ସେହି ହସ୍ତୀର ଦନ୍ତଦ୍ୱୟରୁ ଗୈରିକ ଧାତୁ ଧୋଇ ହୋଇଯାଇଥିଲା । ତଥାପି ସେ ଯେ ସେଠାକାର 'ଋକ୍ଷବାନ୍' ପର୍ବତରେ ଦନ୍ତ ଭୂଷି କ୍ରୀଡ଼ା କରେ, ଦନ୍ତଦ୍ୱୟ ତାହାର ସୂଚନା ଦେଉଥିଲା । କାରଣ, ସେହି ଦନ୍ତଦ୍ୱୟ ପଥରରେ ଘଷିହୋଇ ନୀଳ ଊର୍ଦ୍ଧ୍ୱ ରେଖାମାନଙ୍କଦ୍ୱାରା ଚିହ୍ନିତ ଦେଖାଯାଉ-ଥିଲା । ୪୪

ତାର ଶୁଣ୍ଢ ସଂକୋଚନ ଓ ପ୍ରସାରଣହେତୁ ଚଞ୍ଚଳ ହୋଇ ଉଠୁଥିଲା । ସେ ଗର୍ଜନପୂର୍ବକ ସେହି ଶୁଣ୍ଢରେ ବଡ଼ ବଡ଼ ତରଙ୍ଗମାନଙ୍କୁ ଭେଦ କରି ତୀର ଆଡ଼କୁ ଆସୁଥିଲା । ତେଣୁ ଜଣାପଡ଼ୁଥିଲା, ସତେ ଯେପରି ସେ ବନ୍ଧନ-ସ୍ତମ୍ଭକୁ ଭାଙ୍ଗିବାରେ ଲାଗିଥିଲା ! ୪୫

ସେହି ପର୍ବତସମାନ ହସ୍ତୀ ଛାତିରେ ଛନ୍ଦି ହୋଇଥିବା ଶିଉଳିକୁ ଟାଣି ଟାଣି କୂଳରେ ଆସି ପହଞ୍ଚିଲା । ତା' ପୂର୍ବରୁ ତା' ଦ୍ୱାରା ଆଲୋଡ଼ିତ ଜଳପ୍ରବାହ କୂଳ ସ୍ପର୍ଶ କରିସାରିଥିଲା । ୪୬

ସେହି ହସ୍ତୀର ପ୍ରଶସ୍ତ ଗଣ୍ଡସ୍ଥଳରୁ ମଦଜଳ ଧୋଇହୋଇ ଯାଇଥିଲା । ମାତ୍ର ସୈନ୍ୟବାହିନୀର ହସ୍ତୀମାନଙ୍କୁ ଦେଖି ତାହା ପୂର୍ବ ଅପେକ୍ଷା ଅଧିକ ନିଃସୃତ ହେବାରେ ଲାଗିଲା । ୪୭

ସପ୍ତପର୍ଣ୍ଣ ବୃକ୍ଷର କ୍ଷୀର ପରି ତାହାର ଉତ୍କଟ ମଦଗନ୍ଧ ଚାରିଆଡ଼େ ବ୍ୟାପିଗଲା । ସେହି ଅସହ୍ୟ ଗନ୍ଧ ଶୁଙ୍ଘି ସୈନ୍ୟବାହିନୀର ହସ୍ତୀମାନେ ମାହୁନ୍ତ-ମାନଙ୍କର ପ୍ରବଳ ନିୟନ୍ତ୍ରଣକୁ ବ୍ୟର୍ଥ କରି ପଳାଇବାକୁ ଲାଗିଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स छिन्नबन्धद्रुतयुग्यशून्यं भग्नाक्षपर्यस्तरथं क्षणेन ।
रामापरित्राणविहस्तयोधं सेनानिवेशं तुमुलं चकार ॥४९

ସ ଛିନ୍ନବନ୍ଧଦ୍ରୁତଯୁଗ୍ୟଶୂନ୍ୟଂ ଭଗ୍ନାକ୍ଷପର୍ଯ୍ୟସ୍ତରଥଂ କ୍ଷଣେନ ।
ରାମାପରିତ୍ରାଣବିହସ୍ତଯୋଧଂ ସେନାନିବେଶଂ ତୁମୁଳଂ ଚକାର ॥୪୯

तमापतन्तं नृपतेरवध्यो वन्यः करीति श्रुतवान् कुमारः ।
निवर्त्तयिष्यन् विशिखेन कुम्भे जघान नात्यायतकृष्टशार्ङ्गः ॥५०

ତମାପତନ୍ତଂ ନୃପତେରବଧ୍ୟୋ ବନ୍ୟଃ କରୀତି ଶ୍ରୁତବାନ୍ କୁମାରଃ ॥
ନିବର୍ତ୍ତୟିଷ୍ୟନ୍ ବିଶିଖେନ କୁମ୍ଭେ ଜଘାନ ନାତ୍ୟାୟତକୃଷ୍ଟଶାର୍ଙ୍ଗଃ ॥୫୦

स विद्धमात्रः किल नागरूपमुत्सृज्य तद्विस्मितसैन्यदृष्टः ।
स्फुरत्प्रभामण्डलमध्यवर्त्ति कान्तं वपुर्व्योमचरं प्रपेदे ॥५१

ସ ବିଦ୍ଧମାତ୍ରଃ କିଲ ନାଗରୂପମୁତ୍ସୃଜ୍ୟ ତଦ୍ବିସ୍ମିତସୈନ୍ୟଦୃଷ୍ଟଃ ।
ସ୍ଫୁରତ୍ପ୍ରଭାମଣ୍ଡଳମଧ୍ୟବର୍ତ୍ତି କାନ୍ତଂ ବପୁର୍ବ୍ୟୋମଚରଂ ପ୍ରପେଦେ ॥୫୧

अथ प्रभावोपनतैः कुमारं कल्पद्रुमोत्थैरवकीर्य पुष्पैः ।
उवाच वाग्मी दशनप्रभाभिः संवर्धितोरःस्थलतारहारः ॥५२

ଅଥ ପ୍ରଭାବୋପନତୈଃ କୁମାରଂ କଳ୍ପଦ୍ରୁମୋତ୍ଥୈରବକୀର୍ଯ୍ୟ ପୁଷ୍ପୈଃ ।
ଉବାଚ ବାଗ୍ମୀ ଦଶନପ୍ରଭାଭିଃ ସଂବର୍ଧିତୋରଃସ୍ଥଳତାରହାରଃ ॥୫୨

मतङ्गशापादवलेपमूलादवाप्तवानस्मि मतङ्गजत्वम् ।
अवेहि गन्धर्वपतेस्तनूजं प्रियम्वदं मां प्रियदर्शनस्य ॥५३

ମତଙ୍ଗଶାପାଦବଲେପମୂଳାଦବାପ୍ତବାନସ୍ମି ମତଙ୍ଗଜତ୍ୱମ୍ ॥
ଅବେହି ଗନ୍ଧର୍ବପତେସ୍ତନୂଜଂ ପ୍ରିୟମ୍ବଦଂ ମାଂ ପ୍ରିୟଦର୍ଶନସ୍ୟ ॥୫୩

स चानुगीतः प्रणतेन पश्चान्मया महर्षिर्मृदुतामगच्छत् ।
उष्णत्वमग्न्यातपसंप्रयोगाच्छैत्यं हि यत् सा प्रकृतिर्जलस्य ॥५४

ସ ଚାନୁଗୀତଃ ପ୍ରଣତେନ ପଶ୍ଚାନ୍ମୟାମହର୍ଷିର୍ମୃଦୁତାମଗଚ୍ଛତ୍ ।
ଉଷ୍ଣତ୍ୱମଗ୍ନ୍ୟାତପସଂପ୍ରୟୋଗାଚ୍ଛୈତ୍ୟଂ ହି ଯତ୍ ସା ପ୍ରକୃତିର୍ଜଳସ୍ୟ ॥୫୪

इक्ष्वाकुवंशप्रभवो यदा ते भेत्स्यत्यजः कुम्भमयोमुखेन ।
संयोक्ष्यसे स्वेन वपुर्महिम्ना तदेत्यवोचत् स तपोनिधिर्माम् ॥५५

ଇକ୍ଷ୍ୱାକୁବଂଶପ୍ରଭବୋ ଯଦା ତେ ଭେତ୍ସ୍ୟତ୍ୟଜଃ କୁମ୍ଭମୟୋମୁଖେନ ।
ସଂଯୋକ୍ଷ୍ୟସେ ସ୍ୱେନ ବପୁର୍ମହିମ୍ନା ତଦେତ୍ୟବୋଚତ୍ ସ ତପୋନିଧିର୍ମାମ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହାତୀ ଘୋଡ଼ା ପ୍ରଭୃତି ବାହନମାନେ ବନ୍ଧନ ଛିଣ୍ଡାଇ ପଳାଇ-ଯିବାରୁ ସେନାବାହିନୀ ବାହନଶୂନ୍ୟ ହୋଇଗଲେ । ଅକ୍ଷ ଭଙ୍ଗିଯିବାରୁ ରଥସବୁ ଏଣେତେଣେ ପଡ଼ିଲା ଏବଂ ଯୋଦ୍ଧାମାନେ ସ୍ୱାମୀମାନଙ୍କୁ ରକ୍ଷା କରିବାକୁ ବ୍ୟସ୍ତ ହୋଇପଡ଼ିଲେ । ଏହିପରି ସେ ହାତୀ କ୍ଷଣକମଧ୍ୟରେ ସେନାଛାଉଣିକୁ ଅସ୍ତବ୍ୟସ୍ତ କରିପକାଇଲା । ୪୯

ଯୁବରାଜ ଅଜ ବନ୍ୟ ହସ୍ତୀକୁ ମାରିବା ଅନୁଚିତ ବୋଲି ଜାଣିଥିଲେ । ତେଣୁ ସେ ତାହାକୁ ଘଉଡ଼ାଇ ଦେବା ଉଦ୍ଦେଶ୍ୟରେ ଧନୁକୁ ଅଳ୍ପ ଆକର୍ଷଣ କରି ଏକ ଶରରେ ତାର ଗଣ୍ଡସ୍ଥଳକୁ ବିଦ୍ଧ କଲେ । ୫୦

Gurukul Kangri Vishwavidyalaya Library

ବିଦ୍ଧ ହେବା ମାତ୍ରେ ସେ ହସ୍ତୀରୂପ ଛାଡ଼ି ସୁନ୍ଦର ଗନ୍ଧର୍ବରୂପ ଧାରଣ କଲା । ସେହି ଦିବ୍ୟରୂପର ଚାରିପାଖରେ ଆଲୋକମଣ୍ଡଳ ଝଲସି-ଉଠୁଥିଲା । ସୈନ୍ୟମାନେ ବିସ୍ମୟର ସହିତ ତାହା ଦେଖିବାରେ ଲାଗିଲେ । ୫୧

ତା'ପରେ ସେ ନିଜର ପ୍ରଭାବଦ୍ୱାରା କଳ୍ପବୃକ୍ଷର ପୁଷ୍ପରାଶି ଆଣି ଅଜଙ୍କ ଉପରେ ବୃଷ୍ଟି କଲା ଏବଂ ଦନ୍ତପ୍ରଭାରେ ନିଜ ବକ୍ଷସ୍ଥଳର ସୁନ୍ଦର ହାରକୁ ଅଧିକ ସୁନ୍ଦର କରି ମଧୁର ଭାଷାରେ କହିଲା— ୫୨

"ହେ ରାଜକୁମାର, ମୋ ଗର୍ବ ଯୋଗୁ ମୁଁ ମତଙ୍ଗ ମୁନିଙ୍କଠାରୁ ଅଭିଶାପ ପାଇ ହସ୍ତୀ-ରୂପ ଧାରଣ କରିଥିଲି । ମୁଁ ହେଉଛି ଗନ୍ଧର୍ବମାନଙ୍କର ରାଜା 'ପ୍ରିୟଦର୍ଶନ'ଙ୍କର ପୁତ୍ର । ମୋର ନାମ ପ୍ରିୟମ୍ବଦ । ୫୩

ମୁଁ ପ୍ରଣତ ହୋଇ ବହୁତ ଅନୁନୟ ବିନୟ କରନ୍ତେ ମତଙ୍ଗ ମହର୍ଷି ପୁଣି କୋମଳ ପ୍ରକୃତି ଗ୍ରହଣ କଲେ । ଜଳ ଉଷ୍ଣ ହୁଏ ଅଗ୍ନି କିମ୍ବା ସୂର୍ଯ୍ୟ-କିରଣର ସମ୍ପର୍କରୁ ; ଶୀତଳତା ହେଉଛି ତାର ପ୍ରକୃତି । ୫୪

ମହର୍ଷି ମୋତେ କହିଲେ, "ଇକ୍ଷ୍ୱାକୁ ବଂଶର ରାଜକୁମାର ଅଜ ତୁମର ଗଣ୍ଡସ୍ଥଳକୁ ଯେତେବେଳେ ଲୌହଫଳକଯୁକ୍ତ ଶରରେ ଭେଦ କରିବେ, ସେତେବେଳେ ତୁମେ ପୁଣି ନିଜର ଗନ୍ଧର୍ବରୂପ ପ୍ରାପ୍ତ ହେବ ।" ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

संमोचितः सत्त्ववता त्वयाहं शापाच्चिरप्रार्थितदर्शनेन ।
प्रतिप्रियं चेद् भवतो न कुर्य्यां वृथा हि मे स्यात् स्वपदोपलब्धिः ॥५६
ସଂମୋଚିତଃ ସତ୍ତ୍ୱବତା ତ୍ୱୟାହଂ ଶାପାଚ୍ଚିରପ୍ରାର୍ଥିତଦର୍ଶନେନ ।
ପ୍ରତିପ୍ରିୟଂ ଚେଦ୍ ଭବତୋ ନ କୁର୍ଯ୍ୟାଂ ବୃଥା ହି ମେ ସ୍ୟାତ୍ ସ୍ୱପଦୋପଲବ୍ଧିଃ ॥୫୬

संमोहनं नाम सखे ममास्त्रं प्रयोगसंहारविभक्तमन्त्रम् ।
गान्धर्वमादत्स्व यतः प्रयोक्तुर्नचारिहिंसा विजयश्च हस्ते ॥५७
ସଂମୋହନଂ ନାମ ସଖେ ମମାସ୍ତ୍ରଂ ପ୍ରୟୋଗସଂହାରବିଭକ୍ତମନ୍ତ୍ରମ୍ ।
ଗାନ୍ଧର୍ବମାଦତ୍ସ୍ୱ ଯତଃ ପ୍ରୟୋକ୍ତୁର୍ନଚାରିହିଂସା ବିଜୟଶ୍ଚ ହସ୍ତେ ॥୫୭

अलं ह्रिया मां प्रति यन्मुहूर्त्तं दयापरोऽभूः प्रहरन्नपि त्वम् ।
तस्मादुपच्छन्दयति प्रजोज्यं मयि त्वया न प्रतिषेधरौक्ष्यम् ॥५८
ଅଲଂ ହ୍ରିୟା ମାଂ ପ୍ରତି ଯନ୍ମୁହୂର୍ତ୍ତଂ ଦୟାପରୋଽଭୂଃ ପ୍ରହରନ୍ନପି ତ୍ୱମ୍ ।
ତସ୍ମାଦୁପଚ୍ଛନ୍ଦୟତି ପ୍ରୟୋଜ୍ୟଂ ମୟି ତ୍ୱୟା ନ ପ୍ରତିଷେଧରୌକ୍ଷ୍ୟମ୍ ॥୫୮

तथेत्युपस्पृश्य पयः पवित्रं सोमोद्भवायाः सरितो नृसोमः ।
उदङ्मुखः सोऽस्त्रविदस्त्रमन्त्रं जग्राह तस्मान्निगृहीतशापात् ॥५९
ତଥେତ୍ୟୁପସ୍ପୃଶ୍ୟ ପୟଃ ପବିତ୍ରଂ ସୋମୋଦ୍ଭବାୟାଃ ସରିତୋ ନୃସୋମଃ ।
ଉଦଙ୍ମୁଖଃ ସୋଽସ୍ତ୍ରବିଦସ୍ତ୍ରମନ୍ତ୍ରଂ ଜଗ୍ରାହ ତସ୍ମାନ୍ନିଗୃହୀତଶାପାତ୍ ॥୫୯

एवं तयोरध्वनि दैवयोगादासेदुषोः सख्यमचिन्त्यहेतु ।
एको ययौ चैत्ररथप्रदेशान् सौराज्यरम्यानपरो विदर्भान् ॥६०
ଏବଂ ତୟୋରଧ୍ୱନି ଦୈବଯୋଗାଦାସେଦୁଷୋଃ ସଖ୍ୟମଚିନ୍ତ୍ୟହେତୁ ।
ଏକୋ ଯୟୌ ଚୈତ୍ରରଥପ୍ରଦେଶାନ୍ ସୌରାଜ୍ୟରମ୍ୟାନପରୋ ବିଦର୍ଭାନ୍ ॥୬୦

तं तस्थिवांसं नगरोपकण्ठे तदागमारूढगुरुप्रहर्षः ॥
प्रत्युज्जगाम क्रथकैशिकेन्द्रश्चन्द्रं प्रवृद्धोर्मिरिवोर्मिमाली ॥६१
ତଂ ତସ୍ଥିବାଂସଂ ନଗରୋପକଣ୍ଠେ ତଦାଗମାରୂଢଗୁରୁପ୍ରହର୍ଷଃ ।
ପ୍ରତ୍ୟୁଜ୍ଜଗାମ କ୍ରଥକୈଶିକେନ୍ଦ୍ରଶ୍ଚନ୍ଦ୍ରଂ ପ୍ରବୃଦ୍ଧୋର୍ମିରିବୋର୍ମିମାଳୀ ॥୬୧

प्रवेश्य चैनं पुरमग्रयायी नीचैस्तथोपाचरदर्पितश्रीः ।
मेने यथा तत्र जनः समेतो वैदर्भमागन्तुमजं गृहेशम् ॥६२
ପ୍ରବେଶ୍ୟ ଚୈନଂ ପୁରମଗ୍ରୟାୟୀ ନୀଚୈସ୍ତଥୋପାଚରଦର୍ପିତଶ୍ରୀଃ ।
ମେନେ ଯଥା ତତ୍ର ଜନଃ ସମେତୋ ବୈଦର୍ଭମାଗନ୍ତୁମଜଂ ଗୃହେଶମ୍ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣଙ୍କର ଦର୍ଶନ ପାଇବାକୁ ମୁଁ ବହୁଦିନରୁ କାମନା କରୁଥିଲି । ବର୍ତ୍ତମାନ ଆପଣ ମୋତେ ଶାପରୁ ମୁକ୍ତ କଲେ । ମୁଁ ଯଦି ଆପଣଙ୍କର କୌଣସି ପ୍ରତ୍ୟୁପକାର ନ କରେଁ, ତେବେ ମୋର ସ୍ୱସ୍ଥାନଲାଭ ନିଷ୍ଫଳ ହେବ । ୫୬

ହେ ସଖା, ତୁମେ ମୋଠାରୁ ସମ୍ମୋହନ ନାମକ ଏକ ଗନ୍ଧର୍ବ-ଅସ୍ତ୍ର ଗ୍ରହଣ କର । ଏହି ଅସ୍ତ୍ରକୁ ଯେ ପ୍ରୟୋଗ କରେ, ତାର ଶତ୍ରୁ ମରନ୍ତି ନାହିଁ; ମାତ୍ର ପ୍ରୟୋଗକାରୀକୁ ନିଶ୍ଚୟ ବିଜୟ ମିଳେ । ୫୭

ଆପଣ ମୋ ଉପରେ ଅସ୍ତ୍ର ପ୍ରହାର କରିଥିଲେ ବୋଲି ଭାବି ଲଜ୍ଜିତ ହୁଅନ୍ତୁ ନାହିଁ । କାରଣ, ଆପଣ ତା'ଦ୍ୱାରା ମୋର ଉପକାର କରିଛନ୍ତି । ତେଣୁ ମୋର ଅସ୍ତ୍ରଦାନ ପ୍ରାର୍ଥନାକୁ ଆପଣ ରୁକ୍ଷଭାବରେ ପ୍ରତ୍ୟାଖ୍ୟାନ କରନ୍ତୁ-ନାହିଁ ।" ୫୮

ତା' ପରେ ଅସ୍ତ୍ରଜ୍ଞ, ପୁରୁଷଶ୍ରେଷ୍ଠ ଅଜ 'ତାହା ହେଉ' ବୋଲି କହି ନର୍ମଦାର ପବିତ୍ର ଜଳରେ ଆଚମନ କଲେ ଏବଂ ଉତ୍ତର ଦିଗକୁ ମୁଖ କରି ସେହି ଉପକୃତ ଗନ୍ଧର୍ବଙ୍କଠାରୁ ଅସ୍ତ୍ର-ମନ୍ତ୍ର ଗ୍ରହଣ କଲେ । ୫୯

ଏହିଭଳି ଭାବରେ ଦୁହେଁ ଦୈବଯୋଗରୁ ପଥରେ ଯେଉଁ ପରସ୍ପର ବନ୍ଧୁତା ଅର୍ଜନ କଲେ, ତାହାର କାରଣ ଥିଲା ଅଚିନ୍ତନୀୟ । ତା'ପରେ ଜଣେ କୁବେରଙ୍କ ଉଦ୍ୟାନ ଅଭିମୁଖରେ ଏବଂ ଅନ୍ୟ ଜଣେ ସମୃଦ୍ଧିଶାଳୀ ବିଦର୍ଭ ଅଭିମୁଖରେ ଯାତ୍ରା କଲେ । ୬୦

ଚନ୍ଦ୍ରଙ୍କର ଆଗମନରେ ଉଲ୍ଲସିତ ସମୁଦ୍ର ଯେପରି ଚନ୍ଦ୍ରଙ୍କୁ ପାଛୋଟି-ନିଏ, ସେହିପରି ଅଜ ନଗରର ଉପକଣ୍ଠରେ ପହଞ୍ଚିବା ଶୁଣି ବିଦର୍ଭରାଜା ଆନନ୍ଦିତ ମନରେ ତାଙ୍କୁ ପାଛୋଟି ନେବାକୁ ଆସିଲେ । ୬୧

ସେ ଆଗେ ଆଗେ ରହି ଅଜଙ୍କୁ ନଗରକୁ ନେଲେ ଏବଂ ସମସ୍ତ ସମ୍ପଦ ଅର୍ପଣ ପୂର୍ବକ ଏପରିଭାବରେ ଅର୍ଚ୍ଚନା କଲେ ଯେ ସେଠାରେ ସମବେତ ହୋଇଥିବା ଲୋକମାନେ ବିଦର୍ଭ ରାଜାଙ୍କୁ ଅତିଥି ଏବଂ ଅଜଙ୍କୁ ଗୃହପତି ବୋଲି ମନେ କଲେ ୬୨ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତସ୍ୟାଧିକାରପୁରୁଷୈଃ ପ୍ରଣତୈଃ ପ୍ରଦିଷ୍ଟାଂ
ପ୍ରାଗ୍‌ଦ୍ୱାରବେଦିବିନିବେଶିତପୂର୍ଣ୍ଣକୁମ୍ଭାମ୍ ।
ରମ୍ୟାଂ ରଘୁପ୍ରତିନିଧିଃ ସ ନବୋପକାର୍ଯ୍ୟାଂ
ବାଲ୍ୟାତ୍ ପରାମିବ ଦଶାଂ ମଦନୋଽଧ୍ୟୁବାସ ॥୬୩

ତତ୍ର ସ୍ୱୟମ୍ବରସମାହୃତରାଜଲୋକଂ
କନ୍ୟାଲଲାମ କମନୀୟମଜସ୍ୟ ଲିପ୍ସୋଃ ।
ଭାବାବବୋଧକଲୁଷା ଦୟିତେବ ରାତ୍ରୌ
ନିଦ୍ରା ଚିରେଣ ନୟନାଭିମୁଖୀ ବଭୂବ ॥୬୪

ତଂ କର୍ଣ୍ଣଭୂଷଣନିପୀଡ଼ିତପୀବରାଂସଂ
ଶଯ୍ୟୋତ୍ତରଚ୍ଛଦବିମର୍ଦ୍ଦକୃଶାଙ୍ଗରାଗମ୍ ।
ସୂତାତ୍ମଜାଃ ସବୟସଃ ପ୍ରଥିତପ୍ରବୋଧଂ
ପ୍ରାବୋଧୟନ୍ନୁଷସି ବାଗ୍‌ଭିରୁଦାରବାଚଃ ॥୬୫

ରାତ୍ରିର୍ଗତା ମତିମତାଂ ବର ମୁଞ୍ଚ ଶଯ୍ୟାଂ
ଧାତ୍ରା ଦ୍ୱିଧୈବ ନନୁ ଧୂର୍ଜଗତୋ ବିଭକ୍ତା ।
ତାମେକତସ୍ତବ ବିଭର୍ତ୍ତି ଗୁରୁର୍ବିନିଦ୍ରଃ
ତସ୍ୟା ଭବାନପରଧୁର୍ଯ୍ୟପଦାବଲମ୍ବୀ ॥୬୬

ନିଦ୍ରାବଶେନ ଭବତାପ୍ୟନବେକ୍ଷ୍ୟମାଣା
ପର୍ଯ୍ୟୁତ୍ସୁକତ୍ୱମବଲା ନିଶି ଖଣ୍ଡିତେବ ।
ଲକ୍ଷ୍ମୀର୍ବିନୋଦୟତି ଯେନ ଦିଗନ୍ତଲମ୍ବୀ
ସୋଽପି ତ୍ୱଦାନନରୁଚିଂ ବିଜହାତି ଚନ୍ଦ୍ରଃ ॥୬୭

ତଦ୍ ବଲ୍‌ଗୁନା ଯୁଗପଦୁନ୍ମିଷିତେନ ତାବତ୍,
ସଦ୍ୟଃ ପରସ୍ପରତୁଲାମଧିରୋହତାଂ ଦ୍ୱେ ।
ପ୍ରସ୍ପନ୍ଦମାନପରୁଷେତରତାରମନ୍ତଃ
ଚକ୍ଷୁସ୍ତବ ପ୍ରଚଳିତଭ୍ରମରଂ ଚ ପଦ୍ମମ୍ ॥୬୮

ବୃନ୍ତାଚ୍ଛ୍ଲଥଂ ହରତି ପୁଷ୍ପମନୋକହାନାଂ
ସଂସୃଜ୍ୟତେ ସରସିଜୈରରୁଣାଂଶୁଭିନ୍ନୈଃ ।
ସ୍ୱାଭାବିକଂ ପରଗୁଣେନ ବିଭାତବାୟୁଃ
ସୌରଭ୍ୟମୀପ୍ସୁରିବ ତେ ମୁଖମାରୁତସ୍ୟ ॥୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦର୍ଭରାଜାଙ୍କ କର୍ମଚାରୀମାନେ ପ୍ରଣତଭାବରେ ଅଜଙ୍କୁ ନେଇ ଏକ ନୂତନ ତମ୍ବୁନିର୍ମିତ ଭବନରେ ରଖାଇଲେ । ସେହି ଭବନର ପ୍ରଥମ ଦ୍ୱାରରେ ବେଦୀ ଉପରେ ପୂର୍ଣ୍ଣକୁମ୍ଭ ସ୍ଥାପିତ ହୋଇଥିଲା । କନ୍ଦର୍ପ ଯେପରି ଯୌବନରେ ଅବସ୍ଥାନ କରେ, ଅଜ ସେହିପରି ଉକ୍ତ ଭବନରେ ଅବସ୍ଥାନ କଲେ । ୬୩

ଯାହାଙ୍କ ପାଇଁ ରାଜାମାନେ ସ୍ୱୟମ୍ବରକୁ ନିମନ୍ତ୍ରିତ ହୋଇଆସିଥିଲେ, ସେହି ପରମାସୁନ୍ଦରୀ, କନ୍ୟାରତ୍ନ ଇନ୍ଦୁମତୀଙ୍କୁ ପାଇବା ଆଶାରେ ଅଜ ରାତିରେ ଭାବନାବିଷ୍ଟ ରହିଲେ । ପୁରୁଷର ଅଭିପ୍ରାୟ ଜାଣିବାରେ ଯେଉଁ ସ୍ତ୍ରୀ ଅସମର୍ଥା, ସେ ଯେପରି ବହୁତ ବିଳମ୍ବରେ ପୁରୁଷ ନିକଟକୁ ଯାଏ, ନିଦ୍ରା ସେହିପରି ଅଜଙ୍କର ଚକ୍ଷୁକୁ ବହୁତ ବିଳମ୍ବରେ ଗଲା । ୬୪

ସକାଳେ ସମବୟସ୍କ ଭାଟପୁତ୍ରମାନେ ସ୍ତୁତିପାଠ କରି ଅଜଙ୍କର ନିଦ୍ରାଭଙ୍ଗ କଲେ । ତାଙ୍କର ବିଶାଳ ସ୍କନ୍ଧରେ କର୍ଣ୍ଣଭୂଷଣ ଘଷି ହୋଇ ଚିହ୍ନ ବସିଯାଇଥିଲା ଏବଂ ଦେହର ଅଙ୍ଗରାଗ ବିଛଣା ଚାଦରରେ ଘଷି ହୋଇ ଲିଭିଯାଇଥିଲା । ୬୫

ଭାଟପୁତ୍ରମାନେ ଏହିପରି ସ୍ତୁତିପାଠ କଲେ:—"ହେ ଶ୍ରେଷ୍ଠ ମତିମାନ୍, ରାତି ପାହିଗଲାଣି, ଶଯ୍ୟା ତ୍ୟାଗ କରନ୍ତୁ । ବିଧାତା ପୃଥିବୀପାଳନର ଭାରକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ସେଥିରୁ ଗୋଟିଏ ଭାର ଆପଣଙ୍କ ପିତା ନିଦ୍ରା ତ୍ୟାଗ କରି ବହନ କଲେଣି । ଆପଣ ଅନ୍ୟ ଭାରଟିକୁ ବହନ କରନ୍ତୁ । ୬୬

ଆପଣ ନିଦ୍ରାରୂପିଣୀ ରମଣୀର ଅଧୀନ ହେବାରୁ ଲକ୍ଷ୍ମୀ (ଶୋଭା) ନିରାହା ଖଣ୍ଡିତା ସ୍ତ୍ରୀ ପରି ଉପେକ୍ଷିତା ହୋଇଥିଲା । ତଥାପି ସେ ଚନ୍ଦ୍ରଠାରେ ଆପଣଙ୍କ ମୁଖଲାବଣ୍ୟର ସାଦୃଶ୍ୟ ଦେଖି ଆପଣଙ୍କ ବିଚ୍ଛେଦଜନିତ ଉତ୍କଣ୍ଠା ସହ୍ୟ କରୁଥିଲା । ମାତ୍ର ବର୍ତ୍ତମାନ ଚନ୍ଦ୍ର ମଧ୍ୟ ଆପଣଙ୍କ ମୁଖଲାବଣ୍ୟର ସାଦୃଶ୍ୟ ପରିତ୍ୟାଗ କଲାଣି । (ତେଣୁ ଆପଣ ନିଦ୍ରାତ୍ୟାଗ କରି ନିରାଶ୍ରୟା ଲକ୍ଷ୍ମୀଙ୍କୁ ଗ୍ରହଣ କରନ୍ତୁ ।) ୬୭

ଆପଣଙ୍କ ଚକ୍ଷୁ ଓ ପଦ୍ମ, ଦୁହେଁ ଏକ ସମୟରେ ସୁନ୍ଦର ଭାବରେ ବିକଶିତ ହୋଇ ବର୍ତ୍ତମାନ ପରସ୍ପରର ତୁଳନା ଲାଭ କରନ୍ତୁ । କାରଣ, ଆପଣଙ୍କ ଚକ୍ଷୁଭିତରେ ଯେପରି ସ୍ନିଗ୍ଧ ସୁନ୍ଦର ଡୋଳା ଢଳଢଳ ହେଉଥାଏ, ପଦ୍ମଭିତରେ ସେହିପରି ଚଳଚଞ୍ଚଳ ଭ୍ରମର ଉଡ଼ୁଥାଏ । ୬୮

ପ୍ରଭାତ-ବାୟୁ ବୋଧହୁଏ ପରଗୁଣ-ବଳରେ ଆପଣଙ୍କ ନିଃଶ୍ୱାସ-ବାୟୁର ସ୍ୱାଭାବିକ ସୁଗନ୍ଧ ଲାଭ କରିବାକୁ ଆଶା କରୁଛି । ତେଣୁ ସେ ବୃକ୍ଷମାନଙ୍କର ବୃନ୍ତରୁ ଶିଥିଳ ପୁଷ୍ପ ଗ୍ରହଣ କରୁଛି ଏବଂ ଅରୁଣକିରଣରେ ବିକଶିତ ପଦ୍ମ ସହିତ ସମ୍ମିଳିତ ହେଉଛି । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାମ୍ରୋଦରେଷୁ ପତିତଂ ତରୁପଲ୍ଲବେଷୁ
ନିର୍ଧୌତହାରଗୁଳିକାବିଶଦଂ ହିମାମ୍ଭଃ ।
ଆଭାତି ଲବ୍ଧପରଭାଗତୟାଧରୋଷ୍ଠେ
ଲୀଲାସ୍ମିତଂ ସଦଶନାର୍ଚିରିବ ତ୍ୱଦୀୟମ୍ ॥୭୦

ଯାବତ୍ପ୍ରତାପନିଧିରାକ୍ରମତେ ନ ଭାନୁ
ରହ୍ନାୟ ତାବଦରୁଣେନ ତମୋନିରସ୍ତମ୍ ।
ଆୟୋଧନାଗ୍ରସରତାଂ ତ୍ୱୟି ବୀର ଯାତେ
କିଂ ବା ରିପୂଂସ୍ତବ ଗୁରୁଃ ସ୍ୱୟମୁଚ୍ଛିନତ୍ତି ॥୭୧

ଶଯ୍ୟାଂ ଜହତ୍ୟୁଭୟପକ୍ଷବିନୀତନିଦ୍ରାଃ
ସ୍ତମ୍ବେରମା ମୁଖରଶୃଙ୍ଖଲକର୍ଷିଣସ୍ତେ ।
ଯେଷାଂ ବିଭାନ୍ତି ତରୁଣାରୁଣରାଗଯୋଗାଦ୍
ଭିନ୍ନାଦ୍ରିଗୈରିକତଟା ଇବ ଦନ୍ତକୋଶାଃ ॥୭୨

ଦୀର୍ଘେଷ୍ୱମୀ ନିୟମିତାଃ ପଟମଣ୍ଡପେଷୁ
ନିଦ୍ରାଂ ବିହାୟ ବନଜାକ୍ଷ ବନାୟୁଦେଶ୍ୟାଃ ।
ବକ୍ତ୍ରୋଷ୍ମଣା ମଳିନୟନ୍ତି ପୁରୋଗତାନି
ଲେହ୍ୟାନି ସୈନ୍ଧବଶିଳାଶକଳାନି ବାହାଃ ॥୭୩

ଭବତି ବିରଳଭକ୍ତିର୍ମ୍ଲାନପୁଷ୍ପୋପହାରଃ
ସ୍ୱକିରଣପରିବେଷୋଦ୍‌ଭେଦଶୂନ୍ୟାଃ ପ୍ରଦୀପାଃ ।
ଅୟମପି ଚ ଗିରଂ ନସ୍ତ୍ୱତ୍ପ୍ରବୋଧପ୍ରଯୁକ୍ତା
ମନୁବଦତି ଶୁକସ୍ତେ ମଞ୍ଜୁବାକ୍ ପଞ୍ଜରସ୍ଥଃ ॥୭୪

ଇତି ବିରଚିତବାଗ୍‌ଭିର୍ବନ୍ଦିପୁତ୍ରୈଃ କୁମାରଃ
ସପଦି ବିଗତନିଦ୍ରସ୍ତଳ୍ପମୁଜ୍‌ଝାଂଚକାର ।
ମଦପଟୁନିନଦଦ୍‌ଭିର୍ବୋଧିତୋ ରାଜହଂସୈଃ
ସୁରଗଜ ଇବ ଗାଙ୍ଗଂ ସୈକତଂ ସୁପ୍ରତୀକଃ ॥୭୫

ଅଥ ବିଧିମବସାୟ୍ୟ ଶାସ୍ତ୍ରଦୃଷ୍ଟଂ ଦିବସମୁଖୋଚିତମଞ୍ଚିତାକ୍ଷିପକ୍ଷ୍ମା ।
କୁଶଳବିରଚିତାନୁକୂଳବେଷଃ କ୍ଷିତିପସମାଜମଗାତ୍ ସ୍ୱୟମ୍ବରସ୍ଥମ୍ ॥ ୭୬

॥ इति श्रीमहाकविकालिदासकृतौ रघुवंशे महाकाव्ये
अजस्वयंवराभिगमनो नाम पञ्चमः सर्गः ॥

★●★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପତ୍ରମାନଙ୍କର ତାମ୍ରବର୍ଣ୍ଣ ମଧ୍ୟ ସ୍ଥଳରେ ଧୌତମୁକ୍ତାମଣିତୁଲ୍ୟ ସ୍ୱଚ୍ଛ ହିମବିନ୍ଦୁ ପ୍ରାତଃକାଳୀନ ଆଲୋକ ଗ୍ରହଣ କରୁଛି । ତେଣୁ ଆପଣଙ୍କ ଅଧର-ମଧ୍ୟରେ ଦନ୍ତପ୍ରଭା ଗ୍ରହଣ କରି ମୃଦୁହାସ୍ୟ ଯେପରି ଶୋଭପାଏ, ତାହା (ହିମବିନ୍ଦୁ) ସେହିପରି ଶୋଭ ପାଉଛି । ୭୦

ତେଜୋରାଶିର ଭଣ୍ଡାର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଅରୁଣ ହିଁ ଅନ୍ଧକାର ଦୂର କରିଦିଏ । ସେହିପରି ଆପଣ ଯୁଦ୍ଧରେ ଆଗେ ଆଗେ ଯାଉଥିବା ବେଳେ ଆପଣଙ୍କ ପିତାଙ୍କୁ କଅଣ ଶତ୍ରୁମାନଙ୍କୁ ବିନାଶ କରିବାକୁ ପଡ଼େ ? (ନା, ସେ ବିନାଶ କରିବା ପୂର୍ବରୁ ଆପଣ ହିଁ ଶତ୍ରୁମାନଙ୍କୁ ବିନାଶ କରିଦିଅନ୍ତି ।) ୭୧

ଆପଣଙ୍କର ହାତୀମାନେ ଦୁଇକଡ଼ ଶୋଇସାରି, ଶୃଙ୍ଖଳକୁ ଝଣ-ଝଣ କରି ଟାଣି ନିଦରୁ ଉଠିଲେଣି । ସେମାନଙ୍କର ପୁଷ୍କରକଡ଼ସଦୃଶ ଦନ୍ତରେ ବାଳରଶ୍ମି ପ୍ରତିଫଳିତ ହେବାରୁ ଜଣା ଯାଉଛି, ସତେ ଯେପରି ସେଗୁଡ଼ିକ (ଦନ୍ତଗୁଡ଼ିକ) ପର୍ବତତଟ ଭେଦ କରି ଗୈରିକ ଧାତୁର ରଙ୍ଗରେ ରଞ୍ଜିତ ହୋଇଛନ୍ତି ! ୭୨

ହେ ପଦ୍ମନୟନ ରାଜକୁମାର, ବସ୍ତ୍ରନିର୍ମିତ ଦୀର୍ଘ ମଣ୍ଡପମାନଙ୍କରେ ଯେଉଁ ପାରସ୍ୟଦେଶୀୟ ଅଶ୍ୱମାନେ ବନ୍ଧା ହୋଇଛନ୍ତି, ସେମାନେ ନିଦ୍ରା ତ୍ୟାଗ କରି ସମ୍ମୁଖରେ ଲେହନପାଇଁ ଥିବା ସୈନ୍ଧବ ଲୁଣଖଣ୍ଡଗୁଡ଼ିକୁ ନିଜର ମୁଖବାୟୁରେ ମଳିନ କଲେଣି (ଚାଟିବାକୁ ଆରମ୍ଭ କଲେଣି) । ୭୩

ଉପହାର-ଫୁଲମାଳଗୁଡ଼ିକରେ ଫୁଲସବୁ ଝାଉଁଳି ପଡ଼ିବାରୁ ମାଳ-ଗୁଡ଼ିକ ଶିଥିଳ ହୋଇଗଲେଣି । ପ୍ରଦୀପଗୁଡ଼ିକ ତେଜ ହରାଇଲେଣି । ଆଉ ମଧ୍ୟ, ଆମ୍ଭେମାନେ ଆପଣଙ୍କୁ ଶଯ୍ୟାରୁ ଉଠାଇବାପାଇଁ ଯେଉଁ କଥା କହୁଛୁ, ତାହାକୁ ପିଞ୍ଜରାରେ ଥିବା ମଞ୍ଜୁଭାଷୀ ଶୁକପକ୍ଷୀମାନେ ଅନୁକରଣ କଲେଣି ।"୭୪

ଏହିପରି ଭାବରେ ଭାଟପୁତ୍ରମାନଙ୍କ ସ୍ତୁତିପାଠରେ ରାଜକୁମାର ସହସା ଜାଗ୍ରତ ହୋଇ ଶଯ୍ୟା ତ୍ୟାଗ କଲେ, ଯେପରି ରାଜହଂସମାନଙ୍କର ହର୍ଷ-ମଧୁର ରବରେ ଜାଗ୍ରତ ହୋଇ 'ସୁପ୍ରତୀକ' ନାମକ ଦିଗ୍‌ଗଜ (ଈଶାନ କୋଣର ଦିଗ୍‌ଗଜ) ଗଙ୍ଗାର ବାଲୁକାମୟ କୂଳକୁ ତ୍ୟାଗ କରେ । ୭୫

ତା'ପରେ ଯଥାବିଧି ପ୍ରାତଃକୃତ୍ୟ ସମାପ୍ତ କରି ସୁନ୍ଦରନୟନ ଅଜ ସ୍ୱୟମ୍ବରଯୋଗ୍ୟ ବେଶ ପରିଧାନ କଲେ । ପ୍ରସାଧନ କରିବାରେ (ବେଶ କରିବାରେ) ପ୍ରବୀଣ ବ୍ୟକ୍ତିମାନେ ତାଙ୍କୁ ବେଶ କରିଦେଲେ । ତା'ପରେ ସେ ସ୍ୱୟମ୍ବର-ସ୍ଥଳରେ ଅନୁଷ୍ଠିତ ହେଉଥିବା ରାଜାମାନଙ୍କର ସଭାକୁ ଗମନ କଲେ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

षष्ठः सर्गः

स तत्र मञ्चेषु मनोज्ञवेषान् सिंहासनस्थानुपचारवत्सु ।
वैमानिकानां मरुतामपश्यदाकृष्टलीलान् नरलोकपालान् ।।१
ସ ତତ୍ର ମଞ୍ଚେଷୁ ମନୋଜ୍ଞବେଷାନ୍ ସିଂହାସନସ୍ଥାନୁପଚାରବତ୍ସୁ ।
ବୈମାନିକାନାଂ ମରୁତାମପଶ୍ୟଦାକୃଷ୍ଟଲୀଲାନ୍ ନରଲୋକପାଳାନ୍ ।।୧

रतेर्गृहीतानुनयेन कामं प्रत्यर्पितस्वाङ्गमिवेश्वरेण ।
काकुत्स्थमालोकयतां नृपाणां मनोबभूवेन्दुमतीनिराशम् ।।२
ରତେର୍ଗୃହୀତାନୁନୟେନ କାମଂ ପ୍ରତ୍ୟର୍ପିତସ୍ୱାଙ୍ଗମିବେଶ୍ୱରେଣ ।
କାକୁତ୍ସ୍ଥମାଲୋକୟତାଂ ନୃପାଣାଂ ମନୋବଭୂବେନ୍ଦୁମତୀନିରାଶମ୍ ।।୨

वैदर्भनिर्दिष्टमसौ कुमारः क्लृप्तेन सोपानपथेन मञ्चम् ।
शिलाविभङ्गैर्मृगराजशावस्तुङ्गं नगोत्सङ्गमिवारुरोह ।।३
ବୈଦର୍ଭନିର୍ଦ୍ଦିଷ୍ଟମସୌ କୁମାରଃ କ୍ଳୃପ୍ତେନ ସୋପାନପଥେନ ମଞ୍ଚମ୍ ।
ଶିଳାବିଭଙ୍ଗୈର୍ମୃଗରାଜଶାବସ୍ତୁଙ୍ଗଂ ନଗୋତ୍ସଙ୍ଗମିବାରୁରୋହ ।।୩

परार्ध्यवर्णास्तरणोपपन्नमासेदिवान् रत्नवदासनं सः ।
भूयिष्ठमासीदुपमेयकान्तिर्मयूरपृष्ठाश्रयिणा गुहेन ।।४
ପରାର୍ଦ୍ଧ୍ୟବର୍ଣ୍ଣାସ୍ତରଣୋପପନ୍ନମାସେଦିବାନ୍ ରତ୍ନବଦାସନଂ ସଃ ।
ଭୂୟିଷ୍ଠମାସୀଦୁପମେୟକାନ୍ତିର୍ମୟୂରପୃଷ୍ଠାଶ୍ରୟିଣା ଗୁହେନ ।।୪

तासु श्रिया राजपरम्परासु प्रभाविशेषोदयदुर्निरीक्ष्यः ।
सहस्रधाऽऽत्मा व्यरुचद् विभक्तः पयोमुचां पंक्तिषु विद्युतेव ।।५
ତାସୁ ଶ୍ରିୟା ରାଜପରମ୍ପରାସୁ ପ୍ରଭାବିଶେଷୋଦୟଦୁର୍ନିରୀକ୍ଷ୍ୟଃ ।
ସହସ୍ରଧାଽଽତ୍ମା ବ୍ୟରୁଚଦ୍ ବିଭକ୍ତଃ ପୟୋମୁଚାଂ ପଂକ୍ତିଷୁ ବିଦ୍ୟୁତେବ ।।୫

तेषां महार्हासनसंस्थितानामुदारनेपथ्यभृतां स मध्ये ।
रराज धाम्ना रघुसूनुरेव कल्पद्रुमाणामिव पारिजातः ।।६
ତେଷାଂ ମହାର୍ହାସନସଂସ୍ଥିତାନାମୁଦାରନେପଥ୍ୟଭୃତାଂ ସ ମଧ୍ୟେ ।
ରରାଜ ଧାମ୍ନା ରଘୁସୂନୁରେବ କଳ୍ପଦ୍ରୁମାଣାମିବ ପାରିଜାତଃ ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଷଷ୍ଠ ସର୍ଗ

ତା'ପରେ ଅଜ ଦେଖିଲେ, ରାଜାମାନେ ମନୋହର ବେଶ ପରିଧାନ କରି ସୁସଜ୍ଜିତ ମଣ୍ଡପମାନଙ୍କରେ ସିଂହାସନ ଉପରେ ବସିଛନ୍ତି ଏବଂ ବିମାନରେ ବସିଥିବା ଦେବତାମାନଙ୍କ ପରି ଦେଖାଯାଉଛନ୍ତି । ୧

ଅଜଙ୍କୁ ଦେଖି ରାଜାମାନଙ୍କର ମନ ଇନ୍ଦୁମତୀଙ୍କୁ ପାଇବାର ଆଶା ହରାଇଲା । କାରଣ ଅଜ ଥିଲେ ସତେ ଯେପରି ସ୍ୱୟଂ କନ୍ଦର୍ପ, ଯାହାଙ୍କୁ କି ବୋଧହୁଏ ଶିବ ରତିଙ୍କର ଅନୁନୟବିନୟରେ ସଦୟ ହୋଇ ପୁନର୍ଜୀବିତ କରି-ଦେଇଥିଲେ ! ୨

ସିଂହଶାବକ ଯେପରି ଶିଳାଖଣ୍ଡ ଗୁଡ଼ିକର ଉପର ଦେଇ ପର୍ବତର ଉଚ୍ଚ ଶୃଙ୍ଗକୁ ଆରୋହଣ କରେ, କୁମାର ଅଜ ସେହିପରି ସୁସଜ୍ଜିତ ପାହାଚ-ଗୁଡ଼ିକ ଉପରେ ପାଦ ଦେଇ, ବିଦର୍ଭରାଜାଙ୍କ ଦ୍ୱାରା ତାଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା ମଣ୍ଡପକୁ ଆରୋହଣ କଲେ । ୩

ବହୁମୂଲ୍ୟ ରଙ୍ଗବିରଙ୍ଗ ଗୁଦରରେ ଆଚ୍ଛାଦିତ, ରତ୍ନଖଚିତ ଆସନ ଉପରେ ବସି ସେ ମୟୂରପୃଷ୍ଠରେ ଆସୀନ କାର୍ତ୍ତିକେୟଙ୍କ ପରି ଅତ୍ୟନ୍ତ ଶୋଭା ପାଇଲେ । ୪

ଶ୍ରୀ (ଶୋଭା) ରାଜାମାନଙ୍କଠାରେ ସହସ୍ର ଭାଗରେ ବିଭକ୍ତ ହୋଇ-ଥିଲା; ସେ ତେଣୁ ମେଘମାଳାରେ ସହସ୍ର ଭାଗରେ ବିଭକ୍ତ ହୋଇଥିବା ବିଜୁଳି ପରି ବିଶେଷ ଜ୍ୟୋତି ଧାରଣ କରିଥିଲା ଏବଂ ଦର୍ଶକମାନଙ୍କର ଚକ୍ଷୁ ଝଲସାଇଦେଉଥିଲା । ୫

ରାଜାମାନେ ବହୁମୂଲ୍ୟ ବେଶ ପରିଧାନ କରି ବହୁମୂଲ୍ୟ ଆସନ-ମାନଙ୍କରେ ବସିଥିଲେ । ସେମାନଙ୍କ ମଧ୍ୟରେ ଅଜ ନିଜର ବିଶେଷ ତେଜ-ଦ୍ୱାରା କଳ୍ପବୃକ୍ଷମାନଙ୍କ ମଧ୍ୟରେ ପାରିଜାତ ବୃକ୍ଷ ପରି ଶୋଭା ପାଉଥିଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नेत्रव्रजाः पौरजनस्य तस्मिन् विहाय सर्वान् नृपतीन् निपेतुः ।
मदोत्कटे रेचितपुष्पवृक्षा गन्धद्विपे वन्य इव द्विरेफाः ॥७
ନେତ୍ରବ୍ରଜାଃ ପୌରଜନସ୍ୟ ତସ୍ମିନ୍ ବିହାୟ ସର୍ବାନ୍ ନୃପତୀନ୍ ନିପେତୁଃ ।
ମଦୋତ୍କଟେ ରେଚିତପୁଷ୍ପବୃକ୍ଷା ଗନ୍ଧଦ୍ୱିପେ ବନ୍ୟ ଇବ ଦ୍ୱିରେଫାଃ ॥୭

अथ स्तुते वन्दिभिरन्वयज्ञैः सोमार्कवंश्ये नरदेवलोके ।
सञ्चारिते चागुरुसारयोनौ धूपे समुत्सर्पति वैजयन्तीः ॥८
ଅଥ ସ୍ତୁତେ ବନ୍ଦିଭିରନ୍ୱୟଜ୍ଞୈଃ ସୋମାର୍କବଂଶ୍ୟେ ନରଦେବଲୋକେ ।
ସଂଚାରିତେ ଚାଗୁରୁସାରଯୋନୌ ଧୂପେ ସମୁତ୍ସର୍ପତି ବୈଜୟନ୍ତୀଃ ॥୮

पुरोपकण्ठोपवनाश्रयाणां कलापिनामुद्धतनृत्यहेतौ ।
प्रध्मातशङ्खे परितो दिगन्ताँस्तूर्यस्वने मूर्च्छति मङ्गलार्थे ॥९
ପୁରୋପକଣ୍ଠୋପବନାଶ୍ରୟାଣାଂ କଲାପିନାମୁଦ୍ଧତନୃତ୍ୟହେତୌ ।
ପ୍ରଧ୍ମାତଶଙ୍ଖେ ପରିତୋ ଦିଗନ୍ତାଂସ୍ତୂର୍ଯସ୍ୱନେ ମୂର୍ଚ୍ଛତି ମଙ୍ଗଳାର୍ଥେ ॥୯

मनुष्यवाह्यं चतुरस्रयानमध्यास्य कन्या परिवारशोभि ।
विवेश मञ्चान्तरराजमार्गं पतिंवरा क्लृप्तविवाहवेषा ॥१०
ମନୁଷ୍ୟବାହ୍ୟଂ ଚତୁରସ୍ରଯାନମଧ୍ୟାସ୍ୟ କନ୍ୟା ପରିବାରଶୋଭି ।
ବିବେଶ ମଞ୍ଚାନ୍ତରରାଜମାର୍ଗଂ ପତିମ୍ବରା କ୍ଳୃପ୍ତବିବାହବେଷା ॥୧୦

तस्मिन् विधानातिशये विधातुः कन्यामये नेत्रशतैकलक्ष्ये ।
निपेतुरन्तःकरणैर्नरेन्द्रा देहैः स्थिताः केवलमासनेषु ॥११
ତସ୍ମିନ୍ ବିଧାନାତିଶୟେ ବିଧାତୁଃ କନ୍ୟାମୟେ ନେତ୍ରଶତୈକଲକ୍ଷ୍ୟେ ।
ନିପେତୁରନ୍ତଃକରଣୈର୍ନରେନ୍ଦ୍ରା ଦେହୈଃ ସ୍ଥିତାଃ କେବଳମାସନେଷୁ ॥୧୧

तां प्रत्यभिव्यक्तमनोरथानां महीपतीनां प्रणयाग्रदूत्यः ।
प्रवालशोभा इव पादपानां शृङ्गारचेष्टा विविधा बभूवुः ॥१२
ତାଂ ପ୍ରତ୍ୟଭିବ୍ୟକ୍ତମନୋରଥାନାଂ ମହୀପତୀନାଂ ପ୍ରଣୟାଗ୍ରଦୂତ୍ୟଃ ।
ପ୍ରବାଳଶୋଭା ଇବ ପାଦପାନାଂ ଶୃଙ୍ଗାରଚେଷ୍ଟା ବିବିଧା ବଭୂବୁଃ ॥୧୨

कश्चित् कराभ्यामुपगूढनालमालोलपत्राभिहतद्विरेफम् ।
रजोभिरन्तःपरिवेषबन्धि लीलारविन्दं भ्रमयाञ्चकार ॥१३
କଶ୍ଚିତ୍ କରାଭ୍ୟାମୁପଗୂଢନାଳମାଲୋଳପତ୍ରାଭିହତଦ୍ୱିରେଫମ୍ ।
ରଜୋଭିରନ୍ତଃପରିବେଷବନ୍ଧି ଲୀଳାରବିନ୍ଦଂ ଭ୍ରମୟାଂଚକାର ॥୧୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭ୍ରମରଗଣ ଯେପରି ତୀବ୍ରଗନ୍ଧ ପୁଷ୍ପବୃକ୍ଷମାନଙ୍କୁ ପରିତ୍ୟାଗ କରି ବନ୍ୟ ହସ୍ତୀର ଗଣ୍ଡସ୍ଥଳରେ ନିବିଷ୍ଟ ରହନ୍ତି, ପୁରବାସୀମାନଙ୍କର ଦୃଷ୍ଟି ସେହିପରି ସମସ୍ତ ରଜାଙ୍କୁ ପରିତ୍ୟାଗ କରି ଅଜଙ୍କ ଉପରେ ନିବଦ୍ଧ ରହିଲା । ୭

ରଜାମାନଙ୍କର ବଂଶବୃତ୍ତାନ୍ତ ଜାଣିଥିବା ସ୍ତୁତିପାଠକମାନେ ସେହି ସୂର୍ଯ୍ୟ ବଂଶୀୟ ଓ ଚନ୍ଦ୍ରବଂଶୀୟ ରଜାମାନଙ୍କର ପରିଚୟ ଘୋଷଣା କଲେ । ଉତ୍କୃଷ୍ଟ ଅଗୁରୁଧୂପର ଧୂମ ପତାକା ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ୮

ମଙ୍ଗଳତୂର୍ଯ୍ୟନାଦ ନଗର-ଉପକଣ୍ଠ-ଉପବନରେ ମୟୂରମାନଙ୍କୁ ଉନ୍ମତ୍ତ ଭବରେ ନଚାଇ ଶଙ୍ଖଧ୍ୱନି ସହିତ ଚତୁର୍ଦ୍ଦିଗରେ ପ୍ରସାରିତ ହେଲା । ୯

ତା'ପରେ ବିବାହଯୋଗ୍ୟ ବେଶଭୂଷାରେ ବିଭୂଷିତା ଇନ୍ଦୁମତୀ ମନୁଷ୍ୟବହନୀୟ ପାଲିଙ୍କି ଉପରେ ବସି ପତିବରଣ କରିବା ପାଇଁ ସଖୀମାନଙ୍କ ସହିତ ସ୍ୱୟମ୍ବର ମଞ୍ଚର ମଧ୍ୟବର୍ତ୍ତୀ ପଥରେ ପ୍ରବେଶ କଲେ । ୧୦

ବିଧାତାଙ୍କର ଇନ୍ଦୁମତୀରୂପକ ସେହି ଶ୍ରେଷ୍ଠ ସୃଷ୍ଟି ଉପରେ ଶତଶତ ଦୃଷ୍ଟି ନିବଦ୍ଧ ରହିଲା । ରଜାମାନେ କେବଳ ଶରୀର ଘେନି ଆସନରେ ବସି ରହିଲେ; ସେମାନଙ୍କର ଅନ୍ତଃକରଣ ଇନ୍ଦୁମତୀଙ୍କଠାରେ ନିମଗ୍ନ ହୋଇଗଲା । ୧୧

ବିଭିନ୍ନ ବୃକ୍ଷ ଯେପରି ବିଭିନ୍ନ ପ୍ରକାର ପଲ୍ଲବଶୋଭା ପ୍ରକାଶ କରନ୍ତି, ସେହିପରି ରଜାମାନେ ବିଭିନ୍ନ ପ୍ରକାର ଶୃଙ୍ଗାର ଭବ ପ୍ରକାଶ କଲେ । ସେଥିରୁ ଇନ୍ଦୁମତୀଙ୍କ ପ୍ରତି ସେମାନଙ୍କର ଅଭିଳାଷ ସ୍ପଷ୍ଟଭବରେ ସୂଚିତ ହେଲା । ୧୨

ଜଣେ ରଜା ଦୁଇ ହାତରେ ଲୀଳା-ପଦ୍ମର ନାଡ଼ ଧରି ତାହାକୁ (ପଦ୍ମକୁ) ବୁଲାଇଲେ । ତେଣୁ ତାହାର ପାଖୁଡ଼ାଦ୍ୱାରା ଭ୍ରମରମାନେ ଆଘାତ ପାଇଲେ ଏବଂ ଘୂର୍ଣ୍ଣନ ଯୋଗୁଁ ତାହାର ମଝିରେ ପରାଗର ଏକ ମଣ୍ଡଳ ସୃଷ୍ଟି ହେଲା । (ଏପରି କରିବାରେ ସେ ରଜାଙ୍କର ଅଭିପ୍ରାୟ ଥିଲା— "ଗୋ ଇନ୍ଦୁମତୀ ! ମୋ ହାତରେ ବୁଲୁଥିବା ପଦ୍ମ ସମାନ ମୁଁ ତୁମ ସହିତ ବୁଲିବି ବା ତୁମେ ମୋ ସହିତ ବୁଲିବ ।") ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विस्रस्तमंसादपरो विलासी रत्नानुविद्धाङ्गदकोटिलग्नम् ।
प्रालम्बमुत्कृष्य यथावकाशं निनाय साचीकृतचारुवक्त्रः ॥१४
ବିସ୍ରସ୍ତମଂସାଦପରୋ ବିଳାସୀ ରତ୍ନାନୁବିଦ୍ଧାଙ୍ଗଦକୋଟିଲଗ୍ନମ୍ ।
ପ୍ରାଲମ୍ବମୁତ୍କୃଷ୍ୟ ଯଥାବକାଶଂ ନିନାୟ ସାଚୀକୃତଚାରୁବକ୍ତ୍ରଃ ॥୧୪

आकुञ्चिताग्राङ्गुलिना ततोऽन्यः किञ्चित्समावर्जितनेत्रशोभः ।
तिर्यग् विसंसर्पिनखप्रभेण पादेन हैमं विलिलेख पीठम् ॥१५
ଆକୁଞ୍ଚିତାଗ୍ରାଙ୍ଗୁଳିନା ତତୋଽନ୍ୟଃ କିଞ୍ଚିତ୍ସମାବର୍ଜିତନେତ୍ରଶୋଭଃ ।
ତିର୍ଯ୍ୟଗ୍ବିସଂସର୍ପିନଖପ୍ରଭେଣ ପାଦେନ ହୈମଂ ବିଲିଲେଖ ପୀଠମ୍ ॥୧୫

निवेश्य वामं भुजमासनार्धे तत्संनिवेशादधिकोन्नतांसः ।
कश्चिद् विवृत्तत्रिकभिन्नहारः सुहृत्समाभाषणतत्परोऽभूत् ॥१६
ନିବେଶ୍ୟ ବାମଂ ଭୁଜମାସନାର୍ଦ୍ଧେ ତତ୍ସଂନିବେଶାଦଧିକୋନ୍ନତାଂସଃ ।
କଶ୍ଚିଦ୍ ବିବୃତ୍ତତ୍ରିକଭିନ୍ନହାରଃ ସୁହୃତ୍ସମାଭାଷଣତତ୍ପରୋଽଭୂତ୍ ॥୧୬

विलासिनीविभ्रमदन्तपत्रमापाण्डुरं केतकबर्हमन्यः ।
प्रियानितम्बोचितसंनिवेशैर्विपाटयामास युवा नखाग्रैः ॥१७
ବିଳାସିନୀବିଭ୍ରମଦନ୍ତପତ୍ରମାପାଣ୍ଡୁରଂ କେତକବର୍ହମନ୍ୟଃ ।
ପ୍ରିୟାନିତମ୍ବୋଚିତସଂନିବେଶୈର୍ବିପାଟୟାମାସ ଯୁବା ନଖାଗ୍ରୈଃ ॥୧୭

कुशेशयाताम्रतलेन कश्चित् करेण रेखाध्वजलाञ्छनेन ।
रत्नाङ्गुलीयप्रभयानुविद्धानुदीरयामास सलीलमक्षान् ॥ १८
କୁଶେଶୟାତାମ୍ରତଳେନ କଶ୍ଚିତ୍ କରେଣ ରେଖାଧ୍ୱଜଲାଞ୍ଛନେନ ।
ରତ୍ନାଙ୍ଗୁଳୀୟପ୍ରଭୟାନୁବିଦ୍ଧାନୁଦୀରୟାମାସ ସଲୀଳମକ୍ଷାନ୍ ॥୧୮

कश्चिद् यथाभागमवस्थितेऽपि स्वसंनिवेशाद् व्यतिलङ्घिनीव ।
वज्रांशुगर्भाङ्गुलिरन्ध्रमेकं व्यापारयामास करं किरीटे ॥१९
କଶ୍ଚିଦ୍ ଯଥାଭାଗମବସ୍ଥିତେଽପି ସ୍ୱସଂନିବେଶାଦ୍ ବ୍ୟତିଲଙ୍ଘିନୀବ ।
ବଜ୍ରାଂଶୁଗର୍ଭାଙ୍ଗୁଳିରନ୍ଧ୍ରମେକଂ ବ୍ୟାପାରୟାମାସ କରଂ କିରୀଟେ ॥୧୯

ततो नृपाणां श्रुतवृत्तवंशा पुंवत्प्रगल्भा प्रतिहाररक्षी ।
प्राक् संनिकर्षं मगधेश्वरस्य नीत्वा कुमारीमवदत् सुनन्दा ॥२०
ତତୋ ନୃପାଣାଂ ଶ୍ରୁତବୃତ୍ତବଂଶା ପୁଂବତ୍ପ୍ରଗଲ୍ଭା ପ୍ରତିହାରରକ୍ଷୀ ।
ପ୍ରାକ୍ ସଂନିକର୍ଷଂ ମଗଧେଶ୍ୱରସ୍ୟ ନୀତ୍ୱା କୁମାରୀମବଦତ୍ ସୁନନ୍ଦା ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅନ୍ୟ ଜଣେ ରଜା ତାଙ୍କର ସୁନ୍ଦର ମୁହଁକୁ ତେରଛା କରି, କାନ୍ଧରୁ ଖସିପଡ଼ି ରତ୍ନନିର୍ମିତ ବାହୁଭୂଷଣର ଅଗରେ ଲଗିରହିଥିବା ଉତ୍ତରୀୟକୁ (ଚଦରକୁ) ଯଥାସ୍ଥାନରେ ରଖିଲେ । (ତାଙ୍କର ଅଭିପ୍ରାୟ ଥିଲା—ମୁଁ ଏହିପରି ଠାଣିରେ ତୁମ ସହିତ ବିହାର କରିବି ।) ୧୪

ଆଉଜଣେ ରଜା ବାଙ୍କ ଚାହାଣିରେ ପାଦଆଙ୍ଗୁଳିଗୁଡ଼ିକୁ ନିଜ ଆଡ଼କୁ ସଙ୍କୁଚିତ କରି ସେଥିରେ ସୁବର୍ଣ୍ଣ-ପାଦପୀଠକୁ ବିଦାରିବାରେ ଲଗିଲେ । ସେତେବେଳେ ସେହି ଅଙ୍ଗୁଳିଗୁଡ଼ିକର ନଖଶୋଭା ବକ୍ରଭାବରେ ପ୍ରସାରିତ ହୋଇଯାଉଥିଲା । (ପ୍ରିୟେ ଇନ୍ଦୁମତୀ, ମୋ ନିକଟକୁ ଆସ—ଏହା ଜଣାଇବା ତାଙ୍କର ଅଭିପ୍ରାୟ ଥିଲା ।) ୧୫

ଆଉ ଜଣେ ରଜା ବାମ ହସ୍ତକୁ ଆସନର ଅଧାରେ ରଖି ବାମ ପାଖରେ ବସିଥିବା ବନ୍ଧୁଙ୍କ ସହିତ ଆଳାପ କରିବାରେ ଲଗିଲେ । ବାମ ହସ୍ତକୁ ଆସନରେ ରଖିଥିବାରୁ ତାଙ୍କର ଡାହାଣ କାନ୍ଧ ବାମ କାନ୍ଧ ଅପେକ୍ଷା ଉଚ୍ଚ ହୋଇଥିଲା ଏବଂ ତା ଫଳରେ କଣ୍ଠହାର ବାମ କାନ୍ଧ ଆଡ଼କୁ ଝୁଲି-ପଡ଼ିଥିଲା । (ଏପରି କରିବାରେ ସେ ରଜାଙ୍କର ଅଭିପ୍ରାୟ ଥିଲା—ମୁଁ ଅନ୍ୟ-ମାନଙ୍କ ସହିତ ଆଳାପ କଲାବେଳେ ତୁମକୁ ବାମ ପାର୍ଶ୍ୱରେ ଧରିଥିବି ।) ୧୬

ଆଉ ଜଣେ ଯୁବକ ରଜା ବିଳାସିନୀମାନଙ୍କର ପାନିଆ ସ୍ୱରୂପ, ଅଳ୍ପ ଶ୍ୱେତବର୍ଣ୍ଣ କେତକୀ ଫୁଲର ପାଖୁଡ଼ାକୁ ନଖରେ ବିଦାରଣ କଲେ । ତାଙ୍କର ସେହି ନଖ ପ୍ରିୟାମାନଙ୍କର ନିତମ୍ବ କ୍ଷତ କରିବାପାଇଁ ଉପଯୁକ୍ତ ଥିଲା । (ସେ ରଜାଙ୍କର ଅଭିପ୍ରାୟ ଥିଲା—ମୁଁ ତୁମର ସ୍ତନ, ନିତମ୍ବ ପ୍ରଭୃତିରେ ନଖାଘାତ କରି ରମଣ କରିବି ।) ୧୭

ଆଉ ଜଣେ ରଜା ନିଜର ପତାକା ରେଖା-ଆଦି ଚିହ୍ନଚିହ୍ନିତ, ପଦ୍ମ-ତୁଲ୍ୟ ଲୋହିତବର୍ଣ୍ଣ କରତଳରେ ପଶାକାଠି ଗୁଡ଼ିକ ଧରି ବିଳାସୀଭାବରେ ଫିଙ୍ଗିଲେ । ରତ୍ନମୁଦିଗୁଡ଼ିକର ପ୍ରଭାରେ ସେହି ପଶାକାଠିଗୁଡ଼ିକ ରଞ୍ଜିତ ହୋଇ-ଉଠୁଥିଲା । ୧୮

ଆଉ ଜଣେ ରଜା ନିଜ ମସ୍ତକରେ ମୁକୁଟ ଯଥାସ୍ଥାନରେ ଥିଲେ ମଧ୍ୟ ଏକ ହସ୍ତରେ ତାହାକୁ ଧରି ସଜାଡ଼ିବାକୁ ଲଗିଲେ, ସତେ ଯେପରି ସେହି ମୁକୁଟ ସ୍ୱସ୍ଥାନରୁ ଇତସ୍ତତଃ ହୋଇଯାଉଥିଲା ! (କିନ୍ତୁ ପ୍ରକୃତରେ ସେପରି ହେଉ ନଥିଲା ।) ତାହାକୁ ସଜାଡ଼ିବା ବେଳେ ସେଥିରେ ଲଗିଥିବା ହୀରାର କିରଣରେ ତାଙ୍କର ଅଙ୍ଗୁଳିଗୁଡ଼ିକ ରଞ୍ଜିତ ହୋଇଉଠୁଥିଲା । (ତାଙ୍କର ଅଭିପ୍ରାୟ ଥିଲା—ମୁଁ ତୁମକୁ ମୁକୁଟ ପରି ମସ୍ତକରେ ଧାରଣ କରିବି ।) ୧୯

ତା'ପରେ ସୁନନ୍ଦା ନାମକ ପ୍ରତୀହାରୀ (ଦ୍ୱାରପାଳିକା), ଯେ କି ରଜାମାନଙ୍କର ବଂଶବୃତ୍ତାନ୍ତ ଭଲଭାବରେ ଜାଣିଥିଲା ଏବଂ ପୁରୁଷଙ୍କ ଭଳି ପ୍ରଗଲ୍‌ଭ ଭାବରେ କହିପାରୁଥିଲା, ସେ କୁମାରୀ ଇନ୍ଦୁମତୀଙ୍କୁ ପ୍ରଥମେ ମଗଧ-ରଜାଙ୍କ ନିକଟକୁ ନେଇ କହିଲା :— ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

असौ शरण्यः शरणोन्मुखानामगाधसत्त्वो मगधप्रतिष्ठः ।
राजा प्रजारञ्जनलब्धवर्णः परन्तपो नाम यथार्थनामा ॥२१
ଅସୌ ଶରଣ୍ୟଃ ଶରଣୋନ୍ମୁଖାନାମଗାଧସତ୍ତ୍ୱୋ ମଗଧପ୍ରତିଷ୍ଠଃ ।
ରାଜା ପ୍ରଜାରଞ୍ଜନଲବ୍ଧବର୍ଣ୍ଣଃ ପରନ୍ତପୋ ନାମ ଯଥାର୍ଥନାମା ॥୨୧

कामं नृपाः सन्तु सहस्रशोऽन्ये राजन्वतीमाहुरनेन भूमिम् ।
नक्षत्रताराग्रहसंकुलापि ज्योतिष्मती चन्द्रमसैव रात्रिः ।
କାମଂ ନୃପାଃ ସନ୍ତୁ ସହସ୍ରଶୋଽନ୍ୟେ ରାଜନ୍ୱତୀମାହୁରନେନ ଭୂମିମ୍ ।
ନକ୍ଷତ୍ରତାରାଗ୍ରହସଂକୁଳାପି ଜ୍ୟୋତିଷ୍ମତୀ ଚନ୍ଦ୍ରମସୈବ ରାତ୍ରିଃ ॥୨୨

क्रियाप्रबन्धादयमध्वराणामजस्रमाहूतसहस्रनेत्रः ।
शच्याश्चिरं पाण्डुकपोललम्बान् मन्दारशून्यानलकांश्चकार ॥२३
କ୍ରିୟାପ୍ରବନ୍ଧାଦୟମଧ୍ୱରାଣାମଜସ୍ରମାହୂତସହସ୍ରନେତ୍ରଃ ।
ଶଚ୍ୟାଶ୍ଚିରଂ ପାଣ୍ଡୁକପୋଲଲମ୍ବାନ୍ ମନ୍ଦାରଶୂନ୍ୟାନଳକାଂଶ୍ଚକାର ॥୨୩

अनेन चेदिच्छसि गृह्यमाणं पाणिं वरेण्येन कुरु प्रवेशे ।
प्रासादवातायनसंस्थितानां नेत्रोत्सवं पुष्पपुराङ्गनानाम् ॥२४
ଅନେନ ଚେଦିଚ୍ଛସି ଗୃହ୍ୟମାଣଂ ପାଣିଂ ବରେଣ୍ୟେନ କୁରୁ ପ୍ରବେଶେ ।
ପ୍ରାସାଦବାତାୟନସଂସ୍ଥିତାନାଂ ନେତ୍ରୋତ୍ସବଂ ପୁଷ୍ପପୁରାଙ୍ଗନାନାମ୍ ॥୨୪

एवं तयोक्ते तमवेक्ष्य किंचिद्-विस्रंसिदूर्वाङ्कमधूकमाला ।
ऋजुप्रणामक्रिययैव तन्वी प्रत्यादिदेशैनमभाषमाणा ॥२५
ଏବଂ ତୟୋକ୍ତେ ତମବେକ୍ଷ୍ୟ କିଞ୍ଚିଦ୍ ବିସ୍ରଂସିଦୂର୍ବାଙ୍କମଧୂକମାଳା ।
ରଜୁପ୍ରଣାମକ୍ରିୟୟୈବ ତନ୍ୱୀ ପ୍ରତ୍ୟାଦିଦେଶୈନମଭଷମାଣା ॥୨୫

तां सैव वेत्रग्रहणे नियुक्ता राजान्तरं राजसुतां निनाय ।
समीरणोत्थेव तरङ्गलेखा पद्मान्तरं मानसराजहंसीम् ॥२६
ତାଂ ସୈବ ବେତ୍ରଗ୍ରହଣେ ନିୟୁକ୍ତା ରାଜାନ୍ତରଂ ରାଜସୁତାଂ ନିନାୟ ।
ସମୀରଣୋତ୍ଥେବ ତରଙ୍ଗଲେଖା ପଦ୍ମାନ୍ତରଂ ମାନସରାଜହଂସୀମ୍ ॥୨୬

जगाद चैनामयमङ्गनाथो सुराङ्गनाप्रार्थितयौवनश्रीः ।
विनीतनागः किल सूत्रकारैरैन्द्रं पदं भूमिगतोऽपि भुङ्क्ते ॥२७
ଜଗାଦ ଚୈନାମୟମଙ୍ଗନାଥଃ ସୁରାଙ୍ଗନାପ୍ରାର୍ଥିତଯୌବନଶ୍ରୀଃ ।
ବିନୀତନାଗଃ କିଲ ସୂତ୍ରକାରୈରୈନ୍ଦ୍ରଂ ପଦଂ ଭୂମିଗତୋଽପି ଭୁଂକ୍ତେ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ଇନ୍ଦୁମତୀ ! ଏ ହେଉଛନ୍ତି ମଗଧରାଜ । ଏ ଶରଣାର୍ଥୀମାନଙ୍କୁ ଶରଣ ଦେବାରେ ଦକ୍ଷ, ପ୍ରଭୂତବଳଶାଳୀ ଏବଂ ପ୍ରଜାମାନଙ୍କୁ ଉତ୍ତମଭାବେ ପାଳନ କରି ବିଖ୍ୟାତ ଯଶର ଅଧିକାରୀ । ଏହାଙ୍କ ନାମ 'ପରନ୍ତପ' । ଏ ନାମ ମଧ୍ୟ ଯଥାର୍ଥ । ୨୧

ହଜାର ହଜାର ଅନ୍ୟ ରଜା ଥାଆନ୍ତୁ ପଛେ, କେବଳ ଏହାଙ୍କୁ ପାଇ ପୃଥିବୀ ରଜବତୀ ହୋଇଛି, ଯେପରି ଅଶ୍ୱିନୀ ସ୍ୱାତୀ ପ୍ରଭୃତି ନକ୍ଷତ୍ର, ମଙ୍ଗଳ ବୁଧ ପ୍ରଭୃତି ଗ୍ରହ ଏବଂ ଅନ୍ୟାନ୍ୟ ତାରାଗଣ ଥିଲେ ମଧ୍ୟ କେବଳ ଚନ୍ଦ୍ରଙ୍କଦ୍ୱାରା ରାତ୍ରି ଜ୍ୟୋତିଷ୍ମତୀ ହୁଏ । ୨୨

ଏ ରାଜା ସର୍ବଦା ଯଜ୍ଞାନୁଷ୍ଠାନ କରି ଇନ୍ଦ୍ରଙ୍କୁ ଆହ୍ୱାନ କରନ୍ତି । ତେଣୁ ଶଚୀଙ୍କର କପୋଳ ଅନେକ ସମୟରେ ପାଣ୍ଡୁର ବର୍ଣ୍ଣ ଧାରଣ କରେ ଏବଂ ତାଙ୍କର କେଶ ପାରିଜାତପୁଷ୍ପ-ଭୂଷଣରୁ ବଞ୍ଚିତ ହୁଏ । (ଇନ୍ଦ୍ର ଏହାଙ୍କର ଯଜ୍ଞକୁ ଆସି ଦୀର୍ଘକାଳ ରହୁଥିବାରୁ ତାଙ୍କ ବିଚ୍ଛେଦରେ ଶଚୀ କୌଣସି ଭୂଷଣ ପରିଧାନ କରନ୍ତି ନାହିଁ । ତାଙ୍କର କପୋଳ ମଧ୍ୟ ବିରହଦୁଃଖରେ ପାଣ୍ଡୁର ବର୍ଣ୍ଣ ଦେଖାଯାଏ ।) ୨୩

ଗୋ ରାଜକୁମାରି ! ତୁମେ ଯଦି ଏହି ବରେଣ୍ୟ ରାଜାଙ୍କର ପାଣିଗ୍ରହଣ କରିବାକୁ ଚାହିଁବ, ତାହାହେଲେ ତୁମେ ପୁଷ୍ପପୁରକୁ (ପାଟଳିପୁତ୍ରକୁ) ପ୍ରବେଶ କଲାବେଳେ ସେଠାକାର ପୁରନାରୀମାନେ କୋଠାଘରର ଝରକାମାନଙ୍କରୁ ତୁମକୁ ଚାହିଁ ପରମ ଆନନ୍ଦ ଲାଭ କରିବେ । ୨୪

ସୁନନ୍ଦା ଏହିପରି କହନ୍ତେ କୃଶାଙ୍ଗୀ ଇନ୍ଦୁମତୀ ତାହାଙ୍କୁ ଚାହିଁ କିଛି ନ କହି, ସାଧାରଣଭାବରେ ପ୍ରଣାମଟିଏ କରି ପରିତ୍ୟାଗ କଲେ । ପ୍ରଣାମ କଲାବେଳେ ତାଙ୍କର ଦୂର୍ବାମିଶ୍ରିତ 'ମଧୁକ' ଫୁଲର ହାର ଅଳ୍ପ ପରିମାଣରେ ତଳକୁ ଝୁଲି ପଡ଼ିଲା । ୨୫

ତା'ପରେ ବାୟୁ-ଆନ୍ଦୋଳିତା ଲହରୀମାଳା ଯେପରି ମାନସ-ସରୋବରର ରାଜହଂସୀକୁ ଏକ ପଦ୍ମ ପାଖରୁ ଅନ୍ୟ ପଦ୍ମ ପାଖକୁ ନେଇଯାଏ, ଦ୍ୱାରପାଳିକା ସୁନନ୍ଦା ସେହିପରି ରାଜକୁମାରୀଙ୍କୁ ଆଉ ଜଣେ ରାଜାଙ୍କ ନିକଟକୁ ନେଇଗଲା । ୨୬

ଏବଂ କହିଲା—ଗୋ ଇନ୍ଦୁମତୀ ! ଏ ହେଉଛନ୍ତି ଅଙ୍ଗଦେଶର ରାଜା । ଏହାଙ୍କର ଯୌବନ-ଶ୍ରୀକୁ ଅପ୍‌ସରମାନେ ମଧ୍ୟ କାମନା କରନ୍ତି । ଏ ଗଜଶାସ୍ତ୍ରବିତ୍ ପଣ୍ଡିତମାନଙ୍କଦ୍ୱାରା ଗଜମାନଙ୍କୁ ଶିକ୍ଷିତ କରାଇଛନ୍ତି । ଆଉ ମଧ୍ୟ ଏ ଯଦ୍ୟପି ପୃଥିବୀରେ ଅଛନ୍ତି, ତଥାପି ଇନ୍ଦ୍ର-ଐଶ୍ୱର୍ଯ୍ୟ ଭୋଗ କରୁଅଛନ୍ତି । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जनेन पर्यासयताश्रुबिन्दून् मुक्ताफलस्थूलतमान् स्तनेषु ।
प्रत्यर्पिताः शत्रुविलासिनीनामुन्मुच्य सूत्रेण विनैव हाराः ॥२८
ଅନେନ ପର୍ଯ୍ୟାସୟତାଶ୍ରୁବିନ୍ଦୂନ୍ ମୁକ୍ତାଫଳସ୍ଥୂଳତମାନ୍ ସ୍ତନେଷୁ ।
ପ୍ରତ୍ୟର୍ପିତାଃ ଶତ୍ରୁବିଳାସିନୀନାମୁନ୍ମୁଚ୍ୟ ସୂତ୍ରେଣ ବିନୈବ ହାରାଃ ॥୨୮

निसर्गभिन्नास्पदमेकसंस्थमस्मिन् द्वयं श्रीश्च सरस्वती च ।
कान्त्या गिरा सुनृतया च योग्या त्वमेव कल्याणि तयोस्तृतीया ॥२९
ନିସର୍ଗଭିନ୍ନାସ୍ପଦମେକସଂସ୍ଥମସ୍ମିନ୍ ଦ୍ୱୟଂ ଶ୍ରୀଶ୍ଚ ସରସ୍ୱତୀ ଚ ।
କାନ୍ତ୍ୟା ଗିରା ସୁନୃତୟା ଚ ଯୋଗ୍ୟା ତ୍ୱମେବ କଲ୍ୟାଣି ତୟୋସ୍ତୃତୀୟା ୨୯

अथाङ्गराजादवतार्य चक्षुर्याहीति जन्यामवदत् कुमारी ।
नासौ न काम्यो न च वेद सम्यग्द्रष्टुं न सा भिन्नरुचिर्हि लोकः ॥३०
ଅଥାଙ୍ଗରାଜାଦବତାର୍ଯ୍ୟ ଚକ୍ଷୁର୍ଯାହୀତି ଜନ୍ୟାମବଦତ୍ କୁମାରୀ ।
ନାସୌ ନ କାମ୍ୟୋ ନ ଚ ବେଦ ସମ୍ୟଗ୍ ଦ୍ରଷ୍ଟୁଂ ନ ସା ଭିନ୍ନରୁଚିର୍ହିଲୋକଃ ॥୩୦

ततः परं दुष्प्रसहं द्विषद्भिर्नृपं नियुक्ता प्रतिहारभूमौ ।
निदर्शयामास विशेषदृश्यमिन्दुं नवोत्थानमिवेन्दुमत्यै ॥३१
ତତଃ ପରଂ ଦୁଷ୍ପ୍ରସହଂ ଦ୍ୱିଷଦ୍ଭିର୍ନୃପଂ ନିୟୁକ୍ତା ପ୍ରତିହାରଭୂମୌ ।
ନିଦର୍ଶୟାମାସ ବିଶେଷଦୃଶ୍ୟମିନ୍ଦୁଂ ନବୋତ୍ଥାନମିବେନ୍ଦୁମତ୍ୟୈ ॥୩୧

अवन्तिनाथोऽयमुदग्रबाहुर्विशालवक्षास्तनुवृत्तमध्यः ।
आरोप्य चक्रभ्रममुष्णतेजास्त्वष्ट्रेव यत्नोल्लिखितो विभाति ॥३२
ଅବନ୍ତିନାଥୋଽୟମୁଦଗ୍ରବାହୁର୍ବିଶାଳବକ୍ଷାସ୍ତନୁବୃତ୍ତମଧ୍ୟଃ ।
ଆରୋପ୍ୟ ଚକ୍ରଭ୍ରମମୁଷ୍ଣତେଜାସ୍ତ୍ୱଷ୍ଟ୍ରେବ ଯତ୍ନୋଲ୍ଲିଖିତୋ ବିଭାତି ॥୩୨

अस्य प्रयाणेषु समग्रशक्तेरग्रेसरैर्वाजिभिरुत्थितानि ।
कुर्वन्ति सामन्तशिखामणीनां प्रभाप्ररोहास्तमयं रजांसि ॥३३
ଅସ୍ୟ ପ୍ରୟାଣେଷୁ ସମଗ୍ରଶକ୍ତେରଗ୍ରେସରୈର୍ବାଜିଭିରୁତ୍ଥିତାନି ।
କୁର୍ବନ୍ତି ସାମନ୍ତଶିଖାମଣୀନାଂ ପ୍ରଭାପ୍ରରୋହାସ୍ତମୟଂ ରଜାଂସି ॥୩୩

असौ महाकालनिकेतनस्य वसन्नदूरे किल चन्द्रमौलेः ।
तमिस्रपक्षेऽपि सह प्रियाभिर्ज्योत्स्नावतो निर्विशति प्रदोषान् ॥३४
ଅସୌ ମହାକାଳନିକେତନସ୍ୟ ବସନ୍ନଦୂରେ କିଲ ଚନ୍ଦ୍ରମୌଳେଃ ।
ତମିସ୍ରପକ୍ଷେଽପି ସହ ପ୍ରିୟାଭି ର୍ଜ୍ୟୋସ୍ନାବତୋ ନିର୍ବିଶତି ପ୍ରଦୋଷାନ୍ ॥ ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ରାଜା ଶତ୍ରୁ-ସ୍ତ୍ରୀମାନଙ୍କ ସ୍ତନରୁ ମୁକ୍ତାହାର ବାହାର କରାଇ ସେହି ସ୍ଥାନରେ ସେମାନଙ୍କ ଚକ୍ଷୁରୁ ବଡ଼ ବଡ଼ ଅଶ୍ରୁବିନ୍ଦୁ ଝରାଇ ବିନା ସୂତ୍ରର ମୁକ୍ତାହାର ପିନ୍ଧାଇ ଦିଅନ୍ତି । (ଏ ରାଜା ଶତ୍ରୁମାନଙ୍କୁ ଧ୍ୱଂସ କରିବାରୁ ସେମାନଙ୍କ ସ୍ତ୍ରୀମାନେ ମୁକ୍ତାହାର ଛିଣ୍ଡାଇ ବିଳାପ କରନ୍ତି । ସେମାନଙ୍କ ଚକ୍ଷୁରୁ ବଡ଼ ବଡ଼ ଅଶ୍ରୁବିନ୍ଦୁ ଝରି ସ୍ତନ ଉପରେ ପଡ଼େ । ସେଗୁଡ଼ିକ ବିନା ସୂତ୍ରରେ ଗୁନ୍ଥା ହୋଇଥିବା ମୁକ୍ତାହାର ପରି ଦେଖାଯାଏ ।) ୨୮

ଲକ୍ଷ୍ମୀ ଓ ସରସ୍ୱତୀ ସ୍ୱଭବତଃ ଏକ ସ୍ଥାନରେ ରହିପାରନ୍ତି ନାହିଁ । କିନ୍ତୁ ଏହାଙ୍କଠାରେ ସେ ଦୁହେଁ ଏକତ୍ର ଅବସ୍ଥାନ କରିଛନ୍ତି । ଗୋ କଲ୍ୟାଣି, ଏକା ତୁମେହିଁ ତୁମର ଲାବଣ୍ୟ ଏବଂ ମଧୁର ବଚନଦ୍ୱାରା ସେ ଦୁହିଁଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିବାକୁ ସମର୍ଥା ।" ୨୯

ତାହା ଶୁଣି ଇନ୍ଦୁମତୀ ଅଙ୍ଗରାଜାଙ୍କ ଉପରୁ ଆଖି ଫେରାଇ ସଖୀମାନଙ୍କୁ 'ଚାଲ' ବୋଲି କହିଲେ । ଅଙ୍ଗରାଜା ଯେ ସୁନ୍ଦର ନ ଥିଲେ, ତାହା ନୁହେଁ, କିମ୍ବା ଇନ୍ଦୁମତୀ ଯେ ଦେଖି ଜାଣିନଥିଲେ, ତା ନୁହେଁ; କିନ୍ତୁ ଲୋକମାନଙ୍କର ରୁଚି ହିଁ ବିଭିନ୍ନ । ୩୦

ତା'ପରେ ସୁନନ୍ଦା ଇନ୍ଦୁମତୀଙ୍କୁ ଅତ୍ୟନ୍ତ ବୀର ତଥା ସୁନ୍ଦର, ନବୋଦିତଚନ୍ଦ୍ରତୁଲ୍ୟ ଏକ ରାଜାଙ୍କ ନିକଟକୁ ନେଇ କହିଲା— ୩୧

ଏ ହେଉଛନ୍ତି ଅବନ୍ତିଦେଶର ରାଜା । ଏହାଙ୍କର ବାହୁ ଦୀର୍ଘ, ବକ୍ଷ ବିଶାଳ, କଟୀ କ୍ଷୀଣ ତଥା ବର୍ତ୍ତୁଳ । ସୂର୍ଯ୍ୟ ବିଶ୍ୱକର୍ମାଙ୍କଦ୍ୱାରା ଯନ୍ତ୍ରର ସହିତ ଶାଣ ଦିଆହୋଇ ଯେପରି ଶୋଭା ପାଉଛନ୍ତି, ଏ ସେହିପରି ଶୋଭା ପାଉଛନ୍ତି । (ଏକ ପୌରାଣିକ କଥା ଅଛି:—ବିଶ୍ୱକର୍ମା ନିଜ କନ୍ୟା ସଂଜ୍ଞାଙ୍କୁ ସୂର୍ଯ୍ୟଙ୍କ ସହିତ ବିବାହ କରାଇଲେ । ସଂଜ୍ଞା ସୂର୍ଯ୍ୟଙ୍କର ତେଜ ସହି ନ ପାରିବାରୁ କନ୍ୟାର ଅନୁରୋଧରେ ବିଶ୍ୱକର୍ମା ସୂର୍ଯ୍ୟଙ୍କୁ ଶାଣ ଉପରେ ରଖି ଅତି ଯନ୍ତ୍ରରେ ଛୋଟ କରିଦେଲେ ।) ୩୨

ପ୍ରଭୁଶକ୍ତି, ମନ୍ତ୍ରଶକ୍ତି ଏବଂ ଉତ୍ସାହଶକ୍ତିରେ ବଳୀୟାନ୍ ଏହି ରାଜା ଯେତେବେଳେ ଯୁଦ୍ଧଯାତ୍ରା କରନ୍ତି, ସେତେବେଳେ ଏହାଙ୍କ ଅଗ୍ରଗାମୀ ଅଶ୍ୱମାନଙ୍କ ଖୁରରୁ ଧୂଳିରାଶି ଉଠି ସାମନ୍ତ ରାଜାମାନଙ୍କ ମୁକୁଟରଶ୍ମିକୁ ଲେପ କରିଦିଏ । ୩୩

ଏହି ରାଜା ମହାକାଳନିବାସୀ ଚନ୍ଦ୍ରଶେଖର ଶିବଙ୍କ ନିକଟରେ ବାସ କରୁଥିବାରୁ କୃଷ୍ଣପକ୍ଷରେ ମଧ୍ୟ ପ୍ରିୟାମାନଙ୍କ ସହିତ ଚାନ୍ଦିନୀ ରାତି ଉପଭୋଗ କରନ୍ତି । (ମହାକାଳ—ଉଜ୍ଜୟିନୀ ଅନ୍ତର୍ଗତ ଏକ ସ୍ଥାନ । ଶିବଙ୍କର ମସ୍ତକରେ ଚନ୍ଦ୍ର ଥିବାରୁ ସେଠାକାର ଅନ୍ଧାର ରାତି ମଧ୍ୟ ଚାନ୍ଦିନୀ ରାତିରେ ପରିଣତ ହୁଏ ।) ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अनेन यूना सह पार्थिवेन रम्भोरु कच्चिन्मनसो रुचिस्ते ।
शिप्रातरङ्गानिलकम्पितासु विहर्तुमुद्यानपरम्परासु ॥३५
ଅନେନ ଯୂନା ସହ ପାର୍ଥିବେନ ରମ୍ଭୋରୁ କଚ୍ଚିନ୍ମନସୋ ରୁଚିସ୍ତେ ।
ଶିପ୍ରାତରଙ୍ଗାନିଲକମ୍ପିତାସୁ ବିହର୍ତୁମୁଦ୍ୟାନପରମ୍ପରାସୁ ॥୩୫

तस्मिन्नभिद्योतितबन्धुपद्मे प्रतापसंशोषितशत्रुपङ्के ।
बबन्ध सा नोत्तमसौकुमार्या कुमुद्वती भानुमतीव भावम् ॥३६
ତସ୍ମିନ୍ନଭିଦ୍ୟୋତିତବନ୍ଧୁପଦ୍ମେ ପ୍ରତାପସଂଶୋଷିତଶତ୍ରୁପଙ୍କେ ।
ବବନ୍ଧ ସା ନୋତ୍ତମସୌକୁମାର୍ଯ୍ୟା କୁମୁଦ୍ୱତୀ ଭାନୁମତୀବ ଭାବମ୍ ॥୩୬

तामग्रतस्तामरसान्तराभामनूपराजस्य गुणैरनूनाम् ।
विधाय सृष्टिं ललितां विधातुर्जगाद भूयः सुदतीं सुनन्दा ॥३७
ତାମଗ୍ରତସ୍ତାମରସାନ୍ତରାଭାମନୂପରାଜସ୍ୟ ଗୁଣୈରନୂନାମ୍ ।
ବିଧାୟ ସୃଷ୍ଟିଂ ଲଳିତାଂ ବିଧାତୁର୍ଜଗାଦ ଭୂୟଃ ସୁଦତୀଂ ସୁନନ୍ଦା ॥୩୭

सङ्ग्रामनिर्विष्टसहस्रबाहुरष्टादशद्वीपनिखातयूपः ।
अनन्यसाधारणराजशब्दो बभूव योगी किल कार्त्तवीर्यः ॥३८
ସଂଗ୍ରାମନିର୍ବିଷ୍ଟସହସ୍ରବାହୁ ରଷ୍ଟାଦଶଦ୍ୱୀପନିଖାତଯୂପଃ ।
ଅନନ୍ୟସାଧାରଣରାଜଶବ୍ଦୋ ବଭୂବ ଯୋଗୀ କିଲ କାର୍ତ୍ତବୀର୍ଯ୍ୟଃ ॥୩୮

अकार्यचिन्तासमकालमेव प्रादुर्भवँश्चापधरः पुरस्तात् ।
अन्तःशरीरेष्वपि यः प्रजानां प्रत्यादिदेशाविनयं विनेता ॥३९
ଅକାର୍ଯ୍ୟଚିନ୍ତାସମକାଳମେବ ପ୍ରାଦୁର୍ଭବଁଶ୍ଚାପଧରଃ ପୁରସ୍ତାତ୍ ।
ଅନ୍ତଃଶରୀରେଷ୍ୱପି ଯଃ ପ୍ରଜାନାଂ ପ୍ରତ୍ୟାଦିଦେଶାବିନୟଂ ବିନେତା ॥୩୯

ज्याबन्धनिष्पन्दभुजेन यस्य विनिःश्वसद्वक्त्रपरम्परेण ।
कारागृहे निर्जितवासवेन लङ्केश्वरेणोषितमाप्रसादात् ॥४०
ଜ୍ୟାବନ୍ଧନିଷ୍ପନ୍ଦଭୁଜେନ ଯସ୍ୟ ବିନିଃଶ୍ୱସଦ୍ବକ୍ତ୍ରପରମ୍ପରେଣ ।
କାରାଗୃହେ ନିର୍ଜିତବାସବେନ ଲଙ୍କେଶ୍ୱରେଣୋଷିତମାପ୍ରସାଦାତ୍ ॥୪୦

तस्यान्वये भूपतिरेष जातः प्रतीप इत्यागमवृद्धसेवी ।
येन श्रियः संश्रयदोषरूढं स्वभावलोलेत्ययशः प्रमृष्टम् ॥४१
ତସ୍ୟାନ୍ୱୟେ ଭୂପତିରେଷ ଜାତଃ ପ୍ରତୀପ ଇତ୍ୟାଗମବୃଦ୍ଧସେବୀ ।
ଯେନ ଶ୍ରିୟଃ ସଂଶ୍ରୟଦୋଷରୂଢଂ ସ୍ୱଭାବଲୋଲେତ୍ୟଯଶଃ ପ୍ରମୃଷ୍ଟମ୍ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ରମ୍ଭୋରୁ, ଶିପ୍ରା ନଦୀର ତରଙ୍ଗ-ବାୟୁରେ ଯେଉଁ ଉଦ୍ୟାନମାନ ଦୋହଲୁଥାଏ, ସେଠାରେ ଏ ରଜାଙ୍କ ସହିତ ବିହାର କରିବା ପାଇଁ ତୁମର ମନ ବଳୁଛି କି ? ୩୫

ସୂର୍ଯ୍ୟ ପଦ୍ମମାନଙ୍କର ବିକାଶକ ଏବଂ ପଙ୍କର ବିଶୋଷକ । ତଥାପି ସୁକୁମାରୀ କୁମୁଦିନୀ ସୂର୍ଯ୍ୟଙ୍କ ପ୍ରତି ଅନୁରକ୍ତା ହୁଏ ନାହିଁ। ସେହିପରି ଅବନ୍ତିରଜ ଥିଲେ ବନ୍ଧୁମାନଙ୍କର ସୁଖସମ୍ପାଦକ ଏବଂ ଶତ୍ରୁମାନଙ୍କର ବିଧ୍ୱଂସକ । ତଥାପି ସୁକୁମାରୀ ଇନ୍ଦୁମତୀ ତାଙ୍କୁ ଇଚ୍ଛା କଲେ ନାହିଁ । ୩୬

ତା'ପରେ ସୁନନ୍ଦା ପଦ୍ମର ମଝି ପାଖୁଡ଼ା ଭଳି ଲାବଣ୍ୟବତୀ, ଗୁଣବତୀ, ବିଧାତାଙ୍କର ଶ୍ରେଷ୍ଠ ସୁନ୍ଦର ସୃଷ୍ଟି, କୁନ୍ଦଦନ୍ତୀ, ଇନ୍ଦୁମତୀଙ୍କୁ ଅନୂପ ଦେଶର ରଜାଙ୍କ ଆଗକୁ ନେଇ କହିଲା– ୩୭

ଗୋ ରଜକୁମାରି ! ତୁମେ ଶୁଣିଥିବ ପୂର୍ବେ କାର୍ତ୍ତବୀର୍ଯ୍ୟ ବୋଲି ଜଣେ ରଜା ଥିଲେ, ଯେ କି ସଂଗ୍ରାମରେ ସହସ୍ର ବାହୁ ଧାରଣ କରୁଥିଲେ, ଅଷ୍ଟାଦଶ ଦ୍ୱୀପରେ ଯଜ୍ଞସ୍ତମ୍ଭ ପୋତିଥିଲେ ଏବଂ ଏକାଧାରରେ ଅନନ୍ୟ-ସାଧାରଣ ରଜା ତଥା ଯୋଗପ୍ରବୀଣ ପୁରୁଷ ଥିଲେ । ୩୮

କୌଣସି ପ୍ରଜା ଅକାର୍ଯ୍ୟ କରିବାପାଇଁ ଚିନ୍ତାକରିବା ମାତ୍ରେହିଁ ସେ ସଙ୍ଗେ ସଙ୍ଗେ ଧନୁ ଧରି ତା ଆଗରେ ଠିଆ ହୋଇଯାଉଥିଲେ ଏବଂ ଏହିଭଳି ଭାବରେ ପ୍ରଜାମାନଙ୍କର ଅନ୍ତଃକରଣରୁ ମଧ୍ୟ ଦୁର୍ନୀତି ଦୂର କରୁଥିଲେ । (ଅକାର୍ଯ୍ୟ କରିବାପାଇଁ କୌଣସି ପ୍ରଜାର ମନରେ ଭାବନା ଉଠିବା ମାତ୍ରେହିଁ ତାକୁ ଜଣା ପଡ଼ୁଥିଲା–ସତେ ଯେପରି ରଜା କାର୍ତ୍ତବୀର୍ଯ୍ୟ ତାକୁ ଦଣ୍ଡ ଦେବା-ପାଇଁ ଧନୁ ଧରି ତା ସମ୍ମୁଖରେ ଉପସ୍ଥିତ ! ତେଣୁ ସେ ଭୟରେ ସେପରି ଅକାର୍ଯ୍ୟକୁ ମନରେ ମଧ୍ୟ ସ୍ଥାନ ଦେଇପାରୁ ନ ଥିଲା ।) ୩୯

ଇନ୍ଦ୍ରବିଜୟୀ ରାବଣ ମଧ୍ୟ ତାଙ୍କ ଧନୁର୍ଗୁଣରେ ବନ୍ଧା ହୋଇ ନିଶ୍ଚେଷ୍ଟ ଭାବରେ କାରାଗାରରେ ପଡ଼ି ରହିଥିଲା ଏବଂ ଦଶମୁଖରୁ ଦୀର୍ଘ-ନିଃଶ୍ୱାସ ତ୍ୟାଗ କରିଥିଲା । କାର୍ତ୍ତବୀର୍ଯ୍ୟ ପ୍ରସନ୍ନ ହେବା ପର୍ଯ୍ୟନ୍ତ ତାକୁ ଏହିପରି ଅବସ୍ଥା ଭୋଗ କରିବାକୁ ପଡ଼ିଥିଲା । ୪୦

ସେହି କାର୍ତ୍ତବୀର୍ଯ୍ୟଙ୍କ ବଂଶରେ ଏହି ରଜାଙ୍କର ଜନ୍ମ । ଏହାଙ୍କର ନାମ ପ୍ରତୀପ । ଏ ଶାସ୍ତ୍ରମାନଙ୍କର ଏବଂ ଶାସ୍ତ୍ରଜ୍ଞମାନଙ୍କର ପ୍ରିୟ । ଆଶ୍ରୟ-ସ୍ଥଳର ଦୋଷ ଯୋଗୁଁ ଲକ୍ଷ୍ମୀ 'ସ୍ୱଭାବଚଞ୍ଚଳା' ବୋଲି ଯେଉଁ ଅଯଶ ପାଇ-ଥିଲେ, ଏହି ରଜାଙ୍କୁ ଲାଭ କରି ତାହା ସେ ଦୂର କରିପାରିଛନ୍ତି । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आयोधने कृष्णगतिं सहायमवाप्य यः क्षत्रियकालरात्रिम् ।
धारां शितां रामपरश्वधस्य सम्भावयत्युत्पलपत्रसाराम् ॥४२
ଆୟୋଧନେ କୃଷ୍ଣଗତିଂ ସହାୟମବାପ୍ୟ ଯଃ କ୍ଷତ୍ରିୟକାଳରାତ୍ରିମ୍ ।
ଧାରାଂ ଶିତାଂ ରାମପରଶ୍ୱଧସ୍ୟ ସମ୍ଭାବୟତ୍ୟୁତ୍ପଳପତ୍ରସାରାମ୍ ॥୪୨

अस्याङ्कलक्ष्मीर्भव दीर्घबाहोर्माहिष्मतीवप्रनितम्बकाञ्चीम् ।
प्रासादजालैर्जलवेणिरम्यां रेवां यदि प्रेक्षितुमस्ति कामः ॥४३
ଅସ୍ୟାଙ୍କଲକ୍ଷ୍ମୀର୍ଭବ ଦୀର୍ଘବାହୋର୍ମାହିଷ୍ମତୀବପ୍ରନିତମ୍ବକାଞ୍ଚୀମ୍ ।
ପ୍ରାସାଦଜାଲୈର୍ଜଳବେଣିରମ୍ୟାଂ ରେବାଂ ଯଦି ପ୍ରେକ୍ଷିତୁମସ୍ତି କାମଃ ॥୪୩

तस्याः प्रकामं प्रियदर्शनोऽपि न स क्षितीशो रुचये बभूव ।
शरत्प्रमृष्टाम्बुधरोपरोधः शशीव पर्याप्तकलो नलिन्याः ॥४४
ତସ୍ୟାଃ ପ୍ରକାମଂ ପ୍ରିୟଦର୍ଶନୋଽପି ନ ସ କ୍ଷିତୀଶୋ ରୁଚୟେ ବଭୂବ ।
ଶରତ୍ପ୍ରମୃଷ୍ଟାମ୍ବୁଧରୋପରୋଧଃ ଶଶୀବ ପର୍ଯ୍ୟାପ୍ତକଳୋ ନଳିନ୍ୟାଃ ॥୪୪

सा शूरसेनाधिपतिं सुषेणमुद्दिश्य लोकान्तरगीतकीर्तिम् ।
आचारशुद्धोभयवंशदीपं शुद्धान्तरक्ष्या जगदे कुमारी ॥४५
ସା ଶୂରସେନାଧିପତିଂ ସୁଷେଣମୁଦ୍ଦିଶ୍ୟ ଲୋକାନ୍ତରଗୀତକୀର୍ତ୍ତିମ୍ ।
ଆଚାରଶୁଦ୍ଧୋଭୟବଂଶଦୀପଂ ଶୁଦ୍ଧାନ୍ତରକ୍ଷ୍ୟା ଜଗଦେ କୁମାରୀ ॥୪୫

नीपान्वयः पार्थिव एष यज्वा गुणैर्यमाश्रित्य परस्परेण ।
सिद्धाश्रमं शान्तमिवैत्य सत्त्वैर्नैसर्गिकोऽप्युत्ससृजे विरोधः ॥४६
ନୀପାନ୍ୱୟଃ ପାର୍ଥିବ ଏଷ ଯଜ୍ୱା ଗୁଣୈର୍ଯମାଶ୍ରିତ୍ୟ ପରସ୍ପରେଣ ।
ସିଦ୍ଧାଶ୍ରମଂ ଶାନ୍ତମିବୈତ୍ୟ ସତ୍ତ୍ୱୈର୍ନୈସର୍ଗିକୋଽପ୍ୟୁତ୍ସସୃଜେ ବିରୋଧଃ ॥୪୬

यस्यात्मगेहे नयनाभिरामा कान्तिर्हिमांशोरिव संनिविष्टा ।
हर्म्याग्रसंरूढतृणाङ्कुरेषु तेजोऽविषह्यं रिपुमन्दिरेषु ॥४७
ଯସ୍ୟାତ୍ମଗେହେ ନୟନାଭିରାମା କାନ୍ତିର୍ହିମାଂଶୋରିବ ସନ୍ନିବିଷ୍ଟା ।
ହର୍ମ୍ୟାଗ୍ରସଂରୂଢତୃଣାଙ୍କୁରେଷୁ ତେଜୋଽବିଷହ୍ୟଂ ରିପୁମନ୍ଦିରେଷୁ ॥୪୭

यस्यावरोधस्तनचन्दनानां प्रक्षालनाद् वारिविहारकाले ।
कलिन्दकन्या मधुरां गतापि गङ्गोर्मिसंसक्तजलेव भाति ॥४८
ଯସ୍ୟାବରୋଧସ୍ତନଚନ୍ଦନାନାଂ ପ୍ରକ୍ଷାଳନାଦ୍ ବାରିବିହାରକାଳେ ।
କଳିନ୍ଦକନ୍ୟା ମଧୁରାଂ ଗତାପି ଗଙ୍ଗୋର୍ମିସଂସକ୍ତଜଳେବ ଭାତି ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରଶୁରାମଙ୍କ ପରଶୁର ତୀକ୍ଷ୍ଣ ଧାର କ୍ଷତ୍ରିୟମାନଙ୍କର କାଳରାତ୍ରିସ୍ୱରୂପ । କିନ୍ତୁ ଏହି ରାଜା ଯୁଦ୍ଧରେ ଅଗ୍ନିଙ୍କର ସାହାଯ୍ୟ ପାଇ ସେହି ପରଶୁର ଧାରକୁ ପଦ୍ମପାଖୁଡ଼ା ପରି ଶକ୍ତିହୀନ ମନେ କରନ୍ତି । (ପୌରାଣିକ ବୃତ୍ତାନ୍ତ—ଏହି ରାଜା ଅଗ୍ନିଙ୍କଠାରୁ ବର ପାଇଥିଲେ । ତେଣୁ ପରଶୁରାମ କ୍ଷତ୍ରିୟମାନଙ୍କୁ ଏକୋଇଶ ବାର ସଂହାର କରିଥିଲେ ମଧ୍ୟ ଏହି ରାଜାଙ୍କ ନିକଟକୁ ଯାଇନଥିଲେ ।) ୪୨

ଗୋ ଇନ୍ଦୁମତୀ, ଜଳବେଣୀଧାରିଣୀ ରେବା ନଦୀ ଏହାଙ୍କ ରାଜଧାନୀ ମାହିଷ୍ମତୀ ନଗରୀର ପ୍ରାଚୀରରୂପକ ନିତମ୍ବର ଅଣ୍ଟାସୂତା ପରି ଶୋଭ ପାଏ । ତାକୁ ଯଦି ତୁମେ ରାଜପ୍ରାସାଦର ଗବାକ୍ଷରୁ ଦେଖିବାକୁ ଚାହୁଁଥାଅ, ତାହାହେଲେ ଏହି ଦୀର୍ଘବାହୁ ରାଜାଙ୍କର ଅଙ୍କଲକ୍ଷ୍ମୀ ହୁଅ ।" ୪୩

ଶରତ୍‌କାଳର ମେଘମୁକ୍ତ ଚନ୍ଦ୍ର ସମସ୍ତ କଳାରେ ପରିପୂର୍ଣ୍ଣ ହେଲେ ମଧ୍ୟ ପଦ୍ମିନୀ ତାକୁ ଇଛା କରେ ନାହିଁ । ସେହିପରି ଅନୂପ ଦେଶର ରାଜା 'ପ୍ରତୀପ' ଅତ୍ୟନ୍ତ ସୁନ୍ଦର ଥିଲେ ମଧ୍ୟ ତାଙ୍କ ପ୍ରତି ଇନ୍ଦୁମତୀଙ୍କର ମନ ବଳିଲା ନାହିଁ । ୪୪

ତା'ପରେ ସୁନନ୍ଦା ଇନ୍ଦୁମତୀଙ୍କୁ ଭୂଲୋକ ତଥା ସ୍ୱର୍ଗଲୋକରେ ପ୍ରଭୂତକୀର୍ତ୍ତିଶାଳୀ, ଆଚରଣଶୁଦ୍ଧ ପିତୃକୁଳ ତଥା ମାତୃକୁଳର ପ୍ରଦୀପସ୍ୱରୂପ, ଶୂରସେନାଧିପତି 'ସୁଷେଣ'ଙ୍କୁ ଦେଖାଇ କହିଲା— ୪୫

'ନୀପ' ବଂଶରୁ ଜାତ ଏହି ରାଜା ଯଥାବିଧି ଯଜ୍ଞ ସମ୍ପାଦନ କରନ୍ତି । ଶାନ୍ତିପୂର୍ଣ୍ଣ ସିଦ୍ଧାଶ୍ରମରେ ଯେପରି (ସିଂହ-ମୃଗ, ସର୍ପ-ନେଉଳ ଆଦି) ପ୍ରାଣୀମାନେ ପରସ୍ପର ସ୍ୱାଭବିକ ବିରୋଧ ଛାଡ଼ି ରହିଥାଆନ୍ତି, ଏହାଙ୍କଠାରେ ସେହିପରି (ଦୟା-ଦଣ୍ଡ, ଜ୍ଞାନ-ମୌନ ପ୍ରଭୃତି) ଗୁଣମାନ ସ୍ୱାଭବିକ ବିରୋଧ ଛାଡ଼ି ରହିଛନ୍ତି । ୪୬

ଏହାଙ୍କର ନୟନାଭିରାମ ଜ୍ୟୋତି ପଡ଼େ ନିଜ ଗୃହରେ, କିନ୍ତୁ ଅସହ୍ୟ ଜ୍ୟୋତି ପଡ଼େ ଶତ୍ରୁମାନଙ୍କ ଗୃହରେ । ଫଳରେ, ଶତ୍ରୁମାନଙ୍କ ପ୍ରାସାଦର ଛାତରେ ତୃଣ ଜାତ ହୁଏ । ୪୭

ଏହି ରାଜା ଯମୁନାରେ ଜଳକ୍ରୀଡ଼ା କଲାବେଳେ ଅନ୍ତଃପୁରସ୍ତ୍ରୀମାନଙ୍କର ସ୍ତନରୁ ଯେଉଁ ଚନ୍ଦନ ଧୋଇହୋଇଯାଏ, ସେଥିରେ ମଥୁରା ନିକଟରେ ମଧ୍ୟ ଯମୁନା ଗଙ୍ଗା ସହିତ ମିଳିତ ହେଲା ପରି ଶୋଭପାଏ । (ପ୍ରୟାଗ-ଠାରେ ଯମୁନା ଗଙ୍ଗା ସହିତ ମିଳିତ ହୋଇଥିବାରୁ ଜଳ ନୀଳ-ଧବଳ ବର୍ଣ୍ଣ ଧାରଣ କରିଥାଏ । କିନ୍ତୁ ମଥୁରାଠାରେ ଯମୁନା ଗଙ୍ଗା ସହିତ ମିଳିତ ନ ହୋଇଥିଲେ ମଧ୍ୟ ଯମୁନାରେ ଏହି ରାଜା ଜଳକ୍ରୀଡ଼ା କଲାବେଳେ ଅନ୍ତଃପୁର-ସ୍ତ୍ରୀମାନଙ୍କ ସ୍ତନରୁ ଚନ୍ଦନ ଧୋଇ ହୋଇ ଯମୁନାର ନୀଳଜଳକୁ କେତେ-କାଂଶରେ ଧବଳ କରିଦିଏ ।) ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्रस्तेन ताक्ष्यात् किल कालियेन मणिं विसृष्टं यमुनौकसा यः ।
वक्षःस्थलव्यापिरुचं दधानः सकौस्तुभं ह्रेपयतीव कृष्णम् ॥४९
ତ୍ରସ୍ତେନ ତାର୍କ୍ଷ୍ୟାତ୍ କିଳ କାଳିୟେନ ମଣିଂ ବିସୃଷ୍ଟଂ ଯମୁନୌକସା ଯଃ ।
ବକ୍ଷଃସ୍ଥଳବ୍ୟାପିରୁଚଂ ଦଧାନଃ ସକୌସ୍ତୁଭଂ ହ୍ରେପୟତୀବ କୃଷ୍ଣମ୍ ॥୪୯

संभाव्य भर्तारममुं युवानं मृदुप्रवालोत्तरपुष्पशय्ये ।
वृन्दावने चैत्ररथादनूने निर्विश्यतां सुन्दरि यौवनश्रीः ॥५०
ସମ୍ଭାବ୍ୟ ଭର୍ତ୍ତାରମମୁଂ ଯୁବାନଂ ମୃଦୁପ୍ରବାଳୋତ୍ତରପୁଷ୍ପଶଯ୍ୟେ ।
ବୃନ୍ଦାବନେ ଚୈତ୍ରରଥାଦନୂନେ ନିର୍ବିଶ୍ୟତାଂ ସୁନ୍ଦରି ଯୌବନଶ୍ରୀଃ ॥୫୦

अध्यास्य चाम्भःपृषतोक्षितानि शैलेयगन्धीनि शिलातलानि ।
कलापिनां प्रावृषि पश्य नृत्यं कान्तासु गोवर्धनकन्दरासु ॥५१
ଅଧ୍ୟାସ୍ୟ ଚାମ୍ଭଃପୃଷତୋକ୍ଷିତାନି ଶୈଳେୟଗନ୍ଧୀନି ଶିଳାତଳାନି ।
କଳାପିନାଂ ପ୍ରାବୃଷି ପଶ୍ୟ ନୃତ୍ୟଂ କାନ୍ତାସୁ ଗୋବର୍ଦ୍ଧନକନ୍ଦରାସୁ ॥୫୧

नृपं तमावर्त्तमनोज्ञनाभिः सा व्यत्यगादन्यवधूर्भवित्री ।
महीधरं मार्गवशादुपेतं स्रोतोवहा सागरगामिनीव ॥५२
ନୃପଂ ତମାବର୍ତ୍ତମନୋଜ୍ଞନାଭିଃ ସା ବ୍ୟତ୍ୟଗାଦନ୍ୟବଧୂର୍ଭବିତ୍ରୀ ।
ମହୀଧରଂ ମାର୍ଗବଶାଦୁପେତଂ ସ୍ରୋତୋବହା ସାଗରଗାମିନୀବ ॥୫୨

अथाङ्गदाश्लिष्टभुजं भुजिष्या हेमाङ्गदं नाम कलिङ्गनाथम् ।
आसेदुषीं सादितशत्रुपक्षं बालामबालेन्दुमुखीं बभाषे ॥५३
ଅଥାଙ୍ଗଦାଶ୍ଳିଷ୍ଟଭୁଜଂ ଭୁଜିଷ୍ୟା ହେମାଙ୍ଗଦଂ ନାମ କଳିଙ୍ଗନାଥମ୍ ।
ଆସେଦୁଷୀଂ ସାଦିତଶତ୍ରୁପକ୍ଷଂ ବାଳାମବାଳେନ୍ଦୁମୁଖୀଂ ବଭାଷେ ॥୫୩

असौ महेन्द्रादिसमानसारः पतिर्महेन्द्रस्य महोदधेश्च ।
यस्य क्षरत्सैन्यगजच्छलेन यात्रासु यातीव पुरो महेन्द्रः ॥५४
ଅସୌ ମହେନ୍ଦ୍ରାଦ୍ରିସମାନସାରଃ ପତିର୍ମହେନ୍ଦ୍ରସ୍ୟ ମହୋଦଧେଶ୍ଚ ।
ଯସ୍ୟ କ୍ଷରତ୍ସୈନ୍ୟଗଜଚ୍ଛଳେନ ଯାତ୍ରାସୁ ଯାତୀବ ପୁରେ ମହେନ୍ଦ୍ରଃ ॥୫୪

ज्याघातरेखे सुभुजो भुजाभ्यां बिभर्ति यश्चापभृतां पुरोगः ।
रिपुश्रियां साञ्जनवाष्पसेके बन्दीकृतानामिव पद्धती द्वे ॥५५
ଜ୍ୟାଘାତରେଖେ ସୁଭୁଜୋ ଭୁଜାଭ୍ୟାଂ ବିଭର୍ତ୍ତି ଯଶ୍ଚାପଭୃତାଂ ପୁରେଗଃ ।
ରିପୁଶ୍ରିୟାଂ ସାଞ୍ଜନବାଷ୍ପସେକେ ବନ୍ଦୀକୃତାନାମିବ ପଦ୍ଧତୀ ଦ୍ୱେ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗରୁଡ଼ଙ୍କ ଭୟରେ ଯମୁନାରେ ବାସ କରୁଥିବା କାଳିୟ ନାଗ ଏହାଙ୍କୁ ବୋଧହୁଏ ଏକ ଉଜ୍ଜ୍ୱଳ ମଣି ଉପହାର ଦେଇଛି । ତାହାକୁ ବକ୍ଷସ୍ଥଳରେ ପିନ୍ଧି ଏ ରାଜା ସତେ ଯେପରି କୌସ୍ତୁଭଧାରୀ ବିଷ୍ଣୁଙ୍କୁ ଲଜ୍ଜିତ କରୁଛନ୍ତି ! ୪୯

ଗୋ ସୁନ୍ଦରି ! ଏହି ଯୁବକ ରାଜାଙ୍କୁ ପତିରୂପେ ବରଣ କର । ଯେଉଁ ବୃନ୍ଦାବନ କୁବେରଙ୍କ 'ଚୈତ୍ରରଥ' ଉଦ୍ୟାନର ସମକକ୍ଷ ଏବଂ ଯେଉଁଠାରେ ପୁଷ୍ପର ଶଯ୍ୟା ଉପରେ କୋମଳ ପଲ୍ଲବର ଚ୍ଛଦର ବିଛା ହୋଇଥାଏ, ସେହି ବୃନ୍ଦାବନରେ ତୁମେ ଯୌବନ ସୁଖ ଉପଭୋଗ କର । ୫୦

ଆଉ ମଧ୍ୟ ବର୍ଷାକାଳରେ ଗୋବର୍ଦ୍ଧନ ପର୍ବତର ସୁନ୍ଦର ଗୁହାମାନଙ୍କରେ ଜଳକଣାସିକ୍ତ, 'ଶିଳାଜତୁ' ଫୁଲରେ ସୁଗନ୍ଧିତ ପଥରଚଟାଣ ଉପରେ ବସି ମୟୂରମାନଙ୍କର ନୃତ୍ୟ ଦର୍ଶନ କର ।" ୫୧

ସାଗର ଅଭିମୁଖରେ ପ୍ରବାହିତା ନଦୀ ଯେପରି ବାଟରେ ପର୍ବତକୁ ଉପେକ୍ଷା କରି ଚ୍ଛଲିଯାଏ, ସେହିପରି ଅନ୍ୟର ଭବୀ ପତ୍ନୀ ସୁନ୍ଦରୀ ଇନ୍ଦୁମତୀ ସେହି ରାଜାଙ୍କୁ ତ୍ୟାଗ କରି ଚ୍ଛଲିଗଲେ । ୫୨

ତା'ପରେ, ଶତ୍ରୁବିଧ୍ୱଂସକ କଳିଙ୍ଗରାଜ 'ହେମାଙ୍ଗଦ' ଯେଉଁଠାରେ ବସିଥିଲେ, ସୁନନ୍ଦା ସେଠାକୁ ପୂର୍ଣ୍ଣଚନ୍ଦ୍ରମୁଖୀ ଇନ୍ଦୁମତୀଙ୍କୁ ନେଇ କହିଲା–୫୩

"ଏ ହେଉଛନ୍ତି ମହେନ୍ଦ୍ର ପର୍ବତର ଏବଂ ମହୋଦଧିର ଅଧିପତି । ମହେନ୍ଦ୍ର ପର୍ବତର ଶକ୍ତି ପରି ଏହାଙ୍କର ଶକ୍ତି । ଏ ଯେତେବେଳେ ଯୁଦ୍ଧଯାତ୍ରା କରନ୍ତି, ସତେ ଯେପରି ମହେନ୍ଦ୍ର ପର୍ବତ ମଦସ୍ରାବୀ ହସ୍ତୀବାହିନୀ ଛଳରେ ଏହାଙ୍କ ଆଗେ ଆଗେ ଚ୍ଛଲେ । ୫୪

ଏହି ବଳିଷ୍ଠବାହୁ ରାଜା ଧନୁର୍ଦ୍ଧରମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଏହାଙ୍କ ଦୁଇ ବାହୁରେ ଧନୁର୍ଗୁଣ ଘଷି ହୋଇ ଯେଉଁ କଳାଚିହ୍ନ ଦୁଇଟି ବସିଛି, ତାହା ସତେ ଯେପରି ବନ୍ଦୀକୃତା ଶତ୍ରୁଲକ୍ଷ୍ମୀମାନଙ୍କର ଦୁଇଟି ପଥ ! (ସତେ ଯେପରି ସେହି ଦୁଇ ପଥରେ ବନ୍ଦିନୀ ଶତ୍ରୁଲକ୍ଷ୍ମୀମାନେ ତାଙ୍କ ଦେହକୁ ଅଣାହୋଇଛନ୍ତି ଏବଂ ସେମାନଙ୍କ ଅଞ୍ଜନମିଶ୍ରିତ ଅଶ୍ରୁଦ୍ୱାରା ତାହା କୃଷ୍ଣବର୍ଣ୍ଣ ଧାରଣ କରିଛି !!) ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यमात्मनः सद्मनि संनिकृष्टो मन्द्रध्वनित्याजितयामतूर्यः ।
प्रासादवातायनदृश्यवीचिः प्रबोधयत्यर्णव एव सुप्तम् ॥५६
ଯମାତ୍ମନଃ ସଦ୍ମନି ସଂନିକୃଷ୍ଟୋ ମନ୍ଦ୍ରଧ୍ୱନିତ୍ୟାଜିତଯାମତୂର୍ଯଃ ।
ପ୍ରାସାଦବାତାୟନଦୃଶ୍ୟବୀଚିଃ ପ୍ରବୋଧୟତ୍ୟର୍ଣବ ଏବ ସୁପ୍ତମ୍ ॥୫୬

अनेन सार्धं विहराम्बुराशेस्तीरेषु तालीवनमर्मरेषु ।
द्वीपान्तरानीतलवङ्गपुष्पैरपाकृतस्वेदलवा मरुद्भिः ॥५७
ଅନେନ ସାର୍ଧଂ ବିହରାମ୍ବୁରାଶେସ୍ତୀରେଷୁ ତାଳୀବନମର୍ମରେଷୁ ।
ଦ୍ୱୀପାନ୍ତରାନୀତଲବଙ୍ଗପୁଷ୍ପୈରପାକୃତସ୍ୱେଦଲବା ମରୁଦ୍ଭିଃ ॥୫୭

प्रलोभिताप्याकृतिलोभनीया विदर्भराजावरजा तयैवम् ।
तस्मादपावर्तत दूरकृष्टा नीत्येव लक्ष्मीः प्रतिकूलदैवात् ॥५८
ପ୍ରଲୋଭିତାପ୍ୟାକୃତିଲୋଭନୀୟା ବିଦର୍ଭରାଜାବରଜା ତୟୈବମ୍ ।
ତସ୍ମାଦପାବର୍ତ୍ତତ ଦୂରକୃଷ୍ଟା ନୀତ୍ୟେବ ଲକ୍ଷ୍ମୀଃ ପ୍ରତିକୂଳଦୈବାତ୍ ॥୫୮

अथोरगाख्यस्य पुरस्य नाथं दौवारिकी देवसरूपमेत्य ।
इतश्चकोराक्षि विलोकयेति पूर्वानुशिष्टां निजगाद भोज्याम् ॥५९
ଅଥୋରଗାଖ୍ୟସ୍ୟ ପୁରସ୍ୟ ନାଥଂ ଦୌବାରିକୀ ଦେବସରୂପମେତ୍ୟ ।
ଇତଶ୍ଚକୋରାକ୍ଷି ବିଲୋକୟେତି ପୂର୍ବାନୁଶିଷ୍ଟାଂ ନିଜଗାଦ ଭୋଜ୍ୟାମ୍ ॥୫୯

पाण्ड्योऽयमंसार्पितलम्बहारः क्लृप्ताङ्गरागो हरिचन्दनेन ।
आभाति बालातपरक्तसानुः सनिर्झरोद्गार इवाद्रिराजः ॥६०
ପାଣ୍ଡ୍ୟୋଽୟମଂସାର୍ପିତଲମ୍ବହାରଃ କ୍ଳୃପ୍ତାଙ୍ଗରାଗୋ ହରିଚନ୍ଦନେନ ।
ଆଭାତି ବାଳାତପରକ୍ତସାନୁଃ ସନିର୍ଝରୋଦ୍ଗାର ଇବାଦ୍ରିରାଜଃ ॥୬୦

विन्ध्यस्य संस्तम्भयिता महाद्रेर्निःशेषपीतोज्झितसिन्धुराजः ।
प्रीत्याश्वमेधावभृथार्द्रमूर्तिः सौस्नातिको यस्य भवत्यगस्त्यः ॥६१
ବିନ୍ଧ୍ୟସ୍ୟ ସଂସ୍ତମ୍ଭୟିତା ମହାଦ୍ରେର୍ନିଃଶେଷପୀତୋଜ୍ଝିତସିନ୍ଧୁରାଜଃ ।
ପ୍ରୀତ୍ୟାଶ୍ୱମେଧାବଭୃଥାର୍ଦ୍ରମୂର୍ତ୍ତିଃ ସୌସ୍ନାତିକୋ ଯସ୍ୟ ଭବତ୍ୟଗସ୍ତ୍ୟଃ ॥୬୧

अस्त्रं हरादाप्तवता दुरापं येनेन्द्रलोकावजयाय दृप्तः ।
पुरा जनस्थानविमर्दशङ्की संधाय लङ्काधिपतिः प्रतस्थे ॥६२
ଅସ୍ତ୍ରଂ ହରାଦାପ୍ତବତା ଦୁରାପଂ ଯେନେନ୍ଦ୍ରଲୋକାବଜୟାୟ ଦୃପ୍ତଃ ।
ପୁରା ଜନସ୍ଥାନବିମର୍ଦ୍ଦଶଙ୍କୀ ସଂଧାୟ ଲଙ୍କାଧିପତିଃ ପ୍ରତସ୍ଥେ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହାଙ୍କ ପ୍ରାସାଦର ଝରକାମାନଙ୍କରୁ ନିକଟବର୍ତ୍ତୀ ସମୁଦ୍ରର ତରଙ୍ଗ-ମାଳା ଦେଖାଯାଏ । ସମୁଦ୍ର ଏହାଙ୍କୁ ନିଦରୁ ଉଠାଏ; ଆଉ ମଧ୍ୟ ଏହାଙ୍କ ପ୍ରାସାଦରେ ଯେଉଁ ତୂରୀନାଦ ପ୍ରହରଶେଷର ସୂଚନା ଦିଏ, ତାହାକୁ ସମୁଦ୍ର ନିଜର ଗମ୍ଭୀର ଗର୍ଜନଦ୍ୱାରା ଅନାବଶ୍ୟକ ପ୍ରତିପାଦିତ କରେ । ୫୬

ଗୋ ରାଜକୁମାରି ! ସେହି ସମୁଦ୍ରକୂଳର ତାଳବନରେ ପବନ ମର୍ମର ଧ୍ୱନି ସୃଷ୍ଟି କରୁଥାଏ ଏବଂ ବିଭିନ୍ନ ଦ୍ୱୀପରୁ ଲବଙ୍ଗ ପୁଷ୍ପ ବହି ଆଣୁଥାଏ । ତୁମେ ସେଠାରେ ଶରୀରରୁ ସ୍ୱେଦବିନ୍ଦୁ ଦୂର କରି ଏହି ରାଜାଙ୍କ ସହିତ ବିହାର କର ।" ୫୭

ଲକ୍ଷ୍ମୀ କୌଣସି ଲୋକର ପୌରୁଷଦ୍ୱାରା ଆକର୍ଷିତା ହୁଏ ସତ, କିନ୍ତୁ ସେ ଲୋକ ଯଦି ଭାଗ୍ୟହୀନ ହୋଇଥାଏ, ତେବେ ତା ପାଖକୁ ଯାଏ ନାହିଁ । ସେହିପରି ଲୋଭନୀୟ-ରୂପସୀ ଇନ୍ଦୁମତୀ ସୁନନ୍ଦାଦ୍ୱାରା କଳିଙ୍ଗରାଜାଙ୍କ ପ୍ରତି ପ୍ରଲୋଭିତା କରାହେଲେ ମଧ୍ୟ ଉକ୍ତ ରାଜାଙ୍କୁ ଛାଡ଼ି ଚାଲିଗଲେ । ୫୮

ତା'ପରେ ସୁନନ୍ଦା ଦେବତୁଲ୍ୟ ରୂପବାନ୍, ଉରଗପୁରର ରାଜାଙ୍କ ନିକଟକୁ ଇନ୍ଦୁମତୀଙ୍କୁ ନେଇ କହିଲା—ଗୋ ଚକୋରନେତ୍ରି ରାଜକୁମାରି, ଏଣେ ଦେଖ । ଏ ହେଉଛନ୍ତି ପାଣ୍ଡ୍ୟ-ଦେଶର ରାଜା । ୫୯

ଏ ଶରୀରରେ ହରିଚନ୍ଦନ ବୋଳି କାନ୍ଧରୁ ଏକ ଲମ୍ବ ହାର ଝୁଲାଇଛନ୍ତି । ତେଣୁ ଏ ବାଳାତପ-ରଞ୍ଜିତ, ଝରଣାଯୁକ୍ତ ହିମାଳୟ ପରି ଶୋଭା ପାଉଛନ୍ତି । ୬୦

ଏ ରାଜା ଯେତେବେଳେ ଅଶ୍ୱମେଧ ଯଜ୍ଞ ଶେଷରେ ସ୍ନାନ ସାରି ଓଦା ଦେହରେ ଥାଆନ୍ତି ସେତେବେଳେ ଅଗସ୍ତି ମୁନି, ଯେ କି ମହାପର୍ବତ ବିନ୍ଧ୍ୟକୁ ଅବନତ କରି ରଖିଛନ୍ତି ଏବଂ ସମୁଦ୍ରକୁ ସମ୍ପୂର୍ଣ୍ଣଭାବରେ ପାନ କରି ପୁଣି ମୁକ୍ତ କରି ଦେଇଛନ୍ତି, ଏହାଙ୍କୁ ସ୍ନେହରେ ପଚାରନ୍ତି, 'କଅଣ ସ୍ନାନବିଧି ଭଲଭାବେ ସମ୍ପନ୍ନ ହେଲା ତ ?' ୬୧

ଏ ରାଜା ଶିବଙ୍କଠାରୁ (ବ୍ରହ୍ମଶିର ନାମକ) ଏକ ଦୁର୍ଲଭ ଅସ୍ତ୍ର ପାଇଛନ୍ତି । 'ଏ କାଳେ 'ଜନସ୍ଥାନ'କୁ ଧ୍ୱଂସ କରିଦେବ' ଏହି ଆଶଙ୍କାରେ ରାବଣ ଏହାଙ୍କ ସହିତ ସନ୍ଧି କରିବା ପରେ ହିଁ ସ୍ୱର୍ଗ ଜୟ କରିବାକୁ ଯାଇଥିଲା । (ଜନସ୍ଥାନ—ଦଣ୍ଡକାରଣ୍ୟକୁ ଲାଗିଥିବା ଅଞ୍ଚଳର ନାମ ଥିଲା ।) ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अनेन पाणौ विधिवद् गृहीते महाकुलीनेन महीव गुर्वी ।
रत्नानुविद्धार्णवमेखलाया दिशः सपत्नी भव दक्षिणस्याः ॥६३
ଅନେନ ପାଣୌ ବିଧିବଦ୍ ଗୃହୀତେ ମହାକୁଲୀନେନ ମହୀବ ଗୁର୍ବୀ ।
ରତ୍ନାନୁବିଦ୍ଧାର୍ଣ୍ଣବମେଖଳାୟା ଦିଶଃ ସପତ୍ନୀ ଭବ ଦକ୍ଷିଣସ୍ୟାଃ ।।୬୩

ताम्बूलवल्लीपरिणद्ध-पूगास्वेलालतालिङ्गितचन्दनासु ।
तमालपत्रास्तरणासु रन्तुं प्रसीद शश्वन्मलयस्थलीषु ॥६४
ତାମ୍ବୂଳବଲ୍ଲୀପରିଣଦ୍ଧପୂଗାସ୍ୱେଳାଲତାଲିଙ୍ଗିତଚନ୍ଦନାସୁ ।
ତମାଳପତ୍ରାସ୍ତରଣାସୁ ରନ୍ତୁଂ ପ୍ରସୀଦ ଶଶ୍ୱନ୍ମଳୟସ୍ଥଳୀଷୁ ।।୬୪

इन्दीवरश्यामतनुर्नृपोऽसौ त्वं रोचनागौरशरीरयष्टिः ।
अन्योन्यशोभापरिवृद्धये वां योगस्तडित्तोयदयोरिवास्तु ॥६५
ଇନ୍ଦୀବରଶ୍ୟାମତନୁର୍ନୃପୋଽସୌ ତ୍ୱଂ ରୋଚନାଗୌରଶରୀରଯଷ୍ଟିଃ ।
ଅନ୍ୟୋନ୍ୟଶୋଭାପରିବୃଦ୍ଧୟେ ବାଂ ଯୋଗସ୍ତଡ଼ିତ୍ତୋୟଦୟୋରିବାସ୍ତୁ ।।୬୫

स्वसुर्विदर्भाधिपतेस्तदीयो लेभेऽन्तरं चेतसि नोपदेशः ।
दिवाकरादर्शनबद्धकोशे नक्षत्रनाथांशुरिवारविन्दे ॥६६
ସ୍ୱସୁର୍ବିଦର୍ଭାଧିପତେସ୍ତଦୀୟୋ ଲେଭେଽନ୍ତରଂ ଚେତସି ନୋପଦେଶଃ ।
ଦିବାକରାଦର୍ଶନବଦ୍ଧକୋଶେ ନକ୍ଷତ୍ରନାଥାଂଶୁରିବାରବିନ୍ଦେ ।।୬୬

सञ्चारिणी दीपशिखेव रात्रौ यं यं व्यतीयाय पतिम्वरा सा ।
नरेन्द्रमार्गाट्ट इव प्रपेदे विवर्णभावं स स भूमिपालः ॥६७
ସଂଚାରିଣୀ ଦୀପଶିଖେବ ରାତ୍ରୌ ଯଂ ଯଂ ବ୍ୟତୀୟାୟ ପତିମ୍ବରା ସା ।
ନରେନ୍ଦ୍ରମାର୍ଗାଟ୍ଟ ଇବ ପ୍ରପେଦେ ବିବର୍ଣ୍ଣଭାବଂ ସ ସ ଭୂମିପାଳଃ ।।୬୭

तस्यां रघोः सूनुरुपस्थितायां वृणीत मां नेति समाकुलोऽभूत् ।
वामेतरः संशयमस्य बाहुः केयूरबन्धोच्छ्वसितैर्नुनोद ॥६८
ତସ୍ୟାଂ ରଘୋଃ ସୂନୁରୁପସ୍ଥିତାୟାଂ ବୃଣୀତ ମାଂ ନେତି ସମାକୁଳୋଽଭୂତ୍ ।
ବାମେତରଃ ସଂଶୟମସ୍ୟ ବାହୁଃ କେୟୂରବନ୍ଧୋଚ୍ଛ୍ୱସିତୈର୍ନୁନୋଦ ।।୬୮

तं प्राप्य सर्वावयवानवद्यं व्यावर्त्ततान्योपगमात् कुमारी ।
न हि प्रफुल्लं सहकारमेत्य वृक्षान्तरं काङ्क्षति षट्पदाली ॥६९
ତଂ ପ୍ରାପ୍ୟ ସର୍ବାବୟବାନବଦ୍ୟଂ ବ୍ୟାବର୍ତ୍ତତାନ୍ୟୋପଗମାତ୍ କୁମାରୀ ।
ନ ହି ପ୍ରଫୁଲ୍ଲଂ ସହକାରମେତ୍ୟ ବୃକ୍ଷାନ୍ତରଂ କାଙ୍କ୍ଷତି ଷଟ୍ପଦାଳୀ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେ ବିଧିପୂର୍ବକ ଏଇ ଶ୍ରେଷ୍ଠ କୁଳୀନ ରଜାଙ୍କର ପାଣିଗ୍ରହଣ କର ଏବଂ ଯେଉଁ ଦକ୍ଷିଣ ଦିଗ୍‌ବଧୂର ଅଣ୍ଟାସୂତା ହେଉଛି ରତ୍ନପୂର୍ଣ୍ଣ ସମୁଦ୍ର, ତାର ସପତ୍ନୀ ହୁଅ । ୬୩

ମଳୟ ପର୍ବତର ପାଦଦେଶରେ ପାନଲତା ମାନେ ଗୁଆଗଛମାନଙ୍କୁ ବେଷ୍ଟନ କରି ଥାଆନ୍ତି, ଏବଂ ଅଳେଇଚ ଲତାମାନେ ଚନ୍ଦନବୃକ୍ଷମାନଙ୍କୁ ଆଲିଙ୍ଗନ କରୁଥାଆନ୍ତି । ସେଠାରେ ତମାଲ ପତ୍ରର ଖ୍ୱଦର ବିଛା ହୋଇଥାଏ । ତୁମେ ସେଭଳି ସ୍ଥାନରେ ଏହାଙ୍କ ସହିତ ବିହାର କରିବା ପାଇଁ ମନ ବଳାଅ । ୬୪

ଏ ରଜାଙ୍କର ଦେହ ନୀଳ କଇଁ ପରି ଶ୍ୟାମଳ ଏବଂ ତୁମର ଅଙ୍ଗଲତିକା ଗୋରେଚନା ପରି ଗୌର । ତେଣୁ ମେଘ ଓ ବିଜୁଳିର ସଂଯୋଗ ପରି ତୁମ ଦୁହିଁଙ୍କର ସଂଯୋଗ ପରସ୍ପରର ଶୋଭା ବର୍ଦ୍ଧନ କରୁ ।" ୬୫

ପଦ୍ମ ସୂର୍ଯ୍ୟଙ୍କୁ ନ ଦେଖି ମୁଦ୍ରିତ ଥିଲାବେଳେ ଚନ୍ଦ୍ରର କିରଣ ଯେପରି ତା' ମଧ୍ୟକୁ ପ୍ରବେଶ କରିପାରେ ନାହିଁ, ସୁନନ୍ଦାର ଉପଦେଶ ସେହିପରି ଇନ୍ଦୁମତୀଙ୍କର ହୃଦୟରେ ପ୍ରବେଶ କରିପାରିଲା ନାହିଁ । ୬୬

ରଜମାର୍ଗରେ କେହି ଦୀପ ନେଇ ଗଲାବେଳେ ଦୀପଶିଖା ଯେଉଁ-ଯେଉଁ କୋଠାଘରମାନଙ୍କୁ ଅତିକ୍ରମ କରୁଥାଏ , ସେହି ସେହି କୋଠାଘର ଅନ୍ଧକାରରେ ଆଚ୍ଛନ୍ନ ହେଉଥାଏ । ସେହିପରି ଇନ୍ଦୁମତୀ ଯେଉଁ ଯେଉଁ ରଜାଙ୍କୁ ଅତିକ୍ରମ କରୁଥାନ୍ତି, ସେମାନେ ବିବର୍ଣ୍ଣ ହୋଇ ଯାଉଥାନ୍ତି । ୬୭

ଅଜ ନିଜ ନିକଟରେ ଇନ୍ଦୁମତୀଙ୍କୁ ଉପସ୍ଥିତ ହେବାର ଦେଖି 'ଏ କଅଣ ମୋତେ ବରଣ କରିବ ?' ଏହିପରି ସନ୍ଦେହରେ ଆକୁଳ ହେବାରେ ଲଗିଲେ; କିନ୍ତୁ ତାଙ୍କର ଦକ୍ଷିଣ ବାହୁ ବାହୁଭୂଷଣ ସ୍ଥାନରେ ସ୍ଫୁରିତ ହୋଇ ସେହି ସନ୍ଦେହକୁ ଦୂର କରିଦେଲା । ୬୮

ସର୍ବାଙ୍ଗସୁନ୍ଦରୀ ଇନ୍ଦୁମତୀ ଅଜଙ୍କ ନିକଟକୁ ଯାଇ ଅନ୍ୟ ରଜାଙ୍କ ନିକଟକୁ ଯିବାରୁ ନିବୃତ୍ତ ହେଲେ । ଭ୍ରମରମାଳା ପୁଷ୍ପିତ ସହକାର ବୃକ୍ଷକୁ ପାଇଲେ ଅନ୍ୟ ବୃକ୍ଷକୁ ଆଶା କରେ ନାହିଁ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मिन् समावेशितचित्तवृत्तिमिन्दुप्रभामिन्दुमतीमवेक्ष्य ।
प्रचक्रमे वक्तुमनुक्रमज्ञा सविस्तरं वाक्यमिदं सुनन्दा ॥७०
ତସ୍ମିନ୍ ସମାବେଶିତଚିତ୍ତବୃତ୍ତିମିନ୍ଦୁପ୍ରଭାମିନ୍ଦୁମତୀମବେକ୍ଷ୍ୟ ।
ପ୍ରଚକ୍ରମେ ବକ୍ତୁମନୁକ୍ରମଜ୍ଞା ସବିସ୍ତରଂ ବାକ୍ୟମିଦଂ ସୁନନ୍ଦା ॥୭୦

इक्ष्वाकुवंश्यः ककुदं नृपाणां ककुत्स्थ इत्याहितलक्षणोऽभूत् ।
काकुत्स्थशब्दं यत उन्नतेच्छाः श्लाघ्यं दधत्युत्तरकोसलेन्द्राः ॥७१
ଇକ୍ଷ୍ୱାକୁବଂଶ୍ୟଃ କକୁଦଂ ନୃପାଣାଂ କକୁତ୍‌ସ୍ଥ ଇତ୍ୟାହିତଲକ୍ଷଣୋଽଭୂତ୍ ।
କକୁତ୍‌ସ୍ଥଶବ୍ଦଂ ଯତ ଉନ୍ନତେଚ୍ଛାଃ ଶ୍ଳାଘ୍ୟଂ ଦଧତ୍ୟୁତ୍ତରକୋସଳେନ୍ଦ୍ରାଃ ॥୭୧

महेन्द्रमास्थाय महोक्षरूपं यः संयति प्राप्तपिनाकिलीलः ।
चकार बाणैरसुराङ्गनानां गण्डस्थलीः प्रोषितपत्रलेखाः ॥७२
ମହେନ୍ଦ୍ରମାସ୍ଥାୟ ମହୋକ୍ଷରୂପଂ ଯଃ ସଂଯତି ପ୍ରାପ୍ତପିନାକିଲୀଳଃ ।
ଚକାର ବାଣୈରସୁରାଙ୍ଗନାନାଂ ଗଣ୍ଡସ୍ଥଳୀଃ ପ୍ରୋଷିତପତ୍ରଲେଖାଃ ॥୭୨

ऐरावतास्फालनविश्लथं यः संघट्टयन्नङ्गदमङ्गदेन ।
उपेयुषः स्वामपि मूर्तिमग्र्यामर्धासनं गोत्रभिदोऽधितष्ठौ ॥७३
ଐରାବତାସ୍ଫାଳନବିଶ୍ଳଥଂ ଯଃ ସଙ୍ଘଟ୍ଟୟନ୍ନଙ୍ଗଦମଙ୍ଗଦେନ ।
ଉପେୟୁଷଃ ସ୍ୱାମପି ମୂର୍ତ୍ତିମଗ୍ର୍ୟାମର୍ଦ୍ଧାସନଂ ଗୋତ୍ରଭିଦୋଽଧିତଷ୍ଠୌ ॥୭୩

जातः कुले तस्य किलोरुकीर्तिः कुलप्रदीपो नृपतिर्दिलीपः ।
अतिष्ठदेकोनशतक्रतुत्वे शक्राभ्यसूयाविनिवृत्तये यः ॥७४
ଜାତଃ କୁଳେ ତସ୍ୟ କିଳୋରୁକୀର୍ତ୍ତିଃ କୁଳପ୍ରଦୀପୋ ନୃପତିର୍ଦ୍ଦିଲୀପଃ ।
ଅତିଷ୍ଠଦେକୋନଶତକ୍ରତୁତ୍ୱେ ଶକ୍ରାଭ୍ୟସୂୟାବିନିବୃତ୍ତୟେ ଯଃ ॥୭୪

यस्मिन् महीं शासति वाणिनीनां निद्रां विहारार्धपथे गतानाम् ।
वातोऽपि नास्रंसयदंशुकानि को लम्बयेदाहरणाय हस्तम् ॥७५
ଯସ୍ମିନ୍ ମହୀଂ ଶାସତି ବାଣିନୀନାଂ ନିଦ୍ରାଂ ବିହାରାର୍ଦ୍ଧପଥେ ଗତାନାମ୍ ।
ବାତୋଽପି ନାସ୍ରଂସୟଦଂଶୁକାନି କୋ ଲମ୍ବୟେଦାହରଣାୟ ହସ୍ତମ୍ ॥୭୫

पुत्रो रघुस्तस्य पदं प्रशास्ति महाक्रतोर्विश्वजितः प्रयोक्ता ।
चतुर्दिगावर्जितसंभृतां यो मृत्पात्रशेषामकरोद् विभूतिम् ॥७६
ପୁତ୍ରୋ ରଘୁସ୍ତସ୍ୟ ପଦଂ ପ୍ରଶାସ୍ତିମହାକ୍ରତୋର୍ବିଶ୍ୱଜିତଃ ପ୍ରୟୋକ୍ତା ।
ଚତୁର୍ଦ୍ଦିଗାବର୍ଜ୍ଜିତସମ୍ଭୃତାଂ ଯୋ ମୃତ୍‌ପାତ୍ରଶେଷାମକରୋଦ୍ ବିଭୂତିମ୍ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁନନ୍ଦା ଅବସର ଦେଖି କଥା କହିବାରେ ଅଭିଜ୍ଞା ଥିଲ । ସେ ଜ୍ୟୋତ୍ସ୍ନାତୁଲ୍ୟ ଲାବଣ୍ୟମୟୀ ଇନ୍ଦୁମତୀଙ୍କର ମନ ଅଜଙ୍କଠାରେ ଅନୁରକ୍ତ ହୋଇଥିବାର ଲକ୍ଷ୍ୟ କରି ତାଙ୍କୁ ବିସ୍ତୃତ ଭାବରେ କହିବାକୁ ଆରମ୍ଭ କଲ—୭୦

"ଗୋ ରାଜକୁମାରି ! ଇକ୍ଷ୍ୱାକୁ ବଂଶରେ କକୁତ୍‌ସ୍ଥ ନାମକ ଜଣେ ଶ୍ରେଷ୍ଠ ଗୁଣବାନ୍ ରାଜା ଥିଲେ, ଯାହାଙ୍କ ନାମ ଅନୁସାରେ ଉତ୍ତରକୋଶଳର ମହାମନା ରାଜାମାନେ 'କାକୁତ୍‌ସ୍ଥ' ନାମ ଧାରଣ କରି ଆସୁଛନ୍ତି । (ପୌରାଣିକ କଥା-ପୂର୍ବେ ଇକ୍ଷ୍ୱାକୁବଂଶରେ ବିଷ୍ଣୁ-ଅଂଶରେ ଜାତ ପୁରଞ୍ଜୟ ନାମକ ରାଜା ବୃଷଭ-ରୂପଧାରୀ ଇନ୍ଦ୍ରଙ୍କ ପିଠିରେ ବସି ଯୁଦ୍ଧରେ ଅସୁରମାନଙ୍କୁ ସଂହାର କରିଥିଲେ । କକୁଦ (ଷଣ୍ଢର ହୁଳ୍କୁଡ଼) ଉପରେ ବସି ଯୁଦ୍ଧ କରିଥିବାରୁ ସେହି ଦିନଠାରୁ ତାଙ୍କର 'କକୁତ୍‌ସ୍ଥ' ନାମ ପ୍ରସିଦ୍ଧ ହେଲ ଏବଂ ତାଙ୍କର ବଂଶଧରମାନଙ୍କୁ 'କାକୁତ୍‌ସ୍ଥ' କୁହାଗଲା) ୭୧

ସେହି କକୁତ୍‌ସ୍ଥ ବୃଷଭରୂପଧାରୀ ଇନ୍ଦ୍ରଙ୍କ ପୃଷ୍ଠରେ ବସି ଯୁଦ୍ଧରେ ଶିବଙ୍କ ପରି ଦେଖାଯାଉଥିଲେ ଏବଂ ବାଣରେ ଅସୁର-ସ୍ତ୍ରୀମାନଙ୍କ ଗଣ୍ଡସ୍ଥଳକୁ ପତ୍ରଭୂଷଣ-ଶୂନ୍ୟ କରିଥିଲେ । ୭୨

ସେ ନିଜର ସ୍ୱାଭାବିକ ରୂପ ଧାରଣ କରି ଇନ୍ଦ୍ରଙ୍କ ସହିତ ଏକାସନରେ ବସିଥିଲେ । ଏକାସନରେ ବସିବାବେଳେ, ଐରାବତକୁ ତାଡ଼ନ କରି କରି ଇନ୍ଦ୍ରଙ୍କ ବାହୁରେ ଯେଉଁ ବାହୁଭୂଷଣ ଶିଥିଳ ହୋଇଯାଇଥିଲ, ତାହା କକୁତ୍‌ସ୍ଥଙ୍କର ବାହୁଭୂଷଣ ସହିତ ଘଷି ହେଉଥିଲ । ୭୩

ସେହି କକୁତ୍‌ସ୍ଥଙ୍କର କୁଳରେ କୁଳପ୍ରଦୀପ ମହାଯଶା ଦିଲୀପ ଜନ୍ମ-ଗ୍ରହଣ କରିଥିଲେ, ଯେ କି ଏକ ଊଣା ଶହେ ଯଜ୍ଞ ସମ୍ପାଦନ କରି ଯଜ୍ଞ-କର୍ମରୁ ନିବୃତ୍ତ ହୋଇଥିଲେ । ଇନ୍ଦ୍ରଙ୍କର ଈର୍ଷା ଦୂର ହେଉ—ଏହି ଉଦ୍ଦେଶ୍ୟରେ ହିଁ ସେ ଆଉ ଗୋଟିଏ ଯଜ୍ଞ ସମ୍ପାଦନ କରି ନ ଥିଲେ । ୭୪

ଦିଲୀପ ଶାସନ କରୁଥିବାବେଳେ ଯେଉଁ ମହିଳାମାନେ କ୍ରୀଡ଼ା-ସ୍ଥଳକୁ ଯାଇଥିବା ରାସ୍ତାରେ ଶୋଇପଡ଼ୁଥିଲେ, ସେମାନଙ୍କର ବସ୍ତ୍ରକୁ ହଲଚଲ କରିବାପାଇଁ ପବନ ମଧ୍ୟ ସାହସ କରୁ ନ ଥିଲ । ସେମାନଙ୍କ ଆଡ଼କୁ ଅନ୍ୟ କିଏ ବା ହାତ ବଢ଼ାଇବ ? ୭୫

ତାଙ୍କର ପୁତ୍ର ରଘୁ ବର୍ତ୍ତମାନ ଶାସନ କରୁଛନ୍ତି । ସେ ଚତୁର୍ଦ୍ଦିଗରୁ ଯେତେ ଧନ ଆଣି ସଂଚୟ କରିଥିଲେ, 'ବିଶ୍ୱଜିତ୍' ଯଜ୍ଞରେ ତାହା ସମସ୍ତ ଦାନ କରିଦେଲେ, ଯାହା ଫଳରେ ତାଙ୍କର କେବଳ ମାଟିପାତ୍ର ହିଁ ଅବଶିଷ୍ଟ ରହିଥିଲ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आरूढमद्रीनुदधीन् वितीर्णं भुजङ्गमानां वसतिं प्रविष्टम् ।
ऊर्ध्वं गतं यस्य न चानुबन्धि यशः परिच्छेत्तुमियत्तयाऽलम् ॥७७

ଆରୂଢମଦ୍ରୀନୁଦଧୀନ୍ ବିତୀର୍ଣ୍ଣଂ ଭୁଜଙ୍ଗମାନାଂ ବସତିଂ ପ୍ରବିଷ୍ଟମ୍ ।
ଊର୍ଦ୍ଧ୍ୱଂ ଗତଂ ଯସ୍ୟ ନ ଚାନୁବନ୍ଧି ଯଶଃ ପରିଚ୍ଛେତ୍ତୁମିୟତ୍ତୟାଽଲମ୍ ॥୭୭

असौ कुमारस्तमजोऽनुजातस्त्रिविष्टपस्येव पतिं जयन्तः ।
गुर्वीं धुरं यो भुवनस्य पित्रा धुर्येण दम्यः सदृशीं बिभर्ति ॥७८

ଅସୌ କୁମାରସ୍ତମଜୋଽନୁଜାତସ୍ତ୍ରିପିଷ୍ଟପସ୍ୟେବ ପତିଂ ଜୟନ୍ତଃ ।
ଗୁର୍ବୀଂ ଧୁରଂ ଯୋ ଭୁବନସ୍ୟ ପିତ୍ରା ଧୁର୍ୟେଣ ଦମ୍ୟଃ ସଦୃଶୀଂ ବିଭର୍ତି ॥୭୮

कुलेन कान्त्या वयसा नवेन गुणैश्च तैस्तैर्विनयप्रधानैः ।
त्वमात्मनस्तुल्यममुं वृणीष्व रत्नं समागच्छतु काञ्चनेन ॥७९

କୁଳେନ କାନ୍ତ୍ୟା ବୟସା ନବେନ ଗୁଣୈଶ୍ଚ ତୈସ୍ତୈର୍ବିନୟପ୍ରଧାନୈଃ ।
ତ୍ୱମାତ୍ମନସ୍ତୁଲ୍ୟମମୁଂ ବୃଣୀଷ୍ୱ ରତ୍ନଂ ସମାଗଚ୍ଛତୁ କାଞ୍ଚନେନ ॥୭୯

ततः सुनन्दावचनावसाने लज्जां तनूकृत्य नरेन्द्रकन्या ।
दृष्ट्या प्रसादामलया कुमारं प्रत्यग्रहीत् सम्वरणस्रजेव ॥८०

ତତଃ ସୁନନ୍ଦାବଚନାବସାନେ ଲଜ୍ଜାଂ ତନୂକୃତ୍ୟ ନରେନ୍ଦ୍ରକନ୍ୟା ।
ଦୃଷ୍ଟ୍ୟା ପ୍ରସାଦାମଳୟା କୁମାରଂ ପ୍ରତ୍ୟଗ୍ରହୀତ୍ ସମ୍ବରଣସ୍ରଜେବ ॥୮୦

सा यूनि तस्मिन्नभिलाषबन्धं शशाक शालीनतया न वक्तुम् ।
रोमाञ्चलक्ष्येण स गात्रयष्टिं भित्त्वा निराक्रामदरालकेश्याः ॥८१

ସା ଯୂନି ତସ୍ମିନ୍ନଭିଲାଷବନ୍ଧଂ ଶଶାକ ଶାଳୀନତୟା ନ ବକ୍ତୁମ୍ ।
ରୋମାଞ୍ଚଲକ୍ଷ୍ୟେଣ ସ ଗାତ୍ରୟଷ୍ଟିଂ ଭିତ୍ତ୍ୱା ନିରାକ୍ରାମଦରାଳକେଶ୍ୟାଃ ॥୮୧

तथागतायां परिहासपूर्वं सख्यां सखी वेत्रभृदाबभाषे ।
आर्ये व्रजामोऽन्यत इत्यथैनां वधूरसूयाकुटिलं ददर्श ॥८२

ତଥାଗତାୟାଂ ପରିହାସପୂର୍ବଂ ସଖ୍ୟାଂ ସଖୀ ବେତ୍ରଭୃଦାବଭାଷେ ।
ଆର୍ୟେ ବ୍ରଜାମୋଽନ୍ୟତ ଇତ୍ୟଥୈନାଂ ବଧୂରସୂୟାକୁଟିଳଂ ଦଦର୍ଶ ॥୮୨

सा चूर्णगौरं रघुनन्दनस्य धात्रीकराभ्यां करभोपमोरूः ।
आसञ्जयामास यथाप्रदेशं कण्ठे गुणं मूर्त्तमिवानुरागम् ॥८३

ସା ଚୂର୍ଣ୍ଣଗୌରଂ ରଘୁନନ୍ଦନସ୍ୟ ଧାତ୍ରୀକରାଭ୍ୟାଂ କରଭୋପମୋରୂଃ ।
ଆସଞ୍ଜୟାମାସ ଯଥାପ୍ରଦେଶଂ କଣ୍ଠେ ଗୁଣଂ ମୂର୍ତ୍ତମିବାନୁରାଗମ୍ ॥୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କର ଯଶ ପର୍ବତ ଆରୋହଣ କରିଛି, ସମୁଦ୍ର ଅତିକ୍ରମ କରିଛି, ପାତାଳପୁରକୁ ତଥା ସ୍ୱର୍ଗଲୋକକୁ ମଧ୍ୟ ଯାଇଛି । ଏହିପରି ତାଙ୍କର ଅବିଚ୍ଛିନ୍ନ ଯଶର ସୀମା କଳନା କରି ହେବ ନାହିଁ । ୭୭

ଜୟନ୍ତ ଯେପରି ଇନ୍ଦ୍ରଙ୍କର ପୁତ୍ର, ଏହି ଅଜ ସେହିପରି ରଘୁଙ୍କର ପୁତ୍ର । ଏ ଶିକ୍ଷାଲାଭ କରି ପିତାଙ୍କ ଭଳି ପ୍ରଜାପାଳନର ଗୁରୁଭାର ବହନ କରୁଛନ୍ତି । ୭୮

ଗୋ ଇନ୍ଦୁମତୀ ! କୁଳରେ, ରୂପରେ, ଯୁବାବସ୍ଥାରେ ଏବଂ ବିନୟ, ଦୟା, ଦାକ୍ଷିଣ୍ୟାଦି ଗୁଣରେ ଏ ତୁମରି ଅନୁରୂପ । ତେଣୁ ଏହାଙ୍କୁ ବରଣ କର । ରତ୍ନ ସୁବର୍ଣ୍ଣ ସହିତ ମିଳିତ ହେଉ ।" ୭୯

ତା'ପରେ ସୁନନ୍ଦାର କଥା ଶେଷ ହୁଅନ୍ତେ ରାଜକୁମାରୀ ଲଜ୍ଜା ହ୍ରାସ କରି ପ୍ରସନ୍ନ ନିର୍ମଳ ଦୃଷ୍ଟିରେ ଅଜଙ୍କୁ ନିରୀକ୍ଷଣ କଲେ । ସତେ ଯେପରି ସେ ସେହି ଦୃଷ୍ଟିରୂପକ ବରଣମାଳାରେ ହିଁ ତାଙ୍କୁ ବରଣ କରିନେଲେ ! ୮୦

କୁଞ୍ଚିତକେଶା ଇନ୍ଦୁମତୀ ଲଜ୍ଜାରେ ଯୁବକ ଅଜଙ୍କ ପ୍ରତି ନିଜର ଅଭିଳାଷ କଥାରେ ବ୍ୟକ୍ତ କରିପାରିଲେ ନାହିଁ । ମାତ୍ର ସେହି ଅଭିଳାଷ ରୋମାଞ୍ଚ ଛଳରେ ତାଙ୍କର ଅଙ୍ଗଲତା ଭେଦ କରି ବାହାରକୁ ପ୍ରକାଶ ପାଇଲା । ୮୧

ଇନ୍ଦୁମତୀଙ୍କର ସେହି ଅବସ୍ଥା ଦେଖି ସଖୀ ସୁନନ୍ଦା ପରିହାସରେ କହିଲା–'ଆର୍ଯ୍ୟେ ! ଅନ୍ୟ ରାଜାଙ୍କ ନିକଟକୁ ଯିବା ଆସ ।' ତାହା ଶୁଣି ଇନ୍ଦୁମତୀ ରୋଷରେ ଦୃଷ୍ଟି ବକ୍ର କରି ତାକୁ ଚାହିଁଲେ । ୮୨

ପରମସୁନ୍ଦରୀ ଇନ୍ଦୁମତୀ ଧାତ୍ରୀ ସୁନନ୍ଦାର ହାତରୁ ବରଣମାଳା ନେଇ ଅଜଙ୍କ କଣ୍ଠରେ ପିନ୍ଧାଇଦେଲେ । ସେହି ବରଣମାଳା ମଙ୍ଗଳଚୂର୍ଣ୍ଣରେ ଗୌରବର୍ଣ୍ଣ ଧାରଣ କରିଥିଲା ଏବଂ ଇନ୍ଦୁମତୀଙ୍କର ମୂର୍ତ୍ତିମନ୍ତ ଅନୁରାଗ ଭଳି ବୋଧ ହେଉଥିଲା । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୟା ସ୍ରଜା ମଙ୍ଗଳପୁଷ୍ପମୟ୍ୟା ବିଶାଳବକ୍ଷଃସ୍ଥଳଲମ୍ବୟାଽଜଃ ।
ଅମଂସ୍ତ କଣ୍ଠାର୍ପିତବାହୁପାଶାଂ ବିଦର୍ଭରାଜାବରଜାଂ ବରେଣ୍ୟଃ ।।୮୪

ଶଶିନମୁପଗତେୟଂ କୌମୁଦୀ ମେଘମୁକ୍ତଂ
ଜଳନିଧିମନୁରୂପଂ ଜହ୍ନୁକନ୍ୟାଽବତୀର୍ଣ୍ଣା ।
ଇତି ସମଗୁଣଯୋଗପ୍ରୀତୟସ୍ତତ୍ର ପୌରାଃ
ଶ୍ରବଣକଟୁ ନୃପାଣାମେକବାକ୍ୟଂ ବିବବ୍ରୁଃ ।।୮୫

ପ୍ରମୁଦିତବରପକ୍ଷମେକତସ୍ତତ୍ କ୍ଷିତିପତିମଣ୍ଡଳମନ୍ୟତୋ ବିତାନମ୍ ।
ଉଷସି ସର ଇବ ପ୍ରଫୁଲ୍ଲପଦ୍ମଂ କୁମୁଦବନପ୍ରତିପନ୍ନନିଦ୍ରମାସୀତ୍ ।।୮୩

।। इति श्रीमहाकविकालिदासकृतौ रघुवंशे महाकाव्ये
इन्दुमती-स्वयंवरो नाम षष्ठः सर्गः ।।

सप्तमः सर्गः

अथोपयन्त्रा सदृशेन युक्तां स्कन्देन साक्षादिव देवसेनाम् ।
स्वसारमादाय विदर्भनाथः पुरप्रवेशाभिमुखो बभूव ॥१
ଅଥୋପୟନ୍ତ୍ରା ସଦୃଶେନ ଯୁକ୍ତାଂ ସ୍କନ୍ଦେନ ସାକ୍ଷାଦିବ ଦେବସେନାମ୍ ।
ସ୍ୱସାରମାଦାୟ ବିଦର୍ଭନାଥଃ ପୁରପ୍ରବେଶ ଭିମୁଖୋ ବଭୂବ ॥୧

सेनानिवेशान् पृथिवीक्षितोऽपि जग्मुर्विभातग्रहमन्दभासः ।
भोज्यां प्रति व्यर्थमनोरथत्वाद् रूपेषु वेषेषु च साभ्यसूयाः ।।२
ସେନାନିବେଶାନ୍ ପୃଥିବୀକ୍ଷିତୋଽପି ଜଗ୍ମୁର୍ବିଭାତଗ୍ରହମନ୍ଦଭାସଃ ।
ଭୋଜ୍ୟାଂ ପ୍ରତି ବ୍ୟର୍ଥମନୋରଥତ୍ୱାଦ୍ ରୂପେଷୁ ବେଷେଷୁ ଚ ସାଭ୍ୟସୂୟାଃ ॥୨

सान्निध्ययोगात् किल तत्र शच्याः स्वयंवरक्षोभकृतामभावः ।
काकुत्स्थमुद्दिश्य समत्सरोऽपि शशाम तेन क्षितिपाललोकः ।।३
ସାନ୍ନିଧ୍ୟଯୋଗାତ୍ କିଲ ତତ୍ର ଶଚ୍ୟାଃ ସ୍ୱୟଂବରକ୍ଷୋଭକୃତାମଭବଃ ।
କାକୁତ୍ସ୍ଥମୁଦ୍ଦିଶ୍ୟ ସମତ୍ସରୋଽପି ଶଶାମ ତେନ କ୍ଷିତିପାଳଲୋକଃ ।।୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବରେଣ୍ୟ ଅଜ ନିଜର ବକ୍ଷସ୍ଥଳରେ ସେହି ମଙ୍ଗଳ–ପୁଷ୍ପମାଳା ଧାରଣ କରି ମନେକଲେ–ସତେ ଯେପରି ଇନ୍ଦୁମତୀଙ୍କର କୋମଳ ବାହୁ-ଯୁଗଳ ତାଙ୍କର କଣ୍ଠ ବେଷ୍ଟନ କରିଛି ! ୮୪

ସେଠାରେ ଯେତେ ଲୋକ ଉପସ୍ଥିତ ଥିଲେ, ସମସ୍ତେ ସମଗୁଣର ସଂଯୋଗରେ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ସମସ୍ବରରେ କହି ଉଠିଲେ–'ଜ୍ୟୋସ୍ନା ମେଘମୁକ୍ତ ଚନ୍ଦ୍ରକୁ ପାଇଛି । ଗଙ୍ଗା ଅନୁରୂପ ପତି ସମୁଦ୍ର ସହିତ ମିଳିତ ହୋଇଛି ।' ମାତ୍ର ଏ କଥା ଅନ୍ୟ ରଜାମାନଙ୍କୁ ଶ୍ରୁତିକଟୁ ବୋଧ ହେଲା । ୮୫

ଏକ ପକ୍ଷରେ ବରପକ୍ଷର ରାଜାମାନେ ହର୍ଷୋତ୍‌ଫୁଲ୍ଲ, ଅନ୍ୟ ପକ୍ଷରେ ହତାଶ ରାଜାମାନେ ନିଷ୍ପ୍ରଭ । ତେଣୁ ସେତେବେଳେ ଉପସ୍ଥିତ ରାଜନ୍ୟମଣ୍ଡଳୀ ପ୍ରଭାତ କାଳର ଏକ ସରୋବର ଭଳି ଜଣାପଡ଼ିଲେ, ଯେଉଁ ସରୋବରରେ କି ପଦ୍ମମାନେ ବିକଶିତ ଏବଂ କୁମୁଦମାନେ ମୁଦ୍ରିତ ହେଉଥାଆନ୍ତି । ୮୬

ସପ୍ତମ ସର୍ଗ

ତାପରେ, କାର୍ତ୍ତିକେୟଙ୍କ ସହିତ ଦେବସେନା (କାର୍ତ୍ତିକେୟଙ୍କ ପତ୍ନୀ)ଙ୍କର ମିଳନ ହେଲା ପରି ଅଜଙ୍କ ସହିତ ଇନ୍ଦୁମତୀଙ୍କର ମିଳନ ହେଲା । ବିଦର୍ଭର ରଜା ସେ ଦୁହିଁଙ୍କୁ ଘେନି ନଗରକୁ ଯିବାପାଇଁ ବାହାରିଲେ । ୧

ଯେଉଁ ରଜାମାନେ ଇନ୍ଦୁମତୀଙ୍କୁ ପାଇବାରେ ବ୍ୟର୍ଥମନୋରଥ ହୋଇ ପ୍ରଭାତକାଳୀନ ତାରମାନଙ୍କ ପରି ଜ୍ୟୋତି ହରାଇଥିଲେ, ସେମାନେ ନିଜ ନିଜର ବେଶକୁ ନିନ୍ଦା କରି ଶିବିରକୁ ଫେରିଗଲେ । ୨

ସ୍ବୟମ୍ବର ସ୍ଥଳରେ ଶଚୀଙ୍କର ଅବସ୍ଥାନ ଯୋଗୁଁ କୌଣସି ରଜା ବିଘ୍ନ ସୃଷ୍ଟି କରିପାରୁ ନ ଥିଲେ । ତେଣୁ ଅଜଙ୍କ ପ୍ରତି ଯେଉଁମାନେ ଈର୍ଷା ପୋଷଣ କରୁଥିଲେ, ସେମାନେ ଶାନ୍ତ ରହିଥିଲେ । (ଶଚୀ ହେଉଛନ୍ତି ସ୍ବୟମ୍ବର-ସ୍ଥଳର ଅଧିଷ୍ଠାତ୍ରୀ ଦେବୀ ।) ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तावत् प्रकीर्णाभिनवोपचारमिन्द्रायुधद्योतिततोरणाङ्कम् ।
वरः स वध्वा सह राजमार्गं प्राप ध्वजच्छायनिवारितोष्णम् ॥४
ତାବତ୍ ପ୍ରକୀର୍ଣ୍ଣାଭିନବୋପଚାରମିନ୍ଦ୍ରାୟୁଧଦ୍ୟୋତିତତୋରଣାଙ୍କମ୍ ।
ବରଃ ସ ବଧ୍ୱା ସହ ରାଜମାର୍ଗଂ ପ୍ରାପ ଧ୍ୱଜଚ୍ଛାୟନିବାରିତୋଷ୍ଣମ୍ ॥୪

ततस्तदालोकनतत्पराणां सौधेषु चामीकरजालवत्सु ।
बभूवुरित्थं पुरसुन्दरीणां त्यक्तान्यकार्याणि विचेष्टितानि ॥५
ତତସ୍ତଦାଲୋକନତତ୍ପରାଣାଂ ସୌଧେଷୁ ଚାମୀକରଜାଲବତ୍ସୁ ।
ବଭୂବୁରିତ୍ଥଂ ପୁରସୁନ୍ଦରୀଣାଂ ତ୍ୟକ୍ତାନ୍ୟକାର୍ଯ୍ୟାଣି ବିଚେଷ୍ଟିତାନି ॥୫

आलोकमार्गं सहसा व्रजन्त्या कयाचिदुद्वेष्टन-वान्तमाल्यः ।
बन्धुं न सम्भावित एव तावत् करेण रुद्धोऽपि च केशपाशः ॥६
ଆଲୋକମାର୍ଗଂ ସହସା ବ୍ରଜନ୍ତ୍ୟା କୟାଚିଦୁଦ୍‌ବେଷ୍ଟନ-ବାନ୍ତମାଲ୍ୟଃ ।
ବନ୍ଧୁଂ ନ ସମ୍ଭାବିତ ଏବ ତାବତ୍ କରେଣ ରୁଦ୍ଧୋଽପି ଚ କେଶପାଶଃ ॥୬

प्रसाधिकालम्बितमग्रपादमाक्षिप्य काचिद् द्रवरागमेव ।
उत्सृष्टलीलागति रागवाक्षादलक्तकाङ्कां पदवीं ततान ॥७
ପ୍ରସାଧିକାଲମ୍ବିତମଗ୍ରପାଦମାକ୍ଷିପ୍ୟ କାଚିଦ୍ ଦ୍ରବରାଗମେବ ।
ଉତ୍ସୃଷ୍ଟଲୀଳାଗତି ରାଗବାକ୍ଷାଦଲକ୍ତକାଙ୍କାଂ ପଦବୀଂ ତତାନ ॥୭

विलोचनं दक्षिणमञ्जनेन संभाव्य तद्वञ्चितवामनेत्रा ।
तथैव वातायनसंनिकर्षं ययौ शलाकामपरा वहन्ती ॥८
ବିଲୋଚନଂ ଦକ୍ଷିଣମଞ୍ଜନେନ ସମ୍ଭାବ୍ୟ ତଦ୍‌ବଞ୍ଚିତବାମନେତ୍ରା ।
ତଥୈବ ବାତାୟନସଂନିକର୍ଷଂ ଯଯୌ ଶଳାକାମପରା ବହନ୍ତୀ ॥୮

जालान्तरप्रेषितदृष्टिरन्या प्रस्थानभिन्नां न बबन्ध नीवीम् ।
नाभिप्रविष्टाभरणप्रभेण हस्तेन तस्थाववलम्ब्य वासः ॥९
ଜାଲାନ୍ତରପ୍ରେଷିତଦୃଷ୍ଟିରନ୍ୟା ପ୍ରସ୍ଥାନଭିନ୍ନାଂ ନ ବବନ୍ଧ ନୀବୀମ୍ ।
ନାଭିପ୍ରବିଷ୍ଟାଭରଣପ୍ରଭେଣ ହସ୍ତେନ ତସ୍ଥାବବଲମ୍ବ୍ୟ ବାସଃ ॥୯

अर्धाञ्चिता सत्वरमुत्थितायाः पदे पदे दुर्निमिते गलन्ती ।
कस्याश्चिदासीद् रसना तदानीमङ्गुष्ठमूलार्पितसूत्रशेषा ॥१०
ଅର୍ଦ୍ଧାଞ୍ଚିତା ସତ୍ୱରମୁତ୍ଥିତାୟାଃ ପଦେ ପଦେ ଦୁର୍ନିମିତେ ଗଳନ୍ତୀ ।
କସ୍ୟାଶ୍ଚିଦାସୀଦ୍ ରସନା ତଦାନୀମଙ୍ଗୁଷ୍ଠମୂଳାର୍ପିତସୂତ୍ରଶେଷା ॥୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବର ବଧୂ ସହିତ ପ୍ରଧାନ ରାସ୍ତାରେ ପହଞ୍ଚିଲେ । ସେହି ରାସ୍ତାରେ ସର୍ବତ୍ର ପୁଷ୍ପ ପ୍ରଭୃତି ବିଭିନ୍ନ ଉପଚାରର ସାମଗ୍ରୀ ବିଛା ହୋଇଥିଲା । ଇନ୍ଦ୍ରଧନୁ ପରି ବିଚିତ୍ର ତୋରଣମାଳା ଶୋଭା ପାଉଥିଲା ଏବଂ ପତାକାମାନଙ୍କ ଛାଇ-ଦ୍ୱାରା ଖରା ନିବାରିତ ହେଉଥିଲା । ୪

ପୁରବାସିନୀ ସୁନ୍ଦରୀମାନେ ଅନ୍ୟ ସମସ୍ତ କାର୍ଯ୍ୟ ଛାଡ଼ି ପ୍ରାସାଦ-ମାନଙ୍କର ଗବାକ୍ଷରୁ ସେ ଦୁହିଁଙ୍କୁ ଦେଖିବାପାଇଁ ବ୍ୟଗ୍ର ହୋଇଉଠିଲେ । ସେତେବେଳେ ସେମାନଙ୍କର ବିଭିନ୍ନ ପ୍ରକାର ଅବସ୍ଥା ଘଟିଲା । ୫

ଏକ ସୁନ୍ଦରୀ ଅଜ-ଇନ୍ଦୁମତୀଙ୍କୁ ଦେଖିବାପାଇଁ ସହସା ଝରକା ନିକଟକୁ ଧାଇଁଲା । ଧାଇଁବା ଯୋଗୁ ତାର କେଶଗୁଚ୍ଛ ଫିଟିଗଲା ଏବଂ ସେଥିରୁ ପୁଷ୍ପମାଳା ଖସିପଡ଼ିଲା । ସେ ଗୋଟିଏ ହାତରେ ମୁକୁଳା କେଶକୁ ସମ୍ଭାଳି ଧରିଲା, କିନ୍ତୁ ତାହାକୁ ବାନ୍ଧିବା ପାଇଁ ଭୁଲିଗଲା । ୬

ଆଉ ଜଣେ ସୁନ୍ଦରୀର ପାଦ ଧରି ବେଶକାରିଣୀ ଅଳତା ଲଗାଇ-ଦେଉଥିଲା; କିନ୍ତୁ ସେହି ତରୁଣୀ ସହସା ପାଦ ଟାଣିନେଇ ଝରକା ନିକଟକୁ ଧାଇଁଲା । ଫଳରେ ଝରକା ପର୍ଯ୍ୟନ୍ତ ତାର ପାଦଚିହ୍ନ ଅଙ୍କିତ ହୋଇଗଲା । ୭

ଆଉ ଜଣେ ଦକ୍ଷିଣ ଚକ୍ଷୁରେ ଅଞ୍ଜନ ଲଗାଇ ସାରିଥିଲା; କିନ୍ତୁ ବାମ ଚକ୍ଷୁରେ ତାହା ନ ଲଗାଇ ହାତରେ ଅଞ୍ଜନ ତୂଳୀ ଧରି ଗବାକ୍ଷ ନିକଟକୁ ଧାଇଁଲା । ୮

ଆଉ ଏକ ସୁନ୍ଦରୀ ଦ୍ରୁତ ପଦକ୍ଷେପରେ ଯାଉଁ ଯାଉଁ ତାର ଖୋଷଣି ଫିଟିଗଲା । ସେ ତାହାକୁ ସଜାଡ଼ି ନ ପାରି ଗୋଟିଏ ହାତରେ ଲୁଗାକୁ ଭିଡ଼ି ଧରିଲା ଏବଂ ଗବାକ୍ଷ ଭିତରୁ ଚାହିଁବାରେ ଲାଗିଲା । ସେ ଯେଉଁ ହାତରେ ଲୁଗାକୁ ଭିଡ଼ି ଧରିଥିଲା, ସେହି ହାତରେ କଙ୍କଣ ପ୍ରଭୃତି ଭୂଷଣର ଜ୍ୟୋତି ତା' ନାଭି ଭିତରକୁ ପ୍ରବେଶ କରି ଆଲୋକିତ କରୁଥିଲା । ୯

ଆଉ ଜଣେ ଶୀଘ୍ର ଶୀଘ୍ର ଯାଉଥିଲା ବେଳେ ପ୍ରତି ପଦକ୍ଷେପରେ ତାର ଅଧାଗୁନ୍ଥା ଅଣ୍ଟାସୂତାରୁ ମଣିମାନ ଖସିପଡ଼ୁଥିଲା । ସେ ଝରକା ନିକଟରେ ପହଞ୍ଚିଲା ବେଳକୁ ପାଦର ବୁଢ଼ା ଅଙ୍ଗୁଳିରେ ଛନ୍ଦି ହୋଇ ଅଣ୍ଟା ସୂତାର ସୂତା-ମାତ୍ର ଅବଶିଷ୍ଟ ରହିଥିଲା । ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तासां मुखैरासवगन्धगर्भैर्व्याप्तान्तराः सान्द्रकुतूहलानाम् ।
विलोलनेत्रभ्रमरैर्गवाक्षाः सहस्रपत्राभरणा इवासन् ॥११
ତାସାଂ ମୁଖୈରାସବଗନ୍ଧଗର୍ଭୈର୍ବ୍ୟାପ୍ତାନ୍ତରାଃ ସାନ୍ଦ୍ରକୁତୂହଳାନାମ୍ ।
ବିଲୋଲନେତ୍ରଭ୍ରମରୈର୍ଗବାକ୍ଷାଃ ସହସ୍ରପତ୍ରାଭରଣା ଇବାସନ୍ ॥୧୧

ता राघवं दृष्टिभिरापिबन्त्यो नार्यो न जग्मुर्विषयान्तराणि ।
तथाहि शेषेन्द्रियवृत्तिरासां सर्वात्मना चक्षुरिव प्रविष्टा ॥१२
ତା ରାଘବଂ ଦୃଷ୍ଟିଭିରାପିବନ୍ତ୍ୟୋ ନାର୍ଯ୍ୟୋ ନ ଜଗ୍ମୁର୍ବିଷୟାନ୍ତରାଣି ।
ତଥାହି ଶେଷେନ୍ଦ୍ରିୟବୃତ୍ତିରାସାଂ ସର୍ବାତ୍ମନା ଚକ୍ଷୁରିବ ପ୍ରବିଷ୍ଟା ॥୧୨

स्थाने वृता भूपतिभिः परोक्षैः स्वयंवरं साधुममंस्त भोज्या ।
पद्मेव नारायणमन्यथासौ लभेत कान्तं कथमात्मतुल्यम् ॥१३
ସ୍ଥାନେ ବୃତା ଭୂପତିଭିଃ ପରୋକ୍ଷୈଃ ସ୍ୱୟଂବରଂ ସାଧୁମମଂସ୍ତ ଭୋଜ୍ୟା ।
ପଦ୍ମେବ ନାରାୟଣମନ୍ୟଥାସୌ ଲଭେତ କାନ୍ତଂ କଥମାତ୍ମତୁଲ୍ୟମ୍ ॥୧୩

परस्परेण स्पृहणीयशोभं न चेदिदं द्वन्द्वमयोजयिष्यत् ।
अस्मिन् द्वये रूपविधानयत्नः पत्युः प्रजानां वितथोऽभविष्यत् ॥१४
ପରସ୍ପରେଣ ସ୍ପୃହଣୀୟଶୋଭଂ ନ ଚେଦିଦଂ ଦ୍ୱନ୍ଦ୍ୱମଯୋଜୟିଷ୍ୟତ୍ ।
ଅସ୍ମିନ୍ ଦ୍ୱୟେ ରୂପବିଧାନଯତ୍ନଃ ପତ୍ୟୁଃ ପ୍ରଜାନାଂ ବିତଥୋଽଭବିଷ୍ୟତ୍ ॥୧୪

रतिस्मरौ नूनमिमावभूतां राज्ञां सहस्रेषु तथाहि बाला ।
गतेयमात्मप्रतिरूपमेव मनो हि जन्मान्तरसङ्गतिज्ञम् ॥१५
ରତିସ୍ମରୌ ନୂନମିମାବଭୂତାଂ ରାଜ୍ଞାଂ ସହସ୍ରେଷୁ ତଥାହି ବାଳା ।
ଗତେୟମାତ୍ମପ୍ରତିରୂପମେବ ମନୋ ହି ଜନ୍ମାନ୍ତରସଙ୍ଗତିଜ୍ଞମ୍ ॥୧୫

इत्युद्गताः पौरवधूमुखेभ्यः शृण्वन् कथाः श्रोत्रसुखाः कुमारः ।
उद्भासितं मङ्गलसंविधाभिः सम्बन्धिनः सद्म समाससाद ॥१६
ଇତ୍ୟୁଦ୍‌ଗତାଃ ପୌରବଧୂମୁଖେଭ୍ୟଃ ଶୃଣ୍ୱନ୍ କଥାଃ ଶ୍ରୋତ୍ରସୁଖାଃ କୁମାରଃ ।
ଉଦ୍‌ଭାସିତଂ ମଙ୍ଗଳସଂବିଧାଭିଃ ସମ୍ବନ୍ଧିନଃ ସଦ୍ମ ସମାସସାଦ ॥୧୬

ततोऽवतीर्याशु करेणुकायाः स कामरूपेश्वरदत्तहस्तः ।
वैदर्भनिर्दिष्टमथो विवेश नारीमनांसीव चतुष्कमन्तः ॥१७
ତତୋଽବତୀର୍ଯ୍ୟାଶୁ କରେଣୁକାୟାଃ ସ କାମରୂପେଶ୍ୱରଦତ୍ତହସ୍ତଃ ।
ବୈଦର୍ଭନିର୍ଦ୍ଦିଷ୍ଟମଥୋ ବିବେଶ ନାରୀମନାଂସୀବ ଚତୁଷ୍କମନ୍ତଃ ॥୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ବରବଧୂଙ୍କୁ ଦେଖିବାପାଇଁ ପୁରନାରୀମାନେ ଅତ୍ୟନ୍ତ କୌତୂହଳରେ ଝରକା ନିକଟକୁ ଧାଇଁଲେ । ସେମାନଙ୍କର ମୁଖ-ମଣ୍ଡଳଦ୍ୱାରା ଝରକାଗୁଡ଼ିକ ପଦ୍ମଫୁଲରେ ମଣ୍ଡିତ ହେଲାଭଳି ଜଣା ପଡ଼ିଲା । କାରଣ, ସେମାନଙ୍କ ମୁଖରେ ଥିଲା ପଦ୍ମର ସୁଗନ୍ଧ ଏବଂ ଭ୍ରମର ପରି ଚଞ୍ଚଳ ଡୋଳା । ୧୧

ନାରୀମାନେ ଅନ୍ୟ ସମସ୍ତ ବିଷୟ ଭୁଲି ଅଜଙ୍କୁ ସତେ ଯେପରି ଚକ୍ଷୁଦ୍ୱାରା ପିଇଗଲେ ! ସତେ ଯେପରି ସେମାନଙ୍କର ଅନ୍ୟ ସବୁ ଇନ୍ଦ୍ରିୟ କେବଳ ଚକ୍ଷୁଦ୍ୱାରା ନିଜ ନିଜର କାର୍ଯ୍ୟ ସାଧନ କଲେ !! ୧୨

ଅନେକ ରଜା ଇନ୍ଦୁମତୀଙ୍କୁ ବିବାହ କରିବା ପାଇଁ ଆଗରୁ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ଇନ୍ଦୁମତୀ ଯେ ସ୍ୱୟମ୍ବରକୁ ଉଚିତ ମନେ କଲେ, ତାହା ଯଥାର୍ଥ ହେଲା । କାରଣ, ଲକ୍ଷ୍ମୀ ଯେପରି ନାରାୟଣଙ୍କୁ ପାଇଥିଲେ, ଏ ସେହିପରି ନିଜ ଅନୁରୂପ ପତିଙ୍କୁ ବିନା ସ୍ୱୟମ୍ବରରେ କିପରି ପାଇଥାଆନ୍ତେ ? ୧୩

ବିଧାତା ଯଦି ଏହି ସୁନ୍ଦର ଦମ୍ପତିଙ୍କୁ ପରସ୍ପର ମିଳିତ କରାଇ-ନଥାନ୍ତେ, ତା' ହେଲେ ସେ ଯେଉଁ ପ୍ରୟାସରେ ସୌନ୍ଦର୍ଯ୍ୟ ସୃଷ୍ଟି କରନ୍ତି, ତାହା ବିଫଳ ହୋଇଥାନ୍ତା । ୧୪

ହଜାର ହଜାର ରଜାଙ୍କ ମଧ୍ୟରେ ଏ କୁମାରୀ ଯେ ନିଜ ଅନୁରୂପ ପତି ପାଇପାରିଲେ, ଏଥିରୁ ଜଣାଯାଉଛି, ଏ ଦୁହେଁ ବୋଧହୁଏ ପୂର୍ବ ଜନ୍ମରେ ରତି ଓ କନ୍ଦର୍ପ ଥିଲେ । କାରଣ, ମନ ଅନ୍ୟ ଜନ୍ମର ମିଳନ ମଧ୍ୟ ଅନୁଭବ କରିପାରେ । ୧୫

ଏହିପରି ଭବରେ ପୁରନାରୀମାନଙ୍କର ଶ୍ରୁତିସୁଖକର କଥା ଶୁଣି-ଶୁଣି କୁମାର ଅଜ ବିଦର୍ଭ ରଜାଙ୍କର ପ୍ରାସାଦରେ ଉପସ୍ଥିତ ହେଲେ । ସେହି ପ୍ରାସାଦ ମଙ୍ଗଳ-ସାଜସଜାରେ ଉଦ୍‌ଭସିତ ହୋଇଉଠୁଥିଲା । ୧୬

ତାପରେ ଅଜ କାମରୂପ ରଜାଙ୍କ ଉପରେ ହାତଭର ଦେଇ ହସ୍ତିନୀ ପୃଷ୍ଠରୁ ଅବରୋହଣ କଲେ ଏବଂ ନିର୍ଦ୍ଦିଷ୍ଟ ଅନ୍ତପୁରର ଅଗଣା ଭିତରେ ପ୍ରବେଶ କଲେ; ତା ସଙ୍ଗେ ସଙ୍ଗେ ରମଣୀମାନଙ୍କ ମନ ଭିତରେ ମଧ୍ୟ ପ୍ରବେଶ କଲେ । ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

महार्हसिंहासनसंस्थितोऽसौ सरत्नमर्घ्यं मधुपर्कमिश्रम् ।
भोजोपनीतं च दुकूलयुग्मं जग्राह सार्धं वनिताकटाक्षैः ॥१८
ମହାର୍ହସିଂହାସନସଂସ୍ଥିତୋଽସୌ ସରତ୍ନମର୍ଘ୍ୟଂ ମଧୁପର୍କମିଶ୍ରମ୍ ।
ଭୋଜୋପନୀତଂ ଚ ଦୁକୂଳଯୁଗ୍ମଂ ଜଗ୍ରାହ ସାର୍ଧଂ ବନିତାକଟାକ୍ଷୈଃ ॥୧୮

दुकूलवासाः स वधूसमीपं निन्ये विनीतैरवरोधदक्षैः ।
वेलासकाशं स्फुटफेनराजिर्नवैरुदन्वानिव चन्द्रपादैः ॥१९
ଦୁକୂଳବାସାଃ ସ ବଧୂସମୀପଂ ନିନ୍ୟେ ବିନୀତୈରବରୋଧଦକ୍ଷୈଃ ।
ବେଳାସକାଶଂ ସ୍ଫୁଟଫେନରାଜିର୍ନବୈରୁଦନ୍ୱାନିବ ଚନ୍ଦ୍ରପାଦୈଃ ॥୧୯

तत्रार्चितो भोजपतेः पुरोधा हुत्वाग्निमाज्यादिभिरग्निकल्पः ।
तमेव चाधाय विवाहसाक्ष्ये वधूवरौ सङ्गमयांचकार ॥२०
ତତ୍ରାର୍ଚ୍ଚିତୋ ଭୋଜପତେଃ ପୁରୋଧା ହୁତ୍ୱାଗ୍ନିମାଜ୍ୟାଦିଭିରଗ୍ନିକଳ୍ପଃ ।
ତମେବ ଚାଧାୟ ବିବାହସାକ୍ଷ୍ୟେ ବଧୂବରୌ ସଂଗମୟାଂଚକାର ॥୨୦

हस्तेन हस्तं परिगृह्य वध्वाः स राजसूनुः सुतरां चकासे ।
अनन्तराशोकलताप्रवालं प्राप्येव चूतः प्रतिपल्लवेन ॥२१
ହସ୍ତେନ ହସ୍ତଂ ପରିଗୃହ୍ୟ ବଧ୍ୱାଃ ସ ରାଜସୂନୁଃ ସୁତରାଂ ଚକାସେ ।
ଅନନ୍ତରାଶୋକଲତାପ୍ରବାଳଂ ପ୍ରାପ୍ୟେବ ଚୂତଃ ପ୍ରତିପଲ୍ଲବେନ ॥୨୧

आसीद् वरः कण्टकितप्रकोष्ठः स्विन्नाङ्गुलिः संववृते कुमारी ।
तस्मिन् द्वये तत्क्षणमात्मवृत्तिः समं विभक्तेव मनोभवेन ॥२२
ଆସୀଦ୍ ବରଃ କଣ୍ଟକିତପ୍ରକୋଷ୍ଠଃ ସ୍ୱିନ୍ନାଙ୍ଗୁଳିଃ ସଂବବୃତେ କୁମାରୀ ।
ତସ୍ମିନ୍ ଦ୍ୱୟେ ତତ୍କ୍ଷଣମାତ୍ମବୃତ୍ତିଃ ସମଂ ବିଭକ୍ତେବ ମନୋଭବେନ ॥୨୨

तयोरपाङ्गप्रतिसारितानि क्रियासमापत्तिषु कातराणि ।
ह्रीयन्त्रणामानशिरे मनोज्ञामन्योन्यलोलानि विलोचनानि ।।२३
ତୟୋରପାଙ୍ଗପ୍ରତିସାରିତାନି କ୍ରିୟାସମାପତ୍ତିଷୁ କାତରାଣି ।
ହ୍ରୀୟନ୍ତ୍ରଣାମାନଶିରେ ମନୋଜ୍ଞାମନ୍ୟୋନ୍ୟଲୋଳାନି ବିଲୋଚନାନି ॥୨୩

प्रदक्षिणप्रक्रमणात् कृशानोरुदर्चिषस्तन्मिथुनं चकासे ।
मेरोरुपान्तेष्विव वर्तमानमन्योन्यसंसक्तमहस्त्रियामम् ।।२४
ପ୍ରଦକ୍ଷିଣପ୍ରକ୍ରମଣାତ୍ କୃଶାନୋରୁଦର୍ଚ୍ଚିଷସ୍ତନ୍ମିଥୁନଂ ଚକାସେ ।
ମେରୋରୁପାନ୍ତେଷ୍ୱିବ ବର୍ତ୍ତମାନମନ୍ୟୋନ୍ୟସଂସକ୍ତମହସ୍ତ୍ରିୟାମମ୍ ॥୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ବହୁମୂଲ୍ୟ ସିଂହାସନ ଉପରେ ବସି ଭୋଜଙ୍କଠାରୁ ସରତ୍ନ ମଧୁପର୍କ ମିଶ୍ରିତ ଅର୍ଘ୍ୟ (ପୂଜା ସାମଗ୍ରୀ) ଏବଂ ଯୋଡ଼ିଏ ପଟ୍ଟବସ୍ତ୍ର ଗ୍ରହଣ କଲେ; ତା ସଙ୍ଗେ ସଙ୍ଗେ ରମଣୀମାନଙ୍କର କଟାକ୍ଷ ମଧ୍ୟ ଗ୍ରହଣ କଲେ। (ରମଣୀମାନେ ତାଙ୍କୁ କଟାକ୍ଷରେ ଚାହୁଁଥିଲେ।) ୧୮

ଅଜ ପଟ୍ଟବସ୍ତ୍ର ପରିଧାନ କରିବା ପରେ ଅନ୍ତଃପୁରର ରକ୍ଷୀମାନେ ନମ୍ରଭାବରେ ତାଙ୍କୁ ଇନ୍ଦୁମତୀଙ୍କ ନିକଟକୁ ନେଲେ; ଯେପରି ଫେନିଳ ସମୁଦ୍ରକୁ ଚନ୍ଦ୍ରକିରଣ ବେଳାଭୂମି ନିକଟକୁ ଘେନିଯାଏ। ୧୯

ସେଠାରେ ଭୋଜଙ୍କର ଅଗ୍ନିତୁଲ୍ୟ ତେଜସ୍ୱୀ ପୁରୋହିତ ନିଜେ ପୂଜିତ ହୋଇ ସାରିବା ପରେ ଅଗ୍ନିରେ ଘୃତାଦି ଆହୁତି ପ୍ରଦାନ କଲେ ଏବଂ ଅଗ୍ନିଙ୍କୁ ସାକ୍ଷୀ ରଖି ବର-ବଧୂଙ୍କର ବିବାହ କରାଇଲେ। ୨୦

ଚୂତ ବୃକ୍ଷ ଯେପରି ନିଜ ପଲ୍ଲବ ଉପରେ ନିକଟବର୍ତ୍ତୀ ଅଶୋକ-ଲତାର ପଲ୍ଲବକୁ ଧରି ଅତ୍ୟନ୍ତ ସୁନ୍ଦର ଦେଖାଯାଏ, ସେହିପରି ରାଜପୁତ୍ର ଅଜ ନିଜ ହସ୍ତରେ ଇନ୍ଦୁମତୀଙ୍କର ହସ୍ତ ଧାରଣ କରି ଅତ୍ୟନ୍ତ ସୁନ୍ଦର ଦେଖାଗଲେ। ୨୧

ବରଙ୍କ ହାତର କହୁଣିଠାରୁ ଅଙ୍ଗୁଳି ପର୍ଯ୍ୟନ୍ତ ରୋମାଞ୍ଚିତ ଏବଂ କନ୍ୟାଙ୍କ ହାତର ଅଙ୍ଗୁଳିଗୁଡ଼ିକ ସ୍ୱେଦାର୍ଦ୍ର ହୋଇଗଲା। ତେଣୁ ସେତେବେଳେ କନ୍ଦର୍ପ ହୋଇଥିବାଏ ଉଭୟଙ୍କଠାରେ ନିଜର କାର୍ଯ୍ୟକଳାପ ସମାନଭାବରେ ପ୍ରୟୋଗ କରିଦେଲା। ୨୨

ଉଭୟଙ୍କର ଚଳଚଞ୍ଚଳ ଦୃଷ୍ଟି ଅପାଙ୍ଗ (ନେତ୍ରକୋଣ) ପର୍ଯ୍ୟନ୍ତ ବିସ୍ତୃତ ହୋଇ ପରସ୍ପର ଉପରେ ପତିତ ହେଲା ଏବଂ ଲଜ୍ଜାରେ ଯେପରି-ଭାବରେ ପୁଣି ସଙ୍କୁଚିତ ହୋଇଗଲା, ତାହା ଦେଖିବାକୁ ଅତ୍ୟନ୍ତ ପ୍ରୀତିକର ବୋଧହେଲା। ୨୩

ଦିନ ଓ ରାତି ସୁମେରୁ ପର୍ବତର ଚାରିପାଖରେ ବୁଲି ଯେପରି ଶୋଭା ପାଆନ୍ତି, ସେ ଦୁହେଁ ପ୍ରଜ୍ୱଳିତ ଅଗ୍ନିର ଚାରିପାଖରେ ପ୍ରଦକ୍ଷିଣ କରି ସେହି-ପରି ଶୋଭା ପାଇଲେ। ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नितम्बगुर्वी गुरुणा प्रयुक्ता वधूर्विधातृप्रतिमेन तेन ।
चकार सा मत्तचकोरनेत्रा लज्जावती लाजविसर्गमग्नौ ॥२५
ନିତମ୍ବଗୁର୍ବୀ ଗୁରୁଣା ପ୍ରଯୁକ୍ତା ବଧୂର୍ବିଧାତୃପ୍ରତିମେନ ତେନ ।
ଚକାର ସା ମତ୍ତଚକୋରନେତ୍ରା ଲଜ୍ଜାବତୀ ଲାଜବିସର୍ଗମଗ୍ନୌ ॥୨୫

हविःशमीपल्लवलाजगन्धी पुण्यः कृशानोरुदियाय धूमः ।
कपोलसंसर्पिशिखः स तस्या मुहूर्तकर्णोत्पलतां प्रपेदे ॥२६
ହବିଃଶମୀପଲ୍ଲବଲାଜଗନ୍ଧୀ ପୁଣ୍ୟଃ କୃଶାନୋରୁଦିୟାୟ ଧୂମଃ ।
କପୋଲସଂସର୍ପିଶିଖଃ ସ ତସ୍ୟା ମୁହୂର୍ତ୍ତକର୍ଣ୍ଣୋତ୍ପଲତାଂ ପ୍ରପେଦେ ॥୨୬

तदञ्जनक्लेदसमाकुलाक्षं प्रम्लानबीजाङ्कुरकर्णपूरम् ।
वधूमुखं पाटलगण्डलेखमाचारधूमग्रहणाद् बभूव ॥२७
ତଦଞ୍ଜନକ୍ଳେଦସମାକୁଳାକ୍ଷଂ ପ୍ରମ୍ଳାନବୀଜାଙ୍କୁରକର୍ଣ୍ଣପୂରମ୍ ।
ବଧୂମୁଖଂ ପାଟଳଗଣ୍ଡଲେଖମାଚାରଧୂମଗ୍ରହଣାଦ୍ ବଭୂବ ॥୨୭

तौ स्नातकैर्बन्धुमता च राज्ञा पुरन्ध्रिभिश्च क्रमशः प्रयुक्तम् ।
कन्याकुमारौ कनकासनस्थावार्द्राक्षतारोपणमन्वभूताम् ॥२८
ତୌ ସ୍ନାତକୈର୍ବନ୍ଧୁମତା ଚ ରାଜ୍ଞା ପୁରନ୍ଧ୍ରିଭିଶ୍ଚ କ୍ରମଶଃ ପ୍ରଯୁକ୍ତମ୍ ।
କନ୍ୟାକୁମାରୌ କନକାସନସ୍ଥାବାର୍ଦ୍ରାକ୍ଷତାରୋପଣମନ୍ୱଭୂତାମ୍ ॥୨୮

इति स्वसुर्भोजकुलप्रदीपः सम्पाद्य पाणिग्रहणं स राजा ।
महीपतीनां पृथगर्हणार्थं समादिदेशाधिकृतानधिश्रीः ॥२९
ଇତି ସ୍ୱସୁର୍ଭୋଜକୁଳପ୍ରଦୀପଃ ସଂପାଦ୍ୟ ପାଣିଗ୍ରହଣଂ ସ ରାଜା ।
ମହୀପତୀନାଂ ପୃଥଗର୍ହଣାର୍ଥଂ ସମାଦିଦେଶାଧିକୃତାନଧିଶ୍ରୀଃ ॥୨୯

लिङ्गैर्मुदः संवृतविक्रियास्ते ह्रदाः प्रसन्ना इव गूढनक्राः ।
वैदर्भमामन्त्र्य ययुस्तदीयां प्रत्यर्प्य पूजामुपदाच्छलेन ॥३०
ଲିଙ୍ଗୈର୍ମୁଦଃ ସଂବୃତବିକ୍ରିୟାସ୍ତେ ହ୍ରଦାଃ ପ୍ରସନ୍ନା ଇବ ଗୂଢନକ୍ରାଃ ।
ବୈଦର୍ଭମାମନ୍ତ୍ର୍ୟ ଯଯୁସ୍ତଦୀୟାଂ ପ୍ରତ୍ୟର୍ପ୍ୟ ପୂଜାମୁପଦାଛଳେନ ॥୩୦

स राजलोकः कृतपूर्वसंविदारम्भसिद्धौ समयोपलभ्यम् ।
आदास्यमानः प्रमदामिषं तदावृत्य पन्थानमजस्य तस्थौ ॥३१
ସ ରାଜଲୋକଃ କୃତପୂର୍ବସଂବିଦାରମ୍ଭସିଦ୍ଧୌ ସମୟୋପଲଭ୍ୟମ୍ ।
ଆଦାସ୍ୟମାନଃ ପ୍ରମଦାମିଷଂ ତଦାବୃତ୍ୟ ପନ୍ଥାନମଜସ୍ୟ ତସ୍ଥୌ ॥୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୃଥୁଳନିତମ୍ବିନୀ, ମତ୍ତଚକୋରନେତ୍ରୀ, ଲଜ୍ଜାଶୀଳା ଇନ୍ଦୁମତୀ ଗୁରୁ ପୁରୋହିତଙ୍କ ନିର୍ଦ୍ଦେଶରେ ଅଗ୍ନିରେ ଲଜାଞ୍ଜଳି ଅର୍ପଣ କଲେ । ୨୫

ଘୃତାଦି ଆହୁତି ପଦାର୍ଥ, ଶମୀ ପଲ୍ଲବ ଓ ଲଜାଞ୍ଜଳିର ଗନ୍ଧ ବହନ କରି ଅଗ୍ନିରୁ ଯେଉଁ ପବିତ୍ର ଧୂମ ଉଠିଲା, ତାହା ଇନ୍ଦୁମତୀଙ୍କର କପୋଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରି କ୍ଷଣକ ପାଇଁ କର୍ଣ୍ଣଭୂଷଣ ନୀଳକଇଁ ତୁଲ୍ୟ ଶୋଭା ପାଇଲା । ୨୬

ଇନ୍ଦୁମତୀ ବିଧି ଅନୁଯାୟୀ ଯେଉଁ ଧୂମ ଗ୍ରହଣ କଲେ, ସେଥିରେ ତାଙ୍କର ଗଣ୍ଡସ୍ଥଳ ଈଷତ୍ ଲାଲ ପଡ଼ିଗଲା, ଅଞ୍ଜନମିଶା ଲୁହରେ ଆଖି ଢଳ-ଢଳ ହୋଇଉଠିଲା ଏବଂ କର୍ଣ୍ଣଭୂଷଣ ଯବାଙ୍କୁର ଈଷତ୍ ମଳିନ ଦିଶିଲା । ୨୭

ବର ଓ ବଧୂ ସୁବର୍ଣ୍ଣ ସିଂହାସନରେ ବସି ପ୍ରଥମେ ସ୍ନାତକମାନଙ୍କର, ତା'ପରେ ସପରିବାର ରଜାଙ୍କର ଏବଂ ତା'ପରେ ସୌଭାଗ୍ୟବତୀ ସ୍ତ୍ରୀମାନଙ୍କର ଅକ୍ଷତବୃଷ୍ଟି ଗ୍ରହଣ କଲେ । (ସ୍ନାତକ—ବିଦ୍ୟାଶିକ୍ଷା ପରେ ଯେଉଁମାନଙ୍କର ସମାବର୍ତ୍ତନ ଉତ୍ସବ ସରିଥାଏ ।) ୨୮

ଏହିପରି ଭାବରେ କୁଳପ୍ରଦୀପ ବିଦର୍ଭରାଜ ଭୋଜ ନିଜ ଭଉଣୀର ବିବାହବିଧି ବଢ଼ାଇ ରଜାମାନଙ୍କର ପୃଥକ୍ ପୃଥକ୍ ଅଭ୍ୟର୍ଥନା କରିବା ପାଇଁ କର୍ମଚାରୀମାନଙ୍କୁ ଆଦେଶ ଦେଲେ । ୨୯

ରଜାମାନେ ହାସ୍ୟାଦି ବାହ୍ୟ ଚିହ୍ନ ପ୍ରକାଶ କରି ଅନ୍ତରର ବିଦ୍ୱେଷଭାବ ଲୁଚାଇ ରଖିଲେ । ନିଜଆଡ଼ୁ ଉପହାର ଦେବା ଛଳରେ ବିଦର୍ଭ-ରଜାଙ୍କର ଉପହାର-ସାମଗ୍ରୀ ଫେରାଇ ଦେଲେ ଏବଂ ତାଙ୍କଠାରୁ ବିଦାୟ ନେଇ ଚାଲିଗଲେ । ସେମାନେ ଥିଲେ ଗୋଟିଏ ଗୋଟିଏ ହ୍ରଦ ପରି, ଯାହା କି ଉପରକୁ ନିର୍ମଳ, କିନ୍ତୁ ଭିତରେ କୁମ୍ଭୀରପୂର୍ଣ୍ଣ ! ୩୦

ସେହି ରଜାମାନେ କାର୍ଯ୍ୟ ହାସଲ କରିବା ପାଇଁ ପୂର୍ବରୁ ଷଡ଼ଯନ୍ତ୍ର କଲେ ଏବଂ ଠିକ ସମୟରେ ଇନ୍ଦୁମତୀରୂପକ ଭୋଗ୍ୟ ବସ୍ତୁଟିକୁ ଛଡ଼ାଇ ନେବା ଉଦ୍ଦେଶ୍ୟରେ ଅଜଙ୍କର ପଥ ଅବରୋଧ କରି ରହିଲେ । ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भर्त्तापि तावत् क्रथकैशिकानामनुष्ठितानन्तरजाविवाहः ।
सत्त्वानुरूपाहरणीकृतश्रीः प्रास्थापयद् राघवमन्वगाच्च ॥३२
ଭର୍ତ୍ତାପି ତାବତ୍ କ୍ରଥକୈଶିକାମନୁଷ୍ଠିତାନନ୍ତରଜାବିବାହଃ ।
ସତ୍ତ୍ୱାନୁରୂପାହରଣୀକୃତଶ୍ରୀଃ ପ୍ରାସ୍ଥାପୟଦ୍ ରାଘବମନ୍ୱଗାଛ ॥୩୨

तिस्रस्त्रिलोकप्रथितेन सार्धमजेन मार्गे वसतीरुषित्वा ।
तस्मादपावर्तत कुण्डिनेशः पर्वात्यये सोम इवोष्णरश्मेः ॥३३
ତିସ୍ରସ୍ତ୍ରିଲୋକପ୍ରଥିତେନ ସାର୍ଧମଜେନ ମାର୍ଗେ ବସତୀରୁଷିତ୍ୱା ।
ତସ୍ମାଦପାବର୍ତ୍ତତ କୁଣ୍ଡିନେଶଃ ପର୍ବାତ୍ୟୟେ ସୋମ ଇବୋଷ୍ଣରଶ୍ମେଃ ॥୩୩

प्रमन्यवः प्रागपि कोसलेन्द्रे प्रत्येकमात्तस्वतया बभूवुः ।
अतो नृपाश्चक्षमिरे समेताः स्त्रीरत्नलाभं न तदात्मजस्य ॥३४
ପ୍ରମନ୍ୟବଃ ପ୍ରାଗପି କୋସଲେନ୍ଦ୍ରେ ପ୍ରତ୍ୟେକମାତ୍ତସ୍ୱତୟା ବଭୂବୁଃ ।
ଅତୋ ନୃପାଶ୍ଚକ୍ଷମିରେ ସମେତାଃ ସ୍ତ୍ରୀରତ୍ନଲାଭଂ ନ ତଦାତ୍ମଜସ୍ୟ ॥୩୪

तमुद्वहन्तं पथि भोजकन्यां रुरोध राजन्यगणः स दृप्तः ।
बलिप्रदिष्टां श्रियमाददानं त्रैविक्रमं पादमिवेन्द्रशत्रुः ॥३५
ତମୁଦ୍ୱହନ୍ତଂ ପଥି ଭୋଜକନ୍ୟାଂ ରୁରୋଧ ରାଜନ୍ୟଗଣଃ ସ ଦୃପ୍ତଃ ।
ବଲିପ୍ରଦିଷ୍ଟାଂ ଶ୍ରିୟମାଦଦାନଂ ତ୍ରୈବିକ୍ରମଂ ପାଦମିବେନ୍ଦ୍ରଶତ୍ରୁଃ ॥୩୫

तस्याः स रक्षार्थमनल्पयोधमादिश्य पित्र्यं सचिवं कुमारः ।
प्रत्यग्रहीत् पार्थिववाहिनीं तां भागीरथीं शोण इवोत्तरङ्गः ॥३६
ତସ୍ୟାଃ ସ ରକ୍ଷାର୍ଥମନଳ୍ପଯୋଧମାଦିଶ୍ୟ ପିତ୍ର୍ୟଂ ସଚିବଂ କୁମାରଃ ।
ପ୍ରତ୍ୟଗ୍ରହୀତ୍ ପାର୍ଥିବବାହିନୀଂ ତାଂ ଭଗୀରଥୀଂ ଶୋଣ ଇବୋତ୍ତରଙ୍ଗଃ ॥୩୬

पत्तिः पदातिं रथिनं रथेशस्तुरङ्गसादी तुरगाधिरूढम् ।
यन्ता गजस्याभ्यपतद् गजस्थं तुल्यप्रतिद्वन्द्वि बभूव युद्धम् ॥३७
ପତ୍ତିଃ ପଦାତିଂ ରଥିନଂ ରଥେଶସ୍ତୁରଙ୍ଗସାଦୀ ତୁରଗାଧିରୂଢମ୍ ।
ଯନ୍ତା ଗଜସ୍ୟାଭ୍ୟପତଦ୍ ଗଜସ୍ଥଂ ତୁଲ୍ୟପ୍ରତିଦ୍ୱନ୍ଦ୍ୱି ବଭୂବ ଯୁଦ୍ଧମ୍ ॥୩୭

नदत्सु तूर्येष्वविभाव्यवाचो नोदीरयन्ति स्म कुलोपदेशान् ।
बाणाक्षरैरेव परस्परस्य नामोर्जितं चापभृतः शशंसुः ॥३८
ନଦତ୍ସୁ ତୂର୍ୟେଷ୍ୱବିଭାବ୍ୟବାଚୋ ନୋଦୀରୟନ୍ତି ସ୍ମ କୁଳୋପଦେଶାନ ।
ବାଣାକ୍ଷରୈରେବ ପରସ୍ପରସ୍ୟ ନାମୋର୍ଜିତଂ ଚାପଭୃତଃ ଶଶଂସୁଃ ॥୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦର୍ଭରାଜ ଭଉଣୀର ବିବାହ କାର୍ଯ୍ୟ ବଢ଼ାଇ, ଶକ୍ତି ଅନୁସାରେ ଉପହାର ପ୍ରଦାନ କରି ଅଜଙ୍କୁ ବିଦାୟ ଦେଲେ ଏବଂ ନିଜେ ତାଙ୍କ ସହିତ କିଛି ବାଟ ଗମନ କଲେ । ୩୨

କୁଣ୍ଡିନପ୍ରଜ ଭୋଜ ଅଜଙ୍କ ସହିତ ବାଟରେ ତିନି ରାତି ଅତିବାହିତ କଲେ ଏବଂ ଅମାବାସ୍ୟା ପରେ ଚନ୍ଦ୍ର ଯେପରି ସୂର୍ଯ୍ୟଙ୍କ ନିକଟରୁ ଚାଲିଯାଏ, ସେହିପରି ଅଜଙ୍କ ନିକଟରୁ ବିଦାୟ ନେଇ ଫେରି ଆସିଲେ । ୩୩

ଏହା ପୂର୍ବରୁ ରଘୁ ଦିଗ୍‌ବିଜୟ କଲାବେଳେ ଯେଉଁ ରାଜାମାନଙ୍କର ସମ୍ପଦ ନେଇ ଯାଇଥିଲେ, ସେମାନେ କ୍ରୁଦ୍ଧ ହୋଇ ରହିଥିଲେ । ବର୍ତ୍ତମାନ ସମସ୍ତେ ମିଳିତ ହୋଇ ରଘୁଙ୍କ ପୁତ୍ର ଅଜଙ୍କର ଏହି ସ୍ତ୍ରୀରତ୍ନଲାଭକୁ ବରଦାସ୍ତ କଲେ ନାହିଁ । ୩୪

ବିଷ୍ଣୁ ବାମନ ରୂପରେ ବଳିରାଜାଙ୍କ ପ୍ରଦତ୍ତ ତ୍ରିପାଦ ଭୂମି ମାପିନେଉଥିବା ବେଳେ ପ୍ରହ୍ଲାଦ ଯେପରି ତାଙ୍କ ପାଦପ୍ରସାରକୁ ଅବରୋଧ କରିଥିଲେ, ସେହିପରି ଅଜ ଇନ୍ଦୁମତୀଙ୍କୁ ନେଇ ଯାଉଥିବାବେଳେ ଉଦ୍ଧତ ରାଜାମାନେ ତାଙ୍କର ପଥ ଅବରୋଧ କଲେ । ୩୫

ଅଜ ଇନ୍ଦୁମତୀଙ୍କ ସୁରକ୍ଷା ଲାଗି ପିତାଙ୍କର ବିଶ୍ୱସ୍ତ ମନ୍ତ୍ରୀଙ୍କୁ ଅନେକ ଯୋଦ୍ଧା ଦେଇ ନିଯୁକ୍ତ କଲେ ଏବଂ ଉତ୍ତାଳତରଙ୍ଗ ଶୋଣନଦ ଯେପରି ଗଙ୍ଗାର ସ୍ରୋତକୁ ପ୍ରତିବାଧା ଦିଏ, ସେହିପରି ରାଜାମାନଙ୍କର ସୈନ୍ୟବାହିନୀକୁ ପ୍ରତି-ଆକ୍ରମଣ କଲେ ।୩୬

ପଦାତି ପଦାତି ସହିତ, ରଥୀ ରଥୀ ସହିତ ଅଶ୍ୱାରୋହୀ ଅଶ୍ୱାରୋହୀ ସହିତ ଏବଂ ଗଜାରୋହୀ ଗଜାରୋହୀ ସହିତ—ଏହିଭଳି ଭାବରେ ପ୍ରତିଦ୍ୱନ୍ଦୀ ସହିତ ତୁଲ୍ୟ ପ୍ରତିଦ୍ୱନ୍ଦୀର ପ୍ରବଳ ଯୁଦ୍ଧ ଆରମ୍ଭ ହେଲା । ୩୭

ତୂର୍ଯ୍ୟ ନାଦରେ କାହାରି କଥା କାହାରିକୁ ନ ଶୁଭିବାରୁ ଧନୁର୍ଦ୍ଧରମାନେ ନିଜ ନିଜର କୁଳ, ନାମ ଉଚ୍ଚାରଣ କଲେ ନାହିଁ । କେବଳ ଶର ଉପରେ ଲେଖାଥିବା ଅକ୍ଷରଗୁଡ଼ିକରୁ ହିଁ ସେମାନଙ୍କରନାମ ଜଣାପଡ଼ିଲା । ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उत्थापितः संयति रेणुरश्वैः सान्द्रीकृतः स्यन्दनवंशचक्रैः ।
विस्तारितः कुञ्जरकर्णतालैरनुक्रमेणोपरुरोध सूर्यम् ॥३९
ଉତ୍ଥାପିତଃ ସଂଯତି ରେଣୁରଶ୍ୱୈଃ ସାନ୍ଦ୍ରୀକୃତଃ ସ୍ୟନ୍ଦନବଂଶଚକ୍ରୈଃ ।
ବିସ୍ତାରିତଃ କୁଞ୍ଜରକର୍ଣ୍ଣତାଳୈରନୁକ୍ରମେଣୋପରୁରୋଧ ସୂର୍ଯ୍ୟମ୍ ॥୩୯

मत्स्यध्वजा वायुवशाद् विदीर्णैर्मुखैः प्रवृद्धध्वजिनीरजांसि ।
बभुः पिबन्तः परमार्थमत्स्याः पर्याविलानीव नवोदकानि ॥४०
ମତ୍ସ୍ୟଧ୍ୱଜା ବାୟୁବଶାଦ୍ ବିଦୀର୍ଣ୍ଣୈର୍ମୁଖୈଃ ପ୍ରବୃଦ୍ଧଧ୍ୱଜିନୀରଜାଂସି ।
ବଭୁଃ ପିବନ୍ତଃ ପରମାର୍ଥମତ୍ସ୍ୟାଃ ପର୍ଯ୍ୟାବିଳାନୀବ ନବୋଦକାନି ॥୪୦

रथो रथाङ्गध्वनिना विजज्ञे विलोलघण्टाक्वणितेन नागः ।
स्वभर्तृनामग्रहणाद् बभूव सान्द्रे रजस्यात्मपरावबोधः ॥४१
ରଥୋ ରଥାଙ୍ଗଧ୍ୱନିନା ବିଜଜ୍ଞେ ବିଲୋଳଘଣ୍ଟାକ୍ୱଣିତେନ ନାଗଃ ।
ସ୍ୱଭର୍ତ୍ତୃନାମଗ୍ରହଣାଦ୍ ବଭୂବ ସାନ୍ଦ୍ରେ ରଜସ୍ୟାତ୍ମପରାବବୋଧଃ ॥୪୧

आवृण्वतो लोचनमार्गमाजौ रजोऽन्धकारस्य विजृम्भितस्य ।
शस्त्रक्षताश्वद्विपवीरजन्मा बालारुणोऽभूद् रुधिरप्रवाहः ॥४२
ଆବୃଣ୍ୱତୋ ଲୋଚନମାର୍ଗମାଜୌ ରଜୋଽନ୍ଧକାରସ୍ୟ ବିଜୃମ୍ଭିତସ୍ୟ ।
ଶସ୍ତ୍ରକ୍ଷତାଶ୍ୱଦ୍ୱିପବୀରଜନ୍ମା ବାଳାରୁଣୋଽଭୂଦ୍ ରୁଧିରପ୍ରବାହଃ ॥୪୨

स च्छिन्नमूलः क्षतजेन रेणुस्तस्योपरिष्टात् पवनावधूतः ।
अङ्गारशेषस्य हुताशनस्य पूर्वोत्थितो धूम इवाबभासे ॥४३
ସ ଛିନ୍ନମୂଳଃ କ୍ଷତଜେନ ରେଣୁସ୍ତସ୍ୟୋପରିଷ୍ଟାତ୍ ପବନାବଧୂତଃ ।
ଅଙ୍ଗାରଶେଷସ୍ୟ ହୁତାଶନସ୍ୟ ପୂର୍ବୋତ୍ଥିତୋ ଧୂମ ଇବାବଭାସେ ॥୪୩

प्रहारमूर्च्छापगमे रथस्था यन्तॄनुपालभ्य निवर्तिताश्वान् ।
यैः सादिता लक्षितपूर्वकेतूंस्तानेव सामर्षतया निजघ्नुः ॥४४
ପ୍ରହାରମୂର୍ଚ୍ଛାପଗମେ ରଥସ୍ଥା ଯନ୍ତୄନୁପାଲଭ୍ୟ ନିବର୍ତ୍ତିତାଶ୍ୱାନ୍ ।
ଯୈଃ ସାଦିତା ଲକ୍ଷିତପୂର୍ବକେତୂଂସ୍ତାନେବ ସାମର୍ଷତୟା ନିଜଘ୍ନୁଃ ॥୪୪

अप्यर्धमार्गे परबाणलूना धनुर्भृतां हस्तवतां पृषत्काः ।
संप्रापुरेवात्म-जवानुवृत्त्या पूर्वार्धभागैः फलिभिः शरव्यम् ॥४५
ଅପ୍ୟର୍ଦ୍ଧମାର୍ଗେ ପରବାଣଲୂନା ଧନୁର୍ଭୃତାଂ ହସ୍ତବତାଂ ପୃଷତ୍କାଃ ।
ସଂପ୍ରାପୁରେବାତ୍ମଜବାନୁବୃତ୍ତ୍ୟା ପୂର୍ବାର୍ଦ୍ଧଭାଗୈଃ ଫଳିଭିଃ ଶରବ୍ୟମ୍ ॥୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୁଦ୍ଧରେ ଘୋଡ଼ାମାନଙ୍କ ଖୁରଗ୍ର ଯେଉଁ ଧୂଳି ଉଠିଲା, ତାହା ରଥସବୁର ଚକଚଳନଦ୍ୱାରା ଘନୀଭୂତ ହେଲା ଏବଂ ହାତୀମାନଙ୍କର କର୍ଣ୍ଣ ବିଞ୍ଚିବା ଦ୍ୱାରା ବିସ୍ତାର ଲାଭ କରି ଗ୍ରୁଦୁଆ ଭଳି ସୂର୍ଯ୍ୟକିରଣ ନିରୋଧ କଲା । ୩୯

ମତ୍ସ୍ୟାକୃତି ପତାକାଗୁଡ଼ିକର ମୁହଁ ପବନ ଯୋଗୁଁ ମେଲା ହୋଇ-ଯାଉଥିଲା ଏବଂ ତା ଭିତରେ ସୈନ୍ୟବାହିନୀରୁ ଉଠୁଥିବା ଧୂଳି ପଶି-ଯାଉଥିଲା । ତେଣୁ, ଜୀବନ୍ତ ମାଛମାନେ ଯେପରି ମୁହଁ ମେଲାଇ ନୂଆ ଗୋଳି ପାଣି ପିଅନ୍ତି, ମତ୍ସ୍ୟାକୃତି ପତାକାଗୁଡ଼ିକ ସେହିପରି ଦିଶିଲେ । ୪୦

ଧୂଳି ଏତେ ଘନୀଭୂତ ହେଲା ଯେ ରଥ କେବଳ ଚକଶବ୍ଦଦ୍ୱାରା ବାରିହେଲା; ହସ୍ତୀ କେବଳ ତା' ଦେହରେ ଝୁଲୁଥିବା ଘଣ୍ଟା ଶବ୍ଦରୁ ଜାଣି-ହେଲା ଏବଂ ବୀରମାନେ ନିଜ ନିଜ ପ୍ରଭୁ (ମୁନିବ)ଙ୍କ ନାମୋଚ୍ଚାରଣ କରି କିଏ ଆପଣା, କିଏ ପର, ଜାଣି ହେଲେ । ୪୧

ଧୂଳି ରୂପକ ଅନ୍ଧକାର ବ୍ୟାପି ଦୃଷ୍ଟିପଥକୁ ଆଚ୍ଛନ୍ନ କରିଦେଲା । ଅସ୍ତ୍ରାହତ ଅଶ୍ୱ, ଗଜ ତଥା ବୀରମାନଙ୍କ ଦେହରୁ ବହୁଥିବା ରକ୍ତଧାରା ସେହି ଅନ୍ଧକାରରେ ବାଳାରୁଣର କାର୍ଯ୍ୟ କଲା । ୪୨

ରକ୍ତପ୍ରବାହଦ୍ୱାରା ଧୂଳିର ମୂଳୋଚ୍ଛେଦ ହେବାରୁ ସେହି ଧୂଳି ପବନରେ ଏଣେ ତେଣେ ଉଡ଼ିବୁଲିଲା । ଯେପରି ଜାଳେଣି କାଠ ଧୂଆଁ ସୃଷ୍ଟି କରି ଜଳିଗଲା ପରେ ଡହକ ଅଙ୍ଗାରରେ ପରିଣତ ହୁଏ ଏବଂ ପୂର୍ବରୁ ଉଠିଯାଇ-ଥିବା ଧୂଆଁ ଉପରେ ପବନରେ ଭସିବୁଲେ, ତଳେ ରକ୍ତପ୍ରବାହ ଏବଂ ଉପରେ ଉଡ଼ୁଥିବା ଛିନ୍ନମୂଳ ଧୂଳି ଠିକ୍ ସେହିପରି ଦେଖାଗଲା । ୪୩

ରଥ ଉପରେ ଥାଇ ଯୁଦ୍ଧ କରୁ କରୁ ଯେଉଁ ଯୋଦ୍ଧାମାନେ ଶତ୍ରୁର ଶସ୍ତ୍ରାଘାତରେ ମୂର୍ଚ୍ଛିତ ହୋଇପଡ଼ୁଥିଲେ, ସାରଥିମାନେ ସେମାନଙ୍କର ରଥକୁ ଅନ୍ୟତ୍ର ଘେନିଯାଉଥିଲେ; କିନ୍ତୁ ଯୋଦ୍ଧାମାନେ ଚେତନା ପାଇବା ପରେ ସାରଥିମାନଙ୍କୁ ତିରସ୍କାର କରୁଥିଲେ ଏବଂ ଯେଉଁମାନଙ୍କଠାରୁ ଆଘାତ ପାଇଥିଲେ, ସେମାନଙ୍କୁ ସେମାନଙ୍କର ପତାକାରୁ ଚିହ୍ନି ଭୀଷଣ କ୍ରୋଧରେ ନିହତ କରୁଥିଲେ । ୪୪

କ୍ଷିପ୍ରହସ୍ତ ଧନୁର୍ଦ୍ଧରମାନଙ୍କର ଶର ଏତେ ବେଗରେ ଯାଉଥିଲା ଯେ ଅଧବାଟରେ ଶତ୍ରୁ ଶରରେ ତାହା ଦ୍ୱିଖଣ୍ଡ ହୋଇଗଲେ ମଧ୍ୟ ତାର ଫଳକଯୁକ୍ତ ଅଗ୍ରଭାଗ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁଥିଲା । ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आधोरणानां गजसंनिपाते शिरांसि चक्रैर्निशितैः क्षुराग्रैः ।
हृतान्यपि श्येननखाग्रकोटिव्यासक्तकेशानि चिरेण पेतुः ॥४६
ଆଧୋରଣାନାଂ ଗଜସଂନିପାତେ ଶିରାଂସି ଚକ୍ରୈର୍ନିଶିତୈଃ କ୍ଷୁରାଗ୍ରୈଃ ।
ହୃତାନ୍ୟପି ଶ୍ୟେନନଖାଗ୍ରକୋଟିବ୍ୟାସକ୍ତକେଶାନି ଚିରେଣ ପେତୁଃ ॥୪୬

पूर्वं प्रहर्ता न जघान भूयः प्रतिप्रहाराक्षममश्वसादी ।
तुरङ्गमस्कन्धनिषण्णदेहं प्रत्याश्वसन्तं रिपुमाचकाङ्क्ष ॥४७
ପୂର୍ବଂ ପ୍ରହର୍ତା ନ ଜଘାନ ଭୂୟଃ ପ୍ରତିପ୍ରହାରାକ୍ଷମମଶ୍ୱସାଦୀ ।
ତୁରଙ୍ଗମସ୍କନ୍ଧନିଷଣ୍ଣଦେହଂ ପ୍ରତ୍ୟାଶ୍ୱସନ୍ତଂ ରିପୁମାଚକାଙ୍କ୍ଷ ॥୪୭

तनुत्यजां वर्मभृतां विकोशैर्बृहत्सु दन्तेष्वसिभिः पतद्भिः ।
उद्यन्तमग्निं शमयांबभूवु र्गजा विविग्नाः करसीकरेण ॥४८
ତନୁତ୍ୟଜାଂ ବର୍ମଭୃତାଂ ବିକୋଶୈର୍ବୃହତ୍ସୁ ଦନ୍ତେଷ୍ୱସିଭିଃ ପତଦ୍ଭିଃ ।
ଉଦ୍ୟନ୍ତମଗ୍ନିଂ ଶମୟାଂବଭୂବୁ ର୍ଗଜା ବିବିଗ୍ନାଃ କରସୀକରେଣ ॥୪୮

शिलीमुखोत्कृत्तशिरःफलाढ्या च्युतैः शिरस्त्रैश्चषकोत्तरेव ।
रणक्षितिः शोणितमद्यकुल्या रराज मृत्योरिव पानभूमिः ॥४९
ଶିଲୀମୁଖୋତ୍କୃତ୍ତଶିରଃଫଲାଢ୍ୟା ଚ୍ୟୁତୈଃ ଶିରସ୍ତ୍ରୈଶ୍ଚଷକୋତ୍ତରେବ ।
ରଣକ୍ଷିତିଃ ଶୋଣିତମଦ୍ୟକୁଲ୍ୟା ରରାଜ ମୃତ୍ୟୋରିବ ପାନଭୂମିଃ ॥୪୯

उपान्तयोर्निष्कुषितं विहङ्गैराक्षिप्य तेभ्यः पिशितप्रियापि ।
केयूरकोटिक्षततालुदेशा शिवा भुजच्छेदमपाचकार ॥५०
ଉପାନ୍ତୟୋର୍ନିଷ୍କୁଷିତଂ ବିହଙ୍ଗୈରାକ୍ଷିପ୍ୟ ତେଭ୍ୟଃ ପିଶିତପ୍ରିୟାପି ।
କେୟୂରକୋଟିକ୍ଷତତାଳୁଦେଶା ଶିବା ଭୁଜଚ୍ଛେଦମପାଚକାର ॥୫୦

कश्चिद् द्विषत्खड्गहृतोत्तमाङ्गः सद्यो विमानप्रभुतामुपेत्य ।
वामाङ्गसंसक्तसुराङ्गनः स्वं नृत्यत्कबन्धं समरे ददर्श ॥५१
କଶ୍ଚିଦ୍ ଦ୍ୱିଷତ୍ଖଡ୍ଗହୃତୋତ୍ତମାଙ୍ଗଃ ସଦ୍ୟୋ ବିମାନପ୍ରଭୁତାମୁପେତ୍ୟ ।
ବାମାଙ୍ଗସଂସକ୍ତସୁରାଙ୍ଗନଃ ସ୍ୱଂ ନୃତ୍ୟତ୍କବନ୍ଧଂ ସମରେ ଦଦର୍ଶ ॥୫୧

अन्योन्यसूतोन्मथनादभूतां तावेव सूतौ रथिनौ च कौचित् ।
व्यश्वौ गदाव्यायतसंप्रहारौ भग्नायुधौ बाहुविमर्दनिष्ठौ ॥५२
ଅନ୍ୟୋନ୍ୟସୂତୋନ୍ମଥନାଦଭୂତାଂ ତାବେବ ସୂତୌ ରଥିନୌ ଚ କୌଚିତ୍ ।
ବ୍ୟଶ୍ୱୌ ଗଦାବ୍ୟାୟତସଂପ୍ରହାରୌ ଭଗ୍ନାୟୁଧୌ ବାହୁବିମର୍ଦନିଷ୍ଠୌ ॥୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଜଯୁଦ୍ଧରେ ଗଜାରୋହୀମାନଙ୍କର ମୁଣ୍ଡ ଖୁର ଭଳି ତୀକ୍ଷ୍ଣଧାର ଚକ୍ରରେ ଛିନ୍ନ ହୋଇ ବିଳମ୍ବରେ ଭୂତଳରେ ପତିତ ହେଉଥିଲା । କାରଣ, ଛଞ୍ଚାଣ ପକ୍ଷୀମାନଙ୍କ ନଖରେ ସେହି ମୁଣ୍ଡମାନଙ୍କର କେଶ ଛନ୍ଦିହେବାରୁ ମୁଣ୍ଡମାନ କିଛି ସମୟ ଉପରେ ରହୁଥିଲା । ୪୬

ଏକ ଅଶ୍ୱାରୋହୀର ଅସ୍ତ୍ରାଘାତରେ ଅନ୍ୟ ଅଶ୍ୱାରୋହୀ ଅଶ୍ୱ ପୃଷ୍ଠରେ ଅଚେତ ହୋଇ ପଡ଼ିଯାଉଥିଲା ଏବଂ ଶତ୍ରୁକୁ କୌଣସି ପ୍ରତି-ଆଘାତ ଦେଇ-ପାରୁ ନ ଥିଲା । କିନ୍ତୁ ଆଘାତକାରୀ ଅଶ୍ୱାରୋହୀ ତାହାକୁ ପୁଣି ଆଘାତ ନ ଦେଇ ତାହାର ସଂଜ୍ଞା ଲାଭ ହେବା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲା । ୪୭

ବୀରମାନେ ଶରୀର ପ୍ରତି ମମତା ତ୍ୟାଗ କରି, କବଚ ପିନ୍ଧି ଯୁଦ୍ଧ କରିବାରେ ଲାଗିଲେ । ସେମାନଙ୍କର ତରବାରି ହସ୍ତୀମାନଙ୍କ ବିକଟ ବିକଟ ଦାନ୍ତରେ ବାଜି ଯେଉଁ ଅଗ୍ନି ସୃଷ୍ଟି କଲା, ଭୟଭୀତ ହସ୍ତୀମାନେ ତାହାକୁ ନିଜ ନିଜ ଶୁଣ୍ଡର ଜଳବିନ୍ଦୁଦ୍ୱାରା ଲିଭାଇଲେ । ୪୮

ବାଣରେ ଯେଉଁ ମୁଣ୍ଡଗୁଡ଼ିକ କଟିଗଲା, ସେଗୁଡ଼ିକ ହେଲା ଫଳ-ସ୍ୱରୂପ, ଭୂତଳରେ ପଡ଼ିଥିବା ପଗଡ଼ିଗୁଡ଼ିକ ହେଲା ମଦ୍ୟପାତ୍ରସ୍ୱରୂପ ଏବଂ ରକ୍ତପ୍ରବାହ ହେଲା ମଦ୍ୟସ୍ୱରୂପ । ଏହିପରିଭାବରେ ସେ ଯୁଦ୍ଧଭୂମି ମଦ୍ୟପାନ-ଭୂମି ପରି ପ୍ରତୀୟମାନ ହେଲା । ୪୯

ପକ୍ଷୀମାନେ ମୃତମାନଙ୍କର ଛିନ୍ନ ହାତକୁ ଦୂର ପାଖରୁ ଖାଉଥିବା ବେଳେ ଶୃଗାଳୀମାନେ ତାହାକୁ ଟାଣି ନେଉଥିଲେ; କିନ୍ତୁ ସେହି ହାତରେ ଥିବା ବାହୁଭୂଷଣର ଅଗ୍ରଭାଗ ଦ୍ୱାରା ସେମାନଙ୍କର ତାଲୁ ଖଣ୍ଡିଆ ହୋଇଯାଉଥିଲା । ତେଣୁ ସେମାନେ ମାଂସପ୍ରିୟ ହେଲେ ମଧ୍ୟ ତାହାକୁ ଛାଡ଼ି ଚାଲିଯାଉଥିଲେ । ୫୦

ଶତ୍ରୁ ଖଡ୍ଗରେ ଯାହାର ମୁଣ୍ଡ କଟିଯାଉଥିଲା, ସେ ସଙ୍ଗେ ସଙ୍ଗେ ଦେବତା ପାଲଟି ବିମାନ ଉପରେ ବସୁଥିଲା ଏବଂ ବାମ ପାଖରେ ଦେବାଙ୍ଗନାକୁ ଧରି ଯୁଦ୍ଧଭୂମିରେ ନିଜର କବନ୍ଧ (ମୁଣ୍ଡହୀନ ଶରୀର)କୁ ନାଚୁଥିବାର ଦେଖୁଥିଲା । ୫୧

ଦୁଇ ଦୁଇ ଜଣ ଯୋଦ୍ଧା ପରସ୍ପରର ସାରଥିକୁ ମାରି ନିଜେ ସାରଥି ଓ ରଥୀ ହେଉଥିଲେ; ଅଶ୍ୱ ନିହତ ହୁଅନ୍ତେ ଗଦାଯୁଦ୍ଧ କରୁଥିଲେ ଏବଂ ଗଦା ଭାଙ୍ଗିଯାଆନ୍ତେ ବାହୁଯୁଦ୍ଧ କରୁଥିଲେ । ୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परस्परेण क्षतयोः प्रहर्त्रोरुत्क्रान्तवाय्वोः समकालमेव ।
अमर्त्यभावेऽपि कयोश्चिदासीदेकाप्सरःप्रार्थितयोर्विवादः ॥५३
ପରସ୍ପରେଣ କ୍ଷତୟୋଃ ପ୍ରହର୍ତ୍ତ୍ରୋରୁତ୍କ୍ରାନ୍ତବାୟ୍ୱୋଃ ସମକାଳମେବ ।
ଅମର୍ତ୍ତ୍ୟଭାବେଽପି କୟୋଶ୍ଚିଦାସୀଦେକାପ୍ସରଃପ୍ରାର୍ଥିତୟୋର୍ବିବାଦଃ ॥୫୩

व्यूहावुभौ तावितरेतरस्माद् भङ्गं जयं चापतुरव्यवस्थम् ।
पश्चात्पुरोमारुतयोः प्रवृद्धौ पर्यायवृत्त्येव महार्णवोर्मी ॥५४
ବ୍ୟୂହାବୁଭୌ ତାବିତରେତରସ୍ମାଦ୍ ଭଙ୍ଗଂ ଜୟଂ ଚାପତୁରବ୍ୟବସ୍ଥମ୍ ।
ପଶ୍ଚାତ୍ପୁରୋମାରୁତୟୋଃ ପ୍ରବୃଦ୍ଧୌ ପର୍ଯ୍ୟାୟବୃତ୍ତ୍ୟେବ ମହାର୍ଣ୍ଣବୋର୍ମୀ ॥୫୪

परेण भग्नेऽपि बले महौजा ययावजः प्रत्यरिसैन्यमेव ।
धूमो निवर्त्येत समीरणेन यतस्तु कक्षस्तत इव वह्निः ॥५५
ପରେଣ ଭଗ୍ନେଽପି ବଳେ ମହୌଜା ଯୟାବଜଃ ପ୍ରତ୍ୟରିସୈନ୍ୟମେବ ।
ଧୂମୋ ନିବର୍ତ୍ତ୍ୟେତ ସମୀରଣେନ ଯତସ୍ତୁ କକ୍ଷସ୍ତତ ଇବ ବହ୍ନିଃ ॥୫୫

रथी निषङ्गी कवची धनुष्मान् दृप्तः स राजन्यकमेकवीरः ।
निवारयामास महावराहः कल्पक्षयोद्वृत्तमिवार्णवाम्भः ॥५६
ରଥୀ ନିଷଙ୍ଗୀ କବଚୀ ଧନୁଷ୍ମାନ୍ ଦୃପ୍ତଃ ସ ରାଜନ୍ୟକମେକବୀରଃ ।
ନିବାରୟାମାସ ମହାବରାହଃ କଳ୍ପକ୍ଷୟୋଦ୍ବୃତ୍ତମିବାର୍ଣ୍ଣବାମ୍ଭଃ ॥୫୬

स दक्षिणं तूणमुखे च वामं व्यापारयन् हस्तमलक्ष्यताजौ ।
आकर्णकृष्टा सकृदस्य योद्धुर्मौर्वीव बाणान् सुषुवे रिपुघ्नान् ॥५७
ସଃ ଦକ୍ଷିଣଂ ତୂଣମୁଖେ ଚ ବାମଂ ବ୍ୟାପାରୟନ୍ ହସ୍ତମଲକ୍ଷ୍ୟତାଜୌ ।
ଆକର୍ଣ୍ଣକୃଷ୍ଟା ସକୃଦସ୍ୟ ଯୋଦ୍ଧୁର୍ମୌର୍ବୀବ ବାଣାନ୍ ସୁଷୁବେ ରିପୁଘ୍ନାନ୍ ॥୫୭

स रोषदष्टाधिकलोहितौष्ठैर्व्यक्तोर्ध्वरेखा भ्रुकुटीर्वहद्भिः ।
तस्तार गां भल्लनिकृत्तकण्ठैर्हुङ्कारगर्भैर्द्विषतां शिरोभिः ॥५८
ସ ରୋଷଦଷ୍ଟାଧିକଲୋହିତୌଷ୍ଠୈର୍ବ୍ୟକ୍ତୋର୍ଦ୍ଧ୍ୱରେଖା ଭ୍ରୂକୁଟୀର୍ବହଦ୍ଭିଃ ।
ତସ୍ତାର ଗାଂ ଭଲ୍ଲନିକୃତ୍ତକଣ୍ଠୈର୍ହୁଙ୍କାରଗର୍ଭୈର୍ଦ୍ୱିଷତାଂ ଶିରୋଭିଃ ॥୫୮

सर्वैर्बलाङ्गैर्द्विरदप्रधानैः सर्वायुधैः कङ्कटभेदिभिश्च ।
सर्वप्रयत्नेन च भूमिपालास्तस्मिन् प्रजह्रुर्युधि सर्व एव ॥५९
ସର୍ବୈର୍ବଳାଙ୍ଗୈର୍ଦ୍ୱିରଦପ୍ରଧାନୈଃ ସର୍ବାୟୁଧୈଃ କଙ୍କଟଭେଦିଭିଶ୍ଚ ।
ସର୍ବପ୍ରୟତ୍ନେନ ଚ ଭୂମିପାଳାସ୍ତସ୍ମିନ୍ ପ୍ରଜହ୍ରୁର୍ଯୁଧି ସର୍ବ ଏବ ॥୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦୁଇ ଦୁଇ ଜଣ ବୀର ପରସ୍ପରର ଆଘାତରେ ଏକ ସମୟରେ ପ୍ରାଣତ୍ୟାଗ କରି ଦେବତ୍ୱ ପ୍ରାପ୍ତ ହେଉଥିଲେ ଏବଂ ଦେବତ୍ୱ ଅବସ୍ଥାରେ ମଧ୍ୟ ଏକ ଅପ୍‌ସରାକୁ ପାଇବା ପାଇଁ ବାଦ ବିବାଦରେ ଲାଗି ରହୁଥିଲେ । ୫୩

ସମୁଦ୍ରରେ ଯେପରି ସମ୍ମୁଖବାୟୁ ଓ ପଶ୍ଚାତବାୟୁଦ୍ୱାରା ଦୁଇଆଡ଼ୁ ଦୁଇଟି ତରଙ୍ଗ ଉଠି ପରସ୍ପରକୁ ଘାତପ୍ରତିଘାତ ଦେବାରେ ଲାଗନ୍ତି, ସେହିପରି ଦୁଇ ସେନାବାହିନୀ ପରସ୍ପରକୁ ଘାତପ୍ରତିଘାତ ଦେବାରେ ଲାଗିଲେ । ୫୪

ଶତ୍ରୁପକ୍ଷଦ୍ୱାରା ନିଜର ସୈନ୍ୟ ନିହତ ହେଉଥିଲେ ମଧ୍ୟ ମହାବଳୀ ଅଜ ଶତ୍ରୁସୈନ୍ୟ ଆଡ଼କୁ ଅଗ୍ରସର ହେଲେ । ପ୍ରତିକୂଳ ପବନରେ ଧୂଆଁ ପ୍ରତିହତ ହୁଏ ସତ୍ୟ, ତଥାପି ନିଆଁ ଶୁଷ୍କ ତୃଣ ଆଡ଼କୁ ଅଗ୍ରସର ହୁଏ । ୫୫

ମହାବୀର ଅଜ ରଥଉପରେ ବସି, କବଚ ପିନ୍ଧି, ତୂଣୀର ଓ ଧନୁ ଧରି ଏକାକୀ ଦର୍ପୋନ୍ନତ ଭବରେ ସମସ୍ତ ରଜାଙ୍କୁ ଅଟକାଇ ରଖିଲେ, ଯେପରିକି ପ୍ରଳୟକାଳରେ ମହାବରାହରୂପୀ ବିଷ୍ଣୁ କୂଳଲଙ୍ଘନ କରି ମାଡ଼ି ଆସୁଥିବା ସମୁଦ୍ର ଜଳକୁ ଅଟକାଇ ରଖିଥିଲେ । ୫୬

ଅଜଙ୍କର ଦକ୍ଷିଣ ହାତ ସର୍ବଦା ତୂଣୀର ମୁହଁରେ ରହିଲା ଭଳି ଜଣାପଡ଼ିଲା । ତାଙ୍କର ଧନୁର୍ଗୁଣ ସତେ ଯେପରି ଥରେ ମାତ୍ର ଆକର୍ଷିତ ହୋଇ କର୍ଣ୍ଣ ପାଖରେ ରହିଲା ଏବଂ ଶତ୍ରୁନାଶକ ଅସଂଖ୍ୟ ଶର ବୃଷ୍ଟି କରିବାରେ ଲାଗିଲା । (ସେ ଏତେ କ୍ଷିପ୍ର ଭବରେ ତୂଣୀରରୁ ଶର ନେଇ ବୃଷ୍ଟି କଲେ ଯେ ତାଙ୍କର ଦକ୍ଷିଣ ହାତ ସର୍ବଦା ତୂଣୀର ମୁହଁରେ ରହିଲା ଭଳି ଏବଂ ଧନୁର୍ଗୁଣ ଥରେ ମାତ୍ର ଟଣା ହୋଇ କର୍ଣ୍ଣ ପାଖରେ ରହିଲା ଭଳି ଜଣାପଡ଼ିଲା ।) ୫୭

ସେ ଭଲ୍ଲ ନାମକ ଅସ୍ତ୍ରରେ ଶତ୍ରୁମାନଙ୍କର ମୁଣ୍ଡକାଟି ଭୂପୃଷ୍ଠକୁ ଆଚ୍ଛାଦିତ କରିଦେଲେ । ସେହି ଛିନ୍ନ ମୁଣ୍ଡମାନଙ୍କରେ ଥିବା ଦାନ୍ତସବୁ କ୍ରୋଧରେ ଅଧର କାମୁଡ଼ି ଥିବାରୁ ଅଧର ଅତ୍ୟନ୍ତ ଲାଲ ଦିଶୁଥିଲା । ଆଉ ମଧ୍ୟ କପାଳରେ ଭ୍ରୂକୁଟୀ ରେଖା କୁଞ୍ଚିତ ହୋଇ ରହିଥିଲା । ତେଣୁ ଜଣାପଡ଼ୁଥିଲା, ମୁଣ୍ଡଗୁଡ଼ାକ ଭିତରେ ଭିତରେ ସତେ ଯେପରି ହୁଙ୍କାର ଛାଡ଼ୁଛନ୍ତି ! ୫୮

ସମସ୍ତ ରଜା ଅଶ୍ୱ, ଗଜ ପ୍ରଭୃତି ସମସ୍ତ ବାହିନୀ ଘେନି ସାଞ୍ଜୁଭେଦକ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର ଦ୍ୱାରା ସମସ୍ତ ଉପାୟରେ ଅଜଙ୍କୁ ଆକ୍ରମଣ କରିବାକୁ ଲାଗିଲେ । ୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सोऽस्त्रव्रजैश्छन्नरथः परेषां ध्वजाग्रमात्रेण बभूव लक्ष्यः ।
नीहारमग्नो दिनपूर्वभागः किञ्चित्प्रकाशेन विवस्वतेव ॥६०

ସୋଽସ୍ତ୍ରବ୍ରଜୈଶ୍ଛନ୍ନରଥଃ ପରେଷାଂ ଧ୍ୱଜାଗ୍ରମାତ୍ରେଣ ବଭୂବ ଲକ୍ଷ୍ୟଃ ।
ନୀହାରମଗ୍ନୋ ଦିନପୂର୍ବଭାଗଃ କିଂଚିତ୍ପ୍ରକାଶେନ ବିବସ୍ୱତେବ ॥୬୦

प्रियम्वदात् प्राप्तमसौ कुमारः प्रायुङ्क्त राजस्वधिराजसूनुः ।
गान्धर्वमस्त्रं कुसुमास्त्रकान्तः प्रस्वापनं स्वप्ननिवृत्तलौल्यः ॥६१

ପ୍ରିୟମ୍ବଦାତ୍ ପ୍ରାପ୍ତମସୌ କୁମାରଃ ପ୍ରାୟୁଙ୍କ୍ତ ରାଜସ୍ୱଧିରାଜସୂନୁଃ ।
ଗାନ୍ଧର୍ବମସ୍ତ୍ରଂ କୁସୁମାସ୍ତ୍ରକାନ୍ତଃ ପ୍ରସ୍ୱାପନଂ ସ୍ୱପ୍ନନିବୃତ୍ତଲୌଲ୍ୟଃ ॥୬୧

ततो धनुष्कर्षणमूढहस्तमेकांसपर्यस्तशिरस्त्रजालम् ।
तस्थौ ध्वजस्तम्भनिषण्णदेहं निद्राविधेयं नरदेवसैन्यम् ॥६२

ତତୋ ଧନୁଷ୍କର୍ଷଣମୂଢହସ୍ତମେକାଂସପର୍ଯ୍ୟସ୍ତଶିରସ୍ତ୍ରଜାଲମ୍ ।
ତସ୍ଥୌ ଧ୍ୱଜସ୍ତମ୍ଭନିଷଣ୍ଣଦେହଂ ନିଦ୍ରାବିଧେୟଂ ନରଦେବସୈନ୍ୟମ୍ ॥୬୨

ततः प्रियोपात्तरसेऽधरोष्ठे निवेश्य दध्मौ जलजं कुमारः ।
तेन स्वहस्तार्जितमेकवीरः पिबन् यशो मूर्तमिवाबभासे ॥६३

ତତଃ ପ୍ରିୟୋପାତ୍ତରସେଽଧରୋଷ୍ଠେ ନିବେଶ୍ୟ ଦଧ୍ମୌ ଜଳଜଂ କୁମାରଃ ।
ତେନ ସ୍ୱହସ୍ତାର୍ଜିତମେକବୀରଃ ପିବନ୍ ଯଶୋ ମୂର୍ତ୍ତମିବାବଭାସେ ॥୬୩

शङ्खस्वनाभिज्ञतया निवृत्तास्तं सन्नशत्रुं ददृशुः स्वयोधाः ।
निमीलितानामिव पङ्कजानां मध्ये स्फुरन्तं प्रतिमाशशाङ्कम् ॥६४

ଶଙ୍ଖସ୍ୱନାଭିଜ୍ଞତୟା ନିବୃତ୍ତାସ୍ତଂ ସନ୍ନଶତ୍ରୁଂ ଦଦୃଶୁଃ ସ୍ୱଯୋଧାଃ ।
ନିମୀଲିତାନାମିବ ପଙ୍କଜାନାଂ ମଧ୍ୟେ ସ୍ଫୁରନ୍ତଂ ପ୍ରତିମାଶଶାଙ୍କମ୍ ॥୬୪

सशोणितैस्तेन शिलीमुखाग्रैर्निक्षेपिताः केतुषु पार्थिवानाम् ।
यशो हृतं संप्रति राघवेण न जीवितं वः कृपयेति वर्णाः ॥६५

ସଶୋଣିତୈସ୍ତେନ ଶିଳୀମୁଖାଗ୍ରୈର୍ନିକ୍ଷେପିତାଃ କେତୁଷୁ ପାର୍ଥିବାନାମ୍ ।
ଯଶୋ ହୃତଂ ସଂପ୍ରତି ରାଘବେଣ ନ ଜୀବିତଂ ବଃ କୃପୟେତି ବର୍ଣ୍ଣାଃ ॥୬୫

स चापकोटीनिहितैकबाहुः शिरस्त्रनिष्कर्षणभिन्नमौलिः ।
ललाटबद्धश्रमवारिबिन्दुर्भीतां प्रियामेत्य वचो बभाषे ॥६६

ସ ଚାପକୋଟୀନିହିତୈକବାହୁଃ ଶିରସ୍ତ୍ରନିଷ୍କର୍ଷଣଭିନ୍ନମୌଳିଃ ।
ଲଲାଟବଦ୍ଧଶ୍ରମବାରିବିନ୍ଦୁର୍ଭୀତାଂ ପ୍ରିୟାମେତ୍ୟ ବଚୋ ବଭାଷେ ॥୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେମାନଙ୍କର ଅଜସ୍ର ଅସ୍ତ୍ରରେ ଅଜଙ୍କର ରଥ ଆଚ୍ଛାଦିତ ହୋଇଗଲା । ଯେପରି କୁହୁଡ଼ି ଦ୍ୱାରା ଆଚ୍ଛନ୍ନ ହୋଇଥିବା ପ୍ରାତଃକାଳ ଅଳ୍ପ ପ୍ରକାଶିତ ସୂର୍ଯ୍ୟଙ୍କଦ୍ୱାରା ହିଁ ଜାଣି ହୁଏ, ସେହିପରି ରଥରେ କେବଳ ପତାକାର ଅଗ୍ରଭାଗ ଦିଶୁଥିବାରୁ ଅଜ ଜାଣି ହେଉଥିଲେ । ୬୦

ରାଜାଧିରାଜଙ୍କ ପୁତ୍ର, କନ୍ଦର୍ପ ସମାନ ସୁନ୍ଦର ଅଜ ପ୍ରିୟମ୍ବଦଙ୍କଠାରୁ ପାଇଥିବା ନିଦ୍ରାଜନକ ଗାନ୍ଧର୍ବ ଅସ୍ତ୍ରକୁ ସାବଧାନତା ସହକାରେ ପ୍ରୟୋଗ କଲେ । ୬୧

ସଙ୍ଗେ ସଙ୍ଗେ ଶତ୍ରୁ ସୈନ୍ୟମାନଙ୍କର ହସ୍ତ ଧନୁ ଆକର୍ଷଣ କରୁ-କରୁ ଶିଥିଳ ହୋଇପଡ଼ିଲା । ସମସ୍ତେ ପତାକାଦଣ୍ଡ ଉପରେ ଦେହ ଆଉଜାଇ ନିଦ୍ରାର ଅଧୀନ ହୋଇଗଲେ । ସେମାନଙ୍କର ଶିରସ୍ତ୍ରାଣ (ପଗଡ଼ି) କାନ୍ଧର ଏକ ପାଖକୁ ଆଉଜିଗଲା । ୬୨

ତା'ପରେ ଅଦ୍ୱିତୀୟ ବୀର ରାଜକୁମାର ଅଜ ନିଜ ଅଧରରେ ଶଙ୍ଖ ରଖି ବଜାଇଲେ, ଯେଉଁ ଅଧରର ରସ କେବଳ ଇନ୍ଦୁମତୀଙ୍କର ହିଁ ଅନୁଭବ୍ୟ ଥିଲା । ତାଙ୍କ ଅଧରରେ ଶଙ୍ଖ ଥିଲାବେଳେ ମନେ ହେଲା, ସତେ ଯେପରି ସେ ସ୍ୱହସ୍ତାର୍ଜିତ ମୂର୍ତ୍ତିମନ୍ତ ଯଶ ହିଁ ପାନ କରୁଛନ୍ତି ! ୬୩

ଶଙ୍ଖଧ୍ୱନିରୁ ଜାଣିପାରି ତାଙ୍କର ଯୋଦ୍ଧାମାନେ ଫେରି ଆସିଲେ ଏବଂ ଦେଖିଲେ ମୁଦ୍ରିତ ପଦ୍ମମାନଙ୍କ ମଧ୍ୟରେ ପ୍ରତିବିମ୍ବିତ ଚନ୍ଦ୍ର ଯେପରି ଶୋଭା ପାଆନ୍ତି, ନିଦ୍ରିତ ଶତ୍ରୁସୈନ୍ୟଙ୍କ ମଧ୍ୟରେ ଅଜ ସେହିପରି ଶୋଭା-ପାଉଛନ୍ତି । ୬୪

ଅଜ ରକ୍ତଲିପ୍ତ ଶରମୁନରେ ରାଜାମାନଙ୍କ ପତାକାରେ ଏହି ବାକ୍ୟ ଲେଖିଦେଲେ—"ତୁମ୍ଭମାନଙ୍କର ଯଶ ହରଣ କଲି, କିନ୍ତୁ ଦୟା କରି ପ୍ରାଣ ହରଣ କଲି ନାହିଁ ।" ୬୫

ତାପରେ ସେ ଇନ୍ଦୁମତୀଙ୍କ ନିକଟକୁ ଆସିଲେ । ସେତେବେଳକୁ ତାଙ୍କର ଲଲାଟରୁ ବିନ୍ଦୁ ବିନ୍ଦୁ ସ୍ୱେଦ ନିଃସୃତ ହେଉଥାଏ । ସେ ମସ୍ତକରୁ ଯୁଦ୍ଧମୁକୁଟ ବାହାର କରି ଧନୁର ଅଗ୍ରଭାଗ ଉପରେ ହାତ ରଖି ଇନ୍ଦୁମତୀଙ୍କୁ କହିଲେ—୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सोऽस्त्रव्रजैश्छन्नरथः परेषां ध्वजाग्रमात्रेण बभूव लक्ष्यः ।
नीहारमग्नो दिनपूर्वभागः किञ्चित्प्रकाशेन विवस्वतेव ॥६०
ସୋଽସ୍ତ୍ରବ୍ରଜୈଶ୍ଛନ୍ନରଥଃ ପରେଷାଂ ଧ୍ୱଜାଗ୍ରମାତ୍ରେଣ ବଭୂବ ଲକ୍ଷ୍ୟଃ ।
ନୀହାରମଗ୍ନୋ ଦିନପୂର୍ବଭଗଃ କିଂଚିତ୍ପ୍ରକାଶେନ ବିବସ୍ୱତେବ ॥୬୦

प्रियम्वदात् प्राप्तमसौ कुमारः प्रायुङ्क्त राजस्वधिराजसूनुः ।
गान्धर्वमस्त्रं कुसुमास्त्रकान्तः प्रस्वापनं स्वप्ननिवृत्तलौल्यः ॥६१
ପ୍ରିୟମ୍ୱଦାତ୍ ପ୍ରାପ୍ତମସୌ କୁମାରଃ ପ୍ରାୟୁଙ୍କ୍ତ ରାଜସ୍ୱଧିରାଜସୂନୁଃ ।
ଗାନ୍ଧର୍ବମସ୍ତ୍ରଂ କୁସୁମାସ୍ତ୍ରକାନ୍ତଃ ପ୍ରସ୍ୱାପନଂ ସ୍ୱପ୍ନନିବୃତ୍ତଲୌଲ୍ୟଃ ॥୬୧

ततो धनुष्कर्षणमूढहस्तमेकांसपर्यस्तशिरस्त्रजालम् ।
तस्थौ ध्वजस्तम्भनिषण्णदेहं निद्राविधेयं नरदेवसैन्यम् ॥६२
ତତୋ ଧନୁଷ୍କର୍ଷଣମୂଢହସ୍ତମେକାଂସପର୍ଯ୍ୟସ୍ତଶିରସ୍ତ୍ରଜାଲମ୍ ।
ତସ୍ଥୌ ଧ୍ୱଜସ୍ତମ୍ଭନିଷଣ୍ଣଦେହଂ ନିଦ୍ରାବିଧେୟଂ ନରଦେବସୈନ୍ୟମ୍ ॥୬୨

ततः प्रियोपात्तरसेऽधरोष्ठे निवेश्य दध्मौ जलजं कुमारः ।
तेन स्वहस्तार्जितमेकवीरः पिबन् यशो मूर्तमिवावभासे ॥६३
ତତଃ ପ୍ରିୟୋପାତ୍ତରସେଽଧରୋଷ୍ଠେ ନିବେଶ୍ୟ ଦଧ୍ମୌ ଜଳଜଂ କୁମାରଃ ।
ତେନ ସ୍ୱହସ୍ତାର୍ଜିତମେକବୀରଃ ପିବନ୍ ଯଶୋ ମୂର୍ତ୍ତମିବାବଭାସେ ॥୬୩

शङ्खस्वनाभिज्ञतया निवृत्तास्तं सन्नशत्रुं ददृशुः स्वयोधाः ।
निमीलितानामिव पङ्कजानां मध्ये स्फुरन्तं प्रतिमाशशाङ्कम् ॥६४
ଶଙ୍ଖସ୍ୱନାଭିଜ୍ଞତୟା ନିବୃତ୍ତାସ୍ତଂ ସନ୍ନଶତ୍ରୁଂ ଦଦୃଶୁ ସ୍ୱଯୋଧାଃ ।
ନିମୀଲିତାନାମିବ ପଙ୍କଜାନାଂ ମଧ୍ୟେ ସ୍ଫୁରନ୍ତଂ ପ୍ରତିମାଶଶାଙ୍କମ୍ ॥୬୪

सशोणितैस्तेन शिलीमुखाग्रैर्निक्षेपिताः केतुषु पार्थिवानाम् ।
यशो हृतं संप्रति राघवेण न जीवितं वः कृपयेति वर्णाः ॥६५
ସଶୋଣିତୈସ୍ତେନ ଶିଲୀମୁଖାଗ୍ରୈର୍ନିକ୍ଷେପିତାଃ କେତୁଷୁ ପାର୍ଥିବାନାମ୍ ।
ଯଶୋ ହୃତଂ ସଂପ୍ରତି ରାଘବେଣ ନ ଜୀବିତଂ ବଃ କୃପୟେତି ବର୍ଣ୍ଣାଃ ॥୬୫

स चापकोटीनिहितैकबाहुः शिरस्त्रनिष्कर्षणभिन्नमौलिः ।
ललाटबद्धश्रमवारिबिन्दुर्भीतां प्रियामेत्य वचो बभाषे ॥६६
ସ ଚାପକୋଟୀନିହିତୈକବାହୁଃ ଶିରସ୍ତ୍ରନିଷ୍କର୍ଷଣଭିନ୍ନମୌଳିଃ ।
ଲଲାଟବଦ୍ଧଶ୍ରମବାରିବିନ୍ଦୁର୍ଭୀତାଂ ପ୍ରିୟାମେତ୍ୟ ବଚୋ ବଭାଷେ ॥୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେମାନଙ୍କର ଅଜସ୍ର ଅସ୍ତ୍ରରେ ଅଜଙ୍କର ରଥ ଆଚ୍ଛାଦିତ ହୋଇଗଲା । ଯେପରି କୁହୁଡ଼ି ଦ୍ୱାରା ଆଚ୍ଛନ୍ନ ହୋଇଥିବା ପ୍ରାତଃକାଳ ଅଳ୍ପ ପ୍ରକାଶିତ ସୂର୍ଯ୍ୟଙ୍କଦ୍ୱାରା ହିଁ ଜାଣି ହୁଏ, ସେହିପରି ରଥରେ କେବଳ ପତାକାର ଅଗ୍ରଭାଗ ଦିଶୁଥିବାରୁ ଅଜ ଜାଣି ହେଉଥିଲେ । ୬୦

ରାଜାଧିରାଜଙ୍କ ପୁତ୍ର, କନ୍ଦର୍ପ ସମାନ ସୁନ୍ଦର ଅଜ ପ୍ରିୟମ୍ବଦଙ୍କଠାରୁ ପାଇଥିବା ନିଦ୍ରାଜନକ ଗାନ୍ଧର୍ବ ଅସ୍ତ୍ରକୁ ସାବଧାନତା ସହକାରେ ପ୍ରୟୋଗ କଲେ । ୬୧

ସଙ୍ଗେ ସଙ୍ଗେ ଶତ୍ରୁ ସୈନ୍ୟମାନଙ୍କର ହସ୍ତ ଧନୁ ଆକର୍ଷଣ କରୁ-କରୁ ଶିଥିଳ ହୋଇପଡ଼ିଲା । ସମସ୍ତେ ପତାକାଦଣ୍ଡ ଉପରେ ଦେହ ଆଉଜାଇ ନିଦ୍ରାର ଅଧୀନ ହୋଇଗଲେ । ସେମାନଙ୍କର ଶିରସ୍ତ୍ରାଣ (ପଗଡ଼ି) କାନ୍ଧର ଏକ ପାଖକୁ ଆଉଜିଗଲା । ୬୨

ତା'ପରେ ଅଦ୍ୱିତୀୟ ବୀର ରାଜକୁମାର ଅଜ ନିଜ ଅଧରରେ ଶଙ୍ଖ ରଖି ବଜାଇଲେ, ଯେଉଁ ଅଧରର ରସ କେବଳ ଇନ୍ଦୁମତୀଙ୍କର ହିଁ ଅନୁଭବ୍ୟ ଥିଲା । ତାଙ୍କ ଅଧରରେ ଶଙ୍ଖ ଥିଲାବେଳେ ମନେ ହେଲା, ସତେ ଯେପରି ସେ ସ୍ୱହସ୍ତାର୍ଜିତ ମୂର୍ତ୍ତିମନ୍ତ ଯଶ ହିଁ ପାନ କରୁଛନ୍ତି ! ୬୩

ଶଙ୍ଖଧ୍ୱନିରୁ ଜାଣିପାରି ତାଙ୍କର ଯୋଦ୍ଧାମାନେ ଫେରି ଆସିଲେ ଏବଂ ଦେଖିଲେ ମୁଦ୍ରିତ ପଦ୍ମମାନଙ୍କ ମଧ୍ୟରେ ପ୍ରତିବିମ୍ବିତ ଚନ୍ଦ୍ର ଯେପରି ଶୋଭା ପାଆନ୍ତି, ନିଦ୍ରିତ ଶତ୍ରୁସୈନ୍ୟଙ୍କ ମଧ୍ୟରେ ଅଜ ସେହିପରି ଶୋଭା-ପାଉଛନ୍ତି । ୬୪

ଅଜ ରକ୍ତଲିପ୍ତ ଶରମୁନରେ ରାଜାମାନଙ୍କ ପତାକାରେ ଏହି ବାକ୍ୟ ଲେଖିଦେଲେ—"ତୁମ୍ଭମାନଙ୍କର ଯଶ ହରଣ କଲି, କିନ୍ତୁ ଦୟା କରି ପ୍ରାଣ ହରଣ କଲି ନାହିଁ ।" ୬୫

ତାପରେ ସେ ଇନ୍ଦୁମତୀଙ୍କ ନିକଟକୁ ଆସିଲେ । ସେତେବେଳକୁ ତାଙ୍କର ଲଲାଟରୁ ବିନ୍ଦୁ ବିନ୍ଦୁ ସ୍ୱେଦ ନିଃସୃତ ହେଉଥାଏ । ସେ ମସ୍ତକରୁ ଯୁଦ୍ଧମୁକୁଟ ବାହାର କରି ଧନୁର ଅଗ୍ରଭାଗ ଉପରେ ହାତ ରଖି ଇନ୍ଦୁମତୀଙ୍କୁ କହିଲେ—୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इतः परानर्भकहार्यशस्त्रान् वैदर्भि पश्यानुमता मयासि ।
एवंविधेनाहवचेष्टितेन त्वं प्रार्थ्यसे हस्तगता ममैभिः ॥६७

ଇତଃ ପରାନର୍ଭକହାର୍ଯଶସ୍ତ୍ରାନ୍ ବୈଦର୍ଭି ପଶ୍ୟାନୁମତା ମୟାସି ।
ଏବଂବିଧେନାହବଚେଷ୍ଟିତେନ ତ୍ୱଂ ପ୍ରାର୍ଥ୍ୟସେ ହସ୍ତଗତା ମମୈଭିଃ ॥୬୭

तस्याःप्रतिद्वन्द्विभवाद् विषादात् सद्यो विमुक्तं मुखमाबभासे ।
निःश्वासबाष्पापगमात् प्रपन्नः प्रसादमात्मीयमिवात्मदर्शः ॥६८

ତସ୍ୟାଃ ପ୍ରତିଦ୍ୱନ୍ଦ୍ୱିଭବାଦ୍ ବିଷାଦାତ୍ ସଦ୍ୟୋ ବିମୁକ୍ତଂ ମୁଖମାବଭାସେ ।
ନିଃଶ୍ୱାସବାଷ୍ପାପଗମାତ୍ ପ୍ରପନ୍ନଃ ପ୍ରସାଦମାତ୍ମୀୟମିବାତ୍ମଦର୍ଶଃ ॥୬୮

हृष्टापि सा ह्रीविजिता न साक्षाद् वाग्भिः सखीनां प्रियमभ्यनन्दत् ।
स्थली नवाम्भःपृषताभिवृष्टा मयूरकेकाभिरिवाभ्रवृन्दम् ॥६९

ହୃଷ୍ଟାପି ସା ହ୍ରୀବିଜିତା ନ ସାକ୍ଷାଦ୍ ବାଗ୍ଭିଃ ସଖୀନାଂ ପ୍ରିୟମଭ୍ୟନନ୍ଦତ୍ ।
ସ୍ଥଲୀ ନବାମ୍ଭଃପୃଷତାଭିବୃଷ୍ଟା ମୟୂରକେକାଭିରିବାଭ୍ରବୃନ୍ଦମ୍ ॥୬୯

ଇତି ଶିରସି ସ ବାମଂ ପାଦମାଧାୟ ରାଜ୍ଞା-
ମୁଦବହଦନବଦ୍ୟାଂ ତାମବଦ୍ୟାଦପେତଃ ।
ରଥତୁରଗରଜୋଭିସ୍ତସ୍ୟ ରୁକ୍ଷାଳକାଗ୍ରା
ସମରବିଜୟଲକ୍ଷ୍ମୀଃ ସୈବ ମୂର୍ତ୍ତା ବଭୂବ ॥୭୦

ପ୍ରଥମପରିଗତାର୍ଥସ୍ତଂ ରଘୁଃ ସଂନିବୃତ୍ତଂ
ବିଜୟିନମଭିନନ୍ଦ୍ୟ ଶ୍ଲାଘ୍ୟଜାୟାସମେତମ୍ ।
ତଦୁପହିତକୁଟୁମ୍ବଃ ଶାନ୍ତିମାର୍ଗୋତ୍ସୁକୋଽଭୂତ୍-
ନ ହି ସତି କୁଲଧୁର୍ଯ୍ୟେ ସୂର୍ଯ୍ୟବଂଶ୍ୟା ଗୃହାୟ ॥୭୧

॥ इति श्रीमहाकविकालिदासकृतौ रघुवंशे महाकाव्ये
अजविवाहो नाम सप्तमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ପ୍ରିୟେ, ବର୍ତ୍ତମାନ ମୁଁ ତୁମକୁ ଅନୁମତି ଦେଲି, ତୁମେ ଆମର ଶତ୍ରୁବର୍ଗଙ୍କୁ ଦେଖ । ବର୍ତ୍ତମାନ ବାଳକମାନେ ମଧ୍ୟ ଏମାନଙ୍କଠାରୁ ଅସ୍ତ୍ର ଛଡ଼ାଇ ନେଇ ପାରିବେ । ଏମାନଙ୍କର ଏଇଭଳି ଯୁଦ୍ଧପଟୁତା ! ଏଥିରେ ପୁଣି ଏମାନେ ମୋଠାରୁ ତୁମକୁ ଛଡ଼ାଇ ନେବାକୁ ଆସିଥିଲେ !!" ୬୭

ନିଃଶ୍ୱାସବାୟୁ ଜନିତ ଅସ୍ୱଚ୍ଛତା ଦୂର ହେଲେ ଦର୍ପଣ ଯେପରି ପୁଣି ସ୍ୱଚ୍ଛତା ଧାରଣ କରେ, ସେହିପରି ଇନ୍ଦୁମତୀଙ୍କର ମୁଖମଣ୍ଡଳ ଶତ୍ରୁଗଣ-ଜନିତ ବିଷାଦରୁ ମୁକ୍ତ ହୋଇ ଅତ୍ୟନ୍ତ ମନୋରମ ଦିଶିଲା । ୬୮

ସେ ହର୍ଷୋତ୍‌ଫୁଲ୍ଲା ହେଲେ ମଧ୍ୟ ସ୍ୱାମୀଙ୍କୁ ନିଜେ ଅଭିନନ୍ଦନ ନ ଜଣାଇ ସଖୀମାନଙ୍କ ଦ୍ୱାରା ଅଭିନନ୍ଦନ ଜଣାଇଲେ, ଯେପରି ମେଘର ନବ ଜଳବିନ୍ଦୁରେ ସିକ୍ତା ହର୍ଷୋତ୍‌ଫୁଲ୍ଲା ଭୂମି ନିଜେ ମେଘକୁ ଅଭିନନ୍ଦନ ନ ଜଣାଇ ମୟୂରମାନଙ୍କ କେକାରବ ଦ୍ୱାରା ହିଁ ଅଭିନନ୍ଦନ ଜଣାଏ । ୬୯

ପ୍ରଶଂସନୀୟ ଅଜ ଏହିପରି ଭବରେ ରାଜାମାନଙ୍କୁ ପରାଭବ ଦେଇ ଅନିନ୍ଦ୍ୟସୁନ୍ଦରୀ ଇନ୍ଦୁମତୀଙ୍କୁ ଘେନି ରାଜ୍ୟକୁ ଗଲେ । ରଥ, ଅଶ୍ୱ ପ୍ରଭୃତିଙ୍କ ଗତି ଫଳରେ ଯେଉଁ ଧୂଳି ଉଠିଲା, ତାହା ଇନ୍ଦୁମତୀଙ୍କ ମସ୍ତକରେ ପଡ଼ି ତାଙ୍କର କେଶକୁ ରୁକ୍ଷ କରିଦେଲା । ସେହି ରୁକ୍ଷକେଶବତୀ ଇନ୍ଦୁମତୀ ଅଜଙ୍କର ମୂର୍ତ୍ତିମତୀ ବିଜୟଲକ୍ଷ୍ମୀ ପରି ଶୋଭା ପାଇଲେ । ୭୦

ରଘୁ ଆଗରୁ ସ୍ୱୟମ୍ବର ସମ୍ବାଦ ପାଇ ସାରିଥିଲେ । ପୁତ୍ର ବିଜୟୀ ହୋଇ ଫେରିଆସନ୍ତେ ସେ ତାଙ୍କୁ ଓ ସୁଯୋଗ୍ୟ ପୁତ୍ରବଧୂଙ୍କୁ ଅଭିନନ୍ଦନ ଜଣାଇଲେ । ତା'ପରେ ସେ ପୁତ୍ରଉପରେ ରାଜ୍ୟଭାର ନ୍ୟସ୍ତ କରି ମୋକ୍ଷ-ମାର୍ଗର ପଥିକ ହେଲେ । କାରଣ, ସନ୍ତାନ ରାଜ୍ୟଭାର ବହନ କରିବାକୁ ସମର୍ଥ ହେଲେ ସୂର୍ଯ୍ୟବଂଶର ରାଜାମାନେ ଆଉ ଗୃହସ୍ଥାଶ୍ରମରେ ରହିବାକୁ ଇଚ୍ଛା କରୁ ନ ଥିଲେ । ୭୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अष्टमः सर्गः

अथ तस्य विवाहकौतुकं ललितं बिभ्रत एव पार्थिवः ।
वसुधामपि हस्तगामिनीमकरोदिन्दुमतीमिवापराम् ॥१
ଅଥ ତସ୍ୟ ବିବାହକୌତୁକଂ ଲଳିତଂ ବିଭ୍ରତ ଏବ ପାର୍ଥିବଃ ।
ବସୁଧାମପି ହସ୍ତଗାମିନୀମକରୋଦିନ୍ଦୁମତୀମିବାପରାମ୍ ॥୧

दुरितैरपि कर्तुमात्मसात् प्रयतन्ते नृपसूनवो हि यत् ।
तदुपस्थितमग्रहीदजः पितुराज्ञेति न भोगतृष्णया ॥२
ଦୁରିତୈରପି କର୍ତୁମାତ୍ମସାତ୍ ପ୍ରଯତନ୍ତେ ନୃପସୂନବୋ ହି ଯତ୍ ।
ତଦୁପସ୍ଥିତମଗ୍ରହୀଦଜଃ ପିତୁରାଜ୍ଞେତି ନ ଭୋଗତୃଷ୍ଣୟା ॥୨

अनुभूय वसिष्ठसंभृतैः सलिलैस्तेन सहाभिषेचनम् ।
विशदोच्छ्वसितेन मेदिनी कथयामास कृतार्थतामिव ॥३
ଅନୁଭୂୟ ବସିଷ୍ଠସଂଭୃତୈଃ ସଲିଳୈସ୍ତେନ ସହାଭିଷେଚନମ୍ ।
ବିଶଦୋଚ୍ଛ୍ୱସିତେନ ମେଦିନୀ କଥୟାମାସ କୃତାର୍ଥତାମିବ ॥୩

स बभूव दुरासदः परैर्गुरुणाथर्वविदा कृतक्रियः ।
पवनाग्निसमागमो ह्ययं सहितं ब्रह्म यदस्त्रतेजसा ॥४
ସ ବଭୂବ ଦୁରାସଦଃ ପରୈର୍ଗୁରୁଣାଥର୍ବବିଦା କୃତକ୍ରିୟଃ ।
ପବନାଗ୍ନିସମାଗମୋ ହ୍ୟୟଂ ସହିତଂ ବ୍ରହ୍ମ ଯଦସ୍ତ୍ରତେଜସା ॥୪

रघुमेव निवृत्तयौवनं तममन्यन्त नवेश्वरं प्रजाः ।
स हि तस्य न केवलां श्रियं प्रतिपेदे सकलान् गुणानपि ॥५
ରଘୁମେବ ନିବୃତ୍ତଯୌବନଂ ତମମନ୍ୟନ୍ତ ନବେଶ୍ୱରଂ ପ୍ରଜାଃ ।
ସ ହି ତସ୍ୟ ନ କେବଳାଂ ଶ୍ରିୟଂ ପ୍ରତିପେଦେ ସକଳାନ୍ ଗୁଣାନପି ॥୫

अधिकं शुशुभे शुभंयुना द्वितयेन द्वयमेव सङ्गतम् ।
पदमृद्धमजेन पैतृकं विनयेनास्य नवं च यौवनम् ॥६
ଅଧିକଂ ଶୁଶୁଭେ ଶୁଭଂଯୁନା ଦ୍ୱିତୟେନ ଦ୍ୱୟମେବ ସଙ୍ଗତମ୍ ।
ପଦମୃଦ୍ଧମଜେନ ପୈତୃକଂ ବିନୟେନାସ୍ୟ ନବଂ ଚ ଯୌବନମ୍ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଷ୍ଟମ ସର୍ଗ

ତା'ପରେ ଅଜଙ୍କ ହସ୍ତରୁ ବିବାହର କୋମଳ କୌତୁକସୂତ୍ର ଫିଟିବା ପୂର୍ବରୁ ରଘୁ ତାହାଙ୍କୁ ବସୁଧା ଅର୍ପଣ କରିଦେଲେ । ସତେ ଯେପରି ସେ ତାଙ୍କ ହସ୍ତରେ ଆଉ ଏକ ଇନ୍ଦୁମତୀଙ୍କୁ ଅର୍ପଣ କଲେ ! ୧

ଯେଉଁ ରାଜପଦ ପାଇବାକୁ ରାଜପୁତ୍ରମାନେ (ବିଷପ୍ରୟୋଗ ପ୍ରଭୃତି) ପାପ କର୍ମ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, ଅଜ ପିତାଙ୍କ ଆଜ୍ଞାରେ ହିଁ ତାହା ଗ୍ରହଣ କଲେ, ଉପଭୋଗ କାମନାରେ ନୁହେଁ । ୨

ପୃଥିବୀ ବଶିଷ୍ଠଙ୍କ ଅଭିମନ୍ତ୍ରିତ ଜଳରେ ଅଜଙ୍କ ସହିତ ଅଭିଷିକ୍ତା ହୋଇ ଆନନ୍ଦ-ଉଚ୍ଛ୍ୱାସରେ ସତେ ଯେପରି ନିଜର କୃତାର୍ଥତା ପ୍ରକାଶ କଲା ।୩

ଅଜ ଅଥର୍ବବେଦଜ୍ଞ ବଶିଷ୍ଠଙ୍କଦ୍ୱାରା ଅଭିଷିକ୍ତ ହୋଇ ଶତ୍ରୁମାନଙ୍କ ପକ୍ଷରେ ଅଜେୟ ହୋଇଉଠିଲେ । କାରଣ ବ୍ରହ୍ମତେଜ ସହିତ କ୍ଷତ୍ରିୟ ତେଜର ମିଳନ ଅଗ୍ନି ସହିତ ବାୟୁର ମିଳନ ପରି ! ୪

ପ୍ରଜାମାନେ ମନେ କଲେ, ସତେ ଯେପରି ରଘୁ ହିଁ ପୁନର୍ଯୌବନ ଲାଭ କରି ନୂତନ ରାଜା ହୋଇଛନ୍ତି ! କାରଣ, ଅଜ ଯେ ପିତାଙ୍କଠାରୁ କେବଳ ରାଜ୍ୟ ଲାଭ କଲେ, ତାହା ନୁହେଁ, ସେ ତାଙ୍କଠାରୁ ସମସ୍ତ ଗୁଣ ମଧ୍ୟ ଲାଭ କଲେ । ୫

ଅଜଙ୍କ ସହିତ ସମୃଦ୍ଧିଶାଳୀ ପୈତୃକ ରାଜ୍ୟ ଏବଂ ତାଙ୍କର ନବଯୌବନ ସହିତ ବିନୟ—ଏହି ଦୁଇଟି ଶୁଭଯୁଗ୍ମ ପରସ୍ପର ମିଳନରେ ଅତ୍ୟଧିକ ଶୋଭା ପାଇଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सदयं बुभुजे महाभुजः सहसोद्वेगमियं व्रजेदिति ।
अचिरोपनतां स मेदिनीं नवपाणिग्रहणां वधूमिव ॥७
ସଦୟଂ ବୁଭୁଜେ ମହାଭୁଜଃ ସହସୋଦ୍‌ବେଗମିୟଂ ବ୍ରଜେଦିତି ।
ଅଚିରୋପନତାଂ ସ ମେଦିନୀଂ ନବପାଣିଗ୍ରହଣାଂ ବଧୂମିବ ॥୭

अहमेव मतो महीपतेरिति सर्वः प्रकृतिष्वचिन्तयत् ।
उदधेरिव निम्नगाशतेष्वभवन्नास्य विमानना क्वचित् ॥८
ଅହମେବ ମତୋ ମହୀପତେରିତି ସର୍ବଃ ପ୍ରକୃତିଷ୍ୱଚିନ୍ତୟତ୍ ।
ଉଦଧେରିବ ନିମ୍ନଗାଶତେଷ୍ୱଭବନ୍ନାସ୍ୟ ବିମାନନା କ୍ୱଚିତ୍ ॥୮

न खरो न च भूयसा मृदुः पवमानः पृथिवीरुहानिव ।
स पुरस्कृतमध्यमक्रमो नमयामास नृपाननुद्धरन् ॥९
ନ ଖରୋ ନ ଚ ଭୂୟସା ମୃଦୁଃ ପବମାନଃ ପୃଥିବୀରୁହାନିବ ।
ସ ପୁରସ୍କୃତମଧ୍ୟମକ୍ରମୋ ନମୟାମାସ ନୃପାନନୁଦ୍ଧରନ୍ ॥୯

अथ वीक्ष्य रघुः प्रतिष्ठितं प्रकृतिष्वात्मजमात्मवत्तया ।
विषयेषु विनाशधर्मसु त्रिदिवस्थेष्वपि निःस्पृहोऽभवत् ॥१०
ଅଥ ବୀକ୍ଷ୍ୟ ରଘୁଃ ପ୍ରତିଷ୍ଠିତଂ ପ୍ରକୃତିଷ୍ୱାତ୍ମଜମାତ୍ମବତ୍ତୟା ।
ବିଷୟେଷୁ ବିନାଶଧର୍ମସୁ ତ୍ରିଦିବସ୍ଥେଷ୍ୱପି ନିଃସ୍ପୃହୋଽଭବତ୍ ॥୧୦

गुणवत्सुतरोपितश्रियः परिणामे हि दिलीपवंशजाः ।
पदवीं तरुवल्कवाससां प्रयताः संयमिनां प्रपेदिरे ॥११
ଗୁଣବତ୍ସୁତରୋପିତଶ୍ରିୟଃ ପରିଣାମେ ହି ଦିଲୀପବଂଶଜାଃ ।
ପଦବୀଂ ତରୁବଲ୍କବାସସାଂ ପ୍ରୟତାଃ ସଂୟମିନାଂ ପ୍ରପେଦିରେ ॥୧୧

तमरण्यसमाश्रयोन्मुखं शिरसा वेष्टनशोभिना सुतः ।
पितरं प्रणिपत्य पादयोरपरित्यागमयाचतात्मनः ॥१२
ତମରଣ୍ୟସମାଶ୍ରୟୋନ୍ମୁଖଂ ଶିରସା ବେଷ୍ଟନଶୋଭିନା ସୁତଃ ।
ପିତରଂ ପ୍ରଣିପତ୍ୟ ପାଦୟୋରପରିତ୍ୟାଗମୟାଚତାତ୍ମନଃ ॥୧୨

रघुरश्रुमुखस्य तस्य तत् कृतवानीप्सितमात्मजप्रियः ।
न तु सर्प इव त्वचं पुनः प्रतिपेदे व्यपवर्जितां श्रियम् ॥१३
ରଘୁରଶ୍ରୁମୁଖସ୍ୟ ତସ୍ୟ ତତ୍ କୃତବାନୀପ୍ସିତମାତ୍ମଜପ୍ରିୟଃ ।
ନ ତୁ ସର୍ପ ଇବ ତ୍ୱଚଂ ପୁନଃ ପ୍ରତିପେଦେ ବ୍ୟପବର୍ଜିତାଂ ଶ୍ରିୟମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନବବିବାହିତା ବଧୂକୁ ବଳପୂର୍ବକ ସମ୍ଭୋଗ କଲେ ସେ ଆତଙ୍କିତା ହୋଇଯାଏ । ତେଣୁ ବଳିଷ୍ଠ ପୁରୁଷ ତା'ହାକୁ ସଦୟଭବରେ ସମ୍ଭୋଗ କରେ । ସେହିପରି କଠୋର ଭବରେ ଭୋଗ କଲେ ନବଲବ୍ଧା ବସୁଧା କାଳେ ଉଦ୍‌ବିଗ୍ନା ହୋଇଯିବ, ସେଥିପାଇଁ ଅଜ ତାହାକୁ ସଦୟ ଭବରେ ଭୋଗ କଲେ । ୭

ପ୍ରଜାମାନଙ୍କ ମଧ୍ୟରେ ପ୍ରତ୍ୟେକେ ମନେ କଲେ, 'ମୁଁ ହିଁ ରଜାଙ୍କର ବେଶି ପ୍ରିୟ ।' ସମୁଦ୍ର ଯେପରି କୌଣସି ନଦୀ ପ୍ରତି ଅନାଦର ଦେଖାଏ ନାହିଁ, ଅଜ ସେହିପରି କୌଣସି ପ୍ରଜା ପ୍ରତି ଅନ ଦର ଦେଖାଇଲେ ନାହିଁ । ୮

ପବନ ଯେପରି ଅତି ବେଗରେ ନୁହେଁ କିମ୍ବା ଅତି ଧୀରେ ନୁହେଁ, ମଧ୍ୟମ ବେଗରେ ବହି ବୃକ୍ଷମାନଙ୍କୁ ଉପାଡ଼େ ନାହିଁ, ଅଥଚ ନୁଆଇଁ-ଦିଏ, ଅଜ ସେହିପରି ଅତି କଠୋର ଭବରେ ନୁହେଁ କିମ୍ବା ଅତି କୋମଳ ଭବରେ ନୁହେଁ, କିନ୍ତୁ ମଧ୍ୟମ ଭବରେ ଶାସନ ଚଳାଇ ରଜାମାନଙ୍କୁ ରଜ୍ୟଚ୍ୟୁତ କଲେ ନାହିଁ, ମାତ୍ର ଅଧୀନ କରି ରଖିଲେ । ୯

ତା'ପରେ ରଘୁ ଯେତେବେଳେ ଦେଖିଲେ, ପୁତ୍ର ଚରିତ୍ର ତଥା ଆତ୍ମନିର୍ଭରତା ବଳରେ ପ୍ରଜାମାନଙ୍କ ମଧ୍ୟରେ ଦୃଢ଼ଭବରେ ପ୍ରତିଷ୍ଠିତ ହୋଇଛି, ସେତେବେଳେ ସେ ନଶ୍ୱର ସାଂସାରିକ ବିଷୟ ପ୍ରତି ନିଃସ୍ପୃହ ହୋଇଗଲେ ! ସ୍ୱର୍ଗସୁଖ ପ୍ରତି ମଧ୍ୟ ତାଙ୍କର କାମନା ରହିଲା ନାହିଁ । ୧୦

କାରଣ, ଦିଲୀପ-ବଂଶୀୟ ରଜାମାନେ ବାର୍ଦ୍ଧକ୍ୟରେ ଗୁଣବାନ୍ ପୁତ୍ରକୁ ରଜ୍ୟଭର ଅର୍ପଣ କରି ବଳ୍‌କଳ ପରିଧାନପୂର୍ବକ ମୁନିମାନଙ୍କର ପଥ ଅନୁସରଣ କରୁଥିଲେ । ୧୧

ପିତା ଅରଣ୍ୟକୁ ଯିବାପାଇଁ ଉଦ୍ୟତ ହୁଅନ୍ତେ ପୁତ୍ର ତାଙ୍କ ପାଦ ଉପରେ ରଜମୁକୁଟମଣ୍ଡିତ ମସ୍ତକ ରଖି ଅରଣ୍ୟକୁ ନ ଯିବାପାଇଁ ପ୍ରାର୍ଥନା କଲେ । ୧୨

ପୁତ୍ରବତ୍ସଳ ପିତା ପୁତ୍ରର ଚକ୍ଷୁରେ ଅଶ୍ରୁ ଦେଖି ତାହାର ଅଭିଳାଷ ପୂର୍ଣ୍ଣ କଲେ (ବନକୁ ଗଲେ ନାହିଁ) । ମାତ୍ର ସର୍ପ ଯେପରି ତାର ପରିତ୍ୟକ୍ତ କାତିକୁ ଆଉ ଗ୍ରହଣ କରେ ନାହିଁ, ସେ ସେହିପରି ପରିତ୍ୟକ୍ତା ରାଜଲକ୍ଷ୍ମୀକୁ ଆଉ ଗ୍ରହଣ କଲେ ନାହିଁ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स किलाश्रममन्त्यमाश्रितो निवसन्नावसथे पुराद् वहिः ।
समुपास्यत पुत्रभोग्यया स्नुषयेवाविकृतेन्द्रियः श्रिया ॥१४
ସ କିଳାଶ୍ରମମନ୍ତ୍ୟମାଶ୍ରିତୋ ନିବସନ୍ନାବସଥେ ପୁରାଦ୍ ବହିଃ ।
ସମୁପାସ୍ୟତ ପୁତ୍ରଭୋଗ୍ୟୟା ସ୍ନୁଷୟେବାବିକୃତେନ୍ଦ୍ରିୟଃ ଶ୍ରିୟା ॥୧୪

प्रशमस्थितपूर्वपार्थिवं कुलमभ्युद्यतनूतनेश्वरम् ।
नभसा निभृतेन्दुना तुलामुदितार्केण समारुरोह तत् ॥१५
ପ୍ରଶମସ୍ଥିତପୂର୍ବପାର୍ଥିବଂ କୁଳମଭ୍ୟୁଦ୍ୟତନୂତନେଶ୍ୱରମ୍ ।
ନଭସା ନିଭୃତେନ୍ଦୁନା ତୁଳାମୁଦିତାର୍କେଣ ସମାରୁରୋହ ତତ୍ ॥୧୫

यतिपार्थिवलिङ्गधारिणौ ददृशाते रघुराघवौ जनैः ।
अपवर्गमहोदयार्थयोर्भुवमंशाविव धर्मयोर्गतौ ॥१६
ଯତିପାର୍ଥିବଲିଙ୍ଗଧାରିଣୌ ଦଦୃଶାତେ ରଘୁରାଘବୌ ଜନୈଃ ।
ଅପବର୍ଗମହୋଦୟାର୍ଥୟୋର୍ଭୁବମଂଶାବିବ ଧର୍ମୟୋର୍ଗତୌ ॥୧୬

अजिताधिगमाय मन्त्रिभिर्युयुजे नतिविशारदैरजः ।
अनपायिपदोपलब्धये रघुराप्तः समीयाय योगिभिः ॥१७
ଅଜିତାଧିଗମାୟ ମନ୍ତ୍ରିଭିର୍ଯୁଯୁଜେ ନୀତିବିଶାରଦୈରଜଃ ।
ଅନପାୟିପଦୋପଲବ୍ଧୟେ ରଘୁରାପ୍ତଃ ସମିୟାୟ ଯୋଗିଭିଃ ॥୧୭

नृपतिः प्रकृतीरवेक्षितुं व्यवहारासनमाददे युवा ।
परिचेतुमुपांशु धारणां कुशपूतं प्रवयास्तु विष्टरम् ॥१८
ନୃପତିଃ ପ୍ରକୃତୀରବେକ୍ଷିତୁଂ ବ୍ୟବହାରାସନମାଦଦେ ଯୁବା ।
ପରିଚେତୁମୁପାଂଶୁ ଧାରଣାଂ କୁଶପୂତଂ ପ୍ରବୟାସ୍ତୁ ବିଷ୍ଟରମ୍ ॥୧୮

अनयत् प्रभुशक्तिसम्पदा वशमेको नृपतीननन्तरान् ।
अपरः प्रणिधानयोग्यया मरुतः पञ्च शरीरगोचरान् ॥१९
ଅନୟତ୍ ପ୍ରଭୁଶକ୍ତିସମ୍ପଦା ବଶମେକୋ ନୃପତୀନନନ୍ତରାନ୍ ।
ଅପରଃ ପ୍ରଣିଧାନଯୋଗ୍ୟୟା ମରୁତଃ ପଞ୍ଚ ଶରୀରଗୋଚରାନ୍ ॥୧୯

अकरोदचिरेश्वरः क्षितौ द्विषदारम्भफलानि भस्मसात् ।
इतरो दहने स्वकर्मणां ववृते ज्ञानमयेन वह्निना ॥२०
ଅକରୋଦଚିରେଶ୍ୱରଃ କ୍ଷିତୌ ଦ୍ୱିଷଦାରମ୍ଭଫଳାନି ଭସ୍ମସାତ୍ ।
ଇତରୋ ଦହନେ ସ୍ୱକର୍ମଣାଂ ବବୃତେ ଜ୍ଞାନମୟେନ ବହ୍ନିନା ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ସନ୍ନ୍ୟାସ ଗ୍ରହଣ କରି ନଗର ବାହାରେ ବାସ କଲେ । ଜିତେନ୍ଦ୍ରିୟ ଶ୍ୱଶୁର ଯେପରି ପୁତ୍ରବଧୂ ଦ୍ୱାରା ସେବିତ ହୁଅନ୍ତି, ସେ ସେହିପରି ପୁତ୍ରଭୋଗ୍ୟା ରାଜଲକ୍ଷ୍ମୀଦ୍ୱାରା ସେବିତ ହେଲେ । ୧୪

ରଘୁ ସନ୍ନ୍ୟାସ ଗ୍ରହଣ କରି ବିଷୟବାସନାରୁ ନିବୃତ୍ତ ରହିଲେ ଓ ଅଜ ନୂତନ ରାଜା ହୋଇ ଅଭ୍ୟୁଦୟ ଲାଭ କରିବାରେ ଲାଗିଲେ । ତେଣୁ ସେସମୟର ଇକ୍ଷ୍ୱାକୁ ବଂଶ ପ୍ରାତଃକାଳର ଆକାଶ ସଦୃଶ ବୋଧହେଲା । କାରଣ, ପ୍ରାତଃକାଳର ଆକାଶରେ ଚନ୍ଦ୍ର ଅସ୍ତ ହୋଇ ଯାଉଥାଆନ୍ତି ଏବଂ ସୂର୍ଯ୍ୟ ଉଦୟ ହୋଇ ଆସୁଥାନ୍ତି । ୧୫

ରଘୁ ଓ ଅଜଙ୍କୁ ଯତିଯୋଗ୍ୟ ଓ ରାଜଯୋଗ୍ୟ ବେଶ ଧାରଣ କରିବାର ଦେଖି ଲୋକମାନେ ମନେକଲେ—ବୋଧହୁଏ ଦୁଇ ପ୍ରକାରର ଧର୍ମ ଭୂତଳକୁ ଅବତୀର୍ଣ୍ଣ ହୋଇଆସିଛନ୍ତି ! ସେମାନଙ୍କ ମଧ୍ୟରୁ ଏକର ଲକ୍ଷ୍ୟ ହେଉଛି ମୋକ୍ଷ ଏବଂ ଅନ୍ୟର ଲକ୍ଷ୍ୟ ହେଉଛି ସାଂସାରିକ ଅଭ୍ୟୁଦୟ । ୧୬

ଅଜ 'ଅପରାଜିତ' ପଦ ପାଇବା ନିମନ୍ତେ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କଲେ; ରଘୁ 'ଅବିନଶ୍ୱର' ପଦ (ମୋକ୍ଷ) ପାଇବା ନିମନ୍ତେ ଯୋଗୀମାନଙ୍କ ସହିତ ତତ୍ତ୍ୱ ଆଲୋଚନା କଲେ । ୧୭

ଯୁବକ ରାଜା (ଅଜ) ପ୍ରଜାମାନଙ୍କର କାର୍ଯ୍ୟ ବୁଝିବା ପାଇଁ ଧର୍ମାସନରେ ଉପବେଶନ କଲେ; ବୃଦ୍ଧ ରାଜା (ରଘୁ) ନିର୍ଜନରେ ଚିତ୍ତର ଏକାଗ୍ରତା-ଅଭ୍ୟାସ ପାଇଁ ପବିତ୍ର କୁଶାସନରେ ଉପବେଶନ କଲେ । ୧୮

ଜଣେ (ଅଜ) ପ୍ରଭୁଶକ୍ତିବଳରେ ଅନ୍ୟାନ୍ୟ ରାଜାଙ୍କୁ ଆୟତ୍ତ କଲେ; ଆଉ ଜଣେ (ରଘୁ) ସମାଧିଶକ୍ତିବଳରେ ଶରୀରସ୍ଥିତ ପଞ୍ଚବାୟୁକୁ ଆୟତ୍ତ କଲେ । ୧୯

ନବୀନ ରାଜା ପୃଥିବୀରେ ଶତ୍ରୁମାନଙ୍କ କାର୍ଯ୍ୟର ଫଳ ଭସ୍ମସାତ୍ କଲେ ଏବଂ ପୂର୍ବତନ ରାଜା ଜ୍ଞାନାଗ୍ନିରେ ନିଜର କର୍ମଫଳ ଭସ୍ମସାତ୍ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पणबन्धमुखान् गुणानजः षडुपायुङ्क्त समीक्ष्य तत्फलम् ।
रघुरप्यजयद् गुणत्रयं प्रकृतिस्थं समलोष्टकाञ्चनः ।।२१
ପଣବନ୍ଧମୁଖାନ୍ ଗୁଣାନଜଃ ଷଡୁପାୟୁଙ୍କ୍ତ ସମୀକ୍ଷ୍ୟ ତତ୍ଫଳମ୍ ।
ରଘୁରପ୍ୟଜୟଦ୍ ଗୁଣତ୍ରୟଂ ପ୍ରକୃତିସ୍ଥଂ ସମଲୋଷ୍ଟକାଞ୍ଚନଃ ।।୨୧

न नवः प्रभुराफलोदयात् स्थिरकर्मा विरराम कर्मणः ।
न च योगविधेर्नवेतरः स्थिरधीरापरमात्मदर्शनात् ।।२२
ନ ନବଃ ପ୍ରଭୁରାଫଳୋଦୟାତ୍ ସ୍ଥିରକର୍ମା ବିରରାମ କର୍ମଣଃ ।
ନ ଚ ଯୋଗବିଧେର୍ନବେତରଃ ସ୍ଥିରଧୀରାପରମାତ୍ମଦର୍ଶନାତ୍ ।।୨୨

इति शत्रुषु चेन्द्रियेषु च प्रतिषिद्धप्रसरेषु जाग्रतौ ।
प्रसितावुदयापवर्गयोरुभयीं सिद्धिमुभाववापतुः ।।२३
ଇତି ଶତ୍ରୁଷୁ ଚେନ୍ଦ୍ରିୟେଷୁ ଚ ପ୍ରତିଷିଦ୍ଧପ୍ରସରେଷୁ ଜାଗ୍ରତୌ ।
ପ୍ରସିତାବୁଦୟାପବର୍ଗୟୋରୁଭୟୀଂ ସିଦ୍ଧିମୁଭାବବାପତୁଃ ।।୨୩

अथ काश्चिदजव्यपेक्षया गमयित्वा समदर्शनः समाः ।
तमसः परमापदव्ययं पुरुषं योगसमाधिना रघुः ।।२४
ଅଥ କାଶ୍ଚିଦଜବ୍ୟପେକ୍ଷୟା ଗମୟିତ୍ୱା ସମଦର୍ଶନଃ ସମାଃ ।
ତମସଃ ପରମାପଦବ୍ୟୟଂ ପୁରୁଷଂ ଯୋଗସମାଧିନା ରଘୁଃ ।।୨୪

श्रुतदेहविसर्जनः पितुश्चिरमश्रूणि विमुच्य राघवः ।
विदधे विधिमस्य नैष्ठिकं यतिभिः सार्धमनग्निमग्निचित् ।।२५
ଶ୍ରୁତଦେହବିସର୍ଜନଃ ପିତୁଶ୍ଚିରମଶ୍ରୁଣି ବିମୁଚ୍ୟ ରାଘବଃ ।
ବିଦଧେ ବିଧିମସ୍ୟ ନୈଷ୍ଠିକଂ ଯତିଭିଃ ସାର୍ଧମନଗ୍ନିମଗ୍ନିଚିତ୍ ।।୨୫

अकरोत् स तदौर्ध्वदैहिकं पितृभक्त्या पितृकार्यकल्पवित् ।
न हि तेन पथा तनुत्यजस्तनयावर्जितपिण्डकाङ्क्षिणः ।।२६
ଅକରୋତ୍ ସ ତଦୌର୍ଧ୍ୱଦୈହିକଂ ପିତୃଭକ୍ତ୍ୟା ପିତୃକାର୍ଯ୍ୟକଳ୍ପବିତ୍ ।
ନ ହି ତେନ ପଥା ତନୁତ୍ୟଜସ୍ତନୟାବର୍ଜିତପିଣ୍ଡକାଙ୍କ୍ଷିଣଃ ।।୨୬

स परार्ध्यगतेरशोच्यतां पितुरुद्दिश्य सदर्थवेदिभिः ।
शमिताधिरधिज्यकार्मुकः कृतवानप्रतिशासनं जगत् ।।२७
ସ ପରାର୍ଧ୍ୟଗତେରଶୋଚ୍ୟତାଂ ପିତୁରୁଦ୍ଦିଶ୍ୟ ସଦର୍ଥବେଦିଭିଃ ।
ଶମିତାଧିରଧିଜ୍ୟକାର୍ମୁକଃ କୃତବାନପ୍ରତିଶାସନଂ ଜଗତ୍ ।।୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନବୀନ ରଜା ସନ୍ଧି, ବିଗ୍ରହ ପ୍ରଭୃତି ଷଡ଼୍‌ଗୁଣର ଫଳାଫଳ ବିଗ୍ଭର କରି ସେଗୁଡ଼ିକୁ ଯଥୋପଯୁକ୍ତଭାବରେ ପ୍ରୟୋଗ କଲେ ଏବଂ ପୂର୍ବତନ ରଜା ମାଟିମୁଣ୍ଡା ଓ ସୁନାମୁଣ୍ଡାକୁ ସମଦୃଷ୍ଟିରେ ଦେଖି ପ୍ରକୃତିସ୍ଥିତ ତିନିଗୁଣ (ସତ୍ତ୍ୱ, ରଜ, ତମ)କୁ ଜୟ କଲେ । ୨୧

ସ୍ଥିରକର୍ମା ନବୀନ ରଜା ଫଳଲାଭ ହେବାପର୍ଯ୍ୟନ୍ତ କର୍ମରୁ ନିବୃତ୍ତ ହେଉ ନ ଥିଲେ ଏବଂ ସ୍ଥିରବୁଦ୍ଧି ପୂର୍ବତନ ରଜା ପରମାତ୍ମାଙ୍କ ଦର୍ଶନ ମିଳିବା ପର୍ଯ୍ୟନ୍ତ ଯୋଗବିଧି ତ୍ୟାଗ କରୁ ନ ଥିଲେ । ୨୨

ଏହିପରି ଭାବରେ ଉଭୟେ ଶତ୍ରୁମାନଙ୍କର ଓ ଇନ୍ଦ୍ରିୟମାନଙ୍କର ପ୍ରଭାବକୁ ବ୍ୟାହତ କରି କର୍ତ୍ତବ୍ୟରେ ଜାଗ୍ରତ ରହିଲେ ଏବଂ ଅଭ୍ୟୁଦୟ ଓ ମୋକ୍ଷପଥରେ ଏକନିଷ୍ଠ ହୋଇ ସିଦ୍ଧି ଲାଭ କଲେ । ୨୩

ତା'ପରେ ସମଦୃଷ୍ଟିସମ୍ପନ୍ନ ରଘୁ ପୁତ୍ରର ଇଚ୍ଛାନୁସାରେ କେତେକ ବର୍ଷ ଅତିବାହିତ କରି ଯୋଗସମାଧିରେ ଅବିନଶ୍ୱର, ମାୟାତୀତ, ପରମାତ୍ମାଙ୍କ ସହିତ ଏକ ହୋଇଗଲେ (ଶରୀର ତ୍ୟାଗ କଲେ) । ୨୪

ଅଜ ପିତାଙ୍କର ଦେହତ୍ୟାଗ ସମ୍ବାଦ ଶୁଣି ବହୁ ସମୟ ପର୍ଯ୍ୟନ୍ତ ଅଶ୍ରୁ ମୋଚନ କଲେ । ତା'ପରେ ଯତିମାନଙ୍କ ସହିତ ନିଷ୍ଠାପର ଭାବରେ ବିନା ଅଗ୍ନି ସଂସ୍କାରରେ ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କଲେ । (ଯୋଗରତ ବ୍ୟକ୍ତି ଦେହତ୍ୟାଗ କଲାପରେ ତାଙ୍କର ଦେହକୁ ଅଗ୍ନିରେ ଦହନ କରଯାଏ ନାହିଁ ।) ୨୫

ଅଜଙ୍କୁ ପିତୃକାର୍ଯ୍ୟର ସକଳ ବିଧାନ ଜଣାଥିଲା । ସେ ପିତାଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଯୋଗୁଁ ହିଁ ଶ୍ରାଦ୍ଧାଦି ପାରଲୌକିକ କାର୍ଯ୍ୟ ସମ୍ପନ୍ନ କଲେ; କାରଣ ଯୋଗମାର୍ଗରେ ଦେହତ୍ୟାଗ କରିଥିବା ବ୍ୟକ୍ତି ପୁତ୍ରର ପିଣ୍ଡଦାନକୁ ଆଶା କରନ୍ତି ନାହିଁ । ୨୬

ତତ୍ତ୍ୱଜ୍ଞାନୀମାନେ ଅଜଙ୍କୁ ବୁଝାଇଲେ—"ଆପଣଙ୍କର ପିତା ସର୍ବୋତ୍ତମ ଗତି ଲାଭ କରିଛନ୍ତି; ତେଣୁ ତାଙ୍କ ପାଇଁ ଶୋଚନା କରିବା ଅନୁଚିତ ।" ଏଥିରେ ତାଙ୍କର ପିତୃଶୋକ ଉପଶମ ହେଲା । ତା'ପରେ ସେ ଧନୁରେ ଗୁଣ ଆରୋପଣ କରି ଜଗତକୁ ଏକଶାସନାଧୀନ କଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

क्षितिरिन्दुमती च भामिनी पतिमासाद्य तमग्र्यपौरुषम् ।
प्रथमा बहुरत्नसूरभूदपरा वीरमजीजनत् सुतम् ॥२८
କ୍ଷିତିରିନ୍ଦୁମତୀ ଚ ଭାମିନୀ ପତିମାସାଦ୍ୟ ତମଗ୍ର୍ୟପୌରୁଷମ୍ ।
ପ୍ରଥମା ବହୁରତ୍ନସୂରଭୂଦପରା ବୀରମଜୀଜନତ୍ ସୁତମ୍ ॥୨୮

दशरश्मिशतोपमद्युतिं यशसा दिक्षु दशस्वपि श्रुतम् ।
दशपूर्वरथं यमाख्यया दशकण्ठारिगुरुं विदुर्बुधाः ॥२९
ଦଶରଶ୍ମିଶତୋପମଦ୍ୟୁତିଂ ଯଶସା ଦିକ୍ଷୁ ଦଶସ୍ୱପି ଶ୍ରୁତମ୍ ।
ଦଶପୂର୍ବରଥଂ ଯମାଖ୍ୟୟା ଦଶକଣ୍ଠାରିଗୁରୁଂ ବିଦୁର୍ବୁଧାଃ ॥୨୯

ऋषिदेवगणस्वधाभुजां श्रुतयागप्रसवैः स पार्थिवः ।
अनृणत्वमुपेयिवान् बभौ परिधेर्मुक्त इवोष्णदीधितिः ॥३०
ଋଷିଦେବଗଣସ୍ୱଧାଭୁଜାଂ ଶ୍ରୁତଯାଗପ୍ରସବୈଃ ସ ପାର୍ଥିବଃ ।
ଅନୃଣତ୍ୱମୁପେୟିବାନ୍ ବଭୌ ପରିଧେର୍ମୁକ୍ତ ଇବୋଷ୍ଣଦୀଧିତିଃ ॥୩୦

बलमार्तभयोपशान्तये विदुषां सत्कृतये बहुश्रुतम् ।
वसु तस्य विभोर्न केवलं गुणवत्तापि परप्रयोजना ॥३१
ବଳମାର୍ତ୍ତଭୟୋପଶାନ୍ତୟେ ବିଦୁଷାଂ ସତ୍କୃତୟେ ବହୁଶ୍ରୁତମ୍ ।
ବସୁ ତସ୍ୟ ବିଭୋର୍ନ କେବଳଂ ଗୁଣବତ୍ତାପି ପରପ୍ରୟୋଜନା ॥୩୧

स कदाचिदवेक्षितप्रजः सह देव्या विजहार सुप्रजाः ।
नगरोपवने शचीसखो मरुतां पालयितेव नन्दने ॥३२
ସ କଦାଚିଦବେକ୍ଷିତପ୍ରଜଃ ସହ ଦେବ୍ୟା ବିଜହାର ସୁପ୍ରଜାଃ ।
ନଗରୋପବନେ ଶଚୀସଖୋ ମରୁତାଂ ପାଳୟିତେବ ନନ୍ଦନେ ॥୩୨

अथ रोधसि दक्षिणोदधेः श्रितगोकर्णनिकेतमीश्वरम् ।
उपवीणयितुं ययौ रवेरुदयावृत्तिपथेन नारदः ॥३३
ଅଥ ରୋଧସି ଦକ୍ଷିଣୋଦଧେଃ ଶ୍ରିତଗୋକର୍ଣ୍ଣନିକେତମୀଶ୍ୱରମ୍ ।
ଉପବୀଣୟିତୁଂ ଯଯୌ ରବେରୁଦୟାବୃତ୍ତିପଥେନ ନାରଦଃ ॥୩୩

कुसुमैर्ग्रथितामपार्थिवैः स्रजमातोद्यशिरोनिवेशिताम् ।
अहरत् किल तस्य वेगवानधिवासस्पृहयेव मारुतः ॥३४
କୁସୁମୈର୍ଗ୍ରଥିତାମପାର୍ଥିବୈଃ ସ୍ରଜମାତୋଦ୍ୟଶିରୋନିବେଶିତାମ୍ ।
ଅହରତ୍ କିଳ ତସ୍ୟ ବେଗବାନଧିବାସସ୍ପୃହୟେବ ମାରୁତଃ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଜଙ୍କର ଦୁଇ ପତ୍ନୀ ହେଲେ ବସୁଧା ଓ ଇନ୍ଦୁମତୀ । ପ୍ରଥମା ପତ୍ନୀ ମହାପରାକ୍ରମୀ ପତିଙ୍କୁ ପାଇ ଅଜସ୍ର ରତ୍ନ ପ୍ରସବ କଲେ ଏବଂ ଦ୍ୱିତୀୟା ପତ୍ନୀ ଏକ ବୀର ପୁତ୍ର ପ୍ରସବ କଲେ । ୨୮

ସେହି ପୁତ୍ରକୁ ବିଦ୍ୱାନ୍‌ମାନେ ରାମଚନ୍ଦ୍ରଙ୍କ ପିତା ଦଶରଥ ବୋଲି ଜାଣନ୍ତି, ଯେ କି ଦଶଶତକିରଣବାନ୍ (ସୂର୍ଯ୍ୟ) ଙ୍କ ପରି ତେଜସ୍ୱୀ ଏବଂ ଦଶଦିଗରେ ଅତ୍ୟନ୍ତ ଯଶସ୍ୱୀ ହୋଇଥିଲେ । ୨୯

ଅଜ ଶାସ୍ତ୍ରାଧ୍ୟୟନ, ଯଜ୍ଞସଂପାଦନ ଓ ସନ୍ତାନଲାଭଦ୍ୱାରା ଯଥାକ୍ରମେ ଋଷିଋଣ, ଦେବଋଣ ଓ ପିତୃଋଣରୁ ମୁକ୍ତିଲାଭ କଲେ ଏବଂ ମଣ୍ଡଳମୁକ୍ତ ସୂର୍ଯ୍ୟ ପରି ଶୋଭା ପାଇଲେ । ୩୦

ସୁଦକ୍ଷ ଶାସକ ଅଜଙ୍କର ବଳ ଦୁର୍ବଳମାନଙ୍କର ଭୟ ଦୂର କରିବା ପାଇଁ ଏବଂ ବିଦ୍‌ବତ୍ତା ବିଦ୍ୱାନ୍‌ମାନଙ୍କର ଅଭ୍ୟର୍ଥନା ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ କେବଳ ତାଙ୍କର ଧନ ଯେ ପରୋପକାରରେ ଲାଗିଲା, ତାହା ନୁହେଁ, ତାଙ୍କର ଗୁଣ ମଧ୍ୟ ପରୋପକାରରେ ଲାଗିଲା । ୩୧

Gurukul Kangri Vishwavidyalaya Library

ଦେବତାମାନଙ୍କର ପାଳକ ଇନ୍ଦ୍ର ଯେପରି ଶଚୀଙ୍କ ସହିତ ନନ୍ଦନ-କାନନରେ ବିହାର କରିବାକୁ ଯାଆନ୍ତି, ସେହିପରି ପ୍ରଜାପାଳକ, ସୁପୁତ୍ରବାନ୍ ଅଜ ଦିନେ ଇନ୍ଦୁମତୀଙ୍କ ସହିତ ନଗର-ଉଦ୍ୟାନରେ ବିହାର କରିବାକୁ ଗଲେ । ୩୨

ସେତେବେଳେ ନାରଦ ଦକ୍ଷିଣ ସମୁଦ୍ରତଟରେ ଗୋକର୍ଣ୍ଣ ନାମକ ସ୍ଥାନରେ ଅଧିଷ୍ଠିତ ଶିବଙ୍କୁ ବୀଣା ବଜାଇ ବନ୍ଦନା କରିବା ନିମନ୍ତେ ସେହି ଉଦ୍ୟାନ ଉପର ଦେଇ ଆକାଶମାର୍ଗରେ ଯାଉଥିଲେ । ୩୩

ତାଙ୍କ ବୀଣାରେ ସ୍ୱର୍ଗୀୟ ଫୁଲର ଏକ ମାଳା ଲମ୍ବିଥିଲା । ତାର ସୁଗନ୍ଧରେ ନିଜକୁ ସୁଗନ୍ଧିତ କରିବା ବୋଧହୁଏ ଥିଲା ବାୟୁର ଅଭିପ୍ରାୟ । ତେଣୁ ସେ ବେଗରେ ଆସି ତାହାକୁ ଘେନିଗଲା । (ପବନରେ ସେହି ମାଳା ଛିଡ଼ିଗଲା) । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भ्रमरैः कुसुमानुसारिभिः परिकीर्णा परिवादिनी मुनेः ।
ददृशे पवनावलेपजं सृजती बाष्पमिवाञ्जनाविलम् ।।३५
ଭ୍ରମରୈଃ କୁସୁମାନୁସାରିଭିଃ ପରିକୀର୍ଣ୍ଣା ପରିବାଦିନୀ ମୁନେଃ ।
ଦଦୃଶେ ପବନାବଲେପଜଂ ସୃଜତୀ ବାଷ୍ପମିବାଞ୍ଜନାବିଲମ୍ ।।୩୫

अभिभूय विभूतिमार्तवीं मधुगन्धातिशयेन वीरुधाम् ।
नृपतेरमरस्रगाप सा दयितोरुस्तनकोटिसुस्थितिम् ।।३६
ଅଭିଭୂୟ ବିଭୂତିମାର୍ତ୍ତବୀଂ ମଧୁଗନ୍ଧାତିଶୟେନ ବୀରୁଧାମ୍ ।
ନୃପତେରମରସ୍ରଗାପ ସା ଦୟିତୋରୁସ୍ତନକୋଟିସୁସ୍ଥିତିମ୍ ।।୩୬

क्षणमात्रसखीं सुजातयोः स्तनयोस्तामवलोक्य विह्वला ।
निमिमील नरोत्तमप्रिया हृतचन्द्रा तमसेव कौमुदी ।।३७
କ୍ଷଣମାତ୍ରସଖୀଂ ସୁଜାତୟୋଃ ସ୍ତନୟୋସ୍ତାମବଲୋକ୍ୟ ବିହ୍ୱଳା ।
ନିମିମୀଲ ନରୋତ୍ତମପ୍ରିୟା ହୃତଚନ୍ଦ୍ରା ତମସେବ କୌମୁଦୀ ।।୩୭

वपुषा करणोज्झितेन सा निपतन्ती पतिमप्यपातयत् ।
ननु तैलनिषेकबिन्दुना सह दीपार्चिरुपैति मेदिनीम् ।।३८
ବପୁଷା କରଣୋଜ୍ଝିତେନ ସା ନିପତନ୍ତୀ ପତିମପ୍ୟପାତୟତ୍ ।
ନନୁ ତୈଳନିଷେକବିନ୍ଦୁନା ସହ ଦୀପାର୍ଚ୍ଚିରୁପୈତି ମେଦିନୀମ୍ ।।୩୮

उभयोरपि पार्श्ववर्तिनां तुमुलेनार्तरवेण वेजिताः ।
विहगाः कमलाकरालयाः समदुःखा इव तत्र चुक्रुशुः ।।३९
ଉଭୟୋରପି ପାର୍ଶ୍ୱବର୍ତ୍ତିନାଂ ତୁମୁଳେନାର୍ତ୍ତରବେଣ ବେଜିତାଃ ।
ବିହଗାଃ କମଳାକରାଳୟାଃ ସମଦୁଃଖା ଇବ ତତ୍ର ଚୁକ୍ରୁଶୁଃ ।।୩୯

नृपतेर्व्यजनादिभिस्तमो नुनुदे सा तु तथैव संस्थिता ।
प्रतिकारविधानमायुषः सति शेषे हि फलाय कल्पते ।।४०
ନୃପତେର୍ବ୍ୟଜନାଦିଭିସ୍ତମୋ ନୁନୁଦେ ସା ତୁ ତଥୈବ ସଂସ୍ଥିତା ।
ପ୍ରତିକାରବିଧାନମାୟୁଷଃ ସତି ଶେଷେ ହି ଫଳାୟ କଳ୍ପତେ ।।୪୦

प्रतियोजयितव्यवल्लकीसमवस्थामथ सत्त्वविप्लवात् ।
स निनाय नितान्तवत्सलः परिगृह्योचितमङ्कमङ्गनाम् ।।४१
ପ୍ରତିଯୋଜୟିତବ୍ୟବଲ୍ଲକୀସମବସ୍ଥାମଥ ସତ୍ତ୍ୱବିପ୍ଲବାତ୍ ।
ସ ନିନାୟ ନିତାନ୍ତବତ୍ସଳଃ ପରିଗୃହ୍ୟୋଚିତମଙ୍କମଙ୍ଗନାମ୍ ।।୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁନିଙ୍କ ବୀଣା ଛାଡ଼ି ଭ୍ରମରମାନେ ସେହି ପୁଷ୍ପମାଳା ପଛେ ପଛେ ଧାଇଁଲେ । ତେଣୁ ଜଣାପଡ଼ିଲା, ସତେ ଯେପରି ବୀଣା ବାୟୁକୃତ ଅପମାନରେ କାନ୍ଦି ଅଞ୍ଜନମିଶା ଅଶ୍ରୁବିନ୍ଦୁ ତ୍ୟାଗ କରୁଛି ! ୩୫

ଉଦ୍ୟାନରେ ଋତୁ ଅନୁସାରେ ଯେତେ ପୁଷ୍ପ ପ୍ରସ୍ଫୁଟିତ ହୋଇଥିଲେ, ଦିବ୍ୟପୁଷ୍ପର ମାଳା ତଳକୁ ଆସନ୍ତେ ତାର ମଧୁ ଓ ସୁଗନ୍ଧରେ ସେ ସବୁର ସୌରଭ ଲୁଚିଗଲା । ଉକ୍ତ ମାଳା ଆସି ଇନ୍ଦୁମତୀଙ୍କ ପୃଥୁଳ ସ୍ତନଯୁଗଳର ଅଗ୍ରଭାଗରେ ପଡ଼ିଲା । ୩୬

ମୁହୂର୍ତ୍ତକ ପାଇଁ ତାହା ଇନ୍ଦୁମତୀଙ୍କର ସୁନ୍ଦର ସ୍ତନଯୁଗଳର ସଖୀ ପରି ଦିଶିଲା; କିନ୍ତୁ ଚନ୍ଦ୍ର ରାହୁ କବଳରେ ପଡ଼ିଲେ ଜ୍ୟୋତ୍ସ୍ନା ଯେପରି ମୂର୍ଚ୍ଛିତା ହୋଇଯାଏ, ଇନ୍ଦୁମତୀ ତାହାକୁ ଦେଖି ସେହିପରି ମୂର୍ଚ୍ଛିତା ହୋଇ ପ୍ରାଣତ୍ୟାଗ କଲେ । ୩୭

ତାଙ୍କର ଚେତନାଶୂନ୍ୟ ଶରୀର ଢଳି ପଡ଼ିବା ସଙ୍ଗେ ସଙ୍ଗେ ଅଜଙ୍କର ଶରୀର ମଧ୍ୟ ଢଳି ପଡ଼ିଲା । ଦୀପଶିଖାରୁ ଅଗ୍ନି ଯଦି ତଳକୁ ପଡ଼େ, ତେବେ ତୈଳବିନ୍ଦୁ ସହିତ ହିଁ ପଡ଼େ । ୩୮

ଉଭୟଙ୍କର ନିକଟରେ ଥିବା ଲୋକମାନେ ଘୋର ଆର୍ତ୍ତନାଦ କରିଉଠିଲେ । ସେଥିରେ ଭୟଭୀତ ହୋଇ ସରୋବରର ପକ୍ଷୀମାନେ କୋଳାହଳ କରିବାକୁ ଲାଗିଲେ । ବୋଧହେଲା, ସେମାନେ ମଧ୍ୟ ସତେ ଯେପରି ସମଦୁଃଖୀ ହୋଇ ଚିତ୍କାର କଲେ ! ୩୯

ବିଞ୍ଚିବା, ଜଳ ସିଞ୍ଚିବା ପ୍ରଭୃତି ଶୀତଳ ଉପଚାରଦ୍ୱାରା ରାଜାଙ୍କର ଚେତନା ଫେରି ଆସିଲା; କିନ୍ତୁ ଇନ୍ଦୁମତୀଙ୍କର ଚେତନା ଫେରିଲା ନାହିଁ । କାରଣ, ପ୍ରତୀକାର ସଫଳ ହୁଏ, ଯଦି ଆୟୁଷ ଥାଏ । ୪୦

ଛିନ୍ନତନ୍ତ୍ରୀ ବୀଣାକୁ ସଜାଡ଼ିବା ପାଇଁ ଯେପରି କୋଳକୁ ଟେକି ନିଆଯାଏ, ଅତ୍ୟନ୍ତ ସ୍ନେହଶୀଳ ରାଜା ଚେତନାଶୂନ୍ୟା ପତ୍ନୀଙ୍କୁ ସେହିପରି କୋଳକୁ ଟେକିନେଲେ, ଯେଉଁ କୋଳ କି ତାଙ୍କର (ଇନ୍ଦୁମତୀଙ୍କର) ଥିଲା ଅତି ପରିଚିତ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पतिरङ्कनिषण्णया तया करणापायविभिन्नवर्णया ।
समलक्ष्यत बिभ्रदाविलां मृगलेखामुषसीव चन्द्रमाः ॥४२
ପତିରଙ୍କନିଷଣ୍ଣୟା ତୟା କରଣାପାୟବିଭିନ୍ନବର୍ଣ୍ଣୟା ।
ସମଲକ୍ଷ୍ୟତ ବିଭ୍ରଦାବିଳାଂ ମୃଗଲେଖାମୁଷସୀବ ଚନ୍ଦ୍ରମାଃ ॥୪୨

विललाप स वाष्पगद्गदं सहजामप्यपहाय धीरताम् ।
अभितप्तमयोऽपि मार्दवं भजते कैव कथा शरीरिषु ॥४३
ବିଳଳାପ ସ ବାଷ୍ପଗଦ୍‌ଗଦଂ ସହଜାମପ୍ୟପହାୟ ଧୀରତାମ୍ ।
ଅଭିତପ୍ତମୟୋଽପି ମାର୍ଦବଂ ଭଜତେ କୈବ କଥା ଶରୀରିଷୁ ॥୪୩

कुसुमान्यपि गात्रसङ्गमात् प्रभवन्त्यायुरपोहितुं यदि ।
न भविष्यति हन्त साधनं किमिवान्यत् प्रहरिष्यतो विधेः ॥४४
କୁସୁମାନ୍ୟପି ଗାତ୍ରସଙ୍ଗମାତ୍ ପ୍ରଭବନ୍ତ୍ୟାୟୁରପୋହିତୁଂ ଯଦି ।
ନ ଭବିଷ୍ୟତି ହନ୍ତ ସାଧନଂ କିମିବାନ୍ୟତ୍ ପ୍ରହରିଷ୍ୟତୋ ବିଧେଃ ॥୪୪

अथवा मृदु वस्तु हिंसितुं मृदुनैवारभते प्रजान्तकः ।
हिमसेकविपत्तिरत्र मे नलिनी पूर्वनिदर्शनं मता ॥४५
ଅଥବା ମୃଦୁ ବସ୍ତୁ ହିଂସିତୁଂ ମୃଦୁନୈବାରଭତେ ପ୍ରଜାନ୍ତକଃ ।
ହିମସେକବିପତ୍ତିରତ୍ର ମେ ନଳିନୀ ପୂର୍ବନିଦର୍ଶନଂ ମତା ॥୪୫

स्रगियं यदि जीवितापहा हृदये किं निहिता न हन्ति माम् ।
विषमप्यमृतं क्वचिद्भवेदमृतं वा विषमीश्वरेच्छया ॥४६
ସ୍ରଗିୟଂ ଯଦି ଜୀବିତାପହା ହୃଦୟେ କିଂ ନିହିତା ନ ହନ୍ତି ମାମ୍ ।
ବିଷମପ୍ୟମୃତଂ କ୍ୱଚିଦ୍ ଭବେଦମୃତଂ ବା ବିଷମୀଶ୍ୱରେଚ୍ଛୟା ॥୪୬

अथवा मम भाग्यविप्लवादशनिः कल्पित एष वेधसा ।
यदनेन तरुर्न पातितः क्षपिता तद्विटपाश्रिता लता ॥४७
ଅଥବା ମମ ଭାଗ୍ୟବିପ୍ଳବାଦଶନିଃ କଳ୍ପିତ ଏଷ ବେଧସା ।
ଯଦନେନ ତରୁର୍ନ ପାତିତଃ କ୍ଷପିତା ତଦ୍‌ବିଟପାଶ୍ରିତା ଲତା ॥୪୭

कृतवत्यसि नावधीरणामपराद्धेऽपि यदा चिरं मयि ।
कथमेकपदे निरागसं जनमाभाष्यमिमं न मन्यसे ॥४८
କୃତବତ୍ୟସି ନାବଧୀରଣାମପରାଦ୍ଧେଽପି ଯଦା ଚିରଂ ମୟି ।
କଥମେକପଦେ ନିରାଗସଂ ଜନମାଭାଷ୍ୟମିମଂ ନ ମନ୍ୟସେ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇନ୍ଦୁମତୀଙ୍କର ପ୍ରାଣହୀନ ଶରୀର ନିଷ୍ପ୍ରଭ ହୋଇଗଲା । ଉଷାକାଳର ଚନ୍ଦ୍ରମା ମଳିନ ମୃଗଚିହ୍ନ ଧାରଣ କରି ଯେପରି ନିଷ୍ପ୍ରଭ ଦେଖାଯାଏ, ଅଜ ଇନ୍ଦୁମତୀଙ୍କୁ ଧରି ସେହିପରି ନିଷ୍ପ୍ରଭ ଦେଖାଗଲେ ! ୪୨

ସନ୍ତାପରେ ଲୁହା ମଧ୍ୟ ତରଳି ଯାଏ, ପ୍ରାଣୀମାନଙ୍କ କଥା ବା କଅଣ ! ତେଣୁ, ଅଜ ସ୍ୱଭବତଃ ଧୀର ହେଲେ ମଧ୍ୟ ଧୈର୍ଯ୍ୟ ହରାଇ ବାଷ୍ପ-ଗଦ୍‌ଗଦ କଣ୍ଠରେ ବିଳାପ କରିବାକୁ ଲାଗିଲେ । ୪୩

"ହାୟ ! ହାୟ ! ଫୁଲ ଦେହରେ ପଡ଼ି ଯଦି ପ୍ରାଣ ନେବାକୁ ସମର୍ଥ, ତାହାହେଲେ ବିଧାତା ଭବିଷ୍ୟତରେ କାହାକୁ ମାରିବା ପାଇଁ ଆଉ ଅନ୍ୟ ଉପାୟ କାହିଁକି ଅବଲମ୍ବନ କରିବେ ? ୪୪

ଅବା କୋମଳ ବସ୍ତୁକୁ କୋମଳ ବସ୍ତୁଦ୍ୱାରା ନଷ୍ଟ କରିବା କାଳର ସ୍ୱଭବ ! ଶିଶିରପାତରେ ପଦ୍ମର ବିନାଶ ଏହାର ପ୍ରଥମ ଦୃଷ୍ଟାନ୍ତ । ୪୫

ଏ ମାଳା ଯଦି ପ୍ରାଣଘାତିନୀ, ତାହାହେଲେ ମୋ ବକ୍ଷ ଉପରେ ରହି ମୋତେ କାହିଁକି ନିହତ କରୁନାହିଁ ? ଅବା ଈଶ୍ୱରଙ୍କ ଇଚ୍ଛାରେ ବିଷ କେଉଁଠି ଅମୃତ, ଅମୃତ ବା କେଉଁଠି ବିଷ ହୁଏ ! ୪୬

କିମ୍ବା ମୋର ଦୁର୍ଭାଗ୍ୟରୁ ବିଧାତା ଏହି ମାଳାଟିକୁ ବଜ୍ର ରୂପେ ପଠାଇଲେ । ଏ ବଜ୍ର ବୃକ୍ଷକୁ ଧ୍ୱଂସ ନ କରି ବୃକ୍ଷାଶ୍ରିତ ଲତାଟିକୁ ହିଁ ଧ୍ୱଂସ କରିଦେଲା ! ୪୭

ଗୋ ପ୍ରିୟେ ! ମୁଁ ତୁମ ପ୍ରତି ବହୁବାର ଅପରାଧ କରିଛି; କିନ୍ତୁ ତୁମେ ମୋତେ ତିଳେ ମାତ୍ର ଅନାଦର କରିନାହଁ । ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ, ତଥାପି ମୋତେ କାହିଁକି କଥା ପଦେ ବି କହୁନାହଁ ? ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ध्रुवमस्मि शठः शुचिस्मिते विदितः कैतववत्सलस्तव ।
परलोकमसंनिवृत्तये यदनापृच्छ्य गतासि मामितः ॥४९
ଧ୍ରୁବମସ୍ମି ଶଠଃ ଶୁଚିସ୍ମିତେ ବିଦିତଃ କୈତବବତ୍ସଲସ୍ତବ ।
ପରଲୋକମସଂନିବୃତ୍ତୟେ ଯଦନାପୃଚ୍ଛ୍ୟ ଗତାସି ମାମିତଃ ॥୪୯

दयितां यदि तावदन्वगाद् विनिवृत्तं किमिदं तया विना ।
सहतां हतजीवितं मम प्रबलामात्मकृतां तु वेदनाम् ॥५०
ଦୟିତାଂ ଯଦି ତାବଦନ୍ୱଗାଦ୍ ବିନିବୃତ୍ତଂ କିମିଦଂ ତୟା ବିନା ।
ସହତାଂ ହତଜୀବିତଂ ମମ ପ୍ରବଳାମାତ୍ମକୃତାଂ ତୁ ବେଦନାମ୍ ॥୫୦

सुरतश्रमसंभृतो मुखे ध्रियते स्वेदलवोद्गमोऽपि ते ।
अथ चास्तमिता त्वमात्मना धिगिमां देहभृतामसारताम् ॥५१
ସୁରତଶ୍ରମସମ୍ଭୃତୋ ମୁଖେ ଧ୍ରିୟତେ ସ୍ୱେଦଲବୋଦ୍ଗମୋଽପି ତେ ।
ଅଥ ଚାସ୍ତମିତା ତ୍ୱମାତ୍ମନା ଧିଗିମାଂ ଦେହଭୃତାମସାରତାମ୍ ॥୫୧

मनसापि न विप्रियं मया कृतपूर्वं तव किं जहासि माम् ।
ननु शब्दपतिः क्षितेरहं त्वयि मे भावनिबन्धना रतिः ॥५२
ମନସାପି ନ ବିପ୍ରିୟଂ ମୟା କୃତପୂର୍ବଂ ତବ କିଂ ଜହାସି ମାମ୍ ।
ନନୁ ଶବ୍ଦପତିଃ କ୍ଷିତେରହଂ ତ୍ୱୟି ମେ ଭାବନିବନ୍ଧନା ରତିଃ ॥୫୨

कुसुमोत्खचितान् वलीभृतश्चलयन् भृङ्गरुचस्तवालकान् ।
करभोरु करोति मारुतस्त्वदुपावर्त्तनशङ्कि मे मनः ॥५३
କୁସୁମୋତ୍ଖଚିତାନ୍ ବଳୀଭୃତଶ୍ଚଳୟନ୍ ଭୃଙ୍ଗରୁଚସ୍ତବାଳକାନ୍ ।
କରଭୋରୁ କରୋତି ମାରୁତସ୍ତ୍ୱଦୁପାବର୍ତ୍ତନଶଙ୍କି ମେ ମନଃ ॥୫୩

तदपोहितुमर्हसि प्रिये प्रतिबोधेन विषादमाशु मे ।
ज्वलितेन गुहागतं तमस्तुहिनाद्रेरिव नक्तमोषधिः ॥५४
ତଦପୋହିତୁମର୍ହସି ପ୍ରିୟେ ପ୍ରତିବୋଧେନ ବିଷାଦମାଶୁ ମେ ।
ଜ୍ୱଳିତେନ ଗୁହାଗତଂ ତମସ୍ତୁହିନାଦ୍ରେରିବ ନକ୍ତମୋଷଧିଃ ॥୫୪

इदमुच्छ्वसितालकं मुखं तव विश्रान्तकथं दुनोति माम् ।
निशि सुप्तमिवैकपङ्कजं विरताभ्यन्तरषट्पदस्वनम् ॥५५
ଇଦମୁଚ୍ଛ୍ୱସିତାଳକଂ ମୁଖଂ ତବ ବିଶ୍ରାନ୍ତକଥଂ ଦୁନୋତି ମାମ୍ ।
ନିଶି ସୁପ୍ତମିବୈକପଙ୍କଜଂ ବିରତାଭ୍ୟନ୍ତରଷଟ୍ପଦସ୍ୱନମ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ହାସ୍ୟମୟି, ତୁମେ ନିଶ୍ଚୟ ମୋତେ କପଟପ୍ରେମିକ ବୋଲି ମନେକଲ ; ତେଣୁ ମୋତେ ନ ପଗ୍ଚରି ଚିରଦିନ ପାଇଁ ପରଲୋକକୁ ଗ୍ଚଲିଗଲ । ୪୯

ମୋର ନିନ୍ଦନୀୟ ଜୀବନ ପ୍ରିୟା ପଛେ ପଛେ ଯାଇଥିଲା; କିନ୍ତୁ ତାକୁ ନ ଆଣି କାହିଁକି ଫେରି ଆସିଲା ? ତେଣୁ ଏବେ ସ୍ୱ-ଉପାର୍ଜିତ ଅସହ୍ୟ ଯନ୍ତ୍ରଣା ଭୋଗ କରୁଛି । ୫୦

ଗୋ ପ୍ରିୟେ ! ତୁମ ମୁଖମଣ୍ଡଳର ରତିଶ୍ରମଜନିତ ସ୍ୱେଦବିନ୍ଦୁ ଏ ପର୍ଯ୍ୟନ୍ତ ଶୁଖିନାହିଁ, ତୁମେ ଇହଲୋକରୁ ବିଦାୟ ନେଲଣି ! ହାୟ ! ଦେହଧାରୀମାନଙ୍କର ଜୀବନ କି ନିଃସାର ! ୫୧

ମୁଁ ମନରେ ସୁଦ୍ଧା ତୁମର ଅପ୍ରିୟ ଚିନ୍ତା କରିନାହିଁ । ତୁମେ ମୋତେ କିପରି ଛାଡ଼ି ଗ୍ଚଲିଗଲ ? ମୁଁ ନାମକୁ ମାତ୍ର ପୃଥିବୀର ସ୍ୱାମୀ, କିନ୍ତୁ ମୋର ଅକୃତ୍ରିମ ପ୍ରୀତି କେବଳ ତୁମରିଠାରେ । ୫୨

ଗୋ ସୁନ୍ଦରି ! ତୁମର ପୁଷ୍ପମଣ୍ଡିତ, ତରଙ୍ଗାୟିତ, ଭ୍ରମରସଦୃଶ କୃଷ୍ଣକେଶ ପବନରେ ଦୋହଲିଗଲେ ମୋର ଧାରଣା ହେଉଛି, ସତେ ତୁମେ ଫେରି ଆସିଲ କି ! ୫୩

ପ୍ରିୟେ ! ଯେପରି ହିମାଳୟରେ ରାତିରେ ଔଷଧିଲତା ଜଳି ଉଠି ଗୁହାଗତ ଅନ୍ଧକାରକୁ ଦୂର କରି ଦିଏ, ତୁମେ ସେହିପରି ଚେତନା ଲାଭ କରି ମୋର ବିଷାଦ ଶୀଘ୍ର ଦୂର କରିଦିଅ । ୫୪

ତୁମର କେଶ ପବନରେ କମ୍ପିତ ହେଉଛି, ମାତ୍ର ମୁଖରୁ କଥା ବାହାରୁ ନାହିଁ । ରାତିରେ ଯେପରି ପଦ୍ମ ମୁଦ୍ରିତ ହୋଇଗଲେ ତା' ଭିତରେ ଆଉ ଭ୍ରମରଗୁଞ୍ଜନ ଶୁଭେ ନାହିଁ, ତୁମର ସେହିପରି ଅବସ୍ଥା ମୋତେ ନିତାନ୍ତ ଦୁଃଖ ଦେଉଛି । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

शशिनं पुनरेतिशर्वरी दयिता द्वन्द्वचरं पतत्रिणम् ।
इति तौ विरहान्तरक्षमौ कथमत्यन्तगता न मां दहेः ॥५६
ଶଶିନଂ ପୁନରେତି ଶର୍ବରୀ ଦୟିତା ଦ୍ୱନ୍ଦ୍ୱଚରଂ ପତତ୍ତ୍ରିଣମ୍ ।
ଇତି ତୌ ବିରହାନ୍ତରକ୍ଷମୌ କଥମତ୍ୟନ୍ତଗତା ନ ମାଂ ଦହେଃ ॥୫୬

नवपल्लवसंस्तरेऽपि ते मृदु दूयेत यदङ्गमर्पितम् ।
तदिदं विषहिष्यते कथं वद वामोरु चिताधिरोहणम् ॥५७
ନବପଲ୍ଲବସଂସ୍ତରେଽପି ତେ ମୃଦୁ ଦୂୟେତ ଯଦଙ୍ଗମର୍ପିତମ୍ ।
ତଦିଦଂ ବିଷହିଷ୍ୟତେ କଥଂ ବଦ ବାମୋରୁ ଚିତାଧିରୋହଣମ୍ ॥୫୭

इयमप्रतिबोधशायिनीं रशना त्वां प्रथमा रहःसखी ।
गतिविभ्रमसादनीरवा न शुचा नानुमृतेव लक्ष्यते ॥५८
ଇୟମପ୍ରତିବୋଧଶାୟିନୀଂ ରଶନା ତ୍ୱାଂ ପ୍ରଥମା ରହଃସଖୀ ।
ଗତିବିଭ୍ରମସାଦନୀରବା ନ ଶୁଚା ନାନୁମୃତେବ ଲକ୍ଷ୍ୟତେ ॥୫୮

कलमन्यभृतासु भाषितं कलहंसीषु मदालसं गतम् ।
पृषतीषु विलोलमीक्षितं पवनाधूतलतासु विभ्रमाः ॥५९
त्रिदिवोत्सुकयाप्यवेक्ष्य मां निहिताः सत्यममी गुणास्त्वया ।
विरहे तव मे गुरुव्यथं हृदयं न त्ववलम्बितुं क्षमाः ॥६०
କଲମନ୍ୟଭୃତାସୁ ଭାଷିତଂ କଲହଂସୀଷୁ ମଦାଲସଂ ଗତମ୍ ।
ପୃଷତୀଷୁ ବିଲୋଲମୀକ୍ଷିତଂ ପବନାଧୂତଲତାସୁ ବିଭ୍ରମାଃ ॥୫୯
ତ୍ରିଦିବୋତ୍ସୁକୟାପ୍ୟବେକ୍ଷ୍ୟ ମାଂ ନିହିତାଃ ସତ୍ୟମମୀ ଗୁଣାସ୍ତ୍ୱୟା ।
ବିରହେ ତବ ମେ ଗୁରୁବ୍ୟଥଂ ହୃଦୟଂ ନ ତ୍ୱବଲମ୍ବିତୁଂ କ୍ଷମାଃ ॥୬୦

मिथुनं परिकल्पितं त्वया सहकारः फलिनी च नन्विमौ ।
अविधाय विवाहसत्क्रियामनयोर्गम्यत इत्यसाम्प्रतम् ॥६१
ମିଥୁନଂ ପରିକଳ୍ପିତଂ ତ୍ୱୟା ସହକାରଃ ଫଳିନୀ ଚ ନନ୍ୱିମୌ ।
ଅବିଧାୟ ବିବାହସତ୍କ୍ରିୟାମନୟୋର୍ଗମ୍ୟତ ଇତ୍ୟସାଂପ୍ରତମ୍ ॥୬୧

कुसुमं कृतदोहदस्त्वया यदशोकोऽयमुदीरयिष्यति ।
अलकाभरणं कथं नु तत् तव नेष्यामि निवापमाल्यताम् ॥६२
କୁସୁମଂ କୃତଦୋହଦସ୍ତ୍ୱୟା ଯଦଶୋକୋଽୟମୁଦୀରୟିଷ୍ୟତି ।
ଅଳକାଭରଣଂ କଥଂ ନୁ ତତ୍ ତବ ନେଷ୍ୟାମି ନିବାପମାଲ୍ୟତାମ୍ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାତ୍ରି ଚନ୍ଦ୍ର ସହିତ, ଚକ୍ରବାକୀ ଚକ୍ରବାକ ସହିତ ପୁଣି ମିଳିତ ହୁଅନ୍ତି; ତେଣୁ ସେମାନେ ମଝିରେ କିଛି ସମୟ ବିରହ ବେଦନା ସହ୍ୟ କରି-ପାରନ୍ତି । କିନ୍ତୁ ତୁମେ ଚିରଦିନ ପାଇଁ ଚାଲିଗଲ—ମୁଁ ଚିରଦିନ ପାଇଁ ଦଗ୍ଧ ହେଉଥିବି । ୫୬

ପ୍ରିୟେ ! ତୁମର ଯେଉଁ ସୁକୋମଳ ଅଙ୍ଗ ନବପଲ୍ଲବ-ଶଯ୍ୟାରେ ମଧ୍ୟ ପୀଡ଼ା ପାଉଥିଲା, ତାହା ଚିତାଗ୍ନିରେ କିପରି ଶୟନ କରିବ ! ୫୭

ଏକାନ୍ତ ସମୟର ସଖୀସ୍ୱରୂପା ଏଇ ଅଣ୍ଟାସୂତାଟି ତୁମ ସୁନ୍ଦର ଚାଲିର ଅଭାବରେ ନୀରବ ହୋଇ ଚିରଦିନ ପାଇଁ ଶୋଇଗଲାଣି; ସତେ ଯେପରି ତୀବ୍ର ଦୁଃଖ ସହି ନ ପାରି ତୁମ ପଛେ ପଛେ ସେ ମୃତ୍ୟୁ ବରଣ କରିଛି ! ୫୮

ପ୍ରିୟେ, ତୁମେ ସ୍ୱର୍ଗକୁ ଯିବାପାଇଁ ଉତ୍ସୁକା ହେଉଥିଲା ବେଳେ ମଧ୍ୟ ମୋ କଥା ନିଶ୍ଚୟ ଭାବିଥିଲ । ମୁଁ ତୁମର ବିରହ ଦୁଃଖ ସହିପାରିବି ନାହିଁ ବୋଲି ମୋ ପାଇଁ ରଖିଗଲ କୋକିଳମାନଙ୍କଠାରେ ତୁମର ମଧୁର ବଚନ, କଳହଂସମାନଙ୍କଠାରେ ଅଳସ ଗମନ, ହରିଣୀମାନଙ୍କଠାରେ ଢଳଢଳ ଚାହାଣି, ଆଉ ବାୟୁଦୋଳାୟିତ ଲତାମାନଙ୍କଠାରେ ସୁନ୍ଦର ଅଙ୍ଗଭଙ୍ଗୀ । କିନ୍ତୁ ତୁମ ବିରହରେ ମୋର ହୃଦୟ ଏପରି ଦୁଃଖଭାରରେ ଅଭିଭୂତ ଯେ, ଏଗୁଡ଼ିକ ତାହାକୁ ରକ୍ଷା କରିବା ପାଇଁ ଅସମର୍ଥ । ୫୯-୬୦

ତୁମେ ଏଇ ଯେଉଁ ଚୂତବୃକ୍ଷ ଓ ପ୍ରିୟଙ୍ଗୁଲତାକୁ ଦମ୍ପତି ବୋଲି କଳ୍ପନା କରିଥିଲ, ଏମାନଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ନ କରି ଚାଲିଯିବା ତୁମ ପକ୍ଷରେ ଉଚିତ ହୋଇନାହିଁ । ୬୧

ଏଇ ଯେଉଁ ଅଶୋକବୃକ୍ଷକୁ ତୁମେ ଦୋହଦ ଦାନ କରିଥିଲ, ଏହାର ଫୁଲ ତୁମର ମସ୍ତକ ମଣ୍ଡନ କରିଥାଆନ୍ତା; କିନ୍ତୁ ସେହି ଫୁଲରେ ମୁଁ କିପରି ତୁମକୁ ତିଳାଞ୍ଜଳି ଅର୍ପଣ କରିବି ? ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्मरतेव सशब्दनूपुरं चरणानुग्रहमन्यदुर्लभम् ।
अमुना कुसुमाश्रुवर्षिणा त्वमशोकेन सुगात्रि शोच्यसे ।।६३
ସ୍ମରତେବ ସଶବ୍ଦନୂପୁରଂ ଚରଣାନୁଗ୍ରହମନ୍ୟଦୁର୍ଲଭମ୍ ।
ଅମୁନା କୁସୁମାଶ୍ରୁବର୍ଷିଣା ତ୍ୱମଶୋକେନ ସୁଗାତ୍ରି ଶୋଚ୍ୟସେ ।।୬୩

तव निःश्वसितानुकारिभिर्बकुलैरर्धचितां समं मया ।
असमाप्य विलासमेखलां किमिदं किन्नरकण्ठि सुप्यते ।।६४
ତବ ନିଃଶ୍ୱସିତାନୁକାରିଭିର୍ବକୁଳୈରର୍ଧଚିତାଂ ସମଂ ମୟା ।
ଅସମାପ୍ୟ ବିଳାସମେଖଳାଂ କିମିଦଂ କିନ୍ନରକଣ୍ଠି ସୁପ୍ୟତେ ।।୬୪

समदुःखसुखः सखीजनः प्रतिपच्चन्द्रनिभोऽयमात्मजः ।
अहमेकरसस्तथापि ते व्यवसायः प्रतिपत्तिनिष्ठुरः ।।६५
ସମଦୁଃଖସୁଖଃ ସଖୀଜନଃ ପ୍ରତିପଚ୍ଚନ୍ଦ୍ରନିଭୋଽୟମାତ୍ମଜଃ ।
ଅହମେକରସସ୍ତଥାପି ତେ ବ୍ୟବସାୟଃ ପ୍ରତିପତ୍ତିନିଷ୍ଠୁରଃ ।।୬୫

धृतिरस्तमिता रतिश्च्युता विरतं गेयमृतुर्निरुत्सवः ।
गतमाभरणप्रयोजनं परिशून्यं शयनीयमद्य मे ।।६६
ଧୃତିରସ୍ତମିତା ରତିଶ୍ଚ୍ୟୁତା ବିରତଂ ଗେୟମୃତୁର୍ନିରୁତ୍ସବଃ ।
ଗତମାଭରଣପ୍ରୟୋଜନଂ ପରିଶୂନ୍ୟଂ ଶୟନୀୟମଦ୍ୟ ମେ ।।୬୬

गृहिणी सचिवः सखी मिथः प्रियशिष्या ललिते कलाविधौ ।
करुणाविमुखेन मृत्युना हरता त्वां वद किं न मे हृतम् ।।६७
ଗୃହିଣୀ ସଚିବଃ ସଖୀ ମିଥଃ ପ୍ରିୟଶିଷ୍ୟା ଲଳିତେ କଳାବିଧୌ !
କରୁଣାବିମୁଖେନ ମୃତ୍ୟୁନା ହରତା ତ୍ୱାଂ ବଦ କିଂ ନ ମେ ହୃତମ୍ ।।୬୭

मदिराक्षि मदाननार्पितं मधु पीत्वा रसवत् कथं नु मे ।
अनुपास्यसि बाष्पदूषितं परलोकोपनतं जलाञ्जलिम् ।।६८
ମଦିରାକ୍ଷି ମଦାନନାର୍ପିତଂ ମଧୁ ପୀତ୍ୱା ରସବତ୍ କଥଂ ନୁ ମେ ।
ଅନୁପାସ୍ୟସି ବାଷ୍ପଦୂଷିତଂ ପରଲୋକୋପନତଂ ଜଳାଞ୍ଜଳିମ୍ ।।୬୮

विभवेऽपि सति त्वया विना सुखमेतावदजस्य गण्यताम् ।
अहृतस्य विलोभनान्तरैर्मम सर्वे विषयास्त्वदाश्रयाः ।।६९
ବିଭବେଽପି ସତି ତ୍ୱୟା ବିନା ସୁଖମେତାବଦଜସ୍ୟ ଗଣ୍ୟତାମ୍ ।
ଅହୃତସ୍ୟ ବିଲୋଭନାନ୍ତରୈର୍ମମ ସର୍ବେ ବିଷୟାସ୍ତ୍ୱଦାଶ୍ରୟାଃ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ସୁତନୁ ! ଏ ଦ୍ୱିତୀୟ ଅଶୋକବୃକ୍ଷଟି ପୁଷ୍ପ-ଅଶ୍ରୁ ବର୍ଷଣ କରି ତୁମ୍ଭ ପାଇଁ କାନ୍ଦୁଛି । କାରଣ, ଇଏ ବୋଧହୁଏ ତୁମ୍ଭ ନୂପୁର-ଘେନା ପାଦର ଆଘାତ-ଅନୁଗ୍ରହକୁ ସ୍ମରଣ କରୁଛି, ଯାହା (ଯେଉଁ ଅନୁଗ୍ରହ) କି ଅନ୍ୟମାନଙ୍କ ପକ୍ଷରେ ଦୁର୍ଲଭ । ୬୩

ତୁମେ ମୋ ସହିତ ମିଶି ତୁମ ନିଃଶ୍ୱାସତୁଲ୍ୟ ସୁଗନ୍ଧଭରା ବକୁଳପୁଷ୍ପରେ ଏଇ ଅଣ୍ଟାସୂତାଟି ଗୁନ୍ଥୁଥିଲ । ଏହା ଅଧା ଗୁନ୍ଥା ହୋଇ ପଡ଼ିଛି । ଗୋ ସୁକଣ୍ଠି, ଏହାକୁ ପୂର୍ଣ୍ଣ ନ କରି କିପରି ଚାଲିଗଲ ? ୬୪

ତୁମର ସଖୀମାନେ ତୁମ୍ଭ ସୁଖରେ ସୁଖୀ, ତୁମ୍ଭ ଦୁଃଖରେ ଦୁଃଖୀ; ପୁତ୍ରଟି ପ୍ରତିପଦ-ଚନ୍ଦ୍ର ପରି ନିରୀହ, ଅବୋଧ; ଆଉ ମୋର ତୁମ୍ଭ ପ୍ରତି ପ୍ରୀତି ପୂର୍ବ ପରି ଅକ୍ଷୁଣ୍ଣ ରହିଛି । ତଥାପି ଆମ ସମସ୍ତଙ୍କୁ ଛାଡ଼ି ଚାଲିଯିବା ତୁମ୍ଭ ପକ୍ଷରେ ନିତାନ୍ତ ନିଷ୍ଠୁର କାର୍ଯ୍ୟ । ୬୫

ଆଜିଠାରୁ ମୋର ଧୈର୍ଯ୍ୟ ତୁଟିଲା, ପ୍ରୀତି ସରିଲା, ସଙ୍ଗୀତ ବନ୍ଦ ହେଲା, ବିଭିନ୍ନ ଋତୁ ଉତ୍ସବଶୂନ୍ୟ ହେଲା, ଭୂଷଣ ଘେନିବାର ଆବଶ୍ୟକତା ସରିଲା, ଆଉ ଶଯ୍ୟା ଶୂନ୍ୟ ପଡ଼ିଲା । ୬୬

ତୁମେ ଥିଲ ମୋର ଗୃହିଣୀ, ତୁମେ ହିଁ ଥିଲ ମୋର ମନ୍ତ୍ରୀ, ତୁମେ ହିଁ ଥିଲ ମୋର ନିଭୃତ ସମୟର ସଖୀ, ତୁମେ ହିଁ ଥିଲ ମୋର ଲଳିତ କଳାରେ ପ୍ରିୟଶିଷ୍ୟା । ନିର୍ଦ୍ଦୟ କାଳ ତୁମକୁ ହରଣ କରିନେଇ ମୋର କଅଣ ବା ହରଣ ନ କଲା ! ୬୭

ଗୋ ମତ୍ତନୟନେ ! ତୁମେ ଏ ପର୍ଯ୍ୟନ୍ତ ମୋ ମୁଖରୁ ମଧୁର ମଧୁ ପାନ କରୁଥିଲ, କିନ୍ତୁ ଏବେ ପରଲୋକରେ ମୋର ଅଶ୍ରୁମିଶା ଜଳ-ଅଞ୍ଜଳି କିପରି ପାନ କରିବ ? ୬୮

ପ୍ରିୟେ ! ମୁଁ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହେଲେ ମଧ୍ୟ ମୋର ଏତିକିରୁ ସୁଖ ସରିଲା । କାରଣ, ମୋର କୌଣସି ବିଷୟରେ ସ୍ୱଭବତଃ ଆକର୍ଷଣ ନ ଥିଲା, ମୁଁ କେବଳ ତୁମରି ଯୋଗୁ ବିଷୟ ଭୋଗ କରୁଥିଲି । " ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विलपन्निति कोसलाधिपः करुणार्थग्रथितं प्रियां प्रति ।
अकरोत् पृथिवीरुहानपि स्रुतशाखारसबाष्पदूषितान् ॥७०
ବିଳପନ୍ନିତି କୋସଳାଧିପଃ କରୁଣାର୍ଥଗ୍ରଥିତଂ ପ୍ରିୟାଂ ପ୍ରତି ।
ଅକରୋତ୍ ପୃଥିବୀରୁହାନପି ସ୍ରୁତଶାଖାରସବାଷ୍ପଦୂଷିତାନ୍ ॥୭୦

अथ तस्य कथञ्चिदङ्कतः स्वजनस्तामपनीय सुन्दरीम् ।
विससर्ज तदन्त्यमण्डनामनलायागुरुचन्दनैधसे ॥७१
ଅଥ ତସ୍ୟ କଥଞ୍ଚିଦଙ୍କତଃ ସ୍ୱଜନସ୍ତାମପନୀୟ ସୁନ୍ଦରୀମ୍ ।
ବିସସର୍ଜ୍ଜ ତଦନ୍ତ୍ୟମଣ୍ଡନାମନଳାୟାଗୁରୁଚନ୍ଦନୈଧସେ ॥୭୧

प्रमदामनु संस्थितः शुचा नृपतिः सन्निति वाच्यदर्शनात् ।
न चकार शरीरमग्निसात् सह देव्या न तु जीविताशया ॥७२
ପ୍ରମଦାମନୁ ସଂସ୍ଥିତଃ ଶୁଚା ନୃପତିଃ ସନ୍ନିତି ବାଚ୍ୟଦର୍ଶନାତ୍ ।
ନ ଚକାର ଶରୀରମଗ୍ନିସାତ୍ ସହ ଦେବ୍ୟା ନ ତୁ ଜୀବିତାଶୟା ॥୭୨

अथ तेन दशाहतः परे गुणशेषामुपदिश्य गेहिनीम् ।
विदुषा विधयो महर्द्धयः पुर एवोपवने समापिताः ॥७३
ଅଥ ତେନ ଦଶାହତଃ ପରେ ଗୁଣଶେଷାମୁପଦିଶ୍ୟ ଗେହିନୀମ୍ ।
ବିଦୁଷା ବିଧୟୋ ମହର୍ଦ୍ଧୟଃ ପୁର ଏବୋପବନେ ସମାପିତାଃ ॥୭୩

स विवेश पुरीं तया विना क्षणदापायशशाङ्कदर्शनः ।
परिवाहमिवावलोकयन् स्वशुचः पौरवधूमुखाश्रुषु ॥७४
ସ ବିବେଶ ପୁରୀଂ ତୟା ବିନା କ୍ଷଣଦାପାୟଶଶାଙ୍କଦର୍ଶନଃ ।
ପରିବାହମିବାବଲୋକୟନ୍ ସ୍ୱଶୁଚଃ ପୌରବଧୂମୁଖାଶ୍ରୁଷୁ ॥୭୪

अथ तं सवनाय दीक्षितः प्रणिधानाद् गुरुराश्रमस्थितः ।
अभिषङ्गजडं विजज्ञिवानिति शिष्येण किलान्वबोधयत् ॥७५
ଅଥ ତଂ ସବନାୟ ଦୀକ୍ଷିତଃ ପ୍ରଣିଧାନାଦ୍ ଗୁରୁରାଶ୍ରମସ୍ଥିତଃ ।
ଅଭିଷଙ୍ଗଜଡଂ ବିଜଜ୍ଞିବାନିତି ଶିଷ୍ୟେଣ କିଲାନ୍ୱବୋଧୟତ୍ ॥୭୫

असमाप्तविधिर्यतो मुनिस्तव विद्वानपि तापकारणम् ।
न भवन्तमुपस्थितः स्वयं प्रकृतौ स्थापयितुं कृतस्थितिः ॥७६
ଅସମାପ୍ତବିଧିର୍ଯତୋ ମୁନିସ୍ତବ ବିଦ୍ୱାନପି ତାପକାରଣମ୍ ।
ନ ଭବନ୍ତମୁପସ୍ଥିତଃ ସ୍ୱୟଂ ପ୍ରକୃତୌ ସ୍ଥାପୟିତୁଂ କୃତସ୍ଥିତିଃ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୋଶଳାଧିପତି ଅଜ ଏହିଭଳି କରୁଣ ଭବରେ ବିଳାପ କରିବାକୁ ଲାଗିଲେ । ତାଙ୍କର ବିଳାପରେ ବୃକ୍ଷମାନେ ମଧ୍ୟ ପୁଷ୍ପ-ମଧୁ ଛଳରେ ଅଶ୍ରୁ ବର୍ଷଣ କଲେ । ୭୦

ତା'ପରେ ସ୍ୱଜନମାନେ ଇନ୍ଦୁମତୀଙ୍କୁ ଅଜଙ୍କ କୋଳରୁ ଅତିକଷ୍ଟରେ ବାହାର କରି ସେହି ଦିବ୍ୟମାଳାରେ ତାଙ୍କୁ ଶେଷ ଥର ପାଇଁ ମଣ୍ଡିତ କରି-ଦେଲେ ଏବଂ ଅଗୁରୁ, ଚନ୍ଦନର ଚିତାରେ ବିସର୍ଜନ କରିଦେଲେ । ୭୧

'ରଜା ବିଦ୍ୱାନ ହୋଇ ମଧ୍ୟ ପତ୍ନୀଙ୍କ ପଛେ ପଛେ ମୃତ୍ୟୁ ବରଣ କଲେ !' କେବଳ ଏହି ନିନ୍ଦା ହେବ ବୋଲି ଅଜ ପ୍ରିୟତମା ସହିତ ଅଗ୍ନିରେ ପ୍ରବେଶ କଲେ ନାହିଁ । ସେ ଯେ ଜୀବନ ଆଶାରେ ବଞ୍ଚି ରହିଲେ, ତା ନୁହେଁ । ୭୨

ଶାସ୍ତ୍ରଜ୍ଞ ରଜା ପ୍ରିୟତମା ପତ୍ନୀଙ୍କ ଉଦ୍ଦେଶ୍ୟରେ ଦଶଦିନରୁ ଆରମ୍ଭ କରି ସବୁ ପ୍ରକାର ଅନ୍ତ୍ୟେଷ୍ଟି କ୍ରିୟା ନଗର-ଉପବନରେ ମହା-ସମାରୋହରେ ସମ୍ପନ୍ନ କଲେ । ୭୩

ତା'ପରେ ସେ ରଜଧାନୀକୁ ଫେରିଲେ । ତାଙ୍କର ରୂପ ପ୍ରଭାତ-ଚନ୍ଦ୍ର ଭଳି ନିଷ୍ପ୍ରଭ ହୋଇଯାଇଥିଲା । ସେ ଦେଖିଲେ, ପୁରନାରୀମାନେ ତାଙ୍କୁ ଦେଖି ଘୋର ଦୁଃଖରେ କାନ୍ଦୁଛନ୍ତି । ସତେ ଯେପରି ତାଙ୍କର (ରଜାଙ୍କର) ଶୋକ ସେମାନଙ୍କ ନେତ୍ରରୁ ଅଶ୍ରୁରୂପରେ ବହି ଯାଉଛି ! ୭୪

ଗୁରୁ ବଶିଷ୍ଠ ଧ୍ୟାନ ବଳରେ ଜାଣିଲେ ରଜା ମୋହଗ୍ରସ୍ତ, କିନ୍ତୁ ସେତେବେଳେ ସେ ଯଜ୍ଞ-କର୍ମରେ ଦୀକ୍ଷିତ ଥିବାରୁ ତାଙ୍କ ପାଖକୁ ଆସିପାରିଲେ ନାହିଁ । ତେଣୁ ତାଙ୍କୁ ବୁଝାଇବାପାଇଁ ଆଶ୍ରମରୁ ଜଣେ ଶିଷ୍ୟଙ୍କୁ ପ୍ରେରଣ କଲେ । ୭୫

ଶିଷ୍ୟ ଆସି କହିଲେ—"ହେ ରଜନ୍, ସ୍ଥିରପ୍ରଜ୍ଞମହର୍ଷି ବଶିଷ୍ଠଙ୍କ ଯଜ୍ଞ ସମାପ୍ତ ହୋଇନାହିଁ, ତେଣୁ ସେ ଆପଣଙ୍କର ଗଭୀର ଦୁଃଖର କାରଣ ଜାଣିଲେ ମଧ୍ୟ ଆପଣଙ୍କୁ ପ୍ରକୃତିସ୍ଥ କରିବାପାଇଁ ନିଜେ ଆସିପାରିଲେ ନାହିଁ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मयि तस्य सुवृत्त वर्तते लघुसंदेशपदा सरस्वती ।
शृणु विश्रुतसत्त्वसार तां हृदि चैनामुपधातुमर्हसि ।।७७
ମୟି ତସ୍ୟ ସୁବୃତ୍ତ ବର୍ତ୍ତତେ ଲଘୁସଂଦେଶପଦା ସରସ୍ୱତୀ ।
ଶୃଣୁ ବିଶ୍ରୁତସତ୍ତ୍ୱସାର ତାଂ ହୃଦି ଚୈନାମୁପଧାତୁମର୍ହସି ।।୭୭

पुरुषस्य पदेष्वजन्मनः समतीतं च भवच्च भावि च ।
स हि निष्प्रतिघेन चक्षुषा त्रितयं ज्ञानमयेन पश्यति ।।७८
ପୁରୁଷସ୍ୟ ପଦେଷ୍ୱଜନ୍ମନଃ ସମତୀତଂ ଚ ଭବଚ୍ଚ ଭାବି ଚ ।
ସ ହି ନିଷ୍ପ୍ରତିଘେନ ଚକ୍ଷୁଷା ତ୍ରିତୟଂ ଜ୍ଞାନମୟେନ ପଶ୍ୟତି ।।୭୮

चरतः किल दुश्चरं तपस्तृणबिन्दोः परिशङ्कितः पुरा ।
प्रजिघाय समाधिभेदिनीं हरिरस्मै हरिणीं सुराङ्गनाम् ।।७९
ଚରତଃ କିଲଃ ଦୁଶ୍ଚରଂ ତପସ୍ତୃଣବିନ୍ଦୋଃ ପରିଶଙ୍କିତଃ ପୁରା ।
ପ୍ରଜିଘାୟ ସମାଧିଭେଦିନୀଂ ହରିରସ୍ମୈ ହରିଣୀଂ ସୁରାଙ୍ଗନାମ୍ ।।୭୯

स तपःप्रतिबन्धमन्युना प्रमुखाविष्कृतचारुविभ्रमाम् ।
अशपद् भव मानुषीति तां शमवेलाप्रलयोर्मिणा भुवि ।।८०
ସ ତପଃପ୍ରତିବନ୍ଧମନ୍ୟୁନା ପ୍ରମୁଖାବିଷ୍କୃତଚାରୁବିଭ୍ରମାମ୍ ।
ଅଶପଦ୍ ଭବ ମାନୁଷୀତି ତାଂ ଶମବେଲାପ୍ରଲୟୋର୍ମିଣା ଭୁବି ।।୮୦

भगवन् परवानयं जनः प्रयिकूलाचरितं क्षमस्व मे ।
इति चोपनतां क्षितिस्पृशं कृतवानासुरपुष्पदर्शनात् ।।८१
ଭଗବନ୍ ପରବାନୟଂ ଜନଃ ପ୍ରତିକୂଳାଚରିତଂ କ୍ଷମସ୍ୱ ମେ ।
ଇତି ଚୋପନତାଂ କ୍ଷିତିସ୍ପୃଶଂ କୃତବାନାସୁରପୁଷ୍ପଦର୍ଶନାତ୍ ।।୮୧

क्रथकैशिकवंशसंभवा तव भूत्वा महिषी चिराय सा ।
उपलब्धवती दिवश्च्युतं विवशा शापनिवृत्तिकारणम् ।।८२
କ୍ରଥକୈଶିକବଂଶସମ୍ଭବା ତବ ଭୂତ୍ୱା ମହିଷୀ ଚିରାୟ ସା ।
ଉପଲବ୍ଧବତୀ ଦିବଶ୍ଚ୍ୟୁତଂ ବିବଶା ଶାପନିବୃତ୍ତିକାରଣମ୍ ।।୮୨

तदलं तदपायचिन्तया विपदुत्पत्तिमतामुपस्थिता ।
वसुधेयमवेक्ष्यतां त्वया वसुमत्या हि नृपाः कलत्रिणः ।।८३
ତଦଲଂ ତଦପାୟଚିନ୍ତୟା ବିପଦୁତ୍ପତ୍ତିମତାମୁପସ୍ଥିତା ।
ବସୁଧେୟମବେକ୍ଷ୍ୟତାଂ ତ୍ୱୟା ବସୁମତ୍ୟା ହି ନୃପାଃ କଳତ୍ରିଣଃ ।।୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହେ ସଦାଗ୍ରହଶୀଳ, ସେ ମୋ ହାତରେ ତାଙ୍କର ସଂକ୍ଷିପ୍ତ ବାର୍ତ୍ତା ପଠାଇଛନ୍ତି । ଆପଣ ତ ଧୈର୍ଯ୍ୟବାନ୍, ତାହା ଶୁଣନ୍ତୁ ଏବଂ ହୃଦୟରେ ମଧ୍ୟ ଗ୍ରହଣ କରନ୍ତୁ । ୭୭

ସେ ପ୍ରତିବନ୍ଧକହୀନ ଜ୍ଞାନଚକ୍ଷୁରେ ତ୍ରିଭୁବନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମସ୍ତ ଘଟଣା ଦେଖି ପାରନ୍ତି । ୭୮

ପୂର୍ବେ ତୃଣବିନ୍ଦୁ ନାମକ ଜଣେ ଋଷି କଠୋର ତପସ୍ୟା କରନ୍ତେ ଇନ୍ଦ୍ର ଶଙ୍କିତ ହୋଇଥିଲେ ଏବଂ ତାଙ୍କର ତପସ୍ୟା ଭଙ୍ଗ କରିବା ପାଇଁ ହରିଣୀ ନାମକ ଏକ ଦେବାଙ୍ଗନାଙ୍କୁ ପଠାଇଥିଲେ । ୭୯

ସେହି ଦେବାଙ୍ଗନା ଆସି ନାନା ପ୍ରକାର ହାବଭବ ଭଙ୍ଗୀ ଦେଖାଇ ମୁନିଙ୍କର ତପସ୍ୟାରେ ବାଧା ସୃଷ୍ଟି କଲେ । ତାହା ଦେଖି ମୁନିଙ୍କର ଶାନ୍ତିମୟ ହୃଦୟ-ସାଗରରେ କ୍ରୋଧରୂପୀ ପ୍ରବଳ ପ୍ରଳୟ-ତରଙ୍ଗ ଉତ୍‌ଥିତ ହେଲା । ସେ ଅଭିଶାପ ଦେଲେ–'ତୁ ମର୍ତ୍ତ୍ୟରେ ମାନବୀ ହୁଅ ।' ୮୦

'ହେ ମହାତ୍ମା, ମୁଁ ପରାଧୀନା, ମୋର ପ୍ରତିକୂଳ ଆଚରଣ ପାଇଁ ମୋତେ କ୍ଷମା କରିବା ହୁଅନ୍ତୁ ।' ଦେବାଙ୍ଗନା ଏହିପରି ଅନୁନୟ ବିନୟ କରନ୍ତେ ମୁନି କହିଲେ –'ତୁ ସ୍ୱର୍ଗର ପୁଷ୍ପ ଦେଖିବା ପର୍ଯ୍ୟନ୍ତ ମର୍ତ୍ତ୍ୟରେ ମାନବୀ ହୋଇ ରହିବୁ' । ୮୧

ସେହି ଦେବାଙ୍ଗନା ବିଦର୍ଭରାଜବଂଶରେ ଜନ୍ମ ଗ୍ରହଣ କରି କିଛିକାଳ ଆପଣଙ୍କର ମହିଷୀ ହୋଇଥିଲେ; କିନ୍ତୁ ସ୍ୱର୍ଗର ପୁଷ୍ପ ଦର୍ଶନ କରିବାରୁ ପ୍ରାଣତ୍ୟାଗ କଲେ । ୮୨

ତେଣୁ ତାଙ୍କ ପାଇଁ ଚିନ୍ତା କରିବା ବୃଥା । ଜନ୍ମ ହେଲେ ମୃତ୍ୟୁ ତ ସୁନିଶ୍ଚିତ । ଆପଣ ପ୍ରଜାମାନଙ୍କୁ ପାଳନ କରନ୍ତୁ । ପ୍ରଜାମାନେ ହିଁ ରାଜାଙ୍କର ପରିବାର । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उदये मदवाच्यमुज्झता श्रुतमाविष्कृतमात्मवत्तया ।
मनसस्तदुपस्थिते ज्वरे पुनरक्लीबतया प्रकाश्यताम् ॥८४

ଉଦୟେ ମଦବାଚ୍ୟମୁଜ୍‌ଝତା ଶ୍ରୁତମାବିଷ୍କୃତମାତ୍ମବତ୍ତୟା ।
ମନସସ୍ତଦୁପସ୍ଥିତେ ଜ୍ୱରେ ପୁନରକ୍ଲୀବତୟା ପ୍ରକାଶ୍ୟତାମ୍ ॥୮୪

रुदता कुत एव सा पुनर्भवता नानुमृतापि लभ्यते ।
परलोकजुषां स्वकर्मभिर्गतयो भिन्नपथा हि देहिनाम् ॥८५

ରୁଦତା କୁତ ଏବ ସା ପୁନର୍ଭବତା ନାନୁମୃତାପି ଲଭ୍ୟତେ ।
ପରଲୋକଜୁଷାଂ ସ୍ୱକର୍ମଭିର୍ଗତୟୋ ଭିନ୍ନପଥା ହି ଦେହିନାମ୍ ॥୮୫

अपशोकमनाः कुटुम्बिनीमनुगृह्णीष्व निवापदत्तिभिः ।
स्वजनाश्रु किलातिसंततं दहति प्रेतमिति प्रचक्षते ॥८६

ଅପଶୋକମନାଃ କୁଟୁମ୍ବିନୀମନୁଗୃହ୍ଣୀଷ୍ୱ ନିବାପଦତ୍ତିଭିଃ ।
ସ୍ୱଜନାଶ୍ରୁ କିଲାତିସଂତତଂ ଦହତି ପ୍ରେତମିତି ପ୍ରଚକ୍ଷତେ ॥୮୬

मरणं प्रकृतिः शरीरिणां विकृतिर्जीवितमुच्यते बुधैः ।
क्षणमप्यवतिष्ठते श्वसन् यदि जन्तुर्ननु लाभवानसौ ॥८७

ମରଣଂ ପ୍ରକୃତିଃ ଶରୀରିଣାଂ ବିକୃତିର୍ଜୀବିତମୁଚ୍ୟତେ ବୁଧୈଃ ।
କ୍ଷଣମପ୍ୟବତିଷ୍ଠତେ ଶ୍ୱସନ୍ ଯଦି ଜନ୍ତୁର୍ନନୁ ଲାଭବାନସୌ ॥୮୭

अवगच्छति मूढचेतनः प्रियनाशं हृदि शल्यमर्पितम् ।
स्थिरधीस्तु तदेव मन्यते कुशलद्वारतया समुद्धृतम् ॥८८

ଅବଗଛତି ମୂଢଚେତନଃ ପ୍ରିୟନାଶଂ ହୃଦି ଶଲ୍ୟମର୍ପିତମ୍ ।
ସ୍ଥିରଧୀସ୍ତୁ ତଦେବ ମନ୍ୟତେ କୁଶଳଦ୍ୱାରତୟା ସମୁଦ୍ଧୃତମ୍ ॥୮୮

स्वशरीरशरीरिणावपि श्रुतसंयोगविपर्ययौ यदा ।
विरहः किमिवानुतापयेद् वद बाह्यैर्विषयैर्विपश्चितम् ॥८९

ସ୍ୱଶରୀରଶରୀରିଣାବପି ଶ୍ରୁତସଂଯୋଗବିପର୍ଯ୍ୟୌ ଯଦା ।
ବିରହଃ କିମିବାନୁତାପୟେଦ୍ ବଦ ବାହ୍ୟୈର୍ବିଷୟୈର୍ବିପଶ୍ଚିତମ୍ ॥୮୯

न पृथग्जनवच्छुचो वशं वशिनामुत्तम गन्तुमर्हसि ।
द्रुमसानुमतां किमन्तरं यदि वायौ द्वितयेऽपि ते चलाः ॥९०

ନ ପୃଥଗଜନବଚ୍ଛୁଚୋ ବଶଂ ବଶିନାମୁତ୍ତମ ଗନ୍ତୁମର୍ହସି ।
ଦ୍ରୁମସାନୁମତାଂ କିମନ୍ତରଂ ଯଦି ବାୟୌ ଦ୍ୱିତୟେଽପି ତେ ଚଳାଃ ॥୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଭ୍ୟୁଦୟ ସମୟରେ ମନୁଷ୍ୟ ସାଧାରଣତଃ ଗର୍ବୋଦ୍ଧତ ହୋଇ ନିନ୍ଦା ପାଏ। କିନ୍ତୁ ଆପଣ ଆଧ୍ୟାତ୍ମିକ ଜ୍ଞାନଯୋଗୁଁ ସେ ସମୟରେ ପ୍ରଶଂସିତ ହୋଇଛନ୍ତି। ବର୍ତ୍ତମାନ ଆପଣଙ୍କର ମନ ମୋହଗ୍ରସ୍ତ, ତେଣୁ ଆପଣ ସେହି ଜ୍ଞାନର ଆଶ୍ରୟ ନିଅନ୍ତୁ। ୮୪

ଆପଣ କାନ୍ଦିଲେ ତାଙ୍କୁ କଣ ପାଇପାରିବେ ? ତାଙ୍କ ପାଇଁ ମୃତ୍ୟୁ ବରଣ କଲେ ମଧ୍ୟ ତାଙ୍କୁ ପାଇପାରିବେ ନାହିଁ। କାରଣ, ପରଲୋକରେ ପ୍ରାଣୀମାନେ ନିଜ ନିଜର କର୍ମ ଅନୁସାରେ ଭିନ୍ନ ଭିନ୍ନ ପଥରେ ଗତି କରନ୍ତି। ୮୫

ଆପଣ ଶୋକ ଛାଡ଼ନ୍ତୁ ଏବଂ ପିଣ୍ଡଦାନ ପ୍ରଭୃତି କରି ପତ୍ନୀଙ୍କର ତୃପ୍ତିବିଧାନ କରନ୍ତୁ। ସ୍ୱଜନମାନେ ଯଦି ଦୀର୍ଘକାଳ ଅଶ୍ରୁ ବର୍ଷଣ କରନ୍ତି, ତେବେ ସେହି ଅଶ୍ରୁ ମୃତ ବ୍ୟକ୍ତିର ଆତ୍ମାକୁ ସନ୍ତପ୍ତ କରେ ବୋଲି ଶାସ୍ତ୍ରଜ୍ଞମାନେ କହିଛନ୍ତି। ୮୬

ଦେହଧାରୀମାନଙ୍କର ମରଣ ହେଉଛି ପ୍ରକୃତି, ଜୀବନ ବିକୃତି ମାତ୍ର। ପ୍ରାଣୀମାନଙ୍କର ମୃତ୍ୟୁ ହିଁ ସ୍ୱାଭାବିକ ତଥା ସତ୍ୟ, ବଞ୍ଚି ରହିବା ମିଥ୍ୟା ମାତ୍ର। ସେମାନେ ମୃତ୍ୟୁରାଜ୍ୟରେ ବେଶୀ ସମୟ ଏବଂ ଜୀବନ-ରାଜ୍ୟରେ ଅଳ୍ପ ସମୟ ଅତିବାହିତ କରନ୍ତି। ତେଣୁ କେହି ଯଦି କ୍ଷଣେ ମାତ୍ର ଜୀବିତ ରହେ, ତେବେ ତାହା ମଧ୍ୟ ତା' ପକ୍ଷରେ ଲାଭ। ୮୭

ପ୍ରିୟ ବ୍ୟକ୍ତି ବା ପ୍ରିୟ ବସ୍ତୁ ବିନାଶପ୍ରାପ୍ତ ହେଲେ ମୂଢ଼ମନା ଲୋକ ହୃଦୟରେ କଣ୍ଟକ ବିଦ୍ଧ ହେଲା ଭଳି ଦୁଃଖ ଅନୁଭବ କରେ; କିନ୍ତୁ ସ୍ଥିରମନା ଲୋକ ପ୍ରିୟର ବିନାଶକୁ ମଙ୍ଗଳର ଦ୍ୱାର ବୋଲି ଜାଣି ସେହି କଣ୍ଟକକୁ ହୃଦୟରୁ ବାହାର କରି ଫିଙ୍ଗିଦିଏ। ୮୮

ପ୍ରାଣୀମାନଙ୍କର ନିଜ ଦେହ ଓ ଆତ୍ମାର ସଂଯୋଗ ବିଯୋଗ ତ ଆଖି ଆଗର ଘଟଣା। ତେଣୁ ବିଜ୍ଞ ଲୋକ ଅନ୍ୟମାନଙ୍କର ବିୟୋଗରେ କାହିଁକି ଦୁଃଖିତ ହେବେ ? ଅନ୍ୟମାନେ ତ ନିଜ ଦେହ ଓ ଆତ୍ମାଠାରୁ ଭିନ୍ନ। ୮୯

ହେ ସଂଯମଶୀଳ, ଇତର ଲୋକଙ୍କ ପରି ଶୋକ କରିବା ଆପଣଙ୍କ ପକ୍ଷରେ ଆଦୌ ଉଚିତ ନୁହେଁ। ବାତ୍ୟାରେ ଯଦି ବୃକ୍ଷ ଓ ପର୍ବତ, ଉଭୟେ ଉପୁଡ଼ି ପଡ଼ିବେ, ତାହାହେଲେ ଉଭୟଙ୍କ ମଧ୍ୟରେ ଆଉ ପାର୍ଥକ୍ୟ କଅଣ ?"୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स तथेति विनेतुरुदारमतेः प्रतिगृह्य वचो विससर्ज मुनिम् ।
तदलब्धपदं हृदि शोकघने प्रतियातमिवान्तिकमस्य गुरोः ॥९१
ସ ତଥେତି ବିନେତୁରୁଦାରମତେଃ ପ୍ରତିଗୃହ୍ୟ ବଚୋ ବିସସର୍ଜ ମୁନିମ୍ ।
ତଦଲବ୍ଧପଦଂ ହୃଦି ଶୋକଘନେ ପ୍ରତିଯାତମିବାନ୍ତିକମସ୍ୟ ଗୁରୋଃ ॥୯୧

ତେନାଷ୍ଟୌ ପରିଗମିତାଃ ସମାଃ କଥଂଚିଦ୍
ବାଲତ୍ୱାଦବିତଥସୂନୃତେନ ସୂନୋଃ ।
ସାଦୃଶ୍ୟପ୍ରତିକୃତିଦର୍ଶନୈଃ ପ୍ରିୟାୟାଃ
ସ୍ୱପ୍ନେଷୁ କ୍ଷଣିକସମାଗମୋତ୍ସବୈଶ୍ଚ ॥୯୨

ତସ୍ୟ ପ୍ରସହ୍ୟ ହୃଦୟଂ କିଲ ଶୋକଶଙ୍କୁଃ
ପ୍ଲକ୍ଷପ୍ରରୋହ ଇବ ସୌଧତଲଂ ବିଭେଦ ।
ପ୍ରାଣାନ୍ତହେତୁମପି ତଂ ଭିଷଜାମସାଧ୍ୟଂ
ଲାଭଂ ପ୍ରିୟାନୁଗମନେ ତ୍ୱରୟା ସ ମେନେ ॥୯୩

ସମ୍ୟଗ୍ବିନୀତମଥ ବର୍ମହରଂ କୁମାର
ମାଦିଶ୍ୟ ରକ୍ଷଣବିଧୌ ବିଧିବତ୍ ପ୍ରଜାନାମ୍ ।
ରୋଗୋପସୃଷ୍ଟତନୁଦୁର୍ବସତିଂ ମୁମୁକ୍ଷୁଃ
ପ୍ରାୟୋପବେଶନମତିର୍ନୃପତିର୍ବଭୂବ ॥୯୪

ତୀର୍ଥେ ତୋୟବ୍ୟତିକରଭବେ ଜହ୍ନୁକନ୍ୟାସରଯ୍ୱୋ
ର୍ଦେହତ୍ୟାଗାଦମରଗଣନାଲେଖ୍ୟମାସାଦ୍ୟ ସଦ୍ୟଃ ।
ପୂର୍ବାକାରଧିକତରରୁଚା ସଂଗତଃ କାନ୍ତୟାସୌ
ଲୀଲାଗାରେଷ୍ୱରମତ ପୁନର୍ନନ୍ଦନାଭ୍ୟନ୍ତରେଷୁ ॥୯୫

इति श्रीमहाकविकालिदासकृतौ रघुवंशे महाकाव्ये
अजविलापो नामाष्टमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଜ ବିଜ୍ଞ ଗୁରୁଙ୍କ ଉପଦେଶ ଶୁଣି "ଏହା ପାଳନ କରିବି" ବୋଲି କହିଲେ ଏବଂ ଶିଷ୍ୟଙ୍କୁ ବିଦାୟ ଦେଲେ; କିନ୍ତୁ ତାଙ୍କର ଶୋକାକୁଳ ହୃଦୟରେ ଉକ୍ତ ଉପଦେଶ ସ୍ଥାନ ପାଇ ପାରିଲା ନାହିଁ । ତାହା ସତେ ଯେପରି ଗୁରୁଙ୍କ ନିକଟକୁ ପୁଣି ଫେରିଗଲା ! ୯୧

ପୁତ୍ର ଶିଶୁ ଥିବାରୁ ସେ ଆଠଟି ବର୍ଷ ଅତି କଷ୍ଟରେ ଅତବାହିତ କଲେ । ସେହି ସମୟତକ ସେ ପ୍ରିୟତମାଙ୍କର ସାଦୃଶ୍ୟ ତଥା ପ୍ରତିକୃତି ଦର୍ଶନଦ୍ୱାରା ଏବଂ ସ୍ୱପ୍ନରେ କ୍ଷଣିକ ମିଳନର ଆନନ୍ଦଲାଭଦ୍ୱାରା କୌଣସି ପ୍ରକାରେ ବିତାଇଲେ । ୯୨

ଅଶ୍ୱତ୍ଥ ବୃକ୍ଷର ଅଙ୍କୁର କ୍ରମେ କ୍ରମେ ବଢ଼ି ଯେପରି କୋଠାଘରର ଛାତକୁ ବଳାକାରରେ ବିଦୀର୍ଣ୍ଣ କରେ, ଶୋକ-କଣ୍ଟକ ତାଙ୍କର ହୃଦୟକୁ ସେହିପରି ବଳାତ୍କାରରେ ବିଦୀର୍ଣ୍ଣ କଲା । ତାହା ଥିଲା ବୈଦ୍ୟମାନଙ୍କର ଅସାଧ୍ୟ ଏବଂ ତାଙ୍କର ପ୍ରାଣବିନାଶର କାରଣ, କିନ୍ତୁ ଅଜ ଶୀଘ୍ର ପ୍ରିୟତମାଙ୍କ ସହିତ ମିଳିତ ହେବା ଅଭିପ୍ରାୟରେ ତାହାକୁ ଶ୍ରେୟସ୍କର ମନେ କଲେ । ୯୩

ପୁତ୍ର ଦଶରଥ ଉତ୍ତମ ଭାବରେ ଶିକ୍ଷିତ ହୁଅନ୍ତେ ଏବଂ କବଚ ଧାରଣ ବୟସରେ ଉପନୀତ ହୁଅନ୍ତେ ସେ ତା' ଉପରେ ପ୍ରଜାପାଳନ ଭାର ଯଥାବିଧି ନ୍ୟସ୍ତ କଲେ । କ୍ରମେ କ୍ରମେ ସେ ରୋଗାକ୍ରାନ୍ତ ହୋଇ ପଡ଼ିଲେ ଏବଂ ଦୁର୍ବହ ଜୀବନ ପରିତ୍ୟାଗ କରିବା ପାଇଁ ଅନ୍ନଜଳ ଛାଡ଼ିଦେଲେ । ୯୪

ଗଙ୍ଗା ଓ ସରଯୂନଦୀର ସଙ୍ଗମ ତୀର୍ଥରେ ଦେହତ୍ୟାଗ କରି ସେ ସଙ୍ଗେ ସଙ୍ଗେ ଦେବତ୍ୱ ପ୍ରାପ୍ତ ହେଲେ ଏବଂ ପୂର୍ବ ଅପେକ୍ଷା ଅଧିକ ସୁନ୍ଦରୀ ହୋଇଥିବା ପ୍ରିୟତମା ଇନ୍ଦୁମତୀଙ୍କ ସହିତ ନନ୍ଦନବନର କ୍ରୀଡ଼ାଗୃହମାନଙ୍କରେ ବିହାର କଲେ । ୯୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नवमः सर्गः

पितुरनन्तरमुत्तरकोसलान् समधिगम्य समाधिजितेन्द्रियः ।
दशरथः प्रशशास महारथो यमवतामवतां च धुरि स्थितः ।।१
ପିତୁରନନ୍ତରମୁତ୍ତରକୋସଲାନ୍ ସମଧିଗମ୍ୟ ସମାଧିଜିତେନ୍ଦ୍ରିୟଃ ।
ଦଶରଥଃ ପ୍ରଶଶାସ ମହାରଥୋ ଯମବତାମବତାଂ ଚ ଧୁରି ସ୍ଥିତଃ ।।୧

अधिगतं विधिवद् यदपालयत् प्रकृतिमण्डलमात्मकुलोचितम् ।
अभवदस्य ततो गुणवत्तरं सनगरं नगरन्ध्रकरौजसः ।।२
ଅଧିଗତଂ ବିଧିବଦ୍ ଯଦପାଲୟତ୍ ପ୍ରକୃତିମଣ୍ଡଲମାତ୍ମକୁଲୋଚିତମ୍ ।
ଅଭବଦସ୍ୟ ତତୋ ଗୁଣବତ୍ତରଂ ସନଗରଂ ନଗରନ୍ଧ୍ରକରୌଜସଃ ।।୨

उभयमेव वदन्ति मनीषिणः समयवर्षितया कृतकर्मणाम् ।
बलनिषूदनमर्थपतिं च तं श्रमनुदं मनुदण्डधरान्वयम् ।।३
ଉଭୟମେବ ବଦନ୍ତି ମନୀଷିଣଃ ସମୟବର୍ଷିତୟା କୃତକର୍ମଣାମ୍ ।
ବଲନିଷୂଦନମର୍ଥପତିଂ ଚ ତଂ ଶ୍ରମନୁଦଂ ମନୁଦଣ୍ଡଧରାନ୍ୱୟମ୍ ।।୩

जनपदे न गदः पदमादधावभिभवः कुत एव सपत्नजः ।
क्षितिरभूत् फलवत्यजनन्दने शमरतेऽमरतेजसि पार्थिवे ।।४
ଜନପଦେ ନ ଗଦଃ ପଦମାଦଧାବଭିଭବଃ କୁତ ଏବ ସପତ୍ନଜଃ ।
କ୍ଷିତିରଭୂତ୍ ଫଲବତ୍ୟଜନନ୍ଦନେ ଶମରତେଽମରତେଜସି ପାର୍ଥିବେ ।।୪

दशदिगन्तजिता रघुणा यथा श्रियमपुष्यदजेन ततः परम् ।
तमधिगम्य तथैव पुनर्बभौ न न महीनमहीनपराक्रमम् ।।५
ଦଶଦିଗନ୍ତଜିତା ରଘୁଣା ଯଥା ଶ୍ରିୟମପୁଷ୍ୟଦଜେନ ତତଃ ପରମ୍ ।
ତମଧିଗମ୍ୟ ତଥୈବ ପୁନର୍ବଭୌ ନ ନ ମହୀନମହୀନପରାକ୍ରମମ୍ ।।୫

समतया वसुवृष्टिविसर्जनैर्नियमनादसतां च नराधिपः ।
अनुययौ यमपुण्यजनेश्वरौ सवरुणावरुणाग्रसरं रुचा ।।६
ସମତୟା ବସୁବୃଷ୍ଟିବିସର୍ଜନୈର୍ନିୟମନାଦସତାଂ ଚ ନରାଧିପଃ ।
ଅନୁଯଯୌ ଯମପୁଣ୍ୟଜନେଶ୍ୱରୌ ସବରୁଣାବରୁଣାଗ୍ରସରଂ ରୁଚା ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନବମ ସର୍ଗ

ଦଶରଥ ଥିଲେ ସଂଯମୀ, ରକ୍ଷକମାନଙ୍କ ମଧ୍ୟରେ ଅଗ୍ରଣୀ, ଏକାଗ୍ରଚିତ୍ତ, ଜିତେନ୍ଦ୍ରିୟ ତଥା ମହାରଥୀ । ପିତାଙ୍କ ପରେ ସେ ଉତ୍ତର-କୋଶଳ ରାଜ୍ୟର ଶାସନ ଭାର ଗ୍ରହଣ କଲେ । ୧

ସେ ଥିଲେ କାର୍ତ୍ତିକେୟଙ୍କ ପରି ପରାକ୍ରମଶାଳୀ । ସେ ନିଜ ବଂଶର ଅଧୀନରେ ଥିବା ସମସ୍ତ ନଗର ଓ ଗ୍ରାମର ପ୍ରଜାବର୍ଗଙ୍କୁ ଏପରି ଉତ୍ତମ ଭାବରେ ପାଳନ କଲେ ଯେ ସମସ୍ତେ ତାଙ୍କ ପ୍ରତି ଅନୁରକ୍ତ ହୋଇପଡ଼ିଲେ । ୨

ଇନ୍ଦ୍ର ଯେପରି ଉପଯୁକ୍ତ ସମୟରେ ବୃଷ୍ଟି ଦାନ କରି କର୍ମପରାୟଣ ଲୋକମାନଙ୍କର ଶ୍ରମ ଦୂର କରନ୍ତି, ବିପୁଳ-ବିଭବଶାଳୀ ଦଶରଥ ସେହିପରି ଉପଯୁକ୍ତ ସମୟରେ ଧନଦାନ କରି କର୍ମପରାୟଣ ଲୋକମାନଙ୍କର ଶ୍ରମ ଦୂର କଲେ ତେଣୁ ମନୀଷୀମାନେ ସେ ଦୁହିଁଙ୍କୁ କର୍ମପରାୟଣ ବ୍ୟକ୍ତିମାନଙ୍କର ବନ୍ଧୁ ବୋଲି କହିଲେ । ୩

ସେହି ଶାନ୍ତିପ୍ରିୟ, ଦେବତୁଲ୍ୟ ରାଜାଙ୍କ ଶାସନରେ ରାଜ୍ୟରେ ରୋଗ ମଧ୍ୟ ସ୍ଥାନ ପାଇପାରିଲା ନାହିଁ, ଶତ୍ରୁମାନଙ୍କ ଉପଦ୍ରବ ବା ଆସିବ କାହୁଁ ? ଆଉ ମଧ୍ୟ ପୃଥିବୀ ଅଧିକ ଫଳବତୀ ହେଲା । ୪

ଦିଗ୍‌ବିଜୟୀ ରଘୁ ଓ ତାଙ୍କ ପୁତ୍ର ଅଜଙ୍କ ସମୟରେ ବସୁଧା ଯେପରି ସମୃଦ୍ଧିଶାଳିନୀ ହୋଇଥିଲା, ପରାକ୍ରମୀ ରାଜା ଦଶରଥଙ୍କୁ ପାଇ ସେ ତାହାଠାରୁ କମ୍ ସମୃଦ୍ଧିଶାଳିନୀ ହେଲା ନାହିଁ । ୫

ସମସ୍ତଙ୍କ ପ୍ରତି ସମଦୃଷ୍ଟି ଦେଇ, ବିପୁଳ ଧନଦାନ କରି, ଏବଂ ଦୁଷ୍ଟମାନଙ୍କୁ ଦମନ କରି ସେ ଯଥାକ୍ରମେ ଯମ, କୁବେର ଓ ଇନ୍ଦ୍ରଙ୍କ ସଦୃଶ ହୋଇପାରିଲେ; ଆଉମଧ୍ୟ ତେଜରେ ସୂର୍ଯ୍ୟଙ୍କ ସଦୃଶ ହେଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

न मृगयाभिरतिर्न दुरोदरं न च शशिप्रतिमाभरणं मधु ।
तमुदयाय न वा नवयौवना प्रियतमा यतमानमपाहरत् ॥७
ନ ମୃଗୟାଭିରତିର୍ନ ଦୁରୋଦରଂ ନ ଚ ଶଶିପ୍ରତିମାଭରଣଂ ମଧୁ ।
ତମୁଦୟାୟ ନ ବା ନବଯୌବନା ପ୍ରିୟତମା ଯତମାନମପାହରତ୍ ॥୭

न कृपणा प्रभवत्यपि वासवे न वितथा परिहासकथास्वपि ।
न च सपत्नजनेष्वपि तेन वागपरुषा परुषाक्षरमीरिता ॥८
ନ କୃପଣା ପ୍ରଭବତ୍ୟପି ବାସବେ ନ ବିତଥା ପରିହାସକଥାସ୍ୱପି ।
ନ ଚ ସପତ୍ନଜନେଷ୍ୱପି ତେନ ବାଗପରୁଷା ପରୁଷାକ୍ଷରମୀରିତା ॥୮

उदयमस्तमयं च रघूद्वहादुभयमानशिरे वसुधाधिपाः ।
स हि निदेशमलङ्घयतामभूत् सुहृदयोहृदयः प्रतिगर्जताम् ॥९
ଉଦୟମସ୍ତମୟଂ ଚ ରଘୂଦ୍ୱହାଦୁଭୟମାନଶିରେ ବସୁଧାଧିପାଃ ।
ସ ହି ନିଦେଶମଲଙ୍ଘୟତାମଭୂତ୍ ସୁହୃଦୟୋହୃଦୟଃ ପ୍ରତିଗର୍ଜତାମ୍ ॥୯

अजयदेकरथेन स मेदिनीमुदधिनेमिमधिज्यशरासनः ।
जयमघोषयदस्य तु केवलं गजवती जवतीव्रहया चमूः ॥१०
ଅଜୟଦେକରଥେନ ସ ମେଦିନୀମୁଦଧିନେମିମଧିଜ୍ୟଶରାସନଃ ।
ଜୟମଘୋଷୟଦସ୍ୟ ତୁ କେବଳଂ ଗଜବତୀ ଜବତୀବ୍ରହୟା ଚମୂଃ ॥୧୦

अवनिमेकरथेन वरूथिना जितवतः किल तस्य धनुर्भृतः ।
विजयदुन्दुभितां ययुरर्णवा घनरवा नरवाहनसंपदः ॥११
ଅବନିମେକରଥେନ ବରୂଥିନା ଜିତବତଃ କିଲ ତସ୍ୟ ଧନୁର୍ଭୃତଃ ।
ବିଜୟଦୁନ୍ଦୁଭିତାଂ ଯୟୁରର୍ଣ୍ଣବା ଘନରବା ନରବାହନସମ୍ପଦଃ ॥୧୧

शमितपक्षबलः शतकोटिना शिखरिणां कुलिशेन पुरन्दरः ।
स शरवृष्टिमुचा धनुषा द्विषां स्वनवता नवतामरसाननः ॥१२
ଶମିତପକ୍ଷବଳଃ ଶତକୋଟିନା ଶିଖରିଣାଂ କୁଳିଶେନ ପୁରନ୍ଦରଃ ।
ସ ଶରବୃଷ୍ଟିମୁଚା ଧନୁଷା ଦ୍ୱିଷାଂ ସ୍ୱନବତା ନବତାମରସାନନଃ ॥୧୨

चरणयोर्नखरागसमृद्धिभिर्मुकुटरत्नमरीचिभिरस्पृशन् ।
नृपतयः शतशो मरुतो यथा शतमखं तमखण्डितपौरुषम् ॥१३
ଚରଣୟୋର୍ନଖରାଗସମୃଦ୍ଧିଭିର୍ମୁକୁଟରତ୍ନମରୀଚିଭିରସ୍ପୃଶନ୍ ।
ନୃପତୟଃ ଶତଶୋ ମରୁତୋ ଯଥା ଶତମଖଂ ତମଖଣ୍ଡିତପୌରୁଷମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ପ୍ରଜାମାନଙ୍କର ଉନ୍ନତି ପାଇଁ ଅନବରତ ଯତ୍ନଶୀଳ ରହିଲେ । ତେଣୁ ମୃଗୟା, ଦ୍ୟୂତକ୍ରୀଡ଼ା, ଚନ୍ଦ୍ର-ପ୍ରତିବିମ୍ବ-ଶୋଭିତ ମଦ୍ୟ (ଜ୍ୟୋସ୍ନା-ରାତିରେ ମଦ୍ୟପାନ) କିମ୍ବା ନବଯୌବନା ସ୍ତ୍ରୀ, କେହି ତାଙ୍କୁ ଆକୃଷ୍ଟ କରି-ପାରିଲେ ନାହିଁ । ୭

ସେ ଇନ୍ଦ୍ରଙ୍କୁ ମଧ୍ୟ ଅନୁରୋଧବାକ୍ୟ କହୁ ନ ଥିଲେ, ପରିହାସରେ ମଧ୍ୟ କାହାକୁ ମିଥ୍ୟା ବାକ୍ୟ କହୁ ନ ଥିଲେ ଏବଂ ଶତ୍ରୁମାନଙ୍କୁ ମଧ୍ୟ କଟୁ-ବାକ୍ୟ କହୁ ନ ଥିଲେ । ୮

ରାଜାମାନେ କେତେକ ତାଙ୍କଠାରୁ ସମୃଦ୍ଧି ଏବଂ ଆଉ କେତେକ ବିନାଶ ଲାଭ କରୁଥିଲେ । କାରଣ, ଯେଉଁ ରାଜାମାନେ ତାଙ୍କର ଆଦେଶ ଲଙ୍ଘନ କରୁନଥିଲେ, ସେ ଥିଲେ ସେମାନଙ୍କର ବନ୍ଧୁ, କିନ୍ତୁ ଯେଉଁମାନେ ତାଙ୍କ ସହିତ ପ୍ରତିସ୍ପର୍ଦ୍ଧା କରୁଥିଲେ, ସେ ଥିଲେ ସେମାନଙ୍କ ପ୍ରତି ଲୌହ ପରି କଠୋର । ୯

ସେ ଧନୁରେ ଗୁଣ ଚଢ଼ାଇ, ଏକାକୀ ରଥରେ ବସି ସସାଗର ପୃଥିବୀ ଜୟ କଲେ । ତାଙ୍କର ଅଶ୍ୱଗଜପୂର୍ଣ୍ଣ ସୈନ୍ୟବାହିନୀ କେବଳ ଜୟ-ଘୋଷଣା କରୁଥିଲେ । ୧୦

ପ୍ରଭୂତବିଭବଶାଳୀ ରାଜା ଦଶରଥଙ୍କର ରଥ ଲୁହାପାତରେ ଆଚ୍ଛାଦିତ ହୋଇଥିଲା । ସେ ସେଥିରେ ବସି ଧନୁ ଧାରଣ କରି ସମଗ୍ର ପୃଥିବୀ ଜୟ କଲେ । ଘୋରଗର୍ଜନକାରୀ ସମୁଦ୍ରମାନେ ତାଙ୍କର ବିଜୟ-ଦୁନ୍ଦୁଭିର କାର୍ଯ୍ୟ କଲେ । ୧୧

ଇନ୍ଦ୍ର ଯେପରି ଶତଧାର ବଜ୍ରରେ ପର୍ବତମାନଙ୍କର ପକ୍ଷ ଛେଦନ କରିଥିଲେ, ନବପଦ୍ମମୁଖ ଦଶରଥ ସେହିପରି ଧନୁରୁ ସଶବ୍ଦ ଶର ବୃଷ୍ଟି କରି ଶତ୍ରୁମାନଙ୍କର ଶକ୍ତି କ୍ଷୟ କଲେ । ୧୨

ଦେବତାମାନେ ଯେପରି ଇନ୍ଦ୍ରଙ୍କୁ ପ୍ରଣାମ କରନ୍ତି, ସେହିପରି ଶତ-ଶତ ରାଜା ଯେତେବେଳେ ଅଖଣ୍ଡବିକ୍ରମଶାଳୀ ଦଶରଥଙ୍କୁ ପ୍ରଣାମ କରୁଥିଲେ, ସେତେବେଳେ ସେମାନଙ୍କ ମୁକୁଟର ରତ୍ନରାଶି ତାଙ୍କ ପାଦନଖଗୁଡ଼ିକର ଅରୁଣିମା ଦ୍ୱାରା ଅଧିକ ସୁନ୍ଦର ହୋଇ ଉଠୁଥିଲା । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निववृते स महार्णवरोधसः सचिवकारितबालसुताञ्जलीन् ।
समनुकम्प्य सपत्नपरिग्रहाननलकानलकानवमां पुरीम् ॥१४
ନିବବୃତେ ସ ମହାର୍ଣ୍ଣବରୋଧସଃ ସଚିବକାରିତବାଲସୁତାଞ୍ଜଲୀନ୍ ।
ସମନୁକମ୍ପ୍ୟ ସପତ୍ନପରିଗ୍ରହାନନଲକାନଲକାନବମାଂ ପୁରୀମ୍ ॥୧୪

उपगतोऽपि च मण्डलनाभितामनुदितान्यसितातपवारणः ।
श्रियमवेक्ष्य स रन्ध्रचलामभूदनलसोऽनलसोमसमद्युतिः ॥१५
ଉପଗତୋଽପି ଚ ମଣ୍ଡଲନାଭିତାମନୁଦିତାନ୍ୟସିତାତପବାରଣଃ ।
ଶ୍ରିୟମବେକ୍ଷ୍ୟ ସ ରନ୍ଧ୍ରଚଲାମଭୂଦନଲସୋଽନଲସୋମସମଦ୍ୟୁତିଃ ॥୧୫

तमपहाय ककुत्स्थकुलोद्भवं पुरुषमात्मभवं च पतिव्रता ।
नृपतिमन्यमसेवत देवता सकमला कमलाघवमर्थिषु ॥१६
ତମପହାୟ କକୁତ୍ସ୍ଥକୁଲୋଦ୍ଭବଂ ପୁରୁଷମାତ୍ମଭବଂ ଚ ପତିବ୍ରତା ।
ନୃପତିମନ୍ୟମସେବତ ଦେବତା ସକମଲା କମଲାଘବମର୍ଥିଷୁ ॥୧୬

तमलभन्त पतिं पतिदेवताः शिखरिणामिव सागरमापगाः ।
मगधकोशलकेकयशासिनां दुहितरोऽहितरोपितमार्गणम् ॥१७
ତମଲଭନ୍ତ ପତିଂ ପତିଦେବତାଃ ଶିଖରିଣାମିବ ସାଗରମାପଗାଃ ।
ମଗଧକୋସଲକେକୟଶାସିନାଂ ଦୁହିତରୋଽହିତରୋପିତମାର୍ଗଣମ୍ ॥୧୭

प्रियतमाभिरसौ तिसृभिर्बभौ तिसृभिरेव भुवं सह शक्तिभिः ।
उपगतो विनिनीषुरिव प्रजा हरिहयोऽरिहयोगविचक्षणः ॥१८
ପ୍ରିୟତମାଭିରସୌ ତିସୃଭିର୍ବଭୌ ତିସୃଭିରେବ ଭୁବଂ ସହ ଶକ୍ତିଭିଃ ।
ଉପଗତୋ ବିନିନୀଷୁରିବ ପ୍ରଜା ହରିହୟୋଽରିହୟୋଗବିଚକ୍ଷଣଃ ॥୧୮

स किल संयुगमूर्ध्नि सहायतां मघवतः प्रतिपद्य महारथः ।
स्वभुजवीर्यमगापयदुच्छ्रितं सुरवधूरवधूतभयाः शरैः ॥१९
ସ କିଲ ସଂୟୁଗମୂର୍ଦ୍ଧ୍ନି ସହାୟତାଂ ମଘବତଃ ପ୍ରତିପଦ୍ୟ ମହାରଥଃ ।
ସ୍ୱଭୁଜବୀର୍ଯ୍ୟମଗାପୟଦୁଚ୍ଛ୍ରିତଂ ସୁରବଧୂରବଧୂତଭୟାଃ ଶରୈଃ ॥୧୯

क्रतुषु तेन विसर्जितमौलिना भुजसमाहृतदिग्वसुना कृताः ।
कनकयूपसमुच्छ्रयशोभिनो वितमसा तमसासरयूतटाः ॥२०
କ୍ରତୁଷୁ ତେନ ବିସର୍ଜ୍ଜିତମୌଲିନା ଭୁଜସମାହୃତଦିଗ୍ବସୁନା କୃତାଃ ।
କନକୟୂପସମୁଚ୍ଛ୍ରୟଶୋଭିନୋ ବିତମସା ତମସାସରୟୂତଟାଃ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶତ୍ରୁମାନେ ନିହତ ହେବାରୁ ସେମାନଙ୍କ ପତ୍ନୀମାନଙ୍କର କେଶ ପ୍ରସାଧନରୁ ବଞ୍ଚିତ ହେଉଥିଲା । ସେମାନେ ଦଶରଥଙ୍କର ଅନୁଗ୍ରହ ଲାଭ କରିବା ନିମନ୍ତେ ମନ୍ତ୍ରୀମାନଙ୍କ ସହିତ ନିଜରଶିଶୁ ପୁତ୍ରଙ୍କୁ ପଠାଉଥିଲେ । ମନ୍ତ୍ରୀମାନେ ଦଶରଥଙ୍କ ସମ୍ମୁଖରେ ଉକ୍ତ ଶିଶୁପୁତ୍ରମାନଙ୍କୁ କୃତାଞ୍ଜଳିପୁଟରେ ଠିଆ କରନ୍ତେ ସେ ଶତ୍ରୁ-ସ୍ତ୍ରୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରୁଥିଲେ । ଏହିପରି ଭାବରେ ଦିଗ୍‌ବିଜୟ କରି ସେ ନିଜର ଅଳକାତୁଲ୍ୟ ଅଯୋଧ୍ୟା ନଗରୀକୁ ଫେରି-ଆସିଲେ । ୧୪

ଶତ୍ରୁମାନଙ୍କ ପ୍ରତି ସେ ଥିଲେ ଅଗ୍ନିତୁଲ୍ୟ ଓ ମିତ୍ରମାନଙ୍କ ପ୍ରତି ଚନ୍ଦ୍ରତୁଲ୍ୟ । ତାଙ୍କର ଶାସନରେ ଅନ୍ୟ କେଉଁଠି ଶ୍ୱେତ ରାଜଛତ୍ର ଉତ୍ତୋଳିତ ହେଉ ନ ଥିଲା । (ସେ ଥିଲେ ଏକଛତ୍ର ଶାସକ) ତଥାପି ଗୋଟିଏ ମାତ୍ର ଛିଦ୍ରରେ ମଧ୍ୟ ରାଜଲକ୍ଷ୍ମୀ ପଳାୟନ କରନ୍ତି ବୋଲି ସେ ଜାଣିଥିଲେ, ତେଣୁ ସର୍ବଦା ନିରଳସ ରହୁଥିଲେ । ୧୫

ପଦ୍ମାସନା, ପତିବ୍ରତା ଲକ୍ଷ୍ମୀ ଦଶରଥଙ୍କୁ ଓ ନିଜ ସ୍ୱାମୀ ନାରାୟଣଙ୍କୁ ଛାଡ଼ି ଅନ୍ୟ କୌଣସି ରାଜାଙ୍କୁ ସେବା କଲେ ନାହିଁ । ଏଇ ଦୁଇ ଜଣ ହିଁ ଥିଲେ ପ୍ରାର୍ଥୀମାନଙ୍କର ପ୍ରାର୍ଥନାପୂରଣକାରୀ । ୧୬

ପର୍ବତମାନଙ୍କର ପତିବ୍ରତା କନ୍ୟାମାନେ (ନଦୀମାନେ) ଯେପରି ସମୁଦ୍ରକୁ ପତିରୂପେ ଲାଭ କରନ୍ତି, ସେହିଭଳି କୋଶଳ, କେକୟ ଓ ମଗଧର ପତିବ୍ରତା ରାଜକନ୍ୟାମାନେ (କୌଶଲ୍ୟା, କୈକେୟୀ ଓ ସୁମିତ୍ରା) ଧନୁର୍ଦ୍ଧର ରାଜା ଦଶରଥଙ୍କୁ ପତିରୂପେ ଲାଭ କଲେ । ୧୭

ଶତ୍ରୁବିନାଶକ ରାଜା ଦଶରଥ ତିନି ପ୍ରିୟତମାଙ୍କ ସହିତ ଅତ୍ୟନ୍ତ ସୁନ୍ଦର ଦେଖାଗଲେ । ବୋଧ ହେଲା, ସତେ ଯେପରି ଇନ୍ଦ୍ର ମର୍ତ୍ତ୍ୟବାସୀମାନଙ୍କୁ ବିନୀତ କରିବା ପାଇଁ ପ୍ରଭୁଶକ୍ତି, ମନ୍ତ୍ରଶକ୍ତି ଓ ଉତ୍ସାହଶକ୍ତି, ଏହି ତିନି ଶକ୍ତିଙ୍କ ସହିତ ଭୂମଣ୍ଡଳକୁ ଆସିଛନ୍ତି ! ୧୮

ମହାରଥୀ ଦଶରଥ ଅସୁର-ଯୁଦ୍ଧରେ ଆଗୁଆ ହୋଇ ଇନ୍ଦ୍ରଙ୍କୁ ସାହାଯ୍ୟ କରିବାରୁ ସୁରାଙ୍ଗନାମାନେ ଭୟଶୂନ୍ୟ ହେଲେ ଏବଂ ଦଶରଥଙ୍କ ବାହୁବଳର ବିପୁଳ ଯଶ ଗାନ କରିବାକୁ ଲାଗିଲେ । ୧୯

ଦିଗ୍‌ବିଜୟରୁ ପ୍ରଭୂତ ଧନ ଆହରଣ କରି ଓ ପରାଜିତ ରାଜାମାନଙ୍କ ମସ୍ତକର ମୁକୁଟକୁ ଅପସାରିତ କରି ଦଶରଥ ଅନେକ ଯଜ୍ଞ ସମ୍ପାଦନ କଲେ । ତମସା ଓ ସରଯୂ ନଦୀର ତଟ ଉଚ୍ଚ ଯଜ୍ଞସ୍ତମ୍ଭମାନଙ୍କ ଦ୍ୱାରା ଶୋଭା ପାଇଲା । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अजिनदण्डभृतं कुशमेखलां यतगिरं मृगशृङ्गपरिग्रहाम् ।
अधिवसंस्तनुमध्वरदीक्षितामसमभासमभासयदीश्वरः ॥२१
ଅଜିନଦଣ୍ଡଭୃତଂ କୁଶମେଖଳାଂ ଯତଗିରଂ ମୃଗଶୃଙ୍ଗପରିଗ୍ରହାମ୍ ।
ଅଧିବସଂସ୍ତନୁମଧ୍ୱରଦୀକ୍ଷିତାମସମଭସମଭସୟଦୀଶ୍ୱରଃ ॥୨୧

अवभृथप्रयतो नियतेन्द्रियः सुरसमाजसमाक्रमणोचितः ।
नमयति स्म स केवलमुन्नतं वनमुचे नमुचेररये शिरः ॥२२
ଅବଭୃଥପ୍ରୟତୋ ନିୟତେନ୍ଦ୍ରିୟଃ ସୁରସମାଜସମାକ୍ରମଣୋଚିତଃ ।
ନମୟତି ସ୍ମ ସ କେବଳମୁନ୍ନତଂ ବନମୁଚେ ନମୁଚେରରୟେ ଶିରଃ ॥୨୨

असकृदेकरथेन तरस्विना हरिहयाग्रसरेण धनुर्भृता ।
दिनकराभिमुखा रणरेणवो रुरुधिरे रुधिरेण सुरद्विषाम् ॥२३
ଅସକୃଦେକରଥେନ ତରସ୍ୱିନା ହରିହୟାଗ୍ରସରେଣ ଧନୁର୍ଭୃତା ।
ଦିନକରଭିମୁଖା ରଣରେଣବୋ ରୁରୁଧିରେ ରୁଧିରେଣ ସୁରଦ୍ୱିଷାମ୍ ॥୨୩

अथ समाववृते कुसुमैर्नवैस्तमिव सेवितुमेकनराधिपम् ।
यमकुबेरजलेश्वरवज्रिणां समधुरं मधुरञ्चितविक्रमम् ॥२४
ଅଥ ସମାବବୃତେ କୁସୁମୈର୍ନବୈସ୍ତମିବ ସେବିତୁମେକନରାଧିପମ୍ ।
ଯମକୁବେରଜଳେଶ୍ୱରବଜ୍ରିଣାଂ ସମଧୁରଂ ମଧୁରଞ୍ଚିତବିକ୍ରମମ୍ ॥୨୪

जिगमिषुर्धनदाध्युषितां दिशं रथयुजा परिवर्तितवाहनः ।
दिनमुखानि रविर्हिमनिग्रहैर्विमलयन् मलयं नगमत्यजत् ॥२५
ଜିଗମିଷୁର୍ଧନଦାଧ୍ୟୁଷିତାଂ ଦିଶଂ ରଥଯୁଜା ପରିବର୍ତ୍ତିତବାହନଃ ।
ଦିନମୁଖାନି ରବିର୍ହିମନିଗ୍ରହୈର୍ବିମଳୟନ୍ ମଳୟଂ ନଗମତ୍ୟଜତ୍ ॥୨୫

कुसुमजन्म ततो नवपल्लवास्तदनु षट्पदकोकिलकूजितम् ।
इति यथाक्रममाविरभून्मधुर्द्रुमवतीमवतीर्य वनस्थलीम् ॥२६
କୁସୁମଜନ୍ମ ତତୋ ନବପଲ୍ଲବାସ୍ତଦନୁ ଷଟ୍ପଦକୋକିଳକୂଜିତମ୍ ।
ଇତି ଯଥାକ୍ରମମାବିରଭୂନ୍ମଧୁର୍ଦ୍ରୁମବତୀମବତୀର୍ଯ୍ୟ ବନସ୍ଥଳୀମ୍ ॥୨୬

नयगुणोपचितामिव भूपतेः सदुपकारफलां श्रियमर्थिनः ।
अभिययुः सरसो मधुसंभृतां कमलिनीमलिनीरपतत्त्रिणः ॥२७
ନୟଗୁଣୋପଚିତାମିବ ଭୂପତେଃ ସଦୁପକାରଫଳାଂ ଶ୍ରିୟମର୍ଥିନଃ ।
ଅଭିୟୟୁଃ ସରସୋ ମଧୁସଂଭୃତାଂ କମଳିନୀମଳିନୀରପତତ୍ତ୍ରିଣଃ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶରଥ ଯଜ୍ଞରେ ମୃଗଚର୍ମ, ଉଦୁମ୍ବର ଦଣ୍ଡ, କୁଶମେଖଳା ଓ ମୃଗଶୃଙ୍ଗ ଧାରଣ କରି ମୌନ ରହୁଥିଲେ । ତାଙ୍କର ଯଜ୍ଞଦୀକ୍ଷିତ ସୁନ୍ଦର ଶରୀର ଶିବଙ୍କ ଦ୍ୱାରା ଅଧିଷ୍ଠିତ ହୋଇ ଅଧିକ ସୁନ୍ଦର ଦିଶିଲା । (ଯଜ୍ଞ ସମୟରେ ଯଜ୍ଞକର୍ତ୍ତାଙ୍କ ଦେହରେ ଶିବ ଅବସ୍ଥାନ କରନ୍ତି ବୋଲି ବୈଦିକ ମତ ।) ୨୧

ସେ ଥିଲେ ଜିତେନ୍ଦ୍ରିୟ ଓ ଯଜ୍ଞାନ୍ତସ୍ନାନଦ୍ୱାରା ପରିଶୁଦ୍ଧ । ଦେବସମାଜରେ ବସିବାର ଯୋଗ୍ୟତା ତାଙ୍କର ଥିଲା । ସେ କେବଳ ବୃଷ୍ଟିଦାତା ଇନ୍ଦ୍ରଙ୍କ ନିକଟରେ ନିଜର ଉନ୍ନତ ଶିର ଅବନତ କରୁଥିଲେ । ୨୨

ଅସୁରମାନଙ୍କ ସହିତ ଇନ୍ଦ୍ରଙ୍କର ଯେଉଁ ଯୁଦ୍ଧ ହେଉଥିଲା, ସେଥିରେ ବଳିଷ୍ଠ, ଧନୁର୍ଦ୍ଧର, ମହାରଥୀ ଦଶରଥ ଅସୁରମାନଙ୍କୁ ନିହତ କରୁଥିଲେ ଏବଂ ସେମାନଙ୍କ ରକ୍ତରେ ଆକାଶବ୍ୟାପୀ ଧୂଳିରାଶି ଉପଶମ କରୁଥିଲେ । ୨୩

ଯମ, କୁବେର, ବରୁଣ ଓ ଇନ୍ଦ୍ରଙ୍କ ସମକକ୍ଷ ସେହି ପରାକ୍ରମୀ ସମ୍ରାଟଙ୍କ (ଦଶରଥଙ୍କ) ସେବା ଉଦ୍ଦେଶ୍ୟରେ ବୋଧହୁଏ, ବସନ୍ତସମୟ ନବୀନ ପୁଷ୍ପସମ୍ଭାର ଘେନି ଉପସ୍ଥିତ ହେଲା । ୨୪

ସୂର୍ଯ୍ୟ ଉତ୍ତର ଦିଗକୁ ଯିବା ପାଇଁ ଇଚ୍ଛା କରନ୍ତେ ସାରଥି ଅରୁଣ ଅଶ୍ୱମାନଙ୍କର ଗତି ପରିବର୍ତ୍ତନ କଲେ । ତା'ପରେ ସୂର୍ଯ୍ୟ ମଳୟ ପର୍ବତ ତ୍ୟାଗ କଲେ ଏବଂ ହିମନିରୋଧପୂର୍ବକ ପ୍ରାତଃକାଳକୁ ନିର୍ମଳ କଲେ । ୨୫

ପ୍ରଥମେ ପୁଷ୍ପୋଦ୍‌ଗମ, ତାପରେ ନବପଲ୍ଲବ, ତାପରେ ଭ୍ରମରଗୁଞ୍ଜନ ଓ କୋକିଳକୂଜନ—ଏହିପରି ବସନ୍ତ ଯଥାକ୍ରମରେ ବୃକ୍ଷଲତାବହୁଳ ବନସ୍ଥଳୀରେ ଆତ୍ମପ୍ରକାଶ କଲା । ୨୭

ଦଶରଥଙ୍କର ସମ୍ପଦ ନ୍ୟାୟମାର୍ଗରେ ବୃଦ୍ଧିପ୍ରାପ୍ତ ହେଉଥିଲା ଏବଂ ସଜ୍ଜନମାନଙ୍କ ଉପକାର ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ତାହା ଅଭିମୁଖରେ (ତାହା ପାଇବା ପାଇଁ) ଯାଚକମାନେ ଦଳଦଳ ହୋଇ ଯାଉଥିଲେ । ସେହିପରି, ସରୋବରରେ ବିକଶିତ ମଧୁଭରା ପଦ୍ମିନୀ ଅଭିମୁଖରେ ଭ୍ରମର ଏବଂ ଜଳଚର ପକ୍ଷୀଗଣ ଦଳଦଳ ହୋଇ ଧାଇଁଲେ । ୨୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कुसुममेव न केवलमार्तवं नवमशोकतरोः स्मरदीपनम् ।
किसलयप्रसवोऽपि विलासिनां मदयिता दयिताश्रवणार्पितः ॥२८
 କୁସୁମମେବ ନ କେବଳମାର୍ତ୍ତବଂ ନବମଶୋକତରୋଃ ସ୍ମରଦୀପନମ୍ ।
କିସଲୟପ୍ରସବୋଽପି ବିଳାସିନାଂ ମଦୟିତା ଦୟିତାଶ୍ରବଣାର୍ପିତଃ ॥୨୮

विरचिता मधुनोपवनश्रियामभिनवा इव पत्रविशेषकाः ।
मधुलिहां मधुदानविशारदाः कुरबका रवकारणतां ययुः ॥२९
ବିରଚିତା ମଧୁନୋପବନଶ୍ରିୟାମଭିନବା ଇବ ପତ୍ରବିଶେଷକାଃ ।
ମଧୁଲିହାଂ ମଧୁଦାନବିଶାରଦାଃ କୁରବକା ରବକାରଣତାଂ ଯୟୁଃ ॥୨୯

सुवदनावदनासवसंभृतस्तदनुवादिगुणः कुसुमोद्गमः ।
मधुकरैरकरोन्मधुलोलुपै र्बकुलमाकुलमायतपङ्क्तिभिः ॥३०
ସୁବଦନାବଦନାସବସଂଭୃତସ୍ତଦନୁବାଦିଗୁଣଃ କୁସୁମୋଦ୍‌ଗମଃ ।
ମଧୁକରୈରକରୋନ୍‌ମଧୁଲୋଲୁପୈ ର୍ବକୁଳମାକୁଳମାୟତପଙ୍‌କ୍ତିଭିଃ ॥୩୦

उपहितं शिशिरापगमश्रिया मुकुलजालमशोभत किंशुके ।
प्रणयिनीव नखक्षतमण्डनं प्रमदया मदयापितलज्जया ॥३१
ଉପହିତଂ ଶିଶିରପଗମଶ୍ରିୟା ମୁକୁଳଜାଳମଶୋଭତ କିଂଶୁକେ ।
ପ୍ରଣୟିନୀବ ନଖକ୍ଷତମଣ୍ଡନଂ ପ୍ରମଦୟା ମଦୟାପିତଲଜ୍ଜୟା ॥୩୧

व्रणगुरुप्रमदाधरदुःसहं जवननिर्विषयीकृतमेखलम् ।
न खलु तावदशेषमपोहितुं रविरलं विरलं कृतवान् हिमम् ॥३२
ବ୍ରଣଗୁରୁପ୍ରମଦାଧରଦୁଃସହଂ ଜଘନନିର୍ବିଷୟୀକୃତମେଖଳମ୍ ।
ସ ଖଳୁ ତାବଦଶେଷମପୋହିତୁଂ ରବିରଳଂ କୃତବାନ୍ ହିମମ୍ ॥୩୨

अभिनयान् परिचेतुमिवोद्यता मलयमारुतकम्पितपल्लवा ।
अमदयत् सहकारलता मनः सकलिका कलिकामजितामपि ॥३३
ଅଭିନୟାନ୍ ପରିଚେତୁମିବୋଦ୍ୟତା ମଳୟମାରୁତକମ୍ପିତପଲ୍ଲବା ।
ଅମଦୟତ୍ ସହକାରଲତା ମନଃ ସକଳିକା କଳିକାମଜିତାମପି ॥୩୩

प्रथममन्यभृताभिरुदीरिताः प्रविरला इव मुग्धवधूकथाः ।
सुरभिगन्धिषु शुश्रुविरे गिरः कुसुमितासु मिता वनराजिषु ॥३४
ପ୍ରଥମମନ୍ୟଭୃତାଭିରୁଦୀରିତାଃ ପ୍ରବିରଳା ଇବ ମୁଗ୍‌ଧବଧୂକଥାଃ ।
ସୁରଭିଗନ୍ଧିଷୁ ଶୁଶ୍ରୁବିରେ ଗିରଃ କୁସୁମିତାସୁ ମିତା ବନରାଜିଷୁ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଶୋକ ବୃକ୍ଷର ଫୁଲ ଯେ କେବଳ କାମ-ଉନ୍ମାଦନା ସୃଷ୍ଟି କଲା, ତାହା ନୁହେଁ; ତାହାର ନବପଲ୍ଲବ ମଧ୍ୟ କାମିନୀମାନଙ୍କର କର୍ଣ୍ଣଭୂଷଣ ହୋଇ କାମୀମାନଙ୍କୁ ଉନ୍ମତ୍ତ କଲା । ୨୮

କୁରୁବକ ବୃକ୍ଷମାନେ ଉପବନ-ଲକ୍ଷ୍ମୀଙ୍କର ଅଭିନବ ପତ୍ରଭୂଷଣ ପରି ଦେଖାଗଲେ । ବସନ୍ତ ହିଁ ଥିଲା ସେହି ଭୂଷଣର ନିର୍ମାତା । ଭ୍ରମରମାନେ ସେମାନଙ୍କଠାରୁ (କୁରୁବକ ବୃକ୍ଷମାନଙ୍କଠାରୁ) ପ୍ରଚୁର ମଧୁ ଲାଭ କରି ଗୁଞ୍ଜନ କରିବାକୁ ଲାଗିଲେ, ଯେପରି ଯାଚକମାନେ ଦାତାଠାରୁ ଧନ ଲାଭ କରି ତାର ଗୁଣଗାନ କରନ୍ତି । ୨୯

ରୂପସୀ ଯୁବତୀ ମୁଖରେ ମଦ ପୂରାଇ ବକୁଳବୃକ୍ଷ ଉପରକୁ ଫିଙ୍ଗନ୍ତେ ସେଥିରେ ପୁଷ୍ପୋଦ୍‌ଗମ ହେଲା । ସଙ୍ଗେ ସଙ୍ଗେ ଭ୍ରମରମାନେ ମଧୁ-ଲୋଭରେ ଦଳଦଳ ହୋଇ ଉଡ଼ିଆସି ଉକ୍ତ ବକୁଳ ବୃକ୍ଷକୁ ବେଢ଼ିଗଲେ । (ସୁନ୍ଦରୀ ସ୍ତ୍ରୀ ବକୁଳବୃକ୍ଷ ଉପରକୁ ମୁଖମଦ ଫିଙ୍ଗିଲେ ସେଥିରେ ପୁଷ୍ପୋଦ୍‌ଗମ ହୁଏ । ଏହା ଏକ କବିପ୍ରସିଦ୍ଧି ।) ୩୦

ଯୌବନମତ୍ତା କାମିନୀ ଲଜ୍ଜାହୀନଭାବରେ ପ୍ରେମିକ ଅଙ୍ଗରେ ଯେପରି ନଖକ୍ଷତମାନ ଉତ୍ପନ୍ନ କରିଦିଏ, ବସନ୍ତଲକ୍ଷ୍ମୀ ପଲାଶ ବୃକ୍ଷରେ ସେହିପରି ପୁଷ୍ପକଳିକାମାନ ଉତ୍ପନ୍ନ କରିଦେଲା । ୩୧

Gurukul Kangri Vishwavidyalaya Library

ହିମ କାଳରେ କାମିନୀମାନେ ଅଧର-କ୍ଷତର ପୀଡ଼ା ଭୋଗ କରୁଥିଲେ ଏବଂ ଅଣ୍ଟାସୂତା ପିନ୍ଧିବା ଛାଡ଼ିଦେଇଥିଲେ । ସୂର୍ଯ୍ୟ ସେହି ପୀଡ଼ାକୁ ପୂରାପୂରି ଲୋପ ନ କରି ହ୍ରାସ କରିଦେଲେ । ୩୨

ବଉଳଭରା ସହକାରଲତା (ଲଟାଳିଆ ଆମ୍ବଗଛ) ପବନରେ ଦୋହଲି ଦୋହଲି ଶୋଭା ପାଇଲା—ଠିକ୍ ଅଭିନୟ ଅଭ୍ୟାସ କରୁଥିବା ନର୍ତ୍ତକୀ ପରି । ଫଳରେ, କାମକ୍ରୋଧବିଜେତା-ମୁନିମାନଙ୍କର ମନକୁ ମଧ୍ୟ ସେ ଉନ୍ମାଦିତ କଲା । ୩୩

ପୁଷ୍ପ-ସୁଗନ୍ଧଭରା ଉପବନମାନଙ୍କରେ କୋଇଲିମାନଙ୍କର ନୂଆ ନୂଆ କୁହୁଗାନ ଶୁଣିବାକୁ ମିଳିଲା । ନବବଧୂମାନେ ଯେପରି ଲାଜରେ ଅଳ୍ପ ଅଳ୍ପ କଥା କହନ୍ତି, କୋଇଲିମାନଙ୍କର ଅଳ୍ପ ଅଳ୍ପ କୁହୁଗାନ ସେହିପରି ଶ୍ରୁତିମଧୁର ବୋଧ ହେଲା । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

श्रुतिसुखभ्रमरस्वनगीतयः कुसुमकोमलदन्तरुचो बभुः ।
उपवनान्तलताः पवनाहतैः किसलयैः सलयैरिव पाणिभिः ॥३५
ଶ୍ରୁତିସୁଖଭ୍ରମରସ୍ୱନଗୀତୟଃ କୁସୁମକୋମଳଦନ୍ତରୁଚୋ ବଭୁଃ ।
ଉପବନାନ୍ତଲତାଃ ପବନାହତୈଃ କିସଲୟୈଃ ସଲୟୈରିବ ପାଣିଭିଃ ।।୩୫

ललितविभ्रमबन्धविचक्षणं सुरभिगन्धपराजितकेसरम् ।
पतिषु निर्विविशुर्मधुमङ्गनाः स्मरसखं रसखण्डनवर्जितम् ॥३६
ଲଳିତବିଭ୍ରମବନ୍ଧବିଚକ୍ଷଣଂ ସୁରଭିଗନ୍ଧପରାଜିତକେସରମ୍ ।
ପତିଷୁ ନିର୍ବିବିଶୁର୍ମଧୁମଙ୍ଗନାଃ ସ୍ମରସଖଂ ରସଖଣ୍ଡନବର୍ଜିତମ୍ ।।୩୬

शुशुभिरे स्मितचारुतराननाः स्त्रिय इव श्लथशिञ्जितमेखलाः ।
विकचतामरसा गृहदीर्घिका मदकलोदकलोलविहङ्गमाः ॥३७
ଶୁଶୁଭିରେ ସ୍ମିତଚାରୁତରାନନାଃ ସ୍ତ୍ରିୟ ଇବ ଶ୍ଲଥଶିଞ୍ଜିତମେଖଳାଃ ।
ବିକଚତାମରସା ଗୃହଦୀର୍ଘିକା ମଦକଳୋଦକଲୋଳବିହଙ୍ଗମାଃ ।।୩୭

उपययौ तनुतां मधुखण्डिता हिमकरोदयपाण्डुमुखच्छविः ।
सदृशमिष्टसमागमनिर्वृतिं वनितयानितया रजनीवधूः ॥३८
ଉପୟୟୌ ତନୁତାଂ ମଧୁଖଣ୍ଡିତା ହିମକରୋଦୟପାଣ୍ଡୁମୁଖଛବିଃ ।
ସଦୃଶମିଷ୍ଟସମାଗମନିର୍ବୃତିଂ ବନିତୟାନିତୟା ରଜନୀବଧୂଃ ।।୩୮

अपतुषारतया विशदप्रभैः सुरतसङ्गपरिश्रमनोदिभिः ।
कुसुमचापमतेजयदंशुभिर्हिमकरो मकरोर्जितकेतनम् ॥३९
ଅପତୁଷାରତୟା ବିଶଦପ୍ରଭୈଃ ସୁରତସଙ୍ଗପରିଶ୍ରମନୋଦିଭିଃ ।
କୁସୁମଚାପମତେଜୟଦଂଶୁଭିର୍ହିମକରୋ ମକରୋର୍ଜିତକେତନମ୍ ।।୩୯

हुतहुताशनदीप्ति वनश्रियः प्रतिनिधिः कनकाभरणस्य यत् ।
युवतयः कुसुमं दधुराहितं तदलके दलकेसरपेशलम् ॥४०
ହୁତହୁତାଶନଦୀପ୍ତି ବନଶ୍ରିୟଃ ପ୍ରତିନିଧିଃ କନକାଭରଣସ୍ୟ ଯତ୍ ।
ଯୁବତୟଃ କୁସୁମଂ ଦଧୁରାହିତଂ ତଦଳକେ ଦଳକେସରପେଶଳମ୍ ।।୪୦

अलिभिरञ्जनविन्दुमनोहरैः कुसुमपङ्क्तिनिपातिभिरङ्कितः ।
न खलु शोभयति स्म वनस्थलीं न तिलकस्तिलकः प्रमदामिव ॥४१
ଅଳିଭିରଞ୍ଜନବିନ୍ଦୁମନୋହରୈଃ କୁସୁମପଙ୍କ୍ତିନିପାତିଭିରଙ୍କିତଃ ।
ନ ଖଳୁ ଶୋଭୟତି ସ୍ମ ବନସ୍ଥଳୀଂ ନ ତିଳକସ୍ତିଳକଃ ପ୍ରମଦାମିବ ।।୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉପବନ-ଲତାମାନେ ଠିକ୍ ନର୍ତ୍ତକୀମାନଙ୍କ ପରି ଦେଖାଗଲେ । କାରଣ, ଶ୍ରୁତିସୁଖକର ଭ୍ରମରଗୁଞ୍ଜନ ଥିଲ ସେମାନଙ୍କର ସଙ୍ଗୀତ ଏବଂ ବାୟୁକମ୍ପିତ ପଲ୍ଲବ ଥିଲା ସେମାନଙ୍କର ଅଭିନୟଗତ ହସ୍ତ । ତାହାଛଡ଼ା, ସେମାନଙ୍କର ପୁଷ୍ପରାଜି ନୃତ୍ୟସମୟର ଭାବବ୍ୟଞ୍ଜକ ହାସ୍ୟ ପରି ଜଣାପଡ଼ୁଥିଲ । ୩୫

କାମିନୀମାନେ କାନ୍ତମାନଙ୍କ ସହିତ ପରସ୍ପର ଅନୁରାଗରେ କାମୋଦ୍ଦୀପକ ମଦ୍ୟ ପାନ କଲେ । ସେହି ମଦ୍ୟ ଲଳିତଚାତୁରୀ ଶିକ୍ଷା ଦେବାରେ ଧୁରନ୍ଧର ଥିଲ, ଆଉ ସୁଗନ୍ଧରେ 'କେଶର' ପୁଷ୍ପର ଗନ୍ଧକୁ ମଧ୍ୟ ପରାଜିତ କରୁଥିଲା । ୩୬

ନାରୀମାନେ ସେମାନଙ୍କର ସ୍ମିତସୁନ୍ଦର ମୁଖ ଏବଂ ମୃଦୁ-ଶବ୍ଦାୟମାନ ମେଖଳା (ଅଣ୍ଟାସୂତା) ଦ୍ୱାରା ଯେପରି ଶୋଭା ପାଆନ୍ତି, ଗୃହପୁଷ୍କରିଣୀ-ଗୁଡ଼ିକ ପ୍ରସ୍ଫୁଟିତ ପଦ୍ମ ଓ ମଧୁରରାବୀ ଚପଳ ଜଳଚରପକ୍ଷୀମାନଙ୍କ ଦ୍ୱାରା ସେହିପରି ଶୋଭା ପାଇଲେ । ୩୭

ପ୍ରିୟସଙ୍ଗମ-ସୁଖ ପାଇ ନ ପାରି ଖଣ୍ଡିତା ନାୟିକାର ମୁଖ ଯେପରି ପାଣ୍ଡୁର ବର୍ଣ୍ଣ ଦିଶେ ଏବଂ କ୍ରମେ କ୍ରମେ ତାର ଶରୀର କ୍ଷୀଣ ହୋଇ ଆସେ, ବସନ୍ତ କାଳରେ ରାତ୍ରିରୂପିଣୀ ବଧୂର ମୁଖ (ସନ୍ଧ୍ୟାସମୟ) ଚନ୍ଦ୍ରୋଦୟରେ ସେହିପରି ପାଣ୍ଡୁର ବର୍ଣ୍ଣ ଦିଶିଲା ଏବଂ ରାତ୍ରିବଧୂ କ୍ରମେକ୍ରମେ କ୍ଷୀଣ ହେବାକୁ ଲାଗିଲ । (ଖଣ୍ଡିତା—ଯେଉଁ ସ୍ତ୍ରୀର ନିକଟକୁ ପ୍ରେମିକ ଆସିବାକୁ କହି ଆସେ-ନାହିଁ । ୩୮

ଚନ୍ଦ୍ରର ହିମମୁକ୍ତ ଉଜ୍ଜ୍ୱଳ କିରଣ କାମିନୀମାନଙ୍କର ରତିଶ୍ରମ ଦୂର କଲ । ସେହି କିରଣ ଦ୍ୱାରା ଚନ୍ଦ୍ର ବିଶ୍ୱ-ବିଜୟ-ଇଚ୍ଛୁକ କନ୍ଦର୍ପକୁ ଅଧିକ ଉତ୍ସାହ ପ୍ରଦାନ କଲା । ୩୯

ପ୍ରଜ୍ୱଳିତ ଅଗ୍ନିତୁଲ୍ୟ ଦିଶୁଥିବା ଯେଉଁ ସ୍ନିଗ୍ଧସୁନ୍ଦର କନିଆର ଫୁଲ ବନଲକ୍ଷ୍ମୀଙ୍କର ସ୍ୱର୍ଣ୍ଣଭୂଷଣ ହୁଏ, ତାହାକୁ ଯୁବତୀମାନେ ନିଜ ନିଜ କେଶର ଭୂଷଣ ମଧ୍ୟ କଲେ । ପ୍ରିୟମାନେ ସେମାନଙ୍କ କେଶରେ ତାହା ପିନ୍ଧାଇ ଦେଲେ । ୪୦

କଜ୍ଜଳବିନ୍ଦୁ ପରି ସୁନ୍ଦର ଭ୍ରମରମାନେ ତିଳକ ବୃକ୍ଷର ପୁଷ୍ପ ଉପରେ ବସି ମଧୁ ପାନ କଲେ । ତିଳକ ଭୂଷଣ ରମଣୀମାନଙ୍କୁ ଯେପରି ଶୋଭିତ କରେ, ତିଳକ ବୃକ୍ଷ ବନସ୍ଥଳୀକୁ ସେହିପରି ଶୋଭିତ କଲ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अमदयन्मधुगन्धसनाथया किसलयाधरसंगतया मनः ।
कुसुमसंभृतया नवमल्लिका स्मितरुचा तरुचारुबिलासिनी ।।४२
ଅମଦୟନ୍ମଧୁଗନ୍ଧସନାଥୟା କିସଲୟାଧରସଂଗତୟା ମନଃ ।
କୁସୁମସଂଭୃତୟା ନବମଲ୍ଲିକା ସ୍ମିତରୁଚା ତରୁଚାରୁବିଲାସିନୀ ।।୪୨

अरुणरागनिषेधिभिरंशुकैः श्रवणलब्धपदैश्च यवाङ्कुरैः ।
परभृताविरुतैश्च विलासिनः स्मरबलैकरसाः कृताः ।।४३
ଅରୁଣରାଗନିଷେଧିଭିରଂଶୁକୈଃ ଶ୍ରବଣଲବ୍ଧପଦୈଶ୍ଚ ଯବାଙ୍କୁରୈଃ ।
ପରଭୃତାବିରୁତୈଶ୍ଚ ବିଲାସିନଃ ସ୍ମରବଲୈକରସାଃ କୃତାଃ ।।୪୩

उपचितावयवा शुचिभिः कणैरलिकदम्बकयोगमुपेयुषी ।
सदृशकान्तिरलक्ष्यत मञ्जरी तिलकजालकजालकमौक्तिकैः ।।४४
ଉପଚିତାବୟବା ଶୁଚିଭିଃ କଣୈରଳିକଦମ୍ବକଯୋଗମୁପେୟୁଷୀ ।
ସଦୃଶକାନ୍ତିରଲକ୍ଷ୍ୟତ ମଞ୍ଜରୀ ତିଳକଜାଲକଜାଲକମୌକ୍ତିକୈଃ ।।୪୪

ध्वजपटं मदनस्य धनुर्भृतश्छविकरं मुखचूर्णमृतुश्रियः ।
कुसुमकेसररेणुमलिव्रजाः सपवनोपवनोत्थितमन्वयुः ।।४५
ଧ୍ୱଜପଟଂ ମଦନସ୍ୟ ଧନୁର୍ଭୃତଶ୍ଛବିକରଂ ମୁଖଚୂର୍ଣ୍ଣମୃତୁଶ୍ରିୟଃ ।
କୁସୁମକେସରରେଣୁମଳିବ୍ରଜାଃ ସପବନୋପବନୋତ୍ଥିତମନ୍ୱୟୁଃ ।।୪୫

अनुभवन्नवदोलमृतूत्सवं पटुरपि प्रियकण्ठजिघृक्षया ।
अनयदासनरज्जुपरिग्रहे भुजलतां जल(ड)तामबलाजनः ।।४६
ଅନୁଭବନ୍ନବଦୋଳମୃତୂତ୍ସବଂ ପଟୁରପି ପ୍ରିୟକଣ୍ଠଜିଘୃକ୍ଷୟା ।
ଅନୟଦାସନରଜ୍ଜୁପରିଗ୍ରହେ ଭୁଜଲତାଂ ଜଳ(ଡ)ତାମବଳାଜନଃ ।।୪୬

त्यजत मानमलं बत विग्रहैर्न पुनरेति गतं चतुरं वयः ।
परभृताभिरितीव निवेदिते स्मरमते रमते स्म वधूजनः ।।४७
ତ୍ୟଜତ ମାନମଲଂ ବତ ବିଗ୍ରହୈର୍ନପୁନରେତି ଗତଂ ଚତୁରଂ ବୟଃ ।
ପରଭୃତାଭିରିତୀବ ନିବେଦିତେ ସ୍ମରମତେ ରମତେ ସ୍ମ ବଧୂଜନଃ ।।୪୬

अथ यथासुखमार्तवमुत्सवं समनुभूय विलासवतीसखः ।
नरपतिश्चकमे मृगयारतिं स मधुमन्मधुमन्मथसंनिभः ।।४८
ଅଥ ଯଥାସୁଖମାର୍ତ୍ତବମୁତ୍ସବଂ ସମନୁଭୂୟ ବିଳାସବତୀସଖଃ ।
ନରପତିଶ୍ଚକମେ ମୃଗୟାରତିଂ ସ ମଧୁମନ୍ମଧୁମନ୍ମଥସଂନିଭଃ ।।୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃକ୍ଷ-ରମଣୀ ରୂପସୀ ନବମଲ୍ଲିକା ସୁଗନ୍ଧମୟ ପୁଷ୍ପରୂପକ ସ୍ମିତହାସ୍ୟରେ ଦର୍ଶକମାନଙ୍କର ମନ ଉନ୍ମତ୍ତ କଲା । ତାର ସେହି ସ୍ମିତହାସ୍ୟ ପ୍ରକାଶ ପାଉଥିଲା ନବପଲ୍ଲବରୂପକ ଅଧରରେ । ୪୨

ଲାଲବର୍ଣ୍ଣ ବସ୍ତ୍ର, କର୍ଣ୍ଣଭୂଷଣ ଯବାଙ୍କୁର ଏବଂ କୋଇଲିର କୁହୁଗାନ, କନ୍ଦର୍ପର ଏଇ ତିନି ସେନା ପୁରୁଷମାନଙ୍କୁ ରମଣୀମାନଙ୍କ ପ୍ରତି ପୂର୍ଣ୍ଣ ଆକୃଷ୍ଟ କରିଦେଲେ । ୪୩

ତିଳକମଞ୍ଜରୀ (ତିଳକବୃକ୍ଷର ଫୁଲପେଣ୍ଡା) ବିନ୍ଦୁ ବିନ୍ଦୁ ପୁଷ୍ପପରାଗରେ ପରିପୂର୍ଣ୍ଣ ହେଲା ଏବଂ ଭ୍ରମରଗଣ ତାହାକୁ ଘେରି ରହିଲେ । ତେଣୁ ସ୍ତ୍ରୀମାନେ କେଶରେ ଯେଉଁ 'ମୁକ୍ତାବଳୀ' ହାର ପରିଧାନ କରନ୍ତି, ତିଳକମଞ୍ଜରୀ ସେହିପରି ଶୋଭ ପାଇଲା । ୪୪

ସୁନ୍ଦର ପୁଷ୍ପରେଣୁ ପବନରେ ଯେଉଁଆଡ଼କୁ ଉଡ଼ିଯାଉଥିଲା, ଭ୍ରମରଗଣ ସେହି ଆଡ଼କୁ ଧାଉଁଥିଲେ । ସେହି ପୁଷ୍ପରେଣୁ ଥିଲା ଧନୁର୍ଦ୍ଧର କନ୍ଦର୍ପର ପତାକା ଏବଂ ବସନ୍ତ-ଲକ୍ଷ୍ମୀଙ୍କର ମୁଖଲେପନଚୂର୍ଣ୍ଣ । ୪୫

ରମଣୀମାନେ ଦୋଳାରେ ବସି ବସନ୍ତ-ଉତ୍ସବ ଉପଭୋଗ କଲେ । ସେମାନେ ଝୁଲିବାରେ ପ୍ରବୀଣା ଥିଲେ; କିନ୍ତୁ ପାଖରେ ବସିଥିବା ପ୍ରିୟମାନଙ୍କର କଣ୍ଠ ଆଲିଙ୍ଗନ କରିବା ଅଭିପ୍ରାୟରେ ପଡ଼ିଯିବାର ଛଳନା କରି ଝୁଲଣ-ଦଉଡ଼ିରୁ ଗୋଟିଏ ହାତକୁ ଶିଥିଳ କରି ଦେଉଥିଲେ । ୪୬

"ମାନ ତ୍ୟାଗ କର, ପ୍ରତିକୂଳ ଆଚରଣ କରନାହିଁ, ନବଯୌବନ ଚାଲିଗଲେ ଆଉ ଫେରିଆସେ ନାହିଁ ।" କନ୍ଦର୍ପର ଏହି ଆଜ୍ଞାକୁ କୋଇଲିମାନେ ଘୋଷଣା କଲେ । ଫଳରେ ମାନିନୀମାନେ ମାନ ଛାଡ଼ି କାନ୍ତମାନଙ୍କ ସହିତ ମିଳିତ ହୋଇଗଲେ । ୪୭

ବିଷ୍ଣୁତୁଲ୍ୟ, ବସନ୍ତତୁଲ୍ୟ, ତଥା କନ୍ଦର୍ପତୁଲ୍ୟ ରଜା ଦଶରଥ ପ୍ରିୟାମାନଂକ ସହିତ ବସନ୍ତ ଉତ୍ସବର ସୁଖ ଅନୁଭବ କରି ମୃଗୟାରେ ଯିବାକୁ ମନ ବଳାଇଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परिचयं चललक्ष्यनिपातने भयरुषोश्च तदिङ्गितबोधनम् ।
श्रमजयात् प्रगुणां च करोत्यसौ तनुमतोऽनुमतः सचिवैर्ययौ ।।४९
ପରିଚୟଂ ଚଳଲକ୍ଷ୍ୟନିପାତନେ ଭୟରୁଷୋଶ୍ଚ ତଦିଙ୍ଗିତବୋଧନମ୍ ।
ଶ୍ରମଜୟାତ୍ ପ୍ରଗୁଣାଂ ଚ କରୋତ୍ୟସୌ ତନୁମତୋଽନୁମତଃ ସଚିବୈର୍ଯୟୌ ।।

मृगवनोपगमक्षमवेषभृद् विपुलकण्ठनिषक्तशरासनः ।
गगनमश्वखुरोद्धतरेणुभिर्नृसविता सवितानमिवाकरोत् ।।५०
ମୃଗବନୋପଗମକ୍ଷମବେଷଭୃଦ୍ ବିପୁଳକଣ୍ଠନିଷକ୍ତଶରାସନଃ ।
ଗଗନମଶ୍ୱଖୁରୋଦ୍ଧତରେଣୁଭିର୍ନୃସବିତା ସବିତାନମିବାକରୋତ୍ ।।୫୦

ग्रथितमौलिरसौ वनमालया तरुपलाशसवर्णतनुच्छदः ।
तुरगवल्गनचञ्चलकुण्डलो विरुरुचे रुरुचेष्टितभूमिषु ।।५१
ଗ୍ରଥିତମୌଳିରସୌ ବନମାଳୟା ତରୁପଲାଶସବର୍ଣ୍ଣତନୁଚ୍ଛଦଃ ।
ତୁରଗବଲ୍‌ଗନଚଞ୍ଚଳକୁଣ୍ଡଳୋ ବିରୁରୁଚେ ରୁରୁଚେଷ୍ଟିତଭୂମିଷୁ ।।୫୧

तनुलताविनिवेशितविग्रहा भ्रमरसंक्रमितेक्षणवृत्तयः ।
ददृशुरध्वनि तं वनदेवताः सुनयनं नयनन्दितकोसलम् ।।५२
ତନୁଲତାବିନିବେଶିତବିଗ୍ରହା ଭ୍ରମରସଂକ୍ରମିତେକ୍ଷଣବୃତ୍ତୟଃ ।
ଦଦୃଶୁରଧ୍ୱନି ତଂ ବନଦେବତାଃ ସୁନୟନଂ ନୟନନ୍ଦିତକୋସଲମ୍ ।।୫୨

श्वगणिवागुरिकैः प्रथमास्थितं व्यपगतानलदस्यु विवेश सः ।
स्थिरतुरङ्गमभूमि निपानवन्मृगवयोगवयोपचितं वनम् ।।५३
ଶ୍ୱଗଣିବାଗୁରିକୈଃ ପ୍ରଥମାସ୍ଥିତଂ ବ୍ୟପଗତାନଳଦସ୍ୟୁ ବିବେଶ ସଃ ।
ସ୍ଥିରତୁରଙ୍ଗମଭୂମି ନିପାନବନ୍ମୃଗବୟୋଗବୟୋପଚିତଂ ବନମ୍ ।।୫୩

अथ नभस्य इव त्रिदशायुधं कनकपिङ्गतडिद्गुणसंयुतम् ।
धनुरधिज्यमनाधिरुपाददे नरवरो रवरोषितकेसरी ।।५४
ଅଥ ନଭସ୍ୟ ଇବ ତ୍ରିଦଶାୟୁଧଂ କନକପିଙ୍ଗତଡିଦ୍‌ଗୁଣସଂଯୁତମ୍ ।
ଧନୁରଧିଜ୍ୟମନାଧିରୁପାଦଦେ ନରବରୋ ରବରୋଷିତକେସରୀ ।।୫୪

ତସ୍ୟ ସ୍ତନପ୍ରଣୟିଭିର୍ମୁହୁରେଣଶାବୈ-
ର୍ବ୍ୟାହନ୍ୟମାନହରିଣୀଗମନଂ ପୁରସ୍ତାତ୍ ।
ଆବିର୍ବଭୂବ କୁଶଗର୍ଭମୁଖଂ ମୃଗାଣାଂ
ଯୂଥଂ ତଦଗ୍ରସରଗର୍ବିତକୃଷ୍ଣଶାରମ୍ ।।୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୃଗୟାରେ ଧାଉଁଥିବା ଜନ୍ତୁଙ୍କୁ ଲକ୍ଷ୍ୟ କରି ଶର ମାରିବାରେ ଅଭ୍ୟାସ ହୁଏ, ଜୀବଜନ୍ତୁମାନେ ଭୟ ଓ କ୍ରୋଧରେ କିପରି ଭବଭଙ୍ଗୀ ଦେଖାନ୍ତି, ତାହା ଦେଖିବାକୁ ମିଳେ ଏବଂ ପରିଶ୍ରମ ଯୋଗୁଁ ଦେହରେ ସ୍ଫୁର୍ତ୍ତି ଆସେ । ମୃଗୟାରେ ଏହି ସବୁ ଗୁଣ ଥିବାରୁ ମନ୍ତ୍ରୀମାନେ ଅନୁମୋଦନ କଲେ ଏବଂ ରାଜା ମୃଗୟାକୁ ବାହାରିଲେ । ୪୯

ତେଜସ୍ୱୀ ଦଶରଥ ମୃଗୟାଯୋଗ୍ୟ ବେଶ ପିନ୍ଧି ଏବଂ ବିଶାଳ କନ୍ଧରେ ଧନୁ ଧାରଣ କରି ଯାତ୍ରା କଲାବେଳେ ଅଶ୍ୱମାନଙ୍କ ଖୁରରୁ ଯେଉଁ ଧୂଳିରାଶି ଉଠିଲା, ତାହା ଶୂନ୍ୟ ମଣ୍ଡଳରେ ଚାନ୍ଦୁଆ ଭଳି ଦେଖାଗଲା । ୫୦

ବନମାଳାରେ ତାଙ୍କର କେଶ ବନ୍ଧା ହୋଇଥିଲା ଏବଂ ସବୁଜ ବର୍ଣ୍ଣର ସାଞ୍ଜୁଦ୍ୱାରା ଶରୀର ଆଚ୍ଛାଦିତ ହୋଇଥିଲା । ଘୋଡ଼ାର କଦମ ଚାଲିରେ କର୍ଣ୍ଣର କୁଣ୍ଡଳ ଝୁଲୁଥିଲା । ଏହିପରି ବେଶରେ ଯାଇ ସେ ବନ-ଭୂମିରେ ପହଞ୍ଚିଲେ, ଯେଉଁଠାରେ କି ବହୁତ ରୁରୁ ମୃଗ ବିଚରଣ କରୁଥିଲେ । ୫୧

କୋଶଳବାସୀମାନଙ୍କର ଆନନ୍ଦନିଧି, ଶୋଭନନୟନ ରାଜାଙ୍କୁ ବନ-ଦେବୀମାନେ ଦେଖିବାକୁ ଲାଗିଲେ । କ୍ଷୁଦ୍ର ଲତାଗୁଡ଼ିକ ଥିଲେ ସେମାନଙ୍କର (ବନଦେବୀମାନଙ୍କର) ଶରୀର ସ୍ୱରୂପ ଏବଂ ଭ୍ରମରମାନେ ଚକ୍ଷୁର ଡୋଳା ସ୍ୱରୂପ । ୫୨

କୁକୁର ଓ ଜାଲଦ୍ୱାରା ଶିକାର କରିବାରେ ଯେଉଁମାନେ ଦକ୍ଷ ଥିଲେ, ସେମାନେ ଆଗରୁ ଯାଇ ସେହି ବନରେ ରହିଥିଲେ । ସେହି ବନକୁ ଦାବାଗ୍ନି ଶୂନ୍ୟ ତଥା ତସ୍କରଶୂନ୍ୟ କରାଯାଇଥିଲା । ସେଠାରେ ଅଶ୍ୱମାନଙ୍କ ପାଇଁ ଉପଯୁକ୍ତ ଭୂମି ପ୍ରସ୍ତୁତ କରାଯାଇଥିଲା । ମୃଗ-ପକ୍ଷୀ-ଗବୟପୂର୍ଣ୍ଣ, ଜଳାଶୟ-ବହୁଳ ସେହି ବନ ମଧ୍ୟରେ ରାଜା ପ୍ରବେଶ କଲେ । (ଗବୟ—ଗାଇ ପରି ଏକ ପ୍ରକାର ପ୍ରାଣୀ ।) ୫୩

ତା'ପରେ ଭଦ୍ରମାସ ଯେପରି ଇନ୍ଦ୍ରଧନୁ ଧାରଣ କରେ, ଯାହାର ଗୁଣ (ଧନୁର୍ଗୁଣ) ହେଉଛି କନକବର୍ଣ୍ଣା ବିଜୁଳି, ସେହିପରି ଦଶରଥ ନିର୍ଭୀକ-ଭବରେ ଗୁଣଚଢ଼ା ଧନୁ ଧାରଣ କଲେ, ଯାହାର ଟଙ୍କାର ଶବ୍ଦ ସିଂହର କ୍ରୋଧ ଜାତ କରଉଥିଲା । ୫୪

ସେ ସମ୍ମୁଖରେ ଦେଖିଲେ ଏକ ମୃଗଯୂଥ । ସେହି ଯୂଥର ସବୁ ମୃଗଙ୍କ ମୁଖରେ ଥିଲା ଅର୍ଦ୍ଧକବଳିତ କୁଶତୃଣ । ସ୍ତନ୍ୟପାୟୀ ଶାବକମାନେ ମାଆମାନଙ୍କ ଗତିରେ ବାରମ୍ବାର ବ୍ୟାଘାତ ସୃଷ୍ଟି କରୁଥିଲେ । ଯୂଥର ଆଗେ ଆଗେ ଚାଲୁଥିଲା ଯୂଥପତି କୃଷ୍ଣସାର । ୬୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତତ୍ପ୍ରାର୍ଥିତଂ ଜବନବାଜିଗତେନ ରାଜ୍ଞା
ତୂଣୀମୁଖୋଦ୍ଧୃତଶରେଣ ବିଶୀର୍ଣ୍ଣପଙ୍କ୍ତି ।
ଶ୍ୟାମୀଚକାର ବନମାକୁଳଦୃଷ୍ଟିପାତୈ-
ର୍ବାତେରିତୋତ୍ପଲଦଳପ୍ରକରୈରିବାର୍ଦ୍ରୈଃ ॥୫୬

ଲକ୍ଷ୍ୟୀକୃତସ୍ୟ ହରିଣସ୍ୟ ହରିପ୍ରଭାବଃ
ପ୍ରେକ୍ଷ୍ୟ ସ୍ଥିତାଂ ସହଚରୀଂ ବ୍ୟବଧାୟ ଦେହମ୍ ।
ଆକର୍ଣ୍ଣକୃଷ୍ଟମପି କାମିତୟା ସ ଧନ୍ୱୀ
ବାଣଂ କୃପାମୃଦୁମନାଃ ପ୍ରତିସଂଜହାର ॥୫୭

ତସ୍ୟାପରେଷ୍ୱପି ମୃଗେଷୁ ଶରାନ୍ମୁମୁକ୍ଷୋଃ
କର୍ଣ୍ଣାନ୍ତମେତ୍ୟ ବିଭିଦେ ନିବିଡୋଽପି ମୁଷ୍ଟିଃ ।
ତ୍ରାସାତିମାତ୍ରଚଟୁଲୈଃ ସ୍ମରତଃ ସୁନେତ୍ରୈଃ
ପ୍ରୌଢପ୍ରିୟାନୟନବିଭ୍ରମଚେଷ୍ଟିତାନି ॥୫୮

ଉତ୍ତସ୍ଥୁଷଃ ସପଦି ପଲ୍ୱଲପଙ୍କମଧ୍ୟାନ୍-
ମୁସ୍ତାପ୍ରରୋହକବଳାବୟବାନୁକୀର୍ଣ୍ଣମ୍ ।
ଜଗ୍ରାହ ସ ଦ୍ରୁତବରାହକୁଳସ୍ୟ ମାର୍ଗଂ
ସୁବ୍ୟକ୍ତମାର୍ଦ୍ରପଦପଙ୍କ୍ତିଭିରାୟତାଭିଃ ॥୫୯

ତଂ ବାହନାଦବନତୋତ୍ତରକାୟମୀଷଦ୍
ବିଧ୍ୟନ୍ତମୁଦ୍ଧୃତସଟାଃ ପ୍ରତିହନ୍ତୁମୀଷୁଃ ।
ନାତ୍ମାନମସ୍ୟ ବିବିଦୁଃ ସହସା ବରାହା
ବୃକ୍ଷେଷୁ ବିଦ୍ଧମିଷୁଭିର୍ଜଘନାଶ୍ରୟେଷୁ ॥୬୦

ତେନାଭିଘାତରଭସସ୍ୟ ବିକୃଷ୍ୟ ପତ୍ରୀ
ବନ୍ୟସ୍ୟ ନେତ୍ରବିବରେ ମହିଷସ୍ୟ ମୁକ୍ତଃ ।
ନିର୍ଭିଦ୍ୟ ବିଗ୍ରହମଶୋଣିତଲିପ୍ତପୁଙ୍ଖ-
ସ୍ତଂ ପାତୟାଂ ପ୍ରଥମମାସ ପପାତ ପଶ୍ଚାତ୍ ॥୬୧

ପ୍ରାୟୋ ବିଷାଣପରିମୋକ୍ଷଲଘୂତ୍ତମାଙ୍ଗାନ୍
ଖଡ୍ଗାଁଶ୍ଚକାର ନୃପତିର୍ନିଶିତୈଃ କ୍ଷୁରପ୍ରୈଃ ।
ଶୃଙ୍ଗଂ ସ ଦୃପ୍ତବିନୟାଧିକୃତଃ ପରେଷା-
ମତ୍ୟୁଚ୍ଛ୍ରିତଂ ନ ମମୃଷେ ନ ତୁ ଦୀର୍ଘମାୟୁଃ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଜା ଦ୍ରୁତଗାମୀ ଅଶ୍ୱପୃଷ୍ଠରେ ବସି ତୂଣୀରରୁ ଶର ବାହାର କରି ସେହି ମୃଗଯୂଥର ଅନୁଧାବନ କରନ୍ତେ ମୃଗଯୂଥ ଛିନ୍ନଛତ୍ର ହୋଇ ପଳାୟନ କଲେ । ସେମାନଙ୍କର ଆକୁଳ ଦୃଷ୍ଟିପାତ ଫଳରେ ବୋଧହେଲା, ସତେ ଯେପରି ବନଭୂମି ବାୟୁକମ୍ପିତ, ଆର୍ଦ୍ର ନୀଳ ପଦ୍ମପତ୍ରମାନଙ୍କ ଦ୍ୱାରା ସବୁଜ ହୋଇଉଠିଛି ! ୫୬

ଇନ୍ଦ୍ରଙ୍କ ତୁଲ୍ୟ ପରାକ୍ରମଶାଳୀ ଦଶରଥ ଏକ ହରିଣକୁ ମାରିବା ପାଇଁ ଲକ୍ଷ୍ୟ କରନ୍ତେ ତାହାର ପ୍ରିୟା (ହରିଣୀ) ତାକୁ ନିଜ ଦେହର ଆଡ଼ୁଆଳରେ ରଖି ଠିଆ ହୋଇ ରହିଲା । ତାହା ଦେଖି ରଜାଙ୍କ ମନରେ ଦୟା ଜାତ ହେଲା । ସେ ଶରକୁ କର୍ଣ୍ଣପର୍ଯ୍ୟନ୍ତ ଟାଣିଥିଲେ ମଧ୍ୟ ଧନୁରୁ ବାହାର କରିଦେଲେ । ୫୭

ତା'ପରେ ସେ ଅନ୍ୟ ମୃଗମାନଙ୍କ ଉପରେ ଶର ନିକ୍ଷେପ କରିବାକୁ ଇଚ୍ଛା କଲେ । ମାତ୍ର ତାଙ୍କର ମୁଷ୍ଟି କର୍ଣ୍ଣ ପର୍ଯ୍ୟନ୍ତ ଯାଇ ମଧ୍ୟ ଶିଥିଳ ହୋଇଆସିଲା । କାରଣ, ହରିଣୀମାନଙ୍କର ଭୟଭୀତ, ଚଳଚଞ୍ଚଳ ଚାହାଣିକୁ ଦେଖି ନିଜ ପ୍ରିୟାମାନଙ୍କର ସୁନ୍ଦର ଚାହାଣି ତାଙ୍କର ମନେ ପଡ଼ିଗଲା । ୫୮

ତା'ପରେ ସେ ବାଟରେ ବରାହମାନଙ୍କର ବଡ଼ ବଡ଼ ଆର୍ଦ୍ର ପଦଚିହ୍ନ ଏବଂ ସ୍ଥାନେ ସ୍ଥାନେ ଅର୍ଦ୍ଧଭୁକ୍ତ ମୁଥାଘାସ ପଡ଼ିଥିବାର ଦେଖିଲେ । ସେଥିରୁ ସେ ଜାଣିଲେ ଯେ ବରାହଯୂଥ ଅଳ୍ପସମୟ ହେଲା ଜଳାଶୟରୁ ଉଠି ସେହି ବାଟେ ଯାଇଛନ୍ତି । ତେଣୁ ସେ ସେହି ବାଟରେ ଅଗ୍ରସର ହେଲେ । ୫୯

ସେ ଅଶ୍ୱପୃଷ୍ଠରେ ଆଗକୁ ଝୁଙ୍କିପଡ଼ି ବରାହମାନଙ୍କ ଉପରେ ଶର-ନିକ୍ଷେପ କରିବାକୁ ଉଦ୍ୟତ ହେଲେ । ତାଙ୍କୁ ଦେଖି ବରାହମାନେ ଆକ୍ରମଣ କରିବା ଲାଗି ବେକବାଳ ଝାଡ଼ି ଉଠିଲେ; କିନ୍ତୁ ସଙ୍ଗେ ସଙ୍ଗେ ସେମାନେ ଶରଦ୍ୱାରା ପାଖଗଛମାନଙ୍କ ସହିତ ବିଦ୍ଧ ହୋଇ ପ୍ରାଣତ୍ୟାଗ କଲେ । ୬୦

ତା'ପରେ ଏକ ବନ୍ୟ ମହିଷ ପ୍ରବଳ ବେଗରେ ତାଙ୍କୁ ଆକ୍ରମଣ କରିବାକୁ ଆସିଲା । ସେ ତାର ଆଖିକୁ ଲକ୍ଷ୍ୟ କରି ଶର ନିକ୍ଷେପ କଲେ ! ଶର ମଇଁଷିର ଦେହକୁ ଏତେ ଶୀଘ୍ର ଭେଦ କରି ବାହାରିଗଲା ଯେ ଶରର ମୂଳରେ ଲାଗିଥିବା ପକ୍ଷୀପରରେ ରକ୍ତ ମଧ୍ୟ ଲାଗିଲା ନାହିଁ । ଆଉ ମଧ୍ୟ, ଉକ୍ତ ଶର ମଇଁଷିକୁ ଭୂପତିତ କରିବା ପରେ ହିଁ ଭୂପତିତ ହେଲା । ୬୧

ସେ ତୀକ୍ଷ୍ଣ ଅର୍ଦ୍ଧଚନ୍ଦ୍ର ବାଣରେ ଗଣ୍ଡାମାନଙ୍କର ଶୃଙ୍ଗ କାଟିଦେଇ ସେମାନଙ୍କର ମୁଣ୍ଡକୁ ଉଚ୍ଛ୍ୱାସ କରିଦେଲେ । ସେ ଯେ ଉଦ୍ଧତମାନଙ୍କୁ ବଞ୍ଚି-ରହିବାକୁ ଦେଉ ନ ଥିଲେ, ତାହା ନୁହେଁ; କିନ୍ତୁ ସେମାନଙ୍କର ଔଦ୍ଧତ୍ୟକୁ ଧ୍ୱଂସ କରୁଥିଲେ । କାରଣ ସେ ଥିଲେ ଦର୍ପିଷ୍ଠମାନଙ୍କର ଦର୍ପଦମନକାରୀ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ୟାଘ୍ରାନଭୀରଭିମୁଖୋତ୍ପତିତାନ୍ ଗୁହାଭ୍ୟଃ
ଫୁଲ୍ଲାସନାଗ୍ରବିଟପାନିବ ବାୟୁରୁଗ୍ଣାନ୍ ।
ଶିକ୍ଷାବିଶେଷଲଘୁହସ୍ତତୟା ନିମେଷାତ୍
ତୂଣୀଚକାର ଶରପୂରିତବକ୍ତ୍ରରନ୍ଧ୍ରାନ୍ ।।୬୩

ନିର୍ଘାତୋଗ୍ରୈଃ କୁଞ୍ଜଲୀନାଞ୍ଜିଘାସୁ-
ର୍ଜ୍ୟାତିଘୋଷୈଃ କ୍ଷୋଭୟାମାସ ସିଂହାନ୍ ।
ନୂନଂ ତେଷାମଭ୍ୟସୂୟାପରୋଽଭୂଦ୍
ବୀର୍ଯ୍ୟୋଦଗ୍ରେ ରାଜଶବ୍ଦେ ମୃଗେଷୁ ।।୬୪

ତାନ୍ ହତ୍ୱା ଗଜକୁଲବଦ୍ଧତୀବ୍ରବୈରାନ୍
କାକୁତ୍ସ୍ଥଃ କୁଟିଳନଖାଗ୍ରଲଗ୍ନମୁକ୍ତାନ୍ ।
ଆତ୍ମାନଂ ରଣକୃତକର୍ମଣାଂ ଗଜାନା-
ମାନୃଣ୍ୟଂ ଗତମିବ ମାର୍ଗଣୈରମଂସ୍ତ ।।୬୫

चमरान् परितः प्रवर्तिताश्वः क्वचिदाकर्णविकृष्टभल्लवर्षी ।
नृपतीनिव तान् वियोज्य सद्यः सितबालव्यजनैर्जगाम शान्तिम् ।।६६
ଚମରାନ୍ ପରିତଃ ପ୍ରବର୍ତ୍ତିତାଶ୍ୱଃ କ୍ୱଚିଦାକର୍ଣ୍ଣବିକୃଷ୍ଟଭଲ୍ଲବର୍ଷୀ ।
ନୃପତୀନିବ ତାନ୍ ବିୟୋଜ୍ୟ ସଦ୍ୟଃ ସିତବାଲବ୍ୟଜନୈର୍ଜଗାମ ଶାନ୍ତିମ୍ ।।୬୬

ଅପି ତୁରଗସମୀପାଦୁତ୍ପତନ୍ତଂ ମୟୂରଂ
ନ ସ ରୁଚିରକଳାପଂ ବାଣଲକ୍ଷ୍ୟୀଚକାର ।
ସପଦି ଗତମନସ୍କଶ୍ଚିତ୍ରମାଲ୍ୟାନୁକୀର୍ଣ୍ଣେ
ରତିବିଗଳିତବନ୍ଧେ କେଶପାଶେ ପ୍ରିୟାୟାଃ ।।୬୭

तस्य कर्कशविहारसम्भवं स्वेदमाननविलग्नजालकम् ।
आचचाम सतुषारशीकरो भिन्नपल्लवपुटो वनानिलः ।।६८
ତସ୍ୟ କର୍କଶବିହାରସମ୍ଭବଂ ସ୍ୱେଦମାନନବିଲଗ୍ନଜାଲକମ୍ ।
ଆଚଚାମ ସତୁଷାରଶୀକରୋ ଭିନ୍ନପଲ୍ଲବପୁଟୋ ବନାନିଳଃ ।୬୮

इति विस्मृतान्यकरणीयमात्मनः सचिवावलम्बितधुरं धराधिपम् ।
परिवृद्धरागमनुबन्धसेवया मृगया जहार चतुरेव कामिनी ।।६९
ଇତି ବିସ୍ମୃତାନ୍ୟକରଣୀୟମାତ୍ମନଃ ସଚିବାବଲମ୍ବିତଧୁରଂ ଧରାଧିପମ୍ ।
ପରିବୃଦ୍ଧରାଗମନୁବନ୍ଧସେବୟା ମୃଗୟା ଜହାର ଚତୁରେବ କାମିନୀ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୁଷ୍ପିତ 'ଅସନ' ବୃକ୍ଷର ଅଗଡାଳମାନ ବାତ୍ୟାରେ ଭଙ୍ଗିଯାଇ ଉଡ଼ିଆସୁଥିବାବେଳେ ଯେପରି ଦେଖାଯାଏ, ସିଂହମାନେ ପାଟି ଆଁ କରି ଗୁହାରୁ ତାଙ୍କ ଆଡ଼କୁ ଧାଇଁ ଆସୁଥିବା ବେଳେ ସେହିପରି ଦେଖାଗଲେ । କିନ୍ତୁ ରଜା ଶର ମାରିବାରେ ଏପରି କ୍ଷିପ୍ରତା ହାସଲ କରିଥିଲେ ଯେ ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କର ପାଟିକୁ ଶରରେ ପୂର୍ଣ୍ଣ କରିଦେଲେ । ୬୩

ସେ ଘଡ଼ଘଡ଼ି ଭଳି ପ୍ରଚଣ୍ଡ ଧନୁଷ୍ଟଙ୍କାରରେ କୁଞ୍ଜଭିତରେ ଥିବା ସିଂହମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଲେ । କାରଣ, ସେ ବୋଧହୁଏ ଈର୍ଷାନ୍ୱିତ ହୋଇ ସେମାନଙ୍କର 'ମୃଗରଜ' ପଦକୁ ବରଦାସ୍ତ କରି ପାରୁ ନ ଥିଲେ । ୬୪

ସିଂହମାନେ ହସ୍ତୀମାନଙ୍କୁ ନିହତ କରିଥିବାରୁ ସେମାନଙ୍କର ବକ୍ର ନଖରେ ଗଜମୁକ୍ତା ଲଗି ରହିଥିଲା । ରଜା ସିଂହମାନଙ୍କୁ ମାରି ହସ୍ତୀମାନଙ୍କ ଋଣରୁ ମୁକ୍ତ ହେଲେ । କାରଣ, ହସ୍ତୀମାନେ ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରୁଥିଲେ । ୬୫

ସେ ଯେପରି ପରଜିତ ରଜାମାନଙ୍କୁ ନିହତ କରୁ ନଥିଲେ, ଅଥଚ ସେମାନଙ୍କୁ ରଜଚିହ୍ନ ଶ୍ୱେତ ଚାମରରୁ ବଞ୍ଚିତ କରୁଥିଲେ, ସେହିପରି ଚମର ମୃଗମାନଙ୍କ ଚାରିପାଖରେ ଘୋଡ଼ା ଛୁଟାଇ ଭଲ୍ଲନାମକ ଅସ୍ତ୍ରରେ ସେମାନଙ୍କୁ ଚମରରହିତ କରି ଛାଡ଼ି ଦେଉଥିଲେ । ୬୬

ତାଙ୍କ ଘୋଡ଼ାର ନିକଟରେ ମୟୂରମାନେ ଉଡ଼ିଯାଉଥିଲେ ମଧ୍ୟ ସେ ସେମାନଙ୍କ ଉପରକୁ ଶର ନିକ୍ଷେପ କରୁ ନ ଥିଲେ । କାରଣ, ସେମାନଙ୍କର ମନୋହର ପୁଚ୍ଛକୁ ଦେଖିବା ମାତ୍ରେ ନିଜର ପ୍ରିୟାମାନଙ୍କର ରତିକାଳୀନ ବିଚିତ୍ରପୁଷ୍ପମାଳାମଣ୍ଡିତ ମୁକୁଳା କେଶ ତାଙ୍କର ମନେ ପଡ଼ି ଯାଉଥିଲା । ୬୭

ବନବାୟୁ ଜଳକଣା ବହନ କରି ଏବଂ ପଦ୍ମମାନଙ୍କର କୋଷକୁ ମୁକୁଳା କରି ବହି ଆସୁଥିଲା । କଠିନ ମୃଗୟା-ବିହାରରେ ରଜାଙ୍କ ଦେହରୁ ଯେଉଁ ସ୍ୱେଦ ନିର୍ଗତ ହେଉଥିଲା, ସେହି ବାୟୁ ତାହାକୁ ଦୂର କରି ଦେଉଥିଲା । ୬୮

ଏହିଭଳି ଭାବରେ ରଜା ଦଶରଥ ଅନ୍ୟାନ୍ୟ କର୍ତ୍ତବ୍ୟ ଛାଡ଼ି ମନ୍ତ୍ରୀମାନଙ୍କ ଉପରେ ରଜ୍ୟଭାର ନ୍ୟସ୍ତ କରି ଅତ୍ୟନ୍ତ ମୃଗୟାସକ୍ତ ହୋଇ-ପଡ଼ିଲେ । ମୃଗୟା ଚତୁରୀ ନାରୀ ପରି ତାଙ୍କୁ ବାରମ୍ବାର ଆକର୍ଷଣ କରିବାକୁ ଲାଗିଲା । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स ललितकुसुमप्रवालशय्यां ज्वलितमहौषधिदीपिकासनाथाम् ।
नरपतिरतिवाहयांबभूव क्वचिदसमेतपरिच्छदस्त्रियामाम् ॥७०
ସ ଲଳିତକୁସୁମପ୍ରବାଳଶଯ୍ୟାଂ ଜ୍ୱଳିତମହୌଷଧିଦୀପିକାସନାଥାମ୍ ।
ନରପତିରତିବାହୟାଂବଭୂବ କ୍ୱଚିଦସମେତପରିଚ୍ଛଦସ୍ତ୍ରିୟାମାମ୍ ॥୭୦

उषसि स गजयूथकर्णतालैः पटुपटहध्वनिभिर्विनीतनिद्रः ।
अरमत मधुराणि तत्र शृण्वन् विहगविकूजितवन्दिमङ्गलानि ॥७१
ଉଷସି ସ ଗଜୟୂଥକର୍ଣ୍ଣତାଳୈଃ ପଟୁପଟହଧ୍ୱନିଭିର୍ବିନୀତନିଦ୍ରଃ ।
ଅରମତ ମଧୁରାଣି ତତ୍ର ଶୃଣ୍ୱନ୍ ବିହଗବିକୂଜିତବନ୍ଦିମଙ୍ଗଳାନି ॥୭୧

अथ जातुरुरोर्गृहीतवर्त्मा विपिने पार्श्वचरैरलक्ष्यमाणः ।
श्रमफेनमुचा तपस्विगाढां तमसां प्राप नदीं तुरङ्गमेण ॥७२
ଅଥ ଜାତୁ ରୁରୋର୍ଗୃହୀତବର୍ତ୍ମା ବିପିନେ ପାର୍ଶ୍ୱଚରୈରଲକ୍ଷ୍ୟମାଣଃ ।
ଶ୍ରମଫେନମୁଚା ତପସ୍ୱିଗାଢାଂ ତମସାଂ ପ୍ରାପ ନଦୀଂ ତୁରଙ୍ଗମେଣ ॥୭୨

कुम्भपूरणभवः पटुरुच्चैरुच्चचार निनदोऽम्भसि तस्याः ।
तत्र स द्विरदबृंहितशङ्की शब्दपातिनमिषुं विससर्ज ॥७३
କୁମ୍ଭପୂରଣଭବଃ ପଟୁରୁଚ୍ଚୈରୁଚ୍ଚଚାର ନିନଦୋଽମ୍ଭସି ତସ୍ୟାଃ ।
ତତ୍ର ସ ଦ୍ୱିରଦବୃଂହିତଶଙ୍କୀ ଶବ୍ଦପାତିନମିଷୁଂ ବିସସର୍ଜ ॥୭୩

नृपतेः प्रतिषिद्धमेव तत् कृतवान् पङ्क्तिरथो विलङ्घ्य यत् ।
अपथे पदमर्पयन्ति हि श्रुतवन्तोऽपि रजोनिमीलिताः ॥७४
ନୃପତେଃ ପ୍ରତିଷିଦ୍ଧମେବ ତତ୍ କୃତବାନ୍ ପଙ୍କ୍ତିରଥୋ ବିଲଙ୍ଘ୍ୟ ଯତ୍ ।
ଅପଥେ ପଦମର୍ପୟନ୍ତି ହି ଶ୍ରୁତବନ୍ତୋଽପି ରଜୋନିମୀଳିତାଃ ॥୭୪

ହା ତାତେତି କ୍ରନ୍ଦିତମାକର୍ଣ୍ଣ୍ୟ ବିଷଣ୍ଣ-
ସ୍ତସ୍ୟାନ୍ୱିଷ୍ୟନ୍ ବେତସଗୂଢଂ ପ୍ରଭବଂ ସଃ ।
ଶଲ୍ୟପ୍ରୋତଂ ପ୍ରେକ୍ଷ୍ୟ ସକୁମ୍ଭଂ ମୁନିପୁତ୍ରଂ
ତାପାଦନ୍ତଃଶଲ୍ୟ ଇବାସୀତ୍ କ୍ଷିତିଶୋଽପି ॥୭୫

ତେନାବତୀର୍ଯ୍ୟ ତୁରଗାତ୍ ପ୍ରଥିତାନ୍ୱୟେନ
ପୃଷ୍ଟାନ୍ୱୟଃ ସ ଜଳକୁମ୍ଭନିଷଣ୍ଣଦେହଃ ।
ତସ୍ମୈ ଦ୍ୱିଜେତରତପସ୍ୱିସୁତଂ ସ୍ଖଳଦ୍ଭି-
ରାତ୍ମାନମକ୍ଷରପଦୈଃ କଥୟାଂବଭୂବ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ କୌଣସି କୌଣସି ସ୍ଥାନରେ ବିନା ସେବକରେ (ଏକାକୀ) ରାତ୍ରି ଯାପନ କରୁଥିଲେ । ସେତେବେଳେ କୋମଳପୁଷ୍ପ ତଥା ନବପଲ୍ଲବ ତାଙ୍କର ଶଯ୍ୟା ହେଉଥିଲା ଏବଂ ଆଲୋକମୟ ଔଷଧଲତା ପ୍ରଦୀପର କାର୍ଯ୍ୟ କରୁଥିଲା ।୭୦

ସକାଳେ ହସ୍ତୀମାନଙ୍କର କର୍ଣ୍ଣତାଳରୂପକ ଗମ୍ଭୀର ଢକ୍କା ବାଦ୍ୟରେ ତାଙ୍କର ନିଦ୍ରାଭଙ୍ଗ ହେଉଥିଲା । ଭଟମାନେ ସ୍ତୁତିପାଠ କଲା ଭଳି ପକ୍ଷୀମାନେ ତାଙ୍କର ସ୍ତୁତିପାଠ କରୁଥିଲେ । ସେ ତାହା ଶୁଣି ଅତ୍ୟନ୍ତ ଆନନ୍ଦ ଲାଭ କରୁଥିଲେ । ୭୧

ଏକଦା ସେ ଅଶ୍ୱପୃଷ୍ଠରେ ବସି ଏକାକୀ ଏକ ରୁରୁମୃଗର ଅନୁଧାବନ କଲେ । କ୍ଳାନ୍ତିରେ ଅଶ୍ୱର ମୁହଁରୁ ଫେଣ ବହିବାକୁ ଲାଗିଲା । ଏହିପରି ଯାଇ ସେ ତମସା ନଦୀ ତଟରେ ଉପସ୍ଥିତ ହେଲେ, ଯେଉଁ ସ୍ଥାନରେ କି ମୁନିଋଷିମାନଙ୍କର ଆଶ୍ରମମାନ ଥିଲା । ୭୨

ସେହି ସମୟରେ ନଦୀଆଡ଼ୁ କଳସରେ ଜଳ ପୂରାଇବାର ଶବ୍ଦ ଭାସି ଆସିଲା । ତାହାକୁ ସେ ହସ୍ତୀର ଗର୍ଜନ ବୋଲି ମନେ କରି ଏକ ଶବ୍ଦଭେଦୀ ଶର ପ୍ରୟୋଗ କଲେ । ୭୩

ଯେଉଁ କାର୍ଯ୍ୟ କରଣୀୟ ନୁହେଁ, ରଜା ଶାସ୍ତ୍ରନିୟମ ଲଙ୍ଘନ କରି ତାହା ହିଁ କଲେ । ବିଦ୍ୱାନ୍ ବ୍ୟକ୍ତିମାନେ ମଧ୍ୟ ରଜୋଗୁଣାସକ୍ତ ହୋଇ ଅକରଣୀୟ କାର୍ଯ୍ୟ କରିପକାନ୍ତି । (ଯୁଦ୍ଧକ୍ଷେତ୍ର ବ୍ୟତୀତ ଅନ୍ୟ କେଉଁଠାରେ ହସ୍ତୀବଧ ଶାସ୍ତ୍ରନିଷିଦ୍ଧ ।) ୭୪

ସହସା ସେ 'ହା ପିତା' ବୋଲି ଚିତ୍କାର ଶୁଣି ବିଷାଦଗ୍ରସ୍ତ ହୋଇ ପଡ଼ିଲେ । ସେହି ଚିତ୍କାରକୁ ଅନୁସରଣ କରି ନଦୀତଟର ଏକ ବେତସକୁଞ୍ଜରେ ଉପସ୍ଥିତ ହେଲେ ଏବଂ ଦେଖିଲେ, ମୁନିକୁମାରଟିଏ ଶରବିଦ୍ଧ ହୋଇ କଳସୀ ସହିତ ପଡ଼ିଛି । ତାହା ଦେଖି ରଜା ନିଜେ ଶରବିଦ୍ଧ ଭଳି ହୋଇଗଲେ । ୭୫

ମହାନ୍ ବଂଶରୁ ସମ୍ଭୂତ ଦଶରଥ ଅଶ୍ୱରୁ ଓହ୍ଲାଇ ସେହି ବାଳକଟିକୁ ତାର କୁଳ, ନାମ ପଚାରିଲେ । କଳସୀ ଉପରେ ଢଳି ପଡ଼ିଥିବା ବାଳକଟି ଅସ୍ପଷ୍ଟ ସ୍ୱରରେ କହିଲା—"ମୁଁ ଜଣେ ଅବ୍ରାହ୍ମଣ ତପସ୍ୱୀଙ୍କର ପୁତ୍ର ।" ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତଚ୍ଛୋଦିତଶ୍ଚ ତମନୁଦ୍ଧୃତଶଲ୍ୟମେବ
ପିତ୍ରୋଃ ସକାଶମବସନ୍ନଦୃଶୋର୍ନିନାୟ ।
ତାଭ୍ୟାଂ ତଥାଗତମୁପେତ୍ୟ ତମେକପୁତ୍ର-
ମଜ୍ଞାନତଃ ସ୍ୱଚରିତଂ ନୃପତିଃ ଶଶଂସ ।।୭୭

ତୌ ଦମ୍ପତୀ ବହୁ ବିଳପ୍ୟ ଶିଶୋଃ ପ୍ରହର୍ତ୍ରା
ଶଲ୍ୟଂ ନିଖାତମୁଦହାରୟତାମୁରସ୍ତଃ ।
ସୋଽଭୂତ୍ ପରାସୁରଥ ଭୂମିପତିଂ ଶଶାପ
ହସ୍ତାର୍ପିତୈର୍ନୟନବାରିଭିରେବ ବୃଦ୍ଧଃ ।।

ଦିଷ୍ଟାନ୍ତମାପ୍ସ୍ୟତି ଭବାନପି ପୁତ୍ରଶୋକା-
ଦନ୍ତ୍ୟେ ବୟସ୍ୟହମିବେତି ତମୁକ୍ତବନ୍ତମ୍ ।
ଆକ୍ରାନ୍ତପୂର୍ବମିବ ମୁକ୍ତବିଷଂ ଭୁଜଙ୍ଗଂ
ପ୍ରୋବାଚ କୋସଲପତିଃ ପ୍ରଥମାପରାଦ୍ଧଃ ।।୭୯

ଶାପୋଽପ୍ୟଦୃଷ୍ଟତନୟାନନପଦ୍ମଶୋଭେ
ସାନୁଗ୍ରହୋ ଭଗବତା ମୟି ପାତିତୋଽୟମ୍ ।
କୃଷ୍ୟାଂ ଦହନ୍ନପି ଖଲୁ କ୍ଷିତିମିନ୍ଧନେଦ୍ଧୋ
ବୀଜପ୍ରରୋହଜନନୀଂ ଜ୍ୱଲନଃ କରୋତି ।।୮୦

ଇତ୍ଥଂଗତେ ଗତଘୃଣଃ କିମୟଂ ବିଧତ୍ତାଂ
ବଧ୍ୟସ୍ତବେତ୍ୟଭିହିତୋ ବସୁଧାଧିପେନ ।
ଏଧାନ୍ ହୁତାଶନବତଃ ସ ମୁନିର୍ୟୟାଚେ
ପୁତ୍ରଂ ପରାସୁମନୁଗନ୍ତୁମନାଃ ସଦାରଃ ।।୮୧

ପ୍ରାପ୍ତାନୁଗଃ ସପଦି ଶାସନମସ୍ୟ ରାଜା
ସମ୍ପାଦ୍ୟ ପାତକବିଲୁପ୍ତଧୃତିର୍ନିବୃତ୍ତଃ ।
ଅନ୍ତର୍ନିବିଷ୍ଟପଦମାତ୍ମବିନାଶହେତୁଂ
ଶାପଂ ଦଧଜ୍ଜ୍ୱଲନମୌର୍ବମିବାମ୍ବୁରାଶିଃ ।।୮୨

इति श्रीमहाकविकालिदासकृतौ रघुवंशे महाकाव्ये
मुनिशापप्रदानो नाम नवमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆଉ ମଧ୍ୟ ସେ କହିଲା—"ମୋତେ ମୋ ପିତାମାତାଙ୍କ ନିକଟକୁ ନେଇ ଚାଲ ।" ରଜା ତା' ଦେହରୁ ଶର ବାହାର ନ କରି ତାର ଅନ୍ଧ ପିତାମାତାଙ୍କ ନିକଟକୁ ଘେନିଗଲେ ଏବଂ ସେହି ଏକମାତ୍ର ପୁତ୍ରକୁ ସେମାନଙ୍କ ଆଗରେ ରଖି ନିଜେ ତାହାକୁ ହସ୍ତୀ-ଭ୍ରମରେ ବଧ କରିଥିବା ବିଷୟ ଜଣାଇଲେ । ୭୭

ବୃଦ୍ଧ ଦମ୍ପତି ବହୁତ ବିଳାପ କରି ରଜାଙ୍କ ଦ୍ୱାରା ପୁତ୍ରର ଛାତିରୁ ଶର ବାହାର କରାଇଲେ । ଶର ବାହାରିବା ସଙ୍ଗେ ସଙ୍ଗେ ବାଳକଟି ପ୍ରାଣତ୍ୟାଗ କଲା । ବୃଦ୍ଧ ମୁନି ହାତରେ ଅଶ୍ରୁଜଳ ଧରି ଅଭିଶାପ ଦେଲେ—୭୮

"ଆପଣ ଅନ୍ତିମ ସମୟରେ ମୋ'ପରି ପୁତ୍ରଶୋକରେ ପ୍ରାଣତ୍ୟାଗ କରିବେ ।" ସାପକୁ ମାଡ଼ି ପକାଇଲେ ସେ ଯେପରି ଦଂଶନପୂର୍ବକ ବିଷତ୍ୟାଗ କରେ, ବୃଦ୍ଧ ମୁନି ସେହିପରି ଜଣାପଡ଼ୁଥିଲେ । ଦଶରଥଙ୍କର ଏହି ଅପରାଧ ଥିଲା ପ୍ରଥମ । ସେ ବୃଦ୍ଧ ମୁନିଙ୍କର ଅଭିଶାପ ଶୁଣି କହିଲେ—୭୯

"ହେ ମହାତ୍ମା, ମୁଁ ଏ ପର୍ଯ୍ୟନ୍ତ ପୁତ୍ରମୁଖ ଦର୍ଶନ କରିନାହିଁ । ତେଣୁ ଆପଣଙ୍କର ଅଭିଶାପ ମୋ ପ୍ରତି ଅଭିଶାପ ହେବା ସଙ୍ଗେ ସଙ୍ଗେ ଅନୁଗ୍ରହ ମଧ୍ୟ ହେଲା । ଅଗ୍ନି କୃଷିକ୍ଷେତ୍ର ଉପରେ ପ୍ରଜ୍ୱଳିତ ହୋଇ ତାହାକୁ ଦଗ୍ଧ କରେ ସତ, ମାତ୍ର ତାହାକୁ ଅଙ୍କୁର-ଉତ୍ପାଦନର ଶକ୍ତି ମଧ୍ୟ ପ୍ରଦାନ କରେ । (ପୋଡ଼ିଁଶ ଦ୍ୱାରା ଭୂମିକୁ ଉର୍ବର ମଧ୍ୟ କରେ ।) ୮୦

"ମୁଁ ଆପଣଙ୍କର ପୁତ୍ରଟିକୁ ବଧ କରିଛି । ତେଣୁ ମୁଁ ନିଜେ ବଧଯୋଗ୍ୟ । ବର୍ତ୍ତମାନ ମୋର କର୍ତ୍ତବ୍ୟ କଅଣ ?" ଏହା ଶୁଣି ମୁନି ରଜାଙ୍କୁ ଅଗ୍ନି ଜଳାଇବା ନିମନ୍ତେ ଅନୁରୋଧ କଲେ । କାରଣ, ସେ ଓ ତାଙ୍କ ପତ୍ନୀ ମୃତ ପୁତ୍ରର ଅନୁଗମନ କରିବାକୁ ଇଚ୍ଛା କରୁଥିଲେ । ୮୧

ରଜା ଅନୁଚରମାନଙ୍କୁ ଅଣାଇ ସଙ୍ଗେ ସଙ୍ଗେ ମୁନିଙ୍କର ଆଜ୍ଞା ପାଳନ କଲେ । ତା'ପରେ, ସମୁଦ୍ର ଯେପରି ହୃଦୟ ଭିତରେ ବଡ଼ବାନଳ ଧାରଣ କରିଥାଏ, ସେ ସେହିପରି ନିଜ ବିନାଶର କାରଣ ସେହି ଅଭିଶାପକୁ ହୃଦୟ ଭିତରେ ଧାରଣ କରି, ମହାପାପର ସ୍ମରଣରେ ଅଧୀରମନା ହୋଇ ରଜଧାନୀକୁ ପ୍ରସ୍ଥାନ କଲେ । ୮୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दशमः सर्गः

पृथवीं शासतस्तस्य पाकशासनतेजसः ।
किञ्चिदूनमनूनर्द्धेः शरदामयुतं ययौ ॥१
ପୃଥିବୀଂ ଶାସତସ୍ତସ୍ୟ ପାକଶାସନତେଜସଃ ।
କିଂଚିଦୂନମନୂନର୍ଦ୍ଧେଃ ଶରଦାମୟୁତଂ ଯଯୌ ।।୧

न चोपलेभे पूर्वेषामृणनिर्मोक्षसाधनम् ।
सुताभिधानं स ज्योतिः सद्यःशोकतमोपहम् ।।२
ନ ଚୋପଲେଭେ ପୂର୍ବେଷାମୃଣନିର୍ମୋକ୍ଷସାଧନମ୍ ।
ସୁତାଭିଧାନଂ ସ ଜ୍ୟୋତିଃ ସଦ୍ୟଃଶୋକତମୋପହମ୍ ।।୨

अतिष्ठत् प्रत्ययापेक्षसंततिः स चिरं नृपः ।
प्राङ् मन्थादनभिव्यक्तरत्नोत्पत्तिरिवार्णवः ।।३
ଅତିଷ୍ଠତ୍ ପ୍ରତ୍ୟୟାପେକ୍ଷସଂତତିଃ ସ ଚିରଂ ନୃପଃ ।
ପ୍ରାଙ୍ ମନ୍ଥାଦନଭିବ୍ୟକ୍ତରତ୍ନୋତ୍ପତ୍ତିରିବାର୍ଣ୍ଣବଃ ।।୩

ऋष्यश्रृङ्गादयस्तस्य सन्तः सन्तानकाङ्क्षिणः ।
आरेभिरे जितात्मानः पुत्रीयामिष्टिमृत्विजः।। ४
ଋଷ୍ୟଶୃଙ୍ଗାଦୟସ୍ତସ୍ୟ ସନ୍ତଃ ସନ୍ତାନକାଙ୍କ୍ଷିଣଃ ।
ଆରେଭିରେ ଜିତାତ୍ମାନଃ ପୁତ୍ରୀୟାମିଷ୍ଟିମୃତ୍ୱିଜଃ ।।୪

तस्मिन्नवसरे देवाः पौलस्त्योपप्लुता हरिम् ।
अभिजग्मुर्निदाघार्ता श्छायावृक्षमिवाध्वगाः ।।५
ତସ୍ମିନ୍ନବସରେ ଦେବାଃ ପୌଲସ୍ତ୍ୟୋପପ୍ଲୁତା ହରିମ୍ ।
ଅଭିଜଗ୍ମୁର୍ନିଦାଘାର୍ତ୍ତା ଛାୟାବୃକ୍ଷମିବାଧ୍ୱଗାଃ ।।୫

ते च प्रापुरुदन्वन्तं बुबुधे चादिपूरुषः ।
अव्याक्षेपो भविष्यन्त्याः कार्यसिद्धेर्हि लक्षणम् ।।६
ତେ ଚ ପ୍ରାପୁରୁଦନ୍ୱନ୍ତଂ ବୁବୁଧେ ଚାଦିପୁରୁଷଃ ।
ଅବ୍ୟାକ୍ଷେପୋ ଭବିଷ୍ୟନ୍ତ୍ୟାଃ କାର୍ଯ୍ୟସିଦ୍ଧେର୍ହି ଲକ୍ଷଣମ୍ ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶମ ସର୍ଗ

ଇନ୍ଦ୍ର ସମାନ ତେଜସ୍ୱୀ, ପ୍ରଭୂତବିତ୍ତଶାଳୀ ଦଶରଥ ପୃଥିବୀ-ଶାସନରେ ରହି କ୍ରମେ ଦଶ ସହସ୍ର ବର୍ଷ ବୟସରେ ଉପନୀତ ହେଲେ । ୧

ପୁତ୍ରରୂପକ ଜ୍ୟୋତି ଶୋକାନ୍ଧକାର ଧ୍ୱଂସ କରେ ଏବଂ ପୂର୍ବ ପୁରୁଷମାନଙ୍କର ଋଣରୁ ମୁକ୍ତି ଦାନ କରେ । କିନ୍ତୁ ଦଶରଥଙ୍କୁ ତାହା ସେପର୍ଯ୍ୟନ୍ତ ମିଳିଲା ନାହିଁ । ୨

ସମୁଦ୍ରର ରତ୍ନରାଶି ଯେପରି ମନ୍ଥନ ପୂର୍ବରୁ ପ୍ରକାଶିତ ହୋଇ ନ ଥିଲା ଏବଂ ମନ୍ଥନର ଅପେକ୍ଷା ରଖିଥିଲା, ସେହିପରି ଦଶରଥଙ୍କର ସନ୍ତାନ-ଉତ୍ପତ୍ତି (ଯଜ୍ଞରୂପକ) କାରଣକୁ ହିଁ ଅପେକ୍ଷା କରିଥିଲା । ୩

ଋଷ୍ୟଶୃଙ୍ଗ ପ୍ରଭୃତି ଜିତେନ୍ଦ୍ରିୟ ଯାଜ୍ଞିକମାନେ ଦଶରଥଙ୍କର ପୁତ୍ର କାମନା କରି ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କଲେ । ୪

ସେହି ଅବସରରେ, ରାବଣର ଅତ୍ୟାଚାର ସହି ନ ପାରି ଦେବତାମାନେ ଭଗବାନ୍ ବିଷ୍ଣୁଙ୍କ ନିକଟକୁ ଗଲେ, ଯେପରି ଗ୍ରୀଷ୍ମସନ୍ତପ୍ତ ପଥିକମାନେ ଛାୟାପ୍ରଦ ବୃକ୍ଷ ନିକଟକୁ ଯାଆନ୍ତି । ୫

ସେମାନେ ସମୁଦ୍ର ନିକଟରେ ପହଞ୍ଚିବା ସଙ୍ଗେ ସଙ୍ଗେ ଆଦି ପୁରୁଷ ନାରାୟଣଙ୍କର ଯୋଗନିଦ୍ରା ଭଙ୍ଗ ହେଲା । ଅବିଳମ୍ବ ହିଁ ଭବିଷ୍ୟତ କାର୍ଯ୍ୟସିଦ୍ଧିର ଲକ୍ଷଣ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भोगिभोगासनासीनं ददृशुस्तं दिवौकसः ।
तत्फणामण्डलोदर्चिर्मणिद्योतितविग्रहम् ॥७
ଭୋଗିଭୋଗାସନାସୀନଂ ଦଦୃଶୁସ୍ତଂ ଦିବୌକସଃ ।
ତତ୍ଫଣାମଣ୍ଡଳୋଦର୍ଚ୍ଚିର୍ମଣିଦ୍ୟୋତିତବିଗ୍ରହମ୍ ॥୭

श्रियः पद्मनिषण्णायाः क्षौमान्तरितमेखले ।
अङ्के निक्षिप्तचरणमास्तीर्णकरपल्लवे ॥८
ଶ୍ରିୟଃ ପଦ୍ମନିଷଣ୍ଣାୟାଃ କ୍ଷୌମାନ୍ତରିତମେଖଳେ ।
ଅଙ୍କେ ନିକ୍ଷିପ୍ତଚରଣମାସ୍ତୀର୍ଣ୍ଣକରପଲ୍ଲବେ ॥୮

प्रबुद्धपुण्डरीकाक्षं बालातपनिभांशुकम् ।
दिवसं शारदमिव प्रारम्भसुखदर्शनम् ॥
ପ୍ରବୁଦ୍ଧପୁଣ୍ଡରୀକାକ୍ଷଂ ବାଳାତପନିଭଂଶୁକମ୍ ।
ଦିବସଂ ଶାରଦମିବ ପ୍ରାରମ୍ଭସୁଖଦର୍ଶନମ୍ ॥୯

प्रभानुलिप्तश्रीवत्सं लक्ष्मीविभ्रमदर्पणम् ।
कौस्तुभाख्यमपां सारं बिभ्राणं बृहतोरसा ।१०
ପ୍ରଭାନୁଲିପ୍ତଶ୍ରୀବତ୍ସଂ ଲକ୍ଷ୍ମୀବିଭ୍ରମଦର୍ପଣମ୍ ।
କୌସ୍ତୁଭଖ୍ୟମପାଂ ସାରଂ ବିଭ୍ରାଣଂ ବୃହତୋରସା ॥୧୦

बाहुभिर्विटपाकारै र्दिव्याभरणभूषितैः ।
आविर्भूतमपां मध्ये पारिजातमिवापरम् ॥११
ବାହୁଭିର୍ବିଟପାକାରୈ ର୍ଦିବ୍ୟାଭରଣଭୂଷିତୈଃ ।
ଆବିର୍ଭୂତମପାଂ ମଧ୍ୟେ ପାରିଜାତମିବାପରମ୍ ॥୧୧

दैत्यस्त्रीगण्डलेखानां मदरागविलोपिभिः ।
हेतिभिश्चेतनावद्भि रुदीरितजयस्वनम् ॥१२
ଦୈତ୍ୟସ୍ତ୍ରୀଗଣ୍ଡଲେଖାନାଂ ମଦରାଗବିଲୋପିଭିଃ ।
ହେତିଭିଶ୍ଚେତନାବଦ୍ଭି ରୁଦୀରିତଜୟସ୍ୱନମ୍ ॥୧୨

मुक्तशेषविरोधेन कुलिशव्रणलक्ष्मणा ।
उपस्थितं प्राञ्जलिना विनीतेन गरुत्मता ॥१३
ମୁକ୍ତଶେଷବିରୋଧେନ କୁଳିଶବ୍ରଣଲକ୍ଷ୍ମଣା ।
ଉପସ୍ଥିତଂ ପ୍ରାଞ୍ଜଳିନା ବିନୀତେନ ଗରୁତ୍ମତା ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବତାମାନେ ଦେଖିଲେ, ଭଗବାନ୍ ବିଷ୍ଣୁ ଅନନ୍ତନାଗର ଦେହ ଉପରେ ଆସୀନ । ଉକ୍ତ ନାଗର ଫଣାମଣ୍ଡଳସ୍ଥିତ ମଣିମାନଙ୍କର ଆଲୋକରେ ତାଙ୍କର ଶରୀର ଉଦ୍‌ଭାସିତ । ୭

ପଦତଳେ ବସିଥିଲେ ପଦ୍ମାସନା ଲକ୍ଷ୍ମୀ । କୋଳରେ ସ୍ୱାମୀଙ୍କର ପଦଦ୍ୱୟ ରଖି ସେ କରପଲ୍ଲବରେ ମର୍ଦ୍ଦନ କରୁଥିଲେ । ତାଙ୍କର ମେଖଳା (ଅଣ୍ଟାସୂତା) ପଟ୍ଟବସ୍ତ୍ରରେ ଆବୃତ ଥିବାରୁ ସେଥିରେ ସ୍ୱାମୀଙ୍କର ସୁକୋମଳ ପାଦ ଲାଗୁ ନ ଥିଲା । ୮

ବିଷ୍ଣୁଙ୍କର ଚକ୍ଷୁ ଦେଖାଯାଉଥିଲା ଠିକ୍ ବିକଶିତ ଶ୍ୱେତପଦ୍ମ ପରି ଏବଂ ବସ୍ତ୍ର ସୂର୍ଯ୍ୟଙ୍କର ବାଳରଶ୍ମି ପରି ; ତେଣୁ ଶରତ୍‌କାଳର ପ୍ରଭାତ ବିକଶିତ ଶ୍ୱେତପଦ୍ମ ଓ ବାଳରଶ୍ମି ଘେନି ଯେପରି ଶୋଭାପାଏ, ସେ ସେହିପରି ଶୋଭା ପାଉଥିଲେ । ୯

ସେ ବିଶାଳ ବକ୍ଷରେ ଧାରଣ କରିଥିଲେ କୌସ୍ତୁଭମଣି, ଯେଉଁ ମଣି ଥିଲା ସମୁଦ୍ରର ଶ୍ରେଷ୍ଠ ରତ୍ନ ଏବଂ ଲକ୍ଷ୍ମୀଙ୍କର ବିଳାସ-ଦର୍ପଣ । ତାର ଆଲୋକ ଶ୍ରୀବତ୍ସ ଚିହ୍ନକୁ ରଞ୍ଜିତ କରୁଥିଲା । (ଶ୍ରୀବତ୍ସଚିହ୍ନ—ବିଷ୍ଣୁଙ୍କର ଛାତିରେ ଥିବା ଏକ ଚିହ୍ନ । ଶ୍ରୀବତ୍ସ ନାମକ ବ୍ରାହ୍ମଣର ପଦାଘାତରେ ଉକ୍ତ ଚିହ୍ନର ସୃଷ୍ଟି ବୋଲି ପୁରାଣରେ ବର୍ଣ୍ଣିତ ।) ୧୦

ତାଙ୍କର ଶାଖାତୁଲ୍ୟ ବାହୁଗୁଡ଼ିକ ଦିବ୍ୟ ଭୂଷଣରେ ଭୂଷିତ ହୋଇଥିଲା । ସେହି ବାହୁଗୁଡ଼ିକ ଯୋଗୁଁ ସେ ସମୁଦ୍ର ମଧ୍ୟରେ ଦ୍ୱିତୀୟ ପାରିଜାତ ବୃକ୍ଷ ଭଳି ଦେଖାଯାଉଥିଲେ । ୧୧

ତାଙ୍କର ଯେଉଁ ସଜୀବ ଅସ୍ତ୍ରମାନ ଅସୁର-ସ୍ତ୍ରୀମାନଙ୍କ ଗଣ୍ଡସ୍ଥଳରୁ କାମଜନିତ ରକ୍ତିମା ଲୋପ କରନ୍ତି, ସେସବୁ ପାଖରେ ଥାଇ ଜୟଗାନ କରୁଥିଲେ । (ବିଷ୍ଣୁ ଅସୁରମାନଙ୍କୁ ନିହତ କରନ୍ତି । ଫଳରେ ବିଧବା ଅସୁର-ସ୍ତ୍ରୀମାନେ ସ୍ୱାମୀସଙ୍ଗସୁଖରୁ ବଞ୍ଚିତ ହୁଅନ୍ତି । କାମ - ଉଦ୍ଦୀପନାରେ ନାରୀମାନଙ୍କ ଗଣ୍ଡସ୍ଥଳ ଯେଉଁ ଗୋଲାପି ବର୍ଣ୍ଣ ଧାରଣ କରେ, ତାହା ଅସୁର-ସ୍ତ୍ରୀମାନଙ୍କ ଭାଗ୍ୟରେ ଆଉ ଜୁଟେ ନାହିଁ ।) ୧୨

ଗରୁଡ଼ ବିନୟସହକାରେ କୃତାଞ୍ଜଳିପୁଟରେ ଦଣ୍ଡାୟମାନ ହୋଇ-ଥିଲେ । ତାଙ୍କର ଶରୀର ଥିଲା ବଜ୍ରଚିହ୍ନାଙ୍କିତ ଏବଂ ଅନନ୍ତ ନାଗ ସହିତ ତାଙ୍କର ଆଉ ବିରୋଧଭାବ ନ ଥିଲା । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

योगनिद्रान्तविशदैः पावनैरवलोकनैः ।
भृग्वादीननुगृह्णन्तं सौखशायनिकानृषीन् ॥१४
ଯୋଗନିଦ୍ରାନ୍ତବିଶଦୈଃ ପାବନୈରବଲୋକନୈଃ ।
ଭୃଗ୍ୱାଦୀନନୁଗୃହ୍ଣନ୍ତଂ ସୌଖଶାୟନିକାନୃଷୀନ୍ ॥୧୪

प्रणिपत्य सुरास्तस्मै शमयित्रे सुरद्विषाम् ।
अथैनं तुष्टुवुः स्तुत्यमवाङ्मनसगोचरम् ॥१५
ପ୍ରଣିପତ୍ୟ ସୁରାସ୍ତସ୍ମୈ ଶମୟିତ୍ରେ ସୁରଦ୍ୱିଷାମ୍ ।
ଅଥୈନଂ ତୁଷ୍ଟୁବୁଃ ସ୍ତୁତ୍ୟମବାଙ୍ମନସଗୋଚରମ୍ ॥୧୫

नमो विश्वसृजे पूर्वं विश्वं तदनु बिभ्रते ।
अथ विश्वस्य संहर्त्रे तुभ्यं त्रेधास्थितात्मने ॥१६
ନମୋ ବିଶ୍ୱସୃଜେ ପୂର୍ବଂ ବିଶ୍ୱଂ ତଦନୁ ବିଭ୍ରତେ ।
ଅଥ ବିଶ୍ୱସ୍ୟ ସଂହର୍ତ୍ରେ ତୁଭ୍ୟଂ ତ୍ରେଧାସ୍ଥିତାତ୍ମନେ ॥୧୬

रसान्तराण्येकरसं यथा दिव्यं पयोऽश्नुते ।
देशे देशे गुणेष्वेवमवस्थास्त्वमविक्रियः ॥१७
ରସାନ୍ତରାଣ୍ୟେକରସଂ ଯଥା ଦିବ୍ୟଂ ପୟୋଽଶ୍ନୁତେ ।
ଦେଶେ ଦେଶେ ଗୁଣେଷ୍ୱେବମବସ୍ଥାସ୍ତ୍ୱମବିକ୍ରିୟଃ ॥୧୭

अमेयो मितलोकस्त्वमनर्थी प्रार्थनावहः ।
अजितो जिष्णुरत्यन्तमव्यक्तो व्यक्तकारणम् ॥१८
ଅମେୟୋ ମିତଲୋକସ୍ତ୍ୱମନର୍ଥୀ ପ୍ରାର୍ଥନାବହଃ ।
ଅଜିତୋ ଜିଷ୍ଣୁରତ୍ୟନ୍ତମବ୍ୟକ୍ତୋ ବ୍ୟକ୍ତକାରଣମ୍ ॥୧୮

हृदयस्थमनासन्नमकामं त्वां तपस्विनम् ।
दयालुमनघस्पृष्टं पुराणमजरं विदुः ॥१९
ହୃଦୟସ୍ଥମନାସନ୍ନମକାମଂ ତ୍ୱାଂ ତପସ୍ୱିନମ୍ ।
ଦୟାଳୁମନଘସ୍ପୃଷ୍ଟଂ ପୁରାଣମଜରଂ ବିଦୁଃ ॥୧୯

सर्वज्ञस्त्वमविज्ञातः सर्वयोनिस्त्वमात्मभूः ।
सर्वप्रभुरनीशस्त्वमेकस्त्वं सर्वरूपभाक् ॥२०
ସର୍ବଜ୍ଞସ୍ତ୍ୱମବିଜ୍ଞାତଃ ସର୍ବୟୋନିସ୍ତ୍ୱମାତ୍ମଭୂଃ ।
ସର୍ବପ୍ରଭୁରନୀଶସ୍ତ୍ୱମେକସ୍ତ୍ୱଂ ସର୍ବରୂପଭାକ୍ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯୋଗନିଦ୍ରାରୁ ଉଠିଥିବାଯୋଗୁଁ ବିଷ୍ଣୁଙ୍କର ଚକ୍ଷୁ ସ୍ୱଚ୍ଛ ତଥା ଶୁଭ୍ର ଦେଖାଯାଉଥିଲା । ଭୃଗୁ ଆଦି ମୁନିମାନେ ତାଙ୍କୁ ସୁଖ-ଶୟନର କୁଶଳପ୍ରଶ୍ନ ପଚାରିବା ପାଇଁ ଆସିଥିଲେ । ସେ ସେମାନଙ୍କୁ ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଅନୁଗୃହୀତ କରୁଥିଲେ । ୧୪

ଅସୁରବିନାଶକ, ବାକ୍ୟ ତଥା ମନର ଅଗୋଚର, ଭଗବାନ୍ ନାରାୟଣଙ୍କୁ ଦେବତାମାନେ ପ୍ରଣିପାତ କରି ସ୍ତୁତି କଲେ :— ୧୫

"ହେ ବିଶ୍ୱସୃଜକ, ହେ ବିଶ୍ୱପାଳକ, ହେ ବିଶ୍ୱସଂହାରକ ! ଆପଣ ତିନି ପ୍ରକାର କାର୍ଯ୍ୟ ପାଇଁ ତିନି ପ୍ରକାର ସ୍ୱରୂପ ଧାରଣ କରନ୍ତି; ଆପଣଙ୍କୁ ଆମର ନମସ୍କାର । ୧୬

ବର୍ଷାଜଳ ସ୍ୱଭାବତଃ ଏକରସ (ସ୍ୱଭାବତଃ ମଧୁର); କିନ୍ତୁ ତାହା ସ୍ଥାନର ସମ୍ପର୍କରୁ ଲବଣାଦି ବିଭିନ୍ନ ରସ ଗ୍ରହଣ କରେ । ସେହିପରି ଆପଣ ସ୍ୱଭାବତଃ ବିକାରରହିତ, କିନ୍ତୁ ସତ୍ତ୍ୱ, ରଜ ଓ ତମ ଏହି ତିନି ଗୁଣର ସମ୍ପର୍କରୁ ଆପଣ ସୃଷ୍ଟିକର୍ତ୍ତା, ସୃଷ୍ଟିପାଳକ ଓ ସୃଷ୍ଟିସଂହାରକ ରୂପରେ ବିଭିନ୍ନ ଅବସ୍ଥା ଗ୍ରହଣ କରନ୍ତି । ୧୭

ଆପଣଙ୍କର ସୀମା କେହି ଜାଣନ୍ତି ନାହିଁ; କିନ୍ତୁ ଆପଣ ସମସ୍ତଙ୍କର ସୀମା ଜାଣନ୍ତି । ଆପଣ କିଛି କାମନା କରନ୍ତି ନାହିଁ, ମାତ୍ର ସମସ୍ତଙ୍କର କାମନା ପୂର୍ଣ୍ଣ କରନ୍ତି । ଆପଣଙ୍କୁ କେହି ଜିଣି ନାହାନ୍ତି, ମାତ୍ର ଆପଣ ସମସ୍ତଙ୍କୁ ଜିଣିଛନ୍ତି । ଆପଣ ନିଜେ ଅତ୍ୟନ୍ତ ସୂକ୍ଷ୍ମ; କିନ୍ତୁ ସମସ୍ତ ସ୍ଥୂଳ ସଂସାର ସୃଷ୍ଟି କରିଛନ୍ତି । ୧୮

ଆପଣ ସମସ୍ତଙ୍କ ହୃଦୟରେ ଅଛନ୍ତି ; କିନ୍ତୁ କାହାରି ନିକଟବର୍ତ୍ତୀ ନୁହନ୍ତି । ଆପଣଙ୍କର କୌଣସି କାମନା ନାହିଁ, ତଥାପି ଆପଣ ତପସ୍ୟା କରନ୍ତି । ଆପଣ ସମସ୍ତଙ୍କ ଦୁଃଖରେ ଦୁଃଖିତ ହୋଇ ଦୟା କରନ୍ତି; କିନ୍ତୁ ଆପଣଙ୍କୁ କାହାରି ଦୁଃଖ ସ୍ପର୍ଶ କରେ ନାହିଁ । ୧୯

ଆପଣ ସମସ୍ତଙ୍କୁ ଜାଣନ୍ତି, ମାତ୍ର ଆପଣଙ୍କୁ କେହି ଜାଣେ ନାହିଁ । ଆପଣ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, ମାତ୍ର ଆପଣଙ୍କୁ କେହି ସୃଷ୍ଟି କରି ନାହିଁ । ଆପଣ ସମସ୍ତଙ୍କର ପ୍ରଭୁ, କିନ୍ତୁ ଆପଣଙ୍କର କେହି ପ୍ରଭୁ ନାହାନ୍ତି । ଆପଣ ଏକ, କିନ୍ତୁ ସବୁ ରୂପ ଧାରଣ କରନ୍ତି । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सप्तसामोपगीतं त्वां सप्तार्णवजलेशयम् ।
सप्तार्चिर्मुखमाचख्युः सप्तलोकैकसंश्रयम् ॥२१
ସପ୍ତସାମୋପଗୀତଂ ତ୍ୱାଂ ସପ୍ତାର୍ଣ୍ଣବଜଳେଶୟମ୍ ।
ସପ୍ତାର୍ଚ୍ଚିର୍ମୁଖମାଚଖ୍ୟୁଃ ସପ୍ତଲୋକୈକସଂଶ୍ରୟମ୍ ॥୨୧

चतुर्वर्गफलं ज्ञानं कालावस्थाश्चतुर्युगाः ।
चतुर्वर्णमयो लोकस्त्वत्तः सर्वं चतुर्मुखात् ॥२२
ଚତୁର୍ବର୍ଗଫଳଂ ଜ୍ଞାନଂ କାଳାବସ୍ଥାଶ୍ଚତୁର୍ଯୁଗାଃ ।
ଚତୁର୍ବର୍ଣ୍ଣମୟୋ ଲୋକସ୍ତ୍ୱତ୍ତଃ ସର୍ବଂ ଚତୁର୍ମୁଖାତ୍ ॥୨୨

अभ्यासनिगृहीतेन मनसा हृदयाश्रयम् ।
ज्योतिर्मयं विचिन्वन्ति योगिनस्त्वां विमुक्तये ॥२३
ଅଭ୍ୟାସନିଗୃହୀତେନ ମନସା ହୃଦୟାଶ୍ରୟମ୍ ।
ଜ୍ୟୋତିର୍ମୟଂ ବିଚିନ୍ୱନ୍ତି ଯୋଗିନସ୍ତ୍ୱାଂ ବିମୁକ୍ତୟେ ॥୨୩

अजस्य गृह्णतो जन्म निरीहस्य हतद्विषः ।
स्वपतो जागरूकस्य याथार्थ्यं वेद कस्तव ॥२४
ଅଜସ୍ୟ ଗୃହ୍ଣତୋ ଜନ୍ମ ନିରୀହସ୍ୟ ହତଦ୍ୱିଷଃ ।
ସ୍ୱପତୋ ଜାଗରୂକସ୍ୟ ଯାଥାର୍ଥ୍ୟଂ ବେଦ କସ୍ତବ ॥୨୪

शब्दादीन् विषयान् भोक्तुं चरितुं दुश्चरं तपः ।
पर्याप्तोऽसि प्रजाः पातुमौदासीन्येन वर्तितुम् ॥२५
ଶବ୍ଦାଦୀନ୍ ବିଷୟାନ୍ ଭୋକ୍ତୁଂ ଚରିତୁଂ ଦୁଶ୍ଚରଂ ତପଃ ।
ପର୍ଯ୍ୟାପ୍ତୋଽସି ପ୍ରଜାଃ ପାତୁମୌଦାସୀନ୍ୟେନ ବର୍ତ୍ତିତୁମ୍ ॥୨୫

बहुधाप्यागमैर्भिन्नाः पन्थानः सिद्धिहेतवः ।
त्वय्येव निपतन्त्योघा जाह्नवीया इवार्णवे ॥२६
ବହୁଧାପ୍ୟାଗମୈର୍ଭିନ୍ନାଃ ପନ୍ଥାନଃ ସିଦ୍ଧିହେତବଃ ।
ତ୍ୱୟ୍ୟେବ ନିପତନ୍ତ୍ୟୋଘା ଜାହ୍ନବୀୟା ଇବାର୍ଣ୍ଣବେ ॥୨୬

त्वय्यावेशितचित्तानां त्वत्समर्पितकर्मणाम् ।
गतिस्त्वं वीतरागाणा मभूयःसंनिवृत्तये ॥२७
ତ୍ୱୟ୍ୟାବେଶିତଚିତ୍ତାନାଂ ତ୍ୱତ୍ସମର୍ପିତକର୍ମଣାମ୍ ।
ଗତିସ୍ତ୍ୱଂ ବୀତରାଗାଣା ମଭୂୟଃ ସଂନିବୃତ୍ତୟେ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣଙ୍କୁ ସପ୍ତ ସାମମନ୍ତ୍ର ସ୍ତୁତି କରନ୍ତି । ଆପଣ ସପ୍ତ ସମୁଦ୍ରର ଜଳରେ ଶୟନ କରନ୍ତି । ସପ୍ତଶିଖାବିଶିଷ୍ଟ ଅଗ୍ନି ଆପଣଙ୍କର ମୁଖ । ଆପଣ ସପ୍ତ ଲୋକର ଏକମାତ୍ର ଆଶ୍ରୟ। (ସପ୍ତ ସାମବେଦ ମନ୍ତ୍ର—ରଥନ୍ତର, ବୃହଦ୍‌ରଥନ୍ତର ବାମଦେବ୍ୟ, ବୈରୂପ୍ୟ, ପାବମାନ୍ୟ, ବୈଗଜ ଓ ଗ୍ରନ୍ଦ୍ରମସ ।) ୨୧

ଚତୁର୍ବର୍ଗଦାୟକ ଜ୍ଞାନ, ଚତୁର୍ବର୍ଗବିଶିଷ୍ଟ କାଳ ଏବଂ ଚତୁର୍ବର୍ଣ୍ଣ ସଂସାର—ଏ ସମସ୍ତ ଆପଣଙ୍କର ଚତୁର୍ମୁଖରୁ ଉତ୍ପନ୍ନ । (ଚତୁର୍ବର୍ଗ—ଧର୍ମ, ଅର୍ଥ, କାମ, ମୋକ୍ଷ । ଚତୁର୍ଯୁଗ—ସତ୍ୟ, ତ୍ରେତା, ଦ୍ୱାପର, କଳି । ଚତୁର୍ବର୍ଣ୍ଣ—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ।) ୨୨

ଆପଣ ଜ୍ୟୋତିର୍ମୟ । ଯୋଗୀମାନେ ମୁକ୍ତିଲାଭ ନିମନ୍ତେ ଅଭ୍ୟାସ ଦ୍ୱାରା ମନ ସଂଯତ କରି ନିଜ ନିଜ ହୃଦୟରେ ଆପଣଙ୍କୁ ଅନୁସନ୍ଧାନ କରନ୍ତି । ୨୩

ଆପଣ ଜନ୍ମ ଗ୍ରହଣ କରନ୍ତି ନାହିଁ, କିନ୍ତୁ ଜନ୍ମ ଗ୍ରହଣ କରନ୍ତି । ଆପଣ କୌଣସି ଚେଷ୍ଟା କରନ୍ତି ନାହିଁ, କିନ୍ତୁ ଶତ୍ରୁମାନଙ୍କୁ ନିହତ କରନ୍ତି । ଆପଣ ଯୋଗ ନିଦ୍ରାରେ ଶୟନ କରନ୍ତି, ମାତ୍ର ସର୍ବଦା ଜାଗ୍ରତ ରହନ୍ତି । ତେଣୁ ଆପଣଙ୍କର ସ୍ୱରୂପ କିଏ ଜାଣେ ? ୨୪

ଆପଣ ଅବତାର ଗ୍ରହଣ କରି ରୂପ, ରସ, ଗନ୍ଧ, ଶବ୍ଦ ପ୍ରଭୃତି ବିଷୟ ଉପଭୋଗ କରନ୍ତି । ଆପଣ କଠୋର ତପଶ୍ଚରଣ କରନ୍ତି । ଆପଣ ପ୍ରାଣୀମାନଙ୍କୁ ପାଳନ କରନ୍ତି । ଆପଣ ଉଦାସୀନ ମଧ୍ୟ ରହନ୍ତି । ୨୫

ଗଙ୍ଗାର ସ୍ରୋତ ବହୁ ଭାଗରେ ବିଭକ୍ତ, କିନ୍ତୁ ସବୁ ସ୍ରୋତ ସମୁଦ୍ରରେ ହିଁ ପତିତ ହୋଇଛନ୍ତି । ସେହିପରି ସିଦ୍ଧିଲାଭର ଉପାୟ ବେଦାଦି ଶାସ୍ତ୍ରରେ ବହୁ ପ୍ରକାରରେ ପ୍ରତିପାଦିତ; କିନ୍ତୁ ସେ ସବୁର ଲକ୍ଷ୍ୟ ସ୍ଥଳ ହିଁ ଏକମାତ୍ର ଆପଣ । ୨୬

ଯେଉଁମାନେ ଆପଣଙ୍କଠାରେ ମନ ନିବିଷ୍ଟ କରନ୍ତି, ଆପଣଙ୍କୁ କର୍ମ ସମର୍ପଣ କରି ନିଃସ୍ପୃହଭାବରେ ଜୀବନଯାପନ କରନ୍ତି, ଆପଣ ସେମାନଙ୍କର ମୁକ୍ତିଦାତା । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रत्यक्षोऽप्यपरिच्छेद्यो मह्यादिर्महिमा तव ।
आप्तवागनुमानाभ्यां साध्यं त्वां प्रति का कथा ॥२८
ପ୍ରତ୍ୟକ୍ଷୋଽପ୍ୟପରିଛେଦ୍ୟୋ ମହ୍ୟାଦିର୍ମହିମା ତବ ।
ଆପ୍ତବାଗନୁମାନାଭ୍ୟାଂ ସାଧ୍ୟଂ ତ୍ୱାଂ ପ୍ରତି କା କଥା ॥୨୮

केवलं स्मरणेनैव पुनासि पुरुषं यतः ।
अनेन वृत्तयः शेषा निवेदितफलास्त्वयि ॥२९
କେବଳଂ ସ୍ମରଣେନୈବ ପୁନାସି ପୁରୁଷଂ ଯତଃ ।
ଅନେନ ବୃତ୍ତୟଃ ଶେଷା ନିବେଦିତଫଳାସ୍ତ୍ୱୟି ॥୨୯

उदधेरिव रत्नानि तेजांसीव विवस्वतः ।
स्तुतिभ्यो व्यतिरिच्यन्ते दूराणि चरितानि ते ॥३०
ଉଦଧେରିବ ରତ୍ନାନି ତେଜାଂସୀବ ବିବସ୍ୱତଃ ।
ସ୍ତୁତିଭ୍ୟୋ ବ୍ୟତିରିଚ୍ୟନ୍ତେ ଦୂରାଣି ଚରିତାନି ତେ ॥୩୦

अनवाप्तमवाप्तव्यं न ते किञ्चन विद्यते ।
लोकानुग्रह एवैको हेतुस्ते जन्मकर्मणोः ॥३१
ଅନବାପ୍ତମବାପ୍ତବ୍ୟଂ ନ ତେ କିଞ୍ଚନ ବିଦ୍ୟତେ ।
ଲୋକାନୁଗ୍ରହ ଏବୈକୋ ହେତୁସ୍ତେ ଜନ୍ମକର୍ମଣୋଃ ॥୩୧

महिमानं यदुत्कीर्त्य तव संह्रियते वचः ।
श्रमेण तदशक्त्या वा न गुणानामियत्तया ॥३२
ମହିମାନଂ ଯଦୁତ୍କୀର୍ତ୍ୟ ତବ ସଂହ୍ରିୟତେ ବଚଃ ।
ଶ୍ରମେଣ ତଦଶକ୍ତ୍ୟା ବା ନ ଗୁଣାନାମିୟତ୍ତୟା ॥୩୨

इति प्रसादयामासुस्ते सुरास्तमधोक्षजम् ।
भूतार्थव्याहृतिः सा हि न स्तुतिः परमेष्ठिनः ॥३३
ଇତି ପ୍ରସାଦୟାମାସୁସ୍ତେ ସୁରାସ୍ତମଧୋକ୍ଷଜମ୍ ।
ଭୂତାର୍ଥବ୍ୟାହୃତିଃ ସା ହି ନ ସ୍ତୁତିଃ ପରମେଷ୍ଠିନଃ ॥୩୩

तस्मै कुशलसंप्रश्नव्यञ्जितप्रीतये सुराः ।
भयमप्रलयोद्वेलादाचख्युर्नैर्ऋतोदधेः ॥३४
ତସ୍ମୈ କୁଶଳସଂପ୍ରଶ୍ନବ୍ୟଞ୍ଜିତପ୍ରୀତୟେ ସୁରାଃ ।
ଭୟମପ୍ରଳୟୋଦ୍ୱେଳାଦାଚଖ୍ୟୁର୍ନୈର୍ଋତୋଦଧେଃ ॥୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣଙ୍କର ଏହି ପୃଥିବୀ ପ୍ରଭୃତି ମହିମା ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ଅସୀମ । ବେଦାଦି ଶାସ୍ତ୍ର ଓ ଅନୁମାନ ଆପଣଙ୍କର ଯେଉଁଭଳି ମହିମା ବର୍ଣ୍ଣନ କରନ୍ତି, ତାହାର ସୀମା ଜାଣିବା ତ ଦୂରର କଥା । ୨୮

ଯେ ଆପଣଙ୍କୁ କେବଳ ସ୍ମରଣ କରେ, ଆପଣ ତାହାକୁ ପବିତ୍ର କରନ୍ତି, ଯେ ଆପଣଙ୍କୁ ଦର୍ଶନ କରେ ବା ସ୍ପର୍ଶ କରେ (ପ୍ରତ୍ୟକ୍ଷ ସୌଭାଗ୍ୟ ଲାଭ କରେ), ସେ ଯେ କି ଫଳ ପାଉଥିବ, ତାହା ସ୍ପଷ୍ଟ । ୨୯

ସମୁଦ୍ରର ରତ୍ନରାଶି ଏବଂ ସୂର୍ଯ୍ୟଙ୍କର କିରଣରାଶି ଯେପରି ଅକଳନୀୟ, ଆପଣଙ୍କର ମହିମା ସେହିପରି ସ୍ତୁତିର ଅଗୋଚର । ୩୦

ଆପଣଙ୍କୁ କୌଣସି ପଦାର୍ଥ ଯେ ନ ମିଳିଛି, ତାହା ନୁହେଁ, କିମ୍ବା ନ ମିଳିବ, ତାହା ବି ନୁହେଁ । ତଥାପି ଆପଣ ଯେ ଜନ୍ମ ଗ୍ରହଣ କରନ୍ତି ଏବଂ କର୍ମ କରନ୍ତି, ତାହାର ଏକମାତ୍ର କାରଣ ହେଉଛି ଜଗତକୁ ଅନୁଗୃହୀତ କରିବା । ୩୧

ଆପଣଙ୍କର ମହିମା ଗାନ କରୁଁ କରୁଁ ବନ୍ଦ ହୋଇଯିବାକୁ ପଡେ କେବଳ କ୍ଳାନ୍ତି କିମ୍ବା ଅସାମର୍ଥ୍ୟ ଯୋଗୁଁ, ଆପଣଙ୍କର ଗୁଣରାଶି ସରିଗଲା ବୋଲି ନୁହେଁ ।" ୩୨

ଏହିପରି ଭାବରେ ସ୍ତୁତି କରି ଦେବତାମାନେ ନାରାୟଣଙ୍କୁ ପ୍ରସନ୍ନ କଲେ । ସେମାନେ ଯାହା କହିଲେ, ତାହା ଯଥାର୍ଥ କଥନ ଥିଲା, ଅଯଥା ତୋଷାମୋଦ ନୁହେଁ । ୩୩

ବିଷ୍ଣୁ ସେମାନଙ୍କୁ କୁଶଳ ପ୍ରଶ୍ନ ପଚାରି ପ୍ରସନ୍ନତା ପ୍ରଦର୍ଶନ କରନ୍ତେ ସେମାନେ ରାବଣର ଅତ୍ୟାଚାର ବିଷୟ ଜଣାଇଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ वेलासमासन्नशैलरन्ध्रानुनादिना ।
स्वरेणोवाच भगवान् परिभूतार्णवध्वनिः ।।३५
ଅଥ ବେଳାସମାସନ୍ନଶୈଳରନ୍ଧ୍ରାନୁନାଦିନା ।
ସ୍ୱରେଣୋବାଚ ଭଗବାନ୍ ପରିଭୂତାର୍ଣ୍ଣବଧ୍ୱନିଃ ।।୩୫

पुराणस्य कवेस्तस्य वर्णस्थानसमीरिता ।
बभूव कृतसंस्कारा चरितार्थैव भारती ।।३६
ପୁରାଣସ୍ୟ କବେସ୍ତସ୍ୟ ବର୍ଣ୍ଣସ୍ଥାନସମୀରିତା ।
ବଭୂବ କୃତସଂସ୍କାରା ଚରିତାର୍ଥୈବ ଭାରତୀ ।।୩୬

बभौ सदशनज्योत्स्ना सा विभोर्वदनोद्गता ।
निर्यातशेषा चरणाद् गङ्गेवोर्ध्वप्रवर्तिनी ।।३७
ବଭୌ ସଦଶନଜ୍ୟୋତ୍ସ୍ନା ସା ବିଭୋର୍ବଦନୋଦ୍‌ଗତା ।
ନିର୍ଯ୍ୟାତଶେଷା ଚରଣାଦ୍ ଗଙ୍ଗେବୋର୍ଦ୍ଧ୍ୱପ୍ରବର୍ତ୍ତିନୀ ।।୩୭

जाने वो रक्षसाक्रान्तावनुभावपराक्रमौ ।
अङ्गिनां तमसेवोभौ गुणौ प्रथममध्यमौ ।।३८
ଜାନେ ବୋ ରକ୍ଷସାକ୍ରାନ୍ତାବନୁଭାବପରାକ୍ରମୌ ।
ଅଙ୍ଗିନାଂ ତମସେବୋଭୌ ଗୁଣୌ ପ୍ରଥମମଧ୍ୟମୌ ।।୩୮

विदितं तप्यमानं च तेन मे भुवनत्रयम् ।
अकामोपनतेनेव साधोर्हृदयमेनसा ।।३९
ବିଦିତଂ ତପ୍ୟମାନଂ ଚ ତେନ ମେ ଭୁବନତ୍ରୟମ୍ ।
ଅକାମୋପନତେନେବ ସାଧୋର୍ହୃଦୟମେନସା ।।୩୯

कार्येषु चैककार्यत्वादभ्यर्थ्योऽस्मि न वज्रिणा ।
स्वयमेव हि वातोऽग्नेः सारथ्यं प्रतिपद्यते ।।४०
କାର୍ଯ୍ୟେଷୁ ଚୈକକାର୍ଯ୍ୟତ୍ୱାଦଭ୍ୟର୍ଥ୍ୟୋଽସ୍ମି ନ ବଜ୍ରିଣା ।
ସ୍ୱୟମେବ ହି ବାତୋଽଗ୍ନେଃ ସାରଥ୍ୟଂ ପ୍ରତିପଦ୍ୟତେ ।।୪୦

स्वासिधारापरिहृतः कामं चक्रस्य तेन मे ।
स्थापितो दशमो मूर्धा लभ्यांश इव रक्षसा ।।४१
ସ୍ୱାସିଧାରାପରିହୃତଃ କାମଂ ଚକ୍ରସ୍ୟ ତେନ ମେ ।
ସ୍ଥାପିତୋ ଦଶମୋ ମୂର୍ଦ୍ଧା ଲଭ୍ୟାଂଶ ଇବ ରକ୍ଷସା ।।୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାହା ଶୁଣି ଭଗବାନ୍ କହିବାକୁ ଆରମ୍ଭ କଲେ । ତାଙ୍କର ସ୍ୱର ସମୁଦ୍ରତୀରବର୍ତ୍ତୀ ପର୍ବତମାନଙ୍କର ଗୁହାକୁ ପ୍ରତିଧ୍ୱନିତ ଏବଂ ସମୁଦ୍ର ଗର୍ଜନକୁ ପରାହତ କରୁଥିଲା । ୩୫

ବାଣୀ ସେହି ସର୍ବପ୍ରଥମ କବିଙ୍କର (ବିଷ୍ଣୁଙ୍କର) କଣ୍ଠ, ତାଳୁ,ଦନ୍ତ ପ୍ରଭୃତି ଯଥାସ୍ଥାନରୁ ଉଚ୍ଚାରିତ ହୋଇ ସତେ ଯେପରି ସଂସ୍କାରପ୍ରାପ୍ତ ହେଲା ଏବଂ ସାର୍ଥକତା ଲାଭ କଲା । ୩୬

ଗଙ୍ଗା ଯେପରି ଭଗବାନ୍‌ଙ୍କର ପାଦରୁ ବାହାରି ଊର୍ଦ୍ଧ୍ୱକୁ ଗତି କଲାବେଳେ ପାଦ-ନଖର ପ୍ରଭାରେ ରଞ୍ଜିତ ହୋଇ ଶୋଭା ପାଉଥିଲା, ବାଣୀ ସେହିପରି ତାଙ୍କ ମୁଖରୁ ନିଃସୃତ ହୋଇ ଓ ଦନ୍ତପ୍ରଭା ସହିତ ମିଳିତ ହୋଇ ଶୋଭା ପାଇଲା । ୩୭

ବିଷ୍ଣୁ କହିଲେ—"ମୁଁ ଜାଣେ, ପ୍ରାଣୀମାନଙ୍କର ତମୋଗୁଣ ଯେପରି ସତ୍ତ୍ୱ ଓ ରଜୋଗୁଣକୁ ପରାହତ କରେ, ରାବଣ ସେହିପରି ତୁମ୍ଭମାନଙ୍କର ମହିମା ଓ ପୌରୁଷକୁ ପରାହତ କରୁଛି । ୩୮

ଯେପରି ସାଧୁଲୋକ ପାପକୁ ଆଦୌ ନ ଲୋଡ଼ିଲେ ମଧ୍ୟ ପାପ କୌଣସି ପ୍ରମାଦବଶତଃ ଆସି ତାଙ୍କୁ ସନ୍ତପ୍ତ କରେ, ସେହିପରି ରାବଣ ମୋର ତ୍ରିଭୁବନକୁ ସନ୍ତପ୍ତ କରୁଛି । ଏହା ମଧ୍ୟ ମୁଁ ଜାଣେ । ୩୯

ଇନ୍ଦ୍ରଙ୍କର ଯେଉଁ କାର୍ଯ୍ୟ (ଅସୁର ସଂହାର), ମୋର ମଧ୍ୟ ସେହି କାର୍ଯ୍ୟ । ତେଣୁ ତାଙ୍କର ମୋତେ ଏଥିପାଇଁ ପ୍ରାର୍ଥନା କରିବା ଅନାବଶ୍ୟକ । କାରଣ, ପବନ ଆପେ ଆପେ ଯାଇ ଅଗ୍ନିକୁ ସାହାଯ୍ୟ କରେ । ୪୦

ରାବଣ ତାର ଦଶମ ମୁଣ୍ଡକୁ ତରବାରିରେ ନ କାଟି ବୋଧହୁଏ ମୋର ଚକ୍ରକୁ ସେହି ଭାଗଟି ଦେବାପାଇଁ ରଖିଛି । (ରାବଣ ବ୍ରହ୍ମାଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରୁଥିଲା ବେଳେ ତାର ଦଶମୁଣ୍ଡରୁ ନଅଟି ମୁଣ୍ଡ ନିଜେ ତରବାରିରେ କାଟି ଅଗ୍ନିରେ ଆହୁତି ଦେଇଥିଲା; କିନ୍ତୁ ଦଶମ ମୁଣ୍ଡଟି କାଟି ନ ଥିଲା ।) ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्रष्टुर्वरातिसर्गात् तु मया तस्य दुरात्मनः ।
अत्यारूढं रिपोः सोढं चन्दनेनेव भोगिनः ॥४२
ସ୍ରଷ୍ଟୁର୍ବରାତିସର୍ଗାତ୍ ତୁ ମୟା ତସ୍ୟ ଦୁରାତ୍ମନଃ ।
ଅତ୍ୟାରୂଢଂ ରିପୋଃ ସୋଢଂ ଚନ୍ଦନେନେବ ଭୋଗିନଃ ॥୪୨

धातारं तपसा प्रीतं ययाचे स हि राक्षसः ।
दैवात् सर्गादवध्यत्वं मर्त्येष्वास्थापराङ्मुखः ॥
ଧାତାରଂ ତପସା ପ୍ରୀତଂ ୟୟାଚେ ସ ହି ରାକ୍ଷସଃ ।
ଦୈବାତ୍ ସର୍ଗାଦବଧ୍ୟତ୍ୱଂ ମର୍ତ୍ତ୍ୟେଷ୍ୱାସ୍ଥାପରାଙ୍ମୁଖଃ ॥୪୩

सोऽहं दाशरथिर्भूत्वा रणभूमेर्बलिक्षमम् ।
करिष्यामि शरैस्तीक्ष्णैस्तच्छिरःकमलोच्चयम् ॥४४
ସୋଽହଂ ଦାଶରଥିର୍ଭୂତ୍ୱା ରଣଭୂମେର୍ବଳିକ୍ଷମମ୍ ।
କରିଷ୍ୟାମି ଶରୈସ୍ତୀକ୍ଷ୍ଣୈସ୍ତଚ୍ଛିରଃକମଳୋଚ୍ଚୟମ୍ ॥୪୪

अचिराद् यज्वभिर्भागं कल्पितं विधिवत् पुनः ।
मायाविभिरनालीढमादास्यध्वे निशाचरैः ॥४५
ଅଚିରାଦ୍ ୟଜ୍ୱଭିର୍ଭାଗଂ କଳ୍ପିତଂ ବିଧିବତ୍ ପୁନଃ ।
ମାୟାବିଭିରନାଲୀଢମାଦାସ୍ୟଧ୍ୱେ ନିଶାଚରୈଃ ॥୪୫

वैमानिकाः पुण्यकृतस्त्यजन्तु मरुतां पथि ।
पुष्पकालोकसंक्षोभं मेघावरणतत्पराः ॥४३
ବୈମାନିକାଃ ପୁଣ୍ୟକୃତସ୍ତ୍ୟଜନ୍ତୁ ମରୁତାଂ ପଥି ।
ପୁଷ୍ପକାଲୋକସଂକ୍ଷୋଭଂ ମେଘାବରଣତତ୍ପରାଃ ॥୪୬

मोक्ष्यध्वे स्वर्गबन्दीनां वेणीबन्धानदूषितान् ।
शापयन्त्रितपौलस्त्यबलात्कारकचग्रहैः ॥४७
ମୋକ୍ଷ୍ୟଧ୍ୱେ ସ୍ୱର୍ଗବନ୍ଦୀନାଂ ବେଣୀବନ୍ଧାନଦୂଷିତାନ୍ ।
ଶାପୟନ୍ତ୍ରିତପୌଲସ୍ତ୍ୟ ବଳାତ୍କାରକଚଗ୍ରହୈଃ ॥୪୭

रावणावग्रहक्लान्तमिति वागमृतेन सः ।
अभिवृष्य मरुत्सस्यं कृष्णमेघस्तिरोदधे ॥४८
ରାବଣାବଗ୍ରହକ୍ଲାନ୍ତମିତି ବାଗମୃତେନ ସଃ ।
ଅଭିବୃଷ୍ୟ ମରୁତ୍ସସ୍ୟଂ କୃଷ୍ଣମେଘସ୍ତିରୋଦଧେ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚନ୍ଦନ ବୃକ୍ଷ ଯେପରି ସର୍ପମାନଙ୍କର ଅଭିବୃଦ୍ଧିକୁ ସହ୍ୟ କରେ, ମୁଁ ସେହିପରି ଏ ପର୍ଯ୍ୟନ୍ତ ରାବଣର ଅଭିବୃଦ୍ଧିକୁ ସହ୍ୟ କରି ଆସିଲିଣି, କେବଳ ବ୍ରହ୍ମା ତାହାକୁ ବରଦାନ କରିଛନ୍ତି ବୋଲି । ୪୨

ସେହି ରାକ୍ଷସ ମନୁଷ୍ୟମାନଙ୍କୁ ଆଦୌ ଖାତିର କରେ ନାହିଁ । ତେଣୁ ବ୍ରହ୍ମା ଯେତେବେଳେ ପ୍ରୀତ ହୋଇ ତାକୁ ବର ମାଗିବାକୁ କହିଲେ, ତାକୁ କୌଣସି ଦେବତା ମାରି ପାରିବେ ନାହିଁ ବୋଲି ସେ ପ୍ରାର୍ଥନା କଲା । ୪୩

ଏବେ ମୁଁ ଦଶରଥଙ୍କ ପୁତ୍ର ହୋଇ ତୀକ୍ଷ୍ଣ ଶରରେ ତାର ସମସ୍ତ ମୁଣ୍ଡ କାଟି ରଣଭୂମିକୁ ପୁଷ୍ପ-ଉପହାର ଦେବି । ୪୪

ଯାଜ୍ଞିକମାନେ ତୁମ୍ଭମାନଙ୍କୁ ଯେଉଁ ହବିର୍ଭାଗ ଦେଉଛନ୍ତି, ତାହାକୁ ଏଣିକି ରାକ୍ଷସମାନେ ପାଇପାରିବେ ନାହିଁ ; ତାହା ଅଚିରେ ତୁମ୍ଭେମାନେ ହିଁ ପାଇବ । ୪୫

ପୁଣ୍ୟାତ୍ମା ଦେବତାମାନେ ବିମାନରେ ବସି ଆକାଶ ପଥରେ ଗଲାବେଳେ ରାବଣର ପୁଷ୍ପକବିମାନକୁ ଦେଖି ଯେଉଁଭଳି ମେଘ ଭିତରେ ଲୁଚି-ଯାଉଛନ୍ତି, ସେମାନଙ୍କୁ ଆଉ ସେପରି ଲୁଚିବାକୁ ପଡ଼ିବ ନାହିଁ । ୪୬

ରାବଣ ଯେଉଁ ଦେବାଙ୍ଗନାମାନଙ୍କୁ ବନ୍ଦୀ କରି ରଖିଛି, କିନ୍ତୁ ନଳ-କୂବରଙ୍କ ଅଭିଶାପ ଯୋଗୁଁ ବଳାତ୍କାରରେ ସମ୍ଭୋଗ କରିପାରୁ ନାହିଁ, ତୁମ୍ଭେମାନେ ସେମାନଙ୍କର ବେଣୀ ଅଚିରେ ମୁକୁଳା କରିପାରିବ ।” ୪୭

ଏହିପରି ଭଗବାନ୍‌ରୂପକ ମେଘ ରାବଣରୂପକ ଅନାବୃଷ୍ଟିରେ ଶୁଖିଯାଉଥିବା ଦେବଗଣରୂପକ ଶସ୍ୟକୁ ସିକ୍ତ କରି ଅନ୍ତର୍ହିତ ହୋଇଗଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुरुहूतप्रभृतयः सुरकार्योद्यतं सुराः ।
अंशैरनुययुर्विष्णुं पुष्पैर्वायुमिव द्रुमाः ॥४९
ପୁରୁହୂତପ୍ରଭୃତୟଃ ସୁରକାର୍ଯ୍ୟୋଦ୍ୟତଂ ସୁରାଃ ।
ଅଂଶୈରନୁୟୟୁର୍ବିଷ୍ଣୁଂ ପୁଷ୍ପୈର୍ବାୟୁମିବ ଦ୍ରୁମାଃ ॥୪୯

अथ तस्य विशांपत्युरन्ते काम्यस्य कर्मणः ।
पुरुषः प्रबभूवाग्नेर्विस्मयेन सहर्त्विजाम् ॥५०
ଅଥ ତସ୍ୟ ବିଶାଂପତ୍ୟୁରନ୍ତେ କାମ୍ୟସ୍ୟ କର୍ମଣଃ ।
ପୁରୁଷଃ ପ୍ରବଭୂବାଗ୍ନେର୍ବିସ୍ମୟେନ ସହର୍ତ୍ୱିଜାମ୍ ॥୫୦

हेमपात्रगतं दोर्भ्यामादधानः पयश्चरुम् ।
अनुप्रवेशादाद्यस्य पुंसस्तेनापि दुर्वहम् ॥५१
ହେମପାତ୍ରଗତଂ ଦୋର୍ଭ୍ୟାମାଦଧାନଃ ପୟଶ୍ଚରୁମ୍ ।
ଅନୁପ୍ରବେଶାଦାଦ୍ୟସ୍ୟ ପୁଂସସ୍ତେନାପି ଦୁର୍ବହମ୍ ॥୫୧

प्राजापत्योपनीतं तदन्नं प्रत्यग्रहीन्नृपः ॥
वृषेव पयसां सारमाविष्कृतमुदन्वता ॥५२
ପ୍ରାଜାପତ୍ୟୋପନୀତଂ ତଦନ୍ନଂ ପ୍ରତ୍ୟଗ୍ରହୀନ୍ନୃପଃ ।
ବୃଷେବ ପୟସାଂ ସାରମାବିଷ୍କୃତମୁଦନ୍ୱତା ॥୫୨

अनेन कथिता राज्ञो गुणास्तस्यान्यदुर्लभाः ।
प्रसूतिं चकमे तस्मिंस्त्रैलोक्यप्रभवोऽपि यत् ॥५३
ଅନେନ କଥିତା ରାଜ୍ଞୋ ଗୁଣାସ୍ତସ୍ୟାନ୍ୟଦୁର୍ଲଭାଃ ।
ପ୍ରସୂତିଂ ଚକମେ ତସ୍ମିଂସ୍ତ୍ରୈଲୋକ୍ୟପ୍ରଭବୋଽପି ଯତ୍ ॥୫୩

स तेजो वैष्णवं पत्न्योर्विभेजे चरुसंज्ञितम् ।
द्यावापृथिव्योः प्रत्यग्रमहर्पतिरिवातपम् ॥५४
ସ ତେଜୋ ବୈଷ୍ଣବଂ ପତ୍ନ୍ୟୋର୍ବିଭେଜେ ଚରୁସଂଜ୍ଞିତମ୍ ।
ଦ୍ୟାବାପୃଥିବ୍ୟୋଃ ପ୍ରତ୍ୟଗ୍ରମହର୍ପତିରିବାତପମ୍ ॥୫୪

अर्चिता तस्य कौसल्या प्रिया केकयवंशजा ।
अतः संम्भावितां ताभ्यां सुमित्रामैच्छदीश्वरः ॥५५
ଅର୍ଚ୍ଚିତା ତସ୍ୟ କୌସଲ୍ୟା ପ୍ରିୟା କେକୟବଂଶଜା ।
ଅତଃ ସମ୍ଭାବିତାଂ ତାଭ୍ୟାଂ ସୁମିତ୍ରାମୈଚ୍ଛଦୀଶ୍ୱରଃ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃକ୍ଷମାନେ ଯେପରି ପୁଷ୍ପଗନ୍ଧଦ୍ୱାରା ପବନର ଅନୁଗମନ କରନ୍ତି, ଇନ୍ଦ୍ର ପ୍ରଭୃତି ଦେବତାମାନେ ସେହିପରି ନିଜ ନିଜ ଅଂଶଦ୍ୱାରା ଦେବକାର୍ଯ୍ୟ-ପ୍ରବୃତ୍ତ ବିଷ୍ଣୁଙ୍କର ଅନୁଗମନ କଲେ । ୪୯

ଏହି ଅବସରରେ, ରଜା ଦଶରଥଙ୍କର ପୁତ୍ରେଷ୍ଟି ଯଜ୍ଞ ଶେଷ ହେଲା । ଯଜ୍ଞ-ଅଗ୍ନିରୁ ଜଣେ ପୁରୁଷ ଉତ୍‌ଥିତ ହେବାରୁ ତାଙ୍କୁ ଦେଖି ଯାଜ୍ଞିକଗଣ ଅତ୍ୟନ୍ତ ବିସ୍ମିତ ହୋଇଗଲେ । ୫୦

ସେହି ପୁରୁଷ ଦୁଇ ହାତରେ ସୁବର୍ଣ୍ଣପାତ୍ରରେ ପାୟସ-ଅନ୍ନର ଚରୁ ଧାରଣ କରିଥିଲେ । ସେଥିରେ ଆଦି ପୁରୁଷ ଭଗବାନ୍ ଅବସ୍ଥାନ କରିଥିବାରୁ ତାହା ଧରିବା ତାଙ୍କୁ କଷ୍ଟକର ବୋଧ ହେଉଥିଲା । ୫୧

ଇନ୍ଦ୍ର ଯେପରି ସମୁଦ୍ରଠାରୁ ମନ୍ଥନଲବ୍ଧ ଅମୃତ ଗ୍ରହଣ କରିଥିଲେ, ରଜା ଦଶରଥ ସେହିପରି ଉକ୍ତ ପ୍ରଜାପତି-ପୁରୁଷଙ୍କ ଠାରୁ ଚରୁ ଗ୍ରହଣ କଲେ । ୫୨

ଯେ ତ୍ରିଭୁବନକୁ ଜନ୍ମ ଦେଇଛନ୍ତି ; ସେ ପୁଣି ରଜା ଦଶରଥଙ୍କ ଔରସରୁ ଜନ୍ମଗ୍ରହଣ କରିବାପାଇଁ ଇଚ୍ଛା କଲେ, ଏଇଥିରୁ ହିଁ ରଜା ଦଶରଥଙ୍କର ଅସାଧାରଣ ଗୁଣ ପରିସ୍ଫୁଟ । ୫୩

ସୂର୍ଯ୍ୟ ଯେପରି ନିଜର ପ୍ରାତଃକାଳୀନ ରଶ୍ମିକୁ ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ବାଣ୍ଟି ଦିଅନ୍ତି, ରଜା ଦଶରଥ ସେହିପରି ଚରୁରୂପକ ବିଷ୍ଣୁତେଜକୁ କୌଶଲ୍ୟା ଓ କୈକେୟୀଙ୍କ ମଧ୍ୟରେ ବାଣ୍ଟିଦେଲେ । ୫୪

କୌଶଲ୍ୟା ଥିଲେ ତାଙ୍କର ପଟ୍ଟମହିଷୀ ଏବଂ କୈକେୟୀଙ୍କୁ ସେ ଖୁବ୍ ଭଲ ପାଉଥିଲେ । ତେଣୁ ଚରୁକୁ ଉଭୟଙ୍କ ମଧ୍ୟରେ ବାଣ୍ଟିଦେବାରେ ତାଙ୍କର ଅଭିପ୍ରାୟ ଥିଲା ଯେ ସେ ଦୁହେଁ ସୁମିତ୍ରାଙ୍କୁ ନିଜ ନିଜର ଭଗରୁ କିଛି କିଛି ଦେଇ ସମ୍ମାନିତ କରିବେ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ते बहुज्ञस्य चित्तज्ञे पत्न्यौ पत्युर्महीक्षितः ।
चरोरर्धार्धभागाभ्यां तामयोजयतामुभे ॥५६
ତେ ବହୁଜ୍ଞସ୍ୟ ଚିତ୍ତଜ୍ଞେ ପତ୍ନ୍ୟୌ ପତ୍ୟୁର୍ମହୀକ୍ଷିତଃ ।
ଚରୋରର୍ଧାର୍ଧଭାଗାଭ୍ୟାଂ ତାମଯୋଜୟତାମୁଭେ ॥୫୬

सा हि प्रणयवत्यासीत् सपत्न्योरुभयोरपि ।
भ्रमरी वारणस्येव मदनिस्यन्दरेखयोः ॥५७
ସା ହି ପ୍ରଣୟବତ୍ୟାସୀତ୍ ସପତ୍ନ୍ୟୋରୁଭୟୋରପି ।
ଭ୍ରମରୀ ବାରଣସ୍ୟେବ ମଦନିସ୍ୟନ୍ଦରେଖୟୋଃ ॥୫୭

ताभिर्गर्भः प्रजाभूत्यै दध्रे देवांशसंभवः ।
सौरीभिरिव नाडीभिरमृताख्याभिरम्मयः ॥५८
ତାଭିର୍ଗର୍ଭଃ ପ୍ରଜାଭୂତ୍ୟୈ ଦଧ୍ରେ ଦେବାଂଶସଂଭବଃ ।
ସୌରୀଭିରିବ ନାଡ଼ିଭିରମୃତାଖ୍ୟାଭିରମ୍ମୟଃ ॥୫୮

सममापन्नसत्त्वास्ता रेजुरापाण्डुरत्विषः ।
अन्तर्गतफलारम्भाः सस्यानामिव सम्पदः ॥५९
ସମମାପନ୍ନସତ୍ତ୍ୱାସ୍ତା ରେଜୁରାପାଣ୍ଡୁରତ୍ୱିଷଃ ।
ଅନ୍ତର୍ଗତଫଳାରମ୍ଭାଃ ସସ୍ୟାନାମିବ ସଂପଦଃ ॥୫୯

गुप्तं ददृशुरात्मानं सर्वाः स्वप्नेषु वामनैः ।
जलजासि गदा शार्ंग चक्र लाञ्छित मूर्तिभिः ॥६०
ଗୁପ୍ତଂ ଦଦୃଶୁରାତ୍ମାନଂ ସର୍ବାଃ ସ୍ୱପ୍ନେଷୁ ବାମନୈଃ ।
ଜଳଜାସି ଗଦା ଶାର୍ଙ୍ଗ ଚକ୍ର ଲାଂଛିତ ମୂର୍ତ୍ତିଭିଃ ॥୬୦

हेमपक्षप्रभाजालं गगने च वितन्वता ।
उह्यन्ते स्म सुपर्णेन वेगाकृष्टपयोमुचा ॥६१
ହେମପକ୍ଷପ୍ରଭାଜାଲଂ ଗଗନେ ଚ ବିତନ୍ୱତା ।
ଉହ୍ୟନ୍ତେ ସ୍ମ ସୁପର୍ଣ୍ଣେନ ବେଗାକୃଷ୍ଟପୟୋମୁଚା ॥୬୧

बिभ्रत्या कौस्तुभन्यासं स्तनान्तरविलम्बिनम् ।
पर्युपास्यन्त लक्ष्म्या च पद्मव्यजनहस्तया ॥६२
ବିଭ୍ରତ୍ୟା କୌସ୍ତୁଭନ୍ୟାସଂ ସ୍ତନାନ୍ତରବିଲମ୍ବିନମ୍ ।
ପର୍ଯ୍ୟୁପାସ୍ୟନ୍ତ ଲକ୍ଷ୍ମ୍ୟା ଚ ପଦ୍ମବ୍ୟଜନହସ୍ତୟା ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶରଥ ଥିଲେ ବିସ୍ତରଶୀଳ ଏବଂ ଉକ୍ତ ଦୁଇ ପତ୍ନୀ ଥିଲେ ତାଙ୍କର ଅଭିପ୍ରାୟ ବୁଝିବାରେ ନିପୁଣା । ତେଣୁ ସେ ଦୁହେଁ ସୁମିତ୍ରାଙ୍କୁ ନିଜ ନିଜ ଚରୁରୁ ଅଧେ ଅଧେ ପ୍ରଦାନ କଲେ । ୫୬

ସେ ଦୁହେଁ ସପତ୍ନୀ ଥିଲେ ମଧ୍ୟ ସୁମିତ୍ରା ସେମାନଙ୍କୁ ଖୁବ୍ ଭଲ ପାଉଥିଲେ । ଯେପରି, ହସ୍ତୀର ଦୁଇଟିଯାକ ମଦଜଳଧାର ଭ୍ରମରୀର ଅତ୍ୟନ୍ତ-ପ୍ରିୟ । ୫୭

ସୂର୍ଯ୍ୟଙ୍କର 'ଅମୃତା' କିରଣାବଳୀ ଯେପରି ପ୍ରାଣୀମାନଙ୍କର ମଙ୍ଗଳ-ପାଇଁ ଜଳରୂପକ ଗର୍ଭ ଧାରଣ କରନ୍ତି, ତିନି ରାଣୀ ସେହିପରି ଜଗତର ମଙ୍ଗଳ ପାଇଁ ଗର୍ଭଧାରଣ କଲେ । ବିଷ୍ଣୁଙ୍କର ଅଂଶ ହିଁ ଥିଲା ସେମାନଙ୍କର ଗର୍ଭର ନିଦାନ । ୫୮

ତିନିଜଣ ଏକ ସମୟରେ ଅନ୍ତଃସତ୍ତ୍ୱା ହେଲେ । ସେମାନଙ୍କର ଶରୀର ପାଣ୍ଡୁର ବର୍ଣ୍ଣ ଧାରଣ କଲା । ସେମାନେ ଠିକ୍ ଭିତରେ ଫଳ ଧରିଥିବା ଶସ୍ୟସମ୍ପତ୍ତି ପରି ବୋଧହେଲେ । ୫୯

ଦିନେ ସେମାନେ ସ୍ୱପ୍ନରେ ଦେଖିଲେ ଯେ କ୍ଷୁଦ୍ର କ୍ଷୁଦ୍ର ବିଷ୍ଣୁମୂର୍ତ୍ତି ଶଙ୍ଖଚକ୍ରଗଦାପଦ୍ମ ଧାରଣ କରି ସେମାନଙ୍କୁ ରକ୍ଷା କରୁଛନ୍ତି । ୬୦

ସେମାନେ ପୁଣି ଦେଖିଲେ—ଗରୁଡ଼ ଆକାଶ ମାର୍ଗରେ ସେମାନଙ୍କୁ ବହନ କରି ନେଉଛନ୍ତି । ଗରୁଡ଼ଙ୍କର ସୁବର୍ଣ୍ଣ ପକ୍ଷର ଆଲୋକରେ ଆକାଶ ଉଦ୍ଭସିତ ହୋଇ ଉଠୁଛି ଏବଂ ଗତିରେ ମେଘ ଆକର୍ଷିତ ହେଉଛି । ୬୧

ଆଉମଧ୍ୟ, ଲକ୍ଷ୍ମୀ ହାତରେ ପଦ୍ମବିଞ୍ଚଣା ଧରି ସେମାନଙ୍କର ସେବା କରୁଛନ୍ତି । ଲକ୍ଷ୍ମୀଙ୍କ ଦୁଇ ସ୍ତନର ମଝିରେ କୌସ୍ତୁଭ ମଣି ଶୋଭା ପାଉଛି । (ବିଷ୍ଣୁ ନିଜର କୌସ୍ତୁଭ ମଣିକୁ ଲକ୍ଷ୍ମୀଙ୍କୁ ପିନ୍ଧାଇ ଦେଇଛନ୍ତି ।) ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कृताभिषेकैर्दिव्यायां त्रिस्रोतसि च सप्तभिः ।
ब्रह्मर्षिभिः परं ब्रह्म गृणद्भिरुपतस्थिरे ॥६३
କୃତାଭିଷେକୈର୍ଦ୍ଦିବ୍ୟାୟାଂ ତ୍ରିସ୍ରୋତସି ଚ ସପ୍ତଭିଃ ।
ବ୍ରହ୍ମର୍ଷିଭିଃ ପରଂ ବ୍ରହ୍ମ ଗୃଣଦ୍ଭିରୁପତସ୍ଥିରେ ॥୬୩

ताभ्यस्तथाविधान् स्वप्नाञ्छ्रुत्वा प्रीतोऽथ पार्थिवः ।
मेने परार्ध्यमात्मानं गुरुत्वेन जगद्गुरोः ॥६४
ତାଭ୍ୟସ୍ତଥାବିଧାନ୍ ସ୍ୱପ୍ନାଞ୍ଛ୍ରୁତ୍ୱା ପ୍ରୀତୋଽଥ ପାର୍ଥିବଃ ।
ମେନେ ପରାର୍ଦ୍ଧ୍ୟମାତ୍ମାନଂ ଗୁରୁତ୍ୱେନ ଜଗଦ୍‌ଗୁରୋଃ ॥୬୪

विभक्तात्मा विभुस्तासामेकः कुक्षिष्वनेकधा ।
उवास प्रतिमाचन्द्रः प्रसन्नानामपामिव ॥६५
ବିଭକ୍ତାତ୍ମା ବିଭୁସ୍ତାସାମେକଃ କୁକ୍ଷିଷ୍ୱନେକଧା ।
ଉବାସ ପ୍ରତିମାଚନ୍ଦ୍ରଃ ପ୍ରସନ୍ନାନାମପାମିବ ॥୬୫

अथाग्र्यमहिषी राज्ञः प्रसूतिसमये सती ।
पुत्रं तमोपहं लेभे नक्तं ज्योतिरिवौषधिः ॥६६
ଅଥାଗ୍ର୍ୟମହିଷୀ ରାଜ୍ଞଃ ପ୍ରସୂତିସମୟେ ସତୀ ।
ପୁତ୍ରଂ ତମୋପହଂ ଲେଭେ ନକ୍ତଂ ଜ୍ୟୋତିରିବୌଷଧିଃ ॥୬୬

राम इत्यभिरामेण वपुषा तस्य चोदितः ।
नामधेयं गुरुश्चक्रे जगत्प्रथममङ्गलम् ॥६७
ରାମ ଇତ୍ୟଭିରାମେଣ ବପୁଷା ତସ୍ୟ ଚୋଦିତଃ ।
ନାମଧେୟଂ ଗୁରୁଶ୍ଚକ୍ରେ ଜଗତ୍‌ପ୍ରଥମମଙ୍ଗଳମ୍ ॥୬୭

रघुवंशप्रदीपेन तेनाप्रतिमतेजसा ।
रक्षागृहगता दीपाः प्रत्यादिष्टा इवाभवन् ॥६८
ରଘୁବଂଶପ୍ରଦୀପେନ ତେନାପ୍ରତିମତେଜସା ।
ରକ୍ଷାଗୃହଗତା ଦୀପାଃ ପ୍ରତ୍ୟାଦିଷ୍ଟା ଇବାଭବନ୍ ॥୬୮

शय्यागतेन रामेण माता शातोदरी बभौ ।
सैकताम्भोजबलिना जाह्नवीव शरत्कृशा ॥६९
ଶଯ୍ୟାଗତେନ ରାମେଣ ମାତା ଶାତୋଦରୀ ବଭୌ ।
ସୈକତାମ୍ଭୋଜବଳିନା ଜାହ୍ନବୀବ ଶରତ୍‌କୃଶା ॥୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସପ୍ତ ବ୍ରହ୍ମର୍ଷି ସ୍ୱର୍ଗଗଙ୍ଗାରେ ସ୍ନାନ ସାରି ସେମାନଙ୍କ ପାଖରେ ଠିଆ ହୋଇ ବେଦମନ୍ତ୍ର ଉଚ୍ଚାରଣ କରୁଛନ୍ତି । ୬୩

ରାଜା ଦଶରଥ ରାଣୀମାନଙ୍କଠାରୁ ଏହି ସ୍ୱପ୍ନ ବୃତ୍ତାନ୍ତ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଜଗତ୍ ପିତାଙ୍କର ପିତା ହେବାକୁ ଯାଉଥିବାରୁ ନିଜକୁ ସର୍ବଶ୍ରେଷ୍ଠ ମନେ କଲେ । ୬୪

ଯେପରି ଚନ୍ଦ୍ର ଏକ ହେଲେ ମଧ୍ୟ ନିର୍ମଳ ଜଳରେ ବହୁସଂଖ୍ୟାରେ ପ୍ରତିବିମ୍ବିତ ହୁଅନ୍ତି, ଭଗବାନ୍ ସେହିପରି ଏକ ହେଲେ ମଧ୍ୟ ରାଣୀମାନଙ୍କ ଗର୍ଭରେ ବିଭକ୍ତ ହୋଇ ରହିଲେ । ୬୫

ତାପରେ, ରାତି ହେଲେ ଔଷଧଲତା ଯେପରି ଆଲୋକ ଉତ୍ପନ୍ନ କରେ ଏବଂ ସେହି ଆଲୋକ ଅନ୍ଧକାର ବିନାଶ କରେ, ସେହିପରି ପ୍ରସବ ସମୟ ଉପସ୍ଥିତ ହୁଅନ୍ତେ ପତିବ୍ରତା କୌଶଲ୍ୟା ଏକ ପୁତ୍ର ପ୍ରସବ କଲେ । ସେହି ପୁତ୍ର ଥିଲେ ଜଗତର ପାପତାପବିନାଶକ । ୬୬

ପୁତ୍ରର ଶରୀର ଅତ୍ୟନ୍ତ ରମଣୀୟ ଦିଶୁଥିବାରୁ ପିତା ତାଙ୍କର ନାମ ଦେଲେ "ରାମ" । ଏହି ନାମ ହିଁ ହେଲା ଜଗତର ପ୍ରଥମ ମଙ୍ଗଳ । ୬୭

ରଘୁବଂଶର ପ୍ରଦୀପ ରାମଙ୍କର ଅତୁଳନୀୟ ତେଜରେ ପ୍ରସୂତି-ଗୃହର ପ୍ରଦୀପଗୁଡ଼ିକ ନିଷ୍ପ୍ରଭ ହୋଇଗଲେ । ୬୮

ଶରତ୍ କାଳରେ ଗଙ୍ଗା ଯେପରି କୃଶ ହୋଇଯାଇଥାଏ ଏବଂ ତାର ବାଲୁକାମୟ ତଟରେ ପୂଜାପୁଷ୍ପ ଘେନି ଶୋଭା ପାଏ, ପ୍ରସବ ପରେ କୌଶଲ୍ୟାଙ୍କର ଉଦର ସେହିପରି କୃଶ ହୋଇଗଲା ଏବଂ ସେ ପାଖରେ ଶଯ୍ୟାଗତ ରାମଙ୍କୁ ଘେନି ସେହିପରି ଶୋଭା ପାଇଲେ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

कैकेय्यास्तनयो जज्ञे भरतो नाम शीलवान् ।
जनयित्रीमलञ्चक्रे यः प्रश्रय इव श्रियम् ॥७०
କୈକେୟ୍ୟାଃସ୍ତନୟୋ ଜଜ୍ଞେ ଭରତୋ ନାମ ଶୀଳବାନ୍ ।
ଜନୟିତ୍ରୀମଲଂଚକ୍ରେ ଯଃ ପ୍ରଶ୍ରୟ ଇବ ଶ୍ରିୟମ୍ ॥୭୦

सुतौ लक्ष्मणशत्रुघ्नौ सुमित्रा सुषुवे यमौ ।
सम्यगाराधिता विद्या प्रबोधविनयाविव ॥७१
ସୁତୌ ଲକ୍ଷ୍ମଣଶତ୍ରୁଘ୍ନୌ ସୁମିତ୍ରା ସୁଷୁବେ ଯମୌ ।
ସମ୍ୟଗାରାଧିତା ବିଦ୍ୟା ପ୍ରବୋଧବିନୟାବିବ ॥୭୧

निर्दोषमभवत् सर्वमाविष्कृतगुणं जगत् ।
अन्वगादिव हि स्वर्गो गां गतं पुरुषोत्तमम् ॥७२
ନିର୍ଦ୍ଦୋଷମଭବତ୍ ସର୍ବମାବିଷ୍କୃତଗୁଣଂ ଜଗତ୍ ।
ଅନ୍ୱଗାଦିବ ହି ସ୍ୱର୍ଗୋ ଗାଂ ଗତଂ ପୁରୁଷୋତ୍ତମମ୍ ॥୭୨

तस्योदये चतुर्मूर्तेः पौलस्त्यचकितेश्वराः ।
विरजस्कैर्नभस्वद्भिर्दिश उच्छ्वसिता इव ॥७३
ତସ୍ୟୋଦୟେ ଚତୁର୍ମୂର୍ତ୍ତେଃ ପୌଲସ୍ତ୍ୟଚକିତେଶ୍ୱରାଃ ।
ବିରଜସ୍କୈର୍ନଭସ୍ୱଦ୍ଭିର୍ଦିଶ ଉଚ୍ଛ୍ୱସିତା ଇବ ॥୭୩

कृशानुरपधूमत्वात् प्रसन्नत्वात् प्रभाकरः ।
रक्षोविप्रकृतावास्तामपविद्धशुचाविव ॥७४
କୃଶାନୁରପଧୂମତ୍ୱାତ୍ ପ୍ରସନ୍ନତ୍ୱାତ୍ ପ୍ରଭାକରଃ ।
ରକ୍ଷୋବିପ୍ରକୃତାବାସ୍ତାମପବିଦ୍ଧଶୁଗ୍ୱିବ ॥୭୪

दशाननकिरीटेभ्यस्तत्क्षणं राक्षसश्रियः ।
मणिव्याजेन पर्यस्ताः पृथिव्यामश्रुबिन्दवः ॥७५
ଦଶାନନକିରୀଟେଭ୍ୟସ୍ତତ୍କ୍ଷଣଂ ରାକ୍ଷସଶ୍ରିୟଃ
ମଣିବ୍ୟାଜେନ ପର୍ଯ୍ୟସ୍ତାଃ ପୃଥିବ୍ୟାମଶ୍ରୁବିନ୍ଦବଃ ॥୭୫

पुत्रजन्मप्रवेश्यानां तूर्याणां तस्य पुत्रिणः ।
आरम्भं प्रथमं चक्रुर्देवदुन्दुभयो दिवि ॥७६
ପୁତ୍ରଜନ୍ମପ୍ରବେଶ୍ୟାନାଂ ତୂର୍ଯ୍ୟାଣାଂ ତସ୍ୟ ପୁତ୍ରିଣଃ ।
ଆରମ୍ଭଂ ପ୍ରଥମଂ ଚକ୍ରୁର୍ଦ୍ଦେବଦୁନ୍ଦୁଭୟୋ ଦିବି ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୈକେୟୀଙ୍କ ଗର୍ଭରୁ ଏକ ସୁଶୀଳ ପୁତ୍ର ଜାତ ହେଲେ । ତାଙ୍କର ନାମ ହେଲା ଭରତ । ବିନୟ ଯୋଗେ ସମ୍ପତ୍ତି ଯେପରି ଶୋଭା ପାଏ, ସେହି ପୁତ୍ରଟି ଯୋଗେ ଜନନୀ ସେହିପରି ସୁଶୋଭିତା ହେଲେ । ୭୦

ଯଥାର୍ଥ ଭାବରେ ଶିକ୍ଷା କରାଯାଇଥିବା ବିଦ୍ୟା ଯେପରି ଜ୍ଞାନ ଓ ବିନୟ ଉତ୍ପନ୍ନ କରେ, ସୁମିତ୍ରା ସେହିପରି ଦୁଇଟି ପୁତ୍ର ପ୍ରସବ କଲେ । ସେମାନଙ୍କର ନାମ ହେଲା ଲକ୍ଷ୍ମଣ ଓ ଶତ୍ରୁଘ୍ନ । ୭୧

ଜଗତରୁ ଦୁର୍ଭିକ୍ଷ, ରୋଗ ପ୍ରଭୃତି ଦୋଷ ଲୋପ ପାଇଲା ଏବଂ ଶସ୍ୟ ଉତ୍ପତ୍ତି, ନୀରୋଗତା ପ୍ରଭୃତି ଗୁଣ ବୃଦ୍ଧି ପାଇଲା । ତେଣୁ,ପୁରୁଷୋତ୍ତମ (ବିଷ୍ଣୁ) ଭୂମଣ୍ଡଳକୁ ଆସନ୍ତେ ସ୍ୱର୍ଗ ମଧ୍ୟ ତାଙ୍କ ପଛେ ପଛେ ଆସିଲା ଭଳି ଜଣା ପଡ଼ିଲା । ୭୨

ଚାରି ଦିଗ୍‌ବଧୂଙ୍କର ସ୍ୱାମୀମାନେ ରାବଣର ଭୟରେ ଥରହର ହେଉଥିଲେ । ଭଗବାନ୍ ଚାରି ରୂପରେ ଜନ୍ମ ଗ୍ରହଣ କରନ୍ତେ ଦିଗ୍‌ବଧୂମାନେ ନିର୍ମଳ ବାୟୁ ଛଳରେ ସତେ ଯେପରି ଆନନ୍ଦ-ନିଃଶ୍ୱାସ ତ୍ୟାଗ କଲେ । (ପୂର୍ବଦିଗର ସ୍ୱାମୀ ଇନ୍ଦ୍ର, ପଶ୍ଚିମର ବରୁଣ, ଉତ୍ତରର କୁବେର ଓ ଦକ୍ଷିଣର ଯମ ।) ୭୩

ଅଗ୍ନି ଧୂମହୀନ ଏବଂ ସୂର୍ଯ୍ୟ ନିର୍ମଳ ହେଲେ । ରାବଣର ଅତ୍ୟାଚାରରେ ସେମାନେ ଯେଉଁ ଦୁଃଖ ଭୋଗ କରୁଥିଲେ, ସେଥିରୁ ମୁକ୍ତି ପାଇଲେ ବୋଲି ମନେ ହେଲା । ୭୪

ରାବଣର ମୁକୁଟରୁ କେତେଗୁଡ଼ିଏ ମଣି ଖସି ପଡ଼ିଲା । ବୋଧହୁଏ ସେହି ମଣି ପତନ ଛଳରେ ରାକ୍ଷସ-ରାଜଲକ୍ଷ୍ମୀ ଅଶ୍ରୁବିନ୍ଦୁ ବର୍ଷଣ କଲା ! ୭୫

ପୁତ୍ର ଜନ୍ମ ସମୟର ମଙ୍ଗଳବାଦ୍ୟ ଦଶରଥଙ୍କ ଗୃହରେ ନବାଜୁଣୁ ସ୍ୱର୍ଗରେ ଦେବତାମାନେ ଦୁନ୍ଦୁଭି ବଜାଇଲେ । ତାପରେ ଦଶରଥଙ୍କ ଗୃହରେ ମଙ୍ଗଳବାଦ୍ୟ ବାଜିଲା । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सन्तानकमयी वृष्टिर्भवने चास्य पेतुषी ।
सन्मङ्गलोपचाराणां सैवादिरचनाभवत् ।।७७
ସନ୍ତାନକମୟୀ ବୃଷ୍ଟିର୍ଭବନେ ଚାସ୍ୟ ପେତୁଷୀ ।
ସନ୍ମଙ୍ଗଳୋପଚାରାଣାଂ ସୈବାଦିରଚନାଭବତ୍ ।।୭୭

कुमाराः कृतसंस्कारास्ते धात्रीस्तन्यपायिनः ।
आनन्देनाग्रजेनेव समं ववृधिरे पितुः ।।७८
କୁମାରାଃ କୃତସଂସ୍କାରାସ୍ତେ ଧାତ୍ରୀସ୍ତନ୍ୟପାୟିନଃ ।
ଆନନ୍ଦେନାଗ୍ରଜେନେବ ସମଂ ବବୃଧିରେ ପିତୁଃ ।।୭୮

स्वाभाविकं विनीतत्वं तेषां विनयकर्मणा ।
मुमूर्च्छ सहजं तेजो हविषेव हविर्भुजाम् ।।७९
ସ୍ୱାଭାବିକଂ ବିନୀତତ୍ୱଂ ତେଷାଂ ବିନୟକର୍ମଣା ।
ମୁମୂର୍ଚ୍ଛ ସହଜଂ ତେଜୋ ହବିଷେବ ହବିର୍ଭୁଜାମ୍ ।।୭୯

परस्पराविरुद्धास्ते तद् रघोरनघं कुलम् ।
अलमुद्द्योतयामासु र्देवारण्यमिवर्तवः ।।८०
ପରସ୍ପରାବିରୁଦ୍ଧାସ୍ତେ ତଦ୍ ରଘୋରନଘଂ କୁଳମ୍ ।
ଅଲମୁଦ୍ଦ୍ୟୋତୟାମାସୁ ର୍ଦେବାରଣ୍ୟମିବର୍ତବଃ ।।୮୦

समानेऽपि हि सौभ्रात्रे यथोभौ रामलक्ष्मणौ ।
तथा भरतशत्रुघ्नौ प्रीत्या द्वन्द्वं बभूवतुः ।।८१
ସମାନେଽପି ହି ସୌଭ୍ରାତ୍ରେ ଯଥୋଭୌ ରାମଲକ୍ଷ୍ମଣୌ ।
ତଥା ଭରତଶତ୍ରୁଘ୍ନୌ ପ୍ରୀତ୍ୟା ଦ୍ୱନ୍ଦ୍ୱଂ ବଭୂବତୁଃ ।।୮୧

तेषां द्वयोर्द्वयोरैक्यं बिभिदे न कदाचन ।
यथा वायुविभावस्वोर्यथा चन्द्रसमुद्रयोः ।।८२
ତେଷାଂ ଦ୍ୱୟୋର୍ଦ୍ୱୟୋରୈକ୍ୟଂ ବିଭିଦେ ନ କଦାଚନ ।
ଯଥା ବାୟୁବିଭାବସ୍ୱୋର୍ଯଥା ଚନ୍ଦ୍ରସମୁଦ୍ରୟୋଃ ।।୮୨

ते प्रजानां प्रजानाथास्तेजसा प्रश्रयेण च ।
मनो जह्रुर्निदाघान्ते श्यामाभ्रा दिवसा इव ।।८३
ତେ ପ୍ରଜାନାଂ ପ୍ରଜାନାଥାସ୍ତେଜସା ପ୍ରଶ୍ରୟେଣ ଚ ।
ମନୋ ଜହ୍ରୁର୍ନିଦାଘାନ୍ତେ ଶ୍ୟାମାଭ୍ରା ଦିବସା ଇବ ।।୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବତାମାନେ ଦଶରଥଙ୍କ ଗୃହରେ କଳ୍ପବୃକ୍ଷର ପୁଷ୍ପରାଶି ବୃଷ୍ଟି କଲେ । ପୁତ୍ର ଜନ୍ମ ଉତ୍ସବରେ ଯେତେ ପ୍ରକାର ମଙ୍ଗଳ ଉତ୍ସବ କରାଗଲା, ଦେବତାମାନଙ୍କର ପୁଷ୍ପବୃଷ୍ଟି ହିଁ ଥିଲା ତନ୍ମଧ୍ୟରେ ପ୍ରଥମ । ୭୭

ପୁତ୍ରମାନଙ୍କର ଜାତକର୍ମ ପ୍ରଭୃତି ସଂସ୍କାର ସଂପନ୍ନ କରାହେଲା । ସେମାନେ ଧାତ୍ରୀମାନଙ୍କ ଠାରୁ ସ୍ତନ୍ୟ ପାନ କରି ବଢ଼ିବାରେ ଲାଗିଲେ । ସେମାନଙ୍କ ବୃଦ୍ଧି ସଙ୍ଗେ ସଙ୍ଗେ ଦଶରଥଙ୍କର ଆନନ୍ଦ ମଧ୍ୟ ବୃଦ୍ଧି ପାଇଲା । ୭୮

ବିନୟ ଥିଲା ସେମାନଙ୍କର ଜନ୍ମଗତ ଗୁଣ । ଅଗ୍ନିର ସ୍ୱାଭବିକ ତେଜ ଯେପରି ଘୃତାହୁତିଦ୍ୱାରା ବୃଦ୍ଧିପ୍ରାପ୍ତ ହୁଏ, ସେମାନଙ୍କର ସେହି ଗୁଣ ଶିକ୍ଷା ଫଳରେ ଅଧିକ ବୃଦ୍ଧିପ୍ରାପ୍ତ ହେଲା । ୭୯

ସମସ୍ତ ଋତୁ ଯେପରି ପରସ୍ପର ବିରୋଧ ଛାଡ଼ି ନନ୍ଦନ ବନକୁ ସୁଶୋଭିତ କରନ୍ତି, ଚାରି ପୁତ୍ର ସେହିପରି ପରସ୍ପର ପ୍ରତି ଅନୁରାଗ ରଖି ନିଷ୍ପାପ ରଘୁବଂଶକୁ ଉଜ୍ଜ୍ୱଳ କରିବାରେ ଲାଗିଲେ । ୮୦

ଚାରି ଭାଇଙ୍କର ପରସ୍ପର ପ୍ରତି ଯଦ୍ୟପି ସମାନ ଭ୍ରାତୃଭାବ ଥିଲା, ତଥାପି ରାମ ଲକ୍ଷ୍ମଣ ଏବଂ ଭରତ ଶତ୍ରୁଘ୍ନ ପରସ୍ପର ପ୍ରତି ଅଧିକ ଅନୁରକ୍ତ ହେଲେ । ୮୧

ଯେପରି ବାୟୁ ଓ ଅଗ୍ନିଙ୍କ ମଧ୍ୟରେ ଏବଂ ସମୁଦ୍ର ଓ ଚନ୍ଦ୍ରଙ୍କ ମଧ୍ୟରେ ସମ୍ପର୍କ କଦାପି ଛିନ୍ନ ହୁଏ ନାହିଁ, ସେହିପରି ରାମ ଲକ୍ଷ୍ମଣ ଓ ଭରତ ଶତ୍ରୁଘ୍ନ କେହି କାହାରିକୁ କ୍ଷଣେମାତ୍ର ଛାଡ଼ିଲେ ନାହିଁ । ୮୨

ଗ୍ରୀଷ୍ମକାଳ ଶେଷରେ ମେଘାଚ୍ଛନ୍ନ ଦିବସ ଅତି ଶୀତଳ ବା ଅତି ଉଷ୍ଣ ନୁହେଁ, ତେଣୁ ତାହା ସମସ୍ତଙ୍କୁ ଆନନ୍ଦ ଦାନ କରେ । ସେହିପରି ରାଜକୁମାରମାନେ ପ୍ରଭାବ ଓ ବିନୟ ଦ୍ୱାରା ପ୍ରଜାମାନଙ୍କର ଆନନ୍ଦବିଧାନ କରିବାକୁ ଲାଗିଲେ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स चतुर्धा बभौ व्यस्तः प्रसवः पृथिवीपतेः ।
धर्मार्थकाममोक्षाणामवतार इवाङ्गभाक् ।।८४
ସଃ ଚତୁର୍ଧା ବଭୌ ବ୍ୟସ୍ତଃ ପ୍ରସବଃ ପୃଥିବୀପତେଃ ।
ଧର୍ମାର୍ଥକାମମୋକ୍ଷାଣାମବତାର ଇବାଙ୍ଗଭକ୍ ।।୮୪

गुणैराराधयामासुस्ते गुरुं गुरुवत्सलाः ।
तमेव चतुरन्तेशं रत्नैरिव महार्णवाः ।।८५
ଗୁଣୈରାରାଧୟାମାସୁସ୍ତେ ଗୁରୁଂ ଗୁରୁବତ୍ସଳାଃ ।
ତମେବ ଚତୁରନ୍ତେଶଂ ରତ୍ନୈରିବ ମହାର୍ଣ୍ଣବାଃ ।।୮୫

ସୁରଗଜ ଇବ ଦନ୍ତୈର୍ଭଗ୍ନଦୈତ୍ୟାସିଧାରୈ
ର୍ନୟ ଇବ ପଣବନ୍ଧବ୍ୟକ୍ତଯୋଗୈରୁପାୟୈଃ ।
ହରିରିବ ଯୁଗଦୀର୍ଘୈର୍ଦୋର୍ଭିରଂଶୈସ୍ତଦୀୟୈଃ
ପତିରବନିପତୀନାଂ ତୈଶ୍ଚକାଶେ ଚତୁର୍ଭିଃ ।। ୮୬

इति श्रीमहाकविकालिदासकृतौ रघुवंशे महाकाव्ये
भगवदवतारो नाम दशमः सर्गः ।।

एकादशः सर्गः

कौशिकेन स किल क्षितीश्वरो राममध्वरविघातशान्तये ।
काकपक्षधरमेत्य याचितस्तेजसां हि न वयः समीक्षते ।।१
କୌଶିକେନ ସ କିଲ କ୍ଷିତୀଶ୍ୱରେ ରାମମଧ୍ୱରବିଘାତଶାନ୍ତୟେ ।
କାକପକ୍ଷଧରମେତ୍ୟ ଯାଚିତସ୍ତେଜସାଂ ହି ନ ବୟଃ ସମୀକ୍ଷ୍ୟତେ ।।୧

कृच्छ्रलब्धमपि लब्धवर्णभाक् तं दिदेश मुनये सलक्ष्मणम् ।
अप्यसुप्रणयिनां रघोः कुले न व्यहन्यत कदाचिदर्थिता ।।२
କୃଚ୍ଛ୍ରଲବ୍ଧମପି ଲବ୍ଧବର୍ଣ୍ଣଭକ୍ ତଂ ଦିଦେଶ ମୁନୟେ ସଲକ୍ଷ୍ମଣମ୍ ।
ଅପ୍ୟସୁପ୍ରଣୟିନାଂ ରଘୋଃ କୁଳେ ନ ବ୍ୟହନ୍ୟତ କଦାଚିଦର୍ଥିତା ।।୨

यावदादिशति पार्थिवस्तयोर्निर्गमाय पुरमार्गसंस्क्रियाम् ।
तावदाशु विदधे मरुत्सखैः सा सपुष्पजलवर्षिभिर्घनैः ।।३
ଯାବଦାଦିଶତି ପାର୍ଥିବସ୍ତୟୋର୍ନିର୍ଗମାୟ ପୁରମାର୍ଗସଂସ୍କ୍ରିୟାମ୍ ।
ତାବଦାଶୁ ବିଦଧେ ମରୁତ୍ସଖୈଃ ସା ସପୁଷ୍ପଜଳବର୍ଷିଭିର୍ଘନୈଃ ।।୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶରଥଙ୍କର ଚାରିପୁତ୍ର ଧର୍ମ, ଅର୍ଥ, କାମ, ମୋକ୍ଷ, ଏହି ଚତୁର୍ବର୍ଗର ମୂର୍ତ୍ତିମାନ୍ ଅବତାର ଭଳି ପ୍ରତୀୟମାନ ହେଲେ । ୮୪

ଚାରିଦିଗର ଅଧିପତି ଦଶରଥଙ୍କୁ ଚାରି ସମୁଦ୍ର ଯେପରି ରତ୍ନରାଶି ଦେଇ ଆନନ୍ଦିତ କରୁଥିଲେ, ତାଙ୍କର ପିତୃଭକ୍ତ ଚାରିପୁତ୍ର ସେହିପରି ବିଦ୍ୟା, ବିନୟାଦି ଗୁଣରେ ତାଙ୍କୁ ଆନନ୍ଦିତ କରିବାକୁ ଲାଗିଲେ । ୮୫

ଐରାବତ ଯେପରି ଚାରିଗୋଟି ଦନ୍ତଦ୍ୱାରା ଶୋଭା ପାଏ, ଯେଉଁ ଦନ୍ତଗୁଡ଼ିକ କି ଦୈତ୍ୟମାନଙ୍କର ଖଣ୍ଡାକୁ ଖଣ୍ଡ ଖଣ୍ଡ କରିଦିଅନ୍ତି ; ନୀତିମାର୍ଗ ଯେପରି ସାମ, ଦାନ, ଦଣ୍ଡ, ଭେଦ, ଏହି ଚାରିଗୋଟି ଉପାୟଦ୍ୱାରା ଶୋଭା ପାଏ, ଯେଉଁ ଉପାୟଗୁଡ଼ିକ କି ଫଳଲାଭ ହେଲା ପରେ ହିଁ ଜଣାପଡ଼ନ୍ତି; ବିଷ୍ଣୁ ଯେପରି ଚାରିଗୋଟି ବାହୁଦ୍ୱାରା ଶୋଭା ପାଆନ୍ତି, ଯେଉଁ ବାହୁଗୁଡ଼ିକ କି ଜୁଆଳୀ ପରି ଦୀର୍ଘ, ଦଶରଥ ସେହିପରି ଚାରିଗୋଟି ପୁତ୍ରଙ୍କଦ୍ୱାରା ଶୋଭା ପାଇଲେ, ଯେଉଁ ପୁତ୍ରମାନେ ଥିଲେ ନାରାୟଣଙ୍କର ଅଂଶ ବିଶେଷ । ୮୬

ଏକାଦଶ ସର୍ଗ

ଦିନେ ବିଶ୍ୱାମିତ୍ର ଋଷି ଯଜ୍ଞବିଘ୍ନ ଦୂର କରିବା ଉଦ୍ଦେଶ୍ୟରେ ଦଶରଥଙ୍କ ନିକଟକୁ ଆସିଲେ ଏବଂ ରାମଙ୍କୁ ନେବାପାଇଁ କହିଲେ । ସେତେବେଳେ ରାମଙ୍କର ବାଳକୋଚିତ ଚୂଳ ଧାରଣ କରିବାର ବୟସ । କିନ୍ତୁ ତେଜସ୍ୱୀମାନଙ୍କର କଅଣ ବୟସ ବିଚାର କରାଯାଏ ? ୧

ଦଶରଥ ଯଦ୍ୟପି ବହୁ କଷ୍ଟରେ ପୁତ୍ର ଲାଭ କରିଥିଲେ, ତଥାପି ରାମ ଲକ୍ଷ୍ମଣଙ୍କୁ ମହର୍ଷିଙ୍କ ହାତରେ ଅର୍ପଣ କରିଦେଲେ । କାରଣ, ସେ ଥିଲେ ସଜ୍ଜନମାନଙ୍କର ସେବକ । କୌଣସି ଯାଚକ ଯଦି ପ୍ରାଣ ମାଗୁଥିଲା, ତା'ହେଲେ ରଘୁବଂଶର ରାଜା ତାକୁ ନିଜର ପ୍ରାଣଦାନ କରିବା ପାଇଁ ମଧ୍ୟ ପଶ୍ଚାତ୍‌ପଦ ହେଉନଥିଲେ । ୨

ପୁତ୍ରଦୁହେଁ ନଗରରୁ ଯେଉଁ ପଥ ଦେଇ ଯିବେ, ତାହାକୁ ସୁସଜ୍ଜିତ କରିବା ପାଇଁ ରାଜା (କର୍ମଚାରୀ ମାନଙ୍କୁ) ଆଦେଶ ଦେଲେ । ସଙ୍ଗେ ସଙ୍ଗେ ବାୟୁ ଧୂଳି ପରିଷ୍କାର କରିଦେଲା, ମେଘ ଜଳ ସିଞ୍ଚନ କଲା ଏବଂ ଦେବତାମାନେ ପୁଷ୍ପବୃଷ୍ଟି କଲେ । ୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तौ निदेशकरणोद्यतौ पितुर्धन्विनौ चरणयोर्निपेततुः ।
भूपतेरपि तयोः प्रवत्स्यतोर्नम्रयोरुपरि बाष्पबिन्दवः ॥४
ତୌ ନିଦେଶକରଣୋଦ୍ୟତୌ ପିତୁର୍ଧନ୍ୱିନୌ ଚରଣୟୋର୍ନିପେତତୁଃ ।
ଭୂପତେରପି ତୟୋଃ ପ୍ରବତ୍ସ୍ୟତୋର୍ନମ୍ରୟୋରୁପରିବାଷ୍ପବିନ୍ଦବଃ ॥୪

तौ पितुर्नयनजेन वारिणा किञ्चिदुक्षितशिखण्डकावुभौ ।
धन्विनौ तमृषिमन्वगच्छतां पौरदृष्टिकृतमार्गतोरणौ ॥५
ତୌ ପିତୁର୍ନୟନଜେନ ବାରିଣା କିଂଚିଦୁକ୍ଷିତଶିଖଣ୍ଡକାବୁଭୌ ।
ଧନ୍ୱିନୌ ତମୃଷିମନ୍ୱଗଚ୍ଛତାଂ ପୌରଦୃଷ୍ଟିକୃତମାର୍ଗତୋରଣୌ ॥୫

लक्ष्मणानुचरमेव राघवं नेतुमैच्छदृषिरित्यसौ नृपः ।
आशिषं प्रयुयुजे न वाहिनीं सा हि रक्षणविधौ तयोः क्षमा ॥६
ଲକ୍ଷ୍ମଣାନୁଚରମେବ ରାଘବଂ ନେତୁମୈଚ୍ଛଦୃଷିରିତ୍ୟସୌ ନୃପ ।
ଆଶିଷଂ ପ୍ରୟୁଯୁଜେ ନ ବାହିନୀଂ ସା ହି ରକ୍ଷଣବିଧୌ ତୟୋଃ କ୍ଷମା ॥୬

मातृवर्गचरणस्पृशौ मुनेस्तौ प्रपद्य पदवीं महौजसः ।
रेजतुर्गतिवशात् प्रवर्तितौ भास्करस्य मधुमाधवाविव ॥७
ମାତୃବର୍ଗଚରଣସ୍ପୃଶୌ ମୁନେସ୍ତୌ ପ୍ରପଦ୍ୟ ପଦବୀଂ ମହୌଜସଃ ।
ରେଜତୁର୍ଗତିବଶାତ୍ ପ୍ରବର୍ତ୍ତିତୌ ଭାସ୍କରସ୍ୟ ମଧୁମାଧବାବିବ ॥୭

वीचिलोलभुजयोस्तयोर्गतं शैशवाच्चपलमप्यशोभत ।
तोयदागम इवोद्ध्यभिद्ययोर्नामधेयसदृशं विचेष्टितम् ॥८
ବୀଚିଲୋଲଭୁଜୟୋସ୍ତୟୋର୍ଗତଂ ଶୈଶବାଚ୍ଚପଲମପ୍ୟଶୋଭତ ।
ତୋୟଦାଗମ ଇବୋଦ୍ଧ୍ୟଭିଦ୍ୟୟୋର୍ନାମଧେୟସଦୃଶଂ ବିଚେଷ୍ଟିତମ୍ ॥୮

तौ बलातिबलयोः प्रभावतो विद्ययोः पथि मुनिप्रदिष्टयोः ।
मम्लतुर्न मणिकुट्टिमोचितौ मातृपार्श्वपरिवर्तिनाविव ॥९
ତୌ ବଳାତିବଳୟୋଃ ପ୍ରଭାବତୋ ବିଦ୍ୟୟୋଃ ପଥି ମୁନିପ୍ରଦିଷ୍ଟୟୋଃ ।
ମମ୍ଳତୁର୍ନ ମଣିକୁଟ୍ଟିମୋଚିତୌ ମାତୃପାର୍ଶ୍ୱପରିବର୍ତ୍ତିନାବିବ ॥୯

पूर्ववृत्तकथितैः पुराविदः सानुजः पितृसखस्य राघवः ।
उह्यमान इव वाहनोचितः पादचारमपि न व्यभावयत् ॥१०
ପୂର୍ବବୃତ୍ତକଥିତୈଃ ପୁରାବିଦଃ ସାନୁଜଃ ପିତୃସଖସ୍ୟ ରାଘବଃ ।
ଉହ୍ୟମାନ ଇବ ବାହନୋଚିତଃ ପାଦଚାରମପି ନ ବ୍ୟଭାବୟତ୍ ॥୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମ ଲକ୍ଷ୍ମଣ ପିତାଙ୍କର ଆଜ୍ଞା ପାଳନ କରିବା ପାଇଁ ଧନୁ ଧରି ବାହାରିଲେ ଏବଂ ପିତାଙ୍କର ପଦବନ୍ଦନା କଲେ । ପୁତ୍ରଦୁହେଁ ପ୍ରବାସକୁ ଯାଉଥିବାରୁ ପିତାଙ୍କ ଚକ୍ଷୁରୁ ଅଶ୍ରୁବିନ୍ଦୁ ଝରି ଦୁହିଁଙ୍କର ଅବନତ ମସ୍ତକ ଉପରେ ପଡ଼ିଲା । ୪

ଦୁହିଁଙ୍କ ମସ୍ତକର କେଶ ପିତାଙ୍କ ଅଶ୍ରୁଜଳରେ ଈଷତ୍ ଆର୍ଦ୍ର ହୋଇଗଲା । ତାପରେ ଦୁହେଁ ଧନୁ ଧରି ମୁନିଙ୍କର ଅନୁଗମନ କଲେ । ପୁରବାସୀମାନେ ତାଙ୍କର ଯିବାପଥକୁ ଚାହିଁ ରହିଲେ । ସେମାନଙ୍କର ଦୃଷ୍ଟି ସତେ ଯେପରି ତାଙ୍କ ଯିବାପଥରେ ତୋରଣ ସ୍ୱରୂପ ହେଲା । ୫

ବିଶ୍ୱାମିତ୍ର କେବଳ ରାମ ଓ ଲକ୍ଷ୍ମଣଙ୍କୁ ନେବାପାଇଁ ଚାହୁଁଥିଲେ । ତେଣୁ ରାଜା ସେମାନଙ୍କ ସଙ୍ଗରେ ସୈନ୍ୟ ନପଠାଇ ଆଶିଷ ପ୍ରଦାନ କଲେ । ତାଙ୍କର ସେହି ଆଶିଷ ହିଁ ପୁତ୍ରମାନଙ୍କର ରକ୍ଷାକବଚ ଥିଲା । ୬

ତାପରେ ରାମ ଲକ୍ଷ୍ମଣ ଜନନୀମାନଙ୍କର ପଦବନ୍ଦନା କରିସାରି ମୁନିଙ୍କର ପଛେ ପଛେ ଚାଲିଲେ । ଚୈତ୍ର ଓ ବୈଶାଖ ମାସ ତେଜୋମୟ ସୂର୍ଯ୍ୟଙ୍କ ପଛେ ପଛେ ଯେପରି ଶୋଭା ପାଆନ୍ତି, ରାମ ଲକ୍ଷ୍ମଣ ତେଜସ୍ୱୀ ବିଶ୍ୱାମିତ୍ରଙ୍କ ପଛେ ପଛେ ସେହିପରି ଶୋଭା ପାଇଲେ । ୭

ଉଦ୍ଧ୍ୟ ଓ ଭିଦ୍ୟ ନାମକ ଦୁଇଟି ନଦୀ କୂଳ ଖାଇ ତରଙ୍ଗ ଖେଳାଇ, ବହିଗଲାବେଳେ ଯେପରି ଶୋଭା ପାଆନ୍ତି, ରାମ ଲକ୍ଷ୍ମଣ ବାଲକୋଚିତ ଚପଳତାରେ ହାତ ହଲାଇ ଚାଲୁଥିବା ବେଳେ ସେହିପରି ସୁନ୍ଦର ଦିଶିଲେ । ୮

ସେ ଦୁହେଁ ଥିଲେ ମଣିମୟ ଭୂମିରେ ଚାଲିବାର ପିଲା, କିନ୍ତୁ ବନ-ଭୂମିରେ ଚାଲିଲେ ମଧ୍ୟ ତାଙ୍କର ରୂପ ଝାଉଁଳି ପଡ଼ିଲା ନାହିଁ । କାରଣ, ବିଶ୍ୱାମିତ୍ର ବଳା ଓ ଅତିବଳା ନାମକ ଦୁଇଟି ବିଦ୍ୟା ସେମାନଙ୍କୁ ପ୍ରଦାନ କଲେ । ତାହାର ପ୍ରଭାବରେ ସେମାନେ ମା ପାଖରେ ରହିଲା ଭଳି ଅନୁଭବ କଲେ । ୯

ଦୁହିଁଙ୍କର କୌଣସି ବାହନ ନଥିଲା । ତଥାପି ପାଦଗତି ସେମାନଙ୍କୁ ଆଦୌ କଷ୍ଟକର ବୋଧ ହେଲା ନାହିଁ । କାରଣ, ବିଶ୍ୱାମିତ୍ର ଥିଲେ ତାଙ୍କ ପିତାଙ୍କର ମିତ୍ର । ସେ ବହୁ ପୁରାଣ ବୃତ୍ତାନ୍ତ ଜାଣିଥିଲେ । ତାଙ୍କଠାରୁ ପୁରାଣ କଥାମାନ ଶୁଣି ଶୁଣି ଦୁହେଁ ପାଦଗତିର କଷ୍ଟ ଜାଣି ପାରିଲେ ନାହିଁ । ସତେ ଯେପରି ପୁରାଣ କଥା ହିଁ ସେମାନଙ୍କୁ ବହନ କରି ନେଇଗଲା । ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तौ सरांसि रसवद्भिरम्बुभिः कूजितैः श्रुतिसुखैः पतत्त्रिणः ।
वायवः सुरभिपुष्परेणुभिश्छायया च जलदाः सिषेविरे ॥११
ତୌ ସରାଂସି ରସବଦ୍ଭିରମ୍ବୁଭିଃ କୂଜିତୈଃ ଶ୍ରୁତିସୁଖୈଃ ପତତ୍ତ୍ରିଣଃ ।
ବାୟବଃ ସୁରଭିପୁଷ୍ପରେଣୁଭିଶ୍ଛାୟୟା ଚ ଜଳଦାଃ ସିଷେବିରେ ॥୧୧

नाम्भसां कमलशोभिनां तथा शाखिनां च न परिश्रमच्छिदाम् ।
दर्शनेन लघुना यथा तयोः प्रीतिमापुरुभयोस्तपस्विनः ॥१२
ନାମ୍ଭସାଂ କମଳଶୋଭିନାଂ ତଥା ଶାଖିନାଂ ଚ ନ ପରିଶ୍ରମଚ୍ଛିଦାମ୍ ।
ଦର୍ଶନେନ ଲଘୁନା ଯଥା ତୟୋଃ ପ୍ରୀତିମାପୁରୁଭୟୋସ୍ତପସ୍ୱିନଃ ॥୧୨

स्थाणुदग्धवपुषस्तपोवनं प्राप्य दाशरथिरात्तकार्मुकः ।
विग्रहेण मदनस्य चारुणा सोऽभवत् प्रतिनिधिर्न कर्मणा ॥१३
ସ୍ଥାଣୁଦଗ୍ଧବପୁଷସ୍ତପୋବନଂ ପ୍ରାପ୍ୟ ଦାଶରଥିରାତ୍ତକାର୍ମୁକଃ ।
ବିଗ୍ରହେଣ ମଦନସ୍ୟ ଚାରୁଣା ସୋଽଭବତ୍ ପ୍ରତିନିଧିର୍ନ କର୍ମଣା ॥୧୩

तौ सुकेतुसुतया खिलीकृते कौशिकाद् विदितशापया पथि ।
निन्यतुः स्थलनिवेशिताटनी लीलयैव धनुषी अधिज्यताम् ॥१४
ତୌ ସୁକେତୁସୁତୟା ଖିଲୀକୃତେ କୌଶିକାଦ୍ ବିଦିତଶାପୟା ପଥି ।
ନିନ୍ୟତୁଃ ସ୍ଥଳନିବେଶିତାଟନୀ ଲୀଳୟୈବ ଧନୁଷୀ ଅଧିଜ୍ୟତାମ୍ ॥୧୪

ज्यानिनादमथ गृह्णती तयोः प्रादुरास बहुलक्षपाछविः ।
ताडका चल कपालकुण्डला कालिकेव निविडा बलाकिनी ॥१५
ଜ୍ୟାନିନାଦମଥ ଗୃହ୍ଣତୀ ତୟୋଃ ପ୍ରାଦୁରାସ ବହୁଳକ୍ଷପାଛବିଃ ।
ତାଡକା ଚଳକପାଳକୁଣ୍ଡଳା କାଳିକେବ ନିବିଡା ବଳାକିନୀ ॥୧୫

तीव्रवेगधुतमार्गवृक्षया प्रेतचीवरवसा स्वनोग्रया ।
अभ्यभावि भरताग्रजस्तया वात्ययेव पितृकाननोत्थया ॥१६
ତୀବ୍ରବେଗଧୁତମାର୍ଗବୃକ୍ଷୟା ପ୍ରେତଚୀବରବସା ସ୍ୱନୋଗ୍ରୟା ।
ଅଭ୍ୟଭାବି ଭରତାଗ୍ରଜସ୍ତୟା ବାତ୍ୟୟେବ ପିତୃକାନନୋତ୍ଥୟା ॥୧୬

उद्यतैकभुजयष्टिमायतीं श्रोणिलम्बिपुरुषान्त्रमेखलाम् ।
तां विलोक्य वनितावधे घृणां पत्त्रिणा सह मुमोच राघवः ॥१७
ଉଦ୍ୟତୈକଭୁଜୟଷ୍ଟିମାୟତୀଂ ଶ୍ରୋଣିଲମ୍ବିପୁରୁଷାନ୍ତ୍ରମେଖଳାମ୍ ।
ତାଂ ବିଲୋକ୍ୟ ବନିତାବଧେ ଘୃଣାଂ ପତ୍ତ୍ରିଣା ସହ ମୁମୋଚ ରାଘବଃ ॥୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସରୋବରଗୁଡ଼ିକ ସୁସ୍ୱାଦୁ ଜଳଦ୍ୱାରା, ପକ୍ଷୀମାନେ ମଧୁର କୂଜନଦ୍ୱାରା, ବାୟୁ ସୁଗନ୍ଧ ପୁଷ୍ପରେଣୁଦ୍ୱାରା ଏବଂ ମେଘ ଶୀତଳ ଛାୟାଦ୍ୱାରା ସେମାନଙ୍କୁ ସେବା କରିବାରେ ଲାଗିଲେ । ୧୧

ରାମ ଲକ୍ଷ୍ମଣଙ୍କୁ ଦେଖି ତପସ୍ୱୀମାନେ ଯେଭଳି ଆନନ୍ଦ ଅନୁଭବ କଲେ, ସେଭଳି ଆନନ୍ଦ ସେମାନେ ପଦ୍ମଶୋଭିତ ପୁଷ୍କରିଣୀ କିମ୍ବା ଛାୟାପ୍ରଦ ବୃକ୍ଷମାନଙ୍କୁ ଦେଖି ପାଇ ନଥିଲେ । ୧୨

ଧନୁର୍ଦ୍ଧାରଣ, ତପୋବନରେ ପ୍ରବେଶ ଏବଂ ସୁନ୍ଦର ଶରୀର— ଏ ସମସ୍ତ ଯୋଗୁଁ ରାମଚନ୍ଦ୍ର ଶିବ-ନେତ୍ର-ଦଗ୍‌ଧ କନ୍ଦର୍ପର ପ୍ରତିନିଧି ଭଳି ଜଣାପଡ଼ିଲେ । କିନ୍ତୁ ସେ କର୍ମରେ କନ୍ଦର୍ପର ପ୍ରତିନିଧି ନ ଥିଲେ । (କନ୍ଦର୍ପ ଶିବଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ପୁଷ୍ପଧନୁ ଧରି ବିଶ୍ୱାମିତ୍ରଙ୍କ ତପୋବନରେ ପ୍ରବେଶ କରିଥିଲେ ଏବଂ ତାଙ୍କର ତପସ୍ୟା ଭଙ୍ଗ କରିଥିଲେ । କିନ୍ତୁ ରାମଚନ୍ଦ୍ର ରୂପରେ କନ୍ଦର୍ପ ପରି ଥିଲେ ମଧ୍ୟ ମୁନିଙ୍କର ତପସ୍ୟା ଭଙ୍ଗ କରିବା-ଉଦ୍ଦେଶ୍ୟରେ ତପୋବନକୁ ଯାଇନଥିଲେ) । ୧୩

ସେ ଦୁହେଁ ବିଶ୍ୱାମିତ୍ରଙ୍କଠାରୁ ଜାଣିଲେ ଯେ ସୁକେତୁ ଯକ୍ଷର କନ୍ୟା ଶାପ ପାଇ ତାଡ଼କା ଅସୁରୀ ହୋଇଛି ଏବଂ ସେହି ବନକୁ ଜନଶୂନ୍ୟ କରିଛି । ତାହା ଜାଣି ଦୁହେଁ ଭୂମି ଉପରେ ଧନୁର ଅଗ୍ରଭାଗ ରଖି ଅନାୟାସରେ ଗୁଣ ସଂଯୋଗ କଲେ ୧୪

ଧନୁଷ୍ଟଙ୍କାର ଶୁଣି ତାଡ଼କା ସଙ୍ଗେ ସଙ୍ଗେ କେଉଁଠାରୁ ବାହାରି ଆସିଲା । ସେ ଥିଲା କୃଷ୍ଣପକ୍ଷର ରାତ୍ରି ପରି କଳା ଏବଂ ତା' କାନରେ ଝୁଲୁଥିଲା ମଣିଷ ମୁଣ୍ଡର କୁଣ୍ଡଳ । ତେଣୁ କଳା ମେଘମାଳା ତଳେ ବଗ ଉଡ଼ିଯାଉଥିଲେ ତାହା (କଳା ମେଘମାଳା) ଯେପରି ଦେଖାଯାଏ, ସେ ସେହିପରି ଦେଖାଯାଉଥିଲା । ୧୫

ତାଡ଼କା ତୀବ୍ର ବେଗରେ ଧାଇଁ ଆସିଲାବେଳେ ବାଟର ବୃକ୍ଷମାନଙ୍କୁ ଦୋହଲାଇ ଦେଉଥିଲା । ସେ ଶବକନାଗୁଡ଼ାକ ପିନ୍ଧିଥିଲା ଏବଂ ଭୟଙ୍କର ଗର୍ଜନ କରୁଥିଲା । ମନେହେଲା, ସତେ ଯେପରି ଶ୍ମଶାନ ଭୂମିରୁ ଏକ ବାତ୍ୟା ମାଡ଼ି ଆସୁଛି ! ରାମଚନ୍ଦ୍ର ତାହାକୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ୧୬

ସେ ଗୋଟାଏ ହାତ ଉପରକୁ ଟେକିଥିଲା, ବେକରୁ ଜଙ୍ଘପର୍ଯ୍ୟନ୍ତ ମଣିଷ ଶିରାଗୁଡ଼ାକ ଲମ୍ବାଇ ଥିଲା । ଏହିପରି ତାହାର ଭୟଙ୍କର ରୂପ ଦେଖି ରାମଚନ୍ଦ୍ର ସ୍ତ୍ରୀ ହତ୍ୟା ନ କରିବାର ଦୟା ଛାଡ଼ିଲେ ଏବଂ ସଙ୍ଗେ ସଙ୍ଗେ ତା ଉପରକୁ ଏକ ଶର ନିକ୍ଷେପ କଲେ । ୧୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यश्चकार विवरं शिलाघने ताडकोरसि स रामसायकः ।
अप्रविष्टविषयस्य रक्षसां द्वारतामगमदन्तकस्य तत् ॥१८
ଯଶ୍ଚକାର ବିବରଂ ଶିଳାଘନେ ତାଡକୋରସି ସ ରାମସାୟକଃ ।
ଅପ୍ରବିଷ୍ଟବିଷୟସ୍ୟ ରାକ୍ଷସାଂ ଦ୍ୱାରତାମଗମଦନ୍ତକସ୍ୟ ତତ୍ ॥୧୮

बाणभिन्नहृदया निपेतुषी सा स्वकाननभुवं न केवलाम् ।
विष्टपत्रयपराजयस्थिरां रावणश्रियमपि व्यकम्पयत् ॥१९
ବାଣଭିନ୍ନହୃଦୟା ନିପେତୁଷୀ ସା ସ୍ୱକାନନଭୁବଂ ନ କେବଲାମ୍ ।
ବିଷ୍ଟପତ୍ରୟପରାଜୟସ୍ଥିରାଂ ରାବଣଶ୍ରିୟମପି ବ୍ୟକମ୍ପୟତ୍ ॥୧୯

राममन्मथशरेण ताडिता दुःसहेन हृदये निशाचरी ।
गन्धवद्रुधिरचन्दनोक्षिता जीवितेशवसतिं जगाम सा ॥२०
ରାମମନ୍ମଥଶରେଣ ତାଡ଼ିତା ଦୁଃସହେନ ହୃଦୟେ ନିଶାଚରୀ ।
ଗନ୍ଧବଦ୍ରୁଧିରଚନ୍ଦନୋକ୍ଷିତା ଜୀବିତେଶବସତିଂ ଜଗାମ ସା ॥୨୦

नैर्ऋतघ्नमथ मन्त्रवन्मुनेः प्रापदस्त्रमवदानतोषितात् ।
ज्योतिरिन्धननिपाति भास्करात् सूर्यकान्त इव ताडकान्तकः ॥२१
ନୈର୍ଋତଘ୍ନମଥ ମନ୍ତ୍ରବନ୍ମୁନେଃ ପ୍ରାପଦସ୍ତ୍ରମବଦାନତୋଷିତାତ୍ ।
ଜ୍ୟୋତିରିନ୍ଧନନିପାତି ଭାସ୍କରାତ୍ ସୂର୍ଯ୍ୟକାନ୍ତ ଇବ ତାଡ଼କାନ୍ତକଃ ॥୨୧

वामनाश्रमपदं ततः परं पावनं श्रुतमृषेरुपेयिवान् ।
उन्मनाः प्रथमजन्मचेष्टितान्यस्मरन्नपि बभूव राघवः ॥२२
ବାମନାଶ୍ରମପଦଂ ତତଃ ପରଂ ପାବନଂ ଶ୍ରୁତମୃଷେରୁପେୟିବାନ୍ ।
ଉନ୍ମନାଃ ପ୍ରଥମଜନ୍ମଚେଷ୍ଟିତାନ୍ୟସ୍ମରନ୍ନପି ବଭୂବ ରାଘବଃ ॥୨୨

आससाद मुनिरात्मनस्ततः शिष्यवर्गपरिकल्पितार्हणम् ।
बद्धपल्लवपुटाञ्जलिद्रुमं दर्शनोन्मुखमृगं तपोवनम् ॥२३
ଆସସାଦ ମୁନିରାତ୍ମନସ୍ତତଃ ଶିଷ୍ୟବର୍ଗପରିକଳ୍ପିତାର୍ହଣମ୍ ।
ବଦ୍ଧପଲ୍ଲବପୁଟାଞ୍ଜଳିଦ୍ରୁମଂ ଦର୍ଶନୋନ୍ମୁଖମୃଗଂ ତପୋବନମ୍ ॥୨୩

तत्र दीक्षितमृषिं ररक्षतुर्विघ्नतो दशरथात्मजौ शरैः ।
लोकमन्धतमसात् क्रमोदितौ रश्मिभिः शशिदिवाकराविव ॥२४
ତତ୍ର ଦୀକ୍ଷିତମୃଷିଂ ରରକ୍ଷତୁର୍ବିଘ୍ନତୋ ଦଶରଥାତ୍ମଜୌ ଶରୈଃ ।
ଲୋକମନ୍ଧତମସାତ୍ କ୍ରମୋଦିତୌ ରଶ୍ମିଭିଃ ଶଶିଦିବାକରାବିବ ॥୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଥିପୂର୍ବରୁ ଯମ ରାକ୍ଷସମାନଙ୍କର ରାଜ୍ୟକୁ ପ୍ରବେଶ କରି ପାରିନଥିଲେ । ବର୍ତ୍ତମାନ ରାମଙ୍କ ଶର ତାଡ଼କାର ପଥର ଭଳି କଠିନ ଛାତିରେ ଯେଉଁ ଛିଦ୍ର କରିଦେଲା, ତାହା ରାକ୍ଷସମାନଙ୍କ ରାଜ୍ୟକୁ ପ୍ରବେଶ କରିବା ପାଇଁ ଯମଙ୍କର ଦ୍ୱାର ସ୍ୱରୂପ ହେଲା । ୧୮

ଶର ଛାତିକୁ ଭେଦ କରନ୍ତେ ତାଡ଼କା ଭୂମିରେ ପଡ଼ିଯାଇ କେବଳ ଯେ ବନଭୂମିକୁ ପ୍ରକମ୍ପିତ କଲା, ତା ନୁହେଁ; ତିନିଭୁବନ ଜୟ କରି ରାବଣ ଯେଉଁ ଅସୁର-ଲକ୍ଷ୍ମୀକୁ ଦୃଢ଼ କରିଥିଲା, ତାକୁ ମଧ୍ୟ ପ୍ରକମ୍ପିତ କରିଦେଲା । (ଅସୁରମାନଙ୍କ ଧ୍ୱଂସର ସୂତ୍ରପାତ ହେଲା ।) ୧୯

ସେହି ନିଶାଚରୀ ହୃଦୟରେ ରାମରୂପୀ କନ୍ଦର୍ପଙ୍କର ଦୁଃସହ ଶର-ଆଘାତ ପାଇବାରୁ ରକ୍ତ ରୂପକ ସୁଗନ୍ଧ ଚନ୍ଦନ ବୋଳିହୋଇ ଯମରୂପୀ ପ୍ରେମିକଙ୍କ ନିକଟକୁ ଅଭିସାର କରି ଚାଲିଲା । ୨୦

ରାମଙ୍କର ପରାକ୍ରମରେ ସନ୍ତୁଷ୍ଟ ହୋଇ ବିଶ୍ୱାମିତ୍ର ତାଙ୍କୁ ମନ୍ତ୍ର ସହିତ ଅସ୍ତ୍ରମାନ ପ୍ରଦାନ କଲେ । ସୂର୍ଯ୍ୟକାନ୍ତ ମଣି ଯେପରି ସୂର୍ଯ୍ୟଙ୍କଠାରୁ କାଷ୍ଠଦାହକ ଜ୍ୟୋତି ଗ୍ରହଣ କରେ, ରାମଚନ୍ଦ୍ର ସେହିପରି ମୁନିଙ୍କଠାରୁ ଅସୁରବିଧ୍ୱଂସୀ ଅସ୍ତ୍ରମାନ ଗ୍ରହଣ କଲେ । ୨୧

ତାପରେ ସେ ବିଶ୍ୱାମିତ୍ରଙ୍କ ଠାରୁ ବାମନ (ବିଷ୍ଣୁଙ୍କ ଅବତାର)ଙ୍କର ବୃତ୍ତାନ୍ତ ଶୁଣି ତାଙ୍କ ଆଶ୍ରମ ସ୍ଥଳକୁ ଗଲେ । ସେଠାରେ ସେ ନିଜର ପୂର୍ବ ଜନ୍ମ ବିଷୟ ସ୍ମରଣ କରି ପାରିଲେ ନାହିଁ, କିନ୍ତୁ ଉତ୍ସୁକତା ଅନୁଭବ କଲେ । ୨୨

ତାପରେ ସମସ୍ତେ ବିଶ୍ୱାମିତ୍ରଙ୍କ ଆଶ୍ରମରେ ପହଞ୍ଚିଲେ । ବିଶ୍ୱାମିତ୍ରଙ୍କ ଶିଷ୍ୟମାନେ ସମସ୍ତ ପ୍ରକାର ପୂଜା ସାମଗ୍ରୀ ପ୍ରସ୍ତୁତ କରି ରଖିଥିଲେ । ବୃକ୍ଷମାନେ ପଲ୍ଲବପୁଟରେ ଅଞ୍ଜଳି କରି ଠିଆ ହୋଇଥିଲେ ଏବଂ ମୃଗମାନେ ମୁଖ ଟେକି ଉତ୍କଣ୍ଠାର ସହିତ ଚାହିଁ ରହିଥିଲେ । ୨୩

ସୂର୍ଯ୍ୟ ଓ ଚନ୍ଦ୍ର ଯେପରି ଏକ ପରେ ଏକ ଉଦୟ ହୋଇ ନିଜ ନିଜ ଆଲୋକ ଦ୍ୱାରା ଜଗତକୁ ଅନ୍ଧକାରରୁ ରକ୍ଷା କରନ୍ତି, ରାମ ଓ ଲକ୍ଷ୍ମଣ ସେହିପରି କ୍ରମାନ୍ୱୟ ଭାବରେ ଶର ବଳରେ ମୁନିମାନଙ୍କୁ ରାକ୍ଷସ ଭୟରୁ ରକ୍ଷା କଲେ । ୨୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वीक्ष्य वेदिमथ रक्तबिन्दुभिर्बन्धुजीवपृथुभिः प्रदूषिताम् ।
संभ्रमोऽभवदपोढकर्मणामृत्विजां च्युतविकङ्कतस्रुचाम् ॥२५
ବୀକ୍ଷ୍ୟ ବେଦିମଥ ରକ୍ତବିନ୍ଦୁଭିର୍ବନ୍ଧୁଜୀବପୃଥୁଭିଃ ପ୍ରଦୂଷିତାମ୍ ।
ସଂଭ୍ରମୋଽଭବଦପୋଢକର୍ମଣାମୃତ୍ୱିଜାଂ ଚ୍ୟୁତବିକଙ୍କତସ୍ରୁଚାମ୍ ॥୨୫

उन्मुखः सपदि लक्ष्मणाग्रजो बाणमाश्रयमुखात् समुद्धरन् ।
रक्षसां बलमपश्यदम्बरे गृध्रपक्षपवनेरितध्वजम् ॥२६
ଉନ୍ମୁଖଃ ସପଦି ଲକ୍ଷ୍ମଣାଗ୍ରଜୋ ବାଣମାଶ୍ରୟମୁଖାତ୍ ସମୁଦ୍ଧରନ୍ ।
ରକ୍ଷସାଂ ବଲମପଶ୍ୟଦମ୍ବରେ ଗୃଧ୍ରପକ୍ଷପବନେରିତଧ୍ୱଜମ୍ ॥୨୬

तत्र यावधिपती मखद्विषां तौ शरव्यमकरोत् स नेतरान् ।
किं महोरगविसर्पिविक्रमो राजिलेषु गरुडः प्रवर्तते ॥२७
ତତ୍ର ଯାବଧିପତୀ ମଖଦ୍ୱିଷାଂ ତୌ ଶରବ୍ୟମକରୋତ୍ ସ ନେତରାନ୍ ।
କିଂ ମହୋରଗବିସର୍ପିବିକ୍ରମୋ ରାଜିଲେଷୁ ଗରୁଡଃ ପ୍ରବର୍ତ୍ତତେ ॥୨୭

सोऽस्त्रमुग्रजवमस्त्रकोविदः संदधे धनुषि वायुदैवतम् ।
तेन शैलगुरुमप्यपातयत् पाण्डुपत्रमिव ताडकासुतम् ॥२८
ସୋଽସ୍ତ୍ରମୁଗ୍ରଜବମସ୍ତ୍ରକୋବିଦଃ ସଂଦଧେ ଧନୁଷି ବାୟୁଦୈବତମ୍ ।
ତେନ ଶୈଳଗୁରୁମପ୍ୟପାତୟତ୍ ପାଣ୍ଡୁପତ୍ରମିବ ତାଡକାସୁତମ୍ ॥୨୮

यः सुबाहुरिति राक्षसोऽपरस्तत्र तत्र विससर्प मायया ।
तं क्षुरप्रशकलीकृतं कृती पत्त्रिणां व्यभजदाश्रमाद् बहिः ॥२९
ଯଃ ସୁବାହୁରିତି ରାକ୍ଷସୋଽପରସ୍ତତ୍ର ତତ୍ର ବିସସର୍ପ ମାୟୟା ।
ତଂ କ୍ଷୁରପ୍ର ଶକଲୀକୃତଂ କୃତୀ ପତ୍ତ୍ରିଣାଂ ବ୍ୟଭଜଦାଶ୍ରମାଦ୍ ବହିଃ ॥୨୯

इत्यपास्तमखविघ्नयोस्तयो सांयुगीनमभिनन्द्य विक्रमम् ।
ऋत्विजः कुलपतेर्यथाक्रमं वाग्यतस्य निरवर्तयन् क्रियाः ॥३०
ଇତ୍ୟପାସ୍ତମଖବିଘ୍ନୟୋସ୍ତୟୋଃ ସାଂୟୁଗୀନମଭିନନ୍ଦ୍ୟ ବିକ୍ରମମ୍ ।
ଋତ୍ୱିଜଃ କୁଳପତେର୍ଯଥାକ୍ରମଂ ବାଗ୍ୟତସ୍ୟ ନିରବର୍ତ୍ତୟନ୍ କ୍ରିୟାଃ ॥୩୦

तौ प्रणामचलकाकपक्षकौ भ्रातरावभृथाप्लुतो मुनिः ।
आशिषामनुपदं समस्पृशद् दर्भपाटिततलेन पाणिना ॥३१
ତୌ ପ୍ରଣାମଚଳକାକପକ୍ଷକୌ ଭ୍ରାତରାବଭୃଥାପ୍ଲୁତୋ ମୁନିଃ ।
ଆଶିଷାମନୁପଦଂ ସମସ୍ପୃଶଦ୍ ଦର୍ଭପାଟିତତଳେନ ପାଣିନା ॥୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆକାଶରୁ ବଧୂଲି ଫୁଲପରି ବଡ଼ ବଡ଼ ରକ୍ତବିନ୍ଦୁମାନ ପଡ଼ି ଯଜ୍ଞ ବେଦିକୁ ଦୂଷିତ କରିଦେଲା । ତାହା ଦେଖି ଛାନିଆରେ ମୁନିମାନଙ୍କ ହାତରୁ ସ୍ରୁବ, ସ୍ରୁବ ଆଦି ଯଜ୍ଞପାତ୍ର ଖସିପଡ଼ିଲା ଏବଂ ସେମାନେ ଯଜ୍ଞକର୍ମ ଛାଡ଼ି-ଦେଲେ । ୨୫

ରାମଚନ୍ଦ୍ର ସହସା ତୂଣୀରରୁ ଶର ବାହାର କରି ଉପରକୁ ଚାହିଁଲେ । ଦେଖିଲେ, ଆକାଶରେ ରାକ୍ଷସସୈନ୍ୟ ଜମା ହୋଇଛନ୍ତି । ଗୃଧ୍ରପକ୍ଷୀମାନଙ୍କର ପକ୍ଷ-ପବନରେ ସେମାନଙ୍କର ପତାକା ଫରଫର ଉଡ଼ୁଛି । ୨୬

ରାକ୍ଷସମାନଙ୍କ ମଧ୍ୟରେ ଯେଉଁ ଦୁଇଜଣ ମୁଖିଆ ଥିଲେ, ରାମଚନ୍ଦ୍ର ସେ ଦୁହିଁଙ୍କୁ ହିଁ ନିଜ ଶରର ଲକ୍ଷ୍ୟ କଲେ । ଗରୁଡ଼ ବଡ଼ ବଡ଼ ସାପଙ୍କର ପ୍ରତାପ ଭାଙ୍ଗି ଦେଲା ପରେ ତାଙ୍କୁ କଅଣ ଧଣ୍ଡ ସାପମାନଙ୍କର ପ୍ରତାପ ଭାଙ୍ଗିବାକୁ ପଡ଼େ ? ୨୭

ଅସ୍ତ୍ରଜ୍ଞ ରାମଚନ୍ଦ୍ର ଧନୁରେ ଏକ ଅତିବେଗଗାମୀ ବାୟବ ଅସ୍ତ୍ର ସଂଯୋଗ କଲେ । ତାହା ତାଡ଼କାର ପୁତ୍ର, ପର୍ବତ-ତୁଲ୍ୟ ବିରାଟକାୟ ମାରୀଚକୁ ପାଚିଲା ପତ୍ର ପରି ଉଡ଼ାଇ ଘେନିଗଲା । ୨୮

ସୁବାହୁ ବୋଲି ତାଡ଼କାର ଆଉ ଗୋଟିଏ ପୁଅ ମାୟାରେ ବିଚରଣ କରୁଥିଲା । ତାହାକୁ ବୀର ରାମଚନ୍ଦ୍ର କ୍ଷୁରପ୍ର ନାମକ ଅସ୍ତ୍ରରେ ଖଣ୍ଡ ଖଣ୍ଡ କରି ଆଶ୍ରମ ବାହାରେ ପକ୍ଷୀମାନଙ୍କର ଖାଦ୍ୟ ହେବା ପାଇଁ ଫିଙ୍ଗିଦେଲେ । ୨୯

ଯୁଦ୍ଧରେ ରାମଚନ୍ଦ୍ରଙ୍କର ଏପରି ପରାକ୍ରମ ଦେଖି ଯାଜ୍ଞିକ ମୁନିମାନେ ତାଙ୍କୁ ଅଭିନନ୍ଦନ ଜଣାଇଲେ । ବିଶ୍ୱାମିତ୍ର ମୌନ ଅବଲମ୍ବନ କରିଥିଲେ । ମୁନିମାନେ ତାଙ୍କର ଯଜ୍ଞକର୍ମ ନିର୍ବିଘ୍ନରେ ଯଥାବିଧି ସଂପାଦନ କଲେ । ୩୦

ଯଜ୍ଞ ଶେଷରେ ମୁନି ଅବଭୃଥ ସ୍ନାନ (ଯଜ୍ଞାନ୍ତ ସ୍ନାନ) ସଂପନ୍ନ କଲେ । ରାମ, ଲକ୍ଷ୍ମଣ ଅବନତ ମସ୍ତକରେ ତାଙ୍କୁ ପ୍ରଣାମ କରନ୍ତେ ସେ ଆଶୀର୍ବାଦ ପୂର୍ବକ ଦୁହିଁଙ୍କୁ ନିଜରପବିତ୍ର କରତଳରେ ଆଉଁଷି ଦେଲେ । ୩୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तं न्यमन्त्रयत संभृतक्रतुर्मैथिलः स मिथिलां व्रजन् वशी ।
राघवावपि निनाय बिभ्रतौ तद्धनुःश्रवणजं कुतूहलम् ।।३२
ତଂ ନ୍ୟମନ୍ତ୍ରୟତ ସଂଭୃତକ୍ରତୁର୍ମୈଥିଳଃ ସ ମିଥିଳାଂ ବ୍ରଜନ୍ ବଶୀ ।
ରାଘବାବପି ନିନାୟ ବିଭ୍ରତୌ ତଦ୍ଧନୁଃଶ୍ରବଣଜଂ କୁତୂହଳମ୍ ।।୩୨

तैः शिवेषु वसतिर्गताध्वभिः सायमाश्रमतरुष्वगृह्यत ।
येषु दीर्घतपसः परिग्रहो वासवक्षणकलत्रतां ययौ ।।३३
ତୈଃ ଶିବେଷୁ ବସତିର୍ଗତାଧ୍ୱଭିଃ ସାୟମାଶ୍ରମତରୁଷ୍ୱଗୃହ୍ୟତ ।
ଯେଷୁ ଦୀଘତପସଃ ପରିଗ୍ରହୋ ବାସବକ୍ଷଣକଳତ୍ରତାଂ ଯଯୌ ।।୩୩

प्रत्यपद्यत चिराय यत् पुनश्चारु गौतमवधूः शिलामयी ।
स्वं वपुः स किल किल्बिषच्छिदां रामपादरजसामनुग्रहः ।।३४
ପ୍ରତ୍ୟପଦ୍ୟତ ଚିରାୟ ଯତ୍ ପୁନଶ୍ଚାରୁ ଗୌତମବଧୂଃ ଶିଳାମୟୀ ।
ସ୍ୱଂ ବପୁଃ ସ କିଳ କିଲ୍ବିଷଚ୍ଛିଦାଂ ରାମପାଦରଜସାମନୁଗ୍ରହଃ ।।୩୪

राघवान्वितमुपस्थितं मुनिं तं निशम्य जनको जनेश्वरः ।
अर्थकामसहितं सपर्यया देहबद्धमिव धर्ममभ्यगात् ।।३५
ରାଘବାନ୍ୱିତମୁପସ୍ଥିତଂ ମୁନିଂ ତଂ ନିଶମ୍ୟ ଜନକୋ ଜନେଶ୍ୱରଃ ।
ଅର୍ଥକାମସହିତଂ ସପର୍ଯ୍ୟୟା ଦେହବଦ୍ଧମିବ ଧର୍ମମଭ୍ୟଗାତ୍ ।।୩୫

तौ विदेहनगरीनिवासिनां गां गताविव दिवः पुनर्वसू ।
मन्यते स्म पिबतां विलोचनैः पक्ष्मपातमपि वञ्चनां मनः ।।३६
ତୌ ବିଦେହନଗରୀନିବାସିନାଂ ଗାଂ ଗତାବିବ ଦିବଃ ପୁନର୍ବସୂ ।
ମନ୍ୟତେ ସ୍ମ ପିବତାଂ ବିଲୋଚନୈଃ ପକ୍ଷ୍ମପାତମପି ବଞ୍ଚନାଂ ମନଃ ।।୩୬

यूपवत्यवसिते क्रियाविधौ कालवित् कुशिकवंशवर्द्धनः ।
राममिष्वसनदर्शनोत्सुकं मैथिलाय कथयांबभूव सः ।।३७
ଯୂପବତ୍ୟବସିତେ କ୍ରିୟାବିଧୌ କାଳବିତ୍ କୁଶିକବଂଶବର୍ଦ୍ଧନଃ ।
ରାମମିଷ୍ୱସନଦର୍ଶନୋତ୍ସୁକଂ ମୈଥିଳାୟ କଥୟାଂବଭୂବ ସଃ ।।୩୭

तस्य वीक्ष्य ललितं वपुः शिशोः पार्थिवः प्रथितवंशवर्द्धनः ।
स्वं विचिन्त्य च धनुर्दुरानमं पीडितो दुहितृशुल्कसंस्थया ।।३८
ତସ୍ୟ ବୀକ୍ଷ୍ୟ ଲଳିତଂ ବପୁଃ ଶିଶୋଃ ପାର୍ଥିବଃ ପ୍ରଥିତବଂଶଜନ୍ମନଃ ।
ସ୍ୱଂ ବିଚିନ୍ତ୍ୟ ଚ ଧନୁର୍ଦ୍ଦୁରାନମଂ ପୀଡ଼ିତୋ ଦୁହିତୃଶୁଲ୍କସଂସ୍ଥୟା ।।୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ସମୟରେ ମିଥିଳାର ରାଜା ଜନକ ନିଜ କନ୍ୟା ସୀତାଙ୍କର ସ୍ୱୟମ୍ବର ନିମନ୍ତେ ଯଜ୍ଞ ଆୟୋଜନ କରିଥିଲେ । ସେ ଜିତେନ୍ଦ୍ରିୟ ବିଶ୍ୱାମିତ୍ରଙ୍କ ନିକଟକୁ ଉକ୍ତ ଯଜ୍ଞରେ ଯୋଗ ଦେବାପାଇଁ ନିମନ୍ତ୍ରଣ ପଠାଇଲେ । ସ୍ୱୟମ୍ବରର ଧନୁବୃତ୍ତାନ୍ତ ଶୁଣି ରାମ ଲକ୍ଷ୍ମଣଙ୍କ ମନରେ କୌତୂହଳ ଜାତ ହେଲା । ତେଣୁ ମୁନି ସେ ଦୁହିଁଙ୍କୁ ଘେନି ମିଥିଳାକୁ ଯାତ୍ରା କଲେ । ୩୨

ସେମାନେ ବହୁଦୂର ପଥ ଅତିକ୍ରମ କରି ମନୋରମ ଆଶ୍ରମବୃକ୍ଷମାନଙ୍କ ମୂଳରେ ରାତ୍ରି ଯାପନ କଲେ, ଯେଉଁଠାରେ କି ମହାତପସ୍ୱୀ ଗୌତମ ମୁନିଙ୍କର ପତ୍ନୀ ଅହଲ୍ୟା କ୍ଷଣେକାଳ ପାଇଁ ଇନ୍ଦ୍ରଙ୍କର ପତ୍ନୀ ହୋଇଥିଲେ । ୩୩

ପ୍ରସ୍ତରମୟୀ ଅହଲ୍ୟା ପୁଣି ଯେ ନିଜର ସୁନ୍ଦର ଶରୀର ପାଇ-ପାରିଲେ, ତାହା ସମ୍ଭବ ହେଲା କେବଳ ରାମଙ୍କର ପାପନାଶକ ପଦରଜ-ଅନୁଗ୍ରହରୁ । ୩୪

ରାମ ଓ ଲକ୍ଷ୍ମଣଙ୍କ ସହିତ ବିଶ୍ୱାମିତ୍ରଙ୍କୁ ଦେଖିଲେ ମନେହେଲା, ସତେ ଯେପରି ଅର୍ଥ ଓ କାମ ସହିତ ଧର୍ମ ସଶରୀରେ ଅବତୀର୍ଣ୍ଣ ହୋଇଛନ୍ତି ! ସେମାନେ ଆସୁଛନ୍ତି ବୋଲି ଶୁଣି ରାଜା ଜନକ ଅଭ୍ୟର୍ଥନାସମ୍ଭାର ଘେନି ପାଛୋଟି ନେବାକୁ ଆସିଲେ । ୩୫

ପୁନର୍ବସୁ ନକ୍ଷତ୍ରଯୋଡ଼ିକ ସତେ ଯେପରି ରାମ ଲକ୍ଷ୍ମଣ ରୂପରେ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ ! ମିଥିଳା ନଗରୀର ଅଧିବାସୀମାନେ ସେ ଦୁହିଁଙ୍କୁ ସତୃଷ୍ଣ ନୟନରେ ଦେଖିବାକୁ ଲାଗିଲେ ଏବଂ ନିଜ ନିଜର ଚକ୍ଷୁପଲକକୁ ଦୁର୍ଭାଗ୍ୟ ବୋଲି ମନେକଲେ । ୩୬

ଯୂପ ଆଦି ଯଜ୍ଞକର୍ମ ସମାପ୍ତ ହୁଅନ୍ତେ ଅବସରଜ୍ଞ ବିଶ୍ୱାମିତ୍ର ଜନକଙ୍କୁ ଜଣାଇଲେ, "ରାମଚନ୍ଦ୍ର ଧନୁର୍ଦର୍ଶନ କରିବାକୁ ଅତ୍ୟନ୍ତ ଉତ୍ସୁକ ।" ୩୭

ଏକ ପକ୍ଷରେ ରାମଚନ୍ଦ୍ରଙ୍କର ସ୍ନିଗ୍ଧ ସୁନ୍ଦର ରୂପ ଏବଂ ବିଖ୍ୟାତ ବଂଶରେ ଜନ୍ମ, ଅନ୍ୟ ପକ୍ଷରେ ଶିବଧନୁକୁ ଆକର୍ଷଣ କରିବା ଅତି କଠିନ କାର୍ଯ୍ୟ ଏବଂ ଯେ ତାହାକୁ ଆକର୍ଷଣ କରିପାରିବ, ତାକୁହିଁ କନ୍ୟାଦାନ କରିବାର ପଣ—ଜନକ ଏସମସ୍ତ ବିଷୟ ଚିନ୍ତା କରି ଗଭୀର ଦୁଃଖ ଅନୁଭବ କଲେ । ୩୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अब्रवीच्च भगवन् मतङ्गजैर्यद् बृहद्भिरपि कर्म दुष्करम् ।
तत्र नाहमनुमन्तुमुत्सहे मोघवृत्ति कलभस्य चेष्टितम् ॥३९
ଅବ୍ରବୀଚ୍ଚ ଭଗବନ୍ ମତଙ୍ଗଜୈର୍ଯଦ୍ ବୃହଦ୍ଭିରପି କର୍ମ ଦୁଷ୍କରମ୍ ।
ତତ୍ର ନାହମନୁମନ୍ତୁମୁତ୍ସହେ ମୋଘବୃତ୍ତି କଲଭସ୍ୟ ଚେଷ୍ଟିତମ୍ ॥୩୯

ह्रेपिता हि बहवो नरेश्वरास्तेन तात धनुषा धनुर्भृतः ।
ज्यानिघातकठिनत्वचो भुजान् स्वान् विधूय धिगिति प्रतस्थिरे ॥४०
ହ୍ରେପିତା ହି ବହବୋ ନରେଶ୍ୱରାସ୍ତେନ ତାତ ଧନୁଷା ଧନୁଷା ଧନୁର୍ଭୃତଃ ।
ଜ୍ୟାନିଘାତକଠିନତ୍ୱଚୋ ଭୁଜାନ୍ ସ୍ୱାନ୍ ବିଧୂୟ ଧିଗିତି ପ୍ରତସ୍ଥିରେ ॥୪୦

प्रत्युवाच तमृषिर्निशम्यतां सारतोऽयमथवा गिरा कृतम् ।
चाप एव भवतो भविष्यति व्यक्तशक्तिरशनिर्गिराविव ॥४१
ପ୍ରତ୍ୟୁବାଚ ତମୃଷିର୍ନିଶମ୍ୟତାଂ ସାରତୋଽୟମଥବା ଗିର କୃତମ୍ ।
ଗ୍ରପ ଏବ ଭବତୋ ଭବିଷ୍ୟତି ବ୍ୟକ୍ତଶକ୍ତିରଶନିର୍ଗିରବିବ ॥୪୧

एवमाप्तवचनात् स पौरुषं काकपक्षकधरेऽपि राघवे ।
श्रद्दधे त्रिदशगोपमात्रके दाहशक्तिमिव कृष्णवर्त्मनि ॥४२
ଏବମାପ୍ତବଚନାତ୍ ସ ପୌରୁଷଂ କାକପକ୍ଷକଧରେଽପି ରାଘବେ ।
ଶ୍ରଦ୍ଦଧେ ତ୍ରିଦଶଗୋପମାତ୍ରକେ ଦାହଶକ୍ତିମିବ କୃଷ୍ଣବର୍ତ୍ମନି ॥୪୨

व्यादिदेश गणशोऽथ पार्श्वगान् कार्मुकाभिहरणाय मैथिलः ।
तैजसस्य धनुषः प्रवृत्तये तोयदानिव सहस्रलोचनः ॥४३
ବ୍ୟାଦିଦେଶ ଗଣଶୋଽଥ ପାର୍ଶ୍ୱଗାନ୍ କାର୍ମୁକାଭିହରଣାୟ ମୈଥିଳଃ ।
ତୈଜସସ୍ୟ ଧନୁଷଃ ପ୍ରବୃତ୍ତୟେ ତୋୟଦାନିବ ସହସ୍ରଲୋଚନଃ ॥୪୩

तत् प्रसुप्तभुजगेन्द्रभीषणं वीक्ष्य दाशरथिराददे धनुः ।
विद्रुतक्रतुमृगानुसारिणं येन बाणमसृजद् वृषध्वजः ॥४४
ତତ୍ ପ୍ରସୁପ୍ତଭୁଜଗେନ୍ଦ୍ରଭୀଷଣଂ ବୀକ୍ଷ୍ୟ ଦାଶରଥିରାଦଦେ ଧନୁଃ ।
ବିଦ୍ରୁତକ୍ରତୁମୃଗାନୁସାରିଣଂ ଯେନ ବାଣମସୃଜଦ୍ ବୃଷଧ୍ୱଜଃ ॥୪୪

आततज्यमकरोत् स संसदा विस्मयस्तिमितनेत्रमीक्षितः ।
शैलसारमपि नातियत्नतः पुष्पचापमिव पेशलं स्मरः ॥४५
ଆତତଜ୍ୟମକରୋତ୍ ସଂସଦା ବିସ୍ମୟସ୍ତିମିତନେତ୍ରମୀକ୍ଷିତଃ ।
ଶୈଳସାରମପି ନାତିୟନତଃ ପୁଷ୍ପଚାପମିବ ପେଶଳଂ ସ୍ମରଃ ॥୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ କହିଲେ—"ମହାଭଗ, ଯେଉଁ କର୍ମକୁ ବିରଟକାୟ ହସ୍ତୀମାନେ ପାରିନାହାନ୍ତି, ତାହାକୁ କଅଣ ଏକ ହସ୍ତୀଶାବକ ସାଧନ କରିପାରିବ ? ତେଣୁ ରାମଙ୍କର ଏ ବ୍ୟର୍ଥ ପ୍ରୟାସ ଅନୁମୋଦନ କରିବାକୁ ମୁଁ ଉତ୍ସାହ ଅନୁଭବ କରୁନାହିଁ । ୩୯

ହେ ମହାତ୍ମା, ଏ ଧନୁ ଅନେକ ଧନୁର୍ଦ୍ଧର ରାଜାଙ୍କୁ ଲଜ୍ଜିତ କରିଛି । ସେମାନଙ୍କର ବାହୁ ଧନୁର୍ଗୁଣ ଆକର୍ଷଣ କରି କରି ଅତ୍ୟନ୍ତ କଠିନ । ତଥାପି ସେମାନେ ନିଜ ନିଜର ବାହୁକୁ ଧିକ୍କାର କରି ଫେରି ଯାଇଛନ୍ତି ।" ୪୦

ବିଶ୍ୱାମିତ୍ର ଉତ୍ତର ଦେଲେ—"ରାମଙ୍କର ପରାକ୍ରମ କଥା ଶୁଣନ୍ତୁ । ନା, କଥାରେ ପ୍ରକାଶ କରିବା ଅନାବଶ୍ୟକ । ବଜ୍ରର ଶକ୍ତି ଯେପରି ପର୍ବତ ଉପରେ ହିଁ ପରିସ୍ଫୁଟ ହୁଏ, ସେହିପରି ଧନୁ ଉପରେ ଏହାଙ୍କର ଶକ୍ତି ପରିସ୍ଫୁଟ ହେବ ।" ୪୧

ବିଶ୍ୱାମିତ୍ରଙ୍କର ନିର୍ଭରଯୋଗ୍ୟ କଥା ଶୁଣି ଜନକ ବିଶ୍ୱାସ କଲେ—ସାଧବବୋହୂ କୀଟଟିର ଯେଡ଼ିକି ଆକୃତି, ସେଡ଼ିକି ଆକୃତିର ଅଗ୍ନି ମଧ୍ୟ ବିଶ୍ୱଦହନ କରିପାରେ । ସେହିପରି ବାଳକ ରାମଚନ୍ଦ୍ରଙ୍କଠାରେ ହୁଏତ ଅଦ୍‌ଭୁତ ପୌରୁଷ ଥିବ । ୪୨

ତା'ପରେ, ଇନ୍ଦ୍ର ଯେପରି ମେଘମାନଙ୍କୁ ଇନ୍ଦ୍ରଧନୁ ଆଣିବାପାଇଁ ଆଦେଶ ଦିଅନ୍ତି, ଜନକ ସେହିପରି ପାଖରେ ଥିବା ବହୁସଂଖ୍ୟକ ଲୋକଙ୍କୁ ଶିବ ଧନୁ ଆଣିବାପାଇଁ ଆଦେଶ ଦେଲେ । ୪୩

ଶିବ ମୃଗରୂପଧାରୀ ଯଜ୍ଞ ପଛେ ପଛେ ଗୋଡ଼ାଇ ଯେଉଁ ଧନୁରୁ ତା ଉପରେ (ଯଜ୍ଞଉପରେ) ଶର ନିକ୍ଷେପ କରିଥିଲେ, ସୁପ୍ତ ସର୍ପରାଜ ତୁଲ୍ୟ ସେହି ଭୀଷଣ ଧନୁକୁ ଦେଖି ରାମଚନ୍ଦ୍ର ତାହାକୁ ଅନାୟାସରେ ଉଠାଇ-ନେଲେ । ୪୪

ସଭାସ୍ଥିତ ସମସ୍ତ ଲୋକ ଆଶ୍ଚର୍ଯ୍ୟରେ ଚାହିଁଥାଆନ୍ତି । କନ୍ଦର୍ପ ଯେପରି ଅତି ସହଜରେ କୋମଳ ପୁଷ୍ପଧନୁରେ ଗୁଣ ଚଢ଼ାନ୍ତି, ସେ ସେହିପରି ଅଳ୍ପ ଆୟାସରେ ପର୍ବତ ପରି ଶକ୍ତିଶାଳୀ ଧନୁରେ ଗୁଣ ଚଢ଼ାଇଲେ । ୪୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

भज्यमानमतिमात्रकर्षणात् तेन वज्रपरुषस्वनं धनुः ।
भार्गवाय दृढमन्यवे पुनः क्षत्त्रमुद्यतमिव न्यवेदयत् ॥४६
ଭଜ୍ୟମାନମତିମାତ୍ରକର୍ଷଣାତ୍ ତେନ ବଜ୍ରପରୁଷସ୍ୱନଂ ଧନୁଃ ।
ଭର୍ଗବାୟ ଦୃଢମନ୍ୟବେ ପୁନଃ କ୍ଷତ୍ତ୍ରମୁଦ୍ୟତମିବ ନ୍ୟବେଦୟତ୍ ॥୪୬

दृष्टसारमथ रुद्रकार्मुके वीर्यशुल्कमभिनन्द्य मैथिलः ।
राघवाय तनयामयोनिजां रूपिणीं श्रियमिव न्यवेदयत् ॥४७
ଦୃଷ୍ଟସାରମଥ ରୁଦ୍ରକାର୍ମୁକେ ବୀର୍ଯଶୁଲ୍କମଭିନନ୍ଦ୍ୟ ମୈଥିଲଃ ।
ରାଘବାୟ ତନୟାମୟୋନିଜାଂ ରୂପିଣୀଂ ଶ୍ରିୟମିବ ନ୍ୟବେଦୟତ୍ ॥୪୭

मैथिलः सपदि सत्यसङ्गरो राघवाय तनयामयोनिजाम् ।
संनिधौ द्युतिमतस्तपोनिधेरग्निसाक्षिक इवातिसृष्टवान् ॥४८
ମୈଥିଲଃ ସପଦି ସତ୍ୟସଙ୍ଗରୋ ରାଘବାୟ ତନୟାମୟୋନିଜାମ୍ ।
ସଂନିଧୌ ଦ୍ୟୁତିମତସ୍ତପୋନିଧେରଗ୍ନିସାକ୍ଷିକ ଇବାତିସୃଷ୍ଟବାନ୍ ॥୪୮

प्राहिणोच्च महितं महाद्युतिः कोसलाधिपतये पुरोधसम् ।
भृत्यभावि दुहितुः परिग्रहाद् दिश्यतां कुलमिदं निमेरिति ॥४९
ପ୍ରାହିଣୋଚ୍ଚ ମହିତଂ ମହାଦ୍ୟୁତିଃ କୋସଲାଧିପତୟେ ପୁରୋଧସମ୍ ।
ଭୃତ୍ୟଭବି ଦୁହିତୁଃ ପରିଗ୍ରହାଦ୍ ଦିଶ୍ୟତାଂ କୁଳମିଦଂ ନିମେରିତି ॥୪୯

अन्वियेष सदृशीं स च स्नुषां प्राप चैनमनुकूलवाग् द्विजः ।
सद्य एव सुकृतां हि पच्यते कल्पवृक्षफलधर्मि काङ्क्षितम् ॥५०
ଅନ୍ୱିୟେଷ ସଦୃଶୀଂ ସ ଚ ସ୍ନୁଷାଂ ପ୍ରାପ ଚୈନମନୁକୂଳବାଗ୍ ଦ୍ୱିଜଃ ।
ସଦ୍ୟ ଏବ ସୁକୃତାଂ ହି ପଚ୍ୟତେ କଳ୍ପବୃକ୍ଷଫଳଧର୍ମି କାଙ୍କ୍ଷିତମ୍ ॥୫୦

तस्य कल्पितपुरस्क्रियाविधेः शुश्रुवान् वचनमग्रजन्मनः ।
उच्चचाल बलभित्सखो वशी सैन्यरेणुमुषितार्कदीधितिः ॥५१
ତସ୍ୟ କଳ୍ପିତପୁରସ୍କ୍ରିୟାବିଧେଃ ଶୁଶ୍ରୁବାନ୍ ବଚନମଗ୍ରଜନ୍ମନଃ ।
ଉଚ୍ଚଚାଳ ବଳଭିତ୍ସଖୋ ବଶୀ ସୈନ୍ୟରେଣୁମୁଷିତାର୍କଦୀଧିତିଃ ॥୫୧

आससाद मिथिलां स वेष्टयन् पीडितोपवनपादपां बलैः ।
प्रीतिरोधमसहिष्ट सा पुरी स्त्रीव कान्तपरिभोगमायतम् ॥५२
ଆସସାଦ ମିଥିଳାଂ ସ ବେଷ୍ଟୟନ୍ ପୀଡ଼ିତୋପବନପାଦପାଂ ବଳୈଃ ।
ପ୍ରୀତିରୋଧମସହିଷ୍ଟ ସା ପୁରୀ ସ୍ତ୍ରୀବ କାନ୍ତପରିଭୋଗମାୟତମ୍ ॥୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ସେ ଖୁବ୍ ଜୋରରେ ଧନୁ ଆକର୍ଷଣ କରନ୍ତେ ତାହା ଭାଙ୍ଗିଗଲା । ସେଥିରୁ ଘଡ଼ଘଡ଼ି ପରି ଯେଉଁ ଶବ୍ଦ ସୃଷ୍ଟି ହେଲା, ତାହା ପରଶୁରାମଙ୍କର କ୍ରୋଧକୁ ଉଦ୍ଦୀପିତ କରି ସତେଯେପରି ତାଙ୍କୁ ଜଣାଇ ଦେଲା ଯେ କ୍ଷତ୍ରିୟକୁଳ ପୁଣି ଉତ୍‌ଥାନ ଲାଭ କଲେଣି । ୪୬

ଜନକ କନ୍ୟାଦାନ କରିବା ପାଇଁ ଯେଉଁ ପରାକ୍ରମ ରୂପକ ଶୁଳ୍କ ରଖିଥିଲେ, ଶିବଧନୁ ଭଙ୍ଗରେ ତାହା ମିଳିବାରୁ ରାମଙ୍କୁ ସ୍ୱାଗତ ଜଣାଇଲେ ଏବଂ ତାଙ୍କୁ ନିଜର ଅଯୋନି-ସମ୍ଭୂତା କନ୍ୟା, ଲକ୍ଷ୍ମୀସ୍ୱରୂପିଣୀ ସୀତାଙ୍କୁ ଦାନ କରିବା ପାଇଁ ନିବେଦନ କଲେ । ୪୭

Gurukul Kangri Vishwavidyalaya Library

ଦୃଢ଼ପ୍ରତିଜ୍ଞ ରାଜର୍ଷି ସଙ୍ଗେ ସଙ୍ଗେ ବିଶ୍ୱାମିତ୍ରଙ୍କ ସମକ୍ଷରେ ରାମଚନ୍ଦ୍ରଙ୍କୁ କନ୍ୟା ସମ୍ପ୍ରଦାନ କରିଦେଲେ । ବିବାହରେ ଯେପରି ଅଗ୍ନି ସାକ୍ଷୀ ରହନ୍ତି, ସେହିପରି ଏ ସମ୍ପ୍ରଦାନରେ ସାକ୍ଷୀ ରହିଲେ ସ୍ୱୟଂ ମହାତେଜସ୍ୱୀ ବିଶ୍ୱାମିତ୍ର । ୪୮

ତା'ପରେ ସେ ପୂଜ୍ୟ ପୁରୋହିତ ଶତାନନ୍ଦଙ୍କୁ କୋଶଳରାଜ ଦଶରଥଙ୍କ ନିକଟକୁ ପ୍ରେରଣ କଲେ ଏବଂ ଜଣାଇଲେ, "ମୁଁ ଆପଣଙ୍କର ପୁତ୍ରଙ୍କୁ କନ୍ୟାଦାନ କରି ଆପଣଙ୍କର ଭୃତ୍ୟ ହେବାକୁ ଚାହେଁ । ଆପଣ ନିମିକୁଳକୁ ଅନୁଗୃହୀତ କରିବା ହୁଅନ୍ତୁ ।" (ନିମି—ଜନକଙ୍କର ଜଣେ ପୂର୍ବପୁରୁଷ) । ୪୯

ଦଶରଥ ପୁତ୍ରନିମନ୍ତେ ଅନୁରୂପ ବଧୂ ପାଇବାପାଇଁ ଇଚ୍ଛା କରୁଥିଲେ, ଠିକ୍ ଏତିକିବେଳେ ଅନୁକୂଳ ବାର୍ତ୍ତା ଘେନି ବ୍ରାହ୍ମଣ ଶତାନନ୍ଦ ତାଙ୍କ ନିକଟରେ ଉପସ୍ଥିତ ହେଲେ । କଳ୍ପବୃକ୍ଷର ଫଳ ପରି ପୁଣ୍ୟାତ୍ମାମାନଙ୍କର ଅଭିଳାଷ ସଙ୍ଗେ ସଙ୍ଗେ ପରିପକ୍ୱ ହୁଏ । ୫୦

ଇନ୍ଦ୍ରଙ୍କର ବନ୍ଧୁ, ସଂଯମୀ ଦଶରଥ ଶତାନନ୍ଦଙ୍କର ଉପଯୁକ୍ତ ଅର୍ଚ୍ଚନା କରି ତାଙ୍କଠାରୁ ସମସ୍ତ କଥା ଶୁଣିଲେ ଏବଂ ଦଳବଳ ଘେନି ମିଥିଳାକୁ ଯାତ୍ରା କଲେ । ସେମାନଙ୍କର ଗତିରୁ ଯେଉଁ ଧୂଳି ଉଠିଲା, ତାହା ସୂର୍ଯ୍ୟ କିରଣର ମଧ୍ୟ ଗତିରୋଧ କଲା । ୫୧

ତା'ପରେ ଦଶରଥ ମିଥିଳାରେ ପହଞ୍ଚିଲେ । ତାଙ୍କର ସୈନ୍ୟ-ସାମନ୍ତଗଣ ମିଥିଳାର ଉପବନଗୁଡ଼ିକୁ ମନଇଚ୍ଛା ଉପଭୋଗ କରିବାକୁ ଲାଗିଲେ । ପ୍ରିୟ ସ୍ୱାମୀ ସ୍ତ୍ରୀକୁ ମନଇଚ୍ଛା ସମ୍ଭୋଗ କଲେ ମଧ୍ୟ ସ୍ତ୍ରୀ ଯେପରି ସମସ୍ତ ପୀଡ଼ା ପ୍ରେମପୂର୍ବକ ସହିନିଏ, ମିଥିଳାପୁରୀ ସେହିପରି ପ୍ରେମପୂର୍ବକ ସମସ୍ତ ପୀଡ଼ା ସହିନେଲା । ୫୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तौ समेत्य स्थितावुभौ भूपती वरुणवासवोपमौ ।
कन्यकातनयकौतुकक्रियां स्वप्रभावसदृशीं वितेनतुः ॥५३
ତୌ ସମେତ୍ୟ ସ୍ଥିତାବୁଭୌ ଭୂପତୀ ବରୁଣବାସବୋପମୌ ।
କନ୍ୟକାତନୟକୌତୁକକ୍ରିୟାଂ ସ୍ୱପ୍ରଭାବସଦୃଶୀଂ ବିତେନତୁଃ ॥୫୩

पार्थिवीमुदवहद् रघूद्वहो लक्ष्मणस्तदनुजामथोर्मिलाम् ।
यौ तयोरवरजौ वरोजसौ तौ कुशध्वजसुते सुमध्यमे ॥५४
ପାର୍ଥିବୀମୁଦବହଦ୍ ରଘୂଦ୍ବହୋ ଲକ୍ଷ୍ମଣସ୍ତଦନୁଜାମଥୋର୍ମିଳାମ୍ ।
ଯୌ ତୟୋରବରଜୌ ବରୌଜସୌ ତୌ କୁଶଧ୍ୱଜସୁତେ ସୁମଧ୍ୟମେ ॥୫୪

ते चतुर्थसहितास्त्रयो बभुः सूनवो नववधूपरिग्रहाः ।
सामदानविधिभेदनिग्रहाः सिद्धिमन्त इव तस्य भूपतेः ॥५५
ତେ ଚତୁର୍ଥସହିତାସ୍ତ୍ରୟୋ ବଭୁଃ ସୂନବୋ ନବବଧୂପରିଗ୍ରହାଃ ।
ସାମଦାନବିଧିଭେଦନିଗ୍ରହାଃ ସିଦ୍ଧିମନ୍ତ ଇବ ତସ୍ୟ ଭୂପତେଃ ॥୫୫

ता नराधिपसुता नृपात्मजैस्ते च ताभिरगमन् कृतार्थताम् ।
सोऽभवद् वरवधूसमागमः प्रत्ययप्रकृतियोगसन्निभः ॥५६
ତା ନରାଧିପସୁତା ନୃପାତ୍ମଜୈସ୍ତେ ଚ ତାଭିରଗମନ୍ କୃତାର୍ଥତାମ୍ ।
ସୋଽଭବଦ୍ ବରବଧୂସମାଗମଃ ପ୍ରତ୍ୟୟପ୍ରକୃତିଯୋଗସନ୍ନିଭଃ ॥୫୬

एवमात्तरतिरात्मसंभवाँस्तान् निवेश्य चतुरोऽपि तत्र सः ।
अध्वसु त्रिषु विसृष्टमैथिलः स्वां पुरीं दशरथो न्यवर्तत ॥५७
ଏବମାତ୍ତରତିରାତ୍ମସଂଭବାଁସ୍ତାନ୍ ନିବେଶ୍ୟ ଚତୁରୋଽପି ତତ୍ର ସଃ ।
ଅଧ୍ୱସୁ ତ୍ରିଷୁ ବିସୃଷ୍ଟମୈଥିଲଃ ସ୍ୱାଂ ପୁରୀଂ ଦଶରଥୋ ନ୍ୟବର୍ତ୍ତତ ॥୫୭

तस्य जातु मरुतः प्रतीपगा वर्त्मसु ध्वजतरुप्रमाथिनः ।
चिक्लिशुर्भृशतया वरूथिनीमुत्तटा इव नदीरयाः स्थलीम् ॥५८
ତସ୍ୟ ଜାତୁ ମରୁତଃ ପ୍ରତୀପଗା ବର୍ତ୍ମସୁ ଧ୍ୱଜତରୁପ୍ରମାଥିନଃ ।
ଚିକ୍ଲିଶୁର୍ଭୃଶତୟା ବରୂଥିନୀମୁତ୍ତଟା ଇବ ନଦୀରୟାଃ ସ୍ଥଳୀମ୍ ॥୫୮

लक्ष्यते स्म तदनन्तरं रविर्बद्धभीमपरिवेषमण्डलः ।
वैनतेयशमितस्य भोगिनो भोगवेष्टित इव च्युतो मणिः ॥५९
ଲକ୍ଷ୍ୟତେ ସ୍ମ ତଦନନ୍ତରଂ ରବିର୍ବଦ୍ଧଭୀମପରିବେଷମଣ୍ଡଳଃ ।
ବୈନତେୟଶମିତସ୍ୟ ଭୋଗିନୋ ଭୋଗବେଷ୍ଟିତ ଇବ ଚ୍ୟୁତୋ ମଣିଃ ॥୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବରୁଣ ଓ ଇନ୍ଦ୍ରଙ୍କ ତୁଲ୍ୟ ସେହି ଦୁଇ ରଜା ମିଳି ନିଜ ନିଜ ଗୌରବର ଅନୁରୂପ ଭାବରେ କନ୍ୟା ଓ ପୁତ୍ରମାନଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କଲେ । ୫୩

ରମଚନ୍ଦ୍ର ସୀତାଙ୍କୁ, ଲକ୍ଷ୍ମଣ ସୀତାଙ୍କର ସାନ ଭଉଣୀ (ଜନକଙ୍କର ନିଜକନ୍ୟା) ଊର୍ମିଳାଙ୍କୁ, ବୀର ଭରତ ଓ ଶତ୍ରୁଘ୍ନ କୁଶଧ୍ୱଜଙ୍କର ଦୁଇ ପରମା-ସୁନ୍ଦରୀ କନ୍ୟା ମାଣ୍ଡବୀ ଓ ଶ୍ରୁତକୀର୍ତ୍ତିଙ୍କୁ ବିବାହ କଲେ । (କୁଶଧ୍ୱଜ—ଜନକଙ୍କର ସାନଭାଇ) । ୫୪

ରଜା ଦଶରଥଙ୍କର ସାମ, ଦାନ, ଦଣ୍ଡ, ଭେଦ—ଏହି ଉପାୟ-ଗୁଡ଼ିକ ସିଦ୍ଧି ସହିତ ମିଳିତ ହୋଇ ଯେପରି ଶୋଭା ପାଉଥିଲେ, ତାଙ୍କର ଚାରିପୁତ୍ର ଚାରିବଧୂଙ୍କ ସହିତ ମିଳିତ ହୋଇ ସେହିପରି ଶୋଭା ପାଇଲେ । ୫୫

ରଜକନ୍ୟାମାନେ ରଜପୁତ୍ରମାନଙ୍କୁ ଏବଂ ରଜପୁତ୍ରମାନେ ରାଜକନ୍ୟା-ମାନଙ୍କୁ ଲାଭ କରି ଧନ୍ୟ ହେଲେ । ବର ଓ ବଧୂମାନଙ୍କର ମିଳନ ପ୍ରକୃତି ଓ ପ୍ରତ୍ୟୟର ମିଳନ ପରି ସାର୍ଥକ ହେଲା । ୫୬

ଏହିପରି ଭାବରେ ମହାରାଜା ଦଶରଥ ଆନନ୍ଦ ସହକାରେ ପୁତ୍ରମାନଙ୍କର ବିବାହକାର୍ଯ୍ୟ ସମ୍ପନ୍ନ କଲେ ଏବଂ ମିଥିଳାରେ ତିନିଦିନ ରହିବା ପରେ ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ୫୭

ବାଟରେ ଯାଉଥିବାବେଳେ ସହସା ପ୍ରତିକୂଳ ଦିଗରୁ ପବନ ବହି ତାଙ୍କର ସୈନ୍ୟବାହିନୀର ପତାକାଗୁଡ଼ିକୁ ଭାଙ୍ଗି ପକାଇଲା । ନଦୀର ଜଳ-ପ୍ରବାହ ଯେପରି କୂଳ ଲଙ୍ଘନ କରି ସ୍ଥଳଭାଗକୁ ପ୍ଲାବିତ କରିଦିଏ, ଉକ୍ତ ବାୟୁ ସେହିପରି ସୈନ୍ୟବାହିନୀକୁ ଅସ୍ତବ୍ୟସ୍ତ କରି ପକାଇଲା । ୫୮

ତା'ପରେ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ଏକ ଭୟଙ୍କର ମଣ୍ଡଳ ସୃଷ୍ଟି ହୋଇଗଲା । ଗରୁଡ଼ଙ୍କଦ୍ୱାରା ଆହତ ହୋଇଥିବା ସର୍ପର ମୁଣ୍ଡରୁ ଏକ ମଣି ଖସି ତାହାର (ସର୍ପର) ମଣ୍ଡଳାକୃତି ଶରୀର ମଧ୍ୟରେ ପଡ଼ି ଯେପରି ଦେଖାଯାଏ, ଉକ୍ତ ମଣ୍ଡଳ ମଧ୍ୟରେ ସୂର୍ଯ୍ୟ ସେହିପରି ଦେଖାଗଲେ । ୫୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

श्येनपक्षपरिधूसरालकाः सांध्यमेघरुधिरार्द्रवाससः ।
अङ्गना इव रजस्वला दिशो नो बभूवुरवलोकनक्षमाः ॥६०
ଶ୍ୟେନପକ୍ଷପରିଧୂସରାଲକାଃ ସାଂଧ୍ୟମେଘରୁଧିରାର୍ଦ୍ରବାସସଃ ।
ଅଙ୍ଗନା ଇବ ରଜସ୍ୱଲା ଦିଶୋ ନୋ ବଭୂବୁରବଲୋକନକ୍ଷମାଃ ॥୬୦

भास्करश्च दिशमध्युवास यां तां श्रिताः प्रतिभयं ववासिरे ।
क्षत्रशोणितपितृक्रियोचितं चोदयन्त्य इव भार्गवं शिवाः ॥६१
ଭାସ୍କରଶ୍ଚ ଦିଶମଧ୍ୟୁବାସ ଯାଂ ତାଂ ଶ୍ରିତାଃ ପ୍ରତିଭୟଂ ବବାସିରେ ।
କ୍ଷତ୍ରଶୋଣିତପିତୃକ୍ରିୟୋଚିତଂ ଚୋଦୟନ୍ତ୍ୟ ଇବ ଭାର୍ଗବଂ ଶିବାଃ ॥୬୧

तत् प्रतीपपवनादि वैकृतं प्रेक्ष्य शान्तिमधिकृत्य कृत्यवित् ।
अन्वयुङ्क्त गुरुमीश्वरः क्षितेः स्वन्तमित्यलघयन् स तद्व्यथाम् ॥६२
ତତ୍ ପ୍ରତୀପପବନାଦି ବୈକୃତଂ ପ୍ରେକ୍ଷ୍ୟ ଶାନ୍ତିମଧିକୃତ୍ୟ କୃତ୍ୟବିତ୍ ।
ଅନ୍ୱୟୁଙ୍କ୍ତ ଗୁରୁମୀଶ୍ୱରଃ କ୍ଷିତେଃ ସ୍ୱନ୍ତମିତ୍ୟଲଘୟତ୍ ସ ତଦ୍ବ୍ୟଥାମ୍ ॥୬୨

तेजसः सपदि राशिरुत्थितः प्रादुरास किल वाहिनीमुखे ।
यः प्रमृज्य नयनानि सैनिकैर्लक्षणीयपुरुषाकृतिश्चिरात् ॥६३
ତେଜସଃ ସପଦି ରାଶିରୁତ୍ଥିତଃ ପ୍ରାଦୁରାସ କିଲ ବାହିନୀମୁଖେ ।
ଯଃ ପ୍ରମୃଜ୍ୟ ନୟନାନି ସୈନିକୈର୍ଲକ୍ଷଣୀୟପୁରୁଷାକୃତିଶ୍ଚିରାତ୍ ॥୬୩

पित्र्यमंशमुपवीतलक्षणं मातृकं च धनुरूर्जितं दधत् ।
यः ससोम इव घर्मदीधितिः सद्विजिह्व इव चन्दनद्रुमः ॥६४
ପିତ୍ର୍ୟମଂଶମୁପବୀତଲକ୍ଷଣଂ ମାତୃକଂ ଚ ଧନୁରୂର୍ଜିତଂ ଦଧତ୍ ।
ଯଃ ସସୋମ ଇବ ଘର୍ମଦୀଧିତିଃ ସଦ୍ୱିଜିହ୍ୱ ଇବ ଚନ୍ଦନଦ୍ରୁମଃ ॥୬୪

येन रोषपरुषात्मनः पितुः शासने स्थितिभिदोऽपि तस्थुषा ।
वेपमानजननीशिरश्छिदा प्रागजीयत घृणा ततो मही ॥६५
ଯେନ ରୋଷପରୁଷାତ୍ମନଃ ପିତୁଃ ଶାସନେ ସ୍ଥିତିଭିଦୋଽପି ତସ୍ଥୁଷା ।
ବେପମାନଜନନୀଶିରଶ୍ଛିଦା ପ୍ରାଗଜୀୟତ ଘୃଣା ତତୋ ମହୀ ॥୬୫

अक्षबीजवलयेन निर्बभौ दक्षिणश्रवणसंस्थितेन यः ।
क्षत्रियान्तकरणैकविंशते र्व्याजपूर्वगणनामिवोद्वहन् ॥६६
ଅକ୍ଷବୀଜବଲୟେନ ନିର୍ବଭୌ ଦକ୍ଷିଣଶ୍ରବଣସଂସ୍ଥିତେନ ଯଃ ।
କ୍ଷତ୍ରିୟାନ୍ତକରଣୈକବିଂଶତେ ର୍ବ୍ୟାଜପୂର୍ବଗଣନାମିବୋଦ୍ୱହନ୍ ॥୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦିଗ୍‌ବଧୂମାନେ ରଜୋବତୀ ସ୍ତ୍ରୀ ମାନଙ୍କ ପରି ଜଣାପଡ଼ିଲେ । ଉଡ଼ୁଥିବା ଛଞ୍ଚାଣମାନଙ୍କର ଡେଣା ଥିଲା ସେମାନଙ୍କର ଧୂସରିତ ମୁକୁଳା କେଶ ଏବଂ ସନ୍ଧ୍ୟାକାଳୀନ ମେଘ ଥିଲା ସେମାନଙ୍କର ରକ୍ତଲଗା ଆର୍ଦ୍ର ବସ୍ତ୍ର । ୬୦

ସୂର୍ଯ୍ୟ ଯେଉଁଦିଗରେ ଥିଲେ, ସେହି ଦିଗରେ ଶୃଗାଳୀମାନେ ଭୟଙ୍କର ରଡ଼ି ଛାଡ଼ିଲେ । ବୋଧହୁଏ ସେମାନେ ରଡ଼ିଦ୍ୱାରା, କ୍ଷତ୍ରିୟମାନଙ୍କ ରକ୍ତରେ ପିତୃତର୍ପଣ କରିଥିବା ବିଖ୍ୟାତ ପରଶୁରାମଙ୍କ ଆଗମନର ସୂଚନା ଦେଉଥିଲେ । ୬୧

ଦଶରଥ ପ୍ରତିକୂଳ ପବନ ପ୍ରଭୃତି ଅଶୁଭ ଲକ୍ଷଣ ଦେଖି ଗୁରୁ ବଶିଷ୍ଠଙ୍କୁ ତାହାର ପ୍ରତିକାର ସମ୍ବନ୍ଧରେ ପଚାରିଲେ । ବଶିଷ୍ଠ 'ଏହାର ପରିଣତି ମଙ୍ଗଳମୟ' ବୋଲି କହି ତାଙ୍କୁ ଆଶ୍ୱାସନା ଦେଲେ । ୬୨

ସେନାବାହିନୀର ସମ୍ମୁଖରେ ହଠାତ୍ ଏକ ତେଜଃପୁଞ୍ଜ ଆବିର୍ଭୂତ ହେଲା । ସୈନିକମାନେ ଆଖି ମଳି ମଳି ଲକ୍ଷ୍ୟ କଲେ, ସେହି ତେଜଃପୁଞ୍ଜ ହେଉଛନ୍ତି ଜଣେ ପୁରୁଷ । ୬୩

ସେହି ପୁରୁଷ (ପରଶୁରାମ) ଧାରଣ କରିଥିଲେ ଉପବୀତ ଓ ଧନୁ । ପ୍ରଥମଟି (ଉପବୀତ) ଥିଲା ତାଙ୍କ ପିତୃ-ଅଂଶର ବ୍ରାହ୍ମଣ ଲକ୍ଷଣ ଏବଂ ଦ୍ୱିତୀୟଟି (ଧନୁ) ଥିଲା ମାତୃ-ଅଂଶର କ୍ଷତ୍ରିୟ ଲକ୍ଷଣ । ତେଣୁ ସେ ଜଣାପଡ଼ୁ-ପଡ଼ୁଥିଲେ ସତେ ଯେପରି ଚନ୍ଦ୍ରଯୁକ୍ତ ସୂର୍ଯ୍ୟ କିମ୍ବା ସର୍ପଯୁକ୍ତ ଚନ୍ଦନ ବୃକ୍ଷ ! ୬୪

ସେ ଥିଲେ ସେହି ପରଶୁରାମ, ଯେ କି ପିତାଙ୍କର ଆଜ୍ଞା ଅକ୍ଷରେ ଅକ୍ଷରେ ପାଳନ କରିଥିଲେ, ଯଦିଓ ତାଙ୍କର ପିତା କ୍ରୋଧରେ ବିବେକ ହରାଇଥିଲେ । ସେ ଥିଲେ ସେହି ପରଶୁରାମ, ଯେ କି ଭୟରେ କମ୍ପୁଥିବା ନିଜ ମାଆଙ୍କୁ ମଧ୍ୟ ନିର୍ଦ୍ଦୟ ଭାବରେ ହତ୍ୟା କରିଥିଲେ । ସେ ଥିଲେ ସେହି ପରଶୁରାମ, ଯେ କି କ୍ଷତ୍ରିୟମାନଙ୍କୁ ନିର୍ଦ୍ଦୟ ଭାବରେ ସଂହାର କରିଥିଲେ । ୬୫

ତାଙ୍କର ଦକ୍ଷିଣ କର୍ଣ୍ଣରେ ଏକ ଜପାମାଳା ଶୋଭା ପାଉଥିଲା । ସେଥିରେ ଥିବା ଏକୋଇଶଟି କଣ୍ଢିଦ୍ୱାରା ସତେ ଯେପରି ସେ କ୍ଷତ୍ରିୟମାନଙ୍କୁ ଏକୋଇଶ ବାର ନିପାତ କରିଥିବାର ହିସାବ ରଖିଥିଲେ ! ୬୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तं पितुर्वधभवेन मन्युना राजवंशनिधनाय दीक्षितम् ।
बालसूनुरवलोक्य भार्गवं स्वां दशां च विषसाद पार्थिवः ॥६७
ତଂ ପିତୁର୍ବଧଭବେନ ମନ୍ୟୁନା ରାଜବଂଶନିଧନାୟ ଦୀକ୍ଷିତମ୍ ।
ବାଲସୂନୁରବଲୋକ୍ୟ ଭାର୍ଗବଂ ସ୍ୱାଂ ଦଶାଂ ଚ ବିଷସାଦ ପାର୍ଥିବଃ ।।୬୭

नाम राम इति तुल्यमात्मजे वर्तमानमहिते च दारुणे ।
हृद्यमस्य भयदायि चाभवद् रत्नजातमिव हारसर्पयोः ॥६८
ନାମ ରାମ ଇତି ତୁଲ୍ୟମାତ୍ମଜେ ବର୍ତ୍ତମାନମହିତେ ଚ ଦାରୁଣେ ।
ହୃଦ୍ୟମସ୍ୟ ଭୟଦାୟି ଚାଭବଦ୍ ରତ୍ନଜାତମିବ ହାରସର୍ପୟୋଃ ।।୬୮

अर्घ्यमर्घ्यमिति वादिनं नृपं सोऽनवेक्ष्य भरताग्रजो यतः ।
क्षत्रकोपदहनार्चिषं ततः संदधे दृशमुदग्रतारकाम् ॥६९
ଅର୍ଘ୍ୟମର୍ଘ୍ୟମିତି ବାଦିନଂ ନୃପଂ ସୋଽନବେକ୍ଷ୍ୟ ଭରତାଗ୍ରଜୋ ଯତଃ ।
କ୍ଷତ୍ରକୋପଦହନାର୍ଚ୍ଚିଷଂ ତତଃ ସଂଦଧେ ଦୃଶମୁଦଗ୍ରତାରକାମ୍ ।।୬୯

तेन कार्मुकनिषक्तमुष्टिना राघवो विगतभीः पुरोगतः ।
अङ्गुलीविवरचारिणं शरं कुर्वता निजगदे युयुत्सुना ॥७०
ତେନ କାର୍ମୁକନିଷକ୍ତମୁଷ୍ଟିନା ରାଘବୋ ବିଗତଭୀଃ ପୁରୋଗତଃ ।
ଅଙ୍ଗୁଳୀବିବରଚାରିଣଂ ଶରଂ କୁର୍ବତା ନିଜଗଦେ ଯୁଯୁତ୍ସୁନା ।।୭୦

क्षत्रजातमपकारवैरि मे तन्निहत्य बहुशः शमं गतः ।
सुप्तसर्प इव दण्डघट्टनाद् रोषितोऽस्मि तव विक्रमश्रवात् ॥७१
କ୍ଷତ୍ରଜାତମପକାରବୈରି ମେ ତନ୍ନିହତ୍ୟ ବହୁଶଃ ଶମଂ ଗତଃ ।
ସୁପ୍ତସର୍ପ ଇବ ଦଣ୍ଡଘଟ୍ଟନାଦ୍ ରୋଷିତୋଽସ୍ମି ତବ ବିକ୍ରମଶ୍ରବାତ୍ ।।୭୧

मैथिलस्य धनुरन्यपार्थिवैस्त्वं किलानमितपूर्वमक्षणोः ।
तन्निशम्य भवता समर्थये वीर्यशृङ्गमिव भग्नमात्मनः ॥७२
ମୈଥିଳସ୍ୟ ଧନୁରନ୍ୟପାର୍ଥିବୈସ୍ତ୍ୱଂ କିଳାନମିତପୂର୍ବମକ୍ଷଣୋଃ ।
ତନ୍ନିଶମ୍ୟ ଭବତା ସମର୍ଥୟେ ବୀର୍ଯ୍ୟଶୃଙ୍ଗମିବ ଭଗ୍ନମାତ୍ମନଃ ।।୭୨

अन्यदा जगति राम इत्ययं शब्द उच्चरित एव मामगात् ।
व्रीडमावहति मे सम्प्रति व्यस्तवृत्तिरुदयोन्मुखे त्वयि ॥७३
ଅନ୍ୟଦା ଜଗତି ରାମ ଇତ୍ୟୟଂ ଶବ୍ଦ ଉଚ୍ଚରିତ ଏବ ମାମଗାତ୍ ।
ବ୍ରୀଡ଼ମାବହତି ମେ ସ ସଂପ୍ରତି ବ୍ୟସ୍ତବୃତ୍ତିରୁଦୟୋନ୍ମୁଖେ ତ୍ୱୟି ।।୭୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦଶରଥ ଦେଖିଲେ—ସମ୍ମୁଖରେ ପରଶୁରାମ, ଯେ କି ସମସ୍ତ ରାଜକୁଳଙ୍କୁ ନିର୍ମୂଳ କରିବାପାଇଁ ବଦ୍ଧପରିକର; ଏଣେ ନିଜର ପୁତ୍ରମାନେ ବାଳକ ମାତ୍ର । ବର୍ତ୍ତମାନ ଅବସ୍ଥା କ'ଣ ହେବ ବୋଲି ଭବି ସେ ବିଷାଦରେ ଅଭିଭୂତ ହୋଇପଡ଼ିଲେ । ୬୭

ପୁତ୍ରର ନାମ ଥିଲା 'ରାମ' ଏବଂ ନିଷ୍ଠୁର ଶତ୍ରୁର ନାମ ମଧ୍ୟ ଥିଲା 'ରାମ' । ହାରରେ ଥିବା ମଣି ଏବଂ ସର୍ପମୁଣ୍ଡରେ ଥିବା ମଣି ସମାନ ହେଲେହେଁ ଯେପରି ପ୍ରଥମଟି ଆନନ୍ଦଦାୟକ ଓ ଦ୍ଵିତୀୟଟି ଭୟଜନକ, ଦଶରଥଙ୍କୁ ସମାନ 'ରାମ' ନାମ ସେହିପରି ଉଭୟ ପ୍ରକାର ବୋଧ ହେଲା । ୬୮

ଦଶରଥ ଭୀତତ୍ରସ୍ତ ଭବରେ 'ଅର୍ଘ୍ୟ ଅର୍ଘ୍ୟ' ବୋଲି କହୁଥାଆନ୍ତି । କିନ୍ତୁ ପରଶୁରାମ ତାଙ୍କ ଆଡ଼କୁ ନ ଗୃହିଁ ଯେଉଁଆଡ଼େ ରାମଚନ୍ଦ୍ର ଥିଲେ, ସେହି ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ତାଙ୍କର ଦୃଷ୍ଟିରୁ ବାହାରୁଥିଲା କ୍ଷତ୍ରିୟମାନଙ୍କ ପ୍ରତି ପ୍ରଚଣ୍ଡ କ୍ରୋଧାଗ୍ନିର ଜ୍ଵାଳା ଏବଂ ତୋଳା ଭୟଙ୍କର ରୂପ ଧାରଣ କରିଥିଲା । ୬୯

ରାମଚନ୍ଦ୍ର ନିର୍ଭୟରେ ସମ୍ମୁଖରେ ଠିଆହୋଇ ଥାଆନ୍ତି । ପରଶୁରାମ ମୁଷ୍ଟି ମଧ୍ୟରେ ଧନୁ ଧରି ଏବଂ ଅଙ୍ଗୁଳି ମଧ୍ୟରେ ଶର ଚାଳନା କରି ତାଙ୍କୁ କହିଲେ—୭୦

"କ୍ଷତ୍ରିୟକୁଳ ମୋର ଶତ୍ରୁ । କାରଣ ସେମାନେ ମୋର ଘୋର ଅପକାର କରିଛନ୍ତି । ସେମାନଙ୍କୁ ନିପାତ କରି ମୁଁ ଶାନ୍ତିଲଭ କରିଥିଲି । କିନ୍ତୁ ସୁପ୍ତସର୍ପକୁ ବାଡ଼ିରେ ଭୂଷିଦେଲେ ସେ ଯେପରି କ୍ରୁଦ୍ଧ ହୋଇ ଉଠେ, ସେହିପରି ତୋର ପରାକ୍ରମ ବିଷୟ ଶୁଣି ମୋର ପୁଣି କ୍ରୋଧ ଉଦ୍ଦୀପିତ ହୋଇଅଛି । ୭୧

ଜନକର ଯେଉଁ ଧନୁକୁ ଅନ୍ୟ କେହି ନୁଆଇଁ ପାରିନଥିଲେ, ତୁ ତାହାକୁ ଭଙ୍ଗିଦେଲୁ । ଏହା ଶୁଣି ମୁଁ ମନେକରୁଛି, ତୁ ମୋର ବୀରତ୍ଵର ଶିଙ୍ଗକୁ ହିଁ ଭଙ୍ଗିଦେଲୁ । ୭୨

ଏଥିପୂର୍ବରୁ 'ରାମ' ଶବ୍ଦ କେବଳ ମୋତେ ହିଁ ବୁଝାଉ ଥିଲା । ବର୍ତ୍ତମାନ ତୁ ଯେପରି ଅଭ୍ୟୁଦୟ ଲଭ କଲୁଣି, ତା ଫଳରେ ଏହି ଶବ୍ଦ ଆମଦୁହିଁଙ୍କୁ ବୁଝାଉଛି, ତେଣୁ ମୁଁ ଲଜ୍ଜିତ । ୭୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

बिभ्रतोऽस्त्रमचलेऽप्यकुण्ठितं द्वौ रिपू मम मतौ समागसौ ।
धेनुवत्सहरणाच्च हैहयस्त्वं च कीर्त्तिमपहर्त्तुमुद्यतः ॥७४
ବିଭ୍ରତୋଽସ୍ତ୍ରମଚଲେଽପ୍ୟକୁଣ୍ଠିତଂ ଦ୍ୱୌ ରିପୂ ମମ ମତୌ ସମାଗସୌ ।
ଧେନୁବତ୍ସହରଣାଚ୍ଚ ହୈହୟସ୍ତ୍ୱଂ ଚ କୀର୍ତ୍ତିମପହର୍ତ୍ତୁମୁଦ୍ୟତଃ ॥୭୪

क्षत्रियान्तकरणोऽपि विक्रमस्तेन मामवति नाजिते त्वयि ।
पावकस्य महिमा स गण्यते कक्षवज्ज्वलति सागरेऽपि यः ॥७५
କ୍ଷତ୍ରିୟାନ୍ତକରଣୋଽପି ବିକ୍ରମସ୍ତେନ ମାମବତି ନାଜିତେ ତ୍ୱୟି ।
ପାବକସ୍ୟ ମହିମା ସ ଗଣ୍ୟତେ କକ୍ଷବଜ୍ଜ୍ୱଳତି ସାଗରେଽପି ଯଃ ॥୭୫

विद्धि चात्तबलमोजसा हरेरैश्वरं धनुरभाजि यत् त्वया ।
खातमूलमनिलो नदीरयैः पातयत्यपि मृदुस्तटद्रुमम् ॥७६
ବିଦ୍ଧି ଚାତ୍ତବଳମୋଜସା ହରେରୈଶ୍ୱରଂ ଧନୁରଭାଜି ଯତ୍ ତ୍ୱୟା ।
ଖାତମୂଳମନିଳୋ ନଦୀରୟୈଃ ପାତୟତ୍ୟପି ମୃଦୁସ୍ତଟଦ୍ରୁମମ୍ ॥୭୬

तन्मदीयमिदमायुधं ज्यया सङ्गमय्य सशरं विकृष्यताम् ।
तिष्ठतु प्रधनमेवमप्यहं तुल्यबाहुतरसा जितस्त्वया ॥७७
ତନ୍ମଦୀୟମିଦମାୟୁଧଂ ଜ୍ୟୟା ସଙ୍ଗମୟ୍ୟ ସଶରଂ ବିକୃଷ୍ୟତାମ୍ ।
ତିଷ୍ଠତୁ ପ୍ରଧନମେବମପ୍ୟହଂ ତୁଲ୍ୟବାହୁତରସା ଜିତସ୍ତ୍ୱୟା ॥୭୭

कातरोऽसि यदिवोद्गतार्चिषा तर्जितः परशुधारया मम ।
ज्यानिघातकठिनाङ्गुलिर्वृथा बध्यतामभययाचनाञ्जलिः ॥७८
କାତରୋଽସି ଯଦିବୋଦ୍‌ଗତାର୍ଚ୍ଚିଷା ତର୍ଜ୍ଜିତଃ ପରଶୁଧାରୟା ମମ ।
ଜ୍ୟାନିଘାତକଠିନାଙ୍ଗୁଳିର୍ବୃଥା ବଧ୍ୟତାମଭୟଯାଚନାଞ୍ଜଳିଃ ॥୭୮

एवमुक्तवति भीमदर्शने भार्गवे स्मितविकम्पिताधरः ।
तद्धनुर्ग्रहणमेव राघवः प्रत्यपद्यत समर्थमुत्तरम् ॥७९
ଏବମୁକ୍ତବତି ଭୀମଦର୍ଶନେ ଭାର୍ଗବେ ସ୍ମିତବିକମ୍ପିତାଧରଃ ।
ତଦ୍ଧନୁର୍ଗ୍ରହଣମେବ ରାଘବଃ ପ୍ରତ୍ୟପଦ୍ୟତ ସମର୍ଥମୁତ୍ତରମ୍ ॥୭୯

पूर्वजन्मधनुषा समागतः सोऽतिमात्रलघुदर्शनोऽभवत् ।
केवलोऽपि सुभगो नवाम्बुदः किं पुनस्त्रिदशचापलाञ्छितः ॥८०
ପୂର୍ବଜନ୍ମଧନୁଷା ସମାଗତଃ ସୋଽତିମାତ୍ରଲଘୁଦର୍ଶନୋଽଭବତ୍ ।
କେବଳୋଽପି ସୁଭଗୋ ନବାମ୍ବୁଦଃ କିଂ ପୁନସ୍ତ୍ରିଦଶଚାପଲାଞ୍ଛିତଃ ॥୮୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

"ମୁଁ ଯେଉଁ ଅସ୍ତ୍ର ଧାରଣ କରିଛି, ତାହା ପର୍ବତକୁ ମଧ୍ୟ ବିଦାରଣ କରିପାରେ । ମୁଁ ମନେକରେ, ଦୁଇଟି ଶତ୍ରୁ ସମାନଭାବରେ ମୋର ଅପକାରୀ । ଜଣେ ହେଉଛି ସହସ୍ରାର୍ଜୁନ, ଯେ କି ପିତାଙ୍କର ଗାଈ ଓ ବାଛୁରୀକୁ ହରଣ କରି ନେଇଥିଲା ଏବଂ ଆଉଜଣେ ତୁ । କାରଣ ତୁ ମୋର ଯଶ ହରଣ କରି ନେବାକୁ ଉଦ୍ୟତ । ୭୪

ମୋର ପରାକ୍ରମ କ୍ଷତ୍ରିୟମାନଙ୍କୁ ଏକୋଇଶବାର ଧ୍ୱଂସ କରିଛି ସତ୍ୟ, କିନ୍ତୁ ତୁ ଯଦି ଅପରାଜିତ ରହୁ, ତାହାହେଲେ ମୋ ପରାକ୍ରମ ମୋତେ ତିଳେହେଲେ ଶାନ୍ତି ଦେଇପାରିବନାହିଁ । କାରଣ, ଅଗ୍ନି ଶୁଷ୍କ ତୃଣରେ ଯେପରି ପ୍ରଜ୍ୱଳିତ ହୁଏ, ସମୁଦ୍ର ମଧ୍ୟରେ ଯଦି ସେହିପରି ପ୍ରଜ୍ୱଳିତ ହୋଇପାରେ, ତାହାହିଁ ହେଉଛି ତାର ମହତ୍ତ୍ୱ । ୭୫

ବିଷ୍ଣୁତେଜରେ (ମୋ ତେଜରେ) ଶିବଧନୁର ଶକ୍ତି ନଷ୍ଟ ହୋଇ-ଯାଇଥିଲା । ତେଣୁ ତୁ ତାହାକୁ ଭାଙ୍ଗିଦେଲୁ । ନଦୀସ୍ରୋତ କୂଳସ୍ଥିତ ବୃକ୍ଷର ମୂଳକୁ ତାଡ଼ିଦେଇଥିଲେ ସାମାନ୍ୟ ପବନ ତାହାକୁ ଉପାଡ଼ି ଦେଇପାରେ । ୭୬

ତୁ ମୋର ଏହି ଧନୁରେ ଗୁଣ ଚଢ଼ାଇ ଶର ସଂଯୋଗ କର । ତୁ ଯଦି ଏହା କରିଦେବୁ, ତାହାହେଲେ ମୁଁ ଜାଣିବି ଯେ, ତୁ ବାହୁବଳରେ ମୋତେ ପରାସ୍ତ କରିଦେଲୁ । ଯୁଦ୍ଧ କରିବା ଦରକାର ନାହିଁ । ୭୭

କିନ୍ତୁ ଯଦି ମୋର ଏହି ପରଶୁର ଚିକ୍ ଚିକ୍ ଧାରକୁ ଦେଖି ତୁ ଭୀତତ୍ରସ୍ତ ହେଉଥାଉ, ତାହାହେଲେ ଧନୁର୍ଗୁଣ ଟାଣି ଟାଣି କଠିନ ହୋଇଥିବା ତୋର ହସ୍ତାଙ୍ଗୁଳିଗୁଡ଼ିକ ବୃଥା । ତୁ ସେହି ଅଙ୍ଗୁଳିଗୁଡ଼ିକୁ ଅଞ୍ଜଳିବଦ୍ଧ କରି ମୋ ନିକଟରେ ଅଭୟ ପ୍ରାର୍ଥନା କର ।" ୭୮

ଭୀମଦର୍ଶନ ପରଶୁରାମ ଏହିପରି କହନ୍ତେ ରାମଚନ୍ଦ୍ର ସ୍ମିତହାସ୍ୟ କରି ଧନୁକୁ ଧାରଣ କରିବା ହିଁ ତାଙ୍କ କଥାର ଉପଯୁକ୍ତ ଉତ୍ତର ହେବ ବୋଲି ବିଚାର କଲେ । ୭୯

ତା'ପରେ ସେ ପୂର୍ବ ଜନ୍ମରେ ବ୍ୟବହାର କରିଥିବା ଉକ୍ତ ଧନୁକୁ ଧାରଣ କରି ଅତ୍ୟନ୍ତ ଶୋଭା ପାଇଲେ । ଇନ୍ଦ୍ରଧନୁର ଅଭାବରେ ମଧ୍ୟ ନୂତନ ମେଘ କେଡ଼େ ସୁନ୍ଦର, ଆଉ ତାହା ଇନ୍ଦ୍ରଧନୁ ଧାରଣ କଲେ କି ସୁନ୍ଦର ଦେଖା ନଯାଏ ! ୮୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तेन भूमिनिहितैककोटि तत् कार्मुकं च बलिनाधिरोपितम् ।
निष्प्रभश्च रिपुरास भूभृतां धूमशेष इव धूमकेतनः ॥८१
ତେନ ଭୂମିନିହିତୈକକୋଟି ତତ୍ କାର୍ମୁକଂ ଚ ବଳିନାଧିରୋପିତମ୍ ।
ନିଷ୍ପ୍ରଭଶ୍ଚ ରିପୁରାସ ଭୂଭୃତାଂ ଧୂମଶେଷ ଇବ ଧୂମକେତନଃ ॥୮୧

तावुभावपि परस्परस्थितौ वर्धमानपरिहीनतेजसौ ।
पश्यति स्म जनता दिनात्यये पार्वणौ शशिदिवाकराविव ॥८२
ତାବୁଭାବପି ପରସ୍ପରସ୍ଥିତୌ ବର୍ଦ୍ଧମାନପରିହୀନତେଜସୌ ।
ପଶ୍ୟତି ସ୍ମ ଜନତା ଦିନାତ୍ୟୟେ ପାର୍ବଣୌ ଶଶିଦିବାକରାବିବ ॥୮୨

तं कृपामृदुरवेक्ष्य भार्गवं राघवः स्खलितवीर्यमात्मनि ।
स्वं च संहितममोघमाशुगं व्याजहार हरसूनुसंनिभः ॥८३
ତଂ କୃପାମୃଦୁରବେକ୍ଷ୍ୟ ଭାର୍ଗବଂ ରାଘବଃ ସ୍ଖଳିତବୀର୍ଯ୍ୟମାତ୍ମନି ।
ସ୍ୱଂ ଚ ସଂହିତମମୋଘମାଶୁଗଂ ବ୍ୟାଜହାର ହରସୂନୁସଂନିଭଃ ॥୮୩

न प्रहर्तुमलमस्मि निर्दयं विप्र इत्यभिभवत्यपि त्वयि ।
शंस किं गतिमनेन पत्त्रिणा हन्मि लोकमुत ते मखार्जितम् ॥८४
ନ ପ୍ରହର୍ତ୍ତୁମଲମସ୍ମି ନିର୍ଦ୍ଦୟଂ ବିପ୍ର ଇତ୍ୟଭିଭବତ୍ୟପି ତ୍ୱୟି ।
ଶଂସ କିଂ ଗତିମନେନ ପତ୍ତ୍ରିଣା ହନ୍ମି ଲୋକମୁତ ତେ ମଖାର୍ଜ୍ଜିତମ୍ ॥୮୪

प्रत्युवाच तमृषिर्न तत्त्वतस्त्वां न वेद्मि पुरुषं पुरातनम् ।
गां गतस्य तव धाम वैष्णवं कोपितो ह्यसि मया दिदृक्षुणा ॥८५
ପ୍ରତ୍ୟୁବାଚ ତମୃଷିର୍ନ ତତ୍ତ୍ୱତସ୍ତ୍ୱାଂ ନ ବେଦ୍ମି ପୁରୁଷଂ ପୁରାତନମ୍ ।
ଗାଂ ଗତସ୍ୟ ତବ ଧାମ ବୈଷ୍ଣବଂ କୋପିତୋ ହ୍ୟସି ମୟା ଦିଦୃକ୍ଷୁଣା ॥୮୫

भस्मसात् कृतवतः पितृद्विषः पात्रसाच्च वसुधां ससागराम् ।
आहितो जयविपर्ययोऽपि मे श्लाघ्य एव परमेष्ठिना त्वया ॥८६
ଭସ୍ମସାତ୍ କୃତବତଃ ପିତୃଦ୍ୱିଷଃ ପାତ୍ରସାଚ୍ଚ ବସୁଧାଂ ସସାଗରାମ୍ ।
ଆହିତୋ ଜୟବିପର୍ଯ୍ୟୟୋଽପି ମେ ଶ୍ଲାଘ୍ୟ ଏବ ପରମେଷ୍ଠିନା ତ୍ୱୟା ॥୮୬

तद् गतिं मतिमतां वरेप्सितां पुण्यतीर्थगमनाय रक्ष मे ।
पीडयिष्यति न मां खिलीकृता स्वर्गपद्धतिरभोगलोलुपम् ॥८७
ତଦ୍ ଗତିଂ ମତିମତାଂ ବରେପ୍ସିତାଂ ପୁଣ୍ୟତୀର୍ଥଗମନାୟ ରକ୍ଷ ମେ ।
ପୀଡୟିଷ୍ୟତି ନ ମାଂ ଖିଲୀକୃତା ସ୍ୱର୍ଗପଦ୍ଧତିରଭୋଗଲୋଲୁପମ୍ ॥୮୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମହାବଳୀ ରାମଚନ୍ଦ୍ର ଧନୁର ଗୋଟିଏ ମୁଣ୍ଡ ଭୂମିଉପରେ ରଖି ସେଥିରେ ଗୁଣ ଚଢାଇଲେ । ସଙ୍ଗେ ସଙ୍ଗେ କ୍ଷତ୍ରିୟକୁଳଶତ୍ରୁ ପରଶୁରାମ ନିର୍ବାପିତ ଅଗ୍ନିପରି ନିଷ୍ପ୍ରଭ ହୋଇଗଲେ । ୮୧

ଦୁଇଜଣଙ୍କ ମଧ୍ୟରୁ ଜଣକର ତେଜ ବଢି ଉଠୁଥିଲା ଏବଂ ଅନ୍ୟଜଣଙ୍କର ତେଜ ହ୍ରାସ ପାଉଥିଲା । ତେଣୁ ଲୋକମାନଙ୍କୁ ସେ ଦୁହେଁ ସନ୍ଧ୍ୟାସମୟର ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଭଳି ଜଣା ପଡ଼ିଲେ । ୮୨

କାର୍ତ୍ତିକେୟଙ୍କ ତୁଲ୍ୟ ବିକ୍ରମଶାଳୀ ରାମଚନ୍ଦ୍ର ହତବୀର୍ଯ୍ୟ ପରଶୁରାମଙ୍କ ଆଡ଼େ ଏବଂ ଧନୁରେ ଚଢ଼ା ହୋଇଥିବା ନିଜର ଅବ୍ୟର୍ଥ ଶର ଆଡ଼େ ଚାହିଁ ପରଶୁରାମଙ୍କୁ ଦୟାର୍ଦ୍ରଭାବରେ କହିଲେ—୮୩

"ଆପଣ ବ୍ରାହ୍ମଣ ବୋଲି ମୁଁ ନିର୍ଦ୍ଦୟ ଭାବରେ ଆପଣଙ୍କ ଉପରକୁ ଶର ନିକ୍ଷେପ କରିପାରୁ ନାହିଁ । କହନ୍ତୁ, ମୁଁ ଏହି ଶରରେ ଆପଣଙ୍କ ଗମନ-ଶକ୍ତିକୁ ଧ୍ୱଂସ କରିବି ନା ଆପଣ ତପୋବଳରେ ଯେତେ ସ୍ୱର୍ଗଫଳପ୍ରଦ ପୁଣ୍ୟ ଅର୍ଜନ କରିଛନ୍ତି, ତାହା ଧ୍ୱଂସ କରିବି ? ୮୪

ପରଶୁରାମ ଉତ୍ତର ଦେଲେ—'ହେ ଭଗବାନ୍, ମୁଁ ଯେ ଆପଣଙ୍କୁ ଯଥାର୍ଥରେ ଶାଶ୍ୱତ ପରମ ପୁରୁଷ ବୋଲି ଜାଣି ନ ଥିଲି, ତା ନୁହେଁ, କିନ୍ତୁ ଏହି ଭୂମଣ୍ଡଳ ଉପରେ ଆପଣଙ୍କର ବିଷ୍ଣୁତେଜ ଦେଖିବା ଆଶାରେ ହିଁ ଆପଣଙ୍କୁ କ୍ରୋଧାନ୍ୱିତ କରିଥିଲି । ୮୫

ମୁଁ ମୋର ପିତାଙ୍କ ଶତ୍ରୁମାନଙ୍କୁ ଭସ୍ମସାତ୍ କରିଛି, ସସାଗର ପୃଥିବୀକୁ ସତ୍‌ପାତ୍ରମାନଙ୍କଠାରେ ଦାନ କରିଛି । କିନ୍ତୁ ହେ ବିଶ୍ୱବିଧାୟକ, ଆପଣଙ୍କ ନିକଟରେ ମୋର ପରାଜୟ ମୋ ପକ୍ଷରେ ଅତ୍ୟନ୍ତ ଗୌରବର ବିଷୟ । ୮୬

ହେ ଶ୍ରେଷ୍ଠ ମତିମାନ୍, ମୁଁ ପୁଣ୍ୟତୀର୍ଥମାନଙ୍କରେ ପର୍ଯ୍ୟଟନ କରିବାକୁ ଚାହେଁ । ତେଣୁ ଆପଣ ମୋର ଗମନଶକ୍ତିକୁ ନଷ୍ଟ କରନ୍ତୁ ନାହିଁ । ମୋର ସ୍ୱର୍ଗଭୋଗରେ ଆଦୌ ଆଶା ନାହିଁ, ତେଣୁ ତାହା ନଷ୍ଟ ହେଲେ ମୋ ମନରେ ତିଳେମାତ୍ର ଦୁଃଖ ହେବ ନାହିଁ । ୮୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रत्यपद्यत तथेति राघवः प्राङ्मुखश्च विससर्ज सायकम् ।
भार्गवस्य सुकृतोऽपि सोऽभवत् स्वर्गमार्गपरिघो दुरत्ययः ॥८८
ପ୍ରତ୍ୟପଦ୍ୟତ ତଥେତି ରାଘବଃ ପ୍ରାଙ୍ମୁଖଶ୍ଚ ବିସସର୍ଜ୍ଜ ସାୟକମ୍ ।
ଭାର୍ଗବସ୍ୟ ସୁକୃତୋଽପି ସୋଽଭବତ୍ ସ୍ୱର୍ଗମାର୍ଗପରିଘୋ ଦୁରତ୍ୟୟଃ ।।୮୮

राघवोऽपि चरणौ तपोनिधेः क्षम्यतामिति वदन् समस्पृशन् ।
निर्जितेषु तरसा तरस्विनां शत्रुषु प्रणतिरेव कीर्तये ॥८९
ରାଘବୋଽପି ଚରଣୌ ତପୋନିଧେଃ କ୍ଷମ୍ୟତାମିତି ବଦନ୍ ସମସ୍ପୃଶତ୍ ।
ନିର୍ଜ୍ଜିତେଷୁ ତରସା ତରସ୍ୱିନାଂ ଶତ୍ରୁଷୁ ପ୍ରଣତିରେବ କୀର୍ତ୍ତୟେ ।।୮୯

राजसत्त्वमवधूय मातृकं पित्र्यमस्मि गमितः शमं यदा ।
नन्वनिन्दितफलो मम त्वया निग्रहोऽप्ययमनुग्रहीकृतः ॥९०
ରାଜସତ୍ତ୍ୱମବଧୂୟ ମାତୃକଂ ପିତ୍ର୍ୟମସ୍ମି ଗମିତଃ ଶମଂ ଯଦା ।
ନନ୍ୱନିନ୍ଦିତଫଳୋ ମମ ତ୍ୱୟା ନିଗ୍ରହୋଽପ୍ୟୟମନୁଗ୍ରହୀକୃତଃ ।।୯୦

साधयाम्यहमविघ्नमस्तु ते देवकार्यमुपपादयिष्यतः ।
ऊचिवानिति वचः सलक्ष्मणं लक्ष्मणाग्रजमृषिस्तिरोदधे ॥९१
ସାଧୟାମ୍ୟହମବିଘ୍ନମସ୍ତୁ ତେ ଦେବକାର୍ଯ୍ୟମୁପପାଦୟିଷ୍ୟତଃ ।
ଊଚିବାନିତି ବଚଃ ସଲକ୍ଷ୍ମଣଂ ଲକ୍ଷ୍ମଣାଗ୍ରଜମୃଷିସ୍ତିରୋଦଧେ ।।୯୧

ତସ୍ମିନ୍ ଗତେ ବିଜୟିନଂ ପରିରଭ୍ୟ ରାମଂ
ସ୍ନେହାଦମନ୍ୟତ ପିତା ପୁନରେବ ଜାତମ୍ ।
ତସ୍ୟାଭବତ୍ କ୍ଷଣଶୁଚଃ ପରିତୋଷଲାଭଃ
କକ୍ଷାଗ୍ନିଲଙ୍ଘିତତରୋରିବ ବୃଷ୍ଟିପାତଃ ।।୯୨

ଅଥ ପଥି ଗମୟିତ୍ୱା କ୍ଳୃପ୍ତରମ୍ୟୋପକାର୍ଯ୍ୟେ
କତିଚିଦବନିପାଳଃ ଶର୍ବରୀଃ ଶର୍ବକଳ୍ପଃ ।
ପୁରମବିଶଦୟୋଧ୍ୟାଂ ମୈଥିଳୀଦର୍ଶନୀନାଂ
କୁବଳୟିତଗବାକ୍ଷାଂ ଲୋଚନୈରଙ୍ଗନାନାମ୍ ।।୯୩

इति श्रीमहाकविकालिदासकृतौ रघुवंशे महाकाव्ये
सीताविवाहो नाम दशमः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମଚନ୍ଦ୍ର 'ତାହା ହେଉ' ବୋଲି କହି ପୂର୍ବଦିଗକୁ ମୁହଁ କରି ଠିଆ ହେଲେ ଏବଂ ଶର ନିକ୍ଷେପ କଲେ । ସେହି ଶର ପରଶୁରାମଙ୍କର ସ୍ୱର୍ଗପଥରେ ଅଲଙ୍ଘନୀୟ ଅର୍ଗଳ ସ୍ୱରୂପ ରହିଲା । ୮୮

ରାମଚନ୍ଦ୍ର 'କ୍ଷମା କରନ୍ତୁ' ବୋଲି କହି ତପୋନିଧି ପରଶୁରାମଙ୍କର ପଦ ସ୍ପର୍ଶ କଲେ । ବିଜେତା ଯଦି ବିଜିତକୁ ପ୍ରଣାମ କରେ, ତାହା ତାହାର (ବିଜେତାର) କୀର୍ତ୍ତି ବର୍ଦ୍ଧନ କରେ । ୮୯

"ମୁଁ ବର୍ତ୍ତମାନ ମାତୃକୁଳଗତ ରାଜସିକ ଗୁଣ ପରିତ୍ୟାଗ କରି ପିତୃକୁଳଗତ ସାତ୍ତ୍ୱିକ ଗୁଣ ଲାଭ କଲି । ତେଣୁ ଆପଣଙ୍କର ଶାସ୍ତି ମୋ ପ୍ରତି ଅନୁଗ୍ରହ ସ୍ୱରୂପ ଏବଂ ସେହି ଶାସ୍ତିର ପରିଣତି (ସ୍ୱର୍ଗଭୋଗ ନାଶ) ମଧ୍ୟ ମୋ ପକ୍ଷରେ ଅତି ଶ୍ରେୟସ୍କର । ୯୦

ବର୍ତ୍ତମାନ ମୁଁ ଯାଉଛି, ଆପଣ ଭବିଷ୍ୟତରେ ଦେବକାର୍ଯ୍ୟ ସାଧନ କରିବେ । ସେହି କାର୍ଯ୍ୟରେ ଆପଣଙ୍କୁ ବାଧାବିଘ୍ନ ନ ପଡ଼ୁ ।" ପରଶୁରାମ ରାମ ଲକ୍ଷ୍ମଣଙ୍କୁ ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ । ୯୧

ପରଶୁରାମ ଚାଲିଯାଆନ୍ତେ ଦଶରଥ ବିଜୟୀ ପୁତ୍ରକୁ ସ୍ନେହରେ ଆଲିଙ୍ଗନ କଲେ । ତାଙ୍କର ମନେ ହେଲା, ସତେ ଯେପରି ପୁତ୍ର ପୁନର୍ଜୀବନ ଲାଭ କରିଛି ! ଦାବାଗ୍ନିପୀଡ଼ିତ ବୃକ୍ଷକୁ ବୃଷ୍ଟି ମିଳିଲା ପରି କ୍ଷଣିକ ବିଷାଦ ପରେ ଦଶରଥ ପରମ ଆନନ୍ଦ ଲାଭ କଲେ । ୯୨

ବାଟରେ ରହଣି ସ୍ଥାନମାନଙ୍କରେ ସୁନ୍ଦର ଛାଉଣିମାନ ନିର୍ମାଣ କରାଯାଇଥିଲା । ଶିବତୁଲ୍ୟ ରାଜା ଦଶରଥ ସେହି ଛାଉଣିମାନଙ୍କରେ କେତେକ ରାତ୍ରି ଯାପନ କରି ଅଯୋଧ୍ୟା ନଗରୀରେ ପହଞ୍ଚିଲେ । ଅଯୋଧ୍ୟାର ଅଙ୍ଗନାମାନେ ଉତ୍ସୁକତାର ସହିତ ଝରକାରୁ ସୀତାଙ୍କୁ ଦର୍ଶନ କରିବାରେ ଲାଗିଲେ । ସେମାନଙ୍କର ଚକ୍ଷୁ ଦ୍ୱାରା ଝରକାଗୁଡ଼ିକ ନୀଳପଦ୍ମରେ ଭୂଷିତ ହେଲା ଭଳି ଜଣାପଡ଼ିଲା । ୯୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वादशः सर्गः

निर्विष्टविषयस्नेहः स दशान्तमुपेयिवान् ।
आसीदासन्ननिर्वाणः प्रदोषार्चिरिवोषसि ॥१
ନିର୍ବିଷ୍ଟବିଷୟସ୍ନେହଃ ସ ଦଶାନ୍ତମୁପେୟିବାନ୍ ।
ଆସୀଦାସନ୍ନନିର୍ବାଣଃ ପ୍ରଦୀପାର୍ଚ୍ଚିରିବୋଷସି ।।୧

तं कर्णमूलमागत्य रामे श्रीर्न्यस्यतामिति ।
कैकेयीशङ्कयेवाह पलितच्छद्मना जरा ।।२
ତଂ କର୍ଣ୍ଣମୂଳମାଗତ୍ୟ ରାମେ ଶ୍ରୀର୍ନ୍ୟସ୍ୟତାମିତି ।
କୈକେୟୀଶଙ୍କୟେବାହ ପଳିତଚ୍ଛଦ୍ମନା ଜରା ।।୨

सा पौरान् पौरकान्तस्य रामस्याभ्युदयश्रुतिः ।
प्रत्येकं ह्लादयाञ्चक्रे कुल्येवोद्यानपादपान् ॥३
ସା ପୌରାନ୍ ପୌରକାନ୍ତସ୍ୟ ରାମସ୍ୟାଭ୍ୟୁଦୟଶ୍ରୁତିଃ ।
ପ୍ରତ୍ୟେକଂ ହ୍ଲାଦୟାଞ୍ଚକ୍ରେ କୁଲ୍ୟେବୋଦ୍ୟାନପାଦପାନ୍ ।।୩

तस्याभिषेकसंभारं कल्पितं क्रूरनिश्चया ।
दूषयामास कैकेयी शोकोष्णैः पार्थिवाश्रुभिः ॥४
ତସ୍ୟାଭିଷେକସମ୍ଭାରଂ କଳ୍ପିତଂ କ୍ରୂରନିଶ୍ଚୟା ।
ଦୂଷୟାମାସ କୈକେୟୀ ଶୋକୋଷ୍ଣୈଃ ପାର୍ଥିବାଶ୍ରୁଭିଃ ।।୪

सा किलाश्वासिता चण्डी भर्त्रा तत्संश्रुतौ वरौ ।
उद्ववामेन्द्रसिक्ता भूर्बिलमग्नाविवोरगौ ।।५
ସା କିଲାଶ୍ୱାସିତା ଚଣ୍ଡୀ ଭର୍ତ୍ରା ତତ୍‌ସଂଶ୍ରୁତୌ ବରୌ ।
ଉଦ୍‌ବବାମେନ୍ଦ୍ରସିକ୍ତା ଭୂର୍ବିଲମଗ୍ନାବିବୋରଗୌ ।।୫

तयोश्चतुर्दशैकेन रामं प्राव्राजयत् समाः ।
द्वितीयेन सुतस्यैच्छद् वैधव्यैकफलां श्रियम् ।।६
ତୟୋଶ୍ଚତୁର୍ଦ୍ଦଶୈକେନ ରାମଂ ପ୍ରାବ୍ରାଜୟତ୍ ସମାଃ ।
ଦ୍ୱିତୀୟେନ ସୁତସ୍ୟୈଚ୍ଛଦ୍ ବୈଧବ୍ୟୈକଫଳାଂ ଶ୍ରିୟମ୍ ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱାଦଶ ସର୍ଗ

ଯେପରି ପ୍ରାତଃକାଳର ଦୀପଶିଖା ଗତିସାଗ ତୈଳ ଭୋଗ କରି କରି ସଳିତାର ଶେଷଭାଗକୁ ଆସିଯାଏ ଏବଂ କ୍ରମେ କ୍ରମେ ତାର ନିର୍ବାଣ ସମୟ ନିକଟ ହୋଇ ଆସେ, ଦଶରଥ ସେହିପରି ସାଂସାରିକ ବିଷୟ ଭୋଗ କରି କରି ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଲେ ଏବଂ ତାଙ୍କର ଅନ୍ତିମ ସମୟ ନିକଟ ହୋଇ ଆସିଲା । ୧

ଜରା (ବୃଦ୍ଧାବସ୍ଥା) ଶୁକ୍ଳକେଶ ଛଳରେ ଆସି ସତେଯେପରି କୈକେୟୀଙ୍କ ଭୟରେ ତାଙ୍କ କର୍ଣ୍ଣମୂଳରେ କହିଲା–'ରାମଚନ୍ଦ୍ରଙ୍କୁ ରାଜଲକ୍ଷ୍ମୀ ଦାନ କରନ୍ତୁ ।' ୨

ଜଳ-ପ୍ରଣାଳୀ ଯେପରି ଉପବନର ପ୍ରତ୍ୟେକ ବୃକ୍ଷଲତାକୁ ସେଚନ କରେ, ସେହିପରି 'ପ୍ରଜାପ୍ରିୟ ରାମ ରାଜା ହେବେ' ଏହି ସମ୍ବାଦ ପ୍ରତ୍ୟେକ ଲୋକକୁ ଆହ୍ଲାଦ ଦାନ କଲା । ୩

ରାମଙ୍କର ଅଭିଷେକ ସମ୍ଭାର ପ୍ରସ୍ତୁତ ହେଲା । କିନ୍ତୁ କୈକେୟୀ ଏକ ନିଷ୍ଠୁର ସଙ୍କଳ୍ପ କରି ରାଜାଙ୍କର ଉଷ୍ଣ ଶୋକାଶ୍ରୁ ଦ୍ୱାରା ସେହି ସମ୍ଭାରକୁ ଦୂଷିତ କରିଦେଲେ । ୪

ପୂର୍ବେ ଦଶରଥ କୈକେୟୀଙ୍କୁ ଯୋଡ଼ିଏ ବର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମେଘସିକ୍ତା ଭୂମି ଯେପରି ବିଳରୁ ସର୍ପ ବାହାର କରେ, ସେହିପରି ରାଜାଙ୍କର ସ୍ନେହସିକ୍ତା କୈକେୟୀ ବର୍ତ୍ତମାନ ପ୍ରତିଶ୍ରୁତି ଦିଆ-ଯାଇଥିବାବରଯୋଡ଼ିକ ଉପସ୍ଥାପିତ କଲେ । ୫

ସେ ଗୋଟିକରେ ରାମଙ୍କୁ ଚଉଦବର୍ଷ ବନବାସ ଦେଲେ ଏବଂ ଅନ୍ୟଟିରେ ପୁତ୍ର ଭରତ ପାଇଁ ରାଜଲକ୍ଷ୍ମୀ ମାଗିଲେ, ଯାହାର ପରିମାଣ ଥିଲା ନିଜର ବୈଧବ୍ୟ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पित्रा दत्तां रुदन् रामः प्राङ् महीं प्रत्यपद्यत ।
पश्चाद् वनाय गच्छेति तदाज्ञां मुदितोऽग्रहीत् ।।७
ପିତ୍ରା ଦତ୍ତାଂ ରୁଦନ୍ ରାମଃ ପ୍ରାଙ୍ ମହୀଂ ପ୍ରତ୍ୟପଦ୍ୟତ ।
ପଶ୍ଚାଦ୍ ବନାୟ ଗଚ୍ଛେତି ତଦାଜ୍ଞାଂ ମୁଦିତୋଽଗ୍ରହୀତ୍ ।।୭

दधतो मङ्गलक्षौमे वसानस्य च वल्कले ।
ददृशुर्विस्मितास्तस्य मुखरागं समं जनाः ।।८
ଦଧତୋ ମଙ୍ଗଳକ୍ଷୌମେ ବସାନସ୍ୟ ଚ ବଲ୍‌କଳେ ।
ଦଦୃଶୁର୍ବିସ୍ମିତାସ୍ତସ୍ୟ ମୁଖରାଗଂ ସମଂ ଜନାଃ ।।୮

स सीतालक्ष्मणसखः सत्याद् गुरुमलोपयन् ।
विवेश दण्डकारण्यं प्रत्येकं च सतां मनः ।।९
ସ ସୀତାଲକ୍ଷ୍ମଣସଖଃ ସତ୍ୟାଦ୍ ଗୁରୁମଲୋପୟନ୍ ।
ବିବେଶ ଦଣ୍ଡକାରଣ୍ୟଂ ପ୍ରତ୍ୟେକଂ ଚ ସତାଂ ମନଃ ।।୯

राजाऽपि तद्वियोगार्तः स्मृत्वा शापं स्वकर्मजम् ।
शरीरत्यागमात्रेण शुद्धिलाभममन्यत ।।१०
ରାଜାଽପି ତଦ୍‌ବିୟୋଗାର୍ତ୍ତଃ ସ୍ମୃତ୍ୱା ଶାପଂ ସ୍ୱକର୍ମଜମ୍ ।
ଶରୀରତ୍ୟାଗମାତ୍ରେଣ ଶୁଦ୍ଧିଲାଭମମନ୍ୟତ ।।୧୦

विप्रोषितकुमारं तद् राज्यमस्तमितेश्वरम् ।
रन्ध्रान्वेषणदक्षाणां द्विषामामिषतां ययौ ।।११
ବିପ୍ରୋଷିତକୁମାରଂ ତଦ୍ ରାଜ୍ୟମସ୍ତମିତେଶ୍ୱରମ୍ ।
ରନ୍ଧ୍ରାନ୍ୱେଷଣଦକ୍ଷାଣାଂ ଦ୍ୱିଷାମାମିଷତାଂ ଯୟୌ ।।୧୧

अथानाथाः प्रकृतयो मातृबन्धुनिवासिनम् ।
मौलैरानाययामासुर्भरतं स्तम्भिताश्रुभिः ।।१२
ଅଥାନାଥାଃ ପ୍ରକୃତୟୋ ମାତୃବନ୍ଧୁନିବାସିନମ୍ ।
ମୌଳୈରାନାୟୟାମାସୁର୍ଭରତଂ ସ୍ତମ୍ଭିତାଶ୍ରୁଭିଃ ।।୧୨

श्रुत्वा तथाविधं मृत्युं कैकेयीतनयः पितुः ।
मातुर्न केवलं स्वस्याः श्रियोऽप्यासीत् पराङ्मुखः ।।१३
ଶ୍ରୁତ୍ୱା ତଥାବିଧଂ ମୃତ୍ୟୁଂ କୈକେୟୀତନୟଃ ପିତୁଃ ।
ମାତୁର୍ନ କେବଳଂ ସ୍ୱସ୍ୟାଃ ଶ୍ରିୟୋଽପ୍ୟାସୀତ୍ ପରାଙ୍ମୁଖଃ ।।୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପିତା ଯେତେବେଳେ ରାଜ୍ୟଦାନ କରୁଥିଲେ, ରାମ କାନ୍ଦି କାନ୍ଦି ତାହା ଗ୍ରହଣ କରିବାକୁ ସ୍ୱୀକୃତି ଦେଇଥିଲେ । କିନ୍ତୁ ପିତା ଯେତେବେଳେ 'ବନକୁ ଯାଅ' ବୋଲି ଆଦେଶ ଦେଲେ, ସେ ତାହା ଅତି ଆନନ୍ଦରେ ଗ୍ରହଣ କଲେ । ('ପିତା ଥାଉଁ ଥାଉଁ ମୁଁ କିପରି ରାଜପଦ ଗ୍ରହଣ କରିବି ?' ଏହାଭାବି ରାମ ବଡ଼ ଦୁଃଖରେ ସ୍ୱୀକୃତି ଦେଇଥିଲେ ।) ୭

ରାମ ଅଭିଷେକ ଲାଗି ମାଙ୍ଗଳିକ ପଟ୍ଟବସ୍ତ୍ର ପିନ୍ଧିଲାବେଳେ ଲୋକମାନେ ତାଙ୍କ ମୁଖରେ ଯେଉଁ ଭାବ ଲକ୍ଷ୍ୟ କରିଥିଲେ, ବନକୁ ଯିବାପାଇଁ ବଲ୍‌କଳ ପିନ୍ଧିଲାବେଳେ ମଧ୍ୟ ଅବିକଳ ସେହି ଭାବ ଲକ୍ଷ୍ୟ କରି ବିସ୍ମିତ ହେଲେ । ୮

ରାମ ପିତାଙ୍କୁ ସତ୍ୟଭ୍ରଷ୍ଟ ନ କରିବା ପାଇଁ ସୀତା ଓ ଲକ୍ଷ୍ମଣଙ୍କ ସହିତ ବନକୁ ଯାଇ ଦଣ୍ଡକାରଣ୍ୟରେ ପ୍ରବେଶ କଲେ ଏବଂ ତା ସଙ୍ଗେ ସଙ୍ଗେ ସଜ୍ଜନମାନଙ୍କର ମନ ମଧ୍ୟରେ ବି ପ୍ରବେଶ କଲେ । ୯

ଦଶରଥ ତାଙ୍କ ବିଚ୍ଛେଦରେ ଦୁଃଖାଭିଭୂତ ହୋଇ ସ୍ୱକର୍ମଜନିତ ଅଭିଶାପ ବିଷୟ ସ୍ମରଣ କଲେ ଏବଂ ଦେହତ୍ୟାଗ କରି ସେହି ଅଭିଶାପରୁ ମୁକ୍ତିଲାଭ କଲେ । ୧୦

ରାମ ଲକ୍ଷ୍ମଣ ବନକୁ ଗଲେ । ଭରତ ଶତ୍ରୁଘ୍ନ ମାତୁଳ ଗୃହକୁ ଯାଇ-ଥିଲେ । ଏଣେ ଦଶରଥ ମୃତ୍ୟୁ ବରଣ କଲେ । ଫଳରେ ରାଜ୍ୟ ଛିଦ୍ରାନ୍ୱେଷୀ ଶତ୍ରୁମାନଙ୍କର ଆମିଷତୁଲ୍ୟ ଭୋଗସାମଗ୍ରୀ ହେବାର ଆଶଙ୍କା ଜାତ ହେଲା । ୧୧

ରାଜାହୀନ ପ୍ରଜାବର୍ଗ ଅଶ୍ରୁମୋଚନ ବନ୍ଦ କରି ମନ୍ତ୍ରୀମାନଙ୍କ ଦ୍ୱାରା ଭରତଙ୍କୁ ମାତୁଳଗୃହରୁ ଅଣାଇଲେ । ୧୨

ଭରତ ପିତାଙ୍କର ତଥାବିଧ ମୃତ୍ୟୁ ବିଷୟ ଶୁଣି କେବଳ ଯେ ମା'ଙ୍କ ପ୍ରତି ବିମୁଖ ହେଲେ, ତା ନୁହେଁ, ରାଜଲକ୍ଷ୍ମୀ ପ୍ରତି ମଧ୍ୟ ବିମୁଖ ହେଲେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ससैन्यश्चान्वगाद् रामं दर्शितानाश्रमालयैः ।
तस्य पश्यन् ससौमित्रेरुदश्रुर्वसतिद्रुमान् ॥१४
ସସୈନ୍ୟଶ୍ଚାନ୍ୱଗାଦ୍ ରାମଂ ଦର୍ଶିତାନାଶ୍ରମାଲୟୈଃ ।
ତସ୍ୟ ପଶ୍ୟନ୍ ସସୌମିତ୍ରେରୁଦଶ୍ରୁର୍ବସତିଦ୍ରୁମାନ୍ ॥୧୪

चित्रकूटवनस्थं च कथितस्वर्गतिर्गुरोः ।
लक्ष्म्या निमन्त्रयाञ्चक्रे तमनुच्छिष्टसंपदा ॥१५
ଚିତ୍ରକୂଟବନସ୍ଥଂ ଚ କଥିତସ୍ୱର୍ଗତିର୍ଗୁରୋଃ ।
ଲକ୍ଷ୍ମ୍ୟା ନିମନ୍ତ୍ରୟାଞ୍ଚକ୍ରେ ତମନୁଚ୍ଛିଷ୍ଟସଂପଦା ॥୧୫

स हि प्रथमजे तस्मिन्नकृतश्रीपरिग्रहे ।
परिवेत्तारमात्मानं मेने स्वीकरणाद् भुवः ॥१६
ସ ହି ପ୍ରଥମଜେ ତସ୍ମିନ୍ନକୃତଶ୍ରୀପରିଗ୍ରହେ ।
ପରିବେତ୍ତାରମାତ୍ମାନଂ ମେନେ ସ୍ୱୀକରଣାଦ୍ ଭୁବଃ ॥୧୬

तमशक्यमपाक्रष्टुं निदेशात् स्वर्गिणः पितुः ।
ययाचे पादुके पश्चात् कर्तुं राज्याधिदेवते ॥१७
ତମଶକ୍ୟମପାକ୍ରଷ୍ଟୁଂ ନିଦେଶାତ୍ ସ୍ୱର୍ଗିଣଃ ପିତୁଃ ।
ୟୟାଚେ ପାଦୁକେ ପଶ୍ଚାତ୍ କର୍ତୁଂ ରାଜ୍ୟାଧିଦେବତେ ॥୧୭

स विसृष्टस्तथेत्युक्त्वा भ्रात्रा नैवाविशत् पुरीम् ।
नन्दिग्राममगतस्तस्य राज्यं न्यासमिवाभुनक् ॥१८
ସ ବିସୃଷ୍ଟସ୍ତଥେତ୍ୟୁକ୍ତ୍ୱା ଭ୍ରାତ୍ରା ନୈବାବିଶତ୍ ପୁରୀମ୍ ।
ନନ୍ଦିଗ୍ରାମଗତସ୍ତସ୍ୟ ରାଜ୍ୟଂ ନ୍ୟାସମିବାଭୁନକ୍ ॥୧୮

दृढभक्तिरिति ज्येष्ठे राज्यतृष्णापराङ्मुखः ।
मातुः पापस्य भरतः प्रायश्चित्तमिवाकरोत् ॥१९
ଦୃଢଭକ୍ତିରିତି ଜ୍ୟେଷ୍ଠେ ରାଜ୍ୟତୃଷ୍ଣାପରାଙ୍ମୁଖଃ ।
ମାତୁଃ ପାପସ୍ୟ ଭରତଃ ପ୍ରାୟଶ୍ଚିତ୍ତମିବାକରୋତ୍ ॥୧୯

रामोऽपि सह वैदेह्या वने वन्येन वर्तयन् ।
चचार सानुजः शान्तो वृद्धेक्ष्वाकुव्रतं युवा ॥२०
ରାମୋଽପି ସହ ବୈଦେହ୍ୟା ବନେ ବନ୍ୟେନ ବର୍ତୟନ୍ ।
ଚଚାର ସାନୁଜଃ ଶାନ୍ତୋ ବୃଦ୍ଧେକ୍ଷ୍ୱାକୁବ୍ରତଂ ୟୁବା ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ରାମଙ୍କୁ ଫେରାଇ ଆଣିବା ପାଇଁ ବନକୁ ଗଲେ । ବନରେ ମୁନି-ଋଷିମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କର ଯିବାପଥ ଦେଖାଇଦେଲେ । ସେମାନେ (ରାମ, ଲକ୍ଷ୍ମଣ, ସୀତା) ଯେଉଁ ଯେଉଁ ବୃକ୍ଷ ମୂଳରେ ବାସ କରି ଯାଇଥିଲେ, ଭରତ ସେଗୁଡ଼ିକୁ ଦେଖି କାନ୍ଦିବାରେ ଲାଗିଲେ । ୧୪

ରାମ ଚିତ୍ରକୂଟ ବନରେ ଥିଲାବେଳେ ଭରତ ତାଙ୍କ ନିକଟରେ ପହଞ୍ଚି ପିତାଙ୍କର ମୃତ୍ୟୁସମ୍ବାଦ ଜଣାଇଲେ ଏବଂ ନିଜେ ଭୋଗ କରି ନଥିବା ରାଜଲକ୍ଷ୍ମୀଙ୍କୁ 'ଗ୍ରହଣ କରନ୍ତୁ' ବୋଲି ନିବେଦନ କଲେ । ୧୫

Gurukul Kangri Vishwavidyalaya Library

ରାମଚନ୍ଦ୍ର ରାଜଲକ୍ଷ୍ମୀଙ୍କୁ ଗ୍ରହଣ ନ କରନ୍ତେ ଭରତ ବାଧ୍ୟ ହୋଇ ତାହା ଗ୍ରହଣ କଲେ ଏବଂ ନିଜକୁ 'ପରିବେତ୍ତା' ବୋଲି ମନେ କଲେ । (ପରିବେତ୍ତା—ବଡ଼ଭାଇ ଅବିବାହିତ ଥାଉଁ ଥାଉଁ ସାନଭାଇ ଯଦି ବିବାହ କରେ, ତା ହେଲେ ବିବାହିତ ସାନଭାଇକୁ 'ପରିବେତ୍ତା' କୁହାଯାଏ । ଏହା ହିନ୍ଦୁଶାସ୍ତ୍ର-ବିରୁଦ୍ଧ ।) ୧୬

ଭରତ ବଡ଼ଭାଇଙ୍କୁ ପିତାଙ୍କ ନିର୍ଦ୍ଦେଶରୁ ନିବୃତ୍ତ କରିବାକୁ ଅସମର୍ଥ ହୋଇ ତାଙ୍କର ପାଦୁକା ଦୁଇଟିକୁ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ କରିବା ପାଇଁ ମାଗିଲେ । ୧୭

ରାମଚନ୍ଦ୍ର ତାହା ଦାନ କରି ତାଙ୍କୁ ରାଜ୍ୟକୁ ପଠାଇଦେଲେ । କିନ୍ତୁ ଭରତ ଅଯୋଧ୍ୟାକୁ ନ ଯାଇ ନନ୍ଦିଗ୍ରାମରେ ରହି ରାଜ୍ୟକୁ ନ୍ୟାସ ସମ୍ପତ୍ତି ପରି ରକ୍ଷଣାବେକ୍ଷଣ କଲେ । (ନ୍ୟାସ—ବନ୍ଧକ ସମ୍ପଦ) ୧୮

ବଡ଼ଭାଇଙ୍କ ପ୍ରତି ଦୃଢ଼ ଭକ୍ତି ପ୍ରଦର୍ଶନ କରି ଏବଂ ରାଜ୍ୟଭୋଗ ପ୍ରତି ବିମୁଖ ହୋଇ ଭରତ ସତେ ଯେପରି ମାଆଙ୍କ ପାପର ପ୍ରାୟଶ୍ଚିତ୍ତ କଲେ । ୧୯

ରାମଚନ୍ଦ୍ର ମଧ୍ୟ ସୀତା ଓ ଲକ୍ଷ୍ମଣଙ୍କ ସହିତ ବନର ଫଳମୂଳ ଭକ୍ଷଣ କରି ଜୀବନ ଧାରଣ କଲେ ଏବଂ ଶାନ୍ତ ଭାବରେ ଇକ୍ଷ୍ୱାକୁ ବଂଶର ବୃଦ୍ଧଜନୋଚିତ ବ୍ରତ ପାଳନ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रभावस्तम्भितच्छायमाश्रितः स वनस्पतिम् ।
कदाचिदङ्के सीतायाः शिश्ये किञ्चिदिव श्रमात् ।।२१
ପ୍ରଭାବସ୍ତମ୍ଭିତଛାୟମାଶ୍ରିତଃ ସ ବନସ୍ପତିମ୍ ।
କଦାଚିଦଙ୍କେ ସୀତାୟାଃ ଶିଶ୍ୟେ କିଞ୍ଚିଦିବ ଶ୍ରମାତ୍ ।।୨୧

ऐन्द्रिः किल नखैस्तस्या विददार स्तनौ द्विजः ।
प्रियोपभोगचिह्नेषु पौरोभाग्यमिवाचरन् ।।२२
ଐନ୍ଦ୍ରିଃ କିଲ ନଖୈସ୍ତସ୍ୟା ବିଦଦାର ସ୍ତନୌ ଦ୍ୱିଜଃ ।
ପ୍ରିୟୋପଭୋଗଚିହ୍ନେଷୁ ପୌରୋଭାଗ୍ୟମିବାଚରନ୍ ।।୨୨

तस्मिन्नास्यदिषीकास्त्रं रामो रामावबोधितः ।
आत्मानं मुमुचे तस्मादेकनेत्रव्ययेन सः ।।२३
ତସ୍ମିନ୍ନାସ୍ୟଦିଷୀକାସ୍ତ୍ରଂ ରାମୋ ରାମାବବୋଧିତଃ ।
ଆତ୍ମାନଂ ମୁମୁଚେ ତସ୍ମାଦେକନେତ୍ରବ୍ୟୟେନ ସଃ ।।୨୩

रामस्त्वासन्नदेशत्वाद् भरतागमनं पुनः ।
आशङ्क्योत्सुकसारङ्गां चित्रकूटस्थलीं जहौ ।।२४
ରାମସ୍ତ୍ୱାସନ୍ନଦେଶତ୍ୱାଦ୍ ଭରତାଗମନଂ ପୁନଃ ।
ଆଶଙ୍କ୍ୟୋତ୍ସୁକସାରଙ୍ଗାଂ ଚିତ୍ରକୂଟସ୍ଥଲୀଂ ଜହୌ ।।୨୪

प्रययावातिथेयेषु वसन् ऋषिकुलेषु सः ।
दक्षिणां दिशमृक्षेषु वार्षिकेष्विव भास्करः ।।२५
ପ୍ରୟୟାବାତିଥେୟେଷୁ ବସନ୍ ଋଷିକୁଲେଷୁ ସଃ ।
ଦକ୍ଷିଣାଂ ଦିଶମୃକ୍ଷେଷୁ ବାର୍ଷିକେଷ୍ୱିବ ଭାସ୍କରଃ ।।୨୪

बभौ तमनुगच्छन्ती विदेहाधिपतेः सुता ।
प्रतिषिद्धापि कैकेय्या लक्ष्मीरिव गुणोन्मुखी ।।२३
ବଭୌ ତମନୁଗଚ୍ଛନ୍ତୀ ବିଦେହାଧିପତେଃ ସୁତା ।
ପ୍ରତିଷିଦ୍ଧାପି କୈକେୟ୍ୟା ଲକ୍ଷ୍ମୀରିବ ଗୁଣୋନ୍ମୁଖୀ ।।୨୩

अनुसूयातिसृष्टेन पुण्यगन्धेन काननम् ।
सा चकाराङ्गरागेण पुष्पोच्चलितषट्पदम् ।।२७
ଅନୁସୂୟାତିସୃଷ୍ଟେନ ପୁଣ୍ୟଗନ୍ଧେନ କାନନମ୍ ।
ସା ଚକାରାଙ୍ଗରାଗେଣ ପୁଷ୍ପୋଚ୍ଚଲିତଷଟ୍ପଦମ୍ ।।୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଥରେ ରାମଚନ୍ଦ୍ର ସାମାନ୍ୟ କ୍ଲାନ୍ତ ହୋଇ ଏକ ଗଛ ମୂଳରେ ସୀତାଙ୍କ କୋଳରେ ଶୟନ କରିଥାଆନ୍ତି । ତାଙ୍କର ପ୍ରଭବରେ ସେହି ବୃକ୍ଷର ଛାୟା ସ୍ଥିର ରହିଥାଏ........... ୨୧

ସେହି ସମୟରେ ଇନ୍ଦ୍ରଙ୍କ ପୁତ୍ର (ଜୟନ୍ତ) କାକରୂପ ଧାରଣ କରି ସୀତାଙ୍କର ସ୍ତନ ବିଦାରଣ କଲା । ସେଥିରେ ରାମଙ୍କ ଉପଭୋଗ-ଚିହ୍ନ (ନଖ କ୍ଷତ)ର ଦୋଷ ଦର୍ଶାଇବା ସତେ ଯେପରି ଥିଲା ତାର ଅଭିପ୍ରାୟ ! ୨୨

ସୀତାଙ୍କ ଠାରୁ ଏହା ଜାଣି ରାମ ତା' ଉପରକୁ ଏକ କାଇଁଚ ଶର ନିକ୍ଷେପ କଲେ । କାକ ଗୋଟିଏ ଚକ୍ଷୁ ଦେଇ ସେହି ଶରଠାରୁ ମୁକ୍ତିଲାଭ କଲା । ୨୩

ନିକଟରେ ରହିଥିବାରୁ କାଳେ ଭରତ ପୁଣି ଆସିବେ, ଏହି ଆଶଙ୍କାରେ ରାମ ଚିତ୍ରକୂଟ ବନ ପରିତ୍ୟାଗ କଲେ । ସେମାନଙ୍କ ଅଭାବରେ ଉକ୍ତ ବନର ମୃଗମୃଗୀମାନେ ମଧ୍ୟ ଉତ୍କଣ୍ଠା ଅନୁଭବ କଲେ । ୨୪

ସୂର୍ଯ୍ୟ ଯେପରି ବର୍ଷା-ନକ୍ଷତ୍ରମାନଙ୍କ ନିକଟରେ ରହିରହି ଦକ୍ଷିଣ ଦିଗକୁ ଯାତ୍ରା କରନ୍ତି, ରାମଚନ୍ଦ୍ର ସେହିପରି ଅତିଥିପରାୟଣ ଋଷିମାନଙ୍କ ଆଶ୍ରମରେ ରହି ରହି ଦକ୍ଷିଣ ଦିଗକୁ ଯାତ୍ରା କଲେ । ୨୫

ସୀତା ରାମଙ୍କ ପଛେପଛେ ଯାଉଥିଲାବେଳେ ବୋଧ ହେଉଥିଲା— ସତେ ଯେପରି ରାଜଲକ୍ଷ୍ମୀ କୈକେୟୀଙ୍କ ନିଷେଧସତ୍ତ୍ୱେ ତାଙ୍କୁ ଅନୁସରଣ କରି ଚାଲିଛନ୍ତି ! ୨୬

ଅନୁସୂୟା ସୀତାଙ୍କୁ ଏକପ୍ରକାର ପୁଣ୍ୟଗନ୍ଧ ଅଙ୍ଗରାଗ ପ୍ରଦାନ କଲେ । ସୀତା ତାହାକୁ ଦେହରେ ଲଗାନ୍ତେ ବନଭୂମି ମହକି ଉଠିଲା । ଫଳରେ ଭ୍ରମରମାନେ ପୁଷ୍ପ ପରିତ୍ୟାଗ କଲେ । (ଅନୁସୂୟା—ଅତ୍ରି ମୁନିଙ୍କ ପତ୍ନୀ) ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सन्ध्याभ्रकपिशस्तस्य विराधो नाम राक्षसः ।
अतिष्ठन्मार्गमावृत्य रामस्येन्दोरिव ग्रहः ॥२८
ସନ୍ଧ୍ୟାଭ୍ରକପିଶସ୍ତସ୍ୟ ବିରାଧୋ ନାମ ରାକ୍ଷସଃ ।
ଅତିଷ୍ଠନ୍ମାର୍ଗମାବୃତ୍ୟ ରାମସ୍ୟେନ୍ଦୋରିବ ଗ୍ରହଃ ॥୨୮

स जहार तयोर्मध्ये मैथिलीं लोकशोषणः ।
नभोनभस्ययोर्वृष्टिमवग्रह इवान्तरे ॥२९
ସ ଜହାର ତୟୋର୍ମଧ୍ୟେ ମୈଥିଲୀଂ ଲୋକଶୋଷଣଃ ।
ନଭୋନଭସ୍ୟୟୋର୍ବୃଷ୍ଟିମବଗ୍ରହ ଇବାନ୍ତରେ ॥୨୯

तं विनिष्पिष्य काकुत्स्थौ पुरा दूषयति स्थलीम् ।
गन्धेनाशुचिना चेति वसुधायां निचख्नतुः ॥३०
ତଂ ବିନିଷ୍ପିଷ୍ୟ କାକୁତ୍ସ୍ଥୌ ପୁରା ଦୂଷୟତି ସ୍ଥଲୀମ୍ ।
ଗନ୍ଧେନାଶୁଚିନା ଚେତି ବସୁଧାୟାଂ ନିଚଖ୍ନତୁଃ ॥୩୦

पञ्चवट्यां ततो रामः शासनात् कुम्भजन्मनः ।
अनपोढस्थितिस्तस्थौ विन्ध्याद्रिः प्रकृताविव ॥३१
ପଞ୍ଚବଟ୍ୟାଂ ତତୋ ରାମଃ ଶାସନାତ୍ କୁମ୍ଭଜନ୍ମନଃ ।
ଅନପୋଢସ୍ଥିତିସ୍ତସ୍ଥୌ ବିନ୍ଧ୍ୟାଦ୍ରିଃ ପ୍ରକୃତାବିବ ॥୩୧

रावणावरजा तत्र राघवं मदनातुरा ।
अभिपेदे निदाघार्ता व्यालीव मलयद्रुमम् ॥३२
ରାବଣାବରଜା ତତ୍ର ରାଘବଂ ମଦନାତୁରା ।
ଅଭିପେଦେ ନିଦାଘାର୍ତା ବ୍ୟାଲୀବ ମଳୟଦ୍ରୁମମ୍ ॥୩୨

सा सीतासन्निधावेव तं वव्रे कथितान्वया ।
अत्यारूढो हि नारीणामकालज्ञो मनोभवः ॥३३
ସା ସୀତାସନ୍ନିଧାବେବ ତଂ ବବ୍ରେ କଥିତାନ୍ୱୟା ।
ଅତ୍ୟାରୂଢୋ ହି ନାରୀଣାମକାଳଜ୍ଞୋ ମନୋଭବଃ ॥୩୩

कलत्रवानहं भद्रे कनीयांसं भजस्व मे ।
इति रामो वृषस्यन्तीं वृषस्कन्धः शशास ताम् ॥३४
କଳତ୍ରବାନହଂ ଭଦ୍ରେ କନୀୟାଂସଂ ଭଜସ୍ୱ ମେ ।
ଇତି ରାମୋ ବୃଷସ୍ୟନ୍ତୀଂ ବୃଷସ୍କନ୍ଧଃ ଶଶାସ ତାମ୍ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେହି ବନରେ ସନ୍ଧ୍ୟାମେଘ ପରି ପିଙ୍ଗଳବର୍ଣ୍ଣ ବିରାଧ ନାମକ ରାକ୍ଷସ, ରାହୁ ଚନ୍ଦ୍ରଙ୍କ ପଥ ଅବରୋଧ କଲା ପରି ରାମଚନ୍ଦ୍ରଙ୍କର ପଥ ଅବରୋଧ କଲା । ୨୮

ଯେପରି ଅବଗ୍ରହ ଶ୍ରାବଣ ଓ ଭାଦ୍ରମାସର ମଝିରୁ ବର୍ଷାକୁ ହରଣ କରିନିଏ, ଅତ୍ୟାଚାରୀ ବିରାଧ ସେହିପରି ରାମ ଲକ୍ଷ୍ମଣଙ୍କ ମଝିରୁ ସୀତାଙ୍କୁ ଘେନିଗଲା । (ଅବଗ୍ରହ–ବୃଷ୍ଟି ପ୍ରତିବନ୍ଧକ) ୨୯

ରାମ ଲକ୍ଷ୍ମଣ ତାକୁ ନିହତ କଲେ ଏବଂ ତାର ଅପବିତ୍ର ଗନ୍ଧ ବନସ୍ଥଳୀକୁ ଦୂଷିତ କରିଦେବ ବୋଲି ଭାବି ତାକୁ ଭୂମିରେ ପୋତିଦେଲେ । ୩୦

ତାପରେ ବିନ୍ଧ୍ୟପର୍ବତ ଯେପରି ଅଗସ୍ତି ମୁନିଙ୍କ ନିର୍ଦ୍ଦେଶ ମାନି ତାର ପୂର୍ବ ଅବସ୍ଥାରେ ରହିଛି, ରାମଚନ୍ଦ୍ର ସେହିପରି ତାଙ୍କର (ଅଗସ୍ତିଙ୍କର) ନିର୍ଦ୍ଦେଶ ମାନି ପଞ୍ଚବଟୀରେ ବାସ କଲେ । ୩୧

ସେଠାରେ ରାବଣର ସାନ ଭଉଣୀ ଶୂର୍ପଣଖା କାମ-ପୀଡ଼ିତା ହୋଇ ରାମଙ୍କ ନିକଟକୁ ଆସିଲା, ଯେପରି ସର୍ପିଣୀ ଗ୍ରୀଷ୍ମପୀଡ଼ିତା ହୋଇ ଚନ୍ଦନ ବୃକ୍ଷ ନିକଟକୁ ଆସେ । ୩୨

ସମ୍ମୁଖରେ ସୀତା ଥାଉଁ ଥାଉଁ ସେ ନିଜର କୁଳ ପରିଚୟ ଦେଇ ରାମଙ୍କୁ ବରଣ କଲା । କାମ-ପୀଡ଼ା ବେଶି ହେଲେ ନାରୀମାନଙ୍କର ସମୟଜ୍ଞାନ ମଧ୍ୟ ରହେ ନାହିଁ । ୩୩

ପୁରୁଷ ଲୋଡ଼ୁଥିବା ସେହି କାମାତୁରାକୁ ସୁପୁରୁଷ ରାମଚନ୍ଦ୍ର କହିଲେ– "ଗୋ ବାଳା, ମୋର ସ୍ତ୍ରୀ ଅଛି । ତେଣୁ ତୁମେ ମୋର ସାନଭାଇକୁ ବରଣ କର ।" ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ज्येष्ठाभिगमनात् पूर्वं तेनाप्यनभिनन्दिता ।
साऽभूद् रामाश्रया भूयो नदीवोभयकूलभाक् ॥३५
ଜ୍ୟେଷ୍ଠାଭିଗମନାତ୍ ପୂର୍ବଂ ତେନାପ୍ୟନଭିନନ୍ଦିତା ।
ସାଽଭୂଦ୍ ରମାଶ୍ରୟା ଭୂୟୋ ନଦୀବୋଭୟକୂଳଭକ୍ ॥୩୫

संरम्भं मैथिलीहासः क्षणसौम्यां निनाय ताम् ।
निवातस्तिमितां वेलां चन्द्रोदय इवोदधेः ॥३६
ସଂରମ୍ଭଂ ମୈଥିଳୀହାସଃ କ୍ଷଣସୌମ୍ୟାଂ ନିନାୟ ତାମ୍ ।
ନିବାତସ୍ତିମିତାଂ ବେଳାଂ ଚନ୍ଦ୍ରୋଦୟ ଇବୋଦଧେଃ ॥୩୬

फलमस्योपहासस्य सद्यः प्राप्स्यसि पश्य माम् ।
मृग्याः परिभवो व्याघ्र्यामित्यवेहि त्वया कृतम् ॥३७
ଫଳମସ୍ୟୋପହାସସ୍ୟ ସଦ୍ୟଃ ପ୍ରାପ୍ସ୍ୟସି ପଶ୍ୟ ମାମ୍ ।
ମୃଗ୍ୟା ପରିଭବୋ ବ୍ୟାଘ୍ର୍ୟାମିତ୍ୟବେହି ତ୍ୱୟା କୃତମ୍ ॥୩୭

इत्युक्त्वा मैथिलीं भर्तुरङ्के निविशतीं भयात् ।
रूपं शूर्पणखा नाम्नः सदृशं प्रत्यपद्यत ॥३८
ଇତ୍ୟୁକ୍ତ୍ୱା ମୈଥିଳୀଂ ଭର୍ତୁରଙ୍କେ ନିବିଶତୀଂ ଭୟାତ୍ ।
ରୂପଂ ଶୂର୍ପଣଖା ନାମ୍ନଃ ସଦୃଶଂ ପ୍ରତ୍ୟପଦ୍ୟତ ॥୩୮

लक्ष्मणः प्रथमं श्रुत्वा कोकिलामञ्जुवादिनीम् ।
शिवाघोरस्वनां पश्चाद् बुबुधे विकृतेति ताम् ॥३९
ଲକ୍ଷ୍ମଣଃ ପ୍ରଥମଂ ଶ୍ରୁତ୍ୱା କୋକିଳାମଞ୍ଜୁବାଦିନୀମ୍ ।
ଶିବାଘୋରସ୍ୱନାଂ ପଶ୍ଚାଦ୍ ବୁବୁଧେ ବିକୃତେତି ତାମ୍ ॥୩୯

पर्णशालामथ क्षिप्रं विकृष्टासिः प्रविश्य सः ।
वैरूप्यपौनरुक्त्येन भीषणां तामयोजयत् ॥४०
ପର୍ଣ୍ଣଶାଳାମଥ କ୍ଷିପ୍ରଂ ବିକୃଷ୍ଟାସିଃ ପ୍ରବିଶ୍ୟ ସଃ ।
ବୈରୂପ୍ୟପୌନରୁକ୍ତ୍ୟେନ ଭୀଷଣାଂ ତାମୟୋଜୟତ୍ ॥୪୦

सा वक्रनखधारिण्या वेणुकर्कशपर्वया ।
अङ्कुशाकारयाङ्गुल्या तावतर्जयदम्बरे ॥४१
ସା ବକ୍ରନଖଧାରିଣ୍ୟା ବେଣୁକର୍କଶପର୍ବୟା ।
ଅଙ୍କୁଶାକାରୟାଙ୍ଗୁଲ୍ୟା ତାବତର୍ଜ୍ଜୟଦମ୍ବରେ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରଥମେ ବଡ଼ଭାଇଙ୍କ ପାଖକୁ ଯାଇଥିବାରୁ ଲକ୍ଷ୍ମଣ ମଧ୍ୟ ତାକୁ ଗ୍ରହଣ କଲେ ନାହିଁ । ତେଣୁ ସେ ପୁଣି ରାମଙ୍କ ନିକଟକୁ ଆସିଲା । ଏହିପରି ଭାବରେ ସେ ଦୁଇ କୂଳ ମଧ୍ୟରେ ପ୍ରବାହିତା ନଦୀ ଭଳି ଉଭୟଙ୍କ ନିକଟକୁ ଯିବାଆସିବା କଲା । ୩୫

ସମୁଦ୍ରର ଜଳରାଶି ପବନ ଅଭାବରେ ନିସ୍ତରଙ୍ଗ ରହିଥିଲେ ମଧ୍ୟ ଚନ୍ଦ୍ରୋଦୟ ତାହାକୁ ବିକ୍ଷୋଭିତ କରିଦିଏ । ସୀତାଙ୍କର ଉପହାସ ସେହିପରି କ୍ଷଣସୁନ୍ଦରୀ ଶୂର୍ପଣଖାକୁ ବିକ୍ଷୁବ୍ଧ କରିଦେଲା । ୩୬

'ଏହି ଉପହାସର ଫଳ ତୁ ସଙ୍ଗେ ସଙ୍ଗେ ପାଇବୁ । ମତେ ଦେଖ୍, ମୋ ପ୍ରତି ତୋର ଅପମାନ ବାଘୁଣୀ ପ୍ରତି ମୃଗୁଣୀର ଅପମାନ ।' ୩୭

ଏହା କହି ଶୂର୍ପଣଖା ନିଜର ନାମ ସଦୃଶ ରୂପ ଧାରଣ କଲା । ତାହା ଦେଖି ସୀତା ଭୟରେ ସ୍ୱାମୀଙ୍କର କୋଳକୁ ପଶିଗଲେ । ୩୮

ଲକ୍ଷ୍ମଣ ପ୍ରଥମେ ତାକୁ କୋକିଳା ପରି ମଞ୍ଜୁଭାଷିଣୀ ମନେ କରିଥିଲେ । ବର୍ତ୍ତମାନ ଶୃଗାଳୀ ପରି ତାର ରଡ଼ି ଶୁଣି ଜାଣିଲେ ଯେ ସେ ଗୋଟାଏ ମାୟାବିନୀ । ୩୯

ସେ ସହସା ଖଣ୍ଡା ଧରି ପର୍ଣ୍ଣଶାଳା ଭିତରକୁ ପଶିଗଲେ ଏବଂ ତାର ନାକ କାନ କାଟି ଭୟଙ୍କର ବିରୂପ କରିଦେଲେ । ୪୦

ଶୂର୍ପଣଖାର ଅଙ୍ଗୁଳିଗଣ୍ଠି ଥିଲା ଠିକ ବାଉଁଶଗଣ୍ଠି ପରି । ପୁଣି ବଙ୍କା ବଙ୍କା ନଖ ଯୋଗୁ ଅଙ୍ଗୁଳିଗୁଡ଼ାକ ଅଙ୍କୁଶ ଭଳି ଦେଖାଯାଉଥିଲା । ସେ ଆକାଶରେ ରହି ସେହି ଅଙ୍ଗୁଳି ଗୁଡ଼ାକ ଦେଖାଇ ରାମ, ଲକ୍ଷ୍ମଣ, ସୀତାଙ୍କୁ ଧମକାଇବାରେ ଲଗିଲା । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्राप्य चाशु जनस्थानं खरादिभ्यस्तथाविधम् ।
रामोपक्रममाचख्यौ रक्षःपरिभवं नवम् ॥४२
ପ୍ରାପ୍ୟ ଚାଶୁ ଜନସ୍ଥାନଂ ଖରାଦିଭ୍ୟସ୍ତଥାବିଧମ୍ ।
ରାମୋପକ୍ରମମାଚଖ୍ୟୌ ରକ୍ଷଃପରିଭବଂ ନବମ୍ ॥୪୨

मुखावयवलूनां तां नैर्ऋता यत् पुरो दधुः ।
रामाभियायिनां तेषां तदेवाभूदमङ्गलम् ॥४३
ମୁଖାବୟବଲୂନାଂ ତାଂ ନୈର୍ଋତା ଯତ୍ ପୁରୋ ଦଧୁଃ ।
ରାମାଭିଯାୟିନାଂ ତେଷାଂ ତଦେବାଭୂଦମଙ୍ଗଲମ୍ ॥୪୩

उदायुधानापततस्तान् दृप्तान् प्रेक्ष्य राघवः ।
निदधे विजयाशंसां चापे सीतां च लक्ष्मणे ॥४४
ଉଦାୟୁଧାନାପତତସ୍ତାନ୍ ଦୃପ୍ତାନ୍ ପ୍ରେକ୍ଷ୍ୟ ରାଘବଃ ।
ନିଦଧେ ବିଜୟାଶଂସାଂ ଚାପେ ସୀତାଂ ଚ ଲକ୍ଷ୍ମଣେ ॥୪୪

एको दाशरथिः कामं यातुधाना सहस्रशः ।
ते तु यावन्त एवाजौ तावाँश्च ददृशे स तैः ॥४५
ଏକୋ ଦାଶରଥିଃ କାମଂ ଯାତୁଧାନା ସହସ୍ରଶଃ ।
ତେ ତୁ ଯାବନ୍ତ ଏବାଜୌ ତାବାଁଶ୍ଚ ଦଦୃଶେ ସ ତୈଃ ॥୪୫

असज्जनेन काकुत्स्थः प्रयुक्तमथ दूषणम् ।
न चक्षमे शुभाचारः स दूषणमिवात्मनः ॥४६
ଅସଜ୍ଜନେନ କାକୁତ୍ସ୍ଥଃ ପ୍ରଯୁକ୍ତମଥ ଦୂଷଣମ୍ ।
ନ ଚକ୍ଷମେ ଶୁଭାଚାରଃ ସ ଦୂଷଣମିବାତ୍ମନଃ ॥୪୬

तं शरैः प्रतिजग्राह खरत्रिशिरसौ च सः ।
क्रमशस्ते पुनस्तस्य चापात् सममिवोद्ययुः ॥४७
ତଂ ଶରୈଃ ପ୍ରତିଜଗ୍ରାହ ଖରତ୍ରିଶିରସୌ ଚ ସଃ ।
କ୍ରମଶସ୍ତେ ପୁନସ୍ତସ୍ୟ ଚାପାତ୍ ସମମିବୋଦ୍ୟୟୁଃ ॥୪୭

तैस्त्रयाणां शितैर्बाणैर्यथापूर्वविशुद्धिभिः ।
आयुर्देहातिगैः पीतं रुधिरं तु पतत्रिभिः ॥४८
ତୈସ୍ତ୍ରୟାଣାଂ ଶିତୈର୍ବାଣୈର୍ଯଥାପୂର୍ବବିଶୁଦ୍ଧିଭିଃ ।
ଆୟୁର୍ଦେହାତିଗୈଃ ପୀତଂ ରୁଧିରଂ ତୁ ପତତ୍ରିଭିଃ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ସେ ନିଜସ୍ଥାନକୁ ଯାଇ ଖର ପ୍ରଭୃତିଙ୍କ ଆଗରେ ରାମ ଲକ୍ଷ୍ମଣ ତା'ପ୍ରତି କିପରି ବ୍ୟବହାର କଲେ, ସମସ୍ତ ଜଣାଇଲା । ରାକ୍ଷସକୁଳ ପକ୍ଷରେ ଏହା ଥିଲା ପ୍ରଥମ ଅପମାନ । ୪୨

ରକ୍ଷସମାନେ ନାକ କାନ କଟା ହୋଇଥିବା ଶୂର୍ପଣଖାକୁ ଆଗରେ ଚଲାଇ ରାମଙ୍କ ଆଡ଼କୁ ଯେଉଁ ଅଭିଯାନ କଲେ, ତାହା ହିଁ ସେମାନଙ୍କ ପକ୍ଷରେ ଅମଙ୍ଗଳଜନକ ହେଲା । (ଯାତ୍ରାସମୟରେ ଅଙ୍ଗହୀନ ବ୍ୟକ୍ତିକୁ ଦେଖିବା ଅମଙ୍ଗଳଜନକ ।) ୪୩

ରାମଚନ୍ଦ୍ର ଦେଖିଲେ, ରାକ୍ଷସମାନେ ଅସ୍ତ୍ର ଉଞ୍ଚାଇ ଉଦ୍ଧତ ଭବରେ ମାଡ଼ି ଆସୁଛନ୍ତି । ସେ ଲକ୍ଷ୍ମଣଙ୍କୁ ସୀତାଙ୍କ ରକ୍ଷାର ଭର ଦେଇ ନିଜେ ଧନୁ ଧାରଣ କଲେ । ୪୪

ରାମଚନ୍ଦ୍ର ଏକାକୀ, ରାକ୍ଷସମାନେ ହଜାର ହଜାର । କିନ୍ତୁ ସେମାନେ ଯେତିକି ସଂଖ୍ୟାରେ ଥିଲେ, ରାମଙ୍କୁ ସେତିକି ସଂଖ୍ୟାରେ ଦେଖିବାକୁ ପାଇଲେ । ୪୫

ଯେପରି ଦୁର୍ଜନ ଲୋକ ସଦାଚାରୀ ସଜ୍ଜନଙ୍କ ସମ୍ବନ୍ଧରେ ଗର୍ହିତ କର୍ମର ଅଭିଯୋଗ ଆଣିଲେ ଉକ୍ତ ସଜ୍ଜନ ତାହା କଦାପି ସହି ନିଅନ୍ତି ନାହିଁ, ସେହିପରି ରାକ୍ଷସମାନଙ୍କ ଦ୍ୱାରା ପ୍ରେରିତ 'ଦୂଷଣ'କୁ ରାମଚନ୍ଦ୍ର ଆଦୌ ସହ୍ୟ କଲେ-ନାହିଁ । ୪୬

ସେ ଏକ ସମୟରେ ଖର, ଦୂଷଣ ଓ ତ୍ରିଶିରା ସହିତ ଯୁଦ୍ଧ କଲେ । ତାଙ୍କର ଶରଗୁଡ଼ିକ ଧନୁରୁ ବିଭିନ୍ନ ସମୟରେ ବାହାରୁ ଥିଲେ ମଧ୍ୟ ଏକ ସମୟରେ ବାହାରିଲା ପରି ଜଣା ପଡ଼ିଲା । ୪୭

ସେହି ଶରଗୁଡ଼ିକ ଏତେ ଶୀଘ୍ର ତିନି ଅସୁରଙ୍କର ଦେହ ଭେଦ କରି ବାହାରିଗଲା ଯେ ସେଗୁଡ଼ିକର ବିଶୁଦ୍ଧି ପୂର୍ବ ପରି ରହିଲା । (ଶରରେ ଆଦୌ ରକ୍ତ ଲାଗିଲା ନାହିଁ ।) ସେଗୁଡ଼ିକ ହିଁ ପ୍ରଥମେ ରାକ୍ଷସମାନଙ୍କର ପ୍ରାଣ ପାନ କଲେ ; ତା'ପରେ ପକ୍ଷୀମାନେ ସେମାନଙ୍କର ରକ୍ତ ପାନ କଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मिन् रामशरोत्कृत्ते बले महति रक्षसाम् ।
उत्थितं ददृशेऽन्यच्च कबन्धेभ्यो न किंचन ॥४९
ତସ୍ମିନ୍ ରାମଶରୋତ୍କୃତ୍ତେ ବଳେ ମହତି ରକ୍ଷସାମ୍ ।
ଉତ୍ଥିତଂ ଦଦୃଶେଽନ୍ୟଚ୍ଚ କବନ୍ଧେଭ୍ୟୋ ନ କିଂଚନ ॥୪୯

सा बाणवर्षिणं रामं योधयित्वा सुरद्विषाम् ।
अप्रबोधाय सुष्वाप गृध्रच्छाये वरूथिनी ॥५०
ସା ବାଣବର୍ଷିଣଂ ରାମଂ ଯୋଧୟିତ୍ୱା ସୁରଦ୍ୱିଷାମ୍ ।
ଅପ୍ରବୋଧାୟ ସୁଷ୍ୱାପ ଗୃଧ୍ରଛାୟେ ବରୂଥିନୀ ॥୫୦

राघवास्त्रविदीर्णानां रावणं प्रति रक्षसाम् ।
तेषां शूर्पणखैवैका दुष्प्रवृत्तिहराऽभवत् ॥५१
ରାଘବାସ୍ତ୍ରବିଦୀର୍ଣ୍ଣାନାଂ ରାବଣଂ ପ୍ରତି ରକ୍ଷସାମ୍ ।
ତେଷାଂ ଶୂର୍ପଣଖୈବୈକା ଦୁଷ୍ପ୍ରବୃତ୍ତିହରାଽଭବତ୍ ॥୫୧

निग्रहात् स्वसुराप्तानां वधाच्च धनदानुजः ॥
रामेण निहितं मेने पदं दशसु मुर्धसु ॥५२
ନିଗ୍ରହାତ୍ ସ୍ୱସୁରାପ୍ତାନାଂ ବଧାଚ୍ଚ ଧନଦାନୁଜଃ ।
ରାମେଣ ନିହିତଂ ମେନେ ପଦଂ ଦଶସୁ ମୂର୍ଧସୁ ॥୫୨

रक्षसा मृगरूपेण वञ्चयित्वा स राघवौ ।
जहार सीतां पक्षीन्द्रप्रयासक्षणविघ्नितः ॥५३
ରକ୍ଷସା ମୃଗରୂପେଣ ବଞ୍ଚୟିତ୍ୱା ସ ରାଘବୌ ।
ଜହାର ସୀତାଂ ପକ୍ଷୀନ୍ଦ୍ରପ୍ରୟାସକ୍ଷଣବିଘ୍ନିତଃ ॥୫୩

तौ सीतान्वेषिणौ गृध्रं लूनपक्षमपश्यताम् ।
प्राणैर्दशरथप्रीतेरनृणं कण्ठवर्तिभिः ॥५४
ତୌ ସୀତାନ୍ୱେଷିଣୌ ଗୃଧ୍ରଂ ଲୂନପକ୍ଷମପଶ୍ୟତାମ୍ ।
ପ୍ରାଣୈର୍ଦଶରଥପ୍ରୀତେରନୃଣଂ କଣ୍ଠବର୍ତ୍ତିଭିଃ ॥୫୪

स रावणहृतां ताभ्यां वचसाचष्ट मैथिलीम् ।
आत्मनः सुमहत् कर्म व्रणैरावेद्य संस्थितः ॥५५
ସ ରାବଣହୃତାଂ ତାଭ୍ୟାଂ ବଚସାଚଷ୍ଟ ମୈଥିଳୀମ୍ ।
ଆତ୍ମନଃ ସୁମହତ୍ କର୍ମ ବ୍ରଣୈରାବେଦ୍ୟ ସଂସ୍ଥିତଃ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମଙ୍କ ଶରରେ ବିରାଟ ରାକ୍ଷସବାହିନୀର ସମସ୍ତ ମୁଣ୍ଡ ଛିନ୍ନ ହେଲା । ଖାଲି ଉପରକୁ ଡେଉଁଥିବା କବନ୍ଧଗୁଡ଼ାକ ଦେଖାଗଲେ । ତା'ଛଡ଼ା ଆଉ କିଛି ଦେଖିବାକୁ ମିଳିଲା ନାହିଁ । (କବନ୍ଧ—ମୁଣ୍ଡହୀନ ଗଣ୍ଡି) ୪୯

ରାକ୍ଷସବାହିନୀ ରାମଙ୍କୁ ଯୁଦ୍ଧରେ ଶର ବର୍ଷା କରିବାକୁ ବାଧ୍ୟ କରି ଚିରଦିନ ପାଇଁ ଗୃଧ୍ରମାନଙ୍କ ପକ୍ଷଛାୟାରେ ଶୋଇଗଲେ । ୫୦

ରାମଙ୍କ ଅସ୍ତ୍ରରେ ସମସ୍ତ ରାକ୍ଷସ ନିହତ ହେଲେ । କିନ୍ତୁ ଏକମାତ୍ର ଶୂର୍ପଣଖା ସେମାନଙ୍କର ମୃତ୍ୟୁ ସମ୍ବାଦ ରାବଣ ନିକଟରେ ପହଞ୍ଚାଇବାକୁ ବର୍ତ୍ତିଗଲା । ୫୧

ଭଉଣୀର ଅଙ୍ଗହାନି ଏବଂ ପ୍ରିୟ ବନ୍ଧୁମାନଙ୍କର ବଧବୃତ୍ତାନ୍ତ ଶୁଣି ରାବଣ ମନେ କଲା—'ରାମ ମୋ ଦଶ ମୁଣ୍ଡ ଉପରେ ପାଦ ଦେଇଛି ।' ୫୨

ମାରୀଚକୁ ମାୟାମୃଗ ରୂପରେ ପଠାଇ ସେ ରାମ ଲକ୍ଷ୍ମଣଙ୍କୁ ପ୍ରତାରିତ କଲା ଏବଂ ସୀତାଙ୍କୁ ହରଣ କରିନେଲା । ବାଟରେ ଜଟାୟୁର ପ୍ରୟାସ କ୍ଷଣକ-ପାଇଁ ତାହାର ବିଘ୍ନ ସୃଷ୍ଟି କଲା । ୫୩

ରାମ ଲକ୍ଷ୍ମଣ ସୀତାଙ୍କୁ ଅନ୍ୱେଷଣ କରୁଁ କରୁଁ ଛିନ୍ନପକ୍ଷ ଜଟାୟୁକୁ ଦେଖିଲେ । ସେତେବେଳକୁ ତାହାର ପ୍ରାଣ କଣ୍ଠ ପର୍ଯ୍ୟନ୍ତ ଆସିଯାଇଥିଲା । କିନ୍ତୁ ଯାହାହେଉ, ସେ ବନ୍ଧୁ ଦଶରଥଙ୍କ ଋଣରୁ ମୁକ୍ତ ହୋଇଗଲା । ୫୪

'ରାବଣ ସୀତାଙ୍କୁ ହରଣ କରି ନେଇଛି', ଏତିକି ମାତ୍ର କହି ସେ ଶେଷନିଃଶ୍ୱାସ ତ୍ୟାଗ କଲା । ସେ ନିଜେ ଯେଉଁ ସୁମହତ୍ କର୍ମ କରିଥିଲା, ତାହା ଜଣାଇଲେ ତାର ଦେହର କ୍ଷତସ୍ଥାନଗୁଡ଼ିକ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तयोस्तस्मिन्नवीभूतपितृव्यापत्तिशोकयोः ।
पितरीवाग्निसंस्कारात् परा ववृतिरे क्रियाः ॥५६
ତୟୋସ୍ତସ୍ମିନ୍ନବୀଭୂତପିତୃବ୍ୟାପତ୍ତିଶୋକୟୋଃ ।
ପିତରୀବାଗ୍ନିସଂସ୍କାରାତ୍ ପରା ବବୃତିରେ କ୍ରିୟାଃ ॥୫୬

वधनिर्धूतशापस्य कबन्धस्योपदेशतः ।
मुमूर्च्छ सख्यं रामस्य समानव्यसने हरौ ॥५७
ବଧନିର୍ଧୂତଶାପସ୍ୟ କବନ୍ଧସ୍ୟୋପଦେଶତଃ ।
ମୁମୂର୍ଚ୍ଛ ସଖ୍ୟଂ ରାମସ୍ୟ ସମାନବ୍ୟସନେ ହରୌ ॥୫୭

स हत्वा वालिनं वीरस्तत्पदे चिरकाङ्‌क्षिते ।
धातोः स्थान इवादेशं सुग्रीवं संन्यवेशयत् ॥५८
ସ ହତ୍ୱା ବାଲିନଂ ବୀରସ୍ତତ୍ପଦେ ଚିରକାଙ୍‌କ୍ଷିତେ ।
ଧାତୋଃ ସ୍ଥାନ ଇବାଦେଶଂ ସୁଗ୍ରୀବଂ ସଂନ୍ୟବେଶୟତ୍ ॥୫୮

इतस्ततश्च वैदेहीमन्वेष्टुं भर्तृचोदिताः ।
कपयश्चेरुरार्तस्य रामस्येव मनोरथाः ॥५९
ଇତସ୍ତତଶ୍ଚ ବୈଦେହୀମନ୍ୱେଷ୍ଟୁଂ ଭର୍ତୃଚୋଦିତାଃ ।
କପୟଶ୍ଚେରୁରାର୍ତସ୍ୟ ରାମସ୍ୟେବ ମନୋରଥାଃ ॥୫୯

प्रवृत्तावुपलब्धायां तस्याः संपातिदर्शनात् ।
मारुतिः सागरं तीर्णः संसारमिव निर्ममः ॥६०
ପ୍ରବୃତ୍ତାବୁପଲବ୍ଧାୟାଂ ତସ୍ୟାଃ ସମ୍ପାତିଦର୍ଶନାତ୍ ।
ମାରୁତିଃ ସାଗରଂ ତୀର୍ଣ୍ଣଃ ସଂସାରମିବ ନିର୍ମମଃ ॥୬୦

दृष्टा विचिन्वता तेन लङ्कायां राक्षसीवृता ।
जानकी विषवल्लीभिः परीतेव महौषधिः ॥६१
ଦୃଷ୍ଟା ବିଚିନ୍ୱତା ତେନ ଲଙ୍କାୟାଂ ରାକ୍ଷସୀବୃତା ।
ଜାନକୀ ବିଷବଲ୍ଲୀଭିଃ ପରୀତେବ ମହୌଷଧିଃ ॥୬୧

तस्यै भर्तुरभिज्ञानमङ्‌गुलीयं ददौ कपिः ।
प्रत्युद्‌गतमिवानुष्णैस्तदानन्दाश्रुबिन्दुभिः ॥६२
ତସ୍ୟୈ ଭର୍ତୁରଭିଜ୍ଞାନମଙ୍ଗୁଳୀୟଂ ଦଦୌ କପିଃ ।
ପ୍ରତ୍ୟୁଦ୍‌ଗତମିବାନୁଷ୍ଣୈସ୍ତଦାନନ୍ଦାଶ୍ରୁବିନ୍ଦୁଭିଃ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମ ଲକ୍ଷ୍ମଣ ନିଜ ପିତାଙ୍କ ମୃତ୍ୟୁ ଖବର ଶୁଣି ଯେପରି ଶୋକାଭିଭୂତ ହୋଇଥିଲେ, ଜଟାୟୁର ମୃତ୍ୟୁରେ ସେହିପରି ଶୋକାଭିଭୂତ ହେଲେ । ତା'ପରେ ପୁତ୍ର ଯେଉଁ ବିଧିରେ ପିତାଙ୍କର ଅଗ୍ନି ସଂସ୍କାର କରେ, ସେ ଦୁହେଁ ସେହିପରି ତାର ଅଗ୍ନି ସଂସ୍କାର କଲେ । ୫୬

କବନ୍ଧ ନାମକ ଅସୁର ରାମଚନ୍ଦ୍ରଙ୍କ ଦ୍ୱାରା ନିହତ ହୋଇ ଶାପମୁକ୍ତ ହେଲା । ତାହାର ଉପଦେଶ ଅନୁସାରେ ସେ ସୁଗ୍ରୀବଙ୍କ ସହିତ ବନ୍ଧୁତା ସ୍ଥାପନ କଲେ । ସୁଗ୍ରୀବ ତାଙ୍କରି ଭଳି ଦୁଃଖଭୋଗ କରୁଥିଲେ । ୫୭

ଯେପରି ଧାତୁସ୍ଥାନରେ ଆଦେଶକୁ ରଖାଯାଏ, ରାମଚନ୍ଦ୍ର ସେହିପରି ବାଲୀକୁ ନିହତ କରି ତା ସ୍ଥାନରେ ସୁଗ୍ରୀବକୁ ପ୍ରତିଷ୍ଠିତ କଲେ । (କେତେକ ଧାତୁ ସ୍ଥଳବିଶେଷରେ ସ୍ୱତନ୍ତ୍ର ରୂପ ଧାରଣ କରନ୍ତି । ସେହି ସେହି ସ୍ୱତନ୍ତ୍ର ରୂପକୁ 'ଆଦେଶ' କହନ୍ତି । ଯଥା—'ଅସ୍' ଧାତୁସ୍ଥାନରେ 'ଭୂ', 'ପା' ସ୍ଥାନରେ 'ପିବ୍' ଇତ୍ୟାଦି । ସେହିପରି 'ହନ୍' ଧାତୁରୁ 'ଅ' ପ୍ରତ୍ୟୟ କଲେ 'ଘାତ' ହୁଏ । ଏଠାରେ 'ହନ୍' ସ୍ଥାନରେ 'ଘତ୍' ଆଦେଶ ହୋଇଛି ।) ୫୮

ବାନରମାନେ ସୀତାଙ୍କୁ ଅନ୍ୱେଷଣ କରିବା ପାଇଁ ସୁଗ୍ରୀବଙ୍କ ଦ୍ୱାରା ପ୍ରେରିତ ହେଲେ ଏବଂ ରାମଚନ୍ଦ୍ରଙ୍କ ମନୋରଥ ଭଳି ଏଣେ ତେଣେ ଭ୍ରମଣ କରିବାରେ ଲାଗିଲେ । ୫୯

ସଂପାତି ଦେଖା ହୁଅନ୍ତେ ସେମାନେ ତା'ଠାରୁ ସୀତାଙ୍କ ବୃତ୍ତାନ୍ତ ଜାଣିଲେ । ତା'ପରେ ନିର୍ମୋହ ବ୍ୟକ୍ତି ସଂସାର ବନ୍ଧନ ପାର ହୋଇଗଲା ପରି ହନୁମାନ୍ ସମୁଦ୍ରକୁ ପାର ହୋଇଗଲେ । (ସଂପାତି—ଜଟାୟୁର ବଡ଼ଭାଇ) ୬୦

ହନୁମାନ୍ ଲଙ୍କାରେ ସୀତାଙ୍କୁ ବହୁତ ଖୋଜିଲେ ଏବଂ ଶେଷରେ ଦେଖିଲେ, ମହୌଷଧିଲତାଟିଏ ବିଷଲତାମାନଙ୍କ ଦ୍ୱାରା ଯେପରି ବେଷ୍ଟିତା ହୋଇଥାଏ, ସେହିପରି ସୀତା ରାକ୍ଷସୀମାନଙ୍କ ମଧ୍ୟରେ ବନ୍ଦିନୀ । ୬୧

ହନୁମାନ୍ ତାଙ୍କୁ ରାମଚନ୍ଦ୍ରଙ୍କର ଚିହ୍ନ ସ୍ୱରୂପ ମୁଦ୍ରିକା ପ୍ରଦାନ କଲେ । ସୀତାଙ୍କ ଚକ୍ଷୁରୁ ଶୀତଳ ଆନନ୍ଦାଶ୍ରୁ ନିର୍ଗତ ହୋଇ ସତେ ଯେପରି ମୁଦ୍ରିକାଟିକୁ ପାଛୋଟି ନେଲା ! ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निर्वाप्य प्रियसंदेशैः सीतामक्षवधोद्धतः ।
स ददाह पुरीं लङ्कां क्षणसोढारिनिग्रहः ॥६३
ନିର୍ବାପ୍ୟ ପ୍ରିୟସଂଦେଶୈଃ ସୀତାମକ୍ଷବଧୋଦ୍ଧତଃ ।
ସ ଦଦାହ ପୁରୀଂ ଲଙ୍କାଂ କ୍ଷଣସୋଢାରିନିଗ୍ରହଃ ॥୬୩

प्रत्यभिज्ञानरत्नं च रामायादर्शयत् कृती ।
हृदयं स्वयमायातं वैदेह्या इव मूर्तिमत् ॥६४
ପ୍ରତ୍ୟଭିଜ୍ଞାନରତ୍ନଂ ଚ ରାମାୟାଦର୍ଶୟତ୍ କୃତୀ ।
ହୃଦୟଂ ସ୍ୱୟମାୟାତଂ ବୈଦେହ୍ୟା ଇବ ମୂର୍ତ୍ତିମତ୍ ॥୬୪

स प्राप हृदयन्यस्तमणिस्पर्शनिमीलितः ।
अपयोधरसंसर्गां प्रियालिङ्गननिर्वृतिम् ॥६५
ସ ପ୍ରାପ ହୃଦୟନ୍ୟସ୍ତମଣିସ୍ପର୍ଶନିମୀଳିତଃ ।
ଅପୟୋଧରସଂସର୍ଗାଂ ପ୍ରିୟାଲିଙ୍ଗନନିର୍ବୃତିମ୍ ॥୬୫

श्रुत्वा रामः प्रियोदन्तं मेने तत्सङ्गमोत्सुकः ।
महार्णवपरिक्षेपं लङ्कायाः परिखालघुम् ॥६६
ଶ୍ରୁତ୍ୱା ରାମଃ ପ୍ରିୟୋଦନ୍ତଂ ମେନେ ତତ୍ସଙ୍ଗମୋତ୍ସୁକଃ ।
ମହାର୍ଣ୍ଣବପରିକ୍ଷେପଂ ଲଙ୍କାୟାଃ ପରିଖାଲଘୁମ୍ ॥୬୬

स प्रतस्थेऽरिनाशाय हरिसैन्यैरनुद्रुतः ।
न केवलं भुवः पृष्ठे व्योम्नि संबाधवर्त्मभिः ॥६७
ସ ପ୍ରତସ୍ଥେଽରିନାଶାୟ ହରିସୈନ୍ୟୈରନୁଦ୍ରୁତଃ ।
ନ କେବଳଂ ଭୁବଃ ପୃଷ୍ଠେ ବ୍ୟୋମ୍ନି ସମ୍ବାଧବର୍ତ୍ମଭିଃ ॥୬୭

निविष्टमुदधेः कूले तं प्रपेदे विभीषणः ।
स्नेहाद् राक्षसलक्ष्म्येव बुद्धिमादिश्य चोदितः ॥६८
ନିବିଷ୍ଟମୁଦଧେଃ କୂଳେ ତଂ ପ୍ରପେଦେ ବିଭୀଷଣଃ ।
ସ୍ନେହାଦ୍ ରାକ୍ଷସଲକ୍ଷ୍ମ୍ୟେବ ବୁଦ୍ଧିମାଦିଶ୍ୟ ଚୋଦିତଃ ॥୬୮

तस्मै निशाचरैश्वर्यं प्रतिशुश्राव राघवः ।
काले खलु समारब्धाः फलं बध्नन्ति नीतयः ॥६९
ତସ୍ମୈ ନିଶାଚରୈଶ୍ୱର୍ଯ୍ୟଂ ପ୍ରତିଶୁଶ୍ରାବ ରାଘବଃ ।
କାଲେ ଖଲୁ ସମାରବ୍ଧାଃ ଫଳଂ ବଧ୍ନନ୍ତି ନୀତୟଃ ॥୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହନୁମାନ୍ ରାମଚନ୍ଦ୍ରଙ୍କର ବାର୍ତ୍ତା ଦେଇ ସୀତାଙ୍କର ଦୁଃଖ ଦୂର କଲେ । ତାପରେ 'ଅକ୍ଷ' ରାକ୍ଷସକୁ ନିହତ କରି କ୍ଷଣେପାଇଁ ଇନ୍ଦ୍ରଜିତ୍‌ର ବନ୍ଧନ ସହ୍ୟ କଲେ ଏବଂ ତା'ପରେ ଲଙ୍କାପୁରୀ ଦହନ କଲେ । (ଅକ୍ଷ– ରାବଣର ଏକ ପୁତ୍ର) ୬୩

ହନୁମାନ୍ ସଫଳକାମ ହୋଇ ଫେରିଆସି ରାମଚନ୍ଦ୍ରଙ୍କୁ ସୀତାଙ୍କର ଚିହ୍ନ ସ୍ୱରୂପ ମଥାମଣି ଅର୍ପଣ କଲେ । ରାମଚନ୍ଦ୍ର ସେହି ମଥାମଣିକୁ ସୀତାଙ୍କର ମୂର୍ତ୍ତିମନ୍ତ ହୃଦୟ ବୋଲି ମନେ କଲେ । ୬୪

ରାମଚନ୍ଦ୍ର ପ୍ରିୟାଙ୍କୁ ଆଲିଙ୍ଗନ କରି ଯେଉଁ ସୁଖ ପାଉଥିଲେ, ମୁଦ୍ରିକାକୁ ବକ୍ଷ ଉପରେ ଧରି, ଚକ୍ଷୁ ମୁଦ୍ରିତ କରି ସେହି ସୁଖ ଅନୁଭବ କଲେ, ଯଦ୍ୟପି ମୁଦ୍ରିକା-ଧାରଣ-ସୁଖରେ ପ୍ରିୟାର ପୟୋଧର ସମ୍ପର୍କ ନ ଥିଲା । ୬୫

ସେ ପ୍ରିୟାର ସମ୍ବାଦ ପାଇ ତାଙ୍କୁ ପାଇବା ପାଇଁ ଏପରି ଉତ୍ସୁକ ହୋଇ ଉଠିଲେ ଯେ ଲଙ୍କା ଚାରିପାଖରେ ଥିବା ସମୁଦ୍ରକୁ ସାମାନ୍ୟ ପରିଖା ପରି ମନେ କଲେ । ୬୬

ଶତ୍ରୁମାନଙ୍କୁ ବିନାଶ କରିବାପାଇଁ ସେ ବାନରସୈନ୍ୟ ଘେନି ଅଭିଯାନ ଆରମ୍ଭ କଲେ । ବାନରସୈନ୍ୟମାନେ କେବଳ ଭୂପୃଷ୍ଠକୁ ନୁହେଁ, ଆକାଶ-ମାର୍ଗକୁ ମଧ୍ୟ ପୂର୍ଣ୍ଣ କରି ଚାଲିଲେ । ୬୭

ରାମଚନ୍ଦ୍ର ସମୁଦ୍ର କୂଳରେ ଥିଲାବେଳେ ବିଭୀଷଣ ତାହାଙ୍କ ନିକଟରେ ଶରଣ ପଶିଲେ । ସତେ ଯେପରି ରାଜଲକ୍ଷ୍ମୀ ସ୍ନେହବଶତଃ ତାଙ୍କ ବୁଦ୍ଧି ଭିତରେ ପ୍ରବେଶ କରି ତାଙ୍କୁ ସେପରି କରିବାକୁ ପ୍ରେରଣା ଦେଇଥିଲେ ! ୬୮

ରାମଚନ୍ଦ୍ର ତାଙ୍କୁ ରାକ୍ଷସମାନଙ୍କର ରାଜା କରିବା ପାଇଁ ପ୍ରତିଶ୍ରୁତି ଦେଲେ । ନୀତି ଉପଯୁକ୍ତ ସମୟରେ ପ୍ରୟୋଗ କରାହେଲେ ନିଶ୍ଚୟ ଫଳ ପ୍ରସବ କରେ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स सेतुं बन्धयामास प्लवगैर्लवणाम्भसि ।
रसातलादिवोन्मग्नं शेषं स्वप्नाय शार्ङ्गिणः ।।७०
ସ ସେତୁଂ ବନ୍ଧୟାମାସ ପ୍ଲବଗୈର୍ଲବଣାମ୍ଭସି ।
ରସାତଳାଦିବୋନ୍ମଗ୍ନଂ ଶେଷଂ ସ୍ୱପ୍ନାୟ ଶାର୍ଙ୍ଗିଣଃ ।।୭୦

तेनोत्तीर्य पथा लङ्कां रोधयामास पिङ्गलैः ।
द्वितीयं हेमप्राकारं कुर्वद्भिरिव वानरैः ।।७१
ତେନୋତ୍ତୀର୍ଯ୍ୟ ପଥା ଲଙ୍କାଂ ରୋଧୟାମାସ ପିଙ୍ଗଳୈଃ ।
ଦ୍ୱିତୀୟଂ ହେମପ୍ରାକାରଂ କୁର୍ବଦ୍ଭିରିବ ବାନରୈଃ ।।୭୧

रणः प्रववृते तत्र भीमः प्लवगरक्षसाम् ।
दिग्विजृम्भितकाकुत्स्थपौलस्त्यजयघोषणः ।।७२
ରଣଃ ପ୍ରବବୃତେ ତତ୍ର ଭୀମଃ ପ୍ଲବଗରକ୍ଷସାମ୍ ।
ଦିଗ୍ବିଜୃମ୍ଭିତକାକୁତ୍ସ୍ଥପୌଲସ୍ତ୍ୟଜୟଘୋଷଣଃ ।।୭୨

पादपाविद्धपरिघः शिलानिष्पिष्टमुद्गरः ।
अतिशस्त्रनखन्यासः शैलरुग्णमतङ्गजः ।।७३
ପାଦପାବିଦ୍ଧପରିଘଃ ଶିଳାନିଷ୍ପିଷ୍ଟମୁଦ୍ଗରଃ ।
ଅତିଶସ୍ତ୍ରନଖନ୍ୟାସଃ ଶୈଳରୁଗ୍ଣମତଙ୍ଗଜଃ ।।୭୩

अथ रामशिरश्छेददर्शनोद्भ्रान्तचेतनाम् ।
सीतां मायेति शंसन्ती त्रिजटा समजीवयत् ।।७४
ଅଥ ରାମଶିରଶ୍ଛେଦଦର୍ଶନୋଦ୍ଭ୍ରାନ୍ତଚେତନାମ୍ ।
ସୀତାଂ ମାୟେତି ଶଂସନ୍ତୀ ତ୍ରିଜଟା ସମଜୀବୟତ୍ ।।୭୪

कामं जीवति मे नाथ इति सा विजहौ शुचम् ।
प्राङ् मत्वा सत्यमस्यान्तं जीवितास्मीति लज्जिता ।।७५
କାମଂ ଜୀବତି ମେ ନାଥ ଇତି ସା ବିଜହୌ ଶୁଚମ୍ ।
ପ୍ରାଙ୍ ମତ୍ୱା ସତ୍ୟମସ୍ୟାନ୍ତଂ ଜୀବିତାସ୍ମୀତି ଲଜ୍ଜିତା ।।୭୫

गरुडापातविश्लिष्टमेघनादास्त्रबन्धनः ।
दाशरथ्योः क्षणक्लेशः स्वप्नवृत्त इवाभवत् ।।७६
ଗରୁଡାପାତବିଶ୍ଲିଷ୍ଟମେଘନାଦାସ୍ତ୍ରବନ୍ଧନଃ ।
ଦାଶରଥ୍ୟୋଃ କ୍ଷଣକ୍ଲେଶଃ ସ୍ୱପ୍ନବୃତ୍ତ ଇବାଭବତ୍ ।।୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମଚନ୍ଦ୍ର ବାନରମାନଙ୍କଦ୍ୱାରା ସମୁଦ୍ରରେ ସେତୁ ନିର୍ମାଣ କରାଇଲେ । ତାହାକୁ ଦେଖିଲେ ମନେହେଲା–ସତେ ଯେପରି ବିଷ୍ଣୁଙ୍କ ଶୟନ ନିମନ୍ତେ ଶେଷନାଗ ପାତାଳପୁରରୁ ଉପରକୁ ଉଠିଆସିଛି ! ୭୦

ସେତୁରେ ସମୁଦ୍ର ଅତିକ୍ରମ କରି ସେ ବାନରମାନଙ୍କ ଦ୍ୱାରା ଲଙ୍କା-ନଗରୀକୁ ଅବରୋଧ କଲେ । ପିଙ୍ଗଳବର୍ଣ୍ଣ ବାନରମାନେ ଲଙ୍କା ଚାରିପାଖରେ ସୁବର୍ଣ୍ଣ ପାଚେରୀ ଭଳି ଦେଖାଗଲେ । ୭୧

ବାନରସେନା ଓ ରାକ୍ଷସସେନାଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ଆରମ୍ଭ ହେଲା । ଉଭୟ ପକ୍ଷର ସୈନ୍ୟମାନେ ଯେଉଁ ଜୟ ଧ୍ୱନି କଲେ, ତାହା ଦିଗ-ଦିଗନ୍ତ କମ୍ପାଇଦେଲା । ୭୨

ବାନରମାନେ ଗଛ ଫିଙ୍ଗି ରାକ୍ଷସମାନଙ୍କର ଗଦାକୁ ଭାଙ୍ଗିଲେ, ଶିଳା ଫିଙ୍ଗି ମୁଦ୍‌ଗର ଚୂର୍ଣ୍ଣ କଲେ, ପାହାଡ଼ ଫିଙ୍ଗି ହାତୀମାନଙ୍କୁ ଧ୍ୱଂସ କଲେ । ବାନରମାନଙ୍କର ନଖ ରାକ୍ଷସମାନଙ୍କର ଅସ୍ତ୍ରଶସ୍ତ୍ରକୁ ବଳିଗଲା । ୭୩

ତା'ପରେ ରାବଣ ରାମଙ୍କର ଶିରଚ୍ଛେଦ କରି ଦେଖାଇବାରୁ ସୀତା ତାହାକୁ ସତ୍ୟ ମଣି ଚେତନା ହରାଇଲେ । କିନ୍ତୁ ତ୍ରିଜଟା ତାହା ମାୟା ବୋଲି କହି ସୀତାଙ୍କୁ ଧୈର୍ଯ୍ୟ ପ୍ରଦାନ କଲା । ୭୪

'ଯାହାହେଉ, ମୋର ସ୍ୱାମୀ ଜୀବିତ ଅଛନ୍ତି' ଏହା ଭାବି ସୀତା ଶୋକତ୍ୟାଗ କଲେ । କିନ୍ତୁ 'ମୁଁ ଯେତେବେଳେ ମାୟାକୁ ସତ୍ୟ ମନେ କରି-ଥିଲି, ସେତେବେଳେ ମୋର ପ୍ରାଣ ଗଲା ନାହିଁ !' ଏହାଭାବି ସେ ଲଜ୍ଜିତା ହେଲେ । ୭୫

ଇନ୍ଦ୍ରଜିତ୍‌ର ନାଗଫାଶରେ ରାମଲକ୍ଷ୍ମଣ ଆବଦ୍ଧ ହୋଇଗଲେ । କିନ୍ତୁ ଗରୁଡ଼ଙ୍କର ଆଗମନ ଫଳରେ ଉକ୍ତ ବନ୍ଧନ ଖୋଲିଗଲା । ନାଗବନ୍ଧନ ସେମାନଙ୍କୁ ସ୍ୱପ୍ନ ବୃତ୍ତାନ୍ତ ବୋଲି ଜଣାପଡ଼ିଲା ମାତ୍ର । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततो बिभेद पौलस्त्यः शक्त्या वक्षसि लक्ष्मणम् ।
रामस्त्वनाहतोऽप्यासीद् विदीर्णहृदयः शुचा ।।७७
ତତୋ ବିଭେଦ ପୌଲସ୍ତ୍ୟଃ ଶକ୍ତ୍ୟା ବକ୍ଷସି ଲକ୍ଷ୍ମଣମ୍ ।
ରାମସ୍ତ୍ୱନାହତୋଽପ୍ୟାସୀଦ୍ ବିଦୀର୍ଣ୍ଣହୃଦୟଃ ଶୁଚା ।।୭୭

स मारुतिसमानीतमहौषधिहृतव्यथः ।
लङ्कास्त्रीणां पुनश्चक्रे विलापाचार्यकं शरैः ।।७८
ସ ମାରୁତିସମାନୀତମହୌଷଧିହୃତବ୍ୟଥଃ ।
ଲଙ୍କାସ୍ତ୍ରୀଣାଂ ପୁନଶ୍ଚକ୍ରେ ବିଲାପାଚାର୍ଯ୍ୟକଂ ଶରୈଃ ।।୭୮

स नादं मेघनादस्य धनुश्चेन्द्रायुधप्रभम् ।
मेघस्येव शरत्कालो न किञ्चित् पर्यशेषयत् ।।७९
ସ ନାଦଂ ମେଘନାଦସ୍ୟ ଧନୁଶ୍ଚେନ୍ଦ୍ରାୟୁଧପ୍ରଭମ୍ ।
ମେଘସ୍ୟେବ ଶରତ୍କାଲୋ ନ କିଂଚିତ୍ ପର୍ଯ୍ୟଶେଷୟତ୍ ।।୭୯

कुम्भकर्णः कपीन्द्रेण तुल्यावस्थः स्वसुः कृतः ।
रुरोध रामं शृङ्गीव टङ्कच्छिन्नमनःशिलः ।।८०
କୁମ୍ଭକର୍ଣ୍ଣଃ କପୀନ୍ଦ୍ରେଣ ତୁଲ୍ୟାବସ୍ଥଃ ସ୍ୱସୁଃ କୃତଃ ।
ରୁରୋଧ ରାମଂ ଶୃଙ୍ଗୀବ ଟଙ୍କଚ୍ଛିନ୍ନମନଃଶିଳଃ ।।୮୦

अकाले बोधितो भ्रात्रा प्रियस्वप्नो वृथा भवान् ।
रामेषुभिरितीवासौ दीर्घनिद्रां प्रवेशितः ।।८१
ଅକାଲେ ବୋଧିତୋ ଭ୍ରାତ୍ରା ପ୍ରିୟସ୍ୱପ୍ନୋ ବୃଥା ଭବାନ୍ ।
ରାମେଷୁଭିରିତୀବାସୌ ଦୀର୍ଘନିଦ୍ରାଂ ପ୍ରବେଶିତଃ ।।୮୧

इतराण्यपि रक्षांसि पेतुर्वानरकोटिषु ।
रजांसि समरोत्थानि तच्छोणितनदीष्विव ।।८२
ଇତରାଣ୍ୟପି ରକ୍ଷାଂସି ପେତୁର୍ବାନରକୋଟିଷୁ ।
ରଜାଂସି ସମରୋତ୍ଥାନି ତଚ୍ଛୋଣିତନଦୀଷ୍ୱିବ ।।୮୨

निर्ययावथ पौलस्त्यः पुनर्युद्धाय मन्दिरात् ।
अरावणमराम वा जगदद्येति निश्चितः ।।८३
ନିର୍ଯ୍ୟାବଥ ପୌଲସ୍ତ୍ୟଃ ପୁନର୍ଯୁଦ୍ଧାୟ ମନ୍ଦିରାତ୍ ।
ଅରାବଣମରାମଂ ବା ଜଗଦଦ୍ୟେତି ନିଶ୍ଚିତଃ ।।୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାପରେ ରାବଣର ଶକ୍ତି ଅସ୍ତ୍ର ଲକ୍ଷ୍ମଣଙ୍କର ବକ୍ଷ ବିଦ୍ଧ କଲା । ରାମ ସିନା ଆହତ ହୋଇ ନ ଥିଲେ, କିନ୍ତୁ ଶୋକ ତାଙ୍କର ହୃଦୟ ବିଦ୍ଧ କଲା । ୭୭

ହନୁମାନ୍‌ଙ୍କ ଦ୍ୱାରା ଆନୀତ ମହୌଷଧି ଲକ୍ଷ୍ମଣଙ୍କର ପୀଡ଼ା ଦୂର କଲା । ତା'ପରେ ସେ (ଲକ୍ଷ୍ମଣ)ଶର ସାହାଯ୍ୟରେ ଲଙ୍କାପୁରୀର ସ୍ତ୍ରୀମାନଙ୍କୁ ବିଳାପ ଶିଖାଇ ଦେଲେ । ୭୮

ଶରତ୍‌କାଳ ଯେପରି ମେଘର ନାଦକୁ ଏବଂ ଇନ୍ଦ୍ରଧନୁକୁ ନିଶ୍ଚିହ୍ନ କରେ, ସେହିପରି ଲକ୍ଷ୍ମଣ ମେଘନାଦ (ଇନ୍ଦ୍ରଜିତ୍)କୁ ଏବଂ ତାର ଧନୁକୁ ନିଶ୍ଚିହ୍ନ କଲେ । ୭୯

ସୁଗ୍ରୀବଙ୍କ ଦ୍ୱାରା କୁମ୍ଭକର୍ଣ୍ଣର ଅବସ୍ଥା ଠିକ୍ ତା ଭଉଣୀ ଶୂର୍ପଣଖାର ଅବସ୍ଥା ପରି ହେଲା । ଯେଉଁ ପର୍ବତରୁ 'ଟଙ୍କ' ଅସ୍ତ୍ର ସାହାଯ୍ୟରେ ଲାଲ ପଥର ଖୋଳାଯାଇଥାଏ , କୁମ୍ଭକର୍ଣ୍ଣ ସେହି ପର୍ବତ ପରି ଦେଖାଗଲା ; ତଥାପି ସେ ରାମଙ୍କୁ ଆକ୍ରମଣ କଲା । ୮୦

'ତୁମେ ନିଦ୍ରାପ୍ରିୟ ହେଲେ ମଧ୍ୟ ତୁମ ଭାଇ ଅସମୟରେ ତୁମର ନିଦ୍ରାଭଙ୍ଗ କଲେ । ତୁମ ପକ୍ଷରେ ଜାଗ୍ରତ ରହିବା ଅନୁଚିତ, ଯାଅ ଶୋଇବ'— ସତେ ଯେପରି ଏହିପରି କହି ରାମଙ୍କର ଶରମାନେ ତାକୁ (କୁମ୍ଭକର୍ଣ୍ଣକୁ) ଦୀର୍ଘନିଦ୍ରାକୁ ପଠାଇ ଦେଲେ । ୮୧

ଯୁଦ୍ଧଭୂମିରୁ ଉଠୁଥିବା ଧୂଳିରାଶି ରକ୍ତ-ନଦୀ ଉପରେ ପଡ଼ି ଯେପରି ବିଲୀନ ହେଉଥିଲେ, ରାକ୍ଷସମାନେ ସେହିପରି କୋଟି କୋଟି ବାନରମାନଙ୍କ ଉପରେ ପଡ଼ି ମୃତ୍ୟୁ ବରଣ କଲେ । ୮୨

ତା'ପରେ ରାବଣ 'ଆଜି ଜଗତ ରାବଣହୀନ ହେଉ କିମ୍ବା ରାମହୀନ ହେଉ' ଏହି ପଣ କରି ରାଜଭବନରୁ ଯୁଦ୍ଧକୁ ବାହାରିଲା । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रामं पदातिमालोक्य लङ्केशं च वरूथिनम् ।
हरियुग्यं रथं तस्मै प्रजिघाय पुरन्दरः ॥८४
ରାମଂ ପଦାତିମାଲୋକ୍ୟ ଲଙ୍କେଶଂ ଚ ବରୂଥିନମ୍ ।
ହରିଯୁଗ୍ୟଂ ରଥଂ ତସ୍ମୈ ପ୍ରଜିଘାୟ ପୁରନ୍ଦରଃ ।

तमाधूतध्वजपटं व्योमगङ्गोर्मिवायुभिः ।
देवसूतभुजालम्बी जैत्रमध्यास्त राघवः ॥८५
ତମାଧୂତଧ୍ୱଜପଟଂ ବ୍ୟୋମଗଙ୍ଗୋର୍ମିବାୟୁଭିଃ ।
ଦେବସୂତଭୁଜାଲମ୍ବୀ ଜୈତ୍ରମଧ୍ୟାସ୍ତ ରାଘବଃ ॥୮୫

मातलिस्तस्य माहेन्द्रमामुमोच तनुच्छदम् ।
यत्रोत्पलदलक्लैब्यमस्त्राण्यापुः सुरद्विषाम् ॥८६
ମାତଲିସ୍ତସ୍ୟ ମାହେନ୍ଦ୍ରମାମୁମୋଚ ତନୁଚ୍ଛଦମ୍ ।
ଯତ୍ରୋତ୍ପଲଦଲକ୍ଲୈବ୍ୟମସ୍ତ୍ରାଣ୍ୟାପୁଃ ସୁରଦ୍ୱିଷାମ୍ ॥୮୬

अन्योन्यदर्शनप्राप्तविक्रमावसरं चिरात् ।
रामरावणयोर्युद्धं चरितार्थमिवाभवत् ॥८७
ଅନ୍ୟୋନ୍ୟଦର୍ଶନପ୍ରାପ୍ତବିକ୍ରମାବସରଂ ଚିରାତ୍ ।
ରାମରାବଣୟୋର୍ଯୁଦ୍ଧଂ ଚରିତାର୍ଥମିବାଭବତ୍ ॥୮୭

भुजमूर्धोरुबाहुल्यादेकोऽपि धनदानुजः ।
ददृशे ह्ययथापूर्वो मातृवंश इव स्थितः ॥८८
ଭୁଜମୂର୍ଧୋରୁବାହୁଲ୍ୟାଦେକୋଽପି ଧନଦାନୁଜଃ ।
ଦଦୃଶେ ହ୍ୟୟଥାପୂର୍ବୋ ମାତୃବଂଶ ଇବ ସ୍ଥିତଃ ॥୮୮

जेतारं लोकपालानां स्वमुखैरर्चितेश्वरम् ।
रामस्तुलितकैलासमरातिं बह्वमन्यत ॥८९
ଜେତାରଂ ଲୋକପାଳାନାଂ ସ୍ୱମୁଖୈରର୍ଚିତେଶ୍ୱରମ୍ ।
ରାମସ୍ତୁଳିତକୈଳାସମରାତିଂ ବହ୍ୱମନ୍ୟତ ॥୮୯

तस्य स्फुरति पौलस्त्यः सीतासंगमशंसिनि ।
निचखानाधिकक्रोधः शरं सव्येतरे भुजे ॥९०
ତସ୍ୟ ସ୍ଫୁରତି ପୌଲସ୍ତ୍ୟଃ ସୀତାସଂଗମଶଂସିନି ।
ନିଚଖାନାଧିକକ୍ରୋଧଃ ଶରଂ ସବ୍ୟେତରେ ଭୁଜେ ॥୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମଙ୍କୁ ପଦାତି ଭାବରେ ଏବଂ ରାବଣଙ୍କୁ ରଥ ଉପରେ ବସି ଯୁଦ୍ଧ କରୁଥିବାର ଦେଖି ଇନ୍ଦ୍ର ନୀଳବର୍ଣ୍ଣ-ଅଶ୍ୱଯୁକ୍ତ ଏକ ରଥ ରାମଙ୍କ ନିକଟକୁ ପ୍ରେରଣ କଲେ । ୮୪

ସ୍ୱର୍ଗଗଙ୍ଗାର ତରଙ୍ଗ-ବାୟୁରେ ସେହି ଜୈତ୍ରରଥର ପତାକା ଫର-ଫର ହୋଇ ଉଡ଼ୁଥିଲା । ସାରଥି ମାତଳିଙ୍କର ହାତ ଧରି ରାମଚନ୍ଦ୍ର ତାହା ଉପରକୁ ଆରୋହଣ କଲେ । ୮୫

ମାତଳି ରାମଚନ୍ଦ୍ରଙ୍କୁ ଇନ୍ଦ୍ର-ପ୍ରଦତ୍ତ ସାଞ୍ଜୁ ଅର୍ପଣ କଲେ । ଅସୁର-ମାନଙ୍କର ଅସ୍ତ୍ର ସେଥିରେ ବାଜି ପଦ୍ମପତ୍ର ପରି ନିର୍ବଳ ହୋଇଗଲା । ୮୬

ରାମ ଏବଂ ରାବଣ ଉଭୟେ ପରସ୍ପରକୁ ଦେଖି ପରାକ୍ରମ ପ୍ରକାଶ କରିବାର ଅବସର ପାଇଲେ । ତେଣୁ ଉଭୟଙ୍କର ସେହି ସମୟର ଯୁଦ୍ଧ ସାର୍ଥକ ହେଲା । ୮୭

ରାବଣ ଏକ ହେଲେ ମଧ୍ୟ ହସ୍ତ, ମସ୍ତକ ଓ ବକ୍ଷ ପ୍ରଭୃତିର ବହୁଳତା ହେତୁ ଅନେକ ଭାଇଙ୍କ ସହିତ ଥିଲା ପରି ଜଣାପଡ଼ିଲା । ତାର ଏଭଳି ରୂପ ପୂର୍ବରୁ କେବେ ଦେଖାଯାଇ ନଥିଲା । ୮୮

ଯେଉଁ ରାବଣ ଲୋକପାଳମାନଙ୍କୁ ଜୟ କରିଥିଲା, ନିଜର ମସ୍ତକ ଦେଇ ଶିବଙ୍କୁ ସନ୍ତୁଷ୍ଟ କରିଥିଲା ଏବଂ ବାହୁବଳରେ କୈଳାସ ପର୍ବତକୁ ଉତ୍ତୋଳନ କରିଥିଲା, ତାହାକୁ ରାମଚନ୍ଦ୍ର ନିଜର ଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ମନେ କଲେ । ୮୯

ରାମଙ୍କର ଦକ୍ଷିଣ ହସ୍ତ ସୀତାମିଳନର ସୂଚନା ଦେଇ ସ୍ଫୁରିତ ହେଉଥିଲା । ରାବଣ ଖୁବ୍ କ୍ରୋଧାନ୍ୱିତ ହୋଇ ରାମଙ୍କର ସେହି ହସ୍ତରେ ଏକ ଶର ବିଦ୍ଧ କଲା । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रावणस्यापि रामास्त्रो भित्त्वा हृदयमाशुगः ।
विवेश भुवमाख्यातुमुरगेभ्य इव प्रियम् ।।९१
ରାବଣସ୍ୟାପି ରାମାସ୍ତ୍ରୋ ଭିତ୍ତ୍ୱା ହୃଦୟମାଶୁଗଃ ।
ବିବେଶ ଭୁବମାଖ୍ୟାତୁମୁରଗେଭ୍ୟ ଇବ ପ୍ରିୟମ୍ ।।୯୧

वचसैव तयोर्वाक्यमस्त्रमस्त्रेण निघ्नतोः ।
अन्योन्यजयसंरम्भो ववृधे वादिनोरिव ।।९२
ବଚସୈବ ତୟୋର୍ବାକ୍ୟମସ୍ତ୍ରମସ୍ତ୍ରେଣ ନିଘ୍ନତୋଃ ।
ଅନ୍ୟୋନ୍ୟଜୟସଂରମ୍ଭୋ ବବୃଧେ ବାଦିନୋରିବ ।।୯୨

विक्रमव्यतिहारेण सामान्याऽभूद् द्वयोरपि ।
जयश्रीरन्तरा वेदिर्मत्तवारणयोरिव ।।९३
ବିକ୍ରମବ୍ୟତିହାରେଣ ସାମାନ୍ୟାଽଭୂଦ୍ ଦ୍ୱୟୋରପି ।
ଜୟଶ୍ରୀରନ୍ତରା ବେଦିର୍ମତ୍ତବାରଣୟୋରିବ ।।୯୩

कृतप्रतिकृतप्रीतैस्तयोर्मुक्तां सुरासुरैः ।
परस्परशरव्राताः पुष्पवृष्टिं न सेहिरे ।।९४
କୃତପ୍ରତିକୃତପ୍ରୀତୈସ୍ତୟୋର୍ମୁକ୍ତାଂ ସୁରାସୁରୈଃ ।
ପରସ୍ପରଶରବ୍ରାତାଃ ପୁଷ୍ପବୃଷ୍ଟିଂ ନ ସେହିରେ ।।୯୪

अयःशङ्कुचितां रक्षः शतघ्नीमथ शत्रवे ।
हृतां वैवस्वतस्येव कूटशाल्मलिमक्षिपत् ।।९५
ଅୟଃଶଙ୍କୁଚିତାଂ ରକ୍ଷଃ ଶତଘ୍ନୀମଥ ଶତ୍ରବେ ।
ହୃତାଂ ବୈବସ୍ୱତସ୍ୟେବ କୂଟଶାଲ୍ମଲିମକ୍ଷିପତ୍ ।।୯୫

राघवो रथमप्राप्तां तामाशां च सुरद्विषाम् ।
अर्द्धचन्द्रमुखैर्बाणैश्चिच्छेद कदलीसुखम् ।।९६
ରାଘବୋ ରଥମପ୍ରାପ୍ତାଂ ତାମାଶାଂ ଚ ସୁରଦ୍ୱିଷାମ୍ ।
ଅର୍ଦ୍ଧଚନ୍ଦ୍ରମୁଖୈର୍ବାଣୈଶ୍ଚିଚ୍ଛେଦ କଦଳୀସୁଖମ୍ ।।୯୬

अमोघं संदधे चास्मै धनुष्येकधनुर्धरः ।
ब्राह्ममस्त्रं प्रियाशोकशल्यनिष्कर्षणौषधम् ।।९७
ଅମୋଘଂ ସଂଦଧେ ଚାସ୍ମୈ ଧନୁଷ୍ୟେକଧନୁର୍ଧରଃ ।
ବ୍ରାହ୍ମମସ୍ତ୍ରଂ ପ୍ରିୟାଶୋକଶଲ୍ୟନିଷ୍କର୍ଷଣୌଷଧମ୍ ।।୯୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କିନ୍ତୁ ରାମଚନ୍ଦ୍ର ଯେଉଁ ବେଗବାନ୍ ଶର ପ୍ରେରଣ କଲେ, ତାହା ରାବଣର ହୃଦୟ ଭେଦ କରି ସତେ ଯେପରି ସର୍ପମାନଙ୍କୁ ଶୁଭ ସମ୍ବାଦ ଜଣାଇବା ପାଇଁ ପାତାଳପୁରକୁ ଚାଲିଗଲା । ୯୧

ବାକ୍ୟକୁ ବାକ୍ୟରେ ତଥା ଅସ୍ତ୍ରକୁ ଅସ୍ତ୍ରରେ ଖଣ୍ଡନ କରି ଉଭୟେ ବାଦୀ ପ୍ରତିବାଦୀଙ୍କ ଭଳି ଯୁଦ୍ଧ କରିବାକୁ ଲାଗିଲେ । କ୍ରମେ କ୍ରମେ ଉଭୟଙ୍କର କ୍ରୋଧ ବଢ଼ିବାରେ ଲାଗିଲା । ୯୨

କେତେବେଳେ ରାମଙ୍କର ଜୟ, କେତେବେଳେ ବା ରାବଣର ଜୟ ହେଉଥିଲା । ଦୁଇଗୋଟା ମତ୍ତହସ୍ତୀ ଯୁଦ୍ଧ କରୁଥିବାବେଳେ ମଧ୍ୟବର୍ତ୍ତୀ ବେଦୀ ଯେପରି ଉଭୟଙ୍କର ସାଧାରଣୀ ହୋଇ ରହେ, ସେହିପରି ଜୟଶ୍ରୀ ରାମ, ରାବଣ ଉଭୟଙ୍କର ସାଧାରଣୀ ହୋଇ ରହିଲା । ୯୩

ରାବଣ ଯଦି ରାମଙ୍କର ଅସ୍ତ୍ରକୁ ପ୍ରତିହତ କରୁଥିଲା, ତେବେ ରାକ୍ଷସମାନେ ଆନନ୍ଦରେ ତା ଉପରକୁ ପୁଷ୍ପବୃଷ୍ଟି କରୁଥିଲେ ଏବଂ ରାମ ଯଦି ରାବଣର ଅସ୍ତ୍ରକୁ ପ୍ରତିହତ କରୁଥିଲେ, ତେବେ ଦେବତାମାନେ ତାଙ୍କ ଉପରକୁ ପୁଷ୍ପବୃଷ୍ଟି କରୁଥିଲେ । କିନ୍ତୁ ଉଭୟଙ୍କର ଶରବୃଷ୍ଟି ଏତେ ଘନ ଥିଲା ଯେ ପୁଷ୍ପବୃଷ୍ଟି ତଳକୁ ଆସିପାରୁ ନଥିଲା । ୯୪

ରାବଣ ରାମଙ୍କ ଉପରକୁ ଶତଘ୍ନୀ ନାମକ ଏକ ଅସ୍ତ୍ର ନିକ୍ଷେପ କଲା । ସେହି ଅସ୍ତ୍ରରେ ଲୁହାର ଗୋଜସବୁ ପୋତା ହୋଇଥିଲା । ବୋଧହୁଏ ରାବଣ ଯମରାଜାଙ୍କୁ ଜୟ କରି ତାଙ୍କର 'କୂଟ ଶାଲ୍ମଳୀ' ଗଦାକୁ ଘେନି ଆସିଥିଲା । (କୂଟ ଶାଲ୍ମଳୀ ଗଦା—ଏକ ପ୍ରକାର ଗଦା, ଯେଉଁଥିରେ ଶିମୂଳୀ ଗଛର କଣ୍ଟା ଭଳି ଲୁହାଗୋଜମାନ ପୋତା ହୋଇଥାଏ । (୯୫

ସେହି ଅସ୍ତ୍ର ରାମଙ୍କ ରଥ ପାଖକୁ ନ ଆସୁଣୁ ରାମ ଅର୍ଦ୍ଧଚନ୍ଦ୍ରାକାର ବାଣରେ କଦଳୀ ଗଛକୁ କାଟିଲା ପରି ତାହାକୁ କାଟିପକାଇଲେ । ତା ସଙ୍ଗେ ସଙ୍ଗେ ଅସୁରମାନଙ୍କର ଆଶାକୁ ମଧ୍ୟ କାଟିପକାଇଲେ । ୯୬

ତାହାପରେ ଅଦ୍ୱିତୀୟ ଧନୁର୍ଦ୍ଧର ରାମଚନ୍ଦ୍ର ଧନୁରେ ଅମୋଘ ବ୍ରହ୍ମାସ୍ତ୍ର ସଂଯୋଗ କଲେ । ତାଙ୍କ ହୃଦୟରେ ପ୍ରିୟାଶୋକ ରୂପକ ଯେଉଁ କଣ୍ଟକ ବିଦ୍ଧ ହୋଇଥିଲା, ତାହାକୁ ବାହାର କରି ଦେବାରେ ସେହି ଅସ୍ତ୍ର ଥିଲା ମହୌଷଧ ସ୍ୱରୂପ । ୯୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तद्व्योम्नि शतधाभिन्नं ददृशे दीप्तिमन्मुखम् ।
वपुर्महोरगस्येव करालफणमण्डलम् ॥९८
ତଦ୍ ବ୍ୟୋମ୍ନି ଶତଧା ଭିନ୍ନଂ ଦଦୃଶେ ଦୀପ୍ତିମନ୍ମୁଖମ୍ ।
ବପୁର୍ମହୋରଗସ୍ୟେବ କରାଳଫଣମଣ୍ଡଳମ୍ ॥୯୮

तेन मन्त्रप्रयुक्तेन निमेषार्धादपातयत् ।
स रावणशिरःपङ्क्तिमज्ञातव्रणवेदनाम् ॥९९
ତେନ ମନ୍ତ୍ରପ୍ରଯୁକ୍ତେନ ନିମେଷାର୍ଦ୍ଧାଦପାତୟତ୍ ।
ସ ରାବଣଶିରଃପଙ୍କ୍ତିମଜ୍ଞାତବ୍ରଣବେଦନାମ୍ ॥୯୯

बालार्कप्रतिमेवाप्सु वीचिभिन्ना पतिष्यतः ।
रराज रक्षःकायस्य कण्ठच्छेदपरम्परा ॥१००
ବାଳାର୍କପ୍ରତିମେବାପ୍ସୁ ବୀଚିଭିନ୍ନା ପତିଷ୍ୟତଃ ।
ରରାଜ ରକ୍ଷଃକାୟସ୍ୟ କଣ୍ଠଚ୍ଛେଦପରମ୍ପରା ॥୧୦୦

मरुतां पश्यतां तस्य शिरांसि पतितान्यपि ।
मनो नातिविशश्वास पुनः सन्धानशङ्किनाम् ॥१०१

ଅଥ ମଦଗୁରୁପକ୍ଷୈର୍ଲୋକପାଳଦ୍ୱିପାନା-
ମନୁଗତମଳିବୃନ୍ଦୈର୍ଗଣ୍ଡଭିତ୍ତୀର୍ବିହାୟ ।
ଉପନତମଣିବନ୍ଧେ ମୂର୍ଦ୍ଧ୍ନି ପୌଲସ୍ତ୍ୟଶତ୍ରୋଃ
ସୁରଭି ସୁରବିମୁକ୍ତଂ ପୁଷ୍ପବର୍ଷଂ ପପାତ ॥୧୦୨

ଯନ୍ତା ହରେଃ ସପଦି ସଂହୃତକାର୍ମୁକଜ୍ୟ-
ମାପୃଚ୍ଛ୍ୟ ରାଘବମନୁଷ୍ଠିତଦେବକାର୍ଯ୍ୟମ୍ ।
ନାମାଙ୍କରାବଣଶରାଙ୍କିତକେତୁୟଷ୍ଟି-
ମୂର୍ଦ୍ଧ୍ୱଂ ରଥଂ ହରିସହସ୍ରଯୁଜଂ ନିନାୟ ॥୧୦୩

ରଘୁପତିରପି ଜାତବେଦୋବିଶୁଦ୍ଧାଂ ପ୍ରଗୃହ୍ୟ ପ୍ରିୟାଂ
ପ୍ରିୟସୁହୃଦି ବିଭୀଷଣେ ସଂକ୍ରମୟ୍ୟ ଶ୍ରିୟଂ ବୈରିଣଃ ।
ରବିସୁତସହିତେନ ତେନାନୁଯାତଃ ସସୌମିତ୍ରିଣା
ଭୁଜବିଜିତବିମାନରତ୍ନାଧିରୂଢଃ ପ୍ରତସ୍ଥେ ପୁରୀମ୍ ॥୧୦୪

इति श्रीमहाकविकालिदासकृतौ रघुवंशे महाकाव्ये
रावणवधो नाम द्वादशः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସର୍ପରାଜ ବାସୁକିର ଶରୀର ଫଣାମଣ୍ଡଳ ସହିତ ଯେପରି ଦେଖାଯାଏ, ବ୍ରହ୍ମାସ୍ତ୍ର ଆକାଶରେ ଶତ ଭାଗରେ ବିଭକ୍ତ ହୋଇ ସେହିପରି ଉଜ୍ଜ୍ୱଳ ତଥା ଭୟଙ୍କର ଦେଖାଗଲା । ୯୮

ସେହି ମନ୍ତ୍ର-ପ୍ରେରିତ ଅସ୍ତ୍ର ଅର୍ଦ୍ଧ ମୁହୂର୍ତ୍ତରେ ରାବଣର ସମସ୍ତ ମୁଣ୍ଡକୁ ଭୂମିରେ ଲୋଟାଇ ଦେଲା । ଶିରଚ୍ଛେଦନର ବେଦନା ତାକୁ ତିଳେମାତ୍ର ଅନୁଭୂତ ହେଲା ନାହିଁ । ୯୯

ବାଳସୂର୍ଯ୍ୟଙ୍କ ପ୍ରତିବିମ୍ବ ଜଳରେ ତରଙ୍ଗଦ୍ୱାରା ବହୁ ସଂଖ୍ୟକ ହୋଇ ଯେପରି ଚଳଚଞ୍ଚଳ ଦେଖାଯାଏ, ରାବଣର ଆସନ୍ନପତନ ମୁଣ୍ଡଗୁଡ଼ିକ (ଥର-ଥର ହେଉଥିବା) ଦେହରେ ସେହିପରି ଦେଖାଗଲେ । ୧୦୦

ଦେବତାମାନେ ସେହି ମୁଣ୍ଡଗୁଡ଼ିକୁ ଭୂପତିତ ହେବାର ଦେଖିଲେ, କିନ୍ତୁ କାଳେ ସେଗୁଡ଼ିକ ପୁଣି ରାବଣର ଦେହରେ ଯୋଡ଼ି ହୋଇଯିବେ, ଏହି ଆଶଙ୍କାରେ ସେମାନେ ସହଜରେ ତାର ମୃତ୍ୟୁ ହେଲାଣି ବୋଲି ବିଶ୍ୱାସ କଲେ ନାହିଁ । ୧୦୧

ତାହାପରେ, ରାମଙ୍କର ମସ୍ତକରେ, ଯହିଁରେ କି ଅଭିଷେକ-ମୁକୁଟ ବନ୍ଧା ହେବାର ସମୟ ନିକଟ ହୋଇ ଆସୁଥିଲା, ଦେବତାମାନେ ସୁଗନ୍ଧମୟ ପୁଷ୍ପ-ରାଶି ବୃଷ୍ଟି କଲେ । ଦିଗ୍‌ଗଜମାନଙ୍କର ମଦଜଳ ପାନ କରି ଭ୍ରମରଗଣଙ୍କର ପକ୍ଷ ଯଦ୍ୟପି ଭାରାକ୍ରାନ୍ତ ହୋଇଯାଇଥିଲା, ତଥାପି ସେମାନେ (ଭ୍ରମରମାନେ) ଦିଗ୍‌ଗଜମାନଙ୍କର ଗଣ୍ଡସ୍ଥଳ ତ୍ୟାଗ କରି ସେହି ପୁଷ୍ପବୃଷ୍ଟି ଆଡ଼କୁ ଧାଇଁଲେ । ୧୦୨

ରାମଚନ୍ଦ୍ର ଦେବକାର୍ଯ୍ୟ ସମାପ୍ତ କରି ଧନୁରୁ ଗୁଣ ବାହାର କରିଦେଲେ । ମାତଳି ସଙ୍ଗେ ସଙ୍ଗେ ତାଙ୍କଠାରୁ ବିଦାୟ ଘେନି ରଥ ନେଇ ଆକାଶକୁ ଚାଲିଗଲେ । ସେହି ରଥରେ ଏକ ସହସ୍ର ଅଶ୍ୱ ଯୋଗ ହୋଇଥିଲେ । ତାହାର ପତାକା ଦଣ୍ଡକୁ ରାବଣର ନାମାଙ୍କିତ ଶରଗୁଡ଼ିକ ଭେଦ କରିଥିଲା । ୧୦୩

ତାହାପରେ ରାମଚନ୍ଦ୍ର ଅଗ୍ନିରେ ସୀତାଙ୍କୁ ପରୀକ୍ଷା କରି ଗ୍ରହଣ କଲେ, ପ୍ରିୟ ବନ୍ଧୁ ବିଭୀଷଣଙ୍କୁ ରାକ୍ଷସମାନଙ୍କର ରାଜା କରାଇଲେ ଏବଂ ଲକ୍ଷ୍ମଣ, ସୁଗ୍ରୀବ ଓ ବିଭୀଷଣଙ୍କ ସହିତ ସ୍ୱବାହୁବଳ-ଅର୍ଜିତ ପୁଷ୍ପକ ବିମାନରେ ବସି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ । ୧୦୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

त्रयोदशः सर्गः

अथात्मनः शब्दगुणं गुणज्ञः पदं विमानेन विगाहमानः ।
रत्नाकरं वीक्ष्य मिथः स जायां रामाभिधानो हरिरित्युवाच ॥१
ଅଥାତ୍ମନଃ ଶବ୍ଦଗୁଣଂ ଗୁଣଜ୍ଞଃ ପଦଂ ବିମାନେନ ବିଗାହମାନଃ ।
ରତ୍ନାକରଂ ବୀକ୍ଷ୍ୟ ମିଥଃ ସ ଜାୟାଂ ରାମାଭିଧାନୋ ହରିରିତ୍ୟୁବାଚ ॥୧

वैदेहि पश्यामलयाद् विभक्तं मत्सेतुना फेनिलमम्बुराशिम् ।
छायापथेनेव शरत्प्रसन्नमाकाशमाविष्कृतचारुतारम् ॥२
ବୈଦେହି ପଶ୍ୟାମଲୟାଦ୍ ବିଭକ୍ତଂ ମତ୍ସେତୁନା ଫେନିଳମମ୍ବୁରାଶିମ୍ ।
ଛାୟାପଥେନେବ ଶରତ୍ପ୍ରସନ୍ନମାକାଶମାବିଷ୍କୃତଚାରୁତାରମ୍ ॥୨

गुरोर्यियक्षोः कपिलेन मेध्ये रसातलं संक्रमिते तुरङ्गे ।
तदर्थमुर्वीमवदारयद्भिः पूर्वैः किलायं परिवर्धितो नः ॥३
ଗୁରୋର୍ୟିୟକ୍ଷୋଃ କପିଳେନ ମେଧ୍ୟେ ରସାତଳଂ ସଂକ୍ରମିତେ ତୁରଙ୍ଗେ ।
ତଦର୍ଥମୁର୍ବୀମବଦାରୟଦ୍ଭିଃ ପୂର୍ବୈଃ କିଲାୟଂ ପରିବର୍ଦ୍ଧିତୋ ନଃ ॥୩

गर्भं दधत्यर्कमरीचयोऽस्माद् विवृद्धिमत्राश्नुवते वसूनि ।
अबिन्धनं वह्निमसौ बिभर्ति प्रह्लादनं ज्योतिरजन्यनेन ॥४
ଗର୍ଭଂ ଦଧତ୍ୟର୍କମରୀଚୟୋଽସ୍ମାଦ୍ ବିବୃଦ୍ଧିମତ୍ରାଶ୍ନୁବତେ ବସୂନି ।
ଅବିନ୍ଧନଂ ବହ୍ନିମସୌ ବିଭର୍ତ୍ତି ପ୍ରହ୍ଲାଦନଂ ଜ୍ୟୋତିରଜନ୍ୟନେନ ॥୪

तां तामवस्थां प्रतिपद्यमानं स्थितं दश व्याप्य दिशो महिम्ना ।
विष्णोरिवास्यानवधारणीयमीदृक्तया रूपमियत्तया वा ॥५
ତାଂ ତାମବସ୍ଥାଂ ପ୍ରତିପଦ୍ୟମାନଂ ସ୍ଥିତଂ ଦଶ ବ୍ୟାପ୍ୟ ଦିଶୋ ମହିମ୍ନା ।
ବିଷ୍ଣୋରିବାସ୍ୟାନବଧାରଣୀୟମୀଦୃକ୍ତୟା ରୂପମିୟତ୍ତୟା ବା ॥୫

नाभिप्ररूढाम्बुरुहासनेन संस्तूयमानः प्रथमेन धात्रा ।
अमुं युगान्तोचितयोगनिद्रः संहृत्य लोकान् पुरुषोऽधिशेते ॥६
ନାଭିପ୍ରରୂଢାମ୍ବୁରୁହାସନେନ ସଂସ୍ତୂୟମାନଃ ପ୍ରଥମେନ ଧାତ୍ରା ।
ଅମୁଂ ଯୁଗାନ୍ତୋଚିତଯୋଗନିଦ୍ରଃ ସଂହୃତ୍ୟ ଲୋକାନ୍ ପୁରୁଷୋଽଧିଶେତେ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତ୍ରୟୋଦଶ ସର୍ଗ

ତା'ପରେ ଗୁଣଗ୍ରାହୀ ରାମଚନ୍ଦ୍ର ପୁଷ୍ପକ ବିମାନରେ ବସି ଶବ୍ଦଧର୍ମୀ ଆକାଶକୁ ଅତିକ୍ରମ କରୁଥିଲା ବେଳେ ସମୁଦ୍ର ତାଙ୍କର ଦୃଷ୍ଟିପଥାରୂଢ଼ ହେଲା । ସେ ପ୍ରିୟା ସୀତାଙ୍କୁ ଏକାନ୍ତରେ କହିଲେ—

"ବୈଦେହି ! ଦେଖ, ଫେନିଳ ସମୁଦ୍ର ମଳୟ ପର୍ବତ ପର୍ଯ୍ୟନ୍ତ କିପରି ମୋ ସେତୁ ଦ୍ୱାରା ବିଭକ୍ତ ହୋଇଛି । ଶରତ୍ କାଳର ସ୍ୱଚ୍ଛ ଆକାଶ ଛାୟାପଥ ଏବଂ ଉଜ୍ଜ୍ୱଳ ତାରଗଣ ଘେନି ଯେପରି ଶୋଭପାଏ, ସେତୁ ଦ୍ୱାରା ବିଭକ୍ତ, ଫେନିଳ ସମୁଦ୍ର ସେହିପରି ଶୋଭପାଉଛି । ୨

ଅଶ୍ୱମେଧ ଯଜ୍ଞ ଉଦ୍ଦେଶ୍ୟରେ ପୂଜ୍ୟ ସାଗର ଯେଉଁ ଅଶ୍ୱ ଛାଡ଼ିଥିଲେ, ଇନ୍ଦ୍ର ତାହାକୁ ପାତାଳପୁରକୁ ନେଇ କପିଳମୁନିଙ୍କ ଆଗରେ ବାନ୍ଧି ଦେଇଥିଲେ । ଆମର ପୂର୍ବପୁରୁଷଗଣ (ସଗରଙ୍କ ପୁତ୍ରମାନେ) ତାହାକୁ ଖୋଜିବାରେ ଲାଗି-ଥିଲେ ଏବଂ ପୃଥିବୀ ବିଦୀର୍ଣ୍ଣ କରି ଏହି ସମୁଦ୍ରକୁ ବଢ଼ାଇ ଦେଇଥିଲେ । ୩

ସୂର୍ଯ୍ୟରଶ୍ମି ଏହାରିଠାରୁ ଜଳ ଗ୍ରହଣ କରନ୍ତି, ରତ୍ନରାଶି ଏହାରିଠାରେ ବୃଦ୍ଧି ଲାଭ କରନ୍ତି, ଯେଉଁ ଅଗ୍ନି (ବାଡ଼ବାଗ୍ନି) ର ଇନ୍ଧନ ହେଉଛି ଜଳ, ଏ ତାହାକୁ ଧାରଣ କରେ । ଆଉ ମଧ୍ୟ, ଆହ୍ଲାଦଦାୟକ ଜ୍ୟୋତି (ଚନ୍ଦ୍ର) ଏହାରିଠାରୁ ଜନ୍ମଗ୍ରହଣ କରିଛନ୍ତି । ୪

ଏ ବିଷ୍ଣୁଙ୍କ ପରି ବିଭିନ୍ନ ଅବସ୍ଥା ଧାରଣ କରି ସ୍ୱମହିମାରେ ଦଶଦିଗ ବ୍ୟାପି ରହିଛି । ତେଣୁ ବିଷ୍ଣୁଙ୍କ ପରି ଏହାର ସ୍ୱରୂପକୁ ପ୍ରକାର ଏବଂ ପରିମାଣ ଦୃଷ୍ଟିରୁ କଳନା କରିବା ଅସମ୍ଭବ । ୫

ଯୁଗାନ୍ତ ସମୟରେ ଭଗବାନ୍ ବିଷ୍ଣୁ ବିଶ୍ୱ ବ୍ରହ୍ମାଣ୍ଡ ସଂହାର କରି ଏହାରି ମଧ୍ୟରେ ଯୋଗନିଦ୍ରା ଅବଲମ୍ବନ କରନ୍ତି ; ତାଙ୍କର ନାଭିସମ୍ଭୂତ ପଦ୍ମାସନରେ ବସି ଆଦିବ୍ରହ୍ମା ତାଙ୍କୁ ସ୍ତୁତି କରନ୍ତି । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पक्षच्छिदा गोत्रभिदात्तगन्धाः शरण्यमेनं शतशो महीध्राः
नृपा इवोपप्लविनः परेभ्यो धर्मोत्तरं मध्यममाश्रयन्ते ॥७
ପକ୍ଷଚ୍ଛିଦା ଗୋତ୍ରଭିଦାତ୍ତଗନ୍ଧାଃ ଶରଣ୍ୟମେନଂ ଶତଶୋ ମହୀଧ୍ରାଃ ।
ନୃପା ଇବୋପପ୍ଲବିନଃ ପରେଭ୍ୟୋ ଧର୍ମୋତ୍ତରଂ ମଧ୍ୟମମାଶ୍ରୟନ୍ତେ ॥୭

रसातलादादिभवेन पुंसा भुवः प्रयुक्तोद्वहनक्रियायाः ।
अस्याच्छमम्भः प्रलयप्रवृद्धं मुहूर्तवक्त्राभरणं बभूव ॥८
ରସାତଳାଦାଦିଭବେନ ପୁଂସା ଭୁବଃ ପ୍ରଯୁକ୍ତୋଦ୍‌ବହନକ୍ରିୟାୟାଃ ।
ଅସ୍ୟାଚ୍ଛମମ୍ଭଃ ପ୍ରଳୟପ୍ରବୃଦ୍ଧଂ ମୁହୂର୍ତ୍ତବକ୍ତ୍ରାଭରଣଂ ବଭୂବ ॥୮

मुखार्पणेषु प्रकृतिप्रगल्भाः स्वयं तरङ्गाधरदानदक्षः ।
अनन्यसामान्यकलत्रवृत्तिः पिबत्यसौ पाययते च सिन्धुः ॥९
ମୁଖାର୍ପଣେଷୁ ପ୍ରକୃତିପ୍ରଗଲ୍‌ଭାଃ ସ୍ୱୟଂ ତରଙ୍ଗାଧରଦାନଦକ୍ଷଃ ।
ଅନନ୍ୟସାମାନ୍ୟକଳତ୍ରବୃତ୍ତିଃ ପିବତ୍ୟସୌ ପାୟୟତେ ଚ ସିନ୍ଧୁଃ ॥୯

ससत्त्वमादाय नदीमुखाम्भः संमीलयन्तो विवृताननत्वम् ।
अमी शिरोभिस्तिमयः सरन्ध्रैरूर्ध्वं वितन्वन्ति जलप्रवाहान् ॥१०
ସସତ୍ତ୍ୱମାଦାୟ ନଦୀମୁଖାମ୍ଭଃ ସଂମୀଳୟନ୍ତୋ ବିବୃତାନନତ୍ୱମ୍ ।
ଅମୀ ଶିରୋଭିସ୍ତିମୟଃ ସରନ୍ଧ୍ରୈରୂର୍ଦ୍ଧ୍ୱଂ ବିତନ୍ୱନ୍ତି ଜଳପ୍ରବାହାନ୍ ॥୧୦

मातङ्गनक्रैः सहसोत्पतद्भिर्भिन्नान् द्विधा पश्य समुद्रफेनान् ।
कपोलसंसर्पितया य एषां व्रजन्ति कर्णक्षणचामरत्वम् ॥११
ମାତଙ୍ଗନକ୍ରୈଃ ସହସୋତ୍‌ପତଦ୍‌ଭିର୍ଭିନ୍ନାନ୍ ଦ୍ୱିଧା ପଶ୍ୟ ସମୁଦ୍ରଫେନାନ୍
କପୋଲସଂସର୍ପିତୟା ଯ ଏଷାଂ ବ୍ରଜନ୍ତି କର୍ଣ୍ଣକ୍ଷଣଚାମରତ୍ୱମ୍ ॥୧୧

वेलानिलाय प्रसृता भुजङ्गा महोर्मिविस्फूर्जथुनिर्विशेषाः ।
सूर्यांशुसंपर्कसमृद्धरागैर्व्यज्यन्त एते मणिभिः फणस्थैः ॥१२
ବେଳାନିଳାୟ ପ୍ରସୃତା ଭୁଜଙ୍ଗା ମହୋର୍ମିବିସ୍ଫୂର୍ଜଥୁନିର୍ବିଶେଷାଃ ।
ସୂର୍ଯ୍ୟାଂଶୁସଂପର୍କସମୃଦ୍ଧରାଗୈର୍ବ୍ୟଜ୍ୟନ୍ତ ଏତେ ମଣିଭିଃ ଫଣସ୍ଥୈଃ ॥୧୨

तवाधरस्पर्धिषु विद्रुमेषु पर्यस्तमेतन् सहसोर्मिवेगात् ।
ऊर्ध्वाङ्कुरप्रोतमुखं कथंचिन् क्लेशादपक्रामति शङ्खयूथम् ॥१३
ତବାଧରସ୍ପର୍ଦ୍ଧିଷୁ ବିଦ୍ରୁମେଷୁ ପର୍ଯ୍ୟସ୍ତମେତତ୍ ସହସୋର୍ମିବେଗାତ୍ ।
ଊର୍ଦ୍ଧ୍ୱାଙ୍କୁରପ୍ରୋତମୁଖଂ କଥଂଚିତ୍ କ୍ଲେଶାଦପକ୍ରାମତି ଶଙ୍ଖଯୂଥମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶତ୍ରୁ-ଆକ୍ରାନ୍ତ ରଜାମାନେ ଯେପରି କୌଣସି ବଳିଷ୍ଠ ଧାର୍ମିକ ରଜାଙ୍କର ଆଶ୍ରୟ ନିଅନ୍ତି, ସେହିପରି ଶତ ଶତ ପର୍ବତ ଏହାର ଆଶ୍ରୟ ଗ୍ରହଣ କରିଛନ୍ତି । କାରଣ, ଇନ୍ଦ୍ର ପର୍ବତମାନଙ୍କର ପକ୍ଷ ଛେଦନ କରି ସେମାନଙ୍କର ଗର୍ବ ଖର୍ବ କରିଥିଲେ । ୭

ଆଦିପୁରୁଷ ଭଗବାନ୍ ବରାହ ଅବତାରରେ ଯେତେବେଳେ ପୃଥିବୀକୁ ରସାତଳରୁ ଉଦ୍ଧାର କରି ଉପରକୁ ଆଣୁଥିଲେ, ସେତେବେଳେ ଏହାରି ପ୍ରଳୟ-ବର୍ଦ୍ଧିତ, ସ୍ୱଚ୍ଛ ଜଳ ମୁହୂର୍ତ୍ତେ ପାଇଁ ପୃଥିବୀର ଓଢ଼ଣା ସ୍ୱରୂପ ହୋଇଥିଲା । ୮

ଏ ନଦୀମାନଙ୍କ ଆଡ଼କୁ ନିଜର ତରଙ୍ଗ ରୂପକ ଅଧର ବଢ଼ାଇ ଦେବାରେ ଯେମିତି ପ୍ରବୀଣ, ନଦୀମାନେ ମଧ୍ୟ ଏହା ଆଡ଼କୁ ସେମାନଙ୍କ ମୁଖ ବଢ଼ାଇ-ଦେବାରେ ସେମିତି ପ୍ରବୀଣା । ତେଣୁ ଏ ନିଜେ ପତ୍ନୀମାନଙ୍କର ଅଧର ପାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ମଧ୍ୟ ନିଜର ଅଧର ପାନ କରଉଛି । ଏହାର ଦାମ୍ପତ୍ୟ-ସଂଭୋଗ ଅସାଧାରଣ । ୯

ଏଇ, ତିମିମାନେ ନଦୀ ମୁହାଣରେ ପାଟି ମେଲାଇ ଜଳ ସହିତ ଜଳ-ଜନ୍ତୁମାନଙ୍କୁ ଘେନି ଯାଉଛନ୍ତି ଏବଂ ଯେତେବେଳେ ପାଟି ବନ୍ଦ କରିଦେଉ-ଛନ୍ତି, ସେମାନଙ୍କ ତୁଣ୍ଡରେ ଥିବା ଛିଦ୍ରଗୁଡ଼ିକ ବାଟେ ଜଳ ଉପରକୁ ଉଠିଯାଉଛି ।

ଦେଖ, ଗଜାକୃତି କୁମ୍ଭୀରମାନେ ଅକସ୍ମାତ୍ ଉପରକୁ ଉଠି ସମୁଦ୍ର-ଫେଣକୁ ଦୁଇ ଭାଗରେ ବିଭକ୍ତ କରିଦେଉଛନ୍ତି । ଫେଣ ସେମାନଙ୍କ କାନରେ ଲାଗି ମୁହୂର୍ତ୍ତେ ପାଇଁ କାନବନ୍ଧା ଚଅଁର ଭଳି ଶୋଭାପାଉଛି । ୧୧

ଏଇ, ସାପମାନେ ସମୁଦ୍ର କୂଳର ପବନ ପିଇବାପାଇଁ ଉଠି ମୋଡ଼ି-ମୋଡ଼ି ହେଉଥିବା ବିରାଟ ଢେଉମାନଙ୍କ ସହିତ ମିଶିଯାଉଛନ୍ତି । କିନ୍ତୁ ସୂର୍ଯ୍ୟ-କିରଣରେ ସେମାନଙ୍କର ଫଣାମଣିଗୁଡ଼ିକ ଚିକ୍ ଚିକ୍ କରୁଥିବାରୁ ସେମାନେ ସାପ ବୋଲି ଜାଣି ହୋଇଯାଉଛନ୍ତି । ୧୨

ଦଳେ ଦଳେ ଶଙ୍ଖ ଢେଉ ବେଗରେ ସହସା ଉପରକୁ ଉଠିଆସି-ତୁମର ଅଧରତୁଲ୍ୟଲୋହିତ ପ୍ରବାଳ ଲତା ଉପରେ ପଡ଼ୁଛନ୍ତି । କିନ୍ତୁ ପ୍ରବାଳ-ଅଙ୍କୁର ସେମାନଙ୍କର ମୁଖରେ ପଶିଯାଉଥିବାରୁ ସେମାନେ କଷ୍ଟରେ କୌଣସି ପ୍ରକାରେ ସେଥିରୁ ବାହାରୁଛନ୍ତି । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रवृत्तमात्रेण पयांसि पातुमावर्त्तवेगाद् भ्रमता घनेन ।
आभाति भूयिष्ठमयं समुद्रः प्रमथ्यमानो गिरिणेव भूयः ॥१४

ପ୍ରବୃତ୍ତମାତ୍ରେଣ ପୟାଂସି ପାତୁମାବର୍ତ୍ତବେଗାଦ୍ ଭ୍ରମତା ଘନେନ ।
ଆଭାତି ଭୂୟିଷ୍ଠମୟଂ ସମୁଦ୍ରଃ ପ୍ରମଥ୍ୟମାନୋ ଗିରିଣେବ ଭୂୟଃ ॥୧୪

दूरादयश्चक्रनिभस्य तन्वी तमालतालीवनराजिनीला ।
आभाति वेला लवणाम्बुराशेर्धारानिबद्धेव कलङ्करेखा ॥१५

ଦୂରାଦୟଶ୍ଚକ୍ରନିଭସ୍ୟ ତନ୍ୱୀ ତମାଲତାଲୀବନରାଜିନୀଲା ।
ଆଭାତି ବେଲା ଲବଣାମ୍ବୁରାଶେର୍ଧାରାନିବଦ୍ଧେବ କଲଙ୍କରେଖା ॥୧୫

वेलानिलः केतकरेणुभिस्ते संभावयत्याननमायताक्षि ।
मामक्षमं मण्डनकालहानेर्वेत्तीव बिम्बाधरबद्धतृष्णम् ॥१६

ବେଲାନିଲଃ କେତକରେଣୁଭିସ୍ତେ ସଂଭାବୟତ୍ୟାନନମାୟତାକ୍ଷି ।
ମାମକ୍ଷମଂ ମଣ୍ଡନକାଲହାନେର୍ବେତ୍ତୀବ ବିମ୍ବାଧରବଦ୍ଧତୃଷ୍ଣମ୍ ॥୧୬

एते वयं सैकतभिन्नशुक्तिपर्यस्तमुक्तापटलं पयोधेः ।
प्राप्ता मुहूर्त्तेन विमानवेगात् कूलं फलावर्जितपूगमालम् ॥१७

ଏତେ ବୟଂ ସୈକତଭିନ୍ନଶୁକ୍ତିପର୍ଯ୍ୟସ୍ତମୁକ୍ତାପଟଳଂ ପୟୋଧେଃ ।
ପ୍ରାପ୍ତା ମୁହୂର୍ତ୍ତେନ ବିମାନବେଗାତ୍ କୂଳଂ ଫଳାବର୍ଜ୍ଜିତପୂଗମାଳମ୍ ॥୧୭

कुरुष्व तावत् करभोरु पश्चान्मार्गे मृगप्रेक्षिणि दृष्टिपातम् ।
एषा विदूरीभवतः समुद्रात् सकानना निष्पततीव भूमिः ॥१८

କୁରୁଷ୍ୱ ତାବତ୍ କରଭୋରୁ ପଶ୍ଚାନ୍ମାର୍ଗେ ମୃଗପ୍ରେକ୍ଷିଣି ଦୃଷ୍ଟିପାତମ୍ ।
ଏଷା ବିଦୂରୀଭବତଃ ସମୁଦ୍ରାତ୍ ସକାନନା ନିଷ୍ପତତୀବ ଭୂମିଃ ॥୧୮

क्वचित् पथा संचरते सुराणां क्वचिद् घनानां पततां क्वचिच्च ।
यथाविधो मे मनसोऽभिलाषः प्रवर्तते पश्य तथा विमानम् ॥१९

କ୍ୱଚିତ୍ ପଥା ସଂଚରତେ ସୁରାଣାଂ କ୍ୱଚିଦ୍ ଘନାନାଂ ପତତାଂ କ୍ୱଚିଚ୍ଚ ।
ୟଥାବିଧୋ ମେ ମନସୋଽଭିଲାଷଃ ପ୍ରବର୍ତ୍ତତେ ପଶ୍ୟ ତଥା ବିମାନମ୍ ॥୧୯

असौ महेन्द्र द्विप दानगन्धिस्त्रिमार्गगा वीचि विमर्द शीतः ।
आकाशवायुर्दिनयौवनोत्थानाचामति स्वेदलवान् मुखे ते ॥२०

ଅସୌ ମହେନ୍ଦ୍ର ଦ୍ୱିପ ଦାନଗନ୍ଧିସ୍ତ୍ରିମାର୍ଗଗା ବୀଚି ବିମର୍ଦ୍ଦ ଶୀତଃ ।
ଆକାଶବାୟୁର୍ଦ୍ଦିନୟୌବନୋତ୍ଥାନାଚାମତି ସ୍ୱେଦଲବାନ୍ ମୁଖେ ତେ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରିୟେ ! ଦେଖ, ମେଘ ସମୁଦ୍ରରୁ ଜଳ ପିଇବା ଆରମ୍ଭ କଲାମାତ୍ରେ ଭଉଁରୀରେ ପଡ଼ିଯାଇ କିପରି ଘୂରୁଛି । ତେଣୁ ସମୁଦ୍ର ଆଉଥରେ ମନ୍ଦର ପର୍ବତଦ୍ୱାରା ମନ୍ଥାହେଲା ପରି ଅତ୍ୟନ୍ତ ଶୋଭପାଉଛି । ୧୪

ଏହି ଲବଣସମୁଦ୍ର ଦୂରରୁ ଦେଖାଯାଉଛି ଏକ ଲୌହଚକ୍ର ପରି । ତାଳତମାଳବନପୂର୍ଣ୍ଣ ନୀଳ ବେଳାଭୂମି ଏହି ସମୁଦ୍ର ରୂପକ ଲୌହଚକ୍ରର ଚାରିପାଖରେ ସରୁଧାର କଳଙ୍କିଦାଗ ଭଳି ଜଣାପଡ଼ୁଛି ! ୧୫

ଗୋ ବିଶାଳାକ୍ଷି, ସମୁଦ୍ର-ତୀରର ବାୟୁ କେତକୀପୁଷ୍ପର ପରାଗ ବୋଳି ତୁମରି ମୁଖମଣ୍ଡିତ କରିଦେଉଛି । ବୋଧହୁଏ ସେ ମନେକରିଛି—ମୁଁ ତୁମର ଅଧରବିମ୍ବ ପାନ କରିବା ପାଇଁ ଏତେ ତୃଷିତ ଯେ ତୁମର ମୁଖ ମଣ୍ଡନ କରିବାରେ ଯେତିକି ସମୟ ଲାଗିବ, ମୁଁ ସେତିକି ବିଳମ୍ବ ମଧ୍ୟ ସହିପାରିବି ନାହିଁ । ୧୬

ଏଇ, ବିମାନର କ୍ଷିପ୍ର ଗତିଯୋଗୁ ଆମ୍ଭେମାନେ ମୁହୂର୍ତ୍ତକ ମଧ୍ୟରେ ସମୁଦ୍ର ତଟରେ ପହଞ୍ଚି ଯାଇଥାଇଁ । ଏଠାରେ ବାଲୁକାରାଶି ଉପରେ ମୁକ୍ତାଶାମୁକାମାନ ଫାଟିଯାଇ ମୁକ୍ତାସବୁ ଏଣେ ତେଣେ ପଡ଼ିଛି । ଆଉମଧ୍ୟ, ମାଳମାଳ ଗୁଆଗଛ ଫଳଭରରେ ନଇଁ ଯାଇଛି । ୧୭

ଗୋ ମୃଗନୟନା, ପଛଆଡ଼କୁ ଟିକିଏ ଚାହଁ, ସମୁଦ୍ର କିପରି ଦୂରେଇ ଯାଉଛି, ଆଉ ବନଭୂମି ସତେଯେପରି ସମୁଦ୍ରରୁ ବାହାରି ଲମ୍ବି ଲମ୍ବି ଆସୁଛି ! ୧୮

ବିମାନ କେତେବେଳେ ଦେବତାମାନଙ୍କ ପଥରେ, କେତେବେଳେ ମେଘ ପଥରେ, କେତେବେଳେ ବା ପକ୍ଷୀମାନଙ୍କ ପଥରେ ଗତି କରୁଛି । ଯେତେବେଳେ ଯେଉଁଆଡ଼କୁ ଯିବାକୁ ମୋର ଇଚ୍ଛା ହେଉଛି, ବିମାନ ସଙ୍ଗେ ସଙ୍ଗେ ସେହି ଆଡ଼କୁ ଯାଉଛି । ୧୯

ମଧ୍ୟାହ୍ନ ସମୟ ହେତୁ ତୁମ ମୁଖରୁ ଯେଉଁ ଝାଳବିନ୍ଦୁମାନ ନିର୍ଗତ ହେଉଛି, ଆକାଶ-ବାୟୁ ସେଗୁଡ଼ିକୁ ଶୁଖାଇ ଦେଉଛି । ଏ ବାୟୁରେ ମିଶିଛି ଐରାବତର ମଦଜଳ-ସୁଗନ୍ଧ । ଆଉମଧ୍ୟ,ସ୍ୱର୍ଗଗଙ୍ଗାର ତରଙ୍ଗ ରାଜିକୁ ଆଲୋଡ଼ନ କରି ବହି ଆସୁଥିବାରୁ ଏ ବାୟୁ ଶୀତଳ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

करेण वातायनलम्बितेन स्पृष्टस्त्वया तन्वि कुतूहलिन्या ।
आमुञ्चतीवाभरणं द्वितीयमुद्भिन्नविद्युद्वलयो घनस्ते ॥२१
କରେଣ ବାତାୟନଲମ୍ବିତେନ ସ୍ପୃଷ୍ଟସ୍ତ୍ୱୟା ତନ୍ୱି କୁତୂହଳିନ୍ୟା ।
ଆମୁଞ୍ଚତୀବାଭରଣଂ ଦ୍ୱିତୀୟମୁଦ୍‌ଭିନ୍ନବିଦ୍ୟୁଦ୍‌ବଳୟୋ ଘନସ୍ତେ ॥୨୧

अमी जनस्थानमपोढविघ्नं मत्वा समारब्धनवोटजानि ।
अध्यासते चीरभृतो यथास्वं चिरोज्झितान्याश्रममण्डलानि ॥२२
ଅମୀ ଜନସ୍ଥାନମପୋଢବିଘ୍ନଂ ମତ୍ୱା ସମାରବ୍ଧନବୋଟଜାନି ।
ଅଧ୍ୟାସତେ ଚୀରଭୃତୋ ଯଥାସ୍ୱଂ ଚିରୋଜ୍‌ଝିତାନ୍ୟାଶ୍ରମମଣ୍ଡଳାନି ॥୨୨

सैषा स्थली यत्र विचिन्वता त्वां भ्रष्टं मया नूपुरमेकमुर्व्याम् ।
अदृश्यत त्वच्चरणारविन्दविश्लेषदुःखादिव बद्धमौनम् ॥२३
ସୈଷା ସ୍ଥଳୀ ଯତ୍ର ବିଚିନ୍ୱତା ତ୍ୱାଂ ଭ୍ରଷ୍ଟଂ ମୟା ନୂପୁରମେକମୁର୍ବ୍ୟାମ୍ ।
ଅଦୃଶ୍ୟତ ତ୍ୱଚ୍ଚରଣାରବିନ୍ଦବିଶ୍ଲେଷଦୁଃଖାଦିବ ବଦ୍ଧମୌନମ୍ ॥୨୩

त्वं रक्षसा भीरु यतोऽपनीता तं मार्गमेताः कृपया लता मे ।
अदर्शयन् वक्तुमशक्नुवत्यः शाखाभिरावर्जितपल्लवाभिः ॥२४
ତ୍ୱଂ ରକ୍ଷସା ଭୀରୁ ଯତୋଽପନୀତା ତଂ ମାର୍ଗମେତାଃ କୃପୟା ଲତା ମେ ।
ଅଦର୍ଶୟନ୍ ବକ୍ତୁମଶକ୍ନୁବତ୍ୟଃ ଶାଖାଭିରାବର୍ଜିତପଲ୍ଲବାଭିଃ ॥୨୪

मृग्यश्च दर्भाङ्कुरनिर्व्यपेक्षास्तवागतिज्ञं समबोधयन् माम् ।
व्यापारयन्त्यो दिशि दक्षिणस्यामुत्पक्ष्मराजीनि विलोचनानि ॥२५
ମୃଗ୍ୟଶ୍ଚ ଦର୍ଭାଙ୍କୁରନିର୍ବ୍ୟପେକ୍ଷାସ୍ତବାଗତିଜ୍ଞଂ ସମବୋଧୟନ୍ ମାମ୍ ।
ବ୍ୟାପାରୟନ୍ତ୍ୟୋ ଦିଶି ଦକ୍ଷିଣସ୍ୟାମୁତ୍ପକ୍ଷ୍ମରାଜୀନି ବିଲୋଚନାନି ॥୨୫

एतद् गिरेर्माल्यवतः पुरस्तादाविर्भवत्यम्बरलेखि शृङ्गम् ।
नवं पयो यत्र घनैर्मया च त्वद्विप्रयोगाश्रु समं विसृष्टम् ॥२६
ଏତଦ୍ ଗିରେର୍ମାଲ୍ୟବତଃ ପୁରସ୍ତାଦାବିର୍ଭବତ୍ୟମ୍ବରଲେଖି ଶୃଙ୍ଗମ୍ ।
ନବଂ ପୟୋ ଯତ୍ର ଘନୈର୍ମୟା ଚ ତ୍ୱଦ୍‌ବିପ୍ରୟୋଗାଶ୍ରୁ ସମଂ ବିସୃଷ୍ଟମ୍ ॥୨୬

गन्धश्च धाराहतपल्वलानां कादम्बमर्धोद्गतकेसरं च ।
स्निग्धाश्च केकाः शिखिनां बभूवुर्यस्मिन्नसह्यानि विना त्वया मे ॥२७
ଗନ୍ଧଶ୍ଚ ଧାରାହତପଲ୍ୱଲାନାଂ କାଦମ୍ବମର୍ଧୋଦ୍‌ଗତକେସରଂ ଚ ।
ସ୍ନିଗ୍ଧାଶ୍ଚ କେକାଃ ଶିଖିନାଂ ବଭୂବୁର୍ଯସ୍ମିନ୍ନସହ୍ୟାନି ବିନା ତ୍ୱୟା ମେ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ କୋପଶୀଳେ,ତୁମେ ଯେତେବେଳେ କୌତୂହଳରେ ବିମାନର ଝରକାରୁ ହାତ ବାହାର କରି ମେଘକୁ ଛୁଇଁ ଦେଉଛ, ମେଘ ବିଜୁଳି ରୂପକ କଙ୍କଣ ବାହାର କରି ସତେଯେପରି ତୁମ ହାତରେ ଆଉ ଗୋଟିଏ ଆଭରଣ ପିନ୍ଧାଇ ଦେଉଛି ! ୨୧

ଏହି ବଲ୍କଳଧାରୀ ମୁନିମାନେ ଦୀର୍ଘ ସମୟ ହେଲା ଆଶ୍ରମ ଛାଡ଼ି ଚାଲିଯାଇଥିଲେ । ବର୍ତ୍ତମାନ 'ଜନସ୍ଥାନ' ଭୟଶୂନ୍ୟ ହୋଇଥିବାର ଜାଣି ଏମାନେ ପୁଣି ଫେରିଆସି ନିଜ ନିଜ ସ୍ଥାନରେ ନୂତନ ଆଶ୍ରମ ନିର୍ମାଣ କରି ରହିଲେଣି । ୨୨

ପ୍ରିୟେ ! ମୁଁ ଯେତେବେଳେ ତୁମକୁ ଖୋଜୁଥିଲି, ଏହିସ୍ଥାନରେ ତୁମର ନୂପୁରଟିଏ ଭୂମିରେ ପଡ଼ିଥିବାର ଦେଖିଥିଲି । ସେହି ନୂପୁରଟି ତୁମର ପଦ୍ମ-ପାଦରୁ ବଞ୍ଚିତ ହୋଇଥିଲା ବୋଲି ସତେ ଯେପରି ଦୁଃଖରେ ନିର୍ବାକ୍ ହୋଇ ପଡ଼ିରହିଥିଲା । ୨୩

ଗୋ ଭୀରୁ, ରାବଣ ଯେଉଁ ପଥରେ ତୁମକୁ ଘେନିଯାଇଥିଲା ; ଏଇ ଲତାମାନେ କଥା କହି ନ ପାରୁଥିଲେ ମଧ୍ୟ ମୋ ପ୍ରତି ଦୟା ପୋଷଣ କରି ପଲ୍ଲବହସ୍ତରେ ସେହି ପଥ ଦେଖାଇ ଦେଇଥିଲେ । ୨୪

ଆଉ ମଧ୍ୟ,ମୁଁ ଯେତେବେଳେ ଖୋଜି ଖୋଜି ତୁମ ପଥ ପାଉନଥିଲି, ଏଇ ମୃଗୀମାନେ କୁଶାଙ୍କୁର-ଭକ୍ଷଣ ଛାଡ଼ି, ବିଶାଳ ଚକ୍ଷୁରେ ପଲକ ନ ପକାଇ ଦକ୍ଷିଣ ଦିଗକୁ ଚାହିଁରହୁଥିଲେ ଏବଂ ତାହାଦ୍ୱାରା ମୋତେ ତୁମର ପଥ ବତାଇ-ଦେଉଥିଲେ । ୨୫

ଏଇ ଆଗରେ ମାଲ୍ୟବନ୍ତ ପର୍ବତର ନଭଶ୍ଚୁମ୍ବୀ ଶୃଙ୍ଗ । ଏଇଠାରେ ମେଘ ନୂତନ ଜଳ ବର୍ଷଣ କରିଥିଲା, ତା ସହିତ ମୁଁ ତୁମ ବିଚ୍ଛେଦରେ ଅଶ୍ରୁଜଳ ବର୍ଷଣ କରିଥିଲି । ୨୬

ଏଠାରେ ବର୍ଷାସିକ୍ତ କ୍ଷୁଦ୍ର ନିମ୍ନଭୂମିର ଗନ୍ଧ, ଦରଫୁଟା କଦମ୍ବଫୁଲ, ଆଉ ମୟୂରମାନଙ୍କର ମଧୁର କେକାରବ—ଏ ସମସ୍ତ ତୁମ ଅଭାବରେ ମୋତେ ଅସହ୍ୟ ବୋଧ ହୋଇଥିଲା । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पूर्वानुभूतं स्मरता च यत्र कम्पोत्तरं भीरु तवोपगूढम् ।
गुहाविसारीण्यतिवाहितानि मया कथंचिद् घनगर्जितानि ॥२८
ପୂର୍ବାନୁଭୂତଂ ସ୍ମରତା ଚ ଯତ୍ର କମ୍ପୋତ୍ତରଂ ଭୀରୁ ତବୋପଗୂଢମ୍ ।
ଗୁହାବିସାରୀଣ୍ୟତିବାହିତାନି ମୟା କଥଂଚିଦ୍ ଘନଗର୍ଜିତାନି ॥୨୮

आसारसिक्तक्षितिबाष्पयोगान्मामक्षिणोद् यत्र विभिन्नकोशैः ।
विडम्ब्यमाना नवकन्दलैस्ते विवाहधूमारुणलोचनश्रीः ॥२९
ଆସାରସିକ୍ତକ୍ଷିତିବାଷ୍ପଯୋଗାନ୍ମାମକ୍ଷିଣୋଦ୍ ଯତ୍ର ବିଭିନ୍ନକୋଶୈଃ ।
ବିଡମ୍ବ୍ୟମାନା ନବକନ୍ଦଳୈସ୍ତେ ବିବାହଧୂମାରୁଣଲୋଚନଶ୍ରୀଃ ॥୨୯

उपान्तवानीरवनोपगूढान्यालक्ष्यपारिप्लवसारसानि ।
दूरावतीर्णा पिबतीव खेदादमूनि पम्पासलिलानि दृष्टिः ॥३०
ଉପାନ୍ତବାନୀରବନୋପଗୂଢାନ୍ୟାଲକ୍ଷ୍ୟପାରିପ୍ଲବସାରସାନି ।
ଦୂରାବତୀର୍ଣ୍ଣା ପିବତୀବ ଖେଦାଦମୂନି ପମ୍ପାସଲିଳାନି ଦୃଷ୍ଟିଃ ॥୩୦

अत्राबियुक्तानि रथाङ्गनाम्नामन्योन्यदत्तोत्पलकेसराणि ।
द्वन्द्वानि दूरान्तरवर्तिना ते मया प्रिये सस्पृहमीक्षितानि ॥३१
ଅତ୍ରାବିଯୁକ୍ତାନି ରଥାଙ୍ଗନାମ୍ନାମନ୍ୟୋନ୍ୟଦତ୍ତୋତ୍ପଳକେସରାଣି ।
ଦ୍ୱନ୍ଦ୍ୱାନି ଦୂରାନ୍ତରବର୍ତ୍ତିନା ତେ ମୟା ପ୍ରିୟେ ସସ୍ପୃହମୀକ୍ଷିତାନି ॥୩୧

इमां तटाशोकलतां च तन्वीं स्तनाभिरामस्तबकाभिनम्राम् ।
त्वत्प्राप्तिबुद्ध्या परिरब्धुकामः सौमित्रिणा साश्रुरहं निषिद्धः ॥३२
ଇମାଂ ତଟାଶୋକଲତାଂ ଚ ତନ୍ୱୀଂ ସ୍ତନାଭିରାମସ୍ତବକାଭିନମ୍ରାମ୍ ।
ତ୍ୱତ୍ପ୍ରାପ୍ତିବୁଦ୍ଧ୍ୟା ପରିରବ୍ଧୁକାମଃ ସୌମିତ୍ରିଣା ସାଶ୍ରୁରହଂ ନିଷିଦ୍ଧଃ ॥୩୨

अमूर्विमानान्तरलम्बिनीनां श्रुत्वा स्वनं काञ्चनकिङ्किणीनाम् ।
प्रत्युद्व्रजन्तीव खमुत्पतन्त्यो गोदावरीसारसपङ्क्तयस्त्वाम् ॥३३
ଅମୂର୍ବିମାନାନ୍ତରଲମ୍ବିନୀନାଂ ଶ୍ରୁତ୍ୱା ସ୍ୱନଂ କାଞ୍ଚନକିଙ୍କିଣୀନାମ୍ ।
ପ୍ରତ୍ୟୁଦ୍ବ୍ରଜନ୍ତୀବ ଖମୁତ୍ପତନ୍ତ୍ୟୋ ଗୋଦାବରୀସାରସପଙ୍କ୍ତୟସ୍ତ୍ୱାମ୍ ॥୩୩

एषा त्वया पेशलमध्ययापि घटाम्बुसंवर्धितबालचूता ।
आनन्दयत्युन्मुखकृष्णशारा दृष्टा चिरात् पञ्चवटी मनो मे ॥३४
ଏଷା ତ୍ୱୟା ପେଶଳମଧ୍ୟୟାପି ଘଟାମ୍ବୁସଂବର୍ଦ୍ଧିତବାଳଚୂତା ।
ଆନନ୍ଦୟତ୍ୟୁନ୍ମୁଖକୃଷ୍ଣଶାରା ଦୃଷ୍ଟା ଚିରାତ୍ ପଞ୍ଚବଟୀ ମନୋ ମେ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗୋ ଭୀରୁ, ମେଘଗର୍ଜନରେ ଡରିଯାଇ ତୁମେ ମୋତେ ଆଲିଙ୍ଗନ କରିପକାଅ । ତୁମର ସେହି ଆଲିଙ୍ଗନର ଅନୁଭୂତି ସ୍ମରଣ କରି ମୁଁ ଏଇଠାରେ ମେଘଗର୍ଜନକୁ ଅତି କଷ୍ଟରେ ସହ୍ୟ କରିଥିଲି, ଯେଉଁ ଗର୍ଜନ କି ଗୁହାମାନଙ୍କରେ ପ୍ରତିଧ୍ୱନି ହେତୁ ଦୀର୍ଘ ହୋଇଉଠୁଥିଲା । ୨୮

ବର୍ଷାସିକ୍ତ ଭୂମିରୁ ଯେଉଁ ବାଷ୍ପ ଉଠୁଥିଲା, ତାହା ସହିତ, ପ୍ରସ୍ଫୁଟିତ ନୂତନ କେନ୍ଦୁଳି ପୁଷ୍ପ ମିଳିତ ହୋଇ ତୁମର ବିବାହ ସମୟର ଚକ୍ଷୁ-ସୌନ୍ଦର୍ଯ୍ୟକୁ ଅନୁକରଣ କରୁଥିଲା । କାରଣ, ବିବାହ ସମୟରେ ତୁମର ଚକ୍ଷୁ ହୋମଧୂଆଁ-ହେତୁ ଠିକ୍ ପ୍ରସ୍ଫୁଟିତ କେନ୍ଦୁଳି ପୁଷ୍ପ ପରି ଲୋହିତ ବର୍ଣ୍ଣ ଧାରଣ କରିଥିଲା । ନୂତନ ପ୍ରସ୍ଫୁଟିତ କେନ୍ଦୁଳି ପୁଷ୍ପର ଏ ଦୃଶ୍ୟ ମୋ ପକ୍ଷରେ ଥିଲା ଅତ୍ୟନ୍ତ ବେଦନାଦାୟକ । ୨୯

ଏଇ, ପମ୍ପାସରୋବରର ଜଳ ଦୃଷ୍ଟିଗୋଚର ହେଉଛି । ବେତସବନ ଜଳ ନିକଟକୁ ଲାଗି ଆସି ତାହାକୁ ଆଚ୍ଛାଦିତ କରିଛି । ଚପଳ ରାଜହଂସଗଣ ଦୂରରୁ ଅତି କ୍ଷୁଦ୍ର ଦେଖାଯାଉଛନ୍ତି । ମୋର ଦୃଷ୍ଟି ବହୁଦୂରକୁ ଯାଉଥିବାରୁ ସତେ ଯେପରି କ୍ଲାନ୍ତ ହୋଇ ପମ୍ପାର ସେହି ଜଳକୁ ପିଇଯିବାରେ ଲାଗିଛି ! ୩୦

ପ୍ରିୟେ, ଏହି ସ୍ଥାନରେ ଯେତେବେଳେ ଚକ୍ରବାକ - ଚକ୍ରବାକୀ ଯୋଡ଼ି ଯୋଡ଼ି ହୋଇ ପରସ୍ପରକୁ ପଦ୍ମକେଶର ଖୁଆଉଥିଲେ, ସେତେବେଳେ ମୁଁ ତୁମ ବିରହରେ ସେମାନଙ୍କୁ ଅତି ସ୍ନେହର ସହିତ ଦେଖୁଥିଲି । ୩୧

ପମ୍ପା ତଟରେ ଏଇ ଯେଉଁ କ୍ଷୁଦ୍ର ଅଶୋକଲତାଟିଏ ଦିଶୁଛି, ଯାହା କି ତୁମ ସ୍ତନତୁଲ୍ୟ ସୁନ୍ଦର ଫୁଲପେଣ୍ଡାରେ ଟିକିଏ ନଇଁ ପଡ଼ିଛି, ତୁମକୁ ପାଇଗଲି ବୋଲି ଭାବି ମୁଁ ତାକୁ ଆଲିଙ୍ଗନ କରିବାକୁ ଯାଉଥିଲି । କିନ୍ତୁ ଲକ୍ଷ୍ମଣ ତାହା ଲତା ବୋଲି କହି ବାରଣ କରନ୍ତେ ମୁଁ କାନ୍ଦି ପକାଇଥିଲି । ୩୨

ଆମ ବିମାନର ଠାଏ ଠାଏ ଯେଉଁ ସୁବର୍ଣ୍ଣ କିଙ୍କିଣୀ ବନ୍ଧା ହୋଇଛି, ତାହାର ଶବ୍ଦ ଶୁଣି ଗୋଦାବରୀର ରାଜହଂସମାନେ ସତେ ଯେପରି ତୁମକୁ ପାଛୋଟି ନେବା ଉଦ୍ଦେଶ୍ୟରେ ଆକାଶକୁ ଉଡ଼ି ଆସୁଛନ୍ତି । ୩୩

ମୁଁ ଏହି ପଞ୍ଚବଟୀକୁ ବହୁଦିନ ପରେ ଦେଖି ଭାରି ଆନନ୍ଦ ଲାଭ କରୁଛି । ତୁମେ କ୍ଷୀଣକଟୀ ହେଲେ ମଧ୍ୟ ଏଇଠାରେ କଳସୀରୁ ଜଳ ଢାଳି ଛୋଟ ଛୋଟ ଆମ୍ବଗଛଗୁଡ଼ିକୁ ବଢ଼ାଇଥିଲ । ଏଇଠାରେ କୃଷ୍ଣସାର ମୃଗମାନେ ମୁହଁ ଟେକି ଆମକୁ ଚାହିଁ ରହୁଥିଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अत्रानुगोदं मृगयानिवृत्तस्तरङ्गवातेन विनीतखेदः ।
रहस्त्वदुत्सङ्गनिषण्णमूर्धा स्मरामि वानीरगृहेषु सुप्तम् ॥३५
ଅତ୍ରାନୁଗୋଦଂ ମୃଗୟାନିବୃତ୍ତସ୍ତରଙ୍ଗବାତେନ ବିନୀତଖେଦଃ ।
ରହସ୍ତ୍ୱଦୁତ୍ସଙ୍ଗନିଷଣ୍ଣମୂର୍ଧା ସ୍ମରାମି ବାନୀରଗୃହେଷୁ ସୁପ୍ତମ୍ ॥୩୫

भ्रूभेदमात्रेण पदान्मघोनः प्रभ्रंशयां यो नहुषं चकार ।
तस्याविलाम्भःपरिशुद्धिहेतोर्भौमो मुनेः स्थानपरिग्रहोऽयम् ॥३६
ଭ୍ରୂଭେଦମାତ୍ରେଣ ପଦାନ୍ମଘୋନଃ ପ୍ରଭ୍ରଂଶୟାଂ ଯୋ ନହୁଷଂ ଚକାର ।
ତସ୍ୟାବିଲାମ୍ଭଃପରିଶୁଦ୍ଧିହେତୋର୍ଭୌମୋ ମୁନେଃ ସ୍ଥାନପରିଗ୍ରହୋଽୟମ୍ ॥୩୬

त्रेताग्निधूमाग्रमनिन्द्यकीर्तेस्तस्येदमाक्रान्तविमानमार्गम् ।
घ्रात्वा हविर्गन्धि रजोविमुक्तः समश्नुते मे लघिमानमात्मा ॥३७
ତ୍ରେତାଗ୍ନିଧୂମାଗ୍ରମନିନ୍ଦ୍ୟକୀର୍ତ୍ତେସ୍ତସ୍ୟେଦମାକ୍ରାନ୍ତବିମାନମାର୍ଗମ୍ ।
ଘ୍ରାତ୍ୱା ହବିର୍ଗନ୍ଧି ରଜୋବିମୁକ୍ତଃ ସମଶ୍ନୁତେ ମେ ଲଘିମାନମାତ୍ମା ॥୩୭

एतन्मुनेर्मानिनि शातकर्णेः पञ्चाप्सरो नाम विहारवारि ।
आभाति पर्यन्तवनं विदूरान्मेघान्तरालक्ष्यमिवेन्दुबिम्बम् ॥३८
ଏତନ୍ମୁନେର୍ମାନିନି ଶାତକର୍ଣ୍ଣେଃ ପଞ୍ଚାପ୍ସରୋ ନାମ ବିହାରବାରି ।
ଆଭାତି ପର୍ଯ୍ୟନ୍ତବନଂ ବିଦୂରାନ୍ମେଘାନ୍ତରାଲକ୍ଷ୍ୟମିବେନ୍ଦୁବିମ୍ବମ୍ ॥୩୮

पुरा स दर्भाङ्कुरमात्रवृत्तिश्चरन् मृगैः सार्धमृषिर्मघोना ।
समाधिभीतेन किलोपनीतः पञ्चाप्सरोयौवनकूटबन्धम् ॥३९
ପୁରା ସ ଦର୍ଭାଙ୍କୁରମାତ୍ରବୃତ୍ତିଶ୍ଚରନ୍ ମୃଗୈଃ ସାର୍ଧମୃଷିର୍ମଘୋନା ।
ସମାଧିଭୀତେନ କିଲୋପନୀତଃ ପଞ୍ଚାପ୍ସରୋଯୌବନକୂଟବନ୍ଧମ୍ ॥୩୯

तस्यायमन्तर्हितसौधभाजः प्रसक्तसंगीतमृदङ्गघोषः ।
वियद्गतः पुष्पकचन्द्रशालाः क्षणं प्रतिश्रुन्मुखराः करोति ॥४०
ତସ୍ୟାୟମନ୍ତର୍ହିତସୌଧଭାଜଃ ପ୍ରସକ୍ତସଂଗୀତମୃଦଙ୍ଗଘୋଷଃ ।
ବିୟଦ୍‌ଗତଃ ପୁଷ୍ପକଚନ୍ଦ୍ରଶାଳାଃ କ୍ଷଣଂ ପ୍ରତିଶ୍ରୁନ୍ମୁଖରାଃ କରୋତି ॥ ୪୦

हविर्भुजामेधवतां चतुर्णां मध्ये ललाटन्तपसप्तसप्तिः ।
असौ तपस्यत्यपरस्तपस्वी नाम्ना सुतीक्ष्णश्चरितेन दान्तः ॥४१
ହବିର୍ଭୁଜାମେଧବତାଂ ଚତୁର୍ଣ୍ଣାଂ ମଧ୍ୟେ ଲଲାଟନ୍ତପସପ୍ତସପ୍ତିଃ ।
ଅସୌ ତପସ୍ୟତ୍ୟପରସ୍ତପସ୍ୱୀ ନାମ୍ନା ସୁତୀକ୍ଷ୍ଣଶ୍ଚରିତେନ ଦାନ୍ତଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଇ ବନରେ ମୁଁ ମୃଗୟାରୁ ଫେରିଆସି ନିଭୃତ ଗୋଦାବରୀକୂଳର ବେତସକୁଞ୍ଜ ଭିତରେ ତୁମ କୋଳରେ ମୁଣ୍ଡ ରଖି ଶୋଇଥିଲି । ଗୋଦାବରୀର ତରଙ୍ଗବାୟୁ ମୋର କ୍ଲାନ୍ତି ଦୂର କରି ନେଉଥିଲା । ଆଜି ସେ ସବୁ କଥା ମୋର ମନେ ପଡୁଛି । ୩୫

ଯେ ଏକ ଭ୍ରୂକୁଟୀରେ ନହୁଷକୁ ଇନ୍ଦ୍ର ପଦରୁ ଚ୍ୟୁତ କରି ଦେଇଥିଲେ, ଯେ ପଙ୍କିଳ ଜଳକୁ ପରିଷ୍କୃତ କରନ୍ତି, ସେହି ଅଗସ୍ତି ମୁନିଙ୍କର ଏ ହେଉଛି ମର୍ତ୍ତ୍ୟମଣ୍ଡଳସ୍ଥିତ ଆଶ୍ରମ । (ଶରତ୍ କାଳରେ ଅଗସ୍ତି ନକ୍ଷତ୍ର ରୂପରେ ଉଦିତ ହେଲେ ବର୍ଷାଋତୁରୁ ଗୋଳିଆ ରହିଥିବା ଜଳ ପରିଷ୍କୃତ ହୁଏ ।) ୩୬

ସେହି ଯଶସ୍ୱୀ ମୁନିଙ୍କର ଆଶ୍ରମରୁ ତିନି ଅଗ୍ନିର ଧୂମ ଉଠି, ଆମର ବିମାନ ଯେଉଁ ପଥରେ ଯାଉଛି, ତାହାକୁ ଆଚ୍ଛନ୍ନ କରୁଛି । ଏହି ଧୂମରେ ଅଛି ଆହୁତିର ସୁଗନ୍ଧ । ଏହାକୁ ଆଘ୍ରାଣ କରି ମୋର ଅନ୍ତଃକରଣ ରଜସିକ ଗୁଣରୁ ମୁକ୍ତ ହୋଇ ଉଶ୍ୱାସ ହୋଉଯାଉଛି । (ତିନି ଅଗ୍ନି—ପ୍ରାଜାପତ୍ୟ, ଆହବନୀୟ, ଗାର୍ହପତ୍ୟ । ୩୭)

ଗୋ ମାନିନି, ଏ ହେଉଛି ଶାତକର୍ଣ୍ଣି ମୁନିଙ୍କର ବିହାର - ସରୋବର । ଏହାର ନାମ ପଞ୍ଚାପ୍ସର । ନିକଟରେ ମେଘ ଥିଲେ ଚନ୍ଦ୍ର ମଣ୍ଡଳ ଯେପରି ଦେଖାଯାଏ, ନିକଟରେ ବନ ଥିବାରୁ ଏ କ୍ରୀଡାସରୋବର ସେହିପରି ଦେଖାଯାଉଛି । ୩୮

ଶାତକର୍ଣ୍ଣି ମୁନି ପୂର୍ବେ ମୃଗମାନଙ୍କ ସହିତ ଚରୁଥିଲେ ଏବଂ କୁଶାଙ୍କୁର ଖାଇ ପ୍ରାଣଧାରଣ କରୁଥିଲେ । କିନ୍ତୁ ଇନ୍ଦ୍ର ତାଙ୍କର ଯୋଗସମାଧିରେ ଶଙ୍କିତ ହୋଇ ଯେଉଁ ପାଞ୍ଚଜଣ ଅପ୍ସରାଙ୍କୁ ତାଙ୍କ ନିକଟକୁ ପଠାଇଲେ, ମୁନି ସେମାନଙ୍କର ଯୌବନ ରୂପକ କପଟ ଜାଲରେ ପଡ଼ିଗଲେ । ୩୯

ବର୍ତ୍ତମାନ ସେ ଏହି ସରୋବର - ମଧ୍ୟସ୍ଥିତ ପ୍ରାସାଦରେ ବାସ କରୁଛନ୍ତି । ସେଠାରେ ସଙ୍ଗୀତ ସହିତ ଯେଉଁ ମୃଦଙ୍ଗ ବାଦ୍ୟ ଚାଲିଛି, ତାହାର ଧ୍ୱନି ଆକାଶକୁ ଉଠି ଆମ ବିମାନର ଉପର କୋଠରୀଗୁଡ଼ିକୁ ବେଳେବେଳେ ଝଙ୍କୃତ କରିଦେଉଛି । ୪୦

ଆଉ, ଏଇ ଯେଉଁ ଅନ୍ୟ ଜଣେ ତପସ୍ୱୀ ତପସ୍ୟା କରୁଛନ୍ତି, ତାଙ୍କର ନାମ ସୁତୀକ୍ଷ୍ଣ । ଏ ଜିତେନ୍ଦ୍ରିୟ । ଏହାଙ୍କ ଚାରିପାଖରେ ପ୍ରଜ୍ୱଳିତ ଅଗ୍ନି ଏବଂ ଉପରେ ମସ୍ତକ ଉତ୍ତପ୍ତକାରୀ ପ୍ରଚଣ୍ଡ ସୂର୍ଯ୍ୟ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अमुं सहासप्रहितेक्षणानि व्याजार्धसंदर्शितमेखलानि ।
नालं विकर्तुं जनितेन्द्रशङ्कं सुराङ्गनाविभ्रमचेष्टितानि ॥४२
ଅମୁଂ ସହାସପ୍ରହିତେକ୍ଷଣାନି ବ୍ୟାଜାର୍ଧସଂଦର୍ଶିତମେଖଳାନି ।
ନାଲଂ ବିକର୍ତୁଂ ଜନିତେନ୍ଦ୍ରଶଙ୍କଂ ସୁରଙ୍ଗନାବିଭ୍ରମଚେଷ୍ଟିତାନି ।।୪୨

एषोऽक्षमालावलयं मृगाणां कण्डूयितारं कुशसूचिलावम् ।
सभाजने मे भुजमूर्ध्वबाहुः सव्येतरं प्राध्वमितः प्रयुङ्क्ते ॥४३
ଏଷୋଽକ୍ଷମାଳାବଳୟଂ ମୃଗାଣାଂ କଣ୍ଡୂୟିତାରଂ କୁଶସୂଚିଲାବମ୍ ।
ସଭାଜନେ ମେ ଭୁଜମୂର୍ଦ୍ଧ୍ୱବାହୁଃ ସବ୍ୟେତରଂ ପ୍ରାଧ୍ୱମିତଃ ପ୍ରଯୁଙ୍କ୍ତେ ।।୪୩

वाचंयमत्वात् प्रणतिं ममैष कम्पेन किञ्चित् प्रतिगृह्य मूर्ध्नः ।
दृष्टिं विमानव्यवधानमुक्तां पुनः सहस्रार्चिषि संनिधत्ते ॥४४
ବାଚଂଯମତ୍ୱାତ୍ ପ୍ରଣତିଂ ମମୈଷ କମ୍ପେନ କିଂଚିତ୍ ପ୍ରତିଗୃହ୍ୟ ମୂର୍ଦ୍ଧ୍ନଃ ।
ଦୃଷ୍ଟିଂ ବିମାନବ୍ୟବଧାନମୁକ୍ତାଂ ପୁନଃ ସହସ୍ରାର୍ଚ୍ଚିଷି ସଂନିଧତ୍ତେ ।।୪୪

अदः शरण्यं शरभङ्गनाम्नस्तपोवनं पावनमाहिताग्नेः ।
चिराय संतर्प्य समिद्भिरग्निं यो मन्त्रपूतां तनुमप्यहौषीत् ॥४५
ଅଦଃ ଶରଣ୍ୟଂ ଶରଭଙ୍ଗନାମ୍ନସ୍ତପୋବନଂ ପାବନମାହିତାଗ୍ନେଃ ।
ଚିରାୟ ସଂତର୍ପ୍ୟ ସମିଦ୍ଭିରଗ୍ନିଂ ଯୋ ମନ୍ତ୍ରପୂତାଂ ତନୁମପ୍ୟହୌଷୀତ୍ ।।୪୫

छायाविनीताध्वपरिश्रमेषु भूयिष्ठसंभाव्यफलेष्वमीषु ।
तस्यातिथीनामधुना सपर्या स्थिता सुपुत्रेष्विव पादपेषु ॥४६
ଛାୟାବିନୀତାଧ୍ୱପରିଶ୍ରମେଷୁ ଭୂୟିଷ୍ଠସଂଭାବ୍ୟଫଳେଷ୍ୱମୀଷୁ ।
ତସ୍ୟାତିଥୀନାମଧୁନା ସପର୍ଯ୍ୟା ସ୍ଥିତା ସୁପୁତ୍ରେଷ୍ୱିବ ପାଦପେଷୁ ।।୪୬

धारास्वनोद्गारिदरीमुखोऽसौ शृङ्गाग्रलग्नाम्बुदवप्रपङ्कः ।
बध्नाति मे बन्धुरगात्रि चक्षुर्दृप्तः ककुद्मानिव चित्रकूटः ॥४७
ଧାରାସ୍ୱନୋଦ୍ଗାରିଦରୀମୁଖୋଽସୌ ଶୃଙ୍ଗାଗ୍ରଲଗ୍ନାମ୍ବୁଦବପ୍ରପଙ୍କଃ ।
ବଧ୍ନାତି ମେ ବନ୍ଧୁରଗାତ୍ରି ଚକ୍ଷୁର୍ଦୃପ୍ତଃ କକୁଦ୍ମାନିବ ଚିତ୍ରକୂଟଃ ।।୪୭

एषा प्रसन्नस्तिमितप्रवाहा सरिद् विदूरान्तरभावतन्वी ।
मन्दाकिनी भाति नगोपकण्ठे मुक्तावली कण्ठगतेव भूमेः ॥४८
ଏଷା ପ୍ରସନ୍ନସ୍ତିମିତପ୍ରବାହା ସରିଦ୍ ବିଦୂରାନ୍ତରଭାବତନ୍ୱୀ ।
ମନ୍ଦାକିନୀ ଭାତି ନଗୋପକଣ୍ଠେ ମୁକ୍ତାବଳୀ କଣ୍ଠଗତେବ ଭୂମେଃ ।। ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ମୁନିଙ୍କ ତପସ୍ୟାରେ ଶଙ୍କିତ ହୋଇ ଇନ୍ଦ୍ର ଯେଉଁ ଅପ୍‌ସରାମାନଙ୍କୁ ପଠାଇଲେ, ସେମାନେ ସ୍ମିତ-ହାସ୍ୟରେ ଏହାଙ୍କ ଆଡକୁ କଟାକ୍ଷ ଦୃଷ୍ଟି ନିକ୍ଷେପ କଲେ, ଛଳନାରେ ଅଣ୍ଟାସୂତାକୁ ଅଧା ଦେଖାଇଲେ । କିନ୍ତୁ ସେ ସବୁ କାମ-ଭାବଭଙ୍ଗୀ ଏହାଙ୍କ ମନରେ ଲେଶମାତ୍ର ବିକାର ସୃଷ୍ଟି କରି ପାରିଲା ନାହିଁ । ୪୨

ଏ ସର୍ବଦା ବାମ ହସ୍ତ ଉପରକୁ ଟେକି ଥାଆନ୍ତି । ଦକ୍ଷିଣ ହସ୍ତରେ ଜପାମାଳା ଧରନ୍ତି, ମୃଗମାନଙ୍କୁ କୁଣ୍ଢାଇ ଦିଅନ୍ତି, ପୁଣି କୁଶାଙ୍କୁର ଛିନ୍ନ କରନ୍ତି । ଏଇ, ବର୍ତ୍ତମାନ ମୋତେ ଅଭିନନ୍ଦନ ଜଣାଇବା ପାଇଁ ମୁନି ତାଙ୍କର ଦକ୍ଷିଣ ହସ୍ତ ଉତ୍ତୋଳନ କଲେ । ୪୩

ଏଇ, ମୁନି ମୌନବ୍ରତ ଅବଲମ୍ବନ କରିଥିବାରୁ ମୁଣ୍ଡ ଅଳ୍ପ ହଲାଇ ମୋର ପ୍ରଣତି ଗ୍ରହଣ କଲେ ଏବଂ ଆମ ବିମାନ ଅତିକ୍ରମ କରି ଆସନ୍ତେ ସୂର୍ଯ୍ୟଙ୍କ-ଠାରେ ପୁଣି ଦୃଷ୍ଟି ନିବଦ୍ଧ କଲେ । ୪୪

ଏ ହେଉଛି ଶରଭଙ୍ଗ ମୁନିଙ୍କର ପବିତ୍ର ତପୋବନ । ଏଥିରେ ଶର-ଣାର୍ଥୀମାନେ ଆଶ୍ରୟଲାଭ କରନ୍ତି । ଶରଭଙ୍ଗ ମୁନି ନିୟମିତ ଅଗ୍ନିହୋତ୍ର ସମ୍ପାଦନ କରୁଥିଲେ । ବହୁକାଳ ପର୍ଯ୍ୟନ୍ତ ଅଗ୍ନିକୁ ସମିଧ-ପ୍ରଦାନରେ ସନ୍ତୁଷ୍ଟ କରି ଶେଷରେ ନିଜର ମନ୍ତ୍ରପୂତ ଶରୀରକୁ ମଧ୍ୟ ଆହୁତି ରୂପେ ଅର୍ପଣ କରି-ଦେଲେ । ୪୫

ସେ ଅତିଥିମାନଙ୍କର ଯେଭଳି ସତ୍କାର କରୁଥିଲେ, ବର୍ତ୍ତମାନ ଏହି ଆଶ୍ରମରେ ବୃକ୍ଷମାନେ ତାଙ୍କର ପୁତ୍ରରୂପେ ରହି ସେଭଳି କାର୍ଯ୍ୟ କରୁଛନ୍ତି । ଏମାନେ ଛାୟା ପ୍ରଦାନ କରି ଅତିଥିମାନଙ୍କର କ୍ଳାନ୍ତି ଦୂର କରୁଛନ୍ତି ଏବଂ ଭୋଜନ ପାଇଁ ପ୍ରଚୁର ସ୍ୱାଦୁଫଳ ଦେଉଛନ୍ତି । ୪୬

ଗୋ ସୁନ୍ଦରୀ, ବୃଷଭ ମାଟି ତାଡ଼ି କ୍ରୀଡା କରୁଥିବାବେଳେ ତା' ଶିଙ୍ଗରେ ମାଟି ଲାଗିଥାଏ ତଥା ମୁଖରୁ ଗର୍ଜନ ଶୁଭୁଥାଏ । ଏହି ଚିତ୍ରକୂଟ ପର୍ବତର ଶୃଙ୍ଗରେ ସେହିପରି ମେଘ ଲାଗିଛି ଏବଂ ଏହାର ଗୁହାରୁ ଝରଣା ଶବ୍ଦ ଶୁଭୁଛି । ତେଣୁ ଏହି ପର୍ବତ ବୃଷଭ ଭଳି ଜଣା ପଡି ମୋର ଦୃଷ୍ଟିକୁ ଆକର୍ଷଣ କରି ରଖୁଛି । ୪୭

ଏଇ, ମନ୍ଦାକିନୀ ନଦୀ ଦୂରରୁ କ୍ଷୀଣ ଦେଖାଯାଉଛି । ଏହାର ଜଳ ସ୍ୱଚ୍ଛ ଆଉ ତରଙ୍ଗହୀନ । ଏ ନଦୀ ଚିତ୍ରକୂଟ ନିକଟରେ ବସୁଧା - କଣ୍ଠରେ ଲାଗିଥିବା ଏକ ମୁକ୍ତାହାର ପରି ବୋଧ ହେଉଛି । ମନ୍ଦାକିନୀ – ଚିତ୍ରକୂଟ ନିକଟରେ ପ୍ରବାହିତ ଏକ ନଦୀ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अयं सुजातोऽनुगिरं तमालः प्रवालमादाय सुगन्धि यस्य ।
यवाङ्कुरापाण्डुकपोलशोभी मयावंतसः परिकल्पितस्ते ॥४९
ଅୟଂ ସୁଜାତୋଽନୁଗିରଂ ତମାଲଃ ପ୍ରବାଲମାଦାୟ ସୁଗନ୍ଧି ଯସ୍ୟ ।
ଯବାଙ୍କୁରପାଣ୍ଡୁକପୋଲଶୋଭୀ ମୟାବଂତସଃ ପରିକଳ୍ପିତସ୍ତେ ॥୪୯

अनिग्रहत्रासविनीतसत्त्वमपुष्पलिङ्गात् फलबन्धिवृक्षम् ।
वनं तपःसाधनमेतदत्रेराविष्कृतोदग्रतरप्रभावम् ॥५०
ଅନିଗ୍ରହତ୍ରାସବିନୀତସତ୍ତ୍ୱମପୁଷ୍ପଲିଙ୍ଗାତ୍ ଫଳବନ୍ଧିବୃକ୍ଷମ୍ ।
ବନଂ ତପଃସାଧନମେତଦତ୍ରେରାବିଷ୍କୃତୋଦଗ୍ରତରପ୍ରଭାବମ୍ ॥୫୦

अत्राभिषेकाय तपोधनानां सप्तर्षिहस्तोद्धृतहेमपद्माम् ।
प्रवर्तयामास किलानुसूया त्रिस्रोतसं त्र्यम्बकमौलिमालाम् ॥५१
ଅତ୍ରାଭିଷେକାୟ ତପୋଧନାନାଂ ସପ୍ତର୍ଷିହସ୍ତୋଦ୍ଧୃତହେମପଦ୍ମାମ୍ ।
ପ୍ରବର୍ତ୍ତୟାମାସ କିଲାନୁସୂୟା ତ୍ରିସ୍ରୋତସଂ ତ୍ର୍ୟମ୍ବକମୌଳିମାଳାମ୍ ॥୫୧

वीरासनैर्ध्यानजुषामृषीणाममी समध्यासितवेदिमध्याः ।
निवातनिष्कम्पतया विभान्ति योगाधिरूढा इव शाखिनोऽपि ॥५२
ବୀରାସନୈର୍ଧ୍ୟାନଜୁଷାମୃଷୀଣାମମୀ ସମଧ୍ୟାସିତବେଦିମଧ୍ୟାଃ ।
ନିବାତନିଷ୍କମ୍ପତୟା ବିଭାନ୍ତି ଯୋଗାଧିରୂଢା ଇବ ଶାଖିନୋଽପି ॥୫୨

त्वया पुरस्तादुपयाचितो यः सोऽयं वटः श्याम इति प्रतीतः ।
राशिर्मणीनामिव गारुडानां सपद्मरागः फलितो विभाति ॥५३
ତ୍ୱୟା ପୁରସ୍ତାଦୁପୟାଚିତୋ ଯଃ ସୋଽୟଂ ବଟଃ ଶ୍ୟାମ ଇତି ପ୍ରତୀତଃ ।
ରାଶିର୍ମଣୀନାମିବ ଗାରୁଡାନାଂ ସପଦ୍ମରାଗଃ ଫଳିତୋ ବିଭାତି ॥୫୩

क्वचित् प्रभालेपिभिरिन्द्रनीलैर्मुक्तामयी यष्टिरिवानुविद्धा ।
अन्यत्र माला सितपङ्कजानामिन्दीवरैरुत्खचितान्तरेव ॥५४
କ୍ୱଚିତ୍ ପ୍ରଭାଲେପିଭିରିନ୍ଦ୍ରନୀଳୈର୍ମୁକ୍ତାମୟୀ ଯଷ୍ଟିରିବାନୁବିଦ୍ଧା ।
ଅନ୍ୟତ୍ର ମାଳା ସିତପଙ୍କଜାନାମିନ୍ଦୀବରୈରୁତ୍ଖଚିତାନ୍ତରେବ ॥୫୪

क्वचित् खगानां प्रियमानसानां कादम्बसंसर्गवतीव पङ्क्तिः ।
अन्यत्र कालागुरुदत्तपत्रा भक्तिर्भुवश्चन्दनकल्पितेव ॥५५
କ୍ୱଚିତ୍ ଖଗାନାଂ ପ୍ରିୟମାନସାନାଂ କାଦମ୍ବସଂସର୍ଗବତୀବ ପଙ୍କ୍ତିଃ ।
ଅନ୍ୟତ୍ର କାଳାଗୁରୁଦତ୍ତପତ୍ରା ଭକ୍ତିର୍ଭୁବଶ୍ଚନ୍ଦନକଳ୍ପିତେବ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଖ, ଏ ହେଉଛି ଚିତ୍ରକୂଟ ପାଦଦେଶରେ ସେହି ତମାଳ ବୃକ୍ଷ, ଯାହାର ସୁବାସିତ ନବପଲ୍ଲବ ନେଇ ମୁଁ ତୁମର କର୍ଣ୍ଣ ଭୂଷଣ କରିଥିଲି, ତାହା ତୁମର ଯବାଙ୍କୁରତୁଲ୍ୟ ଗୌରବର୍ଣ୍ଣ ଗଣ୍ଡସ୍ଥଳରେ ଅତ୍ୟନ୍ତ ଶୋଭ ପାଇଥିଲ । ୪୯

ଏଇ, ଅତ୍ରିମୁନିଙ୍କର ତପୋବନ । ଏଠାରେ ପ୍ରାଣୀମାନଙ୍କୁ ଆଦୌ ଦଣ୍ଡ ଦିଆଯାଏ ନାହିଁ, ତଥାପି ସେମାନେ ବିନୀତ । ଏଠାରେ ବିନା ଫୁଲରେ ମଧ୍ୟ ବୃକ୍ଷମାନେ ଫଳଧାରଣ କରନ୍ତି । ଏଥିରୁ ଅତ୍ରିମୁନିଙ୍କର ଗଭୀର ତପସ୍ୟାର ପ୍ରଭବ ପରିସ୍ଫୁଟ । ୫୦

ଯେ ଶିବଙ୍କ ମସ୍ତକର ମାଳ ସ୍ୱରୂପ ଏବଂ ଯେଉଁଥିରୁ ସପ୍ତର୍ଷି ସ୍ୱହସ୍ତରେ ସୁବର୍ଣ୍ଣ ପଦ୍ମ ତୋଳନ୍ତି, ସେହି ସ୍ୱର୍ଗଗଙ୍ଗାକୁ ଅନୁସୂୟା ତପସ୍ୱୀମାନଙ୍କର ସ୍ନାନ-ନିମନ୍ତେ ଏଇଠାକୁ ଆଣିଥିଲେ । ୫୧

ଦେଖ, ଏହି ବୃକ୍ଷମାନଙ୍କର ମୂଳ ଚାରିପାଖରେ ବେଦୀ ବନ୍ଧାହୋଇଛି । ବର୍ତ୍ତମାନ ବାୟୁର ବେଗ ଆଦୌ ନଥିବାରୁ ବୃକ୍ଷମାନେ ନିଶ୍ଚଳ ରହି ଶୋଭ-ପାଉଛନ୍ତି । ତେଣୁ ବୋଧ ହେଉଛି, ମୁନିମାନେ ବେଦୀ ଉପରେ ବୀରସନରେ ବସି ଧ୍ୟାନ କରନ୍ତି ବୋଲି ସେମାନଙ୍କର ସମ୍ପର୍କରୁ ଏହି ବୃକ୍ଷମାନେ ମଧ୍ୟ ସତେ ଯେପରି ଯୋଗାଭ୍ୟାସ କରୁଛନ୍ତି ! ୫୨

ପ୍ରିୟେ ! ତୁମେ ପୂର୍ବେ ଯାହାକୁ ପ୍ରାର୍ଥନା କରିଥିଲ, ଏ ହେଉଛି ସେହି ଶ୍ୟାମ ବଟ । ଏହା ବର୍ତ୍ତମାନ ଫଳରାଶିରେ ପରିପୂର୍ଣ୍ଣ ; ତେଣୁ ପଦ୍ମରାଗମିଶା ମରକତ ମଣିର ଏକ ସ୍ତୂପ ଭଳି ସୁନ୍ଦର ଦିଶୁଛି । ୫୩

ଗୋ ସୁନ୍ଦରୀ, ଦେଖ, ଯମୁନାର ତରଙ୍ଗ ସହିତ ଗଙ୍ଗାର ତରଙ୍ଗ ମିଶିଯାଇଛି । ତେଣୁ ଗଙ୍ଗା କେଉଁଠାରେ ଉଜ୍ଜ୍ୱଳ-ମରକତ-ଖଚିତ ମୁକ୍ତାଯଷ୍ଟି ପରି, କେଉଁଠାରେ ବା ନୀଳକଇଁମିଶା ଶ୍ୱେତ ପଦ୍ମର ମାଳା ପରି, ୫୪

କେଉଁଠାରେ ମାନସସରୋବରର ନୀଳହଂସ ଯୁକ୍ତ ରାଜହଂସ ଧାଡ଼ିପରି, କେଉଁଠାରେ ବା ବସୁଧା ଉପରେ ଅଙ୍କିତ କୃଷ୍ଣଅଗୁରୁ-ମିଶ୍ରିତ ଚନ୍ଦନ-ଚିତା ପରି, ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

क्वचित् प्रभा चान्द्रमसी तमोभिश्छायाविलीनैः शबलीकृतेव ।
अन्यत्र शुभ्रा शरदभ्रलेखा रन्ध्रेष्विवालक्ष्यनभःप्रदेशा ।।५६
କ୍ୱଚିତ୍ ପ୍ରଭା ଚାନ୍ଦ୍ରମସୀ ତମୋଭିଶ୍ଛାୟାବିଲୀନୈଃ ଶବଳୀକୃତେବ ।
ଅନ୍ୟତ୍ର ଶୁଭ୍ରା ଶରଦଭ୍ରଲେଖା ରନ୍ଧ୍ରେଷ୍ୱିବାଲକ୍ଷ୍ୟନଭଃପ୍ରଦେଶା ।।୫୬

क्वचिच्च कृष्णोरगभूषणेव भस्माङ्गरागा तनुरीश्वरस्य ।
पश्यानवद्याङ्गि विभाति गङ्गा भिन्नप्रवाहा यमुनातरङ्गैः ।।५७
କ୍ୱଚିଚ୍ଚ କୃଷ୍ଣୋରଗଭୂଷଣେବ ଭସ୍ମାଙ୍ଗରାଗା ତନୁରୀଶ୍ୱରସ୍ୟ ।
ପଶ୍ୟାନବଦ୍ୟାଙ୍ଗି ବିଭାତି ଗଙ୍ଗା ଭିନ୍ନପ୍ରବାହା ଯମୁନାତରଙ୍ଗୈଃ ।।୫୭

समुद्रपत्न्योर्जलसंनिपाते पूतात्मनामत्र किलाभिषेकात् ।
तत्त्वावबोधेन विनापि भूयस्तनुत्यजां नास्ति शरीरबन्धः ।।५८
ସମୁଦ୍ରପତ୍ନ୍ୟୋର୍ଜଳସଂନିପାତେ ପୂତାତ୍ମନାମତ୍ର କିଳାଭିଷେକାତ୍ ।
ତତ୍ତ୍ୱାବବୋଧେନ ବିନାପି ଭୂୟସ୍ତନୁତ୍ୟଜାଂ ନାସ୍ତି ଶରୀରବନ୍ଧଃ ।।୫୮

पुरं निषादाधिपतेरिदं तद् यस्मिन् मया मौलिमणिं विहाय ।
जटासु बद्धास्वरुदत् सुमन्त्रः कैकेयि कामाः फलितास्तवेति ।।५९
ପୁରଂ ନିଷାଦାଧିପତେରିଦଂ ତଦ୍ ଯସ୍ମିନ୍ ମୟା ମୌଳିମଣିଂ ବିହାୟ ।
ଜଟାସୁ ବଦ୍ଧାସ୍ୱରୁଦତ୍ ସୁମନ୍ତ୍ରଃ କୈକେୟି କାମାଃ ଫଳିତାସ୍ତବେତି ।।୫୯

पयोधरैः पुण्यजनाङ्गनानां निर्विष्टहेमाम्बुजरेणु यस्याः ।
ब्राह्मं सरः कारणमाप्तवाचो बुद्धेरिवाव्यक्तमुदाहरन्ति ।।६०
ପୟୋଧରୈଃ ପୁଣ୍ୟଜନାଙ୍ଗନାନାଂ ନିର୍ବିଷ୍ଟହେମାମ୍ବୁଜରେଣୁ ଯସ୍ୟାଃ ।
ବ୍ରାହ୍ମଂ ସରଃ କାରଣମାପ୍ତବାଚୋ ବୁଦ୍ଧେରିବାବ୍ୟକ୍ତମୁଦାହରନ୍ତି ।।୬୦

जलानि या तीरनिखातयूपा वहत्ययोध्यामनु राजधानीम् ।
तुरङ्गमेधावभृथावतीर्णैरिक्ष्वाकुभिः पुण्यतरीकृतानि ।।६१
ଜଳାନି ଯା ତୀରନିଖାତୟୂପା ବହତ୍ୟଯୋଧ୍ୟାମନୁ ରାଜଧାନୀମ୍ ।
ତୁରଙ୍ଗମେଧାବଭୃଥାବତୀର୍ଣ୍ଣୈରିକ୍ଷ୍ୱାକୁଭିଃ ପୁଣ୍ୟତରୀକୃତାନି ।।୬୧

यां सैकतोत्सङ्गसुखोचितानां प्राज्यैः पयोभिः परिवर्धितानाम् ।
सामान्यधात्रीमिव मानसं मे संभावयत्युत्तरकोसलानाम् ।।६२
ଯାଂ ସୈକତୋତ୍ସଙ୍ଗସୁଖୋଚିତାନାଂ ପ୍ରାଜ୍ୟୈଃ ପୟୋଭିଃ ପରିବର୍ଦ୍ଧିତାନାମ୍ ।
ସାମାନ୍ୟଧାତ୍ରୀମିବ ମାନସଂ ମେ ସମ୍ଭାବୟତ୍ୟୁତ୍ତରକୋସଳାନାମ୍ ।।୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେଉଁଠାରେ ଛାୟା ଭିତରେ ମିଶାମିଶି ଚନ୍ଦ୍ରଜ୍ୟୋସ୍ନା ପରି, କେଉଁଠାରେ ବା ଆକାଶର ନୀଳିମା ମଧ୍ୟରେ ଛାପିଛାପିକିଆ ଶରତ୍‌-କାଳୀନ ମେଘମାଳା ପରି, ୫୬

ପୁଣି କେଉଁଠାରେ ଶିବଙ୍କର କୃଷ୍ଣସର୍ପବେଷ୍ଟିତ ଭସ୍ମବିଲେପିତ ଶରୀର ପରି (ଯମୁନାର ନୀଳ ଜଳ ସହିତ ମିଶିଥିବା ଗଙ୍ଗା) ଶୋଭା ପାଉଛି । ୫୭

ଗଙ୍ଗା ଯମୁନାର ଏହି ସଙ୍ଗମ ସ୍ଥଳରେ ସ୍ନାନ କଲେ ପ୍ରାଣୀମାନଙ୍କର ଅନ୍ତରାତ୍ମା ପବିତ୍ର ହୁଏ । ସେମାନେ ବିନା ଜ୍ଞାନରେ ମଧ୍ୟ ପୁନର୍ଜନ୍ମରୁ ମୁକ୍ତି ଲଭ କରନ୍ତି । ୫୮

ଏ ହେଉଛି ଶବରରଜ ଗୁହକଙ୍କର ନଗର । ମୁଁ ଯେତେବେଳେ ଏହିଠାରେ ମସ୍ତକରୁ ମୁକୁଟ ଓହ୍ଲାଇ ବଲ୍‌କଲ୍ ପିନ୍ଧିଲି, ସେତେବେଳେ ସୁମନ୍ତ କାନ୍ଦି କାନ୍ଦି କହିଥିଲେ –'କୈକେୟୀ ! ତୁମର ଅଭିଳାଷ ପୂର୍ଣ୍ଣ ହେଲା ।' ୫୯

ଗୋ ବୈଦେହୀ ! ଏ ସେଇ ସରଯୂ । ମୁନିମାନେ କହନ୍ତି, 'ଅବ୍ୟକ୍ତ' ବୁଦ୍ଧିର ଉତ୍ପତ୍ତିସ୍ଥଳ । ସେହିପରି ଏହାର ଉତ୍ପତ୍ତିସ୍ଥଳ ମାନସରୋବର । ମାନସରୋବରର ଶୋଭା ଅନିର୍ବଚନୀୟ । ସେଥିରେ ଫୁଟେ ପ୍ରଚୁର ସୁବର୍ଣ୍ଣ-ପଦ୍ମ । ଆଉ ଯକ୍ଷଯୁବତୀମାନେ ଜଳକେଳି କରୁଥିଲାବେଳେ ସେହି ସୁବର୍ଣ୍ଣ-ପଦ୍ମର ପରାଗ ସେମାନଙ୍କର ସ୍ତନ ମଣ୍ଡନ କରେ । ୬୦

ଏହି ନଦୀଜଳ ସ୍ୱଭବତଃ ପବିତ୍ର । ପୁଣି ଆମ ଇକ୍ଷ୍ୱାକୁ ବଂଶର ପୂର୍ବ-ପୁରୁଷଗଣ ଅଶ୍ୱମେଧ ଯଜ୍ଞ ଶେଷରେ ଏଥିରେ ସ୍ନାନ କରିଥିବାରୁ ଏ ଜଳ ଅଧିକ ପବିତ୍ର । ଦେଖ, ଏହାର କୂଳରେ ଯଜ୍ଞସ୍ତମ୍ଭମାନ ପୋତାଯାଇଛି । ଏଇ ପବିତ୍ର ଜଳରାଶିକୁ ସରଯୂ ଆମ ରାଜଧାନୀ ଅଯୋଧ୍ୟା ନିକଟକୁ ବହନ କରି ଘେନି ଯାଉଛି । ୬୧

ଏଇ ସରଯୂ ଉତ୍ତରକୋଶଳର ରାଜାମାନଙ୍କୁ ନିଜର ବାଲୁକା-କୋଳରେ ଶୁଆଇ ଏବଂ ପ୍ରଚୁର ଦୁଗ୍ଧତୁଲ୍ୟ ଜଳ ପିଆଇ ବଢ଼ାଇ ଆଣିଛି । ତେଣୁ ଏ ଆମ ପୂର୍ବପୁରୁଷମାନଙ୍କର ଧାତ୍ରୀସ୍ୱରୂପା । ଗୋ ବୈଦେହୀ, ପ୍ରକୃତରେ ମୁଁ ଏହାକୁ ଧାତ୍ରୀ ମନେକରି ସମ୍ମାନର ସହିତ ପ୍ରଣତି ଜଣାଏ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सेयं मदीया जननीव तेन मान्येन राज्ञा सरयूर्वियुक्ता ।
दूरे वसन्तं शिशिरानिलैर्मां तरङ्गहस्तैरुपगूहतीव ।।६३

ସେୟଂ ମଦୀୟା ଜନନୀବ ତେନ ମାନ୍ୟେନ ରାଜ୍ଞା ସରୟୂର୍ବିୟୁକ୍ତା ।
ଦୂରେ ବସନ୍ତଂ ଶିଶିରାନିଲୈର୍ମାଂ ତରଙ୍ଗହସ୍ତୈରୁପଗୂହତୀବ ।।୬୩

विरक्तसंध्याकपिशं पुरस्ताद् यतो रजः पार्थिवमुज्जिहीते ।
शङ्के हनूमत्कथितप्रवृत्तिः प्रत्युद्गतो मां भरतः ससैन्यः ।।६४

ବିରକ୍ତସଂଧ୍ୟାକପିଶଂ ପୁରସ୍ତାଦ୍ ଯତୋ ରଜଃ ପାର୍ଥିବମୁଜ୍ଜିହୀତେ ।
ଶଙ୍କେ ହନୁମତ୍କଥିତପ୍ରବୃତ୍ତିଃ ପ୍ରତ୍ୟୁଦ୍‌ଗତୋ ମାଂ ଭରତଃ ସସୈନ୍ୟଃ ।।୬୪

अद्धा श्रियं पालितसंगराय प्रत्यर्पयिष्यत्यनघां स साधुः ।
हत्वा निवृत्ताय मृधे खरादीन् संरक्षितां त्वामिव लक्ष्मणो मे ।।६५

ଅଦ୍ଧା ଶ୍ରିୟଂ ପାଲିତସଂଗରାୟ ପ୍ରତ୍ୟର୍ପୟିଷ୍ୟତ୍ୟନଘାଂ ସ ସାଧୁଃ ।
ହତ୍ୱା ନିବୃତ୍ତାୟ ମୃଧେ ଖରାଦୀନ୍ ସଂରକ୍ଷିତାଂ ତ୍ୱାମିବ ଲକ୍ଷ୍ମଣୋ ମେ ।।୬୫

असौ पुरस्कृत्य गुरुं पदाति पश्चादवस्थापितवाहिनीकः ।
वृद्धैरमात्यैः सह चीरवासा मामर्घ्यपाणिर्भरतोऽभ्युपैति ।।६६

ଅସୌ ପୁରସ୍କୃତ୍ୟ ଗୁରୁଂ ପଦାତିଃ ପଶ୍ଚାଦବସ୍ଥାପିତବାହିନୀକଃ ।
ବୃଦ୍ଧୈରମାତ୍ୟୈଃ ସହ ଚୀରବାସା ମାମର୍ଘ୍ୟପାଣିର୍ଭରତୋଽଭ୍ୟୁପୈତି ।।୬୬

पित्रा विसृष्टां मदपेक्षया यः श्रियं युवाप्यङ्कगतामभोक्ता ।
इयन्ति वर्षाणि तया सहोग्रमभ्यस्यतीव व्रतमासिधारम् ।।६७

ପିତ୍ରା ବିସୃଷ୍ଟାଂ ମଦପେକ୍ଷୟା ଯଃ ଶ୍ରିୟଂ ଯୁବାପ୍ୟଙ୍କଗତାମଭୋକ୍ତା ।
ଇୟନ୍ତି ବର୍ଷାଣି ତୟା ସହୋଗ୍ରମଭ୍ୟସ୍ୟତୀବ ବ୍ରତମାସିଧାରମ୍ ।।୬୭

ଏତାବଦୁକ୍ତବତି ଦାଶରଥୌ ତଦୀୟା-
ମିଚ୍ଛାଂ ବିମାନମଧିଦେବତୟା ବିଦିତ୍ୱା ।
ଜ୍ୟୋତିଷ୍ପଥାଦବତତାର ସବିସ୍ମୟାଭି-
ରୁଦ୍‌ବୀକ୍ଷିତଂ ପ୍ରକୃତିଭିର୍ଭରତାନୁଗାଭିଃ ।।୬୮

ତସ୍ମାତ୍ ପୁରଃସରବିଭୀଷଣଦର୍ଶିତେନ
ସେବାବିଚକ୍ଷଣହରୀଶ୍ୱରଦତ୍ତହସ୍ତଃ ।
ଯାନାଦବାତରଦଦୂରମହୀତଲେନ
ମାର୍ଗେଣ ଭଙ୍ଗିରଚିତସ୍ଫଟିକେନ ରାମଃ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେଖ, ତ୍ରିଭୁବନ ବିଖ୍ୟାତ, ପୂଜ୍ୟ ଦଶରଥଙ୍କୁ ହରାଇ ସରଯୂ ମୋର ବିଧବା ମାଆଙ୍କ ଭଳି କିପରି ଶ୍ରୀହୀନା ହୋଇ ଯାଇଛି । ମୁଁ ବହୁଦିନର ପ୍ରବାସ ପରେ ଆସିଥିବାରୁ ଏହି ମାତୃତୁଲ୍ୟା ନଦୀ ଶୀତଳ ପବନଭରା ତରଙ୍ଗ-ହସ୍ତରେ ସତେ ଯେପରି ମୋତେ ଆଲିଙ୍ଗନ କରି ପକାଉଛି । ୬୩

ଦେଖ, ସନ୍ଧ୍ୟାପରି ଲାଲବର୍ଣ୍ଣ ଏଇ ଯେଉଁ ଧୂଳି ଆମ ଆଗରେ ଉଠୁଛି, ମୁଁ ଅନୁମାନ କରୁଛି, ବୋଧହୁଏ ଭରତ ହନୁମାନ୍ ଠାରୁ ସମ୍ବାଦ ପାଇ ସଦଳବଳେ ଆମକୁ ପାଛୋଟି ନେବାପାଇଁ ଆସୁଛି । ୬୪

ମୁଁ ଖର ଆଦି ଅସୁରମାନଙ୍କ ସହିତ ଯୁଦ୍ଧ କରୁଥିଲାବେଳେ ସାଧୁ ଲକ୍ଷ୍ମଣ ଯେପରି ତୁମକୁ ଜଗି ରହିଥିଲା ଏବଂ ମୁଁ ଅସୁରମାନଙ୍କୁ ନିହତ କରି ଫେରି ଆସନ୍ତେ ସେ ତୁମକୁ ମୋତେ ପ୍ରତ୍ୟର୍ପଣ କରି ଦେଇଥିଲା, ସେହିପରି ମୋ ବନବାସ କାଳରେ ସାଧୁ ଭରତ ରାଜଲକ୍ଷ୍ମୀଙ୍କୁ ନିଷ୍ପାପ ଭବରେ ରକ୍ଷା କରିଛି ଏବଂ ବର୍ତ୍ତମାନ ମୁଁ ଫେରି ଆସିଥିବାରୁ ସେ ମୋତେ ତାହାଙ୍କୁ ପ୍ରତ୍ୟର୍ପଣ କରିଦେବ । ୬୫

Library

ଏଇ, ଭରତ ବଲ୍କଲ ବସ୍ତ୍ର ପିନ୍ଧି, ହାତରେ ଅର୍ଘ୍ୟ ଧରି ବୃଦ୍ଧମନ୍ତ୍ରୀମାନଙ୍କ ସହିତ ପଦବ୍ରଜରେ ମୋ ଆଡ଼କୁ ଆସୁଛି । ତାର ଆଗେ ଆଗେ ଚାଲିଛନ୍ତି ଗୁରୁ ବଶିଷ୍ଠ ଏବଂ ପଛେ ପଛେ ସୈନ୍ୟବାହିନୀ । ୬୬

ଭରତ ଯୁବକ ହେଲେ ମଧ୍ୟ ଏବଂ ପିତୃପ୍ରଦତ୍ତା ରାଜଲକ୍ଷ୍ମୀ ତାର କୋଳକୁ ଗଲେ ମଧ୍ୟ ସେ ମୋ ଅପେକ୍ଷାରେ ତାଙ୍କୁ ତିଳେମାତ୍ର ଭୋଗ କରିନାହିଁ । ସତେ ଯେପରି ଏତେ ବର୍ଷ ହେଲା ସେ ରାଜଲକ୍ଷ୍ମୀ ସହିତ ଖଣ୍ଡାଧାରରେ ଚାଲିବାର ବ୍ରତ ପାଳନ କରିଆସିଛି !" ୬୭

ରାମଚନ୍ଦ୍ର ଏହିପରି କହୁଥିବା ବେଳେ ଦେବପ୍ରାଣ ପୁଷ୍ପକ ବିମାନ ତାଙ୍କର ଇଚ୍ଛା ଜାଣି ଆକାଶରୁ ଅବତରଣ କଲା । ଭରତଙ୍କ ପଛେ ପଛେ ଆସୁଥିବା ସମସ୍ତ ଲୋକ ବିସ୍ମୟର ସହିତ ଉପରକୁ ଚାହିଁ ରହିଲେ । ୬୮

ତା'ପରେ ବିମାନ ଭୂପୃଷ୍ଠରୁ ଅଳ୍ପ ଉପରେ ରହିଲା । ବିଭୀଷଣ ଆଗେ ଆଗେ ଚାଲି ବାଟ ଦେଖାଇଲେ । ରାମଚନ୍ଦ୍ର ସେବା-ପ୍ରବୀଣ ସୁଗ୍ରୀବଙ୍କର ହାତ ଧରି ସ୍ଫଟିକନିର୍ମିତ ପାହାଚରେ ବିମାନରୁ ଅବତରଣ କଲେ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇକ୍ଷ୍ୱାକୁବଂଶଗୁରବେ ପ୍ରୟତଃ ପ୍ରଣମ୍ୟ
ସ ଭ୍ରାତରଂ ଭରତମର୍ଘ୍ୟପରିଗ୍ରହାନ୍ତେ ।
ପର୍ଯ୍ୟଶ୍ରୁରସ୍ୱଜତ ମୂର୍ଦ୍ଧନି ଚୋପଜଘ୍ରୌ
ତଦ୍ଭକ୍ତ୍ୟପୋଢପିତୃରାଜ୍ୟମହାଭିଷେକେ ॥୭୦

ଶ୍ମଶ୍ରୁପ୍ରବୃଦ୍ଧିଜନିତାନନବିକ୍ରିୟାଁଶ୍ଚ
ପ୍ଲକ୍ଷାନ୍ ପ୍ରରୋହଜଟିଳାନିବ ମନ୍ତ୍ରିବୃଦ୍ଧାନ୍ ।
ଅନ୍ୱଗ୍ରହୀତ୍ ପ୍ରଣମତଃ ଶୁଭଦୃଷ୍ଟିପାତୈ
ର୍ବାର୍ତ୍ତାନୁଯୋଗମଧୁରାକ୍ଷରୟା ଚ ବାଗ୍ ॥୭୧

ଦୁର୍ଜାତବନ୍ଧୁରୟମୃକ୍ଷହରୀଶ୍ୱରୋ ମେ
ପୌଲସ୍ତ୍ୟ ଏଷ ସମରେଷୁ ପୁରଃ ପ୍ରହର୍ତ୍ତା ।
ଇତ୍ୟାଦୃତେନ କଥିତୌ ରଘୁନନ୍ଦନେନ
ବ୍ୟୁତ୍କ୍ରମ୍ୟ ଲକ୍ଷ୍ମଣମୁଭୌ ଭରତୋ ବବନ୍ଦେ ॥୭୨

ସୌମିତ୍ରିଣା ତଦନୁ ସଂସସୃଜେ ସ ଚୈନ-
ମୁତ୍ଥାପ୍ୟ ନମ୍ରଶିରସଂ ଭୃଶମାଲିଲିଙ୍ଗ ।
ରୂଢେନ୍ଦ୍ରଜିତ୍ପ୍ରହରଣବ୍ରଣକର୍କଶେନ
କ୍ଲିଶ୍ୟନ୍ନିବାସ୍ୟ ଭୁଜମଧ୍ୟମୁରଃସ୍ଥଲେନ ॥୭୩

ରାମାଜ୍ଞୟା ହରିଚମୂପତୟସ୍ତଦାନୀଂ
କୃତ୍ୱା ମନୁଷ୍ୟବପୁରାରୁରୁହୁର୍ଗଜେନ୍ଦ୍ରାନ୍ ।
ତେଷୁ କ୍ଷରସ୍ତୁ ବହୁଧା ମଦବାରିଧାରାଃ
ଶୈଳାଧିରୋହଣସୁଖାନ୍ୟୁପଲେଭିରେ ତେ ॥୭୪

ସାନୁପ୍ଲବଃ ପ୍ରଭୁରପି କ୍ଷଣଦାଚରାଣାଂ
ଭେଜେ ରଥାନ୍ ଦଶରଥପ୍ରଭବାନୁଶିଷ୍ଟଃ ।
ମାୟାବିକଳ୍ପରଚିତୈରପି ଯେ ତଦୀୟୈ-
ର୍ନ ସ୍ୟନ୍ଦନୈସ୍ତୁଲିତକୃତ୍ରିମଭକ୍ତିଶୋଭାଃ ॥୭୫

ଭୂୟସ୍ତତୋ ରଘୁପତିର୍ବିଲସତ୍ପତାକ-
ମଧ୍ୟାସ୍ତ କାମଗତି ସାବରଜୋ ବିମାନମ୍ ।
ଦୋଷାତନଂ ବୁଧବୃହସ୍ପତିଯୋଗଦୃଶ୍ୟ-
ସ୍ତାରାପତିସ୍ତରଳବିଦ୍ୟୁଦିବାଭ୍ରବୃନ୍ଦମ୍ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ବିନୀତଭବରେ ଇକ୍ଷ୍ୱାକୁ ବଂଶର ଗୁରୁ ବଶିଷ୍ଠଙ୍କର ପଦବନ୍ଦନା କଲେ । ତା'ପରେ ଭରତଙ୍କଠାରୁ ଅର୍ଘ୍ୟ ଗ୍ରହଣ କରି କାନ୍ଦିକାନ୍ଦି ତାଙ୍କ ମଥାରେ ଚୁମ୍ବନ ଢାଳି ଦେଲେ, ଯେଉଁ ମଥା କି ପିତୃପ୍ରଦତ୍ତ ରାଜ୍ୟାଭିଷେକ ପ୍ରତ୍ୟାଖ୍ୟାନ କରିଦେଇଥିଲା କେବଳ ବଡ଼ ଭାଇଙ୍କ ପ୍ରତି ଗଭୀର ଭକ୍ତି ଯୋଗୁଁ । ୭୦

ତା'ପରେ ବୃଦ୍ଧ ମନ୍ତ୍ରୀମାନେ ରାମଚନ୍ଦ୍ରଙ୍କୁ ପ୍ରଣାମ କଲେ । ନିଶଦାଢ଼ି ବଢ଼ିଯାଇଥିବାରୁ ସେମାନଙ୍କର ମୁଖ ବିକୃତ ଦିଶୁଥିଲା । ତେଣୁ ସେମାନେ ଦେଖାଯାଉଥିଲେ ଠିକ୍ ଓହଳ ଲମ୍ବିଥିବା ବରଗଛମାନଙ୍କ ପରି । ରାମଚନ୍ଦ୍ର ସେମାନଙ୍କୁ କୁଶଳ ପ୍ରଶ୍ନ ପଚାରି ଏବଂ ଆଦରଭରା ଦୃଷ୍ଟିରେ ଚାହିଁ ଅନୁଗୃହୀତ କଲେ । ୭୧

"ଏ ହେଉଛନ୍ତି ଭଲ୍ଲୁକମାନଙ୍କର ଓ ବାନରମାନଙ୍କର ରାଜା । ଏ ମୋର ବିପଦ କାଳର ବନ୍ଧୁ । ଆଉ, ଏ ହେଉଛନ୍ତି ଯୁଦ୍ଧରେ ଅଗ୍ରଗାମୀ ବିଭୀଷଣ ।" ରାମଚନ୍ଦ୍ର ଏହିପରି ଚିହ୍ନାଇ ଦିଅନ୍ତେ ଭରତ ଲକ୍ଷ୍ମଣଙ୍କୁ ଆଲିଙ୍ଗନ କରିବା ପୂର୍ବରୁ ସେ ଦୁହିଁଙ୍କୁ ପ୍ରଣାମ କଲେ । ୭୨

ତା'ପରେ ଭରତ ଲକ୍ଷ୍ମଣଙ୍କ ନିକଟକୁ ଗଲେ । ଲକ୍ଷ୍ମଣ ତାଙ୍କୁ ପ୍ରଣାମ କରିବା ପାଇଁ ମୁଣ୍ଡ ନୁଆଁଇବା ବେଳେ ଭରତ ତାଙ୍କୁ ଉଠାଇ ନେଇ ଗାଢ଼ ଆଲିଙ୍ଗନ କଲେ । ଇନ୍ଦ୍ରଜିତ୍‌ର ଅସ୍ତ୍ରାଘାତରେ କ୍ଷତ ହୋଇ ଲକ୍ଷ୍ମଣଙ୍କ ଛାତି ରୁକ୍ଷ ହୋଇଯାଇଥିଲା । ଭରତ ତାଙ୍କୁ ନିଜ ଛାତିରେ ଭିଡ଼ି ଧରିଲେ । ୭୩

ରାମଙ୍କ ଆଜ୍ଞା ଅନୁସାରେ ବାନର - ସେନାପତିମାନେ ବିରାଟକାୟ ହସ୍ତୀମାନଙ୍କ ଉପରେ ମନୁଷ୍ୟ ପରି ଆରୋହଣ କଲେ । ଯେତେବେଳେ ହସ୍ତୀମାନଙ୍କ ଗଣ୍ଡସ୍ଥଳରୁ ମଦଜଳଧାରା ଝରିବାରେ ଲାଗିଲା,ବାନର ସେନାପତିମାନେ ସେମାନଙ୍କ ଉପରେ ଝରଣାପ୍ରବାହୀ ପର୍ବତ ଉପରେ ଆରୋହଣ କରିବାର ସୁଖ ଅନୁଭବ କଲେ । ୭୪

ରାମଙ୍କ ଆଦେଶରେ ରାକ୍ଷସରାଜ ବିଭୀଷଣ ମଧ୍ୟ ନିଜର ଅନୁଚରବର୍ଗଙ୍କ ସହିତ ରଥମାନଙ୍କରେ ବସିଲେ । ବିଭୀଷଣଙ୍କ ରଥଗୁଡ଼ିକ ମାୟାନିର୍ମିତ ହୋଇଥିଲେ ମଧ୍ୟ ସୌନ୍ଦର୍ଯ୍ୟ ବା ନିର୍ମାଣ କୌଶଳରେ ରାମଙ୍କ ରଥ ଅପେକ୍ଷା ନ୍ୟୂନ ଦେଖାଯାଉଥିଲା । ୭୫

ତା'ପରେ ରାମଚନ୍ଦ୍ର ଭରତ ଓ ଲକ୍ଷ୍ମଣଙ୍କୁ ଘେନି ପୁନର୍ବାର ସେହି ପତାକାଶୋଭିତ, ଇଚ୍ଛାଗାମୀ ବିମାନ ଆରୋହଣ କଲେ । ସେତେବେଳେ ସେମାନଙ୍କର ଅପୂର୍ବ ଶୋଭା ଦେଖି ମନେ ହେଲା — ସତେ ଯେପରି ସନ୍ଧ୍ୟାସମୟରେ ତାରାପତି ଚନ୍ଦ୍ର, ବୁଧ ଓ ବୃହସ୍ପତିଙ୍କ ସହିତ ଚଞ୍ଚଳ-ଚପଳା-ଶୋଭିତ ମେଘ ଆସନରେ ଉପବେଶନ କରିଛନ୍ତି । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତତ୍ରେଶ୍ୱରେଣ ଜଗତାଂ ପ୍ରଲୟାଦିବୋର୍ବୀଂ
ବର୍ଷାତ୍ୟୟେନ ରୁଚମଭ୍ରଘନାଦିବେନ୍ଦୋଃ ।
ରାମେଣ ମୈଥିଲସୁତାଂ ଦଶକଣ୍ଠକୃଚ୍ଛ୍ରାତ୍
ପ୍ରତ୍ୟୁଦ୍ଧୃତାଂ ଧୃତିମତୀଂ ଭରତୋ ବବନ୍ଦେ ।।୭୭

ଲଙ୍କେଶ୍ୱରପ୍ରଣତିଭଙ୍ଗଦୃଢବ୍ରତଂ ତଦ୍
ବନ୍ଦ୍ୟଂ ଯୁଗଂ ଚରଣୟୋର୍ଜନକାତ୍ମଜାୟାଃ ।
ଜ୍ୟେଷ୍ଠାନୁବୃତ୍ତିଜଟିଲଂ ଚ ଶିରୋଽସ୍ୟ ସାଧୋ-
ରନ୍ୟୋନ୍ୟପାବନମଭୂଦୁଭୟଂ ସମେତ୍ୟ ।।୭୮

କ୍ରୋଶାର୍ଦ୍ଧଂ ପ୍ରକୃତିପୁରଃସରେଣ ଗତ୍ୱା
କାକୁତ୍ସ୍ଥଃ ସ୍ତିମିତଜବେନ ପୁଷ୍ପକେଣ ।
ଶତ୍ରୁଘ୍ନପ୍ରତିବିହିତୋପକାର୍ଯ୍ୟମାର୍ଯ୍ୟଃ
ସାକେତୋପବନମୁଦାରମଧ୍ୟୁବାସ ।।୭୯

इति श्रीमहाकविकालिदासकृतौ रघुवंशे महाकाव्ये
अयोध्याप्रत्यागमनो नाम त्रयोदशः सर्गः ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୀତା ବିମାନରେ ବସିଥିଲେ । ଜଗଦୀଶ୍ୱର ବିଷ୍ଣୁ ଯେପରି ବରାହ ଅବତାରରେ ପୃଥିବୀକୁ ପ୍ରଳୟଜଳରୁ ଉଦ୍ଧାର କରିଥିଲେ, ଶରତ୍‌କାଳ ଯେପରି ଜ୍ୟୋତ୍ସ୍ନାକୁ ମେଘମାଳାରୁ ଉଦ୍ଧାର କରେ,ରାମଚନ୍ଦ୍ର ସେହିପରି ସୀତାଙ୍କୁ ରାବଣଠାରୁ ଉଦ୍ଧାର କରିଥିବାରୁ ସୀତା ଅତ୍ୟନ୍ତ ହର୍ଷୋତ୍‌ଫୁଲ୍ଲା ଦେଖା-ଯାଉଥିଲେ । ଭରତ ଯାଇ ତାଙ୍କୁ ପ୍ରଣତି ଜଣାଇଲେ । ୭୬

ସୀତାଙ୍କର ଚରଣଯୁଗଳ ରାବଣର ବହୁବାର ପ୍ରେମପ୍ରାର୍ଥନା-ପ୍ରଣତିକୁ ପ୍ରତିହତ କରି ତାଙ୍କର ପାତିବ୍ରତ୍ୟ ଧର୍ମକୁ ଅଖଣ୍ଡିତ ରଖିଥିଲା ଏବଂ ଭରତ-ଙ୍କର ମସ୍ତକ ବଡ଼ଭାଇଙ୍କ ପ୍ରତି ପ୍ରଗାଢ ଭକ୍ତିବଶତଃ ଜଟାଧାରଣ କରିଥିଲା । ସେହି ଦୁଇ ପବିତ୍ର ବସ୍ତୁ ମିଳିତ ହୋଇ ପରସ୍ପରକୁ ଅଧିକ ପବିତ୍ର କଲେ । ୭୮

ପ୍ରଜାବର୍ଗ ଆଗେ ଆଗେ ଚାଲିଲେ । ରାମଚନ୍ଦ୍ର ପୁଷ୍ପକ ବିମାନରେ ବସି ଧୀରେ ଧୀରେ ସେମାନଙ୍କର ଅନୁଗମନ କଲେ । ଏହିପରି ଅଧକୋଶ ବାଟ ଯିବାପରେ ରାମଚନ୍ଦ୍ର ଅଯୋଧ୍ୟାର ସୁନ୍ଦର ଉପବନରେ ପହଞ୍ଚିଲେ । ଶତ୍ରୁଘ୍ନ ଆଗରୁ ସେଠାରେ ତମ୍ବୁଗୃହମାନ ପ୍ରସ୍ତୁତ କରିଥିଲେ । ରାମଚନ୍ଦ୍ର ସମସ୍ତଙ୍କ ସହିତ ସେହି ଉପବନରେ କିଛି ସମୟ ଅବସ୍ଥାନ କଲେ । ୭୯

●

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

चतुर्दशः सर्गः

भर्तुः प्रणाशादथ शोचनीयं दशान्तरं तत्र समं प्रपन्ने ।
अपश्यतां दाशरथी जनन्यौ छेदादिवोपघ्नतरोर्व्रतत्यौ ॥१
ଭର୍ତୁଃ ପ୍ରଣାଶାଦଥ ଶୋଚନୀୟଂ ଦଶାନ୍ତରଂ ତତ୍ର ସମଂ ପ୍ରପନ୍ନେ ।
ଅପଶ୍ୟତାଂ ଦାଶରଥୀ ଜନନ୍ୟୌ ଛେଦାଦିବୋପଘ୍ନତରୋର୍ବ୍ରତତ୍ୟୌ ॥୧

उभावुभाभ्यां प्रणतौ हतारी यथाक्रमं विक्रमशोभिनौ तौ ।
विस्पष्टमस्रान्धतया न दृष्टौ ज्ञातौ सुतस्पर्शसुखोपलम्भात् ॥२
ଉଭାବୁଭାଭ୍ୟାଂ ପ୍ରଣତୌ ହତାରୀ ଯଥାକ୍ରମଂ ବିକ୍ରମଶୋଭିନୌ ତୌ ।
ବିସ୍ପଷ୍ଟମସ୍ରାନ୍ଧତୟା ନ ଦୃଷ୍ଟୌ ଜ୍ଞାତୌ ସୁତସ୍ପର୍ଶସୁଖୋପଲମ୍ଭାତ୍ ୨

आनन्दजः शोकजमश्रु बाष्पस्तयोरशीतं शिशिरो बिभेद ।
गङ्गासरय्वोर्जलमुष्णतप्तं हिमाद्रिनिस्यन्द इवावतीर्णः ॥३
ଆନନ୍ଦଜଃ ଶୋକଜମଶ୍ରୁ ବାଷ୍ପସ୍ତୟୋରଶୀତଂ ଶିଶିରୋ ବିଭେଦ ।
ଗଙ୍ଗାସରୟ୍ୱୋର୍ଜଳମୁଷ୍ଣତପ୍ତଂ ହିମାଦ୍ରିନିସ୍ୟନ୍ଦ ଇବାବତୀର୍ଣ୍ଣଃ ॥୩

ते पुत्रयोर्नैर्ऋतशस्त्रमार्गानार्द्रानिवाङ्गे सदयं स्पृशन्त्यौ ।
अपीप्सितं क्षत्रकुलाङ्गनानां न वीरसूशब्दमकामयेताम् ॥४
ତେ ପୁତ୍ରୟୋର୍ନୈର୍ଋତଶସ୍ତ୍ରମାର୍ଗାନାର୍ଦ୍ରାନିବାଙ୍ଗେ ସଦୟଂ ସ୍ପୃଶନ୍ତ୍ୟୌ ।
ଅପୀପ୍ସିତଂ କ୍ଷତ୍ରକୁଳାଙ୍ଗନାନାଂ ନ ବୀରସୂଶବ୍ଦମକାମୟେତାମ୍ ॥୪

क्लेशावहा भर्तुरलक्षणाहं सीतेति नाम स्वमुदीरयन्ती ।
स्वर्गप्रतिष्ठस्य गुरोर्महिष्यावभक्तिभेदेन वधूर्ववन्दे ॥५
କ୍ଳେଶାବହା ଭର୍ତୁରଲକ୍ଷଣାହଂ ସୀତେତି ନାମ ସ୍ୱମୁଦୀରୟନ୍ତୀ ।
ସ୍ୱର୍ଗପ୍ରତିଷ୍ଠସ୍ୟ ଗୁରୋର୍ମହିଷ୍ୟାବଭକ୍ତିଭେଦେନ ବଧୂର୍ବବନ୍ଦେ ॥୫

उत्तिष्ठ वत्से ननु सानुजोऽसौ वृत्तेन भर्त्ता शुचिना तवैव ।
कृच्छ्रं महत् तीर्ण इति प्रियार्हां तामूचतुस्ते प्रियमप्यमिथ्या ॥६
ଉତ୍ତିଷ୍ଠ ବତ୍ସେ ନନୁ ସାନୁଜୋଽସୌ ବୃତ୍ତେନ ଭର୍ତ୍ତା ଶୁଚିନା ତବୈବ ।
କୃଚ୍ଛ୍ରଂ ମହତ୍ ତୀର୍ଣ୍ଣ ଇତି ପ୍ରିୟାର୍ହାଂ ତାମୂଚତୁସ୍ତେ ପ୍ରିୟମପ୍ୟମିଥ୍ୟା ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚତୁର୍ଦ୍ଦଶ ସର୍ଗ

ତା'ପରେ ରାମଲକ୍ଷ୍ମଣ ନିଜର ଦୁଇଜନନୀଙ୍କୁ ଦର୍ଶନ କଲେ । ନିକଟସ୍ଥ ବୃକ୍ଷ କଟାଯାଇଥିଲେ ବୃକ୍ଷକୁ ଆଶ୍ରୟ କରିଥିବା ଲତାର ଅବସ୍ଥା ଯେପରି ଶୋଚନୀୟ ହୋଇଯାଇଥାଏ, ସେହିପରି ସ୍ୱାମୀଙ୍କ ବିୟୋଗରେ ଦୁଇ ଜନନୀଙ୍କର ଅବସ୍ଥା ସମାନ ଭାବରେ ଶୋଚନୀୟ ହୋଇଯାଇଥିଲା । ୧

ଶତ୍ରୁମାନଙ୍କୁ ନିହତ କରି ବିକ୍ରମରେ ଶୋଭପାଉଥିବା ଦୁଇ ପୁତ୍ର ଦୁଇ ମାତାଙ୍କୁ ଯଥାକ୍ରମରେ ପ୍ରଣାମ କଲେ । ଦୁଇ ଜନନୀଙ୍କର ଚକ୍ଷୁ ଆନନ୍ଦାଶ୍ରୁରେ ପ୍ଲାବିତ ହୋଇଗଲା । ତେଣୁ ସେ ପୁତ୍ରଦ୍ୱୟଙ୍କୁ ଦେଖିପାରିଲେ ନାହିଁ, କେବଳ ସ୍ପର୍ଶ କରି ଚିହ୍ନିଲେ । ୨

ଯେପରି ହିମାଳୟରୁ ଶୀତଳ ଜଳପ୍ରବାହ ବହି ଆସି ଗଙ୍ଗା-ଯମୁନାର ଗ୍ରୀଷ୍ମ-ତପ୍ତ ଜଳକୁ ଶୀତଳ କରିଦିଏ,ସେହିପରି କୌଶଲ୍ୟା ଓ ସୁମିତ୍ରାଙ୍କ ଚକ୍ଷୁରୁ ଶୀତଳ ଆନନ୍ଦାଶ୍ରୁ ନିର୍ଗତ ହୋଇ ପୂର୍ବର ଉଷ୍ଣ ଶୋକାଶ୍ରୁକୁ ଶୀତଳ କରି-ଦେଲା । ୩

ରାମ ଲକ୍ଷ୍ମଣଙ୍କ ଦେହରେ ରାକ୍ଷସମାନଙ୍କର ଶସ୍ତ୍ରାଘାତ ଚିହ୍ନ ସେ ପର୍ଯ୍ୟନ୍ତ ତାଜା ରହିଥିଲା । ଜନନୀଦ୍ୱୟ ସେହି କ୍ଷତସ୍ଥାନ ଗୁଡ଼ିକୁ ସଦୟଭାବରେ ଆଉଁଷି ଦେବାକୁ ଲାଗିଲେ । କ୍ଷତ୍ରିୟକୁଳର ନାରୀମାନଙ୍କ ପକ୍ଷରେ 'ବୀର-ପ୍ରସବିନୀ' ଶବ୍ଦ ଅତ୍ୟନ୍ତ ବାଞ୍ଛିତ ହେଲେ ମଧ୍ୟ ସେତେବେଳେ ସେ ଦୁହିଙ୍କୁ ଉକ୍ତ ଗୌରବ ଅବାଞ୍ଛିତ ମନେହେଲା । ୪

'ମୁଁ ଅଲକ୍ଷଣୀ ସୀତା, ଯାହା ପାଇଁ ସ୍ୱାମୀ ମୋର ଏତେ କଷ୍ଟ ପାଇଲେ' ଏହିପରି ନିଜ ନାମ ଉଚ୍ଚାରଣ କରି ବଧୂ ସୀତା ସ୍ୱର୍ଗତ ଶ୍ୱଶୁରଙ୍କ ଦୁଇରାଣୀଙ୍କୁ (କୌଶଲ୍ୟା ଓ ସୁମିତ୍ରାଙ୍କୁ) ପ୍ରଣାମ କଲେ । ୫

'ଉଠ ମା, କେବଳ ତୋର ପବିତ୍ର ଆଚରଣ ବଳରେ ତୋର ସ୍ୱାମୀ ଭାଇ ସହିତ ଅଗାଧ ଦୁଃଖ ସମୁଦ୍ରକୁ ପାର ହୋଇ ପାରିଛି ।' —କୌଶଲ୍ୟା ଓ ସୁମିତ୍ରା ସ୍ନେହର ପାତ୍ରୀ ସୀତାଙ୍କୁ ଏହିପରି ପ୍ରିୟସତ୍ୟକଥା କହି କୋଳକୁ ଘେନିଗଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथाभिषेकं रघुवंशकेतोः प्रारब्धमानन्दजलैर्जनन्योः ।
निर्वर्तयामासुरमात्यवृद्धास्तीर्थाहृतैः काञ्चनकुम्भतोयैः ॥७
ଅଥାଭିଷେକଂ ରଘୁବଂଶକେତୋଃ ପ୍ରାରବ୍ଧମାନନ୍ଦଜଲୈର୍ଜନନ୍ୟୋଃ ।
ନିର୍ବର୍ତ୍ତୟାମାସୁରମାତ୍ୟବୃଦ୍ଧାସ୍ତୀର୍ଥାହୃତୈଃ କାଞ୍ଚନକୁମ୍ଭତୋୟୈଃ ॥୭

सरित्समुद्रान् सरसीश्च गत्वा रक्षःकपीन्द्रैरुपपादितानि ।
तस्यापतन् मूर्ध्नि जलानि जिष्णोर्विन्ध्यस्य मेघप्रभवा इवापः ॥८
ସରିତ୍ସମୁଦ୍ରାନ୍ ସରସୀଶ୍ଚ ଗତ୍ୱା ରକ୍ଷଃକପୀନ୍ଦ୍ରୈରୁପପାଦିତାନି ।
ତସ୍ୟାପତନ୍ ମୂର୍ଦ୍ଧ୍ନି ଜଲାନି ଜିଷ୍ଣୋର୍ବିନ୍ଧ୍ୟସ୍ୟ ମେଘପ୍ରଭବା ଇବାପଃ ॥୮

तपस्विवेषक्रिययापि तावद् यः प्रेक्षणीयः सुतरां बभूव ।
राजेन्द्रनेपथ्यविधानशोभा तस्योदिताऽऽसीत् पुनरुक्तदोषा ॥९
ତପସ୍ୱିବେଷକ୍ରିୟୟାପି ତାବଦ୍ ଯଃ ପ୍ରେକ୍ଷଣୀୟଃ ସୁତରାଂ ବଭୂବ ।
ରାଜେନ୍ଦ୍ରନେପଥ୍ୟବିଧାନଶୋଭା ତସ୍ୟୋଦିତାऽऽସୀତ୍ ପୁନରୁକ୍ତଦୋଷା ॥୯

स मौलरक्षोहरिभिः ससैन्यस्तूर्यस्वनानन्दितपौरवर्गः ।
विवेश सौधोद्गतलाजवर्षामुत्तोरणामन्वयराजधानीम् ॥१०
ସ ମୌଲରକ୍ଷୋହରିଭିଃ ସସୈନ୍ୟସ୍ତୂର୍ଯ୍ୟସ୍ୱନାନନ୍ଦିତପୌରବର୍ଗଃ ।
ବିବେଶ ସୌଧୋଦ୍‌ଗତଲାଜବର୍ଷାମୁତ୍ତୋରଣାମନ୍ୱୟରାଜଧାନୀମ୍ ॥୧୦

सौमित्रिणा सावरजेन मन्दमाधूतवालव्यजनो रथस्थः ।
धृतातपत्रो भरतेन साक्षादुपायसंघात इव प्रवृद्धः ॥११
ସୌମିତ୍ରିଣା ସାବରଜେନ ମନ୍ଦମାଧୂତବାଲବ୍ୟଜନୋ ରଥସ୍ଥଃ ।
ଧୃତାତପତ୍ରୋ ଭରତେନ ସାକ୍ଷାଦୁପାୟସଂଘାତ ଇବ ପ୍ରବୃଦ୍ଧଃ ॥୧୧

प्रासादकालागुरुधूमराजिस्तस्याः पुरो वायुवशेन भिन्ना ।
वनान्निवृत्तेन रघूत्तमेन मुक्ता स्वयं वेणीरिवाबभासे ॥१२
ପ୍ରାସାଦକାଲାଗୁରୁଧୂମରାଜିସ୍ତସ୍ୟାଃ ପୁରୋ ବାୟୁବଶେନ ଭିନ୍ନା ।
ବନାନ୍ନିବୃତ୍ତେନ ରଘୂତ୍ତମେନ ମୁକ୍ତା ସ୍ୱୟଂ ବେଣୀରିବାବଭାସେ ॥୧୨

श्वश्रूजनानुष्ठितचारुवेषां कर्णीरथस्थां रघुवीरपत्नीम् ।
प्रासादवातायनदृश्यबन्धैः साकेतनार्योऽञ्जलिभिः प्रणेमुः ॥१३
ଶ୍ୱଶ୍ରୂଜନାନୁଷ୍ଠିତଚାରୁବେଷାଂ କର୍ଣ୍ଣୀରଥସ୍ଥାଂ ରଘୁବୀରପତ୍ନୀମ୍ ।
ପ୍ରାସାଦବାତାୟନଦୃଶ୍ୟବନ୍ଧୈଃ ସାକେତନାର୍ୟୋऽଞ୍ଜଳିଭିଃ ପ୍ରଣେମୁଃ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଘୁକୁଳମଣି ରାମଚନ୍ଦ୍ରଙ୍କର ଅଭିଷେକ ଦୁଇ ଜନନୀଙ୍କର ଆନନ୍ଦାଶ୍ରୁଦ୍ୱାରା ଆରମ୍ଭ ମାତ୍ର ହୋଇଥିଲା । ବୃଦ୍ଧ ମନ୍ତ୍ରୀମାନେ ବିଭିନ୍ନ ତୀର୍ଥରୁ ସୁବର୍ଣ୍ଣ କଳସରେ ଜଳ ଅଣାଇ ସେହି କାର୍ଯ୍ୟ ସମ୍ପନ୍ନ କରିବାର ଆୟୋଜନ କଲେ । ୭

ରାକ୍ଷସ ତଥା ବାନରମାନେ ଯାଇ ବିଭିନ୍ନ ନଦୀ, ସମୁଦ୍ର ଏବଂ ସରୋବରମାନଙ୍କରୁ ତୀର୍ଥ ଜଳ ଆଣିଲେ । ବିନ୍ଧ୍ୟ ପର୍ବତର ଶୃଙ୍ଗରେ ମେଘ-ଜଳର ବର୍ଷା ହେଲା ପରି ବିଜୟୀ ରାମଚନ୍ଦ୍ରଙ୍କ ମସ୍ତକରେ ସେହିସବୁ ତୀର୍ଥ-ଜଳର ବର୍ଷା କରାଗଲା । ୮

ତପସ୍ୱୀ ବେଶ ଧାରଣ କରି ଥିଲା ବେଳେ ମଧ୍ୟ ଯାହାଙ୍କର ରୂପ ଅତ୍ୟନ୍ତ ରମଣୀୟ ଦିଶୁଥିଲା, ରାଜୋଚିତ ପରିଚ୍ଛଦ ପରିଧାନ କରନ୍ତେ ତାଙ୍କର ସେହି ରୂପ ଯେ କି ସୁନ୍ଦର ଦିଶିଲା, ତା କହିବା ବାହୁଲ୍ୟ ମାତ୍ର । ୯

ତା'ପରେ ବୃଦ୍ଧ ମନ୍ତ୍ରୀଗଣ, ବାନରଗଣ ଏବଂ ସୈନ୍ୟଗଣଙ୍କ ସହିତ ରାମଚନ୍ଦ୍ର ନିଜର କୁଳରାଜଧାନୀ ଅଯୋଧ୍ୟା ନଗରୀରେ ପ୍ରବେଶ କଲେ । ଅଯୋଧ୍ୟାନଗରୀ ତୋରଣମାଳାରେ ମଣ୍ଡିତ ହୋଇଥିଲା । ଅଟ୍ଟାଳିକାମାନଙ୍କରୁ ସ୍ତ୍ରୀମାନେ ଅଞ୍ଜଳିଭରା ଖଇ ବର୍ଷଣ କଲେ ଏବଂ ପୁରବାସୀମାନେ ବାଦ୍ୟ-ନାଦରେ ଉଲ୍ଲସିତ ହୋଇ ଉଠିଲେ । ୧୦

ରାମଚନ୍ଦ୍ର ରଥ ଉପରେ ବସିଥିଲେ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଦୁଇପାଖରେ ଠିଆ ହୋଇ ଚାମର ବିଞ୍ଚୁଥିଲେ ଏବଂ ଭରତ ଛତ୍ର ଧାରଣ କରିଥିଲେ । ଏହିପରି ଭାବରେ ତାଙ୍କୁ ଭାଇମାନଙ୍କ ସହିତ ଦେଖିଲେ ମନେହେଲା—ସତେ ଯେପରି ସେ ଥିଲେ ଚାରି ଉପାୟର ସମଷ୍ଟି ! (ଚାରିଉପାୟ—ସାମ, ଦାନ, ଦଣ୍ଡ ଓ ଭେଦ) । ୧୧

ଅଟ୍ଟାଳିକାମାନଙ୍କରୁ କୃଷ୍ଣ ଅଗୁରୁର ଧୂମ ଉଠି ପବନରେ ଏଣେ-ତେଣେ ଉଡ଼ି ବୁଲୁଥିଲା । ତେଣୁ ବୋଧ ହେଉଥିଲା, ରାମଚନ୍ଦ୍ର ବନରୁ ଆସି ସତେ ଯେପରି ଅଯୋଧ୍ୟାର ବେଣୀ ମୁକୁଳା କରି ଦେଇଛନ୍ତି ! ୧୨

ସୀତା ଏକ କ୍ଷୁଦ୍ର ରଥରେ ବସିଥିଲେ । ଦୁଇ ଶାଶୁ ତାଙ୍କୁ ସୁନ୍ଦର ବେଶ କରିଦେଇଥିଲେ । ଅଯୋଧ୍ୟାର ନାରୀମାନେ କୋଠାଘରର ଝରକା-ମାନଙ୍କରୁ, ସୀତାଙ୍କର ଯେପରି ଦୃଷ୍ଟିଗୋଚର ହୋଇପାରିବ, ସେହିପରି-ଭାବରେ କର ଯୋଡ଼ି ତାଙ୍କୁ ପ୍ରଣାମ କରୁଥିଲେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स्फुरत्प्रभामण्डलमानसूयं सा बिभ्रती शाश्वतमङ्गरागम् ।
रराज शुद्धेति पुनः स्वपुर्यै संदर्शिता वह्निगतेव भर्त्रा ॥१४
ସ୍ଫୁରତ୍ପ୍ରଭାମଣ୍ଡଳମାନସୂୟଂ ସା ବିଭ୍ରତୀ ଶାଶ୍ୱତମଙ୍ଗରାଗମ୍ ।
ରରାଜ ଶୁଦ୍ଧେତି ପୁନଃ ସ୍ୱପୁର୍ଯ୍ୟୈ ସଂଦର୍ଶିତା ବହ୍ନିଗତେବ ଭର୍ତ୍ରା ।।୧୪

वेश्मानि रामः परिबर्हवन्ति विश्राण्य सौहार्दनिधिः सुहृद्भ्यः ।
बाष्पायमाणो बलिमन्निकेतमालेख्यशेषस्य पितुर्विवेश ॥१५
ବେଶ୍ମାନି ରାମଃ ପରିବର୍ହବନ୍ତି ବିଶ୍ରାଣ୍ୟ ସୌହାର୍ଦ୍ଦନିଧିଃ ସୁହୃଦ୍ଭ୍ୟଃ ।
ବାଷ୍ପାୟମାଣୋ ବଳିମନ୍ନିକେତମାଲେଖ୍ୟଶେଷସ୍ୟ ପିତୁର୍ବିବେଶ ।।୧୫

कृताञ्जलिस्तत्र यदम्ब सत्यान्नाभ्रश्यत स्वर्गफलाद् गुरुर्नः ।
तच्चिन्त्यमानं सुकृतं तवेति जहार लज्जां भरतस्य मातुः ॥१६
କୃତାଞ୍ଜଳିସ୍ତତ୍ର ଯଦମ୍ବ ସତ୍ୟାନ୍ନାଭ୍ରଶ୍ୟତ ସ୍ୱର୍ଗଫଳାଦ୍ ଗୁରୁର୍ନଃ ।
ତଚ୍ଚିନ୍ତ୍ୟମାନଂ ସୁକୃତଂ ତବେତି ଜହାର ଲଜ୍ଜାଂ ଭରତସ୍ୟ ମାତୁଃ ।।୧୬

तथैव सुग्रीवविभीषणादीनुपाचरत् कृत्रिमसंविधाभिः ।
संकल्पमात्रोदितसिद्धयस्ते क्रान्ता यथा चेतसि विस्मयेन ॥१७
ତଥୈବ ସୁଗ୍ରୀବବିଭୀଷଣାଦୀନୁପାଚରତ୍ କୃତ୍ରିମସଂବିଧାଭିଃ ।
ସଂକଳ୍ପମାତ୍ରୋଦିତସିଦ୍ଧୟସ୍ତେ କ୍ରାନ୍ତା ଯଥା ଚେତସି ବିସ୍ମୟେନ ।।୧୭

सभाजनायोपगतान् स दिव्यान् मुनीन् पुरस्कृत्य हतस्य शत्रोः ।
शुश्राव तेभ्यः प्रभवादिवृत्तं स्वविक्रमे गौरवमादधानम् ॥१८
ସଭାଜନାୟୋପଗତାନ୍ ସ ଦିବ୍ୟାନ୍ ମୁନୀନ୍ ପୁରସ୍କୃତ୍ୟ ହତସ୍ୟ ଶତ୍ରୋଃ ।
ଶୁଶ୍ରାବ ତେଭ୍ୟଃ ପ୍ରଭବାଦିବୃତ୍ତଂ ସ୍ୱବିକ୍ରମେ ଗୌରବମାଦଧାନମ୍ ।।୧୮

प्रतिप्रयातेषु तपोधनेषु सुखादविज्ञातगतार्धमासान् ।
सीतास्वहस्तोपहृताग्र्यपूजान् रक्षःकपीन्द्रान् विससर्ज रामः ॥१९
ପ୍ରତିପ୍ରୟାତେଷୁ ତପୋଧନେଷୁ ସୁଖାଦବିଜ୍ଞାତଗତାର୍ଦ୍ଧମାସାନ୍ ।
ସୀତାସ୍ୱହସ୍ତୋପହୃତାଗ୍ର୍ୟପୂଜାନ୍ ରକ୍ଷଃକପୀନ୍ଦ୍ରାନ୍ ବିସସର୍ଜ ରାମଃ ।।୧୯

तच्चात्मचिन्तासुलभं विमानं हृतं सुरारेः सह जीवितेन ।
कैलासनाथोद्वहनाय भूयः पुष्पं दिवः पुष्पकमन्वमंस्त ॥२०
ତଚ୍ଚାତ୍ମଚିନ୍ତାସୁଲଭଂ ବିମାନଂ ହୃତଂ ସୁରାରେଃ ସହ ଜୀବିତେନ ।
କୈଳାସନାଥୋଦ୍ୱହନାୟ ଭୂୟଃ ପୁଷ୍ପଂ ଦିବଃ ପୁଷ୍ପକମନ୍ୱମଂସ୍ତ ।।୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୀତା ଅନୁସୂୟାଙ୍କ ପ୍ରଦତ୍ତ ଚିରୋଜ୍ଜ୍ୱଳ ଅଙ୍ଗରାଗ ଦେହରେ ଲଗାଇ-ଥିଲେ ।ତାଙ୍କର ଦେହ ଉଜ୍ଜ୍ୱଳ ପ୍ରଭାରେ ଉଦ୍ଭାସିତ ହୋଇଉଠୁଥିଲା । ତେଣୁ ବୋଧ ହେଉଥିଲା – ତାଙ୍କର ସ୍ୱାମୀ ତାଙ୍କୁ ଅଗ୍ନିରେ ପରୀକ୍ଷା କରିସାରିଥିଲେ ମଧ୍ୟ ସତେ ଯେପରି ଅଯୋଧ୍ୟାବାସୀମାନଙ୍କୁ 'ସୀତା ସର୍ବଦା ଶୁଦ୍ଧ' ଏହା ଦେଖାଇବା ପାଇଁ ପୁଣି ଥରେ ତାଙ୍କୁ ଅଗ୍ନିରେ ପ୍ରବେଶ କରାଇଛନ୍ତି ! ୧୪

ସୌହାର୍ଦ୍ଦ୍ୟର ଭଣ୍ଡାର ରାମଚନ୍ଦ୍ର ବନ୍ଧୁମାନଙ୍କୁ ବିବିଧ ଉପକରଣପୂର୍ଣ୍ଣ ଗୃହମାନଙ୍କରେ ରଖାଇସାରି ଅଶ୍ରୁଭରା ଚକ୍ଷୁରେ ପିତାଙ୍କ ଗୃହରେ ପ୍ରବେଶ କଲେ । ଉକ୍ତ ଗୃହରେ ଧୂପପୁଷ୍ପାଦି ପୂଜାସାମଗ୍ରୀ ସହିତ ପିତାଙ୍କର ପ୍ରତିକୃତି ରଖା ହୋଇଥିଲା । ୧୫

ସେଠାରେ ରାମଚନ୍ଦ୍ର କୃତାଞ୍ଜଳିପୁଟରେ "ମା, ଆମର ପିତା ଯେ ସ୍ୱର୍ଗ-ଫଳଦାୟକ ସତ୍ୟରୁ ବିଚ୍ୟୁତ ହେଲେ ନାହିଁ,ଏହା କେବଳ ତୁମରି ପୁଣ୍ୟବଳରୁ ହୋଇପାରିଛି" ଏହା କହି କୈକେୟୀଙ୍କର ଲଜ୍ଜା ଦୂର କଲେ । ୧୬

ତା'ପରେ ସେ ସୁଗ୍ରୀବ, ବିଭୀଷଣ ପ୍ରଭୃତିଙ୍କର ସାଦର ଅଭ୍ୟର୍ଥନା ସମ୍ପାଦନ କଲେ । ଯେ ଯାହା ଇଚ୍ଛା କଲେ, ତାହା ସଙ୍ଗେ ସଙ୍ଗେ ପାଇଲେ । ଏପରି ଅପୂର୍ବ ଅଭ୍ୟର୍ଥନାର ବ୍ୟବସ୍ଥା ଦେଖି ସମସ୍ତେ ଗଭୀର ବିସ୍ମୟ ଅନୁଭବ କଲେ । ୧୭

ରାମଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅଗସ୍ତି ପ୍ରଭୃତି ଦେବର୍ଷିମାନେ ସମବେତ ହୋଇଥିଲେ । ରାମଚନ୍ଦ୍ର ସେମାନଙ୍କର ଯଥାବିଧି ସତ୍କାର କରି ସେମାନଙ୍କଠାରୁ ନିହତ ଶତ୍ରୁ (ରାବଣ)ର ଜନ୍ମ ଆଦି ବୃତ୍ତାନ୍ତ ଶ୍ରବଣ କଲେ । ସେହି ବୃତ୍ତାନ୍ତ ତାଙ୍କ ପରାକ୍ରମର ଅଧିକ ଗୌରବ ବର୍ଦ୍ଧନ କଲା । ୧୮

ସୀତା ସ୍ୱହସ୍ତରେ ଅତି ଯତ୍ନର ସହିତ ରାକ୍ଷସ ତଥା ବାନର ବୀର-ମାନଙ୍କର ଅର୍ଚ୍ଚନା କଲେ । ସେମାନେ ସୁଖରେ ଏକ ପକ୍ଷ ସମୟ ଅତି-ବାହିତ କରି,ତପସ୍ୱୀମାନେ ବିଦାୟ ନେଲା ପରେ, ରାମଚନ୍ଦ୍ରଙ୍କ ଠାରୁ ବିଦାୟ ନେଇ ଗଲେ । ୧୯

ରାମଚନ୍ଦ୍ର ରାବଣର ପ୍ରାଣ ହରଣ କରିବା ସଙ୍ଗେ ସଙ୍ଗେ ତାହାର ପୁଷ୍ପକ ବିମାନ ହରଣ କରି ଆଣିଥିଲେ,ଯେଉଁ ବିମାନ କି ଇଚ୍ଛାମାତ୍ରେ ଉପସ୍ଥିତ ହୋଇଯାଉଥିଲା ଏବଂ ସ୍ୱର୍ଗର ପୁଷ୍ପ ଭୂଷଣ ସ୍ୱରୂପ ଥିଲା । ସେ ତାହାକୁ ପୁଣି କୁବେରଙ୍କ ବ୍ୟବହାର ନିମନ୍ତେ ପଠାଇଦେଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पितुर्नियोगाद् वनवासमेवं निस्तीर्य रामः प्रतिपन्नराज्यः ।
धर्मार्थकामेषु समां प्रपेदे यथा तथैवावरजेषु वृत्तिम् ।।२१
ପିତୁର୍ନିୟୋଗାଦ୍ ବନବାସମେବଂ ନିସ୍ତୀର୍ଯ୍ୟ ରାମଃ ପ୍ରତିପନ୍ନରାଜ୍ୟଃ ।
ଧର୍ମାର୍ଥକାମେଷୁ ସମାଂ ପ୍ରପେଦେ ଯଥା ତଥୈବାବରଜେଷୁ ବୃତ୍ତିମ୍ ।।୨୧

सर्वासु मातृष्वपि वत्सलत्वात् स निर्विशेषप्रतिपत्तिरासीत् ।
षडाननापीतपयोधरासु नेता चमूनामिव कृत्तिकासु ।।२२
ସର୍ବାସୁ ମାତୃଷ୍ୱପି ବତ୍ସଲତ୍ୱାତ୍ ସ ନିର୍ବିଶେଷପ୍ରତିପତ୍ତିରାସୀତ୍ ।
ଷଡାନନାପୀତପୟୋଧରାସୁ ନେତା ଚମୂନାମିବ କୃତ୍ତିକାସୁ ।।୨୨

तेनार्थवाँल्लोभपराङ्मुखेन तेन घ्नता विघ्नभयं क्रियावान् ।
तेनास लोकः पितृमान् विनेत्रा तेनैव शोकापनुदेन पुत्री ।।२३
ତେନାର୍ଥବାଁଲ୍ଲୋଭପରାଙ୍ମୁଖେନ ତେନ ଘ୍ନତା ବିଘ୍ନଭୟଂ କ୍ରିୟାବାନ୍ ।
ତେନାସ ଲୋକଃ ପିତୃମାନ୍ ବିନେତ୍ରା ତେନୈବ ଶୋକାପନୁଦେନ ପୁତ୍ରୀ ।।୨୩

स पौरकार्याणि समीक्ष्य काले रेमे विदेहाधिपतेर्दुहित्रा ।
उपस्थितश्चारु वपुस्तदीयं कृत्वोपभोगोत्सुकयेव लक्ष्म्या ।।२४
ସ ପୌରକାର୍ଯ୍ୟାଣି ସମୀକ୍ଷ୍ୟ କାଲେ ରେମେ ବିଦେହାଧିପତେର୍ଦୁହିତ୍ରା ।
ଉପସ୍ଥିତଶ୍ଚାରୁ ବପୁସ୍ତଦୀୟଂ କୃତ୍ୱୋପଭୋଗୋତ୍ସୁକୟେବ ଲକ୍ଷ୍ମ୍ୟା ।।୨୪

तयोर्यथाप्रार्थितमिन्द्रियार्थानासेदुषोः सद्मसु चित्रवत्सु ।
प्राप्तानि दुःखान्यपि दण्डकेषु संचिन्त्यमानानि सुखान्यभूवन् ।।२५
ତୟୋର୍ଯ୍ୟଥାପ୍ରାର୍ଥିତମିନ୍ଦ୍ରିୟାର୍ଥାନାସେଦୁଷୋଃ ସଦ୍ମସୁ ଚିତ୍ରବତ୍ସୁ ।
ପ୍ରାପ୍ତାନି ଦୁଃଖାନ୍ୟପି ଦଣ୍ଡକେଷୁ ସଂଚିନ୍ତ୍ୟମାନାନି ସୁଖାନ୍ୟଭୂବନ୍ ।।୨୫

अथाधिकस्निग्धविलोचनेन मुखेन सीता शरपाण्डुरेण ।
आनन्दयित्री परिणेतुरासीदनक्षरव्यञ्जितदोहदेन ।।२६
ଅଥାଧିକସ୍ନିଗ୍ଧବିଲୋଚନେନ ମୁଖେନ ସୀତା ଶରପାଣ୍ଡୁରେଣ ।
ଆନନ୍ଦୟିତ୍ରୀ ପରିଣେତୁରାସୀଦନକ୍ଷରବ୍ୟଞ୍ଜିତଦୋହଦେନ ।।୨୬

तामङ्कमारोप्य कृशाङ्गयष्टिं वर्णान्तराक्रान्तपयोधराग्राम् ।
विलज्जमानां रहसि प्रतीतः पप्रच्छ रामां रमणोऽभिलाषम् ।।२७
ତାମଙ୍କମାରୋପ୍ୟ କୃଶାଙ୍ଗୟଷ୍ଟିଂ ବର୍ଣ୍ଣାନ୍ତରାକ୍ରାନ୍ତପୟୋଧରାଗ୍ରାମ୍ ।
ବିଲଜ୍ଜମାନାଂ ରହସି ପ୍ରତୀତଃ ପପ୍ରଚ୍ଛ ରାମାଂ ରମଣୋଽଭିଲାଷମ୍ ।।୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ରାମଚନ୍ଦ୍ର ପିତାଙ୍କ ଆଜ୍ଞାରେ ବନବାସ ସାରି, ରାଜା ହୋଇ ଧର୍ମ, ଅର୍ଥ ଓ କାମରେ ଯେପରି ମନୋନିବେଶ କଲେ, ସାନ-ଭାଇମାନଙ୍କ ପ୍ରତି ମଧ୍ୟ ସେହିପରି ଉଦାର ବ୍ୟବହାର କଲେ । ୨୧

କାର୍ତ୍ତିକେୟ ତାଙ୍କର ଛଅ ମୁଖରେ କୃତ୍ତିକାମାନଙ୍କର ଛଅଗୋଟି ସ୍ତନରୁ କ୍ଷୀରପାନ କରିଥିଲେ । ତେଣୁ ସେ ଯେପରି ସବୁ କୃତ୍ତିକାଙ୍କୁ ସମାନ ମାତୃଦୃଷ୍ଟିରେ ଦେଖୁଥିଲେ, ରାମଚନ୍ଦ୍ର ସେହିପରି ସ୍ୱଭବତଃ ମାତୃଭକ୍ତ ହୋଇଥିବାରୁ ସବୁ ମାଆଙ୍କୁ ସମାନ ଭବରେ ସେବାକଲେ । ୨୨

ରାମଚନ୍ଦ୍ର ନିର୍ଲୋଭ ଭବରେ ଶାସନ ଚଳାଇବାରୁ ପ୍ରଜାବର୍ଗ ସମୃଦ୍ଧି ଲଭ କଲେ, ବିଘ୍ନ ଦୂର କରିବାରୁ ପ୍ରଜାମାନେ ନିଜ ନିଜ କର୍ତ୍ତବ୍ୟରେ ରତ ରହିଲେ, ବିଦ୍ୟାବିନୟାଦି ଗୁଣ ଶିକ୍ଷା ଦେବାରୁ ପ୍ରଜାମାନେ ତାଙ୍କୁ ପୁତ୍ର ମନେ କଲେ । ୨୩

ଏହିପରି ଭବରେ ରାଜକାର୍ଯ୍ୟ ବୁଝିସାରିବା ପରେ ସେ ଅବସର ସମୟରେ ସୀତାଙ୍କ ସହିତ ବିହାର କରୁଥିଲେ । ସତେ ଯେପରି ସ୍ୱୟଂ ଲକ୍ଷ୍ମୀ ତାଙ୍କ ସହିତ ବିହାର କରିବା ଅଭିପ୍ରାୟରେ ସୀତାଙ୍କ ରୂପ ଧରି ଆସି-ଥିଲେ ! ୨୪

ରାମଚନ୍ଦ୍ର ଓ ସୀତା ଇଚ୍ଛାନୁସାରେ ସାଂସାରିକ ବିଷୟ ଉପଭୋଗ କରିବାକୁ ଲଗିଲେ । ଉଭୟଙ୍କ ବାସଗୃହରେ ବନବାସ ସମୟର ଘଟଣା-ବଳୀ ଚିତ୍ରାଙ୍କିତ ହୋଇ ରହିଥିଲା । ତାହା ଦେଖି ଦଣ୍ଡକାରଣ୍ୟର ଦୁଃଖକଥା ମନେପଡ଼ିଯାଉଥିଲା, କିନ୍ତୁ ବର୍ତ୍ତମାନ ତାହା ଥିଲା ସୁଖଦାୟକ । ୨୫

କିଛିକାଳ ପରେ ସୀତାଙ୍କର ଚକ୍ଷୁ ଅଧିକ ଉଜ୍ଜ୍ୱଳ ଦେଖାଗଲା । ମୁଖ କାଶଫୁଲ ପରି ପାଣ୍ଡୁରବର୍ଣ୍ଣ ଧାରଣ କଲା । ସେ ନିଜର ଗର୍ଭସଞ୍ଚାର ବିଷୟ ସ୍ୱାମୀଙ୍କୁ ନକହିଲେ ମଧ୍ୟ ସ୍ୱାମୀ ଏହି ଲକ୍ଷଣମାନ ଦେଖି ତାହା ଜାଣି-ପାରିଲେ ଏବଂ ଆନନ୍ଦଲଭ କଲେ । ୨୬

ସୀତାଙ୍କ ସ୍ତନଦ୍ୱୟର ଅଗ୍ରଭଗ ଶ୍ୟାମଳ ଦିଶିଲା । ଶରୀର କ୍ଷୀଣ ହେବାରେ ଲଗିଲା । ରାମଚନ୍ଦ୍ର ନିଃସନ୍ଦେହରେ ତାଙ୍କୁ ଅନ୍ତଃସତ୍ତ୍ୱା ହୋଇଥିବାର ଜାଣିଲେ ଏବଂ ଏକାନ୍ତରେ କୋଳକୁ ନେଇ ତାଙ୍କର ଅଭିଳାଷ ବିଷୟ ପଚାରିଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा दष्टनीवारबलीनि हिंस्रैः संबद्धवैखानसकन्यकानि ।
इयेष भूयः कुशवन्ति गन्तुं भागीरथीतीरतपोवनानि ॥२८

ସା ଦଷ୍ଟନୀବାରବଲୀନି ହିଂସ୍ରୈଃ ସଂବଦ୍ଧବୈଖାନସକନ୍ୟକାନି ।
ଇୟେଷ ଭୂୟଃ କୁଶବନ୍ତି ଗନ୍ତୁଂ ଭାଗୀରଥୀତୀରତପୋବନାନି ॥୨୮

तस्यै प्रतिश्रुत्य रघुप्रवीरस्तदीप्सितं पार्श्वचरानुयातः ।
आलोकयिष्यन् मुदितामयोध्यां प्रासादमभ्रंलिहमारुरोह ॥२९

ତସ୍ୟୈ ପ୍ରତିଶ୍ରୁତ୍ୟ ରଘୁପ୍ରବୀରସ୍ତଦୀପ୍ସିତଂ ପାର୍ଶ୍ୱଚରାନୁୟାତଃ ।
ଆଲୋକୟିଷ୍ୟନ୍ ମୁଦିତାମୟୋଧ୍ୟାଂ ପ୍ରାସାଦମଭ୍ରଂଲିହମାରୁରୋହ ॥୨୯

ऋद्धापणं राजपथं स पश्यन् विगाह्यमानां सरयूं च नौभिः ।
विलासिभिश्चाध्युषितानि पौरैः पुरोपकण्ठोपवनानि रेमे ॥३०

ଋଦ୍ଧାପଣଂ ରାଜପଥଂ ସ ପଶ୍ୟନ ବିଗାହ୍ୟମାନାଂ ସରୟୂଂ ଚ ନୌଭିଃ ।
ବିଲାସିଭିଶ୍ଚାଧ୍ୟୁଷିତାନି ପୌରୈଃ ପୁରୋପକଣ୍ଠୋପବନାନି ରେମେ ॥୩୦

स किंवदन्तीं वदतां पुरोगः स्ववृत्तमुद्दिश्य विशुद्धवृत्तः ।
सर्पाधिराजोरुभुजोऽपसर्पं पप्रच्छ भद्रं विजितारिभद्रः ॥३१

ସ କିଂବଦନ୍ତୀଂ ବଦତାଂ ପୁରୋଗଃ ସ୍ୱବୃତ୍ତମୁଦ୍ଦିଶ୍ୟ ବିଶୁଦ୍ଧବୃତ୍ତଃ ।
ସର୍ପାଧିରାଜୋରୁଭୁଜୋଽପସର୍ପଂ ପପ୍ରଚ୍ଛ ଭଦ୍ରଂ ବିଜିତାରିଭଦ୍ରଃ ॥୩୧

निर्बन्धपृष्टः स जगाद सर्वं स्तुवन्ति पौराश्चरितं त्वदीयम् ।
अन्यत्र रक्षोभवनोषितायाः परिग्रहान्मानवदेव देव्याः ॥३२

ନିର୍ବନ୍ଧପୃଷ୍ଟଃ ସ ଜଗାଦ ସର୍ବଂ ସ୍ତୁବନ୍ତି ପୌରାଶ୍ଚରିତଂ ତ୍ୱଦୀୟମ୍ ।
ଅନ୍ୟତ୍ର ରକ୍ଷୋଭବନୋଷିତାୟାଃ ପରିଗ୍ରହାନ୍ମାନବଦେବ ଦେବ୍ୟାଃ ॥୩୨

कलत्रनिन्दागुरुणा किलैवमभ्याहतं कीर्तिविपर्ययेण ।
अयोघनेनाय इवाभितप्तं वैदेहिबन्धोर्हृदयं विदद्रे ॥३३

କଲତ୍ରନିନ୍ଦାଗୁରୁଣା କିଲୈବମଭ୍ୟାହତଂ କୀର୍ତ୍ତିବିପର୍ୟୟେଣ ।
ଅୟୋଘନେନାୟ ଇବାଭିତପ୍ତଂ ବୈଦେହିବନ୍ଧୋର୍ହୃଦୟଂ ବିଦଦ୍ରେ ॥୩୩

किमात्मनिर्वादकथामुपेक्षे जायामदोषामुत संत्यजामि ।
इत्येकपक्षाश्रयविक्लवत्वादासीत् स दोलाचलचित्तवृत्तिः ॥३४

କିମାତ୍ମନିର୍ବାଦକଥାମୁପେକ୍ଷେ ଜାୟାମଦୋଷାମୁତ ସଂତ୍ୟଜାମି ।
ଇତ୍ୟେକପକ୍ଷାଶ୍ରୟବିକ୍ଳବତ୍ୱାଦାସୀତ୍ ସ ଦୋଲାଚଲଚିତ୍ତବୃତ୍ତିଃ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେଉଁଠାରେ ମୁନିମାନଙ୍କ ପ୍ରଦତ୍ତ ନୀବାର-ଅନ୍ନ ହିଂସ୍ରଜନ୍ତୁମାନେ ଖାଉଥିଲେ, ଯେଉଁଠାରେ ମୁନିକନ୍ୟାମାନଙ୍କ ସହିତ ସୀତାଙ୍କର ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହୋଇଥିଲା, ଗଙ୍ଗାକୂଳର ସେହି କୁଶବନପୂର୍ଣ୍ଣ ତପୋବନ ଦେଖିବା ପାଇଁ ସୀତା ନିଜର ଇଚ୍ଛା ପ୍ରକାଶ କଲେ । ୨୮

ରାମଚନ୍ଦ୍ର ତାଙ୍କର ସେହି ଅଭିଳାଷ ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦେଇ ଆନନ୍ଦମୟୀ ଅଯୋଧ୍ୟାନଗରୀକୁ ଦେଖିବା ନିମନ୍ତେ ପାର୍ଶ୍ୱଚର ସହିତ ପ୍ରାସାଦ ଉପରକୁ ଆରୋହଣ କଲେ । ୨୯

ଅଯୋଧ୍ୟାର ରାଜପଥରେ ସମୃଦ୍ଧ ଦୋକାନମାନ ଶୋଭପାଉଥିଲା । ସରଯୂରେ ନୌକାବିହାର ଚାଲିଥିଲା । ବିଳାସପ୍ରିୟ ପୁରବାସୀମାନେ ନଗରୀ-ଉପକଣ୍ଠର ଉପବନମାନଙ୍କରେ ବିହାର କରୁଥିଲେ । ସେ ସମସ୍ତ ଦେଖି ରାମଚନ୍ଦ୍ର ଅତ୍ୟନ୍ତ ଆନନ୍ଦିତ ହେଲେ । ୩୦

ଶ୍ରେଷ୍ଠ ବାଗ୍ମୀ, ଶୁଦ୍ଧାଚାରୀ, ବଳିଷ୍ଠବର୍ତ୍ତୁଳବାହୁ, ଦୁର୍ଦ୍ଦାନ୍ତଶତ୍ରୁବିଜୟୀ ରାମଚନ୍ଦ୍ର ଗୁପ୍ତଚରକୁ ପଚାରିଲେ—"ମୋ ବିଷୟରେ ପ୍ରଜାମାନେ କି ଆଲୋଚନା କରୁଛନ୍ତି ?" ୩୧

ସେ ଏହି ବିଷୟ ବାରମ୍ବାର ଜୋର ଦେଇ ପଚାରିବାରୁ ଗୁପ୍ତଚର କହିଲା—"ମଣିମା, ପୁରବାସୀମାନେ ଆପଣଙ୍କର ସମସ୍ତ କାର୍ଯ୍ୟକଳାପକୁ ପ୍ରଶଂସା କରୁଛନ୍ତି, କିନ୍ତୁ ସୀତାଦେବୀ କିଛି କାଳ ରାକ୍ଷସଗୃହରେ ବାସ କରିଥିଲେ ମଧ୍ୟ ଆପଣ ତାଙ୍କୁ ଗ୍ରହଣ କରିଛନ୍ତି—ଏହା ସେମାନେ ପସନ୍ଦ କରୁନାହାଁନ୍ତି । ୩୨

ହାତୁଡ଼ିରେ ପିଟିଲେ ଉତ୍ତପ୍ତ ଲୁହାର ଅବସ୍ଥା ଯେପରି ହୁଏ, ପତ୍ନୀ-ନିନ୍ଦାମୂଳକ ନିଜର ଦୁଃସହ ଦୁର୍ନାମ କଥା ଶୁଣି ସୀତାପ୍ରିୟ ରାମଚନ୍ଦ୍ରଙ୍କ ହୃଦୟ ସେହିପରି ବିଦୀର୍ଣ୍ଣ ହୋଇଗଲା । ୩୩

'ନିଜର ଅପଖ୍ୟାତିକୁ ଉପେକ୍ଷା କରିବି ନା ନିରପରାଧା ପତ୍ନୀକୁ ପରିତ୍ୟାଗ କରିବି ?, ଏହିପରି ଭବିଭବି କୌଣସି ଗୋଟିଏ ପକ୍ଷ ସିଦ୍ଧାନ୍ତ କରିନପାରି ତାଙ୍କର ମନ ବିଚଳିତ ହେବାରେ ଲାଗିଲା । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निश्चित्य चानन्यनिवृत्ति वाच्यं त्यागेन पत्न्याः परिमार्ष्टुमैच्छेत् ।
अपि स्वदेहात् किमुतेन्द्रियार्थाद् यशोधनानां हि यशो गरीयः ॥३५
ନିଶ୍ଚିତ୍ୟ ଗୁନନ୍ୟନିବୃତ୍ତି ବାଚ୍ୟଂ ତ୍ୟାଗେନ ପତ୍ନ୍ୟାଃ ପରିମାର୍ଷ୍ଟୁମୈଚ୍ଛତ୍ ।
ଅପି ସ୍ୱଦେହାତ୍ କିମୁତେନ୍ଦ୍ରିୟାର୍ଥାଦ୍ ଯଶୋଧନାନାଂ ହି ଯଶୋ ଗରୀୟଃ ॥୩୫

स संनिपात्यावरजान् हतौजास्तद्विक्रियादर्शनलुप्तहर्षान् ।
कौलीनमात्माश्रयमाचचक्षे तेभ्यः पुनश्चेदमुवाच वाक्यम् ॥३६
ସ ସଂନିପାତ୍ୟାବରଜାନ୍ ହତୌଜାସ୍ତଦ୍ବିକ୍ରିୟାଦର୍ଶନଲୁପ୍ତହର୍ଷାନ୍ ।
କୌଲୀନମାତ୍ମାଶ୍ରୟମାଚଚକ୍ଷେ ତେଭ୍ୟଃ ପୁନଶ୍ଚେଦମୁବାଚ ବାକ୍ୟମ୍ ॥୩୬

राजर्षिवंशस्य रविप्रसूतेरुपस्थितः पश्यत कीदृशोऽयम् ।
मत्तः सदाचारशुचेः कलङ्कः पयोदवातादिव दर्पणस्य ॥३७
ରାଜର୍ଷିବଂଶସ୍ୟ ରବିପ୍ରସୂତେରୁପସ୍ଥିତଃ ପଶ୍ୟତ କୀଦୃଶୋଽୟମ୍ ।
ମତ୍ତଃ ସଦାଚାରଶୁଚେଃ କଳଙ୍କଃ ପୟୋଦବାତାଦିବ ଦର୍ପଣସ୍ୟ ॥୩୭

पौरेषु सोऽहं बहुलीभवन्तमपां तरङ्गेष्विव तैलविन्दुम् ।
सोढुं न तत्पूर्वमवर्णमीशे ह्यालानिकं स्थाणुमिव द्विपेन्द्रः ॥३८
ପୌରେଷୁ ସୋଽହଂ ବହୁଳୀଭବନ୍ତମପାଂ ତରଙ୍ଗେଷ୍ୱିବ ତୈଳବିନ୍ଦୁମ୍ ।
ସୋଢୁଂ ନ ତତ୍ପୂର୍ବମବର୍ଣ୍ଣମୀଶେ ହ୍ୟାଳାନିକଂ ସ୍ଥାଣୁମିବ ଦ୍ୱିପେନ୍ଦ୍ରଃ ॥୩୮

तस्यापनोदाय फलप्रवृत्तावुपस्थितायामपि निर्व्यपेक्षः ।
त्यक्ष्यामि वैदेहसुतां पुरस्तात् समुद्रनेमिं पितुराज्ञयेव ॥३९
ତସ୍ୟାପନୋଦାୟ ଫଳପ୍ରବୃତ୍ତାବୁପସ୍ଥିତାୟାମପି ନିର୍ବ୍ୟପେକ୍ଷଃ ।
ତ୍ୟକ୍ଷ୍ୟାମି ବୈଦେହସୁତାଂ ପୁରସ୍ତାତ୍ ସମୁଦ୍ରନେମିଂ ପିତୁରାଜ୍ଞୟେବ ॥୩୯

अवैमि चैनामनघेति किन्तु लोकापवादो बलवान् मतो मे ।
छाया हि भूमेः शशिनो मलत्वेनारोपिता शुद्धिमतः प्रजाभिः ॥४०
ଅବୈମି ଚୈନାମନଘେତି କିନ୍ତୁ ଲୋକାପବାଦୋ ବଳବାନ୍ ମତୋ ମେ ।
ଛାୟା ହି ଭୂମେଃ ଶଶିନୋ ମଳତ୍ୱେନାରୋପିତା ଶୁଦ୍ଧିମତଃ ପ୍ରଜାଭିଃ ॥୪୦

रक्षोवधान्तो न च मे प्रयासो व्यर्थः स वैरप्रतिमोचनाय ।
अमर्षणः शोणितकाङ्क्षया किं पदा स्पृशन्तं दशति द्विजिह्वः ॥४१
ରକ୍ଷୋବଧାନ୍ତୋ ନ ଚ ମେ ପ୍ରୟାସୋ ବ୍ୟର୍ଥଃ ସ ବୈରପ୍ରତିମୋଚନାୟ ।
ଅମର୍ଷଣଃ ଶୋଣିତକାଙ୍କ୍ଷୟା କିଂ ପଦା ସ୍ପୃଶନ୍ତଂ ଦଶତି ଦ୍ୱିଜିହ୍ୱଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

'ଏ ଅପଖ୍ୟାତି ଅନ୍ୟ କୌଣସି ପ୍ରକାରେ ଦୂର ହେବନାହିଁ ।' ଏହା ଭବି ଭବି ସେ ପତ୍ନୀ ପରିତ୍ୟାଗ ଦ୍ୱାରା ତାହା ଦୂର କରିବାକୁ ସିଦ୍ଧାନ୍ତ କଲେ । କାରଣ ଯଶ ଯେଉଁମାନଙ୍କର ଧନ, ସେମାନେ ତାହାକୁ ନିଜର ଦେହଠାରୁ ମଧ୍ୟ ଶ୍ରେଷ୍ଠ ମନେ କରନ୍ତି । ସେମାନେ ଯେ ଯଶକୁ ଇନ୍ଦ୍ରିୟଭୋଗ୍ୟ ବସ୍ତୁମାନଙ୍କଠାରୁ ଶ୍ରେଷ୍ଠ ମନେକରନ୍ତି, ଏହା କହିବା ନିଷ୍ପ୍ରୟୋଜନ । ୩୫

ରାମଚନ୍ଦ୍ର ନିସ୍ତେଜ ହୋଇ ସାନଭାଇମାନଙ୍କୁ ଡକାଇଲେ । ଭାଇମାନେ ତାଙ୍କର ବିକାର ଦେଖି ବିଷଣ୍ଣ ହୋଇପଡ଼ିଲେ । ସେ ସେମାନଙ୍କୁ ନିଜର ଅପଖ୍ୟାତି ବିଷୟ ଜଣାଇ କହିଲେ— ୩୬

"ଯେପରି ମେଘବାଯୁ ଯୋଗୁଁ ଦର୍ପଣରେ ମଳିନତା ସୃଷ୍ଟି ହୁଏ, ସେହିପରି ଋଷିପ୍ରତିମ ରାଜାମାନଙ୍କର ଏହି ସୂର୍ଯ୍ୟବଂଶରେ ମୋରି ଯୋଗୁଁ କି କଳଙ୍କ ସୃଷ୍ଟି ହେଲା, ଦେଖ । ଅଥଚ ମୋର ଆଚରଣ ସର୍ବଦା ଶୁଦ୍ଧ । ୩୭

ଜଳରେ ତୈଳବିନ୍ଦୁ ଯେପରି ବିସ୍ତୃତ ହୋଇଯାଏ, ସେହିପରି ପ୍ରଜାମାନଙ୍କ ମଧ୍ୟରେ ମୋର ଏହି ଅପଖ୍ୟାତି ବିସ୍ତାର ଲାଭ କରୁଛି । ହସ୍ତୀ ନୂଆ ହୋଇ ବନ୍ଧା ହେଲାବେଳେ ଯେପରି ବନ୍ଧନସ୍ତମ୍ଭକୁ ସହ୍ୟ କରିପାରେନାହିଁ, ସେହିପରି ମୋର ଏହି ପ୍ରଥମ ଅପଖ୍ୟାତିକୁ ମୁଁ ସହ୍ୟ କରିପାରିବିନାହିଁ । ୩୮

ସୀତାଙ୍କୁ ପରିତ୍ୟାଗ କରିବାର ପରିଣତି କ'ଣ ହେବ, ତାହା ମୁଁ ଜାଣେ । ତଥାପି ପିତାଙ୍କ ଆଜ୍ଞାରେ ମୁଁ ଯେପରି ରାଜ୍ୟ ତ୍ୟାଗ କରିଥିଲି, ସେହିପରି ସୀତାଙ୍କୁ ମଧ୍ୟ ତ୍ୟାଗ କରିପାରିବି । ୩୯

ମୁଁ ସୀତାଙ୍କୁ ନିଷ୍ପାପ ବୋଲି ଜାଣେ । ତଥାପି ଲୋକାପବାଦକୁ ମୁଁ ବେଖାତିର କରିପାରୁନାହିଁ । ଚନ୍ଦ୍ର ଉପରେ ପୃଥିବୀର ଛାୟା ପଡେ, କିନ୍ତୁ ଲୋକମାନେ ତାହାକୁ ନିର୍ମଳ ଚନ୍ଦ୍ରର କଳଙ୍କ ବୋଲି କହନ୍ତି । ୪୦

ତୁମ୍ଭେମାନେ ଯଦି ପଚାରିବ, ମୁଁ କାହିଁକି ଏତେ କଷ୍ଟରେ ସୀତାଙ୍କୁ ଉଦ୍ଧାର କରିଥିଲି, ତେବେ ମୁଁ କହିବି, ରାବଣକୁ ନିହତ କରିବା ପର୍ଯ୍ୟନ୍ତ ମୁଁ ଯେତେ କଷ୍ଟ ସ୍ୱୀକାର କରିଛି, ତାହା ବ୍ୟର୍ଥ ହୋଇନାହିଁ । ମୁଁ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ସେପରି କରିଛି । କ୍ରୋଧଶୀଳ ସର୍ପକୁ ଯଦି କେହି ପଦାଘାତ କରେ, ତାହାହେଲେ ସେ କଅଣ ତାର ରକ୍ତପାନ କରିବାକୁ ଦଂଶନ କରେ ? ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तदेष सर्गः करुणार्द्रचित्तैर्न मे भवद्भिः प्रतिषेधनीयः ।
यद्यर्थिता निर्हृतवाच्यशल्यान् प्राणान् मया धारयितुं चिरं वः ॥४२
ତଦେଷ ସର୍ଗଃ କରୁଣାର୍ଦ୍ରଚିତ୍ତୈର୍ନ ମେ ଭବଦ୍ଭିଃ ପ୍ରତିଷେଧନୀୟଃ ।
ଯଦ୍ୟର୍ଥିତା ନିର୍ହୃତବାଚ୍ୟଶଲ୍ୟାନ୍ ପ୍ରାଣାନ୍ ମୟା ଧାରୟିତୁଂ ଚିରଂ ବଃ ॥୪୨

इत्युक्तवन्तं जनकात्मजायां नितान्तरूक्षाभिनिवेशमीशम् ।
न कश्चन भ्रातृषु तेषु शक्तो निषेद्धुमासीदनुमोदितुं वा ॥४३
ଇତ୍ୟୁକ୍ତବନ୍ତଂ ଜନକାତ୍ମଜାୟାଂ ନିତାନ୍ତରୂକ୍ଷାଭିନିବେଶମୀଶମ୍ ।
ନ କଶ୍ଚନ ଭ୍ରାତୃଷୁ ତେଷୁ ଶକ୍ତୋ ନିଷେଦ୍ଧୁମାସୀଦନୁମୋଦିତୁଂ ବା ॥୪୩

स लक्ष्मणं लक्ष्मणपूर्वजन्मा विलोक्य लोकत्रयगीतकीर्तिः ।
सौम्येति चाभाष्य यथार्थभाषी स्थितं निदेशे पृथगादिदेश ॥४४
ସ ଲକ୍ଷ୍ମଣଂ ଲକ୍ଷ୍ମଣପୂର୍ବଜନ୍ମା ବିଲୋକ୍ୟ ଲୋକତ୍ରୟଗୀତକୀର୍ତ୍ତିଃ ।
ସୌମ୍ୟେତି ଚାଭାଷ୍ୟ ଯଥାର୍ଥଭାଷୀ ସ୍ଥିତଂ ନିଦେଶେ ପୃଥଗାଦିଦେଶ ॥୪୪

प्रजावती दोहदशंसिनी ते तपोवनेषु स्पृहयालुरेव ।
स त्वं रथी तद्व्यपदेशनेयां प्रापय्य वाल्मीकिपदं त्यजैनाम् ॥४५
ପ୍ରଜାବତୀ ଦୋହଦଶଂସିନୀ ତେ ତପୋବନେଷୁ ସ୍ପୃହୟାଲୁରେବ ।
ସ ତ୍ୱଂ ରଥୀ ତଦ୍ୱ୍ୟପଦେଶନେୟାଂ ପ୍ରାପୟ୍ୟ ବାଲ୍ମୀକିପଦଂ ତ୍ୟଜୈନାମ୍ ॥୪୫

स शुश्रुवान् मातरि भार्गवेण पितुर्नियोगात् प्रहृतं द्विषद्वत् ।
प्रत्यग्रहीदग्रजशासनं तदाज्ञा गुरूणां ह्यविचारणीया ॥४६
ସ ଶୁଶ୍ରୁବାନ୍ ମାତରି ଭାର୍ଗବେଣ ପିତୁର୍ନିୟୋଗାତ୍ ପ୍ରହୃତଂ ଦ୍ୱିଷଦ୍ୱତ୍ ।
ପ୍ରତ୍ୟଗ୍ରହୀଦଗ୍ରଜଶାସନଂ ତଦାଜ୍ଞା ଗୁରୂଣାଂ ହ୍ୟବିଚାରଣୀୟା ॥୪୬

अथानुकूलश्रवणप्रतीतामत्रस्नुभिर्युक्तधुरं तुरङ्गैः ।
रथं सुमन्त्रप्रतिपन्नरश्मिमारोप्य वैदेहसुतां प्रतस्थे ॥४७
ଅଥାନୁକୂଳଶ୍ରବଣପ୍ରତୀତାମତ୍ରସ୍ନୁଭିର୍ଯୁକ୍ତଧୁରଂ ତୁରଙ୍ଗୈଃ ।
ରଥଂ ସୁମନ୍ତ୍ରପ୍ରତିପନ୍ନରଶ୍ମିମାରୋପ୍ୟ ବୈଦେହସୁତାଂ ପ୍ରତସ୍ଥେ ॥୪୭

सा नीयमाना रुचिरान् प्रदेशान् प्रियङ्करो मे प्रिय इत्यनन्दत् ।
नाबुद्ध कल्पद्रुमतां विहाय जातं तमात्मन्यसिपत्रवृक्षम् ॥४८
ସା ନୀୟମାନା ରୁଚିରାନ୍ ପ୍ରଦେଶାନ୍ ପ୍ରିୟଙ୍କରୋ ମେ ପ୍ରିୟ ଇତ୍ୟନନ୍ଦତ୍ ।
ନାବୁଦ୍ଧ କଳ୍ପଦ୍ରୁମତାଂ ବିହାୟ ଜାତଂ ତମାତ୍ମନ୍ୟସିପତ୍ରବୃକ୍ଷମ୍ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁମେମାନେ ଯଦି ମୋର ଜୀବନରୁ ଅପଖ୍ୟାତି - କଣ୍ଟକ ଦୂର କରି ମୋତେ ବଞ୍ଚାଇ ରଖିବାକୁ ଚାହଁ, ତେବେ ଦୟା କରି ମୋର ସିଦ୍ଧାନ୍ତ ବିରୁଦ୍ଧରେ ଯାଅ ନାହିଁ ।" ୪୨

ରାଜା ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରିବାର କଠୋର ସିଦ୍ଧାନ୍ତ ଗ୍ରହଣ କରିସାରିଥିଲେ । ତେଣୁ ତାଙ୍କର କଥା ଶୁଣି ଭାଇମାନେ କେହି ତାଙ୍କୁ ବାରଣ କରିପାରିଲେ ନାହିଁ । ୪୩

ବିଶ୍ୱବିଶ୍ରୁତ କୀର୍ତ୍ତିଶାଳୀ, ଯଥାର୍ଥଭାଷୀ ରାମଚନ୍ଦ୍ର ଆଜ୍ଞାବହ ଲକ୍ଷ୍ମଣଙ୍କୁ 'ସୌମ୍ୟ' ବୋଲି ସମ୍ବୋଧନ କରି କହିଲେ— ୪୪

"ତୁମର ଅନ୍ତଃସତ୍ତ୍ୱା ଭାଉଜ ତପୋବନରେ ବୁଲିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ତୁମେ ତାଙ୍କୁ ସେହି ଛଳନାରେ ରଥରେ ବସାଇ ବାଲ୍ମୀକିଙ୍କ ଆଶ୍ରମରେ ପହଞ୍ଚାଇ ଦିଅ ଏବଂ ସେଠାରେ ଛାଡ଼ି ଚାଲିଆସ ।" ୪୫

ପର୍ଶୁରାମ କିପରି ପିତୃ-ଆଜ୍ଞାରେ ନିଜ ମାଆଙ୍କୁ ଶତ୍ରୁ ପରି ବଧ କରିଥିଲେ, ତାହା ଲକ୍ଷ୍ମଣ ଜାଣିଥିଲେ । ବର୍ତ୍ତମାନ ସେ ନିଜେ ବଡ ଭାଇଙ୍କର ଆଦେଶ ଗ୍ରହଣ କରିନେଲେ । କାରଣ, ଗୁରୁଜନମାନଙ୍କର ଆଦେଶ ନିର୍ବିଚାରରେ ପାଳନ କରିବାକୁ ପଡ଼େ । ୪୬

ତା'ପରେ ତପୋବନକୁ ଯିବା କଥା ଶୁଣି ସୀତା ହର୍ଷରେ ଅତ୍ୟନ୍ତ ଉତ୍‌ଫୁଲ୍ଲା ହେଲେ । ଲକ୍ଷ୍ମଣ ତାଙ୍କୁ ରଥରେ ବସାଇ ଉପବନକୁ ଯାତ୍ରା କଲେ । ସୁଶିକ୍ଷିତ ଅଶ୍ୱମାନେ ରଥ ଟାଣିବାରେ ଲାଗିଲେ ଏବଂ ସୁମନ୍ତ୍ର ଲଗାମ ଧରି ସେମାନଙ୍କୁ ନିୟନ୍ତ୍ରିତ କଲେ । ୪୭

ସୀତା ବନରେ ସୁନ୍ଦର ସ୍ଥାନମାନ ଦେଖି 'ପ୍ରିୟତମ ମୋର ଇଚ୍ଛା ପୂରଣ କରନ୍ତି' ଏହିପରି ଭାବି ଆନନ୍ଦିତା ହେଲେ । କିନ୍ତୁ ତାଙ୍କର ପ୍ରିୟତମ ଯେ ତାଙ୍କ ପ୍ରତି ଆଉ କଳ୍ପବୃକ୍ଷ ନାହାଁନ୍ତି, ବରଂ ଖଣ୍ଡାବୃକ୍ଷ ହେଲେଣି, ଏକଥା ତାଙ୍କୁ ଜଣା ନଥିଲା । ୪୮ (ଖଣ୍ଡାବୃକ୍ଷ—ଖଣ୍ଡାକାର - ପତ୍ର - ବିଶିଷ୍ଟ ବୃକ୍ଷ, ଯାହା କି ଦେହକୁ କ୍ଷତବିକ୍ଷତ କରିଦିଏ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

जुगूह तस्याः पथि लक्ष्मणो यत् सव्येतरेण स्फुरता तदक्ष्णा ।
आख्यातमस्यै गुरु भावि दुःखमत्यन्तलुप्तप्रियदर्शनेन ॥४९
ଜୁଗୂହ ତସ୍ୟାଃ ପଥି ଲକ୍ଷ୍ମଣୋ ଯତ୍ ସବ୍ୟେତରେଣ ସ୍ଫୁରତା ତଦକ୍ଷ୍ଣା ।
ଆଖ୍ୟାତମସ୍ୟୈ ଗୁରୁ ଭାବି ଦୁଃଖମତ୍ୟନ୍ତଲୁପ୍ତପ୍ରିୟଦର୍ଶନେନ ॥୪୯

सा दुर्निमित्तोपगताद् विषादात् सद्यः परिम्लानमुखारविन्दा ।
राज्ञः शिवं सावरजस्य भूयादित्याशशंसे करणैरबाह्यैः ॥५०
ସା ଦୁର୍ନିମିତ୍ତୋପଗତାଦ୍ ବିଷାଦାତ୍ ସଦ୍ୟଃ ପରିମ୍ଳାନମୁଖାରବିନ୍ଦା ।
ରାଜ୍ଞଃ ଶିବଂ ସାବରଜସ୍ୟ ଭୂୟାଦିତ୍ୟାଶଶଂସେ କରଣୈରବାହ୍ୟୈଃ ॥୫୦

गुरोर्नियोगाद् वनितां वनान्ते साध्वीं सुमित्रातनयो विहास्यन् ।
अवार्यतेवोत्थितवीचिहस्तैर्जह्नोर्दुहित्रा स्थितया पुरस्तात् ॥५१
ଗୁରୋର୍ନିୟୋଗାଦ୍ ବନିତାଂ ବନାନ୍ତେ ସାଧ୍ୱୀଂ ସୁମିତ୍ରାତନୟୋ ବିହାସ୍ୟନ୍ ।
ଅବାର୍ୟତେବୋତ୍ଥିତବୀଚିହସ୍ତୈର୍ଜହ୍ନୋର୍ଦୁହିତ୍ରା ସ୍ଥିତୟା ପୁରସ୍ତାତ୍ ॥୫୧

रथात् स यन्त्रा निगृहीतवाहात् तां भ्रातृजायां पुलिनेऽवतार्य ।
गङ्गां निषादाहृतनौविशेषस्ततार सन्धामिव सत्यसन्धः ॥५२
ରଥାତ୍ ସ ଯନ୍ତ୍ରା ନିଗୃହୀତବାହାତ୍ ତାଂ ଭ୍ରାତୃଜାୟାଂ ପୁଲିନେଽବତାର୍ୟ ।
ଗଙ୍ଗାଂ ନିଷାଦାହୃତନୌବିଶେଷସ୍ତତାର ସନ୍ଧାମିବ ସତ୍ୟସନ୍ଧଃ ॥୫୨

अथ व्यवस्थापितवाक् कथंचित् सौमित्रिरन्तर्गतबाष्पकण्ठः ।
औत्पातिको मेघ इवाश्मवर्षं महीपतेः शासनमुज्जगार ॥५३
ଅଥ ବ୍ୟବସ୍ଥାପିତବାକ୍ କଥଂଚିତ୍ ସୌମିତ୍ରିରନ୍ତର୍ଗତବାଷ୍ପକଣ୍ଠଃ ।
ଔତ୍ପାତିକୋ ମେଘ ଇବାଶ୍ମବର୍ଷଂ ମହୀପତେଃ ଶାସନମୁଜ୍ଜଗାର ॥୫୩

ततोऽभिषङ्गानिलविप्रविद्धा प्रभ्रश्यमानाभरणप्रसूना ।
स्वमूर्तिलाभप्रकृतिं धरित्रीं लतेव सीता सहसा जगाम ॥५४
ତତୋଽଭିଷଙ୍ଗାନିଳବିପ୍ରବିଦ୍ଧା ପ୍ରଭ୍ରଶ୍ୟମାନାଭରଣପ୍ରସୂନା ।
ସ୍ୱମୂର୍ତ୍ତିଲାଭପ୍ରକୃତିଂ ଧରିତ୍ରୀଂ ଲତେବ ସୀତା ସହସା ଜଗାମ ॥୫୪

इक्ष्वाकुवंशप्रभवः कथं त्वां त्यजेदकस्मात् पतिरार्यवृत्तः ।
इति क्षितिः संशयितेव तस्यै ददौ प्रवेशं जननी न तावत् ॥५५
ଇକ୍ଷ୍ୱାକୁବଂଶପ୍ରଭବଃ କଥଂ ତ୍ୱାଂ ତ୍ୟଜେଦକସ୍ମାତ୍ ପତିରାର୍ୟବୃତ୍ତଃ ।
ଇତି କ୍ଷିତିଃ ସଂଶୟିତେବ ତସ୍ୟୈ ଦଦୌ ପ୍ରବେଶଂ ଜନନୀ ନ ତାବତ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଲକ୍ଷ୍ମଣ ବାଟରେ ସୀତାଙ୍କୁ ନ କହି ଭବିଷ୍ୟତର ଯେଉଁ ଗଭୀର ଦୁଃଖ କଥା ଲୁଚାଇ ରଖିଥିଲେ, ସୀତାଙ୍କର ଦକ୍ଷିଣ ଚକ୍ଷୁ ସ୍ପନ୍ଦିତ ହୋଇ ତାଙ୍କୁ ତାହାର ସୂଚନା ଦେଇଦେଲା । କାରଣ, ତାଙ୍କ ଚକ୍ଷୁ ସ୍ୱାମୀଙ୍କର ସୌମ୍ୟ ରୂପ ଦର୍ଶନରୁ ଏଣିକି ଚିରଦିନ ପାଇଁ ବଞ୍ଚିତ ହେବାକୁ ଯାଉଥିଲା । ୪୯

ଏପରି ଅଶୁଭ ଲକ୍ଷଣ ଯୋଗୁଁ ବିଷାଦରେ ସୀତାଙ୍କର ମୁଖପଦ୍ମ ଝାଉଁଳି ପଡ଼ିଲା । ସେ ଅନ୍ତରାତ୍ମାରେ ପ୍ରାର୍ଥନା କଲେ— "ଭାଇମାନଙ୍କ ସହିତ ରାଜାଙ୍କର ମଙ୍ଗଳ ହେଉ ।" ୫୦

ଲକ୍ଷ୍ମଣ ବଡ଼ ଭାଇଙ୍କ ଆଜ୍ଞାରେ ସାଧ୍ୱୀ ସୀତାଙ୍କୁ ବନରେ ପରିତ୍ୟାଗ କରିବାକୁ ନେଉଥିଲେ । କିନ୍ତୁ ସମ୍ମୁଖରେ ଗଙ୍ଗା ସତେ ଯେପରି ତରଙ୍ଗ-ହସ୍ତରେ ତାଙ୍କୁ ବାରଣ କରିବାକୁ ଲାଗିଲେ । ୫୧

ସୁମନ୍ତ୍ର ଗଙ୍ଗାକୂଳରେ ଅଶ୍ୱମାନଙ୍କୁ ଅଟକାଇଲେ । ଅଟଳପ୍ରତିଜ୍ଞ ଲକ୍ଷ୍ମଣ ଭାଉଜଙ୍କୁ ରଥରୁ ଓହ୍ଲାଇବାରେ ସାହାଯ୍ୟ କଲେ । ଏକ ଶବର ନୌକା ଆଣିଲା । ସେଥିରେ ସୀତାଙ୍କ ସହିତ ଲକ୍ଷ୍ମଣ ପ୍ରତିଜ୍ଞା ପାର ହେଲା ପରି ନଦୀ ପାର ହୋଇଗଲେ । ୫୨

ତା'ପରେ ଲକ୍ଷ୍ମଣ ବହୁ କଷ୍ଟରେ କଥା କହିବାକୁ ଆରମ୍ଭ କଲେ । ତାଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥାଏ । ପ୍ରାକୃତିକ ଉତ୍ପାତ ସମୟରେ ମେଘ ଯେପରି ପଥର ବର୍ଷା କରେ, ସେ ସେହିପରି ରାଜାଙ୍କର କଠୋର ନିର୍ଦ୍ଦେଶକୁ ପ୍ରକାଶ କଲେ । ୫୩

ସେହି ଅପମାନ କଥା ଶୁଣିବା ସଙ୍ଗେ ସଙ୍ଗେ, ପ୍ରବଳ ତୋଫାନରେ ଯେପରି ଲତାଟିଏ ଭୂମିରେ ଲୋଟିଯାଏ ଏବଂ ତା ଦେହରୁ ଫୁଲମାନ ଝଡ଼ିପଡ଼େ, ସେହିପରି ସୀତା ଭୂମିରେ ଲୋଟିଗଲେ । ତାଙ୍କ ଦେହରୁ ଭୂଷଣମାନ ଭାଙ୍ଗି ଭୂତଳରେ ଲୋଟିଗଲା । ୫୪

'ଇକ୍ଷ୍ୱାକୁ ବଂଶରେ ଯାହାଙ୍କର ଜନ୍ମ, ଯାହାଙ୍କର ଆଚରଣ ଆର୍ଯ୍ୟ-ଜନୋଚିତ, ତୋର ସେହି ସ୍ୱାମୀ ତୋତେ କାହିଁକି ଅକସ୍ମାତ୍ ପରିତ୍ୟାଗ କଲେ ?' ବୋଧହୁଏ ଏହିପରି ସନ୍ଦେହ ପୋଷଣ କରି ଜନନୀ ବସୁନ୍ଧରା ନିଜ କୋଳରେ ସୀତାଙ୍କୁ ସ୍ଥାନ ଦେଲେ ନାହିଁ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा लुप्तसंज्ञा न विवेद दुःखं प्रत्यागतासुः समतप्यतान्तः ।
तस्याः सुमित्रात्मजयत्नलब्धो मोहादभूत् कष्टतरः प्रबोधः ॥५६
ସା ଲୁପ୍ତସଂଜ୍ଞା ନ ବିବେଦ ଦୁଃଖଂ ପ୍ରତ୍ୟାଗତାସୁଃ ସମତପ୍ୟତାନ୍ତଃ ।
ତସ୍ୟାଃ ସୁମିତ୍ରାତ୍ମଜଯତ୍ନଲବ୍ଧୋ ମୋହାଦଭୂତ୍ କଷ୍ଟତରଃ ପ୍ରବୋଧଃ ॥୫୬

न चावदद् भर्तुरवर्णमार्या निराकरिष्णोर्वृजिनादृतेऽपि ।
आत्मानमेव स्थिरदुःखभाजं पुनःपुनर्दुष्कृतिनं निनिन्द ॥५७
ନ ଚାବଦଦ୍ ଭର୍ତ୍ତୁରବର୍ଣ୍ଣମାର୍ଯ୍ୟା ନିରାକରିଷ୍ଣୋର୍ବୃଜିନାଦୃତେଽପି ।
ଆତ୍ମାନମେବ ସ୍ଥିରଦୁଃଖଭାଜଂ ପୁନଃପୁନର୍ଦୁଷ୍କୃତିନଂ ନିନିନ୍ଦ ॥୫୭

आश्वास्य रामावरजः सतीं तामाख्यातवाल्मीकिनिकेमार्गः ।
निघ्नस्य मे भर्तृनिदेशरौक्ष्यं देवि क्षमस्वेति बभूव नम्रः ॥५८
ଆଶ୍ୱାସ୍ୟ ରାମାବରଜଃ ସତୀଂ ତାମାଖ୍ୟାତବାଲ୍ମୀକିନିକେତମାର୍ଗଃ ।
ନିଘ୍ନସ୍ୟ ମେ ଭର୍ତ୍ତୃନିଦେଶରୌକ୍ଷ୍ୟଂ ଦେବି କ୍ଷମସ୍ୱେତି ବଭୂବ ନମ୍ରଃ ॥୫୮

सीता तमुत्थाप्य जगाद वाक्यं प्रीतास्मि ते सौम्य चिराय जीव ।
विडौजसा विष्णुरिवाग्रजेन भ्रात्रा यदित्थं परवानसि त्वम् ॥५६
ସୀତା ତମୁତ୍ଥାପ୍ୟ ଜଗାଦ ବାକ୍ୟଂ ପ୍ରୀତାସ୍ମି ତେ ସୌମ୍ୟ ଚିରାୟ ଜୀବ ।
ବିଡୌଜସା ବିଷ୍ଣୁରିବାଗ୍ରଜେନ ଭ୍ରାତ୍ରା ଯଦିତ୍ଥଂ ପରବାନସି ତ୍ୱମ୍ ॥୫୯

श्वश्रूजनं सर्वमनुक्रमेण विज्ञापय प्रापितमत्प्रणामः ।
प्रजानिषेकं मयि वर्तमानं सूनोरनुध्यायत चेतसेति ॥६०
ଶ୍ୱଶ୍ରୂଜନଂ ସର୍ବମନୁକ୍ରମେଣ ବିଜ୍ଞାପୟ ପ୍ରାପିତମତ୍ପ୍ରଣାମଃ ।
ପ୍ରଜାନିଷେକଂ ମୟି ବର୍ତ୍ତମାନଂ ସୂନୋରନୁଧ୍ୟାୟତ ଚେତସେତି ॥୬୦

वाच्यस्त्वया मद्वचनात् स राजा वह्नौ विशुद्धामपि यत् समक्षम् ।
मां लोकवादश्रवणादहासीः श्रुतस्य किं तत् सदृशं कुलस्य ॥६१
ବାଚ୍ୟସ୍ତ୍ୱୟା ମଦ୍‌ବଚନାତ୍ ସ ରାଜା ବହ୍ନୌ ବିଶୁଦ୍ଧାମପି ଯତ୍ ସମକ୍ଷମ୍ ।
ମାଂ ଲୋକବାଦଶ୍ରବଣାଦହାସୀଃ ଶ୍ରୁତସ୍ୟ କିଂ ତତ୍ ସଦୃଶଂ କୁଳସ୍ୟ ॥୬୧

कल्याणबुद्धेरथवा तवायं न कामचारो मयि शङ्कनीयः ।
ममैव जन्मान्तरपातकानां विपाकविस्फूर्जथुरप्रसह्यः ॥६२
କଲ୍ୟାଣବୁଦ୍ଧେରଥବା ତବାୟଂ ନ କାମଚାରୋ ମୟି ଶଙ୍କନୀୟଃ ।
ମମୈବ ଜନ୍ମାନ୍ତରପାତକାନାଂ ବିପାକବିସ୍ଫୂର୍ଜଥୁରପ୍ରସହ୍ୟଃ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଚେତନାଶୂନ୍ୟ ହୋଇ ପଡ଼ିଥିଲା ବେଳେ ସେ କୌଣସି ଦୁଃଖ ଅନୁଭବ କରିପାରିଲେ ନାହିଁ । କିନ୍ତୁ ଲକ୍ଷ୍ମଣଙ୍କ ଯତ୍ନରେ ଯେତେବେଳେ ତାଙ୍କର ଚେତନା ଫେରି ଆସିଲା, ସେ ଅନ୍ତଃକରଣରେ ଗଭୀର ଦୁଃଖ ଅନୁଭବ କରି ମୂର୍ଚ୍ଛିତ ଅବସ୍ଥାଠାରୁ ଚେତନ ଅବସ୍ଥାକୁ ଅଧିକ ଅସହ୍ୟ ମନେ କଲେ । ୫୬

ରାମଚନ୍ଦ୍ର ବିନା ଅପରାଧରେ ସୀତାଙ୍କୁ ପରିତ୍ୟାଗ କରିଥିଲେ । ତଥାପି ସତୀ ସୀତା ସ୍ୱାମୀଙ୍କର ନିନ୍ଦା ନକରି ନିଜର ଦୁଃଖଭାଗୀ ପାପୀ ଆତ୍ମାକୁହିଁ ଧିକ୍କାର କରିବାକୁ ଲାଗିଲେ ୫୭

ଲକ୍ଷ୍ମଣ ସୀତାଙ୍କୁ ଆଶ୍ୱସନା ଦେଇ ବାଲ୍ମୀକିଙ୍କ ତପୋବନକୁ ବାଟ ଦେଖାଇ ଦେଲେ । ତା'ପରେ 'ଦେବୀ, ମୁଁ ପରାଧୀନ, ଭାଇଙ୍କ ଆଜ୍ଞାରେ ମୁଁ ଆପଣଙ୍କ ପ୍ରତି ଯେଉଁ ନିଷ୍ଠୁର ଆଚରଣ କଲି, ସେଥିପାଇଁ ମୋର ଦୋଷ କ୍ଷମା କରନ୍ତୁ ।' ଏହା କହି ତାଙ୍କ ପାଦତଳେ ଲୋଟିଗଲେ । ୫୮

ସୀତା ତାହାଙ୍କୁ ତଳୁ ଉଠାଇ କହିଲେ—"ବତ୍ସ, ଚିରଞ୍ଜୀବୀ ହୁଅ । ବିଷ୍ଣୁ ଇନ୍ଦ୍ରଙ୍କ ନିକଟରେ ପରାଧୀନ ରହିଲା ଭଳି ତୁମେ ତୁମ ବଡ଼ ଭାଇଙ୍କ ନିକଟରେ ଯେ ପରାଧୀନ ରହିଛ, ଏଥିପାଇଁ ମୁଁ ତୁମ ଉପରେ ସନ୍ତୁଷ୍ଟ । ୫୯

"ଶାଶୁମାନଙ୍କୁ ମୋର ଯଥାବିଧି ପ୍ରଣାମ ଜଣାଇ କହିବ, ସେମାନେ ମୋ ଗର୍ଭରେ ଥିବା ସେମାନଙ୍କ ପୁତ୍ରର ବଂଶସ୍ଥିତିର ମଙ୍ଗଳ କାମନା କରୁଥିବେ ।" ୬୦

ଆଉ ରାଜାଙ୍କୁ କହିବ—"ଆପଣ ମୋତେ ସମସ୍ତଙ୍କ ସମକ୍ଷରେ ଅଗ୍ନିରେ ପରୀକ୍ଷା କରି ବିଶୁଦ୍ଧା ବୋଲି ଦେଖିଥିଲେ । ତଥାପି ଲୋକେ କଅଣ କହିଲେ, ତାହା ଶୁଣି ମୋତେ ପରିତ୍ୟାଗ କରିଦେଲେ ? ଏହା କଅଣ ଆପଣଙ୍କର ବିଖ୍ୟାତ ବଂଶର ଉପଯୁକ୍ତ କାର୍ଯ୍ୟ ? ୬୧

ଅବା ମୋ ପ୍ରତି ଏହି ବ୍ୟବହାର ଆପଣଙ୍କ ସ୍ୱେଚ୍ଛାଚାର ନୁହେଁ ବୋଲି ବୁଝିବାକୁ ହେବ । କାରଣ, ଆପଣଙ୍କ ମନ ସର୍ବଦା ପ୍ରଜାମାନଙ୍କର କଲ୍ୟାଣକର କାର୍ଯ୍ୟରେ ନିବିଷ୍ଟ ! ଏହା ମୋର ପୂର୍ବଜନ୍ମ ପାପର ହିଁ କଠୋର ପରିଣାମ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उपस्थितां पूर्वमपास्य लक्ष्मीं वनं मया सार्धमसि प्रपन्नः ।
तदास्पदं प्राप्य तयातिरोषात् सोढास्मि न त्वद्भवने वसन्ती ॥६३
ଉପସ୍ଥିତାଂ ପୂର୍ବମପାସ୍ୟ ଲକ୍ଷ୍ମୀଂ ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ ।
ତଦାସ୍ପଦଂ ପ୍ରାପ୍ୟ ତୟାତିରୋଷାତ୍ ସୋଢ଼ାସ୍ମି ନ ତ୍ୱଦ୍‌ଭବନେ ବସନ୍ତୀ ॥୬୩

निशाचरोपप्लुतभर्तृकाणां तपस्विनीनां भवतः प्रसादात् ।
भूत्वा शरण्या शरणार्थमन्यं कथं प्रपत्स्ये त्वयि दीप्यमाने ॥६४
ନିଶାଚରୋପପ୍ଳୁତଭର୍ତ୍ତୃକାଣାଂ ତପସ୍ୱିନୀନାଂ ଭବତଃ ପ୍ରସାଦାତ୍ ।
ଭୂତ୍ୱା ଶରଣ୍ୟା ଶରଣାର୍ଥମନ୍ୟଂ କଥଂ ପ୍ରପତ୍ସ୍ୟେ ତ୍ୱୟି ଦୀପ୍ୟମାନେ ॥୬୪

किम्वा तवात्यन्तवियोगमोघे कुर्यामुपेक्षां हतजीवितेऽस्मिन् ।
स्याद् रक्षणीयं यदि मे न तेजस्त्वदीयमन्तर्गतमन्तरायः ॥६५
କିମ୍ବା ତବାତ୍ୟନ୍ତବିୟୋଗମୋଘେ କୁର୍ଯ୍ୟାମୁପେକ୍ଷାଂ ହତଜୀବିତେଽସ୍ମିନ୍ ।
ସ୍ୟାଦ୍ ରକ୍ଷଣୀୟଂ ଯଦି ମେ ନ ତେଜସ୍ତ୍ୱଦୀୟମନ୍ତର୍ଗତମନ୍ତରାୟଃ ॥୬୫

साऽहं तपः सूर्यनिविष्टदृष्टिरूर्ध्वं प्रसूतेश्चरितुं यतिष्ये ।
भूयो यथा मे जननान्तरेऽपि त्वमेव भर्ता न च विप्रयोगः ॥६६
ସାଽହଂ ତପଃ ସୂର୍ଯ୍ୟନିବିଷ୍ଟଦୃଷ୍ଟିରୂର୍ଦ୍ଧ୍ୱଂ ପ୍ରସୂତେଶ୍ଚରିତୁଂ ଯତିଷ୍ୟେ ।
ଭୂୟୋ ଯଥା ମେ ଜନନାନ୍ତରେଽପି ତ୍ୱମେବ ଭର୍ତ୍ତା ନ ଚ ବିପ୍ରୟୋଗଃ ॥୬୬

नृपस्य वर्णाश्रमपालनं यत् स एव धर्मो मनुना प्रणीतः ।
निर्वासिताप्येवमतस्त्वयाहं तपस्विसामान्यमवेक्षणीया ॥६७
ନୃପସ୍ୟ ବର୍ଣ୍ଣାଶ୍ରମପାଳନଂ ଯତ୍ ସ ଏବ ଧର୍ମୋ ମନୁନା ପ୍ରଣୀତଃ ।
ନିର୍ବାସିତାପ୍ୟେବମତସ୍ତ୍ୱୟାହଂ ତପସ୍ୱିସାମାନ୍ୟମବେକ୍ଷଣୀୟା ॥୬୭

तथेति तस्याः प्रतिगृह्य वाचं रामानुजे दृष्टिपथं व्यतीते ।
सा मुक्तकण्ठं व्यसनातिभाराच्चक्रन्द विग्ना कुररीव भूयः ॥६८
ତଥେତି ତସ୍ୟାଃ ପ୍ରତିଗୃହ୍ୟ ବାଚଂ ରାମାନୁଜେ ଦୃଷ୍ଟିପଥଂ ବ୍ୟତୀତେ ।
ସା ମୁକ୍ତକଣ୍ଠଂ ବ୍ୟସନାତିଭାରାଚ୍ଚକ୍ରନ୍ଦ ବିଗ୍ନା କୁରରୀବ ଭୂୟଃ ॥୬୮

नृत्यं मयूराः कुसुमानि वृक्षा दर्भानुपात्तान् विजहुर्हरिण्यः ।
तस्याः प्रपन्ने समदुःखभावमत्यन्तमासीद् रुदितं वनेऽपि ॥६८
ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷା ଦର୍ଭାନୁପାତ୍ତାନ୍ ବିଜହୁର୍ହରିଣ୍ୟଃ ।
ତସ୍ୟାଃ ପ୍ରପନ୍ନେ ସମଦୁଃଖଭାବମତ୍ୟନ୍ତମାସୀଦ୍ ରୁଦିତଂ ବନେଽପି ॥୬୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆପଣ ପୂର୍ବେ ରାଜଲକ୍ଷ୍ମୀଙ୍କୁ ପରିତ୍ୟାଗ କରି ମୋତେ ନେଇ ବନକୁ ଯାଇଥିଲେ । ତେଣୁ ତାର (ରାଜଲକ୍ଷ୍ମୀର) ମୋ ପ୍ରତି ଅତ୍ୟନ୍ତ ଈର୍ଷା ଜାତ ହୋଇଥିଲା । ବର୍ତ୍ତମାନ ମୁଁ ଆପଣଙ୍କର ଆଦରର ପାତ୍ରୀ ହୋଇ ଆପଣଙ୍କ ଗୃହରେ ବାସ କରିବାରୁ ସେ ମୋତେ ସହିପାରିଲା ନାହିଁ । ୬୩

ଯେତେବେଳେ ରାକ୍ଷସମାନେ ମୁନିମାନଙ୍କ ଉପରେ ଅତ୍ୟାଚାର କରୁଥିଲେ, ମୁନିପତ୍ନୀମାନେ ଶରଣ ଆଶାରେ ମୋ ପାଖକୁ ଦଉଡ଼ି ଆସୁଥିଲେ । ଆପଣଙ୍କ ଅନୁଗ୍ରହରୁ ମୁଁ ଥିଲି ସେମାନଙ୍କର ଶରଣଦାତ୍ରୀ । କିନ୍ତୁ ବର୍ତ୍ତମାନ ଆପଣ ଥାଉଁ ଥାଉଁ ମୁଁ କିପରି ଅନ୍ୟର ଶରଣ ଭିକ୍ଷା କରିବି ? ୬୪

ଆପଣଙ୍କଠାରୁ ଚିରଦିନ ପାଇଁ ବିଯୁକ୍ତ ହୋଇ ଏ ହତଭାଗ୍ୟ ଜୀବନ ରହିବା ନିଷ୍ଫଳ । ମୋର ଗର୍ଭରେ ଥିବା ଆପଣଙ୍କର ତେଜ ଯଦି ପ୍ରତିବନ୍ଧକ ନ ହୁଅନ୍ତା, ତେବେ ମୁଁ ଏ ହତଭାଗ୍ୟ ଜୀବନକୁ ଉପେକ୍ଷା କରିଦିଅନ୍ତି । କିନ୍ତୁ ଆପଣଙ୍କର ତେଜକୁ ରକ୍ଷା କରିବା ମୋ ପକ୍ଷରେ ନିତାନ୍ତ ଉଚିତ । ୬୫

ମୁଁ ଜନନୀ ହୋଇ ସାରିବା ପରେ ସୂର୍ଯ୍ୟଙ୍କଠାରେ ଦୃଷ୍ଟି ରଖି ଏପରି ତପସ୍ୟା କରିବି, ଯାହା ଫଳରେ ଆପଣ ହିଁ ପରଜନ୍ମରେ ମୋର ସ୍ୱାମୀ ହେବେ ଏବଂ ଆଉ କେବେ ଆମର ବିଚ୍ଛେଦ ଘଟିବ ନାହିଁ । ୬୬

ମନୁ କହିଛନ୍ତି, ସମସ୍ତ ବର୍ଣ୍ଣାଶ୍ରମ ପାଳନ ରାଜାଙ୍କର ଧର୍ମ । ତେଣୁ ଆପଣ ଯେପରି ସମସ୍ତ ତପସ୍ୱୀ ତପସ୍ୱିନୀଙ୍କୁ ରକ୍ଷା କରନ୍ତି, ମୁଁ ନିର୍ବାସିତା ହେଲେ ମଧ୍ୟ ମୋତେ ସେହିପରି ରକ୍ଷା କରିବେ ।"

ଲକ୍ଷ୍ମଣ 'ଏହା କହିବି' ବୋଲି କହି ସୀତାଙ୍କର ବାର୍ତ୍ତା ଘେନି ଫେରିଗଲେ । ସୀତା ଦୁଃସହ ବେଦନାରେ ବିହ୍ୱଳା ହୋଇ ଭୟଭୀତା କପୋତୀଟି ପରି ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ । ୬୮

ମୟୂରମାନେ ନୃତ୍ୟ ଛାଡ଼ିଦେଲେ, ବୃକ୍ଷମାନେ ପୁଷ୍ପ ଏବଂ ହରିଣୀମାନେ କୁଶଗ୍ରାସ ମଧ୍ୟ ପରିତ୍ୟାଗ କଲେ । ସୀତାଙ୍କ ଦୁଃଖରେ ସମଦୁଃଖୀ ହୋଇ ବନ ମଧ୍ୟ କରୁଣ ଭାବରେ କ୍ରନ୍ଦନ କରିବାକୁ ଲାଗିଲା । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तामभ्यगच्छद् रुदितानुसारी कविः कुशेध्माहरणाय यातः ।
निषादविद्धाण्डजदर्शनोत्थः श्लोकत्वमापद्यत यस्य शोकः ।।७०
ତାମଭ୍ୟଗଚ୍ଛଦ୍ ରୁଦିତାନୁସାରୀ କବିଃ କୁଶେଧ୍ମାହରଣାୟ ଯାତଃ ।
ନିଷାଦବିଦ୍ଧାଣ୍ଡଜଦର୍ଶନୋତ୍ଥଃ ଶ୍ଳୋକତ୍ୱମାପଦ୍ୟତ ଯସ୍ୟ ଶୋକଃ ।।୭୦

तमश्रु नेत्रावरणं प्रमृज्य सीता विलापाद् विरता ववन्दे ।
तस्यै मुनिर्दोहदलिङ्गदर्शी दाश्वान् सुपुत्राशिषमित्युवाच ।।७१
ତମଶ୍ରୁ ନେତ୍ରାବରଣଂ ପ୍ରମୃଜ୍ୟ ସୀତା ବିଳାପାଦ୍ ବିରତା ବବନ୍ଦେ ।
ତସ୍ୟୈ ମୁନିର୍ଦୋହଦଲିଙ୍ଗଦର୍ଶୀ ଦାଶ୍ୱାନ୍ ସୁପୁତ୍ରାଶିଷମିତ୍ୟୁବାଚ ।।୭୧

जाने विसृष्टां प्रणिधानतस्त्वां मिथ्यापवादक्षुभितेन भर्त्रा ।
तन्मा व्यथिष्ठा विषयान्तरस्थं प्राप्तासि वैदेहि पितुर्निकेतम् ।।७२
ଜାନେ ବିସୃଷ୍ଟାଂ ପ୍ରଣିଧାନତସ୍ତ୍ୱାଂ ମିଥ୍ୟାପବାଦକ୍ଷୁଭିତେନ ଭର୍ତ୍ରା ।
ତନ୍ମା ବ୍ୟଥିଷ୍ଠା ବିଷୟାନ୍ତରସ୍ଥଂ ପ୍ରାପ୍ତାସି ବୈଦେହି ପିତୁର୍ନିକେତମ୍ ।।୭୨

उत्खातलोकत्रयकण्टकेऽपि सत्यप्रतिज्ञेऽप्यविकत्थनेऽपि ।
त्वां प्रत्यकस्मात् कलुषप्रवृत्तावस्त्येव मन्युर्भरताग्रजे मे ।।७३
ଉତ୍ଖାତଲୋକତ୍ରୟକଣ୍ଟକେଽପି ସତ୍ୟପ୍ରତିଜ୍ଞେଽପ୍ୟବିକତ୍ଥନେଽପି ।
ତ୍ୱାଂ ପ୍ରତ୍ୟକସ୍ମାତ୍ କଳୁଷପ୍ରବୃତ୍ତାବସ୍ତ୍ୟେବ ମନ୍ୟୁର୍ଭରତାଗ୍ରଜେ ମେ ।।୭୩

तवोरुकीर्तिः श्वशुरः सखा मे सतां भयच्छेदकरः पिता ते ।
धुरि स्थिता त्वं पतिदेवतानां किं तन्न येनासि ममानुकम्प्या ।।७४
ତବୋରୁକୀର୍ତ୍ତିଃ ଶ୍ୱଶୁରଃ ସଖା ମେ ସତାଂ ଭୟଚ୍ଛେଦକରଃ ପିତା ତେ ।
ଧୁରି ସ୍ଥିତା ତ୍ୱଂ ପତିଦେବତାନାଂ କିଂ ତନ୍ନ ଯେନାସି ମମାନୁକମ୍ପ୍ୟା ।।୭୪

तपस्विसंसर्गविनीतसत्त्वे तपोवने वीतभया वसास्मिन् ।
इतो भविष्यत्यनघप्रसूतेरपत्यसंस्कारमयो विधिस्ते ।।७५
ତପସ୍ୱିସଂସର୍ଗବିନୀତସତ୍ତ୍ୱେ ତପୋବନେ ବୀତଭୟା ବସାସ୍ମିନ୍ ।
ଇତୋ ଭବିଷ୍ୟତ୍ୟନଘପ୍ରସୂତେରପତ୍ୟସଂସ୍କାରମୟୋ ବିଧିସ୍ତେ ।।୭୫

अशून्यतीरां मुनिसंनिवेशैस्तमोपहन्त्रीं तमसां वगाह्य ।
तत्सैकतोत्सङ्गवलिक्रियाभिः सम्पत्स्यते ते मनसः प्रसादः ।।७६
ଅଶୂନ୍ୟତୀରାଂ ମୁନିସଂନିବେଶୈସ୍ତମୋପହନ୍ତ୍ରୀଂ ତମସାଂ ବଗାହ୍ୟ ।
ତତ୍ସୈକତୋତ୍ସଙ୍ଗବଳିକ୍ରିୟାଭିଃ ସଂପତ୍ସ୍ୟତେ ତେ ମନସଃ ପ୍ରସାଦଃ ।।୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ୟାଧଶରବିଦ୍ଧ ପକ୍ଷୀଟିକୁ ଦେଖି ଯାହାଙ୍କର ଶୋକ ଶ୍ଲୋକରୂପରେ ପ୍ରକାଶ ପାଇଥିଲା, ସେହି ବାଲ୍ମୀକି ମହର୍ଷି କୁଶ ଓ ସମିଧ ସଂଗ୍ରହ କରିବା ନିମନ୍ତେ ବନକୁ ଆସିଥିଲେ । ସେ ସୀତାଙ୍କର କ୍ରନ୍ଦନ ଧ୍ୱନି ଅନୁସରଣ କରି ତାଙ୍କ ନିକଟରେ ଉପସ୍ଥିତ ହେଲେ । ୭୦

ସୀତା କାନ୍ଦ ବନ୍ଦ କରି, ଆଖିରୁ ଲୁହ ପୋଛି ବାଲ୍ମୀକିଙ୍କ ପାଦତଳେ ପ୍ରଣାମ କଲେ । ମୁନି ତାଙ୍କର ଗର୍ଭବତୀ ଲକ୍ଷଣ ଦେଖି 'ବୀରପ୍ରସବିନୀ ହୁଅ' ବୋଲି ଆଶୀର୍ବାଦ ଦେଇ କହିଲେ–– ୭୧

"ମା, ମୁଁ ଯୋଗବଳରେ ଜାଣି ପାରୁଛି, ତୋର ସ୍ୱାମୀ ଲୋକାପବାଦରେ ବିଚଳିତ ହୋଇ ତୋତେ ପରିତ୍ୟାଗ କରିଛନ୍ତି । କିନ୍ତୁ ତୁ ଦୁଃଖ କର ନାହିଁ । ତୁ ତୋର ପିତାଙ୍କ ଘରକୁହିଁ ଆସିଛୁ । ଏ ଘର ଅନ୍ୟ ଏକ ସ୍ଥାନରେ ଅବସ୍ଥିତ ମାତ୍ର । ୭୨

ରାମଚନ୍ଦ୍ର ତ୍ରିଭୁବନରୁ ଶତ୍ରୁ-କଣ୍ଟକ ନିର୍ମୂଳ କରିଛନ୍ତି, ପ୍ରତିଜ୍ଞାରେ ଅଟଳ ରହିଛନ୍ତି ଏବଂ ଆତ୍ମପ୍ରଶଂସାପ୍ରିୟ ନୁହଁନ୍ତି । ତଥାପି ସେ ବିନା ଅପରାଧରେ ତୋତେ ପରିତ୍ୟାଗ କରିଥିବାରୁ ତାଙ୍କ ଉପରେ ମୋର କ୍ରୋଧ ଜାତ ହେଉଛି । ୭୩

ବୈଦେହି,ତୋର ଯଶସ୍ୱୀ ଶ୍ୱଶୁର ଥିଲେ ମୋର ମିତ୍ର । ତୋର ପିତା ଜ୍ଞାନ-ଉପଦେଶ ଦେଇ ସଜ୍ଜନମାନଙ୍କର ସଂସାର ବନ୍ଧନ ଛିନ୍ନ କରନ୍ତି । ତୁ ମଧ୍ୟ ପତିବ୍ରତାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା । ତେଣୁ, ଏଭଳି କୌଣସି କାରଣ ନାହିଁ, ଯାହାଦ୍ୱାରା କି ମୁଁ ତୋ ପ୍ରତି ଦୟା ନ ଦେଖାଇବି । ୭୪

ତପସ୍ୱୀମାନଙ୍କ ସଂସର୍ଗରୁ ଏହି ତପୋବନରେ ପ୍ରାଣୀମାନେ ବିନୟୀ । ତୁ ଏଠାରେ ନିର୍ଭୟରେ ରହ । ଏଠାରେ ନିର୍ବିଘ୍ନରେ ତୋର ସନ୍ତାନ ପ୍ରସବ ହେବ ଏବଂ ସନ୍ତାନର ଯାହା ଯାହା ସଂସ୍କାର କର୍ମ କରାଯାଏ, ସେ ସମସ୍ତ ବିଧି ଏଠାରେ ସଂପନ୍ନ ହେବ । ୭୫

ତମସା ନଦୀର ତୀରରେ ମୁନିମାନଙ୍କର ଆଶ୍ରମ ରହିଛି । ତୁ ସେହି ପାପନାଶିନୀ ତମସାରେ ସ୍ନାନ କରି, ତାର ବାଲୁକାମୟ କୋଳରେ ଇଷ୍ଟଦେବତାଙ୍କୁ ପୂଜା କରି ମନରେ ଆନନ୍ଦ ଲାଭ କରିବୁ । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुष्पं फलं चार्तवमाहरन्त्यो बीजं च बालेयमकृष्टरोहि ।
विनोदयिष्यन्ति नवाभिषङ्गामुदारवाचो मुनिकन्यकास्त्वाम् ॥७७
ପୁଷ୍ପଂ ଫଳଂ ଚାର୍ତ୍ତବମାହରନ୍ତ୍ୟୋ ବୀଜଂ ଚ ବାଲେୟମକୃଷ୍ଟରୋହି ।
ବିନୋଦୟିଷ୍ୟନ୍ତି ନବାଭିଷଙ୍ଗାମୁଦାରବାଚୋ ମୁନିକନ୍ୟକାସ୍ତ୍ୱାମ୍ ॥୭୭

पयोघटैराश्रमबालवृक्षान् संवर्धयन्ती स्वबलानुरूपैः ।
असंशयं प्राक् तनयोपपत्तेः स्तनन्धयप्रीतिमवाप्स्यसि त्वम् ॥७८
ପୟୋଘଟୈରାଶ୍ରମବାଲବୃକ୍ଷାନ୍ ସଂବର୍ଦ୍ଧୟନ୍ତୀ ସ୍ୱବଲାନୁରୂପୈଃ ।
ଅସଂଶୟଂ ପ୍ରାକ୍ ତନୟୋପପତ୍ତେଃ ସ୍ତନନ୍ଧୟପ୍ରୀତିମବାପ୍ସ୍ୟସି ତ୍ୱମ୍ ॥୭୮

अनुग्रहप्रत्यभिनन्दिनीं तां वाल्मीकिरादाय दयार्द्रचेताः ।
सायं मृगाध्यासितवेदिपार्श्वं स्वमाश्रमं शान्तमृगं निनाय ॥७९
ଅନୁଗ୍ରହପ୍ରତ୍ୟଭିନନ୍ଦିନୀଂ ତାଂ ବାଲ୍ମୀକିରାଦାୟ ଦୟାର୍ଦ୍ରଚେତାଃ ।
ସାୟଂ ମୃଗାଧ୍ୟାସିତବେଦିପାର୍ଶ୍ୱଂ ସ୍ୱମାଶ୍ରମଂ ଶାନ୍ତମୃଗଂ ନିନାୟ ॥୭୯

तामर्पयामास च शोकदीनां तदागमप्रीतिषु तापसीषु ।
निर्विष्टसारां पितृभिर्हिमांशोरन्त्यां कलां दर्श इवौषधीषु ॥८०
ତାମର୍ପୟାମାସ ଚ ଶୋକଦୀନାଂ ତଦାଗମପ୍ରୀତିଷୁ ତାପସୀଷୁ ।
ନିର୍ବିଷ୍ଟସାରାଂ ପିତୃଭିର୍ହିମାଂଶୋରନ୍ତ୍ୟାଂ କଳାଂ ଦର୍ଶ ଇବୌଷଧୀଷୁ ॥୮୦

ता इङ्गुदीस्नेहकृतप्रदीपमास्तीर्णमेध्याजिनतल्पमन्तः ।
तस्यै सपर्यानुपदं दिनान्ते निवासहेतोरुटजं वितेरुः ॥८१
ତା ଇଙ୍ଗୁଦୀସ୍ନେହକୃତପ୍ରଦୀପମାସ୍ତୀର୍ଣ୍ଣମେଧ୍ୟାଜିନତଳ୍ପମନ୍ତଃ ।
ତସ୍ୟୈ ସପର୍ଯ୍ୟାନୁପଦଂ ଦିନାନ୍ତେ ନିବାସହେତୋରୁଟଜଂ ବିତେରୁଃ ॥୮୧

तत्राभिषेकप्रयता वसन्ती प्रयुक्तपूजा विधिनाऽतिथिभ्यः ।
वन्येन सा वल्कलिनी शरीरं पत्युः प्रजासन्ततये बभार ॥८२
ତତ୍ରାଭିଷେକପ୍ରୟତା ବସନ୍ତୀ ପ୍ରୟୁକ୍ତପୂଜା ବିଧିନାଽତିଥିଭ୍ୟଃ ।
ବନ୍ୟେନ ସା ବଳ୍କଳିନୀ ଶରୀରଂ ପତ୍ୟୁଃ ପ୍ରଜାସନ୍ତତୟେ ବଭାର ॥୮୨

अपि प्रभुः सानुशयोऽधुना स्यात् किमुत्सुकः शक्रजितोऽपि हन्ता ।
शशंस सीतापरिदेवनान्तमनुष्ठितं शासनमग्रजाय ॥८३
ଅପି ପ୍ରଭୁଃ ସାନୁଶୟୋଽଧୁନା ସ୍ୟାତ୍ କିମୁତ୍ସୁକଃ ଶକ୍ରଜିତୋଽପି ହନ୍ତା ।
ଶଶଂସ ସୀତାପରିଦେବନାନ୍ତମନୁଷ୍ଠିତଂ ଶାସନମଗ୍ରଜାୟ ॥୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୁନିକନ୍ୟାମାନେ ବିଭିନ୍ନ ଋତୁରେ ପୁଷ୍ପ, ଫଳ ତଥା ବିନା କର୍ଷଣ-ଉତ୍ପନ୍ନ ନିବାର ଧାନ୍ୟ ଆଦି ପୂଜା ସାମଗ୍ରୀ ସଂଗ୍ରହ କରନ୍ତି । ସେମାନେ ମଧୁର କଥା କହି ତୋର ଏହି ନୂତନ ଦୁଃଖ ଦୂର କରିଦେବେ ଏବଂ ତୋତେ ଆନନ୍ଦିତା ରଖିବେ । ୭୭

ତୁ ତୋର ଶକ୍ତି ଅନୁରୂପ କଳସୀରୁ ଜଳ ଢାଳି ଆଶ୍ରମର ଶିଶୁବୃକ୍ଷ-ମାନଙ୍କୁ ବଢାଇବୁ । ତା ଫଳରେ ତୋର ପୁତ୍ରୋତ୍ପତ୍ତି ହେବା ପୂର୍ବରୁ ପୁତ୍ରକୁ ସ୍ତନ୍ୟ ପାନ କରାଇବାର ସୁଖ ଅନୁଭବ କରିପାରିବୁ ।" ୭୮

ସୀତା ମହର୍ଷିଙ୍କର ଅନୁଗ୍ରହକୁ କୃତଜ୍ଞତାର ସହିତ ଗ୍ରହଣ କଲେ । ଦୟାଳୁ ମୁନି ତାଙ୍କୁ ନିଜର ଆଶ୍ରମକୁ ଘେନିଗଲେ । ସେତେବେଳେ ସନ୍ଧ୍ୟା ସମୟ । ମୃଗମାନେ ଶାନ୍ତ ଭବରେ ବେଦି ପାଖରେ ଶୟନ କରିଥିଲେ । ୭୯

ପିତୃଗଣ ଚନ୍ଦ୍ରର ସାର ଅଂଶଗୁଡ଼ିକୁ ଭୋଜନ କରିବା ପରେ ଅମାବାସ୍ୟା ସମୟ ଯେପରି ଚନ୍ଦ୍ର ଅନ୍ତିମ କଳାଟିକୁ ଔଷଧିଲତାମାନଙ୍କୁ ଅର୍ପଣ କରିଦିଏ, ବାଲ୍ମୀକି ସେହିପରି ଶୋକସନ୍ତପ୍ତା ସୀତାଙ୍କୁ ତାପସୀମାନଙ୍କ ନିକଟରେ ଅର୍ପଣ କରିଦେଲେ । ତାପସୀମାନେ ତାଙ୍କୁ ପାଇ ଅତ୍ୟନ୍ତ ଆନନ୍ଦିତା ହେଲେ । ୮୦

ସେମାନେ ସୀତାଙ୍କର ଅଭ୍ୟର୍ଥନ କରି ରାତିରେ ତାଙ୍କର ଅବସ୍ଥାନ ନିମନ୍ତେ ଏକ କୁଟୀର ବ୍ୟବସ୍ଥା କଲେ କୁଟୀର ତା' ମଧ୍ୟରେ ଇଙ୍ଗୁଦୀ ତୈଳପୂର୍ଣ୍ଣ ପ୍ରଦୀପ ଜଳୁ ଥିଲା ଏବଂ ପବିତ୍ର ମୃଗଚର୍ମର ଶେଯ ବିଛା ହୋଇଥିଲା । ୮୧

ସୀତା ଆଶ୍ରମରେ ରହି ନିୟମିତଭବେ ସ୍ନାନ, ଯଥାବିଧି ଅତିଥି ସତ୍କାର, ବନର ଫଳମୂଳ ଭକ୍ଷଣ ଏବଂ ବଲ୍କଲ ପରିଧାନ ଆଦି ଆଶ୍ରମୋଚିତ ଆଚରଣ କଲେ । ସେ ନିଜର ଶରୀର ରକ୍ଷା କଲେ କେବଳ ସ୍ୱାମୀଙ୍କର ବଂଶ ରକ୍ଷା ଲାଗି । ୮୨

'ଏବେ ରାଜା ଅନୁତପ୍ତ ହେବେ କି ନାହିଁ ?' ଏହା ଭବିଭବି ଲକ୍ଷ୍ମଣ ଉତ୍କଣ୍ଠିତ ଭବରେ ସୀତାଙ୍କର ବିଳାପ ପର୍ଯ୍ୟନ୍ତ ଘଟଣା ଏବଂ ତାଙ୍କର ବାର୍ତ୍ତା ରାମଚନ୍ଦ୍ରଙ୍କୁ ଜଣାଇଲେ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

बभूव रामः सहसा सबाष्पस्तुषारवर्षीव सहस्यचन्द्रः ।
कौलीनभीतेन गृहान्निरस्ता न तेन वैदेहसुता मनस्तः ॥८४

ବଭୂବ ରାମଃ ସହସା ସବାଷ୍ପସ୍ତୁଷାରବର୍ଷୀବ ସହସ୍ୟଚନ୍ଦ୍ରଃ ।
କୌଳୀନଭୀତେନ ଗୃହାନ୍ନିରସ୍ତା ନ ତେନ ବୈଦେହସୁତା ମନସ୍ତଃ ॥୮୪

निगृह्य शोकं स्वयमेव धीमान् वर्णाश्रमावेक्षणजागरूकः ।
स भ्रातृसाधारणभोगमृद्धं राज्यं रजोरिक्तमनाः शशास ॥८५

ନିଗୃହ୍ୟ ଶୋକଂ ସ୍ୱୟମେବ ଧୀମାନ୍ ବର୍ଣ୍ଣାଶ୍ରମାବେକ୍ଷଣଜାଗରୂକଃ ।
ସ ଭ୍ରାତୃସାଧାରଣଭୋଗମୃଦ୍ଧଂ ରାଜ୍ୟଂ ରଜୋରିକ୍ତମନାଃ ଶଶାସ ॥୮୫

तामेकभार्यां परिवादभीरोः साध्वीमपि त्यक्तवतो नृपस्य ।
वक्षस्यसंघट्टसुखं वसन्ती रेजे सपत्नीरहितेव लक्ष्मीः ॥८६

ତାମେକଭାର୍ଯ୍ୟାଂ ପରିବାଦଭୀରୋଃ ସାଧ୍ୱୀମପି ତ୍ୟକ୍ତବତୋ ନୃପସ୍ୟ ।
ବକ୍ଷସ୍ୟସଂଘଟ୍ଟସୁଖଂ ବସନ୍ତୀ ରେଜେ ସପତ୍ନୀରହିତେବ ଲକ୍ଷ୍ମୀଃ ॥୮୬

ସୀତାଂ ହିତ୍ୱା ଦଶମୁଖରିପୁର୍ନୋପୟେମେ ଯଦନ୍ୟାଂ
ତସ୍ୟା ଏବ ପ୍ରତିକୃତିସଖୋ ଯତ୍ କ୍ରତୂନାଜହାର ।
ବୃତ୍ତାନ୍ତେନ ଶ୍ରବଣବିଷୟପ୍ରାପିଣା ତେନ ଭର୍ତ୍ତୁଃ
ସା ଦୁର୍ବାରଂ କଥମପି ପରିତ୍ୟାଗଦୁଃଖଂ ବିଷେହେ ॥୮୭

इति श्रीमहाकविकालिदासकृतौ रघुवंशे महाकाव्ये
सीतापरित्यागो नाम चतुर्दशः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାମଚନ୍ଦ୍ର ତାହା ଶୁଣି, ପୌଷ ମାସର ଚନ୍ଦ୍ର ହିମ ବର୍ଷଣ କଲା ପରି ଅଶ୍ରୁ ବର୍ଷଣ କରିବାକୁ ଲାଗିଲେ । କାରଣ, ସେ କେବଳ ଅପବାଦ ଭୟରେ ସୀତାଙ୍କୁ ନିର୍ବାସିତ କରିଥିଲେ, କିନ୍ତୁ ମନରୁ କଦାପି ନିର୍ବାସିତ କରିନଥିଲେ । ୮୪

ଧୀମାନ୍ ରାମଚନ୍ଦ୍ର ଥିଲେ ସମସ୍ତ ବର୍ଣ୍ଣାଶ୍ରମ ପାଳନରେ ତତ୍ପର । ତେଣୁ ସେ ନିଜେ ହିଁ ନିଜର ଶୋକ ସମ୍ବରଣ କଲେ ଏବଂ ମନରୁ ରଜୋଗୁଣ ଦୂର କରି ଭାଇମାନଙ୍କ ସହିତ ଶାସନ ଚଳାଇ ସମୃଦ୍ଧିଶାଳୀ ରାଜ୍ୟକୁ ଆହୁରି ସମୃଦ୍ଧିଶାଳୀ କଲେ । ୮୫

ଅପବାଦଭୀରୁ ରାଜା ନିଜର ଏକମାତ୍ର ପତିବ୍ରତା ପତ୍ନୀକୁ ପରିତ୍ୟାଗ କରନ୍ତେ ରାଜଲକ୍ଷ୍ମୀ ସତେ ଯେପରି ସପତ୍ନୀରହିତା ହୋଇଗଲା ଏବଂ ରାଜାଙ୍କ ବକ୍ଷରେ ବାସ କରି ନିଷ୍କଣ୍ଟକ ସୁଖରେ ଶୋଭା ପାଇବାକୁ ଲାଗିଲା । ୮୬

ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରି ଆଉ ଦ୍ୱିତୀୟ ବାର ବିବାହ କଲେ ନାହିଁ ଏବଂ ସୀତାଙ୍କର ସୁବର୍ଣ୍ଣ ପ୍ରତିମାକୁ ଅର୍ଦ୍ଧାଙ୍ଗିନୀ କରି ଯଜ୍ଞ ସମ୍ପାଦନ କଲେ । ସୀତା ଏହି ସମ୍ବାଦ ପାଇ ଦୁଃସହ ନିର୍ବାସନଦୁଃଖକୁ କୌଣସି ପ୍ରକାରେ ସହ୍ୟ କଲେ । ୮୭

....

Gurukul Kangri Vishwavidyalaya Library

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पञ्चदशः सर्गः

कृतसीतापरित्यागः स रत्नाकरमेखलाम् ।
बुभुजे पृथिवीपालः पृथिवीमेव केवलाम् ।।१
କୃତସୀତାପରିତ୍ୟାଗଃ ସ ରତ୍ନାକରମେଖଲାମ୍ ।
ବୁଭୁଜେ ପୃଥିବୀପାଳଃ ପୃଥିବୀମେବ କେବଳାମ୍ ॥୧

लवणेन विलुप्तेज्यास्तामिस्रेण तमभ्ययुः ।
मुनयो यमुनाभाजः शरण्यं शरणार्थिनः ।।२
ଲବଣେନ ବିଲୁପ୍ତେଜ୍ୟାସ୍ତାମିସ୍ରେଣ ତମଭ୍ୟଯୁଃ ।
ମୁନୟୋ ଯମୁନାଭାଜଃ ଶରଣ୍ୟଂ ଶରଣାର୍ଥିନଃ ॥୨

अवेक्ष्य रामं ते तस्मिन्न प्रजह्रुः स्वतेजसा ।
त्राणाभावे हि शापास्त्राः कुर्वन्ति तपसो व्ययम् ।।३
ଅବେକ୍ଷ୍ୟ ରାମଂ ତେ ତସ୍ମିନ୍ନ ପ୍ରଜହ୍ରୁଃ ସ୍ୱତେଜସା ।
ତ୍ରାଣାଭାବେ ହି ଶାପାସ୍ତ୍ରାଃ କୁର୍ବନ୍ତି ତପସୋ ବ୍ୟୟମ ॥୩

प्रतिशुश्राव काकुत्स्थस्तेभ्यो विघ्नप्रतिक्रियाम् ।
धर्मसंरक्षणार्थैव प्रवृत्तिर्भुवि शार्ङ्गिणः ।।४
ପ୍ରତିଶୁଶ୍ରାବ କାକୁତ୍ସ୍ଥସ୍ତେଭ୍ୟୋ ବିଘ୍ନପ୍ରତିକ୍ରିୟାମ୍ ।
ଧର୍ମସଂରକ୍ଷଣାର୍ଥୈବ ପ୍ରବୃତ୍ତିର୍ଭୁବି ଶାର୍ଙ୍ଗିଣଃ ॥୪

ते रामाय बधोपायमाचख्युर्विबुधद्विषः ।
दुर्जयो लवणः शूली विशूलः प्रार्थ्यतामिति ।।५
ତେ ରାମାୟ ବଧୋପାୟମାଚଖ୍ୟୁର୍ବିବୁଧଦ୍ୱିଷଃ ।
ଦୁର୍ଜୟୋ ଲବଣଃ ଶୂଳୀ ବିଶୂଳଃ ପ୍ରାର୍ଥ୍ୟତାମିତି ॥୫

आदिदेशाथ शत्रुघ्नं तेषां क्षेमाय राघवः ।
करिष्यन्निव नामास्य यथार्थमरिनिग्रहात् ।।६
ଆଦିଦେଶାଥ ଶତ୍ରୁଘ୍ନଂ ତେଷାଂ କ୍ଷେମାୟ ରାଘବଃ ।
କରିଷ୍ୟନ୍ନିବ ନାମାସ୍ୟ ଯଥାର୍ଥମରିନିଗ୍ରହାତ୍ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପଞ୍ଚଦଶ ସର୍ଗ

ରାଜା ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରି ସସାଗର ପୃଥିବୀକୁ ପାଳନ କରିବାରେ ଅଭିନିବିଷ୍ଟ ରହିଲେ । ୧

ଏକଦା ଲବଣ ନାମକ ରାକ୍ଷସ ଯମୁନାତୀରବାସୀ ମୁନିମାନଙ୍କର ଯଜ୍ଞ ନଷ୍ଟ ଭ୍ରଷ୍ଟ କରିବାରୁ ସେମାନେ ଶରଣ ଆଶାରେ ଶରଣଦାତା ରାମଚନ୍ଦ୍ରଙ୍କ ନିକଟକୁ ଆସିଲେ । ୨

ରାମଚନ୍ଦ୍ର ରକ୍ଷକ ଥିଲେ ବୋଲି ସେମାନେ ଶାପବଳରେ ଉକ୍ତ ରାକ୍ଷସକୁ ଧ୍ୱଂସ କରୁ ନଥିଲେ । କାରଣ ତପସ୍ୱୀମାନେ ସେତିକିବେଳେହିଁ ନିଜର ଶାପକୁ ଅସ୍ତ୍ରରୂପେ ବ୍ୟବହାର କରି ତପସ୍ୟା ବ୍ୟୟ କରନ୍ତି, ଯେତେବେଳେ କି ସେମାନଙ୍କର ରକ୍ଷକ କେହି ନଥାନ୍ତି । (ଶାପ ଦେବାକୁ ହେଲେ କ୍ରୁଦ୍ଧ ହେବାକୁ ପଡେ ଏବଂ କ୍ରୁଦ୍ଧ ହେଲେ ତପସ୍ୟା କ୍ଷୀଣ ହୋଇଯାଏ । ତେଣୁ ଯେ ପର୍ଯ୍ୟନ୍ତ ଅନ୍ୟ ରକ୍ଷକଙ୍କଦ୍ୱାରା କାର୍ଯ୍ୟ ସିଦ୍ଧ ହୋଇଥାଏ, ସେ ପର୍ଯ୍ୟନ୍ତ ତପସ୍ୱୀମାନେ ଅପରାଧୀକୁ ଶାପଦ୍ୱାରା ଦଣ୍ଡ ଦିଅନ୍ତି ନାହିଁ ।) ୩

ରାମଚନ୍ଦ୍ର ସେମାନଙ୍କର ବାଧାବିଘ୍ନର ପ୍ରତିକାର କରିବେ ବୋଲି ପ୍ରତିଶ୍ରୁତି ଦେଲେ । ପୃଥିବୀରେ ଭଗବାନଙ୍କର ଅବତାର କେବଳ ଧର୍ମ ରକ୍ଷା ପାଇଁ ଉଦ୍ଦିଷ୍ଟ । ୪

ମୁନିମାନେ ରାମଚନ୍ଦ୍ରଙ୍କୁ ଲବଣ ରାକ୍ଷସର ବଧ ଉପାୟ ବତାଇ କହିଲେ—"ସେହି ରାକ୍ଷସର ହାତରେ ଶୂଳ ଥିଲେ ତାକୁ କେହି ଜୟ କରି-ପାରିବେ ନାହିଁ । ତେଣୁ ଯେତେବେଳେ ସେ ଶୂଳ ଧରି ନଥିବ, ସେତିକି ବେଳେହିଁ ତାକୁ ଆକ୍ରମଣ କରନ୍ତୁ ।" ୫

ରାମଚନ୍ଦ୍ର ଶତ୍ରୁଘ୍ନଙ୍କୁ ମୁନିମାନଙ୍କର ମଙ୍ଗଳ ବିଧାନ କରିବା ପାଇଁ ଆଦେଶ ଦେଲେ । ଶତ୍ରୁମାନଙ୍କୁ ନିହତ କରି ତାଙ୍କର 'ଶତ୍ରୁଘ୍ନ' ନାମ ସାର୍ଥକ ହେଉ, ଏହା ବୋଧହୁଏ ରାମଚନ୍ଦ୍ରଙ୍କର ଅଭିପ୍ରାୟ ଥିଲା । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यः कश्चन रघूणां हि परमेकः परन्तपः ।
अपवाद इवोत्सर्गं व्यावर्तयितुमीश्वरः ॥७
ଯଃ କଶ୍ଚନ ରଘୂଣାଂ ହି ପରମେକଃ ପରନ୍ତପଃ ।
ଅପବାଦ ଇବୋତ୍ସର୍ଗଂ ବ୍ୟାବର୍ତୟିତୁମୀଶ୍ୱରଃ ॥୭

अग्रजेन प्रयुक्ताशीस्ततो दाशरथी रथी ।
ययौ वनस्थलीः पश्यन् पुष्पिताः सुरभीरभीः ॥८
ଅଗ୍ରଜେନ ପ୍ରଯୁକ୍ତାଶୀସ୍ତତୋ ଦାଶରଥୀ ରଥୀ ।
ଯଯୌ ବନସ୍ଥଳୀଃ ପଶ୍ୟନ୍ ପୁଷ୍ପିତାଃ ସୁରଭୀରଭୀଃ ॥୮

रामादेशादनुगता सेना तस्यार्थसिद्धये ।
पश्चादध्ययनार्थस्य धातोरधिरिवाभवत् ॥९
ରାମାଦେଶାଦନୁଗତା ସେନା ତସ୍ୟାର୍ଥସିଦ୍ଧୟେ ।
ପଶ୍ଚାଦଧ୍ୟୟନାର୍ଥସ୍ୟ ଧାତୋରଧିରିବାଭବତ୍ ॥୯

आदिष्टवर्त्मा मुनिभिः स गच्छँस्तपतां वरः ।
विरराज रथप्रष्ठैर्वालखिल्यैरिवांशुमान् ॥१०
ଆଦିଷ୍ଟବର୍ତ୍ମା ମୁନିଭିଃ ସ ଗଚ୍ଛଁସ୍ତପତାଂ ବରଃ ।
ବିରରାଜ ରଥପ୍ରଷ୍ଠୈର୍ବାଲଖିଲ୍ୟୈରିବାଂଶୁମାନ୍ ॥୧୦

तस्य मार्गवशादेका बभूव वसतिः सतः ।
रथस्वनोत्कण्ठमृगे वाल्मीकीये तपोवने ॥११
ତସ୍ୟ ମାର୍ଗବଶାଦେକା ବଭୂବ ବସତିଃ ସତଃ ।
ରଥସ୍ୱନୋତ୍କଣ୍ଠମୃଗେ ବାଲ୍ମୀକୀୟେ ତପୋବନେ ॥୧୧

तमृषिः पूजयामास कुमारं क्लान्तवाहनम् ।
तपःप्रभावसिद्धाभि र्विशेषप्रतिपत्तिभिः ॥१२
ତମୃଷିଃ ପୂଜୟାମାସ କୁମାରଂ କ୍ଳାନ୍ତବାହନମ୍ ।
ତପଃପ୍ରଭାବସିଦ୍ଧାଭି ର୍ବିଶେଷପ୍ରତିପତ୍ତିଭିଃ ॥୧୨

तस्यामेवास्य यामिन्यामन्तर्वत्नी प्रजावती ।
सुतावसूत संपन्नौ कोशदण्डाविव क्षितिः ॥१३
ତସ୍ୟାମେବାସ୍ୟ ଯାମିନ୍ୟାମନ୍ତର୍ବତ୍ନୀ ପ୍ରଜାବତୀ ।
ସୁତାବସୂତ ସଂପନ୍ନୌ କୋଶଦଣ୍ଡାବିବ କ୍ଷିତିଃ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶେଷ ସୂତ୍ର ଯେପରି ସାଧାରଣ ସୂତ୍ରକୁ ବାଧା ଦେବା ନିମନ୍ତେ ସମର୍ଥ, ରଘୁବଂଶର ଯେ କୌଣସି ବ୍ୟକ୍ତି ଶତ୍ରୁମାନଙ୍କର ଶକ୍ତିକୁ ପ୍ରତିହତ କରିବା ପାଇଁ ସେହିପରି ସମର୍ଥ ଥିଲେ । ୭

ତା'ପରେ ଶତ୍ରୁଘ୍ନ ବଡ଼ ଭାଇଙ୍କ ଆଶୀର୍ବାଦ ନେଇ, ରଥରେ ବସି ପୁଷ୍ପଭରା ବନସ୍ଥଳୀର ଦୃଶ୍ୟ ଦେଖି ଦେଖି ନିର୍ଭୀକ ଭାବରେ ଯାତ୍ରା କଲେ । ୮

ଅଧ୍ୟୟନାର୍ଥକ ଧାତୁର ଅର୍ଥ ସିଦ୍ଧ କରିବା ପାଇଁ ଯେପରି 'ଅଧି' ଉପସର୍ଗ ସର୍ବଦା ତା ପଛେ ପଛେ ଥାଏ, ସେହିପରି ରାମଙ୍କ ଆଦେଶରେ ସୈନ୍ୟବାହିନୀ ଶତ୍ରୁଘ୍ନଙ୍କର ପ୍ରୟୋଜନ ସିଦ୍ଧ କରିବା ପାଇଁ ତାଙ୍କ ପଛେ ପଛେ ଚାଲିଲେ । (ଅଧି ଉପସର୍ଗ + ଇ ଧାତୁ + ଅନ ପ୍ରତ୍ୟୟ = ଅଧ୍ୟୟନ) ୯

ମୁନିମାନେ ରଥରେ ବସି ଆଗେ ଆଗେ ମହାତେଜସ୍ୱୀ ଶତ୍ରୁଘ୍ନଙ୍କୁ ବାଟ ଦେଖାଇଲେ । ଶତ୍ରୁଘ୍ନ ସେମାନଙ୍କ ମଧ୍ୟରେ ବାଳଖିଲ୍ୟ ମୁନି-ମାନଙ୍କ ମଧ୍ୟରେ ସୂର୍ଯ୍ୟଙ୍କ ପରି ଶୋଭାପାଇଲେ । ୧୦

ତାଙ୍କ ଯାତ୍ରାପଥରେ ବାଲ୍ମୀକିଙ୍କ ତପୋବନ ପଡ଼ିଲା । ତପୋବନର ମୃଗମାନେ ରଥ ଶବ୍ଦ ଶୁଣି ମୁଖ ଟେକି ଚାହିଁବାକୁ ଲାଗିଲେ । ଶତ୍ରୁଘ୍ନ ସେ-ଠାରେ ଏକ ରାତ୍ରି ଅତିବାହିତ କରିବା ପାଇଁ ଅବସ୍ଥାନ କଲେ । ୧୧

ତାଙ୍କର ହାତୀ, ଘୋଡ଼ା ପ୍ରଭୃତି ବାହନ କ୍ଳାନ୍ତ ହୋଇ ପଡ଼ିଥିଲେ । ମହର୍ଷି ବାଲ୍ମୀକି ତପପ୍ରଭାବରୁ ତାଙ୍କର ଓ ସମସ୍ତ ସୈନ୍ୟବାହିନୀଙ୍କର ଅଭ୍ୟର୍ଥନା ବିଶେଷ ଭାବରେ ସଂପନ୍ନ କଲେ । ୧୨

ପୃଥିବୀ ସମୃଦ୍ଧ କୋଶ ଓ ଦଣ୍ଡ ଉପନ୍ନ କଲା ଭଳି ସେହି ରାତିରେ ତାଙ୍କର ଭାଉଜ ଯୋଡ଼ିଏ ପୁତ୍ର ପ୍ରସବ କଲେ । (କୋଶ—ରାଜକୋଷ ବା ଧନଭଣ୍ଡାର । ଦଣ୍ଡ—ସୈନ୍ୟବାହିନୀ ।) ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

संतानश्रवणाद् भ्रातुः सौमित्रिः सौमनस्यवान् ।
प्राञ्जलिर्मुनिमामन्त्र्य प्रातर्युक्तरथो ययौ ।।१४
ସନ୍ତାନଶ୍ରବଣାଦ୍ ଭ୍ରାତୁଃ ସୌମିତ୍ରିଃ ସୌମନସ୍ୟବାନ୍ ।
ପ୍ରାଞ୍ଜଳିର୍ମୁନିମାମନ୍ତ୍ର୍ୟ ପ୍ରାତର୍ଯୁକ୍ତରଥୋ ଯଯୌ ।। ୧୪

स च प्राप मधुपघ्नं कुम्भीनस्याश्च कुक्षिजः ।
वनात् करमिवादाय सत्त्वराशिमुपस्थितः ।।१५
ସ ଚ ପ୍ରାପ ମଧୁପଘ୍ନଂ କୁମ୍ଭୀନସ୍ୟାଶ୍ଚ କୁକ୍ଷିଜଃ ।
ବନାତ୍ କରମିବାଦାୟ ସତ୍ତ୍ୱରାଶିମୁପସ୍ଥିତଃ ।।୧୫

धूमधूम्रो वसागन्धी ज्वालाबभ्रुशिरोरुहः ।
क्रव्याद्गणपरीवारश्चिताग्निरिव जङ्गमः ।।१६
ଧୂମଧୂମ୍ରୋ ବସାଗନ୍ଧୀ ଜ୍ୱାଳାବଭ୍ରୁଶିରୋରୁହଃ ।
କ୍ରବ୍ୟାଦ୍‌ଗଣପରୀବାରଶ୍ଚିତାଗ୍ନିରିବ ଜଙ୍ଗମଃ ।।୧୬

अपशूलं तमासाद्य लवणं लक्ष्मणानुजः ।
रुरोध संमुखीनो हि जयो रन्ध्रप्रहारिणाम् ।।१७
ଅପଶୂଳଂ ତମାସାଦ୍ୟ ଲବଣଂ ଲକ୍ଷ୍ମଣାନୁଜଃ ।
ରୁରୋଧ ସଂମୁଖୀନୋ ହି ଜୟୋ ରନ୍ଧ୍ରପ୍ରହାରିଣାମ୍ ।।୧୭

नातिपर्याप्तमालक्ष्य मत्कुक्षेरद्य भोजनम् ।
दिष्ट्या त्वमसि मे धात्रा भीतेनेवोपपादितः ।।१८
ନାତିପର୍ଯ୍ୟାପ୍ତମାଲକ୍ଷ୍ୟ ମତ୍‌କୁକ୍ଷେରଦ୍ୟ ଭୋଜନମ୍ ।
ଦିଷ୍ଟ୍ୟା ତ୍ୱମସି ମେ ଧାତ୍ରା ଭୀତେନେବୋପପାଦିତଃ ।।୧୮

इति सन्तर्ज्य शत्रुघ्नं राक्षसस्तज्जिघांसया ।
प्रांशुमुत्पाटयामास मुस्तास्तम्बमिव द्रुमम् ।।१९
ଇତି ସଂତର୍ଜ୍ୟ ଶତ୍ରୁଘ୍ନଂ ରାକ୍ଷସସ୍ତଜ୍ଜିଘାଂସୟା ।
ପ୍ରାଂଶୁମୁତ୍ପାଟୟାମାସ ମୁସ୍ତାସ୍ତମ୍ବମିବ ଦ୍ରୁମମ୍ ।।୧୯

सौमित्रेर्निशितैर्बाणैरन्तरा शकलीकृतः ।
गात्रं पुष्परजः प्राप न शाखी नैर्ऋतेरितः ।।२०
ସୌମିତ୍ରେର୍ନିଶିତୈର୍ବାଣୈରନ୍ତରା ଶକଳୀକୃତଃ ।
ଗାତ୍ରଂ ପୁଷ୍ପରଜଃ ପ୍ରାପ ନ ଶାଖୀ ନୈର୍ଋତେରିତଃ ।।୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭାଇଙ୍କର ପୁତ୍ର ଜନ୍ମ ହୋଇଛି ବୋଲି ଜାଣି ଶତ୍ରୁଘ୍ନ ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ସକାଳେ କୃତାଞ୍ଜଳିପୁଟରେ ମୁନିଙ୍କଠାରୁ ବିଦାୟ ନେଇ ରଥରେ ବସି ଚାଲିଗଲେ । ୧୪

ତା'ପରେ ସେ କୁମ୍ଭୀନସୀପୁତ୍ର ଲବଣ ରାକ୍ଷସର ମଧୁପଘ୍ନ ନାମକ ରାଜଧାନୀରେ ପହଞ୍ଚିଲେ । ସେତେବେଳେ ଲବଣ ରାକ୍ଷସ ବନରୁ ଗୁଡାଏ ପ୍ରାଣୀ ଘେନି ଆସୁଥିଲା । ଜଣାପଡୁଥିଲା, ସତେ ଯେପରି ସେ ବନରୁ କର ଆଦାୟ କରି ଫେରୁଛି ! ୧୫

ତାହାର ଆଖି ଥିଲା ଧୂମ୍ରବର୍ଣ୍ଣ, ଦେହରେ ଚର୍ବିର ଗନ୍ଧ, ମୁଣ୍ଡରେ ଅଗ୍ନିଶିଖା ଭଳି କେଶ । ରାକ୍ଷସଗଣ ତା ଚାରିପାଖରେ ଘେରି ରହିଥିଲେ । ତେଣୁ ସେ ଗତିଶୀଳ ଚିତାଗ୍ନି ପରି ଦେଖାଯାଉଥିଲା । ୧୬

ତା' ହାତରେ ଶୂଳ ନଥିବାର ଦେଖି ଶତ୍ରୁଘ୍ନ ସଙ୍ଗେ ସଙ୍ଗେ ସମ୍ମୁଖରୁ ତାକୁ ଆକ୍ରମଣ କଲେ । କାରଣ, ଶତ୍ରୁର ଛିଦ୍ର ଦେଖି ଆକ୍ରମଣ କଲେ ବିଜୟ ନିଶ୍ଚୟ ମିଳେ । ୧୭

"ଯାହାହେଉ, ଆଜି ମୋ ପେଟକୁ ଭୋଜନ ଅଣ୍ଟିବ ନାହିଁ ବୋଲି ଭାବି ବିଧାତା ଡରିଯାଇଛି ଏବଂ ତୋତେ ମୋ ପାଖକୁ ପଠାଇ ଦେଇଛି ।" ଏହା କହି ରାକ୍ଷସ ଲକ୍ଷ୍ମଣଙ୍କୁ ମାରିବା ପାଇଁ ଗର୍ଜ୍ଜନତର୍ଜ୍ଜନ କଲା ଏବଂ ମୁଥା ଘାସ ଉପାଡ଼ିଲା ପରି ଏକ ବିରାଟ ବୃକ୍ଷକୁ ଉପାଡ଼ିଲା । ୧୮-୧୯

ଶତ୍ରୁଘ୍ନଙ୍କର ତୀକ୍ଷ୍ଣ ଶର ସେହି ବୃକ୍ଷକୁ ବାଟରୁ ଖଣ୍ଡ ଖଣ୍ଡ କରିଦେଲା । ବୃକ୍ଷ ସିନା ଆସି ପାରିଲା ନାହିଁ, କିନ୍ତୁ ତାର ପୁଷ୍ପରେଣୁ ହିଁ ତାଙ୍କ ନିକଟକୁ ଆସିଲା । ୨୦

ବୃକ୍ଷ ନଷ୍ଟ ହୋଇଯିବାର ଦେଖି ରାକ୍ଷସ ତାଙ୍କ ଉପରକୁ ଏକ ବିରାଟ ପଥର ଫୋପାଡ଼ିଲା । ସେହି ପଥର ଦେଖାଯାଉଥିଲା ସତେ ଯେପରି ଅଲଗା ଥୁଆ ହୋଇଥିବା ଯମରାଜାଙ୍କ ମୁଠା ! ୨୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विनाशात् तस्य वृक्षस्य रक्षस्तस्मै महोपलम् ।
प्रजिघाय कृतान्तस्य मुष्टिं पृथगिव स्थितम् ॥२१
ବିନାଶାତ୍ ତସ୍ୟ ବୃକ୍ଷସ୍ୟ ରକ୍ଷସ୍ତସ୍ମୈ ମହୋପଳମ୍ ।
ପ୍ରଜିଘାୟ କୃତାନ୍ତସ୍ୟ ମୁଷ୍ଟିଂ ପୃଥଗିବ ସ୍ଥିତମ୍ ॥୨୧

ऐन्द्रमस्त्रमुपादाय शत्रुघ्नेन स ताडितः ।
सिकतात्वादपि परां प्रपेदे परमाणुताम् ॥२२
ଐନ୍ଦ୍ରମସ୍ତ୍ରମୁପାଦାୟ ଶତ୍ରୁଘ୍ନେନ ସ ତାଡ଼ିତଃ ।
ସିକତାତ୍ୱାଦପି ପରାଂ ପ୍ରପେଦେ ପରମାଣୁତାମ୍ ॥୨୨

तमुपाद्रवदुद्यम्य दक्षिणं दोर्निशाचरः ।
एकताल इवोत्पातपवनप्रेरितो गिरिः ॥२३
ତମୁପାଦ୍ରବଦୁଦ୍ୟମ୍ୟ ଦକ୍ଷିଣଂ ଦୋର୍ନିଶାଚରଃ ।
ଏକତାଳ ଇବୋତ୍ପାତପବନପ୍ରେରିତୋ ଗିରିଃ ॥୨୩

कार्ष्णेन पत्रिणा शत्रुः स भिन्नहृदयः पतन् ।
आनिनाय भुवः कम्पं जहाराश्रमवासिनाम् ॥२४
କାର୍ଷ୍ଣେନ ପତ୍ରିଣା ଶତ୍ରୁଃ ସ ଭିନ୍ନହୃଦୟଃ ପତନ୍ ।
ଆନିନାୟ ଭୁବଃ କମ୍ପଂ ଜହାରାଶ୍ରମବାସିନାମ୍ ॥୨୪

वयसां पङ्क्तयः पेतुर्हतस्योपरि विद्विषः ।
तत्प्रतिद्वन्द्विनो मूर्ध्नि दिव्याः कुसुमवृष्टयः ॥२५
ବୟସାଂ ପଙ୍କ୍ତୟଃ ପେତୁର୍ହତସ୍ୟୋପରି ବିଦ୍ୱିଷଃ ।
ତତ୍ପ୍ରତିଦ୍ୱନ୍ଦ୍ୱିନୋ ମୂର୍ଦ୍ଧ୍ନି ଦିବ୍ୟାଃ କୁସୁମବୃଷ୍ଟୟଃ ॥୨୫

स हत्वा लवणं वीरस्तदा मेने महौजसः ।
भ्रातुः सोदर्यमात्मानमिन्द्रजिद्वधशोभिनः ॥२६
ସ ହତ୍ୱା ଲବଣଂ ବୀରସ୍ତଦା ମେନେ ମହୌଜସଃ ।
ଭ୍ରାତୁଃ ସୋଦର୍ଯ୍ୟମାତ୍ମାନମିନ୍ଦ୍ରଜିଦ୍ବଧଶୋଭିନଃ ॥୨୬

तस्य संस्तूयमानस्य चरितार्थैस्तपस्विभिः ।
शुशुभे विक्रमोदग्रं व्रीडयाऽवनतं शिरः ॥२७
ତସ୍ୟ ସଂସ୍ତୂୟମାନସ୍ୟ ଚରିତାର୍ଥୈସ୍ତପସ୍ୱିଭିଃ ।
ଶୁଶୁଭେ ବିକ୍ରମୋଦଗ୍ରଂ ବ୍ରୀଡୟାଽବନତଂ ଶିରଃ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶତ୍ରୁଘ୍ନ ଇନ୍ଦ୍ରାସ୍ତ୍ର ପ୍ରେରଣ କରନ୍ତେ ପଥରଖଣ୍ଡଟା ଧୂଳିଠାରୁ ମଧ୍ୟ ଅଧିକ ଚୂନା ହୋଇଗଲା । ୨୧

ତା'ପରେ ରାକ୍ଷସ ଦକ୍ଷିଣ ହାତକୁ ଉପରକୁ ଟେକି ତାଙ୍କ ଆଡ଼କୁ ଧାଇଁ ଆସିଲା ।ଜଣାଗଲା,ସତେ ଯେପରି ଏକ ପାହାଡ଼ ବାତ୍ୟାରେ ଉଡ଼ି ଆସୁଛି ଏବଂ ତା ଉପରେ ଗୋଟିଏ ମାତ୍ର ତାଳଗଛ ଅଛି !

ଶତ୍ରୁଘ୍ନ ବିଷ୍ଣୁ-ଅସ୍ତ୍ରରେ ରାକ୍ଷସର ହୃଦୟ ବିଦ୍ଧ କରନ୍ତେ ସେ ଭୂପତିତ ହେଲା । ସେ ପଡ଼ିବା ସଙ୍ଗେ ସଙ୍ଗେ ପୃଥିବୀରେ କମ୍ପନ ସୃଷ୍ଟି ହେଲା, କିନ୍ତୁ ଆଶ୍ରମବାସୀମାନଙ୍କ ହୃଦୟରୁ କମ୍ପନ ଦୂର ହୋଇଗଲା । ୨୩

ନିହତ ରାକ୍ଷସ ଉପରେ ଶାଗୁଣା ପ୍ରଭୃତି ପକ୍ଷୀମାନେ ଆସି ଜମା ହେଲେ, କିନ୍ତୁ ଶତ୍ରୁଘ୍ନଙ୍କ ଉପରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା । ୨୪

ଶତ୍ରୁଘ୍ନ ଲବଣ ରାକ୍ଷସକୁ ବଧ କରି ନିଜକୁ ଇନ୍ଦ୍ରଜିତ୍-ହନ୍ତା,ମହାବୀର ଲକ୍ଷ୍ମଣଙ୍କର ପ୍ରକୃତ ଭାଇ ବୋଲି ଉପଲବ୍ଧି କଲେ । ୨୫

ତପସ୍ୱୀମାନଙ୍କର ପ୍ରୟୋଜନ ସିଦ୍ଧ ହେବାରୁ ସେମାନେ ଶତ୍ରୁଘ୍ନଙ୍କୁ ବହୁତ ପ୍ରଶଂସା କଲେ । ଶତ୍ରୁଘ୍ନ ସେତେବେଳେ ବିନୟରେ ନିଜର ବିକ୍ରମୋନ୍ନତ ମସ୍ତକ ଅବନତ କରି ଶୋଭା ପାଇଲେ । ୨୬

ସୁନ୍ଦର, କିନ୍ତୁ ଅନାସକ୍ତ ଶତ୍ରୁଘ୍ନ ଯମୁନା କୂଳରେ 'ମଧୁରା' ନଗରୀ ନିର୍ମାଣ କରାଇଲେ । (ମଧୁରା—ଆଧୁନିକ ନାମ ମଥୁରା । ୨୭)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उपकूलं स कालिन्द्याः पुरीं पौरुषभूषणः ।
निर्ममे निर्ममोऽर्थेषु मधुरां मधुराऽऽकृतिः ॥२८
ଉପକୂଳଂ ସ କାଳିନ୍ଦ୍ୟାଃ ପୁରୀଂ ପୌରୁଷଭୂଷଣଃ ।
ନିର୍ମମେ ନିର୍ମମୋଽର୍ଥେଷୁ ମଧୁରାଂ ମଧୁରାଽଽକୃତିଃ ॥୨୮

या सौराज्यप्रकाशाभिर्बभौ पौरविभूतिभिः ।
स्वर्गाभिष्यन्दवमनं कृत्वेवोपनिवेशिता ॥२९
ଯା ସୌରାଜ୍ୟପ୍ରକାଶାଭିର୍ବଭୌ ପୌରବିଭୂତିଭିଃ ।
ସ୍ୱର୍ଗାଭିଷ୍ୟନ୍ଦବମନଂ କୃତ୍ୱେବୋପନିବେଶିତା ॥୨୯

तत्र सौधगतः पश्यन् यमुनां चक्रवाकिनीम् ।
हेमभक्तिमतीं भूमेः प्रवेणीमिव पिप्रिये ॥३०
ତତ୍ର ସୌଧଗତଃ ପଶ୍ୟନ୍ ଯମୁନାଂ ଚକ୍ରବାକିନୀମ୍ ।
ହେମଭକ୍ତିମତୀଂ ଭୂମେଃ ପ୍ରବେଣୀମିବ ପିପ୍ରିୟେ ॥୩୦

सखा दशरथस्यापि जनकस्य च मन्त्रकृत् ।
संचस्कारोभयप्रीत्या मैथिलेयौ यथाविधि ॥३१
ସଖା ଦଶରଥସ୍ୟାପି ଜନକସ୍ୟ ଚ ମନ୍ତ୍ରକୃତ୍ ।
ସଞ୍ଚସ୍କାରୋଭୟପ୍ରୀତ୍ୟା ମୈଥିଳେୟୌ ଯଥାବିଧି ॥୩୧

स तौ कुशलवोन्मृष्टगर्भक्लेदौ तदाख्यया ।
कविः कुशलवावेव चकार किल नामतः ॥३२
ସ ତୌ କୁଶଲବୋନ୍ମୃଷ୍ଟଗର୍ଭକ୍ଲେଦୌ ତଦାଖ୍ୟୟା ।
କବିଃ କୁଶଲବାବେବ ଚକାର କିଲ ନାମତଃ ॥୩୨

साङ्गं च वेदमध्याप्य किंचिदुत्क्रान्तशैशवौ ।
स्वकृतिं गापयामास कविप्रथमपद्धतिम् ॥३३
ସାଙ୍ଗଂ ଚ ବେଦମଧ୍ୟାପ୍ୟ କିଂଚିଦୁତ୍କ୍ରାନ୍ତଶୈଶବୌ ।
ସ୍ୱକୃତିଂ ଗାପୟାମାସ କବିପ୍ରଥମପଦ୍ଧତିମ୍ ॥୩୩

रामस्य मधुरं वृत्तं गायन्तौ मातुरग्रतः ।
तद्वियोगव्यथां किञ्चिच्छिथिलीचक्रतुः सुतौ ॥३४
ରାମସ୍ୟ ମଧୁରଂ ବୃତ୍ତଂ ଗାୟନ୍ତୌ ମାତୁରଗ୍ରତଃ ।
ତଦ୍ବିୟୋଗବ୍ୟଥାଂ କିଞ୍ଚିଚ୍ଛିଥିଳୀଚକ୍ରତୁଃ ସୁତୌ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁନ୍ଦର, କିନ୍ତୁ ଅନାସକ୍ତ ଶତ୍ରୁଘ୍ନ ଯମୁନା କୂଳରେ 'ମଧୁରା' ନଗରୀ ନିର୍ମାଣ କରାଇଲେ । (ମଧୁରା—ଆଧୁନିକ ନାମ ମଥୁରା । ୨୮)

ତାଙ୍କର ସୁଶାସନ ଫଳରେ ମଧୁରାବାସୀମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ଏତେ ବୃଦ୍ଧି ପାଇଲା ଯେ ମନେହେଲା, ସତେ ଯେପରି ସ୍ୱର୍ଗର ବଳକା ଦେବତାମାନଙ୍କୁ ଆଣି ଏକ ସ୍ୱତନ୍ତ୍ର ନଗରୀରେ ସେମାନଙ୍କର ବସତିର ବ୍ୟବସ୍ଥା କରାଯାଇଛି ! ୨୯

ସେଠାରେ ରାଜପ୍ରାସାଦର ଉପର ମହଲରେ ବସି ଶତ୍ରୁଘ୍ନ ଯମୁନାର ଦୃଶ୍ୟ ଉପଭୋଗ କଲେ । ଯମୁନା ପୃଥିବୀର ବେଣୀ ଭଳି ବୋଧ ହେଉଥିଲା ଏବଂ ଚକ୍ରବାକ ପକ୍ଷୀଗଣ ସେହି ବେଣୀରେ ସୁବର୍ଣ୍ଣଭୂଷଣ ପରି ଶୋଭା ପାଉଥିଲେ । ଏ ଦୃଶ୍ୟ ତାଙ୍କୁ ଅତ୍ୟନ୍ତ ଆନନ୍ଦ ପ୍ରଦାନ କଲା । ୩୦

ତେଣେ ମନ୍ତ୍ରଦ୍ରଷ୍ଟା, ଦଶରଥଙ୍କର ତଥା ଜନକଙ୍କର ବନ୍ଧୁ, ମହର୍ଷି ବାଲ୍ମୀକି ସୀତାଙ୍କ ଦୁଇପୁତ୍ରଙ୍କର ଜାତକର୍ମାଦି ସଂସ୍କାର ଯଥାବିଧାନରେ ସମ୍ପନ୍ନ କଲେ । ୩୧

ମହର୍ଷି କୁଶ ଓ ଲବଦ୍ୱାରା ସୀତାଙ୍କ ଗର୍ଭର ବାଧାବିଘ୍ନ ନିବାରଣ କରିଥିଲେ । ତେଣୁ ସେ ପୁତ୍ରଦୁହିଁଙ୍କର ନାମକରଣ କଲେ କୁଶ ଓ ଲବ । (ଲବ—ଗୋପୁଚ୍ଛ ଲୋମର ଏକ କ୍ଷୁଦ୍ର ଅଂଶ ।) ୩୨

ସେ ଦୁହେଁ ଟିକିଏ ବଡ଼ ହୋଇଗଲା ପରେ ମୁନି ସେମାନଙ୍କୁ ବେଦ, ବେଦାଙ୍ଗ ପଢ଼ାଇ ସ୍ୱରଚିତ ଆଦିକାବ୍ୟ (ରାମାୟଣ) ଗାନ କରାଇଲେ । ୩୩

ପୁତ୍ରଦୁଇଟି ମାଆଙ୍କ ଆଗରେ ମଧୁର ରାମଚରିତ ଗାନ କରି ତାଙ୍କର ନିର୍ବାସନ ଦୁଃଖକୁ କିଛି ପରିମାଣରେ ଲାଘବ କଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इतरेऽपि रघोर्वंश्यास्त्रयस्त्रेताग्नितेजसः ।
तद्योगात् पतिवत्नीषु पत्नीष्वासन् द्विसूनवः ।।३५
ଇତରେଽପି ରଘୋର୍ବଂଶ୍ୟାସ୍ତ୍ରୟସ୍ତ୍ରେତାଗ୍ନିତେଜସଃ ।
ତଦ୍‌ଯୋଗାତ୍ ପତିବତ୍ନୀଷୁ ପତ୍ନୀଷ୍ୱାସନ୍ ଦ୍ୱିସୂନବ ।।୩୫

शत्रुघातिनि शत्रुघ्नः सुबाहौ च बहुश्रुते ।
मधुराविदिशे सून्वोर्निदधे पूर्वजोत्सुकः ।।३६
ଶତ୍ରୁଘାତିନି ଶତ୍ରୁଘ୍ନଃ ସୁବାହୌ ଚ ବହୁଶ୍ରୁତେ ।
ମଧୁରବିଦିଶେ ସୂନ୍ୱୋର୍ନିଦଧେ ପୂର୍ବଜୋତ୍ସୁକଃ ।।୩୬

भूयस्तपोव्ययो मा भूद् वाल्मीकेरिति सोऽत्यगात् ।
मैथिलीतनयोद्गीतनिःस्पन्दमृगमाश्रमम् ।।३७
ଭୂୟସ୍ତପୋବ୍ୟୟୋ ମା ଭୂଦ୍ ବାଲ୍ମୀକେରିତି ସୋଽତ୍ୟଗାତ୍ ।
ମୈଥିଲୀତନୟୋଦ୍‌ଗୀତନିଃସ୍ପନ୍ଦମୃଗମାଶ୍ରମମ୍ ।।୩୭

वशी विवेश चायोध्यां रथ्यासंस्कारशोभिनीम् ।
लवणस्य वधात् पौरैरीक्षितोऽत्यन्तगौरवम् ।।३८
ବଶୀ ବିବେଶ ଚାୟୋଧ୍ୟାଂ ରଥ୍ୟାସଂସ୍କାରଶୋଭିନୀମ୍ ।
ଲବଣସ୍ୟ ବଧାତ୍ ପୌରୈରୀକ୍ଷିତୋଽତ୍ୟନ୍ତଗୌରବମ୍ ।।୩୮

स ददर्श सभामध्ये सभासद्भिरुपस्थितम् ।
रामं सीतापरित्यागादसामान्यपतिं भुवः ।।३९
ସ ଦଦର୍ଶ ସଭାମଧ୍ୟେ ସଭାସଦ୍‌ଭିରୁପସ୍ଥିତମ୍ ।
ରାମଂ ସୀତାପରିତ୍ୟାଗାଦସାମାନ୍ୟପତିଂ ଭୁବଃ ।।୩୯

तमभ्यनन्दत् प्रणतं लवणान्तकमग्रजः ।
कालनेमिवधात् प्रीतस्तुराषाडिव शार्ङ्गिणम् ।।४०
ତମଭ୍ୟନନ୍ଦତ୍ ପ୍ରଣତଂ ଲବଣାନ୍ତକମଗ୍ରଜଃ ।
କାଲନେମିବଧାତ୍ ପ୍ରୀତସ୍ତୁରଷାଡ଼ିବ ଶାର୍ଙ୍ଗିଣମ୍ ।।୪୦

स पृष्टः सर्वतो वार्त्तमाख्यद् राज्ञे न संततिम् ।
प्रत्यर्पयिष्यतः काले कवेराद्यस्य शासनात् ।।४१
ସ ପୃଷ୍ଟଃ ସର୍ବତୋ ବାର୍ତ୍ତମାଖ୍ୟଦ୍ ରାଜ୍ଞେ ନ ସଂତତିମ୍ ।
ପ୍ରତ୍ୟର୍ପୟିଷ୍ୟତଃ କାଲେ କବେରାଦ୍ୟସ୍ୟ ଶାସନାତ୍ ।।୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଗ୍ନିତ୍ରୟପରି ତେଜସ୍ୱୀ ଅନ୍ୟ ତିନିଭଇ (ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ) ମଧ୍ୟ ନିଜ ନିଜ ପତ୍ନୀମାନଙ୍କ ଗର୍ଭରୁ ଦୁଇଟି ଲେଖାଏଁ ପୁତ୍ର ଲଭ କଲେ । ୩୫

ଶତ୍ରୁଘ୍ନ ଅଗ୍ରଜ ରାମଙ୍କୁ ଦେଖିବା ପାଇଁ ଉତ୍କଣ୍ଠିତ ହୋଇ ନିଜର ଦୁଇ ବୀର ପୁତ୍ର ସୁବାହୁ ଓ ବହୁଶ୍ରୁତଙ୍କୁ ଯଥାକ୍ରମେ ମଧୁରା ଓ ବିଦିଶା ଅର୍ପଣ କରି ଅଯୋଧ୍ୟାକୁ ପ୍ରସ୍ଥାନ କଲେ । ୩୬

ତାଙ୍କର ଫେରିବା ବାଟରେ ବାଲ୍ମୀକିଙ୍କର ଆଶ୍ରମ ପଡ଼ିଲା । ଆଶ୍ରମର ମୃଗଗଣ କୁଶଲବଙ୍କର ରାମଚରିତ ଗାନ ଶୁଣି ନିଷ୍ପନ୍ଦ ହୋଇଯାଉଥିଲେ । କିନ୍ତୁ ମୁନିଙ୍କର ତପସ୍ୟାକାର୍ଯ୍ୟରେ ବାଧା ନପଡୁ, ଏହା ଭବି ଶତ୍ରୁଘ୍ନ ଆଶ୍ରମକୁ ଗଲେ ନାହିଁ । ୩୭

ସଂଯମୀ ଶତ୍ରୁଘ୍ନ ଯାଇ ଅଯୋଧ୍ୟାରେ ପହଞ୍ଚିଲେ । ଅଯୋଧ୍ୟାର ପଥମାନ ପରିଷ୍କୃତ ତଥା ସଜ୍ଜିତ ହୋଇଥିଲା । ଶତ୍ରୁଘ୍ନ ଲବଣ ରାକ୍ଷସକୁ ବଧ କରି ଆସିଥିବାରୁ ପୁରବାସୀମାନେ ତାଙ୍କୁ ଆଦର ତଥା ସମ୍ମାନଭରା ଦୃଷ୍ଟିରେ ଦର୍ଶନ କଲେ । ୩୮

ସୀତା ପରିତ୍ୟକ୍ତା ହୋଇଥିବାରୁ ପୃଥ୍ୱୀ ରାମଚନ୍ଦ୍ରଙ୍କୁ ତାର ଏକରାଟିଆ ସ୍ୱାମୀ କରି ନେଇଥିଲା । ରାମଚନ୍ଦ୍ର ସଭାରେ ସଭାସଦ୍‌ମାନଙ୍କ ସହିତ ବସିଥିବା ବେଳେ ଶତ୍ରୁଘ୍ନ ଯାଇ ତାଙ୍କୁ ଦେଖା କଲେ । ୩୯

ବିଷ୍ଣୁ କାଳନେମିକୁ ବଧ କରି ଫେରିଲା ବେଳେ ଇନ୍ଦ୍ର ଯେପରି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ, ରାମଚନ୍ଦ୍ର ସେହିପରି ସାନଭାଇକୁ ଅଭିନନ୍ଦନ ଜଣାଇଲେ । ୪୦

ରାମ ତାଙ୍କୁ ଯେତେ କଥା ପଚାରିଲେ, ଶତ୍ରୁଘ୍ନ ସବୁର ଉତ୍ତର ଦେଲେ, କିନ୍ତୁ ସୀତାଙ୍କର ପୁତ୍ରଜନ୍ମ କଥା କହିଲେ ନାହିଁ । କାରଣ, ବାଲ୍ମୀକି ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ନିଜେ (ବାଲ୍ମୀକି) ଯଥାସମୟରେ ରାମଙ୍କୁ ତାଙ୍କର ପୁତ୍ରଦ୍ୱୟ ଅର୍ପଣ କରିବେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ जानपदो विप्रः शिशुमप्राप्तयौवनम् ।
अवतार्याङ्कशय्यास्थं द्वारि चक्रन्द भूपतेः ॥४२
ଅଥ ଜାନପଦୋ ବିପ୍ରଃ ଶିଶୁମପ୍ରାପ୍ତଯୌବନମ୍ ।
ଅବତାର୍ଯାଙ୍କଶଯ୍ୟାସ୍ଥଂ ଦ୍ୱାରି ଚକ୍ରନ୍ଦ ଭୂପତେଃ ॥୪୨

शोचनीयाऽसि वसुधे या त्वं दशरथाच्च्युता ।
रामहस्तमनुप्राप्य कष्टात् कष्टतरं गता ॥४३
ଶୋଚନୀୟାଽସି ବସୁଧେ ଯା ତ୍ୱଂ ଦଶରଥାଚ୍ଚ୍ୟୁତା ।
ରାମହସ୍ତମନୁପ୍ରାପ୍ୟ କଷ୍ଟାତ୍ କଷ୍ଟତରଂ ଗତା ॥୪୩

श्रुत्वा तस्य शुचो हेतुं गोप्ता जिह्राय राघवः ।
न ह्यकालभवो मृत्युरिक्ष्वाकुपदमस्पृशत् ॥४४
ଶ୍ରୁତ୍ୱା ତସ୍ୟ ଶୁଚୋ ହେତୁଂ ଗୋପ୍ତା ଜିହ୍ରାୟ ରାଘବଃ ।
ନ ହ୍ୟକାଲଭବୋ ମୃତ୍ୟୁରିକ୍ଷ୍ୱାକୁପଦମସ୍ପୃଶତ୍ ॥୪୪

स मुहूर्तं क्षमस्वेति द्विजमाश्वास्य दुःखितम् ।
यानं सस्मार कौबेरं वैवस्वतजिगीषया ॥४५
ସ ମୁହୂର୍ତ୍ତଂ କ୍ଷମସ୍ୱେତି ଦ୍ୱିଜମାଶ୍ୱାସ୍ୟ ଦୁଃଖିତମ୍ ।
ଯାନଂ ସସ୍ମାର କୌବେରଂ ବୈବସ୍ୱତଜିଗୀଷୟା ॥୪୫

आत्तशस्त्रस्तदध्यास्य प्रस्थितः स रघूद्वहः ।
उच्चचार पुरस्तस्य गूढरूपा सरस्वती ॥५६
ଆତ୍ତଶସ୍ତ୍ରସ୍ତଦଧ୍ୟାସ୍ୟ ପ୍ରସ୍ଥିତଃ ସ ରଘୂଦ୍ୱହଃ ।
ଉଚ୍ଚଚାର ପୁରସ୍ତସ୍ୟ ଗୂଢରୂପା ସରସ୍ୱତୀ ॥୪୬

राजन् प्रजासु ते कश्चिदपचारः प्रवर्तते ।
तमन्विष्य प्रशमयेर्भवितासि ततः कृती ॥४७
ରାଜନ୍ ପ୍ରଜାସୁ ତେ କଶ୍ଚିଦପଚାରଃ ପ୍ରବର୍ତ୍ତତେ ।
ତମନ୍ୱିଷ୍ୟ ପ୍ରଶମୟେର୍ଭବିତାସି ତତଃ କୃତୀ ॥୪୭

इत्याप्तवचनाद् रामो विनेष्यन् वर्णविक्रियाम् ।
दिशः पपात पत्रेण वेगनिष्कम्पकेतुना ॥४८
ଇତ୍ୟାପ୍ତବଚନାଦ୍ ରାମୋ ବିନେଷ୍ୟନ୍ ବର୍ଣ୍ଣବିକ୍ରିୟାମ୍ ।
ଦିଶଃ ପପାତ ପତ୍ରେଣ ବେଗନିଷ୍କମ୍ପକେତୁନା ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ଦିନେ ରାଜ୍ୟର ଏକ ବ୍ରାହ୍ମଣ ତାର ମୃତ ଶିଶୁ ପୁତ୍ରକୁ କୋଳରେ ଧରି ରାଜଦ୍ୱାରରେ ବିଳାପ କରି କହିଲା— ୪୨

"ମା ବସୁଧା, ତୋର ଅବସ୍ଥା ବଡ଼ ଶୋଚନୀୟ ହୋଇଗଲାଣି । କାରଣ, ତୁ ଦଶରଥଙ୍କୁ ହରାଇ ରାମଙ୍କ ହାତକୁ ଆସିବା ଦିନଠାରୁ ଅଧିକ ଅଧିକ କଷ୍ଟ ଭୋଗ କରୁଛୁ ।" ୪୩

ତାହାର ବିଳାପର କାରଣ ଶୁଣି ରକ୍ଷକ ରାମଚନ୍ଦ୍ର ଲଜ୍ଜିତ ହେଲେ । କାରଣ, ଇକ୍ଷ୍ୱାକୁ ବଂଶର ରାଜ୍ୟରେ ଅକାଳ ମୃତ୍ୟୁ କେବେ ଆଗରୁ ଘଟି-ନଥିଲା । ୪୪

ସେ ଦୁଃଖିତ ହୋଇ ବ୍ରାହ୍ମଣଙ୍କୁ 'ମୁହୂର୍ତ୍ତେ କ୍ଷମା କର' ବୋଲି କହି ଯମଙ୍କୁ ଜୟ କରିବା ଇଚ୍ଛାରେ କୁବେରଙ୍କ ପୁଷ୍ପକବିମାନକୁ ସ୍ମରଣ କଲେ । ୪୫

ରାମଚନ୍ଦ୍ର ଅସ୍ତ୍ର ଧରି ପୁଷ୍ପକ ବିମାନରେ ବସି ଯାତ୍ରା କରନ୍ତେ ତାଙ୍କ ସମ୍ମୁଖରେ ଆକାଶବାଣୀ ଶୁଭିଲା— ୪୬

"ହେ ରାଜା, ଆପଣଙ୍କ ପ୍ରଜାମାନଙ୍କ ମଧ୍ୟରେ କୌଣସି ଅସଦାଚାର ଘଟୁଛି । ଆପଣ ଅନୁସନ୍ଧାନ କରି ତାହାର ନିରାକରଣ କରନ୍ତୁ । ତାହାହେଲେ ଆପଣ କୃତକାର୍ଯ୍ୟ ହେବେ ।" ୪୭

ଏହି ନିଃସଂଶୟ କଥା ଶୁଣି ରାମଚନ୍ଦ୍ର, ବର୍ଣ୍ଣାଶ୍ରମମାନଙ୍କରେ କେଉଁଠି କି ଅନାଚାର ଘଟୁଛି, ତାହା ଦୂର କରିବା ନିମନ୍ତେ ପୁଷ୍ପକବିମାନରେ ବସି ଚତୁର୍ଦ୍ଦିଗ ଭ୍ରମଣ କଲେ । ବିମାନ ଏତେ ଦ୍ରୁତବେଗରେ ଗତି କଲା ଯେ ତାର ପତାକା ସ୍ଥିର ରହିଲା ଭଳି ଜଣାପଡ଼ିଲା । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ धूमाभिताम्राक्षं वृक्षशाखावलम्बिनम् ।
ददर्श कञ्चिदैक्ष्वाकस्तपस्यन्तमधोमुखम् ।।४६
ଅଥ ଧୂମାଭିତାମ୍ରାକ୍ଷଂ ବୃକ୍ଷଶାଖାବଲମ୍ବିନମ୍ ।
ଦଦର୍ଶ କଞ୍ଚିଦୈକ୍ଷ୍ୱାକସ୍ତପସ୍ୟନ୍ତମଧୋମୁଖମ୍ ।।୪୯

पृष्टनामान्वयो राज्ञा स किलाचष्ट धूमपः ।
आत्मानं शम्बुकं नाम शूद्रं सुरपदार्थिनम् ।।५०
ପୃଷ୍ଟନାମାନ୍ୱୟୋ ରାଜ୍ଞା ସ କିଲାଚଷ୍ଟ ଧୂମପଃ ।
ଆତ୍ମାନଂ ଶମ୍ବୁକଂ ନାମ ଶୂଦ୍ରଂ ସୁରପଦାର୍ଥିନମ୍ ।।୫୦

तपस्यनधिकारित्वात् प्रजानां तमघावहम् ।
शीर्षच्छेद्यं परिच्छिद्य नियन्ता शस्त्रमाददे ।।५१
ତପସ୍ୟନଧିକାରିତ୍ୱାତ୍ ପ୍ରଜାନାଂ ତମଘାବହମ୍ ।
ଶୀର୍ଷଚ୍ଛେଦ୍ୟଂ ପରିଚ୍ଛିଦ୍ୟ ନିୟନ୍ତା ଶସ୍ତ୍ରମାଦଦେ ।।୫୧

स तद्वक्त्रं हिमक्लिष्टकिञ्जल्कमिव पङ्कजम् ।
ज्योतिष्कणाहतश्मश्रु कण्ठनालादपातयत् ।।५२
ସ ତଦ୍‌ବକ୍ତ୍ରଂ ହିମକ୍ଲିଷ୍ଟକିଞ୍ଜଲ୍‌କ ମିବ ପଙ୍କଜମ୍ ।
ଜ୍ୟୋତିଷ୍କଣାହତଶ୍ମଶ୍ରୁ କଣ୍ଠନାଳାଦପାତୟତ୍ ।।୫୨

कृतदण्डः स्वयं राज्ञा लेभे शूद्रः सतां गतिम् ।
तपसा दुश्चरेणापि न स्वमार्गविलङ्घिना ।।५३
କୃତଦଣ୍ଡଃ ସ୍ୱୟଂ ରାଜ୍ଞା ଲେଭେ ଶୂଦ୍ରଃ ସତାଂ ଗତିମ୍ ।
ତପସା ଦୁଷ୍କରେଣାପି ନ ସ୍ୱମାର୍ଗବିଲଙ୍ଘିନା ।।୫୩

रघुनाथोऽप्यगस्त्येन मार्गसंदर्शितात्मना ।
महौजसा संयुयुजे शरत्काल इवेन्दुना ।।५४
ରଘୁନାଥୋଽପ୍ୟଗସ୍ତ୍ୟେନ ମାର୍ଗସଂଦର୍ଶିତାତ୍ମନା ।
ମହୌଜସା ସଂଯୁଯୁଜେ ଶରତ୍କାଳ ଇବେନ୍ଦୁନା ।।୫୪

कुम्भयोनिरलङ्कारं तस्मै दिव्यपरिग्रहम् ।
ददौ दत्तं समुद्रेण पीतेनेवात्मनिष्क्रयम् ।।५५
କୁମ୍ଭଯୋନିରଲଂକାରଂ ତସ୍ମୈ ଦିବ୍ୟପରିଗ୍ରହମ୍ ।
ଦଦୌ ଦତ୍ତଂ ସମୁଦ୍ରେଣ ପୀତେନେବାତ୍ମନିଷ୍କ୍ରୟମ୍ ।।୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ସେ ଗୋଟିଏ ସ୍ଥାନରେ ଦେଖିଲେ, ଜଣେ ଲୋକ ବୃକ୍ଷ-ଶାଖାରେ ଝୁଲି ତଳକୁ ମୁହଁ କରି ତପସ୍ୟା କରୁଛି । ଧୂମପାନ ଫଳରେ ତା ଆଖି ତମ୍ବା ଭଳି ଲାଲ ବର୍ଣ୍ଣ ଦିଶୁଛି । ୪୯

ରାମଚନ୍ଦ୍ର ତାକୁ ତାର ନାମ ଓ କୁଳ ପଚାରନ୍ତେ ସେହି ଧୂମପାୟୀ କହିଲା––"ମୋର ନାମ ଶମ୍ବୁକ । ମୁଁ ଜାତିରେ ଶୂଦ୍ର । ମୁଁ ସ୍ୱର୍ଗଲାଭ ଉଦ୍ଦେଶ୍ୟରେ ତପସ୍ୟା କରୁଛି ।" ୫୦

ଶାସକ ରାମଚନ୍ଦ୍ର ବିଚାର କଲେ – "ଏ ଲୋକ ତପସ୍ୟାର ଅଧିକାରୀ ନ ହୋଇ ମଧ୍ୟ ତପସ୍ୟା କରୁଛି । ତେଣୁ ଏ ପ୍ରଜାମାନଙ୍କ ଅମଙ୍ଗଳର କାରଣ ।" ଏହା ସିଦ୍ଧାନ୍ତ କରି ସେ ତାର ମୁଣ୍ଡ କାଟିବା ପାଇଁ ଅସ୍ତ୍ର ଧାରଣ କଲେ । ୫୧

ଧୂମପାନ ସମୟରେ ଅଗ୍ନିକଣା ଲାଗି ସେହି ଶୂଦ୍ର ତପସ୍ୱୀର ଦାଢ଼ିର ଅଗସବୁ ପୋଡ଼ିଯାଇଥିଲା । ତେଣୁ ଯେଉଁ ପଦ୍ମଫୁଲର କେଶରସବୁ କୁହୁଡ଼ିରେ ପୋଡ଼ି ଯାଇଥାଏ, ତା'ପରି ତା'ର ମୁହଁ ଦେଖାଯାଉଥିଲା । ରାମଚନ୍ଦ୍ର ତା' ମୁଁହକୁ ବେକରୁ ଅଲଗା କରିଦେଲେ । ୫୨

ଉକ୍ତ ଶୂଦ୍ର ସ୍ୱୟଂ ରାମଚନ୍ଦ୍ରଙ୍କଠାରୁ ଶାସ୍ତି ପାଇ ସଦ୍‌ଗତି ଲାଭ କଲା । ଏପରି ସଦ୍‌ଗତି ସେ କଠୋର ତପସ୍ୟାଦ୍ୱାରା ମଧ୍ୟ ପାଇପାରି ନଥାନ୍ତା, କାରଣ, ତପସ୍ୟା ତାର କୁଳାଚାର ନଥିଲା । ୫୩

ତା'ପରେ ରାମଚନ୍ଦ୍ର ଫେରି ଆସୁଥିବା ବେଳେ, ଚନ୍ଦ୍ର ସହିତ ଶରତ୍ କାଳର ଯେପରି ମିଳନ ହୁଏ,ସେହିପରି ବାଟରେ ମହାତେଜସ୍ୱୀ ଅଗସ୍ତିମୁନିଙ୍କ ସହିତ ତାଙ୍କର ଭେଟ ହେଲା । ୫୪

ଅଗସ୍ତି ରାମଚନ୍ଦ୍ରଙ୍କୁ ଏକ ଦିବ୍ୟ ଅଳଙ୍କାର ପ୍ରଦାନକଲେ । ବୋଧହୁଏ ସମୁଦ୍ର ଅଗସ୍ତିଙ୍କଠାରୁ ମୁକ୍ତିଲାଭ କରିବା ଅଭିପ୍ରାୟରେ ସେହି ଅଳଙ୍କାର ଉପହାର ଦେଇଥିଲା । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तं दधन् मैथिलीकण्ठनिर्व्यापारेण बाहुना ।
पश्चान्निववृते रामः प्राक् परासुर्द्विजात्मजः ॥५६
ତଂ ଦଧନ୍ ମୈଥିଳୀକଣ୍ଠନିର୍ବ୍ୟାପାରେଣ ବାହୁନା ।
ପଶ୍ଚାନ୍ନିବବୃତେ ରାମଃ ପ୍ରାକ୍ ପରାସୁର୍ଦ୍ୱିଜାତ୍ମଜଃ ॥୫୬

तस्य पूर्वोदितां निन्दां द्विजः पुत्रसमागतः ।
स्तुत्या निवर्तयामास त्रातुर्वैवस्वतादपि ॥५७
ତସ୍ୟ ପୂର୍ବୋଦିତାଂ ନିନ୍ଦାଂ ଦ୍ୱିଜଃ ପୁତ୍ରସମାଗତଃ ।
ସ୍ତୁତ୍ୟା ନିବର୍ତ୍ତୟାମାସ ତ୍ରାତୁର୍ବୈବସ୍ୱତାଦପି ॥୫୭

तमध्वराय मुक्ताश्वं रक्षःकपिनरेश्वराः ।
मेघाः सस्यमिवाम्भोभिरभ्यवर्षन्नुपायनैः ॥५८
ତମଧ୍ୱରାୟ ମୁକ୍ତାଶ୍ୱଂ ରକ୍ଷଃକପିନରେଶ୍ୱରାଃ ।
ମେଘାଃ ସସ୍ୟମିବାମ୍ଭୋଭିରଭ୍ୟବର୍ଷନ୍ନୁପାୟନୈଃ ॥୫୮

दिग्भ्यो निमन्त्रिताश्चैनमभिजग्मुर्महर्षयः ।
न भौमान्येव धिष्ण्यानि हित्वा ज्योतिर्मयान्यपि ॥५९
ଦିଗ୍‌ଭ୍ୟୋ ନିମନ୍ତ୍ରିତାଶ୍ଚୈନମଭିଜଗ୍ମୁର୍ମହର୍ଷୟଃ ।
ନ ଭୌମାନ୍ୟେବ ଧିଷ୍ଣ୍ୟାନି ହିତ୍ୱା ଜ୍ୟୋତିର୍ମୟାନ୍ୟପି ॥୫୯

उपशल्यनिविष्टैस्तैश्चतुर्द्वारमुखी बभौ ।
अयोध्या सृष्टलोकेव सद्यः पैतामही तनुः ॥६०
ଉପଶଲ୍ୟନିବିଷ୍ଟୈସ୍ତୈଶ୍ଚତୁର୍ଦ୍ୱାରମୁଖୀ ବଭୌ ।
ଅଯୋଧ୍ୟା ସୃଷ୍ଟଲୋକେବ ସଦ୍ୟଃ ପୈତାମହୀ ତନୁଃ ॥୬୦

श्लाघ्यस्त्यागोऽपि वैदेह्याः पत्युः प्राग्वंशवासिनः ।
अनन्यजानेः सैवासीद् यस्माज्जाया हिरण्मयी ॥६१
ଶ୍ଲାଘ୍ୟସ୍ତ୍ୟାଗୋଽପି ବୈଦେହ୍ୟାଃ ପତ୍ୟୁଃ ପ୍ରାଗ୍‌ବଂଶବାସିନଃ ।
ଅନନ୍ୟଜାନେଃ ସୈବାସୀଦ୍ ଯସ୍ମାଜ୍ଜାୟା ହିରଣ୍ମୟୀ ॥୬୧

विधेरधिकसंभारस्ततः प्रववृते मखः ।
आसन् यत्र क्रियाविघ्ना राक्षसा एव रक्षिणः ॥६२
ବିଧେରଧିକସଂଭାରସ୍ତତଃ ପ୍ରବବୃତେ ମଖଃ ।
ଆସନ୍ ଯତ୍ର କ୍ରିୟାବିଘ୍ନା ରାକ୍ଷସା ଏବ ରକ୍ଷିଣଃ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେଉଁ ବାହୁରେ ରାମଚନ୍ଦ୍ର ବହୁଦିନ ହେଲା ପ୍ରିୟା ସୀତାଙ୍କର କଣ୍ଠ ମଣ୍ଡନ କରିନଥିଲେ, ତହିଁରେ ଉକ୍ତ ଅଳଙ୍କାରକୁ ପରିଧାନ କଲେ ଏବଂ ଅଯୋଧ୍ୟାକୁ ଫେରିଗଲେ । କିନ୍ତୁ ସେ ଅଯୋଧ୍ୟାରେ ପହଞ୍ଚିବା ପୂର୍ବରୁ ମୃତ ବ୍ରାହ୍ମଣର ପୁତ୍ର ଜୀବନ ଲାଭ କରିସାରିଥିଲା । ୫୬

ବ୍ରାହ୍ମଣ ନିଜର ପୁତ୍ରକୁ ପାଇ, ରାମଙ୍କଠାରେ ମୃତ୍ୟୁ କବଳରୁ ମଧ୍ୟ ରକ୍ଷା କରିବାର ଶକ୍ତି ଥିବାର ଜାଣିଲା ଏବଂ ଆଗରୁ ତାଙ୍କର ଯେତେ ନିନ୍ଦା କରିଥିଲା, ପରେ ସ୍ତୁତି କରି ସେ ସମସ୍ତ ମାର୍ଜନା କରାଇଲା । ୫୭

ତା'ପରେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ ସମ୍ପାଦନ କରିବା ପାଇଁ ଯଜ୍ଞ-ଅଶ୍ୱ ଛାଡ଼ିଲେ । ମେଘମାଳ ଶସ୍ୟମାନଙ୍କ ଉପରେ ଜଳ ବର୍ଷଣ କଲା ପରି ରାକ୍ଷସ, ବାନର ତଥା ମନୁଷ୍ୟ ଅଧିପତିମାନେ ତାଙ୍କ ନିକଟରେ ପ୍ରଭୂତ ଉପହାର ସାମଗ୍ରୀ ଆଣି ଠୁଳ କଲେ । ୫୮

କେବଳ ଏହି ପୃଥିବୀର ଦିଗବିଦିଗରୁ ଯେ ମହର୍ଷିମାନେ ନିମନ୍ତ୍ରିତ ହୋଇ ନିଜ ନିଜର ବାସସ୍ଥାନ ଛାଡ଼ି ଯଜ୍ଞସ୍ଥଳକୁ ଆସିଲେ ତାହା ନୁହେଁ, ସ୍ୱର୍ଗରୁ ମଧ୍ୟ ମହର୍ଷିମାନେ ନିମନ୍ତ୍ରିତ ହୋଇ ଆସିଲେ । ୫୯

ଅଯୋଧ୍ୟା ନଗରୀର ଚାରିଦିଗରେ ଚାରିଗୋଟି ଦ୍ୱାର ତାର ଚାରି-ଗୋଟି ମୁଖ ଭଳି ଶୋଭା ପାଉଥିଲା । ମହର୍ଷିମାନେ ଯେତେବେଳେ ନଗରୀ ନିକଟସ୍ଥ ଗ୍ରାମମାନଙ୍କରେ ବାସ କଲେ, ସେହି ନଗରୀ ସଦ୍ୟ ଲୋକସୃଷ୍ଟି କରିଥିବା ବ୍ରହ୍ମାଙ୍କ ଶରୀର ଭଳି ଜଣାପଡ଼ିଲା । ୬୦

ସ୍ୱାମୀକର୍ତ୍ତୃକ ନିର୍ବାସନ ମଧ୍ୟ ସୀତାଙ୍କର ଗୌରବବର୍ଦ୍ଧନ କଲା । କାରଣ, ରାମ ଆଉ ବିବାହ ନ କରି ଯଜ୍ଞଶାଳାରେ ସୀତାଙ୍କର ସୁବର୍ଣ୍ଣପ୍ରତିମାକୁ ହିଁ ଅର୍ଦ୍ଧାଙ୍ଗିନୀ କଲେ । ୬୧

ତା'ପରେ ଯଜ୍ଞ ଆରମ୍ଭ ହେଲା । ସେହି ଯଜ୍ଞରେ ଶାସ୍ତ୍ରୋକ୍ତ ଆବ-ଶ୍ୟକତାଠାରୁ ଅଧିକ ସମ୍ଭାର ପୂର୍ଣ୍ଣ ହୋଇ ରହିଥିଲା । ଯେଉଁମାନେ ଯଜ୍ଞରେ ବିଘ୍ନ ଘଟାନ୍ତି, ସେହି ଅସୁରମାନେ ହିଁ ଯଜ୍ଞ ରକ୍ଷାର ଭାର ନେଲେ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ प्राचेतसोपज्ञं रामायणमितस्ततः ।
मैथिलेयौ कुशलवौ जगतुर्गुरुचोदितौ ॥६३
ଅଥ ପ୍ରାଚେତସୋପଜ୍ଞଂ ରମାୟଣମିତସ୍ତତଃ ।
ମୈଥିଲେୟୌ କୁଶଲବୌ ଜଗତୁର୍ଗୁରୁଚୋଦିତୌ ॥୬୩

वृत्तं रामस्य वाल्मीकेः कृतिस्तौ किन्नरस्वनौ ।
किं तद् येन मनो हर्तुमलं स्यातां न शृण्वताम् ॥६४
ବୃତ୍ତଂ ରମସ୍ୟ ବାଲ୍ମୀକେଃ କୃତିସ୍ତୌ କିନ୍ନରସ୍ୱନୌ ।
କିଂ ତଦ୍ ଯେନ ମନୋ ହର୍ତୁମଲଂ ସ୍ୟାତାଂ ନ ଶୃଣ୍ୱତାମ୍ ॥୬୪

रूपे गीते च माधुर्यं तयोस्तज्ज्ञैर्निवेदितम् ।
ददर्श सानुजो रामः शुश्राव च कुतूहली ॥६५
ରୂପେ ଗୀତେ ଚ ମାଧୁର୍ଯ୍ୟଂ ତୟୋସ୍ତଜ୍ଜ୍ଞୈର୍ନିବେଦିତମ୍ ।
ଦଦର୍ଶ ସାନୁଜୋ ରାମଃ ଶୁଶ୍ରାବ ଚ କୁତୂହଳୀ ॥୬୫

तद्गीतश्रवणैकाग्रा संसदश्रुमुखी बभौ ।
हिमनिष्यन्दिनी प्रातर्निर्वातेव वनस्थली ॥६६
ତଦ୍‌ଗୀତଶ୍ରବଣୈକାଗ୍ରା ସଂସଦଶ୍ରୁମୁଖୀ ବଭୌ ।
ହିମନିଷ୍ୟନ୍ଦିନୀ ପ୍ରାତର୍ନିର୍ବାତେବ ବନସ୍ଥଳୀ ॥୬୬

वयोवेषविसंवादी रामस्य च तयोस्तदा ।
जनता प्रेक्ष्य सादृश्यं नाक्षिकम्पं व्यतिष्ठत ॥६७
ବୟୋବେଷବିସଂବାଦୀ ରାମସ୍ୟ ଚ ତୟୋସ୍ତଦା ।
ଜନତା ପ୍ରେକ୍ଷ୍ୟ ସାଦୃଶ୍ୟଂ ନାକ୍ଷିକମ୍ପଂ ବ୍ୟତିଷ୍ଠତ ॥୬୭

उभयोर्न तथा लोकः प्रावीण्येन विसिष्मिये ।
नृपतेः प्रीतिदानेषु वीतस्पृहतया यथा ॥६८
ଉଭୟୋର୍ନ ତଥା ଲୋକଃ ପ୍ରାବୀଣ୍ୟେନ ବିସିଷ୍ମିୟେ ।
ନୃପତେଃ ପ୍ରୀତିଦାନେଷୁ ବୀତସ୍ପୃହତୟା ଯଥା ॥୬୮

गेये को नु विनेता वां कस्य चेयं कृतिः कवेः ।
इति राज्ञा स्वयं पृष्टौ तौ वाल्मीकिमशंसताम् ॥६९
ଗେୟେ କୋ ନୁ ବିନେତା ବାଂ କସ୍ୟ ଚେୟଂ କୃତିଃ କବେଃ ।
ଇତି ରାଜ୍ଞା ସ୍ୱୟଂ ପୃଷ୍ଟୌ ତୌ ବାଲ୍ମୀକିମଶଂସତାମ୍ ॥୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତେଣେ ସୀତାଙ୍କର ଦୁଇ ପୁତ୍ର କୁଶ ଓ ଲବ ଗୁରୁ ବାଲ୍ମୀକିଙ୍କର ନିର୍ଦ୍ଦେଶରେ ତାଙ୍କର ଆଦ୍ୟ ରଚନା ରାମାୟଣ ବିଭିନ୍ନ ସ୍ଥାନରେ ଗାନ କଲେ । ୬୩

ଏକେ ରାମଙ୍କର ଚରିତ, ତାହା ପୁଣି ବାଲ୍ମୀକିଙ୍କର ରଚନା, ଲବ-କୁଶଙ୍କର କଣ୍ଠ ପୁଣି କିନ୍ନରକଣ୍ଠ ପରି ସୁମଧୁର— ଏଗୁଡ଼ିକ ମଧ୍ୟରୁ କେଉଁଟି ବା ଶ୍ରୋତାମାନଙ୍କର ମନ ହରଣ କରିବାକୁ ଅସମର୍ଥ ? ୬୪

ଶ୍ରୋତାମାନେ ରାମଙ୍କ ଆଗରେ ଲବକୁଶଙ୍କର ରୂପ ତଥା ଗୀତର ମାଧୁର୍ଯ୍ୟ ବର୍ଣ୍ଣନା କରନ୍ତେ ରାମ କୌତୂହଳୀ ହୋଇ ଭାଇମାନଙ୍କ ସହିତ ସେ ଦୁହିଁଙ୍କର ରୂପମାଧୁରୀ ଦେଖିଲେ ଏବଂ ଗୀତମାଧୁରୀ ଶୁଣିଲେ । ୬୫

ପ୍ରାତଃକାଳର ବନ ଯେପରି ନିଶ୍ଚଳ ଭାବରେ ହିମବିନ୍ଦୁ ବର୍ଷଣ କରେ, ସଭାସ୍ଥିତ ଲୋକମାନେ ସେହିପରି କୁଶ, ଲବଙ୍କ ଗୀତରେ ଅଭିଭୂତ ହୋଇ ଲୋତକ ବର୍ଷଣ କରିବାକୁ ଲାଗିଲେ । ୬୬

କେବଳ ବୟସ ଓ ବେଶ ଛାଡ଼ିଦେଲେ ଆଉ ସବୁ ବିଷୟରେ ସେ ଦୁହିଁଙ୍କର ରାମଙ୍କ ସହିତ ଗଭୀର ସାଦୃଶ୍ୟ ଥିଲା । ଲୋକମାନେ ରାମଚନ୍ଦ୍ରଙ୍କର ଏବଂ ପିଲାଦୁହିଁଙ୍କର ଆକୃତିକୁ ନିର୍ନିମେଷ ନୟନରେ ଦେଖିବାକୁ ଲାଗିଲେ । ୬୭

ସେମାନେ ପିଲାଦୁଇଟିଙ୍କର ପ୍ରବୀଣତା ଦେଖି ଯେତିକି ବିସ୍ମିତ ହେଲେ, ତାଠାରୁ ଅଧିକ ବିସ୍ମିତ ହେଲେ ସେଦୁହିଁଙ୍କୁ ସ୍ନେହ, ଆଦର ଦେବାରେ ରାମଚନ୍ଦ୍ରଙ୍କର ଉଦାସୀନତା ଲକ୍ଷ୍ୟ କରି । ୬୮

'ତୁମ୍ଭମାନଙ୍କୁ ଗୀତ କିଏ ଶିଖାଇଛନ୍ତି ? ଏ ଗୀତ କାହାର ରଚନା ?' ନିଜେ ରାମଚନ୍ଦ୍ର ଏହା ପଚାରନ୍ତେ କୁଶ, ଲବ ବାଲ୍ମୀକିଙ୍କର ନାମ କହିଲେ । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अथ सावरजो रामः प्राचेतसमुपेयिवान् ।
ऊरीकृत्यात्मनो देहं राज्यमस्मै न्यवेदयत् ।।७०
ଅଥ ସାବରଜୋ ରାମଃ ପ୍ରାଚେତସମୁପେୟିବାନ୍ ।
ଊରୀକୃତ୍ୟାତ୍ମନୋ ଦେହଂ ରାଜ୍ୟମସ୍ମୈ ନ୍ୟବେଦୟତ୍ ।।୭୦

स तावाख्याय रामाय मैथिलेयौ तदात्मजौ ।
कविः कारुणिको वव्रे सीतायाः संपरिग्रहम् ।।७१
ସ ତାବାଖ୍ୟାୟ ରାମାୟ ମୈଥିଲେୟୌ ତଦାତ୍ମଜୌ ।
କବିଃ କାରୁଣିକୋ ବବ୍ରେ ସୀତାୟାଃ ସଂପରିଗ୍ରହମ୍ ।।୭୧

तात शुद्धा समक्षं नः स्नुषा ते जातवेदसि ।
दौरात्म्याद् रक्षसस्तां तु नात्रत्याः श्रद्दधुः प्रजाः ।।७२
ତାତ ଶୁଦ୍ଧା ସମକ୍ଷଂ ନଃ ସ୍ନୁଷା ତେ ଜାତବେଦସି ।
ଦୌରାତ୍ମ୍ୟାଦ୍ ରକ୍ଷସସ୍ତାଂ ତୁ ନାତ୍ରତ୍ୟାଃ ଶ୍ରଦ୍ଦଧୁଃ ପ୍ରଜାଃ ।।୭୨

ताः स्वचारित्रमुद्दिश्य प्रत्याययतु मैथिली ।
ततः पुत्रवतीमेनां प्रतिपत्स्ये त्वदाज्ञया ।।७३
ତାଃ ସ୍ୱଚାରିତ୍ରମୁଦ୍ଦିଶ୍ୟ ପ୍ରତ୍ୟାୟୟତୁ ମୈଥିଳୀ ।
ତତଃ ପୁତ୍ରବତୀମେନାଂ ପ୍ରତିପତ୍ସ୍ୟେ ତ୍ୱଦାଜ୍ଞୟା ।।୭୩

इति प्रतिश्रुते राज्ञा जानकीमाश्रमान्मुनिः ।
शिष्यैरानाययामास स्वसिद्धिं नियमैरिव ।।७४
ଇତି ପ୍ରତିଶ୍ରୁତେ ରାଜ୍ଞା ଜାନକୀମାଶ୍ରମାନ୍ମୁନିଃ ।
ଶିଷ୍ୟୈରାନାୟୟାମାସ ସ୍ୱସିଦ୍ଧିଂ ନିୟମୈରିବ ।।୭୪

अन्येद्युरथ काकुत्स्थः संनिपात्य पुरौकसः ।
कविमाह्वाययामास प्रस्तुतप्रतिपत्तये ।।७५
ଅନ୍ୟେଦ୍ୟୁରଥ କାକୁତ୍ସ୍ଥଃ ସଂନିପାତ୍ୟ ପୁରୌକସଃ ।
କବିମାହ୍ୱାୟୟାମାସ ପ୍ରସ୍ତୁତପ୍ରତିପତ୍ତୟେ ।।୭୫

स्वरसंस्कारवत्यासौ पुत्राभ्यामथ सीतया ।
ऋचेवोदर्चिषं सूर्यं रामं मुनिरुपस्थितः ।।७६
ସ୍ୱରସଂସ୍କାରବତ୍ୟାସୌ ପୁତ୍ରାଭ୍ୟାମଥ ସୀତୟା ।
ଋଚେବୋଦର୍ଚିଷଂ ସୂର୍ଯ୍ୟଂ ରାମଂ ମୁନିରୁପସ୍ଥିତଃ ।।୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ରାମଚନ୍ଦ୍ର ଭାଇମାନଙ୍କ ସହିତ ବାଲ୍ମୀକିଙ୍କ ନିକଟକୁ ଯାଇ, ମୁଁ ଏବଂ ମୋ ରାଜ୍ୟସବୁ ଆପଣଙ୍କର' ଏହା କହି ତାଙ୍କୁ ପ୍ରଣାମ କଲେ । ୭୦

ଦୟାଳୁ ମହର୍ଷି କହିଲେ--"କୁଶ ଲବ ସୀତାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଛନ୍ତି । ସେ ଦୁହେଁ ତୁମର ପୁତ୍ର । ଏବେ ତୁମେ ତୁମର ପତ୍ନୀ ସୀତାଙ୍କୁ ଗ୍ରହଣ କର ।" ୭୧

"ହେ ପିତା, ଆପଣଙ୍କର ପୁତ୍ରବଧୂ (ସୀତା) ଆମ୍ଭମାନଙ୍କ ଆଖି ଆଗରେ ଅଗ୍ନିରେ ବିଶୁଦ୍ଧା ବୋଲି ପ୍ରମାଣିତ ହୋଇଛନ୍ତି । କିନ୍ତୁ ଅଯୋଧ୍ୟାର ପ୍ରଜାମାନେ ରାବଣର ଦୁଷ୍ଟ ସ୍ୱଭାବ କଥା ଭାବି ବିଶ୍ୱାସ କରୁନାହାଁନ୍ତି । ୭୨

ତେଣୁ ସେ ନିଜର ସତୀତ୍ୱ ସମ୍ବନ୍ଧରେ ପ୍ରଜାମାନଙ୍କ ମନରୁ ସନ୍ଦେହ ଦୂର କରନ୍ତୁ, ଆପଣଙ୍କ ଆଜ୍ଞାରେ ତାଙ୍କୁ ପୁତ୍ର ସହିତ ଗ୍ରହଣ କରିବି ।" ୭୩

ରାମଚନ୍ଦ୍ର ଏହି ପ୍ରତିଶ୍ରୁତି ଦିଅନ୍ତେ, ମୁନି ନିୟମମାନଙ୍କଦ୍ୱାରା ଯେପରି ସିଦ୍ଧିକୁ ଆନୟନ କରନ୍ତି, ଶିଷ୍ୟମାନଙ୍କ ଦ୍ୱାରା ସେହିପରି ସୀତାଙ୍କୁ ଆଶ୍ରମରୁ ଅଣାଇଲେ । ୭୪

ପର ଦିନ ରାମଚନ୍ଦ୍ର କାର୍ଯ୍ୟ ସିଦ୍ଧି ନିମନ୍ତେ ପୁରବାସୀମାନଙ୍କୁ ଏକତ୍ରିତ କରାଇ ବାଲ୍ମୀକିଙ୍କୁ ଆସିବାକୁ ସମ୍ବାଦ ଦେଲେ । ୭୫

ମହର୍ଷି ବାଲ୍ମୀକି ସୀତାଙ୍କୁ ତାଙ୍କର ଦୁଇ ପୁତ୍ରଙ୍କ ସହିତ ଘେନି ତେଜସ୍ୱୀ ରାମଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହେଲେ । ମନେ ହେଲା--ସତେ ଯେପରି ସେ ଶୁଦ୍ଧସ୍ୱରଯୁକ୍ତା ସାବିତ୍ରୀ (ମନ୍ତ୍ର) ଙ୍କ ସହିତ ଉଦୀୟମାନ ସୂର୍ଯ୍ୟଙ୍କର ନିକଟବର୍ତ୍ତୀ ହେଲେ !! ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

काषायपरिवीतेन स्वपदार्पितचक्षुषा ।
अन्वमीयत शुद्धेति शान्तेन वपुषैव सा ॥७७
କାଷାୟପରିବୀତେନ ସ୍ୱପଦାର୍ପିତଚକ୍ଷୁଷା ।
ଅନ୍ୱମୀୟତ ଶୁଦ୍ଧେତି ଶାନ୍ତେନ ବପୁଷୈବ ସା ॥୭୭

जनास्तदालोकपथात् प्रतिसंहृतचक्षुषः ।
तस्थुस्तेऽवाङ्मुखाः सर्वे फलिता इव शालयः ॥७८
ଜନାସ୍ତଦାଲୋକପଥାତ୍ ପ୍ରତିସଂହୃତଚକ୍ଷୁଷଃ ।
ତସ୍ଥୁସ୍ତେଽବାଙ୍ମୁଖାଃ ସର୍ବେ ଫଳିତା ଇବ ଶାଳୟଃ ॥୭୮

तां दृष्टिविषये भर्त्तुर्मुनिरास्थितविष्टरः ।
कुरु निःसंशयं वत्से स्ववृत्ते लोकमित्यशात् ॥७९
ତାଂ ଦୃଷ୍ଟିବିଷୟେ ଭର୍ତ୍ତୁର୍ମୁନିରାସ୍ଥିତବିଷ୍ଟରଃ ।
କୁରୁ ନିଃସଂଶୟଂ ବତ୍ସେ ସ୍ୱବୃତ୍ତେ ଲୋକମିତ୍ୟଶାତ୍ ॥୭୯

अथ वाल्मीकिशिष्येण पुण्यमावर्जितं पयः ।
आचम्योदीरयामास सीता सत्यां सरस्वतीम् ॥८०
ଅଥ ବାଲ୍ମୀକିଶିଷ୍ୟେଣ ପୁଣ୍ୟମାବର୍ଜିତଂ ପୟଃ ।
ଆଚମ୍ୟୋଦୀରୟାମାସ ସୀତା ସତ୍ୟାଂ ସରସ୍ୱତୀମ୍ ॥୮୦

वाङ्मनःकर्मभिः पत्यौ व्यभिचारो यथा न मे ।
तथा विश्वम्भरे देवि मामन्तर्धातुमर्हसि ॥८१
ବାଙ୍ମନଃକର୍ମଭିଃ ପତ୍ୟୌ ବ୍ୟଭିଚାରୋ ଯଥା ନ ମେ ।
ତଥା ବିଶ୍ୱମ୍ଭରେ ଦେବି ମାମନ୍ତର୍ଧାତୁମର୍ହସି ॥୮୧

एवमुक्ते तया साध्व्या रन्ध्रात् सद्योभवाद् भुवः ।
शातह्रदमिव ज्योतिः प्रभामण्डलमुद्ययौ ॥८२
ଏବମୁକ୍ତେ ତୟା ସାଧ୍ୱ୍ୟା ରନ୍ଧ୍ରାତ୍ ସଦ୍ୟୋଭବାଦ୍ ଭୁବଃ ।
ଶାତହ୍ରଦମିବ ଜ୍ୟୋତିଃ ପ୍ରଭାମଣ୍ଡଳମୁଦ୍ୟୟୌ ॥୮୨

तत्र नागफणोत्क्षिप्त-सिंहासन-निषेदुषी ।
समुद्ररसना साक्षात् प्रादुरासीद् वसुन्धरा ॥८३
ତତ୍ର ନାଗଫଣୋତ୍କ୍ଷିପ୍ତ-ସିଂହାସନ-ନିଷେଦୁଷୀ ।
ସମୁଦ୍ରରସନା ସାକ୍ଷାତ୍ ପ୍ରାଦୁରାସୀଦ୍ ବସୁନ୍ଧରା ॥୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୀତା ପିନ୍ଧିଥିଲେ ଗୈରିକ ବସ୍ତ୍ର ଏବଂ ଦୃଷ୍ଟି ନିବଦ୍ଧ କରିଥିଲେ ନିଜର ପାଦ ଉପରେ । ତାଙ୍କର ଶାନ୍ତ, ଉଜ୍ଜ୍ୱଳ ରୂପ ହିଁ ଲୋକମାନଙ୍କ ମନରେ ଦୃଢ ଧାରଣା ଦେଉଥିଲା——ସୀତା ଚିର ବିଶୁଦ୍ଧା । ୭୭

ଲୋକମାନେ ତାଙ୍କ ଆଡ଼ୁ ଦୃଷ୍ଟି ଫେରାଇ ନେଇ ଫଳ ଧରିଥିବା ଧାନ ଗଛ ପରି ତଳକୁ ମୁହଁ ପୋତି ରହିଲେ । ୭୮

ମହର୍ଷି ଆସନ ଗ୍ରହଣ କରି ସୀତାଙ୍କୁ କହିଲେ——"ବତ୍ସେ, ସ୍ୱାମୀଙ୍କ ସମକ୍ଷରେ ନିଜର ସତୀତ୍ୱ ସମ୍ବନ୍ଧରେ ଲୋକମାନଙ୍କ ମନରୁ ସନ୍ଦେହ ଦୂର କର ।" ୭୯

ବାଲ୍ମୀକିଙ୍କର ଜଣେ ଶିଷ୍ୟ ପବିତ୍ର ଜଳ ଆଣି ଦେଲେ । ସୀତା ସେଥିରେ ଆଚମନ କରି ଯଥାର୍ଥ ବାକ୍ୟ ଉଚ୍ଚାରଣ କଲେ—— ୮୦

"ମା ବସୁଧା, ଯଦି କାୟମନୋବାକ୍ୟରେ ପତିଙ୍କ ପ୍ରତି ମୋର କୌଣସି ସ୍ଖଳନ ହୋଇନଥିବ, ତାହାହେଲେ ତୁ ମୋତେ ତୋ କୋଳରେ ଆଶ୍ରୟ ଦେ ।" ୮୧

ସୀତାଙ୍କର କଥା ଶେଷ ହେବାମାତ୍ରେ ସହସା ବସୁଧା ବିଦୀର୍ଣ୍ଣ ହୋଇଗଲା ଏବଂ ବିଜୁଳି ପରି ଏକ ଜ୍ୟୋତିର୍ମଣ୍ଡଳ ଉଦ୍ଭସିତ ହୋଇ-ଉଠିଲା । ୮୨

ସେହି ଜ୍ୟୋତିର୍ମଣ୍ଡଳ ମଧ୍ୟରେ ସ୍ୱୟଂ ଦେବୀ ବସୁନ୍ଧରା ଆବିର୍ଭୂତା ହେଲେ । ସେ ବସିଥିଲେ ନାଗଫଣା ଉପରିସ୍ଥ ଏକ ସିଂହାସନରେ । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा सीतामङ्कमारोप्य भर्तृप्रणिहितेक्षणाम् ।
मा मेति व्याहरत्येव तस्मिन् पातालमभ्यगात् ॥८४
ସା ସୀତାମଙ୍କମାରୋପ୍ୟ ଭର୍ତୃପ୍ରଣିହିତେକ୍ଷଣାମ୍ ।
ମା ମେତି ବ୍ୟାହରତ୍ୟେବ ତସ୍ମିନ୍ ପାତାଳମଭ୍ୟଗାତ୍ ॥୮୪

धरायां तस्य संरम्भं सीताप्रत्यर्पणैषिणः ।
गुरुर्विधिबलापेक्षी शमयामास धन्विनः ॥८५
ଧରାୟାଂ ତସ୍ୟ ସଂରମ୍ଭଂ ସୀତାପ୍ରତ୍ୟର୍ପଣୈଷିଣଃ ।
ଗୁରୁର୍ବିଧିବଳାପେକ୍ଷୀ ଶମୟାମାସ ଧନ୍ୱିନଃ ॥୮୫

ऋषीन् विसृज्य यज्ञान्ते सुहृदश्च पुरस्कृतान् ।
रामः सीतागतं स्नेहं निदधे तदपत्ययोः ॥८६
ଋଷୀନ୍ ବିସୃଜ୍ୟ ଯଜ୍ଞାନ୍ତେ ସୁହୃଦଶ୍ଚ ପୁରସ୍କୃତାନ୍ ।
ରାମଃ ସୀତାଗତଂ ସ୍ନେହଂ ନିଦଧେ ତଦପତ୍ୟୟୋଃ ॥୮୬

युधाजितश्च संदेशात् स देशं सिन्धुनामकम् ।
ददौ दत्तप्रभावाय भरताय भृतप्रजः ॥८७
ଯୁଧାଜିତଶ୍ଚ ସଂଦେଶାତ୍ ସ ଦେଶଂ ସିନ୍ଧୁନାମକମ୍ ।
ଦଦୌ ଦତ୍ତପ୍ରଭାବାୟ ଭରତାୟ ଭୃତପ୍ରଜଃ ॥୮୭

भरतस्तत्र गन्धर्वान् युधि निर्जित्य केवलम् ।
आतोद्यं ग्राहयामास समत्याजयदायुधम् ॥८८
ଭରତସ୍ତତ୍ର ଗନ୍ଧର୍ବାନ୍ ଯୁଧି ନିର୍ଜିତ୍ୟ କେବଳମ୍ ।
ଆତୋଦ୍ୟଂ ଗ୍ରାହୟାମାସ ସମତ୍ୟାଜୟଦାୟୁଧମ୍ ॥୮୮

स तक्षपुष्कलौ पुत्रौ राजधान्योस्तदाख्ययोः ।
अभिषिच्याभिषेकार्हौ रामान्तिकमगात् पुनः ॥८९
ସ ତକ୍ଷପୁଷ୍କଳୌ ପୁତ୍ରୌ ରାଜଧାନ୍ୟୋସ୍ତଦାଖ୍ୟୟୋଃ ।
ଅଭିଷିଚ୍ୟାଭିଷେକାର୍ହୌ ରାମାନ୍ତିକମଗାତ୍ ପୁନଃ ॥୮୯

अङ्गदं चन्द्रकेतुं च लक्ष्मणोऽप्यात्मसंभवौ ।
शासनाद् रघुनाथस्य चक्रे कारापथेश्वरौ ॥९०
ଅଙ୍ଗଦଂ ଚନ୍ଦ୍ରକେତୁଂ ଚ ଲକ୍ଷ୍ମଣୋଽପ୍ୟାତ୍ମସଂଭବୌ ।
ଶାସନାଦ୍ ରଘୁନାଥସ୍ୟ ଚକ୍ରେ କାରାପଥେଶ୍ୱରୌ ॥୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ସୀତାଙ୍କୁ କୋଳକୁ ନେଇ ପାତାଳ ପୁରକୁ ଚାଲିଗଲେ । ଗଲା-ବେଳେ ସୀତା ସ୍ୱାମୀଙ୍କୁ ନିର୍ନିମେଷ ନୟନରେ ଚାହିଁଥାଆନ୍ତି ଏବଂ ରାମଚନ୍ଦ୍ର ପୃଥ୍ୱୀ-ଦେବୀଙ୍କୁ ନା' ନା' କହି ନିଷେଧ କରୁଥାଆନ୍ତି, କିନ୍ତୁ ସେ ସେଥିପ୍ରତି ଆଦୌ ଦୃକ୍‌ପାତ କଲେ ନାହିଁ । ୮୪

ରାମଚନ୍ଦ୍ର ସୀତାଙ୍କୁ ଫେରି ପାଇବାପାଇଁ ଧନୁ ଧରି ବସୁଧା ପ୍ରତି କ୍ରୋଧ ପ୍ରକାଶ କରନ୍ତେ ଗୁରୁ ବଶିଷ୍ଠ ବିଧାତାଙ୍କର ବିଧାନ ଅଲଙ୍ଘ୍ୟ ବୋଲି ବୁଝାଇ ତାଙ୍କର କ୍ରୋଧ ଶାନ୍ତ କଲେ । ୮୫

ଯଜ୍ଞ ଶେଷ ହେବା ପରେ ରାମଚନ୍ଦ୍ର ବନ୍ଧୁମାନଙ୍କୁ ପୁରସ୍କୃତ କରି ବିଦାୟ ଦେଲେ ଓ ସୀତାଙ୍କ ପ୍ରତି ତାଙ୍କର ଯେଉଁ ସ୍ନେହ ଥିଲା, ତାହା ଦୁଇ ପୁତ୍ରଙ୍କ ଉପରେ ଢାଳି ଦେଲେ । ୮୬

ଭରତଙ୍କ ମାମୁଁ ଯୁଧାଜିତଙ୍କ କଥା ଅନୁସାରେ ପ୍ରଜାପାଳକ ରାମଚନ୍ଦ୍ର ଭରତଙ୍କୁ ପ୍ରଭବିତ କରି ତାଙ୍କୁ ସିନ୍ଧୁ ନାମକ ଦେଶ ଅର୍ପଣ କଲେ । ୮୭

ଭରତ ସେଠାରେ ଗନ୍ଧର୍ବମାନଙ୍କୁ ପରାସ୍ତ କଲେ ଏବଂ ସେମାନଙ୍କ ହାତରୁ ଅସ୍ତ୍ରଶସ୍ତ୍ର ବାହାର କରାଇ କେବଳ ବୀଣା ଧରାଇଲେ । ୮୮

ତାଙ୍କର ଦୁଇ ପୁତ୍ର ତକ୍ଷ ଓ ପୁଷ୍କଳ ଅଭିଷେକଯୋଗ୍ୟ ବୟସରେ ଉପସ୍ଥିତ ହୁଅନ୍ତେ ସେ ଦୁଇଟି ରାଜଧାନୀରେ ଦୁହିଁଙ୍କୁ ଅଭିଷିକ୍ତ କଲେ । ସେମାନଙ୍କ ନାମ ଅନୁସାରେ ଉକ୍ତ ରାଜଧାନୀ ଦୁଇଟିର ନାମ ହେଲା ତକ୍ଷଶିଳା ଏବଂ ପୁଷ୍କଳାବତୀ । ତା'ପରେ ଭରତ ରାମଚନ୍ଦ୍ରଙ୍କ ନିକଟକୁ ଫେରିଗଲେ । ୮୯

ଲକ୍ଷ୍ମଣ ମଧ୍ୟ ରାମଚନ୍ଦ୍ରଙ୍କ ଆଜ୍ଞାରେ ନିଜର ଦୁଇ ପୁତ୍ର ଅଙ୍ଗଦ ଓ ଚନ୍ଦ୍ରକେତୁଙ୍କୁ କାରାପଥ ନାମକ ଦେଶରେ ରାଜା କରାଇଲେ । ୯୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्यारोपितपुत्रास्ते जननीनां जनेश्वराः ।
भर्तृलोकप्रपन्नानां निवापान् विदधुः क्रमात् ॥९१
ଇତ୍ୟାରୋପିତପୁତ୍ରାସ୍ତେ ଜନନୀନାଂ ଜନେଶ୍ୱରାଃ ।
ଭର୍ତୃଲୋକପ୍ରପନ୍ନାନାଂ ନିବାପାନ୍ ବିଦଧୁଃ କ୍ରମାତ୍ ॥୯୧

उपेत्य मुनिवेषोऽथ कालः प्रोवाच राघवम् ।
रहः संवादिनौ पश्येदावां यस्तं त्यजेरिति ॥९२
ଉପେତ୍ୟ ମୁନିବେଷୋଽଥ କାଳଃ ପ୍ରୋବାଚ ରାଘବମ୍ ।
ରହଃ ସମ୍ବାଦିନୌ ପଶ୍ୟେଦାବାଂ ଯସ୍ତଂ ତ୍ୟଜେରିତି ॥୯୨

तथेति प्रतिपन्नाय विवृतात्मा नृपाय सः ।
आचख्यौ दिवमध्यास्व शासनात् परमेष्ठिनः ॥९३
ତଥେତି ପ୍ରତିପନ୍ନାୟ ବିବୃତାତ୍ମା ନୃପାୟ ସଃ ।
ଆଚଖ୍ୟୌ ଦିବମଧ୍ୟାସ୍ୱ ଶାସନାତ୍ ପରମେଷ୍ଠିନଃ ॥୯୩

विद्वानपि तयोर्द्वाःस्थः समयं लक्ष्मणोऽभिनत् ।
भीतो दुर्वाससः शापाद् रामसंदर्शनार्थिनः ॥९४
ବିଦ୍ୱାନପି ତୟୋର୍ଦ୍ୱାଃସ୍ଥଃ ସମୟଂ ଲକ୍ଷ୍ମଣୋଽଭିନତ୍ ।
ଭୀତୋ ଦୁର୍ବାସସଃ ଶାପାଦ୍ ରାମସଂଦର୍ଶନାର୍ଥିନଃ ॥୯୪

स गत्वा सरयूतीरं देहत्यागेन योगवित् ।
चकारावितथां भ्रातुः प्रतिज्ञां पूर्वजन्मनः ॥९५
ସ ଗତ୍ୱା ସରୟୂତୀରଂ ଦେହତ୍ୟାଗେନ ଯୋଗବିତ୍ ।
ଚକାରାବିତଥାଂ ଭ୍ରାତୁଃ ପ୍ରତିଜ୍ଞାଂ ପୂର୍ବଜନ୍ମନଃ ॥୯୫

तस्मिन्नात्मचतुर्भागे प्राङ्नाकमधितस्थुषि ।
राघवः शिथिलं तस्थौ भुवि धर्मस्त्रिपादिव ॥९६
ତସ୍ମିନ୍ନାତ୍ମଚତୁର୍ଭାଗେ ପ୍ରାଙ୍ନାକମଧିତସ୍ଥୁଷି ।
ରାଘବଃ ଶିଥିଳଂ ତସ୍ଥୌ ଭୁବି ଧର୍ମସ୍ତ୍ରିପାଦିବ ॥୯୬

स निवेश्य कुशावत्यां रिपुनागाङ्कुशं कुशम् ।
शरावत्यां सतां सूक्तैर्जनिताश्रुलवं लवम् ॥९७
ସ ନିବେଶ୍ୟ କୁଶାବତ୍ୟାଂ ରିପୁନାଗାଙ୍କୁଶଂ କୁଶମ୍ ।
ଶରାବତ୍ୟାଂ ସତାଂ ସୂକ୍ତୈର୍ଜନିତାଶ୍ରୁଲବଂ ଲବମ୍ ॥୯୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ଗ୍ଭରି ଭଇ ପୁତ୍ରମାନଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କଲେ; ତା'ପରେ ଜନନୀମାନେ ଏକ ପରେ ଏକ ଦେହତ୍ୟାଗ କରନ୍ତେ ସେମାନଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କଲେ । ୯୧

ଏକଦା ମୃତ୍ୟୁ ମୁନି ବେଶରେ ଆସି ରାମଚନ୍ଦ୍ରଙ୍କୁ କହିଲ—"ଆମ ଦୁହିଁଙ୍କୁ କେତେକ ଗୋପନ ବିଷୟରେ ଆଳାପ କରିବାକୁ ପଡ଼ିବ । କିନ୍ତୁ ଆମେ ଆଳାପ କରୁଥିଲା ବେଳେ ଯେ ଆମକୁ ଦେଖିବ, ତାକୁ ଆପଣ ପରିତ୍ୟାଗ କରିବେ ।"

ରାମଚନ୍ଦ୍ର 'ତାହା ହେଉ' ବୋଲି ପ୍ରତିଶ୍ରୁତି ଦିଅନ୍ତେ ସେ ନିଜର ସ୍ୱରୂପ ଧାରଣ କରି କହିଲ—"ବ୍ରହ୍ମା ନିର୍ଦ୍ଦେଶ ଦେଇଛନ୍ତି, ଆପଣ ସ୍ୱର୍ଗକୁ ପ୍ରସ୍ଥାନ କରିବେ ।" ୯୩

ଲକ୍ଷ୍ମଣ ଦ୍ୱାର ଜଗିଥିଲେ ଏବଂ ଉଭୟଙ୍କ ମଧ୍ୟରେ ହୋଇଥିବା ସର୍ତ୍ତ ମଧ୍ୟ ଜାଣିଥିଲେ । କିନ୍ତୁ ସେତେବେଳେ ଦୁର୍ବାସା ମୁନି ରାମଙ୍କୁ ସାକ୍ଷାତ କରିବା ପାଇଁ ପହଞ୍ଚିବାରୁ ସେ ତାଙ୍କର ଅଭିଶାପ ଭୟରେ ଉକ୍ତ ସର୍ତ୍ତ ଲଙ୍ଘନ କଲେ । ୯୪

ତେଣୁ ସେ ସରଯୂତୀରକୁ ଯାଇ, ବଡ ଭଇଙ୍କ ପ୍ରତିଜ୍ଞା ରକ୍ଷା କରିବାକୁ ଯୋଗ ବଳରେ ଦେହତ୍ୟାଗ କଲେ । ୯୫

ଲକ୍ଷ୍ମଣ ଥିଲେ ରାମଙ୍କର ଏକ ଚତୁର୍ଥାଂଶ । ସେ ସର୍ବ ପ୍ରଥମେ ସ୍ୱର୍ଗଧାମକୁ ଯାଆନ୍ତେ ତ୍ରିପାଦ ଧର୍ମ ପରି ପୃଥିବୀରେ ରାମଙ୍କର ସ୍ଥିତି ଶିଥିଳ ହୋଇଗଲ । (ସତ୍ୟଯୁଗରେ ଧର୍ମଙ୍କର ଗ୍ଭରିପାଦ, ତ୍ରେତାରେ ତିନି, ଦ୍ୱାପରରେ ଦୁଇ ଏବଂ କଳିରେ ଏକ ।) ୯୬

ରାମଚନ୍ଦ୍ର ଶତ୍ରୁହନ୍ତା କୁଶକୁ କୁଶାବତୀ ନଗରୀରେ ଏବଂ ସ୍ନିଗ୍ଧମଧୁରଭଷୀ ଲବକୁ ଶରବତୀ ନଗରୀରେ ଅଭିଷିକ୍ତ କଲେ । ୯୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उदक् प्रतस्थे स्थिरधीः सानुजोऽग्निपुरःसरः ।
अन्वितः पतिवात्सल्याद् गृहवर्जमयोध्यया ।।९८
ଉଦକ୍ ପ୍ରତସ୍ଥେ ସ୍ଥିରଧୀଃ ସାନୁଜୋଽଗ୍ନିପୁରଃସରଃ ।
ଅନ୍ୱିତଃ ପତିବାତ୍ସଲ୍ୟାଦ୍ ଗୃହବର୍ଜମଯୋଧ୍ୟୟା ।।୯୮

जगृहुस्तस्य चित्तज्ञाः पदवीं हरिराक्षसाः ।
कदम्बमुकुलस्थूलैरभिवृष्टां प्रजाश्रुभिः ।।९९
ଜଗୃହୁସ୍ତସ୍ୟ ଚିତ୍ତଜ୍ଞାଃ ପଦବୀଂ ହରିରକ୍ଷସାଃ ।
କଦମ୍ବମୁକୁଳସ୍ଥୂଳୈରଭିବୃଷ୍ଟାଂ ପ୍ରଜାଶ୍ରୁଭିଃ ।।୯୯

उपस्थितविमानेन तेन भक्तानुकम्पिना ।
चक्रे त्रिदिवनिःश्रेणिः सरयूरनुयायिनाम् ।।१००
ଉପସ୍ଥିତବିମାନେନ ତେନ ଭକ୍ତାନୁକମ୍ପିନା ।
ଚକ୍ରେ ତ୍ରିଦିବନିଃଶ୍ରେଣିଃ ସରଯୂରନୁଯାୟିନାମ୍ ।।୧୦୦

यद् गोप्रतरकल्पोऽभूत् संमर्दस्तत्र मज्जताम् ।
अतस्तदाख्यया तीर्थं पावनं भुवि पप्रथे ।।१०१
ଯଦ୍ ଗୋପ୍ରତରକଳ୍ପୋଽଭୂତ୍ ସଂମର୍ଦ୍ଦସ୍ତତ୍ର ମଜ୍ଜତାମ୍ ।
ଅତସ୍ତଦାଖ୍ୟୟା ତୀର୍ଥଂ ପାବନଂ ଭୁବି ପପ୍ରଥେ ।।୧୦୧

स विभुर्विबुधांशेषु प्रतिपन्नात्ममूर्तिषु ।
त्रिदशीभूतपौराणां स्वर्गान्तरमकल्पयत् ।।१०२
ସ ବିଭୁର୍ବିବୁଧାଂଶେଷୁ ପ୍ରତିପନ୍ନାତ୍ମମୂର୍ତ୍ତିଷୁ ।
ତ୍ରିଦଶୀଭୂତପୌରାଣାଂ ସ୍ୱର୍ଗାନ୍ତରମକଳ୍ପୟତ୍ ।।୧୦୨

ନିର୍ବର୍ତ୍ତ୍ୟୈବଂ ଦଶମୁଖଶିରଶ୍ଛେଦକାର୍ଯ୍ୟଂ ସୁରାଣାଂ
ବିଷ୍ୱକ୍‌ସେନଃ ସ୍ୱତନୁମବିଶତ୍ ସର୍ବଲୋକପ୍ରତିଷ୍ଠାମ୍ ।
ଲଙ୍କାନାଥଂ ପବନତନୟଂ ଚୋଭୟଂ ସ୍ଥାପୟିତ୍ୱା
କୀର୍ତ୍ତିସ୍ତମ୍ଭଦ୍ୱୟମିବ ଗିରୌ ଦକ୍ଷିଣେ ଚୋତ୍ତରେ ଚ ।।୧୦୩

इति श्रीमहाकविकालिदासकृतौ रघुवंशे महाकाव्ये
श्रीरामस्वर्गारोहणो नाम पञ्चदशः सर्गः ।।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ଅଗ୍ନିଙ୍କୁ ଆଗେ ଆଗେ ରଖି ସ୍ଥିର ମନରେ ଭାଇମାନଙ୍କ ସହିତ ଉତ୍ତର ଦିଗକୁ ଯାତ୍ରା କଲେ । ଅଯୋଧ୍ୟାପତି ରାମଚନ୍ଦ୍ରଙ୍କ ପ୍ରତି ପ୍ରଗାଢ଼ ସ୍ନେହ ବଶତଃ ସମଗ୍ର ଅଯୋଧ୍ୟାବାସୀ ତାଙ୍କର ଅନୁଗମନ କଲେ । କେବଳ ଶୂନ୍ୟ ଗୃହଗୁଡ଼ିକ ପଡ଼ି ରହିଲା । ୯୮

ପ୍ରଜାମାନଙ୍କର ଚକ୍ଷୁରୁ କଦମ୍ବ କଢ଼ି ଭଳି ବଡ଼ ବଡ଼ ଅଶ୍ରୁ ବିନ୍ଦୁ ଝରି ରାମଚନ୍ଦ୍ରଙ୍କର ଗମନପଥକୁ ଆର୍ଦ୍ର କରିଦେଲା । ତାଙ୍କର ମନ ଜାଣିଥିବା ଭକ୍ତ ବାନର ତଥା ରାକ୍ଷସଗଣ ସେହି ପଥରେ ତାଙ୍କର ଅନୁଗମନ କଲେ । ୯୯

ବିମାନ ଉପସ୍ଥିତ ହୁଅନ୍ତେ ରାମଚନ୍ଦ୍ର ସେଥିରେ ଆରୋହଣ କଲେ ଏବଂ ତାଙ୍କ ପଛେ ପଛେ ଯେଉଁମାନେ ଯାଉଥିଲେ, ସେମାନଙ୍କ ପାଇଁ ସରଯୂ ନଦୀକୁ ସ୍ୱର୍ଗ-ସୋପାନ କରିଦେଲେ । ୧୦୦

ରାମଙ୍କ ଅନୁଗାମୀ ଲୋକମାନେ ସରଯୂ ନଦୀରେ ନିମଗ୍ନ ହେବାକୁ ଗଲାବେଳେ ଗୋରୁମାନେ ପହଁରିଲା ଭଳି ଭିଡ଼ ହେଲା । ତେଣୁ ସେହି ସ୍ଥାନ ପବିତ୍ର 'ଗୋପ୍ରତର' ତୀର୍ଥ ନାମରେ ପ୍ରସିଦ୍ଧି ଲାଭ କଲା । ୧୦୧

ଯେଉଁମାନେ (ସୁଗ୍ରୀବ ପ୍ରଭୃତି) ଥିଲେ ଦେବ - ଅଂଶୀ, ସେମାନେ ସେମାନଙ୍କର ଦେବ ରୂପ ଗ୍ରହଣ କଲେ । କିନ୍ତୁ ଯେଉଁ ଅଯୋଧ୍ୟାବାସୀ-ମାନେ ନୂଆ ହୋଇ ଦେବତା ହେଲେ, ସର୍ବଶକ୍ତିମାନ୍ ରାମଚନ୍ଦ୍ର ସେମାନଙ୍କ ପାଇଁ ଆଉ ଏକ ସ୍ୱର୍ଗ ନିର୍ମାଣ କଲେ । ୧୦୨

ଏହିପରି ଭାବରେ ଭଗବାନ୍ ବିଷ୍ଣୁ ରାବଣବଧ ରୂପକ ଦେବକାର୍ଯ୍ୟ ସମାପ୍ତ କରି, ଲଙ୍କାରାଜ ବିଭୀଷଣଙ୍କୁ ଦକ୍ଷିଣ ପର୍ବତରେ (ଚିତ୍ରକୂଟରେ) ଏବଂ ହନୁମାନ୍‌ଙ୍କୁ ଉତ୍ତର ପର୍ବତରେ (ହିମାଳୟରେ) ଯୋଡ଼ିଏ କୀର୍ତ୍ତିସ୍ତମ୍ଭ ଭଳି ଅବସ୍ଥାପିତ କରି ସମସ୍ତ ଜଗତର ଆଶ୍ରୟସ୍ଥଳ ନିଜ ଶରୀରରେ ପ୍ରବେଶ କଲେ । ୧୦୩

●

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

षोडशः सर्गः

अथेतरे सप्त रघुप्रवीरा ज्येष्ठं पुरोजन्मतया गुणैश्च ।
चक्रुः कुशं रत्नविशेषभाजं सौभ्रात्रमेषां हि कुलानुसारि ॥१
ଅଥେତରେ ସପ୍ତ ରଘୁପ୍ରବୀର ଜ୍ୟେଷ୍ଠଂ ପୁରୋଜନ୍ମତୟା ଗୁଣୈଶ୍ଚ ।
ଚକ୍ରୁଃ କୁଶଂ ରତ୍ନବିଶେଷଭଜଂ ସୌଭ୍ରାତ୍ରମେଷାଂ ହି କୁଳାନୁସାରି ॥୧

ते सेतुवार्त्तागजबन्धमुख्यैरभ्युच्छ्रिताः कर्मभिरप्यवन्ध्यैः ।
अन्योन्यदेशप्रविभागसीमां वेलां समुद्रा इव न व्यतीयुः ॥२
ତେ ସେତୁବାର୍ତ୍ତାଗଜବନ୍ଧମୁଖ୍ୟୈରଭ୍ୟୁଚ୍ଛ୍ରିତାଃ କର୍ମଭିରପ୍ୟବନ୍ଧ୍ୟୈଃ ।
ଅନ୍ୟୋନ୍ୟଦେଶପ୍ରବିଭଗସୀମାଂ ବେଳାଂ ସମୁଦ୍ରା ଇବ ନ ବ୍ୟତୀୟୁଃ ॥୨

चतुर्भुजांशप्रभवः स तेषां दानप्रवृत्तेरनुपारतानाम् ।
सुरद्विपानामिव सामयोनिर्भिन्नोऽष्टधा विप्रससार वंशः ॥३
ଚତୁର୍ଭୁଜାଂଶପ୍ରଭବଃ ସ ତେଷାଂ ଦାନପ୍ରବୃତ୍ତେରନୁପାରତାନାମ୍ ।
ସୁରଦ୍ୱିପାନାମିବ ସାମଯୋନିର୍ଭିନ୍ନୋଽଷ୍ଟଧା ବିପ୍ରସସାର ବଂଶଃ ॥୩

अथार्धरात्रे स्तिमितप्रदीपे शय्यागृहे सुप्तजने प्रबुद्धः ।
कुशः प्रवासस्थकलत्रवेषामदृष्टपूर्वां वनितामपश्यत् ॥४
ଅଥାର୍ଧରାତ୍ରେ ସ୍ତିମିତପ୍ରଦୀପେ ଶଯ୍ୟାଗୃହେ ସୁପ୍ତଜନେ ପ୍ରବୁଦ୍ଧଃ ।
କୁଶଃ ପ୍ରବାସସ୍ଥକଳତ୍ରବେଷାମଦୃଷ୍ଟପୂର୍ବାଂ ବନିତାମପଶ୍ୟତ୍ ॥୪

सा साधुसाधारणपार्थिवर्द्धेः स्थित्वा पुरस्तात् पुरुहूतभासः ।
जेतुः परेषां जयशब्दपूर्वं तस्याञ्जलिं बन्धुमतो बबन्ध ॥५
ସା ସାଧୁସାଧାରଣପାର୍ଥିବର୍ଦ୍ଧେଃ ସ୍ଥିତ୍ୱା ପୁରସ୍ତାତ୍ ପୁରୁହୂତଭାସଃ ।
ଜେତୁଃ ପରେଷାଂ ଜୟଶବ୍ଦପୂର୍ବଂ ତସ୍ୟାଞ୍ଜଳିଂ ବନ୍ଧୁମତୋ ବବନ୍ଧ ॥୫

अथानपोढार्गलमप्यागारं छायामिवादर्शतलं प्रविष्टाम् ।
सविस्मयो दाशरथेस्तनूजः प्रोवाच पूर्वार्धविसृष्टतल्पः ॥६
ଅଥାନପୋଢାର୍ଗଳମପ୍ୟଗାରଂ ଛାୟାମିବାଦର୍ଶତଳଂ ପ୍ରବିଷ୍ଟାମ୍ ।
ସବିସ୍ମୟୋ ଦାଶରଥେସ୍ତନୂଜଃ ପ୍ରୋବାଚ ପୂର୍ବାର୍ଧବିସୃଷ୍ଟତଳ୍ପଃ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଷୋଡଶ ସର୍ଗ

ତା'ପରେ, କୁଶ ବୟସ ତଥା ଗୁଣରେ ବଡ଼ ଥିବାରୁ ରଘୁକୁଳର ଅନ୍ୟ ସାତ ବୀର ତାଙ୍କୁ ଉତ୍କୃଷ୍ଟ ରତ୍ନରାଜି ଉପହାର ଦେଇ ପୂଜା କଲେ । କାରଣ,ଭାଇ-ମାନଙ୍କ ମଧ୍ୟରେ ସଦ୍‌ଭାବ ସେହି କୁଳର ବୈଶିଷ୍ଟ୍ୟ ଥିଲା । (ରାମଙ୍କର ଦୁଇପୁତ୍ର କୁଶ ଓ ଲବ, ଭରତଙ୍କର ଦୁଇପୁତ୍ର ତକ୍ଷ ଓ ପୁଷ୍କଳ, ଲକ୍ଷ୍ମଣଙ୍କର ଦୁଇପୁତ୍ର ଅଙ୍ଗଦ ଓ ଚନ୍ଦ୍ରକେତୁ, ଶତ୍ରୁଘ୍ନଙ୍କର ଦୁଇପୁତ୍ର ସୁବାହୁ ଓ ବହୁଶ୍ରୁତ ।) ୧

ନଦୀବନ୍ଧ ନିର୍ମାଣ, କୃଷି, ପଶୁପାଳନ, ହାତୀ ଧରା ପ୍ରଭୃତି ହିତକର କାର୍ଯ୍ୟମାନ ସାଧନ କରି ସେମାନେ ସମସ୍ତେ ଅଭ୍ୟୁଦୟ ଲାଭ କଲେ । କିନ୍ତୁ ସମୁଦ୍ର ଯେପରି କୂଳ ଲଙ୍ଘନ କରେ ନାହିଁ, ସମସ୍ତେ ସେହିପରି କେହି କାହାରି ରାଜ୍ୟ ସୀମା ଲଙ୍ଘନ କଲେ ନାହିଁ । ୨

ମଦଜଳସ୍ରାବୀ ଦିଗ୍‌ଗଜମାନଙ୍କର ବଂଶ ଯେପରି ସାମବେଦରୁ ଉତ୍ପନ୍ନ ହୋଇ ଆଠ ଭାଗରେ ବିଭକ୍ତ ହୋଇଥିଲା, ସେହିପରି କୁଶ ପ୍ରଭୃତି ମହା-ଦାନୀ ଭାଇମାନଙ୍କର ବଂଶ ରାମଚନ୍ଦ୍ର ରୂପୀ ବିଷ୍ଣୁଙ୍କଠାରୁ ଉତ୍ପନ୍ନ ହୋଇ ଆଠ ଭାଗରେ ବୃଦ୍ଧିପାଇବାରେ ଲାଗିଲା । (ପାଳକପ୍ୟ ଗଜଶାସ୍ତ୍ରରେ ବର୍ଣ୍ଣିତ ଅଛି—ବ୍ରହ୍ମା ସୂର୍ଯ୍ୟଙ୍କର ଅଣ୍ଡ ଓ କପାଳ ଦୁଇଟି ଆଣି ଦୁଇ ହାତରେ ଧରି ସାମବେଦ ମନ୍ତ୍ର ଗାନ କରନ୍ତେ ଦିଗ୍‌ଗଜମାନେ ଉତ୍ପନ୍ନ ହେଲେ ।) ୩

ଏକଦା ଅର୍ଦ୍ଧରାତ୍ରି ସମୟରେ କୁଶ ତାଙ୍କର ଶୟନଗୃହରେ ଚେଇଁ ଶୋଇଥାନ୍ତି । ଦୀପ ମିଞ୍ଜି ମିଞ୍ଜି ଜଳୁଥାଏ । ରାଜପ୍ରାସାଦର ସମସ୍ତ ଲୋକ ଶୋଇ ସାରିଥାଆନ୍ତି । ଏହି ସମୟରେ ସେ ନିଜ ଗୃହରେ ଏକ ଅଦୃଷ୍ଟପୂର୍ବା ନାରୀ ଆବିର୍ଭୂତା ହେବାର ଦେଖିଲେ । ଉକ୍ତ ନାରୀ ପ୍ରୋଷିତ-ଭର୍ତ୍ତୃକା ପରି ବେଶ ଧାରଣ କରିଥିଲେ । (ପ୍ରୋଷିତଭର୍ତ୍ତୃକା – ଯେଉଁ ସ୍ତ୍ରୀର ସ୍ୱାମୀ ପ୍ରବାସରେ ଥାଆନ୍ତି ।) ୪

ସଜ୍ଜନ ମାନଙ୍କର ସହାୟକ, ଇନ୍ଦ୍ରଙ୍କ ସମାନ ତେଜସ୍ୱୀ, ଶତ୍ରୁମାନଙ୍କର ବିଜେତା ତଥା ବନ୍ଧୁମାନ୍ ରାଜା କୁଶଙ୍କର ଜୟ ଶବ୍ଦ ଉଚ୍ଚାରଣ କରି ସେହି ନାରୀ କୃତାଞ୍ଜଳିପୁଟରେ ତାଙ୍କ ସମ୍ମୁଖରେ ଠିଆ ହେଲେ । ୫

ଦର୍ପଣର ଆବରଣ ଭେଦ କରି ଛାୟା ଯେପରି ଦର୍ପଣ ଭିତରକୁ ପ୍ରବେଶ କରେ, ଦ୍ୱାରରେ ଅର୍ଗଳ ଭିଡ଼ା ହୋଇଥିଲେ ମଧ୍ୟ ଉକ୍ତ ନାରୀ ସେହିପରି ଗୃହ ମଧ୍ୟରେ ପ୍ରବେଶ କରିଥିଲେ । ତାଙ୍କୁ ଦେଖି କୁଶ ଆଶ୍ଚର୍ଯ୍ୟରେ ବିଛଣାରୁ ଅଧା ଉଠିପଡ଼ିଲେ ଏବଂ କହିଲେ— ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

लब्धान्तरा सावरणेऽपि गेहे योगप्रभावो न च लक्ष्यते ते ।
बिभर्षि चाकारमनिर्वृतानां मृणालिनी हैममिवोपरागम् ॥७
ଲବ୍ଧାନ୍ତରା ସାବରଣେଽପି ଗେହେ ଯୋଗପ୍ରଭାବୋ ନ ଚ ଲକ୍ଷ୍ୟତେ ତେ ।
ବିଭର୍ଷି ଚାକାରମନିର୍ବୃତାନାଂ ମୃଣାଳିନୀ ହୈମମିବୋପରାଗମ୍ ॥୭

का त्वं शुभे कस्य परिग्रहो वा किंवा मदभ्यागमकारणं ते ।
आचक्ष्व मत्वा वशिनां रघूणां मनः परस्त्रीविमुखप्रवृत्ति ॥८
କା ତ୍ୱଂ ଶୁଭେ କସ୍ୟ ପରିଗ୍ରହୋ ବା କିମ୍ବା ମଦଭ୍ୟାଗମକାରଣଂ ତେ ।
ଆଚକ୍ଷ୍ୱ ମତ୍ୱା ବଶିନାଂ ରଘୂଣାଂ ମନଃ ପରସ୍ତ୍ରୀବିମୁଖପ୍ରବୃତ୍ତି ॥୮

तमब्रवीत् सा गुरुणानवद्या या नीतपौरा स्वपदोन्मुखेन ।
तस्याः पुरः संप्रति वीतनाथां जानीहि राजन्नधिदेवतां माम् ॥९
ତମବ୍ରବୀତ୍ ସା ଗୁରୁଣାନବଦ୍ୟା ଯା ନୀତପୌରା ସ୍ୱପଦୋନ୍ମୁଖେନ ।
ତସ୍ୟାଃ ପୁରଃ ସଂପ୍ରତି ବୀତନାଥାଂ ଜାନୀହି ରାଜନ୍ନଧିଦେବତାଂ ମାମ୍ ॥୯

वस्वौकसारामभिभूय साहं सौराज्यबद्धोत्सवया विभूत्या ।
समग्रशक्तौ त्वयि सूर्यवंश्ये सति प्रपन्ना करुणामवस्थाम् ॥१०
ବସ୍ୱୌକସାରାମଭିଭୂୟ ସାହଂ ସୌରାଜ୍ୟବଦ୍ଧୋତ୍ସବୟା ବିଭୂତ୍ୟା ।
ସମଗ୍ରଶକ୍ତୌ ତ୍ୱୟି ସୂର୍ଯ୍ୟବଂଶ୍ୟେ ସତି ପ୍ରପନ୍ନା କରୁଣାମବସ୍ଥାମ୍ ॥୧୦

विशीर्णतल्पाट्टशतो निवेशः पर्यस्तशालः प्रभुणा विना मे ।
विडम्बयत्यस्तनिमग्नसूर्यं दिनान्तमुग्रानिलभिन्नमेघम् ॥११
ବିଶୀର୍ଣ୍ଣତଳ୍ପାଟ୍ଟଶତୋ ନିବେଶଃ ପର୍ଯ୍ୟସ୍ତଶାଳଃ ପ୍ରଭୁଣା ବିନା ମେ ।
ବିଡମ୍ବୟତ୍ୟସ୍ତନିମଗ୍ନସୂର୍ଯ୍ୟଂ ଦିନାନ୍ତମୁଗ୍ରାନିଳଭିନ୍ନମେଘମ୍ ॥୧୧

निशासु भास्वत्कलनूपुराणां यः संचरोऽभूदभिसारिकाणाम् ।
नदन्मुखोल्काविचितामिषाभिः स वाह्यते राजपथः शिवाभिः ॥१२
ନିଶାସୁ ଭାସ୍ୱତ୍କଳନୂପୁରାଣାଂ ଯଃ ସଂଚରୋଽଭୂଦଭିସାରିକାଣାମ୍ ।
ନଦନ୍ମୁଖୋଲ୍କାବିଚିତାମିଷାଭିଃ ସ ବାହ୍ୟତେ ରାଜପଥଃ ଶିବାଭିଃ ॥୧୨

आस्फालितं यत् प्रमदाकराग्रैर्मृदङ्गधीरध्वनिमन्वगच्छत् ।
वन्यैरिदानीं महिषैस्तदम्भः शृङ्गाहतं क्रोशति दीर्घिकाणाम् ॥१३
ଆସ୍ଫାଳିତଂ ଯତ୍ ପ୍ରମଦାକରାଗ୍ରୈର୍ମୃଦଙ୍ଗଧୀରଧ୍ୱନିମନ୍ୱଗଚ୍ଛତ୍ ।
ବନ୍ୟୈରିଦାନୀଂ ମହିଷୈସ୍ତଦମ୍ଭଃ ଶୃଙ୍ଗାହତଂ କ୍ରୋଶତି ଦୀର୍ଘିକାଣାମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

" ଗୋ କଲ୍ୟାଣୀ, ଦ୍ୱାର ରୁଦ୍ଧ ହୋଇଥିଲେ ମଧ୍ୟ ତୁମେ ଏ ଗୃହରେ ପ୍ରବେଶ କରିଛ । କିନ୍ତୁ ତୁମର ଯୋଗପ୍ରଭବ ଥିଲା ଭଳି ଜଣାପଡୁନାହିଁ । କାରଣ, ହିମ ଉପଦ୍ରବରେ ପଦ୍ମିନୀର ଅବସ୍ଥା ଯେପରି ଶୋଚନୀୟ ହୋଇଥାଏ, ତୁମର ଅବସ୍ଥା ସେହିପରି ଶୋଚନୀୟ ଦେଖାଯାଉଅଛି । ୭

ତୁମେ କିଏ ? କାହାର ସ୍ତ୍ରୀ ? ମୋର ପାଖକୁ ଆସିବାର ପ୍ରୟୋଜନ କ'ଣ ? ରଘୁକୁଳ - ରଜାମାନଙ୍କର ମନ ପରସ୍ତ୍ରୀ ପ୍ରତି ଅନାସକ୍ତ । ତେଣୁ ତୁମେ ସବୁ କଥା ପ୍ରକାଶ କର ।" ୮

ନାରୀମୂର୍ତ୍ତି କହିଲେ—"ରଜନ୍, ଆପଣଙ୍କର ପିତା ନିଜସ୍ଥାନକୁ (ବୈକୁଣ୍ଠଧାମକୁ) ଗଲାବେଳେ ଯାହାର ଅଧିବାସୀମାନଙ୍କୁ ସଙ୍ଗରେ ଘେନି ଯାଇଛନ୍ତି, ମୁଁ ସେହି ଅଯୋଧ୍ୟାପୁରୀର ଅଧିଷ୍ଠାତ୍ରୀ ଦେବୀ । ବର୍ତ୍ତମାନ ମୁଁ ଅନାଥା । ୯

ଦିନ ଥିଲା, ଯେତେବେଳେ ସୁଶାସକ ରଜାମାନଙ୍କ ରଜତ୍ୱରେ ମୋର ବାସସ୍ଥାନ ଧନ ସମ୍ପଦରେ ପରିପୂର୍ଣ୍ଣ ରହିଥିଲା ଏବଂ ସେଥିରେ ଆନନ୍ଦ ଉତ୍ସବ ଲାଗି ରହିଥିଲା । କିନ୍ତୁ ଆପଣଙ୍କ ପରି ଶକ୍ତିଶାଳୀ ସୂର୍ଯ୍ୟବଂଶୀ ରଜା ଥାଉଁଥାଉଁ ମୋର ଅବସ୍ଥା ଏପରି ଶୋଚନୀୟ ହେଲାଣି । ୧୦

ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିନା ମୋର ବସତି ଛାରଖାର ହୋଇଗଲାଣି । ଶତ ଶତ ଅଟ୍ଟାଳିକା ଓ ପ୍ରାଚୀର ଭାଙ୍ଗି ତୁଟି ଗଲାଣି । ତେଣୁ ସୂର୍ଯ୍ୟ ଅସ୍ତ ହୋଇଯିବା ଫଳରେ ଏବଂ ପ୍ରବଳ ବାୟୁଦ୍ୱାରା ମେଘ ଛିନ୍ନଛତ୍ର ହୋଇଯିବା ଫଳରେ ସନ୍ଧ୍ୟାକାଳର ଯେପରି ଅବସ୍ଥା ହୁଏ, ଅଯୋଧ୍ୟାର ଅବସ୍ଥା ସେହିପରି ହେଲାଣି । ୧୧

ଯେଉଁ ରଜପଥରେ ରାତ୍ରିରେ ଅଭିସାରିକାମାନଙ୍କର ସୁନ୍ଦର ନୂପୁର ମଧୁର ଧ୍ୱନି କରୁଥିଲା, ବର୍ତ୍ତମାନ ସେଥିରେ ଉଲ୍‌କାମୁଖୀ ଶୃଗାଳୀମାନେ ବିଚରଣ କରୁଛନ୍ତି ଏବଂ ନିଜ ମୁଖ-ଆଲୋକରେ ଖାଦ୍ୟ ଖୋଜୁଛନ୍ତି । ୧୨

ଯେଉଁ ଗୃହ-ସରୋବରମାନଙ୍କର ଜଳ ପ୍ରମଦାମାନଙ୍କ ହସ୍ତରେ ଆଲୋଡ଼ିତ ହୋଇ ମୃଦଙ୍ଗ ପରି ମଧୁର ଧ୍ୱନି କରୁଥିଲା, ବର୍ତ୍ତମାନ ତାହା ବନ୍ୟ ମହିଷମାନଙ୍କର ଶିଙ୍ଗରେ ଆହତ ହୋଇ କାନ୍ଦୁଛି । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वृक्षेशया यष्टिनिवासभङ्गान्मृदङ्गशब्दापगमादलास्याः ।
प्राप्ता दवोल्काहतशेषबर्हाः क्रीडामयूरा वनबर्हिणत्वम् ॥१४
ବୃକ୍ଷେଶୟା ଯଷ୍ଟିନିବାସଭଙ୍ଗାନ୍ମୃଦଙ୍ଗଶବ୍ଦାପଗମାଦଲାସ୍ୟାଃ ।
ପ୍ରାପ୍ତା ଦବୋଲ୍କାହତଶେଷବର୍ହାଃ କ୍ରୀଡାମୟୂରା ବନବର୍ହିଣତ୍ୱମ୍ ॥୧୪

सोपानमार्गेषु च येषु रामा निक्षिप्तवत्यश्चरणान् सरागान् ।
सद्यो हतन्यङ्कुभिरस्रदिग्धं व्याघ्रैः पदं तेषु निधीयते मे ॥१५
ସୋପାନମାର୍ଗେଷୁ ଚ ଯେଷୁ ରାମା ନିକ୍ଷିପ୍ତବତ୍ୟଶ୍ଚରଣାନ୍ ସରାଗାନ୍ ।
ସଦ୍ୟୋ ହତନ୍ୟଙ୍କୁଭିରସ୍ରଦିଗ୍ଧଂ ବ୍ୟାଘ୍ରୈଃ ପଦଂ ତେଷୁ ନିଧୀୟତେ ମେ ॥୧୫

चित्रद्विपाः पद्मवनावतीर्णाः करेणुभिर्दत्तमृणालभङ्गाः ।
नखाङ्कुशाघातविभिन्नकुम्भाः संरब्धसिंहप्रहृतं वहन्ति ॥१६
ଚିତ୍ରଦ୍ୱିପାଃ ପଦ୍ମବନାବତୀର୍ଣ୍ଣାଃ କରେଣୁଭିର୍ଦତ୍ତମୃଣାଳଭଙ୍ଗାଃ ।
ନଖାଙ୍କୁଶାଘାତବିଭିନ୍ନକୁମ୍ଭାଃ ସଂରବ୍ଧସିଂହପ୍ରହୃତଂ ବହନ୍ତି ॥୧୬

स्तम्भेषु योषित्प्रतियातनानामुत्क्रान्तवर्णक्रमधूसराणाम् ।
स्तनोत्तरीयाणि भवन्ति सङ्गान्निर्मोकपट्टाः फणिभिर्विमुक्ताः ॥१७
ସ୍ତମ୍ଭେଷୁ ଯୋଷିତ୍ପ୍ରତିଯାତନାନାମୁତ୍କ୍ରାନ୍ତବର୍ଣ୍ଣକ୍ରମଧୂସରାଣାମ୍ ।
ସ୍ତନୋତ୍ତରୀୟାଣି ଭବନ୍ତି ସଙ୍ଗାନ୍ନିର୍ମୋକପଟ୍ଟାଃ ଫଣିଭିର୍ବିମୁକ୍ତାଃ ॥୧୭

कालान्तरश्यामसुधेषु नक्तमितस्ततो रूढतृणाङ्कुरेषु ।
त एव मुक्तागुणशुद्धयोऽपि हर्म्येषु मूर्च्छन्ति न चन्द्रपादाः ॥१८
କାଳାନ୍ତରଶ୍ୟାମସୁଧେଷୁ ନକ୍ତମିତସ୍ତତୋ ରୂଢତୃଣାଙ୍କୁରେଷୁ ।
ତ ଏବ ମୁକ୍ତାଗୁଣଶୁଦ୍ଧୟୋଽପି ହର୍ମ୍ୟେଷୁ ମୂର୍ଚ୍ଛନ୍ତି ନ ଚନ୍ଦ୍ରପାଦାଃ ॥୧୮

आवर्ज्य शाखाः सदयं च यासां पुष्पाण्युपात्तानि विलासिनीभिः ।
वन्यैः पुलिन्दैरिव वानरैस्ताः क्लिश्यन्त उद्यानलता मदीयाः ॥१९
ଆବର୍ଜ୍ୟ ଶାଖାଃ ସଦୟଂ ଚ ଯାସାଂ ପୁଷ୍ପାଣ୍ୟୁପାତ୍ତାନି ବିଳାସିନୀଭିଃ ।
ବନ୍ୟୈଃ ପୁଲିନ୍ଦୈରିବ ବାନରୈସ୍ତାଃ କ୍ଲିଶ୍ୟନ୍ତ ଉଦ୍ୟାନଲତା ମଦୀୟାଃ ॥୧୯

रात्रावनाविष्कृतदीपभासः कान्तामुखश्रीवियुता दिवापि ।
तिरस्क्रियन्ते कृमितन्तुजालैर्विच्छिन्नधूपप्रसरा गवाक्षाः ॥२०
ରାତ୍ରାବନାବିଷ୍କୃତଦୀପଭାସଃ କାନ୍ତାମୁଖଶ୍ରୀବିୟୁତା ଦିବାପି ।
ତିରସ୍କ୍ରିୟନ୍ତେ କୃମିତନ୍ତୁଜାଲୈର୍ବିଚ୍ଛିନ୍ନଧୂପପ୍ରସରା ଗବାକ୍ଷାଃ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କ୍ରୀଡ଼ା-ମୟୂରମାନଙ୍କର ଯଷ୍ଟିନିର୍ମିତ ବାସସ୍ଥାନ ଭଙ୍ଗିଯିବାରୁ ସେମାନେ ବୃକ୍ଷରେ ଆଶ୍ରୟ ନେଉଛନ୍ତି । ମୃଦଙ୍ଗ ଶବ୍ଦର ଅଭାବରେ ସେମାନେ ନୃତ୍ୟ ଛାଡ଼ି ଦେଲେଣି । ବନାଗ୍ନିରେ ସେମାନଙ୍କର ପୁଚ୍ଛ ଜଳିଯାଇ ଅଳ୍ପମାତ୍ର ରହିଛି । ତେଣୁ କ୍ରୀଡ଼ାମୟୂରମାନେ ବର୍ତ୍ତମାନ ବନ୍ୟ ମୟୂର ହୋଇ-ଗଲେଣି । ୧୪

ଯେଉଁ ପାହାଚମାନଙ୍କରେ ରମଣୀମାନଙ୍କର ଅଳକାରଞ୍ଜିତ ପାଦ ପଡୁଥିଲା, ବର୍ତ୍ତମାନ ସେଥିରେ ମୃଗହନ୍ତା ବ୍ୟାଘ୍ରମାନଙ୍କର ସଦ୍ୟ ରକ୍ତ-ରଞ୍ଜିତ ପାଦ ପଡ଼ୁଛି । ୧୫

ହସ୍ତୀମାନେ ପଦ୍ମବନରେ ପଶିଥିବାର ଏବଂ ହସ୍ତିନୀମାନେ ସେ-ମାନଙ୍କୁ ପଦ୍ମନାଡ଼ ଦେଉଥିବାର ଚିତ୍ର ଦେଖି ସିଂହମାନେ କ୍ରୁଦ୍ଧ ହୋଇ-ଯାଉଛନ୍ତି, ଏବଂ ତୀକ୍ଷ୍ଣ ନଖରେ ସେହି ଚିତ୍ରହସ୍ତୀମାନଙ୍କର କୁମ୍ଭସ୍ଥଳକୁ ବିଦୀର୍ଣ୍ଣ କରିଦେଉଛନ୍ତି । ୧୬

ସ୍ତମ୍ଭମାନଙ୍କରେ ନାରୀମୂର୍ତ୍ତିଗୁଡ଼ିକ ରଙ୍ଗ ଅଭାବରେ ମଳିନ ଦିଶିଲେଣି । ସାପମାନେ ସ୍ତମ୍ଭମାନଙ୍କରେ ଗୁଡ଼େଇ ହୋଇ ଯେଉଁ କାତି ଛାଡ଼ୁଛନ୍ତି, ତାହା ସେହି ଚିତ୍ରନାରୀମାନଙ୍କର ସ୍ତନ - ଉତ୍ତରୀ ଭଳି ଦେଖାଯାଉଛି । ୧୭

ବହୁକାଳ ହେଲା ଚୂନ ଲିପା ହୋଇ ନଥିବାରୁ ଅଟ୍ଟାଳିକାଗୁଡ଼ିକ କଳା ପଡ଼ିଗଲାଣି ଏବଂ ସେଗୁଡ଼ିକର ଛାତରେ ଘାସ ଜନ୍ମିଲାଣି । ମୁକ୍ତାଧବଳ ଚନ୍ଦ୍ରକିରଣ ଏବେ ଯଦ୍ୟପି ସେଗୁଡ଼ିକର ଉପରେ ପଡ଼ୁଛି, କିନ୍ତୁ ପୂର୍ବ-ଭଳି ଆଉ ଚିକ୍ ଚିକ୍ ଦିଶୁନାହିଁ । ୧୮

ଯେଉଁ ଉଦ୍ୟାନ-ଲତାଗୁଡ଼ିକର ଶାଖାଗୁଡ଼ିକୁ ବିଳାସିନୀ ନାରୀମାନେ ମଧ୍ୟ ସଦୟ ଭାବରେ ନୁଆଇଁ ଫୁଲ ତୋଳୁଥିଲେ, ବର୍ତ୍ତମାନ ବଣୁଆ ଶବର-ମାନଙ୍କ ପରି ବାନରମାନେ ସେଗୁଡ଼ିକୁ ଛିନ୍ନଭିନ୍ନ କରିଦେଉଛନ୍ତି । ୧୯

ଝରକାଗୁଡ଼ିକରୁ ରାତିରେ ଆଉ ଦୀପ - ଆଲୋକ ବାହାରକୁ ପ୍ରକାଶ-ପାଉନାହିଁ କିମ୍ବା ଦିନରେ ସେଗୁଡ଼ିକ ମଧ୍ୟରୁ ବଧୂମାନଙ୍କର ମୁଖ ଦେଖାଯାଉ ନାହିଁ । କୀଟମାନଙ୍କ ଜାଲରେ ସେଗୁଡ଼ିକ ଏପରି ଆଚ୍ଛାଦିତ ହୋଇଗଲାଣି ଯେ ସେଥିରୁ ଧୂଆଁ ମଧ୍ୟ ବାହାରି ପାରିବ ନାହିଁ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

बलिक्रियावर्जितसैकतानि स्नानीयसंसर्गमनाप्नुवन्ति ।
उपान्तवानीरगृहाणि दृष्ट्वा शून्यानि दूये सरयूजलानि ॥२१
ବଳିକ୍ରିୟାବର୍ଜିତସୈକତାନି ସ୍ନାନୀୟସଂସର୍ଗମନାପ୍ନୁବନ୍ତି ।
ଉପାନ୍ତବାନୀରଗୃହାଣି ଦୃଷ୍ଟ୍ୱା ଶୂନ୍ୟାନି ଦୂୟେ ସରଯୂଜଳାନି ॥୨୧

तदर्हसीमां वसतिं विसृज्य मामभ्युपैतुं कुलराजधानीम् ।
हित्वा तनुं कारणमानुषीं तां यथा गुरुस्ते परमात्ममूर्तिम् ॥२२
ତଦର୍ହସୀମାଂ ବିସୃଜ୍ୟ ମାମଭ୍ୟୁପୈତୁଂ କୁଳରାଜଧାନୀମ୍ ।
ହିତ୍ୱା ତନୁଂ କାରଣମାନୁଷୀଂ ତାଂ ଯଥା ଗୁରୁସ୍ତେ ପରମାତ୍ମମୂର୍ତ୍ତିମ୍ ॥୨୨

तथेति तस्याः प्रणयं प्रतीतः प्रत्यग्रहीत् प्राग्रहरो रघूणाम् ।
पूरप्यभिव्यक्तमुखप्रसादा शरीरबन्धेन तिरोबभूव ॥२३
ତଥେତି ତସ୍ୟାଃ ପ୍ରଣୟଂ ପ୍ରତୀତଃ ପ୍ରତ୍ୟଗ୍ରହୀତ୍ ପ୍ରାଗ୍ରହରେ ରଘୂଣାମ୍ ।
ପୂରପ୍ୟଭିବ୍ୟକ୍ତମୁଖପ୍ରସାଦା ଶରୀରବନ୍ଧେନ ତିରୋବଭୂବ ॥୨୩

तदद्भुतं संसदि रात्रिवृत्तं प्रातर्द्विजेभ्यो नृपतिः शशंस ।
श्रुत्वा त एनं कुलराजधान्या साक्षात्पतित्वे वृतमभ्यनन्दन् ॥२४
ତଦଦ୍ଭୁତଂ ସଂସଦି ରାତ୍ରିବୃତ୍ତଂ ପ୍ରାତର୍ଦ୍ୱିଜେଭ୍ୟୋ ନୃପତିଃ ଶଶଂସ ।
ଶ୍ରୁତ୍ୱା ତ ଏନଂ କୁଳରାଜଧାନ୍ୟା ସାକ୍ଷାତ୍ପତିତ୍ୱେ ବୃତମଭ୍ୟନନ୍ଦନ୍ ॥୨୪

कुशावतीं श्रोत्रियसात् स कृत्वा यात्रानुकूलेऽहनि सावरोधः ।
अनुद्रुतो वायुरिवाभ्रवृन्दैः सैन्यैरयोध्याभिमुखः प्रतस्थे ॥२५
କୁଶାବତୀଂ ଶ୍ରୋତ୍ରିୟସାତ୍ ସ କୃତ୍ୱା ଯାତ୍ରାନୁକୂଳେଽହନି ସାବରୋଧଃ ।
ଅନୁଦ୍ରୁତୋ ବାୟୁରିବାଭ୍ରବୃନ୍ଦୈଃ ସୈନ୍ୟୈରଯୋଧ୍ୟାଭିମୁଖଃ ପ୍ରତସ୍ଥେ ॥୨୫

सा केतुमालोपवना बृहद्भिर्विहारशैलानुगतेव नागैः ।
सेना रथोदारगृहा प्रयाणे तस्याभवज्जङ्गमराजधानी ॥२३ ॥२६
ସା କେତୁମାଳୋପବନା ବୃହଦ୍ଭିର୍ବିହାରଶୈଳାନୁଗତେବ ନାଗୈଃ ।
ସେନା ରଥୋଦାରଗୃହା ପ୍ରୟାଣେ ତସ୍ୟାଭବଜ୍ଜଙ୍ଗମରାଜଧାନୀ ॥୨୬

तेनातपत्रामलमण्डलेन प्रस्थापितः पूर्वनिवासभूमिम् ।
बभौ बलौघः शशिनोदितेन वेलामुदन्वानिव नीयमानः ॥२७
ତେନାତପତ୍ରାମଳମଣ୍ଡଳେନ ପ୍ରସ୍ଥାପିତଃ ପୂର୍ବନିବାସଭୂମିମ୍ ।
ବଭୌ ବଳୌଘଃ ଶଶିନୋଦିତେନ ବେଳାମୁଦନ୍ୱାନିବ ନୀୟମାନଃ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସରଯୂର ବାଲୁକାରେ ଆଉ ପୂଜା କାର୍ଯ୍ୟ ହେଉ ନାହିଁ କିମ୍ବା ତାର ଜଳ ଲୋକମାନଙ୍କର ସ୍ନାନ-ଅଙ୍ଗରାଗ ପାଉନାହିଁ । ତୀରବର୍ତ୍ତୀ ବେତସ କୁଞ୍ଜ-ଗୁଡ଼ିକ ମଧ୍ୟ ଶୂନ୍ୟ ପଡ଼ିଛି । ଏ ସବୁ ଦେଖି ମୁଁ ଆଉ ଧୈର୍ଯ୍ୟ ଧରିପାରୁ-ନାହିଁ । ୨୧

ତେଣୁ ହେ ବୀର, ତୁମର ପିତା ଯେପରି ମନୁଷ୍ୟ-ଶରୀର ଛାଡ଼ି ନିଜର ପରମାତ୍ମା-ରୂପ ଗ୍ରହଣ କଲେ, ସେହିପରି ତୁମେ ଏ ସ୍ଥାନ ଛାଡ଼ି ତୁମର କୁଳ ରାଜଧାନୀକୁ ଗ୍ରହଣ କର ।” ୨୨

ରଘୁବଂଶର ପ୍ରଶଂସନୀୟ ରାଜା କୁଶ ‘ତାହା ହେଉ’ ବୋଲି କହି ତାଙ୍କର ଅନୁରୋଧ ରକ୍ଷା କଲେ । ଅଯୋଧ୍ୟା ନଗରୀର ଅଧିଷ୍ଠାତ୍ରୀ ଦେବୀ ମଧ୍ୟ ସୁଖରେ ପ୍ରସନ୍ନତା ପ୍ରକାଶ କରି ଅନ୍ତର୍ହିତା ହୋଇଗଲେ । ୨୩

ସକାଳେ ରାଜା ସଭାରେ ବ୍ରାହ୍ମଣମାନଙ୍କ ଆଗରେ ଅଦ୍ଭୁତ ରାତ୍ରି-ବୃତ୍ତାନ୍ତ ବର୍ଣ୍ଣନା କଲେ । ବ୍ରାହ୍ମଣମାନେ ତାହା ଶୁଣି ସ୍ୱୟଂ କୁଳ-ରାଜଧାନୀର ଅଧିଷ୍ଠାତ୍ରୀ ଦେବୀ ତାଙ୍କୁ ପତିରୂପେ ବରଣ କରିଥିବାରୁ ଅଭିନନ୍ଦନ ଜଣାଇଲେ । ୨୪

ତା’ପରେ କୁଶ ବେଦଜ୍ଞ ବ୍ରାହ୍ମଣମାନଙ୍କୁ କୁଶାବତୀ ନଗରୀ ଦାନ କରି ଦେଇ ସପରିବାର ଅଯୋଧ୍ୟା ଅଭିମୁଖରେ ଯାତ୍ରା କଲେ । ବାୟୁ ସହିତ ମେଘମାଳ ଚାଲିଲା ପରି ତାଙ୍କ ସହିତ ତାଙ୍କର ସୈନ୍ୟବାହିନୀ ମଧ୍ୟ ଚାଲିଲେ । ୨୫

ସେତେବେଳେ ସୈନ୍ୟବାହିନୀ ହେଲା ତାଙ୍କର ଗତିଶୀଳ ରାଜଧାନୀ । ସେଥିରେ ମାଳ ମାଳ ପତାକା ହେଲା ଉପବନ, ବିରାଟକାୟ ହସ୍ତୀମାନେ ହେଲେ କ୍ରୀଡ଼ାପର୍ବତ ଏବଂ ରଥଗୁଡ଼ିକ ସୁନ୍ଦର ସୁନ୍ଦର ଗୃହ । ୨୬

ଚନ୍ଦ୍ର ଯେତେବେଳେ ଶ୍ୱେତଛତ୍ରତୁଲ୍ୟ ନିର୍ମଳ ମଣ୍ଡଳ ମଧ୍ୟରେ ଥାଇ ସମୁଦ୍ରକୁ କୂଳ ପର୍ଯ୍ୟନ୍ତ ଘେନି ଯାଆନ୍ତି, ସେତେବେଳେ ସମୁଦ୍ର ଯେପରି ଶୋଭା ପାଏ, ଶ୍ୱେତ-ରାଜଛତ୍ର-ମଣ୍ଡିତ କୁଶ ତାଙ୍କର ସୈନ୍ୟବାହିନୀକୁ ମୂଳ ରାଜଧାନୀ ଅଯୋଧ୍ୟା ନଗରୀକୁ ଘେନିଯାଉଥିବା ବେଳେ ସୈନ୍ୟବାହିନୀ ସେହିପରି ଶୋଭା ପାଇଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्य प्रयातस्य वरूथिनीनां पीडामपर्याप्तवतीव सोढुम् ।
वसुन्धरा विष्णुपदं द्वितीयमध्यारुरोहेव रजश्छलेन ॥२८
ତସ୍ୟ ପ୍ରୟାତସ୍ୟ ବରୂଥିନୀନାଂ ପୀଡାମପର୍ଯ୍ୟାପ୍ତବତୀବ ସୋଢୁମ୍ ।
ବସୁନ୍ଧରା ବିଷ୍ଣୁପଦଂ ଦ୍ୱିତୀୟମଧ୍ୟାରୁରୋହେବ ରଜଶ୍ଛଳେନ ॥୨୮

उद्यच्छमाना गमनाय पश्चात् पुरो निवेशे पथि च व्रजन्ती ।
सा यत्र सेना ददृशे नृपस्य तत्रैव सामग्र्यमतिं चकार ॥२६
ଉଦ୍ୟଚ୍ଛମାନା ଗମନାୟ ପଶ୍ଚାତ୍ ପୁରେ ନିବେଶେ ପଥି ଚ ବ୍ରଜନ୍ତୀ ।
ସା ଯତ୍ର ସେନା ଦଦୃଶେ ନୃପସ୍ୟ ତତ୍ରୈବ ସାମଗ୍ର୍ୟମତିଂ ଚକାର ॥୨୯

तस्य द्विपानां मदवारिसेकात् खुराभिघाताच्च तुरङ्गमाणाम् ।
रेणुः प्रपेदे पथि पङ्कभावं पङ्कोऽपि रेणुत्वमियाय नेतुः ॥३०
ତସ୍ୟ ଦ୍ୱିପାନାଂ ମଦବାରିସେକାତ୍ ଖୁରାଭିଘାତାଚ୍ଚ ତୁରଙ୍ଗମାଣାମ୍ ।
ରେଣୁଃ ପ୍ରପେଦେ ପଥି ପଙ୍କଭାବଂ ପଙ୍କୋଽପି ରେଣୁତ୍ୱମିୟାୟ ନେତୁଃ ॥୩୦

मार्गैषिणी सा कटकान्तरेषु वैन्ध्येषु सेना बहुधा विभिन्ना ।
चकार रेवेव महाविरावा बद्धप्रतिश्रुन्ति गुहामुखानि ॥३१
ମାର୍ଗୈଷିଣୀ ସା କଟକାନ୍ତରେଷୁ ବୈନ୍ଧ୍ୟେଷୁ ସେନା ବହୁଧା ବିଭିନ୍ନା ।
ଚକାର ରେବେବ ମହାବିରାବା ବଦ୍ଧପ୍ରତିଶ୍ରୁନ୍ତି ଗୁହାମୁଖାନି ॥୩୧

स धातुभेदारुणयाननेमिः प्रभुः प्रयाणध्वनिमिश्रतूर्यः ।
व्यलङ्घयद् विन्ध्यमुपायनानि पश्यन् पुलिन्दैरुपपादितानि ॥३२
ସ ଧାତୁଭେଦାରୁଣଯାନନେମିଃ ପ୍ରଭୁଃ ପ୍ରୟାଣଧ୍ୱନିମିଶ୍ରତୂର୍ୟଃ ।
ବ୍ୟଲଙ୍ଘୟଦ୍ ବିନ୍ଧ୍ୟମୁପାୟନାନି ପଶ୍ୟନ୍ ପୁଲିନ୍ଦୈରୁପପାଦିତାନି ॥୩୨

तीर्थे तदीये गजसेतुबन्धात् प्रतीपगामुत्तरतोऽस्य गङ्गाम् ।
अयत्नवालव्यजनीबभूवुर्हंसा नभोलङ्घनलोलपक्षाः ॥३३
ତୀର୍ଥେ ତଦୀୟେ ଗଜସେତୁବନ୍ଧାତ୍ ପ୍ରତୀପଗାମୁତ୍ତରତୋଽସ୍ୟ ଗଙ୍ଗାମ୍ ।
ଅୟତ୍ନବାଲବ୍ୟଜନୀବଭୂବୁର୍ହଂସା ନଭୋଲଙ୍ଘନଲୋଲପକ୍ଷାଃ ॥୩୩

स पूर्वजानां कपिलेन रोषाद् भस्मावशेषीकृतविग्रहाणाम् ।
सुरालयप्राप्तिनिमित्तमम्भस्त्रैस्रोतसं नौलुलितं ववन्दे ॥३४
ସ ପୂର୍ବଜାନାଂ କପିଳେନ ରୋଷାଦ୍ ଭସ୍ମାବଶେଷୀକୃତବିଗ୍ରହାଣାମ୍ ।
ସୁରାଳୟପ୍ରାପ୍ତିନିମିତ୍ତମମ୍ଭସ୍ତ୍ରୈସ୍ରୋତସଂ ନୌଲୁଳିତଂ ବବନ୍ଦେ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯାତ୍ରାକାଳରେ ବସୁଧା ସତେ ଯେପରି ତାଙ୍କ ସୈନ୍ୟବାହିନୀର ଭର ସହିବାକୁ ଅସମର୍ଥା ହୋଇ ଧୂଳି ଛଳରେ ଆକାଶକୁ ଉଠିଗଲା ! ୨୮

ସୈନ୍ୟମାନଙ୍କର ଏକ ଦଳ କୁଶାବତୀ ନଗରୀରୁ ବାହାରିବାକୁ ପ୍ରସ୍ତୁତ ହେଉଥିଲେ, ଆଉ ଏକ ଦଳ ନଗରୀର ଆଗରେ ଠିଆ ହୋଇଥିଲେ, ପୁଣି ଅନ୍ୟ ଏକ ଦଳ ବାଟରେ ଚାଲୁଥିଲେ । ଲୋକମାନେ ଯେଉଁ ଦଳକୁ ଦେଖିଲେ, ତାହାକୁ କୁଶଙ୍କର ସମ୍ପୂର୍ଣ୍ଣ ସୈନ୍ୟବାହିନୀ ବୋଲି ମନେ କଲେ । ୨୯

ବାଟରେ ହସ୍ତୀମାନଙ୍କର ମଦଜଳ ସିଞ୍ଚନ ଏବଂ ଅଶ୍ୱମାନଙ୍କର ଖୁରାଘାତ ଦ୍ୱାରା ଧୂଳି କାଦୁଅରେ ପରିଣତ ହେଲା ଏବଂ କାଦୁଅ ଧୂଳିରେ ପରିଣତ ହେଲା । ୩୦

ବିନ୍ଧ୍ୟ ପର୍ବତର ମଧ୍ୟ ଭାଗରେ ସେନ୍ୟବାହିନୀ ରେବାନଦୀ ପରି ପଥ ଖୋଜିବାରେ ଲାଗିଲେ ଏବଂ ବହୁ ଭାଗରେ ବିଭକ୍ତ ହୋଇ ଘୋର ଧ୍ୱନିରେ ଗୁହାଗୁଡ଼ିକୁ ପ୍ରତିଧ୍ୱନିତ କଲେ । ୩୧

ବିନ୍ଧ୍ୟ ପର୍ବତର ଗୈରିକ ଧାତୁ ଚୂନା ହୋଇ ଯାନଗୁଡ଼ିକର ଚକଧାରକୁ ଲାଲ କରିଦେଲା । ହାତୀ, ଘୋଡ଼ା, ପଦାତି ପ୍ରଭୃତିଙ୍କର ଶବ୍ଦ ସହିତ ତୂର୍ଯ୍ୟନାଦ ମିଶିଲା । ଶବରମାନେ ଅଜସ୍ର ଉପହାର ଆଣି କୁଶଙ୍କୁ ଅର୍ପଣ କଲେ । ଅଧିପତି କୁଶ ସମସ୍ତ ଉପହାର ସାମଗ୍ରୀ ଦେଖି ଦେଖି ବିନ୍ଧ୍ୟ ପର୍ବତ ଅତିକ୍ରମ କରିଗଲେ । ୩୨

ଗଙ୍ଗାର ଏକ ଘାଟରେ ହସ୍ତୀବନ୍ଧ ତିଆରି କରାଗଲା । ତେଣୁ ଉକ୍ତ ନଦୀ ବିପରୀତ ଦିଗକୁ ପ୍ରବାହିତ ହେଲା । କୁଶ ସୈନ୍ୟବାହିନୀ ସହିତ ସେହି ବନ୍ଧରେ ଗଙ୍ଗା ପାର ହେଲେ । ଆକାଶରେ ପକ୍ଷ ହଲାଇ ଉଡ଼ୁଥିବା ହଂସମାନେ ତାଙ୍କର ଅଯାଚିତ ଚାମର ଭଳି ଦେଖାଗଲେ । ୩୩

କପିଳ ମୁନିଙ୍କ କ୍ରୋଧାଗ୍ନିରେ ଭସ୍ମ ହୋଇଥିବା ନିଜର ପୂର୍ବପୁରୁଷମାନଙ୍କୁ ଯେଉଁ ଜଳ ସ୍ୱର୍ଗ ପ୍ରାପ୍ତି କରାଇଥିଲା, କୁଶ ଗଙ୍ଗାଙ୍କର ସେହି ନୌକାଆନ୍ଦୋଳିତ ଜଳକୁ ବନ୍ଦନା କଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इत्यध्वनः कैश्चिदहोभिरन्ते कूलं समासाद्य कुशः सरय्वाः ।
वेदिप्रतिष्ठान् विततावराणां यूपानपश्यच्छतशो रघूणाम् ।।३५
ଇତ୍ୟଧ୍ୱନଃ କୈଶ୍ଚିଦହୋଭିରନ୍ତେ କୂଳଂ ସମାସାଦ୍ୟ କୁଶଃ ସରଯ୍ୱାଃ ।
ବେଦିପ୍ରତିଷ୍ଠାନ୍ ବିତତାଧ୍ୱରାଣାଂ ଯୂପାନପଶ୍ୟଚ୍ଛତଶୋ ରଘୂଣାମ୍ ।।୩୫

आधूय शाखाः कुसुमद्रुमाणां स्पृष्ट्वा च शीतान् सरयूतरङ्गान् ।
तं क्लान्तसैन्यं कुलराजधान्याः प्रत्युज्जगामोपवनान्तवायुः ।।३६
ଆଧୂୟ ଶାଖାଃ କୁସୁମଦ୍ରୁମାଣାଂ ସ୍ପୃଷ୍ଟ୍ୱା ଚ ଶୀତାନ୍ ସରୟୂତରଙ୍ଗାନ୍ ।
ତଂ କ୍ଲାନ୍ତସୈନ୍ୟଂ କୁଳରାଜଧାନ୍ୟାଃ ପ୍ରତ୍ୟୁଜ୍ଜଗାମୋପବନାନ୍ତବାୟୁଃ ।।୩୬

अथोपशल्ये रिपुमग्नशल्यस्तस्याः पुरः पौरसखः स राजा ।
कुलध्वजस्तानि चलध्वजानि निवेशयामास बली बलानि ।।३७
ଅଥୋପଶଲ୍ୟେ ରିପୁମଗ୍ନଶଲ୍ୟସ୍ତସ୍ୟାଃ ପୁରଃ ପୌରସଖଃ ସ ରାଜା ।
କୁଳଧ୍ୱଜସ୍ତାନି ଚଳଧ୍ୱଜାନି ନିବେଶୟାମାସ ବଲୀ ବଳାନି ।।୩୭

तां शिल्पिसंघाः प्रभुणा नियुक्तास्तथा गतां संभृतसाधनत्वात् ।
पुरं नवीचक्रुरपां विसर्गान्मेघा निदाघग्लपितामिवोर्वीम् ।।३८
ତାଂ ଶିଳ୍ପିସଂଘାଃ ପ୍ରଭୁଣା ନିଯୁକ୍ତାସ୍ତଥାଗତାଂ ସଂଭୃତସାଧନତ୍ୱାତ୍ ।
ପୁରଂ ନବୀଚକ୍ରୁରପାଂ ବିସର୍ଗାନ୍ମେଘା ନିଦାଘଗ୍ଲପିତାମିବୋର୍ବୀମ୍ ।।୩୮

ततः सपर्यां सपशूपहारां पुरः परार्ध्यप्रतिमागृहायाः ।
उपोषितैर्वास्तुविधानविद्भिर्निर्वर्तयामास रघुप्रवीरः ।।३९
ତତଃ ସପର୍ଯ୍ୟାଂ ସପଶୂପହାରାଂ ପୁରଃ ପରାର୍ଧ୍ୟପ୍ରତିମାଗୃହାୟାଃ ।
ଉପୋଷିତୈର୍ବାସ୍ତୁବିଧାନବିଦ୍ଭିର୍ନିର୍ବର୍ତୟାମାସ ରଘୁପ୍ରବୀରଃ ।।୩୯

तस्याः स राजोपपदं निशान्तं कामीव कान्ताहृदयं प्रविश्य ।
यथार्हमन्यैरनुजीविलोकं संभावयामास यथाप्रधानम् ।।४०
ତସ୍ୟାଃ ସ ରାଜୋପପଦଂ ନିଶାନ୍ତଂ କାମୀବ କାନ୍ତାହୃଦୟଂ ପ୍ରବିଶ୍ୟ ।
ଯଥାର୍ହମନ୍ୟୈରନୁଜୀବିଲୋକଂ ସଂଭାବୟାମାସ ଯଥାପ୍ରଧାନମ୍ ।।୪୦

सा मन्दुरासंश्रयिभिस्तुरङ्गैः शालाविधिस्तम्भगतैश्च नागैः ।
पूराबभासे विपणिस्थपण्या सर्वाङ्गनद्धाभरणेव नारी ।।४१
ସା ମନ୍ଦୁରାସଂଶ୍ରୟିଭିସ୍ତୁରଙ୍ଗୈଃ ଶାଳାବିଧିସ୍ତମ୍ଭଗତୈଶ୍ଚ ନାଗୈଃ ।
ପୂରାବଭାସେ ବିପଣିସ୍ଥପଣ୍ୟା ସର୍ବାଙ୍ଗନଦ୍ଧାଭରଣେବ ନାରୀ ।।୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ କିଛିଦିନ ଯାତ୍ରା କରି ପଥ ଶେଷ ହୁଅନ୍ତେ କୁଶ ସରଯୂ ନଦୀ କୂଳରେ ଉପସ୍ଥିତ ହେଲେ । ସେଠାରେ ପୂର୍ବତନ ରଘୁବଂଶୀୟ ରଜାମାନ ଯଜ୍ଞ ସମ୍ପନ୍ନ କରି ବେଦୀ ଉପରେ ଶତ ଶତ ଯଜ୍ଞସ୍ତମ୍ଭ ପ୍ରତିଷ୍ଠା କରିଥିବାର ସେ ଦେଖିଲେ । ୩୫

ଅଯୋଧ୍ୟାର ଉପବନ-ବାୟୁ ପୁଷ୍ପବୃକ୍ଷମାନଙ୍କର ଶାଖା ଦୋହଲାଇ ଏବଂ ସରଯୂର ଶୀତଳ ଜଳ ସ୍ପର୍ଶ କରି କୁଶଙ୍କୁ ଓ ତାଙ୍କର କ୍ଳାନ୍ତ ସୈନ୍ୟ-ବାହିନୀଙ୍କୁ ପାଛୋଟି ନେଲା । ୩୬

ତା'ପରେ ଶତ୍ରୁମାନଙ୍କର ବିଜେତା, ପୁରବାସୀମାନଙ୍କର ବନ୍ଧୁ, ରଘୁ-ବଂଶର ଗୌରବ, ମହାବଳୀ କୁଶ ପତାକା ଉଡ଼ାଇ ଚାଲୁଥିବା ସୈନ୍ୟ-ବାହିନୀକୁ ଅଯୋଧ୍ୟା ନଗରୀର ସୀମାରେ ରଖାଇଲେ । ୩୭

ସେ ବହୁ ଶିଳ୍ପୀଙ୍କୁ ନିଯୁକ୍ତ କରି ସେମାନଙ୍କୁ ପ୍ରଚୁର ଉପକରଣ ଯୋଗାଇ ଦେଲେ । ମେଘମାନେ ଯେପରି ବର୍ଷା ଜଳ ବର୍ଷଣ କରି ଗ୍ରୀଷ୍ମ-ଶ୍ରୀହୀନ ପୃଥିବୀକୁ ପୁଣି ନୂତନ ରୂପ ଦାନ୍ କରନ୍ତି,ଶିଳ୍ପୀମାନେ ସେହିପରି ଶୂନ୍ୟ ଅଯୋଧ୍ୟା ନଗରୀକୁ ନୂଆ ରୂପ ଦେଲେ । ୩୮

ତା'ପରେ କୁଶ ବିଶାଳ-ଦେବ-ମନ୍ଦିର-ବହୁଳ ଅଯୋଧ୍ୟା ନଗରୀର ପ୍ରତିଷ୍ଠାପୂଜା କରିବା ପାଇଁ ଗୃହପ୍ରତିଷ୍ଠା ବିଦ୍ୟାରେ ପାରଦର୍ଶୀ ବିଦ୍ୱାନ୍-ମାନଙ୍କୁ ନିଯୁକ୍ତ କଲେ । ସେମାନେ ଉପବାସ ରହି, ପଶୁବଳି ଦେଇ ଯଥାବିଧି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କଲେ । ୩୯

ପ୍ରେମିକ ଯେପରି ପ୍ରେମିକାର ହୃଦୟ ମଧ୍ୟରେ ପ୍ରବେଶ କରେ, କୁଶ ସେହିପରି ଅଯୋଧ୍ୟାର ରାଜଭବନରେ ପ୍ରବେଶ କଲେ ଏବଂ ପାତ୍ର, ମନ୍ତ୍ରୀ ଆଦି କର୍ମଚାରୀମାନଙ୍କୁ ସେମାନଙ୍କ ସ୍ତର ଅନୁସାରେ ବାସଭବନ ଦେଇ ସତ୍କାର କଲେ । ୪୦

ଅଯୋଧ୍ୟାର ହାଟ ବଜାରମାନ ପଣ୍ୟଦ୍ରବ୍ୟରେ ପୂର୍ଣ୍ଣ ହେଲା । ଅଶ୍ୱ-ଶାଳରେ ଅଶ୍ୱମାନେ ଏବଂ ହସ୍ତୀଶାଳାରେ ହସ୍ତୀମାନେ ଯଥାନିୟମରେ ସ୍ଥାପିତ ସ୍ତମ୍ଭମାନଙ୍କରେ ବନ୍ଧା ହେଲେ । ଏ ସମସ୍ତ ଦ୍ୱାରା ଉକ୍ତ ନଗରୀ ସର୍ବାଙ୍ଗଭୂଷଣା ନାରୀ ପରି ଶୋଭା ପାଇଲା । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वसन् स तस्यां वसतौ रघूणां पुराणशोभामधिरोपितायाम् ।
न मैथिलेयः स्पृहयाम्बभूव भर्त्रे दिवो नाऽप्यलकेश्वराय ॥४२
ବସନ୍ ସ ତସ୍ୟାଂ ବସତୌ ରଘୂଣାଂ ପୁରାଣଶୋଭାମଧିରୋପିତାୟାମ୍ ।
ନ ମୈଥିଲେୟଃ ସ୍ପୃହୟାଂବଭୂବ ଭର୍ତ୍ରେ ଦିବୋ ନାପ୍ୟଲକେଶ୍ୱରାୟ ।।୪୨

अथास्य रत्नग्रथितोत्तरीयमेकान्तपाण्डुस्तनलम्बिहारम् ।
निःश्वासहार्यांशुकमाजगाम घर्मः प्रियावेषमिवोपदेष्टुम् ॥४३
ଅଥାସ୍ୟ ରତ୍ନଗ୍ରଥିତୋତ୍ତରୀୟମେକାନ୍ତପାଣ୍ଡୁସ୍ତନଲମ୍ବିହାରମ୍ ।
ନିଃଶ୍ୱାସହାର୍ଯ୍ୟାଂଶୁକମାଜଗାମ ଘର୍ମଃ ପ୍ରିୟାବେଷମିବୋପଦେଷ୍ଟୁମ୍ ।।୪୩

अगस्त्यचिह्नादयनात् समीपं दिगुत्तरा भास्वति संनिवृत्ते ।
आनन्दशीतामिव बाष्पवृष्टिं हिमस्रुतिं हैमवतीं ससर्ज ॥४४
ଅଗସ୍ତ୍ୟଚିହ୍ନାଦୟନାତ୍ ସମୀପଂ ଦିଗୁତ୍ତରା ଭାସ୍ୱତି ସଂନିବୃତ୍ତେ ।
ଆନନ୍ଦଶୀତାମିବ ବାଷ୍ପବୃଷ୍ଟିଂ ହିମସ୍ରୁତିଂ ହୈମବତୀଂ ସସର୍ଜ ।।୪୪

प्रवृद्धतापो दिवसोऽतिमात्रमत्यर्थमेव क्षणदा च तन्वी ।
उभौ विरोधक्रियया विभिन्नौ जायापती सानुशयाविवास्ताम् ॥४५
ପ୍ରବୃଦ୍ଧତାପୋ ଦିବସୋଽତିମାତ୍ରମତ୍ୟର୍ଥମେବ କ୍ଷଣଦା ଚ ତନ୍ୱୀ ।
ଉଭୌ ବିରୋଧକ୍ରିୟୟା ବିଭିନ୍ନୌ ଜାୟାପତୀ ସାନୁଶୟାବିବାସ୍ତାମ୍ ।।୪୫

दिने दिने शैवलवन्त्यधस्तात् सोपानपर्वाणि विमुञ्चदम्भः ।
उद्दण्डपद्मं गृहदीर्घिकाणां नारीनितम्बद्वयसं बभूव ॥४६
ଦିନେ ଦିନେ ଶୈବଲବନ୍ତ୍ୟଧସ୍ତାତ୍ ସୋପାନପର୍ବାଣି ବିମୁଞ୍ଚଦମ୍ଭଃ ।
ଉଦ୍ଦଣ୍ଡପଦ୍ମଂ ଗୃହଦୀର୍ଘିକାଣାଂ ନାରୀନିତମ୍ବଦ୍ୱୟସଂ ବଭୂବ ।।୪୬

वनेषु सायन्तनमल्लिकानां विजृम्भणोद्गन्धिषु कुड्मलेषु ।
प्रत्येकनिक्षिप्तपदः सशब्दं संख्यामिवैषां भ्रमरश्चकार ॥४७
ବନେଷୁ ସାୟନ୍ତନମଲ୍ଲିକାନାଂ ବିଜୃମ୍ଭଣୋଦ୍ଗନ୍ଧିଷୁ କୁଡ୍ମଲେଷୁ ।
ପ୍ରତ୍ୟେକନିକ୍ଷିପ୍ତପଦଃ ସଶବ୍ଦଂ ସଂଖ୍ୟାମିବୈଷାଂ ଭ୍ରମରଶ୍ଚକାର ।।୪୭

स्वेदानुविद्धार्द्रनखक्षताङ्के भूयिष्ठसंदष्टशिखं कपोले ।
च्युतं न कर्णादपि कामिनीनां शिरीषपुष्पं सहसा पपात ॥४८
ସ୍ୱେଦାନୁବିଦ୍ଧାର୍ଦ୍ରନଖକ୍ଷତାଙ୍କେ ଭୂୟିଷ୍ଠସଂଦଷ୍ଟଶିଖଂ କପୋଲେ ।
ଚ୍ୟୁତଂ ନ କର୍ଣ୍ଣାଦପି କାମିନୀନାଂ ଶିରୀଷପୁଷ୍ପଂ ସହସା ପପାତ ।।୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଭବରେ ଅଯୋଧ୍ୟା ପୂର୍ବପରି ଶ୍ରୀସମ୍ପନ୍ନ ହେଲା ଏବଂ କୁଶ ସେଥିରେ ବାସ କରି ସ୍ୱର୍ଗର ଅଧିପତି (ଇନ୍ଦ୍ର) କିମ୍ବା ଅଳକା ନଗରୀର ଅଧିପତି (କୁବେର) ପଦକୁ ମଧ୍ୟ ମନ ବଳାଇଲେ ନାହିଁ । ୪୨

ତା'ପରେ ତାଙ୍କର ପ୍ରିୟା କିପରି ରତ୍ନଜଡ଼ିତ ଉତ୍ତରୀ ବ୍ୟବହାର କରିବେ, ସ୍ନିଗ୍ଧ ସ୍ତନ ଉପରେ କିପରି ହାର ଲମ୍ବାଇବେ ଏବଂ କିପରି ଅତି ସୂକ୍ଷ୍ମ ବସ୍ତ୍ର ପରିଧାନ କରିବେ—ବୋଧହୁଏ ଏସବୁ ବେଶସମ୍ବନ୍ଧୀୟ ଶିକ୍ଷା ଦେବା ପାଇଁ ଗ୍ରୀଷ୍ମକାଳ ଉପସ୍ଥିତ ହେଲା । ୪୩

ସୂର୍ଯ୍ୟ ଦକ୍ଷିଣ ଦିଗରୁ ଉତ୍ତର ଦିଗକୁ ଫେରି ଆସନ୍ତେ ଉତ୍ତର ଦିଗ୍‌ବଧୂ ହିମାଳୟର ତରଳ ହିମ ସ୍ରୋତ ଛଳରେ ସତେ ଯେପରି ଶୀତଳ ଆନନ୍ଦାଶ୍ରୁ ଧାର ବୁହାଇଲା । ୪୪

ଦିନର ତାପ ଅତିମାତ୍ରାରେ ବଢ଼ିଲା ଏବଂ ରାତ୍ରି ମଧ୍ୟ ଅତି-ମାତ୍ରାରେ କ୍ଷୀଣ ହେବାକୁ ଲାଗିଲା । ତେଣୁ ଉଭୟଙ୍କର ଅବସ୍ଥା, କଳହ ଯୋଗୁଁ ପରସ୍ପରଠାରୁ ପୃଥକ୍ ହୋଇ ଅନୁତାପ କରୁଥିବା ସ୍ୱାମୀ-ସ୍ତ୍ରୀଙ୍କ ଅବସ୍ଥା ପରି ହେଲା । ୪୫

ଗୃହ-ସରୋବରମାନଙ୍କରେ ପ୍ରଚୁର ପଦ୍ମ ଫୁଲ ଫୁଟିଲା ଏବଂ ଜଳ ଦିନକୁଦିନ ଶିଉଳି ଲାଗା ପାହାଚଗୁଡ଼ିକୁ ଛାଡ଼ି ଛାଡ଼ି ସ୍ତ୍ରୀମାନଙ୍କର କଟୀ ପରି-ମାଣରେ ରହିଲା । ୪୬

ଉପବନମାନଙ୍କରେ ସନ୍ଧ୍ୟାବେଳେ ମଲ୍ଲୀକଢ଼ମାନ ଫୁଟି ମହକ ଖେଳାଇ ଦେଲା । ଭ୍ରମରମାନେ ପ୍ରତ୍ୟେକ ଫୁଲ ଉପରେ ବସି ଗୁଣୁଗୁଣୁ ସ୍ୱରରେ ସତେ ଯେପରି ସେମାନଙ୍କୁ ଗଣିବାରେ ଲାଗିଲେ । ୪୭

ଯୁବତୀମାନଙ୍କର ସଦ୍ୟ ନଖକ୍ଷତଯୁକ୍ତ ଗାଲରୁ ଝାଳ ବୋହିବାରୁ ସେଥିରେ କର୍ଣ୍ଣଭୂଷଣ ଶିରୀଷ ଫୁଲ ଲାଗି ରହିଲା । ତେଣୁ ତାହା (ଶିରୀଷ-ଫୁଲ) କାନରୁ ପୃଥକ୍ ହୋଇଗଲେ ମଧ୍ୟ ଏବଂ ତାର କେଶର ଛିନ୍ନଭିନ୍ନ ହୋଇଗଲେ ମଧ୍ୟ ଶୀଘ୍ର ତଳକୁ ଖସି ପଡ଼ିଲା ନାହିଁ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यन्त्रप्रवाहैः शिशिरैः परीतान् रसेन धौतान् मलयोद्भवस्य ।
शिलाविशेषानधिशय्य निन्युर्धारागृहेष्वातपमृद्धिमन्तः ॥४९
ଯନ୍ତ୍ରପ୍ରବାହୈଃ ଶିଶିରୈଃ ପରୀତାନ୍ ରସେନ ଧୌତାନ୍ ମଳୟୋଦ୍ଭବସ୍ୟ ।
ଶିଳାବିଶେଷାନଧିଶଯ୍ୟ ନିନ୍ୟୁର୍ଧାରାଗୃହେଷ୍ୱାତପମୃଦ୍ଧିମନ୍ତଃ ॥୪୯

स्नानार्द्रमुक्तेष्वनुधूपवासं विन्यस्तसायन्तनमल्लिकेषु ।
कामो वसन्तात्ययमन्दवीर्यः केशेषु लेभे बलमङ्गनानाम् ॥५०
ସ୍ନାନାର୍ଦ୍ରମୁକ୍ତେଷ୍ୱନୁଧୂପବାସଂ ବିନ୍ୟସ୍ତସାୟନ୍ତନମଲ୍ଲିକେଷୁ ।
କାମୋ ବସନ୍ତାତ୍ୟୟମନ୍ଦବୀର୍ଯ୍ୟଃ କେଶେଷୁ ଲେଭେ ବଳମଙ୍ଗନାନାମ୍ ॥୫୦

आपिञ्जरा बद्धरजःकणत्वान्मञ्जर्युदारा शुशुभेऽर्जुनस्य ।
दग्ध्वापि देहं गिरिशेन रोषात् खण्डीकृता ज्येव मनोभवस्य ॥५१
ଆପିଞ୍ଜରା ବଦ୍ଧରଜଃକଣତ୍ୱାନ୍ମଞ୍ଜର୍ଯ୍ୟୁଦାରା ଶୁଶୁଭେଽର୍ଜୁନସ୍ୟ ।
ଦଗ୍ଧ୍ୱାପି ଦେହଂ ଗିରିଶେନ ରୋଷାତ୍ ଖଣ୍ଡୀକୃତା ଜ୍ୟେବ ମନୋଭବସ୍ୟ ॥୫୧

मनोज्ञगन्धं सहकारभङ्गं पुराणशीधुं नवपाटलं च ।
संबध्नता कामिजनेषु दोषाः सर्वे निदाघावधिना प्रमृष्टाः ॥५२
ମନୋଜ୍ଞଗନ୍ଧଂ ସହକାରଭଙ୍ଗଂ ପୁରାଣଶୀଧୁଂ ନବପାଟଳଂ ଚ ।
ସମ୍ବଧ୍ନତା କାମିଜନେଷୁ ଦୋଷାଃ ସର୍ବେ ନିଦାଘାବଧିନା ପ୍ରମୃଷ୍ଟାଃ ॥ ୫୨

जनस्य तस्मिन् समये विगाढे बभूवतुर्द्वौ सविशेषकान्तौ ।
तापापनोदक्षमपादसेवौ स चोदयस्थौ नृपतिः शशी च ॥५३
ଜନସ୍ୟ ତସ୍ମିନ୍ ସମୟେ ବିଗାଢେ ବଭୂବତୁର୍ଦ୍ୱୌ ସବିଶେଷକାନ୍ତୌ ।
ତାପାପନୋଦକ୍ଷମପାଦସେବୌ ସ ଚୋଦୟସ୍ଥୌ ନୃପତିଃ ଶଶୀ ଚ ॥୫୩

अथोर्मिलोलोन्मदराजहंसे रोधोलतापुष्पवहे सरय्वाः ।
विहर्तुमिच्छा वनितासखस्य तस्याम्भसि ग्रीष्मसुखे बभूव ॥५४
ଅଥୋର୍ମିଲୋଲୋନ୍ମଦରାଜହଂସେ ରୋଧୋଲତାପୁଷ୍ପବହେ ସରୟ୍ୱାଃ ।
ବିହର୍ତୁମିଚ୍ଛା ବନିତାସଖସ୍ୟ ତସ୍ୟାମ୍ଭସି ଗ୍ରୀଷ୍ମସୁଖେ ବଭୂବ ॥୫୪

स तीरभूमौ विहितोपकार्यामानायिभिस्तामपकृष्टनक्राम् ।
विगाहितुं श्रीमहिमानुरूपं प्रचक्रमे चक्रधरप्रभावः ॥५५
ସ ତୀରଭୂମୌ ବିହିତୋପକାର୍ଯ୍ୟାମାନାୟିଭିସ୍ତାମପକୃଷ୍ଟନକ୍ରାମ୍ ।
ବିଗାହିତୁଂ ଶ୍ରୀମହିମାନୁରୂପଂ ପ୍ରଚକ୍ରମେ ଚକ୍ରଧରପ୍ରଭବଃ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଧନିକମାନେ ଜଳଯନ୍ତ୍ରଗୃହରେ ପଥର - ବେଦୀ ଉପରେ ଶୋଇ ଖରବେଳ ଅତିବାହିତ କଲେ । ସେହି ପଥର-ବେଦୀଗୁଡ଼ିକର ଚାରିପାଖରେ ଜଳଯନ୍ତ୍ରର ଜଳ ଝରୁଥିଲା ଏବଂ ଚନ୍ଦନ ରସରେ ସେଗୁଡ଼ିକର ଉପର ଧୁଆ ହେଉଥିଲା । ୪୯

ଯୁବତୀମାନେ ସ୍ନାନ କରି ଓଦା କେଶକୁ ମୁକୁଳା ରଖିଲେ ଏବଂ ତାହାକୁ ଧୂପ ଗନ୍ଧରେ ସୁବାସିତ କରି ସେଥିରେ ସଞ୍ଜ ବେଳର ମଲ୍ଲୀଫୁଲ ଖୋଷିଲେ । ବସନ୍ତ ଅଭାବରେ କନ୍ଦର୍ପ ହୀନବୀର୍ଯ୍ୟ ହୋଇଯାଇଥିଲା । ଏବେ ଯୁବତୀମାନଙ୍କର ସେହି କେଶରେ ବାସ କରି ପୁଣି ସେ ଶକ୍ତିସଞ୍ଚୟ କଲା । ୫୦

ପିଙ୍ଗଳବର୍ଣ୍ଣ ତଥା ପରାଗପୂର୍ଣ୍ଣ ଅର୍ଜୁନଫୁଲର ଦୀର୍ଘ ମଞ୍ଜରୀକୁ ଦେଖିଲେ ମନେ ହେଲା, ସତେ ଯେପରି ଶିବ କ୍ରୋଧରେ କନ୍ଦର୍ପକୁ ଭସ୍ମ କରି ତାହାର ଧନୁକୁ ମଧ୍ୟ ଖଣ୍ଡ ଖଣ୍ଡ କରିଦେଇଛନ୍ତି ! ୫୧

ସୁଗନ୍ଧଭରା ଖଣ୍ଡ ଖଣ୍ଡ କଅଁଳ ଆମ୍ବପତ୍ର, ଆଖୁରସ ପ୍ରସ୍ତୁତ ପୁରୁଣା ମଦ ଏବଂ ନୂତନ ପାଟଳି ଫୁଲ, ଏ ସମସ୍ତ ଯୋଗାଇ ନିଦାଘ କାଳ,କାମୀ ବ୍ୟକ୍ତି-ମାନଙ୍କର ଉନ୍ମାଦନାହାନି ଆଦି ଯାହା ଯାହା ଦୋଷ ଥିଲା, ତାହା ସବୁ ଦୂର କରି ହେଲା । ୫୨

ଚନ୍ଦ୍ର ଲୋକମାନଙ୍କର ତାପ ଦୂର କଲା ଏବଂ ରାଜା କୁଶ ସେମାନଙ୍କର ଦୁଃଖ ଦୂର କଲେ । ତେଣୁ ଗ୍ରୀଷ୍ମକାଳ ଯେତେ ବଢ଼ିଲା, ଲୋକମାନେ ଉଭୟଙ୍କୁ ସେତେ ପ୍ରିୟ ମନେକଲେ । ୫୩

ସରଯୂର ତରଙ୍ଗରେ ଉନ୍ମତ୍ତ ରାଜହଂସମାନେ ଦୋଳି ଖେଳିଲେ । ତୀରସ୍ଥିତ ଲତାମାନେ ପୁଷ୍ପ ଧାରଣ କଲେ । ଗ୍ରୀଷ୍ମକାଳର ସୁଖକର ସରଯୂଜଳରେ ସସ୍ତ୍ରୀକ ବିହାର କରିବା ପାଇଁ ରାଜା କୁଶଙ୍କର ମନ ବଳିଲା । ୫୪

ଜାଲିଆମାନେ ସରଯୂରୁ କୁମ୍ଭୀର ନିପାତ କରିଦେଲେ । ନଦୀ କୂଳରେ ତମ୍ବୁମାନ ନିର୍ମିତ ହେଲା । ବିଷ୍ଣୁ ତୁଲ୍ୟ ପ୍ରଭାବଶାଳୀ ରାଜା ନିଜର ସମ୍ପଦ ତଥା ଗୌରବର ଅନୁରୂପ ଭାବରେ ଜଳକ୍ରୀଡ଼ା କରିବା ପାଇଁ ବାହାରିଲେ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सा तीरसोपानपथावतारादन्योन्यकेयूरविघट्टिनीभिः ।
सनूपुरक्षोभपदाभिरासीदुद्विग्नहंसा सरिदङ्गनाभिः ॥५६
ସା ତୀରସୋପାନପଥାବତାରାଦନ୍ୟୋନ୍ୟକେୟୂରବିଘଟ୍ଟିନୀଭିଃ ।
ସନୂପୁରକ୍ଷୋଭପଦାଭିରାସୀଦୁଦ୍‌ବିଗ୍ନହଂସା ସରିଦଙ୍ଗନାଭିଃ ॥୫୬

परस्पराभ्युक्षणतत्पराणां तासां नृपो मज्जनरागदर्शी ।
नौसंश्रयः पार्श्वगतां किरातीमुपात्तवालव्यजनां बभाषे ॥५७
ପରସ୍ପରାଭ୍ୟୁକ୍ଷଣତତ୍‌ପରାଣାଂ ତାସାଂ ନୃପୋ ମଜ୍ଜନରାଗଦର୍ଶୀ ।
ନୌସଂଶ୍ରୟଃ ପାର୍ଶ୍ୱଗତାଂ କିରାତୀମୁପାତ୍ତବାଲବ୍ୟଜନାଂ ବଭାଷେ ॥୫୭

पश्यावरोधैः शतशो मदीयैर्विगाह्यमानो गलिताङ्गरागैः ।
सन्ध्योदयः साभ्र इवैष वर्णं पुष्यत्यनेकं सरयूप्रवाहः ॥५८
ପଶ୍ୟାବରୋଧୈଃ ଶତଶୋ ମଦୀୟୈର୍ବିଗାହ୍ୟମାନୋ ଗଳିତାଙ୍ଗରାଗୈଃ ।
ସନ୍ଧ୍ୟୋଦୟଃ ସାଭ୍ର ଇବୈଷ ବର୍ଣ୍ଣଂ ପୁଷ୍ୟତ୍ୟନେକଂ ସରୟୂପ୍ରବାହଃ ॥୫୮

विलुप्तमन्तःपुरसुन्दरीणां यदञ्जनं नौलुलिताभिरद्भिः ।
तद् बध्नतीभिर्मदरागशोभां विलोचनेषु प्रतिमुक्तमासाम् ॥५९
ବିଲୁପ୍ତମନ୍ତଃପୁରସୁନ୍ଦରୀଣାଂ ଯଦଞ୍ଜନଂ ନୌଲୁଳିତାଭିରଦ୍‌ଭିଃ ।
ତଦ୍ ବଧ୍ନତୀଭିର୍ମଦରାଗଶୋଭାଂ ବିଲୋଚନେଷୁ ପ୍ରତିମୁକ୍ତମାସାମ୍ ॥୫୯

एता गुरुश्रोणिपयोधरत्वादात्मानमुद्वोढुमशक्नुवत्यः ।
गाढाङ्गदैर्बाहुभिरप्सु बालाः क्लेशोत्तरं रागवशात् प्लवन्ते ॥ ६०
ଏତା ଗୁରୁଶ୍ରୋଣିପୟୋଧରତ୍ୱାଦାତ୍ମାନମୁଦ୍‌ବୋଢୁମଶକ୍ନୁବତ୍ୟଃ ।
ଗାଢାଙ୍ଗଦୈର୍ବାହୁଭିରପ୍‌ସୁ ବାଳାଃ କ୍ଲେଶୋତ୍ତରଂ ରାଗବଶାତ୍ ପ୍ଲବନ୍ତେ ॥୬୦

अमी शिरीषप्रसवावतंसाः प्रभ्रंशिनो वारिविहारिणीनाम् ।
पारिप्लवाः स्रोतसि निम्नगायाः शैवाललोलाँश्छलयन्ति मीनान् ॥६१
ଅମୀ ଶିରୀଷପ୍ରସବାବତଂସାଃ ପ୍ରଭ୍ରଂଶିନୋ ବାରିବିହାରିଣୀନାମ୍ ।
ପାରିପ୍ଲବାଃ ସ୍ରୋତସି ନିମ୍ନଗାୟାଃ ଶୈବାଳଲୋଲାଁଶ୍ଛଳୟନ୍ତି ମୀନାନ୍ ॥୬୧

आसां जलास्फालनतत्पराणां मुक्ताफलस्पर्धिषु सीकरेषु ।
पयोधरोत्सर्पिषु शीर्यमाणः संलक्ष्यते न छिदुरोऽपि हारः ॥६२
ଆସାଂ ଜଳାସ୍ଫାଳନତତ୍‌ପରାଣାଂ ମୁକ୍ତାଫଳସ୍ପର୍ଦ୍ଧିଷୁ ସୀକରେଷୁ ।
ପୟୋଧରୋତ୍ସର୍ପିଷୁ ଶୀର୍ଯ୍ୟମାଣଃ ସଂଲକ୍ଷ୍ୟତେ ନ ଛିଦୁରୋଽପି ହାରଃ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାରୀମାନେ କୂଳଉପରୁ ପାହାଚରେ ନଦୀ ମଧ୍ୟକୁ ଯାଉଥିଲା ବେଳେ ଭିଡରେ ପରସ୍ପରର ବାଜୁବନ୍ଧ ଘଷିହେଉଥିଲା । ସେମାନଙ୍କର ପାଦ ଇତସ୍ତତଃ ପଡୁଥିବାରୁ ନୂପୁର ଅଧିକ ଶବ୍ଦ କରୁଥିଲା । ତାହା ଶୁଣି ସରଯୂର ରାଜହଂସଗଣ ଭୟ-ଚକିତ ହେଉଥିଲେ । ୫୬

ନାରୀମାନେ ପରସ୍ପର ଉପରକୁ ଜଳ ଫିଙ୍ଗି ଖେଳିଲେ । ନୌକା-ଆସୀନ ରଜା ସେମାନଙ୍କର ସ୍ନାନ-ଅନୁରାଗ ଦେଖି ପାଖରେ ଚାମର ବିଞ୍ଚୁଥିବା ଶବରୀକୁ କହିଲେ—୫୭

"ଦେଖ, ମୋର ଅନ୍ତଃପୁରର ଶତଶତ ନାରୀମାନେ କିପରି ସରଯୂ ସ୍ରୋତକୁ ଆଲୋଡ଼ିତ କରୁଛନ୍ତି । ସେମାନଙ୍କ ଦେହରୁ ଯେଉଁ ଅଙ୍ଗରାଗ ଧୋଇ-ହୋଇଯାଉଛି, ତାହାଦ୍ୱାରା ନଦୀସ୍ରୋତ ସନ୍ଧ୍ୟା ସମୟର ମେଘ ପରି ବିଭିନ୍ନ ବର୍ଣ୍ଣ ଧାରଣ କରୁଛି । ୫୮

ନୌକା—ଆଲୋଡ଼ିତ ଜଳ ସୁନ୍ଦରୀମାନଙ୍କର ବିଶାଳ ଚକ୍ଷୁରୁ ଅଞ୍ଜନ ଧୋଇ ନେଉଛି । କିନ୍ତୁ ସେ ତାହାର କ୍ଷତିପୂରଣ ଦେଉଛି ସେମାନଙ୍କ ଚକ୍ଷୁରେ ଲାଲିମା ସୃଷ୍ଟି କରି, ଯାହା କି କେବଳ ମଦ୍ୟପାନରୁ ମିଳିଥାଏ । ୫୯

ଏଇ, ଏ ଯୁବତୀମାନେ ନିତମ୍ବ ତଥା ସ୍ତନର ଗୁରୁ ଭରରେ ନିଜ ଦେହକୁ ମଧ୍ୟ ବହନ କରିବା ପାଇଁ ଅସମର୍ଥା । ତଥାପି ଏମାନେ ଅଧିକ ଅନୁରାଗ ଯୋଗୁଁ କଷ୍ଟ ସତ୍ତ୍ୱେ ବାଜୁବନ୍ଧଭୂଷିତ ବାହୁଦ୍ୱାରା ପହଁରୁଛନ୍ତି । ୬୦

ଏଇ, ଜଳକ୍ରୀଡ଼ାରେ ଏ ରମଣୀମାନଙ୍କର କାନରୁ ଶିରୀଷଫୁଲ ଖସି ସ୍ରୋତରେ ଦୋହଲି ଦୋହଲି ଭସି ଯାଉଛି । ମାଛମାନେ ତାହାକୁ ଶିଉଳି ମନେକରି ନିକଟକୁ ଯାଇ ପ୍ରତାରିତ ହେଉଛନ୍ତି । ୬୧

ଦେଖ, ଏଇ ଯେଉଁ ନାରୀମାନେ ହାତରେ ଜଳ ଆହୁଲାଇ ଆଗକୁ ଆଗକୁ ଯାଉଛନ୍ତି, ସେମାନଙ୍କ ସ୍ତନ ଉପରେ ମୁକ୍ତାତୁଲ୍ୟ ଜଳବିନ୍ଦୁମାନ ବାଜି ଖେଳେଇ ହୋଇଯାଉଛି । ଫଳରେ, ସେମାନଙ୍କ ସ୍ତନରୁ ମୁକ୍ତାହାର ଛିଣ୍ଡି-ଗଲେ ମଧ୍ୟ ତାହା ଜଣା ପଡୁନାହିଁ । ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

आवर्तशोभा नततनाभिकान्तेर्भङ्गो भ्रुवां द्वन्द्वचराः स्तनानाम् ।
जातानि रूपावयवोपमानान्यदूरवर्तीनि विलासिनीनाम् ॥६३
ଆବର୍ତ୍ତଶୋଭା ନତନାଭିକାନ୍ତେର୍ଭଙ୍ଗୋ ଭ୍ରୁବାଂ ଦ୍ୱନ୍ଦ୍ୱଚରାଃ ସ୍ତନାନାମ୍ ।
ଜାତାନି ରୂପାବୟବୋପମାନାନ୍ୟଦୂରବର୍ତ୍ତୀନି ବିଳାସିନୀନାମ୍ ॥୬୩

तीरस्थलीबर्हिभिरुत्कलापैः प्रस्निग्धकेकैरभिनन्द्यमानम् ।
श्रोत्रेषु संमूर्च्छति रक्तमासां गीतानुगं वारिमृदङ्गवाद्यम् ॥६४
ତୀରସ୍ଥଳୀବର୍ହିଭିରୁତ୍କଳାପୈଃ ପ୍ରସ୍ନିଗ୍ଧକେକୈରଭିନନ୍ଦ୍ୟମାନମ୍ ।
ଶ୍ରୋତ୍ରେଷୁ ସଂମୂର୍ଚ୍ଛତି ରକ୍ତମାସାଂ ଗୀତାନୁଗଂ ବାରିମୃଦଙ୍ଗବାଦ୍ୟମ୍ ॥୬୪

संदष्टवस्त्रेष्वबलानितम्बेष्विन्दुप्रकाशान्तरितोडुतुल्याः ।
अमी जलापूरितसूत्रमार्गा मौनं भजन्ते रसनाकलापाः ॥६५
ସଂଦଷ୍ଟବସ୍ତ୍ରେଷ୍ୱବଳାନିତମ୍ବେଷ୍ୱିନ୍ଦୁପ୍ରକାଶାନ୍ତରିତୋଡୁତୁଲ୍ୟାଃ ।
ଅମୀ ଜଳାପୂରିତସୂତ୍ରମାର୍ଗା ମୌନଂ ଭଜନ୍ତେ ରସନାକଳାପାଃ ॥୬୫

एताः करोत्पीडितवारिधारा दर्पात् सखीभिर्वदनेषु सिक्ताः ।
वक्रेतराग्रैरलकैस्तरुण्यश्चूर्णारुणान् वारिलवान् वमन्ति ॥६६
ଏତାଃ କରୋତ୍ପୀଡ଼ିତବାରିଧାରା ଦର୍ପାତ୍ ସଖୀଭିର୍ବଦନେଷୁ ସିକ୍ତାଃ ।
ବକ୍ରେତରାଗ୍ରୈରଳକୈସ୍ତରୁଣ୍ୟଶ୍ଚୂର୍ଣ୍ଣାରୁଣାନ୍ ବାରିଲବାନ୍ ବମନ୍ତି ॥୬୬

उद्बन्धकेशश्च्युतपत्रलेखो विश्लेषिमुक्ताफलपत्रवेष्टः ।
मनोज्ञ एव प्रमदामुखानामम्भोविहाराकुलितोऽपि वेषः ॥६७
ଉଦ୍‌ବନ୍ଧକେଶଚ୍ୟୁତପତ୍ରଲେଖୋ ବିଶ୍ଳେଷିମୁକ୍ତାଫଳପତ୍ରବେଷ୍ଟଃ ।
ମନୋଜ୍ଞ ଏବ ପ୍ରମଦାମୁଖାନାମମ୍ଭୋବିହାରାକୁଳିତୋଽପି ବେଷଃ ॥୬୭

स नौविमानादवतीर्य रेमे विलोलहारः सह ताभिरप्सु ।
स्कन्धावलग्नोद्धृतपद्मिनीकः करेणुभिर्वन्य इव द्विपेन्द्रः ॥६८
ସ ନୌବିମାନାଦବତୀର୍ଯ୍ୟ ରେମେ ବିଲୋଳହାରଃ ସହ ତାଭିରପ୍ସୁ ।
ସ୍କନ୍ଧାବଲଗ୍ନୋଦ୍ଧୃତପଦ୍ମିନୀକଃ କରେଣୁଭିର୍ବନ୍ୟ ଇବ ଦ୍ୱିପେନ୍ଦ୍ରଃ ॥୬୮

ततो नृपेणानुगताः स्त्रियस्ता भ्राजिष्णुना सातिशयं विरेजुः ।
प्रागेव मुक्ता नयनाभिरामाः प्राप्येन्द्रनीलं किमुतोन्मयूखम् ॥६९
ତତୋ ନୃପେଣାନୁଗତାଃ ସ୍ତ୍ରିୟସ୍ତା ଭ୍ରାଜିଷ୍ଣୁନା ସାତିଶୟଂ ବିରେଜୁଃ ।
ପ୍ରାଗେବ ମୁକ୍ତା ନୟନାଭିରାମାଃ ପ୍ରାପ୍ୟେନ୍ଦ୍ରନୀଳଂ କିମୁତୋନ୍ମୟୂଖମ୍ ॥୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୁନ୍ଦରୀମାନଙ୍କର ଗଭୀର ନାଭି ସହିତ ଜଳଭଉଁରୀ, ଭ୍ରୂଲତା ସହିତ ଲହରୀ, ସ୍ତନ ସହିତ ଚକ୍ରବାକ ପକ୍ଷୀ––ଏହିପରି ବିଭିନ୍ନ ଅଂଗ ସହିତ ଯେଉଁ ଯେଉଁ ଉପମାନକୁ ତୁଳନା କରଯାଏ, ବର୍ତ୍ତମାନ ସେଗୁଡ଼ିକ ଉପମେୟମାନଙ୍କ ନିକଟରେ ରହିଛନ୍ତି । ୬୩

ଜଳର କଳକଳ ଶବ୍ଦ ମୃଦଙ୍ଗ ବାଦ୍ୟ ପରି ଶୁଭୁଛି । ତା' ସହିତ ମିଶୁଛି ନାରୀମାନଙ୍କର ଅନୁରାଗଭରା ସଙ୍ଗୀତ । କୂଳରେ ଥିବା ମୟୂରମାନେ ପୁଚ୍ଛ ମେଲାଇ, କେକାରବ କରି ଏହି ଗୀତବାଦ୍ୟକୁ ସ୍ୱାଗତ ଜଣାଉଛନ୍ତି । ୬୪

ନାରୀମାନଙ୍କ ନିତମ୍ବରେ ଓଦାଲୁଗା ଜଡ଼ି ରହିଛି ଏବଂ ଲୁଗା ଭିତରେ ଅଛି ଅଣ୍ଟାସୂତା । ତେଣୁ ତାହା (ଅଣ୍ଟାସୂତା) ସୂର୍ଯ୍ୟକିରଣରେ ଛପି ରହିଥିବା ତାରାମାନଙ୍କ ପରି ଜଣା ପଡ଼ୁଛି । ଆଉ ମଧ୍ୟ, ତାର ଭିତର ସୂତ୍ରରେ ଜଳ ପଶିଯାଇଥିବାରୁ ତାହା ନୀରବ, ନିଷ୍ଚଳ । ୬୫

ଏଇ, ଏ ରମଣୀମାନେ ସଖୀମାନଙ୍କ ଉପରକୁ ଜଳ ଠେଲୁଛନ୍ତି । ସଖୀମାନେ ମଧ୍ୟ ଏମାନଙ୍କ ଆଡକୁ ସେହିପରି କରୁଛନ୍ତି । ତେଣୁ ଏମାନଙ୍କ ପାଟି ଭିତରେ ଜଳ ପଶିଯାଉଛି । ସେହି ଜଳ ପୁଣି ଏମାନଙ୍କ କେଶରେ ଲାଗି କୁଙ୍କୁମ ପ୍ରଭୃତି ଚୂର୍ଣ୍ଣରେ ଘୋଳ ହୋଇଯାଉଛି ଏବଂ କେଶକୁ ସଳଖାଇ ଅଗ୍ରଭାଗରୁ ବିନ୍ଦୁ ବିନ୍ଦୁ ହୋଇ ପଡ଼ୁଛି । ୬୬

ଏହି ପ୍ରମଦାମାନଙ୍କର କେଶ ମୁକୁଳା ହୋଇଯାଇଛି । ଦେହରୁ କୁଙ୍କୁମାଦିଦ୍ୱାରା ଅଙ୍କିତ ହୋଇଥିବା ପତ୍ରଭୂଷଣ ଲିଭିଯାଉଛି । ମୁକ୍ତା-ତାଡ଼ ଖସି ପଡୁଛି । ଜଳ କ୍ରୀଡ଼ାରେ ଏମାନଙ୍କର ବେଶ ଏହିପରି ଅସଜଡ଼ା ହୋଇଯାଉଥିଲେ ମଧ୍ୟ ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି ।” ୬୭

ତା'ପରେ ରାଜା ନୌକାରୂପକ ବିମାନରୁ ଓହ୍ଲାଇ ନାରୀମାନଙ୍କ ସହିତ ଜଳକ୍ରୀଡ଼ା କଲେ । ତାଙ୍କ କଣ୍ଠରେ ଏକ ହାର ଝୁଲି ଶୋଭା ପାଉଥିଲା । ତେଣୁ ହସ୍ତୀ ଯେପରି ହସ୍ତିନୀ ମାନଙ୍କ ସହିତ ଜଳକ୍ରୀଡା କରୁଥାଏ ଏବଂ ତା' କଣ୍ଠରେ ପଦ୍ମଲତା ଝୁଲୁଥାଏ, ରାଜା ସେହିପରି ଶୋଭାପାଇଲେ । ୬୮

ରମଣୀମାନେ ସୁଶ୍ରୀ ରାଜାଙ୍କ ସହିତ ମିଶି ଅତ୍ୟଧିକ ଶୋଭା ପାଇଲେ । ମୁକ୍ତା ଗୁଡ଼ିକ ଇନ୍ଦ୍ରନୀଳ ସହିତ ମିଶିବା ପୂର୍ବରୁ ମଧ୍ୟ ସୁନ୍ଦର, ଉଜ୍ଜ୍ୱଳ । ଇନ୍ଦ୍ରନୀଳ ସହିତ ମିଶିଲେ ସେଗୁଡ଼ିକର ଶୋଭା କ'ଣ ବା ନହୁଏ !! ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वर्णोदकैः काञ्चनशृङ्गमुक्तैस्तमायताक्ष्यः प्रणयादसिञ्चन् ।
तथागतः सोऽतितरां बभासे सधातुनिष्यन्द इवाद्रिराजः ॥७०
ବର୍ଣ୍ଣୋଦକୈଃ କାଞ୍ଚନଶୃଙ୍ଗମୁକ୍ତୈସ୍ତମାୟତାକ୍ଷ୍ୟଃ ପ୍ରଣୟାଦସିଞ୍ଚନ୍ ।
ତଥାଗତଃ ସୋଽତିତରାଂ ବଭାସେ ସଧାତୁନିଷ୍ୟନ୍ଦ ଇବାଦ୍ରିରାଜଃ ॥୭୦

तेनावरोधप्रमदासखेन विगाहमानेन सरिद्वरां ताम् ।
आकाशगङ्गारतिरप्सरोभिर्वृतो मरुत्वाननुयातलीलः ॥७१
ତେନାବରୋଧପ୍ରମଦାସଖେନ ବିଗାହମାନେନ ସରିଦ୍‌ବରାଂ ତାମ୍ ।
ଆକାଶଗଙ୍ଗାରତିରପ୍‌ସରୋଭିର୍ବୃତୋ ମରୁତ୍ୱାନନୁଯାତଲୀଳଃ ॥୭୧

यत् कुम्भयोनेरधिगम्य रामः कुशाय राज्येन समं दिदेश ।
तदस्य जैत्राभरणं विहर्तुरज्ञातपातं सलिले ममज्ज ॥७२
ଯତ୍ କୁମ୍ଭଯୋନେରଧିଗମ୍ୟ ରାମଃ କୁଶାୟ ରାଜ୍ୟେନ ସମଂ ଦିଦେଶ ।
ତଦସ୍ୟ ଜୈତ୍ରାଭରଣଂ ବିହର୍ତୁରଜ୍ଞାତପାତଂ ସଲିଳେ ମମଜ୍ଜ ॥୭୨

स्नात्वा यथाकाममसौ सदारस्तीरोपकार्यां गतमात्र एव ।
दिव्येन शून्यं वलयेन बाहु मुपोढनेपथ्यविधिर्ददर्श ॥७३
ସ୍ନାତ୍ୱା ଯଥାକାମମସୌ ସଦାରସ୍ତୀରୋପକାର୍ଯ୍ୟାଂ ଗତମାତ୍ର ଏବ ।
ଦିବ୍ୟେନ ଶୂନ୍ୟଂ ବଲୟେନ ବାହୁ ମୁପୋଢନେପଥ୍ୟବିଧିର୍ଦ୍ଦଦର୍ଶ ॥୭୩

जयश्रियः संवननं यतस्तदामुक्तपूर्वं गुरुणा च यस्मात् ।
सेहेऽस्य न भ्रंशमतो न लोभात् स तुल्यपुष्पाभरणो हि धीरः ॥७४
ଜୟଶ୍ରିୟଃ ସଂବନନଂ ଯତସ୍ତଦାମୁକ୍ତପୂର୍ବଂ ଗୁରୁଣା ଚ ଯସ୍ମାତ୍ ।
ସେହେଽସ୍ୟ ନ ଭ୍ରଂଶମତୋ ନ ଲୋଭାତ୍ ସ ତୁଲ୍ୟପୁଷ୍ପାଭରଣୋ ହି ଧୀରଃ ॥୭୪

ततः समाज्ञापयदाशु सर्वानानायिनस्तद्विचये नदीष्णान् ।
वन्ध्यश्रमास्ते सरयूं विगाह्य तमूचुरम्लानमुखप्रसादाः ॥७५
ତତଃ ସମାଜ୍ଞାପୟଦାଶୁ ସର୍ବାନାନାୟିନସ୍ତଦ୍‌ବିଚୟେ ନଦୀଷ୍ଣାନ୍ ।
ବନ୍ଧ୍ୟଶ୍ରମାସ୍ତେ ସରୟୂଂ ବିଗାହ୍ୟ ତମୂଚୁରମ୍ଳାନମୁଖପ୍ରସାଦାଃ ॥୭୫

कृतः प्रयत्नो न च देव लब्धं मग्नं पयस्याभरणोत्तमं ते ।
नागेन लौल्यात् कुमुदेन नूनमुपात्तमन्तर्ह्रदवासिना तत् ॥७६
କୃତଃ ପ୍ରୟତ୍ନୋ ନ ଚ ଦେବ ଲବ୍ଧଂ ମଗ୍ନଂ ପୟସ୍ୟାଭରଣୋତ୍ତମଂ ତେ ।
ନାଗେନ ଲୌଲ୍ୟାତ୍ କୁମୁଦେନ ନୂନମୁପାତ୍ତମନ୍ତର୍ହ୍ରଦବାସିନା ତତ୍ ॥୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଶାଳନୟନା ନାରୀମାନେ ପ୍ରେମରେ ସୁବର୍ଣ୍ଣ ପିଚକାରୀରୁ ବିଭିନ୍ନ ବର୍ଣ୍ଣର ଜଳ ତାଙ୍କ ଉପରକୁ ଫିଙ୍ଗିଲେ । ତେଣୁ ହିମାଳୟ ଯେପରି ବିଭିନ୍ନ ରଙ୍ଗର ଧାତୁଜଳସ୍ରୋତ ଦ୍ୱାରା ଶୋଭା ପାଏ, ସେ ସେହିପରି ଅତ୍ୟନ୍ତ ସୁନ୍ଦର ଦେଖାଗଲେ । ୭୦

ସରଯୂନଦୀରେ ଅନ୍ତଃପୁରର ରମଣୀମାନଙ୍କ ସହିତ ଜଳକ୍ରୀଡ଼ାସକ୍ତ କୁଶ ଅପ୍ସରାମାନଙ୍କ ସହିତ ସ୍ୱର୍ଗଗଙ୍ଗାରେ ଜଳକ୍ରୀଡାସକ୍ତ ଇନ୍ଦ୍ରଙ୍କ ଭଳି ଶୋଭା ପାଇଲେ । ୭୧

ରାମଚନ୍ଦ୍ର ଯେଉଁ ବିଜୟପ୍ରଦ ଆଭରଣଟି ଅଗସ୍ତି ମୁନିଙ୍କଠାରୁ ପାଇଥିଲେ ଏବଂ କୁଶଙ୍କୁ ରାଜ୍ୟ ସହିତ ପ୍ରଦାନ କରିଥିଲେ, ତାହା ଜଳକ୍ରୀଡ଼ା ସମୟରେ ଅଜ୍ଞାତସାରରେ କୁଶଙ୍କ ଦେହରୁ ଖସିପଡ଼ିଲା । ୭୨

ସ୍ତ୍ରୀମାନଙ୍କ ସହିତ ମନଇଚ୍ଛା ବିହାର କରିସାରି କୁଶ ତୀରସ୍ଥ ତମ୍ବୁକୁ ଆସିଲେ । କିନ୍ତୁ ପୋଷାକ ପିନ୍ଧିବା ପୂର୍ବରୁ ନିଜ ବାହୁରେ ସେହି ଦିବ୍ୟ ଆଭରଣଟି ନ ଥିବାର ଦେଖିଲେ । ୭୩

Gurukul Kangri Vishwavidyalaya Library

ସେହି ଆଭରଣଟି ଥିଲା ବିଜୟଲକ୍ଷ୍ମୀଙ୍କୁ ବଶ କରିବାର ଉପାୟ ଏବଂ ନିଜେ ପିତା ରାମଚନ୍ଦ୍ର ତାହା ତାଙ୍କୁ ଦେଇଥିଲେ । ତେଣୁ କୁଶ ତାହା ହରାଇ ଘୋର ଦୁଃଖ ଅନୁଭବ କଲେ । କିନ୍ତୁ ସେ ଯେ ଲୋଭ ବଶତଃ ଦୁଃଖ ଅନୁଭବ କଲେ, ତାହା ନୁହେଁ । କାରଣ ପୁଷ୍ପ ଓ ମୂଲ୍ୟବାନ୍ ଅଳଙ୍କାର ଉଭୟକୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ । ୭୪

ତା ପରେ ସେ ସଙ୍ଗେସଙ୍ଗେ ନଦୀବୁଡ଼ାଳି ଜାଲିଆମାନଙ୍କୁ ତାହା ଖୋଜିବା ପାଇଁ ଆଦେଶ ଦେଲେ । ସେମାନେ ନଦୀରେ ବୁଡ଼ି ଭଲ ଭାବରେ ଖୋଜିଲେ, କିନ୍ତୁ ସେମାନଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା । ତଥାପି ସେମାନେ ଉତ୍‌ଫୁଲ୍ଲ ଭାବରେ ଆସି କହିଲେ— ୭୫

"ମହାରାଜ, ଆମ୍ଭେମାନେ ବହୁତ ଯତ୍ନ କଲୁଁ, କିନ୍ତୁ ଆପଣଙ୍କର ଦିବ୍ୟ ଭୂଷଣଟି ପାଇଲୁଁ ନାହିଁ । ବୋଧହୁଏ ହ୍ରଦ ମଧ୍ୟରେ ବାସ କରୁଥିବା 'କୁମୁଦ' ନାଗ ଲୋଭରେ ତାହାକୁ ଘେନିଯାଇଛି ।" ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततः स कृत्वा धनुराततज्यं धनुर्धरः कोपविलोहिताक्षः ।
गारुत्मतं तीरगतस्तरस्वी भुजङ्गनाशाय समाददेऽस्त्रम् ।।७७
ତତଃ ସ କୃତ୍ୱା ଧନୁରାତତଜ୍ୟଂ ଧନୁର୍ଧରଃ କୋପବିଲୋହିତାକ୍ଷଃ ।
ଗାରୁତ୍ମତଂ ତୀରଗତସ୍ତରସ୍ୱୀ ଭୁଜଙ୍ଗନାଶାୟ ସମାଦଦେଽସ୍ତ୍ରମ୍ ॥୭୭

तस्मिन् ह्रदः संहितमात्र एव क्षोभात् समाविद्धतरङ्गहस्तः ।
रोधांसि निघ्नन्नवपातमग्नः करीव वन्यः परुषं ररास ।।७८
ତସ୍ମିନ୍ ହ୍ରଦଃ ସଂହିତମାତ୍ର ଏବ କ୍ଷୋଭାତ୍ ସମାବିଦ୍ଧତରଙ୍ଗହସ୍ତଃ ।
ରୋଧାଂସି ନିଘ୍ନନ୍ନବପାତମଗ୍ନଃ କରୀବ ବନ୍ୟଃ ପରୁଷଂ ରରାସ ॥୭୮

तस्मात् समुद्रादिव मथ्यमानादुद्वृत्तनक्रात् सहसोन्ममज्ज ।
लक्ष्म्येव सार्धं सुरराजवृक्षः कन्यां पुरस्कृत्य भुजङ्गराजः ।।७९
ତସ୍ମାତ୍ ସମୁଦ୍ରାଦିବ ମଥ୍ୟମାନାଦୁଦବୃତ୍ତନକ୍ରାତ୍ ସହସୋନ୍ମମଜ୍ଜ ।
ଲକ୍ଷ୍ମ୍ୟେବ ସାର୍ଧଂ ସୁରରାଜବୃକ୍ଷଃ କନ୍ୟାଂ ପୁରସ୍କୃତ୍ୟ ଭୁଜଙ୍ଗରାଜଃ ॥୭୯

विभूषणप्रत्युपहारहस्तमुपस्थितं वीक्ष्य विशांपतिस्तम् ।
सौपर्णमस्त्रं प्रतिसंजहार प्रह्वेष्वनिर्बन्धरुषो हि सन्तः ।।८०
ବିଭୂଷଣପ୍ରତ୍ୟୁପହାରହସ୍ତମୁପସ୍ଥିତଂ ବୀକ୍ଷ୍ୟ ବିଶାଂପତିସ୍ତମ୍ ।
ସୌପର୍ଣ୍ଣମସ୍ତ୍ରଂ ପ୍ରତିସଂଜହାର ପ୍ରହ୍ୱେଷ୍ୱନିର୍ବନ୍ଧରୁଷୋ ହି ସନ୍ତଃ ॥୮୦

त्रैलोक्यनाथप्रभवं प्रभावात् कुशं द्विषामङ्कुशमस्त्रविद्वान् ।
मानोन्नतेनाप्यभिवन्द्य मूर्ध्ना मूर्धाभिषिक्तं कुमुदो बभाषे ।।८१
ତ୍ରୈଲୋକ୍ୟନାଥପ୍ରଭବଂ ପ୍ରଭାବାତ୍ କୁଶଂ ଦ୍ୱିଷାମଙ୍କୁଶମସ୍ତ୍ରବିଦ୍ୱାନ୍ ।
ମାନୋନ୍ନତେନାପ୍ୟଭିବନ୍ଦ୍ୟ ମୂର୍ଦ୍ଧ୍ନା ମୂର୍ଧାଭିଷିକ୍ତଂ କୁମୁଦୋ ବଭାଷେ ॥୮୧

अवैमि कार्यान्तरमानुषस्य विष्णोः सुताख्यामपरां तनुं त्वाम् ।
सोऽहं कथं नाम तवाचरेयमाराधनीयस्य धृतेर्विघातम् ।।८२
ଅବୈମି କାର୍ଯ୍ୟାନ୍ତରମାନୁଷସ୍ୟ ବିଷ୍ଣୋଃ ସୁତାଖ୍ୟାମପରାଂ ତନୁଂ ତ୍ୱାମ୍ ।
ସୋଽହଂ କଥଂ ନାମ ତବାଚରେୟମାରାଧନୀୟସ୍ୟ ଧୃତେର୍ବିଘାତମ୍ ॥୮୨

कराभिघातोत्थितकन्दुकेयमालोक्य बालाऽतिकुतूहलेन ।
ह्रदात् पतज्ज्योतिरिवान्तरिक्षादादत्त जैत्राभरणं त्वदीयम् ।।८३
କରାଭିଘାତୋତ୍ଥିତକନ୍ଦୁକେୟମାଲୋକ୍ୟ ବାଲାଽତିକୁତୂହଲେନ ।
ହ୍ରଦାତ୍ ପତଜ୍ଜ୍ୟୋତିରିବାନ୍ତରିକ୍ଷାଦାଦତ୍ତ ଜୈତ୍ରାଭରଣଂ ତ୍ୱଦୀୟମ୍ ॥୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାହା ଶୁଣି ବଳବାନ୍, ଧନୁର୍ଦ୍ଧର ରାଜା କ୍ରୋଧରେ ଚକ୍ଷୁ ରକ୍ତବର୍ଣ୍ଣ କରି ଧନୁରେ ଗୁଣ ଚଢ଼ାଇଲେ ଏବଂ କୂଳ ଉପରେ ଥାଇ ସର୍ପକୁ ମାରିବା ପାଇଁ ଗରୁଡ଼ାସ୍ତ୍ର ଧାରଣ କଲେ । ୭୭

ସେ ଧନୁରେ ଶର ସଂଯୋଗ କରିବା ମାତ୍ରେ, ଗର୍ତ୍ତରେ ପଡ଼ିଥିବା ବନ୍ୟହସ୍ତୀ ଯେପରି ଏଣେ ତେଣେ ଶୁଣ୍ଢ ବୁଲାଇ ମାଟି ତାଡ଼ି ଘୋର ଗର୍ଜନ କରେ, ହ୍ରଦ ସେହିପରି ତରଙ୍ଗ ଖେଳାଇ କୂଳ ତାଡ଼ି ଘୋର ଗର୍ଜନ କରିବାରେ ଲାଗିଲା । ୭୮

ଏହିପରି ଭାବରେ ହ୍ରଦ ମନ୍ଥି ହୋଇଯିବାରୁ କୁମ୍ଭୀରମାନେ ଅସ୍ତ-ବ୍ୟସ୍ତ ହୋଇଗଲେ । ଅବିଳମ୍ବେ, କଳ୍ପବୃକ୍ଷ ଲକ୍ଷ୍ମୀଙ୍କୁ ଘେନି ସମୁଦ୍ରରୁ ବାହାରିଲା ପରି ସର୍ପରାଜ କୁମୁଦ ଏକ କନ୍ୟା ଘେନି ହ୍ରଦରୁ ବାହାରିଲେ । ୭୯

ରାଜା କୁଶ ତାହାଙ୍କୁ ଭୂଷଣ-ଉପହାରମାନ ଘେନି ଆସୁଥିବାର ଦେଖି ଗରୁଡ଼ାସ୍ତ୍ରକୁ ଧନୁରୁ ପୃଥକ୍ କରିଦେଲେ । କାରଣ, ସଜ୍ଜନମାନେ ବିନମ୍ର ବ୍ୟକ୍ତି ପ୍ରତି କ୍ରୋଧ ପ୍ରକାଶ କରନ୍ତି ନାହିଁ । ୮୦

ରାଜା କୁଶ ଥିଲେ ତ୍ରିଲୋକପତି ରାମଚନ୍ଦ୍ରଙ୍କର ପୁତ୍ର, ପୁଣି ନିଜ ବାହୁବଳରେ ଶତ୍ରୁମାନଙ୍କର ଅଙ୍କୁଶ । ତାଙ୍କର ଗରୁଡ଼ାସ୍ତ୍ରର ପ୍ରଭାବ କୁମୁଦଙ୍କୁ ବେଶ୍ ଜଣାଥିଲା । ତେଣୁ ସେ (କୁମୁଦ) ନିଜର ଗର୍ବୋନ୍ନତ ମସ୍ତକ ଅବନତ କରି ତାଙ୍କୁ ପ୍ରଣାମ କଲେ ଏବଂ କହିଲେ—୮୧

"ହେ ବୀର, ବିଷ୍ଣୁ ଦେବକାର୍ଯ୍ୟ ସାଧନ କରିବା ପାଇଁ ମନୁଷ୍ୟ ରୂପ ଧାରଣ କରିଥିଲେ । ଆପଣ ତାଙ୍କର ପୁତ୍ର, ତେଣୁ ତାଙ୍କର ଭିନ୍ନ ଶରୀର ମାତ୍ର ବୋଲି ମୁଁ ଜାଣେ । ଆପଣ ପୂଜନୀୟ, ମୁଁ ଆପଣଙ୍କର ଆନନ୍ଦରେ କିପରି ବାଧା ଦିଅନ୍ତି ? ୮୨

ଏହି କନ୍ୟାଟି ଯେତେବେଳେ ଉପରକୁ ପେଣ୍ଡୁ ଫିଙ୍ଗି ତାହା ଉପରେ ଦୃଷ୍ଟି ରଖିଥିଲା, ସେତିକିବେଳେ ଆକାଶରୁ ତାରା ଖସିଲା ପରି ହ୍ରଦର ଆପଣଙ୍କର ଦିବ୍ୟ ଆଭରଣଟି ଖସୁଥିବାର ଦେଖିଲା ଏବଂ ତାହାକୁ କୌତୁହଳରେ ଘେନିଗଲା । ୮୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तदेतदाजानुविलम्बिना ते ज्याघातरेखाकिणलाञ्छनेन ।
भुजेन रक्षापरिघेण भूमेरुपैतु योगं पुनरंसलेन ॥८४
ତଦେତଦାଜାନୁବିଲମ୍ବିନା ତେ ଜ୍ୟାଘାତରେଖାକିଣଲାଞ୍ଛନେନ ।
ଭୁଜେନ ରକ୍ଷାପରିଘେଣ ଭୂମେରୁପୈତୁ ଯୋଗଂ ପୁନରଂସଲେନ ॥୮୪

इमां स्वसारं च यवीयसीं मे कुमुद्वतीं नार्हसि नानुमन्तुम् ।
आत्मापराधं नुदतीं चिराय शुश्रूषया पार्थिव पादयोस्ते ॥८५
ଇମାଂ ସ୍ୱସାରଂ ଚ ଯବୀୟସୀଂ ମେ କୁମୁଦ୍ୱତୀଂ ନାର୍ହସି ନାନୁମନ୍ତୁମ୍ ।
ଆତ୍ମାପରାଧଂ ନୁଦତୀଂ ଚିରାୟ ଶୁଶ୍ରୂଷୟା ପାର୍ଥିବ ପାଦୟୋସ୍ତେ ॥୮୫

ଇତ୍ୟୂଚିବାନୁପହୃତାଭରଣଃ କ୍ଷିତୀଶଂ
ଶ୍ଳାଘ୍ୟୋ ଭବାନ୍ ସ୍ୱଜନ ଇତ୍ୟନୁଭଷିତାରମ୍ ।
ସଂଯୋଜୟାଂ ବିଧିବଦାସ ସମେତବନ୍ଧୁଃ
କନ୍ୟାମୟେନ କୁମୁଦଃ କୁଲଭୂଷଣେନ ॥୮୬

ତସ୍ୟାଃ ସ୍ପୃଷ୍ଟେ ମନୁଜପତିନା ସାହଚର୍ଯ୍ୟାୟ ହସ୍ତେ
ମାଙ୍ଗଲ୍ୟୋର୍ଣ୍ଣାବଲୟିନି ପୁରଃ ପାବକସ୍ୟୋଚ୍ଛିଖସ୍ୟ ।
ଦିବ୍ୟସ୍ତୂର୍ଯ୍ୟଧ୍ୱନିରୁଦଚରଦ୍ ବ୍ୟଶ୍ନୁବାନୋ ଦିଗନ୍ତାନ୍
ଗନ୍ଧୋଦଗ୍ରଂ ତଦନୁ ବବୃଷୁଃ ପୁଷ୍ପମାଶ୍ଚର୍ଯ୍ୟମେଘାଃ ॥୮୭

ଇତ୍ଥଂ ନାଗସ୍ତ୍ରିଭୁବନଗୁରୋରୌରସଂ ମୈଥିଲେୟଂ
ଲବ୍ଧ୍ୱା ବନ୍ଧୁଂ ତମପି ଚ କୁଶଃ ପଞ୍ଚମଂ ତକ୍ଷକସ୍ୟ ।
ଏକଃ ଶଙ୍କାଂ ପିତୃବଧରିପୋରତ୍ୟଜଦ୍ ବୈନତେୟା-
ଚ୍ଛାନ୍ତବ୍ୟାଲାମବନିମପରଃ ପୌରକାନ୍ତଃ ଶଶାସ ॥୮୮

इति श्रीमहाकविकालिदासकृतौ रघुवंशे महाकाव्ये
कुमुद्वतीपरिणयो नाम षोडशः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବର୍ତ୍ତମାନ ଏ ଅଳଙ୍କାର ପୁଣି ଆପଣଙ୍କର ବାହୁରେ ସଂଯୋଗ ଲଭ କରୁ, ଯେଉଁ ବାହୁ କି ଧନୁ ଆକର୍ଷଣ କରି କରି ବ୍ରଣଯୁକ୍ତ, ପୃଥିବୀରକ୍ଷାର ଗଦାସ୍ୱରୂପ, ବଳିଷ୍ଠ ତଥା ଆଜାନୁଲମ୍ବିତ । ୮୪

ଏ ଝିଅଟି ମୋର ସାନ ଭଉଣୀ । ଏହାର ନାମ କୁମୁଦ୍ୱତୀ । ଆପଣ ଏହାକୁ ପ୍ରତ୍ୟାଖ୍ୟାନ କରନ୍ତୁ ନାହିଁ । ଏ ଆପଣଙ୍କ ନିକଟରେ ଯେଉଁ ଅପରାଧ କରିଛି, ଆପଣଙ୍କର ଚିରଦିନ ପଦସେବା କରି ତାହା ମାର୍ଜନା କରାଇବ ।" ୮୫

ଏହିପରି କହି କୁମୁଦ ତାଙ୍କୁ ଆଭରଣ ପ୍ରଦାନ କଲେ । ରାଜା ମଧ୍ୟ 'ଆପଣ ମୋର ପ୍ରଶଂସନୀୟ ସ୍ୱଜନ' ବୋଲି କହି ତାଙ୍କର ଅନୁରୋଧ ରକ୍ଷା କଲେ । ତା'ପରେ କୁମୁଦ ବନ୍ଧୁ ବାନ୍ଧବମାନଙ୍କ ସହିତ ମିଳି ନିଜର କନିଷ୍ଠା ଭଗିନୀରୂପକ କୁଳଭୂଷଣଟିକୁ ରାଜାଙ୍କ ହସ୍ତରେ ଅର୍ପଣ କରିଦେଲେ । ୮୬

ରାଜା କୁଶ କୁମୁଦ୍ୱତୀଙ୍କୁ ସହଧର୍ମିଣୀ କରିବା ନିମନ୍ତେ ପ୍ରଜ୍ୱଳିତ ଅଗ୍ନି ସମ୍ମୁଖରେ ତାଙ୍କର ଶୁଭ ପଶମବଳୟମଣ୍ଡିତ ହସ୍ତ ଧାରଣ କଲେ । ସ୍ୱର୍ଗରୁ ଦିଗନ୍ତ କମ୍ପାଇ ତୂର୍ଯ୍ୟନାଦ ଶୁଭିଲା ଏବଂ ତା'ପରେ ମେଘମାନେ ଆଶ୍ଚର୍ଯ୍ୟଜନକ ଭାବରେ ସୁଗନ୍ଧମୟ ପୁଷ୍ପରାଶି ବୃଷ୍ଟି କଲେ । ୮୭

କୁଶ ଥିଲେ ସୀତାଙ୍କ ଗର୍ଭରୁ ଜାତ ତ୍ରିଭୁବନପତି ରାମଚନ୍ଦ୍ରଙ୍କର ପୁତ୍ର । କୁମୁଦ ଥିଲେ ତକ୍ଷକଙ୍କର ପଞ୍ଚମ ବଂଶଧର । କୁମୁଦ ତାଙ୍କୁ ବନ୍ଧୁରୂପେ ପାଇ ନିଜର ପିତୃହନ୍ତା, ଶତ୍ରୁ ଗରୁଡ଼ଙ୍କ ପ୍ରତି ଶଙ୍କାଶୂନ୍ୟ ହୋଇଗଲେ । କୁମୁଦଙ୍କୁ ବନ୍ଧୁ ରୂପେ ପାଇ କୁଶଙ୍କର ମଧ୍ୟ ରାଜ୍ୟ ସର୍ପଭୟଶୂନ୍ୟ ହୋଇଗଲା । ସେ ପ୍ରଜାମାନଙ୍କର ଅତି ପ୍ରିୟ ହୋଇ ରାଜ୍ୟ ଶାସନ କରିବାକୁ ଲାଗିଲେ । ୮୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सप्तदशः सर्गः

अतिथिं नाम काकुत्स्थात् पुत्रं प्राप कुमुद्वती ।
पश्चिमाद् यामिनीयामात् प्रसादमिव चेतना ॥१
ଅତିଥିଂ ନାମ କାକୁତ୍‌ସ୍ଥାତ୍ ପୁତ୍ରଂ ପ୍ରାପ କୁମୁଦ୍‌ବତୀ ।
ପଶ୍ଚିମାଦ୍ ଯାମିନୀଯାମାତ୍ ପ୍ରସାଦମିବ ଚେତନା ॥୧

स पितुः पितृमान् वंशं मातुश्चानुपमद्युतिः ।
अपुनात् सवितेवोभौ मार्गावुत्तरदक्षिणौ ॥२
ସ ପିତୁଃ ପିତୃମାନ୍ ବଂଶଂ ମାତୁଶ୍ଚାନୁପମଦ୍ୟୁତିଃ ।
ଅପୁନାତ୍ ସବିତେବୋଭୌ ମାର୍ଗାବୁତ୍ତରଦକ୍ଷିଣୌ ॥୨

तमादौ कुलविद्यानामर्थमर्थविदां वरः ।
पश्चात् पार्थिवकन्यानां पाणिमग्राहयत् पिता ॥३
ତମାଦୌ କୁଳବିଦ୍ୟାନାମର୍ଥମର୍ଥବିଦାଂ ବରଃ ।
ପଶ୍ଚାତ୍ ପାର୍ଥିବକନ୍ୟାନାଂ ପାଣିମଗ୍ରାହୟତ୍ ପିତା ॥୩

जात्यस्तेनाभिजातेन शूरः शौर्यवता कुशः ।
अमन्यतैकमात्मानमनेकं वशिना वशी ॥४
ଜାତ୍ୟସ୍ତେନାଭିଜାତେନ ଶୂରଃ ଶୌର୍ଯ୍ୟବତା କୁଶଃ ।
ଅମନ୍ୟତୈକମାତ୍ମାନମନେକଂ ବଶିନା ବଶୀ ॥୪

स कुलोचितमिन्द्रस्य सहायकमुपेयिवान् ।
जघान समरे दैत्यं दुर्जयं तेन चावधि ॥५
ସ କୁଳୋଚିତମିନ୍ଦ୍ରସ୍ୟ ସହାୟକମୁପେୟିବାନ୍ ।
ଜଘାନ ସମରେ ଦୈତ୍ୟଂ ଦୁର୍ଜୟଂ ତେନ ଚାବଧି ॥୫

तं स्वसा नागराजस्य कुमुदस्य कुमुद्वती ।
अन्वगात् कुमुदानन्दं शशाङ्कमिव कौमुदी ॥६
ତଂ ସ୍ୱସା ନାଗରାଜସ୍ୟ କୁମୁଦସ୍ୟ କୁମୁଦ୍‌ବତୀ ।
ଅନ୍ୱଗାତ୍ କୁମୁଦାନନ୍ଦଂ ଶଶାଙ୍କମିବ କୌମୁଦୀ ॥୬

CC-0. In Public Domain. Gurukul Kangri Collection, Haridwar.

Digitized by Arya Samaj Foundation Chennai and eGangotri

ସପ୍ତଦଶ ସର୍ଗ

ତା'ପରେ ଚେତନା ଯେପରି ରାତ୍ରିର ଅନ୍ତିମ ପ୍ରହର ସମ୍ପର୍କରୁ ସ୍ୱଚ୍ଛଭାବ ଲାଭ କରେ, କୁମୁଦ୍‌ବତୀ ସେହିପରି କୁଶଙ୍କ ସମ୍ପର୍କରୁ 'ଅତିଥି' ନାମକ ଏକ ପୁତ୍ର ଲାଭ କଲେ । ୧

ସୂର୍ଯ୍ୟ ଯେପରି ଉତ୍ତର ଓ ଦକ୍ଷିଣ ପଥକୁ ପବିତ୍ର କରନ୍ତି, ଅତୁଳନୀୟ ତେଜସ୍ୱୀ ଅତିଥି ସେହିପରି ପିତୃକୁଳ ଓ ମାତୃକୁଳ ଉଭୟକୁ ପବିତ୍ର କଲେ । ୨

ଅଭିଜ୍ଞ ପିତା (କୁଶ) ତାଙ୍କୁ ପ୍ରଥମେ କୁଳବିଦ୍ୟା (ରାଜନୀତି) ଗ୍ରହଣ କରାଇଲେ ଏବଂ ତା'ପରେ ରାଜକୁମାରୀମାନଙ୍କ ପାଣି ଗ୍ରହଣ କରାଇଲେ । ୩

କୁଳୀନ, ବୀର ତଥା ଜିତେନ୍ଦ୍ରିୟ କୁଶ ଏକ ବ୍ୟକ୍ତି ହେଲେ ମଧ୍ୟ କୁଳୀନ, ବୀର ତଥା ଜିତେନ୍ଦ୍ରିୟ ପୁତ୍ରଟି ପାଇ ନିଜକୁ ଅନେକ ବୋଲି ମନେକଲେ । ୪

କୁଶ ନିଜର କୁଳଧର୍ମ ଅନୁସାରେ ଇନ୍ଦ୍ରଙ୍କୁ ସାହାଯ୍ୟ କରିବା ପାଇଁ ଯୁଦ୍ଧକୁ ଯାଇଥିଲେ । ସେ ଦୁର୍ଜୟ ନାମକ ରାକ୍ଷସକୁ ନିହତ କଲେ, କିନ୍ତୁ ତାହାଦ୍ୱାରା ନିଜେ ନିହତ ହେଲେ । ୫

ଜ୍ୟୋତ୍ସ୍ନା ଯେପରି ଚନ୍ଦ୍ରଙ୍କର ଅନୁଗମନ କରେ, କୁମୁଦ୍‌ବତୀ ସେହିପରି ସ୍ୱାମୀଙ୍କର ଅନୁଗମନ କଲେ । (ସ୍ୱାମୀଙ୍କ ମୃତ୍ୟୁରେ ମୃତ୍ୟୁ ବରଣ କଲେ ।) ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तयोर्दिवस्पतेरासीदेकः सिंहासनार्धभाक् ।
द्वितीयापि सखी शच्याः पारिजातांशभागिनी ॥७
ତୟୋର୍ଦ୍ଦିବସ୍ପତେରସୀଦେକଃ ସିଂହାସନାର୍ଦ୍ଧଭକ୍ ।
ଦ୍ୱିତୀୟାପି ସଖୀ ଶଚ୍ୟାଃ ପାରିଜାତାଂଶଭାଗିନୀ ॥୭

तदात्मसंभवं राज्ये मन्त्रिवृद्धाः समादधुः ।
स्मरन्तः पश्चिमामाज्ञां भर्तुः संग्रामयायिनः ॥८
ତଦାତ୍ମସଂଭବଂ ରାଜ୍ୟେ ମନ୍ତ୍ରିବୃଦ୍ଧାଃ ସମାଦଧୁଃ ।
ସ୍ମରନ୍ତଃ ପଶ୍ଚିମାମାଜ୍ଞାଂ ଭର୍ତ୍ତୁଃ ସଂଗ୍ରାମଯାୟିନଃ ॥୮

ते तस्य कल्पयामासुरभिषेकाय शिल्पिभिः ।
विमानं नवमुद्वेदि चतुःस्तम्भप्रतिष्ठितम् ॥९
ତେ ତସ୍ୟ କଳ୍ପୟାମାସୁରଭିଷେକାୟ ଶିଳ୍ପିଭିଃ ।
ବିମାନଂ ନବମୁଦ୍‌ବେଦି ଚତୁଃସ୍ତମ୍ଭପ୍ରତିଷ୍ଠିତମ୍ ॥୯

तत्रैनं हेमकुम्भेषु संभृतैस्तीर्थवारिभिः ।
उपतस्थुः प्रकृतयो भद्रपीठोपवेशितम् ॥१०
ତତ୍ରୈନଂ ହେମକୁମ୍ଭେଷୁ ସଂଭୃତୈସ୍ତୀର୍ଥବାରିଭିଃ ।
ଉପତସ୍ଥୁଃ ପ୍ରକୃତୟୋ ଭଦ୍ରପୀଠୋପବେଶିତମ୍ ॥୧୦

नदद्भिः स्निग्धगम्भीरं तूर्यैराहतपुष्करैः ।
अन्वमीयत कल्याणं तस्याविच्छिन्नसंतति ॥११
ନଦଦ୍‌ଭିଃ ସ୍ନିଗ୍ଧଗମ୍ଭୀରଂ ତୂର୍ଯ୍ୟୈରାହତପୁଷ୍କରୈଃ ।
ଅନ୍ୱମୀୟତ କଲ୍ୟାଣଂ ତସ୍ୟାବିଚ୍ଛିନ୍ନସଂତତି ॥୧୧

दूर्वायवाङ्कुरप्लक्षत्वगभिन्नपुटोत्तरान् ।
ज्ञातिवृद्धैः प्रयुक्तान् स भेजे नीराजनाविधीन् ॥१२
ଦୂର୍ବାୟବାଙ୍କୁରପ୍ଲକ୍ଷତ୍ୱଗଭିନ୍ନପୁଟୋତ୍ତରାନ୍ ।
ଜ୍ଞାତିବୃଦ୍ଧୈଃ ପ୍ରୟୁକ୍ତାନ୍ ସ ଭେଜେ ନୀରାଜନାବିଧୀନ୍ ॥୧୨

पुरोहितपुरोगास्तं जिष्णुं जैत्रैरथर्वभिः ।
उपचक्रमिरे पूर्वमभिषेकं द्विजातयः ॥१३
ପୁରୋହିତପୁରୋଗାସ୍ତଂ ଜିଷ୍ଣୁଂ ଜୈତ୍ରୈରଥର୍ବଭିଃ ।
ଉପଚକ୍ରମିରେ ପୂର୍ବମଭିଷେକଂ ଦ୍ୱିଜାତୟଃ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦୁହିଁଙ୍କ ମଧ୍ୟରୁ ଜଣେ ଇନ୍ଦ୍ରଙ୍କର ସିଂହାସନରୁ ଅଧେ ପାଇଲେ ଏବଂ ଆଉ ଜଣେ ଶଚୀଙ୍କର ସଖୀରୂପେ ପାରିଜାତ ପୁଷ୍ପରୁ ଅଧେ ପାଇବାର ଅଧିକାରିଣୀ ହେଲେ । ୭

କୁଶ (ଇନ୍ଦ୍ରଙ୍କୁ ସାହାଯ୍ୟ କରିବା ପାଇଁ) ଯୁଦ୍ଧକୁ ଗଲାବେଳେ ଯେଉଁ ଅନ୍ତିମ ନିର୍ଦ୍ଦେଶ ଦେଇ ଯାଇଥିଲେ, ତଦନୁସାରେ ବୃଦ୍ଧ ମନ୍ତ୍ରୀମାନେ ତାଙ୍କର ପୁତ୍ର ଅତିଥିଙ୍କୁ ରାଜଗାଦୀରେ ବସାଇଲେ । ୮

ଅତିଥିଙ୍କର ଅଭିଷେକ ନିମନ୍ତେ ଶିଳ୍ପୀମାନେ ଚାରିଗୋଟି ସ୍ତମ୍ଭ ଉପରେ ଏକ ନୂତନ ମଣ୍ଡପ ନିର୍ମାଣ କଲେ । ୯

ସେଠାରେ ମନ୍ତ୍ରୀମାନେ ତାଙ୍କୁ ବହୁମୂଲ୍ୟ ଆସନ ଉପରେ ବସାଇ ସୁବର୍ଣ୍ଣକୁମ୍ଭମାନଙ୍କରୁ ତୀର୍ଥଜଳ ଢାଳି ଅଭିଷିକ୍ତ କଲେ । ୧୦

କୋମଳ ତଥା ଗମ୍ଭୀର ନାଦରେ ବାଦ୍ୟମାନ ବାଜି ଅତିଥିଙ୍କର ମଙ୍ଗଳ-ପରମ୍ପରା ଅବିଚ୍ଛିନ୍ନ ରହିବ ବୋଲି ସୂଚନା ଦେଲା । ୧୧

ଜ୍ଞାତି ବୃଦ୍ଧମାନେ ତାଙ୍କର ଆରତିବିଧି ସମ୍ପନ୍ନ କଲେ । ସେହି ଆରତିରେ ଦୂର୍ବା, ଯବାଙ୍କୁର, ଅଶ୍ୱତ୍ଥ ବୃକ୍ଷର ବଲ୍କଲ ଏବଂ ନବ ପଲ୍ଲବ ମିଶ୍ରିତ ହୋଇଥିଲା । ୧୨

ପୁରୋହିତ ପ୍ରମୁଖ ବ୍ରାହ୍ମଣମାନେ ପ୍ରଥମେ ବିଜୟପ୍ରଦ ଅଥର୍ବ-ବେଦର ମନ୍ତ୍ର ପାଠ କରି ତାଙ୍କର ଅଭିଷେକ ଆରମ୍ଭ କଲେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्यौघमहती मूर्ध्नि निपतन्ती व्यरोचत ।
सशब्दमभिषेकश्रीर्गङ्गेव त्रिपुरद्विषः ॥१४
ତସ୍ୟୌଘମହତୀ ମୂର୍ଦ୍ଧ୍ନି ନିପତନ୍ତୀ ବ୍ୟରୋଚତ ।
ସଶବ୍ଦମଭିଷେକଶ୍ରୀର୍ଗଙ୍ଗେବ ତ୍ରିପୁରଦ୍ୱିଷଃ ॥୧୪

स्तूयमानः क्षणे तस्मिन्नलक्ष्यत स वन्दिभिः ।
प्रवृद्ध इव पर्जन्यः सारङ्गैरभिनन्दितः ॥१५
ସ୍ତୂୟମାନଃ କ୍ଷଣେ ତସ୍ମିନ୍ନଲକ୍ଷ୍ୟତ ସ ବନ୍ଦିଭିଃ ।
ପ୍ରବୃଦ୍ଧ ଇବ ପର୍ଜନ୍ୟଃ ସାରଙ୍ଗୈରଭିନନ୍ଦିତଃ ॥୧୫

तस्य सन्मन्त्रपूताभिः स्नानमद्भिः प्रतीच्छतः ।
ववृधे वैद्युतस्याग्नेर्वृष्टिसेकादिव द्युतिः ॥१६
ତସ୍ୟ ସନ୍ମନ୍ତ୍ରପୂତାଭିଃ ସ୍ନାନମଦ୍ଭିଃ ପ୍ରତୀଚ୍ଛତଃ ।
ବବୃଧେ ବୈଦ୍ୟୁତସ୍ୟାଗ୍ନେର୍ବୃଷ୍ଟିସେକାଦିବ ଦ୍ୟୁତିଃ ॥୧୬

स तावदभिषेकान्ते स्नातकेभ्यो ददौ वसु ।
यावतैषां समाप्येरन् यज्ञाः पर्याप्तदक्षिणाः ॥१७
ସ ତାବଦଭିଷେକାନ୍ତେ ସ୍ନାତକେଭ୍ୟୋ ଦଦୌ ବସୁ ।
ଯାବତୈଷାଂ ସମାପ୍ୟେରନ୍ ଯଜ୍ଞାଃ ପର୍ଯ୍ୟାପ୍ତଦକ୍ଷିଣାଃ ॥୧୭

ते प्रीतमनसस्तस्मै यामाशिषमुदैरयन् ।
सा तस्य कर्मनिर्वृत्तैर्दूरं पश्चात्कृता फलैः ॥१८
ତେ ପ୍ରୀତମନସସ୍ତସ୍ମୈ ଯାମାଶିଷମୁଦୈରୟନ୍ ।
ସା ତସ୍ୟ କର୍ମନିର୍ବୃତ୍ତୈର୍ଦୂରଂ ପଶ୍ଚାତ୍କୃତା ଫଲୈଃ ॥୧୮

वन्धच्छेदं स वद्धानां वधार्हाणामवध्यताम् ।
धुर्याणां च धुरो मोक्षमदोहं चादिशद् गवाम् ॥१९
ବନ୍ଧଚ୍ଛେଦଂ ସ ବଦ୍ଧାନାଂ ବଧାର୍ହାଣାମବଧ୍ୟତାମ୍ ।
ଧୂର୍ଯ୍ୟାଣାଂ ଚ ଧୁରେ ମୋକ୍ଷମଦୋହଂ ଚାଦିଶଦ୍ ଗବାମ୍ ॥୧୯

क्रीडापतत्रिणोऽप्यस्य पञ्जरस्थाः शुकादयः ।
लब्धमोक्षास्तदादेशाद् यथेष्टगतयोऽभवन् ॥२०
କ୍ରୀଡାପତତ୍ରିଣୋଽପ୍ୟସ୍ୟ ପଞ୍ଜରସ୍ଥାଃ ଶୁକାଦୟଃ ।
ଲବ୍ଧମୋକ୍ଷାସ୍ତଦାଦେଶାଦ୍ ଯଥେଷ୍ଟଗତୟୋଽଭବନ୍ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତାଙ୍କର ମସ୍ତକରେ ଜଳଧାର ସବେଗେ ତଥା ସଶବ୍ଦେ ପତିତ ହୋଇ ଶିବଙ୍କ ମସ୍ତକରେ ଗଙ୍ଗା ପତିତ ହେଲପରି ଶୋଭା ପାଇଲା । ୧୪

ଭଟମାନେ ତାଙ୍କର ସ୍ତୁତି ପାଠ କରନ୍ତେ ସେ ଚାତକମାନଙ୍କ ଦ୍ୱାରା ଅଭିନନ୍ଦିତ ମେଘ ପରି ଜଣା ପଡ଼ିଲେ । ୧୫

ବର୍ଷାଜଳରେ ସିକ୍ତ ହୋଇ ବିଦ୍ୟୁତ୍ ଅଗ୍ନିର ତେଜ ଯେପରି ବୃଦ୍ଧି ପାଏ, ମନ୍ତ୍ରପୂତ ଜଳରେ ସ୍ନାନ କରି ଅତିଥିଙ୍କର ତେଜ ସେହିପରି ବୃଦ୍ଧି-ପାଇଲା । ୧୬

ପର୍ଯ୍ୟାପ୍ତ ଦକ୍ଷିଣା ନେଇ ଯଜ୍ଞ ସମ୍ପାଦନ କରିବା ପାଇଁ ସ୍ନାତକ-ମାନଙ୍କର ଯେତେ ଧନ ଆବଶ୍ୟକ, ଅତିଥି ଅଭିଷେକ ପରେ ସେମାନଙ୍କୁ ସେତେ ଧନ ଦାନ କଲେ । (ସ୍ନାତକ—ଯେ ଗୁରୁ ଗୃହରେ ବିଦ୍ୟା ଶିକ୍ଷା-କରି ସାରି ସମାବର୍ତ୍ତନ ଉତ୍ସବପରେ ଗୃହସ୍ଥ ଆଶ୍ରମରେ ପ୍ରବେଶ କରି-ଥାନ୍ତି ।) ୧୭

ଅତିଥି ବର୍ତ୍ତମାନ ଯେଉଁ ଐଶ୍ୱର୍ଯ୍ୟ ଭୋଗ କଲେ, ତାହା ଥିଲା ତାଙ୍କ ପୂର୍ବ ପୁଣ୍ୟର ଫଳ । ସ୍ନାତକମାନେ ପ୍ରୀତ ମନରେ ତାଙ୍କୁ ଯେଉଁ ଆଶୀର୍ବାଦ ପ୍ରଦାନ କଲେ, ତାହାର ଫଳ ଭବିଷ୍ୟତ ପାଇଁ ରହିଲା । ୧୮

ଯେଉଁମାନେ ବନ୍ଦୀ ହୋଇ ରହିଥିଲେ, ସେମାନଙ୍କର ବନ୍ଧନ ଖୋଲି-ଦେବା ପାଇଁ, ଯେଉଁମାନେ ପ୍ରାଣଦଣ୍ଡ ଆଦେଶ ପାଇଥିଲେ, ସେମାନଙ୍କୁ ପ୍ରାଣଦଣ୍ଡ ନ ଦେବା ପାଇଁ, ଯେଉଁମାନେ ଭାର ବହନ କରୁଥିଲେ, ସେମାନଙ୍କୁ ଭାରରୁ ମୁକ୍ତ କରିବା ପାଇଁ ଏବଂ ଗାଈମାନଙ୍କୁ ନ ଦୁହିଁବା ପାଇଁ ସେ ଆଦେଶ ଦେଲେ । ୧୯

ଶୁଆ ପ୍ରଭୃତି ଯେଉଁ କ୍ରୀଡାପକ୍ଷୀମାନେ ପିଞ୍ଜରା ଭିତରେ ଥିଲେ, ସେମାନେ ମଧ୍ୟ ତାହାଙ୍କ ଆଦେଶରେ ମୁକ୍ତିଲାଭ କରି ନିଜ ନିଜ ଇଚ୍ଛାରେ ବିଚରଣ କଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततः कक्ष्यान्तरन्यस्तं गजदन्तासनं शुचि ।
सोत्तरच्छदमध्यास्त नेपथ्यग्रहणाय सः ॥२१

ତତଃ କକ୍ଷ୍ୟାନ୍ତରନ୍ୟସ୍ତଂ ଗଜଦନ୍ତାସନଂ ଶୁଚି ।
ସୋତ୍ତରଚ୍ଛଦମଧ୍ୟାସ୍ତ ନେପଥ୍ୟଗ୍ରହଣାୟ ସଃ ॥୨୧

तं धूपाश्यानकेशान्तं तोयनिर्णिक्तपाणयः ।
आकल्पसाधनैस्तैस्तैरुपसेदुः प्रसाधकाः ॥२२

ତଂ ଧୂପାଶ୍ୟାନକେଶାନ୍ତଂ ତୋୟନିର୍ଣ୍ଣିକ୍ତପାଣୟଃ ।
ଆକଳ୍ପସାଧନୈସ୍ତୈସ୍ତୈରୁପସେଦୁଃ ପ୍ରସାଧକାଃ ॥୨୨

तेऽस्य मुक्तागुणोन्नद्धं मौलिमन्तर्गतस्रजम् ।
प्रत्यूपुः पद्मरागेण प्रभामण्डलशोभिना ॥२३

ତେଽସ୍ୟ ମୁକ୍ତାଗୁଣୋନ୍ନଦ୍ଧଂ ମୌଳିମନ୍ତର୍ଗତସ୍ରଜମ୍ ।
ପ୍ରତ୍ୟୂପୁଃ ପଦ୍ମରାଗେଣ ପ୍ରଭାମଣ୍ଡଳଶୋଭିନା ॥୨୩

चन्दनेनाङ्गरागं च मृगनाभिसुगन्धिना ।
समापय्य ततश्चक्रुः पत्रं विन्यस्तरोचनम् ॥२४

ଚନ୍ଦନେନାଙ୍ଗରାଗଂ ଚ ମୃଗନାଭିସୁଗନ୍ଧିନା ।
ସମାପୟ୍ୟ ତତଶ୍ଚକ୍ରୁଃ ପତ୍ରଂ ବିନ୍ୟସ୍ତରୋଚନମ୍ ॥୨୪

आमुक्ताभरणः स्रग्वी हंसचिह्नदुकूलवान् ।
आसीदतिशयप्रेक्ष्यः स राज्यश्रीवधूवरः ॥२५

ଆମୁକ୍ତାଭରଣଃ ସ୍ରଗ୍ୱୀ ହଂସଚିହ୍ନଦୁକୂଳବାନ୍ ।
ଆସୀଦତିଶୟପ୍ରେକ୍ଷ୍ୟଃ ସ ରାଜ୍ୟଶ୍ରୀବଧୂବରଃ ॥୨୫

नेपथ्यदर्शिनश्छाया तस्यादर्शे हिरण्मये ।
विरराजोदिते सूर्ये मेरौ कल्पतरोरिव ॥२६

ନେପଥ୍ୟଦର୍ଶିନଶ୍ଛାୟା ତସ୍ୟାଦର୍ଶେ ହିରଣ୍ମୟେ ।
ବିରରାଜୋଦିତେ ସୂର୍ୟ୍ୟେ ମେରୌ କଳ୍ପତରୋରିବ ॥୨୬

स राजककुदव्यग्रपाणिभिः पार्श्ववर्तिभिः ।
ययावुदीरितालोकः सुधर्मानवमां सभाम् ॥२७

ସ ରାଜକକୁଦବ୍ୟଗ୍ରପାଣିଭିଃ ପାର୍ଶ୍ୱବର୍ତ୍ତିଭିଃ ।
ୟୟାବୁଦୀରିତାଲୋକଃ ସୁଧର୍ମାନବମାଂ ସଭାମ୍ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ଅତିଥି ବେଶଭୂଷା ପରିଧାନ କରିବା ପାଇଁ ଅନ୍ୟ ଏକ ପ୍ରକୋଷ୍ଠରେ ଥିବା ଶୁଭ ଗଜଦନ୍ତ ନିର୍ମିତ ଆସନରେ ଉପବେଶନ କଲେ । ସେହି ଗଜଦନ୍ତ-ଆସନ ଉପରେ ସୁନ୍ଦର ଗୁଦର ବିଛା ହୋଇଥିଲା । ୨୧

ବେଶକାରୀମାନେ ଭଲ ଭବରେ ହାତ ଧୋଇ, ଧୂପ ଦେଇ ତାଙ୍କର କେଶକୁ ଶୁଷ୍କ କଲେ ଏବଂ ତା'ପରେ ବିଭିନ୍ନ ବେଶ-ସାମଗ୍ରୀ ଦ୍ୱାରା ବେଶ କରିବାରେ ଲାଗିଲେ । ୨୨

ସେମାନେ ତାଙ୍କର କେଶ ମଧ୍ୟରେ ପୁଷ୍ପହାର ଦେଇ ମୁକ୍ତାହାରରେ ତାହାକୁ (କେଶକୁ) ବାନ୍ଧିଲେ । ତା'ପରେ ସେଥିରେ ଉଜ୍ଜ୍ୱଳ ପଦ୍ମରାଗ ମଣି ଖଞ୍ଜିଲେ । ୨୩

ସେମାନେ ତାଙ୍କ ଦେହରେ କସ୍ତୂରୀ-ସୁଗନ୍ଧିତ ଚନ୍ଦନ ବୋଳିଲେ ଏବଂ ତା'ପରେ ଗୋରେଚନାରେ ପତ୍ରାକୃତି ଭୂଷଣ ଅଙ୍କନ କଲେ । ୨୪

ରଜା ବିଭିନ୍ନ ଆଭରଣ, ପୁଷ୍ପମାଳା ତଥା ହଂସ ଚିତ୍ରଥିବା ବସ୍ତ୍ର ପରିଧାନ କରି ଅତ୍ୟନ୍ତ ରମଣୀୟ ଦିଶିଲେ । ସତେ ଯେପରି ସେ ଥିଲେ ରାଜଲକ୍ଷ୍ମୀ ରୂପିଣୀ କନ୍ୟାର ବର !! ୨୫

ସେ ନିଜର ବେଶ ଦେଖିବା ପାଇଁ ଯେତେବେଳେ ସୁବର୍ଣ୍ଣ ଦର୍ପଣକୁ ଗୁହିଁଲେ, ସେଥିରେ ତାଙ୍କର ରୂପ ପ୍ରତିବିମ୍ବିତ ହେଲା, ଯେପରି ସୁମେରୁ ପର୍ବତରେ ଉଦୟ ହୋଇଥିବା ସୂର୍ଯ୍ୟଙ୍କ ଦେହରେ କଳ୍ପତରୁର ଛାୟା ପ୍ରତିବିମ୍ବିତ ହୁଏ । ୨୬

ତା'ପରେ ସେ ସୁଧର୍ମା ସମାନ ସଭାକୁ ଗମନ କଲେ । ଯିବାବେଳେ ପାର୍ଶ୍ୱବର୍ତ୍ତୀ ଲୋକମାନେ ଛତ୍ର, ଗୁମର ପ୍ରଭୃତି ରାଜଚିହ୍ନ ଧରି ତାଙ୍କର ଜୟଗାନ କଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वितानसहितं तत्र भेजे पैतृकमासनम् ।
चूडामणिभिरुद्घृष्टपादपीठं महीक्षिताम् ॥२८
ବିତାନସହିତଂ ତତ୍ର ଭେଜେ ପୈତୃକମାସନମ୍ ।
ଚୂଡାମଣିଭିରୁଦ୍‌ଘୃଷ୍ଟପାଦପୀଠଂ ମହୀକ୍ଷିତାମ୍ ॥୨୮

शुशुभे तेन चाक्रान्तं मङ्गलायतनं महत् ।
श्रीवत्सलक्षणं वक्षः कौस्तुभेनेव कैशवम् ॥२९
ଶୁଶୁଭେ ତେନ ଚାକ୍ରାନ୍ତଂ ମଙ୍ଗଳାୟତନଂ ମହତ୍ ।
ଶ୍ରୀବତ୍ସଲକ୍ଷଣଂ ବକ୍ଷଃ କୌସ୍ତୁଭେନେବ କୈଶବମ୍ ॥୨୯

बभौ भूयः कुमारत्वादाधिराज्यमवाप्य सः ।
रेखाभावादुपारूढः सामग्र्यमिव चन्द्रमाः ॥३०
ବଭୌ ଭୂୟଃ କୁମାରତ୍ୱାଦାଧିରାଜ୍ୟମବାପ୍ୟ ସଃ ।
ରେଖାଭାବାଦୁପାରୂଢଃ ସାମଗ୍ର୍ୟମିବ ଚନ୍ଦ୍ରମାଃ ॥୩୦

प्रसन्नमुखरागं तं स्मितपूर्वाभिभाषिणम् ।
मूर्तिमन्तममन्यन्त विश्वासमनुजीविनः ॥३१
ପ୍ରସନ୍ନମୁଖରାଗଂ ତଂ ସ୍ମିତପୂର୍ବାଭିଭାଷିଣମ୍ ।
ମୂର୍ତ୍ତିମନ୍ତମମନ୍ୟନ୍ତ ବିଶ୍ୱାସମନୁଜୀବିନଃ ॥୩୧

स पुरं पुरुहूतश्रीः कल्पद्रुमनिभध्वजाम् ।
क्रममाणश्चकार द्यां नागेनैरावतौजसा ॥३२
ସ ପୁରଂ ପୁରୁହୂତଶ୍ରୀଃ କଳ୍ପଦ୍ରୁମନିଭଧ୍ୱଜାମ୍ ।
କ୍ରମମାଣଶ୍ଚକାର ଦ୍ୟାଂ ନାଗେନୈରାବତୌଜସା ॥୩୨

तस्यैकस्योच्छ्रितं छत्रं मूर्ध्नि तेनामलत्विषा ।
पूर्वराजवियोगौष्म्यं कृत्स्नस्य जगतो हृतम् ॥३३
ତସ୍ୟୈକସ୍ୟୋଚ୍ଛ୍ରିତଂ ଛତ୍ରଂ ମୂର୍ଦ୍ଧ୍ନି ତେନାମଳତ୍ୱିଷା ।
ପୂର୍ବରାଜବିୟୋଗୌଷ୍ମ୍ୟଂ କୃତ୍ସ୍ନସ୍ୟ ଜଗତୋ ହୃତମ୍ ॥୩୩

धूमादग्नेः शिखाः पश्चादुदयादंशवो रवेः ।
सोऽतीत्य तेजसां वृत्तिं सममेवोत्थितो गुणैः ॥३४
ଧୂମାଦଗ୍ନେଃ ଶିଖାଃ ପଶ୍ଚାଦୁଦୟାଦଂଶବୋ ରବେଃ ।
ସୋଽତୀତ୍ୟ ତେଜସାଂ ବୃତ୍ତିଂ ସମମେବୋତ୍‌ଥିତୋ ଗୁଣୈଃ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାରେ ସେ ପୈତୃକ ସିଂହାସନ ଆରୋହଣ କଲେ । ଉକ୍ତ ସିଂହାସନ ଉପରେ ଚନ୍ଦୁଆ ଟଙ୍ଗା ହୋଇଥିଲା ଏବଂ ରଜାମାନଙ୍କ ମୁକୁଟ-ମଣି ଘଷି ହୋଇ ହୋଇ ସିଂହାସନର ପାଦପୀଠ ସ୍ନିଗ୍ଧ ହୋଇ ଯାଇଥିଲା । ୨୮

କୌସ୍ତୁଭ ମଣିଦ୍ୱାରା ବିଷ୍ଣୁଙ୍କର ଶ୍ରୀବତ୍ସଚିହ୍ନାଙ୍କିତ ବକ୍ଷସ୍ଥଳ ଯେପରି ଶୋଭପାଏ, 'ଶ୍ରୀବତ୍ସ' ନାମକ ମଙ୍ଗଳ-ସଭାଗୃହ ଅତିଥିଙ୍କ ଦ୍ୱାରା ସେହିପରି ସୁନ୍ଦର ଦିଶିଲା । ୨୯

ସେ କୁମାର ବୟସରେ ରାଜପଦ ଲାଭ କରି ଅତ୍ୟନ୍ତ ଶୋଭା ପାଇଲେ । ତାଙ୍କୁ ଦେଖିଲେ ମନେହେଲା, ସତେ ଯେପରି ରେଖା-ଅବସ୍ଥାର ଚନ୍ଦ୍ର ପୂର୍ଣ୍ଣତା ପ୍ରାପ୍ତ ହୋଇଛି ! ୩୦

ତାଙ୍କର ମୁଖ ସର୍ବଦା ପ୍ରସନ୍ନ ଦିଶୁଥିଲା ଏବଂ ସେ ଯାହା କହୁଥିଲେ, ସ୍ମିତହାସ୍ୟ ପୂର୍ବକ କହୁଥିଲେ । ତେଣୁ ତାଙ୍କ ଅନୁଚରମାନେ ତାଙ୍କୁ ମୂର୍ତ୍ତିମନ୍ତ ବିଶ୍ୱାସ ବୋଲି ମନେକଲେ । ୩୧

ଅଯୋଧ୍ୟାର ପତାକାଗୁଡ଼ିକ ଥିଲା କଳ୍ପବୃକ୍ଷ ସମାନ, ଅତିଥିଙ୍କର ହସ୍ତୀ ଥିଲା ଐରାବତ ସମାନ ଏବଂ ଅତିଥି ଥିଲେ ଇନ୍ଦ୍ର ସମାନ । ତେଣୁ ବିଭବଶାଳୀ ଅତିଥି ହସ୍ତୀ ପୃଷ୍ଠରେ ବସି ଅଯୋଧ୍ୟା ଭ୍ରମଣ କଲାବେଳେ ଉକ୍ତ ନଗରୀ ସ୍ୱର୍ଗ ସମାନ ହୋଇଗଲା । ୩୨

ତାଙ୍କର ମସ୍ତକ ଉପରେ ଶ୍ୱେତ ଛତ୍ର ଉତ୍ତୋଳିତ ହେଲା । ସେହି ଏକମାତ୍ର ଛତ୍ର, କୁଶଙ୍କର ବିୟୋଗ ସମୟରୁ ଜଗତରେ ଯେତେ ସନ୍ତାପ ଜାତ ହୋଇଥିଲା, ସେସବୁକୁ ଦୂର କରିଦେଲା । ୩୩

ଅଗ୍ନିରୁ ଆଗେ ଧୂମ ବାହାରେ, ତା'ପରେ ତା'ର ଶିଖା ପ୍ରକାଶ ପାଏ ; ସେହିପରି ସୂର୍ଯ୍ୟ ଆଗେ ଉଦିତ ହୁଅନ୍ତି, ତା'ପରେ ତାଙ୍କର କିରଣ ପ୍ରକାଶିତ ହୁଏ ; କିନ୍ତୁ ଅତିଥି ତେଜସ୍ୱୀମାନଙ୍କର ଏହି ପ୍ରକୃତିର ବ୍ୟତିକ୍ରମ କରି ଗୁଣ ସହିତ ହିଁ ଅଭ୍ୟୁଦୟ ଲାଭ କଲେ । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तं प्रीतिविशदैर्नेत्रैरन्वयुः पौरयोषितः ।
शरत्प्रसन्नैर्ज्योतिर्भिर्विभावर्य इव ध्रुवम् ॥३५
ତଂ ପ୍ରୀତିବିଶଦୈର୍ନେତ୍ରୈରନ୍ୱୟୁଃ ପୌରଯୋଷିତଃ ।
ଶରତ୍ପ୍ରସନ୍ନୈର୍ଜ୍ୟୋତିର୍ଭିର୍ବିଭାବର୍ଯ ଇବ ଧ୍ରୁବମ୍ ॥୩୫

अयोध्यादेवताश्चैनं प्रशस्तायतनार्चिताः ।
अनुदध्युरनुध्येयं सान्निध्यैः प्रतिमागतैः ॥३६
ଅଯୋଧ୍ୟାଦେବତାଶ୍ଚୈନଂ ପ୍ରଶସ୍ତାୟତନାର୍ଚ୍ଚିତାଃ ।
ଅନୁଦଧ୍ୟୁରନୁଧ୍ୟେୟଂ ସାନ୍ନିଧ୍ୟୈଃ ପ୍ରତିମାଗତୈଃ ॥୩୬

यावन्नाश्यायते वेदिरभिषेकजलाप्लुता ।
तावदेवास्य वेलान्तं प्रतापः प्राप दुःसहः ॥३७
ଯାବନ୍ନାଶ୍ୟାୟତେ ବେଦିରଭିଷେକଜଲାପ୍ଲୁତା ।
ତାବଦେବାସ୍ୟ ବେଲାନ୍ତଂ ପ୍ରତାପଃ ପ୍ରାପ ଦୁଃସହଃ ॥୩୭

वसिष्ठस्य गुरोर्मन्त्राः सायकास्तस्य धन्विनः ।
किं तत् साध्यं यदुभये साधयेयुर्न संगताः ॥३८
ବସିଷ୍ଠସ୍ୟ ଗୁରୋର୍ମନ୍ତ୍ରାଃ ସାୟକାସ୍ତସ୍ୟ ଧନ୍ୱିନଃ ।
କିଂ ତତ୍ ସାଧ୍ୟଂ ଯଦୁଭୟେ ସାଧୟେୟୁର୍ନ ସଂଗତାଃ ॥୩୮

स धर्मस्थसखः शश्वदर्थिप्रत्यर्थिनां स्वयम् ।
ददर्श संशयच्छेद्यान् व्यवहारानतन्द्रितः ॥३९
ସ ଧର୍ମସ୍ଥସଖଃ ଶଶ୍ୱଦର୍ଥିପ୍ରତ୍ୟର୍ଥିନାଂ ସ୍ୱୟମ୍ ।
ଦଦର୍ଶ ସଂଶୟଚ୍ଛେଦ୍ୟାନ୍ ବ୍ୟବହାରାନତନ୍ଦ୍ରିତଃ ॥୩୯

ततः परमभिव्यक्तसौमनस्यनिवेदितैः ।
युयोज पाकाभिमुखैर्भृत्यान् विज्ञापनाफलैः ॥४०
ତତଃ ପରମଭିବ୍ୟକ୍ତସୌମନସ୍ୟନିବେଦିତୈଃ ।
ଯୁୟୋଜ ପାକାଭିମୁଖୈର୍ଭୃତ୍ୟାନ୍ ବିଜ୍ଞାପନାଫଳୈଃ ॥୪୦

प्रजास्तद्गुरुणा नद्यो नभसेव विवर्धिताः ।
तस्मिंस्तु भूयसीं वृद्धिं नभस्ये ता इवाययुः ॥४१
ପ୍ରଜାସ୍ତଦ୍ଗୁରୁଣା ନଦ୍ୟୋ ନଭସେବ ବିବର୍ଧିତାଃ ।
ତସ୍ମିଂସ୍ତୁ ଭୂୟସୀଂ ବୃଦ୍ଧିଂ ନଭସ୍ୟେ ତା ଇବାୟୟୁଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାତ୍ରିମାନେ ଯେପରି ଶରତ୍ କାଳର ଉଜ୍ଜ୍ୱଳ ତାରାଗଣଙ୍କ ଦ୍ୱାରା (ତାରାରୂପକ ଚକ୍ଷୁଦ୍ୱାରା) ଧ୍ରୁବଙ୍କୁ ଦର୍ଶନ କରନ୍ତି, ଅଯୋଧ୍ୟାର ନାରୀମାନେ ସେହିପରି ପ୍ରୀତିପ୍ରସନ୍ନ ଚକ୍ଷୁରେ ଅତିଥିଙ୍କୁ ଦର୍ଶନ କରିବାକୁ ଲାଗିଲେ । ୩୫

ଦେବତାମାନେ ସୁନ୍ଦର ମନ୍ଦିରମାନଙ୍କରେ ପୂଜା ପାଇଲେ । ସେମାନେ ପ୍ରତିମା ମାଧ୍ୟମରେ ଆସି ନିକଟବର୍ତ୍ତୀ ହେଲେ ଏବଂ ଦେବ-ଅନୁଗ୍ରହ-ଯୋଗ୍ୟ ରାଜାଙ୍କୁ ଅନୁଗୃହୀତ କଲେ । ୩୬

ଅଭିଷେକ-ଜଳରେ ଆର୍ଦ୍ର ହୋଇଥିବା ବେଦୀ ଶୁଷ୍କ ହେବା ପୂର୍ବରୁ ଅତିଥିଙ୍କର ଦୁଃସହ ପ୍ରତାପ ସମୁଦ୍ର ତଟ ପର୍ଯ୍ୟନ୍ତ ବିସ୍ତୃତ ହୋଇଗଲା । ୩୭

ଏଭଳି କେଉଁ କାର୍ଯ୍ୟ ଥିଲା, ଯାହାକୁ କି ଗୁରୁ ବଶିଷ୍ଠଙ୍କର ମନ୍ତ୍ର ଓ ଧନୁର୍ଦ୍ଧର ଅତିଥିଙ୍କର ଶର ମିଳିତ ହୋଇ ସାଧନ କରି ନ ପାରିଲେ ? ୩୮

ଅତିଥି ନିଜେ ଧାର୍ମିକ ସଭାସଦ୍‌ମାନଙ୍କ ସହିତ ବସି ପ୍ରତିଦିନ ନିରଳସ ଭାବରେ ଅର୍ଥୀ ଓ ପ୍ରତ୍ୟର୍ଥୀ (ବାଦୀ ଓ ପ୍ରତିବାଦୀ) ମାନଙ୍କର ସନ୍ଦେହବହୁଳ ବିବାଦଗୁଡ଼ିକର ବିଚାର କରୁଥିଲେ । ୩୯

ସେ ଭୃତ୍ୟମାନଙ୍କ ପ୍ରତି ପ୍ରସନ୍ନ ଭାବ ପ୍ରକାଶ କରୁଥିଲେ । ସେଥିରୁ ସୂଚିତ ହେଉଥିଲା ଯେ ସେମାନେ ନିଜ ନିଜ କର୍ମ ସମ୍ପାଦନର ଫଳ ଅବିଳମ୍ବେ ଲାଭ କରିବେ । ୪୦

ଅତିଥିଙ୍କର ପିତାଙ୍କ ସମୟରେ ପ୍ରଜାମାନେ ଶ୍ରାବଣ ମାସର ନଦୀମାନଙ୍କ ପରି ସମୃଦ୍ଧି ଲାଭ କରିଥିଲେ । କିନ୍ତୁ ଅତିଥିଙ୍କ ସମୟରେ ସେମାନେ ଭାଦ୍ର ମାସର ନଦୀମାନଙ୍କ ପରି ଅଧିକ ସମୃଦ୍ଧି ଲାଭ କଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यदुवाच न तन्मिथ्या यद् ददौ न जहार तत् ।
सोऽभूद् भग्नव्रतः शत्रुमुद्धृत्य प्रतिरोपयन् ॥४२
ଯଦୁବାଚ ନ ତନ୍ମିଥ୍ୟା ଯଦ୍ ଦଦୌ ନ ଜହାର ତତ୍ ।
ସୋଽଭୂଦ୍ ଭଗ୍ନବ୍ରତଃ ଶତ୍ରୁନୁଦ୍ଧୃତ୍ୟ ପ୍ରତିରୋପୟନ୍ ॥୪୨

वयोरूपविभूतीनामेकैकं मदकारणम् ।
तानि तस्मिन् समस्तानि न तस्योत्सिषिचे मनः ॥४३
ବୟୋରୂପବିଭୂତୀନାମେକୈକଂ ମଦକାରଣମ୍ ।
ତାନି ତସ୍ମିନ୍ ସମସ୍ତାନି ନ ତସ୍ୟୋତ୍ସିଷିଚେ ମନଃ ॥୪୩

इत्थं जनितरागासु प्रकृतिष्वनुवासरम् ।
अक्षोभ्यः स नवोऽप्यासीद् दृढमूल इव द्रुमः ॥४४
ଇତ୍ଥଂ ଜନିତରାଗାସୁ ପ୍ରକୃତିଷ୍ୱନୁବାସରମ୍ ।
ଅକ୍ଷୋଭ୍ୟଃ ସ ନବୋଽପ୍ୟାସୀଦ୍ ଦୃଢମୂଳ ଇବ ଦ୍ରୁମଃ ।୪୪

अनित्याः शत्रवो बाह्या विप्रकृष्टाश्च ते यतः ।
अतः सोऽभ्यन्तरान्नित्यान् षट् पूर्वमजयद् रिपून् ॥४५
ଅନିତ୍ୟାଃ ଶତ୍ରବୋ ବାହ୍ୟା ବିପ୍ରକୃଷ୍ଟାଶ୍ଚ ତେ ଯତଃ ।
ଅତଃ ସୋଽଭ୍ୟନ୍ତରାନ୍ନିତ୍ୟାନ୍ ଷଟ୍ ପୂର୍ବମଜୟଦ୍ ରିପୂନ୍ ।୪୫

प्रसादाभिमुखे तस्मिँश्चपलापि स्वभावतः ।
निकषे हेमरेखेव श्रीरासीदनपायिनी ॥४६
ପ୍ରସାଦାଭିମୁଖେ ତସ୍ମିଁଶ୍ଚପଳାପି ସ୍ୱଭାବତଃ ।
ନିକଷେ ହେମରେଖେବ ଶ୍ରୀରାସୀଦନପାୟିନୀ ॥୪୬

कातर्यं केवला नीतिः शौर्यं श्वापदचेष्टितम् ।
अतः सिद्धिं समेताभ्यामुभाभ्यामन्वियेष सः ॥४७
କାତର୍ଯ୍ୟଂ କେବଳା ନୀତିଃ ଶୌର୍ଯ୍ୟଂ ଶ୍ୱାପଦଚେଷ୍ଟିତମ୍ ।
ଅତଃ ସିଦ୍ଧିଂ ସମେତାଭ୍ୟାମୁଭାଭ୍ୟାମନ୍ୱିୟେଷ ସଃ ॥୪୭

न तस्य मण्डले राज्ञो न्यस्तप्रणिधिदीधितेः ।
अदृष्टमभवत् किंचिद् व्यभ्रस्येव विवस्वतः ॥४८
ନ ତସ୍ୟ ମଣ୍ଡଳେ ରାଜ୍ଞୋ ନ୍ୟସ୍ତପ୍ରଣିଧିଦୀଧିତେଃ ।
ଅଦୃଷ୍ଟମଭବତ୍ କିଂଚିଦ୍ ବ୍ୟଭ୍ରସ୍ୟେବ ବିବସ୍ୱତଃ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ (ଅତିଥି) ଯାହା କହୁଥିଲେ, ତାହା କଦାପି ମିଥ୍ୟା ହେଉନଥିଲା । ଯାହା ଦାନ କରୁଥିଲେ, ତାହାକୁ କଦାପି ପୁଣି ଘେନି ଆସୁନଥିଲେ । କିନ୍ତୁ ସେ କେବଳ ଗୋଟିଏ ବିଷୟରେ ନିୟମ ଭଙ୍ଗ କରୁଥିଲେ । ତାହା ହେଉଛି—ସେ ଶତ୍ରୁମାନଙ୍କୁ ରାଜ୍ୟଚ୍ୟୁତ କରି ପୁଣି ସେମାନଙ୍କୁ ରାଜ୍ୟ ଦାନ କରୁଥିଲେ । ୪୨

ଯୌବନ, ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ, ପ୍ରତ୍ୟେକଟି ଗର୍ବର କାରଣ । କିନ୍ତୁ ଅତିଥିଙ୍କଠାରେ ଏଗୁଡ଼ିକ ସମସ୍ତ ଥିଲେ ମଧ୍ୟ ତାଙ୍କ ମନରେ ଲେଶମାତ୍ର ଗର୍ବ ନଥିଲା । ୪୩

ଏହିପରି ଭାବରେ ସେ ପ୍ରତିଦିନ ପ୍ରଜାମାନଙ୍କର ଅନୁରାଗ ବର୍ଦ୍ଧନ କରିବାକୁ ଲାଗିଲେ ଏବଂ ସେମାନଙ୍କ ମନରେ ଦୃଢ଼ମୂଳ ଦ୍ରୁମ ପରି ସୁପ୍ରତିଷ୍ଠିତ ହେଲେ । ୪୪

ବାହାରର ଶତ୍ରୁମାନେ ଅନିତ୍ୟ ଏବଂ ଦୂରବର୍ତ୍ତୀ । ତେଣୁ ସେ ପ୍ରଥମେ ନିଜ ଭିତରେ ଥିବା ଛଅଗୋଟି ନିତ୍ୟ ଶତ୍ରୁଙ୍କୁ ଜୟ କଲେ । (ଷଡ଼ରିପୁ—କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ) ୪୫

ଲକ୍ଷ୍ମୀ ସ୍ୱଭାବତଃ ଚଞ୍ଚଳା । ତଥାପି ସେ ପ୍ରସନ୍ନମନା ଅତିଥିଙ୍କଠାରେ କଷଟି ପଥରରେ ସୁନାର ଦାଗ ଭଳି ସ୍ଥିର ରହିଲେ । ୪୬

ବୀରତ୍ୱହୀନ ନୀତି କେବଳ କାତରତା । ନୀତିହୀନ ବୀରତ୍ୱ ମଧ୍ୟ କେବଳ ହିଂସ୍ରଜନ୍ତୁମାନଙ୍କର କାର୍ଯ୍ୟ । ତେଣୁ ସେ ନୀତି ଓ ବୀରତ୍ୱର ସମନ୍ୱୟ ଦ୍ୱାରା ସିଦ୍ଧିର ଅନ୍ୱେଷଣ କଲେ । ୪୭

ମେଘମୁକ୍ତ ସୂର୍ଯ୍ୟ ଯେପରି ଉଜ୍ଜ୍ୱଳ କିରଣ ପ୍ରେରଣ କରି ସବୁ ଦେଖିପାରନ୍ତି, ଅତିଥି ସେହିପରି ତାଙ୍କ ରାଜ୍ୟରେ ସର୍ବତ୍ର ଗୁପ୍ତଚର ରଖି ସବୁ ଦେଖି ପାରୁଥିଲେ । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

रात्रिन्दिवविभागेषु यदादिष्टं महीक्षिताम् ।
तत् सिषेवे नियोगेन स विकल्पपराङ् मुखः ॥४९
ରାତ୍ରିନ୍ଦିବବିଭାଗେଷୁ ଯଦାଦିଷ୍ଟଂ ମହୀକ୍ଷିତାମ୍ ।
ତତ୍ ସିଷେବେ ନିୟୋଗେନ ସ ବିକଳ୍ପପରାଙ୍ମୁଖଃ ॥୪୯

मन्त्रः प्रतिदिनं तस्य बभूव सह मन्त्रिभिः ।
स जातु सेव्यमानोऽपि गुप्तद्वारो न सूच्यते ॥५०
ମନ୍ତ୍ରଃ ପ୍ରତିଦିନଂ ତସ୍ୟ ବଭୂବ ସହ ମନ୍ତ୍ରିଭିଃ ।
ସ ଜାତୁ ସେବ୍ୟମାନୋଽପି ଗୁପ୍ତଦ୍ୱାରୋ ନ ସୂଚ୍ୟତେ ॥୫୦

परेषु स्वेषु च क्षिप्तैरविज्ञातपरस्परैः ।
सोऽपसर्पैर्जजागार यथाकालं स्वपन्नपि ॥५१
ପରେଷୁ ସ୍ୱେଷୁ ଚ କ୍ଷିପ୍ତୈରବିଜ୍ଞାତପରସ୍ପରୈଃ ।
ସୋଽପସର୍ପୈର୍ଜଜାଗାର ଯଥାକାଳଂ ସ୍ୱପନ୍ନପି ॥୫୧

दुर्गाणि दुर्ग्रहाण्यासँस्तस्य रोद्धुरपि द्विषाम् ।
न हि सिंहो गजास्कन्दी भयाद् गिरिगुहाशयः ॥५२
ଦୁର୍ଗାଣି ଦୁର୍ଗ୍ରହାଣ୍ୟାସଁସ୍ତସ୍ୟ ରୋଦ୍ଧୁରପି ଦ୍ୱିଷାମ୍ ।
ନ ହି ସିଂହୋ ଗଜାସ୍କନ୍ଦୀ ଭୟାଦ୍ ଗିରିଗୁହାଶୟଃ ॥୫୨

भव्यमुख्याः समारम्भाः प्रत्यवेक्ष्या निरत्ययाः ।
गर्भशालिसधर्माणस्तस्य गूढं विपेचिरे ॥५३
ଭବ୍ୟମୁଖ୍ୟାଃ ସମାରମ୍ଭାଃ ପ୍ରତ୍ୟବେକ୍ଷ୍ୟା ନିରତ୍ୟୟାଃ ।
ଗର୍ଭଶାଳିସଧର୍ମାଣସ୍ତସ୍ୟ ଗୂଢଂ ବିପେଚିରେ ॥୫୩

अपथेन प्रववृते न जातूपचितोऽपि सः ।
वृद्धौ नदीमुखेनैव प्रस्थानं लवणाम्भसः ॥५४
ଅପଥେନ ପ୍ରବବୃତେ ନ ଜାତୂପଚିତୋଽପି ସଃ ।
ବୃଦ୍ଧୌ ନଦୀମୁଖେନୈବ ପ୍ରସ୍ଥାନଂ ଲବଣାମ୍ଭସଃ ॥୫୪

कामं प्रकृतिवैराग्यं सद्यः शमयितुं क्षमः ।
यस्य कार्यः प्रतीकारः स तन्नैवोदपादयत् ॥५५
କାମଂ ପ୍ରକୃତିବୈରାଗ୍ୟଂ ସଦ୍ୟଃ ଶମୟିତୁଂ କ୍ଷମଃ ।
ଯସ୍ୟ କାର୍ଯ୍ୟଃ ପ୍ରତୀକାରଃ ସ ତନ୍ନୈବୋଦପାଦୟତ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ରାଜନୀତିଶାସ୍ତ୍ରକାରମାନଙ୍କ ଦ୍ୱାରା) ରାତିଦିନର ପ୍ରତ୍ୟେକ ବିଭାଗରେ ଯେଉଁ ସବୁ ନୀତିନିୟମ ରାଜାମାନଙ୍କର କର୍ତ୍ତବ୍ୟ ରୂପେ ନିର୍ଦ୍ଦିଷ୍ଟ କରା ହୋଇଛି, ସେ ନିଃସନ୍ଦେହ ଭାବରେ ତାହା ସମସ୍ତ ପାଳନ କରୁଥିଲେ । ୪୯

ମନ୍ତ୍ରୀମାନଙ୍କ ସହିତ ତାଙ୍କର ପ୍ରତିଦିନ ମନ୍ତ୍ରଣା ଚାଲୁଥିଲା, କିନ୍ତୁ ତାହା କଦାପି ବାହାରକୁ ପ୍ରକାଶ ପାଉନଥିଲା । ୫୦

ସେ ଶତ୍ରୁ ତଥା ନିଜ ଲୋକମାନଙ୍କ ମଧ୍ୟରେ ଗୁପ୍ତଚର ରଖିଥିଲେ । ଉକ୍ତ ଗୁପ୍ତଚରମାନେ ମଧ୍ୟ ପରସ୍ପରକୁ ଜାଣିନଥିଲେ । ତେଣୁ ରାଜା ଯଥା ସମୟରେ ଶୟନ କଲେ ମଧ୍ୟ ସର୍ବଦା ଜାଗ୍ରତ ଅବସ୍ଥାରେ ଥିଲେ । ୫୧

ସେ ଶତ୍ରୁମାନଙ୍କୁ ଅକ୍ଳେଶରେ ଜୟ କରୁଥିଲେ, ତଥାପି ସୁରକ୍ଷିତ ଦୁର୍ଗରେ ବାସ କରୁଥିଲେ । ଗଜହନ୍ତା ସିଂହ କ'ଣ ଭୟ ଯୋଗୁଁ ଗିରି-ଗୁହାରେ ଶୟନ କରେ ? ୫୨

ତାଙ୍କର ସମସ୍ତ କାର୍ଯ୍ୟ ଥିଲା କଲ୍ୟାଣମୟ, ବିଘ୍ନରସମ୍ପନ୍ନ ତଥା ବାଧାହୀନ । ତେଣୁ ଏକ ପ୍ରକାର ଧାନ ଯେପରି ଭିତରେ ଭିତରେ ପାଚେ, ଅଥଚ ବାହାରକୁ ପାଚିଲା ଭଳି ଜଣା ପଡ଼େ ନାହିଁ, ତାଙ୍କର କାର୍ଯ୍ୟଗୁଡ଼ିକ ସେହି-ପରି ଭିତରେ ଭିତରେ ପରିପକ୍ୱ ହେଉଥିଲା । ୫୩

ସେ ଖୁବ୍ ଅଭ୍ୟୁଦୟ ଲାଭ କଲେ ମଧ୍ୟ କଦାପି କୁପଥରେ ଗତି କରୁ ନଥିଲେ । ସମୁଦ୍ର ଯଦି ବୃଦ୍ଧିଲାଭ କରେ, ତେବେ ନଦୀ ମଧ୍ୟରେହିଁ ଗତି କରେ । ୫୪

ପ୍ରଜାମାନଙ୍କ ମଧ୍ୟରେ କୌଣସି ପ୍ରକାର ଅସନ୍ତୋଷ ଜାତ ହେଲେ ସେ ସଙ୍ଗେସଙ୍ଗେ ତାହାକୁ ଦୂର କରିବାକୁ ସମର୍ଥ ଥିଲେ । ତଥାପି ଯେଉଁ ବିଷୟର ପ୍ରତୀକାର କରିବାକୁ ପଡ଼ିବ, ସେଭଳି ବିଷୟକୁ ସେ ମୂଳରୁ ଉତ୍ପନ୍ନ ହେବାପାଇଁ ଦେଉନଥିଲେ । ('ପ୍ରକ୍ଷାଳନାଦ୍ଧି ପଙ୍କସ୍ୟ ଦୂରାଦସ୍ପର୍ଶନଂ ବରମ୍' ଅର୍ଥାତ୍ ପଙ୍କକୁ ଧୋଇବା ଅପେକ୍ଷା ଦୂରରୁ ସ୍ପର୍ଶ ନ କରିବା ଭଲ ।) ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

शक्येष्वेवाभवद् यात्रा तस्य शक्तिमतः सतः ।
समीरणसहायोऽपि नाम्भःप्रार्थी दवानलः ॥५६
ଶକ୍ୟେଷ୍ୱେବାଭବତ୍ ଯାତ୍ରା ତସ୍ୟ ଶକ୍ତିମତଃ ସତଃ ।
ସମୀରଣସହାୟୋଽପି ନାମ୍ଭଃପ୍ରାର୍ଥୀ ଦବାନଳଃ ॥୫୬

न धर्ममर्थकामाभ्यां बबाधे न च तेन तौ ।
नार्थं कामेन कामं वा सोऽर्थेन सदृशस्त्रिषु ॥५७
ନ ଧର୍ମମର୍ଥକାମାଭ୍ୟାଂ ବବାଧେ ନ ଚ ତେନ ତୌ ।
ନାର୍ଥଂ କାମେନ କାମଂ ବା ସୋଽର୍ଥେନ ସଦୃଶସ୍ତ୍ରିଷୁ ॥୫୭

हीनान्यनुपकर्तॄणि प्रवृद्धानि विकुर्वते ।
तेन मध्यमशक्तीनि मित्राणि स्थापितान्यतः ॥५८
ହୀନାନ୍ୟନୁପକର୍ତ୍ତୄଣି ପ୍ରବୃଦ୍ଧାନି ବିକୁର୍ବତେ ।
ତେନ ମଧ୍ୟମଶକ୍ତୀନି ମିତ୍ରାଣି ସ୍ଥାପିତାନ୍ୟତଃ ॥୫୮

परात्मनोः परिच्छिद्य शक्त्यादीनां बलाबलम् ।
ययावेभिर्बलिष्ठश्चेत् परस्मादास्त सोऽन्यथा ॥५९
ପରାତ୍ମନୋଃ ପରିଚ୍ଛିଦ୍ୟ ଶକ୍ତ୍ୟାଦୀନାଂ ବଳାବଳମ୍ ।
ଯଯାବେଭିର୍ବଳିଷ୍ଠଶ୍ଚେତ୍ ପରସ୍ମାଦାସ୍ତ ସୋଽନ୍ୟଥା ॥୫୯

कोशेनाश्रयणीयत्वमिति तस्यार्थसंग्रहः ।
अम्बुगर्भो हि जीमूतश्चातकैरभिनन्द्यते ॥६०
କୋଶେନାଶ୍ରୟଣୀୟତ୍ୱମିତି ତସ୍ୟାର୍ଥସଂଗ୍ରହଃ ।
ଅମ୍ବୁଗର୍ଭୋ ହି ଜୀମୂତଶ୍ଚାତକୈରଭିନନ୍ଦ୍ୟତେ ॥୬୦

परकर्मापहः सोऽभूदुद्यतः स्वेषु कर्मसु ।
आवृणोदात्मनो रन्ध्रं रन्ध्रेषु प्रहरन् रिपून् ॥६१
ପରକର୍ମାପହଃ ସୋଽଭୂଦୁଦ୍ୟତଃ ସ୍ୱେଷୁ କର୍ମସୁ ।
ଆବୃଣୋଦାତ୍ମନୋ ରନ୍ଧ୍ରଂ ରନ୍ଧ୍ରେଷୁ ପ୍ରହରନ୍ ରିପୂନ୍ ॥୬୧

पित्रा संवर्धितो नित्यं कृतास्त्रः सांपरायिकः ।
तस्य दण्डवतो दण्डः स्वदेहान्न व्यशिष्यत ॥६२
ପିତ୍ରା ସଂବର୍ଦ୍ଧିତୋ ନିତ୍ୟଂ କୃତାସ୍ତ୍ରଃ ସାଂପରାୟିକଃ ।
ତସ୍ୟ ଦଣ୍ଡବତୋ ଦଣ୍ଡଃ ସ୍ୱଦେହାନ୍ନ ବ୍ୟଶିଷ୍ୟତ ॥୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ଖୁବ୍ ଶକ୍ତିଶାଳୀ ଥିଲେ । ତଥାପି ଯେଉଁ ଶତ୍ରୁମାନଙ୍କୁ ଜିଣି-ହେବ, କେବଳ ସେହିମାନଙ୍କ ପ୍ରତି ଯୁଦ୍ଧ ଅଭିଯାନ କରୁଥିଲେ । ପବନର ସାହାଯ୍ୟ ପାଇଲେ ମଧ୍ୟ ବନାଗ୍ନି କ'ଣ ଜଳ ନିକଟକୁ ଅଭିଯାନ କରେ ? ୫୬

ସେ ଅର୍ଥ ଏବଂ କାମଦ୍ୱାରା ଧର୍ମକୁ ଗୌଣ କରୁନଥିଲେ କିମ୍ବା ଧର୍ମଦ୍ୱାରା ଅର୍ଥ ଓ କାମକୁ ଗୌଣ କରୁନଥିଲେ । ସେହିପରି କାମଦ୍ୱାରା ଅର୍ଥକୁ କି ଅର୍ଥଦ୍ୱାରା କାମକୁ ଗୌଣ କରୁ ନଥିଲେ । ଧର୍ମ, ଅର୍ଥ ଓ କାମ–ତିନି ଅପବର୍ଗ ପ୍ରତି ସେ ସମାନ ଦୃଷ୍ଟି ଦେଉଥିଲେ । ୫୭

ଦୁର୍ବଳ ମିତ୍ର ଉପକାର କରିପାରେ ନାହିଁ ; ଅଧିକ ସବଳ ମିତ୍ର ଅପକାର ମଧ୍ୟ କରିପାରେ । ତେଣୁ ଅତିଥି ମଧ୍ୟମଶକ୍ତିସମ୍ପନ୍ନ ବ୍ୟକ୍ତି-ମାନଙ୍କୁ ନିଜର ମିତ୍ର କରୁଥିଲେ । ୫୮

ସେ ନିଜର ଓ ଶତ୍ରୁର ବଳାବଳ ବିଚାର କରି ଯଦି ନିଜକୁ ଶତ୍ରୁ ଅପେକ୍ଷା ବଳିଷ୍ଠ ବୋଲି ଜାଣୁଥିଲେ, ତେବେ ଉକ୍ତ ଦୁର୍ବଳ ଶତ୍ରୁପ୍ରତି ଅଭିଯାନ କରୁଥିଲେ, ଅନ୍ୟଥା ନିବୃତ୍ତ ରହୁଥିଲେ । ୫୯

ଯାହାର ଧନ ଥାଏ, ଲୋକେ ତାକୁ ହିଁ ଆଶ୍ରୟ କରନ୍ତି । ଏହି କାରଣରୁ ସେ ଧନ ସଂଗ୍ରହ କରୁଥିଲେ । ଯେଉଁ ମେଘର ଜଳ ଥାଏ, ଚାତକମାନେ କେବଳ ତାକୁ ହିଁ ଅଭିନନ୍ଦନ ଜଣାନ୍ତି । ୬୦

ଶତ୍ରୁମାନଙ୍କ କାର୍ଯ୍ୟ ଯେପରି ସାଧିତ ହୋଇ ନ ପାରିବ, ସେ ଦିଗରେ ସେ ବାଧା ସୃଷ୍ଟି କରୁଥିଲେ । କିନ୍ତୁ ନିଜ କାର୍ଯ୍ୟରେ ସର୍ବଦା ତତ୍ପର ରହୁ-ଥିଲେ । ଶତ୍ରୁମାନଙ୍କୁ ସେମାନଙ୍କର ଛିଦ୍ର ଦେଖି ଆଘାତ କରୁଥିଲେ, କିନ୍ତୁ ନିଜ ଛିଦ୍ର ସର୍ବଦା ଗୁପ୍ତ ରଖୁଥିଲେ । ୬୧

ଶକ୍ତିଶାଳୀ ଅତିଥିଙ୍କର ସୈନ୍ୟବାହିନୀ ପିତା କୁଶଙ୍କ ସମୟରୁ ସମୃଦ୍ଧି ଲାଭ କରିଆସୁଥିଲେ ଏବଂ ଅସ୍ତ୍ର ବିଦ୍ୟାରେ ଧୁରନ୍ଧର ତଥା ଯୁଦ୍ଧରେ ପଟୁ ଥିଲେ । ଅତିଥି ସେମାନଙ୍କୁ ନିଜ ଦେହଠାରୁ ଭିନ୍ନ ମନେ କଲେ ନାହିଁ । (ନିଜ ଦେହର ଯତ୍ନ ନେଲାଭଳି ସେମାନଙ୍କର ଯତ୍ନ ନେଉଥିଲେ ।) ୬୨

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सर्पस्येव शिरोरत्नं नास्य शक्तित्रयं परः ।
स चकर्ष परस्मात् तदयस्कान्त इवायसम् ।।६३
ସର୍ପସ୍ୟେବ ଶିରୋରତ୍ନଂ ନାସ୍ୟ ଶକ୍ତିତ୍ରୟଂ ପରଃ ।
ସ ଚକର୍ଷ ପରସ୍ମାତ୍ ତଦୟସ୍କାନ୍ତ ଇବାୟସମ୍ ।।୬୩

वापीष्विव स्रवन्तीषु वनेषूपवनेष्विव ।
सार्थाः स्वैरं स्वकीयेषु चेरुर्वेश्मस्विवाद्रिषु ।।६४
ବାପୀଷ୍ୱିବ ସ୍ରବନ୍ତୀଷୁ ବନେଷୂପବନେଷ୍ୱିବ ।
ସାର୍ଥାଃ ସ୍ୱୈରଂ ସ୍ୱକୀୟେଷୁ ଚେରୁର୍ବେଶ୍ମସ୍ୱିବାଦ୍ରିଷୁ ।।୬୪

तपो रक्षन् स विघ्नेभ्यस्तस्करेभ्यश्च संपदः ।
यथास्वमाश्रमैश्चक्रे वर्णैरपि षडंशभाक् ।।६५
ତପୋ ରକ୍ଷନ୍ ସ ବିଘ୍ନେଭ୍ୟସ୍ତସ୍କରେଭ୍ୟଶ୍ଚ ସଂପଦଃ ।
ଯଥାସ୍ୱମାଶ୍ରମୈଶ୍ଚକ୍ରେ ବର୍ଣ୍ଣୈରପି ଷଡ଼ଂଶଭକ୍ ।।୬୫

खनिभिः सुषुवे रत्नं क्षेत्रैः सस्यं वनैर्गजान् ।
दिदेश वेतनं तस्मै रक्षासदृशमेव भूः ।।६६
ଖନିଭିଃ ସୁଷୁବେ ରତ୍ନଂ କ୍ଷେତ୍ରୈଃ ସସ୍ୟଂ ବନୈର୍ଗଜାନ୍ ।
ଦିଦେଶ ବେତନଂ ତସ୍ମୈ ରକ୍ଷାସଦୃଶମେବ ଭୂଃ ।।୬୬

स गुणानां बलानां च षण्णां षण्मुखविक्रमः ।
बभूव विनियोगज्ञः साधनीयेषु वस्तुषु ।।६७
ସ ଗୁଣାନାଂ ବଲାନାଂ ଚ ଷଣ୍ଣାଂ ଷଣ୍ମୁଖବିକ୍ରମଃ ।
ବଭୂବ ବିନିୟୋଗଜ୍ଞଃ ସାଧନୀୟେଷୁ ବସ୍ତୁଷୁ ।।୬୭

इति क्रमात् प्रयुञ्जानो राजनीतिं चतुर्विधाम् ।
आ तीर्थादप्रतीघातं स तस्याः फलमानशे ।।६८
ଇତି କ୍ରମାତ୍ ପ୍ରଯୁଞ୍ଜାନୋ ରାଜନୀତିଂ ଚତୁର୍ବିଧାମ୍ ।
ଆ ତୀର୍ଥାଦପ୍ରତୀଘାତଂ ସ ତସ୍ୟାଃ ଫଲମାନଶେ ।।୬୮

कूटयुद्धविधिज्ञेऽपि तस्मिन् सन्मार्गयोधिनि ।
भेजेऽभिसारिकावृत्तिं जयश्रीर्वीरगामिनी ।।६९
କୂଟଯୁଦ୍ଧବିଧିଜ୍ଞେଽପି ତସ୍ମିନ୍ ସନ୍ମାର୍ଗଯୋଧିନି ।
ଭେଜେଽଭିସାରିକାବୃତ୍ତିଂ ଜୟଶ୍ରୀର୍ବୀରଗାମିନୀ ।।୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସର୍ପର ମୁଣ୍ଡରୁ କେହି ଯେପରି ମଣିକୁ ଆକର୍ଷଣ କରିପାରେ ନାହିଁ, ସେହିପରି ତାଙ୍କଠାରୁ ଶକ୍ତିତ୍ରୟକୁ (ପ୍ରଭୁଶକ୍ତି, ମନ୍ତ୍ରଣାଶକ୍ତି ଓ ଉତ୍ସାହ ଶକ୍ତିକୁ) କେହି ଆକର୍ଷଣ କରି ପାରୁନଥିଲେ । କିନ୍ତୁ ଚୁମ୍ବକ ଯେପରି ଲୁହାକୁ ଟାଣିନିଏ, ସେ ସେହିପରି ଶତ୍ରୁମାନଙ୍କଠାରୁ ଶକ୍ତିତ୍ରୟକୁ ଆକର୍ଷଣ କରି-ନେଉଥିଲେ । ୬୩

ସରୋବରରେ, ଉପବନରେ ତଥା ଗୃହରେ ଯେପରି ସ୍ୱଚ୍ଛନ୍ଦଭାବରେ ବିଚରଣ କରାଯାଏ, ପ୍ରଜାମାନେ ସେହିପରି ନିଜ ନିଜ କାର୍ଯ୍ୟରେ ନଦୀ, ବନ ତଥା ପର୍ବତମାନଙ୍କରେ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିବାକୁ ଲାଗିଲେ । ୬୪

ଅତିଥି ତପସ୍ୟାକୁ ବାଧାବିଘ୍ନରୁ ଏବଂ ସମ୍ପଦକୁ ତସ୍କରଭୟରୁ ରକ୍ଷା କଲେ । ତେଣୁ ଚାରି ଆଶ୍ରମ ଓ ଚାରିବର୍ଣ୍ଣ ତାଙ୍କୁ ନିଜ ନିଜ ଧନରୁ ଷଷ୍ଠାଂଶ ଦାନ କଲେ । (ରାଜା ଅତିଥି ବ୍ରହ୍ମଚର୍ଯ୍ୟାଦି ଚାରି ଆଶ୍ରମରୁ ତପସ୍ୟାର ଅର୍ଥାତ୍ ପୁଣ୍ୟର ଷଷ୍ଠାଂଶ ପାଇଲେ ଏବଂ ବ୍ରାହ୍ମଣାଦି ଚାରିବର୍ଣ୍ଣଙ୍କଠାରୁ ଧନର ଷଷ୍ଠାଂଶ ପାଇଲେ ।) ୬୫

ପୃଥିବୀ ତାଙ୍କ ପାଇଁ ଖଣିରୁ ରତ୍ନ, କ୍ଷେତରୁ ଶସ୍ୟ ଓ ବନରୁ ହସ୍ତୀ ପ୍ରସବ କଲା । ରାଜା ଯେପରି ତାର ଉତ୍ତମ ରକ୍ଷଣାବେକ୍ଷଣ କଲେ, ସେ ମଧ୍ୟ ସେହିପରି ଉପଯୁକ୍ତ କର ଦେଲା । ୬୬

ସନ୍ଧି, ବିଗ୍ରହ ଆଦି ଛଅ ଗୁଣ ଏବଂ ସୈନ୍ୟବାହିନୀ, ଅମାତ୍ୟ ଆଦି ଛଅ ବଳଙ୍କୁ କିପରି ସାଧନୀୟ କାର୍ଯ୍ୟରେ ବ୍ୟବହାର କରିବାକୁ ପଡ଼େ, କାର୍ତ୍ତିକେୟଙ୍କ ସମାନ ପରାକ୍ରମଶାଳୀ ଅତିଥି ତାହା ଭଲଭାବରେ ଜାଣିଥିଲେ । ୬୭

ଏହିପରି ଭାବରେ ଅତିଥି ଚତୁର୍ବିଧ (ସାମ, ଦାନ, ଦଣ୍ଡ, ଭେଦ) ରାଜ-ନୀତି ପ୍ରୟୋଗ କରି ଅଷ୍ଟାଦଶ ତୀର୍ଥ (ସୋପାନ) ପର୍ଯ୍ୟନ୍ତ ତାହାର ଫଳ ଭୋଗ କରିବାକୁ ଲାଗିଲେ । ୬୮

ସେ କୂଟଯୁଦ୍ଧର ବିଧି ଜାଣିଥିଲେ ମଧ୍ୟ ଧର୍ମଯୁଦ୍ଧ କରୁଥିଲେ । ଜୟଶ୍ରୀ ଅଭିସାରିକା ପରି ଆପେ ଆପେ ତାଙ୍କ ନିକଟକୁ ଆସୁଥିଲା । ୬୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रायः प्रतापभग्नत्वादरीणां तस्य दुर्लभः ।
रणो गन्धद्विपस्येव गन्धभिन्नान्यदन्तिनः ।।७०
ପ୍ରାୟଃ ପ୍ରତାପଭଗ୍ନତ୍ୱାଦରୀଣାଂ ତସ୍ୟ ଦୁର୍ଲଭଃ ।
ରଣୋ ଗନ୍ଧଦ୍ୱିପସ୍ୟେବ ଗନ୍ଧଭିନ୍ନାନ୍ୟଦନ୍ତିନଃ ।।୭୦

प्रवृद्धौ हीयते चन्द्रः समुद्रोऽपि तथाविधः ।
स तु तत्समवृद्धिश्च न चाऽभूत् ताविव क्षयी ।।७१
ପ୍ରବୃଦ୍ଧୌ ହୀୟତେ ଚନ୍ଦ୍ରଃ ସମୁଦ୍ରୋଽପି ତଥାବିଧଃ ।
ସ ତୁ ତତ୍ସମବୃଦ୍ଧିଶ୍ଚ ନ ଚାଽଭୂତ୍ ତାବିବ କ୍ଷୟୀ ।।୭୧

सन्तस्तस्याभिगमनादत्यर्थं महतः कृशाः ।
उदधेरिव जीमूताः प्रापुर्दातृत्वमर्थिनः ।।७२
ସନ୍ତସ୍ତସ୍ୟାଭିଗମନାଦତ୍ୟର୍ଥଂ ମହତଃ କୃଶାଃ ।
ଉଦଧେରିବ ଜୀମୂତାଃ ପ୍ରାପୁର୍ଦାତୃତ୍ୱମର୍ଥିନଃ ।।୭୨

स्तूयमानः स जिह्राय स्तुत्यमेव समाचरन् ।
तथापि ववृधे तस्य तत्कारिद्वेषिणो यशः ।।७३
ସ୍ତୂୟମାନଃ ସ ଜିହ୍ରାୟ ସ୍ତୁତ୍ୟମେବ ସମାଚରନ୍ ।
ତଥାପି ବବୃଧେ ତସ୍ୟ ତତ୍କାରିଦ୍ୱେଷିଣୋ ଯଶଃ ।।୭୩

दुरितं दर्शनेन घ्नँस्तत्त्वार्थेन नुदँस्तमः ।
प्रजाः स्वतन्त्रयाञ्चक्रे शश्वत् सूर्य इवोदितः ।।७४
ଦୁରିତଂ ଦର୍ଶନେନ ଘ୍ନଁସ୍ତତ୍ତ୍ୱାର୍ଥେନ ନୁଦଁସ୍ତମଃ ।
ପ୍ରଜାଃ ସ୍ୱତନ୍ତ୍ରୟାଞ୍ଚକ୍ରେ ଶଶ୍ୱତ୍ ସୂର୍ଯ୍ୟ ଇବୋଦିତଃ ।।୭୪

इन्दोरगतयः पद्मे सूर्यस्य कुमुदेंऽशवः ।
गुणास्तस्य विपक्षेऽपि गुणिनो लेभिरेऽन्तरम् ।।७५
ଇନ୍ଦୋରଗତୟଃ ପଦ୍ମେ ସୂର୍ଯ୍ୟସ୍ୟ କୁମୁଦେଂଽଶବଃ ।
ଗୁଣାସ୍ତସ୍ୟ ବିପକ୍ଷେଽପି ଗୁଣିନୋ ଲେଭିରେଽନ୍ତରମ୍ ।।୭୫

पराभिसंधानपरं यद्यप्यस्य विचेष्टितम् ।
जिगीषोरश्वमेधाय धर्म्यमेव बभूव तत् ।।७६
ପରାଭିସଂଧାନପରଂ ଯଦ୍ୟପ୍ୟସ୍ୟ ବିଚେଷ୍ଟିତମ୍ ।
ଜିଗୀଷୋରଶ୍ୱମେଧାୟ ଧର୍ମ୍ୟମେବ ବଭୂବ ତତ୍ ।।୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗନ୍ଧଗଜର ଗନ୍ଧରେ ଅନ୍ୟ ଗଜମାନେ ପଳାୟନ କରନ୍ତି । ତେଣୁ ଗନ୍ଧଗଜ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଅବକାଶ ପାଏ ନାହିଁ । ସେହିପରି ଅତିଥିଙ୍କର ପ୍ରତାପରେ ଶତ୍ରୁମାନେ ହତୋତ୍ସାହ ହୋଇଯାଉଥିଲେ, ତେଣୁ ସେମାନଙ୍କ ସହିତ ତାଙ୍କର ଯୁଦ୍ଧ ଘଟି ପାରୁ ନଥିଲା । ୭୦

ବୃଦ୍ଧିଲାଭ କଲାପରେ ଚନ୍ଦ୍ର କ୍ଷୀଣ ହୁଏ, ସମୁଦ୍ରର ମଧ୍ୟ ଜୁଆର ପରେ ଘଟା ଆସେ । କିନ୍ତୁ ଅତିଥି ଚନ୍ଦ୍ର ତଥା ସମୁଦ୍ର ପରି ବୃଦ୍ଧିଲାଭ କଲେ ମଧ୍ୟ କ୍ଷୟପ୍ରାପ୍ତ ହେଲେ ନାହିଁ । ୭୧

ମେଘମାନେ ଯେପରି ସମୁଦ୍ର ନିକଟକୁ ପ୍ରାର୍ଥୀ ଭବରେ ଯାଇ ଦାତା ହୋଇ ପାରନ୍ତି, ଅତି ଦରିଦ୍ର ସଜ୍ଜନମାନେ ସେହିପରି ଅତିଥିଙ୍କ ନିକଟକୁ ପ୍ରାର୍ଥୀ ଭବରେ ଯାଇ ଦାତା ହୋଇ ପାରିଲେ । ୭୨

ସେ ପ୍ରଶଂସନୀୟ କାର୍ଯ୍ୟ କରି ଯଦ୍ୟପି ପ୍ରଶଂସିତ ହେଉଥିଲେ, ତଥାପି ସେଥିପାଇଁ ଲଜ୍ଜା ଅନୁଭବ କରୁଥିଲେ । ପ୍ରଶଂସାକାରୀମାନଙ୍କୁ ସେ ଭଲ-ପାଉ ନଥିଲେ, ତଥାପି ତାଙ୍କର ଯଶ ବୃଦ୍ଧି ପାଉଥିଲା । ୭୩

ତାଙ୍କର ଦର୍ଶନରେ ପାପ ନଷ୍ଟ ହେଉଥିଲା । ତାଙ୍କର ଯଥାର୍ଥ ବିଚାରରେ ଅଜ୍ଞାନ ଅନ୍ଧକାର ଦୂର ହେଉଥିଲା । ତେଣୁ ସୂର୍ଯ୍ୟ ଉଦତ ହେଲେ ପ୍ରାଣୀମାନେ ଯେପରି ସ୍ୱଚ୍ଛନ୍ଦଭବରେ ବିଚରଣ କରନ୍ତି, ଅତିଥିଙ୍କର ଅଭ୍ୟୁଦୟରେ ପ୍ରଜାମାନେ ସେହିପରି ସ୍ୱଚ୍ଛନ୍ଦ ଭବରେ ଚଳିବାକୁ ଲାଗିଲେ । ୭୪

ଚନ୍ଦ୍ରଙ୍କ କିରଣ ପଦ୍ମଫୁଲ ପାଖକୁ ଯାଇପାରେ ନାହିଁ କିମ୍ବା ସୂର୍ଯ୍ୟଙ୍କ କିରଣ କଇଁଫୁଲ ପାଖକୁ ଯାଇପାରେ ନାହିଁ । କିନ୍ତୁ ଏହି ଗୁଣବାନ୍ ରଜାଙ୍କର ଗୁଣରାଶି ଶତ୍ରୁ ପାଖରେ ମଧ୍ୟ ଆଦର ଲାଭ କଲା । ୭୫

ସେ କେବଳ ଅଶ୍ୱମେଧ ଯଜ୍ଞ ଉଦ୍ଦେଶ୍ୟରେ ହିଁ ବିଜୟୀ ହେବାକୁ ଇଚ୍ଛା କରିଥିଲେ । ତେଣୁ ତାଙ୍କର ଶତ୍ରୁମାନଙ୍କ ପ୍ରତି ଆକ୍ରମଣାତ୍ମକ କାର୍ଯ୍ୟ ଶାସ୍ତ୍ରାନୁମୋଦିତ ଥିଲା । ୭୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एवमुद्यन् प्रभावेण शास्त्रनिर्दिष्टवर्त्मना ।
वृषेव देवो देवानां राज्ञां राजा बभूव सः ॥७७
ଏବମୁଦ୍ୟନ୍ ପ୍ରଭାବେଣ ଶାସ୍ତ୍ରନିର୍ଦ୍ଦିଷ୍ଟବର୍ତ୍ମନା ।
ବୃଷେବ ଦେବୋ ଦେବାନାଂ ରାଜ୍ଞାଂ ରାଜା ବଭୂବ ସଃ ॥୭୭

पञ्चमं लोकपालानामूचुः साधर्म्ययोगतः ।
भूतानां महतां षष्ठमष्टमं कुलभूभृताम् ॥७८
ପଞ୍ଚମଂ ଲୋକପାଲାନାମୂଚୁଃ ସାଧର୍ମ୍ୟଯୋଗତଃ ।
ଭୂତାନାଂ ମହତାଂ ଷଷ୍ଠମଷ୍ଟମଂ କୁଳଭୂଭୃତାମ୍ ॥୭୮

दूरापवर्जितच्छत्रैस्तस्याज्ञां शासनार्पिताम् ।
दधुः शिरोभिर्भूपाला देवाः पौरन्दरीमिव ॥७९
ଦୂରାପବର୍ଜ୍ଜିତଚ୍ଛତ୍ରୈସ୍ତସ୍ୟାଜ୍ଞାଂ ଶାସନାର୍ପିତାମ୍ ।
ଦଧୁଃ ଶିରୋଭିର୍ଭୂପାଳା ଦେବାଃ ପୌରନ୍ଦରୀମିବ ॥୭୯

ऋत्विजः स तथाऽऽनर्च दक्षिणाभिर्महाक्रतौ ।
यथा साधरणीभूतं नामास्य धनदस्य च ॥८०
ଋତ୍ୱିଜଃ ସ ତଥାଽଽନର୍ଚ ଦକ୍ଷିଣାଭିର୍ମହାକ୍ରତୌ ।
ଯଥା ସାଧରଣୀଭୂତଂ ନାମାସ୍ୟ ଧନଦସ୍ୟ ଚ ॥୮୦

ଇନ୍ଦ୍ରାଦ୍ ବୃଷ୍ଟିର୍ନିୟମିତଗଦୋଦ୍ରେକବୃତ୍ତିର୍ୟମୋଽଭୂଦ୍
ଯାଦୋନାଥଃ ଶିବଜଳପଥଃ କର୍ମଣେ ନୌଚରାଣାମ୍ ।
ପୂର୍ବାପେକ୍ଷୀ ତଦନୁ ବିଦଧେ କୋଷବୃଦ୍ଧିଂ କୁବେର
ସ୍ତସ୍ମିନ୍ ଦଣ୍ଡୋପନତଚରିତଂ ଭେଜିରେ ଲୋକପାଳାଃ ॥୮୧

इति श्रीमहाकविकालिदासकृतौ रघुवंशे महाकाव्ये
अतिथिवर्णनो नाम सप्तदशः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହିପରି ଶାସ୍ତ୍ରନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଅତିଥି ପରାକ୍ରମରେ ଅଭ୍ୟୁଦୟ ଲାଭ କଲେ ଏବଂ ଇନ୍ଦ୍ର ଯେପରି ଦେବତାମାନଙ୍କର ଦେବତା, ସେ ସେହିପରି ରାଜାମାନଙ୍କର ରାଜା ହେଲେ । ୭୭

ଲୋକମାନେ ଅତିଥିଙ୍କ ଲୋକପାଳନ ଯୋଗୁଁ ତାଙ୍କୁ ଚାରି ଲୋକପାଳଙ୍କ ମଧ୍ୟରେ ପଞ୍ଚମ ଲୋକପାଳ, ପରୋପକାର ଯୋଗୁଁ ପଞ୍ଚମହାଭୂତମାନଙ୍କ ମଧ୍ୟରେ ଷଷ୍ଠ ମହାଭୂତ ଏବଂ ପୃଥିବୀରକ୍ଷଣ ଯୋଗୁଁ ସପ୍ତ କୁଳପର୍ବତମାନଙ୍କ ମଧ୍ୟରେ ଅଷ୍ଟମ କୁଳ ପର୍ବତ ବୋଲି ମନେକଲେ । ୭୮

ଦେବତାମାନେ ଯେପରି ଇନ୍ଦ୍ରଙ୍କର ଆଜ୍ଞାକୁ ଶିରରେ ଧାରଣ କରନ୍ତି, ରାଜାମାନେ ସେହିପରି ଦୂରରେ ଛତ୍ର ରଖି ଶାସନ-ପତ୍ରରେ ଲିଖିତ ତାଙ୍କର ଆଜ୍ଞାକୁ ମସ୍ତକରେ ଧାରଣ କଲେ । ୭୯

ସେ ଅଶ୍ୱମେଧ ଯଜ୍ଞରେ ଯାଜ୍ଞିକ ବ୍ରାହ୍ମଣମାନଙ୍କୁ ଏତେ ଧନ ବିତରଣ କଲେ, ଯାହା ଫଳରେ 'ଧନଦ' ନାମ ଅତିଥି ଓ କୁବେର ଉଭୟଙ୍କୁ ବୁଝାଇଲା । ୮୦

ତାଙ୍କ ରାଜ୍ୟରେ ଇନ୍ଦ୍ର ବୃଷ୍ଟି କଲେ, ଯମ ରୋଗନିରୋଧ କଲେ, ନାବିକମାନଙ୍କର ସହଜରେ କାର୍ଯ୍ୟ ସାଧନ ପାଇଁ ବରୁଣ ଜଳପଥକୁ ସୁଖମୟ କଲେ ଏବଂ ତାଙ୍କର ପୂର୍ବପୁରୁଷମାନଙ୍କର ମହିମା ଜାଣିଥିବା କୁବେର ରାଜକୋଷ ବୃଦ୍ଧି କଲେ । ଏହିପରି ଭାବରେ ଲୋକପାଳମାନେ ତାଙ୍କର ସେବାକାର୍ଯ୍ୟ କରିବାକୁ ଲାଗିଲେ । ୮୧

Gurukul Kangri Vishwavidyalaya Library

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अष्टादशः सर्गः

स नैषधस्यार्थपतेः सुतायामुत्पादयामास निषिद्धशत्रुः ।
अनूनसारं निषधान्नगेन्द्रात् पुत्रं यमाहुर्निषधाख्यमेव ।।१
ସ ନୈଷଧସ୍ୟାର୍ଥପତେଃ ସୁତାୟାମୁତ୍ପାଦୟାମାସ ନିଷିଦ୍ଧଶତ୍ରୁଃ ।
ଅନୂନସାରଂ ନିଷଧାନ୍ନଗେନ୍ଦ୍ରାତ୍ ପୁତ୍ରଂ ଯମାହୁର୍ନିଷଧାଖ୍ୟମେବ ।।୧

तेनोरुवीर्येण पिता प्रजायै कल्पिष्यमाणेन ननन्द यूना ।
सुवृष्टियोगादिव जीवलोकः सस्येन संपक्तिफलोन्मुखेन ।।२
ତେନୋରୁବୀର୍ଯ୍ୟେଣ ପିତା ପ୍ରଜାୟୈ କଳ୍ପିଷ୍ୟମାଣେନ ନନନ୍ଦ ଯୂନା ।
ସୁବୃଷ୍ଟିଯୋଗାଦିବ ଜୀବଲୋକଃ ସସ୍ୟେନ ସଂପକ୍ତିଫଳୋନ୍ମୁଖେନ ।।୨

शब्दादि निर्विश्य सुखं चिराय तस्मिन् प्रतिष्ठापितराजशब्दः ।
कौमुद्वतेयः कुमुदावदातैर्द्यामर्जितां कर्मभिरारुरोह ।।३
ଶବ୍ଦାଦି ନିର୍ବିଶ୍ୟ ସୁଖଂ ଚିରାୟ ତସ୍ମିନ୍ ପ୍ରତିଷ୍ଠାପିତରାଜଶବ୍ଦଃ ।
କୌମୁଦ୍ୱତେୟଃ କୁମୁଦାବଦାତୈର୍ଦ୍ୟାମର୍ଜିତାଂ କର୍ମଭିରାରୁରୋହ ।।୩

पौत्रः कुशस्यापि कुशेशयाक्षः ससागरां सागरधीरचेताः ।
एकातपत्रां भुवमेकवीरः पुरार्गलादीर्घभुजो बुभोज ।।४
ପୌତ୍ରଃ କୁଶସ୍ୟାପି କୁଶେଶୟାକ୍ଷଃ ସସାଗରାଂ ସାଗରଧୀରଚେତାଃ ।
ଏକାତପତ୍ରାଂ ଭୁବମେକବୀରଃ ପୁରାର୍ଗଳାଦୀର୍ଘଭୁଜୋ ବୁଭୋଜ ।।୪

तस्यानलौजास्तनयस्तदन्ते वंशश्रियं प्राप नलाभिधानः ।
यो नड्वलानीव गजः परेषां बलान्यमृद्नान्नलिनाभवक्त्रः ।।५
ତସ୍ୟାନଳୌଜାସ୍ତନୟସ୍ତଦନ୍ତେ ବଂଶଶ୍ରିୟଂ ପ୍ରାପ ନଳାଭିଧାନଃ ।
ଯୋ ନଡ୍ବଳାନୀବ ଗଜଃ ପରେଷାଂ ବଳାନ୍ୟମୃଦ୍ନାନ୍ନଳିନାଭବକ୍ତ୍ରଃ ।।୫

नभश्चरैर्गीतयशाः स लेभे नभस्तलश्यामतनुं तनूजम् ।
ख्यातं नभःशब्दमयेन नाम्ना कान्तं नभोमासमिव प्रजानाम् ।।६
ନଭଶ୍ଚରୈର୍ଗୀତଯଶାଃ ସ ଲେଭେ ନଭସ୍ତଳଶ୍ୟାମତନୁଂ ତନୂଜମ୍ ।
ଖ୍ୟାତଂ ନଭଃଶବ୍ଦମୟେନ ନାମ୍ନା କାନ୍ତଂ ନଭୋମାସମିବ ପ୍ରଜାନାମ୍ ।।୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଷ୍ଟାଦଶ ସର୍ଗ

ପରାକ୍ରମୀ ଅତିଥି ନିଷଧ ଦେଶର ରାଜା ଅର୍ଥପତିଙ୍କ କନ୍ୟାକୁ ବିବାହ କରି ତାଙ୍କ ଗର୍ଭରୁ ଏକ ପୁତ୍ର ଲାଭ କଲେ । ଉକ୍ତ ପୁତ୍ରର ନାମ ହେଲା ନିଷଧ । ସେ (ନିଷଧ) ନିଷଧ ପର୍ବତ ପରି ଶକ୍ତିସଂମ୍ପନ୍ନ ହେଲେ । ୧

ଉତ୍ତମ ବୃଷ୍ଟି ଯୋଗୁଁ ପକ୍ୱ ହେବାକୁ ଯାଉଥିବା ଶସ୍ୟକୁ ଦେଖି ଲୋକମାନେ ଯେପରି ଆନନ୍ଦିତ ହୁଅନ୍ତି, ପିତା ଅତିଥି ଭବିଷ୍ୟତର ପ୍ରଜା-ପାଳନସମର୍ଥ, ବୀର, ଯୁବକ ପୁତ୍ରକୁ ଦେଖି ସେହିପରି ଆନନ୍ଦିତ ହେଲେ । ୨

ସେ (ଅତିଥି) ବହୁକାଳ ପର୍ଯ୍ୟନ୍ତ ଶବ୍ଦ, ସ୍ପର୍ଶ, ଗନ୍ଧ, ରସ ଆଦି ଭୋଗ୍ୟବିଷୟ ଭୋଗ କରି, ପୁତ୍ରକୁ ରାଜ୍ୟଭାର ଦେଇ ସ୍ୱକୃତ ଶୁଭ୍ର କର୍ମ-ବଳରେ ସ୍ୱର୍ଗଲାଭ କଲେ । ୩

କୁଶଙ୍କର ପୌତ୍ର ନିଷଧ ଥିଲେ ସମୁଦ୍ର ପରି ଗମ୍ଭୀର । ତାଙ୍କର ଚକ୍ଷୁ ପଦ୍ମତୁଲ୍ୟ ସୁନ୍ଦର ଏବଂ ବାହୁ ନଗରୀର ଅର୍ଗଳ ପରି ଦୀର୍ଘ ଥିଲା । ସେହି ଅଦ୍ୱିତୀୟ ବୀର (ନିଷଧ) ଏକଛତ୍ର ଶାସନ ଚଳାଇ ସସାଗରା ପୃଥିବୀ ଭୋଗ କଲେ । ୪

ତାଙ୍କ ପରେ ତାଙ୍କର 'ନଳ' ନାମକ ଅଗ୍ନିତୁଲ୍ୟ ତେଜସ୍ୱୀ ପୁତ୍ର କ୍ରମାଗତ ରାଜଶ୍ରୀ ଲାଭ କଲେ । ହସ୍ତୀ ଯେପରି ନଳବନକୁ ଧ୍ୱଂସ କରେ, ପଦ୍ମମୁଖ ନଳ ସେହିପରି ଶତ୍ରୁକୁଳକୁ ମର୍ଦ୍ଦନ କଲେ । ୫

ଦେବତା, ଗନ୍ଧର୍ବମାନେ ତାଙ୍କର ଯଶ ଗାନ କଲେ । ସେ ଯଥା-ସମୟରେ ଆକାଶ ପରି ଶ୍ୟାମବର୍ଣ୍ଣ 'ନଭ' ନାମକ ଏକ ପୁତ୍ର ଲାଭ କଲେ । ଶ୍ରାବଣମାସ ଯେପରି ଲୋକମାନଙ୍କର ଅତି ପ୍ରିୟ, ଉକ୍ତ ପୁତ୍ର ପ୍ରଜାମାନଙ୍କର ସେହିପରି ଅତି ପ୍ରିୟ ହେଲେ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तस्मै विसृज्योत्तरकोसलानां धर्मोत्तरस्तत्प्रभवे प्रभुत्वम् ।
मृगैरजर्यं जरसोपदिष्टमदेहबन्धाय पुनर्बबन्ध ॥७
ତସ୍ମୈ ବିସୃଜ୍ୟୋତ୍ତରକୋସଲାନାଂ ଧର୍ମୋତ୍ତରସ୍ତତ୍ପ୍ରଭବେ ପ୍ରଭୁତ୍ୱମ୍ ।
ମୃଗୈରଜର୍ଯ୍ୟଂ ଜରସୋପଦିଷ୍ଟମଦେହବନ୍ଧାୟ ପୁନର୍ବବନ୍ଧ ॥୭

तेन द्विपानामिव पुण्डरीको राज्ञामजय्योऽजनि पुण्डरीकः ।
शान्ते पितर्याहृतपुण्डरीका यं पुण्डरीकाक्षमिव श्रिता श्रीः ॥८
ତେନ ଦ୍ୱିପାନାମିବ ପୁଣ୍ଡରୀକୋ ରାଜ୍ଞାମଜୟ୍ୟୋଽଜନି ପୁଣ୍ଡରୀକଃ ।
ଶାନ୍ତେ ପିତର୍ଯ୍ୟାହୃତପୁଣ୍ଡରୀକା ଯଂ ପୁଣ୍ଡରୀକାକ୍ଷମିବ ଶ୍ରିତା ଶ୍ରୀଃ ॥୮

स क्षेमधन्वानममोघधन्वा पुत्रं प्रजाक्षेमविधानदक्षम् ।
क्ष्मां लम्भयित्वा क्षमयोपपन्नं वने तपः क्षान्ततरश्चचार ॥९
ସ କ୍ଷେମଧନ୍ୱାନମମୋଘଧନ୍ୱା ପୁତ୍ରଂ ପ୍ରଜାକ୍ଷେମବିଧାନଦକ୍ଷମ୍ ।
କ୍ଷ୍ମାଂ ଲମ୍ଭୟିତ୍ୱା କ୍ଷମୟୋପପନ୍ନଂ ବନେ ତପଃ କ୍ଷାନ୍ତତରଶ୍ଚଚାର ॥୯

अनीकिनीनां समरेऽग्रयायी तस्यापि देवप्रतिमः सुतोऽभूत् ।
व्यश्रूयतानीकपदावसानं देवादि नाम त्रिदिवेऽपि यस्य ॥१०
ଅନୀକିନୀନାଂ ସମରେଽଗ୍ରୟାୟୀ ତସ୍ୟାପି ଦେବପ୍ରତିମଃ ସୁତୋଽଭୂତ୍ ।
ବ୍ୟଶ୍ରୂୟତାନୀକପଦାବସାନଂ ଦେବାଦି ନାମ ତ୍ରିଦିବେଽପି ଯସ୍ୟ ॥୧୦

पिता समाराधनतत्परेण पुत्रेण पुत्री स यथैव तेन ।
पुत्रस्तथैवात्मजवत्सलेन स तेन पित्रा पितृमान् बभूव ॥११
ପିତା ସମାରାଧନତତ୍ପରେଣ ପୁତ୍ରେଣ ପୁତ୍ରୀ ସ ଯଥୈବ ତେନ ।
ପୁତ୍ରସ୍ତଥୈବାତ୍ମଜବତ୍ସଲେନ ସ ତେନ ପିତ୍ରା ପିତୃମାନ୍ ବଭୂବ ॥୧୧

पूर्वस्तयोरात्मसमे चिरोढामात्मोद्भवे वर्णचतुष्टयस्य ।
धुरं निधायैकनिधिर्गुणानां जगाम यज्वा यजमानलोकम् ॥१२
ପୂର୍ବସ୍ତୟୋରାତ୍ମସମେ ଚିରୋଢାମାତ୍ମୋଦ୍ଭବେ ବର୍ଣ୍ଣଚତୁଷ୍ଟୟସ୍ୟ ।
ଧୁରଂ ନିଧାୟୈକନିଧିର୍ଗୁଣାନାଂ ଜଗାମ ଯଜ୍ୱା ଯଜମାନଲୋକମ୍ ॥୧୨

वशी सुतस्तस्य वशंवदत्वात् स्वेषामिवासीद् द्विषतामपीष्टः ।
सकृद् विविग्नानपि हि प्रयुक्तं माधुर्यमीष्टे हरिणान् ग्रहीतुम् ॥१३
ବଶୀ ସୁତସ୍ତସ୍ୟ ବଶଂବଦତ୍ୱାତ୍ ସ୍ୱେଷାମିବାସୀଦ୍ ଦ୍ୱିଷତାମପୀଷ୍ଟଃ ।
ସକୃଦ୍ ବିବିଗ୍ନାନପି ହି ପ୍ରୟୁକ୍ତଂ ମାଧୁର୍ଯ୍ୟମୀଷ୍ଟେ ହରିଣାନ୍ ଗ୍ରହୀତୁମ୍ ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଧାର୍ମିକ 'ନଳ', ନିଜର ସମର୍ଥ ପୁତ୍ରଙ୍କୁ ଉତ୍ତର-କୋଶଳର ଆଧିପତ୍ୟ ପ୍ରଦାନ କରି ବାର୍ଦ୍ଧକ୍ୟର ଉପଦେଶରେ ପୁନର୍ଜନ୍ମରୁ ମୁକ୍ତିଲଭ କରିବା ପାଇଁ ବାନପ୍ରସ୍ଥ ଅବଲମ୍ବନ କଲେ । ୭

ନଭ ମଧ୍ୟ 'ପୁଣ୍ଡରୀକ' ନାମରେ ପୁତ୍ରଟିଏ ଲଭ କଲେ । ଦିଗ୍‌ଗଜ ଯେପରି ଗଜମାନଙ୍କ ପକ୍ଷରେ ଅଜେୟ, ପୁଣ୍ଡରୀକ ସେହିପରି ଗଜାମାନଙ୍କ ପକ୍ଷରେ ଅଜେୟ ହେଲେ । ତାଙ୍କର ପିତା (ନଭ) ସ୍ୱର୍ଗ ଗମନ କରନ୍ତେ, ଶ୍ୱେତପଦ୍ମଧାରିଣୀ ଗଜଲକ୍ଷ୍ମୀ ବିଷ୍ଣୁଙ୍କୁ ସେବା କଲା ପରି ତାଙ୍କର (ପୁଣ୍ଡରୀକଙ୍କର) ସେବା କଲେ । ୮

ଧନୁର୍ଦ୍ଧର ପୁଣ୍ଡରୀକ ମଧ୍ୟ 'କ୍ଷେମଧନ୍ୱା' ନାମକ ପୁତ୍ରକୁ ରାଜ୍ୟଭର ଦେଇ ଶୀତ ଗ୍ରୀଷ୍ମାଦି ଦ୍ୱନ୍ଦ୍ୱ ସହ୍ୟ କରି ବନରେ ତପଶ୍ଚରଣ କଲେ । କ୍ଷେମଧନ୍ୱା ଥିଲେ ପ୍ରଜାମାନଙ୍କର କ୍ଷେମ (ମଙ୍ଗଳ) କରିବାରେ ସମର୍ଥ ତଥା କ୍ଷମାଶୀଳ । ୯

କ୍ଷେମଧନ୍ୱାଙ୍କର ମଧ୍ୟ ଦେବପ୍ରତିମ ପୁତ୍ର ଯୁଦ୍ଧରେ ସୈନ୍ୟମାନଙ୍କର ଅଗ୍ରଗାମୀ ହେଲେ । ସେହି ପୁତ୍ରର ନାମ ଥିଲା 'ଦେବାନୀକ' । ଉକ୍ତ ନାମ ସ୍ୱର୍ଗରେ ମଧ୍ୟ ବିଖ୍ୟାତ ହେଲା । ୧୦

ପିତା କ୍ଷେମଧନ୍ୱା ଯେପରି ଶୁଶ୍ରୂଷାପରାୟଣ ପୁତ୍ରଟି ପାଇ ପୁତ୍ରବାନ୍ ହେଲେ, ପୁତ୍ର ଦେବାନୀକ ସେହିପରି ପୁତ୍ରବତ୍ସଳ ପିତା ପାଇ ପିତୃମାନ୍ ହେଲେ । ୧୧

ସର୍ବଗୁଣର ଆଧାର ପିତା ବହୁକାଳରୁ ବହନ କରି ଆସୁଥିବା ଚତୁଃ ବର୍ଣ୍ଣର ପାଳନଭର ଆତ୍ମତୁଲ୍ୟ ଯୋଗ୍ୟ ପୁତ୍ର ଉପରେ ନ୍ୟସ୍ତ କଲେ ଏବଂ ଯଜ୍ଞ ସମ୍ପାଦନ କରି ସେହି ଭୁବନକୁ ଗମନ କଲେ, ଯେଉଁଠାକୁ କେବଳ ଯଜ୍ଞକାରୀମାନେ ହିଁ ଯାଆନ୍ତି । ୧୨

ତାଙ୍କର (ଦେବାନୀକଙ୍କର) ସଂଯମୀ, ମଧୁରଭଷୀ ପୁତ୍ର (ଅହିନଗୁ) ମଧୁର ବଚନରେ ଆତ୍ମୀୟମାନଙ୍କର ଯେପରି ପ୍ରିୟ ଥିଲେ, ଶତ୍ରୁମାନଙ୍କର ମଧ୍ୟ ସେହିପରି ପ୍ରିୟ ଥିଲେ । ମଧୁର ବଚନରେ ଭୟଭୀତ ହରିଣମାନଙ୍କୁ ମଧ୍ୟ ଅନ୍ତତଃ ଥରେ ବଶ କରାଯାଇ ପାରେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अहीनगुर्नाम स गां समग्रामहीनबाहुद्रविणः शशास ।
यो हीनसंसर्गपराङ्मुखत्वाद् युवाप्यनर्थैर्व्यसनैर्विहीनः ॥१४
ଅହୀନଗୁର୍ନାମ ସ ଗାଂ ସମଗ୍ରାମହୀନବାହୁଦ୍ରବିଣଃ ଶଶାସ ।
ଯୋ ହୀନସଂସର୍ଗପରାଙ୍ମୁଖତ୍ୱାଦ୍ ଯୁବାପ୍ୟନର୍ଥୈର୍ବ୍ୟସନୈର୍ବିହୀନଃ ॥୧୪

गुरोः स चानन्तरमन्तरज्ञः पुंसां पुमानाद्य इवावतीर्णः ।
उपक्रमैरस्खलितैश्चतुर्भिश्चतुर्दिगीशश्चतुरो बभूव ॥१५
ଗୁରୋଃ ସ ଚାନନ୍ତରମନ୍ତରଜ୍ଞଃ ପୁଂସାଂ ପୁମାନାଦ୍ୟ ଇବାବତୀର୍ଣ୍ଣଃ ।
ଉପକ୍ରମୈରସ୍ଖଳିତୈଶ୍ଚତୁର୍ଭିଶ୍ଚତୁର୍ଦ୍ଦିଗୀଶଶ୍ଚତୁରୋ ବଭୂବ ॥୧୫

तस्मिन् प्रयाते परलोकयात्रां जेतर्यरीणां तनयं तदीयम् ।
उच्चैःशिरस्त्वाज्जितपारियात्रं लक्ष्मीःसिषेवे किल पारियात्रम् ॥१६
ତସ୍ମିନ୍ ପ୍ରଯାତେ ପରଲୋକଯାତ୍ରାଂ ଜେତର୍ଯ୍ୟରୀଣାଂ ତନୟଂ ତଦୀୟମ୍ ।
ଉଚ୍ଚୈଃଶିରସ୍ତ୍ୱାଜ୍ଜିତପାରିଯାତ୍ରଂ ଲକ୍ଷ୍ମୀଃ ସିଷେବେ କିଳ ପାରିଯାତ୍ରମ୍ ॥୧୬

तस्याभवत् सूनुरुदारशीलः शिलः शिलापट्टविशालवक्षाः ।
जितारिपक्षोऽपि शिलीमुखैर्यः शालीनतामव्रजदीड्यमानः ॥१७
ତସ୍ୟାଭବତ୍ ସୂନୁରୁଦାରଶୀଳଃ ଶିଳଃ ଶିଳାପଟ୍ଟବିଶାଳବକ୍ଷାଃ ।
ଜିତାରିପକ୍ଷୋଽପି ଶିଳୀମୁଖୈର୍ଯଃ ଶାଳୀନତାମବ୍ରଜଦୀଡ୍ୟମାନଃ ॥୧୭

तमात्मसंपन्नमनिन्दितात्मा कृत्वा युवानं युवराजमेव ।
सुखानि सोऽभुङ्क्त सुखोपरोधि वृत्तं हि राज्ञामुपरुद्धवृत्तम् ॥१८
ତମାତ୍ମସଂପନ୍ନମନିନ୍ଦିତାତ୍ମା କୃତ୍ୱା ଯୁବାନଂ ଯୁବରାଜମେବ ।
ସୁଖାନି ସୋଽଭୁଙ୍କ୍ତ ସୁଖୋପରୋଧି ବୃତ୍ତଂ ହି ରାଜ୍ଞାମୁପରୁଦ୍ଧବୃତ୍ତମ୍ ॥୧୮

तं रागबन्धिष्ववितृप्तमेव भोगेषु सौभाग्यविशेषभोग्यम् ।
विलासिनीनामरतिक्षमापि जरा वृथा मत्सरिणी जहार ॥१९
ତଂ ରାଗବନ୍ଧିଷ୍ୱବିତୃପ୍ତମେବ ଭୋଗେଷୁ ସୌଭାଗ୍ୟବିଶେଷଭୋଗ୍ୟମ୍ ।
ବିଳାସିନୀନାମରତିକ୍ଷମାପି ଜରା ବୃଥା ମତ୍ସରିଣୀ ଜହାର ॥୧୯

उन्नाभ इत्युद्गतनामधेयस्तस्यायथार्थोन्नतनाभिरन्ध्रः ।
सुतोऽभवत् पङ्कजनाभकल्पः कृत्स्नस्य नाभिर्नृपमण्डलस्य ॥२०
ଉନ୍ନାଭ ଇତ୍ୟୁଦ୍‌ଗତନାମଧେୟସ୍ତସ୍ୟାଯଥାର୍ଥୋନ୍ନତନାଭିରନ୍ଧ୍ରଃ ।
ସୁତୋଽଭବତ୍ ପଙ୍କଜନାଭକଳ୍ପଃ କୃତ୍ସ୍ନସ୍ୟ ନାଭିର୍ନୃପମଣ୍ଡଳସ୍ୟ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦେବାନୀକଙ୍କର ଉକ୍ତ ଅହୀନଗୁ ନାମକ ପୁତ୍ର ରାଜ୍ୟ ଶାସନ କଲେ । ତାଙ୍କର ବାହୁବଳ ହୀନ ନଥିଲା ଏବଂ ସେ ହୀନ ସଂସର୍ଗରେ ପଡ଼ି ନଥିଲେ । ଆଉ ମଧ୍ୟ ଯୁବା ଅବସ୍ଥାରେ ସେ ବିଳାସହୀନ ଥିଲେ, ଯେଉଁ ବିଳାସ କି ସବୁ ଅନର୍ଥର କାରଣ । ୧୪

ସେ ଥିଲେ ବୁଦ୍ଧିମାନ୍ ଏବଂ ଲୋକମାନଙ୍କର ଅନ୍ତର ଜାଣିବାରେ ପ୍ରବୀଣ । ତେଣୁ ସେ ନାରାୟଣଙ୍କ ଅବତାର ଭଳି ଜଣା ପଡ଼ୁଥିଲେ । ତାଙ୍କର ଚାରି ଉପାୟ (ସାମ, ଦାନ, ଦଣ୍ଡ ଓ ଭେଦ) କେବେହେଲେ ନିଷ୍ଫଳ ହେଉ ନଥିଲା । ତେଣୁ ପିତାଙ୍କ ପରେ ସେ ଚାରିଦିଗର ଅଧୀଶ୍ୱର ହେଲେ । ୧୫

ଶତ୍ରୁବିଜୟୀ ଅହୀନଗୁ ପରଲୋକକୁ ଯାତ୍ରା କରନ୍ତେ ରାଜଲକ୍ଷ୍ମୀ 'ପାରିଯାତ୍ର' ନାମକ ତାଙ୍କର ପୁତ୍ରକୁ ଆଶ୍ରୟ କଲେ । 'ପାରିଯାତ୍ର' ମସ୍ତକ ଅବନତ ନ କରିବା ବିଷୟରେ 'ପାରିଯାତ୍ର' ନାମକ କୁଳପର୍ବତକୁ ବଳି ଯାଇଥିଲେ । ୧୬

ପାରିଯାତ୍ରଙ୍କର ପୁତ୍ର ହେଲେ 'ଶିଳ' । ଶିଳ ଥିଲେ ଉଦାରଶୀଳ । ତାଙ୍କର ବକ୍ଷ ଶିଳାପଟ ପରି ବିସ୍ତୃତ ଥିଲା । ସେ ଶରବଳରେ ଶତ୍ରୁମାନଙ୍କୁ ଧ୍ୱଂସ କରୁଥିଲେ, କିନ୍ତୁ ନିଜର ପ୍ରଶଂସା ଶୁଣି ଲଜ୍ଜିତ ହେଉଥିଲେ । ୧୭

ଅନିନ୍ଦ୍ୟସ୍ୱଭାବ ପାରିଯାତ୍ର ବୁଦ୍ଧିମାନ୍ ପୁତ୍ରକୁ ଯୁବରାଜ କରି ନିଜେ ସୁଖ ଭୋଗ କଲେ ! କାରଣ, ରାଜାମାନଙ୍କର ପ୍ରଜାପାଳନ ଆଦି କାର୍ଯ୍ୟ ସୁଖର ପ୍ରତିବନ୍ଧକ ଏବଂ କାରାଗାର ତୁଲ୍ୟ । ୧୮

ପାରିଯାତ୍ରଙ୍କ ସହିତ ରମଣ କରିବା ବିଳାସିନୀମାନଙ୍କ ପକ୍ଷରେ ପରମ ସୌଭାଗ୍ୟର ବିଷୟ ଥିଲା । ପାରିଯାତ୍ର ସେମାନଙ୍କ ସହିତ ବିଭିନ୍ନ ଅନୁରାଗ-ବର୍ଦ୍ଧକ ଉପଭୋଗରେ ମାତି ମଧ୍ୟ ତୃପ୍ତି ଲାଭ କଲେ ନାହିଁ । କିନ୍ତୁ ଜରା ଈର୍ଷା ପରବଶ ହୋଇ ନିଜେ ରମଣ କରିବାକୁ ଅସମର୍ଥା ହେଲେ ମଧ୍ୟ ତାଙ୍କୁ ବୃଥା ନିଜ ପାଖକୁ ଟାଣି ନେଲା । (ପାରିଯାତ୍ର ରମଣୀମାନଙ୍କୁ ଭୋଗ କରି କରି ବୃଦ୍ଧ ହେଲେ) । ୧୯

ତାଙ୍କର (ପାରିଯାତ୍ରଙ୍କର) ପୁତ୍ର ହେଲେ ଉନ୍ନାଭ । ଉନ୍ନାଭ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କଲେ । ତାଙ୍କର ନାଭି ତାଙ୍କ ନାମର ବିପରୀତ ଥିଲା । (ଅର୍ଥାତ୍ ତାଙ୍କର ନାଭି ଉଚ୍ଚ ନହୋଇ ଗଭୀର ଥିଲା) । ସେ ଥିଲେ ନାରାୟଣଙ୍କ ସଦୃଶ ଏବଂ ରାଜାମାନଙ୍କ ମଧ୍ୟରେ ପ୍ରଧାନ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ततः परं वज्रधरप्रभावस्तदात्मजः संयति वज्रघोषः ।
बभूव वज्राकरभूषणायाः पतिः पृथिव्याः किल वज्रणाभः ॥२१
ତତଃ ପରଂ ବଜ୍ରଧରପ୍ରଭାବସ୍ତଦାତ୍ମଜଃ ସଂଯତି ବଜ୍ରଘୋଷଃ ।
ବଭୂବ ବଜ୍ରାକରଭୂଷଣାୟାଃ ପତିଃ ପୃଥିବ୍ୟାଃ କିଲ ବଜ୍ରଣାଭଃ ॥୨୧

तस्मिन् गते द्यां सुकृतोपलब्धां तत्सम्भवं शङ्खणमर्णवान्ता ।
उत्खातशत्रुं वसुधोपतस्थे रत्नोपहारैरुदितैः खनिभ्यः ॥२२
ତସ୍ମିନ୍ ଗତେ ଦ୍ୟାଂ ସୁକୃତୋପଲବ୍ଧାଂ ତତ୍ସଂଭବଂ ଶଙ୍ଖଣମର୍ଣ୍ଣବାନ୍ତା ।
ଉତ୍ଖାତଶତ୍ରୁଂ ବସୁଧୋପତସ୍ଥେ ରତ୍ନୋପହାରୈରୁଦିତୈଃ ଖନିଭ୍ୟଃ ॥୨୨

तस्यावसाने हरिदश्वधामा पित्र्यं प्रपेदे पदमश्विरूपः ।
वेलातटेषूषितसैनिकाश्वं पुराविदो यं व्युषिताश्वमाहुः ॥२३
ତସ୍ୟାବସାନେ ହରିଦଶ୍ୱଧାମା ପିତ୍ର୍ୟଂ ପ୍ରପେଦେ ପଦମଶ୍ୱିରୂପଃ ।
ବେଲାତଟେଷୂଷିତସୈନିକାଶ୍ୱଂ ପୁରାବିଦୋ ଯଂ ବ୍ୟୁଷିତାଶ୍ୱମାହୁଃ ॥୨୩

आराध्य विश्वेश्वरमीश्वरेण तेन क्षितेर्विश्वसहो विजज्ञे ।
पातुं सहो विश्वसखः समग्रां विश्वम्भरामात्मजमूर्तिरात्मा ॥२४
ଆରାଧ୍ୟ ବିଶ୍ୱେଶ୍ୱରମୀଶ୍ୱରେଣ ତେନ କ୍ଷିତେର୍ବିଶ୍ୱସହୋ ବିଜଜ୍ଞେ ।
ପାତୁଂ ସହୋ ବିଶ୍ୱସଖଃ ସମଗ୍ରାଂ ବିଶ୍ୱମ୍ଭରାମାତ୍ମଜମୂର୍ତ୍ତିରାତ୍ମା ॥୨୪

अंशे हिरण्याक्षरिपोः स जाते हिरण्यनाभे तनये नयज्ञः ।
द्विषामसह्यः सुतरां तरूणां हिरण्यरेता इव सानिलोऽभूत् ॥२५
ଅଂଶେ ହିରଣ୍ୟାକ୍ଷରିପୋଃ ସ ଜାତେ ହିରଣ୍ୟନାଭେ ତନୟେ ନୟଜ୍ଞଃ ।
ଦ୍ୱିଷାମସହ୍ୟଃ ସୁତରାଂ ତରୂଣାଂ ହିରଣ୍ୟରେତା ଇବ ସାନିଲୋଽଭୂତ୍ ॥୨୫

पिता पितॄणामनृणस्तमन्ते वयस्यनन्तानि सुखानि लिप्सुः ।
राजानमाजानुविलम्बिबाहुं कृत्वा कृती वल्कलवान् बभूव ॥२३
ପିତା ପିତୃଣାମନୃଣସ୍ତମନ୍ତେ ବୟସ୍ୟନନ୍ତାନି ସୁଖାନି ଲିପ୍ସୁଃ ।
ରାଜାନମାଜାନୁବିଲମ୍ବିବାହୁଂ କୃତ୍ୱା କୃତୀ ବଲ୍କଲବାନ୍ ବଭୂବ ॥୨୬

कौसल्य इत्युत्तरकोसलानां पत्युः पतङ्गान्वयभूषणस्य ।
तस्यौरसः सोमसुतः सुतोऽभून्नेत्रोत्सवः सोम इव द्वितीयः ॥२७
କୌସଲ୍ୟ ଇତ୍ୟୁତ୍ତରକୋସଲାନାଂ ପତ୍ୟୁଃ ପତଙ୍ଗାନ୍ୱୟଭୂଷଣସ୍ୟ ।
ତସ୍ୟୌରସଃ ସୋମସୁତଃ ସୁତୋଽଭୂନ୍ନେତ୍ରୋତ୍ସବଃ ସୋମ ଇବ ଦ୍ୱିତୀୟଃ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତା'ପରେ ଉନ୍ନାଭଙ୍କର 'ବଜ୍ରନାଭ' ନାମକ ପୁତ୍ର ଜାତ ହେଲେ । ବଜ୍ରନାଭ ବଜ୍ରଧର ଇନ୍ଦ୍ରଙ୍କ ସମାନ ପରାକ୍ରମୀ ଥିଲେ ଏବଂ ଯୁଦ୍ଧରେ ବଜ୍ରଭଳି ଗର୍ଜନ କରୁଥିଲେ । ହୀରାଖଣି-ଭୂଷଣ-ପରିହିତା ପୃଥିବୀ ତାଙ୍କୁ ସ୍ୱାମୀ ପଦରେ ବରଣ କଲା । ୨୧

ବଜ୍ରନାଭ ନିଜର ପୁଣ୍ୟବଳରେ ସ୍ୱର୍ଗଲାଭକଲା ପରେ ପୃଥିବୀ ତାଙ୍କର 'ଶଙ୍ଖଣ' ନାମକ ଏକ ଶତ୍ରୁହନ୍ତା ପୁତ୍ରକୁ ଖଣିଜାତ ରତ୍ନରାଶି ଉପହାର ଦେଇ ସେବା କଲା । ୨୨

ଶଙ୍ଖଣଙ୍କର ଜୀବନକାଳ ଶେଷ ହୁଅନ୍ତେ ତାଙ୍କର ସୂର୍ଯ୍ୟ ସମାନ ତେଜସ୍ୱୀ ତଥା ଅଶ୍ୱିନୀକୁମାରଙ୍କ ପରି ସୁନ୍ଦର ପୁତ୍ର ପୈତୃକ ରାଜ୍ୟ ଲାଭ କଲେ । ସେ ସମୁଦ୍ର ତଟରେ ନିଜ ସୈନ୍ୟବାହିନୀର ଅଶ୍ୱମାନଙ୍କୁ ଅବସ୍ଥାନ କରାଇଲେ । ତେଣୁ ଐତିହାସିକମାନେ ତାଙ୍କୁ 'ବ୍ୟୁଷିତାଶ୍ୱ' ବୋଲି କହନ୍ତି । ୨୩

ପୃଥିବୀର ଅଧୀଶ୍ୱର ବ୍ୟୁଷିତାଶ୍ୱ କାଶୀବାସୀ ବିଶ୍ୱେଶ୍ୱରଙ୍କୁ (ଶିବଙ୍କୁ) ଆରାଧନା କରି 'ବିଶ୍ୱସହ' ନାମକ ଏକ ପୁତ୍ର ଲାଭ କଲେ । ସେହି ପୁତ୍ର ବିଶ୍ୱର ମିତ୍ର ଥିଲେ ତଥା ବିଶ୍ୱମ୍ଭର (ପୃଥିବୀ) ପାଳନ କରିବାକୁ ସମର୍ଥ ଥିଲେ । ବ୍ୟୁଷିତାଶ୍ୱଙ୍କର ଆତ୍ମା ହିଁ ଉକ୍ତ ପୁତ୍ରରୂପରେ ଜନ୍ମଗ୍ରହଣ କରିଥିଲା । ୨୪

ନୀତିଜ୍ଞ ବିଶ୍ୱସହ ବିଷ୍ଣୁ-ଅଂଶ-ସମ୍ପନ୍ନ 'ହିରଣ୍ୟନାଭ' ନାମକ ପୁଅଟିଏ ପାଇ ଶତ୍ରୁମାନଙ୍କର ଏକାବେଳକେ ଅଜେୟ ହୋଇଗଲେ, ଯେପରି ବାୟୁର ସହାୟତା ପାଇଲେ ଅଗ୍ନି ବୃକ୍ଷମାନଙ୍କର ଅଜେୟ ହୋଇଉଠେ । ୨୫

କୃତୀ ପିତା (ବିଶ୍ୱସହ) ପିତୃଋଣରୁ ମୁକ୍ତ ହୋଇ ଆଜାନୁ-ଲମ୍ବିତ-ବାହୁ ପୁତ୍ରକୁ ରାଜ୍ୟଭାର ଦେଇ ଅନନ୍ତ ସୁଖ (ମୋକ୍ଷ) ଲାଭ କରିବା ଆଶାରେ ଶେଷ ଜୀବନରେ ବଲ୍‌କଲ ପରିଧାନ କଲେ । ୨୬

ଉତ୍ତରକୋଶଳର ଅଧିପତି, ସୂର୍ଯ୍ୟବଂଶର ଭୂଷଣ, ସୋମରସପାୟୀ ହିରଣ୍ୟନାଭ ' କୌଶଲ୍ୟ ' ନାମକ ପୁତ୍ର ଲାଭ କଲେ । ଉକ୍ତ ପୁତ୍ର ଥିଲେ ସମସ୍ତଙ୍କ ନୟନର ଆନନ୍ଦପ୍ରତିମା, ସତେ ଯେପରି ଆଉ ଗୋଟିଏ ଚନ୍ଦ୍ର ! ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यशोभिराब्रह्मसभं प्रकाशः स ब्रह्मभूयं गतिमाजगाम ।
ब्रह्मिष्ठमाधाय निजेऽधिकारे ब्रह्मिष्ठमेव स्वतनुप्रसूतम् ॥२८
ଯଶୋଭିରାବ୍ରହ୍ମସଭଂ ପ୍ରକାଶଃ ସ ବ୍ରହ୍ମଭୂୟଂ ଗତିମାଜଗାମ ।
ବ୍ରହ୍ମିଷ୍ଠମାଧାୟ ନିଜେଽଧିକାରେ ବ୍ରହ୍ମିଷ୍ଠମେବ ସ୍ୱତନୁପ୍ରସୂତମ୍ ॥୨୮

तस्मिन् कुलापीडनिभे विपीडं सम्यङ् महीं शासति शासनाङ्काम् ।
प्रजाश्चिरं सुप्रजसि प्रजेशे ननन्दुरानन्दजलाविलाक्ष्यः ॥२९
ତସ୍ମିନ୍ କୁଳାପୀଡନିଭେ ବିପୀଡଂ ସମ୍ୟଙ୍ ମହୀଂ ଶାସତି ଶାସନାଙ୍କାମ୍ ।
ପ୍ରଜାଶ୍ଚିରଂ ସୁପ୍ରଜସି ପ୍ରଜେଶେ ନନନ୍ଦୁରାନନ୍ଦଜଳାବିଳାକ୍ଷ୍ୟଃ ॥୨୯

पात्रीकृतात्मा गुरुसेवनेन स्पष्टाकृतिः पत्त्ररथेन्द्रकेतोः ।
तं पुत्रिणां पुष्करपत्रनेत्रः पुत्रः समारोपयदग्रसंख्याम् ॥३०
ପାତ୍ରୀକୃତାତ୍ମା ଗୁରୁସେବନେନ ସ୍ପଷ୍ଟାକୃତିଃ ପତ୍ତ୍ରରଥେନ୍ଦ୍ରକେତୋଃ ।
ତଂ ପୁତ୍ରିଣାଂ ପୁଷ୍କରପତ୍ରନେତ୍ରଃ ସମାରୋପୟଦଗ୍ରସଂଖ୍ୟାମ୍ ॥୩୦

वंशस्थितिं वंशकरेण तेन संभाव्य भावी स सखा मघोनः ।
उपस्पृशन् स्पर्शनिवृत्तलौल्यस्त्रिपुष्करेषु त्रिदशत्वमाप ॥३१
ବଂଶସ୍ଥିତିଂ ବଂଶକରେଣ ତେନ ସଂଭାବ୍ୟ ଭାବୀ ସ ସଖା ମଘୋନଃ ।
ଉପସ୍ପୃଶନ୍ ସ୍ପର୍ଶନିବୃତ୍ତଲୌଲ୍ୟସ୍ତ୍ରିପୁଷ୍କରେଷୁ ତ୍ରିଦଶତ୍ୱମାପ ॥୩୧

तस्य प्रभानिर्जितपुष्परागं पौष्यां तिथौ पुष्यमसूत पत्नी ।
तस्मिन्नपुष्यन्नुदिते समग्रां पुष्टिं जनाः पुष्य इव द्वितीये ॥३२
ତସ୍ୟ ପ୍ରଭାନିର୍ଜିତପୁଷ୍ପରାଗଂ ପୌଷ୍ୟାଂ ତିଥୌ ପୁଷ୍ୟମସୂତ ପତ୍ନୀ ।
ତସ୍ମିନ୍ନପୁଷ୍ୟନ୍ନୁଦିତେ ସମଗ୍ରାଂ ପୁଷ୍ଟିଂ ଜନାଃ ପୁଷ୍ୟ ଇବ ଦ୍ୱିତୀୟେ ॥୩୨

महीं महेच्छः परिकीर्य सूनौ मनीषिणे जैमिनयेऽर्पितात्मा ।
तस्मात् संयोगादधिगम्य योगमजन्मनेऽकल्पत जन्मभीरुः ॥३३
ମହୀଂ ମହେଚ୍ଛଃ ପରିକୀର୍ୟ ସୂନୌ ମନୀଷିଣେ ଜୈମିନୟେଽର୍ପିତାତ୍ମା ।
ତସ୍ମାତ୍ ସଂୟୋଗାଦଧିଗମ୍ୟ ଯୋଗମଜନ୍ମନେଽକଳ୍ପତ ଜନ୍ମଭୀରୁଃ ॥୩୩

ततः परं तत्प्रभवः प्रपेदे ध्रुवोपमेयो ध्रुवसन्धिरुर्वीम् ।
यस्मिन्नभूज्ज्यायसि सत्यसन्धे सन्धिर्ध्रुवः संनमतामरीणाम् ॥३४
ତତଃ ପରଂ ତତ୍ପ୍ରଭବଃ ପ୍ରପେଦେ ଧ୍ରୁବୋପମେୟୋ ଧ୍ରୁବସନ୍ଧିରୁର୍ବୀମ ।
ଯସ୍ମିନ୍ନଭୂଜ୍ଜ୍ୟାୟସି ସତ୍ୟସନ୍ଧେ ସନ୍ଧିର୍ଧ୍ରୁବଃ ସଂନମତାମରୀଣାମ୍ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କୌଶଲ୍ୟ ଯଶ ବଳରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଖ୍ୟାତି ଲଭ କଲେ ଏବଂ ନିଜର ବ୍ରହ୍ମିଷ୍ଠ ନାମକ ବ୍ରହ୍ମଜ୍ଞାନୀ ପୁତ୍ରକୁ ରାଜ୍ୟ ଦେଇ ବ୍ରହ୍ମତ୍ୱ ପ୍ରାପ୍ତ ହେଲେ । ୨୮

ପ୍ରଜାପାଳକ, କୁଳଭୂଷଣ, ରଜା ବ୍ରହ୍ମିଷ୍ଠ ଶାସନାୟତ୍ତ ପୃଥିବୀକୁ ଏପରି ନିର୍ବିଘ୍ନରେ ପାଳନ କଲେ, ଯାହାଫଳରେ ପ୍ରଜାମାନଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରିଲା । ୨୯

ବ୍ରହ୍ମିଷ୍ଠଙ୍କର 'ପୁତ୍ର' ନାମକ ପୁତ୍ର ଜାତ ହୋଇ ତାଙ୍କୁ ସତ୍‌ପୁତ୍ରବାନ୍ ପିତାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ କରିଦେଲେ । ସେହି 'ପୁତ୍ର' ଗୁରୁଜନ-ମାନଙ୍କର ସେବାପରାୟଣ ଥିଲେ । ତାଙ୍କର ଶରୀର ବିଷ୍ଣୁଙ୍କ ଶରୀର ତୁଲ୍ୟ ଏବଂ ଚକ୍ଷୁ ପଦ୍ମପତ୍ର ତୁଲ୍ୟ ଥିଲା । ୩୦

ବ୍ରହ୍ମିଷ୍ଠ ଉକ୍ତ ପୁତ୍ରଦ୍ୱାରା ବଂଶ ରକ୍ଷା କରି,ସାଂସାରିକ ବିଷୟରୁ ନିଃସ୍ପୃହ ହୋଇ, ଇନ୍ଦ୍ରଙ୍କର ସଖା ହେବା ଇଚ୍ଛାରେ ତିନି ପୁଷ୍କର ତୀର୍ଥରେ ସ୍ନାନ କରି ଦେବତ୍ୱ ପ୍ରାପ୍ତ ହେଲେ । ୩୧

'ପୁତ୍ର'ଙ୍କର ପତ୍ନୀ ପୁଷ୍ୟାନକ୍ଷତ୍ରଯୁକ୍ତ ତିଥିରେ 'ପୁଷ୍ୟ' ନାମକ ଏକ ପୁତ୍ର ପ୍ରସବ କଲେ । ଉକ୍ତ ପୁତ୍ର କାନ୍ତିରେ ପୁଷ୍ପରାଗ ମଣିକୁ ମଧ୍ୟ ବଳି-ଯାଇଥିଲା ଏବଂ ଜଣାପଡ଼ୁଥିଲା ସତେ ଯେପରି ସେ ଆଉ ଗୋଟିଏ ପୁଷ୍ୟ ନକ୍ଷତ୍ର ! ସେ ଜାତ ହୁଅନ୍ତେ ଲୋକମାନେ ସକଳ ପ୍ରକାର ସମୃଦ୍ଧି ଲାଭ-କଲେ । ୩୨

ପୁନର୍ଜନ୍ମଭୀରୁ ମହାଶୟ 'ପୁତ୍ର' ପୁଷ୍ୟଙ୍କୁ ରାଜ୍ୟଭାର ଦେଇ ନିଜକୁ ମନୀଷୀ ଜୈମିନିଙ୍କ ନିକଟରେ ଅର୍ପଣ କରି ଦେଲେ । (ଜୈମିନିଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ) ଏବଂ ଯୋଗ୍ୟ ଗୁରୁଙ୍କଠାରୁ ଯୋଗ ଶିକ୍ଷା କରି ପୁନର୍ଜନ୍ମ ବନ୍ଧନରୁ ମୁକ୍ତ ହୋଇଗଲେ । ୩୩

ତା'ପରେ ପୁଷ୍ୟଙ୍କର 'ଧ୍ରୁବସନ୍ଧି' ନାମକ ଧ୍ରୁବତୁଲ୍ୟ ପୁତ୍ର ପୃଥ୍ୱୀ ଲାଭ କଲେ । ଧ୍ରୁବସନ୍ଧି ଶ୍ରେଷ୍ଠ ତଥା ସ୍ଥିରପ୍ରତିଜ୍ଞ ରଜା ଥିଲେ । ଯେଉଁ ଶତ୍ରୁମାନେ ତାଙ୍କୁ ପ୍ରଣାମ କରୁଥିଲେ, ସେମାନଙ୍କ ସହିତ ତାଙ୍କର ସ୍ଥାୟୀ ସନ୍ଧି ପ୍ରତିଷ୍ଠିତ ହେଉଥିଲା । ୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

सुते शिशावेव सुदर्शनाख्ये दर्शात्ययेन्दुप्रियदर्शने सः ।
मृगायताक्षो मृगयाविहारी सिंहादवापद् विपदं नृसिंहः ॥३५
ସୁତେ ଶିଶାବେବ ସୁଦର୍ଶନାଖ୍ୟେ ଦର୍ଶାତ୍ୟୟେନ୍ଦୁପ୍ରିୟଦର୍ଶନେ ସଃ ।
ମୃଗାୟତାକ୍ଷୋ ମୃଗୟାବିହାରୀ ସିଂହାଦବାପଦ୍ ବିପଦଂ ନୃସିଂହଃ ॥୩୫

स्वर्गामिनस्तस्य तमैकमत्यादमात्यवर्गः कुलतन्तुमेकम् ।
अनाथदीनाः प्रकृतीरवेक्ष्य साकेतनाथं विधिवच्चकार ॥३६
ସ୍ୱର୍ଗାମିନସ୍ତସ୍ୟ ତମୈକମତ୍ୟାଦମାତ୍ୟବର୍ଗଃ କୁଳତନ୍ତୁମେକମ୍ ।
ଅନାଥଦୀନାଃ ପ୍ରକୃତୀରବେକ୍ଷ୍ୟ ସାକେତନାଥଂ ବିଧିବଚ୍ଚକାର ॥୩୬

नवेन्दुना तन्नभसोपमेयं शावैकसिंहेन च काननेन ।
रघोः कुलं कुड्मलपुष्करेण तोयेन चाप्रौढनरेन्द्रमासीत् ॥३७
ନବେନ୍ଦୁନା ତନ୍ନଭସୋପମେୟଂ ଶାବୈକସିଂହେନ ଚ କାନନେନ ।
ରଘୋଃ କୁଳଂ କୁଡ୍ମଳପୁଷ୍କରେଣ ତୋୟେନ ଚାପ୍ରୌଢନରେନ୍ଦ୍ରମାସୀତ୍ ॥୩୭

लोकेन भावी पितुरेव तुल्यः संभावितो मौलिपरिग्रहात् सः ।
दृष्टो हि वृण्वन् कलभप्रमाणोऽप्याशाः पुरोवातमवाप्य मेघः ॥३८
ଲୋକେନ ଭାବୀ ପିତୁରେବ ତୁଲ୍ୟଃ ସଂଭାବିତୋ ମୌଳିପରିଗ୍ରହାତ୍ ସଃ ।
ଦୃଷ୍ଟୋ ହି ବୃଣ୍ୱନ୍ କଳଭପ୍ରମାଣୋଽପ୍ୟାଶାଃ ପୁରୋବାତମବାପ୍ୟ ମେଘଃ ॥୩୮

तं राजवीथ्यामधिहस्ति यान्तमाधोरणालम्बितमग्र्यवेशम् ।
षड्वर्षदेशीयमपि प्रभुत्वात् प्रैक्षन्त पौराः पितृगौरवेण ॥३९
ତଂ ରାଜବୀଥ୍ୟାମଧିହସ୍ତି ଯାନ୍ତମାଧୋରଣାଲମ୍ବିତମଗ୍ର୍ୟବେଶମ୍ ।
ଷଡ୍ବର୍ଷଦେଶୀୟମପି ପ୍ରଭୁତ୍ୱାତ୍ ପ୍ରୈକ୍ଷନ୍ତ ପୌରାଃ ପିତୃଗୌରବେଣ ॥୩୯

कामं न सोऽकल्पत पैतृकस्य सिंहासनस्य प्रतिपूरणाय ।
तेजोमहिम्ना पुनरावृतात्मा तद् व्याप चामीकरपिञ्जरेण ॥४०
କାମଂ ନ ସୋଽକଳ୍ପତ ପୈତୃକସ୍ୟ ସିଂହାସନସ୍ୟ ପ୍ରତିପୂରଣାୟ ।
ତେଜୋମହିମ୍ନା ପୁନରାବୃତାତ୍ମା ତଦ୍ ବ୍ୟାପ ଚାମୀକରପିଞ୍ଜରେଣ ॥୪୦

तस्मादधः किंचिदिवावतीर्णावसंस्पृशन्तौ तपनीयपीठम् ।
सालक्तकौ भूपतयः प्रसिद्धैर्ववन्दिरे मौलिभिरस्य पादौ ॥४१
ତସ୍ମାଦଧଃ କିଂଚିଦିବାବତୀର୍ଣ୍ଣାବସଂସ୍ପୃଶନ୍ତୌ ତପନୀୟପୀଠମ୍ ।
ସାଲକ୍ତକୌ ଭୂପତୟଃ ପ୍ରସିଦ୍ଧୈର୍ବବନ୍ଦିରେ ମୌଳିଭିରସ୍ୟ ପାଦୌ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମୃଗତୁଲ୍ୟ ବିଶାଳନେତ୍ର, ନରଶ୍ରେଷ୍ଠ ଧ୍ରୁବସନ୍ଧି ମୃଗୟାବିହାର କରୁଥିଲାବେଳେ ସିଂହ ଦ୍ୱାରା ନିହତ ହେଲେ । ସେତେବେଳକୁ ତାଙ୍କର ଦ୍ୱିତୀୟାଚନ୍ଦ୍ର ପରି ସୁନ୍ଦର, 'ସୁଦର୍ଶନ' ନାମକ ପୁତ୍ରଟିଏ ଶିଶୁ ଅବସ୍ଥାରେ ଥିଲା । ୩୫

ପ୍ରଜାମାନେ ରଜାଙ୍କ ଅଭାବରେ ଦୁଃଖିତ ହେଲେ । ତେଣୁ ମନ୍ତ୍ରୀମାନେ ସ୍ୱର୍ଗତ ଧ୍ରୁବସନ୍ଧିଙ୍କର ଏକମାତ୍ର କୁଳ-ଅଙ୍କୁର ଶିଶୁ ପୁତ୍ରକୁ ସର୍ବସମ୍ମତିକ୍ରମେ ଅଯୋଧ୍ୟାର ରଜା କରାଇଲେ । ୩୬

ସେହି ବାଳକ ରଜାଙ୍କ ଦ୍ୱାରା ରଘୁକୁଳ ନବୀନଚନ୍ଦ୍ରଯୁକ୍ତ ଆକାଶ, ଏକମାତ୍ର ସିଂହଶାବକ ଥିବା ବନ ଏବଂ ଏକମାତ୍ର ପଦ୍ମକଢ଼ି ଥିବା ସରୋବର ଭଳି ଜଣାପଡ଼ିଲା । ୩୭

ବାଳକ-ରଜା ମୁକୁଟ ପରିଧାନ କରନ୍ତେ ଲୋକମାନେ ଭାବିଲେ—ଏ ନିଶ୍ଚୟ ନିଜ ପିତାଙ୍କ ସମାନ ହେବେ । କାରଣ, ହସ୍ତୀ-ଆକୃତିର ଖଣ୍ଡିଏ କ୍ଷୁଦ୍ର ମେଘ ମଧ୍ୟ ପୂର୍ବାଳି ପବନ ପାଇଲେ ସବୁ ଦିଗକୁ ବ୍ୟାପିଯାଇପାରେ । ୩୮

ସୁଦର୍ଶନ ସୁନ୍ଦର ପୋଷାକ ପିନ୍ଧି, ହାତୀ ଉପରେ ବସି ରଜମାର୍ଗରେ ଗଲାବେଳେ ମାହୁନ୍ତ ତାଙ୍କୁ ସମ୍ଭାଳି ଧରୁଥିଲେ । ତାଙ୍କର ବୟସ ଥିଲା ଛଅ ବର୍ଷ ମାତ୍ର । ତଥାପି ପୁରବାସୀମାନେ ତାଙ୍କୁ ନିଜର ପ୍ରଭୁ ବୋଲି ଭାବି ପିତୃଦୃଷ୍ଟିରେ ଦେଖୁଥିଲେ । ୩୯

ବାଳକ ସୁଦର୍ଶନ ପୈତୃକ ସିଂହାସନରେ ବସିଲାବେଳେ ତାହାକୁ (ସିଂହାସନକୁ) ସିନା ନିଜ ଦେହଦ୍ୱାରା ପୂର୍ଣ୍ଣ କରି ପାରୁ ନ ଥିଲେ, କିନ୍ତୁ ତାଙ୍କର ସୁବର୍ଣ୍ଣ ପରି ଗୌରବର୍ଣ୍ଣର ତେଜରେ ଦେହ ବଢ଼ିଗଲା ଭଳି ଏବଂ ସିଂହାସନ ପୂର୍ଣ୍ଣ ହୋଇଗଲା ଭଳି ଜଣାପଡୁଥିଲା । ୪୦

ତାଙ୍କର ଅଳତାଲଗା ପାଦ ଦୁଇଟି ସିଂହାସନର ଅଳ୍ପ ତଳକୁ ଝୁଲିପଡୁଥିଲା ଏବଂ ସୁବର୍ଣ୍ଣ ପାଦପୀଠକୁ ସ୍ପର୍ଶ କରି ପାରୁ ନଥିଲା । ରଜାମାନେ ସେହି ପାଦରେ ନିଜ ନିଜର ଉନ୍ନତ ମସ୍ତକ ଲଗାଇ ପ୍ରଣାମ କରୁଥିଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मणौ महानील इति प्रभावादल्पप्रमाणेऽपि यथा न मिथ्या ।
शब्दो महाराजा इति प्रतीतस्तथैव तस्मिन् युयुजेऽर्भकेऽपि ॥४२
ମଣୌ ମହାନୀଳ ଇତି ପ୍ରଭାବାଦଳ୍ପପ୍ରମାଣେଽପି ଯଥା ନ ମିଥ୍ୟା ।
ଶବ୍ଦୋ ମହାରାଜ ଇତି ପ୍ରତୀତସ୍ତଥୈବ-ତସ୍ମିନ୍ ଯୁଯୁଜେଽର୍ଭକେଽପି ॥୪୨

पर्यन्तसंचारितचामरस्य कपोललोलोभयकाकपक्षात् ।
तस्याननादुच्चरितोऽपि वादश्चस्खाल वेलास्वपि नार्णवानाम् ॥४३
ପର୍ଯ୍ୟନ୍ତସଂଚାରିତଚାମରସ୍ୟ କପୋଳଲୋଳୋଭୟକାକପକ୍ଷାତ୍ ।
ତସ୍ୟାନନାଦୁଚ୍ଚରିତୋଽପି ବାଦଶ୍ଚସ୍ଖାଳ ବେଳାସ୍ୱପି ନାର୍ଣ୍ଣବାନାମ୍ ॥୪୩

निर्वृत्तजाम्बुनदपट्टशोभे न्यस्तं ललाटे तिलकं दधानः ।
तेनैव शून्यान्यरिसुन्दरीणां मुखानि स स्मेरमुखश्चकार ॥४४
ନିର୍ବୃତ୍ତଜାମ୍ବୁନଦପଟ୍ଟଶୋଭେ ନ୍ୟସ୍ତଂ ଲଲାଟେ ତିଳକଂ ଦଧାନଃ ।
ତେନୈବ ଶୂନ୍ୟାନ୍ୟରିସୁନ୍ଦରୀଣାଂ ମୁଖାନି ସ ସ୍ମେରମୁଖଶ୍ଚକାର ॥୪୪

शिरीषपुष्पाधिकसौकुमार्यः खेदं स यायादपि भूषणेन ।
नितान्तगुर्वीमपि सोऽनुभावाद् धुरं धरित्र्या बिभरांबभूव ॥४५
ଶିରୀଷପୁଷ୍ପାଧିକସୌକୁମାର୍ଯ୍ୟଃ ଖେଦଂ ସ ଯାୟାଦପି ଭୂଷଣେନ ।
ନିତାନ୍ତଗୁର୍ବୀମପି ସୋଽନୁଭବାଦ୍ ଧୁରଂ ଧରିତ୍ର୍ୟା ବିଭରାଂବଭୂବ ॥୪୫

न्यस्ताक्षरामक्षरभूमिकायां कार्त्स्न्येन गृह्णाति लिपिं न यावत् ।
सर्वाणि तावच्छ्रुतवृद्धयोगात् फलान्युपायुङ्क्त स दण्डनीतेः ॥४६
ନ୍ୟସ୍ତାକ୍ଷରମକ୍ଷରଭୂମିକାୟାଂ କାର୍ତ୍ସ୍ନ୍ୟେନ ଗୃହ୍ଣାତି ଲିପିଂ ନ ଯାବତ୍ ।
ସର୍ବାଣି ତାବଚ୍ଛ୍ରୁତବୃଦ୍ଧଯୋଗାତ୍ ଫଳାନ୍ୟୁପାୟୁଙ୍କ୍ତ ସ ଦଣ୍ଡନୀତେଃ ॥୪୬

उरस्यपर्याप्तनिवेशभोगा प्रौढीभविष्यन्तमुदीक्षमाणा ।
संजातलज्जेव तमातपत्रच्छायाच्छलेनोपजुगूह लक्ष्मीः ॥४७
ଉରସ୍ୟପର୍ଯ୍ୟାପ୍ତନିବେଶଭୋଗା ପ୍ରୌଢୀଭବିଷ୍ୟନ୍ତମୁଦୀକ୍ଷମାଣା ।
ସଂଜାତଲଜ୍ଜେବ ତମାତପତ୍ରଚ୍ଛାୟାଚ୍ଛଳେନୋପଜୁଗୂହ ଲକ୍ଷ୍ମୀଃ ॥୪୭

अनश्नुवानेन युगोपमानमबद्धमौर्वीकिणलाञ्छनेन ।
अस्पृष्टखड्गत्सरुणापि चासीद् रक्षावती तस्य भुजेन भूमिः ॥४८
ଅନଶ୍ନୁବାନେନ ଯୁଗୋପମାନମବଦ୍ଧମୌର୍ବୀକିଣଲାଞ୍ଛନେନ ।
ଅସ୍ପୃଷ୍ଟଖଡ୍ଗତ୍ସରୁଣାପି ଚାସୀଦ୍ ରକ୍ଷାବତୀ ତସ୍ୟ ଭୁଜେନ ଭୂମିଃ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖଣ୍ଡିଏ ଇନ୍ଦ୍ରନୀଳମଣି ଆକୃତିରେ ଛୋଟ ହେଲେ ମଧ୍ୟ ଅତ୍ୟନ୍ତ ଉଜ୍ଜ୍ୱଳତା ଯୋଗୁଁ 'ମହାନୀଳ' ବୋଲି କଥିତ ହୋଇପାରେ ଏବଂ ତାର ଉକ୍ତ ନାମ ନିରର୍ଥକ ନୁହେଁ । ସେହିପରି ବାଳକ ସୁଦର୍ଶନଙ୍କ ପକ୍ଷରେ 'ମହାରାଜ' ଶବ୍ଦ ଉପଯୁକ୍ତ ଥିଲା । ୪୨

ତାଙ୍କର ଦୁଇ ପାଖରେ ଚାମର ବିଞ୍ଚା ହେଉଥିବାରୁ ଦୁଇ କପୋଳ (ଗାଲ) ଉପରେ କାକପକ୍ଷ ଇତସ୍ତତଃ ଝୁଲୁଥିଲା । ତାଙ୍କ ମୁଖରୁ ଯେଉଁ ଆଜ୍ଞା ବାହାରୁ ଥିଲା, ତାହା ସମୁଦ୍ର ତୀର ପର୍ଯ୍ୟନ୍ତ ଅମାନ୍ୟ ହେଉ ନଥିଲା । (ପୂର୍ବେ ବାଳକ ଅବସ୍ଥାରେ ମସ୍ତକରେ ଏକ ପ୍ରକାର କେଶଶିଖା ରଖୁଥିଲେ । ତାହାର ନାମ ଥିଲା କାକପକ୍ଷ !) ୪୩

ହାସ୍ୟମୁଖ ସୁଦର୍ଶନ ନିଜର ସୁବର୍ଣ୍ଣପଗଡ଼ିମଣ୍ଡିତ ଲଲାଟ ପଟରେ ତିଳକ ଘେନୁଥିଲେ । କିନ୍ତୁ ଶତ୍ରୁସ୍ତ୍ରୀମାନଙ୍କର ଲଲାଟ ତିଳକଶୂନ୍ୟ ହେବାକୁ ଯାଉଥିଲା । ୪୪

ତାଙ୍କର ଶରୀର ଥିଲା ଶିରୀଷ ପୁଷ୍ପଠାରୁ ଅଧିକ ସୁକୋମଳ । ଭୂଷଣ ପିନ୍ଧିଲେ ମଧ୍ୟ ସେ କଷ୍ଟ ଅନୁଭବ କରୁଥିଲେ, କିନ୍ତୁ ପୃଥିବୀର ଅତି ଗୁରୁଭର ବହନ କରି ପାରୁଥିଲେ କେବଳ ନିଜର ପ୍ରତାପ ଯୋଗୁଁ । ୪୫

ସେ ଲିଖନଫଳକ ଉପରେ ବର୍ଣ୍ଣମାଳା ଶିଖି ସାରିଛନ୍ତି କି ନାହିଁ, ଜ୍ଞାନବୃଦ୍ଧ ରାଜନୀତିଜ୍ଞମାନଙ୍କ ଠାରୁ ରାଜନୀତିର ସମସ୍ତ ଫଳାଫଳଶିକ୍ଷା ସମାପ୍ତ କରିଦେଲେ । ୪୬

ରାଜଲକ୍ଷ୍ମୀ ତାହାଙ୍କ ବକ୍ଷରେ ବାସ କରିବାକୁ ଯଥେଷ୍ଟ ସ୍ଥାନ ପାଉ ନ ଥିଲେ ଏବଂ ସେ (ସୁଦର୍ଶନ) କେବେ ବଡ଼ ଯୁବକ ହେବେ, ସେଥି ପାଇଁ ଅପେକ୍ଷା କରି ରହିଥିଲେ । ତେଣୁ ଯେତେବେଳେ ଛତ୍ରଛାୟା ଛଳରେ ତାଙ୍କୁ ଆଲିଙ୍ଗନ କରି ପକାଉଥିଲେ, ସେତେବେଳେ ଲଜ୍ଜା ବୋଧ କରୁ ଥିଲେ । ୪୭

ସୁଦର୍ଶନଙ୍କର ବାହୁ ଜୁଆଳି ଭଳି ଦୀର୍ଘ ନ ହେଉଣୁ, ଧନୁର୍ଗୁଣର କ୍ଷତଚିହ୍ନ ଧାରଣ ନ କରୁଣୁଁ ଏବଂ ତରବାରୀର ମୁଠା ସ୍ପର୍ଶ ନ କରୁଣୁ ପୃଥିବୀକୁ ରକ୍ଷା କରିବାରେ ସମର୍ଥ ହେଲା । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

न केवलं गच्छति तस्य काले ययुः शरीरावयवा विवृद्धिम् ।
वंश्या गुणाः खल्वपि लोककान्ताः प्रारम्भसूक्ष्माः प्रथिमानमापुः ॥४९
ନ କେବଳଂ ଗଛତି ତସ୍ୟ କାଳେ ଯଯୁଃ ଶରୀରାବୟବା ବିବୃଦ୍ଧିମ୍ ।
ବଂଶ୍ୟା ଗୁଣାଃ ଖଲ୍ୱପି ଲୋକକାନ୍ତାଃ ପ୍ରାରମ୍ଭସୂକ୍ଷ୍ମାଃ ପ୍ରଥିମାନମାପୁଃ ॥୪୯

स पूर्वजन्मान्तरदृष्टपाराः स्मरन्निवाक्लेशकरो गुरूणाम् ।
तिस्रस्त्रिवर्गाधिगमस्य मूलं जग्राह विद्याः प्रकृतीश्च पित्र्याः ॥५०
ସ ପୂର୍ବଜନ୍ମାନ୍ତରଦୃଷ୍ଟପାରାଃ ସ୍ମରନ୍ନିବାକ୍ଲେଶକରୋ ଗୁରୂଣାମ୍ ।
ତିସ୍ରସ୍ତ୍ରିବର୍ଗାଧିଗମସ୍ୟ ମୂଳଂ ଜଗ୍ରାହ ବିଦ୍ୟାଃ ପ୍ରକୃତୀଶ୍ଚ ପିତ୍ର୍ୟାଃ ॥୫୦

व्यूह्य स्थितः किञ्चिदिवोत्तरार्धमुन्नद्धचूडोऽञ्चितसव्यजानुः ।
आकर्णमाकृष्टसबाणधन्वा व्यरोचतास्त्रेषु विनीयमानः ॥५१
ବ୍ୟୂହ୍ୟ ସ୍ଥିତଃ କିଂଚିଦିବୋତ୍ତରାର୍ଦ୍ଧମୁନ୍ନଦ୍ଧଚୂଡୋଽଞ୍ଚିତସବ୍ୟଜାନୁଃ ।
ଆକର୍ଣ୍ଣମାକୃଷ୍ଟସବାଣଧନ୍ୱା ବ୍ୟରୋଚତାସ୍ତ୍ରେଷୁ ବିନୀୟମାନଃ ॥୫୧

ଅଥ ମଧୁ ବନିତାନାଂ ନେତ୍ରନିର୍ବେଶନୀୟଂ
ମନସିଜତରୁପୁଷ୍ପଂ ରାଗବନ୍ଧପ୍ରବାଳମ୍ ।
ଅକୃତକବିଧି ସର୍ବାଙ୍ଗୀଣମାକଳ୍ପଜାତଂ
ବିଳସିତପଦମାଦ୍ୟଂ ଯୌବନଂ ସ ପ୍ରପେଦେ ॥୫୨

ପ୍ରତିକୃତିରଚନାଭ୍ୟୋ ଦୂତୀସଂଦର୍ଶିତାଭ୍ୟଃ
ସମଧିକତରରୂପାଃ ଶୁଦ୍ଧସନ୍ତାନକାମୈଃ ।
ଅଧିବିବିଦୁରମାତ୍ୟୈରାହୃତାସ୍ତସ୍ୟ ଯୂନଃ
ପ୍ରଥମପରିଗୃହୀତେ ଶ୍ରୀଭୁବୌ ରାଜକନ୍ୟାଃ ॥୫୩

इति श्रीमहाकविकालिदासकृतौ रघुवंशे महाकाव्ये
वंशानुक्रमोः नाम अष्टादशः सर्गः ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସମୟ ଗଡ଼ିବା ସଙ୍ଗେ ସଙ୍ଗେ ତାଙ୍କର ଶରୀର ଯେ ଖାଲି ବୃଦ୍ଧିପ୍ରାପ୍ତ ହେଲା, ତାହା ନୁହେଁ; ତାଙ୍କର ଯେଉଁ ବଂଶଗତ, ଲୋକରଞ୍ଜକ ଗୁଣମାନ ସୂକ୍ଷ୍ମ ଅବସ୍ଥାରେ ଥିଲା, ସେ ସମସ୍ତ ମଧ୍ୟ ବୃଦ୍ଧିଲାଭ କଲା । ୪୯

ତାଙ୍କୁ ଶିକ୍ଷାଦେବା ଗୁରୁମାନଙ୍କ ପକ୍ଷରେ ଖୁବ୍ ସହଜ ଥିଲା । ସେ ସତେ ଯେପରି ପୂର୍ବ ଜନ୍ମରେ ସମସ୍ତ ବିଦ୍ୟାର ଶେଷ ସୀମାକୁ ଯାଇଥିଲେ ଏବଂ ଏ ଜନ୍ମରେ ତାହା ସ୍ମରଣ କରୁଥିଲେ ମାତ୍ର । ତ୍ରିବର୍ଗପ୍ରାପ୍ତିର ହେତୁ ପୈତୃକ ତ୍ରିବିଦ୍ୟାକୁ ଆୟତ କରିବା ସଙ୍ଗେ ସଙ୍ଗେ ସେ ପ୍ରଜାମାନଙ୍କୁ ମଧ୍ୟ ବଶ କରି ପାରିଲେ । (ତ୍ରିବର୍ଗ—— ଧର୍ମ, ଅର୍ଥ ଓ କାମ । ତ୍ରିବିଦ୍ୟା—— ଆନ୍ୱୀକ୍ଷିକୀ, ତ୍ରୟୀ ଓ ବାର୍ତ୍ତା ।) ୫୦

ସେ ଯେତେବେଳେ ଧନୁର୍ବିଦ୍ୟା ଶିକ୍ଷା କରୁଥିଲେ, ତାଙ୍କ ଶରୀରର ଊର୍ଦ୍ଧ୍ୱଭାଗ ସାମାନ୍ୟ ପ୍ରସାରିତ ହୋଇ ଯାଉଥିଲା, କେଶ ଉପରକୁ ସଜା ହୋଇ ବନ୍ଧା ହୋଇଥିଲା ଏବଂ ବାମ ଜଙ୍ଘ ସଙ୍କୁଚିତ ହୋଇ ରହୁଥିଲା । ସେ ଧନୁରେ ଶର ସଂଯୋଗ କରି କର୍ଣ୍ଣ ପର୍ଯ୍ୟନ୍ତ ଟାଣି ଆଣୁଥିଲେ । ଏହିପରି ଭାବରେ ଧନୁର୍ବିଦ୍ୟା ଶିକ୍ଷା କରିବା ସମୟରେ ସେ ଅତ୍ୟନ୍ତ ଶୋଭା ପାଉଥିଲେ । ୫୧

ତା'ପରେ ସେ ଯୌବନପ୍ରାପ୍ତ ହେଲେ । ତାଙ୍କର ସେହି ଯୌବନ ଥିଲା ବିଳାସିନୀମାନଙ୍କର ନେତ୍ରପେୟ ମଦ, କନ୍ଦର୍ପରୂପୀ ବୃକ୍ଷର ପୁଷ୍ପ, ଅନୁରାଗର ନବପଲ୍ଲବ, ଅକୃତ୍ରିମ, ସର୍ବାଙ୍ଗବ୍ୟାପ୍ତ, ଭୂଷଣସମୂହ ସ୍ୱରୂପ ତଥା ବିଳାସର ମୁଖ୍ୟ ଆଧାର । ୫୨

ରାଜକନ୍ୟାମାନେ ସେହି ଯୁବକ ରାଜାଙ୍କର ପ୍ରଥମ ବିବାହିତା ଦୁଇପତ୍ନୀ—ରାଜଲକ୍ଷ୍ମୀ ଓ ପୃଥିବୀଙ୍କୁ ସପତ୍ନୀ କଲେ । ମନ୍ତ୍ରୀମାନେ ଶୁଦ୍ଧ ସନ୍ତାନ ଆଶାରେ ସେହି ରାଜକନ୍ୟାମାନଙ୍କୁ ବାଛି ବାଛି ଆଣିଥିଲେ । ଦୂତୀମାନଙ୍କ ଦ୍ୱାରା ଯେତେ ସୁନ୍ଦରୀ ରାଜକନ୍ୟାଙ୍କର ପ୍ରତିକୃତି ସଂଗ୍ରହ କରାଯାଇଥିଲା, ଉକ୍ତ କନ୍ୟାମାନେ ଥିଲେ ସେମାନଙ୍କ ମଧ୍ୟରେ ଅଧିକ ସୁନ୍ଦରୀ । ୫୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

एकोनविंशः सर्गः

अग्निवर्णमभिषिच्य राघवः स्वे पदे तनयमग्नितेजसम् ।
शिश्रिये श्रुतवतामपश्चिमः पश्चिमे वयसि नैमिषं वशी ॥१
ଅଗ୍ନିବର୍ଣ୍ଣମଭିଷିଚ୍ୟ ରାଘବଃ ସ୍ୱେ ପଦେ ତନୟମଗ୍ନିତେଜସମ୍ ।
ଶିଶ୍ରିୟେ ଶ୍ରୁତବତାମପଶ୍ଚିମଃ ପଶ୍ଚିମେ ବୟସି ନୈମିଷଂ ବଶୀ ॥୧

तत्र तीर्थसलिलेन दीर्घिकास्तल्पमन्तरितभूमिभिः कुशैः ।
सौधवासमुटजेन विस्मृतः सञ्चिकाय फलनिःस्पृहस्तपः ॥२
ତତ୍ର ତୀର୍ଥସଲିଳେନ ଦୀର୍ଘିକାସ୍ତଳ୍ପମନ୍ତରିତଭୂମିଭିଃ କୁଶୈଃ ।
ସୌଧବାସମୁଟଜେନ ବିସ୍ମୃତଃ ସଞ୍ଚିକାୟ ଫଳନିଃସ୍ପୃହସ୍ତପଃ ॥୨

लब्धपालनविधौ न तत्सुतः खेदमाप गुरुणा हि मेदिनी ।
भोक्तुमेव भुजनिर्जितद्विषा न प्रसाधयितुमस्य कल्पिता ॥३
ଲବ୍ଧପାଳନବିଧୌ ନ ତତ୍ସୁତଃ ଖେଦମାପ ଗୁରୁଣା ହି ମେଦିନୀ ।
ଭୋକ୍ତୁମେବ ଭୁଜନିର୍ଜିତଦ୍ୱିଷା ନ ପ୍ରସାଧୟିତୁମସ୍ୟ କଳ୍ପିତା ॥୩

सोऽधिकारमभिकः कुलोचितं काश्चन स्वयमवर्तयत् समाः ।
संनिवेश्य सचिवेष्वतः परं स्त्रीविधेयनवयौवनोऽभवत् ॥४
ସୋଽଧିକାରମଭିକଃ କୁଳୋଚିତଂ କାଶ୍ଚନ ସ୍ୱୟମବର୍ତ୍ତୟତ୍ ସମାଃ ।
ସଂନିବେଶ୍ୟ ସଚିବେଷ୍ୱତଃ ପରଂ ସ୍ତ୍ରୀବିଧେୟନବଯୌବନୋଽଭବତ୍ ॥୪

कामिनीसहचरस्य कामिनस्तस्य वेश्मसु मृदङ्गनादिषु ।
ऋद्धिमन्तमधिकर्द्धिरुत्तरः पूर्वमुत्सवमपोहदुत्सवः ॥५
କାମିନୀସହଚରସ୍ୟ କାମିନସ୍ତସ୍ୟ ବେଶ୍ମସୁ ମୃଦଙ୍ଗନାଦିଷୁ ।
ଋଦ୍ଧିମନ୍ତମଧିକର୍ଦ୍ଧିରୁତ୍ତରଃ ପୂର୍ବମୁତ୍ସବମପୋହଦୁତ୍ସବଃ ॥୫

इन्द्रियार्थपरिशून्यमक्षमः सोढुमेकमपि स क्षणान्तरम् ।
अन्तरेव विहरन् दिवानिशं न व्यपैक्षत समुत्सुकाः प्रजाः ॥६
ଇନ୍ଦ୍ରିୟାର୍ଥପରିଶୂନ୍ୟମକ୍ଷମଃ ସୋଢୁମେକମପି ସ କ୍ଷଣାନ୍ତରମ୍ ।
ଅନ୍ତରେବ ବିହରନ୍ ଦିବାନିଶଂ ନ ବ୍ୟପୈକ୍ଷତ ସମୁତ୍ସୁକାଃ ପ୍ରଜାଃ ॥୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକୋନବିଂଶ ସର୍ଗ

ଶ୍ରେଷ୍ଠ ବିଦ୍ୱାନ୍, ସଂଯମୀ ରଘୁକୁଳଜାତ 'ସୁଦର୍ଶନ' ବୃଦ୍ଧ ବୟସରେ ଅଗ୍ନିତୁଲ୍ୟ ତେଜସ୍ୱୀ 'ଅଗ୍ନିବର୍ଣ୍ଣ' ନାମକ ପୁତ୍ରକୁ ରାଜପଦରେ ଅଭିଷିକ୍ତ କରି ନୈମିଷାରଣ୍ୟକୁ ଗମନ କଲେ । ୧

ସେଠାରେ ସେ ତୀର୍ଥଜଳଦ୍ୱାରା କ୍ରୀଡ଼ା-ସରୋବରର ଜଳକୁ, ଭୂମିଉପର କୁଶଶଯ୍ୟା ଦ୍ୱାରା ପଲଙ୍କଶଯ୍ୟାକୁ ଓ ପତ୍ରକୁଡ଼ିଆ ଦ୍ୱାରା ରାଜପ୍ରାସାଦକୁ ଭୁଲି ନିଃସ୍ପୃହ ଭାବରେ ତପସ୍ୟା କଲେ । ୨

ଅଗ୍ନିବର୍ଣ୍ଣ ପିତାଙ୍କଠାରୁ ଯେଉଁ ରାଜ୍ୟ ଲାଭ କଲେ, ତାହାକୁ ପାଳନ କରିବାରେ କୌଣସି କଷ୍ଟ ଅନୁଭବ କଲେ ନାହିଁ । କାରଣ, ପିତା ବାହୁବଳରେ ଶତ୍ରୁମାନଙ୍କୁ ଆୟତ୍ତ କରିଥିଲେ । ଅଗ୍ନିବର୍ଣ୍ଣଙ୍କୁ ଆଉ ଶତ୍ରୁମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ପୃଥ୍ୱୀ ତାଙ୍କୁ ମିଳିଲା କେବଳ ଉପଭୋଗ ପାଇଁ । ୩

କାମୁକ ଅଗ୍ନିବର୍ଣ୍ଣ କିଛି ବର୍ଷ ପର୍ଯ୍ୟନ୍ତ ବଂଶପରମ୍ପରାଗତ ରାଜ୍ୟପାଳନ କାର୍ଯ୍ୟ ଚଳାଇଲେ । ତା'ପରେ ନବ ଯୁବକ ଅବସ୍ଥାରେ ମଧ୍ୟ ମନ୍ତ୍ରୀମାନଙ୍କ ଉପରେ ରାଜ୍ୟଭାର ନ୍ୟସ୍ତ କରି ସ୍ତ୍ରୀମାନଙ୍କ ଅଧୀନ ହୋଇଗଲେ । ୪

ସେ ସର୍ବଦା କାମିନୀମାନଙ୍କ ଗହଣରେ ବାସ କଲେ । ତାଙ୍କ ପ୍ରାସାଦରେ ସର୍ବଦା ମୃଦଙ୍ଗ ବାଦ୍ୟ ବାଜିବାକୁ ଲାଗିଲା । ଗୋଟିଏ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପରେ ଆଉ ଗୋଟିଏ ଅଧିକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ—ଏହିପରି ଉତ୍ସବଗୁଡ଼ିକ ଉତ୍ତରୋତ୍ତର ଶ୍ରୀବୃଦ୍ଧି ଲାଭ କଲା । ୫

ଇନ୍ଦ୍ରିୟଭୋଗ୍ୟ ବିଷୟରୁ କ୍ଷଣେ ମାତ୍ର ପୃଥକ୍ ରହିବା ପାଇଁ ସେ ସମର୍ଥ ହେଲେ ନାହିଁ । ଦିନରାତି ଅନ୍ତଃପୁରରେ ରହିଲେ । ପ୍ରଜାମାନେ ତାଙ୍କୁ ଦର୍ଶନ କରିବା ପାଇଁ ବ୍ୟଗ୍ର ହେଲେ ମଧ୍ୟ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ୬

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गौरवाद् यदपि जातु मन्त्रिणां दर्शनं प्रकृतिकाङ्क्षितं ददौ ।
तद् गवाक्षविवरावलम्बिना केवलेन चरणेन कल्पितम् ॥७
ଗୌରବାଦ୍ ଯଦପି ଜାତୁ ମନ୍ତ୍ରିଣାଂ ଦର୍ଶନଂ ପ୍ରକୃତିକାଙ୍କ୍ଷିତଂ ଦଦୌ ।
ତଦ୍ ଗବାକ୍ଷବିବରାବଲମ୍ବିନା କେବଲେନ ଚରଣେନ କଳ୍ପିତମ୍ ॥୭

तं कृतप्रणतयोऽनुजीविनः कोमलात्मनखरागरूषितम् ।
भेजिरे नवदिवाकरातपस्पृष्टपङ्कजतुलाधिरोहणम् ॥८
ତଂ କୃତପ୍ରଣତୟୋଽନୁଜୀବିନଃ କୋମଳାତ୍ମନଖରାଗରୂଷିତମ୍ ।
ଭେଜିରେ ନବଦିବାକରାତପସ୍ପୃଷ୍ଟପଙ୍କଜତୁଲାଧିରୋହଣମ୍ ॥୮

यौवनोन्नतविलासिनीस्तनक्षोभलोलकमलाश्च दीर्घिकाः ।
गूढमोहनगृहास्तदम्बुभिः स व्यगाहत विगाढमन्मथः ॥९
ଯୌବନୋନ୍ନତବିଳାସିନୀସ୍ତନକ୍ଷୋଭଲୋଲକମଳାଶ୍ଚ ଦୀର୍ଘିକାଃ ।
ଗୂଢମୋହନଗୃହାସ୍ତଦମ୍ବୁଭିଃ ସ ବ୍ୟଗାହତ ବିଗାଢମନ୍ମଥଃ ॥୯

तत्र सेकहृतलोचनाञ्जनैर्धौतरागपरिपाटलाधरैः ।
अङ्गनास्तमधिकं व्यलोभयन्नर्पितप्रकृतकान्तिभिर्मुखैः ॥१०
ତତ୍ର ସେକହୃତଲୋଚନାଞ୍ଜନୈର୍ଧୌତରାଗପରିପାଟଳାଧରୈଃ ।
ଅଙ୍ଗନାସ୍ତମଧିକଂ ବ୍ୟଲୋଭୟନ୍ନର୍ପିତପ୍ରକୃତକାନ୍ତିଭିର୍ମୁଖୈଃ ॥୧୦

घ्राणकान्तमधुगन्धकर्षिणीः पानभूमिरचनाः प्रियासखः ।
अभ्यपद्यत स वासितासखः पुष्पिताः कमलिनीरिव द्विपः ॥११
ଘ୍ରାଣକାନ୍ତମଧୁଗନ୍ଧକର୍ଷିଣୀଃ ପାନଭୂମିରଚନାଃ ପ୍ରିୟାସଖଃ ।
ଅଭ୍ୟପଦ୍ୟତ ସ ବାସିତାସଖଃ ପୁଷ୍ପିତାଃ କମଳିନୀରିବ ଦ୍ୱିପଃ ॥୧୧

सातिरेकमदकारणं रहस्तेन दत्तमभिलेषुरङ्गनाः ।
ताभिरप्युपहृतं मुखासवं सोऽपिबद् बकुलतुल्यदोहदः ॥१२
ସାତିରେକମଦକାରଣଂ ରହସ୍ତେନ ଦତ୍ତମଭିଲେଷୁରଙ୍ଗନାଃ ।
ତାଭିରପ୍ୟୁପହୃତଂ ମୁଖାସବଂ ସୋଽପିବଦ୍ ବକୁଳତୁଲ୍ୟଦୋହଦଃ ॥୧୨

अङ्कमङ्कपरिवर्तनोचिते तस्य निन्यतुरशून्यतामुभे ।
वल्लकी च हृदयङ्गमस्वना वल्गुवागपि च वामलोचना ॥१३
ଅଙ୍କମଙ୍କପରିବର୍ତ୍ତନୋଚିତେ ତସ୍ୟ ନିନ୍ୟତୁରଶୂନ୍ୟତାମୁଭେ ।
ବଲ୍ଲକୀ ଚ ହୃଦୟଙ୍ଗମସ୍ୱନା ବଲ୍ଗୁବାଗପି ଚ ବାମଲୋଚନା ॥୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯଦି ବା ମନ୍ତ୍ରୀମାନଙ୍କ ଅନୁରୋଧରେ କେତେବେଳେ ପ୍ରଜାମାନଙ୍କୁ ଦର୍ଶନ ଦେଉଥିଲେ, ତାହାହେଲେ ପ୍ରଜାମାନେ ଝରକାରୁ ତାଙ୍କର ପାଦ ମାତ୍ର ଦର୍ଶନ କରିବାକୁ ପାଉଥିଲେ । ୭

ସେହି ପାଦରେ ଲୋହିତ ବର୍ଣ୍ଣର ସ୍ନିଗ୍ଧ ନଖପ୍ରଭା ବିଚ୍ଛୁରିତ ହେଉଥିଲା । ତେଣୁ ତାହା ନବୀନ ସୂର୍ଯ୍ୟକିରଣୋଜ୍ଜ୍ୱଳ ପଦ୍ମପରି ଦେଖାଯାଉଥିଲା । ଭୃତ୍ୟମାନେ ସେହି ପାଦକୁ ପ୍ରଣାମ କରି ସେବାକାର୍ଯ୍ୟରେ ପ୍ରବୃତ୍ତ ରହୁଥିଲେ । ୮

ଯେଉଁ ବିହାର-ସରୋବରମାନଙ୍କରେ ଗୁପ୍ତ କେଳିଗୃହମାନ ଥିଲା, ଅଗ୍ନିବର୍ଣ୍ଣ ସେଥିରେ ବିହାର କଲେ । ବିଳାସିନୀ ନାରୀମାନଙ୍କର ଯୌବନୋନ୍ନତ ସ୍ତନଆଘାତରେ ଉକ୍ତ ସରୋବରର ପଦ୍ମପୁଷ୍ପମାନ କମ୍ପିତ ହେବାକୁ ଲାଗିଲା । ୯

କ୍ରୀଡା-ସରୋବରରେ ରୂପସୀ ରମଣୀମାନଙ୍କ ଚକ୍ଷୁରୁ ଅଞ୍ଜନ ଓ ଅଧରରୁ ଲାଲ ବର୍ଣ୍ଣର ପ୍ରଲେପ ଜଳରେ ଧୋଇ ହୋଇ ଯାଉଥିଲା । ଫଳରେ ସେମାନଙ୍କର ମୁଖ ସ୍ୱାଭାବିକ ସୌନ୍ଦର୍ଯ୍ୟ ଧାରଣ କରୁଥିଲା । ତାହାଦ୍ୱାରା ସେମାନେ ରଜାଙ୍କୁ ଅଧିକ ପ୍ରଲୋଭିତ କରି ପାରୁଥିଲେ । ୧୦

ହସ୍ତୀ ଯେପରି ହସ୍ତିନୀମାନଙ୍କ ସହିତ ପୁଷ୍ପିତ ପଦ୍ମବନରେ ପ୍ରବେଶ କରେ, ରଜା ସେହିପରି ପ୍ରିୟାମାନଙ୍କ ସହିତ ମଦ୍ୟପାନ ସ୍ଥଳକୁ ଯାଉଥିଲେ । ଉକ୍ତ ସ୍ଥାନର ଲୋଭନୀୟ ମଦ୍ୟଗନ୍ଧ ତାଙ୍କୁ ଆକର୍ଷଣ କରି ନେଉଥିଲା ।୧୧

ଯେଉଁ ମଦ ଅତିରିକ୍ତ ଉନ୍ମାଦନାର କାରଣ, ଅଙ୍ଗନାମାନେ ଗୋପନରେ ତାହା ରଜାଙ୍କ ତୁଣ୍ଡରୁ ପିଇବା ପାଇଁ ଲାଳାୟିତ ହେଉଥିଲେ । ସେମାନେ ମଧ୍ୟ ରଜାଙ୍କୁ ନିଜ ତୁଣ୍ଡରୁ ତାହା ଦେଉଥିଲେ ଏବଂ ସେ (ରଜା) ଦୋହଦପ୍ରାପ୍ତ ବକୁଳ ବୃକ୍ଷ ପରି ତାହା ପାନ କରୁଥିଲେ । (ଦୋହଦ—ବୃକ୍ଷଲତାରେ ପୁଷ୍ପ ଉତ୍ପନ୍ନ କରିବା ପାଇଁ କୃତ୍ରିମ ଉପାୟ । କବିପ୍ରସିଦ୍ଧି ଅଛି ଯେ, ସୁନ୍ଦରୀ ଯୁବତୀ ପାଟିରେ ମଦ ପୂରାଇ ବଉଳ ଗଛ ଉପରକୁ ଫିଙ୍ଗିଲେ ଉକ୍ତ ଗଛ ଫୁଲ ଧାରଣ କରେ ।) ୧୨

ମଧୁରବାଦିନୀ ବୀଣା ଓ ମଧୁରଭାଷିଣୀ ସୁନ୍ଦରୀ ରମଣୀ କୋଳରେ ରହିବାର ଯୋଗ୍ୟ । ଏହି ଯୋଡ଼ିକ କେତେବେଳେ ହେଲେ ରଜାଙ୍କ କୋଳକୁ ଶୂନ୍ୟ କରୁ ନଥିଲେ । ୧୩

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

स स्वयं प्रहतपुष्करः कृती लोलमाल्यवलयो हरन्मनः ।
नर्तकीरभिनयातिलङ्घिनीः पार्श्ववर्तिषु गुरुष्वलज्जयत् ॥१४
ସ ସ୍ୱୟଂ ପ୍ରହତପୁଷ୍କରଃ କୃତୀ ଲୋଲମାଲ୍ୟବଲୟୋ ହରନ୍ମନଃ ।
ନର୍ତ୍ତକୀରଭିନୟାତିଲଙ୍ଘିନୀଃ ପାର୍ଶ୍ୱବର୍ତ୍ତିଷୁ ଗୁରୁଷ୍ୱଲଜ୍ଜୟତ୍ ॥୧୪

चारु नृत्यविगमे च तन्मुखं स्वेदभिन्नतिलकं परिश्रमात् ।
प्रेमदत्तवदनानिलः पिबन्नत्यजीवदमरालकेश्वरौ ॥१५
ଚାରୁ ନୃତ୍ୟବିଗମେ ଚ ତନ୍ମୁଖଂ ସ୍ୱେଦଭିନ୍ନତିଳକଂ ପରିଶ୍ରମାତ୍ ।
ପ୍ରେମଦତ୍ତବଦନାନିଳଃ ପିବନ୍ନତ୍ୟଜୀବଦମରାଳକେଶ୍ୱରୌ ॥୧୫

तस्य सावरणदृष्टसन्धयः काम्यवस्तुषु नवेषु सङ्गिनः ।
वल्लभाभिरुपसृत्य चक्रिरे सामिभुक्तविषयाः समागमाः ॥१६
ତସ୍ୟ ସାବରଣଦୃଷ୍ଟସନ୍ଧୟଃ କାମ୍ୟବସ୍ତୁଷୁ ନବେଷୁ ସଙ୍ଗିନଃ ।
ବଲ୍ଲଭାଭିରୁପସୃତ୍ୟ ଚକ୍ରିରେ ସାମିଭୁକ୍ତବିଷୟାଃ ସମାଗମାଃ ॥୧୬

अङ्गुलीकिसलयाग्रतर्जनं भ्रूविभङ्गकुटिलं च वीक्षितम् ।
मेखलाभिरसकृच्च बन्धनं वञ्चयन् प्रणयिनीरवाप सः ॥१७
ଅଙ୍ଗୁଳୀକିସଲୟାଗ୍ରତର୍ଜନଂ ଭ୍ରୂବିଭଙ୍ଗକୁଟିଳଂ ଚ ବୀକ୍ଷିତମ୍ ।
ମେଖଳାଭିରସକୃଚ୍ଚ ବନ୍ଧନଂ ବଞ୍ଚୟନ୍ ପ୍ରଣୟିନୀରବାପ ସଃ ॥୧୭

तेन दूतिविदितं निषेदुषा पृष्ठतः सुरतवाररात्रिषु ।
शुश्रुवे प्रियजनस्य कातरं विप्रलम्भपरिशङ्किनो वचः ॥१८
ତେନ ଦୂତିବିଦିତଂ ନିଷେଦୁଷା ପୃଷ୍ଠତଃ ସୁରତବାରରାତ୍ରିଷୁ ।
ଶୁଶ୍ରୁବେ ପ୍ରିୟଜନସ୍ୟ କାତରଂ ବିପ୍ରଲମ୍ଭପରିଶଙ୍କିନୋ ବଚଃ ॥୧୮

लौल्यमेत्य गृहिणीपरिग्रहान्नर्तकीष्वसुलभासु तद्वपुः ।
वर्तते स्म स कथंचिदालिखन्नङ्गुलीक्षरणसन्नवर्तिकः ॥१९
ଲୌଲ୍ୟମେତ୍ୟ ଗୃହିଣୀପରିଗ୍ରହାନ୍ନର୍ତ୍ତକୀଷ୍ୱସୁଲଭସୁ ତଦ୍ୱପୁଃ ।
ବର୍ତ୍ତତେ ସ୍ମ ସ କଥଂଚିଦାଲିଖନ୍ନଙ୍ଗୁଳୀକ୍ଷରଣସନ୍ନବର୍ତ୍ତିକଃ ॥୧୯

प्रेमगर्वितविपक्षमत्सरादायताच्च मदनान्महीक्षितम् ।
निन्युरुत्सवविधिच्छलेन तं देव्य उज्झितरुषः कृतार्थताम् ॥२०
ପ୍ରେମଗର୍ବିତବିପକ୍ଷମତ୍ସରାଦାୟତାଚ୍ଚ ମଦନାନ୍ମହୀକ୍ଷିତମ୍ ।
ନିନ୍ୟୁରୁତ୍ସବବିଧିଚ୍ଛଳେନ ତଂ ଦେବ୍ୟ ଉଜ୍ଝିତରୁଷଃ କୃତାର୍ଥତାମ୍ ॥୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରଜା ନିଜେ ଥିଲେ ଯୋଗ୍ୟ ବାଦକ । ବାଦ୍ୟ ବଜାଉଥିଲା ବେଳେ ତାଙ୍କର ପୁଷ୍ପହାର ଏବଂ କଙ୍କଣ ଦୋହଲିବାରେ ଲାଗୁଥିଲା । ବାଦ୍ୟ ବଜାଇ ସେ ନର୍ତ୍ତକୀମାନଙ୍କର ମନ ହରଣ କରୁଥିଲେ ଏବଂ ସେମାନେ ଯେତେବେଳେ ନୃତ୍ୟରେ ଭୁଲ କରୁଥିଲେ, ପାଖରେ ଥିବା ନାଟ୍ୟାଗ୍ରାର୍ଯ୍ୟ ଗୁରୁମାନଙ୍କ ସମ୍ମୁଖରେ ସେ ସେମାନଙ୍କୁ ଲଜ୍ଜିତ କରୁଥିଲେ ।୧୪

ନୃତ୍ୟପରେ ପରିଶ୍ରମ ଯୋଗୁଁ ନର୍ତ୍ତକୀମାନଙ୍କର ମୁଖରୁ ଝାଳ ବହୁଥିଲା ଏବଂ ସେଥିରେ ତିଳକଭୂଷଣ ଲିଭି ଯାଉଥିଲା । ରଜା ପ୍ରେମରେ ସେମାନଙ୍କ ମୁଖକୁ ଫୁଙ୍କି ପବନ ଦେଉଥିଲେ ଏବଂ ଚୁମ୍ବନ କରୁଥିଲେ । ଏହିପରି ଭାବରେ ସେ ଇନ୍ଦ୍ର କୁବେରଙ୍କଠାରୁ ମଧ୍ୟ ଅଧିକ ସୁଖ ଉପଭୋଗ କଲେ । ୧୫

ଅଗ୍ନିବର୍ଣ୍ଣ ଯଦି ନୂତନ ଉପଭୋଗ୍ୟ ବସ୍ତୁରେ ଆସକ୍ତ ହୋଇ ପଡ଼ୁଥିଲେ, ତାହା ହେଲେ ତାଙ୍କର ପ୍ରିୟାମାନେ ତାଙ୍କୁ ଗୋପନରେ ଲକ୍ଷ୍ୟ କରୁଥିଲେ ଏବଂ ତାଙ୍କୁ କୌଣସି ପ୍ରକାରେ ପାଖକୁ ଆକୃଷ୍ଟ କରି ନେଉଥିଲେ । ରଜା ଯେତେବେଳେ ସେମାନଙ୍କ ସହିତ ସମ୍ଭୋଗ କରୁଥିଲେ, ସେମାନେ ସମ୍ଭୋଗକୁ ଅଧାରୁ ବନ୍ଦ କରିଦେଉଥିଲେ । (ରଜା ସମ୍ଭୋଗରେ ସନ୍ତୁଷ୍ଟ ହୋଇଗଲେ କାଳେ ଆଉ ନ ଆସିବେ, ଏଥିପାଇଁ ରାଣୀମାନେ ତାଙ୍କୁ ପୂର୍ଣ୍ଣ ସମ୍ଭୋଗ କରିବାକୁ ଦେଉ ନଥିଲେ ।) ୧୬

ସେ ଯଦି କୌଣସି ପ୍ରଣୟିନୀକୁ ପ୍ରତାରିତ କରି ଅନ୍ୟ ପ୍ରଣୟିନୀ ନିକଟକୁ ଯାଉଥିଲେ, ତାହାହେଲେ ପ୍ରଥମୋକ୍ତ ପ୍ରଣୟିନୀ ନବପଲ୍ଲବର ଅଗ୍ର ପରି କୋମଳ ଅଙ୍ଗୁଳି ଦେଖାଇ ତାଙ୍କୁ ଭର୍ତ୍ସନା କରୁଥିଲା, ଭ୍ରୂକୁଞ୍ଚନ କରି ରହୁଁଥିଲା ଏବଂ ଅଣ୍ଟାସୂତାରେ ବାରମ୍ବାର ବାନ୍ଧି ପକାଉଥିଲା । ୧୭

ଯେଉଁ ପ୍ରିୟାର ରତିପାଳି ପଡ଼ୁଥିଲା, ରଜା ରାତିରେ ଗୋପନରେ ଯାଇ ତାହାର ପଛପଟରେ ବସୁଥିଲେ । କେବଳ ଦୂତୀ ତାହା ଜାଣୁଥିଲା । ଉକ୍ତ ପ୍ରିୟା ଯେତେବେଳେ ପ୍ରିୟ ଆସିବେ ନାହିଁ ବୋଲି ଆଶଙ୍କା କରି ଦୂତୀକୁ କାତର କଥାମାନ କହୁଥିଲା, ରଜା ତାହା ଆନନ୍ଦରେ ଶୁଣୁଥିଲେ । ୧୮

ଯେତେବେଳେ ରାଣୀମାନେ ରଜାଙ୍କ ପାଖରେ ରହୁଥିଲେ, ସେତେବେଳେ ବେଶ୍ୟାମାନେ ସେଠାକୁ ଆସିପାରୁ ନଥିଲେ । ରଜା ବେଶ୍ୟାମାନଙ୍କ ଅଭାବରେ ବିଚଳିତ ହୋଇ ସେମାନଙ୍କର ଚିତ୍ର ଅଙ୍କନ କରୁଥିଲେ । ଚିତ୍ର ଅଙ୍କନ କରିବା ବେଳେ ତାଙ୍କ ହାତରୁ ତୂଳି ଖସି ପଡ଼ୁଥିଲା । ଏହିପରି ଭାବରେ ସେ ବେଶ୍ୟାମାନଙ୍କର ଅନୁପସ୍ଥିତି ସମୟକୁ ବଡ଼ କଷ୍ଟରେ ଅତିବାହିତ କରୁଥିଲେ । ୧୯

ରାଣୀମାନେ ପ୍ରେମଗର୍ବିତା ସପତ୍ନୀମାନଙ୍କ ପ୍ରତି ଈର୍ଷା ଯୋଗୁଁ ଓ ନିଜ ନିଜର ତୀବ୍ର କାମବାସନା ଯୋଗୁଁ ମାନ ତ୍ୟାଗ କରି କୌଣସି ଉତ୍ସବ ବିଧି ଛଳରେ ରଜାଙ୍କୁ ଘେନି ଯାଉଥିଲେ ଏବଂ ତାଙ୍କ ସହିତ କାମ ଆବେଗ ଚରିତାର୍ଥ କରୁଥିଲେ । ୨୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रातरेत्य परिभोगशोभिना दर्शनेन कृतखण्डनव्यथाः ।
प्राञ्जलिः प्रणयिनीः प्रसादयन् सोऽदुनोत् प्रणयमन्थरः पुनः ॥२१
ପ୍ରାତରେତ୍ୟ ପରିଭୋଗଶୋଭିନା ଦର୍ଶନେନ କୃତଖଣ୍ଡନବ୍ୟଥାଃ ।
ପ୍ରାଞ୍ଜଳିଃ ପ୍ରଣୟିନୀଃ ପ୍ରସାଦୟନ୍ ସୋଽଦୁନୋତ୍ ପ୍ରଣୟମନ୍ଥରଃ ପୁନଃ ॥୨୧

स्वप्नकीर्तितविपक्षमङ्गनाः प्रत्यभैत्सुरवदन्त्य एव तम् ।
प्रच्छदान्तगलिताश्रुबिन्दुभिः क्रोधभिन्नवलयैर्विवर्तनैः ॥२२
ସ୍ୱପ୍ନକୀର୍ତ୍ତିତବିପକ୍ଷମଙ୍ଗନାଃ ପ୍ରତ୍ୟଭୈତ୍ସୁରବଦନ୍ତ୍ୟ ଏବ ତମ୍ ।
ପ୍ରଚ୍ଛଦାନ୍ତଗଳିତାଶ୍ରୁବିନ୍ଦୁଭିଃ କ୍ରୋଧଭିନ୍ନବଳୟୈର୍ବିବର୍ତ୍ତନୈଃ ॥୨୨

क्लृप्तपुष्पशयनाँल्लतागृहानेत्य दूतिकृतमार्गदर्शनः ।
अन्वभूत् परिजनाङ्गनारतं सोऽवरोधभयवेपथूत्तरम् ॥२३
କ୍ଳୃପ୍ତପୁଷ୍ପଶୟନାଁଲ୍ଲତାଗୃହାନେତ୍ୟ ଦୂତିକୃତମାର୍ଗଦର୍ଶନଃ ।
ଅନ୍ୱଭୂତ୍ ପରିଜନାଙ୍ଗନାରତଂ ସୋଽବରୋଧଭୟବେପଥୂତ୍ତରମ୍ ॥୨୩

नाम वल्लभजनस्य ते मया प्राप्य भाग्यमपि तस्य काङ्क्ष्यते ।
लोलुपं ननु मनो ममेति तं गोत्रविस्खलितमूचुरङ्गनाः ॥२४
ନାମ ବଲ୍ଲଭଜନସ୍ୟ ତେ ମୟା ପ୍ରାପ୍ୟ ଭାଗ୍ୟମପି ତସ୍ୟ କାଙ୍କ୍ଷ୍ୟତେ ।
ଲୋଲୁପଂ ନନୁ ମନୋ ମମେତି ତଂ ଗୋତ୍ରବିସ୍ଖଳିତମୂଚୁରଙ୍ଗନାଃ ॥୨୪

चूर्णबभ्रु लुलितस्रगाकुलं छिन्नमेखलमलक्तकाङ्कितम् ।
उत्थितस्य शयनं विलासिनस्तस्य विभ्रमरतान्यपावृणोत् ॥२५
ଚୂର୍ଣ୍ଣବଭ୍ରୁ ଲୁଳିତସ୍ରଗାକୁଳଂ ଛିନ୍ନମେଖଳମଳକ୍ତକାଙ୍କିତମ୍ ।
ଉତ୍ଥିତସ୍ୟ ଶୟନଂ ବିଳାସିନସ୍ତସ୍ୟ ବିଭ୍ରମରତାନ୍ୟପାବୃଣୋତ୍ ॥୨୫

स स्वयं चरणरागमादधे योषितां न च तथा समाहितः ।
लोभ्यमाननयनः श्लथांशुकैर्मेखलागुणपदैर्नितम्बिभिः ॥२६
ସ ସ୍ୱୟଂ ଚରଣରାଗମାଦଧେ ଯୋଷିତାଂ ନ ଚ ତଥା ସମାହିତଃ ।
ଲୋଭ୍ୟମାନନୟନଃ ଶ୍ଳଥାଂଶୁକୈର୍ମେଖଳାଗୁଣପଦୈର୍ନିତମ୍ବିଭିଃ ॥୨୬

चुम्बने विपरिवर्तिताधरं हस्तरोधि रसनाविघट्टने ।
विघ्नितेच्छमपि तस्य सर्वतो मन्मथेन्धनमभूद् वधूरतम् ॥२७
ଚୁମ୍ବନେ ବିପରିବର୍ତ୍ତିତାଧରଂ ହସ୍ତରୋଧି ରସନାବିଘଟ୍ଟନେ ।
ବିଘ୍ନିତେଚ୍ଛମପି ତସ୍ୟ ସର୍ବତୋ ମନ୍ମଥେନ୍ଧନମଭୂଦ୍ ବଧୂରତମ୍ ॥୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସକାଳେ ଖଣ୍ଡିତା ନାୟିକା ଯଦି ରଜାଙ୍କ ଦେହରେ ଅନ୍ୟ ସ୍ତ୍ରୀ-ସମ୍ଭୋଗର ଚିହ୍ନ ଦେଖିନେଉଥିଲା, ତେବେ ରଜା କୃତାଞ୍ଜଳି ପୁଟରେ ଉକ୍ତ ପ୍ରଣୟିନୀକୁ ପ୍ରସନ୍ନ କରୁଥିଲେ ! କିନ୍ତୁ ପୁଣି ତା' ପ୍ରତି ପ୍ରଣୟ ଶିଥିଳ କରି ତାକୁ ଅଧିକ ବ୍ୟଥିତ କରୁଥିଲେ । (ଯେଉଁ ସ୍ତ୍ରୀ ପାଖକୁ ପ୍ରେମିକ ଯିବାକୁ କହି ଯାଏ ନାହିଁ, ତାକୁ ଖଣ୍ଡିତା କହନ୍ତି ।) ୨୧

ଅଗ୍ନିବର୍ଣ୍ଣ ସ୍ୱପ୍ନରେ କୌଣସି ପ୍ରିୟାର ନାମ କହିପକାଇଲେ ପାଖରେ ଶୋଇଥିବା ଅଙ୍ଗନା ଅଭିମାନରେ ତାଙ୍କୁ କିଛି କହୁ ନଥିଲା। କିନ୍ତୁ ଶଯ୍ୟାରେ ଅଶ୍ରୁବିନ୍ଦୁ ବର୍ଷଣ କରି ଏକଡ଼ ସେକଡ଼ ହେଉଥିଲା । ତା ଫଳରେ ତାର କଙ୍କଣ ଭଙ୍ଗିଯାଉଥିଲା । ଏହାହିଁ ଥିଲା ରଜାଙ୍କ ପ୍ରତି ତାର ତିରସ୍କାର । ୨୨

ଦୂତୀମାନେ ତାଙ୍କୁ ବାଟ ଦେଖାଇ ନେଉଥିଲେ । ସେ ପୁଷ୍ପଶଯ୍ୟା ବିଛା ହୋଇଥିବା ଲତା କୁଞ୍ଜକୁ ଯାଇ ଦାସୀମାନଙ୍କ ସହିତ ମଧ୍ୟ ରମଣ କରୁଥିଲେ । ସେତେବେଳେ ନିଜର ପତ୍ନୀମାନଙ୍କ ଭୟରେ ତାଙ୍କ ଦେହ ଶିହରି-ଉଠୁଥିଲା । ୨୩

ତାଙ୍କ ତୁଣ୍ଡରୁ ଯେତେବେଳେ ଅନ୍ୟ କୌଣସି ସ୍ତ୍ରୀର ନାମ ବାହାରି-ପଡୁଥିଲା, ସେତେବେଳେ ପାଖରେ ଥିବା ରମଣୀ କହୁଥିଲା—"ମୁଁ ତୁମ ପ୍ରିୟାର ନାମ ପାଇଲି, କିନ୍ତୁ ତାର ଭାଗ୍ୟ ପାଇବାକୁ ମଧ୍ୟ ମୁଁ ଚାହେଁ । କାରଣ, ତାହା ପାଇବାକୁ ମୋର ଭାରି ଲୋଭ ।" ୨୪

ବିଳାସୀ ଅଗ୍ନିବର୍ଣ୍ଣ ଯେତେବେଳେ ଶଯ୍ୟାରୁ ଉଠୁଥିଲେ, ତାଙ୍କର ଶଯ୍ୟା ବିଭିନ୍ନ ରତିକ୍ରୀଡ଼ାର ସୂଚନା ଦେଉଥିଲା । କାରଣ, ତାହା କୁଙ୍କୁମ ପ୍ରଭୃତି ଚୂର୍ଣ୍ଣଦ୍ୱାରା ପିଙ୍ଗଳ ବର୍ଣ୍ଣ ଦିଶୁଥିଲା, ସେଥିରେ ପୁଷ୍ପହାର ତଥା ଅଣ୍ଟାସୂତା ଛିନ୍ନଭିନ୍ନ ହୋଇ ପଡ଼ୁଥିଲା ଏବଂ ଅଳତା ଚିହ୍ନ ଲାଗୁଥିଲା । ୨୫

ସେ ନିଜେ ସ୍ତ୍ରୀମାନଙ୍କ ପାଦରେ ଅଳତା ଲଗାଇ ଦେଉଥିଲେ । କିନ୍ତୁ ଯେତେବେଳେ ସେମାନଙ୍କ ପୃଥୁଳ ନିତମ୍ବ ଓ ଜଙ୍ଘରୁ ଲୁଗା ଖସି ଯାଉଥିଲା, ତାଙ୍କର ଚକ୍ଷୁ ସେହିଠାରେ ଲାଖି ରହୁଥିଲା । ଫଳରେ ସେ ଭଲଭବରେ ଅଳତା ଲଗାଇ ପାରୁ ନଥିଲେ । ୨୬

ସେ ଯେତେବେଳେ ଚୁମ୍ବନ ଦେବାକୁ ଯାଉଥିଲେ, ରମଣୀମାନେ ମୁହଁ ବୁଲାଇ ନେଉଥିଲେ ; ଯଦି ସେମାନଙ୍କର ଖୋଷଣି ଫିଟାଇବାକୁ ଯାଉ-ଥିଲେ, ସେମାନେ ହାତରେ ତାହା ଭିଡ଼ି ଧରୁଥିଲେ । ଏହିପରି ଭବରେ ରମଣୀମାନେ ତାଙ୍କ ଇଚ୍ଛାରେ ବାଧା ଦେଇ ତାଙ୍କର କାମାଗ୍ନିକୁ ଅଧିକ ପ୍ରଜ୍ୱଳିତ କରୁ ଥିଲେ । ୨୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दर्पणेषु परिभोगदर्शिनीर्नर्मपूर्वमनुपृष्ठसंस्थितः ।
छायया स्मितमनोज्ञया वधूर्ह्रीनिमीलितमुखीश्चकार सः ॥२८
ଦର୍ପଣେଷୁ ପରିଭୋଗଦର୍ଶିନୀର୍ନର୍ମପୂର୍ବମନୁପୃଷ୍ଠସଂସ୍ଥିତଃ ।
ଛାୟୟା ସ୍ମିତମନୋଜ୍ଞୟା ବଧୂର୍ହ୍ରୀନିମୀଲିତମୁଖୀଶ୍ଚକାର ସଃ ॥୨୮

कण्ठसक्तमृदुबाहुबन्धनं न्यस्तपादतलमग्रपादयोः ।
प्रार्थयन्त शयनोत्थितं प्रियास्तं निशात्ययविसर्गचुम्बनम् ॥२९
କଣ୍ଠସକ୍ତମୃଦୁବାହୁବନ୍ଧନଂ ନ୍ୟସ୍ତପାଦତଳମଗ୍ରପାଦୟୋଃ ।
ପ୍ରାର୍ଥୟନ୍ତ ଶୟନୋତ୍ଥିତଂ ପ୍ରିୟାସ୍ତଂ ନିଶାତ୍ୟୟବିସର୍ଗଚୁମ୍ବନମ୍ ॥୨୯

प्रेक्ष्य दर्पणतलस्थमात्मनो राजवेशमतिशक्रशोभिनम् ।
पिप्रिये न स तथा यथा युवा व्यक्तलक्ष्म परिभोगमण्डनम् ॥३०
ପ୍ରେକ୍ଷ୍ୟ ଦର୍ପଣତଳସ୍ଥମାତ୍ମନୋ ରାଜବେଶମତିଶକ୍ରଶୋଭିନମ୍ ।
ପିପ୍ରିୟେ ନ ସ ତଥା ଯଥା ଯୁବା ବ୍ୟକ୍ତଲକ୍ଷ୍ମ ପରିଭୋଗମଣ୍ଡନମ୍ ॥୩୦

मित्रकृत्यमपदिश्य पार्श्वतः प्रस्थितं तमनवस्थितं प्रियाः ।
विद्महे शठ पलायनच्छलान्यञ्जसेति रुरुधुः कचग्रहैः ॥३१
ମିତ୍ରକୃତ୍ୟମପଦିଶ୍ୟ ପାର୍ଶ୍ୱତଃ ପ୍ରସ୍ଥିତଂ ତମନବସ୍ଥିତଂ ପ୍ରିୟାଃ ।
ବିଦ୍ମହେ ଶଠ ପଳାୟନଚ୍ଛଳାନ୍ୟଞ୍ଜସେତି ରୁରୁଧୁଃ କଚଗ୍ରହୈଃ ॥୩୧

तस्य निर्दयरतिश्रमालसाः कण्ठसूत्रमपदिश्य योषितः ।
अध्यशेरत बृहद् भुजान्तरं पीवरस्तनविलुप्तचन्दनम् ॥३२
ତସ୍ୟ ନିର୍ଦୟରତିଶ୍ରମାଳସାଃ କଣ୍ଠସୂତ୍ରମପଦିଶ୍ୟ ଯୋଷିତଃ ।
ଅଧ୍ୟଶେରତ ବୃହଦ୍ ଭୁଜାନ୍ତରଂ ପୀବରସ୍ତନବିଲୁପ୍ତଚନ୍ଦନମ୍ ॥୩୨

सङ्गमाय निशि गूढचारिणं चारदूतिकथितं पुरोगताः ।
वञ्चयिष्यसि कुतस्तमोवृतः कामुकेति चकृषुस्तमङ्गनाः ॥३३
ସଂଗମାୟ ନିଶି ଗୂଢଚାରିଣଂ ଚାରଦୂତିକଥିତଂ ପୁରୋଗତାଃ ।
ବଞ୍ଚୟିଷ୍ୟସି କୁତସ୍ତମୋବୃତଃ କାମୁକେତି ଚକୃଷୁସ୍ତମଙ୍ଗନାଃ ॥୩୩

योषितामुडुपतेरिवार्चिषां स्पर्शनिर्वृतिमसाववाप्नुवन् ।
आरुरोह कुमुदाकरोपमां रात्रिजागरपरो दिवाशयः ॥३४
ଯୋଷିତାମୁଡୁପତେରିବାର୍ଚିଷାଂ ସ୍ପର୍ଶନିର୍ବୃତିମସାବବାପ୍ନୁବନ୍ ।
ଆରୁରୋହ କୁମୁଦାକରୋପମାଂ ରାତ୍ରିଜାଗରପରୋ ଦିବାଶୟଃ ॥୩୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରମଣୀମାନେ ଦର୍ପଣରେ ନିଜ ମୁଖର ସମ୍ଭୋଗ ଚିହ୍ନ ଦେଖୁଥିଲା-ବେଳେ ସେ କୌତୁକରେ ଯାଇ ସେମାନଙ୍କ ପଛରେ ଠିଆ ହେଉଥିଲେ । ତାଙ୍କର ହାସ୍ୟସୁନ୍ଦରମୁଖ ଦର୍ପଣରେ ପ୍ରତିବିମ୍ବିତ ହୁଅନ୍ତେ ସେମାନେ ଲଜ୍ଜରେ ତଳକୁ ମୁହଁ କରି ନେଉଥିଲେ । ୨୮

ସେ ଶଯ୍ୟାରୁ ଉଠିବାକୁ ବାହାରିଲା ସମୟରେ ପ୍ରିୟାମାନେ ତାଙ୍କ କଣ୍ଠରେ କୋମଳ ବାହୁଲତା ବେଷ୍ଟନ କରି ଏବଂ ନିଜ ପାଦରେ ତାଙ୍କ ପାଦ ରଖି ରାତ୍ରିର ଶେଷ ଚୁମ୍ବନ ପାଇବାକୁ ପ୍ରାର୍ଥନା କରୁଥିଲେ । ୨୯

ସେ ଦର୍ପଣରେ ନିଜର ସ୍ପଷ୍ଟଚିହ୍ନଯୁକ୍ତ କାମକ୍ରୀଡା-ବେଶ ଦେଖି ଯେତେ ଆନନ୍ଦ ଲାଭ କରୁଥିଲେ, ଇନ୍ଦ୍ରବେଶଠାରୁ ଅଧିକ ସୁନ୍ଦର ନିଜର ରାଜବେଶ ଦେଖି ମଧ୍ୟ ସେତେ ଆନନ୍ଦ ପାଉ ନଥିଲେ । ୩୦

ବନ୍ଧୁମାନଙ୍କ ସହିତ କାର୍ଯ୍ୟ ଅଛି ବୋଲି ଛଳନା କରି ସେ ଯେତେ-ବେଳେ ପ୍ରିୟାମାନଙ୍କ ପାଖରେ ରହିବାକୁ ଚାହୁଁ ନଥିଲେ ଏବଂ ଚାଲିଯିବାକୁ ବାହାରୁଥିଲେ, ସେତେବେଳେ ପ୍ରିୟାମାନେ 'ହେ ଶଠ, ତୁମ ପଳାଇ-ଯିବାର ଛଳନା ଆମେ ଭଲ କରି ଜାଣୁ' ଏହା କହି ତାଙ୍କ କେଶ ଧରି ଟାଣି ରଖୁଥିଲେ । ୩୧

ତାଙ୍କର ନିର୍ଦ୍ଦୟ ରମଣରେ କ୍ଳାନ୍ତ ହୋଇ ସ୍ତ୍ରୀମାନେ ଆଲିଙ୍ଗନ ଛଳରେ ତାଙ୍କ ବିଶାଳ ବକ୍ଷ ଉପରେ ଶୋଇଯାଉଥିଲେ । ସେମାନଙ୍କର ପୃଥୁଳ ସ୍ତନ ଘର୍ଷି ହୋଇ ତାଙ୍କ ବକ୍ଷରୁ ଚନ୍ଦନ ପୋଛିହୋଇ ଯାଉଥିଲା । ୩୨

ସେ ରାତିରେ କୌଣସି ପ୍ରିୟା ସହିତ ଗୋପନରେ ମିଳିତ ହେବାକୁ ଯାଉଥିଲା ବେଳେ ଗୁପ୍ତ ଦୂତୀମାନେ ଯାଇ ଅନ୍ୟ ସ୍ତ୍ରୀମାନଙ୍କୁ ତାହା ଜଣାଇ-ଦେଉଥିଲେ । ସେମାନେ (ଅନ୍ୟ ସ୍ତ୍ରୀମାନେ) ସମ୍ମୁଖକୁ ଆସି "ହେ କାମୁକ, ଅନ୍ଧାର ରାତିରେ ଲୁଚି ଲୁଚି ଯାଇ କ'ଣ ଆମକୁ ପ୍ରତାରିତ କରି ପାରିବ ?" ଏହା କହି ତାଙ୍କୁ ଟାଣି ନେଉଥିଲେ । ୩୩

କୁମୁଦବନ ଯେପରି ଚନ୍ଦ୍ରକିରଣର ସ୍ପର୍ଶସୁଖ ପାଇ ରାତିରେ ଉଜାଗର ରହେ ଏବଂ ଦିନରେ ଶୟନ କରେ, ଅଗ୍ନିବର୍ଣ୍ଣ ସେହିପରି ରମଣୀ-ମାନଙ୍କ ସଙ୍ଗସୁଖରେ ରାତିସାରା ଉଜାଗର ରହୁଥିଲେ ଏବଂ ଦିନରେ ଶୟନ କରୁଥିଲେ । ୩୪

Gurukul Kangri Vishwavidyalaya Library

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

वेणुना दशनपीडिताधरा वीणया नखपदाङ्कितोरवः ।
शिल्पकार्य उभयेन वेजितास्तं विजिह्मनयना व्यलोभयन् ॥३५
ବେଣୁନା ଦଶନପୀଡ଼ିତାଧର ବୀଣୟା ନଖପଦାଙ୍କିତୋରବଃ ।
ଶିଳ୍ପକାର୍ଯ୍ୟ ଉଭୟେନ ବିଜିତାସ୍ତଂ ବେଜିହ୍ମନୟନା ବ୍ୟଲେଭୟନ୍ ॥୩୫

अङ्गसत्त्ववचनाश्रयं मिथः स्त्रीषु नृत्यमुपधाय दर्शयन् ।
स प्रयोगनिपुणैः प्रयोक्तृभिः संजघर्ष सह मित्रसन्निधौ ॥३६
ଅଙ୍ଗସତ୍ତ୍ୱବଚନାଶ୍ରୟଂ ମିଥଃ ସ୍ତ୍ରୀଷୁ ନୃତ୍ୟମୁପଧାୟ ଦର୍ଶୟନ୍ ।
ସ ପ୍ରୟୋଗନିପୁଣୈଃ ପ୍ରୟୋକ୍ତୃଭିଃ ସଂଜଘର୍ଷ ସହ ମିତ୍ରସନ୍ନିଧୌ ॥୩୬

अंसलम्बिकुटजार्जुनस्रजस्तस्य नीपरजसाङ्गरागिणः ।
प्रावृषि प्रमदबर्हिणेष्वभूत् कृत्रिमाद्रिषु विहारविभ्रमः ॥३७
ଅଂସଲମ୍ବିକୁଟଜାର୍ଜୁନସ୍ରଜସ୍ତସ୍ୟ ନୀପରଜସାଙ୍ଗରଗିଣଃ ।
ପ୍ରାବୃଷି ପ୍ରମଦବର୍ହିଣେଷ୍ୱଭୂତ୍ କୃତ୍ରିମାଦ୍ରିଷୁ ବିହାରବିଭ୍ରମଃ ॥୩୭

विग्रहाच्च शयने पराङ्मुखीर्नानुनेतुमबलाः स तत्वरे ।
आचकाङ्क्ष घनशब्दविक्लवास्ता विवृत्य विशतीर्भुजान्तरम् ॥३८
ବିଗ୍ରହାଚ୍ଚ ଶୟନେ ପରାଙ୍ମୁଖୀର୍ନାନୁନେତୁମବଲାଃ ସ ତତ୍ୱରେ ।
ଆଚକାଙ୍କ୍ଷ ଘନଶବ୍ଦବିକ୍ଳବାସ୍ତା ବିବୃତ୍ୟ ବିଶତୀର୍ଭୁଜାନ୍ତରମ୍ ॥୩୮

कार्तिकीषु सवितानहर्म्यभाग् यामिनीषु ललिताङ्गनासखः ।
अन्वभुङ्क्त सुरतश्रमापहां मेघमुक्तविशदां स चन्द्रिकाम् ॥३९
କାର୍ତ୍ତିକୀଷୁ ସବିତାନହର୍ମ୍ୟଭାଗ୍ ଯାମିନୀଷୁ ଲଳିତାଙ୍ଗନାସଖଃ ।
ଅନ୍ୱଭୁଙ୍କ୍ତ ସୁରତଶ୍ରମାପହାଂ ମେଘମୁକ୍ତବିଶଦାଂ ସ ଚନ୍ଦ୍ରିକାମ୍ ॥୩୯

सैकतं च सरयूं विवृण्वतीं श्रोणिबिम्बमिव हंसमेखलाम् ।
स्वप्रियाविलसितानुकारिणीं सौधजालविवरैर्व्यलोकयत् ॥४०
ସୈକତଂ ଚ ସରୟୂଂ ବିବୃଣ୍ୱତୀଂ ଶ୍ରୋଣିବିମ୍ବମିବ ହଂସମେଖଲାମ୍ ।
ସ୍ୱପ୍ରିୟାବିଲସିତାନୁକାରିଣୀଂ ସୌଧଜାଲବିବରୈର୍ବ୍ୟଲୋକୟତ୍ ॥୪୦

मर्मरैरगुरुधूपगन्धिभिर्व्यक्तहेमरसनैस्तमेकतः ।
जह्रु राग्रथनमोक्षलोलुपं हैमनैर्निवसनैः सुमध्यमाः ॥४१
ମର୍ମରୈରଗୁରୁଧୂପଗନ୍ଧିଭିର୍ବ୍ୟକ୍ତହେମରସନୈସ୍ତମେକତଃ ।
ଜହ୍ରୁ ରାଗ୍ରଥନମୋକ୍ଷଲୋଲୁପଂ ହୈମନୈର୍ନିବସନୈଃ ସୁମଧ୍ୟମାଃ ॥୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଯେଉଁ ଗାୟିକାମାନେ ଅଧରରେ ରଜାଙ୍କର ଦନ୍ତକ୍ଷତ ପାଉଥିଲେ, ସେମାନେ ବଂଶୀ ବଜାଇଲାବେଳେ ପୀଡ଼ା ଅନୁଭବ କରୁଥିଲେ ଏବଂ ଯେଉଁ ଗାୟିକାମାନେ ଜଙ୍ଘରେ ନଖ କ୍ଷତ ପାଉଥିଲେ, ସେମାନେ ବୀଣା ବଜାଇଲାବେଳେ ପୀଡ଼ା ଅନୁଭବ କରୁଥିଲେ । ତେଣୁ ସେମାନେ ଉକ୍ତ ବାଦ୍ୟ ବଜାଇଲାବେଳେ ରଜାଙ୍କୁ ବକ୍ରଦୃଷ୍ଟିରେ ଚାହୁଁଥିଲେ । ସେହି ଚାହାଣି କିନ୍ତୁ ରଜାଙ୍କୁ ଅତ୍ୟନ୍ତ ମୁଗ୍ଧ କରୁଥିଲା । ୩୫

ସେ ନାରୀମାନଙ୍କୁ ଆଙ୍ଗିକ, ସାତ୍ତ୍ୱିକ ଓ ବାଚିକ, ତ୍ରିବିଧ ନୃତ୍ୟ ଶିଖାଇ ବନ୍ଧୁମାନଙ୍କ ଆଗରେ ଦେଖାଉଥିଲେ ଏବଂ ପ୍ରବୀଣ ନାଟ୍ୟାଚାର୍ଯ୍ୟମାନଙ୍କ ସହିତ ମଧ୍ୟ ଏ ଦିଗରେ ସ୍ପର୍ଦ୍ଧା କରୁଥିଲେ । ୩୬

ସେ ବର୍ଷାକାଳରେ କଣ୍ଠରେ ବଣମଲ୍ଲୀ ଓ ଅର୍ଜୁନ ଫୁଲର ହାର ଲମ୍ବାଇ ଏବଂ ଦେହରେ କଦମ୍ବଫୁଲର ଅଙ୍ଗରାଗ ଲେପନ କରି କୃତ୍ରିମ କ୍ରୀଡ଼ାପର୍ବତମାନଙ୍କରେ ବିହାର କରୁଥିଲେ, ଯେଉଁଠାରେ କି ଉନ୍ମତ୍ତ ମୟୂରମାନେ ନୃତ୍ୟ କରୁଥିଲେ । ୩୭

ଆଉ ମଧ୍ୟ ବର୍ଷାକାଳରେ ତାଙ୍କର ଯେଉଁ ରମଣୀମାନେ ପ୍ରଣୟକଳହ ଯୋଗୁଁ ଶଯ୍ୟାରେ ମୁହଁ ମାଡ଼ି ଶୋଉଥିଲେ, ସେ ସେମାନଙ୍କୁ ଶୀଘ୍ର ପ୍ରସନ୍ନ କରୁନଥିଲେ । କାରଣ, ତାଙ୍କର ଆଶା ରହୁଥିଲା–'ଏମାନେ ମେଘଗର୍ଜନରେ ଭୟଭୀତ ହୋଇ ମୋ ଛାତିଉପରକୁ ଆପେ ଆପେ ଆଉଜିଆସନ୍ତୁ ।' ୩୮

ସେ କାର୍ତ୍ତିକମାସରେ ରତିରେ ଚନ୍ଦୁଆ ଟଙ୍ଗା ହୋଇଥିବା କୋଠାଛାତ ଉପରେ କୋମଳାଙ୍ଗୀ ରମଣୀମାନଙ୍କ ସହିତ ମେଘମୁକ୍ତ, ଶୁଭ୍ର ଜ୍ୟୋତ୍ସ୍ନା ଉପଭୋଗ କରୁଥିଲେ । ସେହି ଜ୍ୟୋତ୍ସ୍ନା ସମସ୍ତଙ୍କର ରତିଶ୍ରମ ଦୂର କରିଦେଉଥିଲା । ୩୯

ସରଯୂ ନଦୀର ହଂସମାଳାଯୁକ୍ତ ବାଲୁକାଭୂମି ଅଣ୍ଟାସୂତାମଣ୍ଡିତ ନାରୀନିତମ୍ବ ପରି ଶୋଭା ପାଉଥିଲା । ରଜା ନିଜ ପ୍ରିୟାମାନଙ୍କର ବିଳାସ ଅନୁକରଣ କରୁଥିବା ଉକ୍ତ ନଦୀକୁ ଝରକା ମଧ୍ୟରୁ ଅବଲୋକନ କରୁଥିଲେ । ୪୦

କ୍ଷୀଣକଟୀ ରମଣୀମାନେ ହେମନ୍ତକାଳର ବସ୍ତ୍ର ପିନ୍ଧି ରଜାଙ୍କର ମନ ମୁଗ୍ଧ କରୁଥିଲେ । ସେହି ବସ୍ତ୍ର ମର୍ମର ଶବ୍ଦ କରୁଥିଲା ଏବଂ ଅଗୁରୁ ଧୂପରେ ସୁଗନ୍ଧିତ ହୋଇଥିଲା । ତାହା ତଳେ ସୁବର୍ଣ୍ଣ-ଅଣ୍ଟାସୂତା ଥିବାର ସ୍ପଷ୍ଟ ଜଣାପଡୁଥିଲା । ରମଣୀମାନେ ଯେତେବେଳେ ନିତମ୍ବର ଏକ ଭାଗରେ ଖୋଷଣି ଭିଡ଼ୁଥିଲେ ବା ଫିଟାଉ ଥିଲେ, ରଜା ଲୋଲୁପ ଦୃଷ୍ଟିରେ ସେହି ଆଡ଼କୁ ଚାହିଁରହୁଥିଲେ । ୪୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अर्पितस्तिमितदीपदृष्टयो गर्भवेश्मसु निवातकुक्षिषु ।
तस्य सर्वसुरतान्तरक्षमाः साक्षितां शिशिररात्रयो ययुः ॥४२
ଅର୍ପିତସ୍ତିମିତଦୀପଦୃଷ୍ଟୟୋ ଗର୍ଭବେଶ୍ମସୁ ନିବାତକୁକ୍ଷିଷୁ ।
ତସ୍ୟ ସର୍ବସୁରତାନ୍ତରକ୍ଷମାଃ ସାକ୍ଷିତାଂ ଶିଶିରରାତ୍ରୟୋ ଯୟୁଃ ॥୪୨

दक्षिणेन पवनेन संभृतं प्रेक्ष्य चूतकुसुमं सपल्लवम् ।
अन्वनैषुरवधूतविग्रहास्तं दुरुत्सहवियोगमङ्गनाः ॥४३
ଦକ୍ଷିଣେନ ପବନେନ ସଂଭୃତଂ ପ୍ରେକ୍ଷ୍ୟ ଚୂତକୁସୁମଂ ସପଲ୍ଲବମ୍ ।
ଅନ୍ୱନୈଷୁରବଧୂତବିଗ୍ରହାସ୍ତଂ ଦୁରୁତ୍ସହବିୟୋଗମଙ୍ଗନାଃ ॥୪୩

ताः स्वमङ्कमधिरोप्य दोलया प्रेङ्खयन् परिजनापविद्धया ।
मुक्तरज्जु निबिडं भयच्छलात् कण्ठबन्धनमवाप बाहुभिः ॥४४
ତାଃ ସ୍ୱମଙ୍କମଧିରୋପ୍ୟ ଦୋଳୟା ପ୍ରେଙ୍ଖୟନ୍ ପରିଜନାପବିଦ୍ଧୟା ।
ମୁକ୍ତରଜ୍ଜୁ ନିବିଡଂ ଭୟଛଳାତ୍ କଣ୍ଠବନ୍ଧନମବାପ ବାହୁଭିଃ ॥୪୪

तं पयोधरनिषिक्तचन्दनैर्मौक्तिकग्रथितचारुभूषणैः ।
ग्रीष्मवेषविधिभिः सिषेविरे श्रोणिलम्बिमणिमेखलैः प्रियाः ॥४५
ତଂ ପୟୋଧରନିଷିକ୍ତଚନ୍ଦନୈର୍ମୌକ୍ତିକଗ୍ରଥିତଚାରୁଭୂଷଣୈଃ ।
ଗ୍ରୀଷ୍ମବେଷବିଧିଭିଃ ସିଷେବିରେ ଶ୍ରୋଣିଲମ୍ବିମଣିମେଖଳୈଃ ପ୍ରିୟାଃ ॥୪୫

यत् स लग्नसहकारमासवं रक्तपाटलसमागमं पपौ ।
तेन तस्य मधुनिर्गमात् कृशश्चित्तयोनिरभवत् पुनर्नवः ॥४६
ଯତ୍ ସ ଲଗ୍ନସହକାରମାସବଂ ରକ୍ତପାଟଳସମାଗମଂ ପପୌ ।
ତେନ ତସ୍ୟ ମଧୁନିର୍ଗମାତ୍ କୃଶଶ୍ଚିତ୍ତୟୋନିରଭବତ୍ ପୁନର୍ନବଃ ॥୪୬

एवमिन्द्रियसुखानि निर्विशन्नन्यकार्यविमुखः स पार्थिवः ।
आत्मलक्षणनिवेदितानृतूनत्यवाहयदनङ्गवाहितः ॥४७
ଏବମିନ୍ଦ୍ରିୟସୁଖାନି ନିର୍ବିଶନ୍ନନ୍ୟକାର୍ଯ୍ୟବିମୁଖଃ ସ ପାର୍ଥିବଃ ।
ଆତ୍ମଲକ୍ଷଣନିବେଦିତାନୃତୂନତ୍ୟବାହୟଦନଙ୍ଗବାହିତଃ ॥୪୭

तं प्रमत्तमपि न प्रभावतः शेकुराक्रमितुमन्यपार्थिवाः ।
आमयस्तु रतिरागसंभवो दक्षशाप इव चन्द्रमक्षिणोत् ॥४८
ତଂ ପ୍ରମତ୍ତମପି ନ ପ୍ରଭବତଃ ଶେକୁରାକ୍ରମିତୁମନ୍ୟପାର୍ଥିବାଃ ।
ଆମୟସ୍ତୁ ରତିରାଗସଂଭବୋ ଦକ୍ଷଶାପ ଇବ ଚନ୍ଦ୍ରମକ୍ଷିଣୋତ୍ ॥୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୀତ କାଳର ରାତ୍ରିମାନେ, ଯେଉଁମାନେ କି ସବୁ ପ୍ରକାର ରତିକ୍ରୀଡ଼ାର ସମୟରୂପେ ଉପଯୁକ୍ତ, ରାଜପ୍ରାସାଦର ମଧ୍ୟବର୍ତ୍ତୀ ଶୀତବାୟୁହୀନ କୋଠରୀମାନଙ୍କରେ ନିଶ୍ଚଳ ପ୍ରଦୀପ ରୂପକ ଦୃଷ୍ଟି ଦ୍ୱାରା ରାଜାଙ୍କ ରତିକ୍ରୀଡ଼ାର ସାକ୍ଷୀ ରହୁଥିଲେ । ୪୨

ଦକ୍ଷିଣା ପବନ ଯେତେବେଳେ ଆମ୍ବଗଛରେ ନୂଆ ପତ୍ର ସହିତ ବଉଳ ଉତ୍ପନ୍ନ କରୁଥିଲା, ସେତେବେଳେ ପ୍ରିୟାମାନେ ପ୍ରଣୟକୋପ ତ୍ୟାଗ କରୁଥିଲେ । ରାଜାଙ୍କୁ ମଧ୍ୟ ସେମାନଙ୍କର ବିରହ ଅସହ୍ୟ ବୋଧ ହେଉଥିଲା । ତେଣୁ ସେମାନେ ଆପେ ଆପେ ଆସି ତାଙ୍କୁ ପ୍ରସନ୍ନ କରୁଥିଲେ । ୪୩

ସେ ଦୋଳିରେ ପ୍ରିୟାମାନଙ୍କୁ ନିଜ କୋଳରେ ବସାଇ ଝୁଲୁଥିଲେ ଏବଂ ଦାସୀମାନେ ଦୋଳି ଝୁଲାଉଥିଲେ । ପ୍ରିୟାମାନେ ଜାଣିଶୁଣି ଦୋଳିରୁ ହାତ ଛାଡ଼ି ଦେଇ, ପଡ଼ିଯିବାର ଛଳନା କରି ବାହୁରେ ରାଜାଙ୍କୁ ଦୃଢ଼ ଭାବରେ ଭିଡ଼ି ଧରୁଥିଲେ । ୪୪

ପ୍ରିୟାମାନେ ସ୍ତନରେ ଚନ୍ଦନ ଲଗାଇ ମୁକ୍ତାବହୁଳ ସୁନ୍ଦର ଅଳଙ୍କାରମାନ ପିନ୍ଧୁଥିଲେ ଏବଂ ନିତମ୍ବରେ ମଣିମୟ ଅଣ୍ଟାସୂତା ଝୁଲାଉଥିଲେ । ଏହିପରି ସେମାନେ ଗ୍ରୀଷ୍ମକାଳଯୋଗ୍ୟ ବେଶ ପରିଧାନ କରି ଅଗ୍ନିବର୍ଣ୍ଣଙ୍କ ସେବା କରୁଥିଲେ । ୪୫

ବସନ୍ତକାଳ ପରେ ତାଙ୍କର କାମପ୍ରବୃତ୍ତି ଯଦି କ୍ଷୀଣ ହୋଇଯାଉଥିଲା, ତେବେ ସେ ଖଣ୍ଡ ଖଣ୍ଡ ଆମ୍ବପତ୍ର ଓ ଲାଲ ପାଟଳିଫୁଲ ମିଶ୍ରିତ ମଦ୍ୟ ପାନ କରୁଥିଲେ । ଫଳରେ ତାଙ୍କର କାମପ୍ରବୃତ୍ତି ପୁଣି ନୂତନ ଶକ୍ତି ଲାଭ କରୁଥିଲା । ୪୬

ଏହିପରି ଭାବରେ ରାଜା ଅଗ୍ନିବର୍ଣ୍ଣ ପ୍ରଜାପାଳନ ଆଦି କର୍ତ୍ତବ୍ୟ କର୍ମ ଛାଡ଼ି କେବଳ ଇନ୍ଦ୍ରିୟ ସୁଖ ଭୋଗ କରିବାରେ ଲାଗିଲେ ଏବଂ ବିଶେଷ ଲକ୍ଷଣ ପ୍ରକାଶ କରି ଆସୁଥିବା ଋତୁମାନଙ୍କୁ ରମଣୀମାନଙ୍କ ସହିତ ଉପଭୋଗ କରିବାରେ ଲାଗିଲେ । ୪୭

ସେ ପ୍ରମାଦଜନକ କାର୍ଯ୍ୟ କରୁଥିଲେ ମଧ୍ୟ ଅନ୍ୟ ରାଜାମାନେ ତାଙ୍କର କୁଳକ୍ରମାଗତ ପ୍ରଭାବ ଯୋଗୁଁ ଆକ୍ରମଣ କରିପାରୁ ନଥିଲେ । କିନ୍ତୁ ଦକ୍ଷ ପ୍ରଜାପତିଙ୍କ ଅଭିଶାପ ଯେପରି ଚନ୍ଦ୍ରଙ୍କୁ କ୍ଷୀଣ କଲା, ଅତ୍ୟଧିକ ରତିକ୍ରୀଡ଼ାଜନିତ କ୍ଷୟରୋଗ (ରାଜଯକ୍ଷ୍ମା) ତାଙ୍କୁ ସେହିପରି କ୍ଷୀଣ କରିବାରେ ଲାଗିଲା । ୪୮

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

दृष्टदोषमपि तन्न सोऽत्यगात् सङ्गमं तु भिषजामनाश्रवः ।
स्वादुभिस्तु विषयैर्हृतस्ततो दुःखमिन्द्रियगणो निवार्यते ॥४९
ଦୃଷ୍ଟଦୋଷମପି ତନ୍ନ ସୋଽତ୍ୟଗାତ୍ ସଙ୍ଗମଂ ତୁ ଭିଷଜାମନାଶ୍ରବଃ ।
ସ୍ୱାଦୁଭିସ୍ତୁ ବିଷଯୈର୍ହୃତସ୍ତତୋ ଦୁଃଖମିନ୍ଦ୍ରିଯଗଣୋ ନିବାର୍ଯ୍ୟତେ ॥୪୯

तस्य पाण्डुवदनाऽल्पभूषणा सावलम्बगमना मृदुस्वना ।
राजयक्ष्मपरिहाणिराययौ कामयानसमवस्थया तुलाम् ॥५०
ତସ୍ୟ ପାଣ୍ଡୁବଦନାଽଲ୍ପଭୂଷଣା ସାବଲମ୍ବଗମନା ମୃଦୁସ୍ୱନା ।
ରାଜଯକ୍ଷ୍ମପରିହାଣିରାଯଯୌ କାମଯାନସମବସ୍ଥଯା ତୁଲାମ୍ ॥୫୦

व्योम पश्चिमकलास्थितेन्दु वा पङ्कशेषमिव घर्मपल्वलम् ।
राज्ञि तत्कुलमभूत् क्षयातुरे वामनार्चिरिव दीपभाजनम् ॥५१
ବ୍ୟୋମ ପଶ୍ଚିମକଳାସ୍ଥିତେନ୍ଦୁ ବା ପଙ୍କଶେଷମିବ ଘର୍ମପଲ୍ୱଲମ୍ ।
ରାଜ୍ଞି ତତ୍କୁଳମଭୂତ୍ କ୍ଷଯାତୁରେ ବାମନାର୍ଚ୍ଚିରିବ ଦୀପଭାଜନମ୍ ॥୫୧

बाढमेषु दिवसेषु पार्थिवः कर्म साधयति पुत्रजन्मने ।
इत्यदर्शितरुजोऽस्य मन्त्रिणः शश्वदूचुरघशङ्किनीः प्रजाः ॥५२
ବାଢମେଷୁ ଦିବସେଷୁ ପାର୍ଥିବଃ କର୍ମ ସାଧଯତି ପୁତ୍ରଜନ୍ମନେ ।
ଇତ୍ୟଦର୍ଶିତରୁଜୋଽସ୍ୟ ମନ୍ତ୍ରିଣଃ ଶଶ୍ୱଦୂଚୁରଘଶଙ୍କିନୀଃ ପ୍ରଜାଃ ॥୫୨

स त्वनेकवनितासखोऽपि सन् पावनीमनवलोक्य सन्ततिम् ।
वैद्ययत्नपरिभाविनं गदं न प्रदीप इव वायुमत्यगात् ॥५३
ସ ତ୍ୱନେକବନିତାସଖୋଽପି ସନ୍ ପାବନୀମନବଲୋକ୍ୟ ସନ୍ତତିମ୍ ।
ବୈଦ୍ୟଯତ୍ନପରିଭାବିନଂ ଗଦଂ ନ ପ୍ରଦୀପ ଇବ ବାଯୁମତ୍ୟଗାତ୍ ॥୫୩

तं गृहोपवन एव सङ्गताः पश्चिमक्रतुविदा पुरोधसा ।
रोगशान्तिमपदिश्य मन्त्रिणः संभृते शिखिनि गूढमादधुः ॥५४
ତଂ ଗୃହୋପବନ ଏବ ସଙ୍ଗତାଃ ପଶ୍ଚିମକ୍ରତୁବିଦା ପୁରୋଧସା ।
ରୋଗଶାନ୍ତିମପଦିଶ୍ୟ ମନ୍ତ୍ରିଣଃ ସଂଭୃତେ ଶିଖିନି ଗୂଢମାଦଧୁଃ ॥୫୪

तैः कृतप्रकृतिमुख्यसंग्रहैराशु तस्य सहधर्मचारिणी ।
साधु दृष्टशुभगर्भलक्षणा प्रत्यपद्यत नराधिपश्रियम् ॥५५
ତୈଃ କୃତପ୍ରକୃତିମୁଖ୍ୟସଂଗ୍ରହୈରାଶୁ ତସ୍ୟ ସହଧର୍ମଚାରିଣୀ ।
ସାଧୁ ଦୃଷ୍ଟଶୁଭଗର୍ଭଲକ୍ଷଣା ପ୍ରତ୍ୟପଦ୍ୟତ ନରାଧିପଶ୍ରିଯମ୍ ॥୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେ ଚିକିତ୍ସକମାନଙ୍କର ଉପଦେଶ ମାନି ଚଳିଲେ ନାହିଁ । ନିଜ ଦୋଷ ନିଜ ଆଖିରେ ଦେଖିଲେ ସୁଦ୍ଧା ଭୋଗ୍ୟ ବସ୍ତୁ ପରିତ୍ୟାଗ କରିପାରିଲେନାହିଁ । କାରଣ, ଭୋଗ୍ୟ ବସ୍ତୁରେ ନିମଜ୍ଜିତ ରହିଥିବା ଇନ୍ଦ୍ରିୟମାନଙ୍କୁ ନିବୃତ୍ତ କରିବା ଅତ୍ୟନ୍ତ କଠିନ । ୪୯

ତାଙ୍କର ମୁଖ ପାଣ୍ଡୁରବର୍ଣ୍ଣ ଦିଶିଲା, ଦେହରେ ଅଳ୍ପ ଭୂଷଣ ରହିଲା, ଚାଲିଲାବେଳେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିଲା ଏବଂ କଣ୍ଠସ୍ୱର କ୍ଷୀଣ ହୋଇଗଲା । ବିରହରେ କାମୁକର ଅବସ୍ଥା ଯେପରି ହୁଏ, ରାଜଯକ୍ଷ୍ମାରେ ତାଙ୍କର ଅବସ୍ଥା ସେହିପରି ହୋଇଗଲା । ୫୦

ରାଜା ଅଗ୍ନିବର୍ଣ୍ଣ କ୍ଷୟରୋଗୀ ହୁଅନ୍ତେ ରଘୁକୁଳ କଳାଏ ମାତ୍ର ଚନ୍ଦ୍ର ଥିବା ଆକାଶ ପରି, ପଙ୍କ ମାତ୍ର ଅବଶିଷ୍ଟ ଥିବା କ୍ଷୁଦ୍ର ଗ୍ରୀଷ୍ମକାଳ-ଜଳାଶୟ ପରି ଏବଂ କ୍ଷୀଣ ଶିଖାଟିଏ ଜଳୁଥିବା ପ୍ରଦୀପ ପରି ମନେ ହେଲା । ୫୧

ରାଜାଙ୍କର କୌଣସି ଅମଙ୍ଗଳ ଘଟିଛି, ପ୍ରଜାମାନେ ଏହି ଆଶଙ୍କା କରିବାରୁ ମନ୍ତ୍ରୀମାନେ ସେମାନଙ୍କୁ ତାଙ୍କର ରୋଗ ବିଷୟ ଜଣାଇଲେ ନାହିଁ । କେବଳ ଜଣାଇଲେ ଯେ ରାଜା ପୁତ୍ର ଲାଭ କରିବା ପାଇଁ ପ୍ରତିଦିନ ପୂଜା, ଜପ ଆଦି କରୁଛନ୍ତି । ୫୨

କିନ୍ତୁ ଅଗ୍ନିବର୍ଣ୍ଣ ବହୁପତ୍ନୀକ ହେଲେ ମଧ୍ୟ କୁଳରକ୍ଷାକାରୀ ସନ୍ତାନର ମୁଖ ଦେଖି ପାରିଲେ ନାହିଁ । ତାଙ୍କର ରୋଗ ବୈଦ୍ୟମାନଙ୍କର ସମସ୍ତ ଯତ୍ନକୁ ବ୍ୟର୍ଥ କରିଦେଲା ଏବଂ ପ୍ରଦୀପ ଯେପରି ବାୟୁର ପ୍ରତିରୋଧ କରିପାରେନାହିଁ, ତାଙ୍କର ପ୍ରାଣ ସେହିପରି ରୋଗକୁ ପ୍ରତିରୋଧ କରିପାରିଲା ନାହିଁ । (ସେ ରୋଗକୁ ଜୟ କରି ନ ପାରି ପ୍ରାଣତ୍ୟାଗ କଲେ ।) ୫୩

ମନ୍ତ୍ରୀମାନେ ଅନ୍ତ୍ୟେଷ୍ଟି କ୍ରିୟାରେ ଅଭିଜ୍ଞ ପୁରୋହିତମାନଙ୍କ ସହିତ ମିଳି ଗୃହ-ଉପବନରେ 'ରୋଗଶାନ୍ତି' କର୍ମ ହେଉଛି ବୋଲି ଛଳନା ପ୍ରସାର କରି ରାଜାଙ୍କ ଶରୀରକୁ ପ୍ରଜ୍ୱଳିତ ଅଗ୍ନିରେ ବିସର୍ଜନ କଲେ । ୫୪

ସୌଭାଗ୍ୟକୁ ଅଗ୍ନିବର୍ଣ୍ଣଙ୍କର ପାଟରାଣୀଙ୍କଠାରେ ଗର୍ଭର ଶୁଭଲକ୍ଷଣ ସ୍ପଷ୍ଟଭାବେ ଦେଖାଯାଉ ଥିଲା । ମନ୍ତ୍ରୀମାନେ ଶୀଘ୍ର ରାଜ୍ୟର ମୁଖ୍ୟ ପ୍ରଜାମାନଙ୍କୁ ଡକାଇ ସମବେତ କଲେ । ପାଟରାଣୀ ସମସ୍ତଙ୍କର ସମ୍ମତିରେ ରାଜଗାଦି ଗ୍ରହଣ କଲେ । ୫୫

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତସ୍ୟାସ୍ତଥାବିଧନରେନ୍ଦ୍ରବିପତ୍ତିଶୋକା
　　ଦୁଷ୍ଣୈର୍ବିଲୋଚନଜଲୈଃ ପ୍ରଥମାଭିତପ୍ତଃ ।
ନିର୍ବାପିତଃ କନକକୁମ୍ଭମୁଖୋଜ୍ଝିତେନ
　　ବଂଶାଭିଷେକବିଧିନା ଶିଶିରେଣ ଗର୍ଭଃ ॥୫୬

ସ୍ୱାମୀଙ୍କ ମୃତ୍ୟୁରେ ବିଳାପ କରୁଥିଲାବେଳେ ରାଣୀଙ୍କର ବିଶାଳ ଚକ୍ଷୁରୁ ଉଷ୍ଣ ଅଶ୍ରୁଧାର ବହି ତାଙ୍କର ଗର୍ଭକୁ ଉଷ୍ଣ କରିଥିଲା । କିନ୍ତୁ କୁଳ-ପ୍ରଚଳିତ ଅଭିଷେକବିଧିରେ ସୁବର୍ଣ୍ଣ କଳସମାନଙ୍କରୁ ଯେଉଁ ଜଳ ବର୍ଷା କରାଗଲା, ସେଥିରେ ତାହା (ଗର୍ଭ) ଶୀତଳତା ଲାଭ କଲା । ୫୬

ତଂ ଭାବାର୍ଥଂ ପ୍ରସବସମୟାକାଙ୍କ୍ଷିଣୀନାଂ ପ୍ରଜାନା
　　ମନ୍ତର୍ଗୂଢଂ କ୍ଷିତିରିବ ନଭୋବୀଜମୁଷ୍ଟିଂ ଦଧାନା ।
ମୌଳୈଃ ସାର୍ଦ୍ଧଂ ସ୍ଥବିରସଚିବୈର୍ହେମସିଂହାସନସ୍ଥା
　　ରାଜ୍ଞୀ ରାଜ୍ୟଂ ବିଧିବଦଶିଷଦ୍ ଭର୍ତୁରବ୍ୟାହତାଜ୍ଞା ॥୫୭

ଶ୍ରାବଣ ମାସରେ ବୁଣା ହୋଇଥିବା ବୀଜକୁ ଭୂମି ଗର୍ଭରେ ଧାରଣ କରିଥାଏ, କିନ୍ତୁ କୃଷକମାନେ ତାହାର ଫଳ-ଉତ୍ପାଦନ ସମୟକୁ ଚାହିଁ ରହି-ଥାଆନ୍ତି । ସେହିପରି ପ୍ରଜାବର୍ଗ ଗର୍ଭବତୀ ରାଣୀଙ୍କର ପ୍ରସବ ସମୟକୁ ଚାହିଁ ରହିଲେ । ରାଣୀ ସୁବର୍ଣ୍ଣ ସିଂହାସନରେ ବସି ବିଶ୍ୱସ୍ତ ବୃଦ୍ଧ ମନ୍ତ୍ରୀମାନଙ୍କ ସହିତ ସ୍ୱାମୀଙ୍କର ରାଜ୍ୟ ଯଥାବିଧି ପାଳନ କଲେ । ତାଙ୍କର ଆଜ୍ଞା ସମସ୍ତଙ୍କର ଶିରୋଧାର୍ଯ୍ୟ ହେଲା । ୫୭

इति श्रीमहाकविकालिदासकृतौ रघुवंशे महाकाव्ये
गर्भाभिषेको नामैकोनविंशः सर्गः ॥

[समाप्तम्]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦାର୍ଥ ସୂଚୀ

ଶବ୍ଦ	ଅର୍ଥ
ଅଂଶୁ	କିରଣ
ଅଂଶୁକ	ବସ୍ତ୍ର
ଅଂସ	କାନ୍ଧ
ଅକୃତକ	ଅକୃତ୍ରିମ
ଅକ୍ଷ	ପଶାକାଠି
ଅକ୍ଷବୀଜ	ରୁଦ୍ରାକ୍ଷ
ଅକ୍ଲୀବତା	ଧୈର୍ଯ୍ୟ
ଅଗ୍ରଜନ୍ମା	ବ୍ରାହ୍ମଣ
ଅଗ୍ର୍ୟ	ଉତ୍ତମ
ଅଘ	ପାପ
ଅଙ୍ଗଦ	ହସ୍ତଭୂଷଣ-ବିଶେଷ
ଅଙ୍ଗୀ	ଅଙ୍ଗବାନ୍, ପ୍ରାଣୀ
ଅଜର	ଜରାହୀନ, ଦେବତା
ଅଜର୍ଯ୍ୟ	ସାହଚର୍ଯ୍ୟ
ଅଜିନ	ଚର୍ମ
ଅଞ୍ଚିତ	ସୁନ୍ଦର, ସୁନ୍ଦରଗୃଲ
ଅଞ୍ଜସା	ଜବରଦସ୍ତ
ଅଟନୀ	ଧନୁଷ୍କୋଟୀ, ଧନୁର ଅଗ
ଅଟ୍ଟ	ଅଟ୍ଟାଳିକା, ବିକଟହାସ୍ୟ
ଅଣ୍ଡଜ	ପକ୍ଷୀ
ଅତିରେକ	ଅତିଶଯ୍ୟ
ଅତିସୃଷ୍ଟ	ପ୍ରଦତ୍ତ
ଅତ୍ୟୟ	ଅବସାନ, ବିନାଶ
ଅତ୍ୟର୍ଥ	ଅତ୍ୟନ୍ତ
ଅଧିକୃତ	କର୍ମଗୃସ୍ଥ
ଅଧୋକ୍ଷଜ	ବିଷ୍ଣୁ
ଅଧ୍ୱଗ	ପଥିକ
ଅଧ୍ୱର	ଯଜ୍ଞ
ଅନଘ	ନିଷ୍ପାପ
ଅନପାୟୀ	ଅବିନାଶୀ
ଅନପୋଢ	ଅପରିତ୍ୟକ୍ତ
ଅନବଦ୍ୟ	ସୁନ୍ଦର, ଦୋଷହୀନ
ଅନବମ	ଅନ୍ୟୂନ, ଉତ୍ତମ
ଅନାଶ୍ରବ	ଅନାୟତ୍ତ
ଅନାଶାସ୍ୟ	ଅଯତ୍ନସିଦ୍ଧ
ଅନର୍ବୃତ	ଦୁଃଖିତ
ଅନୀକ	ସୈନିକ
ଅନୀକିନୀ	ସୈନ୍ୟବାହିନୀ
ଅନୁଗ	ଅନୁଚର
ଅନୁଦ୍ଘାତ	ଉଠପଡ଼ରହିତ
ଅନୁଦ୍ରୁତ	ଅନୁସୃତ
ଅନୁପ୍ଲବ	ଅନୁଚର
ଅନୁବନ୍ଧ	ଉତ୍ତରୋତ୍ତର-ଉନ୍ନତ
ଅନୁବିଦ୍ଧ	ଖଚିତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଅନୁଭାବ	ପ୍ରଭାବ
ଅନୁଶୟ	ମନସ୍ତାପ
ଅନେକପ	ହସ୍ତୀ
ଅନୋକହ	ବୃକ୍ଷ
ଅନ୍ତକ	ଯମ
ଅନ୍ତର୍ବତ୍ନୀ	ଗର୍ଭବତୀ
ଅନ୍ତିକ	ନିକଟ
ଅନ୍ଧତମସ୍	ଘୋର ଅନ୍ଧକାର
ଅନ୍ୟଭୃତ	କୋଇଲି
ଅନ୍ୱର୍ଥ	ଯଥାର୍ଥ
ଅନ୍ୱୟ	ବଂଶ
ଅପ୍	ଜଳ
ଅପଦେଶ	ଛଳ
ଅପବର୍ଜିତ	ଅବନମିତ, ଛେଦିତ
ଅପରାଦ୍ଧ	ଅପରାଧୀ
ଅପରାନ୍ତ	ପଶ୍ଚିମ ଦିଗ
ଅପଶ୍ଚିମ	ଶ୍ରେଷ୍ଠ
ଅପସର୍ପ	ଗୁପ୍ତଚର
ଅପାକୃତ	ଅପସାରିତ
ଅପାଙ୍ଗ	ନେତ୍ରକୋଣ
ଅପାୟ	ଅବସାନ, ବିନାଶ
ଅପାସ୍ତ	ଦୂରୀକୃତ
ଅପୋଢ଼	ପରିତ୍ୟକ୍ତ
ଅବଗ୍ରହ	ମରୁଡ଼ି
ଅବଜ୍ଞାନ	ଅବଜ୍ଞା କରିବା
ଅବିତ୍	ରକ୍ଷକ
ଅବତଂସ	କର୍ଣ୍ଣଭୂଷଣ
ଅବଦାତ	ଶୁଭ୍ର
ଅବଦାନ	ମହତ୍ କର୍ମ

ଶବ୍ଦ	ଅର୍ଥ
ଅବଦ୍ୟ	ନିନ୍ଦନୀୟ
ଅବଧି	ସମସ୍ତ
ଅବଧୀରଣା	ଅବଜ୍ଞା
ଅବଧୂତ	ପ୍ରକମ୍ପିତ
ଅବନ୍ଧ୍ୟ	ସଫଳ
ଅବଭୃଥ	ଯଜ୍ଞାନ୍ତ ସ୍ନାନ
ଅବରଜ	ସାନଭାଇ
ଅବରଜା	ସାନ ଭଉଣୀ
ଅବରୋଧ	ଅନ୍ତଃପୁର, ଅନ୍ତଃପୁରର ସ୍ତ୍ରୀ
ଅବର୍ଣ୍ଣ	ଅପବାଦ
ଅବଲେପ	ଔଦ୍ଧତ୍ୟ
ଅବଷ୍ଟମ୍ଭ	ସ୍ତମ୍ଭ
ଅବାଙ୍ମୁଖ	ଅବନତମୁଖ
ଅବାପ୍ତ	ପ୍ରାପ୍ତ
ଅବିକ୍ରିୟ	ନିର୍ବିକାର
ଅବିତଥ	ସତ୍ୟ, ଯଥାର୍ଥ
ଅବେକ୍ଷଣ	ଦେଖାରେଖା
ଅବ୍ୟାକ୍ଷେପ	ଅବିଳମ୍ବ
ଅଭିଖ୍ୟା	ଶୋଭା
ଅଭିଷଙ୍ଗ	ଅପମାନ-ଜନିତ କ୍ରୋଧ
ଅଭିସଙ୍ଗ	ଆସକ୍ତି
ଅଭୀ	ନିର୍ଭୀକ
ଅଭ୍ୟର୍ଣ୍ଣ	ନିକଟ
ଅଭ୍ୟସୂୟା	ଈର୍ଷା
ଅଭ୍ୟୁକ୍ଷଣ	ସିଞ୍ଚନ
ଅଭ୍ୟୁଚ୍ଛ୍ରିତ	ଅତ୍ୟୁନ୍ନତ
ଅଭ୍ର	ମେଘ, ଆକାଶ
ଅଭ୍ରଂଲିହ	ନଭଶ୍ଚୁମ୍ବୀ
ଅଭ୍ରିତ	ମେଘାଚ୍ଛନ୍ନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଅମର୍ଷଣ	ଅସହିଷ୍ଣୁ
ଅମ୍ଭସ୍	ଜଳ
ଅମ୍ଭସ୍ଥ	ଜଳମଗ୍ନ
ଅରାଳ	କୁଞ୍ଚିତ
ଅରିଷ୍ଟ	ସୂତିକାଗୃହ
ଅରୁନ୍ତୁଦ	ମର୍ମନ୍ତୁଦ
ଅର୍ଗଳ	ପ୍ରତିବନ୍ଧକ
ଅର୍ଚ୍ଚିଷ୍	ଜ୍ୟୋତିଶିଖା
ଅର୍ଥପତି	ରଜା
ଅର୍ଘ୍ୟ	ଅର୍ଘପୂର୍ଣ୍ଣ
ଅର୍ଭକ	ଶିଶୁ
ଅର୍ହ	ଯୋଗ୍ୟ
ଅର୍ହଣା	ଅଭ୍ୟର୍ଥନା
ଅର୍ହତ୍	ପୂଜ୍ୟ
ଅଳକ	କେଶ
ଅଧ୍ୱନ	ପଥ
ଅୟସ୍ତନ	ଲୁହାର ଚକ
ଅୟସ୍	ଲୁହା
ଅୟସ୍କାନ୍ତ	ଚୁମ୍ବକ
ଅୟୋଘନ	ହାତୁଡ଼ି
ଅଶନି	ବଜ୍ର
ଅଶ୍ମ	ପଥର
ଅସକୃତ୍	ବାରମ୍ବାର
ଅସଂଘଟ୍ଟ	ବାଧାସ୍ଥାନ
ଅସାଂପ୍ରତ	ଅନୁଚିତ
ଅସୁ	ପ୍ରାଣ
ଅସ୍ର	ଅଶ୍ରୁ
ଅହ୍ନାୟ	ସହସା
ଆକଳ୍ପ	ଭୂଷଣ
ଆକୀର୍ଣ୍ଣ	ବ୍ୟାପ୍ତ

ଶବ୍ଦ	ଅର୍ଥ
ଆଗମ	ବେଦାଦିଶାସ୍ତ୍ର
ଆଗସ୍	ଅପରାଧ
ଆଗସ୍କୃତ୍	ଅପରାଧୀ
ଆଗ୍ନୀଧ୍ରିକ	ଆଗ୍ନୀଧ୍ରିକର୍ମ, ଶିକ୍ଷାଦେବା
ଆଜି	ଯୁଦ୍ଧ
ଆଜ୍ୟ	ଆହୁତିଘୃତ
ଆତତ	ବିସ୍ତୃତ
ଆତପ	ଖରା
ଆତୋଦ୍ୟ	ବୀଣା
ଆତ୍ତ	ହୃତ
ଆତ୍ତଗନ୍ଧ	ହୃତଗର୍ବ
ଆତ୍ତରତି	ଅନୁରାଗୀ
ଆଦର୍ଶ	ଦର୍ପଣ
ଆଦୃତ	ଆଦରକାଙ୍କ୍ଷୀ
ଆଧୂତ	କମ୍ପିତ
ଆଧୋରଣ	ମାହୁନ୍ତ
ଆନାୟୀ	ଜାଲିଆ
ଆପଣ	ହାଟବଜାର
ଆପଗା	ନଦୀ
ଆପାଦିତ	ସମ୍ପାଦିତ
ଆପୀନ	ସ୍ଥୂଳ
ଆପ୍ତ	ବିଶ୍ୱାସୀ
ଆପ୍ତବାଚ୍	ବେଦ
ଆପ୍ଲୁତ	ଆର୍ଦ୍ର, ବ୍ୟାପ୍ତ
ଆବର୍ଜନ	ନୁଆଁଇବା, ପ୍ରଦାନ
ଆବସଥ	ସ୍ଥାନ
ଆବୃତ୍ତି	ଫେରିବା
ଆଭୁଗ୍ନ	ଈଷତ୍‌ବକ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଆମସ୍ତ	ବେଗ
ଆମୁକ୍ତ	ଧୃତ
ଆୟୋଧନ	ଯୁଦ୍ଧ
ଆୟତ୍ତ	ବିଶାଳ
ଆରମ୍ଭ	ପ୍ରଚେଷ୍ଟା
ଆରାତ୍	ନିକଟରେ
ଆର୍ତ୍ତବୀ	ଋତୁସଂବନ୍ଧୀୟା
ଆଲାନ	ବନ୍ଧନସ୍ତମ୍ଭ
ଆଲୀଢ	କ୍ଷତବିକ୍ଷତ, ଯୁଦ୍ଧ-ରେ ଠିଆହେବାର ଏକ ଠାଣି
ଆଲେଖ୍ୟ	ଚିତ୍ର
ଆଲୋକ	ଦର୍ଶନ
ଆଲୋକଶବ୍ଦ	ଜୟଧ୍ୱନି
ଆଲବାଳ	ଗଛଲତା-ମୂଳର ମନ୍ଦା
ଆଶଂସିତ	ସୂଚିତ
ଆଶା	ଦିଗ
ଆଶୀବିଷ	ସର୍ପ
ଆଶୁଗ	ଶର
ଆସବ	ମଦ୍ୟ
ଆସାର	ବୃଷ୍ଟିଧାରା
ଆସ୍ଫାଳନ	ତାଡନ
ଆହବ	ଯୁଦ୍ଧ
ଆହତ	ନିହତ, କୃତ
ଆହିତାଗ୍ନି	ଯଜ୍ଞଶୀଳ
ଇଜ୍ୟା	ଯଜ୍ଞ
ଇଧ୍ମନ୍	ସମିଧ
ଇଭ	ହସ୍ତୀ
ଇଷୁ	ଶର

ଶବ୍ଦ	ଅର୍ଥ
ଇଷ୍ୱସନ	ଧନୁ
ଈକ୍ଷଣ	ଦୃଷ୍ଟି
ଈଡ୍ୟମାନ	ପୂଜିତ
ଈତି	ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ପତଙ୍ଗ ଓ ଶୁଆ ପକ୍ଷୀ-ମାନଙ୍କର ଉପଦ୍ରବ ଏବଂ ଶତ୍ରୁ ଆକ୍ରମଣ
ଈରିତ	ପ୍ରେରିତ, କମ୍ପିତ
ଉକ୍ଷିତ	ସିଞ୍ଚିତ, ଲିପ୍ତ
ଉଚ୍ଛ୍ରିତ	ଉନ୍ନତ
ଉଚ୍ଛ୍ୱସିତ	ସ୍ଫୁରଣ
ଉଜ୍‌ଝିତ	ତ୍ୟକ୍ତ
ଉଞ୍ଛ	ସାଉଁଟା ଧାନ
ଉଟଜ	କୁଡ଼ିଆ
ଉଡୁ	ତାରକା
ଉଡୁପ	ଭେଳା
ଉଡୁପତି	ଚନ୍ଦ୍ର
ଉଢ	ବହନ କୃତ, ଧୃତ
ଉତ	ଅଥବା
ଉତ୍କୃତ୍ତ	କର୍ତ୍ତିତ, ବିନାଶିତ
ଉତ୍ପତନ	ଲମ୍ଫ
ଉତ୍ପଳ	ପଦ୍ମ
ଉତ୍ତମାଙ୍ଗ	ମସ୍ତକ
ଉତ୍ସଙ୍ଗ	କୋଳ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ଉତ୍ସେକ	ଗର୍ବ	ଉପାବୃତ୍ତ	ପ୍ରତ୍ୟାଗତ
ଉତ୍ସୃଷ୍ଟ	ତ୍ୟକ୍ତ	ଉପାୟନ	ଉପହାର
ଉଦକ୍	ଉତ୍ତରଦିଗ	ଉପାଲମ୍ଭ	ତିରସ୍କାର
ଉଦଗ୍ର	ଉତ୍କୃଷ୍ଟ	ଉପାହରଣ	ଉପହାର
ଉଦନ୍ତ	ବାର୍ତ୍ତା	ଉପାଂଶୁ	ନିର୍ଜନସ୍ଥାନ
ଉଦନ୍ୱତ୍	ସମୁଦ୍ର	ଉପୋଷିତ	ଉପବାସୀ
ଉଦର୍ଚିଷ୍	ପ୍ରଜ୍ୱଳିତ	ଉରସ୍	[illegible]
ଉଦାର	ସୁନ୍ଦର, ବିଶାଳ	ଉରୁ	ବିଶାଳ
ଉଦୀରିତ	ଉଚ୍ଚାରିତ	ଉରୁସତ୍ତ୍ୱ	ବଳବାନ୍
ଉଦ୍‌ବୃତ୍ତ	ବିକ୍ଷୋଭିତ	ଉର୍ଣ୍ଣା	ମେଷାଦିଲୋମ
ଉନ୍ନଦ୍ଧ	ଉତ୍‌ଥିତ	ଉର୍ବୀ	ପୃଥିବୀ
ଉନ୍ମୀଷିତ	ଉନ୍ମୀଳିତ	ଊର୍ମିମାଳୀ	ସମୁଦ୍ର
ଉପକାର୍ଯ୍ୟା	ବସ୍ତ୍ରଭବନ	ଉଲ୍‌କା	ଉଲ୍‌କାମୁଖୀ ଶୃଗାଳୀ
ଉପକ୍ରୋଶ	ନିନ୍ଦା	ଉଲ୍ଲିଖିତ	ଶାଣଦିଆ
ଉପଗୂଢ	ଗୃହୀତ, ଆଲିଙ୍ଗନ	ଉଲ୍ବଣ	ପରିସ୍ଫୁଟ, ପ୍ରକଟ
ଉପଗୂହନ	ଆଲିଙ୍ଗନ	ଉଷସ୍	ପ୍ରାତଃକାଳ
ଉପଘ୍ନତରୁ	ଆଶ୍ରୟବୃକ୍ଷ	ଉସ୍ର	କିରଣ
ଉପଚିତ	ବୃଦ୍ଧିପ୍ରାପ୍ତ	ଉର୍ଜସ୍ୱଳ	ତେଜୋମୟ
ଉପଦା	ଉପହାର	ଉର୍ଜିତ	ତେଜୋଦୀପ୍ତ
ଉପପତ୍ତି	ପ୍ରାପ୍ତି	ଋକ୍ଷ	ଭାଲୁ
ଉପପ୍ଲବ	ଉତ୍ପାତ	ଋଚ୍	ମନ୍ତ୍ର
ଉପପ୍ଲବୀ	ଉତ୍ପାତଗ୍ରସ୍ତ	ଋଜୁ	ସାଧାସିଧା, ସରଳ
ଉପପ୍ଲୁତ	ଉତ୍ପାତଗ୍ରସ୍ତ	ଋଦ୍ଧି	ଧନସମ୍ପଦ
ଉପରୋଧ	ଆବରଣ	ଋତ୍ୱିକ୍	ଯାଜ୍ଞିକ
ଉପଯନ୍ତା	ବର	ଏଣ	ମୃଗ
(ଉପଯନ୍ତୃ)	ବର	ଏଧସ୍	ଇନ୍ଧନ
ଉପଶଲ୍ୟ	ଗ୍ରାମ ବା ନଗରର ଉପାନ୍ତ ସ୍ଥାନ	ଏନସ୍	ପାପ
ଉପାତ୍ତ	ଗୃହୀତ		

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଏଳା	ଅଳେଇଚ
ଐନ୍ଦ୍ରି	ଇନ୍ଦ୍ରପୁତ୍ର ଜୟନ୍ତ
ଓଘ	ପ୍ରବାହ
ଓଜସ୍	ବଳ
ଓଷଧି	ଔଷଧଲତା
ଓଷଧିନାଥ	ଚନ୍ଦ୍ର
ଔଧସ୍ୟ	ଦୁଗ୍ଧ
ଔର୍ବ	ବାଡବାଗ୍ନି
କଙ୍କଟ	ସାଞ୍ଜୁ
କକୁଦ	ଚିହ୍ନ, ଶ୍ରେଷ୍ଠ, ଷଣ୍ଢର ହୁଙ୍କୁଡ଼
କକୁଦ୍ମାନ୍	ଷଣ୍ଢ
କକ୍ଷ	ଶୁଷ୍କତୃଣକାଷ୍ଠାଦି
କଙ୍କପତ୍ର	ଶରମୂଳରେ ଲାଗିଥିବା ପକ୍ଷୀପର
କଟ	କପୋଳ
କଡଙ୍ଗରୀୟ	ଚପୁକୁଣ୍ଡାଖିଆ ପଶୁ
କଥୋଦ୍‌ଘାତ	କଥାବଳୀ
କଦମ୍ବକ	ପେଣ୍ଠା, ସମୂହ
କପିଶ	ପିଙ୍ଗଳବର୍ଣ୍ଣ
କବଳ	ଗ୍ରାସ
କବୋଷ୍ଣ	ଈଷତ୍ ଉଷ୍ଣ
କରଣ	ଇନ୍ଦ୍ରିୟ
କରେଣୁ	ହସ୍ତିନୀ
କରେଣୁକା	କ୍ଷୁଦ୍ରହସ୍ତିନୀ
କର୍ଣ୍ଣୀରଥ	କ୍ଷୁଦ୍ରରଥ
କର୍ଶିତ	କ୍ଷୀଣୀକୃତ
କଳଭ	ହସ୍ତୀଶାବକ

ଶବ୍ଦ	ଅର୍ଥ
କଳମ	ଶାରଦ ଧାନ୍ୟ
କଳାପୀ	ମୟୂର
କଳ୍ପ	ବିଧିବିଧାନ
କାକପକ୍ଷ	ମସ୍ତକର କେଶଶିଖା
କାନ୍ତ	ସୁନ୍ଦର, ସ୍ୱାମୀ
କାମଦୁଘ	ବାଞ୍ଛାପୂର୍ତ୍ତିକାରୀ
କାମ୍ୟା	ଇଚ୍ଛା
କାର୍ଶ୍ୟ	କ୍ଷୀଣତା
କାର୍ତ୍ସ୍ନ୍ୟ	ସମଗ୍ରତା
କାଳ	କୃଷ୍ଣବର୍ଣ୍ଣ
କିଂଶୁକ	ପଳାଶଫୁଲ
କିଞ୍ଜଲ୍କ	କେଶର
କିଣ	କଠିନ କ୍ଷତସ୍ଥାନ
କିରୀଟ	ମୁକୁଟ
କିଲ୍ବିଷ	ପାପ
କୀଚକ	ବାଉଁଶଗଛ
କୁକ୍ଷି	ଅଭ୍ୟନ୍ତର
କୁଞ୍ଜର	ହସ୍ତୀ
କୁଟିମ	ମଣିଖଚିତ ଭୂମି
କୁଡ୍ମଳ	କଳି
କୁଣ୍ଡୋଧ୍ନୀ	କୁଣ୍ଡପରି ବିଶାଳପହ୍ନା ଗାଈ
କୁମାର	କାର୍ତ୍ତିକେୟ
କୁମ୍ଭଯୋନି	ଅଗସ୍ତି
କୁରରୀ	କପୋତୀ
କୁଲ୍ୟା	ଜଳନାଳୀ
କୁଳାପୀଡ଼	କୁଳଶେଖର
କୁଶାଗ୍ରବୁଦ୍ଧି	ସୂକ୍ଷ୍ମବୁଦ୍ଧି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
କୁଶେଶୟ	ପଦ୍ମ
କୂଜିତ	ରବ
କୂଟ	ଶୃଙ୍ଗ
କୃଚ୍ଛ୍ର	କଷ୍ଟ
କୃତ୍ରିମ	କୃତ
କୃଶାନୁ	ଅଗ୍ନି
କୃତ୍ସ୍ନ	ସମଗ୍ର
କେକା	ମୟୂରରବ
କେକୀ	ମୟୂର
କେତୁ	ପତାକା
କେୟୂର	ବାହୁଭୂଷଣ-ବିଶେଷ
କୋଟି	ଅଗ୍ରଭ.ଗ
କୋଶ	କଡ଼ି, ଭଣ୍ଡାର
କୋଷ୍ଣ	ଈଷତ୍ ଉଷ୍ଣ
କୌଲୀନ	ଲୋକାପବାଦ
କୌଶିକ	ବିଶ୍ୱାମିତ୍ର
କ୍ରତୁ	ଯଜ୍ଞ
କ୍ରଥକୈଶିକ	ବିଦର୍ଭ
କ୍ରବ୍ୟାତ୍	ରାକ୍ଷସ
କ୍ରୋଶନ	କ୍ରନ୍ଦନ
କ୍ଲୃପ୍ତ	ସୁରଚିତ, ପ୍ରସାରିତ
କ୍ୱଣିତ	ମଧୁରଧ୍ୱନି
ଖିଲୀକୃତ	ଶୂନ୍ୟୀକୃତ
ଗତ	ଗତି
ଗତଘୃଣ	ନିର୍ଦ୍ଦୟ
ଗଦ	ରୋଗ
ଗନ୍ଧ	ଗର୍ବ
ଗବୟ	ଗାଈପରି ଏକ-ଜାତୀୟ ପ୍ରାଣୀ

ଶବ୍ଦ	ଅର୍ଥ
ଗଭସ୍ତି	କିରଣ
ଗରୁତ୍ମତ୍	ଗରୁଡ
ଗାଧ	ଅଗଭୀର
ଗୁପ୍ତ	ରକ୍ଷିତ
ଗୁଣାଗ୍ର୍ୟବର୍ତ୍ତୀ	ଅତ୍ୟନ୍ତ-ଗୁଣଶାଳୀ
ଗୁହ	କାର୍ତ୍ତିକେୟ
ଗୃଧ୍ନୁ	ଲୋଭୀ
ଗୃଷ୍ଟି	ପ୍ରଥମଥର ପ୍ରସବ କରି-ଥିବା ଗାଈ
ଗୃହମେଧୀ	ଗୃହସ୍ଥ
ଗୃହ୍ୟ	ପୂଜ୍ୟ
ଗେହ	ଗୃହ
ଗୋତ୍ରଭିଦ୍	ଇନ୍ଦ୍ର
ଗୋତ୍ରସ୍ଖଳନ	କଣକର ନାମ କହୁଁ-କହୁଁ ଅନ୍ୟର ନାମ କହି-ପକାଇବା
ଗୋପ୍ତା	ରକ୍ଷକ
ଗୋ	ପୃଥିବୀ, ବାଣୀ
ଗ୍ରୈବେୟ	ଗ୍ରୀବା-ବନ୍ଧନରଜ୍ଜୁ
ଗ୍ଲପିତ	ମ୍ଳାନିକୃତ
ଘଟ୍ଟନ	ଖେଞ୍ଚିବା
ଘର୍ମ	ଗ୍ରୀଷ୍ମକାଳ
ଘୃଣା	ଦୟା
ଘୋଷ	ଗଉଡ ପଲ୍ଲୀ
ଚଟୁଳ	ଚପଳ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଚତୁରସ୍ରଯାନ	ଶିବିକା
ଚତୁଷ୍କ	ଅଗଣା
ଚମୂ	ସୈନ୍ୟବାହିନୀ
ଚଷକ	ମଦ୍ୟପାନ ପାତ୍ର
ଚାମୀକର	ସୁବର୍ଣ୍ଣ
ଚିତ୍ତଯୋନି	କନ୍ଦର୍ପ
ଚୀବର	ଚମ୍ବକନା
ଚୀର	କୌପୀନ
ଚୋଦିତ	ପ୍ରଣୋଦିତ
ଛନ୍ଦସ୍	ବେଦ
ଛିଦୁର	ଛିନ୍ନହେବା-ପ୍ରକୃତି ବିଶିଷ୍ଟ
ଜଙ୍ଗମ	ଗତିଶୀଳ
ଜନ୍ୟା	ମାଆଙ୍କ ସଖୀ
ଜବ	ବେଗ
ଜବନ	ବେଗଶାଳୀ
ଜାମ୍ବୁନଦ	ସୁବର୍ଣ୍ଣ
ଜଳଜ	ଶଙ୍ଖ, ପଦ୍ମ
ଜାତ	ସମୂହ
ଜାତବେଦସ୍	ଅଗ୍ନି
ଜାତ୍ୟ	କୁଳୀନ
ଜିଘାଂସୁ	ମାରିବାକୁ ଇଚ୍ଛୁକ
ଜ୍ୟା	ଧନୁର ଗୁଣ
ଜ୍ୱର	ସନ୍ତାପ
ଟଙ୍କ	ପଥରକଟା-ନିହଣ
ତନୁ	ଅଳ୍ପ, ଶରୀର
ତନ୍ୱୀ	କୃଶାଙ୍ଗୀ, ସୁନ୍ଦରୀ
ତପନୀୟ	ସୁବର୍ଣ୍ଣ
ତମିସ୍ରା	ରାତି
ତମୋନୁଦ	ଚନ୍ଦ୍ର
ତରଳ	ଚପଳ, ସୁନ୍ଦର
ତରସ୍	ଶକ୍ତି, ବଳ
ତରସ୍ୱୀ	ବଳବାନ୍
ତାମରସ	ପଦ୍ମ
ତାମିସ୍ର	ରାକ୍ଷସ
ତାର	ସୁନ୍ଦର
ତାର୍କ୍ଷ୍ୟ	ଗରୁଡ
ତିର୍ଯକ୍	ବକ୍ର
ତୁରାଷାଟ୍	ଇନ୍ଦ୍ର
ତୁଲା	ସାଦୃଶ୍ୟ
ତୋୟଦ	ମେଘ
ତ୍ର୍ୟମ୍ବକ	ଶିବ
ତ୍ରସ୍ନୁ	ଭୟାଳୁ
ତ୍ରିକ	ପିଠି, କାନ୍ଧ
ତ୍ରିଦଶ	ଦେବତା
ତ୍ରିଦଶଗୋପ	ସାଧବବୋହୂ-କୀଟ
ତ୍ରିପଦୀ	ପାଦବନ୍ଧନରଜ୍ଜୁ
ତ୍ରିପିଷ୍ଟପ	ସ୍ୱର୍ଗ
ତ୍ରିଯାମା	ରାତି
ତ୍ୱଚ୍	ଛାଲ, ଚର୍ମ
ତ୍ୱଷ୍ଟା (ତ୍ୱଷ୍ଟୃ)	ବିଶ୍ୱକର୍ମା
ତ୍ୱିଷ୍	ପ୍ରଭା, ଜ୍ୟୋତି
ତ୍ସରୁ	ଖଡ୍ଗ ମୁଷ୍ଟି
ଦତ୍ତି	ଦାନ
ଦନ୍ତପତ୍ର	ପାନଆଁ
ଦବୋଲ୍କା	ବନାଗ୍ନି
ଦମ୍ୟ	ସଂଯତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଦର୍ଭ	କୁଶ
ଦର୍ଶ	ଦର୍ପଣ
ଦର୍ଶାତ୍ୟ ୟେନ୍ଦୁ-	ପ୍ରତିପଦାଚନ୍ଦ୍ର
ଦଂଶ	ଡାଆଁସ
ଦଂଷ୍ଟ୍ରା	ଦାନ୍ତ
ଦାନ	ହାତୀ ଦେହରୁ- ନିଃସୃତ ଜଳ
ଦାନ୍ତ	ସଂଯମୀ
ଦିଦୃକ୍ଷୁ	ଦେଖିବାକୁ- ଇଚ୍ଛୁକ
ଦିବ୍	ସ୍ୱର୍ଗ
ଦିବସମୁଖ	ପ୍ରାତଃକାଳ
ଦିବୌକସ୍	ଦେବତା
ଦିଷ୍ଟାନ୍ତ	ମୃତ୍ୟୁ
ଦିଷ୍ଟି	ଭାଗ୍ୟ
ଦୀର୍ଘିକା	ପୁଷ୍କରିଣୀ
ଦୀଧିତି	କିରଣ
ଦୁକୂଳ	ପଟ୍ଟବସ୍ତ୍ର
ଦୁରତ୍ୟୟ	ଦୁରତିକ୍ରମ୍ୟ
ଦୁରାପ	ଦୁଷ୍ପ୍ରାପ୍ୟ
ଦୁରାସଦ	ଦୁଷ୍ପ୍ରାପ୍ୟ
ଦୁରୋଦର	ପଶାଖେଳ
ଦୁର୍ଜାତ	ବିପଦ
ଦୁର୍ଦ୍ଦିନ	ଧାରାବର୍ଷା, ବର୍ଷାଦିନ
ଦୁର୍ନିମିତ୍ତ	ଅଶୁଭ ଲକ୍ଷଣ
ଦୁଷ୍ପ୍ରବୃତ୍ତି	ଦୁଃସମ୍ବାଦ
ଦୃପ୍ତ	ଉଦ୍ଧତ
ଦୃଷଦ୍	ପଥର

ଶବ୍ଦ	ଅର୍ଥ
ଦେହଭୃତ୍	ପ୍ରାଣୀ
ଦୋଗ୍ଧ୍ରୀ	ଦୁଗ୍ଧବତୀ
ଦୋଷାତନ	ରାତ୍ରିକାଳୀନ
ଦୋହଦ	ସ୍ତ୍ରୀମାନଙ୍କର- ଗର୍ଭାବସ୍ଥା ସମ- ୟର କାମନା
ଦୋହଦଲିଙ୍ଗ	ଗର୍ଭଲକ୍ଷଣ
ଦୋଃ	ବାହୁ
ଦୌର୍ହୃଦ	ଗର୍ଭଲକ୍ଷଣ
ଦ୍ରବରାଗ	ଅଲତା
ଦ୍ରବିଣ	ଧନ
ଦ୍ୱୟସ	ତୁଲ୍ୟ, ସମ- ପରିମାଣ
ଦ୍ୱନ୍ଦ୍ୱ	ଯୋଡ଼ି
ଦ୍ୱିଜିହ୍ୱ	ସର୍ପ
ଦ୍ୱିପ	ହସ୍ତୀ
ଦ୍ୱିରଦ	ହସ୍ତୀ
ଦ୍ୱିରେଫ	ଭ୍ରମର
ଦ୍ୱେଷ୍ୟ	ଶତ୍ରୁ
ଧନଦାନୁଜ	ରାବଣ
ଧିଷ୍ଣ୍ୟ	ସ୍ଥାନ
ଧୂତ	କମ୍ପିତ
ଧୂର୍ଯ୍ୟ	ଅଶ୍ୱ, ବହନ- କାରୀ
ଧୂମକେତନ	ଅଗ୍ନି
ଧୂର୍	ଭାର
ଧ୍ୱଜିନୀ	ସୈନ୍ୟବାହିନୀ
ନକ୍ର	ରାଡ
ନକ୍ତମାଳ	ଚରବିଲ୍ ଗଛ
ନଗ	ପର୍ବତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ନଡ୍ୱଲ	ଶୁଷ୍କତୃଣାଢ୍ୟ-ପୂର୍ଣ୍ଣ ସ୍ଥାନ
ନଦୀଷ୍ଣ	ନଇବୁଡ଼ାଳି
ନଦ୍ଧ	ସଂଲଗ୍ନ, ମଣ୍ଡିତ
ନଭସ୍	ଶ୍ରାବଣମାସ, ଆକାଶ
ନଭସ୍ୟ	ଭାଦ୍ରମାସ
ନଭସ୍ୱାନ୍	ବାୟୁ
ନର୍ମ	ପରିହାସ
ନମ୍ର	ନୀଚ
ନାକ	ସ୍ୱର୍ଗ
ନାଗ	ହସ୍ତୀ
ନିକଷ	କଷଟି ପଥର
ନିକୃତ୍ତ	କର୍ତ୍ତିତ
ନିକେତ	ଗୃହ
ନିଗ୍ରହ	ବଧ, ଦମନ
ନିଗୃହୀତ	ଦଣ୍ଡିତ
ନିଘ୍ନ	ପରାଧୀନ
ନିଧାନ	ଅଭ୍ୟନ୍ତର
ନିନଦ	ସ୍ୱନ, ଧ୍ୱନି
ନିପାନ	ଜଳାଶୟ
ନିବାତ	ବାୟୁହୀନ-ସ୍ଥାନ
ନିବାପ	ପିତୃପୁରୁଷଙ୍କୁ ପ୍ରଦତ୍ତ ତର୍ପଣ-ଅଞ୍ଜଳି
ନିମିତ୍ତ	ଶକୁନ, ଶୁଭାଶୁଭ ଚିହ୍ନ
ନିମ୍ନଗା	ନଦୀ
ନିରାଗସ୍	ନିର୍ଦ୍ଦୋଷ

ଶବ୍ଦ	ଅର୍ଥ
ନିରୀହ	ନିଶ୍ଚେଷ୍ଟ
ନିର୍ଣ୍ଣିକ୍ତ	ଧୌତ
ନିର୍ଧୂତ	ଅପସାରିତ
ନିର୍ବନ୍ଧ	ବାରମ୍ବାର-ଅନୁରୋଧ
ନିର୍ବାଣ	ସ୍ନାନ, ମୋକ୍ଷ, ଅବସାନ, ଲିଭିବା
ନିର୍ବାଦ	ଅପବାଦ
ନିର୍ବିଷ୍ଟ	ଉପଭୁକ୍ତ, ଅନୁଭୂତ
ନିର୍ବୃତି	ଆନନ୍ଦ, ସୁଖ, ଶାନ୍ତି
ନିର୍ବେଶନୀୟ	ଉପଭୋଗ୍ୟ
ନିର୍ମୋକ	ସାପକାତି
ନିୟନ୍ତା (ନିୟନ୍ତୃ)	ସାରଥି
ନିଶାନ୍ତ	ଭବନ
ନିଷକ୍ତ	ସ୍ଥାପିତ
ନିଷଣ୍ଣ	ଆସୀନ, ଶଯ୍ୟାଗତ
ନିଷଙ୍ଗ	ତୂଣୀର
ନିଷଙ୍ଗୀ	ତୂଣୀରଧାରୀ
ନିଷାଦୀ	ଶୋଇଥିବା, ବସିଥିବା
ନିଷେକ	କ୍ଷରଣ, ସିଞ୍ଚନ
ନିଷ୍କୁଷିତ	ଆକର୍ଷିତ
ନିଷ୍କ୍ରୟ	ବିନିମୟରେ ଦତ୍ତ ପଦାର୍ଥ
ନିଷ୍ଠ୍ୟୂତ	କ୍ଷିପ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ନିଷ୍ପ୍ରତିଘ	ପ୍ରତିବନ୍ଧକହୀନ
ନିସର୍ଗ	ପ୍ରକୃତି, ସ୍ୱାଭାବିକତା
ନିସ୍ୟନ୍ଦ	କ୍ଷରଣ
ନୀପ	କଦମ୍ବ ଫୁଲ
ନୀବାର	ବିନାକର୍ଷଣ-ଜାତ ଧାନ୍ୟ
ନୀରାଜନା	ଆଳତି
ନେପଥ୍ୟ	ବେଶ
ନେମି	ଚକର ପରିଧି
ନୈର୍‌ଋତ	ରାକ୍ଷସ
ନ୍ୟଙ୍କୁ	ମୃଗ
ପକ୍ଷ୍ମ	(ଚକ୍ଷୁଲୋମ)
ପଣବନ୍ଧ	ସନ୍ଧି
ପତଙ୍ଗ	ସୂର୍ଯ୍ୟ
ପତଙ୍ଗାନ୍ୱୟ	ସୂର୍ଯ୍ୟବଂଶ
ପତତ୍ରୀ	ପକ୍ଷୀ, ଶର
ପତ୍ତି	ପଦାତି
ପତ୍ରବିଶେଷକ	ପତ୍ରାକୃତି ଚିତ୍ର
ପତ୍ରୀ	ପକ୍ଷୀ, ଶର
ପତ୍ତ୍ରୀ	ପକ୍ଷୀ, ଶର
ପତ୍ରରଥ	ପକ୍ଷୀ
ପଦ୍ଧତି	ପଥ
ପଦ୍ମା	ଲକ୍ଷ୍ମୀ
ପରନ୍ତପ	ଶତ୍ରୁନାଶକ
ପରବାନ୍	ପରାଧୀନ
ପରମ୍ପରା	ଶ୍ରେଣୀ
ପରଭାଗ	ଅନ୍ୟର ସମ୍ପର୍କ-ଜନିତ ଗୁଣୋତ୍କର୍ଷ
ପରଶ୍ୱଧ	ପରଶୁ
ପରାଗ	ଧୂଳି

ଶବ୍ଦ	ଅର୍ଥ
ପରାର୍ଦ୍ଧ୍ୟ	ସର୍ବଶ୍ରେଷ୍ଠ
ପରାସୁ	ମୃତ
ପରିଗ୍ରହ	ପତ୍ନୀ, ପରିଧାନ, ପ୍ରାପ୍ତି
ପରିଘ	ମୁଦ୍‌ଗର, ପ୍ରତିବନ୍ଧକ
ପରିଚ୍ଛଦ	ପରିଜନ
ପରିଣଦ୍ଧ	ଆଲିଙ୍ଗନକାଙ୍କ୍ଷ, ବିଶାଳ
ପରିଣେତା	ସ୍ୱାମୀ
ପରିବର୍ହ	ଉପକରଣ
ପରିବାଦିନୀ	ବୀଣା
ପରିଦେବନ	ବିଳାପ
ପରିବେତ୍ତା	ବଡ଼ ଭାଇ ଅବିବାହିତ ଥାଉଁ-ଥାଉଁ ବିବାହିତ-ସାନଭାଇ
ପରିବାହ	ପ୍ରବାହ
ପରିବେଷ	ମଣ୍ଡଳ
ପରିଭବ	ଅବଜ୍ଞା
ପରିରମ୍ଭ	ଆଲିଙ୍ଗନ
ପରିହାଣି	କ୍ଷୀଣାବସ୍ଥା
ପରୀତ	ବେଷ୍ଟିତ
ପରୀବାଦ	ନିନ୍ଦା
ପରୁଷ	ରୁକ୍ଷ
ପରୁଷେତର	କୋମଳ
ପର୍ଜନ୍ୟ	ମେଘ
ପର୍ବ	ପୂର୍ଣ୍ଣମୀ, ଭଙ୍ଗଭଙ୍ଗ
ପର୍ଯ୍ୟସ୍ତ	ନଷ୍ଟ, ଗତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ପର୍ଯ୍ୟୁତ୍ସୁକ	ଉତ୍କଣ୍ଠିତ
ପଳିତ	ଶୁକ୍ଳକେଶ
ପଲ୍ୱଳ	କ୍ଷୁଦ୍ରଜଳାଶୟ
ପୟସ୍	ଜଳ, ଦୁଗ୍ଧ
ପୟୋମୁଚ୍	ମେଘ
ପଶ୍ଚିମ କରୁ	ଅନ୍ତ୍ୟେଷ୍ଟିକ୍ରିୟା
ପାଂସୁଳ	କୁଳାଙ୍ଗାର
ପାକଶାସନ	ଇନ୍ଦ୍ର
ପାରଦୃଶ୍ୱା	ପାରଦର୍ଶୀ, ଦକ୍ଷ
ପାରପ୍ଲବ	ଚପଳ, ଚଳଚଳ
ପାର୍ଥିବ	ରାଜା
ପାର୍ବଣ	ପୂର୍ଣ୍ଣିମାସମ୍ବନ୍ଧୀୟ
ପାର୍ଷ୍ଣି	ପଛଭାଗ
ପାଶଭୃତ୍	ବରୁଣ
ପିଙ୍ଗ	ପିଙ୍ଗଳବର୍ଣ୍ଣ
ପିଞ୍ଜର	ପିଙ୍ଗଳବର୍ଣ୍ଣ
ପିତୃକାନନ	ଶ୍ମଶାନ
ପିଶିତ	ମାଂସ
ପିଶୁନ	ସୂଚକ
ପିହିତ	ଆଚ୍ଛାଦିତ
ପୀବର	ପୃଥୁଳ
ପୁଙ୍ଖ	ମୂଳ
ପୁଣ୍ୟଜନ	ଯକ୍ଷ
ପୁଣ୍ଡରୀକ	ପଦ୍ମ, ଦିଗ୍‌ଗଜ-ବିଶେଷ
ପୁନ୍ନାଗ	ସବିଯକାଷ୍ଠ
ପୁରଃ	ସମ୍ମୁଖ
ପୁରନ୍ଧ୍ରୀ	କୁଳବଧୂ, ପୁରନାରୀ
ପୁରସ୍କ୍ରିୟା	ଅଭ୍ୟର୍ଥନା, ପୁରସ୍କାର
ପୁରସ୍କୃତ୍	ଅଗ୍ରଗଣ୍ୟ
ପୁରାଣ	ପୁରୁଣା
ପୁରୁହୂତ	ଇନ୍ଦ୍ର
ପୁରୋଗ	ଅଗ୍ରଗାମୀ
ପୁରୋଭାଗୀ	ଦୋଷଦର୍ଶୀ
ପୁରୌକସ୍	ପୁରବାସୀ
ପୁଳିନ୍ଦ	ଜାତିବିଶେଷ, ଶବର
ପୁଷ୍କର	ପଦ୍ମ, ବାଦ୍ୟ-ଭାଣ୍ଡର ମୁଖ
ପୂଗ	ଗୁଆ
ପୂର	ପ୍ରବାହ
ପୃକ୍ତ	ମିଶ୍ରିତ, ସମ୍ପୃକ୍ତ
ପୃଥ୍ୱୀରୁହ୍	ବୃକ୍ଷ
ପୃଥୁ	ବିଶାଳ
ପୃଷତ	ବିନ୍ଦୁ
ପୃଷତ୍କ	ଶର
ପେଷଲ	କୋମଳ
ପୌରସ୍ତ୍ୟ	ପୂର୍ବଦିଗ-ସମ୍ବନ୍ଧୀୟ
ପୌରୋଭାଗ୍ୟ	ଦୋଷଦର୍ଶିତା
ପୌଲସ୍ତ୍ୟ	ରାବଣ
ପ୍ରକାମ	ମନଇଚ୍ଛା
ପ୍ରକୃତି	ପ୍ରଜାବର୍ଗ
ପ୍ରକୋଷ୍ଠ	ହାତଗଣ୍ଠିସ୍ଥାନ
ପ୍ରଚ୍ଛଦ	ଚାଦର
ପ୍ରଜା	ସନ୍ତାନସନ୍ତତି
ପ୍ରଜାବତୀ	ଗର୍ଭବତୀ
ପ୍ରଣବ	ଓଁକାର
ପ୍ରଣିଧି	ଦୂତ
ପ୍ରତିପନ୍ନ	ପ୍ରାପ୍ତ, ପ୍ରମାଣିତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ପ୍ରତିପତ୍ତି	ପ୍ରାପ୍ତି, ଅଭ୍ୟର୍ଥନା, ନିଶ୍ଚିତଭାବ
ପ୍ରତିଯାତନା	ପ୍ରତିକୃତି
ପ୍ରତିଶ୍ରୁତ୍	ପ୍ରତିଧ୍ୱନି
ପ୍ରତିଷ୍ଟମ୍ଭ	ଅଚଳଅବସ୍ଥା
ପ୍ରତୀତ	ହୃଷ୍ଟ
ପ୍ରତୀକ୍ଷ୍ୟ	ପୂଜ୍ୟ
ପ୍ରତ୍ୟନ୍ତ	ପ୍ରାନ୍ତଭାଗ
ପ୍ରତ୍ୟବହାର	ପ୍ରଳୟ
ପ୍ରତ୍ୟୟ	ହେତୁ, ବିଶ୍ୱାସ
ପ୍ରତ୍ୟାଦିଷ୍ଟ	ପ୍ରତ୍ୟାଖ୍ୟାତ, ନିରର୍ଥକୀକୃତ
ପ୍ରତ୍ୟୁଦ୍ଯାତ	ପାଛୋଟିନିଆ- ହେବା ବ୍ୟକ୍ତି
ପ୍ରଦିଷ୍ଟ	ନିର୍ଦ୍ଦିଷ୍ଟ, ଆଦିଷ୍ଟ
ପ୍ରଧନ	ଯୁଦ୍ଧ
ପ୍ରଫୁଲ୍ଲ	ବିକଶିତ
ପ୍ରବୃତ୍ତି	ସଂବାଦ
ପ୍ରମନସ୍	ଆନନ୍ଦିତ
ପ୍ରମନ୍ୟୁ	କ୍ରୁଦ୍ଧ
ପ୍ରଯତ	ସଂଯତ
ପ୍ରରୋହ	ଅଙ୍କୁର, ଓହଳ
ପ୍ରସ୍ଥ	ବନସ୍ଥ
ପ୍ରସକ୍ତ	ନିରବଚ୍ଛିନ୍ନ
ପ୍ରସବ	ସନ୍ତାନ
ପ୍ରସଭ	ଜବରଦସ୍ତ
ପ୍ରସାଧିକା	ବେଶକାରିଣୀ
ପ୍ରସିତ	ବ୍ୟାପୃତ, କର୍ମରତ

ଶବ୍ଦ	ଅର୍ଥ
ପ୍ରସୂତି	ସନ୍ତାନସନ୍ତତି
ପ୍ରସ୍ତୁତ	ପ୍ରକୃତ କଥା
ପ୍ରହିତ	ପ୍ରେରିତ, ନିହିତ
ପ୍ରହୃତ	ପ୍ରହାର, ଆଘାତ
ପ୍ରହ୍ୱ	ବିନୀତ
ପ୍ରାଂଶୁ	ଡେଙ୍ଗା, ଉଚ୍ଚ
ପ୍ରାଗ୍‌ବଂଶ	ଯଜ୍ଞଶାଳା
ପ୍ରାଗହର	ଶ୍ରେଷ୍ଠ
ପ୍ରାଚୀନବର୍ହିଷ୍	ଇନ୍ଦ୍ର, ତନ୍ନାମକ ରାଜା
ପ୍ରାଚେତସ୍	ବାଲ୍ମୀକି
ପ୍ରାଣଭୃତ୍	ପ୍ରାଣୀ
ପ୍ରାବୃଷ୍	ବର୍ଷାକାଳ
ପ୍ରାବୃଷେଣ୍ୟ	ବର୍ଷାକାଳୀନ
ପ୍ରାୟୋପ- ବେଶନ	ଅନ୍ନଜଳତ୍ୟାଗ
ପ୍ରାଲମ୍ବ	ଉରସ୍ଥ
ପ୍ଲକ୍ଷ	ବରଗଛ
ପ୍ଲବଗ	ମର୍କଟ
ଫଳିନୀ	ଫଳଯୁକ୍ତା
ବଂଶ	ବାଉଁଶ ଗଛ, କୁଳ
ବକ୍ତ୍ର	ମୁଖ, ତୁଣ୍ଡ
ବନେଚର	ସଳଖ
ବଜ୍ର	ହୀରା, ମଣି- ଭେଦକ ଛୁଞ୍ଚି
ବନାୟୁଦେଶ୍ୟ	ପାରସ୍ୟ- ଦେଶୀୟ
ବନ୍ଦୀ	ସ୍ତୁତିପାଠକ
ବନ୍ଧୁଜୀବ	ବଧୂଲି ଫୁଲ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ବନ୍ଧ୍ୟ	ନିଷ୍ଫଳ
ବପ୍ର	ପ୍ରାଚୀର, ଉଚ୍ଚସ୍ଥାନ
ବପ୍ରକ୍ରିୟା	ପର୍ବତ, ନଦୀବନ୍ଧ ପ୍ରଭୃତିରେ ଶିଙ୍ଗ ଭୂଷି ବୃଷଭ, ହସ୍ତୀ ପ୍ରଭୃତି ପ୍ରାଣୀମାନଙ୍କର ଖେଳ
ବଭ୍ରୁ	ପିଙ୍ଗଳବର୍ଣ୍ଣ
ବୟସ୍	ପକ୍ଷୀ
ବରୂଥ	ରଥଆଚ୍ଛାଦନୀ
ବରୂଥୀ	ରଥୀ
ବରୂଥିନୀ	ରଥ ବହୁଳ ସୈନ୍ୟବାହିନୀ
ବର୍ଚ୍ଚସ୍	ତେଜ
ବର୍ଣ୍ଣ	ଯଶ, ଅକ୍ଷର
ବର୍ଣ୍ଣୀ	ବ୍ରହ୍ମଚାରୀ
ବର୍ତ୍ମ	ବାଟ
ବର୍ଷ୍ମ	ଶରୀର ପରିମାଣ
ବଳଭିତ୍	ଇନ୍ଦ୍ର
ବଳାହକ	ମେଘ
ବଳି	ପୂଜାଦ୍ରବ୍ୟ
ବଳୀ	ଭଙ୍ଗୀ, ଭାଙ୍ଗଭୁଙ୍ଗ
ବଲ୍‌ଗନ	ଘୋଡ଼ାର କଦମ୍ ଗତି
ବଲ୍‌ଗୁ	ସୁନ୍ଦର
ବଲ୍ଲକୀ	ବୀଣା
ବଶୀ	ସଂଯମୀ

ଶବ୍ଦ	ଅର୍ଥ
ବସୁ	ଧନ
ବସ୍ୱୌକସାରା	ଅଳକାପୁରୀ
ବହୁଳକ୍ଷପା	କୃଷ୍ଣପକ୍ଷରାତି
ବାଗୁରିକ	ଜାଲିଆ
ବାଚ୍ୟ	ନିନ୍ଦା
ବାଜି	ଘୋଡ଼ା
ବାଣିନୀ	ସ୍ୱଚ୍ଛନ୍ଦ ବିଚରଣ-କାରିଣୀ ମତ୍ତଳା
ବାନୀରବନ	ବେତବନ
ବାନ୍ତ	ଚ୍ୟୁତ
ବାମୀ	ଘୋଟକୀ
ବାୟୁରୁଗ୍ଣ	ବାୟୁଭଗ୍ନ
ବାରବାଣ	ସାଞ୍ଜୁ
ବାରି	ହସ୍ତୀବନ୍ଧନସ୍ଥାନ
ବାର୍ତ୍ତ	କୁଶଳ
ବାର୍ତ୍ତା	କୃଷିଗୋପାଳନ-ଆଦି କର୍ମ
ବାଳବ୍ୟଜନ	ଚାମର
ବାଲେୟ	ପୂଜାଦ୍ରବ୍ୟ
ବାଶିତା	ହସ୍ତିନୀ
ବାସ୍ତୁବିଦ୍ୟା	ଗୃହନିର୍ମାଣ-ବିଦ୍ୟା
ବାହ	ଅଶ୍ୱ
ବିକଙ୍କତ	ଯଜ୍ଞପାତ୍ର-ବିଶେଷ
ବିକତ୍ଥନ	ଆତ୍ମପ୍ରଶଂସା
ବିକୁଣ୍ଠିତ	ମୁଣ୍ଡା, ଧାରହୀନ
ବିକୃଷ୍ଟ	ଆକର୍ଷିତ
ବିକ୍ରିୟା	ବିକାର, ପ୍ରତିକ୍ରିୟା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ବିକ୍ଳବ	ଭୟଭୀତ, ବ୍ୟାକୁଳ
ବିଗମ	ଅବସାନ, କ୍ଷୟ
ବିଗାହନ	ସ୍ନାନ, ଜଳକ୍ରୀଡ଼ା
ବିଗ୍ରହ	ମାନ, କଳହ, ଯୁଦ୍ଧ, ଶରୀର
ବିଘଟ୍ଟନ	ଫିଟାଇବା
ବିଚିତ	ଅନ୍ୱେଷିତ
ବିଚେଷ୍ଟିତ	କାର୍ଯ୍ୟକଳାପ
ବିଚେୟ	ଅଲକ୍ଷ
ବିଜିହ୍ମ	ବକ୍ର
ବିଜୃମ୍ଭଣ	ବିକାଶ, ପ୍ରସ୍ଫୁଟନ, ପ୍ରସାରଣ
ବିଟପ	ଶାଖା
ବିଟପୀ	ଗଛ
ବିଡୌଜସ୍	ଇନ୍ଦ୍ର
ବିତତ	ବିସ୍ତୃତ
ବିତଥ	ବ୍ୟର୍ଥ, ମିଥ୍ୟା
ବିତାନ	ଚନ୍ଦ୍ରୁଆ
ବିଦ୍ରୁତ	ପଳାୟିତ
ବିଦ୍ରୁମ	ପୋହଳା
ବିଧେୟ	ଅଧୀନ
ବିନୟ	ସଂସ୍କୃତି, ସଦ୍‌ଗୁଣାବଳୀ
ବିନୀତ	ଶିକ୍ଷିତ, ଦୂରୀକୃତ
ବିପଣି	ହାଟ ବଜାର
ବିପଶ୍ଚିତ	ବିଦ୍ୱାନ୍
ବିପ୍ରକୃତ	ନିଷ୍ପୀଡ଼ିତ, ପ୍ରତାରିତ
ବିପ୍ରଯୋଗ	ବିଚ୍ଛେଦ

ଶବ୍ଦ	ଅର୍ଥ
ବିପ୍ରକୃଷ୍ଟ	ଦୂରବର୍ତ୍ତୀ
ବିପ୍ରୋଷିତ	ପ୍ରବାସକୁ ଗତ
ବିବସ୍ୱାନ୍	ସୂର୍ଯ୍ୟ
ବିବଗ୍ନ	ଉଦ୍‌ବିଗ୍ନ, ଭୀତ
ବିବୃତ	ଖୋଲା, ମୁକ୍ତ
ବିଭାବସୁ	ଅଗ୍ନି
ବିଭାତ	ପ୍ରଭାତ
ବିଭୂତି	ସମ୍ପଦ
ବିଭ୍ରମ	ବିଳାସ, କାମ-ଭାବପୂର୍ଣ୍ଣ ଆଚରଣ
ବିମାନନା	ଅବମାନନା
ବିରକ୍ତ	ବିଶେଷ ରକ୍ତବର୍ଣ୍ଣ
ବିରଜସ୍କ	ଧୂଳିରହିତ
ବିରୁତ	ରବ
ବିରୂଢ଼	ଉତ୍ପନ୍ନ
ବିଲୋକନ	ଚାହାଁଣି
ବିଲୋକିତ	ଚାହାଁଣି
ବିଶାଂପତି	ରାଜା
ବିଶିଖ	ଶର
ବିଶ୍ରାଣନ	ପ୍ରଦାନ
ବିଷାଣ	ଶୃଙ୍ଗ
ବିଷ୍ଟର	ଆସନ
ବିଷ୍ଟପତ୍ରୟ	ତ୍ରିଭୁବନ
ବିଷ୍ଣୁପଦ	ଆକାଶ
ବିଷ୍ୱକ୍‌ସେନ	ବିଷ୍ଣୁ
ବିସର୍ଗ	ତ୍ୟାଗ
ବିସର୍ଜନ	ତ୍ୟାଗ, ବିତରଣ
ବିସୃଷ୍ଟ	ପ୍ରଦତ୍ତ, ତ୍ୟକ୍ତ
ବିସର୍ପୀ	ବିସ୍ତାରଶୀଳ
ବିସ୍ଫୂର୍ଜଥୁ	ଘନଘନ-ଉଦ୍‌ବେଳନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ବିଧ୍ୱସ୍ତ	ଅସ୍ତବ୍ୟସ୍ତ
ବୀଚି	ତରଙ୍ଗ
ବୀତ	ଗତ, ନିଃଶେଷ
ବୀଥି	ମାର୍ଗ
ବୀରୁଧ୍	ଲତା
ବୃଜିନ	ପାପ
ବୃତ୍ତ	ଆଚରଣ, ଚରିତ, ବର୍ତ୍ତୁଳ
ବୃଷଧ୍ୱଜ	ଶିବ
ବୃଷସ୍ୟନ୍ତୀ	ପୁରୁଷ ଇଚ୍ଛା-କରୁଥିବା ସ୍ତ୍ରୀ
ବୃଷା	ଇନ୍ଦ୍ର
ବୃଂହିତ	ହସ୍ତୀରବ
ବେଜିତ	ପୀଡ଼ିତ, ଭୀତ
ବେପଥୁ	କମ୍ପ, ଶିହରଣ
ବେପମାନ	କମ୍ପମାନ
ବେଶ୍ମ	ଗୃହ
ବେଷ୍ଟନ	ପଗଡ଼ି
ବୈଖାନସ	ଋଷି
ବୈଜୟନ୍ତୀ	ପତାକା
ବ୍ରଜ	ସମୂହ
ବ୍ରତତି	ଲତା
ବ୍ରାତ	ସମୂହ
ବ୍ୟକ୍ତି	ବିବେଚନା
ବ୍ୟତିକର	ସଂପର୍କ
ବ୍ୟପଦେଶ	ଛଳ
ବ୍ୟପାୟ	କ୍ଷୟ
ବ୍ୟଭ୍ର	ମେଘମୁକ୍ତ
ବ୍ୟଳୀକ	ଦୁଃଖ, କ୍ଲେଶ
ବ୍ୟସନ	ବିପତ୍ତି
ବ୍ୟସ୍ତ	ବିଭକ୍ତ
ବ୍ୟାଜ	ଛଳ
ବ୍ୟାବୃତ୍ତ	ନିବୃତ୍ତ
ବ୍ୟାୟତ	ଦୀର୍ଘ
ବ୍ୟାଳ	ସର୍ପ
ବ୍ୟାହୃତ	ବଚନ
ବ୍ୟୂଢ	ବିଶାଳ
ଭକ୍ତି	ଗୁଚ୍ଛାହେବା, ଗାରଗାର ଚିହ୍ନ, ସାଜସଜା
ଭଙ୍ଗି	ପାହାଚ
ଭର୍ମନ୍	ରକ୍ଷଣ, ପାଳନ
ଭବ	ମଙ୍ଗଳ, ସଂପଦ
ଭିଷଗ୍	ବୈଦ୍ୟ
ଭିନ୍ନ	ଦୂରୀକୃତ, ବିକଶିତ
ଭୁଜିଷ୍ୟା	କିଙ୍କରୀ, ଦାସୀ
ଭୂତି	ସଂପଦ
ଭୂୟିଷ୍ଠ	ବିପୁଳ
ଭୃଙ୍ଗ	ଭ୍ରମର
ଭୃତ୍ୟା	ପାଳନପୋଷଣ
ଭୋଗୀ	ସର୍ପ
ଭୋଜ୍ୟା	ଭୋଜଙ୍କ ଭଉଣୀ
ମଖ	ଯଜ୍ଞ
ମଧୁଲିହ୍	ଭ୍ରମର
ମନ୍ୟୁ	କ୍ରୋଧ
ମନ୍ଦୁରା	ଅଶ୍ୱଶାଳା
ମରୁତ୍	ପବନ, ଦେବତା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ମରୁତ୍‌ସଖ	ଅଗ୍ନି
ମହିତ	ପୂଜିତ
ମହୀକ୍ଷିତ୍	ରାଜା
ମହୋକ୍ଷ	ବୃଷଭ
ମହୌଜସ୍	ବଳବାନ୍
ମାର୍ଦ୍ଦବ	କୋମଳତା
ମିତ	ଅଳ୍ପ
ମିଥଃ	ଏକାନ୍ତରେ
ମୁଷିତ	ଚୋରିତ
ମୂଳାୟତନ	ମୂଳସ୍ଥାନ
ମେଖଳା	ଅଣ୍ଟାସୂତା
ମେଧ	ପର୍ବଦ
ମୋହନ	ରତିକ୍ରୀଡ଼ା
ମୌର୍ବୀ	ଧନୁରଗୁଣ
ମୌଳ	ମୁଖ୍ୟ
ଯଜ୍ୱନ୍	ଯାଜ୍ଞିକ
ଯଦୃଚ୍ଛା	ସ୍ୱଇଚ୍ଛାରେ
ଯନ୍ତା (ଯନ୍ତୃ)	ସାରଥି, ମାହୁନ୍ତ
ଯବୀୟସୀ	କନିଷ୍ଠା
ଯମବାନ୍	ସଂଯମୀ
ଯାଜ୍ୟ	ଯଜମାନ
ଯାତୁଧାନ	ରାକ୍ଷସ
ଯାଦସ୍	ଜଳ, ଜଳଜନ୍ତୁ
ଯାଦୋନାଥ	ବରୁଣ
ଯୁଗ	ଜୁଆଳି, ଯୋଡ଼ି
ଯୁଗପତ୍	ଏକସମୟରେ
ଯୁଗ୍ୟ	ଅଶ୍ୱ
ଯୂପ	ଯଜ୍ଞସ୍ତମ୍ଭ
ଯୋଧ	ଯୋଦ୍ଧା

ଶବ୍ଦ	ଅର୍ଥ
ଯୋନି	ମୂଳକାରଣ
ରଂହ	ବେଗ
ରଜସ୍	ଧୂଳି, ପରାଗ, ରଜୋଗୁଣ
ରତ	ରତିକ୍ରୀଡ଼ା
ରଥାଙ୍ଗନାମା	ଚକ୍ରବାକପକ୍ଷୀ
ରଦନ	ଦନ୍ତ
ରଭସ୍	ବେଗ
ରୟ	ବେଗ, ପ୍ରବାହ
ରଶନା	ଅଣ୍ଟାସୂତା
ରହସ୍	ଗୋପନ, ଏକାନ୍ତ ସ୍ଥାନ
ରାଗ	ରକ୍ତିମା
ରାଜିଲ	ଧଣ୍ଡସାପ
ରୁରୁ	ଏକଜାତୀୟ-ମୃଗ
ରୂଢ଼	ପ୍ରସିଦ୍ଧ
ରୂଷିତ	ବିଚ୍ଛୁରିତ
ରେଚିତ	ରିକ୍ତୀକୃତ, ଶୂନ୍ୟୀକୃତ
ରୋଧସ୍	ତୀର, ତଟ
ରୌରବୀ ତ୍ୱଚ୍	ରୁରୁମୃଗର-ଚର୍ମ
ଲକ୍ଷ୍ମ	ଚିହ୍ନ
ଲଘୁ	କ୍ଷିପ୍ର, ହାଲୁକା, ସୁନ୍ଦର, ସଂକ୍ଷିପ୍ତ
ଲବ	ବିନ୍ଦୁ
ଲଳିତ	କୋମଳ
ଲଲାମ	ରତ୍ନ
ଲାଜ, ଲାଜା	ଖଇ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ଲାଞ୍ଛନ	ଚିହ୍ନ
ଲାଞ୍ଛିତ	ଚିହ୍ନଯୁକ୍ତ
ଲୀଳା	ଶୋଭା, କ୍ରୀଡ଼ା, ଅନାୟାସ
ଲୀଳାଗାର	କ୍ରୀଡ଼ାଗାର
ଲୂନ	ଛିନ୍ନ
ଲୋଳ	ଚପଳ
ଲୋଷ୍ଟ୍ର	ମାଟିଢେଲା
ଲୌଲ୍ୟ	ଚପଳତା
ଶକଳ	ଖଣ୍ଡ
ଶଙ୍କୁ	ଗୋଜ
ଶତକୋଟି	ବଜ୍ର
ଶତକ୍ରତୁ	ଇନ୍ଦ୍ର
ଶତହ୍ରଦା	ବିଜୁଳି
ଶବଳ	ଚିତ୍ରବିଚିତ୍ର
ଶରଜନ୍ମା	କାର୍ତ୍ତିକେୟ
ଶରଦ୍	ଶରଦଋତୁ, ବର୍ଷ
ଶର୍ମନ୍	ମଙ୍ଗଳ
ଶଶ୍ୱତ୍	ସର୍ବଦା
ଶସ୍ତ୍ରଭୃତ୍	ଶସ୍ତ୍ରଧାରୀ
ଶାଖୀ (ଶାଖିନ୍)	ବୃକ୍ଷ
ଶାତନ	ଛେଦକ, ଛେଦନ
ଶାତୋଦରୀ	କ୍ଷୀଣକଟୀ ସ୍ତ୍ରୀ
ଶାଦ୍ୱଳ	ତୃଣ
ଶାର	ସୁନ୍ଦର
ଶାର୍ଙ୍ଗ	ଧନୁ
ଶାର୍ଙ୍ଗୀ	ବିଷ୍ଣୁ
ଶାଳି	ଶାରଦ ଧାନ
ଶାସନହାରୀ	ଦୂତ
ଶିଖଣ୍ଡ	ମୟୂର ଚୂଳ
ଶିଖଣ୍ଡୀ	ମୟୂର
ଶିଖରୀ	ପର୍ବତ
ଶିଖୀ	ଅଗ୍ନି
ଶିଞ୍ଜିତ	ରୁଣୁଝୁଣୁ ଶବ୍ଦ, ମଧୁର ଧ୍ୱନି
ଶିତ	ତୀକ୍ଷ୍ଣ
ଶିବା	ଶୃଗାଳୀ
ଶିରସ୍ତ୍ର	ଲୁହାଟୋପି, ଶିରସ୍ତ୍ରାଣ
ଶିଳୀମୁଖ	ଶର
ଶୀକର	ଜଳବିନ୍ଦୁ
ଶୀଧୁ	ପୁରୁଣା ଆଖୁ-ରସର ମଦ
ଶୀର୍ଯ୍ୟମାଣ	ଶୀର୍ଣ୍ଣ ବଶୀର୍ଣ୍ଣ-ହୋଇଯାଉଥିବା
ଶୁକ୍ତି	ଶାମୁକା
ଶୁଚ୍	ଶୋକ
ଶୁଚି	ଗ୍ରୀଷ୍ମକାଳ, ପବିତ୍ର
ଶୁଦ୍ଧାନ୍ତ	ଅନ୍ତଃପୁର
ଶୁଭଂଯୁ	ମଙ୍ଗଳକର
ଶୈଳେୟ	ଶିଉଳି
ଶ୍ରୁତି	ବେଦଜ୍ଞ
ଶ୍ରୋଣି	ଜଙ୍ଘ
ଶ୍ରୋତ୍ରିୟ	ବେଦଜ୍ଞ ବ୍ରାହ୍ମଣ
ଶ୍ରୋତ୍ର	କାନ
ଶ୍ଲଥ	ଶିଥିଳ
ଶ୍ଲାଘ୍ୟ	ପ୍ରଶଂସନୀୟ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ	ଶବ୍ଦ	ଅର୍ଥ
ସଂଗର	ପ୍ରତିଜ୍ଞା	ସତ୍ତ୍ୱ	ପ୍ରାଣୀ, ଆଚରଣ, ବଳ
ସଂଘାତ	ସମାହାର, ସମୂହ	ସତ୍ର	ଯଜ୍ଞ
ଶ୍ୱଗଣି	କୁକୁରଦଳ-ପାଳକ	ସଦସ୍	ସଭାସ୍ଥଳ
ଷଟ୍‌ପଦ	ଭ୍ରମର	ସଦ୍ମ	ଗୃହ
ଷଟ୍‌ପଦାଳି	ଭ୍ରମରଶ୍ରେଣୀ	ସଧର୍ମା	ସମାନ, ତୁଲ୍ୟ
ଷଡ଼୍‌ଜ	ସ୍ୱରବିଶେଷ	ସନାଥ	ସଂଯୁକ୍ତ
ସଂବନନ	ବଶୀକରଣ	ସନ୍ତତ	ଅବିଚ୍ଛିନ୍ନତା
ସମ୍ବିଦ୍	ଯୁଦ୍ଧ	ସନ୍ତାନକ	କଳ୍ପବୃକ୍ଷର-ଫୁଲ
ସମ୍ବିଧା	ସାମଗ୍ରୀ	ସନ୍ଧା	ପ୍ରତିଜ୍ଞା
ସମ୍ବିଷ୍ଟ	ନିଦ୍ରିତ	ସନ୍ଧାନ	ଯୋଡ଼ିହେବା
ସଂବୃତ	ଗୁପ୍ତ, ବନ୍ଦ	ସନ୍ନ	ସ୍ୱେଦଯୁକ୍ତ
ସମ୍ବେଶ	ନିଦ୍ରା	ସନ୍ନଦ୍ଧ	ସଂଜାତ, ଉନ୍ନତ
ସଂଭୃତ	ସଂଗୃହୀତ, ସଞ୍ଚିତ, ବର୍ଦ୍ଧିତ	ସନ୍ନିକୃଷ୍ଟ	ନିକଟବର୍ତ୍ତୀ
ସଂଯତ୍	ଯୁଦ୍ଧ	ସନ୍ନିଭ	ତୁଲ୍ୟ
ସଂଯୁଗ	ଯୁଦ୍ଧ	ସପଦି	ସହସା
ସଂଯତ	ବନ୍ଦୀ	ସପତ୍ନ	ଶତ୍ରୁ
ସଂରମ୍ଭ	କ୍ରୋଧ	ସପର୍ଯ୍ୟା	ପୂଜା
ସଂରବ୍ଧ	କ୍ରୁଦ୍ଧ	ସପ୍ତସପ୍ତି	ସୂର୍ଯ୍ୟ
ସଂସ୍ତର	ଶଯ୍ୟା	ସପ୍ରସବ	ସହୋଦର
ସଂସ୍ଥିତ	ମୃତ	ସବନ	ଯଜ୍ଞ
ସଂସକ୍ତ	ମିଶ୍ରିତ	ସବ୍ୟ	ବାମ
ସଂସ୍କ୍ରିୟା	ପରିଷ୍କାର-ପରିଚ୍ଛନ୍ନ-କରିବା	ସବ୍ୟେତର	ଦକ୍ଷିଣ
ସଂହିତ	ଲକ୍ଷ୍ୟକୃତ	ସଭାଜନ	ସମ୍ମାନିତ-କରିବା
ସକାଶ	ନିକଟ	ସମା	ବର୍ଷ
ସକୃତ୍	ଥରେମାତ୍ର	ସମାଧି	କାରଣ-ସାମଗ୍ରୀ
ସଙ୍ଗୀ	ଆସକ୍ତ		

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ସମୁଦ୍ରନେମି	ପୃଥିବୀ
ସମୁଚ୍ଛ୍ରୟ	ଉଚ୍ଚତା, ଉନ୍ନତ
ସମ୍ପରାୟ	ଯୁଦ୍ଧ
ସମ୍ଭାବନ	ଅଭ୍ୟର୍ଥନା
ସମ୍ମର୍ଦ୍ଦ	ଭିଡ଼, ଗହଳି
ସମ୍ମିତ	ତୁଲ୍ୟ
ସରଘା	ମହୁମାଛି
ସରସ୍	ପୁଷ୍କରିଣୀ
ସର୍ଗ	ସୃଷ୍ଟି, ସିଦ୍ଧାନ୍ତ
ସଲୀଳ	ଅନାୟାସରେ
ସସତ୍ତ୍ୱା	ଅନ୍ତଃସତ୍ତ୍ୱା
ସହଜ	ସ୍ୱାଭାବିକ
ସହସ୍ୟ	ପୌଷମାସ
ସହସ୍ରନେତ୍ର	ଇନ୍ଦ୍ର
ସହସ୍ରାର୍ଚ୍ଚିଷ୍	ସୂର୍ଯ୍ୟ
ସାକେତ	ଅଯୋଧ୍ୟା
ସାଗରାମ୍ବରା	ପୃଥିବୀ
ସାଚୀକୃତ	ବକ୍ରୀକୃତ
ସାଦ	କ୍ଷୀଣତା, ମ୍ଳାନ
ସାନୁ	ଶୃଙ୍ଗ
ସାନୁମାନ୍	ପର୍ବତ
ସାନ୍ଦ୍ର	ଅତିଶୟ, ନିବିଡ଼
ସାଭ୍ର	ମେଘଯୁକ୍ତ
ସାମି	ଅଧା
ସାର	ଶକ୍ତି, ବଳ
ସାରଙ୍ଗ	ମୃଗ
ସାଂଯୁଗୀନ	ଯୁଦ୍ଧପ୍ରବୀଣ
ସୁଜାତ	ସୁନ୍ଦର
ସୁଦତୀ	ସୁଦନ୍ତୀ
ସୁଧ	କୋଠା ଧଉଳା-ଚୂନ

ଶବ୍ଦ	ଅର୍ଥ
ସୁପର୍ଣ୍ଣ	ଗରୁଡ଼
ସୁବୃତ୍ତ	ସଦାଚାରୀ
ସୁଭଗ	ସୁନ୍ଦର, ଭାଗ୍ୟବାନ୍
ସୂତ	ସ୍ତୁତିପାଠକ, ସାରଥି
ସୂନୃତ	ସତ୍ୟମଧୁର-ବଚନ
ସୂରି	ବିଦ୍ୱାନ୍
ସେକ	ସିଞ୍ଚନ
ସୌର	ସୂର୍ଯ୍ୟସମ୍ବନ୍ଧୀୟ
ସୌସ୍ନାତିକ	ଯଜ୍ଞଶେଷରେ ଯେ ଯଜମାନର ସୁସ୍ନାନ କଥା ପଚାରନ୍ତି
ସ୍କନ୍ଦ	କାର୍ତ୍ତିକେୟ
ସ୍ତମ୍ବ	ଯେଉଁ ଧାନ-ଗଛରୁ ଧାନ-ପେଣ୍ଡା ନେଇ-ନିଆଯାଇଥାଏ
ସ୍ତମ୍ବେରମ	ହାତୀ
ସ୍ତମ୍ଭ	ରୋଧ, ବନ୍ଦହେବା
ସ୍ତିମିତ	ସ୍ଥିର, ନିଷ୍ପନ୍ଦ, ନିମୀଳିତ
ସ୍ଥାଣୁ	ଖୁଣ୍ଟ, ଶାଖାହୀନ-ଗଛ
ସ୍ଥାନେ	ଯଥାର୍ଥ
ସ୍ନୁଷା	ପୁତ୍ରବଧୂ
ସ୍ନେହ	ତୈଳ
ସ୍ୟନ୍ଦନ	ରଥ
ସ୍ରକ୍	ପୁଷ୍ପମାଳା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶବ୍ଦ	ଅର୍ଥ
ସ୍ରୁଚ୍	ଯଜ୍ଞପାତ୍ର-ବିଶେଷ
ସ୍ୱଧା	ପିତୃଗଣ, ଦେବଗଣ ପ୍ରଭୃତିଙ୍କୁ ପ୍ରଦତ୍ତ ଭୋଜ୍ୟ ଦ୍ରବ୍ୟ
ସ୍ୱସା	ଭଉଣୀ
ସ୍ୱିନ୍ନ	ସ୍ୱେଦଯୁକ୍ତ
ସ୍ୱୈରଗତ	ସ୍ୱେଚ୍ଛାଭ୍ରମଣ
ସୁସ୍ଥ	ସ୍ୱସ୍ଥ
ହବିର୍ଭୁଜ୍	ଅଗ୍ନି
ହବିଷ୍	ଆହୁତିଦ୍ରବ୍ୟ
ହରି	ମର୍କଟ, ସବୁଜ-ବର୍ଣ୍ଣ, ଇନ୍ଦ୍ର, ବିଷ୍ଣୁ, ଅଶ୍ୱ
ହରିତ୍	ଦିଗ, ଅଶ୍ୱ
ହରିଯୁଗ୍ୟ	ଘୋଡ଼ାଟଣା (ଯାନ)
ହରିଦଶ୍ୱାଧିଷ୍ଠିତ	ସୂର୍ଯ୍ୟ
ହରିହୟ	ଇନ୍ଦ୍ର
ହରୀଶ୍ୱର	ସୁଗ୍ରୀବ
ହିରଣ୍ୟରେତା	ଅଗ୍ନି
ହୁତ	ଆହୁତିପ୍ରାପ୍ତ
ହେତି	ଅସ୍ତ୍ରଶସ୍ତ୍ର
ହୈମନ	ହେମନ୍ତ-କାଳୀନ
ହୈୟଙ୍ଗବୀନ	ସଜଘିଅ
ହୈହୟ	କାର୍ତ୍ତବୀର୍ଯ୍ୟ
ହୋତା	ଯଜ୍ଞକାରୀ
ହ୍ରୀ	ଲଜ୍ଜା
ହ୍ରେପିତ	ଲଜ୍ଜିତ
କ୍ଷଣଦା	ରାତ୍ରି
କ୍ଷଣଦାଚର	ରାତ୍ରିଚର, ରାକ୍ଷସ
କ୍ଷତ୍ରଜାତ	କ୍ଷତ୍ରିୟକୁଳ
କ୍ଷପା	ରାତ୍ରି
କ୍ଷପିତ	ନାଶିତ
କ୍ଷାନ୍ତ	ସଂଯତ
କ୍ଷୁରପ୍ର	ଏକପ୍ରକାର-ଅସ୍ତ୍ର
କ୍ଷେମ	ମଙ୍ଗଳ
କ୍ଷୌଦ୍ରପଟଳ	ମହୁଫେଣା
କ୍ଷୌମ	ପଟ୍ଟବସ୍ତ୍ର
କ୍ଷ୍ମା	ପୃଥିବୀ

Gurukul Kangri Vishwavidyalaya

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar